ମୁଁ, ରିଗୋବେର୍ଟା ମେଞ୍ଚୁ

Digitized by srujanika@gmail.com

ମୁଁ, ରିଗୋବେର୍ଟା ମେଞ୍ଚୁ

ମୂଳ ସ୍ପାନିଶ୍ ରଚନା
ଏଲିଜାବେଥ୍ ବର୍ଗୋସ୍ ଡ଼େବ୍ରେ

ଇଂରାଜୀ ରୂପାନ୍ତର
ଆନ୍ ରାଇଟ୍

ଓଡ଼ିଆ ରୂପାନ୍ତର
ଅରବିନ୍ଦ ବେହେରା

ଶିକ୍ଷାସନ୍ଧାନ
ଭୁବନେଶ୍ୱର

Digitized by srujanika@gmail.com

ମୁଁ, ରିଗୋବେର୍ଟା ମେଞ୍ଚୁ

ଗୁଆଟେମାଲାରେ ଜଣେ ଜୁଲସେ ଭାରତୀୟ ମହିଳା

ମୂଳ ସ୍ପାନିଶ୍ ଲେଖା	ଏଲିଜାବେଥ୍ ବର୍ଗୋସ୍ ଡେବ୍ରେ
ଇଂରାଜୀ ରୂପାନ୍ତର	ଆନ୍ ରାଇଟ୍
ଓଡ଼ିଆ ରୂପାନ୍ତର	ଅରବିନ୍ଦ ବେହେରା
ସ୍ପାନିଶ୍ ପ୍ରକାଶନ	୧୯୮୩
ଇଂରାଜୀ ପ୍ରକାଶନ	୧୯୮୪
ପ୍ରଥମ ଓଡ଼ିଆ ପ୍ରକାଶନ	୧୯୯୮
ଦ୍ୱିତୀୟ ସଂସ୍କରଣ	୨୦୦୦
ପ୍ରଚ୍ଛଦ	ବଳଦେବ ମହାରଥୀ
ଲିପି ସଂଯୋଜନା	ଲୋକନାଥ ପଣ୍ଡା
ପ୍ରକାଶକ	ଶିକ୍ଷାସନ୍ଧାନ, ଏ-୧୨, ଏଚ୍.ବି. କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧ ୦୦୩
ମୁଦ୍ରଣ	ଶୋଭନ୍, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୂଲ୍ୟ	ଟ. ୮୦/-

I, Rigoberta Menchu

An Indian Woman in Guatemala

Edited and introduced in Spanish		Elisabeth Burgos-Debray
English Translation	:	Ann Wright
Oriya Translation	:	Aurobindo Behera
First published in Spanish		1983
First published in English		1984
First published in Oriya	:	1998
Second Edition	:	2000
Cover design	:	Baladev Maharatha
Laser typeset	:	Lokanath Panda
Published by	:	Sikshasandhan, A-12, H.B. Colony, Baramunda, Bhubaneswar-751 003
Printed at	:	Shovan, Acharya Vihar, Bhubaneswar
Price		Rs. 80/-

Digitized by srujanika@gmail.com

ବାପା ଓ ମା'ଙ୍କ ହାତରେ

ଅରବିନ୍ଦ

Digitized by srujanika@gmail.com



Digitized by srujanika@gmail.com



Digitized by srujanika@gmail.com

ସୂଚନା

ଗୁଆଟେମାଲାରେ କୁଇସେ ଭାରତୀୟ ସଂପ୍ରଦାୟର ମହିଳା ରିଗୋବେର୍ଟା ମେଞ୍ଚୁଙ୍କର ସଂଘର୍ଷମୟ ଜୀବନର କାହାଣୀ ମୁଁ, ରିଗୋବେର୍ଟା ମେଞ୍ଚୁ ଓଡ଼ିଶାର ପାଠକ ମହଲରେ ଆଦୃତ ହୋଇଥିବାରୁ ମୁଁ ଆନନ୍ଦିତ । କୁଇସେ ଭାରତୀୟ ସଂପ୍ରଦାୟ ସହିତ ଓଡ଼ିଶାର ବନବାସୀମାନଙ୍କର ଜୀବନଯାପନ ପ୍ରଣାଳୀରେ ଅନେକ ସାମଞ୍ଜସ୍ୟ ରହିଛି । ତେଣୁ ଓଡ଼ିଶାରେ ଏହି ଜୀବନକାହାଣୀର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ସମାଜର ବିଭିନ୍ନ ସ୍ତରରେ ନିଜର ନ୍ୟାର୍ଯ୍ୟ ପ୍ରାପ୍ୟ ପାଇବା ପାଇଁ ସଂଗ୍ରାମରତ ଅଗଣିତ କର୍ମୀଙ୍କ ପାଇଁ ଏହା ଏକ ପ୍ରେରଣାର ଉତ୍ସ ହୋଇପାରିଛି । ଏପରି ଏକ ପୁସ୍ତକର ବହୁଳ ପ୍ରସାର ପାଇଁ ଏହାର ଅନ୍ୟ ଏକ ସଂସ୍କରଣର ଆବଶ୍ୟକତା ରହିଛି । ଏହି ଦ୍ୱିତୀୟ ସଂସ୍କରଣ ପ୍ରକାଶ ଅବକାଶରେ ଏହାର ଅଗଣିତ ପାଠକ ପାଠିକା ଓ ସମୀକ୍ଷକମାନଙ୍କୁ ସାଧୁବାଦ ଜଣାଉଛି ।

ଯତୀନ୍ଦ୍ର କୁମାର ନାୟକ

Digitized by srujanika@gmail.com

ଏକ ମୁଖବନ୍ଧ

ଦୂର ଆମେରିକା ମଧ୍ୟରେ ଅତି ପାତଳା ହୋଇ ଯେଉଁ ସ୍ଥଳଭାଗଟି, ତାହାରି ଭିତରେ ଗୋଟିଏ ଦେଶ ଗୁଆଟେମାଲା । ମାନଚିତ୍ରକୁ ଅନାଇଲେ ଅଞ୍ଚଳଟା ହଠାତ୍ ସତେଅବା ଗୋଟିଏ କଙ୍କଡ଼ାବିଛା ଭଳି ଦେଖାଯାଏ, ଯାହାର ନାହୁଡ଼ ପଟଟା ଉତ୍ତରକୁ ଏବଂ ଲାଙ୍ଗୁଡ଼ ପଟଟା ଦକ୍ଷିଣକୁ ରହିଛି । ସେହିସବୁ ଭୂମିରେ ଅତି ପ୍ରାଚୀନ କାଳରେ ସଭ୍ୟତାମାନ ରହିଥିଲା । ଠିକ୍ ପାଞ୍ଚଶହ ବର୍ଷ ତଳେ ଯେତେବେଳେ କଲମ୍ବସ୍ ଏହି ଭୂଭାଗଟିକୁ ଆବିଷ୍କାର କଲେ, ସେହିଦିନଠାରୁ ସେଠା ଅଧିବାସୀମାନେ ଲୋହିତ ଭାରତୀୟ ନାମରେ ପରିଚିତ ହେଲେ । ଏମାନେ କାଳ କାଳରୁ ନିଜର ଏକ ସଭ୍ୟତା ଗଢ଼ି ଆଣିଥିଲେ । ସେମାନଙ୍କର ଦୁର୍ଭାଗ୍ୟ ଯେ ଇଉରୋପ ସେମାନଙ୍କୁ ଆବିଷ୍କାର କଲା, ସେମାନେ ସେଠି ଅଛନ୍ତି ବୋଲି ପୃଥିବୀ ଜାଣିଲା । ଇତିହାସର ତଥ୍ୟ କହୁଛି, ମୂଳତଃ ଖ୍ରୀଷ୍ଟିଆନ୍ ଧର୍ମର ପ୍ରଚାର ନିମନ୍ତେ ଇଉରୋପୀୟମାନେ ସେଠା ମୂଳ ଅଧିବାସୀମାନଙ୍କୁ କାବୁକୁ ଆଣିଥିଲେ । ଧର୍ମର ଦୁହାଇ ଦେଇ ସେହିସବୁ ଦେଶରେ ଶାସକ ହେଲେ ଏବଂ ଆଖିବୁଜା ଶୋଷଣର ଏକ ଜାଲ ବିସ୍ତାର କରି ସେହିସବୁ ଭୂମିକୁ ଉଚ୍ଛନ୍ନ କରିଦେଇଥିଲେ ।

ହିସାବରୁ ଜଣାଯାଏ, ଦଖଲକାରୀ ଶାସକମାନଙ୍କର ସେହି ପ୍ରକ୍ରିୟାରେ ସେହି ଦେଶମାନଙ୍କରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ପ୍ରାୟ ୯୦% ମଣିଷଙ୍କୁ ମୃତ୍ୟୁମୁଖରେ ପଡ଼ିବାକୁ ହୋଇଛି । ଆକ୍ରମଣକାରୀଙ୍କୁ ପ୍ରତିରୋଧ କରି ବହୁ ଲୋହିତ ଭାରତୀୟ ମରିଛନ୍ତି, ହଜାର ହଜାରଙ୍କୁ ସେମାନଙ୍କର ବସତି ଭିତରେ ପଶି ହତ୍ୟା କରାଯାଇଛି; ଆର୍ଥିକ ଦାରିଦ୍ର୍ୟ, ଅସ୍ୱାସ୍ଥ୍ୟ ଏବଂ ଆହୁରି ନାନାଭଳି ଅବହେଳାରୁ ଅବଶିଷ୍ଟମାନେ ମରିଛନ୍ତି । ଏବେ ମଧ୍ୟ ସେହି ଅବହେଳା କାୟା ବିସ୍ତାର କରି ରହିଛି । ଏବେ ସେହି ଅଞ୍ଚଳର ଲୋକେ ସ୍ୱାଧୀନ ହେଲେଣି । କିନ୍ତୁ ଏକଦା ସେହି ଭୂଖଣ୍ଡଟିକୁ ଦଖଲ କରିଥିବା ସ୍ପେନୀୟ ଇଉରୋପୀୟମାନେ ହିଁ ସେଠାରେ ସକଳ ଦୃଷ୍ଟିରୁ ସବା ଉପରେ ମାଲିକ ହୋଇ ରହିଛନ୍ତି ଓ ଅଧିକାଂଶ ସୁଯୋଗକୁ ସେହିମାନେ ଭୋଗ କରୁଛନ୍ତି । ଏହି ଭୋଗୀ ମଣିଷମାନଙ୍କ ପାଇଁ ଲୋହିତ ଭାରତୀୟମାନେ ସେଠାରେ ପୁରୁଷ ପୁରୁଷ ଧରି ଗୋଡି ଖଟୁଛନ୍ତି । ରିଗୋବେର୍ଟା ମେଞ୍ଚୁଙ୍କର ଜମାନବନ୍ଦୀରୁ ଆମକୁ ସେହି ଘୃଣ୍ୟ କାହାଣୀଟିର ବିବରଣୀ ଅତ୍ୟନ୍ତ ସମ୍ୟକ୍ ଭାବରେ ମିଳିପାରୁଛି । ଗୁଆଟେମାଲାର ଏହି ଝିଅ ତାଙ୍କର ନଅବର୍ଷ ବେଳୁ ମାଲିକମାନଙ୍କ ଲାଗି ଶ୍ରମିକ ହୋଇ ଖଟିଥିଲେ । ନିଜର ମାଆ, ଭାଇ, ଭଉଣୀ - ସମସ୍ତେ ଶୋଷଣର ସେହି ମହାକଳଟା ଭିତରେ ଜୀବନଯାକ ପେଷି

Digitized by srujanika@gmail.com

ହେଉଥିଲେ । ମଣିଷର ସମାଜରେ ସଚରାଚର ଯେପରି ହୁଏ, ଅତ୍ୟାଚାର ବିରୁଦ୍ଧରେ ଏକ ପ୍ରତିରୋଧଶକ୍ତି ଜନ୍ମଲାଭ କରିଥିଲା । ମେଞ୍ଚୁଙ୍କର ପରିବାରବର୍ଗ ସେହି ପ୍ରତିରୋଧ-ଅଭିଯାନରେ ଅଗ୍ରଣୀ ଥିଲେ ଏବଂ ଅତ୍ୟନ୍ତ ନୃଶଂସ ଭାବରେ ଶାସକମାନଙ୍କର କ୍ରୋଧ ସେମାନଙ୍କୁ ଶେଷ କରିଦେଇଥିଲା । ଦୈବର ପୃଥିବୀ ଉପରେ ଅଶେଷ ଅନୁଗ୍ରହ ଯେ, ମେଞ୍ଚୁ ନିଜ ଦେଶରୁ କୌଣସି ପ୍ରକାରେ ବାହାରିଆସି ପାରିଲେ ଏବଂ ତାହାରି ଫଳରେ ଆମେ ତାଙ୍କରି ମୁହଁରୁ ଗୁଆଟେମାଲାର ସାଂପ୍ରତିକ କାହାଣୀଟିକୁ କିଞ୍ଚିତ୍ ଜାଣିବାକୁ ପାଇଲୁ ।

ଗୋଟିଏ ଦେଶ ଆଉ ଗୋଟିଏ ଦେଶକୁ ଅଧିକାର କରି ସାମ୍ରାଜ୍ୟ ବିସ୍ତାର କରିବାର ଘଟଣାଟିକୁ ବହୁ ଦେଶର ବହିମାନଙ୍କରେ କେତେ କେତେ ତାରିଫ୍ କରି କୁହାଯାଇଛି । ଅନ୍ୟ ମହାଦେଶ ଓ ଦେଶମାନଙ୍କରେ ନିଜ ଦେଶର ଆର୍ଥିକ ଓ ଆଧିପତ୍ୟମୂଳକ ସ୍ୱାର୍ଥମାନ ଆପଣାର ଜୟପତାକା ଉଡ଼ାଇ ପାରିଛନ୍ତି ବୋଲି ଇଂଲଣ୍ଡ, ଫ୍ରାନ୍ସ୍, ଓ ସ୍ପେନ୍ ବା ପର୍ତ୍ତୁଗାଲ୍‌ର ପିଲାମାନେ ଇତିହାସ ବହିରୁ ପଢି କେତେ ଗର୍ବ ଓ ଗୌରବ ଅନୁଭବ କରିଥିବେ । ବହୁତ କ୍ଷେତ୍ରରେ ତାହାକୁ ହିଁ ଜାତୀୟତାବାଦ ଏବଂ ଜାତୀୟ ସମୃଦ୍ଧିର ସୁବର୍ଣ୍ଣକାଳ ବୋଲି କୁହାହୋଇ ଆସିଛି । ଗୋଟିଏ ଦେଶ ମାଲିକ ହେବାକୁ ହେଲେ ଆଉ କେତୋଟି ଦେଶ ଯେ ନିଃସ୍ୱ ହୁଅନ୍ତି, ଅବର୍ଣ୍ଣନୀୟ ଦୁଃଖ ଏବଂ ଅବଜ୍ଞାର ଶିକାର ହୁଅନ୍ତି, ଜାତୀୟତାବାଦର ନିଶାରେ ବହୁ ଦେଶ ଓ ବହୁ ମଣିଷ ସେହି ସତ୍ୟ କଥାଟିକୁ ଭୁଲି ଯାଇଥାନ୍ତି । ତେଣୁ ସମଗ୍ର ମାନବଜାତିକୁ ଆଖି ଆଗରେ ରଖି ଭବିଷ୍ୟତରେ ଯେତେବେଳେ ପୃଥିବୀର ଇତିହାସ ଲେଖା ହେବ, ସେତେବେଳେ ତାହା ବର୍ତ୍ତମାନର ଜାତୀୟତାବାଦୀ ବିବରଣୀଗୁଡ଼ିକ ତୁଳନାରେ ଯେ ଏକାନ୍ତ ଭିନ୍ନ ହେବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ପୃଥିବୀରେ ବର୍ତ୍ତମାନ ପ୍ରତ୍ୟେକ ଦେଶ ସ୍ୱାଧୀନ । ଉପନିବେଶ ବୋଲି କେଉଁଠି ଆଦୌ କିଛି ନାହିଁ । କିନ୍ତୁ ସେହି ସ୍ୱାଧୀନତା ସବୁ ମଣିଷଙ୍କର ସ୍ତରକୁ ଆସି ପାରିନାହିଁ । ପ୍ରତ୍ୟେକ ଦେଶ ସତେଅବା ଦୁଇଟି ଖଣ୍ଡରେ ବିଭକ୍ତ ହୋଇ ରହିଛି । ଗୋଟିଏ ଖଣ୍ଡ ଆରଖଣ୍ଡଟି ଉପରେ ଲଦିହୋଇ ରହିଛି । ଯିଏ ଲଦି ହୋଇଛି, ତାହାରି ହାତରେ ଶାସନ, କ୍ଷମତା, ପ୍ରାୟ ସବୁଯାକ ସୁଯୋଗ ଏବଂ ସମ୍ଭାବନା; ଦେଶର ସୈନ୍ୟବାହିନୀ ତାରି ବୋଲ ମାନୁଛି, ସେଇ ଦଳଟା ଅସ୍ତ୍ର ଧରି ଦୁର୍ବଳ ଉପରେ ବଳବାନ୍ ହୋଇଛି । ଶିକ୍ଷା, ସଭ୍ୟତା, ସଂସ୍କୃତି ଓ ସାହିତ୍ୟ - ସମସ୍ତେ ତାହାରି ସମ୍ପତ୍ତି ହୋଇ ରହିଛନ୍ତି । ପୃଥିବୀରେ ଅଧିକରୁ ଅଧେ ମଣିଷ ବଞ୍ଚିତ, କବଳିତ ଏବଂ ଅସହାୟ । ବାକୀମାନେ ହିଂସ୍ର, ନିର୍ମମ ଏବଂ ଲଜ୍ଜାହୀନ ।

Digitized by srujanika@gmail.com

ରିଗୋବେର୍ଟା ମେଞ୍ଚୁ ଗୁଆଟେମାଲାର ସେହି ସ୍ଥିତିଟିକୁ ଆମ ସମ୍ମୁଖରେ କେଡ଼େ ପ୍ରାଞ୍ଜଳ ଭାବରେଆଣି ଉପସ୍ଥାପିତ କରିଛନ୍ତି । ନିଜ ଘର, ପରିବାର ଏବଂ ସାମୂହିକ ଜୀବନର ମାଧ୍ୟମରେ ସେ ଆପଣାର ପରିଚୟଟିକୁ ପ୍ରଦାନ କରିଛନ୍ତି । ମାତ୍ର ମଣିଷ ଭଳି ମଣିଷର ଜୀବନଟିଏ ବଞ୍ଚିବାପାଇଁ ତାଙ୍କର ସେହି ଗୋଷ୍ଠୀଟି ପାଖରେ କେତେ ନା କେତେ ପ୍ରତିବନ୍ଧକ ଛିଡ଼ା ହୋଇରହିଛି ଏବଂ ଏକାବେଳେକେ ପିଲାଦିନରୁ ହିଁ ସେହି ପ୍ରତିବନ୍ଧକଗୁଡ଼ିକର ସାମନା କରିବାକୁ ପଡୁଛି । ମଣିଷ ପାଇଁ ଆମର ଏହି ସମୁନ୍ନତ ବିଜ୍ଞାନ କୌଶଳର ପୃଥିବୀରେ ସବୁଠାରୁ ବଡ଼ ସମସ୍ୟା ହେଉଛି ତା'ର ସମ୍ମାନ, ବିକଶିତ ହୋଇ ପାରିବାର ସ୍ୱାଧୀନତା, ନିଜ ବିବେକ ଅନୁସାରେ ବଞ୍ଚି ପାରିବାର ଅଧିକାର । ଏହିସବୁ ଦୃଷ୍ଟିରୁ ପୃଥିବୀରେ ଏବେ ମଧ୍ୟ କେତେ ବର୍ବରତା ରହିଛି । ଏବଂ ସେହି ବର୍ବରତା ସହିତ ପୃଥିବୀଯାକ ସଂଗ୍ରାମ ଚାଲିଛି । ସେହି ସଂଗ୍ରାମରେ ମେଞ୍ଚୁ ସତେଅବା ନିଆଁରେ ପରୀକ୍ଷିତ ହୋଇ ବାହାରିଥିବା ଖଣ୍ଡେ ସୁନା ପାତିଆ ପରି ଆମ ସମ୍ମୁଖରେ କେଡ଼େ ଝଲଝଲ ହୋଇ ଦିଶୁଛନ୍ତି । ଆମର ଅତ୍ୟନ୍ତ ଆତ୍ମୀୟ ପରି ଲାଗୁଛନ୍ତି । କେଡ଼େ ସହଜ ଭାବରେ ସେ କହିଥିବା କଥାଗୁଡ଼ିକ ସତେଅବା ସବୁ ମଣିଷଙ୍କର ଅନ୍ତର ଭିତରୁ ଜାଗ୍ରତ ହୋଇ ଆସୁଥିବା ସେହି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପ୍ରତିବାଦ ବୋଲି ମନେହେଉଛି ।

ଆମ ଦେଶ ଭାରତବର୍ଷରେ ମଧ୍ୟ ଅଧିକ ମଣିଷ ଅସହାୟତା ଭିତରେ ରହିଛନ୍ତି, ଅବଜ୍ଞା ସହ୍ୟ କରୁଛନ୍ତି, ମନୁଷ୍ୟ ହୋଇ ମଧ୍ୟ ମନୁଷ୍ୟୋଚିତ ବହୁ ସ୍ୱୀକୃତିରୁ ବଞ୍ଚିତ ହୋଇ ରହିଛନ୍ତି । ସାମୂହିକ ଭାଗ୍ୟର ପ୍ରାୟ ସକଳ ପ୍ରତିଶ୍ରୁତି କେବଳ କେତେକଙ୍କର ଦୁଷ୍ଟ କବଳ ମଧ୍ୟରେ ରହିଛି । କେବଳ କେତେକ ଲୋକହିଁ ଉଜ୍ଜ୍ୱଳ ଦିଶୁଥିବେ ବୋଲି ଏକ ପିଶାଚବତ୍ ବିବେକ ଅନ୍ୟ ଅନେକଙ୍କୁ ନିଜ ସାଙ୍ଗକୁ ଆଣିବା ନିମନ୍ତେ ସତେଅବା ଅସମ୍ମତ ହୋଇ ରହିଛି । ଏଠି ମଧ୍ୟ ତାହାରି ପ୍ରତିବାଦ ଆରମ୍ଭ ହୋଇଗଲାଣି । ଏକ ଅନ୍ୟପ୍ରକାର ମନୁଷ୍ୟ ଭବିଷ୍ୟ ଲାଗି ଇଚ୍ଛାର ଆରମ୍ଭ ହେଲାଣି । ଏହି ଦୃଷ୍ଟିରୁ ଅବଲୋକନ କରି ପାରିଲେ ଗୁଆଟେମାଲା ଭାରତବର୍ଷରୁ ଆଦୌ ବହୁତଗୁଡ଼ାଏ ଦୂର ବୋଲି ମନେହେଉ ନାହିଁ । ତେଣୁ, ଗୁଆଟେମାଲାର ଜଣେ ଝିଅ ଅଙ୍ଗେ ନିଭେଇଥିବା ଯେଉଁ ସବୁ କଥା ଲେଖିଛି, ଏଠି ଆମ ଦେଶରେ ମଧ୍ୟ ଆମପାଇଁ ତାହା ଅବଶ୍ୟ ଅଜସ୍ର ପ୍ରେରଣା ଯୋଗାଇ ଦେଇପାରିବ । ପୃଥିବୀରେ ମଣିଷ ମାତ୍ରକେ ସମସ୍ତେ ଏହିପରି ପରସ୍ପରକୁ ପ୍ରେରଣା ଦେବେ ଓ ଆଗକୁ ନେଇଯିବେ - ସମ୍ଭବତଃ ତାହାହିଁ ଆସନ୍ନ ପରବର୍ତ୍ତୀ ଶତାବ୍ଦୀରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ରାଜନୀତିରେ ପରିଣତ ହେବାକୁ ଯାଉଛି । ସେହି ରାଜନୀତି ହିଁ ଆମକୁ ଆମର ଏହି ବର୍ତ୍ତମାନ ରାଜନୀତିର ଊର୍ଦ୍ଧ୍ୱକୁ ନେଇଯିବ; ପୃଥିବୀକୁ ଖାଲି ବଦଳାଇବ

Digitized by srujanika@gmail.com

ନାହିଁ, ଏକାବେଳେକେ ଏକ ଅନ୍ୟ ପ୍ରକାରେ ବଦଳାଇବ, ଏକ ଅଭୂତପୂର୍ବ ମାନବଯୁଗର ଅବତାରଣା କରାଇବ।

ଶ୍ରୀଯୁକ୍ତ ଅରବିନ୍ଦ ବେହେରା ରିଗୋବେର୍ଟା ମେଞ୍ଚୁଙ୍କର କାହାଣୀଟିକୁ ଓଡ଼ିଆରେ ଅନୁବାଦ କରିଦେଇଛନ୍ତି। ଖୁବ୍ ସମ୍ଭବ ଭାରତର ଅନ୍ୟ କୌଣସି ଭାଷାରେ ଏପର୍ଯ୍ୟନ୍ତ ପୁସ୍ତକଟିର ଅନୁବାଦ ହୋଇନାହିଁ। ଏପରି ଗୋଟିଏ ପୁସ୍ତକ ପ୍ରକାଶ କରୁଥିବାରୁ ଶିକ୍ଷାସନ୍ଧାନ ମଧ୍ୟ ଏକ ଅଗ୍ରଗାମୀର କାର୍ଯ୍ୟ କରିଛି। ଶ୍ରୀଯୁକ୍ତ ବେହେରା ଏବଂ ଶିକ୍ଷାସନ୍ଧାନ ଉଭୟଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି। ଓଡ଼ିଆ ଭାଷାର ଗବାକ୍ଷ ଦେଇ ପୃଥିବୀଯାକର ପ୍ରତିଶ୍ରୁତିମୟ କାହାଣୀ ଏହିପରି ଆମର ଏଠି ପ୍ରବେଶ କରୁ, ଆମକୁ ଅନୁପ୍ରାଣିତ ଓ ଜାଗ୍ରତ କରାଉ। ଅସଲ ସାହିତ୍ୟ ସଚରାଚର ତାହାହିଁ କରିଥାଏ। ମଣିଷ ସହିତ ମଣିଷକୁ, ସଂକଳ୍ପ ସହିତ ସଂକଳ୍ପକୁ ଆଣି ଯୋଡ଼ି ଦେଇଥାଏ।

ମୁଁ ରିଗୋବେର୍ଟା ମେଞ୍ଚୁଙ୍କୁ ପ୍ରଣାମ କରୁଛି।

ପ୍ରଥମାଷ୍ଟମୀ — ଚିତ୍ତରଞ୍ଜନ ଦାସ

ନଭେମ୍ବର ୨୨, ୧୯୯୭

Digitized by srujanika@gmail.com

ଭୂମିକା

ଯେଉଁ ଭାଷାକୁ ଅନୁବାଦ ହେଉଛି, ସେହି ଭାଷା ବୁଝୁଥିବା ଲୋକମାନେ କିଛି ନୂଆ କଥା ବା ଭଲ ସାହିତ୍ୟ ପଢିବାର ସୁଯୋଗ ପାଇବେ - ଏହି ଉଦ୍ଦେଶ୍ୟ ହିଁ ଅନୁବାଦକୁ ଅନୁପ୍ରେରିତ କରିଥାଏ । ଏହି କ୍ଷେତ୍ରରେ ଆନ୍ ରାଇଟ୍ ଇଂରାଜୀରେ ରୂପାନ୍ତରିତ କରିଥିବା ବହିଟି ପଢି ଆମ ପୃଥିବୀର ଜଣେ ଅସାଧାରଣ ମହିଳାଙ୍କ ଜୀବନ ସହିତ ପରିଚିତ ହେବାର ଯେଉଁ ଅନୁଭୂତି ହେଲା, ତାହାକୁ ଆହୁରି ନିବିଡ଼ ଭାବରେ ଉପଲବ୍ଧି କରିବା ପାଇଁ ଅନୁବାଦ ଏକ ମାଧ୍ୟମ - ଏହି ସ୍ୱାର୍ଥପର ପ୍ରେରଣାନେଇ ମୁଁ ଅନୁବାଦଟି କରିଛି ବୋଲି କହିବାରେ ମୋର ଦ୍ୱିଧା ନାହିଁ ।

ରିଗୋବେର୍ଟା ମେଞ୍ଚୁ ତାଙ୍କ ଜୀବନ କାହାଣୀ ଏଲିଜାବେଥ୍ ବର୍ଗୋସ୍ ଡ଼େବ୍ରେଙ୍କୁ ସ୍ପାନିଶ୍ ଭାଷାରେ କହିଛନ୍ତି । ସ୍ପାନିଶ୍‌ରୁ ଇଂରାଜୀରେ ଅନୁବାଦ କରିଛନ୍ତି ଆନ୍ ରାଇଟ୍ । ପରିସ୍ଥିତିର ଚାପରେ ପଡ଼ି ରିଗୋବେର୍ଟା କିଛି ସ୍ପାନିଶ୍ ଶିଖିଥିଲେ । ଗୁଆଟେମାଲାରେ ସ୍ପାନିଶ୍ ଥିଲା ଶାସକ ଗୋଷ୍ଠୀ ଓ ମିଶ୍ରିତ ରକ୍ତର ଲାଡ଼ିନୋମାନଙ୍କର ଭାଷା । ରିଗୋବେର୍ଟା ତାଙ୍କ ଆତ୍ମକଥା ଏତେ ସରଳ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ କହିଛନ୍ତି ଯେ ସମଗ୍ର ଗଦ୍ୟଟି ଛନ୍ଦମୟ ହୋଇଉଠିଛି । ଗୁଆଟେମାଲାର ଆଦିମ ଅଧିବାସୀମାନେ ଭାରତୀୟ ଭାବରେ ପରିଚିତ, ଆମେରିକାର 'ଲୋହିତ ଭାରତୀୟ'ମାନଙ୍କ ପରି । ଏହିପରି ଏକ ସମ୍ପ୍ରଦାୟରେ ରିଗୋବେର୍ଟାଙ୍କ ଜନ୍ମ । ପ୍ରତି ମୁହୂର୍ତ୍ତରେ ଶାସକ ଗୋଷ୍ଠୀ ଓ ଜମି ମାଲିକମାନଙ୍କ ନିଷ୍ଠୁର ଅତ୍ୟାଚାରର ଶିକାର ହୋଇ ମଧ୍ୟ ରିଗୋବେର୍ଟା ବିଶ୍ୱାସ ହରାଇ ନାହାନ୍ତି କିମ୍ବା ପ୍ରତିଶୋଧ ପରାୟଣା ହୋଇନାହାନ୍ତି । ତାଙ୍କର ଓ ତାଙ୍କ ସାଥୀମାନଙ୍କର ଅନବରତ ସଂଗ୍ରାମର କାହାଣୀ ପ୍ରକୃତରେ ଏକ ଭଲ ପାଇବାର କାହାଣୀ; ପ୍ରକୃତି, ମଣିଷ ଓ ଆପଣା ସଂସ୍କୃତି ପ୍ରତି ଗଭୀର ମମତାର ଏକ ଅନ୍ତରଙ୍ଗ ଆଳାପ ।

ତେତିଶ ବର୍ଷ ବୟସ୍କା ରିଗୋବେର୍ଟାଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କଲାବେଳେ ନୋବେଲ୍ କମିଟି କହିଥିଲେ: 'ଆଜି ରିଗୋବେର୍ଟା ମେଞ୍ଚୁ, କେବଳ ନିଜ ଦେଶରେ ନୁହେଁ; ଆମେରିକା ମହାଦେଶ ଓ ସମଗ୍ର ବିଶ୍ୱରେ ସାମ୍ପ୍ରଦାୟିକ, ସାଂସ୍କୃତିକ ଓ ସାମାଜିକ ବିଭିନ୍ନତାକୁ ଯୋଡୁଥିବା ଶାନ୍ତି ଓ ବୁଝାମଣାର ଏକ ସୁସ୍ପଷ୍ଟ ପ୍ରତୀକ ଭାବରେ ଦୀପ୍ତିମାନ ।' ଯେଉଁ ଦୁଃସାହସିକ ସଂଗ୍ରାମୀ ନିଜ ଲକ୍ଷ୍ୟ ହାସଲ ପାଇଁ ପ୍ରତିଶୋଧ ପରିବର୍ତ୍ତେ ପ୍ରେମ ଓ ମୈତ୍ରୀର ରାସ୍ତା ବାଛିଛନ୍ତି ତାଙ୍କ ପାଇଁ ଏହି ପୁରସ୍କାର ଏକ ଉପଯୁକ୍ତ ସମ୍ମାନ ।

Digitized by srujanika@gmail.com

ବହିଟିରେ ବ୍ୟବହାର ହୋଇଥିବା ସ୍ଥାନୀୟ ଶବ୍ଦମାନଙ୍କର ଏକ ପରିଭାଷା ବହିର ଶେଷ ଭାଗରେ ଉପସ୍ଥାପନ କରାଯାଇଛି । ନୋବେଲ୍ ପୁରସ୍କାର ଗ୍ରହଣ କରି ରିଗୋବେର୍ଟା ଯେଉଁ ଅଭିଭାଷଣ ପ୍ରଦାନ କରିଥିଲେ ତାହାକୁ ମଧ୍ୟ ଓଡ଼ିଆରେ ଅନୁବାଦ କରି ପୁସ୍ତକରେ ସନ୍ନିବିଷ୍ଟ କରାଯାଇଛି । ଅନୁବାଦ କରିବା ସମୟରେ ଯେତେଦୂର ସମ୍ଭବ ମୂଳ ଲେଖାକୁ ଅନାହତ ରଖିବାକୁ ଚେଷ୍ଟା କରାଯାଇଛି । ଜଣେ ସରଳ ଓ ନିରୀହ ମଣିଷ ନିଷ୍କପଟ ଭାବରେ ନିଜ କଥା କହିବାବେଳେ ତାକୁ ଘସି ମାଜି ଚିକ୍କଣ କରିବାକୁ ଚେଷ୍ଟା କରିନଥାଏ । ତେଣୁ କେତୋଟି କଥା ପୁନରାବୃତ୍ତି ହୋଇଥିବା ପରି ମନେହେବ । ଅନୁବାଦରେ ମଧ୍ୟ ଏହାକୁ ସୁସଂହତ କରିବାକୁ ଚେଷ୍ଟା କରାଯାଇନାହିଁ ।

ଅନୁବାଦରେ ମୁଁ ଯେଉଁମାନଙ୍କଠାରୁ ପ୍ରେରଣା ଓ ସାହାଯ୍ୟ ପାଇଛି ସେମାନେ ହେଲେ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ, ଅରୁଣ କୁମାର ମହାନ୍ତି, ବିଦ୍ୟା, ଅଚ୍ୟୁତ୍ ଓ ନିବେଦିତା । ରମେଶ, ଅନୀଲ, ସରୋଜ ଓ ଲୋକନାଥଙ୍କ ଅକୁଣ୍ଠ ପରିଶ୍ରମ ବିନା ବହିଟି ପ୍ରକାଶିତ ହୋଇପାରି ନଥାନ୍ତା । ଶ୍ରୀ ବଳଦେବ ମହାରଥା ପ୍ରଚ୍ଛଦ ଚିତ୍ରଟି ଆଙ୍କିଥିବାରୁ ତାଙ୍କୁ କୃତଜ୍ଞତା ଜଣାଉଛି । ପୁସ୍ତକଟି ପ୍ରକାଶ କରୁଥିବାରୁ ଶିକ୍ଷାସନ୍ଧାନ ଓ ତାହାର ପ୍ରାକ୍ତନ ସଭାପତି ପ୍ରଫେସର ଖଗେଶ୍ୱର ମହାପାତ୍ର ଏବଂ ବର୍ତ୍ତମାନର ସଭାପତି ଶ୍ରୀ ଯତୀନ୍ଦ୍ର କୁମାର ନାୟକଙ୍କୁ ଧନ୍ୟବାଦ ।

ଅରବିନ୍ଦ ବେହେରା

Digitized by srujanika@gmail.com

ସୂଚୀପତ୍ର

		ପୃଷ୍ଠା
ସୂଚନା		କ
ଏକ ମୁଖବନ୍ଧ		ଖ
ଭୂମିକା		ଚ
୧	ପରିବାର	୧
୨	ନବଜାତକ	୮
୩	ଗୋତ୍ର : ନହୁଆଲ୍	୨୧
୪	ଫିନ୍‌କାକୁ ପ୍ରଥମ ଯାତ୍ରା : ଫିନ୍‌କାରେ ଚଳଣି	୨୪
୫	ଗୁଆଟେମାଲା ନଗରକୁ ପ୍ରଥମ ଯାତ୍ରା	୩୨
୬	ଆଠ ବର୍ଷ ବୟସର ଜଣେ କୃଷି ଶ୍ରମିକ	୩୮
୭	ଫିନ୍‌କାରେ ସାନ ଭାଇର ମୃତ୍ୟୁ; ଅନ୍ୟ ଭାରତୀୟମାନଙ୍କ ସହିତ ଯୋଗାଯୋଗ କରିବାରେ ଅସୁବିଧା	୪୪
୮	ଅଲ୍‌ଟିପ୍ଲାନୋରେ ଜୀବନ: ରିଗୋବେର୍ଟାଙ୍କ ଦଶମ ଜନ୍ମଦିନ	୫୦
୯	ଶସ୍ୟ ବୁଣିବା ଓ ଅମଳ ସମୟର ଉତ୍ସବାନୁଷ୍ଠାନ: ପୃଥିବୀ ସହିତ ସମ୍ପର୍କ	୫୮
୧୦	ପ୍ରାକୃତିକ ପୃଥିବୀ: ମଣିଷର ମା' ଧରିତ୍ରୀ	୬୫
୧୧	ବିବାହ ଉତ୍ସବ	୬୯
୧୨	ଗୋଷ୍ଠୀରେ ଜୀବନ	୯୩
୧୩	ବିଷ ପ୍ରଭାବରେ ଫିନ୍‌କାରେ ରିଗୋବେର୍ଟାଙ୍କ ବାନ୍ଧବୀଙ୍କର ମୃତ୍ୟୁ	୧୦୧
୧୪	ରାଜଧାନୀରେ ଜଣେ ଚାକରାଣୀ	୧୦୫
୧୫	ଜମି ମାଲିକମାନଙ୍କ ସହିତ ଦ୍ୱନ୍ଦ୍ୱ: ସଂଯୁକ୍ତ କୃଷକ କମିଟି ଗଠନ	୧୧୫
୧୬	ପରବର୍ତ୍ତୀ ରାସ୍ତା ସନ୍ଧାନରେ : ଆତ୍ମସମୀକ୍ଷାର ସମୟ	୧୩୧
୧୭	ଗାଁରେ ଆତ୍ମରକ୍ଷା	୧୩୭

Digitized by srujanika@gmail.com

୧୮	ଆତ୍ମରକ୍ଷାରେ ବାଇବେଲ: ଜୁଡ଼ିଥ୍, ମୋଜେସ୍ ଓ ଡ୍ୟାଭିଡ୍‌ଙ୍କ ଉଦାହରଣ	୧୪୪
୧୯	ଗାଁ ଉପରେ ସୈନ୍ୟବାହିନୀର ଆକ୍ରମଣ	୧୫୫
୨୦	ଡ଼ୋନା ପେଟ୍ରୋନା ଚୋନାର ମୃତ୍ୟୁ	୧୬୪
୨୧	ଗୋଷ୍ଠୀକୁ ବିଦାୟ : ରିଗୋବେର୍ଟାଙ୍କର ସ୍ପାନିଶ୍ ଭାଷା ଶିଖିବାକୁ ନିଷ୍ପତ୍ତି	୧୬୭
୨୨	କୃଷକ ସଂଗଠନ ଆଗକୁ ଆସିଲା	୧୭୩
୨୩	ଅନ୍ୟ ଗୋଷ୍ଠୀମାନଙ୍କରେ ରାଜନୈତିକ କାର୍ଯ୍ୟକଳାପ, ଲାଡ଼ିନୋମାନଙ୍କ ସହିତ ଯୋଗାଯୋଗ	୧୭୮
୨୪	ରିଗୋବେର୍ଟାଙ୍କ ସାନ ଭାଇ ଉପରେ ଅତ୍ୟାଚାର: ପରିବାର ଓ ଗୋଷ୍ଠୀ ସମକ୍ଷରେ ତାଙ୍କୁ ନିଆଁରେ ପୋଡ଼ି ହତ୍ୟା	୧୮୬
୨୫	ସ୍ପାନିଶ୍ ଦୂତାବାସ ଦଖଲ ସମୟରେ ରିଗୋବେର୍ଟାଙ୍କ ପିତାଙ୍କର ମୃତ୍ୟୁ: କୃଷକମାନଙ୍କର ରାଜଧାନୀ ଅଭିମୁଖେ ଶୋଭାଯାତ୍ରା	୧୯୫
୨୬	ରିଗୋବେର୍ଟା ତାଙ୍କ ବାପାଙ୍କ ସମ୍ପର୍କରେ କହନ୍ତି	୨୦୦
୨୭	ରିଗୋବେର୍ଟାଙ୍କ ମା'ଙ୍କୁ ଅପହରଣ ଓ ହତ୍ୟା	୨୦୭
୨୮	ମୃତ୍ୟୁ	୨୧୩
୨୯	ଉତ୍ସବ ଓ ଭାରତୀୟ ରାଣୀମାନେ	୨୧୬
୩୦	ମା'ଙ୍କ ଠାରୁ ପାଇଥିବା ଶିକ୍ଷା: ଭାରତୀୟ ମହିଳା ଓ ଲାଡ଼ିନୋ ମହିଳା	୨୨୩
୩୧	ନାରୀ ଓ ରାଜନୈତିକ ପ୍ରତିବଦ୍ଧତା: ରିଗୋବେର୍ଟାଙ୍କର ବିବାହ ଓ ମାତୃତ୍ୱ ପରିହାର	୨୩୪
୩୨	କୃଷି ଶ୍ରମିକଙ୍କ ଧର୍ମଘଟ ଓ ରାଜଧାନୀରେ ମଇ ପହିଲା	୨୪୧
୩୩	ସୈନ୍ୟବାହିନୀ ଦ୍ୱାରା ଅନୁଧାବିତ, ରାଜଧାନୀରେ ଆତ୍ମଗୋପନ	୨୫୧
୩୪	ନିର୍ବାସନ	୨୫୭
	ରିଗୋବେର୍ଟାଙ୍କ ନୋବେଲ୍ ବକ୍ତୃତା	୨୬୩
	ପରିଭାଷା	୨୭୭

Digitized by srujanika@gmail.com

୧

ପରିବାର

'ଆମେ ସବୁଦିନ ଏଇଠି ରହିଛୁ: ଆମକୁ ଯେଉଁଠି ସୁଖ ମିଳିବ ଓ ଯେଉଁଠି ଆମେ ମରିବୁ, ସେଇଠି ସବୁଦିନ ରହିବାର ଅଧିକାର ଆମର ରହିଛି । କେବଳ ଏହିଠାରେ ହିଁ ଆମକୁ ଏକ ପରିପୂର୍ଣ୍ଣତାର ଭାବନା ମିଳିବ; ଅନ୍ୟ କେଉଁଠାରେ କେବେ ବି ଆମେ ସମ୍ପୂର୍ଣ୍ଣ ଅନୁଭବ କରିବୁ ନାହିଁ ଏବଂ ଆମର ଯନ୍ତ୍ରଣା ଅସରନ୍ତି ହୋଇ ରହିବ ।'

ପୋପୋଲ୍ ଭୁ

ମୋ ନାମ ରିଗୋବେର୍ଟା ମେଞ୍ଚୁ । ମୋର ବୟସ ତେଇଶି । ମୁଁ ଯାହା କହିବାକୁ ଯାଉଛି ତାହା ମୋର ନିଜ କଥା । ଏହାକୁ ମୁଁ କୌଣସି ବହିରୁ ଶିଖିନାହିଁ ବା ଏକୁଟିଆବି ଶିଖି ନାହିଁ । ମୁଁ ଯାହା କହିବି ତାହା କେବଳ ମୋ ଜୀବନକଥା ନୁହେଁ, ତାହା ଆମ ଗୋଷ୍ଠୀର ସବୁ ମଣିଷଙ୍କ ଜୀବନର କଥା । ମୋ ଜୀବନରେ ଯେତେ ସବୁ ଘଟଣା ଘଟିଯାଇଛି ସେ ସବୁକୁ ମନେପକାଇବା କଷ୍ଟକର । କେତେ କଥା ମୁଁ ଅଙ୍ଗେ ନିଭେଇଛି । କେତେ ଯନ୍ତ୍ରଣାଦାୟକ ସମୟ ଆସିଛି; କିଛି ଆନନ୍ଦର ମୁହୂର୍ତ୍ତ ମଧ୍ୟ । କିନ୍ତୁ ବଡ଼ କଥା ହେଉଛି ଏହାସବୁ କେବଳ ମୋର କପାଳଲିଖନ ନୁହେଁ । ଆହୁରି ଅନେକଙ୍କ ଜୀବନରେ ମଧ ଏକଥା ସବୁ ଘଟିଯାଇଛି । ମୋ ଜୀବନର କାହାଣୀ, ସବୁ ଗରିବ ଗୁଆଟେମାଲାବାସୀଙ୍କରହିଁ କାହାଣୀ । ମୋ ନିଜ ଅନୁଭୂତି ଗୋଟିଏ ଜାତିର ପ୍ରକୃତ ଅଙ୍ଗେନିଭା କଥା ।

ମୁଁ କେବେ ସ୍କୁଲକୁ ପାଠ ପଢିବାପାଇଁ ଯାଇନାହିଁ । ତେଣୁ ସ୍ପାନିଶ୍‌ରେ ଭଲଭାବରେ କଥାବାର୍ତ୍ତା କରିବା ମୋ ପାଇଁ କଷ୍ଟସାଧ୍ୟ । ମାତ୍ର ତିନିବର୍ଷ ତଳେ ହିଁ ମୁଁ ସ୍ପାନିଶ୍ ଶିଖିଲି । ତା ପୂର୍ବରୁ ବାହାର ପୃଥିବୀକୁ ଜାଣିବାର ସୁଯୋଗ ମୋର ନଥିଲା । କୌଣସି ବିଷୟ ବିନା ବହିପତ୍ରରେ କେବଳ ଶୁଣି ଶୁଣି ଶିଖିବା ଏତେ ସହଜ ନୁହେଁ । ମୋ କ୍ଷେତ୍ରରେ ତାହାହିଁ ହୋଇଥିଲା ।

କେଉଁଠାରୁ ଆରମ୍ଭ କରିବି ମୁଁ ଜାଣି ପାରୁନାହିଁ । ମୁଁ ଯେତେବେଳେ ଛୋଟ ଝିଅଟିଏ ହୋଇଥିଲି- ନା -ଯେତେବେଳେ ମୋ ମା' ପେଟ ଭିତରେ ଥିଲି । ମୁଁ କିପରି ଜନ୍ମ ହେଲି - ମୋ ମା' ମୋତେ କହିଛନ୍ତି । ଆମ ଲୋକାଚାର ଅନୁସାରେ ମା'ର ଗର୍ଭାଶୟରେ ହିଁ ମଣିଷପିଲା ତା'ର ଜୀବନ ଆରମ୍ଭ କରେ ।

Digitized by srujanika@gmail.com

ଗୁଆଟେମାଲାରେ ବାଇଶିଟି ସ୍ଥାନୀୟ ସଂପ୍ରଦାୟ ଅଛନ୍ତି; ଲାଡ଼ିନୋମାନଙ୍କୁ ମିଶାଇଲେ ତେଇଶି ବୋଲି କୁହାଯିବ । ତେଇଶିଟି ସଂପ୍ରଦାୟର ତେଇଶିଟି ଭାଷା । ମୋ ସଂପ୍ରଦାୟ ଏହି ତେଇଶିଟି ଭିତରୁ ଗୋଟିଏ । ମୋ ସଂପ୍ରଦାୟ ହେଉଛି କୁଇସେ । କୁଇସେ ପ୍ରଥାକୁ ହିଁ ମୁଁ ପାଳନ କରେ । ଲୋକମାନଙ୍କୁ ସଂଗଠିତ କଲାବେଳେ ମୋତେ ଅନ୍ୟ ସଂପ୍ରଦାୟଗୁଡ଼ିକ ବିଷୟରେ ଜାଣିବାକୁ ସୁଯୋଗ ମିଳିଥିଲା । ଉତ୍ତର ପଶ୍ଚିମ ରାଜ୍ୟ କୁଇସେର ସାନ ମିଗୁଏଲଠାରେ ଆମ ଘର । ଏହା ଏଲ୍ କୁଇସେ ସହରର ଉତ୍ତରରେ ଥିବା ଚାଜୁଲ ନିକଟରେ । ଏହିସବୁ ସହରର ଦୀର୍ଘ ସଂଗ୍ରାମର ଇତିହାସ ରହିଛି । ଆମଘରୁ ଉସ୍ପାଣ୍ଟାନ୍ ସହରରେ ପହଞ୍ଚିବା ପାଇଁ ମୋତେ ଛଅ ଲିଗ୍ ବା ୨୪ କି.ମି. ଚାଲିବାକୁ ପଡ଼େ । ମୁଁ ଯେଉଁଠି ଜନ୍ମ ହୋଇଥିଲି ସେ ଗାଁର ନାମ ଚିମେଲ୍ । ସତରେ ଯେମିତି ଏହା ଏକ ଭୂସ୍ୱର୍ଗ । ଆମ ଗାଁରେ ନା ବଡ଼ ରାସ୍ତା ଅଛି ନା ଅଛି ଗାଡ଼ିମଟର । ମଣିଷ କେବଳ ପାଦରେ ଚାଲିହିଁ ସେଠାରେ ପହଞ୍ଚିପାରିବ । ପାହାଡ଼ର ଉପରୁ ତଳକୁ ଜିନିଷପତ୍ର ଆଣିବାପାଇଁ ଘୋଡ଼ା ବ୍ୟବହାର କରାଯାଏ । ଘୋଡ଼ା ନଥିଲେ ଆମକୁ ନିଜେହିଁ ଜିନିଷ ବୋହିବାକୁ ପଡ଼େ । ପାହାଡ଼ର ସୁଉଚ୍ଚ ପ୍ରଦେଶରେ ମୋର ବାସସ୍ଥାନ, ଏହା ବର୍ତ୍ତମାନ ତୁମେ ବୁଝିସାରିଥିବ ।

୧୯୬୦ରେ ମୋ ବାପା ମା' ସେଠାକୁ ଆସିଲେ ଏବଂ ଚାଷବାସ ଆରମ୍ଭ କଲେ । ଏତେ ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ ପୂର୍ବରୁ କେହି କେବେ ରହିନଥିଲେ । କିନ୍ତୁ ଯେତେ କଷ୍ଟ କରିବାକୁ ପଡୁନା କାହିଁକି, ମୋ ବାପା, ମା', ସେଇ ପାର୍ବତ୍ୟ ପ୍ରଦେଶରେ ବସବାସ କରି ରହିବାପାଇଁ ଦୃଢପରିକର ଥିଲେ । ଏହି ଅଞ୍ଚଳରେ ମିଳୁଥିବା ଏକପ୍ରକାର ବେତ ସଂଗ୍ରହ କରୁକରୁ ସେମାନେ ଏଠାରେ ପହଞ୍ଚିଥିଲେ । ସେମାନଙ୍କୁ ଏ ସ୍ଥାନ ଏତେ ଭଲଲାଗିଲା ଯେ ସେମାନେ ଖଣ୍ଡେ ଜାଗା ପରିଷ୍କାର କରି ଘରଟିଏ ତିଆରି କରିବାକୁ ଆରମ୍ଭ କଲେ । ବର୍ଷଟିଏ ରହି ଘରଟି ସଂପୂର୍ଣ୍ଣ କରିବାକୁ ତାଙ୍କର ସମ୍ବଳ କିନ୍ତୁ ନଥିଲା । ଏହା ଭିତରେ ସହରରେ ଥିବା ତାଙ୍କ ଛୋଟ ଘରଟି ଆଉ ତାଙ୍କର ହୋଇ ନଥିଲା ଏବଂ ଅଗତ୍ୟା ପୁଣି ଥରେ ପାହାଡ଼ ଉପରକୁ ଯିବା ବ୍ୟତୀତ ତାଙ୍କର ଅନ୍ୟ ଉପାୟ ନଥିଲା । ରହୁ ରହୁ ସେମାନେ ସେହିଠାରେ ରହିଗଲେ । ଏବେ ୬୦୦ ଏକର ଚାଷଜମିଥିବା ଏହା ଗୋଟିଏ ନାତିକ୍ଷୁଦ୍ର ଜନବସତି ।

କିଛି ଲାଡ଼ିନୋ ପରିବାର ମୋ ବାପାଙ୍କର ଜମିକୁ ଦଖଲ କରିନେବାରୁ ମୋ ବାପାଙ୍କୁ ସହର ଛାଡ଼ିବାକୁ ପଡ଼ିଥିଲା । ସେମାନଙ୍କୁ ଯେ ହଠାତ୍ ତଡ଼ିଦିଆଗଲା ତା'ନୁହେଁ, କିନ୍ତୁ ଲାଡ଼ିନୋମାନେ କାଳକ୍ରମେ ଆମ ଜମିକୁ ଅକ୍ତିଆର କରିନେଇଥିଲେ । ମୋ ବାପା ମା' ଯାହା ରୋଜଗାର କରିଥିଲେ ସେ ସବୁକୁ ଖର୍ଚ୍ଚ କରିବାପରେ ଋଣଗ୍ରସ୍ତ ହୋଇପଡ଼ିଥିଲେ ଏବଂ ସେହି ଋଣ ପରିଶୋଧ କରିବାପାଇଁ ତାଙ୍କୁ ତାଙ୍କ ଘର ଛାଡ଼ିବାପାଇଁ ପଡ଼ିଥିଲା । ଧନୀଲୋକମାନେ ସବୁବେଳେ ଏମିତି । ଯେତେବେଳେ ତାଙ୍କଠାରୁ କେହି କିଛି ଋଣ ନିଏ,

Digitized by srujanika@gmail.com

ତା ବଦଳରେ ସେମାନେ କିଛି ଜମି ନିଅନ୍ତି । କ୍ରମେ ତାଙ୍କର ଅନ୍ୟ ଜିନିଷପତ୍ର ମଧ୍ୟ ସେମାନେ ନେଇଯାଆନ୍ତି । ମୋ ବାପା ମା'ଙ୍କର ଅବସ୍ଥା ଠିକ୍ ସେମିତି ହୋଇଥିଲା ।

ମୋ ବାପା ଥିଲେ ଜଣେ ପିତୃମାତୃହରା ଅନାଥ ଏବଂ ତାଙ୍କର ପିଲାଦିନ ବହୁ କଷ୍ଟରେ କଟିଥିଲା । ଏଲ୍‌କୁଇସେର ସାନ୍ତାରୋଜା ଚୁକୁୟୁବ୍ ନାମକ ଗାଁରେ ସେ ଜନ୍ମ ହୋଇଥିଲେ । ସେ ଯେତେବେଳେ ଛୋଟପିଲାଟିଏ, ତାଙ୍କ ବାପା ମରିଗଲେ । ପରିବାରର ସମ୍ପତ୍ତି କହିଲେ ମକାର ଚକଡ଼ାଏ କ୍ଷେତ । ସେତକ ସରିବା ପରେ ମୋ ଜେଜେମା' ତାଙ୍କର ତିନିପୁଅଙ୍କୁ ନେଇ ଉସ୍‌ପାଣ୍ଟାନ୍ ଅଭିମୁଖେ ବାହାରିଲେ । ସହରର ଧନୀଲୋକମାନଙ୍କର ଚାକରାଣୀ ଭାବରେ ତାଙ୍କୁ କାମ ମିଳିଲା । ତାଙ୍କ ପିଲାମାନେ କାଠ ଓ ପାଣି ଆଣିବା, ଗୃହପାଳିତ ପଶୁଙ୍କ କଥା ବୁଝିବା ଇତ୍ୟାଦି କାମରେ ଲାଗିଲେ । କିନ୍ତୁ ଯେତେବେଳେ ସେମାନେ ଟିକିଏ ବଡ଼ହେଲେ ମୋ ଜେଜେମା'ଙ୍କ ମାଲିକ କହିଲା, ସେ ଜେଜେମା'ଙ୍କ କାମ ବିନିମୟରେ ଏତେ ବଡ଼ବଡ଼ ପିଲାମାନଙ୍କୁ ଆଉ ଖାଇବାକୁ ଦେଇପାରିବ ନାହିଁ । ଏତିକିବେଳେ ଭୋକଦାଉରୁ ବଞ୍ଚାଇବା ପାଇଁ ମୋ ଜେଜେମା' ତାଙ୍କର ବଡ଼ପୁଅ, ଅର୍ଥାତ ମୋ ବାପାଙ୍କୁ ଅନ୍ୟଜଣେ ଲୋକଙ୍କୁ ବିକ୍ରୀ କରିଦେଲେ । ସେତେବେଳକୁ ସେ କାଠ କାଟି ପାରୁଥିଲେ ଏବଂ ଜମିରେ ମଧ୍ୟ ଖଟି ପାରୁଥିଲେ । କିନ୍ତୁ ସେ ନିଜେ ଅନ୍ୟ ଲୋକର ସମ୍ପତ୍ତି ହୋଇଯାଇଥିବାରୁ କାମପାଇଁ କିଛି ମଜୁରୀ ପାଉନଥିଲେ । ସେ ଲାଡ଼ିନୋମାନଙ୍କ ସହିତ ନ'ବର୍ଷ କାଳ ବିତାଇଥିଲେ ମଧ୍ୟ ସେମାନଙ୍କ ଘରେ ପ୍ରବେଶ ନିଷିଦ୍ଧ ଥିବାରୁ କିଛି ସ୍ପାନିଶ୍ ଶିଖି ପାରିନଥିଲେ । କେବଳ ଅନ୍ୟର ହୁକୁମ ତାମିଲ କରିବା ତାଙ୍କ କାମ ଥିଲା । ଏହା ସତ୍ତ୍ୱେ ସେମାନେ ତାଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ, ଯେହେତୁ ତାଙ୍କର ଭଲପୋଷାକ ନଥିଲା ଏବଂ ସେ ଅପରିଚ୍ଛନ୍ନ ରହୁଥିଲେ । ମୋ ବାପାଙ୍କୁ ଯେତେବେଳେ ଚଉଦ ବର୍ଷ, ସେ ଅନ୍ୟକିଛି ପନ୍ଥା ଖୋଜିବାକୁ ଆରମ୍ଭ କଲେ । ତାଙ୍କ ଭାଇମାନେ ମଧ୍ୟ ବଡ଼ ହୋଇଯାଇଥିଲେ; କିନ୍ତୁ ସେମାନଙ୍କର କିଛି ରୋଜଗାର ନଥିଲା । ସମସ୍ତଙ୍କ ପେଟ କଥା ବୁଝିବାପାଇଁ ମୋ ଜେଜେମା'ଙ୍କର ଯଥେଷ୍ଟ ଆୟ ନଥିଲା । ତେଣୁ ମୋ ବାପା ସମୁଦ୍ରକୂଳରେ ଥିବା ବଡ଼ ଫାର୍ମରେ କାମ ଖୋଜିବାକୁ ବାହାରିଗଲେ । ସେଠାରେ ସେ ଯଥେଷ୍ଟ ଟଙ୍କା ରୋଜଗାର କରି ମୋ ଜେଜେମା'ଙ୍କ ପାଖକୁ ପଠେଇବାକୁ ଆରମ୍ଭ କଲେ । ସୁଯୋଗ ମିଳିବାମାତ୍ରେ ସେ ଜେଜେମା'ଙ୍କୁ ଦାସତ୍ୱରୁ ମୁକ୍ତ କଲେ । ମାଲିକର ଜଣେ ସ୍ତ୍ରୀ ଥିଲେ ମଧ ସେ ମୋ ଜେଜେମା'ଙ୍କୁ ରକ୍ଷିତା ପରି ବ୍ୟବହାର କରୁଥିଲା । ମୋ ଜେଜେମାଙ୍କର ଅନ୍ୟ ଉପାୟ ବା କ'ଣ ଥିଲା ! ପରିସ୍ଥିତିର ଚାପରେ ପଡ଼ି ସେ ନିଜ ଭାଗ୍ୟକୁ ଆଦରି ନେଇଥିଲେ । ସେ ଜାଣିଥିଲେ ତାଙ୍କ ସ୍ଥାନ ପୂରଣ କରିବାପାଇଁ ସ୍ତ୍ରୀ ଲୋକମାନଙ୍କର ଅଭାବ ନଥିଲା । ମୋ ବାପାଙ୍କଠାରୁ ସମ୍ବାଦ ପାଇ ସେ ତାଙ୍କ ଫାର୍ମରେ ଯୋଗଦେଲେ ଏବଂ ତାଙ୍କର ଅନ୍ୟ ପିଲାମାନେ ମଧ ସେହି ଫାର୍ମରେ କାମ ପାଇଗଲେ ।

Digitized by srujanika@gmail.com

ଆମେ ସବୁ ଏଇ ଫାର୍ମରେ ହିଁ ବଢିଲୁ । ଏଇ ଫାର୍ମଟି ଥିଲା ଦକ୍ଷିଣର ସମୁଦ୍ର କୂଳରେ । ଏ ଅଞ୍ଚଳରେ ଥିବା ଫାର୍ମମାନଙ୍କରେ କଫି, ତୁଳା, ଚିନି ଓ ଗୁଜୁରାତି ଉତ୍ପାଦନ ହୁଏ । ଆଖୁକାଟିବା କାମ ସାଧାରଣତଃ ପୁରୁଷ ଲୋକମାନଙ୍କୁ ମିଳିଥାଏ ଏବଂ ଏଥିପାଇଁ ସେମାନଙ୍କୁ ସାମାନ୍ୟ ଅଧିକ ମଜୁରୀ ମିଳେ । କିନ୍ତୁ ବର୍ଷର କେତେକ ନିର୍ଦ୍ଦିଷ୍ଟ ସମୟରେ ଆଖୁ କାଟିବା ପାଇଁ ଉଭୟ ସ୍ତ୍ରୀ ଓ ପୁରୁଷ ଲୋକମାନଙ୍କର ଆବଶ୍ୟକତା ଥିଲା । ଆରମ୍ଭରେ ଦିନଗୁଡ଼ିକ ଭାରି କଷ୍ଟରେ କଟୁଥାଏ । ଖାଇବାପାଇଁ ମକା ମିଳୁନଥିଲା ଏବଂ ସେମାନଙ୍କୁ ଜଙ୍ଗଲି ଗଛପତ୍ର ଖାଇ ଚଳିବାକୁ ହେଉଥିଲା । କିନ୍ତୁ କ୍ରମେ କଠିନ ପରିଶ୍ରମ କରି ସେମାନେ ପାର୍ବତ୍ୟ ଅଞ୍ଚଳରେ ଖଣ୍ଡିଏ ଜାଗା କରିପାରିଲେ । ପୂର୍ବରୁ ଏହି ଜମିଟି କେବେ ଚାଷ ହୋଇନଥିଲା । ମୋ ବାପାଙ୍କୁ ସେତେବେଳେ ହୋଇଥାଏ ଅଠରବର୍ଷ ଏବଂ ସେ ଥିଲେ ମୋ ଜେଜେମା'ଙ୍କ ଡ଼ାହାଣହାତ । ତାଙ୍କ ମା' ଓ ଭାଇମାନଙ୍କ ପାଇଁ ତାଙ୍କୁ ରାତିଦିନ ଖଟିବାକୁ ପଡୁଥିଲା । ଦୁର୍ଭାଗ୍ୟକୁ ସେତିକିବେଳେ ସୈନ୍ୟବାହିନୀରେ ଯୋଗଦେବାପାଇଁ ଯୁବକମାନଙ୍କୁ ବାଧ୍ୟ କରାଯାଉଥିଲା । ଦିନେ ସେମାନେ ଆସି ମୋ ବାପାଙ୍କୁ ନେଇଗଲେ । ମୋ ଜେଜେମା' ତାଙ୍କର ଦୁଇ ପୁଅଙ୍କ ସହିତ ପୁଣିଥରେ ନିଃସହାୟ ହୋଇଗଲେ । ସୈନ୍ୟବାହିନୀରେ ମୋ ବାପା ଅନେକ ଖରାପକଥା ଶିଖିଲେ ସତ, କିନ୍ତୁ ମଣିଷ ହେବାପାଇଁ ମଧ୍ୟ ସେଠାରେ ତାଙ୍କୁ ଶିକ୍ଷା ମିଳିଲା । ସୈନ୍ୟବାହିନୀରେ ସବୁକଥା ବଳପ୍ରୟୋଗ କରି ଶିଖାଯାଉଥାଏ ଏବଂ ମଣିଷକୁ ମଣିଷ ଭଳି ବ୍ୟବହାର କରାଯାଉନଥାଏ । କିନ୍ତୁ କିପରି ଲଢିବାକୁ ହୁଏ ମୋ ବାପା ସୈନ୍ୟବାହିନୀରେ ଥିବାବେଳେ ହିଁ ଶିଖିଲେ । ଦୀର୍ଘ ଏକ ବର୍ଷ କାଳ ସୈନ୍ୟବାହିନୀରେ ରହି ସେ ଯେତେବେଳେ ଘରକୁ ଫେରନ୍ତି, ଜେଜେମା' ମୃତ୍ୟୁ ଶଯ୍ୟାରେ ।

ତାଙ୍କ ଦେହ ତାତିରେ ଖଇ ଫୁଟୁଥାଏ । ଯେଉଁମାନେ ଉତ୍ତପ୍ତ ସମୁଦ୍ରକୂଳରୁ ସିଧା ଥଣ୍ଡାଳିଆ ପାହାଡ଼ ଉପରକୁ ଚାଲିଆସନ୍ତି ସେମାନଙ୍କୁ ଏପରି ଜ୍ୱରହେବା ଖୁବ୍ ସ୍ୱାଭାବିକ । ହଠାତ୍ ସ୍ଥାନ ପରିବର୍ତ୍ତନ ହେଲେ ଏପରି ହୋଇଥାଏ । ମୋ ବାପାଙ୍କ ପାଖରେ ଔଷଧ କିଣିବାପାଇଁ ଟଙ୍କା ନଥିଲା । ସେବା ଓ ଚିକିତ୍ସା ଅଭାବରୁ ମୋ ଜେଜେମା'ଙ୍କର ମୃତ୍ୟୁ ହୋଇଗଲା । ମୋ ବାପା ଓ ତାଙ୍କ ଭାଇମାନେ ପିତୃମାତୃହରା ହୋଇଗଲେ । ସାହାଯ୍ୟ କରିବା ପାଇଁ ତାଙ୍କର ଅନ୍ୟ କୌଣସି ସମ୍ପର୍କୀୟ ମଧ୍ୟ ନଥିଲେ । ରହିବାପାଇଁ ନଡ଼ା ଛପରର ଯେଉଁ ଛୋଟିଆ ଘରଟି ସେମାନେ କରିଥିଲେ, ଜେଜେମା' ମରିଯିବାପରେ ସେ ଘରେ ଆଉ ରହିବାର ଆବଶ୍ୟକତା ନଥିଲା । ତେଣୁ ସେମାନେ ଭାଗ ଭାଗ ହୋଇ ସମୁଦ୍ରକୂଳର ବିଭିନ୍ନ ଅଞ୍ଚଳରେ କାମ ଖୋଜିବାକୁ ବାହାରିଗଲେ । ମୋ ବାପା ଗୋଟିଏ ମଠରେ କାମ ପାଇଲେ ସତ; କିନ୍ତୁ ତାଙ୍କର ରୋଜଗାର ଥିଲା ଅତି ସାମାନ୍ୟ । ସେ ସମୟରେ ଜଣେ ଶ୍ରମିକକୁ ଫାର୍ମରେ ବା ଅନ୍ୟତ୍ର କାମ କରିବାପାଇଁ ଦିନକୁ ୩୦ରୁ ୪୦ ସେଣ୍ଟାଭୋ ମଜୁରୀ ମିଳୁଥିଲା ।

Digitized by srujanika@gmail.com

ସେତିକିବେଳେ ମୋ ବାପା ଓ ମା' ଙ୍କର ଭେଟ ହେଲା ଓ ସେମାନଙ୍କର ବାହାଘର ହେଲା । ଏଣିକି ଦୁଇଜଣ ମିଶି ଦୁଃସମୟର ମୁକାବିଲା କରିବାକୁ ଲାଗିଲେ । ମୋ ମା' ଗୋଟିଏ ଗରିବ ପରିବାରରୁ ଆସିଥିଲେ ଓ ସେମାନଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା ପାର୍ବତ୍ୟ ପ୍ରଦେଶରେ । ମୋ ମା' ଙ୍କର ବାପା, ମା'ଙ୍କୁ କାମ ଖୋଜିବାପାଇଁ ଏଣେତେଣେ ଯିବାକୁ ପଡୁଥିଲା । ପାର୍ବତ୍ୟ ଅଞ୍ଚଳରେ ଥିବା ଘରେ ସେମାନେ କଦାପି ରହିପାରୁନଥିଲେ ।

ପାହାଡ଼ ଉପରେ ସେମାନେ ଗାଁଟିଏ ବସାଇଲେ । ମୋ ଗାଁର ଗୋଟିଏ ଲମ୍ୱା ଇତିହାସ ରହିଛି; ଏକ ଦୀର୍ଘ ଓ ଯନ୍ତ୍ରଣାଦାୟକ ଇତିହାସ । ସେଠାରେ ସବୁ ଜମି ଥିଲା ସରକାରଙ୍କର ଏବଂ ବସବାସ କରି ରହିବାପାଇଁ ସରକାରଙ୍କ ଅନୁମତି ଆବଶ୍ୟକ ଥିଲା । ଅନୁମତି ମିଳିବାପରେ ଜମି ସଫା କରିବାପାଇଁ ଏବଂ ଘର ତିଆରି କରିବାପାଇଁ ଏକ ଫି ଦେବାକୁ ପଡୁଥିଲା । ଫାର୍ମରେ କାମକରି ମୋ ବାପା ମା' ଫି ଦେବାଭଳି କିଛିଟଙ୍କା ସଞ୍ଚୟ କରିପାରିଥିଲେ । ସେମାନେ ଜମିଟିକୁ ପରିଷ୍କାର କଲେ । କିନ୍ତୁ ଖାଲି ପରିଷ୍କାର କଲେତ ହେବ ନାହିଁ; ସଦ୍ୟ ପରିଷ୍କାର ହୋଇଥିବା ଜମିରେ କିଛି ଶସ୍ୟ ଉପୁଜାଇବା କିଛି ସହଜ କଥା ନହେଁ । ଏପରି ଜମିରୁ ଭଲ ଆମଦାନୀ ପାଇବାପାଇଁ ଅନ୍ତତଃପକ୍ଷେ ଆଠରୁ ନବର୍ଷ ଲାଗେ । ମୋ ବାପା, ମା' ଜମିଟିକୁ ଚଷିବାକୁ ଲାଗିଲେ ଓ ଆଠ ବର୍ଷ ପରେ ସେଠାରୁ ଫସଲ ଆମଦାନୀ ହେଲା । ଏହି ସମୟ ମଧ୍ୟରେ ଆମେ ମଧ୍ୟ ବଡ଼ ହେବାରେ ଲାଗିଲୁ । ମୋର ପାଞ୍ଚଜଣ ବଡ଼ ଭାଇ ଓ ଭଉଣୀ ଥିଲେ । ଫାର୍ମରେ ଥିବାବେଳେ ଖାଦ୍ୟବିନା ମୋର ଦୁଇ ବଡ଼ଭାଇଙ୍କର ମୃତ୍ୟୁ ହେବାର ମୁଁ ଦେଖିଛି । ପ୍ରକୃତରେ ଅଧିକାଂଶ ଭାରତୀୟ ପରିବାର ପୁଷ୍ଟିହୀନତା ଭୋଗୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ପନ୍ଦର ବର୍ଷ ବୟସ ମଧ୍ୟ ଛୁଉଁନଥିଲେ । ପିଲାମାନେ ବଢିବାବେଳେ ଯଦି ଯଥେଷ୍ଟ ଖାଦ୍ୟ ନପାଆନ୍ତି ସେମାନଙ୍କୁ ନାନା ପ୍ରକାର ରୋଗ ଆକ୍ରମଣ କରେ । ଏହା ପରିସ୍ଥିତିକୁ ଖୁବ୍ ଜଟିଳ କରିପକାଏ ।

ଏହିପରି ଭାବରେ ମୋ ବାପା ମା' ଗାଁରେ ବସବାସ କରି ରହିଲେ । ଚାରିଆଡ଼େ ପାହାଡ଼ ଓ ଗଛପତ୍ର ଦେଖି ମୋ ମା' ବିମୋହିତ ହୋଇପଡୁଥିଲେ । ଉଚ୍ଚ ପାହାଡ଼ ଓ ବୃକ୍ଷରାଜି ଡ଼େଇଁ ସୂର୍ଯ୍ୟ କିରଣ ଭୂଇଁରେ ପହଞ୍ଚୁନଥିଲା । ଏହିପରି ପ୍ରକୃତିର ମନୋରମ କୋଳରେ ଆମେ ବଢିବାରେ ଲାଗିଲୁ । ଆମକୁ ଆମର ନିକଟତମ ପଡ଼ୋଶୀ ପାଖରେ ପହଞ୍ଚିବାକୁ ଅନେକ ସମୟ ପାଦରେ ଚାଲି ଯିବାକୁ ପଡୁଥିଲା, ତଥାପି ଆମେ ଆମ ଜମିକୁ ନିବିଡ଼ଭାବରେ ଭଲ ପାଉଥିଲୁ । କ୍ରମେ ଅଧିକରୁ ଅଧିକ ଲୋକ ଆମ ଗାଁକୁ ଆସିବାରେ ଲାଗିଲେ ଏବଂ ଜମିଚାଷ କରି ବସବାସ କରି ରହିଲେ । ପାହାଡ଼ରୁ ଜଙ୍ଗଲୀ ପଶୁମାନେ ଆମ ଜମିକୁ ଆସି ପାଚିଲା ମକା ସବୁ ଖାଇଦେଉଥିଲେ । ବେଳେବେଳେ କଞ୍ଚାପତ୍ର ମଧ୍ୟ ସେମାନଙ୍କଠାରୁ ବଞ୍ଚୁନଥିଲା । କିନ୍ତୁ କ୍ରମେ ଆମ ସଂଖ୍ୟା ବଢିଲା । ସେଥିପାଇଁ ପଶୁମାନଙ୍କୁ ଘଉଡ଼େଇବା ମଧ୍ୟ ସୁବିଧା ହେଲା । ମୋ ବାପା କହୁଥିଲେ, ଏହି ପଶୁମାନଙ୍କ ମଧ୍ୟରେ ଏକ

Digitized by srujanika@gmail.com

ନେଉଳ ଜାତୀୟ ଜୀବ ଥିଲା ଅନ୍ୟତମ । ଅଳ୍ପ କିଛି ଦିନପରେ ମୋ ମା' କିଛି କୁକୁଡ଼ା ଓ ମେଣ୍ଢା ପାଳିବାକୁ ଆରମ୍ଭ କଲେ । ଏହି ପଶୁମାନେ ରହିବାପାଇଁ ଯଥେଷ୍ଟ ସ୍ଥାନ ଥିଲା ସତ; କିନ୍ତୁ ସେମାନଙ୍କର ଯତ୍ନ ନେବାପାଇଁ ମୋ ମା'ଙ୍କର ସମୟ ନଥିଲା । ଅନେକ ସମୟରେ ସେମାନେ ଖାଦ୍ୟ ଖୋଜିବାପାଇଁ ଦୂରକୁ ଚାଲିଯାଉଥିଲେ ଓ ଘରକୁ ଫେରୁନଥିଲେ । କିଛି ଜଙ୍ଗଲର ପଶୁମାନଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ ଓ ଆଉକିଛି ସେମିତି ହଜିଯାଉଥିଲେ । ଦୁର୍ଭାଗ୍ୟକୁ ଆମ ଜମିରେ ଫସଲ ହେବାପାଇଁ ବେଶ୍ କିଛି ବର୍ଷ ଲାଗିଗଲା । ଏହି ସମୟ ମଧ୍ୟରେ ମୋ ବାପା ମା'ଙ୍କୁ ସମୁଦ୍ର କୂଳକୁ ଯାଇ ଫାର୍ମରେ କାମ କରିବାକୁ ପଡୁଥିଲା । ମୋ ବାପା ମା' ପ୍ରଥମେ କେତେ କଷ୍ଟ ସହିଥିଲେ ଆମେ ତାହା ତାଙ୍କରି ମୁହଁରୁ ଶୁଣିଥିଲୁ । କିନ୍ତୁ ଆମେ ପିଲାମାନେ ଯେତେବେଳେ ବଡ଼ ହେବାକୁ ଲାଗିଲୁ ଓ ଗାଁରେ ବର୍ଷକୁ ଚାରି ପାଞ୍ଚ ମାସ ରହିପାରିଲୁ, ଆମ ଆନନ୍ଦର ସୀମା ରହିଲା ନାହିଁ । ଆମ ଘରର ଠିକ୍ ତଳେ ପାହାଡ଼ ଧାରରେ ନଦୀଟିଏ ବହିଯାଉଥାଏ । ଆମ ପାଖରେ ଖେଳିବାପାଇଁ ବେଶୀ ସମୟ ନଥିଲା ସତ, କିନ୍ତୁ କାମ କରିବାରେ ହିଁ ଆମେ ମଜା ପାଉଥିଲୁ । ବାପା ଯେତେବେଳେ ଗଛ କାଟିବାରେ ଲାଗୁଥିଲେ ଆମେ ପିଲାମାନେ ବୁଦୁବୁଦିଆ ଜଙ୍ଗଲକୁ ସଫା କରୁଥିଲୁ । କେତେ କିସମର ପକ୍ଷୀଙ୍କର ଗୀତ ଆମେ ଶୁଣୁଥାଉ । ଆମକୁ ଡ଼ରେଇବା ପାଇଁ ଅନେକ ସାପ ମଧ୍ୟ ଥିଲେ । ପାହାଡ଼ ଉପରେ ଅଣ୍ଡା ଓ ସନ୍ତସନ୍ତିଆ ଲାଗୁଥିଲେ ମଧ୍ୟ ଆମେ ଖୁବ୍ ଖୁସିରେ ଥିଲୁ ।

ମୁଁ ଭାବୁଛି ମୁଁ ଜନ୍ମହେଲାବେଳକୁ ମୋ ମା'ଙ୍କର ପାଞ୍ଚୋଟି ପିଲା ଜନ୍ମ ହୋଇ ସାରିଥିଲେ । ଭାଇଭଉଣୀ ହୋଇ ଆମେ ଛ' ଜଣ ଥିଲୁ । ମୁଁ ଥିଲି ଷଷ୍ଠ ସନ୍ତାନ । ମୋ ମା' କହୁଥିଲେ ସେ କୁଆଡ଼େ ମୁଁ ଜନ୍ମହେବାର ମାସେ ପୂର୍ବରୁ ମଧ୍ୟ ଫାର୍ମରେ କାମ କରୁଥିଲେ । ମୁଁ ଜନ୍ମ ହେବାକୁ କୋଡ଼ିଏ ଦିନ ଥାଏ, ସେ ପାହାଡ଼ ଉପରକୁ ଆସିଲେ ଏବଂ କାହାରି ସାହାଯ୍ୟ ବିନା ମୋତେ ଜନ୍ମ ଦେଇଥିଲେ । ସେତେବେଳେ ମାସ ମାସ ଧରି ମୋ ବାପା ଫାର୍ମରେ କାମ କରୁଥାନ୍ତି । ତେଣୁ ମୋ ଜନ୍ମବେଳେ ସେ ଘରେ ନଥିଲେ ।

ମୋର ଯାହାସବୁ ମନେପଡୁଛି ସେ ସବୁ ମୋର ପାଞ୍ଚ ବର୍ଷ ବୟସ ପରର ଘଟଣା । ଆମେ ବର୍ଷରେ ମାତ୍ର ଚାରି ମାସହିଁ ଆମର ଛୋଟିଆ ଘରେ ରହିପାରୁଥିଲୁ । ବାକି ସମୟ ଆମକୁ ସମୁଦ୍ରକୂଳକୁ ଯାଇ ଫାର୍ମରେ କାମ କରିବାପାଇଁ ପଡୁଥିଲା । ବୋକାକଷ୍ଟାର କଫି ଫାର୍ମ ଥିଲା ସାମାନ୍ୟ ଉତ୍ତରକୁ । ଦକ୍ଷିଣକୁ କିଛିବାଟ ଗଲେ ପଡୁଥିଲା କପାର ବଗିଚା । ଅଳ୍ପ କେତୋଟି ପରିବାର କଫି ଓ କପା ଉତ୍ପାଦନ ହେଉଥିବା ବିସ୍ତୀର୍ଣ୍ଣ ଜମିର ମାଲିକ ଥିଲେ । ସେହି ଜମିରେ ଉତ୍ପନ୍ନ ଫସଲ ସବୁ ବିଦେଶକୁ ରପ୍ତାନି ହେଉଥିଲା । ଆମେ ଏସବୁ ଫାର୍ମରେ ବର୍ଷର ଆଠମାସ କାମ କରୁଥିଲୁ ଏବଂ ଜାନୁଆରୀରେ ଶସ୍ୟ ବୁଣିବାପାଇଁ ଆମ ନିଜର ପାହାଡ଼ୀ ଇଲାକା କୁ ଫେରିଯାଉଥିଲୁ । ପାହାଡ଼ ଉପରେ ଆମର ଯେଉଁ ଜମି ଅଛି, ସେ ବିଷୟରେ ମୁଁ କହିଛି । ତହିଁରେ ମକା ଓ ବିନ୍ ଉତ୍ପାଦନ କରିବା

Digitized by srujanika@gmail.com

ମଧ୍ୟ ସହଜ ନଥିଲା । ଅନ୍ୟ କିଛି ଫସଲ ପାଇଁ ସେ ଜମି ମୋଟେ ଉପଯୁକ୍ତ ନଥିଲା । ସମୁଦ୍ର କୂଳିଆ ଜମି ଖୁବ୍ ଉର୍ବର - ସେଠାରେ ଯେକୌଣସି ଶସ୍ୟ ଉତ୍ପାଦନ କରିହେବ । ଜମିରେ ବିହନ ବୁଣିଦେଇ ଆମେ ସମୁଦ୍ରକୂଳକୁ ଚାଲିଯାଉ, ଶସ୍ୟ ପାଚିଲେ ପୁଣି ଫେରି ଆସୁ । ଉତ୍ପନ୍ନ ହେଉଥିବା ସାମାନ୍ୟ ମକା କେତେଦିନ ବା ଯାଆନ୍ତା ! କିଛି ଅର୍ଥ ଉପାର୍ଜନ କରିବାପାଇଁ ଆମକୁ ପୁଣି ଘର ଛାଡ଼ିବା ପାଇଁ ପଡୁଥିଲା । ବର୍ଷ ବର୍ଷଧରି ମୋ ବାପା ମା' ଏହିପରି ଭାବରେ ଦୀନ, ହୀନ ଓ କରୁଣ ଜୀବନ ଯାପନ କରୁଥିଲେ । □

Digitized by srujanika@gmail.com

୨

ନବଜାତକ

'ଆମେ କେଉଁଠି ଅଛୁ ବୋଲି କେହି ପଚାରିଲେ, ତୁମେ ଆମ ବିଷୟରେ ଯେତିକି ଜାଣିଛ ସେତିକି କହିବ; ତାଠାରୁ ଅଧିକ କିଛି କହିବ ନାହିଁ ।'

ପୋପୋଲ୍ ଭୁ

'ଆମ ଗୋପନ କଥା କାହାକୁ ନକହି ନିଜକୁ ସୁରକ୍ଷା ଦେବା ଶିଖ ।'

ପୋପୋଲ୍ ଭୁ

ଆମ ଗୋଷ୍ଠୀରେ ଜଣେ ନିର୍ବାଚିତ ପ୍ରତିନିଧି ଅଛନ୍ତି ଯାହାଙ୍କୁ ସମସ୍ତେ ଖୁବ୍ ସମ୍ମାନ କରନ୍ତି । ସେ ଜଣେ ରାଜା ନୁହନ୍ତି; ତଥାପି ଗୋଷ୍ଠୀର ସମସ୍ତେ ତାଙ୍କୁ ପିତୃତୁଲ୍ୟ ମନେକରନ୍ତି । ଆମ ଗାଁର ପ୍ରତିନିଧି ଥିଲେ ମୋ ବାପା ଓ ମା' । ଯେଉଁ ସ୍ତ୍ରୀ ଲୋକଟି ପ୍ରତିନିଧି ଭାବରେ ନିର୍ବାଚିତ ହୁଏ, ସମଗ୍ର ଗୋଷ୍ଠୀ ତାର ସନ୍ତାନ ହୋଇ ଯାଆନ୍ତି । ତେଣୁ ମା' ହେବାକୁ ଯାଉଥିବା ସ୍ତ୍ରୀ ଲୋକଟି ଗର୍ଭଧାରଣର ପ୍ରଥମ ଦିନହିଁ ତା ସ୍ୱାମୀ ସହିତ ନିର୍ବାଚିତ ପ୍ରତିନିଧିମାନଙ୍କ ପାଖକୁ ଯାଇ ଅନାଗତ ସନ୍ତାନଟିର ଆଗମନ ଘୋଷଣା କରେ । ପିଲାଟି କେବଳ ତାଙ୍କର ନୁହେଁ , ସେ ହେବ ସମଗ୍ର ଗୋଷ୍ଠୀର ସମ୍ପତ୍ତି । ସେ ପୂର୍ବପୁରୁଷମାନଙ୍କ ପରମ୍ପରା ପାରୁପର୍ଯ୍ୟନ୍ତ ପାଳନ କରିବ । ମୁଖିଆମାନେ ଗୋଷ୍ଠୀର ସମର୍ଥନର ପ୍ରତିଶ୍ରୁତି ଦେଇ କହନ୍ତି: 'ଆମେ ତୁମକୁ ସାହାଯ୍ୟ କରିବୁ । ଆମେ ହେବୁ ନବଜାତକର ବାପା ଓ ମା' ।' ସେମାନଙ୍କୁ କୁହାଯାଏ ଜେଜେବାପା , ଜେଜେମା' ବା ପୂର୍ବପୁରୁଷ । ଏହାପରେ ପିଲାର ବାପା ମା', ଜେଜେବାପା, ଜେଜେମା'ଙ୍କୁ ପିଲାଟି ପାଇଁ ଧର୍ମବାପା, ଧର୍ମମା' ଠିକ୍ କରିଦେବାପାଇଁ ଅନୁରୋଧ କରନ୍ତି । ଯଦି ପିଲାଟି କେବେ ବାପାମା ଛେଉଣ୍ଡ ହୋଇଯାଏ, ଧର୍ମବାପା ଓ ମା' ତାକୁ ବିପଥଗାମୀ ହେବାରୁ ନିବୃତ୍ତ କରନ୍ତି । ତେଣୁ ବାପା, ମା',ଜେଜେବାପା ଓ ଜେଜେମା', ଏମାନେ ସମସ୍ତେ ମିଶି ପିଲାଟି ପାଇଁ ଧର୍ମବାପା ଓ ଧର୍ମମା' ଖୋଜନ୍ତି । ପରମ୍ପରା ଅନୁସାରେ ଗର୍ଭବତୀ ମାଆର ପଡ଼ୋଶୀମାନେ ସବୁଦିନ କିଛି ନା କିଛି ଉପହାର ନେଇ ତା'ପାଖକୁ ଆସନ୍ତି । ସେମାନେ ତା ସହିତ ଗପସପ ହୁଅନ୍ତି, ଏବଂ ସେ ମଧ୍ୟ ତା'ର ସବୁ ସମସ୍ୟା ସେମାନଙ୍କୁ କହେ ।

ପରେ ଗର୍ଭ ସାତ ମାସ ହେବା ଉତ୍ତାରୁ ପରମ୍ପରା ଅନୁସାରେ ମା' ତାର ଗର୍ଭସ୍ଥ ସନ୍ତାନଟିକୁ ପ୍ରକୃତି ସହିତ ପରିଚିତ କରାଏ । ସେ ପଡ଼ିଆକୁ ଯାଇ ଠିଆହୁଏ କିମ୍ବା ପର୍ବତ

Digitized by srujanika@gmail.com

ଉପରକୁ ଚାଲିଯାଏ । ସେ କିପରି ଜୀବନ ଯାପନ କରୁଛି ତାହା ମଧ୍ୟ ଗର୍ଭସ୍ଥ ସନ୍ତାନଟି ଜାଣିବା ଦରକାର । ସେ ଯଦି ସାଧାରଣ ଭାବରେ ସକାଳ ତିନିଟା ବେଳକୁ ଉଠି ଗୃହ କାମ କରୁଥାଏ ଏବଂ ଗୃହପାଳିତ ପଶୁମାନଙ୍କ କଥା ବୁଝୁଥାଏ, ଗର୍ଭବତୀ ଥିବାବେଳେ ତାକୁ ଆହୁରି କଡ଼ାକଡ଼ି ଭାବରେ ଏହି କାର୍ଯ୍ୟ ନିର୍ଘଣ୍ଟକୁ ମାନିବାକୁ ପଡ଼େ । ଯେହେତୁ ଏବେ ସେ ଯାହା କରିବ ତାହାର ପ୍ରଭାବ ପେଟ ଭିତରେ ଥିବା ପିଲାଟି ଉପରେ ପଡ଼ିବ । ପିଲାଟି ଗର୍ଭରେ ରହିବା ମୁହୂର୍ତ୍ତଠାରୁ ମା' ଅନବରତ ତା'ସହିତ କଥା ହେଉଥାଏ । ତା' ଜୀବନ କେତେ କଷ୍ଟମୟ ହେବ ସେହି କଥା ହିଁ ସେ ତାକୁ କହୁଥାଏ । ସେତେବେଳେ ମନେହୁଏ ଯେପରି ମା'ଟି ଜଣେ ପର୍ଯ୍ୟଟକଙ୍କୁ ବିଭିନ୍ନ ବିଷୟ ବୁଝାଉଥିବା ଜଣେ ଗାଇଡ୍ । ଉଦାହରଣ ସ୍ୱରୂପ ସେ କହେ: 'ତୁ ପ୍ରକୃତିର ଅବମାନନା କେବେ କରିବୁ ନାହିଁ ଏବଂ ମୋ ଭଳି ତୁ ମଧ୍ୟ ସଚ୍ଚୋଟ ଭାବେ ତୋ ଜୀବନ କଟାଇବୁ ।' ଜମିରେ କାମ କରୁଥିବାବେଳେ ସେଇ କାମ ବିଷୟରେ ସେ ଟିକିନିଖି କଥା କହିଚାଲିଥାଏ । ଜଣେ ମାଆକୁ ତାର ପିଲାପ୍ରତି ଏସବୁ ଦାୟିତ୍ୱ ଅବଶ୍ୟ କରିବାକୁହିଁ ହେବ । ଏହା ସହିତ ନୂଆ ପିଲାଙ୍କର ଜନ୍ମକଥା ତାକୁ ଅନ୍ୟପିଲାଙ୍କଠାରୁ ମଧ୍ୟ ଲୁଚେଇବାକୁ ପଡ଼ିବ । ପିଲାଟି ଯେତେବେଳେ ଜନ୍ମ ହୁଏ, ସେ ଘରକୁ ଅନ୍ୟ ପିଲାଙ୍କର ଆସିବା ମନା । ଏନ୍ତୁଡ଼ିଘରେ ସ୍ୱାମୀ ବ୍ୟତୀତ ଯେଉଁମାନେ ରହନ୍ତି ସେମାନେ ହେଲେ ଗାଁର ମୁଖିଆମାନେ, ଦମ୍ପତିର ବାପା ମା', ଏହିପରି ସର୍ବମୋଟ ତିନୋଟି ଦମ୍ପତି । ପିଲା ଜନ୍ମବେଳେ ବାପା ନିକଟରେ ଥିବାର ସମ୍ଭାବନା ଅବଶ୍ୟ କମ୍ । ସେ ପରିସ୍ଥିତିରେ ସ୍ୱାମୀର ବାପା ଓ ସ୍ତ୍ରୀ ର ମା' ଗୋଟିଏ ଯୋଡ଼ି ହୋଇଯାଆନ୍ତି । ଯଦି ଜଣେ ମୁଖିଆ କୌଣସି କାରଣରୁ ଆସିନପାରିଲା ଅନ୍ତତଃ ଆଉ ଜଣେ ସେଠାରେ ରହିବାକୁ ପଡ଼ିବ ଯେପରି ଦୁଇ ଜଣ ମିଶି ସେମାନେ ଗୋଟିଏ ଯୋଡ଼ି ହୋଇପାରିବେ । ଯଦି ଉଭୟ ବାପା ଓ ମାଆ ଆସିନପାରନ୍ତି ଉଭୟ ପରିବାରର ପ୍ରତିନିଧିତ୍ୱ କରିବାପାଇଁ ମଉସା, ମାଉସୀ ବା କକା ଓ ଖୁଡ଼ୀ ଉପସ୍ଥିତ ରହିବା ନିହାତି ଦରକାର । ପିଲାଟି ଗୋଷ୍ଠୀର ଜଣେ ସଦସ୍ୟ ହେବ, ଏସବୁ ବ୍ୟବସ୍ଥା ତାହାହିଁ ସୂଚାଇ ଦିଏ । ନବଜାତକ କେବଳ ତା'ବାପା ମା'ର ନୁହେଁ, ସମଗ୍ର ଗୋଷ୍ଠୀର ସମ୍ପତ୍ତି; ସେଥିପାଇଁ ପିଲାଟିର ଜନ୍ମ ଗୋଷ୍ଠୀପାଇଁ ଏକ ମହତ୍ୱପୂର୍ଣ୍ଣ ଘଟଣା । ଏହି କାରଣରୁ ହିଁ ତିନୋଟି ଦମ୍ପତିକୁ ଗୋଷ୍ଠୀର କୁନି ସଦସ୍ୟଟିକୁ ସ୍ୱାଗତ କରିବାପାଇଁ ଉପସ୍ଥିତ ରହିବାକୁ ପଡ଼େ ।

ଏଥିରୁ ଜଣାପଡ଼େଯେ ପିଲାଟି ବାସ୍ତବରେ ଗୋଷ୍ଠୀ ମଧ୍ୟରେ ଥିବା ସ୍ନେହ ଓ ସଂପ୍ରୀତିର ଫଳ । ଗାଁର ମୁଖିଆଟି ଯଦି ନିଜେ ଧାଇ ହୋଇଥାଏ ଭଲକଥା, ନହେଲେ ପିଲାଟିକୁ ସ୍ୱାଗତ କରିବାପାଇଁ ଆଉଜଣେ ଧାଇ ଡ଼କା ହୋଇଆସେ । ସେ ହୁଏତ ପିଲାଟିର ଜେଜେମା' ମଧ ହୋଇପାରେ । ଆମ ପରମ୍ପରାରେ କୌଣସି ଅବିବାହିତା ଝିଅ ପ୍ରସବ ଦେଖିବା ମନା । ବେଳେବେଳେ ଏହାର ବ୍ୟତିକ୍ରମଯେ ହୋଇନଥାଏ ତାହା ନୁହେଁ ।

Digitized by srujanika@gmail.com

ଉଦାହରଣ ସ୍ୱରୂପ, ମୋ ଭଉଣୀ ପିଲା ଜନ୍ମ କଲାବେଳେ ମୁଁ ତା'ପାଖରେ ଥିଲି । ଆମ ଘରେ ଆଉ କେହି ନଥିଲେ । ଏହା ଥିଲା ଆମେ ଭୀଷଣ ନିର୍ଯ୍ୟାତନା ସହୁଥିବା ବେଳର କଥା । ମୁଁ ପାଖରେ ଥିଲି ସତ, କିନ୍ତୁ ପିଲା ଜନ୍ମ ହେବା ଦେଖିନଥିଲି ।

ଷୋହଳ ବରଷରୁ ତେୟାଳିଶି ବର୍ଷ ବୟସରେ ମରିବାପର୍ଯ୍ୟନ୍ତ ମୋ ମା' ଧାଇ କାମ କରୁଥିଲା । ସେ କହୁଥିଲାଯେ ଶୋଇବା ଅବସ୍ଥାରେ ପିଲା ଜନ୍ମ କରିବା ପାଇଁ ସ୍ତ୍ରୀଲୋକର ଶକ୍ତି ନଥାଏ । ମୋ ଭଉଣୀକୁ ଉଠାଇ ଧରିବାପାଇଁ ଭାଇତ ଘରେ ନଥିଲା, ତେଣୁ ମୋ ମା' ରାତିରୁ ଉଠି ଦଉଡ଼ି ସାହାଯ୍ୟରେ ତାକୁ ଟେକି ରଖିଥିଲା । ଏପରି ଅବସ୍ଥାରେ ହିଁ ମୋ ଭଉଣୀ ସନ୍ତାନ ଜନ୍ମ କରିଥିଲା । ଆମ ଭାରତୀୟ ସମ୍ପ୍ରଦାୟରେ ପ୍ରସବପାଇଁ ଯଦି କୌଣସି ସ୍ତ୍ରୀଲୋକ ଡ଼ାକ୍ତରଖାନାକୁ ଯାଉଥିଲା ତାକୁ ସମସ୍ତେ ନିନ୍ଦା କରୁଥିଲେ । ଆଜିକାଲି ଅନେକ କଥା ହେଉଛି ଯାହାକୁ ଆମର ପୂର୍ବପୁରୁଷମାନେ ମୋଟେ ଗ୍ରହଣ କରିନଥାନ୍ତେ । ଏହି ଯେମିତି ପରିବାର ନିୟନ୍ତ୍ରଣ କଥା । ଏହା ଆମ ସଂସ୍କୃତି ପ୍ରତି ଏକ ଅପମାନ, ଲୋକଙ୍କୁ ଠକିବାର ଓ ସେମାନଙ୍କଠାରୁ ପଇସା ଆଦାୟ କରିବାର ଏକ ବାଟ ।

ଆମେ ଆମର ପରମ୍ପରା ଓ ସଂସ୍କୃତିକୁ ରକ୍ଷା କରିବା ପାଇଁ ଯେଉଁ ଗୋପନୀୟତା ରଖୁ, ଏହା ତା'ରି ଏକ ଅଂଶ ବିଶେଷ । ଭାରତୀୟମାନେ ସେମାନଙ୍କ ଗୋଷ୍ଠୀ ସମ୍ପର୍କରେ ବେଶୀ କିଛି କଥା ଅନ୍ୟମାନଙ୍କୁ ନକହିବା ପାଇଁ ଭାରି ସଚେତନ । ନିଜ ବିଷୟରେ ବାହାରେ କହିବା ପାଇଁ ଗୋଷ୍ଠୀ ମଧ୍ୟ ଅନୁମତି ଦିଏ ନାହିଁ । ମୋତେ ଏହି ନୀତି ଅନୁସରଣ କରିବା ପାଇଁ ପଡ଼ିବ । ଏପରି ପ୍ରଥା ପଛରେ ଯଥେଷ୍ଟ କାରଣ ରହିଛି । ଆମ ଭିତରକୁ ବିଭିନ୍ନ ଧାର୍ମିକ ଗୋଷ୍ଠୀର ଲୋକ ଆସିଛନ୍ତି ଏବଂ ଭାରତୀୟମାନଙ୍କ ଜୀବନ ସମ୍ପର୍କରେ ମିଥ୍ୟା ଚିତ୍ର ଆଙ୍କିଛନ୍ତି । ଲାଡ଼ିନୋମାନେ ଭାରତୀୟ ପୋଷାକ ପିନ୍ଧିଲେ ଖତେଇହେବା ପରି ଦିଶନ୍ତି । ଏସବୁର ଅର୍ଥ ହେଲା ଆମେ ଭାରତୀୟମାନେ ଅନେକ କଥା ନିଜ ମନ ଭିତରେ ରଖିବୁ । ଆମେ ଆମର ଗୋପନୀୟ କଥା ପଦାରେ ପକାଇଦେବୁ, ଏହା ଗୋଷ୍ଠୀ କେବେ ପସନ୍ଦ କରିବ ନାହିଁ । ଏହି ନିୟମ ଆମର ସବୁ ପରମ୍ପରା ପ୍ରତି ଲାଗୁ ହୋଇଥାଏ । ଗୋଟିଏ ଉଦାହରଣ ନିଆଯାଉ । ଯେତେବେଳେ କ୍ୟାଥଲିକ୍‌ମାନେ ଆସିଲେ, ସମସ୍ତେ ସମୂହ ପ୍ରାର୍ଥନାରେ ଯୋଗଦେବା ପାଇଁ ଯିବାକୁ ଲାଗିଲେ । କିନ୍ତୁ ଏହା ତାଙ୍କର ଏକମାତ୍ର ଧର୍ମ ନଥିଲା କିମ୍ବା ନିଜକୁ ପ୍ରକାଶ କରିବାର ଏକମାତ୍ର ବାଟ ମଧ ନଥିଲା । ଯେତେବେଳେ ପିଲାଟିଏ ଜନ୍ମହୁଏ, ଗୀର୍ଜାକୁ ଯିବା ପୂର୍ବରୁ ସଂପ୍ରଦାୟ ଭିତରେହିଁ ତାକୁ ଦୀକ୍ଷା ଦିଆଯାଏ । ଆମ ଲୋକମାନେ କ୍ୟାଥଲିକ ଧର୍ମକୁ ବିଶ୍ୱାସ ଭାବରେ ନୁହେଁ, ଭାବପ୍ରକାଶର ଅନ୍ୟତମ ମାଧ୍ୟମ ବୋଲି ମନେକରନ୍ତି । ଅନ୍ୟ ଧର୍ମ ମାନଙ୍କ ପ୍ରତି ମଧ ସେମାନଙ୍କର ମନୋଭାବ ଏକାପରି । ଧର୍ମଯାଜକ, ପୁରୋହିତ ଓ ନନ୍ ମାନଙ୍କର ଅନେକ ଜିନିଷ ଆମ ପରମ୍ପରାର ବିରୋଧ କରୁଥିବାରୁ ସେମାନେ ଆମ ଲୋକଙ୍କର ସମ୍ପୂର୍ଣ୍ଣ ଆସ୍ଥାଭାଜନ ହୋଇ ପାରିନାହାନ୍ତି ।

Digitized by srujanika@gmail.com

ଉଦାହରଣ ସ୍ୱରୂପ, ସେମାନେ କହନ୍ତି: 'ନିର୍ବାଚିତ ପ୍ରତିନିଧିମାନଙ୍କଠାରେ ତୁମର ଅତ୍ୟଧିକ ବିଶ୍ୱାସ ।' କିନ୍ତୁ ସେମାନଙ୍କ ଉପରେ ବିଶ୍ୱାସ ଥିବାରୁ ତ ଗାଁ ସେମାନଙ୍କୁ ନିର୍ବାଚିତ କରେ । ପୁରୋହିତ ମାନେ ଗୁଣିଆମାନଙ୍କୁ ସମାଲୋଚନା କରନ୍ତି ଏବଂ କହନ୍ତି: 'ତୁମେସବୁ ଗୁଣିଆମାନଙ୍କ କଥାରେ ପରିଚାଳିତ ହୁଅ ।' କିନ୍ତୁ ଆମ ଲୋକମାନଙ୍କ ପାଇଁ ଗୁଣିଆମାନଙ୍କୁ ନିନ୍ଦା କରିବା, ନିଜ ପୂର୍ବପୁରୁଷମାନଙ୍କୁ ନିନ୍ଦା କରିବା ସହ ସମାନ । ତେଣୁ ସେମାନେ ଧର୍ମଯାଜକମାନଙ୍କ ଠାରେ ଆସ୍ଥା ହରାଇ ବସନ୍ତି । ସେମାନେ କହନ୍ତି: 'ସେମାନେ ତ ଏଠାକାର ନୁହନ୍ତି, ଆମ ସମାଜ କଥା ବୁଝିବେ କିପରି?' ତେଣୁ ସେମାନେ ଆମ ଲୋକମାନଙ୍କର ହୃଦୟ ଜୟ କରି ପାରିବେ, ଏହା ଆଶା କରିବା ବୃଥା ।

ଏଥର ପିଲାମାନଙ୍କ ପାଖକୁ ଫେରି ଆସିବା । ସନ୍ତାନ କିପରି ଜନ୍ମ ହୁଏ ସେମାନେ ଜାଣିବା ମନା । ସନ୍ତାନଟି ଘରର କେଉଁ ନିଭୃତ କୋଣରେ ଜନ୍ମ ହୁଏ- ତାହା କେବଳ ବାପା, ମା'ହିଁ ଜାଣନ୍ତି । ନୂଆ ପିଲାଟିଏ ସଂସାରକୁ ଆସିଛି ଏବଂ ମା'କୁ ଆଠଦିନ ପାଇଁ ଦେଖିପାରିବେ ନାହିଁ; ଏଇ କଥା ହିଁ ସେମାନଙ୍କୁ ଜଣାଇ ଦିଆଯାଏ । ପରେ ଏକ ସ୍ୱତନ୍ତ୍ର ସମୟରେ ପିଲା ସହିତ ମା' ଗର୍ଭରୁ ବାହାରିଥିବା 'ଫୁଲ'କୁ ପୋଡ଼ି ଦିଆଯାଏ । ଅପରାହ୍ନରେ ଜନ୍ମ ହୋଇଥିଲେ ପାଞ୍ଚଟା ସମୟରେ ଏହା କରାଯାଇଥାଏ । ଉଭୟ ପିଲା ଓ ତା' ସାଥିପାଇଁ ସମ୍ମାନରୁ ହିଁ ଏପରି କରାଯାଏ । ଧରିତ୍ରୀହିଁ ପିଲାଟିର ବାପା ମା ହୋଇଥିବାରୁ 'ଫୁଲ'କୁ ମାଟିରେ ପୋତି ଦିଆଯାଏ ନାହିଁ । ମାଟିରେ ପୋତିବା ଅର୍ଥ - ଧରିତ୍ରୀ କୁ ଅସମ୍ମାନ କରିବା । ଏସବୁ କଥା ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଫୁଲକୁ ହୁଏତ ଗୋଟିଏ କାଠ ଗଣ୍ଡି ଉପରେ ପୋଡ଼ି ପାଉଁଶକୁ ସେଠାରେ ଛାଡ଼ି ଦିଆଯାଇପାରେ; ଅଥବା ଟେମାସ୍କାଲରେ ରଖି ଦିଆଯାଇପାରେ ।

ଟେମାସ୍କାଲ କହିଲେ ବୁଝାଏ 'ଆଡ୍ରୋବ୍'ରେ ତିଆରି ଗୋଟିଏ ଛୋଟ କୁଡ଼ିଆ ଏବଂ ଏହି ଛୋଟ କୁଡ଼ିଆ ଭିତରେ ପଥରରେ ତିଆରି ଆଉ ଗୋଟିଏ ଛୋଟ କୁଡ଼ିଆ । ଆମର ଯେତେବେଳେ ଗାଧାଇବା ପାଇଁ ଇଚ୍ଛା ହୁଏ, ଆମେ ପଥରକୁ ଗରମ କରିବା ପାଇଁ ନିଆ ଜାଳୁ, ଦରଜା ବନ୍ଦ କରିଦେଉ ଏବଂ ପଥର ଉପରେ ପାଣି ପକାଉ, ଯେମିତି ସେଥିରୁ ବାମ୍ପ ବାହାରିବ ।

ଜଣେ ସ୍ତ୍ରୀଲୋକର ଗର୍ଭଧାରଣର ଚାରି ମାସ ହେବାପରେ ସେ ଏଭଳି ବାମ୍ପରେ ଗାଧୁଆ ଆରମ୍ଭ କରେ, ଯେଉଁଥିରୁ ସବୁଜ ଓ ପ୍ରାକୃତିକ ବାସ୍ନା ସବୁ ବାହାରୁଥାଏ । ଗର୍ଭବତୀ ସ୍ତ୍ରୀପାଇଁ ଅନେକ ପ୍ରକାରର ଚେରମୂଳୀ ବ୍ୟବହାର କରାଯାଏ । ଅଣ୍ଡା, ମୁଣ୍ଡବିନ୍ଧା ପାଇଁ ମଧ୍ୟ ଚେରମୂଳୀର ନିଦାନ ରହିଛି । ଧାଈ ବା ଗାଁ ମୁଖିଆ ଯେଉଁ ଚେରମୂଳୀ ନିର୍ଦ୍ଦିଷ୍ଟ କରି ଦିଅନ୍ତି ତାହାକୁ ହିଁ ବ୍ୟବହାର କରି ଗର୍ଭବତୀ ସ୍ତ୍ରୀଟି ସ୍ନାନ କରିଥାଏ । ବିଭିନ୍ନ ଜାତିର ଔଷଧ ଗଛ ଆମ ଜମିରେ ବଢିଥାନ୍ତି । ସେମାନଙ୍କର ନାଁ ସ୍ପାନିଶ୍‌ରେ କହିବା ସମ୍ଭବ ନୁହେଁ । ଗର୍ଭବତୀ

Digitized by srujanika@gmail.com

ସ୍ତ୍ରୀଲୋକମାନେ ଅନେକ ସମୟରେ କମଳା ବା ନାସ୍‌ପାତି ଗଛର ପତ୍ର ବ୍ୟବହାର କରିଥାନ୍ତି । ଆଉ ଗୋଟିଏ ପତ୍ର ଅଛି ଯାହାକୁ ଆମେ ସେଣ୍ଟମେରୀ ପତ୍ର କହୁ । ଟିକିଏ ଆରାମ ପାଇବା ପାଇଁ ମା'ର ଏସବୁ ଚେରମୂଳ ଓ ପତ୍ର ଦରକାର । ଗର୍ଭାବସ୍ଥାରେ ତାକୁ ଫୁରୁସତ ତ ମିଳେ ନାହିଁ, ବରଂ ସବୁଦିନପରି କଠିନ କାମ କରିବା ପାଇଁ ପଡ଼େ । ଗୋଟିଏ ଦିନର ପରିଶ୍ରମ ପରେ ସେ ବାମ୍ପରେ ସ୍ନାନ କରେ ଯେମିତି ଆରାମରେ ଟିକେ ନିଦ ହୋଇଯିବ, ଆଉ ପେଟରେ ଥିବା ପିଲାଟିର କିଛି କ୍ଷତି ହେବନାହିଁ । ପିଲାଟି ପାଇଁ ତାକୁ କିଛି ପତ୍ର ଓ ଚେରମୂଳୀ ମଧ୍ୟ ଖାଇବାକୁ ପଡ଼େ । ଯଦିଓ ଏଇ ପତ୍ର ଖାଇବା ପଛରେ କିଛି ବିଜ୍ଞାନସମ୍ମତ କାରଣ ନାହିଁ, ତଥାପି ଏହା ବହୁତ ଭଲ କାମ କରେ । ଏସବୁଥିରେ ନିଶ୍ଚୟ ଅନେକ ଖାଦ୍ୟସାର ଥିବ । ତା ନହୋଇଥିଲେ ସ୍ତ୍ରୀଲୋକମାନେ ଭୋକିଲା ରହି କଠିନ ପରିଶ୍ରମ କରୁଥିଲେ ମଧ୍ୟ ହୃଷ୍ଟପୁଷ୍ଟ ସନ୍ତାନକୁ ଜନ୍ମ ଦିଅନ୍ତେ କେମିତି ? ତେଣୁ ମୋର ବିଶ୍ୱାସ ଏସବୁ ଔଷଧଗୁଣଯୁକ୍ତ ଗଛ ଆମ ଲୋକମାନଙ୍କୁ ବଞ୍ଚିରହିବାକୁ ସାହାଯ୍ୟ କରନ୍ତି ।

ଯେଉଁ ପବିତ୍ରତା ସହିତ ପିଲାଟି ପୃଥିବୀକୁ ଆସେ, ତାହାକୁ ଆଠଦିନ ପାଇଁ ସଂରକ୍ଷଣ କରି ରଖାଯାଏ । ଆମର ପରମ୍ପରା କହେ, ନବଜାତ ଶିଶୁ ଏକୁଟିଆ ଅନ୍ୟ ପିଲା ଅଗୋଚରରେ ମା' ସହିତ ଆଠଦିନ ଏକ ସ୍ୱତନ୍ତ୍ର ସ୍ଥାନରେ ରହିବ ; ସେତେବେଳେ ଖାଦ୍ୟ ନେଇ ଆସୁଥିବା ଲୋକମାନେହିଁ ସେଠାକୁ ଆସିପାରିବେ । ଏହା ହେଉଛି ଶିଶୁର ପରିବାର ସହିତ ଏକୀଭୂତ ହେବାର ସମୟ । ଆସ୍ତେ ଆସ୍ତେ ସେ ଏହାର ଜଣେ ସଭ୍ୟ ହୋଇଯାଏ । ପିଲା ଜନ୍ମହେବା ପରେ ଗୋଟିଏ ମେଣ୍ଢା କଟାଯାଏ ଏବଂ ପରିବାରର ସମସ୍ତେ ଭୋଜିରେ ଯୋଗଦିଅନ୍ତି । ପରେ ପଡ଼ୋଶୀମାନେ ଉପହାର ନେଇ ଆସିବା ଆରମ୍ଭ କରନ୍ତି । ଉପହାର କହିଲେ ମା'ପାଇଁ ଖାଇବା ଜିନିଷ ଓ ପିଲାପାଇଁ ଅନ୍ୟ କିଛି । ପଡ଼ୋଶୀମାନଙ୍କ ସହୃଦୟତାକୁ ସ୍ୱୀକାର କରିବାକୁ ପଡ଼ିବ, ସେଥିପାଇଁ ମା'କୁ ସବୁ ପ୍ରକାର ଖାଦ୍ୟରୁ କିଛି କିଛି ଖାଇବାକୁ ପଡ଼େ । ଆଠ ଦିନ ପରେ, ପରିବାରର ସମସ୍ତେ ହିସାବ କରି ବସନ୍ତି - କେତେଜଣ ଅଭ୍ୟାଗତ ଆସିଲେ, କେତେ ଉପହାର ମିଳିଲା; ମା' ପାଇଁ ଜିନିଷ ବ୍ୟତୀତ ଅଣ୍ଡା ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ, ଲୁଗା, ଛୋଟ ପଶୁ ବା ଜାଳେଣି କାଠ, ପାଣି ବୋହିବା କିମ୍ବା କାଠ କାଟିବା ପରି କିଛି ଦୈହିକ ସେବା । ଆଠ ଦିନ ଭିତରେ ଗୋଷ୍ଠୀର ପ୍ରାୟ ସମସ୍ତେ ପିଲା ଓ ମା'କୁ ଦେଖିବାକୁ ଆସିଥାନ୍ତି । ଏହା ଖୁବ୍ ମହତ୍ତ୍ୱପୂର୍ଣ୍ଣ । ଏହାର ଅର୍ଥ, ବଡ଼ ହେଲେ ଶିଶୁଟିର ଗୋଷ୍ଠୀ ପ୍ରତି ଅନେକ କର୍ତ୍ତବ୍ୟ ରହିବ । ଏଇ ଆଠଦିନ ଭିତରେ ଯେତେ ଖର୍ଚ୍ଚ ହୁଏ, ତାକୁ ଗୋଷ୍ଠୀ ହିଁ ବହନ କରେ; ପରିବାରଟିକୁ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ ।

ଆଠଦିନ ପରେ ନବଜାତ ଶିଶୁର ଏକାକୀ ମା' ସହିତ ରହିବା ସମୟ ଅତିକ୍ରାନ୍ତ ହୋଇଯାଏ ଏବଂ ଏହାକୁ ସୂଚେଇଦେବା ପାଇଁ ଆଉ ଗୋଟିଏ ପଶୁ କଟାଯାଏ । ପ୍ରସୂତି ବ୍ୟବହାର କରିଥିବା ସବୁ ଜିନିଷ, ଲୁଗାପଟା, ବିଛଣା ଚାଦର ଇତ୍ୟାଦିକୁ ଧୋଇବାପାଇଁ

Digitized by srujanika@gmail.com

ଆମର ନିର୍ବାଚିତ ମୁଖିଆ ନେଇଯାଆନ୍ତି । କୂଅ ମୂଳରେ ତ ଏସବୁ ଲୁଗାପଟା ସଫା କରାଯାଇ ପାରିବ ନାହିଁ, ତେଣୁ ନଦୀ ସେଠାରୁ ଯେତେ ଦୂରରେ ଥାଉ ନା କାହିଁକି, ତାଙ୍କୁ ସେଠାକୁ ଯିବାକୁ ପଡ଼େ । ଏହା ସହିତ ଶିଶୁର ନିଷ୍ପାପ ସ୍ୱଚ୍ଛତା ମଧ ଧୋଇହୋଇଯାଏ । ସେ ମଣିଷ ସମାଜର ଆଚାର ବିଚାର ଶିଖିବା ପାଇଁ ପ୍ରସ୍ତୁତ ହୁଏ । ଘରର ଗୋଟିଏ ଅଂଶକୁ ଲେମ୍ବୁ ପାଣିରେ ଧୋଇବା ପରେ ସେଠାକୁ ମା'ର ବିଛଣାକୁ ଉଠାଇ ନିଆଯାଏ । ଲେମ୍ବୁ ଗୋଟିଏ ପବିତ୍ର ଫଳ । ଏହା ଶିଶୁର ହାତକୁ ଶକ୍ତ କରେ । ମୁଁ ମଧ ବିଶ୍ୱାସ କରେ ଯେ ଲେମ୍ବୁ ସଂସାରର ସମ୍ମୁଖୀନ ହେବା ପାଇଁ ଶିଶୁକୁ ଶକ୍ତିଦିଏ । ପ୍ରସୂତି 'ଟେମୋସ୍କାଲରେ' ସ୍ନାନ କରି ପରିଷ୍କାର ଲୁଗା ପିନ୍ଧେ । ଏହାପରେ ପୂରା ଘରଟିକୁ ସଫା କରାଯାଏ । ପିଲାଟିକୁ ଗାଧୋଇଦେବା ପରେ ଚାରି କୋଣର ପ୍ରତୀକ ଭାବେ ବିଛଣାର ଚାରିକୋଣରେ ଚାରୋଟି ମହମବତୀ ଜଳାଇ ଦିଆଯାଏ । ତାକୁ ଜଣାଇ ଦିଆଯାଏ ଏହାହିଁ ହେବ ତା'ର ଘର । ଏଇ ମହମବତୀ ଗୁଡ଼ିକ ଗୋଷ୍ଠୀ ପ୍ରତି ଶିଶୁଟିର ସମ୍ମାନ ଏବଂ ପରିବାର ପ୍ରତି ତା'ର ଦାୟିତ୍ୱର ମଧ ପ୍ରତୀକ । ମହମବତୀରୁ ଯେଉଁ ସୁବାସ ବାହାରି ଚାରିଆଡ଼େ ଖେଳିଯାଏ ତାହାହିଁ ଶିଶୁଟିକୁ ସେ ଯେଉଁ ପୃଥିବୀରେ ବଞ୍ଚିବ, ତା'ରି ସହିତ ଏକୀଭୂତ କରିଦିଏ । ଈଶ୍ୱର ତା'କୁ ଯେଉଁ ହାତଗୋଡ଼ ଦେଇଛନ୍ତି, ତାହା ପବିତ୍ର; ତାହାକୁ କେବଳ କାମ କରିବା ପାଇଁ ଉପଯୋଗ କରାଯିବ ଏବଂ ପ୍ରକୃତି ଯାହା ଚାହୁଁଛି ସେହି କାମରେ ହିଁ ଲାଗାଯିବ, ଏହାକୁ ସୂଚେଇ ଦେବା ପାଇଁ ଶିଶୁଟି ଜନ୍ମହେବା ପରେ ତା'ର ହାତ ଓ ଗୋଡ଼କୁ ବାନ୍ଧି ଦିଆଯାଏ । ସେଗୁଡ଼ିକ କେବେ ଚୋରୀ କରିବା ପାଇଁ ବ୍ୟବହୃତ ହେବେ ନାହିଁ, ପ୍ରକୃତିର ଅବମାନନା କରିବେ ନାହିଁ, କିମ୍ବା କୌଣସି ଜୀବନ୍ତ ବସ୍ତୁ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବେ ନାହିଁ ।

ଆଠଦିନ ପରେ ଶିଶୁର ହାତ ଓ ପାଦକୁ ଖୋଲି ଦିଆଯାଏ । ଏଣିକି ସେ ମା' ସହିତ ନୂଆ ବିଛଣାରେ ଶୋଇବ । ଏହାର ଅର୍ଥ ହେଲା ଗୋଷ୍ଠୀର ସଭ୍ୟ ମାନଙ୍କ ପାଇଁ ତା'ର ଦ୍ୱାରଗୁଡ଼ାକୁ ଖୋଲିଦେବ । ଏପର୍ଯ୍ୟନ୍ତ ପରିବାର ଓ ଗୋଷ୍ଠୀର ସବୁ ସଭ୍ୟତାକୁ ଭଲଭାବରେ ଜାଣିନଥାନ୍ତି । ଅନ୍ୟଭାବରେ କହିବାକୁ ଗଲେ ପିଲାଟି ଜନ୍ମ ହେଲାବେଳେ ସେମାନେ ତାକୁ ଦେଖି ନଥାନ୍ତି । ଏବେ ସେମାନେ ସମସ୍ତେ ତାକୁ ଦେଖି ପାରିବେ ଓ ଗେହ୍ଲା କରିପାରିବେ । ପଡ଼ୋଶୀମାନେ ଆଉ ଗୋଟିଏ ପଶୁ କାଟନ୍ତି ଏବଂ ପିଲାଟିର ଘରେ ଗୋଷ୍ଠୀର ସମସ୍ତଙ୍କ ପାଇଁ ବଡ଼ ଭୋଜିଟିଏ ହୁଏ । ଶିଶୁଟିର ବିଶ୍ୱ ସହିତ ଏକୀଭୂତ ହେବାର ଉତ୍ସବ ପାଳନ କରିବା ପାଇଁ ଏହି ଭୋଜିର ଆୟୋଜନ ହୁଏ ବୋଲି ଆମ ବାପା, ମା' କହନ୍ତି । ଏଇ ଉତ୍ସବରେ ତା ପାଇଁ ଜଳୁଥିବା ମହମବତୀ ସମଗ୍ର ଗୋଷ୍ଠୀର ମହମବତୀର ଏକ ଅଂଶ ହୋଇଯାଏ । ଗୋଷ୍ଠୀରେ ଆଉ ଜଣେ ମିଶିଲା; ଆଉ ଜଣେ ନୂଆ ସଭ୍ୟ ହେଲା । ଏଇ ଉତ୍ସବରେ ଗୋଷ୍ଠୀର ପ୍ରାୟ ସମସ୍ତେ ଯୋଗ ଦିଅନ୍ତି । ଏଥିରେ ବିଶ୍ୱର ସକଳ ପଦାର୍ଥକୁ ପ୍ରତିନିଧିତ୍ୱ କରିବା ପାଇଁ ମହମବତୀ ଜଳାଯାଏ- ପୃଥିବୀ, ଜଳ, ସୂର୍ଯ୍ୟ ଓ ମଣିଷ, ଏହା ସହିତ ଲେମ୍ବୁ ଓ

Digitized by srujanika@gmail.com

ସୁବାସ(ଆମେ ଯାହାକୁ ପମ୍ ବୋଲି କହୁ) ସହିତ ଶିଶୁଟିର ମହମବତୀଟିକୁ ମଧ୍ୟ ରଖି ଦିଆଯାଏ । ଏହା ପରେ ବାପା, ମା' ଶିଶୁଟିକୁ କହନ୍ତି - ଏଣିକି ତାକୁ କିପରି ପରିବାରର ସବୁ ଦୁଃଖ ଓ ଯନ୍ତ୍ରଣାରେ ଅଂଶୀଦାର ହେବାକୁ ପଡ଼ିବ । ଦୁଃଖ ଭୋଗ କରିବାପାଇଁ ସଂସାରକୁ ଆଣିଲୁ ବୋଲି ସେମାନେ ଖୁବ୍ ଆବେଗର ସହ ପିଲାଟି ଆଗରେ ଖେଦ ପ୍ରକାଶ କରନ୍ତି । ଆମ ଭାଗ୍ୟରେ ଦୁଃଖ ହିଁ ରହିଛି । ସେହି ଦୁଃଖ ଓ କ୍ଲେଶ ସହିତ ଶିଶୁଟିର ପରିଚୟ ହୋଇଯିବା ଆବଶ୍ୟକ; କିନ୍ତୁ ସବୁ କଷ୍ଟ ସତ୍ତ୍ୱେ ସମ୍ମାନର ସହିତ ଯନ୍ତ୍ରଣା ମଧ୍ୟରେ ବଞ୍ଚି ରହିବାଲାଗି ତାକୁ ଶିଖିବାପାଇଁ ପଡ଼ିବ । ତା'ପରେ ଶିଶୁଟିକୁ ଗୋଷ୍ଠୀପାଇଁ ଦାୟିତ୍ୱ ସମର୍ପି ଦିଆଯାଏ ଏବଂ ତାକୁ ଗୋଷ୍ଠୀର ନିୟମ ମାନି ଚଳିବା ପାଇଁ କୁହାଯାଏ । ଉତ୍ସବାନୁଷ୍ଠାନ ପରେ ଭୋଜି ଖାଇ ପଡ଼ୋଶୀ ମାନେ ନିଜ ନିଜ ଘରକୁ ଫେରି ଯାଆନ୍ତି । ଏଣିକି କେବଳ ଦୀକ୍ଷା ଦେବା କାମଟି ବାକୀ ରହିଯାଏ । ସନ୍ତାନ ଜନ୍ମ ହେବାପରେ ଏକ ଛୋଟ ମୁଣିରେ ଗୋଟିଏ ରସୁଣ, ଟିକିଏ ଲେମ୍ବୁ, ଲୁଣ ଓ ଧୂଆଁପତ୍ର ରଖି ତା ବେକରେ ଝୁଲାଇ ଦିଆଯାଏ । ଧୂଆଁପତ୍ର ଭାରତୀୟମାନଙ୍କ ପାଇଁ ଗୋଟିଏ ପବିତ୍ର ଉଦ୍ଭିଦ । ଏହାର ତାତ୍ପର୍ଯ୍ୟ ହେଲା ଜୀବନର ସବୁ ଅଶୁଭ ବସ୍ତୁକୁ ଦୂରେଇଦେବା । ଯେତେସବୁ ଭୂତ ପ୍ରେତ ଆମ କଳ୍ପନାରେ ଥା'ନ୍ତି ସେମାନେ ଆମ ପାଇଁ ଅଶୁଭ । ଯଦି ପିଲାଟି ସତ୍ୟବାଦୀ, ମର୍ଯ୍ୟାଦାବନ୍ତ ଓ ନିଷ୍ଠାପର ନହୋଇ ଗପୁଡ଼ି ହୁଏ, ଏହାକୁ ମଧ୍ୟ ମନ୍ଦଗ୍ରହ କୁହାଯିବ । ତାବିଜଟି ଶିଶୁର ନିଜତ୍ୱ ଓ ପୂର୍ବପୁରୁଷମାନଙ୍କର ସବୁ ସାରକଥାକୁ ସଂରକ୍ଷିତ କରି ରଖିବାରେ ସାହାଯ୍ୟ କରେ; ତାକୁ ସ୍ୱଚ୍ଛ ହୋଇ ରହିବାରେ ସାହାଯ୍ୟ କରେ ତାବିଜଟି । ଚାରୋଟି ମହମବତୀ ଭିତରେ ଏଇ ମୁଣିଟିକୁ ରଖାଯାଏ । ଏହା ଶିଶୁ ସନ୍ତାନଟିର ଭବିଷ୍ୟତ ପ୍ରତିଶ୍ରୁତିର ସୂଚନା ଦିଏ ।

ଚାଳିଶି ଦିନ ଅତିବାହିତ ହେବା ପରେ ପିଲାଟି ତରଫରୁ ଆହୁରି କେତେ କଥା କୁହାଯାଏ, କେତେ ପ୍ରତିଶ୍ରୁତି ଦିଆଯାଏ । ପିଲାଟି ସଂପୂର୍ଣ୍ଣ ଭାବରେ ଗୋଷ୍ଠୀର ଜଣେ ସଭ୍ୟ ହୋଇଯାଏ । ଆମେ ଏହାକୁହିଁ ଦୀକ୍ଷା ବୋଲି କହୁଁ । ଗାଁର ସବୁ ମୁଖ୍ୟ ଲୋକମାନେ ଡ଼କାହୋଇ ଆସନ୍ତି ଏବଂ ସେମାନେ ଭାଷଣ ଦିଅନ୍ତି । ଗୋଷ୍ଠୀର ଗୋପନୀୟ କଥା ସବୁ କାହାରିକୁ ନକହିବା ପାଇଁ ପିଲାଟିକୁ ଶିଖେଇବେ- ତା'ର ବାପା, ମା' ଏହି ପ୍ରତିଶ୍ରୁତି ଦିଅନ୍ତି । ଗୋପନୀୟତା ରଖିବା ଦ୍ୱାରାହିଁ ଆମ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ହୋଇପାରିବ । ଗାଁର ମୁଖିଆମାନେ ସେମାନଙ୍କର ଅନୁଭୂତି, ଉଦାହରଣ ଏବଂ ପୂର୍ବପୁରୁଷମାନଙ୍କ ସମ୍ପର୍କରେ ସେମାନଙ୍କର ଜ୍ଞାନକୁ ବଖାଣି ବସନ୍ତି । ଆମର ପରମ୍ପରାକୁ କିପରି ରକ୍ଷା କରାଯାଇପାରିବ, ସେମାନେ ବୁଝାନ୍ତି । ପିଲାଟି ପ୍ରତି ସେମାନଙ୍କର ଦାୟିତ୍ୱ ରହିବ, ସେ ବଡ଼ ହେବା ସାଙ୍ଗେ ସାଙ୍ଗେ ଆବଶ୍ୟକ ଶିକ୍ଷା ଦିଆଯିବ ଏବଂ ସେ ଯେପରି ତାଙ୍କର ପଦାଙ୍କ ଅନୁସରଣ କରିବ ତାହା ଦେଖିବା ମଧ୍ୟ ତାଙ୍କର କର୍ତ୍ତବ୍ୟ - ଏସବୁ ପ୍ରତିଶ୍ରୁତି ମୁଖିଆମାନେ ଦିଅନ୍ତି । ଏଇ ଅବସରରେ ଯେଉଁମାନେ ନିଜ ପରମ୍ପରା ତ୍ୟାଗ କରି

Digitized by srujanika@gmail.com

ଗୋଷ୍ଠୀଛଡ଼ା ହୋଇ ଯାଇଥାନ୍ତି ସେମାନଙ୍କର ସମାଲୋଚନା କରିବାକୁ ମଧ୍ୟ ସେମାନେ ଭୁଲନ୍ତି ନାହିଁ । ସେହି ବିଧର୍ମୀ ମାନଙ୍କର ଚୈତନ୍ୟ ଉଦୟ ହେଉ ଏବଂ ନିଜ ପରମ୍ପରାରେ ସେମାନେ ପୁନର୍ଦୀକ୍ଷିତ ହୁଅନ୍ତୁ - ଏଥିପାଇଁ ସେମାନେ ପ୍ରାର୍ଥନା ମଧ୍ୟ କରନ୍ତି । ଏହା ପରେ 'ଟେକୁନ ଉମାନ୍ ' ଓ ଅନ୍ୟମାନଙ୍କ ପରି ପୂର୍ବପୁରୁଷଙ୍କ ନାମ ସେମାନେ ମନ୍ତ୍ରବତ୍ ଉଚ୍ଚାରଣ କରନ୍ତି । ଏହି ପୂର୍ବପୁରୁଷମାନେ ଅନୁଷ୍ଠାନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଭାରତୀୟମାନଙ୍କର ବୀର ଭାବେ ଏହି ପୂର୍ବପୁରୁଷମାନଙ୍କୁ ମନେପକାଇବାକୁ ହିଁ ପଡ଼ିବ । ତା'ପରେ ସେମାନେ କହନ୍ତି : 'କେହି ଜମିମାଲିକ ଏହି ଦୀପ ଶିଖାକୁ ନିର୍ବାପିତ କରି ନଦେଉ, କୌଣସି ଧନୀଲୋକ ଆମ ଆଚାର ବିଚାରକୁ ନଷ୍ଟ କରିନଦେଉ । ଆମପିଲାମାନେ ଶ୍ରମିକ ହୁଅନ୍ତୁ ବା ଚାକର ହୁଅନ୍ତୁ ଆମର ଗୋପନ କଥାକୁ ସମ୍ମାନ କରନ୍ତୁ ଏବଂ ତାହାକୁ ପ୍ରଘଟ ନକରନ୍ତୁ ।' ସେ କନାରେ ଗୁଡ଼ାଗୁଡ଼ି ହୋଇ ଅଦୃଶ୍ୟ ହୋଇ ରହିଥାଉ ପଛେ, ଶିଶୁଟିର ଉପସ୍ଥିତିରେ ହିଁ ଏସବୁ କଥା ହେଉଥାଏ । ଗର୍ଭରେ ଥିବାବେଳେ ତା'ର ମା' ମକା ଖାଇଥିବାରୁ ସେ ସ୍ୱାଭାବିକ ଭାବରେ ମକାରେ ହିଁ ଗଢାବୋଲି ତାକୁ କୁହାଯାଏ । ତେଣୁ ତାକୁ ମକାର ସମ୍ମାନ କରିବା ପାଇଁ ପଡ଼ିବ; ଗୋଟିଏ ବି ଦାନା ଯଦି ତଳେ ପଡ଼ିଯାଏ, ତାକୁ ଉଠାଇ ଆଣିବା ପାଇଁ ପଡ଼ିବ । ଶିଶୁ ସନ୍ତାନଟି ଆମ ବଂଶବୃଦ୍ଧିରେ ସାହାଯ୍ୟ କରିବ; ମରିଯାଇଥିବା ଲୋକମାନଙ୍କର ସ୍ଥାନ ପୂରଣ କରିବ । ଏଇ ମୁହୂର୍ତ୍ତରୁ ହିଁ ସେ ଏହି ଦାୟିତ୍ୱ ଗ୍ରହଣ କରେ । ପୂର୍ବପୁରୁଷମାନେ ଯେପରି ବଞ୍ଚିଥିଲେ ସେହିପରି ଜୀବନ ଯାପନ କରିବା ପାଇଁ ତାକୁ କୁହାଯାଏ । ଶିଶୁଟି ଏସବୁ କଥା ଅକ୍ଷରେ ଅକ୍ଷରେ ପାଳନ କରିବାର ପ୍ରତିଶ୍ରୁତି ଦେଉଛି ବୋଲି ତା' ବାପା, ମା' କହନ୍ତି । ଗାଁର ମୁଖିଆମାନେ ଓ ଶିଶୁଟିର ବାପା, ମା' ଏମାନେ ସମସ୍ତେ ଶିଶୁଟି ତରଫରୁ ହିଁ ଏସବୁ ପ୍ରତିଶ୍ରୁତି ଦିଅନ୍ତି । ଏହିପରି ଭାବରେ ପିଲାଟି ଗୋଷ୍ଠୀର ଜଣେ ସଭ୍ୟ ଭାବରେ ଗଣାହୁଏ ।

ଏହି ଅନୁଷ୍ଠାନ ଅତି ଗୁରୁତ୍ୱପୂର୍ଣ୍ଣ । ଏହି ସମୟରୁ ପିଲାଟିକୁ ଆମର ଏକମାତ୍ର ପିତା ଇଶ୍ୱରଙ୍କ ସନ୍ତାନଭାବରେ ଗଣନା କରାଯାଏ । ଇଶ୍ୱର ବୋଲି ଶବ୍ଦ ଆମ ଭାଷାରେ ନାହିଁ, କିନ୍ତୁ ସେହି ଇଶ୍ୱର, ଆମର ଏକମାତ୍ର ପିତା; ଏହି ପିତାଙ୍କ ପାଖରେ ପହଞ୍ଚିବା ପାଇଁ ଶିଶୁଟିକୁ ବିନ୍, ମକା ଓ ପୃଥିବୀକୁ ଭଲପାଇବାକୁ ପଡ଼ିବ । ସେହି ପିତା ଆକାଶର ହୃଦୟ ବା ସୂର୍ଯ୍ୟ । ସୂର୍ଯ୍ୟ ଆମର ପିତା ଏବଂ ମାତା ହେଉଛନ୍ତି ଚନ୍ଦ୍ର । ସେ ହେଉଛନ୍ତି ଆମର ମାତା, ଅତ୍ୟନ୍ତ କୋମଳ । ସେ ଆମର ରାସ୍ତାକୁ ଆଲୋକିତ କରନ୍ତି । ଚନ୍ଦ୍ର ଓ ସୂର୍ଯ୍ୟ ସମ୍ପର୍କରେ ଆମ ଲୋକମାନଙ୍କର ଅନେକ ପ୍ରକାର ଧାରଣା ରହିଛି । ସେମାନେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଦୁଇଟି ସ୍ତମ୍ଭପରି ।

ପିଲାମାନଙ୍କୁ ଯେତେବେଳେ ଦଶବର୍ଷ ହୁଏ, ସେତେବେଳେ ସେମାନଙ୍କର ବାପା, ମା' ଓ ଗାଁ ମୁଖିଆମାନେ ସେମାନଙ୍କ ସହିତ ପୁଣି ଥରେ କଥାବାର୍ତ୍ତା କରନ୍ତି । ସେତେବେଳେ

Digitized by srujanika@gmail.com

ସେମାନେ ତାଙ୍କୁ କହନ୍ତି ସେମାନେ ଖୁବ୍ ଶୀଘ୍ର ଯୁବକ ଓ ଯୁବତୀ ହେବାକୁ ଯାଉଛନ୍ତି ଏବଂ ଦିନେ ସେମାନେ ବାପା,ମା' ମଧ ହେବେ । ବାସ୍ତବରେ ସେତିକିବେଳେ ହିଁ ସେମାନେ ପିଲାଟିକୁ କହନ୍ତି ସେ ଯେପରି ନିଜର ମର୍ଯ୍ୟାଦାକୁ କେବେ କ୍ଷୁର୍ଣ୍ଣ ହେବାକୁ ନଦିଏ; ପୂର୍ବପୁରୁଷମାନେ ଯେପରି ତାଙ୍କର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ ହେବାକୁ ଦେଇନଥିଲେ । ଏତିକିବେଳେ ମୁଖିଆମାନେ ପିଲାମାନଙ୍କୁ ମନେପକାଇଦିଅନ୍ତି ଗୋରାଲୋକମାନେ ଉପନିବେଶବାଦ ଦ୍ୱାରା ଆମ ପୂର୍ବପୁରୁଷମାନଙ୍କୁ ଅସମ୍ମାନ କରିଥିବା କଥା । ବହିରେ ଏ ବିଷୟରେ ଯେପରି ଭାବେ ଲେଖାଯାଇଛି ସେପରି କିନ୍ତୁ ସେମାନେ କହନ୍ତି ନାହିଁ । ଅଧିକାଂଶ ଭାରତୀୟ ପଢିବା ଓ ଲେଖିବା ଜାଣନ୍ତି ନାହିଁ ଏବଂ ସେମାନଙ୍କ ଉପରେ ବହି ଅଛି, ଏ କଥା ମଧ ଜାଣନ୍ତି ନାହିଁ ।

ମୁହଁରୁ ମୁହଁହୋଇ ପୁରୁଷାନୁକ୍ରମିକ ଭାବେ ଏକଥା ଗଡ଼ିଆସିଛି ତାଙ୍କ ପାଖକୁ । ସ୍ପେନର ଲୋକମାନେ କିପରି ତାଙ୍କର ପୂର୍ବପୁରୁଷମାନଙ୍କ ମଧରୁ ସବୁଠାରୁ ଭଲ ଓ ନିରୀହ ଲୋକମାନଙ୍କୁ ଅସମ୍ମାନ କରିଥିଲେ ସେକଥା ସେମାନଙ୍କୁ କୁହାଯାଏ । ଏହି ନିରୀହ ଲୋକମାନଙ୍କର ସ୍ମୃତିକୁ ସମ୍ମାନ ଦେଖାଇବା ପାଇଁ ଆମକୁ ଆମର ଗୋପନୀୟତା ରକ୍ଷା କରିବାପାଇଁ ପଡ଼ିବ । ଆମ ଭାରତୀୟଙ୍କୁ ଛାଡ଼ି ଆଉ କେହି ଏକଥା ଜାଣିବେ ନାହିଁ । ଏହିପରି ସେମାନେ ଆମର ପୂର୍ବପୁରୁଷମାନଙ୍କ ସମ୍ପର୍କରେ ଅନେକ କଥା କହନ୍ତି । ଦଶବର୍ଷ ପୂର୍ତ୍ତିର ଏହି ଉତ୍ସବାନୁଷ୍ଠାନରେ ବୟସ୍କଲୋକମାନଙ୍କୁ ସମ୍ମାନ କରିବାକୁ ହେବ ବୋଲି ପିଲାମାନଙ୍କୁ ଆଉଥରେ ମନେପକାଇ ଦିଆଯାଏ, ଯଦିଓ ଶୈଶବାବସ୍ଥାରୁ ଏହି କଥାହିଁ ବାରମ୍ବାର ବାପା-ମା କହି ଆସୁଥାନ୍ତି । ଉଦାହରଣ ସ୍ୱରୂପ, ଯଦି ଜଣେ ବୟସ୍କ ଲୋକ ରାସ୍ତାରେ ଯାଉଥିବେ, ପିଲାମାନେ ତାଙ୍କୁ ଆଗ ଚାଲିଯିବା ପାଇଁ ସୁଯୋଗ ଦେବାପାଇଁ ପଡ଼ିବ । ବୟସ୍କ ଲୋକଙ୍କୁ ଆମେ ମୁଣ୍ଡ ନୁଆଁଇ ଅଭିବାଦନ କରିବାକୁ ବାଧ । ଯେତେ ଛୋଟପିଲା ହେଲେ ମଧ ଏହା କରିବାକୁ ପଡ଼ିବ । ଗର୍ଭବତୀ ସ୍ତ୍ରୀ ଲୋକଙ୍କୁ ମଧ ଆମେ ସମ୍ମାନ ଦେଖାଉ । ଆମେ ଯେତେବେଳେ ଖାଦ୍ୟ ତିଆରି କରୁ, ପଡ଼ୋଶୀଘରେ କେହି ଗର୍ଭବତୀ ସ୍ତ୍ରୀ ଥିଲେ ତାଙ୍କପାଇଁ କିଛି ଖାଦ୍ୟ ଅଲଗା କରି ରଖୁ ।

ଝିଅଟିଏ ଜନ୍ମହେଲେ ଧାଈ ତା'ର ନାହି କାଟିବାବେଳେ କାନଦୁଇଟାକୁ ମଧ ଫୋଡ଼ି ଦିଏ । ଯେଉଁ ଛୋଟ ମୁଣିଟି ତା'ବେକରେ ଝୁଲାଇ ଦିଆଯାଏ ଏବଂ ଯେଉଁ ସୂତାରେ ତା'ର ନାହି ବନ୍ଧାଯାଏ, ଉଭୟର ରଙ୍ଗ ଲାଲ । ଆମପାଇଁ ଲାଲ ଏକ ବିଶିଷ୍ଟ ରଙ୍ଗ । ଏହା ଉତ୍ତାପ, ଶକ୍ତି ଏବଂ ସମସ୍ତ ଜୀବନ୍ତ ଜିନିଷକୁ ବୁଝାଏ । ଏହାର ସମ୍ପର୍କ ରହିଛି ସୂର୍ଯ୍ୟ ସହିତ, ଯେ ଆମ ପାଇଁ ଈଶ୍ୱରପ୍ରାପ୍ତିର ରାସ୍ତା ଏବଂ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ରବିନ୍ଦୁ । ତେଣୁ ନାଲି ରଙ୍ଗ ଉତ୍ତାପ ଏବଂ ଅଗ୍ନିକୁ ସୂଚାଇଦିଏ । ଏହି ରଙ୍ଗ ହିଁ ଶିଶୁକୁ ଜୀବନ ଦିଏ । ଏବଂ ଏହା ସହିତ ସବୁ ଜୀବନ୍ତ ପଦାର୍ଥକୁ ସମ୍ମାନ ଦେବା ପାଇଁ ଶିଖାଏ । ଶିଶୁ ପାଇଁ ସ୍ୱତନ୍ତ୍ର ଲୁଗା ନ ଥାଏ । ସ୍ତ୍ରୀ

Digitized by srujanika@gmail.com

ଲୋକମାନେ ବ୍ୟବହାର କରୁଥିବା ପୋଷାକର ଗୋଟିଏ ଅଂଶ କାଟି ସେଥିରେ ପିଲାଟିକୁ ଘୋଡେଇ ଦିଆଯାଏ । ପୁରୁଷକୁ ସବୁ କଠିନ କାର୍ଯ୍ୟ କରିବାକୁ ପଡ଼େ ଏବଂ ଦାୟିତ୍ୱ ନେବାକୁ ପଡ଼େ । ଏହି କାରଣରୁ ପୁଅଟିଏ ଜନ୍ମ ହେଲେ ସ୍ୱତନ୍ତ୍ର ଉତ୍ସବ ମାନ ହୁଏ । ଆମ ଭିତରେ ପୁରୁଷମାନଙ୍କର ପ୍ରାଧାନ୍ୟ ଯେ ନାହିଁ ତା ନୁହେଁ, କିନ୍ତୁ ସମାଜ ପାଇଁ ଏହା କୌଣସି ସମସ୍ୟା ସୃଷ୍ଟି କରେ ନାହିଁ । ଏହା ଆମ ଚଳଣିରେ ମିଶି ରହିଛି । ପୁତ୍ର ସନ୍ତାନ ହୋଇଥିଲେ ସେ ତା ମା' ସହିତ ଏକୁଟିଆ ଅଧିକ ଗୋଟିଏ ଦିନ ରହିବାର ସୁଯୋଗ ପାଏ । ପୁଅଟିଏ ଜନ୍ମ ହେଲେ ଗୋଟିଏ ମେଣ୍ଢା ବା କୁକୁଡ଼ା ମାରିବା ଏକ ସାଧାରଣ ପରମ୍ପରା । ଖାଦ୍ୟ ଜିନିଷରେ ପୁଅର ଭାଗ ଅଧିକ, ଯେହେତୁ ସେ ଅଧିକ ପରିଶ୍ରମ କରିବ ଓ ଅଧିକ ଦାୟିତ୍ୱ ନେବ । ସେ ନିଜ ଘରର ମୁଖିଆ ମଧ୍ୟ ହେବ । ଏହାକୁ ଖରାପ ଅର୍ଥରେ ବୁଝିବା ଠିକ୍ ହେବ ନାହିଁ । ପୁଅମାନଙ୍କୁ ପ୍ରାଧାନ୍ୟ ଦିଆଯାଏ, ଏହାର ଅର୍ଥ ନୁହେଁ ଝିଅମାନେ ଅଲୋଡ଼ା । ସେମାନଙ୍କ କାମ ମଧ୍ୟ କଠିନ ଏବଂ ମା' ଭାବରେ ସେମାନଙ୍କର ଅନେକ କିଛି ଦାୟିତ୍ୱ ଥାଏ । ଝିଅମାନେ ହେଉଛନ୍ତି ଧରିତ୍ରୀ ମାତାର ଗୋଟିଏ ଅଂଶ, ଯେଉଁ ଧରିତ୍ରୀ ଆମକୁ ମକା, ବିନ୍, ଏବଂ ଆମ ଜୀବନ ଧାରଣ ପାଇଁ ନିର୍ଭର କରୁଥିବା ସବୁ ଉଦ୍ଭିଦର ଜନ୍ମଦାତ୍ରୀ । ଧରିତ୍ରୀ ମା' ଭଳି ଜୀବନକୁ ବୃଦ୍ଧି କରାଏ । କନ୍ୟା ସନ୍ତାନଟି କେବଳ ଆମ ପୁରୁଷର ଜୀବନକୁ ନୁହେଁ, ଯେଉଁ ପୂର୍ବ ପୁରୁଷଙ୍କୁ ଆମେ ଏତେ ସମ୍ମାନ କରୁ ସେମାନଙ୍କର ଜୀବନକୁ ମଧ୍ୟ ବୃଦ୍ଧି କରେ । ତେଣୁ ଝିଅମାନଙ୍କୁ ଗୁରୁତ୍ୱ ଦିଆଯାଏ ।

ଉଭୟ ଝିଅ ଓ ପୁଅ ଏକାଭଳି ଗୋଷ୍ଠୀ ସହିତ ଏକୀଭୂତ ହୋଇଯାଆନ୍ତି । ସେମାନେ ପରସ୍ପରର ପରିପୂରକ । ତଥାପି ପୁତ୍ର ସନ୍ତାନଟିଏ ଜନ୍ମହେଲେ ଗୋଷ୍ଠୀ ଅଧିକ ଖୁସି ହୁଏ ଏବଂ ପୁରୁଷମାନେ ଅଧିକ ଗର୍ବ ଅନୁଭବ କରନ୍ତି । ଗୋଡ଼ ଓ ହାତ ବାନ୍ଧିବା ଭଳି ପ୍ରଥା ଉଭୟ ପୁଅ ଓ ଝିଅଙ୍କ ପ୍ରତି ଲାଗୁ ହୁଏ ।

ଶିଶୁମାନେ ମା'ର ସ୍ତନ୍ୟପାନ କରନ୍ତି । ଅନ୍ୟ ଯେ କୌଣସି ଖାଦ୍ୟଠାରୁ ଏହା ଉତ୍କୃଷ୍ଟ । କିନ୍ତୁ ସବୁଠାରୁ ବଡ଼କଥା ହେଉଛି ଗୋଷ୍ଠୀ ମନୋଭାବ । ଏହା ଆମ ସମସ୍ତଙ୍କ ମଧ୍ୟରେ ଅଛି । ପ୍ରଥମ ଦିନରୁ ହିଁ ଶିଶୁଟି କେବଳ ବାପା ମା'ଙ୍କର ନୁହେଁ, ସମଗ୍ର ଗୋଷ୍ଠୀର । ସେ ସମସ୍ତଙ୍କ ଠାରୁ ଶିକ୍ଷାଲାଭ କରେ । ବାସ୍ତବରେ ଏହି ବିଷୟରେ ଆମେ ବୁର୍ଜୁଆଙ୍କ ପରି ବ୍ୟବହାର କରିଥାଉ । ପିଲାଟି ଜନ୍ମହେବା ମାତ୍ରେ ଆମେ ତାରି ଶିକ୍ଷା ଓ ଭବିଷ୍ୟତ ବିଷୟରେ ଚିନ୍ତା କରିବା ଆରମ୍ଭ କରିଦେଉ । ଆମ ଲୋକମାନେ ବିଶ୍ୱାସ କରନ୍ତି ବାସ୍ତବରେ ଗୋଷ୍ଠୀହିଁ ପିଲାଟିର ବିଦ୍ୟାଳୟ । ଏହି ବିଦ୍ୟାଳୟରେ ତାକୁ ଆମ ସମସ୍ତଙ୍କ ପରି ବଞ୍ଚିବା ଲାଗି ଶିଖିବାକୁ ପଡ଼ିବ । ଜନ୍ମ ସମୟରେ ଶିଶୁର ହାତକୁ ବାନ୍ଧିବା ଏହାକୁ ହିଁ ସୂଚାଇଦିଏ ଯେ, ଯାହା ଗୋଷ୍ଠୀର ଅନ୍ୟମାନଙ୍କ ପାଖରେ ନାହିଁ ସେପରି କୌଣସି ପଦାର୍ଥ କେହି ଠୁଳ କରିବ ନାହିଁ । ସେ ଅନ୍ୟମାନଙ୍କ ସହିତ ସବୁ କଥାରେ ଅଂଶୀଦାର ହେବାକୁ

Digitized by srujanika@gmail.com

ଶିଖିବ। ତା'ର ହାତ ଖୋଲା ରହିବ। ଦୟାବନ୍ତ ହେବାପାଇଁ ମା' ନିଶ୍ଚୟ ପିଲାକୁ ଶିଖାଇବ। ପ୍ରତ୍ୟେକ ଶିଶୁ ଗୋଷ୍ଠୀର ଅନ୍ୟ ସମସ୍ତଙ୍କ ପରି ବଞ୍ଚିବା ଲାଗି ଶିଖିବ। ଦୁଃଖ ଓ ଦାରିଦ୍ର୍ୟରୁ ହିଁ ଏପରି ଚିନ୍ତାଧାରା ସୃଷ୍ଟି।

ଆମକୁ ଗର୍ଭବତୀ ମହିଳାର ସାମନାରେ ବସି ଖାଇବା ମନା। ତା' ପାଇଁ ଯଦି କିଛି ଜିନିଷ ଆଣିଥିବ ତେବେ ଯାଇ ତା' ସାମନାରେ ବସି ଖାଇପାରିବ। ଏଥିରେ ବ୍ୟତିକ୍ରମ ହେଲେ ଗର୍ଭପାତ ହୋଇଯିବାର ଭୟଥାଏ। ଯଥେଷ୍ଟ ଖାଦ୍ୟ ନଥିଲେ ଶିଶୁଟିର କ୍ଷତି ହୋଇପାରେ, ଏହି ଆଶଙ୍କା ମଧ୍ୟ ଥାଏ। ତୁମେ ସ୍ତ୍ରୀ ଲୋକଟିକୁ ଜାଣିଛ କି ନାହିଁ ତାହା ବଡ଼କଥା ନୁହେଁ। ବଡ଼କଥା ହେଉଛି ସବୁଜିନିଷ ସମସ୍ତଙ୍କ ଭିତରେ ସମାନ ଭାବରେ ବଣ୍ଟାଯିବା କଥା। ଗର୍ଭବତୀ ସ୍ତ୍ରୀଟି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ, ଯେହେତୁ ସେ ଜଣେ ଲୋକ ନୁହେଁ, ଗର୍ଭସ୍ଥ ପିଲାଟିକୁ ମିଶାଇଲେ ସେମାନେ ଦୁଇଜଣ। ତାକୁ ସମ୍ମାନ କରିବାକୁ ପଡ଼ିବ ଯେମିତି ସେ ଏହାକୁ ବୁଝିବ ଏବଂ ତା' ପେଟରେ ଥିବା ପିଲାଟିକୁ ମଧ୍ୟ କହିପାରିବ। ସ୍ୱାଭାବିକ ଭାବରେ ତୁମେ ଭାବିବ ମା' ହେବାକୁ ଯାଉଥିବା ସ୍ତ୍ରୀ ଲୋକଟି ଯେପରି ଅନାଗତ ଶିଶୁଟିର ଗୋଟିଏ ପ୍ରତିମୂର୍ତ୍ତି। ତେଣୁ ସ୍ୱାଭାବିକ ଭାବରେ ତା'ପ୍ରତି ତୁମର ଶ୍ରଦ୍ଧା ଜାତ ହେବ। ଗର୍ଭବତୀ ସ୍ତ୍ରୀଟିର ବିଶ୍ରାମ ନେବା ଅଥବା ନିଜକୁ ଉପଭୋଗ କରିବାର ବେଶୀ ସୁଯୋଗ ନଥାଏ। ସେ ସବୁବେଳେ ବ୍ୟସ୍ତ ଓ ଉଦାସ ରହେ। ସେ ଯେତେବେଳେ ଟିକେ ଅଟକି ଯାଇ କାହାସହିତ କଥା ହେବାପାଇଁ ସୁଯୋଗ ମିଳେ, ଏହାହିଁ ତା'ପାଇଁ ଆରାମ କରିବାର ମୁହୂର୍ତ୍ତ।

ଯେତେବେଳେ ଶିଶୁଟି ଗୋଷ୍ଠୀରେ ଯୋଗଦିଏ, ତା ଚାରିପାଖରେ ମହମବତୀ ଜଳୁଥାଏ। ତା'ପାଖରେ ଥାଏ ଛାଇମୁଣିଟିଏ, କୋଦାଳ, କୁରାଢୀ, ଟାଙ୍ଗିଆ ଓ ସେ ଜୀବନରେ ଆବଶ୍ୟକ କରୁଥିବା ଅନ୍ୟସବୁ ଉପକରଣ। ଏସବୁ ହେବ ତାର ଖେଳସାଥି। ଛୋଟ ଝିଅଟିଏ ହୋଇଥିଲେ ତା'ପାଖରେ ରହିବ ଧୋଇବା ପାତ୍ର ଏବଂ ସେ ବଡ଼ ହେଲେ ଆବଶ୍ୟକ କରୁଥିବା ଅନ୍ୟସବୁ ଜିନିଷ। ସବୁ ଘରକରଣା ତାକୁ ଶିଖିବାକୁ ପଡ଼ିବ; ଧୋଇବା, ସଫା କରିବା, ଭାଇମାନଙ୍କ ପୋଷାକ ସିଲେଇ କରିବା ଇତ୍ୟାଦି। ପୁଅ ହେଲେ ତାକୁ ଗୋଟିଏ ପୁରୁଷଭଳି ବଞ୍ଚିବାପାଇଁ ଆରମ୍ଭ କରିବାକୁ ପଡ଼ିବ, ଦାୟିତ୍ୱ ନେବାକୁ ପଡ଼ିବ ଓ କ୍ଷେତରେ କାମ କରିବାପାଇଁ ପଡ଼ିବ। ଖେଳ ମାଧ୍ୟମରେ ହିଁ ଏସବୁ ଶିକ୍ଷା ଦିଆଯାଏ। ବାପା ମା' ଯେତେବେଳେ କିଛି କାମ କରନ୍ତି ତାର ଅର୍ଥକୁ ସେମାନେ ପିଲାମାନଙ୍କୁ ବୁଝାଇ ଦିଅନ୍ତି। ପ୍ରାର୍ଥନା ମଧ୍ୟ ଏହିପରି ଶିକ୍ଷା ଦିଆଯାଏ। ଏହା ଆମ ଲୋକଙ୍କ ପାଇଁ ଭାରି ଗୁରୁତ୍ୱପୂର୍ଣ୍ଣ। ମା' ଯେ କୌଣସି ସମୟରେ ପ୍ରାର୍ଥନା କରିପାରେ। ସକାଳେ ଉଠିବା ପୂର୍ବରୁ ସେ ଆସନ୍ନ ଦିନଟିକୁ କୃତଜ୍ଞତା ଜଣାଏ; ଯେହେତୁ ଏହା ତା'ର ପରିବାର ପାଇଁ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିନ ହୋଇପାରେ। ଚୁଲୀ ଜଳାଇବା ପୂର୍ବରୁ ସେ କାଠକୁ ନମସ୍କାର କରେ,

Digitized by srujanika@gmail.com

ଯେହେତୁ ତା'ରି ଅଗ୍ନିରେ ସମଗ୍ର ପରିବାର ପାଇଁ ଖାଦ୍ୟ ପ୍ରସ୍ତୁତ ହେବ । କନ୍ୟା ସନ୍ତାନଟି ମା'ର ନିକଟତମ ହୋଇଥିବାରୁ, ଏସବୁ କଥା ମା'ଠାରୁ ଶିଖେ । କଡ଼େଇକୁ ଧୋଇବା ପୂର୍ବରୁ ସ୍ତ୍ରୀଲୋକଟି ନିଜ ହାତକୁ କଡ଼େଇ ଭିତରେ ରଖେ । କଡ଼େଇରୁ ସବୁ ଜିନିଷ ବାହାର କରିବା ପରେ ତାକୁ ଭଲକରି ଧୋଇ ଦିଏ । ହାତକୁ ଫୁଙ୍କିବା ଅର୍ଥ, ତାର ପରିଶ୍ରମ ଫଳବତୀ ହେଉ, ଏହା ଆଶା କରିବା । ଏହି ସବୁ ଟିକିନିଖି କଥା ସେ ତା'ର ଝିଅକୁ ବୁଝାଇ ଦିଏ । ଝିଅଟି ମା'କୁ ଅନୁକରଣ କରି ସବୁ କଥା କରେ । ପୁରୁଷ ଲୋକମାନଙ୍କ କଥା ମଧ ଠିକ୍ ସେମିତି । ସକାଳେ ଯେତେବେଳେ କାମ ଆରମ୍ଭ କରନ୍ତୁ ନା କାହିଁକି, ପ୍ରଥମେ ସେମାନେ ସୂର୍ଯ୍ୟଙ୍କୁ ପ୍ରଣାମ କରନ୍ତି । ମୁଣ୍ଡରୁ ଟୋପି ବାହାରକରି ପ୍ରଥମେ ସୂର୍ଯ୍ୟ ସହିତ କଥା ହୁଅନ୍ତି । ସେମାନଙ୍କ ଟିକି ପୁଅମାନେ ମଧ ନିଜ ନିଜର ଛୋଟ ଟୋପି ବାହାର କରି ସୂର୍ଯ୍ୟ ସହିତ କଥାବାର୍ତ୍ତା କରନ୍ତି । ପ୍ରତ୍ୟେକ ସମ୍ପ୍ରଦାୟର ଭାବ ପ୍ରକାଶର ନିଜସ୍ୱ ଢଙ୍ଗ ରହିଛି । ଅନ୍ୟ ସମ୍ପ୍ରଦାୟର ପରମ୍ପରା ଆମ ଗୋଷ୍ଠୀର ପରମ୍ପରାଠାରୁ ଭିନ୍ନ । ଯେମିତି ଲୁଗା ବୁଣିବାର ପ୍ରଣାଳୀ । ଅନ୍ୟମାନେ ଆମଠାରୁ କିଛି ବିଷୟରେ ଅଲଗା ହୋଇ ପାରନ୍ତି, କିନ୍ତୁ ଆମର ସଂସ୍କୃତିରେ ଏକ ବିଶେଷ ଐକ୍ୟ ରହିଛି । ଆମ ଗୋଷ୍ଠୀର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଅଳ୍ପ କେତେଜଣ ବ୍ୟବସାୟ କରନ୍ତି । ଚାଷ କାମ ସରିବା ପରେ ହିଁ ବ୍ୟବସାୟ । ବେଳେବେଳେ ଫାର୍ମରୁ କାମ କରି ଫେରିବା ପରେ, ଗୋଟିଏ କ୍ଷୁଦ୍ର କ୍ଷେତରେ ନିଜକୁ ସୀମାବଦ୍ଧ ନକରି କେହି କେହି ଅନ୍ୟ ଜୀବନଟିଏ ଖୋଜେ; ହୁଏତ ଦୋକାନଟିଏ କରେ । କିନ୍ତୁ ଏହା ଦ୍ୱାରା ସକାଳ ସୂର୍ଯ୍ୟକୁ ପ୍ରଣାମ କରିବାର ଅଭ୍ୟାସ ବଦଳେ ନାହିଁ । ପୁରାତନ ପରମ୍ପରାରେ କିଛି ବ୍ୟତିକ୍ରମ ହୁଏ ନାହିଁ । ଆମ ସଂସ୍କୃତିର ପ୍ରତ୍ୟେକ ଅଂଶ ପୃଥିବୀରୁ ହିଁ ଆସିଛି । ମକା ଓ ବିନ୍‌ରୁହିଁ ଆମ ଧର୍ମର ସୃଷ୍ଟି । ଜଣେ ହୁଏତ କିଛି ଅର୍ଥ ଉପାର୍ଜନ କରିବ ବୋଲି ବାହାରି ପାରେ । କିନ୍ତୁ ନିଜ ସଂସ୍କୃତି ଯେ ମାଟି ଓ ପୃଥିବୀରୁ ସୃଷ୍ଟି, ଏକଥା ସେ କେବେ ଭୁଲେ ନାହିଁ ।

ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମର ଦାୟିତ୍ୱ ବଢେ । ନିଜେ ଯେପରି ଦାୟିତ୍ୱ ନିର୍ବାହ କରି ଆସିଛନ୍ତି, ସେହିପରି ଦାୟିତ୍ୱ ସମ୍ପାଦନ କରି ଚାଲିବା ପାଇଁ ବାପା ମା' ଶିକ୍ଷା ଦିଅନ୍ତି । ବଡ଼ ପୁଅ ଉପରେ ଘରର ଦାୟିତ୍ୱ ଥାଏ । ବାପାଙ୍କ ଦ୍ୱାରା ଯାହା ନହୋଇପାରେ ବଡ଼ ପୁଅହିଁ ତାକୁ ସମ୍ପୂର୍ଣ୍ଣ କରେ । ବାପାଙ୍କ ପରି ବଡ଼ ଭାଇ ଅନ୍ୟମାନଙ୍କ କଥା ବୁଝେ । ଘରେ କ'ଣ ଖାଇବାର ହେବ, କ'ଣ କିଣା ହେବ- ଏସବୁ ହିସାବ ମା' ରଖେ । କାହାରି ଦେହ ଖରାପ ହେଲେ ତାଙ୍କୁ ଔଷଧ ଆଣିବାକୁ ପଡ଼େ । କିନ୍ତୁ ବାପାଙ୍କୁ ମଧ ଅନେକ ସମସ୍ୟାର ସମାଧାନ କରିବାକୁ ପଡ଼େ । ଆମେ ସମସ୍ତେ ବଡ଼ ହେବା ବେଳକୁ ଦାୟିତ୍ୱର ନିଜ କ୍ଷୁଦ୍ର ଅଂଶଟିକୁ ତୁଲାଉ । ସନ୍ତାନ ଜନ୍ମ ହେବା ସମୟର ପ୍ରତିଶ୍ରୁତି ଓ ଆମ ପରମ୍ପରାର ପ୍ରବାହରୁ ହିଁ ଏଇ ଦାୟିତ୍ୱବୋଧର ସୃଷ୍ଟି । ଶିଶୁ ସନ୍ତାନଟି ଏପରି ଶିକ୍ଷା ପାଇଥାଏ ଯେ ସେ ନିଜ ପାଇଁ

Digitized by srujanika@gmail.com

ପ୍ରତିଶ୍ରୁତି ଦେଇ ପାରିବ । ମା' ଓ ବାପା ପୂର୍ବପୁରୁଷମାନେ କ'ଣ କରୁଥିଲେ ଓ ସେମାନଙ୍କୁ କ'ଣ କରିବାକୁ ପଡ଼ିବ, ଏହା ପିଲାମାନଙ୍କୁ ଶିଖାଇଥାନ୍ତି । ଏଥିରେ ବାଧବାଧକତା ନଥାଏ । ପୂର୍ବପୁରୁଷମାନଙ୍କର କାର୍ଯ୍ୟାବଳୀର ଉଦାହରଣ ହିଁ ଯଥେଷ୍ଟ । ଏହିପରି ଭାବରେ ଆମେ ଆମର କ୍ଷୁଦ୍ର ଦାୟିତ୍ୱ ସମ୍ପର୍କରେ ଶିକ୍ଷାଲାଭ କରୁ । ଉଦାହରଣ ସ୍ୱରୂପ ପରିବାରର ଝିଅଟି ପାଣି ବୋହିଆଣେ । ରାତିରେ ଗୃହପାଳିତ ପଶୁମାନେ ଘରକୁ ଆସିବାବେଳେ କୁକୁରକୁ ବାନ୍ଧି ରଖିବା ବା ହଜି ଯାଇଥିବା ଘୋଡ଼ାକୁ ଖୋଜି ଆଣିବା ଇତ୍ୟାଦି କାମ ପୁଅ ପିଲାର । ପୁଅ ଓ ଝିଅଙ୍କର ଦାୟିତ୍ୱ ସ୍ୱତନ୍ତ୍ର । ଏହାର କାରଣ ମଧ ସେମାନଙ୍କୁ ବୁଝାଇ ଦିଆଯାଏ । ଯଦି କେହି ନିଜ ଦାୟିତ୍ୱ ସମ୍ପାଦନ କରିବାରେ ଅବହେଳା କରନ୍ତି, ସେମାନଙ୍କୁ ତାଗିଦ୍ କରିବାର ଓ ଦଣ୍ଡ ଦେବାର ଅଧିକାର ବାପାଙ୍କର ରହିଛି । ତେଣୁ ସେମାନେ ଯେ କେବଳ ନିଜ ଦାୟିତ୍ୱ ସମ୍ପର୍କରେ ସତର୍କ ଥାଆନ୍ତି ତାହା ନୁହେଁ, କାହିଁକି ଓ କିପରି ସବୁ କାମ କରାଯିବ ତାହା ବାପା ମା' ସଠିକ୍ ଭାବରେ ବୁଝାଇ ଦିଅନ୍ତି । ମା' ଯେଉଁ ସବୁ କାମ କରୁଛନ୍ତି - କାହିଁକି କରୁଛନ୍ତି ଛୋଟ ଝିଅଟି ବୁଝେ । ସେ ପ୍ରଥମଥର ପାଇଁ ଯେତେବେଳେ ହାଣ୍ଡିକୁ ଚୂଲୀ ଉପରେ ରଖନ୍ତି, ତାହାକୁ ଗୋଟିଏ ଡ଼ାଳରେ ପାଞ୍ଚଥର ଛୁଇଁ ଦିଅନ୍ତି । ଏହାର ଅର୍ଥ ହେଲା ହାଣ୍ଡିଟି ଠିକ୍ ଖାଦ୍ୟ ରାନ୍ଧିବ ଏବଂ ବେଶୀ ଦିନ ଚାଲିବ । ଛୋଟ ଝିଅ ଯେତେବେଳେ ଏହା କାହିଁକି କରାଗଲା ବୋଲି ପ୍ରଶ୍ନ କରେ ମା' କହନ୍ତି : 'ହାଣ୍ଡି ନିଜ କାମଟିକୁ ବୁଝିବ - ଏବଂ ତାକୁ ଭଲ ଭାବରେ କରିବ - ସେଥିପାଇଁ ଡ଼ାଳରେ ପାଞ୍ଚଥର ଛୁଇଁ ତାକୁ ମନେ ପକାଇ ଦିଆଗଲା ।' ଛୋଟ ଝିଅଟି ଯେତେବେଳେ ନିଜେ ରାନ୍ଧିବାକୁ ଆରମ୍ଭ କରେ, ସେ ମଧ ଠିକ୍ ସେହିପରି କାମଟିକୁ ଆରମ୍ଭ କରେ । ଏହିପରି ଭାବରେ ଆମେ ଆମର ପରମ୍ପରାକୁ ରକ୍ଷା କରୁ ଏବଂ ପୂର୍ବପୁରୁଷମାନଙ୍କ ଗୋପନ କଥାକୁ ପରବର୍ତ୍ତୀ ବଂଶଧରମାନଙ୍କୁ ସମର୍ପି ଦେଉ ।

ଗୋଷ୍ଠୀର ନିର୍ବାଚିତ ମୁଖିଆମାନେ ଆମକୁ କହନ୍ତି ଯେ ଏସବୁ କଥା ଆମ ଜେଜେବାପାଙ୍କ ଠାରୁ ଆମ ପାଖକୁ ଆସିଛି ଏବଂ ଆମେ ତାକୁ ସଂରକ୍ଷଣ କରି ରଖିବା ଦରକାର । ଆମେ ଆଜି ଯାହାସବୁ କରୁଛୁ ପ୍ରାୟ ସେ ସମସ୍ତର ଭିତ୍ତି ହେଉଛି ଆମ ପୂର୍ବପୁରୁଷମାନେ କରିଯାଇଥିବା କାର୍ଯ୍ୟାବଳୀ । ମୁଖିଆଙ୍କର ଏହାହିଁ ପ୍ରଧାନ କାମ, ସେହିଁ ଆମ ପୂର୍ବପୁରୁଷମାନଙ୍କଠାରୁ ଗଡ଼ି ଆସିଥିବା ସବୁ ମୂଲ୍ୟବୋଧର ଆଧାର । ସେ କେବଳ ଗୋଷ୍ଠୀର ମୁଖ୍ୟ ନୁହନ୍ତି, ସେ ସବୁ ପିଲାଙ୍କ ପିତୃତୁଲ୍ୟ । ଏଥିପାଇଁ ତାଙ୍କୁ ଏକ ଆଦର୍ଶ ଜୀବନ ଯାପନ କରିବାକୁ ପଡ଼େ । ସର୍ବୋପରି ସମଗ୍ର ଗୋଷ୍ଠୀ ପ୍ରତି ତାଙ୍କର ଏକ ଦାୟିତ୍ୱ ରହିଛି । ଆଜି ଯାହାକିଛି କରାଯାଉନା କାହିଁକି ସେ ସବୁ ହଜିଯାଇଥିବା ପୂର୍ବପୁରୁଷମାନଙ୍କର ସ୍ମୃତିରେ ହିଁ ହେଉଛି । ▢

Digitized by srujanika@gmail.com

୩

ଗୋତ୍ର: ନହୁଆଲ୍

'ମଣିଷ ଥାଇବି ପଶୁ ହୋଇଯିବା ।'

'ଜନ୍ମବେଳେ ଜନ୍ମଦାତାମାନଙ୍କ ଇଚ୍ଛାରେ ତାଙ୍କ ମଧରେ ମନୁଷ୍ୟତ୍ୱ ଓ ପଶୁତ୍ୱ ଏକାଠି ରହିଛନ୍ତି ।'

ମିଗୁଏଲ ଆଞ୍ଜେଲ ଆଷ୍ଟୁରିଆସ: *ମେନ୍ ଅଫ୍ ମେଜ*

ପ୍ରତ୍ୟେକ ଶିଶୁ ଗୋଟିଏ ଗୋତ୍ର ନେଇ ଜନ୍ମ ହୁଏ । ଗୋତ୍ର ଏକ ଛାଇ ଭଳି । ଏହା ଶିଶୁ ପାଇଁ ଏକ ପରିତ୍ରାଣକାରୀ ଶକ୍ତି ଯାହା ଜୀବନ ତମାମ ତାହା ସହିତ ରହିବ । ନହୁଆଲ ହେଉଛି ପୃଥିବୀ, ପଶୁଜଗତ, ସୂର୍ଯ୍ୟ ଓ ଜଳର ପ୍ରତିନିଧି, ଏବଂ ଏହି ଭାବରେ ହିଁ ପିଲାଟି ପ୍ରକୃତି ସହିତ ଯୋଗାଯୋଗ କରେ । ନହୁଆଲ ଆମର ଏକ ପ୍ରତିରୂପ; ଏହା ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନହୁଆଲ କିପରି ହୋଇଥିବ ଆମେ ମନେମନେ ତାହାର ଏକ କାଳ୍ପନିକ ଚିତ୍ର ଆଙ୍କିଥାଉ । ଏହା ସାଧାରଣତଃ ଗୋଟିଏ ପଶୁ ହିଁ ହୋଇଥାଏ । ପିଲାଟିକୁ ଶିକ୍ଷା ଦିଆଯାଏ ଯଦି ସେ କୌଣସି ପଶୁକୁ ମାରେ, ସେ ପଶୁଟି ଯେଉଁ ମଣିଷର ନହୁଆଲ୍ ହୋଇଥିବ ସେ ଲୋକ ତାକୁ ଖୁବ୍ ରାଗିବ । ପ୍ରତ୍ୟେକ ପଶୁର ଗୋଟିଏ ମଣିଷ ସହିତ ସମ୍ପର୍କ ରହିଛି ଏବଂ ମଣିଷକୁ ଆଘାତ ଦେଲେ, ପଶୁଟିକୁ ମଧ ଆଘାତ ଲାଗେ ।

ଆମ ଦିନଗୁଡ଼ିକୁ କୁକୁର, ବିରାଡ଼ି, ଷଣ୍ଢ, ପକ୍ଷୀ- ଏପରି ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଦିନପାଇଁ ଗୋଟିଏ ନହୁଆଲ୍ ଅଛି । ଯଦି ଗୋଟିଏ ପିଲା ବୁଧବାର ଦିନ ଜନ୍ମ ହୁଏ, ମେଣ୍ଢା ହେଉଛି ତା'ର ନହୁଆଲ୍ । ତା'ର ଜନ୍ମବାର ଦ୍ୱାରାହିଁ ନହୁଆଲ୍ ନିର୍ଣ୍ଣିତ ହୁଏ । ବୁଧବାର ଦିନ ଜନ୍ମହୋଇଥିବା ପିଲାପାଇଁ ପ୍ରତ୍ୟେକ ବୁଧବାର ସ୍ୱତନ୍ତ୍ର । ଗୋଟିଏ ପିଲାର ବ୍ୟବହାର କିପରି ହେବ; ସପ୍ତାହର ସେ ଯେଉଁ ବାରରେ ଜନ୍ମ ହୋଇଛି ସେଥିରୁ ବାପା, ମା ଜାଣନ୍ତି । ମଙ୍ଗଳବାର ଦିନ ଜନ୍ମହେବା ଖରାପ ଯେହେତୁ ସେଇଦିନ ଜନ୍ମହୋଇଥିବା ପିଲା କ୍ଷଣକୋପୀ ହୁଏ । ଷଣ୍ଢ ହେଉଛି ମଙ୍ଗଳବାରର ନହୁଆଲ୍ ଏବଂ ଷଣ୍ଢମାନେ ସାଧାରଣତଃ କ୍ରୋଧୀ ହୋଇଥାନ୍ତି । ବିରାଡ଼ି ଯେଉଁ ପିଲାର ନହୁଆଲ୍ ହୋଇଥିବ ସେ ସବୁବେଳେ ତା' ଭାଇଭଉଣୀମାନଙ୍କ ସହିତ କଳି କରିବ ।

Digitized by srujanika@gmail.com

ଆମ ପୂର୍ବପୁରୁଷମାନଙ୍କ ପରି ଆମର ଦଶଟି ପବିତ୍ର ଦିନ ଅଛି । ଏହି ଦଶଟି ଦିନ ମଧ୍ୟରୁ ପ୍ରତ୍ୟେକର ନହୁଆଲ୍ ଅଛି । ତାହା କୁକୁର, ବିରାଡ଼ି, ଘୋଡ଼ା, ଷଣ୍ଢ ହୋଇପାରେ କିମ୍ବା ସିଂହ ପରି କୌଣସି ହିଂସ୍ର ପଶୁ ମଧ ହୋଇପାରେ । ଗଛମାନେ ମଧ ନହୁଆଲ୍ ହୋଇପାରିବେ, କେବଳ ସେହି ଗଛ ଯାହାକୁ ଆମ ପୂର୍ବପୁରୁଷମାନେ ଶହ ଶହ ବର୍ଷ ପୂର୍ବେ ବାଛିଯାଇଛନ୍ତି । ନହୁଆଲ୍ ସବୁବେଳେ କେବଳ ଗୋଟିଏ ପଶୁ ନହୋଇ ପାରେ । ଉଦାହରଣ ସ୍ୱରୂପ ନ'ଅଟି କୁକୁର ମିଶି ଗୋଟିଏ ନହୁଆଲ୍ ହୋଇପାରନ୍ତି । ଘୋଡ଼ା କ୍ଷେତ୍ରରେ ତିନୋଟି ଘୋଡ଼ା ମିଶି ଗୋଟିଏ ନହୁଆଲ୍ ହୁଅନ୍ତି । ଏଥିରେ ଏତେ ପାର୍ଥକ୍ୟ ଥାଏ ଯେ କେବଳ ବାପା ମା' ମାନେହିଁ ଦଶଟି ସ୍ୱତନ୍ତ୍ର ଦିନର ନହୁଆଲ୍ ଏବଂ ସେମାନଙ୍କର ସଂଖ୍ୟା ଜାଣିଥାଆନ୍ତି । ଆମପାଇଁ ବୁଧବାର, ସୋମବାର, ଶନିବାର ଓ ରବିବାର ହେଉଛି ଶାନ୍ତ ଦିନ । ମେଣ୍ଢା ବା ଚଢେଇ କିମ୍ବା ଯେଉଁ ପଶୁମାନେ ଅନ୍ୟପଶୁମାନଙ୍କର କ୍ଷତି କରନ୍ତି ନାହିଁ ସେମାନେ ହେଉଛନ୍ତି ଏହି ଦିନଗୁଡ଼ିକର ନହୁଆଲ୍ ।

ବିବାହ ପୂର୍ବରୁ ଏସବୁ କଥା ତରୁଣମାନଙ୍କୁ ବୁଝେଇ ଦିଆଯାଏ ଯେପରି ସେମାନଙ୍କର ପିଲା ଜନ୍ମହେବା ବେଳକୁ ସେମାନେ ଜାଣିବେ କେଉଁ ପଶୁ କେଉଁ ଦିନର ପ୍ରତିନିଧିତ୍ୱ କରେ । ଗୋଟିଏ ଖୁବ୍ ଜରୁରୀ କଥା ସେମାନଙ୍କୁ ମନେ ରଖିବାକୁ ପଡ଼େ । ତାହାହେଲା ପିଲାଟି ବଡ଼ ନହେବା ପର୍ଯ୍ୟନ୍ତ ତା'ର ନହୁଆଲ୍ କ'ଣ ତାକୁ କୁହାଯିବ ନାହିଁ । ଆମର ବ୍ୟକ୍ତିତ୍ୱ ଗଠନ ହୋଇଯିବା ପରେ ଏବଂ ସାଧାରଣତଃ ଆମର ବ୍ୟବହାର କିପରି ହେଉଛି ତାହା ଜାଣିବା ପରେ ହିଁ ବାପା ମା' ମାନେ ଆମର ନହୁଆଲ୍ ବିଷୟରେ ଆମକୁ କହିଥାନ୍ତି ।

କାଳେ ଗୋଟିଏ ପିଲା ନହୁଆଲ୍‌ର ସୁଯୋଗ ନେଇ ତା'ର ଆଚରଣକୁ ଯଥାର୍ଥ ବୋଲି ଭାବିବ, ସେଥିପାଇଁ ଏହା କରାଯାଇଥାଏ । ଉଦାହରଣ ସ୍ୱରୂପ ତା'ର ନହୁଆଲ୍ ଯଦି ଷଣ୍ଢ ହୋଇଥାଏ, ସେ ହୁଏତ ଲଢେଇ କରିବାକୁ ଭଲ ପାଇବ ଏବଂ କହିବ: 'ମୁଁ ଅମୁକ ପଶୁ ହୋଇଥିବାରୁ ଏପରି ବ୍ୟବହାର କରୁଛି ଏବଂ ତୁମକୁ ତାହା ସହ୍ୟ କରିବାକୁ ପଡ଼ିବ ।' ଯଦି ଗୋଟିଏ ପିଲା ତା'ର ନହୁଆଲ୍ ଜାଣିନଥିବ ସେ ତାହାକୁ ଏକ ବାହାନା ଭାବରେ ବ୍ୟବହାର କରିପାରିବ ନାହିଁ । ତାକୁ ସେହି ପଶୁ ସହିତ ତୁଳନା କରାଯାଇପାରେ; କିନ୍ତୁ ତା ମାନେ ନୁହେଁ ଯେ ସେ ଓ ତା' ନହୁଆଲ୍ ଏକ ଓ ଅଭିନ୍ନ । ଛୋଟ ପିଲାମାନେ ତାଙ୍କ ବଡ଼ଭାଇ ଓ ଭଉଣୀ ମାନଙ୍କର ନହୁଆଲ୍ ସମ୍ପର୍କରେ କିଛି ଜାଣନ୍ତି ନାହିଁ । ପରିପକ୍ୱତା ହାସଲ କଲେ ବା ଦଶବାର ବର୍ଷର ହୋଇଗଲେ ସେମାନଙ୍କୁ ନହୁଆଲ୍ ବିଷୟରେ କୁହାଯାଏ । ଏକଥା କହିବାବେଳେ ଯେଉଁ ପିଲାର ଯାହା ନହୁଆଲ୍ ହୋଇଥିବ ସେହି ପଶୁଟିକୁ ତାକୁ ଉପହାର ଭାବରେ ଦିଆଯାଏ । କିନ୍ତୁ ନହୁଆଲ୍ ଯଦି ସିଂହ ହୋଇଥାଏ ଏହା ବଦଳରେ ଆଉ କିଛି ଦିଆଯାଏ । କେବଳ ଆମର ବାପା ମା' କିମ୍ବା ହୁଏତ ଗୋଷ୍ଠୀର ଅନ୍ୟ ଯେଉଁମାନେ ଆମ

Digitized by srujanika@gmail.com

ଜନ୍ମ ସମୟରେ ଉପସ୍ଥିତ ଥାନ୍ତି ସେହି ମାନେ ହିଁ ଆମ ଜନ୍ମର ବାରଟିକୁ ଜାଣନ୍ତି । ଅନ୍ୟ ଗାଁର ଲୋକମାନେ ଏହା ଜାଣିନଥାନ୍ତି ଏବଂ ସେମାନଙ୍କ ସହିତ ଯଦି ଅନ୍ତରଙ୍ଗ ବନ୍ଧୁତା ହୁଏ ତେବେ ଯାଇ ସେମାନଙ୍କୁ ଏହି ବିଷୟରେ କୁହାଯାଏ । ଗୋଟିଏ ବାରର ସ୍ୱତନ୍ତ୍ର ଅର୍ଥ ରହିବ ଯଦି ଗୋଟିଏ ପିଲା ସେହିଦିନ ଜନ୍ମହେବ । ଯଦି ମଙ୍ଗଳବାର କେହି ପିଲା ଜନ୍ମ ନହୁଅନ୍ତି, ଏହି ବାରରେ କାହାରି ଆଗ୍ରହ ନଥାଏ । ସେଦିନ କୌଣସି ଉତ୍ସବ ହୁଏନାହିଁ । ଗୋଟିଏ ପଶୁକୁ ଭଲ ଭାବରେ ଜାଣିବା ପୂର୍ବରୁ ତାହାଯଦି ଆମର ନହୁଆଲ୍ ହୋଇଥାଏ, ଆମେ ତାକୁ ଭଲ ପାଇ ବସୁ । ଯଦିଓ ଆମେ ସମଗ୍ର ପ୍ରକୃତି ଓ ପୃଥିବୀକୁ ଭଲପାଉ, ସେହି ନିର୍ଦ୍ଦିଷ୍ଟ ପଶୁପ୍ରତି ଅନ୍ୟମାନଙ୍କ ଅପେକ୍ଷା ଆମେ ବେଶୀ ଆକର୍ଷିତ ହୋଇଥାଉ । ଆମେ ତାକୁ ଭଲ ପାଇ ବସୁ । ତା'ପରେ ହଠାତ୍ ଦିନେ ଆମକୁ କୁହାଯାଏ ଯେ ସେହି ପଶୁଟି ହେଉଛି ଆମର ନହୁଆଲ୍ । ଏ ପୃଥିବୀରେ ଯେତେ ରାଜ୍ୟ ରହିଛି, ସେ ସବୁର ମଣିଷ ସହିତ ସମ୍ପର୍କ ରହିଛି । ମଣିଷ ହେଉଛି ପ୍ରାକୃତିକ ପୃଥିବୀର ଗୋଟିଏ ଅଙ୍ଗ । ମଣିଷ ପାଇଁ ଗୋଟିଏ ପୃଥିବୀ ଏବଂ ପଶୁମାନଙ୍କ ପାଇଁ ଆଉ ଗୋଟିଏ ପୃଥିବୀ ନାହିଁ । ସେମାନେ ଗୋଟିଏ ପୃଥିବୀର ଅଙ୍ଗ ବିଶେଷ ଏବଂ ଗୋଟିଏ ପୃଥିବୀରେ ହିଁ ସେମାନେ ସମାନ୍ତରାଳ ଜୀବନଯାପନ କରନ୍ତି । ଆମ ସାଙ୍ଗା ଗୁଡ଼ିକରେ ମଧ୍ୟ ଆମେ ଏହା ଦେଖିପାରିବା । ଆମ ମଧ୍ୟରୁ ଅନେକଙ୍କର ସାଙ୍ଗା ପଶୁମାନଙ୍କ ନାଁରେ ହୋଇଛି । 'କ୍ୱେଜ' ଅର୍ଥାତ୍ ଘୋଡ଼ା ଏହି ପରି ଏକ ସାଙ୍ଗା ।

ଆମେ ଭାରତୀୟମାନେ ସବୁବେଳେ ଆମର ପରିଚୟକୁ ଲୁଚାଇ ଆସିଛୁ ଏବଂ ନିଜର ଗୋପନ କଥା ସବୁ ଆଉ କାହାକୁ କହିନାହୁଁ । ଏହି କାରଣରୁ ଆମକୁ ଏତେ ପକ୍ଷପାତ କରାଯାଇଛି । ଅନେକ ସମୟରେ ନିଜ ବିଷୟରେ କହିବା ପାଇଁ ଆମକୁ ଭାରି କଷ୍ଟ ହୁଏ । ଆମ ଭାରତୀୟ ସଂସ୍କୃତିକୁ ବଞ୍ଚାଇ ରଖିବା ଓ ତାକୁ ଯେପରି ଆମଠାରୁ କେହି ନେଇଯାଇ ନପାରନ୍ତି ସେଥିପାଇଁ ଆମକୁ ଏତେକଥା ଲୁଚାଇବାକୁ ପଡ଼େ,ତାହା କେବଳ ଆମେ ହିଁ ଜାଣୁ । ତେଣୁ ନହୁଆଲ୍ ସମ୍ପର୍କରେ ସାଧାରଣ କେତୋଟି କଥା ମାତ୍ର ମୁଁ ତୁମକୁ କହିପାରିବି । ମୋର ନହୁଆଲ୍ କ'ଣ ତାହା ମୁଁ ତୁମକୁ କହିପାରିବି ନାହିଁ । ତାହା ହେଉଛି ଏକାନ୍ତ ଗୋପନୀୟ । ❒

Digitized by srujanika@gmail.com

୪
ଫିନ୍‌କାକୁ ପ୍ରଥମ ଯାତ୍ରା : ଫିନ୍‌କାରେ ଚଳଣି

'ଏହି କାରଣରୁ ଆମ ଲୋକଙ୍କ ହୃଦୟ ଜିଣିବାର ଆଶା ନାହିଁ ।'
ରିଗୋବେର୍ଟା ମେଞ୍ଚୁ

ଚାଳିଶି ଦିନ ପରେ ଶିଶୁଟି ଯେତେବେଳେ ଗୋଷ୍ଠୀ ସହିତ ସମ୍ପୂର୍ଣ୍ଣଭାବେ ମିଶିଯାଏ, ଫିନ୍‌କାକୁ ଯିବାର ଗତାନୁଗତିକତା ଆରମ୍ଭ ହୁଏ ।

ମୁଁ ଯେତେବେଳେ ଖୁବ୍ ଛୋଟ ଥିଲି, ମୋ ମା' ମୋତେ ଗୋଟିଏ ଶାଲ୍‌ରେ ତାଙ୍କ ପିଠିରେ ଝୁଲାଇ ଫିନ୍‌କାକୁ ନେଇଯାଉଥିଲେ । ସେ ମୋତେ କହୁଥିଲେଯେ ମୋତେ ଯେତେବେଳେ ମାତ୍ର ଦୁଇ ବର୍ଷ ହୋଇଥିଲା । ମୁଁ ମୋଟେ ଟ୍ରକ୍‌ରେ ଯିବାକୁ ଚାହୁଁନଥିଲି ଏବଂ ଟ୍ରକ୍‌ରେ ଯିବାପାଇଁ ବାଧ କଲେ ଚିତ୍କାର କରୁଥିଲି । ମୁଁ ଏତେ ଡ଼ରିଯାଇଥିଲି ଯେ ଅନେକ ସମୟ ପର୍ଯ୍ୟନ୍ତ କାନ୍ଦିବା ବନ୍ଦ କରିନଥିଲି । ଟ୍ରକ୍‌ରେ ଆମର ଯାତ୍ରା ମୋର ଖୁବ୍ ଭଲ ଭାବରେ ମନେ ଅଛି । ଏହା କ'ଣ ମୁଁ ଜାଣିନଥିଲି, କିନ୍ତୁ ଏତିକି ଜାଣିଥିଲି ଯେ ମୁଁ ତାକୁ ଖୁବ୍ ଘୃଣା କରୁଥିଲି ଯେହେତୁ ବାଜେ ଗନ୍ଧ ହେଉଥିବା ସବୁ ଜିନିଷକୁ ମୁଁ ଘୃଣା କରେ । ଟ୍ରକରେ ପ୍ରାୟ ଚାଳିଶିଜଣ ଲୋକ ବସି ପାରନ୍ତି । କିନ୍ତୁ ଏଥିରେ କେବଳ ମଣିଷ ଯାଆନ୍ତି ନାହିଁ, ତାଙ୍କ ସହିତ କୁକୁର, ବିରାଡ଼ି, କୁକୁଡ଼ା ମଧ ଯାଆନ୍ତି । ଏସବୁ ଫିନ୍‌କାରେ କାମରେ ଲାଗନ୍ତି । ଗୃହପାଳିତ ପଶୁମାନଙ୍କୁ ସାଙ୍ଗରେ ହିଁ ନେଇ ଯିବାକୁ ପଡ଼େ । ବେଳେବେଳେ ଆମଗାଁରୁ ସମୁଦ୍ରକୂଳରେ ପହଞ୍ଚିବା ପାଇଁ ଦୁଇରାତି ଓ ଗୋଟିଏ ଦିନ ଲାଗିଯାଉଥିଲା । ଯାତ୍ରା ସମୟରେ ଛୋଟପିଲା ଓ ପଶୁମାନେ ଟ୍ରକ୍‌କୁ ଅପରିଷ୍କାର କରି ପକାଉଥିଲେ ଏବଂ ବୟସ୍କ ଲୋକମାନେ ମଧ ସେଥିରେ ବାନ୍ତି ଓ ପରିସ୍ରା କରିବା ସାଧାରଣ କଥା ଥିଲା । ଯାତ୍ରା ସରିବା ବେଳକୁ ସମଗ୍ର ପରିବେଶ ପୂତିଗନ୍ଧମୟ ହୋଇ ଅସହ୍ୟ ହୋଇପଡୁଥିଲା ।

ଲରି ଉପରେ ତମ୍ବୁ ଘୋଡ଼ାଇ ଦିଆଯାଇଥିବାରୁ ତୁମେ କେଉଁ ଅଞ୍ଚଳ ଦେଇ ଯାଉଛ ଜାଣି ପାରିବ ନାହିଁ । ଯାତ୍ରାରେ ଅଧିକାଂଶ ସମୟ କ୍ଳାନ୍ତିହେତୁ ନିଦ ହୋଇଯାଏ । ରୁନ୍ଧିହୋଇ ଯାଉଥିବା ଟ୍ରକ୍ ଭିତରର, ପରିସ୍ରା ଓ ବାନ୍ତିର ଗନ୍ଧରେ ତୁମକୁ ମଧ ଅସୁସ୍ଥ ହୋଇ ପଡ଼ିବାକୁ ଇଚ୍ଛା ହେବ । ଫିନ୍‌କାରେ ପହଞ୍ଚିବା ବେଳକୁ ଆମେ ସମ୍ପୂର୍ଣ୍ଣ ନିର୍ବାକ ହୋଇଯାଇଥିଲୁ । ଆମେ ଥିଲୁ ଝୁଡ଼ିଭିତରୁ ବାହାରି ଆସୁଥିବା କୁକୁଡ଼ା ପରି । ସେତେବେଳକୁ ଆମର ଏପରି ଅବସ୍ଥା ହୋଇଥାଏ ଯେ ଫିନ୍‌କା ପର୍ଯ୍ୟନ୍ତ ଚାଲିକରି

Digitized by srujanika@gmail.com

ଯିବାପାଇଁ ମଧ୍ୟ ଶକ୍ତି ନଥାଏ । ମୁଁ ଅଲଟିପ୍ଲାନୋରୁ ସମୁଦ୍ରକୂଳକୁ କେତେଥର ଏମିତି ଯିବା ଆସିବା କରିଛି, କିନ୍ତୁ ରାସ୍ତା ପାର୍ଶ୍ୱର କୌଣସି ଦୃଶ୍ୟକୁ ଦେଖିବାର ସୁଯୋଗ ପାଇନାହିଁ । ଆମେ ଅନ୍ୟ ଗାଡ଼ି ଓ ମୋଟରର ଶବ୍ଦ ଶୁଣୁଥାଉ, କିନ୍ତୁ କେବେ ସେଗୁଡ଼ିକୁ ଦେଖିବାର ସୁଯୋଗ ନଥାଏ । ଆମେ ରାସ୍ତାରେ କେବେ ଅନ୍ୟ କୌଣସି ଗାଁକୁ ଦେଖିନାହୁଁ । ଯେତେବେଳେ ଫିନ୍‌କାରୁ ଆମକୁ ତଡ଼ିଦିଆଗଲା ଏବଂ ନିଜ ଖର୍ଚ୍ଚରେ ବସ୍‌ରେ ଘରକୁ ଫେରିବାକୁ ପଡ଼ିଲା, ସେତେବେଳେ ପ୍ରଥମ ଥର ପାଇଁ ମୁଁ ସେହି ସ୍ଥାନ ମାନଙ୍କର ଅନିର୍ବଚନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରଥମ ଥର ପାଇଁ ଦେଖିଲି ।

ମୋର ମନେପଡୁଛି ମୋର ଆଠ ବର୍ଷରୁ ଦଶବର୍ଷ ବୟସ ପର୍ଯ୍ୟନ୍ତ ଆମେ କଫି ବଗିଚାରେ କାମ କରୁଥିଲୁ । ଏହାପରେ ମୁଁ ସମୁଦ୍ରକୂଳର ବେଶୀ ଦୂରରେ ଥିବା କପା ବଗିଚାରେ କାମ କଲି । ଏହି ସ୍ଥାନର ଉତ୍ତାପ ଖୁବ୍‌ବେଶୀ । ପ୍ରଥମଦିନ କପା ତୋଳିବାପରେ ମଧ୍ୟରାତ୍ରରେ ମୋ ନିଦ ଭାଙ୍ଗିଗଲା ଓ ମୁଁ ଗୋଟିଏ ମହମବତୀ ଜଳାଇଲି । ଭାଇ ଓ ଭଉଣୀମାନଙ୍କ ମଶା ଭଣଭଣ ମୁହଁକୁ ମୁଁ ଦେଖିପାରିଲି । ମୋ ମୁହଁକୁ ମୁଁ ଛୁଇଁଲି, ସେଥିରେ ମଧ୍ୟ ଅସଂଖ୍ୟ ମଶା ବସିଥାଆନ୍ତି । ଚାରିଆଡ଼େ ମଶା ଭର୍ତ୍ତି, କେଉଁ ସ୍ଥାନକୁ ସେମାନେ ଛାଡ଼ିନଥାନ୍ତି । ଏହି ମଶାମାନଙ୍କୁ ଦେଖି, ସେମାନଙ୍କ କାମୁଡ଼ାକଥା ଭାବି ଭାବି ଓ ସାରାଦେହକୁ କୁଣ୍ଡାଇ କୁଣ୍ଡାଇ ବାକି ସମୟ ତକ ବିତିଗଲା । ଏହାହିଁ ଥିଲା ଆମର ସଂସାର । ମୁଁ ଅନୁଭବ କଲି ଯେ ପରିସ୍ଥିତି ସବୁବେଳେ ଏହାହିଁ ରହିବ । ଏହା କେବେ ବଦଳିବ ନାହିଁ ।

ଆମେ ଏତେ ଅସନା ଦେଖାଯାଉଥିଲୁଯେ ଡ୍ରାଇଭରମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବି ଆମକୁ ତାଙ୍କ ଗାଡ଼ିରେ ବସାଇବାକୁ ଚାହୁଁନଥିଲେ । ଅପେକ୍ଷା କରୁ କରୁ ଆମେ ଖରାରେ ସିଝୁଥାଉ । ଏଗୁଡ଼ିକ ଥିଲା ଫିନ୍‌କାର ଟ୍ରକ; କିନ୍ତୁ ନିଯୁକ୍ତି ଏଜେଣ୍ଟମାନେ ସେଗୁଡ଼ିକୁ ଚଳାନ୍ତି । ଜଣେ ଏଜେଣ୍ଟ ଟ୍ରକରେ ବସି ପାରୁଥିବା ପ୍ରାୟ ଚାଳିଶି ଲୋକଙ୍କ ଦାୟିତ୍ୱରେ ଥାଆନ୍ତି । ଫିନ୍‌କାରେ ପହଞ୍ଚିବା ପରେ ଏଜେଣ୍ଟ ବା କାପୋରାଲ୍ ସେହି ଦଳର ତଦାରଖକାରୀ ହୋଇଯାଏ । ଏମାନେ ମଧ୍ୟ ଆମରି ଗାଁ ଲୋକ; କିନ୍ତୁ ସୈନ୍ୟବାହିନୀରେ କାମ କରିଥାନ୍ତି କିମ୍ବା ଗୋଷ୍ଠୀକୁ ଛାଡ଼ି ଚାଲି ଯାଇଥାନ୍ତି । ସେମାନେ ଜମି ମାଲିକ ପରି ବ୍ୟବହାର କରିବାକୁ ଆରମ୍ଭ କରନ୍ତି ଏବଂ ନିଜ ଲୋକମାନଙ୍କ ପ୍ରତି ଖରାପ ଆଚରଣ କରନ୍ତି । ସେମାନେ ନିଜ ଲୋକମାନଙ୍କୁ ଗାଳି ଦିଅନ୍ତି ଓ ଅପମାନିତ କରନ୍ତି । ଜମି ମାଲିକର କଥାମାନି କାମ କରୁଥିବା ଯାଏ ଫିନ୍‌କା ସେମାନଙ୍କୁ ଏସବୁ ଅତ୍ୟାଚାର କରିଯିବା ପାଇଁ ସୁଯୋଗ ଦିଏ । ସେମାନେ ବେଶୀ ମଜୁରୀ ପାଆନ୍ତି ଏବଂ ସ୍ଥାୟୀ କାମ ପାଆନ୍ତି । ଆମକୁ ହୁକୁମ ଦେବା ଓ ମଣ କରି ରଖିବା ସେମାନଙ୍କର କାମ । ଆମ ଲୋକମାନେ ସ୍ପାନିଶ୍ କହି ପାରନ୍ତି ନାହିଁ ସେଥିପାଇଁ ସେମାନେ ସ୍ପାନିଶ୍ ଭାଷା ଶିଖିଛନ୍ତି ଯେପରିକି ଜମି ମାଲିକ ଓ ଶ୍ରମିକ ମାନଙ୍କ ମଧ୍ୟରେ ମଧ୍ୟସ୍ଥି ହୋଇପାରିବେ । ଏହି କାରଣରୁ ଅଧିକାଂଶ ସମୟରେ

Digitized by srujanika@gmail.com

ସେମାନେ ଆମଠାରୁ ଫାଇଦା ଉଠାନ୍ତି । କିନ୍ତୁ ଜମି ମାଲିକ କିଏ ଏବଂ ସେ କେଉଁଠି ରହେ ଆମେ ଜାଣି ନଥିବାରୁ ଅଭିଯୋଗ କରିବାର ସୁଯୋଗ ନଥାଏ । କଣ୍ଟ୍ରାକ୍ଟର ଏଜେଣ୍ଟ ଓ ତଦାରଖକାରୀ ଓଭରସିଅରମାନଙ୍କୁ ହିଁ ଆମେ ଦେଖୁ । ଏଜେଣ୍ଟମାନେ ଅଲ୍‌ଟିପ୍ଲାନୋରୁ ଲୋକମାନଙ୍କୁ ସଂଗ୍ରହ କରି ବୋହି ଆଣନ୍ତି । ଓଭରସିଅରମାନେ ଫିନ୍‌କାରେ ରହନ୍ତି । ଗୋଟିଏ ଦଳ ଶ୍ରମିକ ପହଞ୍ଚିବା ବେଳକୁ ଆଉ ଗୋଟିଏ ଦଳ ଫିନ୍‌କା ଛାଡୁଛନ୍ତି କିନ୍ତୁ ଓଭରସିଅର ହୁକୁମ୍ ଦେବା ଚାଲିଥାଏ । ସେ ହେଉଛି ପ୍ରକୃତରେ ମାର୍ଫତଦାର । ତୁମେ ଯେତେବେଳେ କାମ କରୁଥିବ, ଏବଂ ମଝିରେ ଟିକିଏ ବିଶ୍ରାମ ନେବାକୁ ଚାହିଁବ, ସେ ସେଠାରେ ପହଞ୍ଚିଯିବ ଏବଂ ତୁମକୁ ତାଗିଦ୍ କରିଦେବ । କାମ ପାଇଁ ମଜୁରୀ ମିଳୁଛି ବୋଲି ମନେପକାଇଦେବ । ମନ୍ଥର ଭାବରେ କାମ କରୁଥିବା ଶ୍ରମିକମାନଙ୍କୁ ଓଭରସିଅରମାନେ ଦଣ୍ଡ ମଧ୍ୟ ଦିଅନ୍ତି । କେତେବେଳେ ଦିନ ଅନୁସାରେ; ଆଉ କେତେବେଳେ କାମର ପରିମାଣକୁ ଚାହିଁ ଆମକୁ ମଜୁରୀ ମିଳେ ।

ଯେତେବେଳେ ଦିନ ଅନୁସାରେ ମଜୁରୀ ମିଳେ, ସେତିକିବେଳେ ଆମକୁ ସବୁଠାରୁ ଖରାପ ବ୍ୟବହାର ମଧ୍ୟ ମିଳେ । ଓଭରସିଅର ପ୍ରତି ମୁହୂର୍ତ୍ତରେ ତୁମେ କେତେ ପରିଶ୍ରମ କରୁଛ, ତାହା ଦେଖୁଥାଏ । ଅନ୍ୟ ସମୟରେ ତୁମେ କେତେ ତୋଳୁଛ ସେହି ଅନୁସାରେ ମଜୁରୀ ମିଳେ । ଦିନ ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଯଦି ପୂରଣ ହୋଇ ନପାରିଲା, ତୁମେ ତା'ପର ଦିନ କାମ କରି ତାକୁ ସମ୍ପୂର୍ଣ୍ଣ କରି ପାରିବ । ଅନ୍ତତଃ ଓଭରସିଅର ତାଗିଦ ଶୁଣିବାକୁ ପଡ଼ିବ ନାହିଁ ଏବଂ କିଛି ବିଶ୍ରାମ ମଧ୍ୟ ନେଇ ପାରିବ । ଦିନ ଅନୁସାରେ ହେଉ କିମ୍ବା ପରିମାଣ ହିସାବରେ ହେଉ, କାମର ବୋଝ କିନ୍ତୁ କମେ ନାହିଁ ।

ଗାଁରେ ଟ୍ରକରେ ବସିବା ପୂର୍ବରୁ ଠିକାଦାର ମାସକ ପାଇଁ କାଠ ଓ ପ୍ଲେଟ ପରି ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସାଥିରେ ନେଇଯିବା ପାଇଁ କହେ । ଖାଇବା ସମୟ ହେଲେ ମକା ରୁଟି ଆଣିବାକୁ ଯିବାବେଳେ ପ୍ରତ୍ୟେକ ଶ୍ରମିକ ନିଜର ପ୍ଲେଟ, କପ୍ ଓ ପାଣି ବୋତଲ ଥିବା ବ୍ୟାଗକୁ ପିଠିରେ ପକାଇଥାଏ । ଯେଉଁ ପିଲାମାନେ କାମ ନ କରନ୍ତି , ସେମାନେ ରୋଜଗାର ମଧ୍ୟ କରନ୍ତି ନାହିଁ ଏବଂ ଖାଇବାକୁ ପାଆନ୍ତି ନାହିଁ । ସେମାନଙ୍କର ପ୍ଲେଟ ମଧ୍ୟ ଦରକାର ହୁଏ ନାହିଁ । ବାପା ମା'ଙ୍କ ଖାଦ୍ୟକୁ ବାଣ୍ଟିକୁଣ୍ଟି ସେମାନଙ୍କୁ ଖାଇବାକୁ ପଡ଼େ । ଯେଉଁ ଛୋଟ ପିଲାମାନେ କିଛି ରୋଜଗାର କରନ୍ତି, ମକା ରୁଟି ଖାଇବା ପାଇଁ ସେମାନଙ୍କ ପାଖରେ ପ୍ଲେଟ ଥାଏ । ମୁଁ ଯେତେବେଳେ କିଛି ରୋଜଗାର କରୁନଥିଲି, ମୋ ମା' ତାଙ୍କ ଖାଦ୍ୟର ଅଧା ମୋତେ ଦେଉଥିଲେ । ସବୁ ମା'ମାନେ ଏହାହିଁ କରନ୍ତି । ଆମେ ମକାରୁଟି ଓ ବିନ୍ ମାଗଣାରେ ପାଉ ସତ, କିନ୍ତୁ ଅନେକ ସମୟରେ ଏହା ଖାଇବା ଯୋଗ୍ୟ ହୋଇନଥାଏ । ଦୁଇ ମାସରେ ଥରେ ଆମକୁ ଗୋଟିଏ ଅଣ୍ଡା ମିଳୁଥିଲା କିନ୍ତୁ ତା'ର ମୂଲ୍ୟ ମଧ୍ୟ ଆମ ମଜୁରୀରୁ କାଟି ଦିଆଯାଉଥିଲା । ଖାଦ୍ୟରେ ଯାହା କିଛି ପରିବର୍ତ୍ତନ ହେଉଥିଲା,

Digitized by srujanika@gmail.com

ଦରମାରୁ ହିଁ କାଟି ଦିଆଯାଉଥିଲା ।

କ୍ୟାଣ୍ଟିନ୍‌ରୁ ଆମେ ଯାହା କିଛି ଆଣୁଥିଲୁ, ତା'ପାଇଁ ମଧ୍ୟ ଏକା ନିୟମ ଲାଗୁ ହେଉଥିଲା । ଏଠାରେ କେବଳ ମଦ୍ୟ ନୁହେଁ, ଫିନ୍‌କାର କ୍ୟାଣ୍ଟିନ୍‌ରେ ପିଲାମାନଙ୍କର ପସନ୍ଦ ଆହୁରି କେତେ ଜିନିଷ ମିଳେ, ମିଷ୍ଟାନ୍ନ, କେକ୍ ଓ ମୃଦୁପାନୀୟ; ଏମିତି କେତେ ଜିନିଷ ଦୋକାନରେ ଥାଏ । ପିଲାମାନେ କ୍ଳାନ୍ତ ଓ ଭୋକିଲା ହେଲେ ବାପା, ମା'ଙ୍କ ନିକଟରେ ବିଭିନ୍ନ ପଦାର୍ଥ ପାଇଁ ଅଳି କରନ୍ତି । ଏଣେ ପିଲାମାନେ ଚାହୁଁଥିବା ଚିଜ କିଣିବାକୁ ସାମର୍ଥ୍ୟ ନଥିବାରୁ ବାପା, ମାଙ୍କ ମନରେ ଅବଶୋଷ ରହିଯାଏ । କିନ୍ତୁ ସେମାନେ ଯାହା କିଣନ୍ତି ସେମାନଙ୍କ ହିସାବରେ ଚଢୁଥାଏ, ଏବଂ ଶେଷରେ ଦରମା ମିଳିବା ବେଳେ ଖାଦ୍ୟ, କ୍ୟାଣ୍ଟିନ୍ ଓ ଔଷଧ ଦୋକାନ ସବୁଠାରେ ବାକୀ । ହାତକୁ କିଛି ପଇସା ଆସିବା ସ୍ୱପ୍ନ । ମନେକର ପିଲାଟିଏ ଖେଳୁଖେଳୁ କଫି ଗଛର ଗୋଟିଏ ଡ଼ାଳ ଭାଙ୍ଗିଦେଲା । ତାର କ୍ଷତିପୂରଣ ପାଇଁ ତୁମକୁ କାମ କରିବାକୁ ପଡ଼ିବ । ସବୁକିଛିପାଇଁ ଦରମାରୁ ପଇସା କଟିବ । ଏବଂ ଶେଷରେ ଫିନ୍‌କା ଛାଡ଼ି ଯିବା ପୂର୍ବରୁ ତୁମକୁ ସବୁ ବାକୀ ପରିଶୋଧ କରିବାକୁ ପଡ଼ିବ ।

ଗୁଆଟେମାଲାର ପ୍ରତ୍ୟେକ ଫିନ୍‌କାରେ ଗୋଟିଏ କ୍ୟାଣ୍ଟିନ୍ ଥାଏ, ଯାହାର ସ୍ୱତ୍ୱାଧିକାରୀ ନିଜେ ଜମିମାଲିକ । ଏଇଠି ଶ୍ରମିକମାନେ ମଦପିଇ ମାତାଲ ହୁଅନ୍ତି ଏବଂ ଋଣ ଭାରରେ ବୁଡ଼ିଯାଆନ୍ତି । ମଜୁରୀ ସବୁ ଖର୍ଚ୍ଚ ହୋଇଯାଏ । ଅଲ୍‌ଟିପ୍ଲାନୋରେ ନିଜ ଗାଁ ଛାଡ଼ି ଏତେ କମ୍ ମଜୁରୀ ପାଇଁ ଫିନ୍‌କାରେ କଠିନ କାମ କରିବା ଜନିତ ତିକ୍ତତାକୁ ଭୁଲିଯାଇ ଟିକିଏ ସୁଖ ପାଇବା ଲାଗି ସେମାନେ ପିଅନ୍ତି । ମୋର ବାପା, ମା' ଯେତେବେଳେ ହତାଶ ବୋଧ କରୁଥିଲେ ସେତେବେଳେ କ୍ୟାଣ୍ଟିନ୍‌କୁ ଯିବା କଥା ମୋର ମନେଅଛି । ବେଳେବେଳେ ଏହା ଆମ ପାଇଁ ଅତ୍ୟନ୍ତ ଭୟଙ୍କର ଅନୁଭୂତି ଥିଲା । ଅନେକ ସମୟରେ ମୋ ବାପାଙ୍କର ସମସ୍ତ ଦରମା ଯେତେବେଳେ କ୍ୟାଣ୍ଟିନ୍‌ର ବାକି ପରିଶୋଧରେ ଲାଗୁଥିଲା, ସେତେବେଳେ ମୋ ମା', ଭାଇ ଓ ଭଉଣୀମାନଙ୍କୁ ଘରର ସବୁ ଖର୍ଚ୍ଚ ବୁଝିବାକୁ ହେଉଥିଲା । ମୋ ବାପା ଥିଲେ ଜଣେ ଅତ୍ୟନ୍ତ ସ୍ପର୍ଶକାତର ମଣିଷ । ଯେତେବେଳେ ସବୁ କିଛି ଗୋଳମାଳିଆ ଲାଗୁଥିଲା ଏବଂ ଯେତେବେଳେ ଆମେ କଠିନ ସମୟ ଦେଇ ଗତି କରୁଥିଲୁ, ଏହାକୁ ଭୁଲି ଯିବା ପାଇଁ ସେ ମଦ ପିଉଥିଲେ । କିନ୍ତୁ ଏହା ଦ୍ୱାରା ତାଙ୍କର ସବୁ ଅର୍ଥ ଜମିମାଲିକ ନିକଟକୁ ଚାଲିଯାଉଥିଲା । ଏବଂ ସେ ନିଜର ବେଶୀ କ୍ଷତି ହିଁ କରୁଥିଲେ । କ୍ୟାଣ୍ଟିନ୍ ବସାଇବା ପଛରେ ଜମିମାଲିକର ସ୍ୱାର୍ଥ ନିହିତ ଥିଲା । ମୋର ମନେ ଅଛି, ଥରେ ମୋ ବାପା ଦିନ ତମାମ କଠିନ ପରିଶ୍ରମ କରି ମଧ୍ୟ ଯଥେଷ୍ଟ କପା ତୋଳି ନପାରିବା ହେତୁ ଏତେ ରାଗି ଯାଇଥିଲେ ଯେ ସବୁକିଛି ଭୁଲିଯିବା ପାଇଁ ସାରା ରାତି ସେ କ୍ୟାଣ୍ଟିନ୍‌ରେ କଟାଇଥିଲେ । ପ୍ରକୃତରେ ସେ ଏତେ ମଦ ପିଇଥିଲେ କି ନା ଆମେ ଜାଣୁ ନା, କିନ୍ତୁ ଦୀର୍ଘ ଏକ ମାସର ପରିଶ୍ରମ ପରେ ତାଙ୍କ ଉପରେ ଋଣର ଏତେ ବୋଝ ଦେଖିବା ଆମ ପାଇଁ ଅତ୍ୟନ୍ତ ଦୁଃଖଦାୟକ ଥିଲା । ପ୍ରତ୍ୟେକ

Digitized by srujanika@gmail.com

ଛୋଟ କଥା ପାଇଁ ଋଣ ବଢିଚାଲିଥାଏ । ଏଇ ଅନୁଭୂତିରୁ ହିଁ ଆମେ ସତର୍କ ହେବାକୁ ଶିଖିଲୁ । ମୋ ମା' କହୁଥିଲେଃ 'କୌଣସି ଜିନିଷକୁ ଛୁଅଁ ନାହିଁ, ନଚେତ୍ ଆମକୁ ତା'ର ମୂଲ୍ୟ ଦେବାକୁ ପଡ଼ିବ ।' ଆମେ ଯେପରି ଭଲ ପିଲା ହେବୁ ଏବଂ ଋଣ ଗ୍ରସ୍ତ ହେବୁ ନାହିଁ; ସେଥିପାଇଁ ମୋ ମା' ଆମକୁ ଗୋଡ଼େ ଗୋଡ଼େ ଜଗିଥାନ୍ତି ।

ଆମକୁ ଯେତେବେଳେ ଫିନ୍‌କାରୁ ବାହାର କରିଦିଆଗଲା ସେତେବେଳର କଥା । ମାସ ଶେଷରେ ଆମେ ଯେତେବେଳେ ମଜୁରୀ ନେବା ପାଇଁ ଆସିଲୁ, ଓଭରସିଅର ମୋ ମା', ଭାଇ, ମୋତେ ଓ ଆମର ଜଣେ ପଡ଼ୋଶୀକୁ ମଜୁରୀ ପାଇବାକୁ ଥିବା ଶ୍ରମିକମାନଙ୍କର ଚିଠାରେ ଅନ୍ତର୍ଭୁକ୍ତ କରିଥିଲା, ଯେମିତି ଆମେ ମଧ୍ୟ ମାସକର କାମ ସାରି ମଜୁରୀ ନେବାକୁ ଯାଇଛୁ । ଅବଶ୍ୟ ଆମର ପ୍ରାପ୍ୟ ମଜୁରୀ ଆମକୁ ନଦେଇ ସେ ନିଜେ ତାକୁ ନେଇଯାଇଥିଲା ।

ସେମାନେ ସବୁବେଳେ ଏହାହିଁ କରନ୍ତି । ନିଜର ଆୟ ଓ ଆମ ପରି ଲୋକମାନଙ୍କ ଠାରୁ ଚୋରି କରିଥିବା ଧନକୁ ମିଶାଇ ଓଭରସିଅର ମାନେ ଅଲ୍‌ଟିପ୍ଲାନୋରେ ଏବଂ ଅନ୍ୟତ୍ର ସୁନ୍ଦର ଘରମାନ କିଣନ୍ତି । ସେମାନେ ଯେଉଁଠି ଚାହିଁବେ, ଯେଉଁ ସ୍ଥାନ ତାଙ୍କୁ ଭଲ ଲାଗିବ, ସେଇଠି ରହି ପାରିବେ ।

ସେମାନଙ୍କ ମଧ୍ୟରୁ ଅଧିକାଂଶ ଓରିଏଣ୍ଟର ଲାଡ଼ିନୋ । ତାଙ୍କ ମଧ୍ୟରେ ଅଲ୍‌ଟିପ୍ଲାନୋର ଆମରି ଲୋକ ମଧ୍ୟ ଥାଆନ୍ତି । ମୋ ବାପା ସେମାନଙ୍କୁ ଲାଡ଼ିନୀୟ ଭାରତୀୟ ବୋଲି କହୁଥିଲେ । ସେମାନେ ଲାଡ଼ିନୋମାନଙ୍କ ପରି ବ୍ୟବହାର କରନ୍ତି, ଏହି ଅର୍ଥରେ ହିଁ ଆମେ ସେମାନଙ୍କୁ ଲାଡ଼ିନୀୟ ବୋଲି କହୁ । ପରେ ଆମେ ଉପଲବ୍ଧି କଲୁ ଯେ ସବୁ ଲାଡ଼ିନୋ ଖଳ ପ୍ରକୃତିର ନୁହନ୍ତି । ଯେଉଁ ଲାଡ଼ିନୋ ଚତୁର କଥା କହିପାରେ ଏବଂ ଚୋରୀ କରିପାରେ ତାକୁହିଁ 'ଦୁଷ୍ଟ ଲାଡ଼ିନୋ' କୁହାଯିବ । ସେ ଜମିମାଲିକର ଏକ କ୍ଷୁଦ୍ର ସଂସ୍କରଣ ।

ମୋର ମନେପଡୁଛି, ବିଶ୍ରାମ ମିଳିବ ବୋଲି ଟ୍ରକ୍‌ରେ ଯିବାବେଳେ ସେଥିରେ ନିଆଁ ଲଗାଇଦେବାକୁ କେମିତି ଇଚ୍ଛା ହେଉଥାଏ । ଅବିରାମ ଯାତ୍ରା ହିଁ ମୋତେ ସବୁଠାରୁ ବେଶୀ ବିଚଳିତ କରୁଥିଲା । ଟ୍ରକ୍ ଅଟକୁ ନଥିବାରୁ ପରିସ୍ରା କରିବା ମଧ୍ୟ ସମ୍ଭବ ନଥିଲା । ବେଳେବେଳେ ଟ୍ରକ୍‌ର ଡ୍ରାଇଭର ପ୍ରଚୁର ମଦପିଇ ଥାଏ । ରାସ୍ତାରେ ଯେ ସେମାନେ ନ ଅଟକନ୍ତି ତା' ନୁହେଁ, କିନ୍ତୁ ଆମକୁ ବାହାରକୁ ଯିବା ପାଇଁ ଅନୁମତି ଦିଅନ୍ତି ନାହିଁ । ସେମାନେ ରାସ୍ତାରେ ଅଟକି ମଦ ପିଇ ପାରିବେ; କିନ୍ତୁ ଆମକୁ ବାହାରକୁ ଯିବା ପାଇଁ ଦେବେ ନାହିଁ - ଏଥିପାଇଁ ଆମେ ସେମାନଙ୍କୁ ଖୁବ୍ ରାଗି ଯାଉଥିଲୁ । 'ଆମେ ଫିନ୍‌କାକୁ କାହିଁକି ଯାଉ ?' ରାଗରେ ମୁଁ ମା'ଙ୍କୁ ପଚାରୁଥିଲି । ମୋ ମା' କହୁଥିଲେ ନଯିବା ଛଡ଼ା ଆମର ଅନ୍ୟ ପନ୍ଥା ନାହିଁ : 'ତୁ ବଡ଼ ହେଲେ ବୁଝିବୁ ଆମେ କାହିଁକି ଫିନ୍‌କାକୁ ଯିବା ଦରକାର ।' ମୁଁ ଯେ ବୁଝିନଥିଲି ତା'ନୁହେଁ; କିନ୍ତୁ ଏସବୁକୁ ଗ୍ରହଣ କରି ପାରୁନଥିଲି । ବଡ଼ ହେବା ପରେ ଏହା

Digitized by srujanika@gmail.com

ଆଉ ଅଡୁଆ ଲାଗିଲା ନାହିଁ । କ୍ରମେ ଆମର ଅବସ୍ଥା କାହିଁକି ଏମିତି ହୋଇଛି ଏବଂ ଆମକୁ କ'ଣ କରିବାକୁ ପଡ଼ିବ ମୁଁ ବୁଝିବାକୁ ଆରମ୍ଭ କଲି । ଆମେ ଯେ ଆମ ଦୁଃଖରେ ଏକୁଟିଆ ନୁହେଁ ଏବଂ ବିଭିନ୍ନ ଅଞ୍ଚଳରେ ବହୁ ଲୋକ ଆମ ପରି ଦୁଃଖୀ ଅଛନ୍ତି, ଏହା ମୁଁ ଉପଲବ୍ଧି କରିବାକୁ ଲାଗିଲି ।

ଆମେ ଯେତେବେଳେ କପା କ୍ଷେତରେ କାମ କରୁଥିଲୁ (ମୋତେ ପ୍ରାୟ ବାର ବର୍ଷ ବୟସ ହୋଇଥିବ) ମୁଁ ବଡ଼ ହୋଇସାରିଥିଲି ଏବଂ ଜଣେ ବୟସ୍କ ସ୍ତ୍ରୀ ଲୋକର କାମ କରିପାରୁଥିଲି । ମୋର ମନେପଡୁଛି ପ୍ରଥମ ଥର ମୁଁ ଜଣେ ଫିନ୍‌କାର ମାଲିକକୁ ଦେଖି ଭୟଭୀତ ହୋଇପଡ଼ିଥିଲି । କାରଣ ସେ ଥିଲା ଭୀଷଣ ପୃଥୁଳ । ସେପରି ଜଣେ ଲାଡ଼ିନୋକୁ ମୁଁ ପୂର୍ବରୁ ଦେଖିନଥିଲି । ସେହି ପୃଥୁଳକାୟ ବ୍ୟକ୍ତି ଜଣକ ଭଲ ପୋଷାକ ପିନ୍ଧିଥିଲା; ଏପରିକି ହାତରେ ଘଣ୍ଟା ମଧ୍ୟ ବାନ୍ଧିଥିଲା । ଘଣ୍ଟା ବିଷୟରେ ସେତେବେଳେ ଆମେ କିଛି ଜାଣିନଥିଲୁ । ମୋର ଜୋତା ନଥିଲେ ମଧ୍ୟ ଆମ ଲୋକମାନଙ୍କ ମଧ୍ୟରୁ ଅନେକ ଚମଡ଼ା ସାଣ୍ଡାଲ ପିନ୍ଧୁଥିଲେ । କିନ୍ତୁ ଜମି ମାଲିକ ଯେଉଁ ଜୋତା ପିନ୍ଧିଥିଲା, ତାହା ଥିଲା ସବୁଠାରୁ ଭିନ । ସକାଳ ହୁଅନ୍ତେ ଓଭରସିଅର ଆମକୁ କହିଲା, ତୁମମାନଙ୍କୁ ମାସ ଶେଷରେ ଆଉ ଗୋଟିଏ ଦିନ କାମ କରିବାକୁ ପଡ଼ିବ । ଯେତେବେଳେ ଏପରି କିଛି ଘଟୁଥିଲା, ମାସ ଶେଷରେ ଆଉ ଗୋଟିଏ ଦିନ ଯୋଡ଼ା ଯିବ ବୋଲି ସେମାନେ ଘୋଷଣା କରି ଦେଉଥିଲେ । ମାସଟି ଏକତ୍ରିଂଶ ଦିନିଆ ହୋଇଥିଲେ, ପରବର୍ତ୍ତୀ ମାସର ପ୍ରଥମ ଦିନଟି ଆମକୁ କାମ କରିବାକୁ ପଡୁଥିଲା । ସେଦିନଟି ଯଦି କୌଣସି କାରଣରୁ ବିଶ୍ରାମର ଦିନ ଥିଲା, ଆମକୁ ଆଉ ଗୋଟିଏ ଦିନ କାମ କରିବାକୁ ପଡୁଥିଲା । ଓଭରସିଅର କହୁଥିଲା: ' କେହି ଆଗରୁ ଚାଲିଯିବ ନାହିଁ; ଆଜି ଜମି ମାଲିକ ଆସୁଛନ୍ତି । ସେ ତୁମମାନଙ୍କ ସହିତ କିଛି କଥା ହେବା ପାଇଁ ଓ ତୁମ କାମ ପାଇଁ ଧନ୍ୟବାଦ ଜଣାଇବାକୁ ଚାହାନ୍ତି । ' ଏହା ଶୁଣିବା ପରେ ଆମକୁ ଆମ କ୍ୟାମ୍ପରେ ଅପେକ୍ଷା କରିବାକୁ ପଡୁଥିଲା । ଆମେ ବିଭିନ୍ନ ଦଳରେ ଭାଗ ହୋଇ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବାରାକ୍‌ରେ ରହୁଥିଲୁ । ତାପରେ ମହାନୁଭବ ଜମି ମାଲିକ ପ୍ରାୟ ପନ୍ଦର ଜଣ ସୈନ୍ୟଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ପହଞ୍ଚିବାର ଆମେ ଦେଖୁଥିଲୁ । ପ୍ରକୃତରେ ମୋତେ ଏହା ମୂର୍ଖାମି ପରି ଜଣାପଡୁଥିଲା; ଯେହେତୁ ସେମାନେ ତାଙ୍କର ବନ୍ଧୁକ ଜମି ମାଲିକ ଆଡ଼କୁ ମୁହାଇଁ ରଖିଥିଲେ । ମୁଁ ମୋ ମା'ଙ୍କୁ ପଚାରିଲି: 'ସେମାନେ କାହିଁକି ଜମି ମାଲିକକୁ ଆମ ପାଖକୁ ଆସି ଆମକୁ ଦେଖିବା ପାଇଁ ବାଧ୍ୟ କରୁଛନ୍ତି ?' ପ୍ରକୃତ ପକ୍ଷେ କିନ୍ତୁ ସେମାନେ ଜମି ମାଲିକକୁ ସୁରକ୍ଷା ଦେବା ପାଇଁ ଆସିଥିଲେ । ସୈନିକମାନଙ୍କର ସଂଖ୍ୟା ପ୍ରାୟ ପନ୍ଦର ଥିଲା । ସେମାନେ ପ୍ରଥମେ ଜମି ମାଲିକ ବସିବା ପାଇଁ ଗୋଟିଏ ଉପଯୁକ୍ତ ସ୍ଥାନ ବାଛିଲେ । ଓଭରସିଅର କହିଲା: ' ତୁମ ମାନଙ୍କ ମଧ୍ୟରୁ କେତେଜଣଙ୍କୁ ମାଲିକଙ୍କ ପାଇଁ ନାଚିବାକୁ ପଡ଼ିବ ।' ମୋ ମା' ମନାକଲେ ଏବଂ ଆମକୁ ଲୁଚାଇ ଦେଲେ ।

Digitized by srujanika@gmail.com

ସେମାନେ ଚାହୁଁଥିଲେ ପିଲାମାନେ ମାଲିକ ପାଇଁ ଏକପ୍ରକାର 'ସ୍ୱାଗତିକା' ପ୍ରସ୍ତୁତ କରନ୍ତୁ । କିନ୍ତୁ ଆମମାନଙ୍କ ମଧ୍ୟରୁ କେହି ତା' ପାଖକୁ ଯିବା ଯାଇଁ ସାହସ କଲୁନାହିଁ । ଯେତେବେଳେ ମାଲିକ କହିବାକୁ ଆରମ୍ଭ କଲା, ସେ ସ୍ପାନିଶ୍‌ରେ ହିଁ କହିଲା । ମୋ ମା' କିଛି କିଛି ସ୍ପାନିଶ୍ ବୁଝି ପାରୁଥିଲେ ଏବଂ ଜମି ମାଲିକ ନିର୍ବାଚନ ବିଷୟରେ କହୁଥିଲା ବୋଲି ସେ ପରେ ଆମକୁ କହିଲେ । ଆମ ବାପା ମା' ଆମକୁ କ'ଣ କହିଲେ ଆମେ ଭଲ ରୂପେ ବୁଝି ପାରିନଥିଲୁ । ଲାଡ଼ିନୋମାନଙ୍କର କୁଆଡ଼େ ଗୋଟିଏ ସରକାର ଥିଲା । ଏତେଦିନ ଧରି କ୍ଷମତାରେ ଥିବା ରାଷ୍ଟ୍ରପତି ଜଣକ ମୋ ବାପା, ମା'ଙ୍କ ପାଇଁ ଏବଂ ଆମ ସମସ୍ତଙ୍କ ପାଇଁ ଲାଡ଼ିନୋ ସରକାରର ମୁଖ୍ୟ ଥିଲେ । ଏହା 'ଆମ' ଦେଶର ସରକାର ନଥିଲା । ମୋ ମା' ଯେଉଁ ସରକାର ବିଷୟରେ କହୁଥିଲେ ତାହା ଥିଲା ଲାଡ଼ିନୋଙ୍କ ସରକାର । ଜମି ମାଲିକ ଯାହା କହୁଥିଲା, ଓଭରସିଅର ତାକୁ ଅନୁବାଦ କରୁଥିଲା । ଆମ ସମସ୍ତଙ୍କୁ ଗୋଟିଏ କାଗଜରେ ଚିହ୍ନ ଦେବାକୁ ପଡ଼ିବ ବୋଲି ସେମାନେ କହୁଥାନ୍ତି । ଏହା ନିଶ୍ଚୟ ଭୋଟ ହୋଇଥିବ ବୋଲି ମୁଁ ମନେ ମନେ ଭାବିଲି । ଆମେ ସମସ୍ତେ କାଗଜରେ ସନ୍ତକ ଦେବା ପାଇଁ ଗଲୁ । ମୋ ବାପା ଓ ମା'ଙ୍କୁ ସେମାନେ ଗୋଟିଏ ଲେଖାଏ କାଗଜ ଦେଲେ ଏବଂ କେଉଁଠାରେ ଚିହ୍ନ ଦେବାକୁ ପଡ଼ିବ ଦେଖାଇ ଦେଲେ । ମୋର ମନେଅଛି ସେ କାଗଜରେ କେତୋଟି ବର୍ଗକ୍ଷେତ୍ର ଏବଂ ତିନି ଚାରୋଟି ଚିତ୍ର ଥିଲା । ମୋ ବାପା, ବଡ଼ ଭାଇ ଓ ଭଉଣୀମାନେ ମାଲିକ ଯେଉଁ ସ୍ଥାନ ଦେଖାଇଲା ସେଠାରେ ହିଁ ସନ୍ତକ ଦେଲେ । ନିର୍ଦ୍ଦିଷ୍ଟ ସ୍ଥାନରେ ଚିହ୍ନ ନଦେଲେ ମାସ ଶେଷରେ କାମରୁ ବାହାର କରି ଦିଆଯିବ ବୋଲି ମାଲିକ ଧମକ୍ ଦେଉଥିଲା । ଯାହାକୁ କାମରୁ ବାହାର କରି ଦିଆଯିବ, ତାକୁ ମଜୁରୀ ମଧ୍ୟ ମିଳିବ ନାହିଁ । ସବୁ ଶ୍ରମିକଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ସନ୍ତକ ଦେବା ପାଇଁ ବାଧ କରାଗଲା । ଏହା ଥିଲା ଏକ ବିଶ୍ରାମର ଦିନ; ଅର୍ଥାତ୍ ପରବର୍ତ୍ତୀ ମାସର ଦ୍ୱିତୀୟ ଦିନ ମଧ୍ୟ ଆମକୁ କାମ କରିବାକୁ ପଡ଼ିବ । ଜମି ମାଲିକ ଚାଲିଯିବା ପରେ ମୁଁ ତାକୁ ବାରମ୍ବାର ସ୍ୱପ୍ନରେ ଦେଖିବାକୁ ଲାଗିଲି । ତା'ପ୍ରତି ଭୟ ଓ ତା'ର ମୁହଁ ମୋ ଉପରେ ଯେଉଁ ପ୍ରଭାବ ପକାଇଥିଲା, ସ୍ୱପ୍ନ ତା'ରି ଫଳ ହିଁ ହୋଇଥିବ । ମା'ଙ୍କୁ କହିବାର ମୋର ମନେ ଅଛି 'ଯେଉଁ ବୁଢା ଲାଡ଼ିନୋ ଏଠାକୁ ଆସିଥିଲା, ମୁଁ ତା' ବିଷୟରେ ସ୍ୱପ୍ନ ଦେଖିଲି' । ମା' କହିଲେ : 'ଏତେ ଭୟ କଲେ ଚଳିବ ନାହିଁ, ସେ ତ ମଣିଷଟିଏ ମାତ୍ର ।' ସେ ଏକଥା କହିଲେ ସତ, କିନ୍ତୁ ସବୁ ପିଲା ଲାଡ଼ିନୋ, ତା'ର ସୈନ୍ୟ ଓ ବନ୍ଧୁକକୁ ଦେଖି ଚିତ୍କାର କରି ଦୌଡ଼ି ପଳାଇଲେ ।

କାଗଜରେ କାହାର ନାମ ଲେଖା ଥିଲା - ଏତିକି ମଧ୍ୟ ଆମେ ଜାଣିନଥିଲୁ । ବାପା କେତେ କଥା ମନେ ରଖିଥିବାରୁ ବେଳେବେଳେ ଏଇ ନାଁ ଗୁଡ଼ିକୁ ଆମକୁ କହୁଥିଲେ । ସେ କହୁଥିଲେ, ୧୯୫୪ର ପରାଜୟ ପରେ ସେମାନେ ଆମ ଅଞ୍ଚଳ ଏବଂ ଅନ୍ୟ ଅଞ୍ଚଳରୁ ଲୋକମାନଙ୍କୁ ଧରି ନେଇଯାଇଥିଲେ । ଆମ ଲୋକମାନଙ୍କୁ ସେମାନେ ବାରାକ୍‌କୁ ନେଇ

Digitized by srujanika@gmail.com

ଯାଇଥଲେ । ମୋ ବାପା ସେହି ଲୋକ ମାନଙ୍କ ମଧ୍ୟରେ ଥିଲେ । ସେ ସବୁ ଦିନର କଳା ସ୍ମୃତି ଏବେ ମଧ୍ୟ ତାଙ୍କ ମନରେ ରହିଛି । ସେ କହନ୍ତି ଆମ ଲୋକ ମାନଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହେଲା; କେବଳ ଆମେ ନିଜ ବୁଦ୍ଧି ବଳରେ ଖସି ଆସିଲୁ । ସେତେବେଳର ରାଷ୍ଟ୍ରପତିଙ୍କ ବିଷୟରେ ସେ ସବୁବେଳେ କହୁଥିଲେ, କିନ୍ତୁ ଅନ୍ୟକାହାକୁ ଆମେ ଜାଣିନଥିଲୁ । ସେମାନଙ୍କ ନାଁ କ'ଣ ବା ସେମାନେ କିପରି ଦେଖାଯାଉଥିଲେ ଆମେ ଜାଣିନଥିଲୁ । ତା'ପରେ ଜମି ମାଲିକ ଆମକୁ ଅଭିନନ୍ଦନ ଜଣାଇବା ପାଇଁ ଆସିଲା । ଆମେ ତାକୁ ଦ୍ୱିତୀୟ ଥର ପାଇଁ ଦେଖିଲୁ । ତା'ର ସ୍ତ୍ରୀ ଓ ଗୋଟିଏ ପୁଅ ମଧ୍ୟ ତା' ସହିତ ଆସିଥିଲେ । ତା'ରି ଭଳି ସେମାନେ ସମସ୍ତେ ପୃଥୁଳକାୟ ଥିଲେ । ସେମାନେ ଫିନ୍‌କାକୁ ଆସି ଆମ ରାଷ୍ଟ୍ରପତି ଯାହାଙ୍କୁ ଆମେ ଭୋଟ୍ ଦେଇଥିଲୁ - ଜିତି ଯାଇଥିବା କଥା ଘୋଷଣା କଲେ । ଆମେ ଯେ ଭୋଟ୍ ଦେଇଥିଲୁ - ଏକଥା ଆମକୁ ଜଣାନଥିଲା । ସେମାନେ 'ଆମ' ରାଷ୍ଟ୍ରପତି କହୁଥିବା ଶୁଣି ମୋ ବାପା, ମା' ହସିଲେ । ସେ କଦାପି 'ଆମର' ରାଷ୍ଟ୍ରପତି ନଥିଲେ । ସେ ଥିଲେ ଲାଡ଼ିନୋ ମାନଙ୍କର ରାଷ୍ଟ୍ରପତି । ଗୋଟିଏ ଛୋଟ ଝିଅ ଭାବରେ ଏହାହିଁ ଥିଲା ମୋର ଧାରଣା । ରାଷ୍ଟ୍ରପତି କିପରି ଦେଖା ଯାଉଥିବେ - ମୁଁ ଅନେକ ସମୟ ଭାବିଲି । ସେ ଜମି ମାଲିକ ଠାରୁ ଆହୁରି ବିପୁଳ ଶରୀରର ଅଧିକାରୀ ହୋଇଥିବେ ବୋଲି ମୁଁ କଳ୍ପନା କରୁଥିଲି । ଜମି ମାଲିକ ପରି ଲମ୍ବା ଚଉଡ଼ା ଲୋକ ଆମ ଗାଁରେ ଆଉ କେହି ନଥିଲେ । ତେଣୁ ମୁଁ ଭାବିଲି ରାଷ୍ଟ୍ରପତି ଜମି ମାଲିକ ଠାରୁ ନିଶ୍ଚୟ ବେଶୀ ଡ଼େଙ୍ଗା ହୋଇଥିବେ । ମୁଁ ବଡ଼ ହେବା ପରେ ମୋର ଆଉ ଥରେ ଜମି ମାଲିକ ସହିତ ଦେଖା ହୋଇଥିଲା । ସେତେବେଳେ ମୋତେ ଦେଇଦେବା ପାଇଁ ସେ ମୋର ବାପା, ମା'ଙ୍କୁ କହିଲା । ସେତିକିବେଳେହିଁ ମୋତେ ରାଜଧାନୀକୁ ଯିବାକୁ ପଡ଼ିଥିଲା । ତାହା ହେଉଛି ମୋ ଜୀବନର ଅନ୍ୟ ଏକ ଅଧ୍ୟାୟ । □

Digitized by srujanika@gmail.com

୫

ଗୁଆଟେମାଲା ନଗରକୁ ପ୍ରଥମ ଯାତ୍ରା

'ପ୍ରଥମଥର ସହରକୁ ଯାଇ ମୁଁ ତାହାକୁ ଗୋଟିଏ ରାକ୍ଷସ ଭାବରେ ଦେଖିଥିଲି, ଅଜଣା ଓ ଅଲଗା ।'

ରିଗୋବେର୍ଟା ମେଞ୍ଚୁ

ସାତବର୍ଷ ବୟସରେ ମୁଁ ଥରେ ପର୍ବତମାନଙ୍କ ମଧ୍ୟରେ ହଜିଯାଇଥିଲି । ମୁଁ ଯେ ବଡ଼ ହୋଇଯାଇଛି, ସେତେବେଳେ ପ୍ରଥମଥର ପାଇଁ ଅନୁଭବ କଲି । ଆମେ ଫିନ୍‌କାରୁ ଅଲଟିପ୍ଲାନୋକୁ ସଦ୍ୟ ଫେରିବା ପରେ ସବୁ ଭାଇ ଭଉଣୀ ଜ୍ୱରରେ ପଡ଼ିଥାଉ । ଫିନ୍‌କାରୁ ଫେରିବାବେଳକୁ ଆମ ଅବସ୍ଥା ଖରାପ । ଯେତେବେଳେ ଆମର ସମସ୍ତ ପଇସା ସରିଗଲା, ମୋ ବାପା କହିଲେ, ରୋଗିଣା ପିଲାଗୁଡ଼ିକୁ ନେଇ ଫିନ୍‌କାକୁ ଯିବା ଅର୍ଥ ସେଠାରେ ସେମାନଙ୍କୁ କବର ଦେଇଆସିବା । ତେଣୁ ଏକ ମାତ୍ର ବିକଳ୍ପ ଥିଲା ପାହାଡ଼ ଉପରକୁ ଯାଇ ବେତ ସଂଗ୍ରହ କରିବା । ମୋ ବଡ଼ ଭାଇ, ଭଉଣୀ, ବାପା ଓ ମୁଁ ସମସ୍ତେ ଏହି କାମରେ ଲାଗୁଥିଲୁ । ଆମେ ପିଲାମାନେ ଯେତେବେଳେ ସମୟ ପାଉଥିଲୁ ବେତ ସଂଗ୍ରହ କରିବା ପାଇଁ ପାହାଡ଼ ଉପରକୁ ଚାଲିଯାଉଥିଲୁ । ଆମେ ରହୁଥିବା ଅଞ୍ଚଳରେ ଏହା ପ୍ରଚୁର ଭାବେ ମିଳୁଥିଲା । କେତେବେଳେ ଯଦି ଅନ୍ୟ କାମ ନଥିଲା ଓ କିଛି ସମୟ ମିଳୁଥିଲା, ମୋ ବାପା ଆମ ସହିତ ଯୋଗ ଦେଉଥିଲେ । ଏହିପରି ଭାବରେ ଆମେ ସମସ୍ତେ ବେତ ସଂଗ୍ରହରେ ଲାଗି ଯାଉଥିଲୁ । ସପ୍ତାହକ ଭିତରେ ଆମେ ସମସ୍ତେ ମିଶି ଗୋଟିଏ କ୍ୱିଣ୍ଟାଲ ପର୍ଯ୍ୟନ୍ତ ବେତ ସଂଗ୍ରହ କରୁଥିଲୁ । ତାପରେ ଏହାକୁ ଶୁଖା ଯାଉଥିଲା । ପୁଣି ଏକାଠି କରିବା ପରେ ଆମ ଭିତରୁ କେତେଜଣ ଏଥିରୁ ଛାଲି ଛଡ଼ାଉଥିଲୁ ; ଆଉ କେତେଜଣ ଏକାଠି କରି ବାନ୍ଧୁଥିଲୁ । ବେତ ଖୋଜୁ ଖୋଜୁ ଆମେ ବେଳେବେଳେ ପାହାଡ଼ର ଅନେକ ଉପରକୁ ଚାଲିଯାଉଥିଲୁ । ସତର୍କ ନହେଲେ ସେଠାରେ ହଜି ଯିବାର ସମ୍ଭାବନା ଥାଏ । ଆମ କୁକୁର ରାସ୍ତା ଦେଖାଇବାରେ ଆମକୁ ସାହାଯ୍ୟ କରୁଥିଲା ।

କୁକୁରଟି ପଶୁମାନଙ୍କୁ ଖୋଜୁ ଖୋଜୁ ରାସ୍ତା ସବୁ ଜାଣିଥିଲା ଏବଂ ପାହାଡ଼ର ସର୍ବତ୍ର ଆମକୁ ରାସ୍ତା ଦେଖାଇପାରୁଥିଲା । ଥରେ ଆଠଦିନ କାଳ ପାହାଡ଼ରେ ବୁଲିବା ପରେ ଆମର ଖାଦ୍ୟ ସରିଗଲା । କୁକୁରଟିକୁ ଭୋକ ହେବାରୁ ଆମେ ଜାଣିବା ପୂର୍ବରୁ ସେ କେତେବେଳେ ରାତିରେ ଘରକୁ ଫେରିଯାଇଛି । ଆମେ କେଉଁଠି ଥିଲୁ ସଠିକ୍ ଭାବରେ

Digitized by srujanika@gmail.com

ଜାଣିନଥିଲୁ । ମୋର ଯାହା ମନେପଡୁଛି ସେତେବେଳେ ବର୍ଷା ଋତୁ - ଜୁନ୍ ବା ଜୁଲାଇ ମାସ ହେବ । ଆକାଶ ଥିଲା କଳା ବାଦଲରେ ଭରପୂର । ଆମେ କ'ଣ କରିବୁ ଠିକ୍ କରି ପାରିଲୁ ନାହିଁ । ପାହାଡ଼ରେ ହିଂସ୍ର ଜନ୍ତୁ ମାନଙ୍କ ଆକ୍ରମଣର ସମ୍ଭାବନା ଥିବାରୁ ମୋ ବାପା ବ୍ୟସ୍ତ ହୋଇପଡ଼ିଲେ । ଆମେ ରାସ୍ତା ଅନୁମାନ କରି ଚାଲିବାକୁ ଆରମ୍ଭ କଲୁ । କିନ୍ତୁ ଏହା ଦ୍ୱାରା ପାହାଡ଼ ବାହାରକୁ ଯାଉଥିଲୁ କିମ୍ବା ପାହାଡ଼ର ବେଶୀ ବେଶୀ ଭିତରକୁ ଯାଉଥିଲୁ, ଜାଣିବାର ଉପାୟ ନଥିଲା । କୌଣସି ଗାଁ ଭିତରୁ ଗୃହପାଳିତ ପଶୁମାନଙ୍କର ଆୱାଜ ବା କୁକୁର ଭୁକିଲେ ତା'ର ଶବ୍ଦ ପାହାଡ଼ ଭିତରେ ଅନେକ ଦୂରକୁ ଶୁଣାଯାଏ । ଏମିତି କିଛି ଶବ୍ଦ ଶୁଣାଯାଉନଥାଏ । ରାସ୍ତା ଖୋଜିବାରେ ବ୍ୟସ୍ତ ରହି ଅନ୍ୟମାନେ ମୋତେ ଭୁଲିଗଲେ ଏବଂ ମୁଁ ଏକୁଟିଆ ପଛରେ ପଡ଼ିଗଲି । କେଉଁ ରାସ୍ତାରେ ଯିବି ମୁଁ ଜାଣିନଥାଏ । ତେଣେ ମୋତେ ଖୋଜି ଖୋଜି ମୋ ବାପାଙ୍କର ଆଖିରେ ଲୁହ ଆସି ଯାଇଥାଏ । ପାର୍ବତ୍ୟ ଅଞ୍ଚଳରେ ଯିଏ ସବା ଆଗରେ ଚାଲୁଥାଏ, ସେହିଁ ରାସ୍ତା ନିର୍ଦ୍ଧାରଣ କରେ । ସେ ନିଜେ ଚାଲି ଅନ୍ୟମାନଙ୍କ ପାଇଁ ରାସ୍ତା ଖୋଲିଦିଏ । ଏହିପରି ଭାବରେ ଗୋଟିଏ ଧାଡ଼ିରେ ଆମେ ଚାଲୁଥାଉ । ମୁଁ ଥିଲି ସବୁଠାରୁ ସାନ । ମୋ ଭାଇ ଓ ଭଉଣୀମାନେ ଚାଲି ଚାଲି ଏତେ କ୍ଳାନ୍ତ ହୋଇ ଯାଇଥାନ୍ତି ଯେ ମୋ କଥା ବୁଝିବା ପାଇଁ ତାଙ୍କର ଧୈର୍ଯ୍ୟ ନଥାଏ । ମୁଁ କ୍ରମେ ବେଶୀ ପଛରେ ପଡ଼ିଗଲି । ମୁଁ ଖୁବ୍ ଜୋରରେ ପାଟି କରି ଡ଼ାକିଲି; କିନ୍ତୁ କେହି ଶୁଣି ପାରିଲେ ନାହିଁ । ସେମାନେ ସମସ୍ତେ ଅବିରାମ ଚାଲିଥାନ୍ତି । କିଛି ସମୟ ପରେ ସେମାନେ ଚାଲି ଯାଇଥିବା ରାସ୍ତାର ଚିହ୍ନ ମଧ ଜାଣିହେଲା ନାହିଁ । ମୋ ବାପା ପଛକୁ ଫେରି ମୋତେ ଖୋଜିବାକୁ ଚାହିଁବା ବେଳକୁ ସେ ମଧ ରାସ୍ତା ବାରିପାରିଲେ ନାହିଁ । ଏପରି ଭାବରେ ସାତଘଣ୍ଟା କାଳ ମୁଁ ନିଖୋଜ ହୋଇ ରହିଲି । ମୁଁ କାନ୍ଦୁଥାଏ ଓ ଚିତ୍କାର କରୁଥାଏ; କିନ୍ତୁ କେହି ମୋତେ ଶୁଣି ପାରୁ ନଥାନ୍ତି । ସେତିକିବେଳେ ବୟସ୍କ ହେବାର ଅର୍ଥ କ'ଣ ପ୍ରଥମ ଥର ପାଇଁ ମୁଁ ଅନୁଭବ କଲି । ମୁଁ ଅନୁଭବ କଲି ମୋତେ ଅଧିକ ଦାୟିତ୍ୱସମ୍ପନ୍ନ ହେବାକୁ ପଡ଼ିବ; ମୋ ଭାଇ ଓ ଭଉଣୀ ମାନଙ୍କ ପରି । ଶେଷରେ ଆମେ ଯେତେବେଳେ ପରସ୍ପରକୁ ଖୋଜି ପାଇଲୁ, ସେମାନେ ମୋତେ ଦୋଷ ଦେବାକୁ ଆରମ୍ଭ କରିଦେଲେ । ମୁଁ କୁଆଡ଼େ ଚାଲିବା ମଧ ଜାଣିନଥିଲି ।

ଏହିପରି ଭାବରେ ତିନିଦିନ କାଳ ଭୋକରେ ରହି ଆମେ ଚାଲିବାରେ ଲାଗିଲୁ । ରାସ୍ତାରେ କନ୍ଦା ମିଳିଲେ ଖାଉ । କନ୍ଦା ଖାଇବା ବେଳେ ସତରେ ଯେମିତି ମାଂସ ଖାଇବା ପରି ଲାଗୁଥାଏ । ଆମେ କ୍ରମେ ବେଶୀ ବେଶୀ ଦୁର୍ବଳ ହୋଇ ପଡୁଥାଉ, କିନ୍ତୁ ତଥାପି ବେତ ଗୁଡ଼ିକୁ ଛାଡ଼ି ପାରୁନଥିଲୁ । ସେତିକିବେଳେ ଆମେ ଗାଁର ନିକଟବର୍ତ୍ତୀ ହେଲୁଣି ବୋଲି ଜାଣି କୁକୁରଟି ଖୁସିରେ ଆମ ପାଖରେ ଆସି ପହଞ୍ଚିଲା । ସେତେବେଳେ ଆମକୁ ଏତେ ରାଗ ଲାଗୁଥାଏ ଯେ କୁକୁରଟିକୁ ମାରିଦେବା ପାଇଁ ଇଚ୍ଛା ହେଉଥାଏ । ସେତେବେଳେକୁ ମୋ ମା' ଓ ସବୁ ପଡ଼ୋଶୀ ଖୁବ୍ ବ୍ୟସ୍ତ ହୋଇ ପଡ଼ିଥାନ୍ତି ଏବଂ କିଂକର୍ତ୍ତବ୍ୟ ବିମୂଢ ହୋଇ ବସିଥାନ୍ତି ।

Digitized by srujanika@gmail.com

ସେମାନେ ଜାଣିଥିଲେ ଯେ ପାହାଡ଼ରେ ହଜିଯାଇଥିବା ଲୋକଙ୍କୁ ଖୋଜିବା ପାଇଁ ଅନେକ ଲୋକଙ୍କୁ ପାହାଡ଼ ଉପରକୁ ଯିବାକୁ ପଡ଼ିବ । ଅବଶ୍ୟ କୁକୁର ସାହାଯ୍ୟରେ ସେମାନେ ଆମକୁ ଖୋଜି ପାରିଥାନ୍ତେ; କିନ୍ତୁ କ୍ରୋଧରେ ସେମାନେ ସମସ୍ତେ ଗାଁରେ ହିଁ ଅପେକ୍ଷା କରିଥାନ୍ତି । ଏ ଘଟଣାକୁ ମୁଁ କେବେ ଭୁଲି ପାରିବିନାହିଁ । ଆମର ଜୀବନ କିପରି ଥିଲା ଭାବିଲେ ମୋର ଭୀଷଣ କ୍ରୋଧ ହୁଏ । ବେତ କାଟିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ପରେ ସେ ସବୁକୁ ଆମେ ବୋହି ଆଣି ପାରୁନଥିଲୁ । ବର୍ଷା ହେଲେ ବେତକୁ ବୋହିବା ଆହୁରି ବେଶୀ ଆୟାସସାଧ୍ୟ ଥିଲା । ତେଣୁ କିଛି ବେତକୁ ଫୋପାଡ଼ି ଦେଇ ଅଳ୍ପ କିଛି ବେତ ସହିତ ଆମେ ଗାଁକୁ ଫେରିଲୁ । ସେ ସମୟରେ ରାଜଧାନୀରେ ପ୍ରତି କ୍ୱିଣ୍ଟାଲ ବେତ ପାଇଁ ଆମକୁ ୫୦ କ୍ୱେଜାଲ ମିଳୁଥାଏ । ପରିବାରର ପାଞ୍ଚ ବା ଛଅ ଜଣ ସଦସ୍ୟ ମିଶି ଆମେ ପାହାଡ଼ ଉପରେ ପୂରା ସପ୍ତାହେ କାମ କରି ମାତ୍ର ୫୦ କ୍ୱେଜାଲ୍ ପାଉଥିଲୁ । ଏହାକୁ ଛାଡ଼ି ଗାଁରୁ ସହର ଓ ସହରରୁ ରାଜଧାନୀକୁ ପରିବହନ ଖର୍ଚ୍ଚ ଆମକୁ ବହନ କରିବାକୁ ପଡୁଥିଲା ।

ତା'ପରେ ଆମେ ରାଜଧାନୀ ଅଭିମୁଖେ ବାହାରିଲୁ । ମୋ ବାପା ମୋତେ ଖୁବ୍ ଭଲ ପାଉଥିଲେ । ମୁଁ ମଧ୍ୟ ତାଙ୍କୁ ଭାରି ଭଲ ପାଉଥିଲି । ତେଣୁ ତାଙ୍କ ସହିତ ଯାଇ ତାଙ୍କ ଯନ୍ତ୍ରଣାରେ ଅଂଶୀଦାର ହେବା ସବୁବେଳେ ମୋ ଭାଗରେ ପଡୁଥିଲା ।

ଆମେ ରାଜଧାନୀରେ ପହଞ୍ଚିଲୁ । ସେହି ସବୁ ଦିନମାନଙ୍କରେ ମୋ ବାପା ଓ ବେତ କିଣାଳୀ ପରସ୍ପରକୁ କ'ଣ କହୁଥିଲେ ମୁଁ ବୁଝି ପାରୁନଥିଲି ଏବଂ ମନେ ମନେ ଖୁବ୍ ରାଗୁଥିଲି । ତା'ପାଖରେ ପଇସା ନାହିଁ ,ଓ ସେ ବେତ କିଣିବ ନାହିଁ ବୋଲି ଲୋକଟି କହୁଥାଏ । ବୁଢା ଲୋକଟି ଥିଲା ଜଣେ ବଢେଇ । ଗୁଆଟେମାଲାରେ ଏବେ ମଧ୍ୟ ବେତରେ ତିଆରି ଆସବାବପତ୍ର ବ୍ୟବହାର ହେଉଛି । ବିଶେଷ ଭାବରେ ଆଣ୍ଟିଗୁଆର ବଢେଇମାନେ ସ୍ୱତନ୍ତ୍ର ଅସବାବପତ୍ର ତିଆରି କରିବା ପାଇଁ ବେତ କିଣନ୍ତି । ଆମେ ସେମାନଙ୍କ ପାଖକୁ ଗଲୁ । ମୋ ବାପାଙ୍କ ସହିତ କଥା ହେବା ବେଳେ ସେମାନଙ୍କ ଭାବଭଙ୍ଗୀ ମୁଁ ଦେଖୁଥିଲି; କିନ୍ତୁ କ'ଣ କହୁଥିଲେ ମୁଁ ଜାଣିନଥିଲି । ସେମାନେ ବେତ କିଣିବେ ନାହିଁ କହିବାରୁ ମୋ ବାପା ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ । ଆମେ ଅନ୍ୟ କିଣାଳୀମାନଙ୍କ ସନ୍ଧାନରେ ବାହାରିଲୁ । କିନ୍ତୁ ଆମ ପାହାଡ଼ୀଲୋକଙ୍କ ପାଇଁ ରାଜଧାନୀ ଥିଲା ଏକ ଭିନ୍ନ ପୃଥିବୀ । ଶେଷରେ ମୋ ବାପାଙ୍କୁ ଅଧା ମୂଲ୍ୟରେ ପ୍ରଥମ ଲୋକଟିକୁ ବେତଗୁଡ଼ିକୁ ବିକ୍ରୀ କରିବାକୁ ପଡ଼ିଲା । ମାତ୍ର ୨୫ କ୍ୱେଜାଲ ନେଇ ଆମେ ଘରକୁ ଫେରିଲୁ । ଆମେ ବହୁତ ଟଙ୍କା ନେଇ ଆସିବୁ ବୋଲି ଉତ୍କଣ୍ଠାରେ ମା' ଅପେକ୍ଷା କରିଥାନ୍ତି ଏବଂ ଖୁବ୍ କମ୍ ଟଙ୍କା ଧରି ଆସିବାରୁ ସେ କ୍ରୋଧରେ ଫାଟି ପଡ଼ିଲେ । ଏତେ ପରିଶ୍ରମ ଓ ଯନ୍ତ୍ରଣାର ମୂଲ୍ୟ ଯେ ଏତେ କମ୍ ହୋଇପାରେ - ଏହାହିଁ ତାଙ୍କୁ ଗଭୀର ଦୁଃଖ ଦେଇଥିଲା । ଆମେ ପିଲାଦିନେ ବେତ ସଂଗ୍ରହ କରିବା ପାଇଁ କେତେ ଭୋକ ଓ ଥଣ୍ଡା ସହିଛୁ ସେ ଜାଣିଥିଲେ - ତେଣୁ ଆମ ପାଇଁ ତାଙ୍କର ଖୁବ୍ ଦୁଃଖ ହେଲା ଶେଷରେ ସମସ୍ତେ

Digitized by srujanika@gmail.com

ମିଶି କିଛି ପଇସା ପାଇବୁ ବୋଲି ଆଶା କରି ଆମେ ଫିନ୍‌କାକୁ ଫେରିଲୁ ।

ବେଳେବେଳେ ଆମେ କିଛି ପାହାଡ଼ୀ ଛତୁ ଓ ଔଷଧ ଗଛ ସହରକୁ ନେଇ ଯାଉଥିଲୁ ଓ ସେଗୁଡ଼ିକୁ ବିକି ହାତରେ କିଛି ପଇସା ନେଇ ଫେରୁଥିଲୁ । କିନ୍ତୁ ଆମ ପିଲାମାନଙ୍କ ପାଇଁ ବେତ ସଂଗ୍ରହ କରିବା ହିଁ ମୁଖ୍ୟ କାମ ଥିଲା ।

ସହରକୁ ପ୍ରଥମ ଗସ୍ତ ମୋ ଜୀବନର ଗୋଟିଏ ବଡ଼ ପଦକ୍ଷେପ ଥିଲା । ମୁଁ ମୋ ବାପାଙ୍କର ପ୍ରିୟ ଥିଲି ଏବଂ ତାଙ୍କ ସହିତ ସବୁଆଡ଼କୁ ଯାଉଥିଲି । ପ୍ରଥମ ଥର ପାଇଁ ମୁଁ ଗୋଟିଏ ଝରକା ଥିବା ଟ୍ରକରେ ବସିଲି । ନିବୁଜ ଲରୀରେ ପଶୁ ଓ ମଣିଷ ସହ ଲଦା ହୋଇ ଗୋଟିଏ ଚୂଲୀ ଉପରେ ବସିବା ଭଳି ଅନୁଭୂତି ସହ ଆମେ ଅଭ୍ୟସ୍ତ ଥିଲୁ । ଟ୍ରକରେ ଝରକା ଥିବ ଓ ବସିବା ପାଇଁ ସିଟ୍ ଥିବ - ଏହାଥିଲା ମୋ ପାଇଁ ପ୍ରଥମ ଅନୁଭୂତି । ଏହି ଟ୍ରକ୍‌ଟି ମୁଁ ଜାଣିଥିବା ଟ୍ରକ ପରି ହୋଇ ନଥିବାରୁ ସେଥିରେ ବସିବା ପାଇଁ ମୁଁ ପ୍ରଥମେ ରାଜି ହେଲି ନାହିଁ । ତେଣୁ ମୋ ବାପା କହିଲେ, 'ବ୍ୟସ୍ତ ହେବୁ ନାହିଁ, ମୁଁ ତୋତେ ଭଲ ଭାବରେ ଧରି ରଖିବି ।' ଟ୍ରକ୍‌ରେ ବସିବା ଲାଗି ବୁଝାଇବା ପାଇଁ ସେ ମୋତେ ମିଠେଇ ମଧ୍ୟ ଦେଲେ । ତା'ପରେ ଆମେ ବାହାରିଲୁ । ଟ୍ରକ ଷ୍ଟାର୍ଟ ହୋଇ ଚାଲିବା କଥା ମୋର ମନେଅଛି । ଉସ୍‌ପାଣ୍ଟାନ୍‌ରୁ ରାଜଧାନୀ ପର୍ଯ୍ୟନ୍ତ ଯିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗାଁ ଗୁଡ଼ିକୁ ଦେଖି ଦେଖି ମୋ ଆଖିରେ ନିଦ ନଥାଏ । ଏହା ମୋ ମନରେ ଗଭୀର ରେଖାପାତ କଲା । ରାସ୍ତାରେ ସବୁ କିଛି ଦେଖିବା - ସହର, ପାହାଡ଼, ଆମ ଘର ଠାରୁ ଭିନ୍ନ କିସମର ଘର - ଏସବୁ ଚମତ୍କାର ଅନୁଭୂତି ଥିଲା ।

ମୋତେ ଭାରି ଖୁସି ଲାଗୁଥାଏ; ଟ୍ରକ୍‌ଟି କାଳେ ରାସ୍ତା ପାର୍ଶ୍ୱର ଗର୍ତ୍ତରେ ପଡ଼ିଯିବ ସେଥିପାଇଁ କିଛି ଭୟ ବି ଲାଗୁଥାଏ । ଆମେ ଯେତେବେଳେ ରାଜଧାନୀରେ ପହଞ୍ଚିଲୁ, ମୁଁ ପ୍ରଥମଥର ପାଇଁ କାର୍ ଦେଖିଲି । ସେମାନେ ରାସ୍ତାରେ ଯାଉଥିବା ପଶୁ ହୋଇଥିବେ ବୋଲି ମୁଁ ପ୍ରଥମେ ଭାବିଥିଲି । ସେଗୁଡ଼ିକ କାର୍ ହୋଇଥିବ - ଏହା ମୁଁ ମୋତେ ଅନୁମାନ କରି ପାରିନଥିଲି । ସେ ଗୁଡ଼ିକ କ'ଣ ବୋଲି ମୁଁ ବାପାଙ୍କୁ ପଚାରିବାରୁ ସେ କହିଲେ : ' ଏଗୁଡ଼ିକ ମଧ୍ୟ ଟ୍ରକ ପରି ପଦାର୍ଥ, କିନ୍ତୁ ଆକାରରେ ସାନ । ଯେଉଁମାନଙ୍କର କମ୍ ଜିନିଷ ନେବାକୁ ଥାଏ ସେମାନେ ଏଥିରେ ଯାଆନ୍ତି । ଆମେ ଯେଉଁ ଗାଡ଼ିରେ ଫିନ୍‌କାକୁ ଯାଉ, ଯେଉଁଥିରେ ଶ୍ରମିକମାନେ ଯିବା ଆସିବା କରନ୍ତି, ଆମ ଲୋକଙ୍କ ପାଇଁ ତାହାହିଁ ଲରି ।' ମୋ ବାପା କହୁଥାନ୍ତି: ' ଆମେ ବର୍ତ୍ତମାନ ଯେଉଁ ଗାଡ଼ିରେ ଯାଉଛୁ, ସେଥିରେ ଲୋକ ମାନେ ରାଜଧାନୀକୁ ଯାଆନ୍ତି; କାମ କରିବା ପାଇଁ ନୁହେଁ, କେବଳ ବୁଲିବା ପାଇଁ । ଆଉ ସେଇ ଛୋଟ ଗାଡ଼ି ଗୁଡ଼ିକ ଧନୀ ଲୋକମାନଙ୍କର ଏବଂ ସେମାନେ ତାକୁ କେବଳ ନିଜ ପାଇଁ ବ୍ୟବହାର କରନ୍ତି । ସେମାନଙ୍କର କିଛି ଜିନିଷ ନେବାକୁ ନଥାଏ ।' ମୁଁ ଯେତେବେଳେ ପ୍ରଥମେ ଏହି ଗାଡ଼ି ଗୁଡ଼ିକୁ ଦେଖିଲି, ମୁଁ ଭାବିଲି ସେମାନଙ୍କ ଭିତରେ ନିଶ୍ଚୟ ଧକ୍କା

Digitized by srujanika@gmail.com

ହୋଇଯିବ । କିନ୍ତୁ ତାହା ହେଲା ନାହିଁ । ଗୋଟିଏ ଗାଡ଼ି ଅଟକିଲେ, ଅନ୍ୟ ସବୁ ଗାଡ଼ି ଅଟକି ଯାଉଥିଲେ । ଏସବୁ ଦେଖି ମୋତେ ଭାରି ଆଶ୍ଚର୍ଯ୍ୟ ଲାଗୁଥାଏ । ମୋର ମନେଅଛି, ଘରକୁ ଫେରି ମୁଁ ମୋର ଭାଇ ଭଉଣୀ ମାନଙ୍କୁ କହିଥିଲି - କାର୍ ଗୁଡ଼ିକ କିପରି ଦେଖାଯାଆନ୍ତି, ଡ୍ରାଇଭରମାନେ କିପରି ସେଗୁଡ଼ିକୁ ଚଲାନ୍ତି, ସେଗୁଡ଼ିକ ପରସ୍ପର ସହିତ ଧକ୍କା ଲାଗନ୍ତି ନାହିଁ ବା ଦୁର୍ଘଟଣାରେ କେହି ମରନ୍ତି ନି - ଏମିତି ମୋର କେତେ କଥା କହିବାକୁ ଥାଏ ଘରେ ପହଞ୍ଚିଲେ । ମୋ ବାପା ମୋତେ କହିଲେ: ‘ ତୁ ବଡ଼ ହେଲେ ନିଶ୍ଚୟ ଦେଶକୁ ବୁଲି ଦେଖିବୁ । ମୁଁ ଯାହା କରୁଛି ତୋତେ ମଧ ତାହା କରିବାକୁ ପଡ଼ିବ ।’ ଏହାହିଁ ସେ ସବୁବେଳେ କହୁଥିଲେ । ବେତକୁ ବିକ୍ରୀକରି ଖୁବ୍ ଅଳ୍ପ ଟଙ୍କା ପାଇବା ପରେ ମୋ ବାପା ଜାତୀୟ କୃଷି ଅଫିସ୍‌କୁ ଗଲେ । ବାଇଶି ବର୍ଷ ଧରି ବାପା ‘କୃଷି ପରିବର୍ତ୍ତନ ଅଫିସ’ ମାନଙ୍କୁ ଯାଉଥାନ୍ତି । ଜମି ସମ୍ପର୍କରେ କିଛି ସମସ୍ୟା ଥିଲେ, ଜମି ବିକିଥିଲେ କିମ୍ବା ଯେତେବେଳେ ସରକାର କୃଷକ ମାନଙ୍କୁ ଅନ୍ୟ ଅଞ୍ଚଳରେ ଥଇଥାନ କରିବାକୁ ଚାହୁଁଥିଲେ । ସେମାନଙ୍କୁ କୃଷି ପରିବର୍ତ୍ତନ ଅନୁଷ୍ଠାନ ଜରିଆରେ ଯିବାକୁ ପଡୁଥିଲା । ଧାର୍ଯ୍ୟ ହୋଇଥିବା ନିର୍ଦ୍ଦିଷ୍ଟ ଦିନରେ ହିଁ ତୁମକୁ ସେଠାକୁ ଯିବାକୁ ପଡ଼ିବ । ସେହି ଦିନ ଆସି ନପାରିଲେ ଦଣ୍ଡ ମିଳେ ବା ଜୋରିମନା ଦେବାକୁ ପଡ଼େ । ମୋ ବାପା ମୋତେ ବୁଝାଇଲେ, ଗରିବ ଲୋକମାନଙ୍କ ପାଇଁ ଗୋଟିଏ ଜେଲ୍‌ଖାନା ଅଛି । ଏବଂ ତୁମେ କୃଷି ଦପ୍ତରକୁ ଯିବାରେ ଯଦି ଖିଲାପ କରିବ, ଜେଲଖାନାକୁ ଯିବାକୁ ପଡ଼ିବ । ଜେଲଖାନା କ’ଣ ମୁଁ ସେତେବେଳେ ଜାଣିନଥିଲି । କୃଷି ଦପ୍ତରର ଲୋକମାନଙ୍କୁ ସମ୍ମାନ ନଦେଖାଇଲେ ସେମାନେ ଦପ୍ତର ଭିତରକୁ ଯିବାକୁ ଦିଅନ୍ତି ନାହିଁ ବୋଲି ମୋ ବାପା କହୁଥିଲେ । ତୁମେ ଯେତେବେଳେ ଭିତରକୁ ଯିବ, ନୀରବ ରହିବ ଏବଂ କଥା କହିବ ନାହିଁ , ସେ କହିଲେ । ଭିତରକୁ ଯାଇ ବାପା ତାଙ୍କ ଟୋପି ବାହାର କରି ଏକ ବଡ଼ ଟେବୁଲ ଉପରେ ଟାଇପରାଇଟରରେ କିଛି ଲେଖୁଥିବା ଲୋକଟିକୁ ମୁଣ୍ଡ ନୁଆଁଇ ସମ୍ମାନ ପ୍ରଦର୍ଶନ କରିବା ମୁଁ ଦେଖିଲି ।

ଟାଇପରାଇଟର ଦେଖି ମୋତେ ଭାରି ଆଶ୍ଚର୍ଯ୍ୟ ଲାଗୁଥାଏ । କାଗଜରେ ଏତେକଥା ଲେଖା ହୋଇ କିପରି ଯନ୍ତ୍ର ଭିତରୁ ବାହାରୁଥିଲା ମୁଁ ବୁଝି ପାରୁନଥିଲି । ଅଫିସ୍‌ର ଲୋକମାନେ କିପରି ହୋଇଥିବେ ମୁଁ ଚିନ୍ତା କର ପାରୁ ନଥିଲି; କିନ୍ତୁ ମୋ ବାପା ଟୋପି ବାହାର କରି ସେମାନଙ୍କ ସହ ଖୁବ୍ ବିନୟର ସହିତ କଥା ହେଉଥିବାରୁ ସେମାନେ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ଲୋକ ହୋଇଥିବେ ବୋଲି ମୁଁ ଭାବିଲି । ଏହା ପରେ ଆମେ ଘରକୁ ଫେରିଲୁ । କିନ୍ତୁ ଏଣିକି ବାପା ଯେତେବେଳେ ରାଜଧାନୀକୁ ଯାଉଥିଲେ, ମୁଁ ତାଙ୍କ ସହିତ ଯିବା ପାଇଁ ଇଚ୍ଛା କରୁଥିଲି । ଅବଶ୍ୟ ମୋତେ ସାଥିରେ ନେବା ପାଇଁ ତାଙ୍କ ପାଖରେ ଯଥେଷ୍ଟ ଟଙ୍କା ନଥିଲା । ସହରରେ କେତେ କୌତୁହଳପୂର୍ଣ୍ଣ କଥା ଦେଖିବାକୁ ଥିଲା; ଆହୁରି ଅନେକ ଜିନିଷ ଥିଲା ଯାହାକୁ ମୁଁ ଡ଼ରୁଥିଲି ଏବଂ ଦେଖିବାକୁ ଚାହୁଁନଥିଲି । ମୁଁ ଭାବୁଥିଲି, ସହରରେ ମୁଁ

Digitized by srujanika@gmail.com

କଦାପି ଏକୁଟିଆ ରହି ପାରନ୍ତି ନାହିଁ । ମୋ ପାଇଁ ସହର ଥିଲା ଗୋଟିଏ ରାକ୍ଷସ; ଅଜଣା ଓ ଅଲଗା । ଏହା ବ୍ୟତୀତ ସହର ଥିଲା 'ଲାଡ଼ିନୋ' ମାନଙ୍କର ପୃଥିବୀ । ଆମେ ଥିଲୁ ତାଙ୍କ ଠାରୁ ଭିନ୍ନ । ପରେ ମୁଁ ରାଜଧାନୀକୁ ଅନେକ ଥର ଗଲି, ଏବଂ କ୍ରମେ ଏହା ସହିତ ବେଶୀ ଚିହ୍ନା ହେଲା । ତଥାପି ସହରର ପ୍ରଥମ ଛାପ ମୋ ଉପରେ ରହିଗଲା । ମୋର ମନେ ପଡୁଛି ଥରେ ମୋ ବାପାଙ୍କୁ ଓ ମୋତେ ଭାରି ଭୋକ ଲାଗିଥାଏ । ଆମ ପାଖରେ ଖାଇବା ପାଇଁ କିଛି ନଥିଲା । ବାପା କହିଲେ: 'ଆମକୁ କେତେ ସ୍ଥାନକୁ ଯିବାକୁ ପଡ଼ିବ, ତେଣୁ ନଖାଇ ରହିବାକୁ ହେବ ।' ଆମେ ସହର ତମାମ ବୁଲିଲୁ । ମୋତେ ଭାରି ଭୋକ ଲାଗୁଥାଏ । ମୁଁ ବାପାଙ୍କୁ ପଚାରିଲି : 'ତୁମକୁ କ'ଣ ଭୋକ ଲାଗୁନାହିଁ ? ' ସେ କହିଲେ: 'ଭୋକ ଲାଗୁଛି ସତ, କିନ୍ତୁ ଆମକୁ ଆହୁରି କେତେ କାମ କରିବାକୁ ପଡ଼ିବ ।'

ଖାଦ୍ୟ ବଦଳରେ ସେ ମୋ ପାଇଁ ଗୋଟିଏ ଚକୋଲେଟ କିଣିଦେଲେ । ସେହି ସ୍ମୃତି ମୋ ମନରୁ ଲିଭିନାହିଁ । ଯେତେବେଳେ ବାପା ରାଜଧାନୀକୁ ଯାଉଥିଲେ, ତାଙ୍କୁ ଭୋକିଲା ରହିବାକୁ ପଡୁଥିଲା । ମୁଁ କେବେ ଆଇସକ୍ରିମ ଖାଇନଥିଲି । ମୋ ବାପା ଥରେ ପାଞ୍ଚ ସେଣ୍ଟାଭୋ ଦେଇ ଗୋଟିଏ ଆଇସକ୍ରିମ କିଣି ଦେଇଥିଲେ । ତା'ର ସ୍ୱାଦ ମୋତେ ଖୁବ୍ ଭଲ ଲାଗିଲା ।

ଆମେ ରାଜଧାନୀରେ ତିନିଦିନ କଟାଇଲୁ । ବାପାଙ୍କର ଜଣେ ସାଙ୍ଗ ସେଠାରେ ରହୁଥିଲେ । ସେ ଆମ ଅଞ୍ଚଳର ଲୋକ ଏବଂ ଆମର ପଡ଼ୋଶୀ ମଧ୍ୟ ଥିଲେ । ଜିନିଷ କିଣା ବିକା ଆରମ୍ଭ କରି ସେ ରାଜଧାନୀକୁ ଉଠି ଯାଇଥିଲେ । ସହରର ଉପକଣ୍ଠରେ ତାଙ୍କର କାର୍ଡ଼ବୋର୍ଡ଼ରେ ତିଆରି ଛୋଟ ଘରଟିଏ ଥିଲା । ଆମେ ତାଙ୍କ ଘରେ ରହିଲୁ । ତାଙ୍କ ପିଲାମାନଙ୍କୁ ଦେଖି ମୋର ଭାରି ଦୁଃଖ ହେଲା । ସେମାନେ ସହରକୁ ଆସିବା ପୂର୍ବରୁ ଆମେ ସାଙ୍ଗହୋଇ ଖେଳୁଥିଲୁ ଏବଂ ନଦୀକୁ ଯାଉଥିଲୁ । ସେମାନେ ଯେତେବେଳେ ମୋତେ ପଚାରିଲେ, ପଶୁମାନେ କିପରି ଅଛନ୍ତି , ନଦୀ ଓ ଗଛମାନଙ୍କ ଖବର କ'ଣ, ମୁଁ କାନ୍ଦି ପକାଇଲି । ସେମାନେ ଗାଁକୁ ଫେରି ଯିବାକୁ ଚାହୁଁଥିଲେ । ସେମାନଙ୍କ ପାଇଁ ମୋର ଖୁବ୍ ଦୁଃଖ ହେଲା । ଘରେ ସେମାନଙ୍କ ପାଇଁ କିଛି ଖାଦ୍ୟ ନଥିଲା କହିଲେ ଚଳେ । ତେଣୁ ଆମକୁ କିଛି ଖାଇବାକୁ ଦେବା ସେମାନଙ୍କ ପକ୍ଷରେ ସମ୍ଭବ ନଥିଲା । ଯାହାହେଉନା କାହିଁକି, ଆମେ ସେହିଠାରେ ହିଁ ରହିଲୁ । □

Digitized by srujanika@gmail.com

୬

ଆଠ ବର୍ଷ ବୟସର ଜଣେ କୃଷି ଶ୍ରମିକ

'ଏବଂ ଠିକ୍ ସେତିକିବେଳେ ମୋ ଚେତନା ଉଦୟ ହେଲା ।'

ରିଗୋବର୍ଟୋ ମେଞ୍ଚୁ

ଖୁବ୍ ସାନବେଳୁ ମୁଁ କାମ କରିବା ଆରମ୍ଭ କଲି, କିନ୍ତୁ କିଛି ରୋଜଗାର କରୁନଥିଲି । ପ୍ରକୃତରେ ମୁଁ ମୋ ମା'ଙ୍କୁ ସାହାଯ୍ୟ କରୁଥିଲି । କଫି ତୋଳିବା ବେଳେ ସବୁବେଳେ ମା'ଙ୍କୁ ମୋ ସାନ ଭାଇକୁ ପିଠିରେ ବୋହିବାକୁ ପଡୁଥିଲା । କାମ ସାରିବା ପାଇଁ ଚେଷ୍ଟା କଲା ବେଳେ ମୋ ମା'ଙ୍କର ମୁହଁ ଝାଳରେ ଓଦା ହୋଇଯିବା ଦେଖି ମୋତେ ଭାରି ଦୁଃଖ ଲଗୁଥିଲା ଏବଂ ମୁଁ ତାଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲି । କିନ୍ତୁ ମୋ କାମ କେବଳ ମା'ଙ୍କ କାମରେ ମିଶୁଥିଲା । ସେଥିପାଇଁ ମୋତେ କିଛି ମଜୁରୀ ମିଳୁନଥିଲା । ମୁଁ ହୁଏତ କଫି ତୋଳୁଥିଲି, କିମ୍ବା ମା' ଯେପରି ଶୀଘ୍ର କାମ କରି ପାରିବେ, ସେଥିପାଇଁ ସାନଭାଇ କଥା ବୁଝୁଥିଲି । ସେତେବେଳେ ମୋ ସାନ ଭାଇକୁ ଦୁଇବର୍ଷ ବୟସ ହୋଇଥାଏ । ପିଲା ଓ ମା' ଉଭୟ ଖାଇଲେ ଦୁଇଗୁଣ ଖାଦ୍ୟର ଆବଶ୍ୟକତା ପଡ଼ିବ, ସେହି କାରଣରୁ ଭାରତୀୟ ସ୍ତ୍ରୀ ଲୋକମାନେ ତାଙ୍କ ପିଲାଙ୍କୁ ସ୍ତନ୍ୟପାନ କରାଇବାକୁ ପସନ୍ଦ କରନ୍ତି । ମୋ ସାନଭାଇ ମା'ଙ୍କ ଠାରୁ ସ୍ତନ୍ୟପାନ କରୁଥିଲା । ଏଥିପାଇଁ ଏବଂ ଅନ୍ୟ ସବୁ କଥା ବୁଝିବା ପାଇଁ ମା'ଙ୍କୁ କିଛି ସମୟ ବ୍ୟୟ କରିବାକୁ ପଡୁଥିଲା ।

ମୋର ମନେପଡୁଛି, ସେତେବେଳେ ମୋ ମା'ଙ୍କର କାମ ଥିଲା ଚାଳିଶି ଜଣ ଶ୍ରମିକଙ୍କ ପାଇଁ ଖାଦ୍ୟ ତିଆରି କରିବା । ସେ ମକାକୁ ପେଷୁଥିଲେ, ମକାପିଠା ତିଆରି କରୁଥିଲେ, କଡ଼େଇକୁ ଚୂଲୀ ଉପରେ ରଖୁଥିଲେ ଏବଂ ଶ୍ରମିକମାନଙ୍କ ପାଇଁ ବିନ୍ ରାନ୍ଧୁଥିଲେ । ଏ ସବୁ ଖୁବ୍ କଷ୍ଟକର କାମ ଥିଲା । ସକାଳେ ଯେତେ ମକା ଚକଟା ଯାଉଥିଲା, ସେହି ସକାଳେ ହିଁ ବ୍ୟବହାର ନକଲେ ତାହା ଖରାପ ହୋଇଯାଏ । ମୋ ମା'ଙ୍କୁ ସବୁ ଶ୍ରମିକ ଖାଇବା ପରି ଯଥେଷ୍ଟ ସଂଖ୍ୟାରେ ମକାପିଠା ପ୍ରସ୍ତୁତ କରିବାକୁ ପଡୁଥିଲା । ତାଜା ପିଠା ଖାଇବାକୁ ପାଇ ଶ୍ରମିକମାନେ ମା'ଙ୍କର କାମକୁ ପ୍ରଶଂସା କରୁଥିଲେ । କିନ୍ତୁ ଆମେ ଯେଉଁ ଖାଦ୍ୟ ଖାଉଥିଲୁ, ତାକୁ ଅନ୍ୟଜଣେ ସ୍ତ୍ରୀ ଲୋକ ତିଆରି କରୁଥିଲା । ସେ ବେଳେବେଳେ ଆମକୁ ବାସି ଖାଦ୍ୟ, ଦାନ୍ତରେ ଛିଣ୍ଡୁ ନଥିବା ମକାପିଠା ଓ ଦରସିଝା ବିନ୍

Digitized by srujanika@gmail.com

ଖାଇବାକୁ ଦେଉଥିଲା । ଫିନ୍‌କାରେ ଯେଉଁ ସ୍ତ୍ରୀ ଲୋକମାନେ ରୋଷେଇ ଦାୟିତ୍ୱରେ ଥାଆନ୍ତି, କାହା ପାଇଁ ରୋଷେଇ କରିବେ ଜାଣିନଥାନ୍ତି । ଓଭରସିଅର ଆସେ ଓ କହେ : 'ଏଇମାନଙ୍କ ପାଇଁ ଖାଦ୍ୟ ତିଆରି ହେବ । ତୁମକୁ ଅମୁକ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ, ଅମୁକ ଲୋକମାନଙ୍କ ପାଇଁ ପ୍ରସ୍ତୁତ ହେବ, ଅମୁକ ସମୟ ସୁଦ୍ଧା ଖାଦ୍ୟ ତିଆରି ହୋଇଯିବା ଦରକାର - ତେଣୁ କାମରେ ଲାଗିଯାଅ ।' ତେଣୁ ବିଭିନ୍ନ ସମୟରେ ବିଭିନ୍ନ ସ୍ତ୍ରୀ ଲୋକ ଆମ ପାଇଁ ରୋଷେଇ କରୁଥିଲେ । ରାତି ଅନିଦ୍ରା ହେବାକୁ ପଡୁ ପଛକେ ମୋ ମା' ଶ୍ରମିକ ମାନଙ୍କୁ ଯାହା ଭଲ ଲାଗିବ ସେପରି ଖାଦ୍ୟ ପ୍ରସ୍ତୁତ କରିବାକୁ ଭଲ ପାଉଥିଲେ । ମୋ ମା' ଚାହୁଁଥିଲେ ସେମାନେ କ୍ଳାନ୍ତ ହୋଇ ଫେରିବାପରେ ଭଲରେ ଖାଆନ୍ତୁ । ତାଙ୍କ ନିଜ ପରିବାରକୁ ଖରାପ ଖାଦ୍ୟ ଖାଇବାକୁ ପଡୁଥିଲା, ଏଥିପାଇଁ ତାଙ୍କର ଚିନ୍ତା ନଥିଲା ।

ମୋ ମା' ଯେତେବେଳେ ଏହି କାମ କରୁଥିଲେ, ମୋତେ ପାଞ୍ଚ ବର୍ଷ ହୋଇଥିଲା ଏବଂ ମୁଁ ମୋ ଛୋଟ ଭାଇର ଯତ୍ନ ନେଉଥିଲି । ସେତେବେଳକୁ ମୁଁ ରୋଜଗାର କରିନଥାଏ । ମୁଁ ମୋ ମା'ଙ୍କୁ ଲକ୍ଷ୍ୟ କରୁଥିଲି । ଭୋର ତିନିଟା ବେଳକୁ ସକାଳେ ଶୀଘ୍ର କାମ ଆରମ୍ଭ କରୁଥିବା ଶ୍ରମିକମାନଙ୍କ ପାଇଁ ସେ ଖାଦ୍ୟ ପ୍ରସ୍ତୁତ କରି ଦେଉଥିଲେ, ସେହିପରି ଦିନ ଏଗାରଟା ବେଳକୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇ ଯାଉଥିଲା । ସଂଧ୍ୟା ସାତଟା ବେଳକୁ ସେ ତାଙ୍କ ଦଳ ପାଇଁ ରାତ୍ରିଭୋଜନ ତିଆରିରେ ଲାଗି ଯାଉଥିଲେ । ମଝିରେ ଯାହା ସମୟ ମିଳୁଥିଲା ସେଥିରେ ସେ ସାମାନ୍ୟ ଅଧିକ ରୋଜଗାର ପାଇଁ କଫି ତୋଳିବା କାମରେ ନିଜକୁ ନିୟୋଜିତ କରୁଥିଲେ । କେବଳ ସାନ ଭାଇକୁ ଦେଖାଶୁଣା କରିବା ବ୍ୟତୀତ ମୋ ମା'ଙ୍କୁ ଅଧିକ କିଛି ସାହାଯ୍ୟ କରି ପାରୁନଥିଲି, ସେଥିପାଇଁ ନିଜକୁ ଦୁର୍ବଳ ଓ ଅନୁପଯୋଗୀ ମନେ କରୁଥିଲି । ସେତିକିବେଳେ ହିଁ ମୁଁ ସଚେତନ ହେବାକୁ ଆରମ୍ଭ କଲି । । ହଁ, ଏହା ନିଛକ ସତ୍ୟ । ମୁଁ ନିଜେ କାମ କରେ ଓ ରୋଜଗାର କରେ ଏହା ମା' ଚାହୁଁନଥିଲେ । କିନ୍ତୁ ଅନ୍ୟ କୌଣସି କାରଣରୁ ନୁହେଁ, ମୋ ମା'ଙ୍କୁ ଶାରୀରିକ ଓ ଅର୍ଥନୈତିକ ଦୃଷ୍ଟିରୁ ସାହାଯ୍ୟ କରିବା ପାଇଁ, ମୁଁ କାମ କରିବାକୁ ଚାହୁଁଥିଲି । କଥା ହେଉଛି ମୋ ମା' ଥିଲେ ଖୁବ୍ ସାହସୀ ଏବଂ ସବୁ ଆହ୍ୱାନର ମୁକାବିଲା କରିବା ପାଇଁ ସଦା ପ୍ରସ୍ତୁତ । କିନ୍ତୁ ବେଳେବେଳେ ମୋର ଭାଇ ଓ ଭଉଣୀ ମାନଙ୍କ ମଧ୍ୟରୁ କେହି ଜଣେ ଅସୁସ୍ଥ ହେଲେ, ମୋ ମା'ଙ୍କର ସବୁ ରୋଜଗାର ଔଷଧ କିଣିବାରେ ଖର୍ଚ୍ଚ ହୋଇଯାଉଥିଲା । ଏହା ମୋତେ ଖୁବ୍ ଦୁଃଖ ଦେଉଥିଲା । ମୋର ମନେ ଅଛି, ଏପରି ଏକ ସମୟରେ ଆମେ ପାଞ୍ଚ ମାସ ଫିନ୍‌କାରେ ରହିବା ପରେ ଅଲ୍‌ଟିପ୍ଲାନୋକୁ ଫେରି ଆସିଥିଲୁ । ମୁଁ ଭୀଷଣ ଅସୁସ୍ଥ ହୋଇ ପଡ଼ିଥାଏ, ଏବଂ ବଞ୍ଚିବାର ଆଶା ମଧ୍ୟ ନଥାଏ । ସେତେବେଳେ ମୋତେ ମାତ୍ର ଛଅ ବର୍ଷ ହୋଇଥିଲା । ମୋର ମୃତବତ୍ ଅବସ୍ଥା ଦେଖି ମା' ବିଷର୍ଣ୍ଣ ହୋଇ ପଡ଼ିଥାନ୍ତି । ଜଳବାୟୁର ପରିବର୍ତ୍ତନ ମୋ ପାଇଁ ଥିଲା ସମ୍ପୂର୍ଣ୍ଣ

Digitized by srujanika@gmail.com

ସହସା । ଏହାପରେ ମୁଁ ସବୁ ମତେ ଚେଷ୍ଟା କଲି ମୋ ଦେହ କିପରି ଖରାପ ନହେବ । ମୋ ମୁଣ୍ଡ ଭୀଷଣ ବିନ୍ଧୁଥିଲେ ମଧ ମୁଁ ଏକଥା ପ୍ରକାଶ କଲି ନାହିଁ ।

ମୋତେ ଯେତେବେଳେ ଆଠ ବର୍ଷ, ମୁଁ ଫିନ୍‌କାରେ କିଛି ରୋଜଗାର କରିବାକୁ ଆରମ୍ଭ କଲି । ପ୍ରତିଦିନ ପଇଁତିରିଶ ପାଉଣ୍ଡ କଫି ତୋଳିବାର ଲକ୍ଷ୍ୟ ମୁଁ ନିଜପାଇଁ ଧାର୍ଯ୍ୟ କରିଥିଲି । ସେ ସମୟରେ ମୋତେ ସେତିକି କାମ ପାଇଁ କୋଡିଏ ସେଣ୍ଟାଭୋ ମିଳୁଥିଲା । କୌଣସି ଦିନ କାମ କରି ନପାରିଲେ, ତା'ପର ଦିନ ସେତିକି କାମ ମୋତେ କରିବାକୁ ପଡୁଥିଲା । ତେଣୁ ମୁଁ ଦୈନିକ କାମର ଲକ୍ଷ୍ୟ ଧାର୍ଯ୍ୟ କରିଦେଲି । ମୋ ଭାଇ ଭଉଣୀମାନେ ସଂଧ୍ୟା ସାତଟା ଆଠଟା ସୁଦ୍ଧା ତାଙ୍କ କାମ ସାରି ବେଳେବେଳେ ମୋତେ ସାହାଯ୍ୟ କରିବାକୁ ଚାହୁଁଥିଲେ । ମୋତେ ନିଜେ କାମ ଶିଖିବାକୁ ପଡ଼ିବ । ମୁଁ ଯଦି ନିଜେ ଏହା ନଶିଖିବି ମୋତେ କିଏ ଶିଖାଇବ ? ମୋ କାମ ମୋତେ ହିଁ ସାରିବାକୁ ହେଉଥିଲା । ବେଳେବେଳେ ବେଶୀ ଗରମ ହେଲେ ମୁଁ କ୍ଳାନ୍ତ ହୋଇପଡୁଥିଲି ଏବଂ ମାତ୍ର ୨୮ ପାଉଣ୍ଡ କଫି ତୋଳି ପାରୁଥିଲି । ମୋ ମୁଣ୍ଡରେ ଭୀଷଣ ବ୍ୟଥା ହେଉଥିଲା । ଥରେଥରେ କ୍ଳାନ୍ତିରେ କଫିବୁଦା ତଳେ ଶୋଇ ପଡ଼ିଥିବା ବେଳେ ମୋ ଭାଇ ଓ ଭଉଣୀ ମାନେ ମୋତେ ଖୋଜି ଆସିଲେ ମୋ ନିଦ ଭାଙ୍ଗୁଥିଲା ।

ସକାଳେ ଆମେ ନିତ୍ୟକର୍ମ ସାରିବା ପାଇଁ ପାଳିକରି ପଦାକୁ ଯାଉଥିଲୁ । ଫିନ୍‌କାରେ ପାଇଖାନା ବା ସ୍ନାନାଗାର ନଥିଲା । ସମସ୍ତେ ଏଥିପାଇଁ ପାହାଡ଼ ଉପରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଉଥିଲେ । ଆମେ ସମସ୍ତେ ମିଶି ପ୍ରାୟ ଚାରିଶହ ଜଣ ଥିଲୁ ଏବଂ ସମସ୍ତେ ସେହି ଏକା ସ୍ଥାନକୁ ଯାଉଥିଲୁ । ସମସ୍ତଙ୍କୁ ନିଜ ପାଳି ପାଇଁ ଅପେକ୍ଷା କରିବାକୁ ପଡୁଥିଲା । ଦଳେ ଯାଇ ଆସିଲେ, ଆଉ ଦଳେ ସେଠାକୁ ଯାଆନ୍ତି । ସେହି ସ୍ଥାନଟି ଏତେ ଅପରିଷ୍କାର ହୋଇ ଥାଏ ଯେ ପ୍ରବଳ ମାଛି ହେଉଥାନ୍ତି ।

ଆମେ ଯେଉଁ ଶିବିରରେ ରହୁଥାଉ, ସେଠାରେ ମାତ୍ର ଗୋଟିଏ ପାଣି ଟ୍ୟାପ ଥିଲା । ସେଥିରେ ଯେତିକି ପାଣି ଆସେ, ହାତ ଧୋଇବା ପାଇଁ ମଧ ଯଥେଷ୍ଟ ହୁଏ ନାହିଁ । କିଛି ଦୂରରେ ଗୋଟିଏ ଖାଲୁଆ ଯାଗାରେ ପାଣି ଜମି ରହୁଥିଲା । ଯେଉଁଠାରୁ ପାଣିନେଇ ଜମି ମାଲିକ କଫି ଓ ଅନ୍ୟ ସବୁ ଫସଲକୁ ମଡ଼ାଉଥିଲା, ଆମେ ପିଇବା ପାଣି ପାଇଁ ତାହାରି ଉପରେ ହିଁ ନିର୍ଭର କରୁଥିଲୁ; ବୋତଲରେ ପାଣି ପୁରାଇ ସାଥିରେ କ୍ଷେତକୁ ନେଇ ଯାଉଥିଲୁ ।

ସାଧାରଣତଃ ଡ଼ାଳରୁ କଫି ତୋଳାଯାଇଥାଏ; କିନ୍ତୁ ବେଳେବେଳେ ପାଚିଯାଇ ତଳେ ପଡ଼ିଗଲେ ଆମକୁ ସେଗୁଡ଼ିକୁ ଭୂଇଁରୁ ଉଠାଇବାକୁ ପଡୁଥିଲା । ଡ଼ାଳରୁ ତୋଳିବା ଅପେକ୍ଷା ଭୂଇଁରୁ ଉଠାଇବା ଅଧିକ କଷ୍ଟସାଧ୍ୟ । କଫି ବୁଦାକୁ ଆଡ଼େଇ ମୂଳରେ ପଡ଼ିଥିବା କଫିକୁ ଉଠାଇବାକୁ ପଡ଼େ । ପାଖ ବିନ୍ ଗଛ ଖୁବ୍ ସାବଧାନତାର ସହିତ ଆମକୁ ଗୋଟି

Digitized by srujanika@gmail.com

ଗୋଟି କରି ବିନ୍ ତୋଳିବାକୁ ପଡ଼େ; ଗୋଟିଏ ବି ଡ଼ାଳ ଭାଙ୍ଗିଲେ ତା ପାଇଁ ଆମ ମଜୁରୀରୁ ପଇସା ଦେବାକୁ ହୁଏ । କଫି ବୁଦା ଛୋଟ ହୋଇଥିଲେ ବେଶୀ ବିପଦ । ଛୋଟ ଗଛର ଡାଳ ବଡ ଗଛର ଡାଳ ଠାରୁ ବେଶୀ ମୂଲ୍ୟବାନ । ଶ୍ରମିକମାନେ କଫି କିପରି ତୋଳୁଛନ୍ତି ଏବଂ ତୋଳିବା ବେଳେ ପତ୍ରର କ୍ଷତି କରୁଛନ୍ତି କି ନାହିଁ ଦେଖିବା ଓଭରସିଅର୍‌ର କାମ । ଆମକୁ ଖୁବ୍ ସାବଧାନତାର ସହିତ କାମ କରିବାକୁ ପଡୁଥିଲା । ସତର୍କ ହେବା ପାଇଁ ଆମେ ପିଲାବେଳୁ ଶିଖୁ । ଫିନ୍‌କାରେ କଫି ତୋଳିବା ଅନୁଭୂତି ପ୍ରତ୍ୟେକ ଜିନିଷକୁ ଖୁବ୍ ଭଦ୍ରଭାବରେ ବ୍ୟବହାର କରିବାକୁ ମୋତେ ଶିଖାଇଥିଲା । କଫି ତୋଳିବାକୁ ଜଣେ ଆହାତ ଲୋକର ସେବା କରିବା ସହିତ ତୁଳନା କରାଯାଇପାରେ । ମୁଁ କ୍ରମେ ଅଧିକ ଲକ୍ଷ୍ୟ ଧାର୍ଯ୍ୟ କରି ବେଶୀ ପରିଶ୍ରମ କରିବାକୁ ଲାଗିଲି । ପ୍ରତିଦିନ ତୋଳୁଥିବା କଫି ବ୍ୟତୀତ ମୁଁ ଏକ ପାଉଣ୍ଡ ପର୍ଯ୍ୟନ୍ତ କଫି ଭୂଇଁରୁ ଉଠାଉଥିଲି । କିନ୍ତୁ ଅଧିକ କାମ ପାଇଁ ସେମାନେ ମୋତେ ବେଶୀ ମଜୁରୀ ଦେଉନଥିଲେ । ସେମାନେ ଯାହା ଦେଉଥିଲେ ତାହା ଥିଲା ଖୁବ୍ କିଞ୍ଚିତ୍ ।

ମୁଁ କାମ କରି ଚାଲିଲି, କିନ୍ତୁ ଦୁଇବର୍ଷ ଧରି ସେମାନେ ମୋତେ ମାତ୍ର କୋଡ଼ିଏ ସେଣ୍ଟାଭୋ ଦେଉଥିଲେ । ମୁଁ ଅଧିକରୁ ଅଧିକ କଫି ତୋଳିଲି । ପ୍ରଥମେ ଏକ ପାଉଣ୍ଡ, ତାପରେ ଦୁଇ ପାଉଣ୍ଡ ଓ ତିନି ପାଉଣ୍ଡ; ଏମିତି ପରିମାଣ ବଢ଼ିଲା । ମୁଁ ପ୍ରକୃତରେ ଜଣେ ବଡ଼ ଲୋକର କାମ କରୁଥିଲି । ଶେଷରେ ସେମାନେ ଅଧିକ ମଜୁରୀ ଦେବା ଆରମ୍ଭ କଲେ । ମୁଁ ଯେତେବେଳେ ସତୁରୀ ପାଉଣ୍ଡ କଫି ତୋଳିଲି , ସେମାନେ ମୋତେ ପଇଁତିରିଶି ସେଣ୍ଟାଭୋ ମଜୁରୀ ଦେଲେ । ରୋଜଗାର କରିବାକୁ ଆରମ୍ଭ କରିବା ପରେ ମୋର ମନେହେଲା ମୁଁ ବଡ଼ ହୋଇଯାଇଛି; ଏବଂ ଯେମିତି ମୁଁ ବାପା ମା'ଙ୍କ ସହିତ ପରିବାରର ଭରଣ ପୋଷଣରେ ସାହାଯ୍ୟ କରୁଛି । ମୁଁ ଯେଉଁଦିନ ମୋର ପ୍ରଥମ ମଜୁରୀ ପାଇଲି, ସେହି ସ୍ୱଳ୍ପ ପରିମାଣର ଅର୍ଥ ମୋ ବାପା ମା'ଙ୍କ ରୋଜଗାରରେ ହିଁ ମିଶିଥିଲା । ଏବେ ମୋର ମନେହେଲା ମୁଁ ବାପା ମା'ଙ୍କ ଜୀବନର ଏକ ଅଂଶ ହୋଇଯାଇଛି । ଏହା ମୋ ପାଇଁ ସହଜ କଥା ନଥିଲା । ବାପା ମା'ଙ୍କ ପ୍ରତି ସ୍ନେହ ହେତୁ ସେମାନେ କିପରି କିଛି ସଞ୍ଚୟ କରିପାରିବେ; ସେଥିପାଇଁ ମୁଁ ଗୋଟିଏ ମୁହୂର୍ତ୍ତ ମଧ ଅପଚୟ କରୁନଥିବା କଥା ମୋର ଭଲ ଭାବରେ ମନେଅଛି । ମୋ ବାପା ମା' ଟାଣଟୁଣ ହୋଇ ଚଳୁଥିଲେ । କାମରେ ମୋର ଯୋଗଦାନ ସତ୍ତ୍ୱେ ବି ପଇସା କିଛି ବଞ୍ଚୁ ନଥିଲା ।

ମୋତେ ଯେତେବେଳେ ଆଠ ବର୍ଷ, ମୁଁ ଥରେ ଅସୁସ୍ଥ ହୋଇପଡ଼ିଲି । ଫିନ୍‌କାରେ ତିନିମାସ ବି ହୋଇ ନଥାଏ, ମୋ ଦେହ ଖରାପ ହେଲା ଏବଂ ଆମକୁ ଘରକୁ ଫେରିବାକୁ ପଡ଼ିଲା । ଅବଶ୍ୟ ମାର୍ଚ୍ଚ ମାସରେ ମକା ବୁଣିବା ପାଇଁ ଯେମିତି ହେଲେବି ଅଲ୍‌ଟିପ୍ଲାନୋକୁ ଫେରିବାକୁ ପଡ଼ିଥାନ୍ତା । ତେଣୁ ଆମେ ଘରକୁ ଫେରିଲୁ । ସେତିକିବେଳେ ମୋ ବାପା ମା'ଙ୍କ ସହିତ ମୁଁ କ୍ଷେତରେ କାମ କରିବା ଆରମ୍ଭ କଲି । ସେଠାରେ ମଧ ପରିସ୍ଥିତି କିଛି ଭଲ

Digitized by srujanika@gmail.com

ନଥିଲା । ପାର୍ବତ୍ୟ ଅଞ୍ଚଳରେ ବେଶୀ ବର୍ଷା ହୁଏ ଓ ଆମେ ସବୁବେଳେ ଓଦା ଜୁଡୁବୁଡୁ ହୋଇଥାଉ । ଆମ ଘର ଭିତରକୁ ଅବାଧରେ ପବନ ପ୍ରବେଶ କରୁଥିଲା ଏବଂ ପଶୁମାନେ ଅବାଧରେ ଘର ଭିତରକୁ ଯିବା ଆସିବା କରୁଥିଲେ । ଏସବୁର ଅର୍ଥ ହେଲା ଆମେ କେତେବେଳେ ହେଲେ ଆରାମରେ ନଥିଲୁ । ଯଥେଷ୍ଟ ଲୁଗା ନଥିବାରୁ ଆମେ ଥଣ୍ଡାରୁ ନିଜକୁ ରକ୍ଷା କରି ପାରୁନଥିଲୁ ।

ଆମେ ପୁଣି ଫିନ୍‌କାକୁ ଗଲୁ । ସେତେବେଳେ ପ୍ରାୟ ମେ' ମାସ ହୋଇଥାଏ । ମୋ ବାପା ଅନ୍ୟ ଗୋଟିଏ ଫାର୍ମକୁ ଆଖୁ କାଟିବା ପାଇଁ ଗଲେ, ଜଣେ ଭାଇ କପା ତୋଳିବାକୁ ଗଲା ଏବଂ ବାକୀ ଆମେ ସବୁ କଫି ବଗିଚାରେ ରହିଲୁ । ନିକଟରେ ଥିଲେ ବାପା ଦିନର କାମ ଶେଷ କରି ଆମ ପାଖକୁ ଫେରି ଆସୁଥିଲେ; କିନ୍ତୁ ଅନ୍ୟ କୌଣସି ଫିନ୍‌କାରେ କାମ କରୁଥିଲେ ମାସ ଶେଷ ନହେବା ପର୍ଯ୍ୟନ୍ତ ତାଙ୍କ ସହିତ ଦେଖା ହେଉନଥିଲା । ବେଶୀ ସମୟ ବାପା ଅନ୍ୟ ଫିନ୍‌କାରେ ଆଖୁକାଟିବା, ଲଗାଇବା ଓ ସଫା କରିବା କାମରେ ବ୍ୟସ୍ତ ରହୁଥିଲେ । ସାଧାରଣତଃ ବାପା ଆଖୁ ଫସଲରେ ଓ ଆମେ କଫି ବଗିଚାରେ କାମ କରୁଥିଲୁ । ତେଣୁ ଆମେ ଭିନ୍ନ ଫିନ୍‌କାରେ ରହୁଥିଲୁ । ବେଳେବେଳେ ପ୍ରତି ମାସରେ ଏବଂ ଆଉ କେତେବେଳେ ପ୍ରତି ତିନିମାସରେ ଥରେ ଆମେ ପରସ୍ପରକୁ ଭେଟୁଥିଲୁ ।

କାମକୁ ଫେରିବା ବେଳକୁ ମୋ ବାପା, ମା' ଖୁବ୍ କ୍ଳାନ୍ତ ହୋଇପଡୁଥିଲେ । ବାପା ଏତେ ଥକି ଯାଉଥିଲେ ଯେ ଆମ ସହିତ କଥା ହେବାକୁ ମଧ ଚାହୁଁନଥିଲେ । ମୋ ମା'ଙ୍କର ଅବସ୍ଥା ମଧ ତଦୃପ ଥିଲା । ସେମାନେ ଯେ ରାଗରେ ଆମ ସହିତ କଥା ହେଉନଥିଲେ ତାହା ନୁହେଁ, ଅନେକ ସମୟରେ ସେମାନେ କିଛି ସମୟ ଶାନ୍ତିରେ ବିଶ୍ରାମ ନେଇ ପାରିବେ ବୋଲି ଆମେ ଚୁପ୍ ଚାପ ରହୁଥିଲୁ ଏବଂ ସବୁ କାମ ଠିକ୍ ଭାବରେ କରିଯାଉଥିଲୁ । ହଜାର ହଜାର ଅଚିହ୍ନା ଲୋକ ଏକାଠି ରହିବାରୁ ଏମିତି ବି କୋଳାହଳ କିଛି କମ୍ ନଥାଏ । ସେମାନଙ୍କ ମଧ୍ୟରେ ଅନେକ ଲୋକ ଥାନ୍ତି, ଯେଉଁମାନଙ୍କ ଜୀବନରେ ଅନେକ ଉତ୍‌ଥାନ ପତନ ଆସିଛି; ଯେମିତି ବେଶ୍ୟାବୃତ୍ତି କରୁଥିବା ଲୋକମାନେ । ଏପରି ପରିବେଶରେ ବଞ୍ଚିବା ଦୁଃସହ ଥିଲା; ପିଲାମାନଙ୍କ ଉପଯୁକ୍ତ ତତ୍ତ୍ୱାବଧାନ ହୋଇପାରୁନଥିଲା । ମା'ମାନେ ଏତେ କ୍ଳାନ୍ତ ହୋଇ ପଡୁଥିଲେ ଯେ ପିଲାମାନଙ୍କ କଥା ବୁଝିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ଗୁଆଟେମାଲାର ମହିଳାମାନଙ୍କ ପରିସ୍ଥିତି ଏଥିରୁ ହିଁ ଭଲ ଭାବରେ ବୁଝିହେବ । କପା, କଫି ବା ଆଖୁ ବଗିଚାରେ କାମ କରୁଥିବା ଅଧିକାଂଶ ସ୍ତ୍ରୀ ଲୋକଙ୍କର ନ' ବା ଦଶଟି ପିଲା ସାଙ୍ଗରେ ଥାଆନ୍ତି । ସେମାନଙ୍କ ମଧ୍ୟରୁ ତିନି ଚାରୋଟି ପିଲାଙ୍କର ସ୍ୱାସ୍ଥ୍ୟ ଉଣା ଅଧିକେ ଭଲ ଥାଏ, କିନ୍ତୁ ପୁଷ୍ଟିହୀନତା ହେତୁ ଅଧିକାଂଶ ପିଲାଙ୍କର ପେଟ ଫୁଲିଥାଏ । ପିଲାମାନଙ୍କ ମଧ୍ୟରୁ ଚାରି ପାଞ୍ଚଜଣ ଙ୍କର ବଞ୍ଚି ରହିବାର ସମ୍ଭାବନା କ୍ଷୀଣ, ଏକଥା ମା' ଜାଣିଥାଏ । ଏହି

Digitized by srujanika@gmail.com

ଭୟଙ୍କର ପରିସ୍ଥିତି ବିରୋଧରେ ବିପ୍ଳବ କରିବା ପାଇଁ ଇଚ୍ଛା ହେଉଥିଲେ ମଧ୍ୟ ପୁରୁଷ ଲୋକମାନେ ବିକଳ୍ପ ଅଭାବରୁ ନୀରବ ରହନ୍ତି । ଶେଷ ମୁହୂର୍ତ୍ତ ଗୁଡ଼ିକରେ ମା'କୁହିଁ ପିଲାମାନଙ୍କ ନିକଟରେ ରହିବାକୁ ପଡ଼େ । ସବୁଠି କେବଳ ଦୁଃଖ ଓ ଯନ୍ତ୍ରଣା । ସ୍ତ୍ରୀ ଲୋକମାନେ ଅନେକ ଧୈର୍ଯ୍ୟର ସହିତ ଏ ସମସ୍ତ ପରିସ୍ଥିତିର ମୁକାବିଲା କରନ୍ତି ।

ସୈନ୍ୟବାହିନୀରେ କାମ କରି ଫେରିଥିବା ଲୋକମାନେ ଅନେକ ସମୟରେ କୁମାରୀ ଝିଅ ମାନଙ୍କୁ ଅପବ୍ୟବହାର କରନ୍ତି । ଅନେକ ଝିଅଙ୍କର ପରିବାର ନଥାଏ ଏବଂ ସେମାନେ ଫିନ୍‌କାରେ ଖୁବ୍ ସାମାନ୍ୟ ରୋଜଗାର କରନ୍ତି । ଏଥିରୁ ବେଶ୍ୟାବୃତ୍ତି ଆରମ୍ଭ ହୁଏ । କିନ୍ତୁ ଭାରତୀୟମାନେ ତାଙ୍କ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ କରୁଥିବାରୁ ସେମାନଙ୍କ ମଧ୍ୟରେ ଏହା ଦେଖାଯାଏ ନାହିଁ । ଆମ ଗୋଷ୍ଠୀର ଦୃଷ୍ଟିରେ ପୋଷାକକୁ ସାମାନ୍ୟ ପରିବର୍ତ୍ତନ କରି ପିନ୍ଧିବା ମଧ୍ୟ ସମ୍ଭ୍ରମହୀନତା ବୋଲି ପରିଗଣିତ ହେବ । କେହି ଯଦି ଆମ ପୂର୍ବପୁରୁଷ ଓ ଜେଜେବାପାମାନଙ୍କ ପରି ପୋଷାକ ନପିନ୍ଧି ଅନ୍ୟ କିଛି ପିନ୍ଧିଲା ସେ ଧ୍ୱଂସ ଆଡ଼କୁ ଗଲା ବୋଲି ଧରାଯିବ । ◘

Digitized by srujanika@gmail.com

୭

ଫିନ୍‌କାରେ ସାନ ଭାଇର ମୃତ୍ୟୁ ;
ଅନ୍ୟ ଭାରତୀୟମାନଙ୍କ ସହିତ ଯୋଗାଯୋଗ କରିବାରେ ଅସୁବିଧା

'ଯେଉଁମାନେ ଖାଇବାପାଇଁ ମକା ବୁଣନ୍ତି ସେମାନେ ଧରଣୀରୁ ଅସ୍ଥିଗୁଡ଼ିକ ମଧ୍ୟ ନିଃଶେଷ କରିଦିଅନ୍ତି । ପୂର୍ବପୁରୁଷମାନଙ୍କର ଅସ୍ଥିହିଁ ମକା ଦେଇଥାଏ । ଧରଣୀ ଅସ୍ଥି ଚାହେଁ, ଶିଶୁମାନଙ୍କର କଅଁଳ ଅସ୍ଥି ମାଟି ତଳେ ଓ ଉପରେ ଜମା ହୋଇ ତାକୁ ଖାଦ୍ୟ ଯୋଗାନ୍ତି ।'

ମିଗୁଏଲ ଆଞ୍ଜେଲ ଅଷ୍ଟୁରିଆସ୍ : *ମେନ୍ ଅଫ ମେଜ୍*

ଫିନ୍‌କାରେ ପନ୍ଦର ଦିନ ରହିଛୁ, ମୋର ଜଣେ ଭାଇର ପୁଷ୍ଟିହୀନତାରୁ ମୃତ୍ୟୁ ହେଲା । ତାକୁ କବର ଦେବା ପାଇଁ ମୋ ମା'ଙ୍କୁ କିଛି ଦିନ ପାଇଁ କାମରୁ ଅବ୍ୟାହତି ନେବାକୁ ପଡ଼ିଲା । ଏହାକୁ ମିଶାଇ ମୋର ଦୁଇଜଣ ଭାଇ ଫିନ୍‌କାରେ ମୃତ୍ୟୁ ବରଣ କଲେ । ପ୍ରଥମ ଭାଇ, ଫେଲିପ୍ ଥିଲା ସବୁଠାରୁ ବଡ଼ । ମୁଁ ତାକୁ ଜାଣିବାର ସୁଯୋଗ ପାଇନଥିଲି । ମୋ ମା' କାମ ଆରମ୍ଭ କରିବା ବେଳକୁ ତା'ର ମୃତ୍ୟୁ ହେଲା । ଆମେ କାମ କରିବାବେଳେ ସେମାନେ ଉଡ଼ାଜାହାଜ ସାହାଯ୍ୟରେ କଫି ଗଛରେ କୀଟମରା ଔଷଧ ସ୍ପ୍ରେ କରିବାରୁ ମୋ ଭାଇ ତାହାର ଗନ୍ଧକୁ ସହ୍ୟ କରିନପାରି ମରିଗଲା । ଦ୍ୱିତୀୟ ଭାଇର ମୃତ୍ୟୁ ମୁଁ ନିଜ ଆଖିରେ ଦେଖିଛି । ତାର ନାଁ ନିକୋଲାସ୍ । ତା'ର ମୃତ୍ୟୁ ବେଳକୁ ମୋତେ ଆଠ ବର୍ଷ ହୋଇଥିଲା । ଆମ ସମସ୍ତଙ୍କ ଠାରୁ ସାନ ହୋଇ ଥିବାରୁ ଏବଂ ମୋ ମା' ତାକୁ ସବୁବେଳେ କୋଳରେ ଧରି ଥାନ୍ତି । ତାକୁ ସେତେବେଳେ ଦୁଇବର୍ଷ ହୋଇଥାଏ । ଯେତେବେଳେ ମୋ ସାନଭାଇ କାନ୍ଦିଲା ଓ ମୋଟେ କାନ୍ଦ ବନ୍ଦ କଲା ନାହିଁ, ମା' କ'ଣ କରିବେ ଜାଣି ପାରିଲେ ନାହିଁ । ପୁଷ୍ଟିହୀନତା ହେତୁ ତା' ପେଟଟି ଏତେ ଫୁଲିଯାଇଥାଏ ଯେ ମୋ ମା' ଭାରି ବିବ୍ରତ ହୋଇ ପଡ଼ିଲେ । ଶେଷରେ ଛଟେଇର ଭୟ ଥିବାରୁ ମୋ ଭାଇକୁ ଛାଡ଼ି ମା'ଙ୍କୁ କାମକୁ ଫେରି ଯିବାକୁ ପଡ଼ିଥିଲା ।

ଫିନ୍‌କାରେ ପହଞ୍ଚିବା ଦିନଠାରୁ ହିଁ ମୋ ସାନଭାଇ ଅସୁସ୍ଥ ହୋଇ ପଡ଼ିଥିଲା । ମୋ ମା' ଓ ଆମେ ସମସ୍ତେ କାମ କରି ଚାଲିଥାଉ । ପନ୍ଦର ଦିନ ମୃତ୍ୟୁ ସହିତ ସଂଗ୍ରାମ କରି ଶେଷରେ ସେ ଅବଶ ହୋଇପଡ଼ିଲା । ଆମେ କ'ଣ କରିବୁ ଜାଣି ପାରୁନଥାଉ । କେବଳ

Digitized by srujanika@gmail.com

ଦୁଇଜଣଙ୍କୁ ଛାଡ଼ିଦେଲେ ଅନ୍ୟ ପଡ଼ୋଶୀମାନେ ବିଭିନ୍ନ ଫିନ୍‌କାକୁ କାମ କରିବା ପାଇଁ ଯାଇ ଥାଆନ୍ତି । ଯେଉଁମାନେ ଆମ ଫିନ୍‌କାରେ କାମ କରନ୍ତି ସେମାନେ ମଧ୍ୟ ଭିନ୍ନ ଦଳରେ ଥା'ନ୍ତି । ଆମ ଦଳରେ ଅନ୍ୟ ଯେଉଁମାନେ ଥିଲେ ସେମାନେ ଥିଲେ ଭିନ୍ନ ଭାଷାଭାଷୀ । ଆମେ ତାଙ୍କ ସହିତ କଥା ହୋଇ ପାରୁ ନଥିଲୁ । ସ୍ପାନିଶ୍ ମଧ୍ୟ ଆମକୁ ଜଣା ନଥାଏ । ଆମେ ପରସ୍ପରକୁ ବୁଝିବା ସମ୍ଭବ ନଥିଲା । କିନ୍ତୁ ଅନ୍ୟମାନଙ୍କର ସାହାଯ୍ୟ ସେତେବେଳେ ଆମ ପାଇଁ ବିଶେଷ ଜରୁରୀ ଥିଲା । ଆମେ କାହା ଉପରେ ବା ନିର୍ଭର କରି ଥାଆନ୍ତୁ ? ଓଭରସିଅର ଉପରେ ନିର୍ଭର କରିବାର ପ୍ରଶ୍ନ ହିଁ ଉଠୁ ନଥିଲା । ସେ ହୁଏତ ଆମକୁ ଫିନ୍‌କାରୁ ତଡ଼ି ଦେଇଥା'ନ୍ତା । ମାଲିକକୁ ଆମେ ଜାଣି ନଥିଲୁ; ତେଣୁ ତା' ଉପରେ ନିର୍ଭର କରି ହେଉନଥିଲା । ସେ ସବୁବେଳେ ଠିକାଦାର ଓଭରସିଅର ମାନଙ୍କ ପରି ମଧ୍ୟସ୍ଥି ମାନଙ୍କ ଦ୍ୱାରା ସବୁ କାମ କରାଉଥିଲା ।

ମା' ଯେତେବେଳେ ମୋ ସାନ ଭାଇର ମର ଶରୀରକୁ କବର ଦେବା ପାଇଁ ଚାହିଁଲେ, ଆମେ କାହାରି ସହିତ କଥା ହୋଇ ପାରିଲୁ ନାହିଁ ବା କାହାରି ସହିତ ଯୋଗାଯୋଗ କରି ପାରିଲୁ ନାହିଁ । ମା' ମୋ ଭାଇର ମୃତ ଶରୀରକୁ ଦେଖି ମ୍ରିୟମାଣ ହୋଇପଡ଼ିଲେ । ସେ ଅନ୍ୟମାନଙ୍କ ସହିତ କେବଳ ଇସାରା ଦ୍ୱାରା ଭାବ ବିନିମୟ କରୁଥିବା କଥା ମୋର ମନେଅଛି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସେଇ ଏକ ଅନୁଭୂତି ଥିଲା । ପ୍ରତିଦିନ ଏପରି ପରିସ୍ଥିତି ସୃଷ୍ଟି ହେଉଥିଲା ଯେଉଁଥିରେ ସେମାନେ କୌଣସି ବାହାର ସାହାଯ୍ୟ ନପାଇ ପରସ୍ପର ଉପରେ ହିଁ ନିର୍ଭର କରିବାକୁ ପଡୁଥିଲା ।

ଏହା କିଛି ସହଜ କଥା ନଥିଲା । ମୁଁ ଆମ ଚାଳିଆରେ ରହୁଥିବା ପିଲାମାନଙ୍କ ସହିତ ବନ୍ଧୁତା କରିବାକୁ ଚାହୁଁଥିଲି । ଫିନ୍‌କାରେ ଆମେ ତିନି ଚାରିଶହ ଲୋକ କାମ କରୁଥାଉ, କିନ୍ତୁ ପରସ୍ପରକୁ ଜାଣିବାର ସୁଯୋଗ ନଥାଏ ।

ଶ୍ରମିକମାନେ ରହୁଥିବା ଅସ୍ଥାୟୀ ବଡ଼ ଘରକୁ ଗ୍ୟାଲେରା କୁହନ୍ତି । ତାଳ କିମ୍ବା କଦଳୀ ପତ୍ରରେ ଗ୍ୟାଲେରାର ଛାତ । ଏହାର ଚାରିପାଖରେ କାନ୍ଥ ନଥାଏ; ଅର୍ଥାତ୍ ଖୋଲାଥାଏ । ସବୁ ଶ୍ରମିକ ନିଜ ନିଜର କୁକୁର, ବିରାଡ଼ି ଓ ଅଲଟିପ୍ଲାନୋରୁ ଆଣିଥିବା ସମସ୍ତ ଜିନିଷ ପତ୍ର ସହିତ ଏଠାରେ ଏକାଠି ରହନ୍ତି । ସେମାନଙ୍କ ମଧ୍ୟରେ କୌଣସି ଶ୍ରେଣୀ ବିଭାଗ ନଥାଏ । ସମୁଦ୍ର କୂଳରେ ଜୀବନ ଏହିପରି । ଗୋଟିଏ ଘରେ ଚାରି, ପାଞ୍ଚ ଶହ ଲୋକ ରହନ୍ତି ।

ଏହା ସତ୍ତ୍ୱେ ଆମେ କେହି କାହାରିକୁ ଜାଣିବା ସମ୍ଭବ ନଥିଲା । ଆମ କାମ ମଧ୍ୟ ପରସ୍ପର ସମ୍ପର୍କ ପ୍ରତିଷ୍ଠା ପାଇଁ ମୋଟେ ସହାୟକ ନଥିଲା । ସକାଳ ତିନିଟାରେ ଉଠି ଆମକୁ ସିଧା କାମକୁ ଯିବାପାଇଁ ପଡୁଥିଲା । କପା ତୋଳିବା ଥିଲା ସବୁଠାରୁ କଷ୍ଟକର କାମ, ଯେହେତୁ ନିର୍ଦ୍ଦିଷ୍ଟ ପରିମାଣ ଓ ଓଜନର କପା ତୋଳିବା ପାଇଁ ବେଶୀ ସମୟ ଲାଗୁଥିଲା ।

Digitized by srujanika@gmail.com

ଭୋର ସକାଳେ ଥଣ୍ଡା ଓ ଆରାମ ଲାଗେ; କିନ୍ତୁ ମଧ୍ୟାହ୍ନ ବେଳକୁ ଏତେ ଗରମ ହୁଏ ଯେ ଚୂଲୀ ଭିତରେ ରହିବା ପରି ମନେହୁଏ । ସେଥିପାଇଁ ଆମେ ଏତେ ଶୀଘ୍ର କାମ ଆରମ୍ଭ କରୁ । ମଧ୍ୟାହ୍ନ ଭୋଜନ ପାଇଁ ଆମେ କାମ ବନ୍ଦ କରୁ; କିନ୍ତୁ ଖାଇବା ପରେ ସିଧା କାମକୁ ଯାଇ ରାତି ପର୍ଯ୍ୟନ୍ତ କାମ କରୁ । ଏହି କାରଣରୁ ଆମେ ସମସ୍ତେ ଗୋଟିଏ ମନୁଷ୍ୟ ସମ୍ପ୍ରଦାୟର ହୋଇଥିଲେ ମଧ ପରସ୍ପରକୁ ଜାଣିବା ପାଇଁ ମୋଟେ ସମୟ ପାଉ ନ ଥିଲୁ । ଆମେ ଗୋଟିଏ ଗୋଷ୍ଠୀ ଓ ସ୍ଥାନର ଲୋକ ହୋଇ ଥିଲେ ମଧ୍ୟ ଫିନ୍‌କାରେ ଆମେ ଜାଣି ନ ଥିବା ଅନ୍ୟ ଭାରତୀୟମାନଙ୍କ ସହି ରହିବାକୁ ପଡୁଥିଲା । ଏହା ଆମ ଭାରତୀୟମାନଙ୍କ ପାଇଁ ସବୁଠାରୁ ବେଶୀ ଦୁଃଖଦାୟକ ଥିଲା । ସମୁଦ୍ର କୂଳର ଫାର୍ମମାନଙ୍କରେ କାମ କରୁଥିବା ସମସ୍ତ ଶ୍ରମିକ ହୁଏତ ଫିନ୍‌କାରେ ରହୁଥିଲେ କିମ୍ବା କାମ କରିବା ପାଇଁ ଅନ୍ୟ ସ୍ଥାନମାନଙ୍କରୁ ସେଠାକୁ ଆସୁଥିଲେ । ସେମାନେ ସମସ୍ତେ ଭାରତୀୟ ହୋଇଥିଲେ ମଧ୍ୟ ବିଭିନ୍ନ ଆଦିମ ଜାତିର ଲୋକ ହୋଇଥିବାରୁ ବିଭିନ୍ନ ଭାଷା କହନ୍ତି । ଭାଷାର ପ୍ରତିବନ୍ଧକ ଆମ ଭାରତୀୟ ମାନଙ୍କ ଭିତରେ କଥୋପକଥନର ଅନ୍ତରାୟ ହୁଏ । ଆମେ ସ୍ପାନିଶ୍ କିମ୍ବା ଅନ୍ୟ କିଛି ଭାଷା ଜାଣିନଥିବାରୁ କେବଳ ନିଜ ଗୋଷ୍ଠୀର ଲୋକମାନଙ୍କ ସହିତ କଥାବାର୍ତ୍ତା କରି ପାରୁ । ଅନ୍ୟ ଗୋଷ୍ଠୀ ସହିତ ଅନ୍ତରଙ୍ଗ ହେବାକୁ ଇଚ୍ଛାଥିଲେ ମଧ ତାହା ସମ୍ଭବ ହୁଏ ନାହିଁ । ଫିନ୍‌କାରେ ଆମେ ଆମ ନିଜର ପାରମ୍ପରିକ ଉତ୍ସବ ସବୁ ପାଳନ କରୁ; କିନ୍ତୁ ପରସ୍ପରକୁ ବୁଝି ପାରୁନା । ମନେହେଉଥିଲା ଆମେ ଯେପରି ବିଦେଶୀ ମାନଙ୍କ ସହିତ କଥା ହେଉଥିଲୁ ।

ପାହାନ୍ତା ପ୍ରହରରେ ମୋ ସାନଭାଇ ଶେଷ ନିଃଶ୍ୱାସ ତ୍ୟାଗ କଲା । ଏହି ପରିସ୍ଥିତିରେ କ'ଣ କରିବୁ ଆମେ ଜାଣିପାରିଲୁ ନାହିଁ । ଆମର ଦୁଇଜଣ ପଡ଼ୋଶୀ ମା'ଙ୍କୁ ସାହାଯ୍ୟ କରିବା ପାଇଁ ଚାହୁଁଥିଲେ ମଧ କ'ଣ କରିବେ ଜାଣିନଥିଲେ । ଏହି ସମୟରେ କାପୋରାଲ ମୋ ସାନଭାଇକୁ କବର ଦେବ ବୋଲି ପ୍ରସ୍ତାବ ଦେଲା । କିନ୍ତୁ କବର ଭିତରେ ଶବକୁ ପୋତିବା ପାଇଁ ମା'ଙ୍କୁ ଟିକସ ଦେବାକୁ ପଡ଼ିବ ବୋଲି କହିଲା । ତାଙ୍କ ପାଖରେ କିଛି ଟଙ୍କା ନାହିଁ ବୋଲି ମା' କହିବାରୁ ସେ ତାଙ୍କୁ କହିଲା: 'ଔଷଧ ଓ ଅନ୍ୟ ଜିନିଷ ପାଇଁ ତୁମ ଉପରେ ଅନେକ ଟଙ୍କା ବାକୀ ଅଛି, ଶବକୁ ନେଇ ଏଠାରୁ ଚାଲିଯାଅ ।' ମୃତ ଶରୀରକୁ ଅଲଟିପ୍ଲାନୋକୁ ଫେରାଇନେବା ସମ୍ଭବ ନଥିଲା । ସମୁଦ୍ର କୂଳର ଉତ୍ତାପ ଓ ଆର୍ଦ୍ରତା ଯୋଗୁ ଶବଟିରୁ ଦୁର୍ଗନ୍ଧ ବାହାରିବା ଆରମ୍ଭ ହେଲା । ଆମ 'ଗ୍ୟାଲେରା' ରେ ରହୁଥିବା ଲୋକଙ୍କ ମଧ୍ୟରୁ କେହି ମୋ ଭାଇର ଶବକୁ ସେଠାରେ ବେଶୀ ସମୟ ରଖିବା ପାଇଁ ଚାହୁଁନଥିଲେ । ତେଣୁ ମୋ ମା' ନିଷ୍ପତ୍ତି କଲେ, ବିନା ରୋଜଗାରରେ ଗୋଟିଏ ମାସ କାମ କରିବାକୁ ପଡୁ ପଛକେ, ସେ ଭାଇର ଶବକୁ ଫିନ୍‌କାରେ ହିଁ କବର ଦେବା ପାଇଁ ଜମି ମାଲିକ ବା ଓଭରସିଅରକୁ ଟିକସ ଦେବେ । ସାହାଯ୍ୟ କରିବାର ବାସ୍ତବ ଇଚ୍ଛାନେଇ ଜଣେ ଦୟାଳୁ ଲୋକ ସୁଟ୍‌କେଶ୍ ପରି ଦିଶୁଥିବା ଛୋଟ ବାକ୍ସଟିଏ ଆଣି ଦେଲେ । ମୋ ଭାଇର ଶବକୁ

Digitized by srujanika@gmail.com

ତାହାରି ଭିତରେ ରଖି ଆମେ ତାକୁ କବର ଦେବା ପାଇଁ ନେଇଗଲୁ । ମୋ ଭାଇ ପାଇଁ ଶୋକ କରି ଆମେ ବସ୍ତୁତଃ ପୂରା ଗୋଟିଏ ଦିନର କାମ ନଷ୍ଟ କଲୁ । ତା' ପାଇଁ ଆମ ସନ୍ତାପର ସୀମା ନଥିଲା ।

ସେହି ରାତିରେ ଓଭରସିଅର ଆମକୁ କହିଲା, 'କାଲିଠାରୁ ତୁମେ ଏଠାରୁ ଚାଲିଯାଅ ।' ମୋ ମା' କାରଣ ପଚାରିବାରୁ ସେ କହିଲା, 'ଯେହେତୁ ତୁମେ ଗୋଟିଏ ଦିନର କାମ ନଷ୍ଟ କଲ, ତୁମକୁ ଶୀଘ୍ର ଏଠାରୁ ଚାଲିଯିବାକୁ ପଡ଼ିବ ଏବଂ ତୁମକୁ କିଛି ମଜୁରୀ ମିଳିବ ନାହିଁ । କାଲି ମୁଁ ଏଠାରେ ତୁମକୁ ଦେଖିବାକୁ ଚାହେଁ ନାହିଁ ।' ମୋ ମା'ଙ୍କ ପାଇଁ ଏହା ଭୟଙ୍କର ଭାବେ ଅପ୍ରତ୍ୟାଶିତ ଥିଲା । କ'ଣ କରିବେ ସେ ଜାଣି ପାରୁନଥାନ୍ତି । ସେତେବେଳେ ମୋ ବାପା ଅନ୍ୟ କେଉଁଠାରେ କାମ କରୁଥାଆନ୍ତି, ତାଙ୍କୁ ଠାବ କରିବା ସମ୍ଭବ ନଥିଲା । ଫିନ୍‌କାରୁ ବିତାଡ଼ିତ ହେଲେ ଘରକୁ ଯିବା ପାଇଁ କିଛି ବ୍ୟବସ୍ଥା ନ ଥାଏ । ସାଧାରଣତଃ ଫିନ୍‌କାରେ କାମ ସାରି ଘରକୁ ଫେରିବା ପାଇଁ ଆମକୁ ଚିନ୍ତା କରିବା ପାଇଁ ପଡିନଥାଏ । ଠିକାଦାର ଗାଁକୁ ଫେରାଇନେବା ପାଇଁ ପରିବହନ ବ୍ୟବସ୍ଥା କରେ । ଆମେ କେଉଁଠାରେ ଅଛୁ, ତା'ର ଠିକଣା ଆମକୁ ଜଣାନଥାଏ । ଆମେ ରହୁଥିବା ସହରର ନାମ ସୁଦ୍ଧା ମା' ଜାଣିନଥାନ୍ତି । କିନ୍ତୁ ଆମକୁ ଫିନ୍‌କା ଛାଡ଼ି ଚାଲିଯିବାକୁ ପଡ଼ିବ, ଏହା ଆମେ ଜାଣିଥାଉ । ତେଣୁ ମୋ ମା' ଜିନିଷପତ୍ର ଏକାଠି କରିବାକୁ ଲାଗିଲେ । ଆମ ପଡ଼ୋଶୀ ମାନେ କହିଲେ, ଆମେ ବରଂ ଆମ କାମ ପାଇଁ ମଜୁରୀ ନପାଇବୁ, କିନ୍ତୁ ଆମେ ତୁମ ସହିତ ଯିବୁ । ସେମାନଙ୍କ ମଧ୍ୟରୁ ଜଣେ ଫିନ୍‌କାରେ ଚାରିମାସ କାମ କରି କିଛି ଟଙ୍କା ସଞ୍ଚୟ କରିଥିଲେ ଏବଂ ସେଥିରୁ କିଛି ଟଙ୍କା କବର ଦେବା ଖର୍ଚ୍ଚ ତୁଲାଇବା ପାଇଁ ମା'ଙ୍କୁ ଧାର ଦେଲେ । ଆମେ ଯେଉଁ ପନ୍ଦର ଦିନ କାମ କରିଥିଲୁ ତା'ପାଇଁ କିଛି ମଜୁରୀ ପାଇଲୁ ନାହିଁ । ମୋ ମା' ଓ ମୋତେ ଛାଡ଼ି ମୋ ଭାଇ ମଧ୍ୟ ପନ୍ଦର ଦିନ କାମ କରିଥିଲା । ତାକୁ ମଧ୍ୟ ମଜୁରୀ ମିଳିଲା ନାହିଁ । ଓଭରସିଅର କହିଲା, 'ଔଷଧ ଦୋକାନର ତୁମ ଉପରେ ବହୁତ ଟଙ୍କା ବାକୀ ରହିଛି । ତେଣୁ ତୁମେ ଶୀଘ୍ର ଏହାରୁ ଚାଲିଯାଅ । ମୁଁ ତୁମକୁ ଆଉ ମୋଟେ ଏଠାରେ ଦେଖିବାକୁ ଚାହେଁ ନାହିଁ । '

କିନ୍ତୁ ମା' ଭଲ ଭାବରେ ଜାଣିଥିଲେ ଯେ ମୋ ଭାଇ ପାଇଁ ଔଷଧ କିଣି ପାରି ନଥିବାରୁ ତା'ର ମୃତ୍ୟୁ ହୋଇଥିଲା । ଆମର ଦୁର୍ଭାଗ୍ୟକୁ ଆମେ ସ୍ପାନିଶ୍ କହି ପାରୁନଥିଲୁ । କିନ୍ତୁ ଓଭରସିଅର ଆମ ଅଞ୍ଚଳର ଲୋକ ହୋଇଥିବାରୁ ଆମ ଭାଷା ଜାଣିଥିଲା । ସେ ତା'ର ମାଲିକର ଆଦେଶକୁ ପାଳନ କରି ଆମକୁ ତଡ଼ି ଦେଇଥିଲା ଓ ସେଠାରୁ ଚାଲିଯିବା ଛଡ଼ା ଆମର ଅନ୍ୟ ପନ୍ଥା ନଥିଲା ।

ଆମେ ଅଲ୍‌ଟିପ୍ଲାନୋରେ ଆମ ଘରେ ପହଞ୍ଚିଲୁ । ମୋ ମା' ତାଙ୍କ ମନରେ ଥିବା ଅଶେଷ ଦୁଃଖକୁ ଚାପି ରଖିଥାନ୍ତି । ଆମ ସାଙ୍ଗରେ ଥିବା ଭାଇର ଅବସ୍ଥା ଥିଲା ତଦ୍ରୂପ ।

Digitized by srujanika@gmail.com

ମୋ ବାପା, ଅନ୍ୟ ଫିନ୍‌କାରେ କାମ କରୁଥିବାରୁ ତାଙ୍କ ପୁଅର ମୃତ୍ୟୁ ବିଷୟ ଜାଣିନଥିଲେ । ଅନ୍ୟ ଭାଇ ଓ ଭଉଣୀମାନେ ଅନ୍ୟ ଫିନ୍‌କାରେ କାମ କରୁଥିବାରୁ ଏକଥା ସେମାନଙ୍କୁ ଜଣା ନଥିଲା । ପନ୍ଦର ଦିନ ପରେ ଘରେ ପହଞ୍ଚି ସେମାନେ ସମସ୍ତେ ସାନ ଭାଇର ମୃତ୍ୟୁ ଓ ଆମେ ଋଣଗ୍ରସ୍ତ ହୋଇଥିବା କଥା ଶୁଣିଲେ । ସେମାନେ ସମସ୍ତେ ମିଶି ଯାହା ରୋଜଗାର କରିଥିଲେ ସେଥିରେ ଆମେ ପଡ଼ୋଶୀଙ୍କର ଋଣ ଶୁଝି ଦେଲୁ । ମୃତ ଶିଶୁଟିକୁ ନିଜେ ଯାହା ଦେବା କଥା ତାହା ଦେବାକୁ ପଡ଼ୋଶୀ ଜଣକ ଭୁଲି ନଥିଲେ । ଆମ ଗୋଷ୍ଠୀର ସମସ୍ତେ ଭାବରେ ଆମକୁ ସାହାଯ୍ୟ କରିଥାଆନ୍ତି । ସେହି ମୁହୂର୍ତ୍ତରୁ ମୋର ଜୀବନ ପ୍ରତି ଉଭୟ କ୍ରୋଧ ଓ ଭୟ ହେଲା । ମୁଁ ନିଜକୁ କହିଲି : ‘ ମୁଁ ମଧ୍ୟ ଏହିପରି ଜୀବନ ବିତାଇବି । ବହୁ ସନ୍ତାନଙ୍କୁ ଜନ୍ମ ଦେବି ଏବଂ ସେମାନଙ୍କର ଅକାଳ ମୃତ୍ୟୁ ଦେଖିବି ।’ ପିଲାକୁ ଆରୋଗ୍ୟ କରି ନପାରିବା ଏବଂ ତାକୁ ମରିବାର ଦେଖିବା ମା ପାଇଁ କିଛି ସହଜ କଥା ନୁହେଁ । ଫିନ୍‌କାରେ ସେହି ପନ୍ଦର ଦିନ କାମ କରିବା ମୋର ପ୍ରଥମ ଅନୁଭୂତି ମାନଙ୍କ ମଧ୍ୟରୁ ଥିଲା ଗୋଟିଏ ଏବଂ ମୁଁ ସେହି ଅନୁଭୂତିକୁ ପ୍ରବଳ ଘୃଣାରେ ମନେ ପକାଏ । ସେହି ଘୃଣା ମୋ ସହିତ ଆଜି ପର୍ଯ୍ୟନ୍ତ ରହିଛି ।

ଆମେ ପୁଣି ଫିନ୍‌କାକୁ ଗଲୁ । ବଡ଼ଦିନ ଫିନ୍‌କାରେ କଟାଇବାର ଶେଷ ମାସ । ଜାନୁଆରୀ ଓ ଫେବୃଆରୀ ଅଲଟିପ୍ଲାନୋରେ ବିହନ ବୁଣିବା ସମୟ । ମକା ଚାଷରେ ବ୍ୟୟ କରିବା ପାଇଁ କିଛି ଅର୍ଥ ଉପାର୍ଜନ କରିବା ଲାଗି ଆମେ ମାର୍ଚ୍ଚ ମାସରେ ଫିନ୍‌କାକୁ ଯାଉ । ମକା କ୍ଷେତରେ ପ୍ରାରମ୍ଭିକ କାମ ସରିବା ପରେ ଆମେ ପେଟ ପାଇଁ ପୁଣି ଫିନ୍‌କାକୁ ଫେରିଯାଉ ।

ମୋତେ ଯେତେବେଳେ ଦଶ ବର୍ଷ ବୟସ ସେମାନେ ମୋର ମଜୁରୀ ବଢାଇ ଦେଲେ, ଯେହେତୁ ସେତେବେଳକୁ ମୁଁ ଚାଳିଶି ପାଉଣ୍ଡ କଫି ତୋଳୁଥିଲି । କପା ତୋଳିବା ପାଇଁ ମୁଁ ତଥାପି ଖୁବ୍ କମ୍ ମଜୁରୀ ପାଉଥିଲି । କପା ପରିମାଣରେ ବେଶୀ ହେଲେ ମଧ୍ୟ ଓଜନରେ ଖୁବ୍ କମ୍ ହେଉଥିଲା । ଫିନ୍‌କାରେ ଗୋଟିଏ ଅଫିସ ଥାଏ ଯେଉଁଠାରେ ତୁମେ କରୁଥିବା ସବୁ କାମର ହିସାବ ରହେ । ହିସାବଖାତାରେ ଓଜନ ଲେଖାଯାଏ । ମୋ ଭାଇମାନେ ମୂର୍ଖ ନଥିଲେ । ତେଣୁ ସେମାନେ ଓଜନ ହେଉଥିବା ପରିମାଣରେ କିପରି ହେରଫେର କରାଯାଉଥିଲା ତାହା ଜାଣିପାରିଲେ । ପ୍ରକୃତ ଓଜନ ଠାରୁ କମ୍ ଓଜନ ଦେଖାଇବାର କାଇଦା ସେମାନଙ୍କୁ ଜଣାଅଛି । ସବୁବେଳେ ତାହାହିଁ ହୁଏ । ଯେଉଁମାନେ ଶ୍ରମିକମାନଙ୍କ ଦ୍ୱାରା ତୋଳା ଯାଇଥିବା ଜିନିଷକୁ ଓଜନ କରିବା ଦାୟିତ୍ୱରେ ଥାଆନ୍ତି ସେମାନେ ଏହି ବିଶେଷ କାଇଦା ଜାଣନ୍ତି । ଗୋଟିଏ ପାଖରେ ସେମାନେ ବେଶୀ ପରିମାଣର ଜିନିଷ ରଖୁଥିଲେ ଯେପରିକି ସେମାନେ ଅଧିକ ଜିନିଷ ଜମାଦେଇ ବେଶୀ ପଇସା ପାଇବେ । ଏହା ଏକ ଦୀର୍ଘ ପ୍ରକ୍ରିୟାର ଅଂଶବିଶେଷ ଥିଲା । ଦଲାଲମାନେ ଶ୍ରମିକ

Digitized by srujanika@gmail.com

ମାନଙ୍କ ସହ ତାଙ୍କ ଗାଁରେ ଚୁକ୍ତି କରିବା, ପଶୁଭଳି ଲରିରେ ଭର୍ତ୍ତି କରି ଆଣିବା ଠାରୁ ହିଁ ତାହା ଆରମ୍ଭ ହେଉଥିଲା । ଏହା ଥିଲା ଶ୍ରମିକମାନଙ୍କୁ ତାଙ୍କ ମଜୁରୀରୁ ବଞ୍ଚିତ କରିବାର ଏକ ଦୀର୍ଘ ପ୍ରକ୍ରିୟା । ସେମାନଙ୍କୁ ସବୁ କଥା ପାଇଁ, ଏପରିକି ଲରିରେ ଲଦାଯିବା ପାଇଁ ମଧ୍ୟ ପଇସା ଦେବାକୁ ପଡୁଥିଲା । ଫିନ୍‌କାରେ ପ୍ରଥମଦିନରୁହିଁ ଓଭରସିଅରମାନେ ଶ୍ରମିକମାନଙ୍କ ଠାରୁ ଚୋରୀ କରିବା ଆରମ୍ଭ କରନ୍ତି । କ୍ୟାଣ୍ଟିନ୍ ମଧ୍ୟ ସେମାନଙ୍କୁ ଠକେ । ଏହା ଶେଷ ଦିନ ପର୍ଯ୍ୟନ୍ତ ଚାଲେ । ଏହା ଏତେ ଅଭ୍ୟାସଗତ ଥିଲାଯେ ବିନା ପଇସାରେ ଘରକୁ ଫେରିବା ଆମର ସାଧାରଣ ଅନୁଭୂତି ଥିଲା । କାମର ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କଫି ମପା ଯାଉଥିଲା, କିନ୍ତୁ କପାକୁ ମାପିବାର ପ୍ରଣାଳୀ ଥିଲା ଭିନ୍ନ । ତୁମେ ଯଦି ଦିନକୁ ୬୫ ପାଉଣ୍ଡ କପା ତୋଳିବ, ତୁମକୁ ଓଜନ ଅନୁସାରେ ମଜୁରୀ ମିଳିବ । କିନ୍ତୁ କଫି ହୋଇଥିଲେ ତୁମକୁ ପ୍ରତି ଦିନ ଏକ କ୍ୱିଣ୍ଟାଲ ତୋଳିବାକୁ ପଡ଼ିବ । ଏହା ନକଲେ ତା'ପର ଦିନ କ୍ୱିଣ୍ଟାଲ ଟିକୁ ଭରଣା କରି, ଦ୍ୱିତୀୟ କ୍ୱିଣ୍ଟାଲ ପାଇଁ କାମ ଆରମ୍ଭ କରିବାକୁ ପଡ଼ିବ । ମୁଁ ଯେତେବେଳେ କାମ ଆରମ୍ଭ କଲି ଜଣେ ବୟସ୍କ ଲୋକର ଏକ ତୃତୀୟାଂଶ କାମ କରୁଥିଲି । ଏହା ଥିଲା ପଇଁତିରିଶ ପାଉଣ୍ଡ । କେଉଁ କେଉଁ ଦିନ ମୁଁ ମାତ୍ର ୨୮ ପାଉଣ୍ଡ ତୋଳି ପାରୁଥିଲି ଏବଂ ତା'ପର ଦିନ ମୋତେ ସେହି କାମକୁ ସାରିବାକୁ ପଡୁଥିଲା । ଏହି ପରି ଭାବରେ ତୁମେ କ୍ରମେ ବେଶୀ ବେଶୀ ପଛରେ ପଡ଼ିଯିବ, ଯାହାକୁ ଭରଣା କରିବା ପାଇଁ ତୁମକୁ ଅଧିକ ଦୁଇଦିନ କାମ କରିବାକୁ ପଡ଼ିବ । କପା ପାଇଁ ଅଲଗା ବ୍ୟବସ୍ଥା ଥିଲା, କିନ୍ତୁ ଏହା ଥିଲା ବେଶୀ କଷ୍ଟକର । 'ଦ୍ୱିତୀୟ ହାତ' ସବୁଠାରୁ କଷ୍ଟକର କାମ ଥିଲା । ଯେତେବେଳେ ଫୁଲ ଗୁଡ଼ିକ ଭଲ ଭାବରେ ସଜା ହୋଇ ଥାନ୍ତି ତାହାକୁ 'ପ୍ରଥମ ହାତ' କୁହାଯାଏ । ମଝିରେ ମଝିରେ ଛାଡ଼ି ହୋଇ ଯାଇଥିବା କପାକୁ 'ଦ୍ୱିତୀୟ ହାତ' କହନ୍ତି । ଏହାକୁ ତୋଳିବା ପାଇଁ ମଝିରେ ଗୋଟିଏ ଗୋଟିଏ ଡ଼ାଳ ଛାଡ଼ିବାକୁ ପଡ଼େ । ଏହା ଅଧିକ କଷ୍ଟସାପେକ୍ଷ କାମ ହୋଇଥିଲେ ମଧ୍ୟ ଏଥିପାଇଁ ଅଧିକ ମଜୁରୀ ମିଳେ ନାହିଁ । □

Digitized by srujanika@gmail.com

୮

ଅଲ୍‌ଟିପ୍ଲାନୋରେ ଜୀବନ :
ରିଗୋବେର୍ଟାଙ୍କ ଦଶମ ଜନ୍ମଦିନ

'ଯାହା ଆମ ପୂର୍ବପୁରୁଷମାନଙ୍କ ନୀତି ବିରୁଦ୍ଧରେ ଯାଏ, ଆମେ ଭାରତୀୟମାନେ ସେପରି କିଛି କରୁନାହିଁ।'

ରିଗୋବେର୍ଟା ମେଞ୍ଚୁ

ଅଲ୍‌ଟିପ୍ଲାନୋକୁ ଫେରିବାପରେ ଆମେ କୋଦାଳ ସାହାଯ୍ୟରେ କାମରେ ଲାଗିଗଲୁ। ନଅ ବର୍ଷ ବୟସରୁ ନିଜ କୋଦାଳ ଧରି ବାପାଙ୍କୁ ସାହାଯ୍ୟ କରିବା ପାଇଁ ଜମିକୁ ବାହାରି ଯାଇଥିବା କଥା ମୋର ମନେଅଛି। କୁରାଢି ବା ଟାଙ୍ଗିଆ ସାହାଯ୍ୟରେ କାଠ କାଟିବାରେ ମୁଁ ଥିଲି ପୁଅ ପିଲାଙ୍କ ପରି। ଆମ ଗାଁ ନିକଟରେ ପାଣିର ଅଭାବ ଥିଲା। ପାଣି ଆଣିବା ପାଇଁ ଆମକୁ ପ୍ରାୟ ଚାରି କିଲୋମିଟର ଚାଲିବାକୁ ପଡୁଥିଲା। ଏହା ଆମ କାମର ବୋଝକୁ ବଢାଇ ଦେଉଥିଲା। ତାହା ଥିଲା ଆମର ମକା ବୁଣିବାର ସମୟ। ସେହି ସାମାନ୍ୟ ମକା ବେଳେବେଳେ ଆମେ ଚଳିଯିବା ପାଇଁ ଯଥେଷ୍ଟ ଥିଲା। କେତେବେଳେ କେମିତି ଅଲ୍‌ଟିପ୍ଲାନୋରେ ଆମେ କଷ୍ଟେ ମଷ୍ଟେ ଚଳିଯାଉଥିଲୁ ଏବଂ ଆମକୁ ଫିନ୍‌କାକୁ ଯିବା ପାଇଁ ପଡୁ ନଥିଲା। ଯେତେବେଳେ ଫସଲରେ ଜମି ପୂରି ଉଠୁଥିଲା, ଏବଂ ଆମକୁ କିଛି ମକା ଓ ମକା ପିଠା ମିଳିଯାଉଥିଲା, ସେହି ପାହାଡ଼ ଉପରେ ଆମେ ଖୁବ୍ ଆନନ୍ଦରେ ରହିଯାଉଥିଲୁ। ଜମି ଉର୍ବର ଥିଲା ଏବଂ ମା' ଆମକୁ ବିଭିନ୍ନ ପ୍ରକାର ବିନ୍ ଖାଇବାକୁ ଦେଉଥିବା କଥା ମୋର ମନେ ଅଛି। ଜମିରେ ଯାହା ଫଳୁଥିଲା ସେଥିରୁ ଅଧିକାଂଶ ବଜାରରେ ବିକି ସାବୁନ୍ ବା କିଛି ଲଙ୍କା କିଣାଯାଉଥିଲା। ତେଣୁ ଆମେ ବେଶୀ ବିନ୍ ଖାଇ ପାରୁନଥିଲୁ। ଅବଶ୍ୟ ଇଚ୍ଛା କଲେ ଜମିରୁ ଶାଗ ତୋଳି ପାରୁଥିଲୁ। ତେଣୁ ଆମେ ଶାଗ ଓ ମକାପିଠା ଇତ୍ୟାଦି ଏସବୁ ଉପରେ ଖାଇ ପାରୁଥିଲୁ। ଅଧିକାଂଶ ସମୟରେ ଏହାହିଁ ଥିଲା ଆମର ଖାଦ୍ୟ।

ମକାକୁ କଳରେ ଗୁଣ୍ଡ କରିବା ଆମ ଲୋକଙ୍କର ପରମ୍ପରା ନୁହେଁ। ଆମେ ଗୁଣ୍ଡ କରିବା ପାଇଁ ଗୋଟିଏ ପଥର ବ୍ୟବହାର କରୁ; ଆମର ପୂର୍ବପୁରୁଷଙ୍କ ଠାରୁ ହାତରୁ ହାତକୁ ଚାଲି ଆସିଥିବା ଏକ ଆଦିମ ପଥର। ଆମ ଘରେ ଓଭନର ବ୍ୟବହାର ନାହିଁ। ମକାପିଠା

Digitized by srujanika@gmail.com

କରିବା ପାଇଁ ଆମେ କେବଳ କାଠ ଚୂଲୀ ବ୍ୟବହାର କରୁ । ପ୍ରଥମେ ସକାଳ ତିନିଟାରେ ଉଠି ଆମେ ମକାକୁ ଧୋଇ ଚକିରେ ପିଠଉ ତିଆରି କରୁ । ସକାଳେ ଆମ ସମସ୍ତଙ୍କର ଭିନ୍ନ ଭିନ୍ନ ଦାୟିତ୍ୱ ଥାଏ । କେତେଜଣ କଡ଼େଇ ଧୁଅନ୍ତି, ଅନ୍ୟମାନେ କଫି ପାଇଁ ପାଣି ଗରମ କରିବା ଲାଗି ଚୂଲୀ ଜଳାନ୍ତି । ଆମ ଘରେ ଆମେ ଥିଲୁ, ମୋ ବଡ଼ ଭଉଣୀ, ମୋ ମା', ମୁଁ ଓ ମୋ ଭାଉଜ । ତେଣୁ ଚାରିଜଣ ସ୍ତ୍ରୀ ଲୋକ ଘରେ କାମ କରୁଥିଲେ । ଆମ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ କାମ ଥିଲା ଏବଂ ସମସ୍ତଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ, ଅର୍ଥାତ୍ ସକାଳ ତିନିଟାରେ ଉଠିବାକୁ ପଡୁଥିଲା । ପୁରୁଷ ଲୋକମାନଙ୍କୁ ମଧ୍ୟ ସେତିକିବେଳେ ଉଠିବାକୁ ପଡୁଥିଲା । କାମକୁ ଯିବା ପୂର୍ବରୁ ସେମାନଙ୍କୁ କୋଦାଳ, କୁରାଢ଼ି ଓ ଟାଙ୍ଗିଆ ସବୁକୁ ଧାର କରିବାକୁ ପଡ଼େ । ତେଣୁ ସେମାନେ ମଧ୍ୟ ଆମରି ସହିତ ଏକା ସମୟରେ ଉଠି ପଡୁଥିଲେ । ଆମ ଗାଁରେ ଆଲୁଅ ନଥିଲା । ତେଣୁ ପାଇନ୍ ଗଛର ଡ଼ାଳକୁ ଜାଳି ଆମେ ତାରି ଆଲୋକକୁ ରାତିରେ ବ୍ୟବହାର କରୁଥିଲୁ । 'ଓକୋଟ୍' ପାଇନ୍ ଗଛର ଅଂଶ ବିଶେଷ । ଏହା ତତ୍‌କ୍ଷଣାତ୍ ଜଳି ଉଠେ, ସତେ ଯେପରି ଏହା ଉପରେ ପେଟ୍ରୋଲ ଢଳା ଯାଇଛି । ତୁମେ ଦିଆସିଲି ସାହାଯ୍ୟରେ ଏହାକୁ ଜଳାଇ ପାରିବ । ଏହାକୁ ବ୍ୟବହାର କରି ଆମେ ରାତିରେ ଯିବା ଆସିବା କରୁ । ଏହା ଆସ୍ତେ ଆସ୍ତେ ଜଳେ । 'ଓକୋଟ୍'ର ଗୋଟିଏ ବିଡ଼ା କୌଣସି ସ୍ଥାନରେ ରଖି ଜଳାଇଲେ ଏହା ସେ ଅଞ୍ଚଳକୁ ଆଲୋକିତ କରିଦିଏ ।

ଯେ ଆଗ ଉଠେ ତାକୁ ହିଁ ନିଆଁ ଜଳାଇବାକୁ ପଡ଼େ । ସେ ଚୂଲୀ ଜଳାଏ, କାଠକୁ ଗରମ କରେ ଓ ପିଠା ପାଇଁ ଆବଶ୍ୟକ ସରଞ୍ଜାମ ପ୍ରସ୍ତୁତ କରେ । ସେ ପାଣି ମଧ୍ୟ ଗରମ କରେ । ତା'ପରେ ଯେ ଉଠେ ତାକୁ କଡ଼ାଇ ସଫା କରିବାକୁ ପଡେ । ତୃତୀୟ ଲୋକ ଚକିକୁ ଧୋଇ ସଫା କରେ , ପାଣି ଆଣେ ଏବଂ ମକା ଚୂନା କରିବା ପାଇଁ ସବୁ ଜିନିଷ ସାଇତି ରଖେ । ଆମ ଘରେ ମୁଁ କୁକୁରମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିଲି । ପାହାଡ଼ରୁ ବଣ୍ୟ ଜନ୍ତୁମାନେ ତଳକୁ ଓହ୍ଲାଇ ଆସୁଥିବାରୁ ମୋ ବାପା ଅନେକ ଗୁଡ଼ିଏ କୁକୁର ରଖିଥିଲେ । ଏହି କୁକୁରଗୁଡ଼ିକ ଆମ ଗୃହପାଳିତ ପଶୁମାନଙ୍କୁ ଜଗୁଥିଲେ । ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ମୋର କାମ ଥିଲା ।

ମକାର ଟାଣ ଶଣ୍ଢା ହିଁ ଥିଲା ସେମାନଙ୍କର ଖାଦ୍ୟ । ଘରର ଠିକ୍ ବାହାରେ ଗୋଟିଏ ଛୋଟ ଗାତ ପରି ଥିଲା । ମକାର ଦାନା ବାହାର କରି ସାରିବା ପରେ ଆମେ ସେଥିରେ ଶଣ୍ଢା ଗୁଡ଼ିକୁ ପକାଉଥିଲୁ । କାଳକ୍ରମେ ଶଣ୍ଢା ଗୁଡ଼ିକ ନରମ ହୋଇ ଯିବା ପରେ ଲେମ୍ବୁ ସହିତ ସେଗୁଡ଼ିକୁ ରନ୍ଧା ଯାଏ । ତାପରେ କୁକୁର ଖାଇବା ପାଇଁ ସେଗୁଡ଼ିକୁ ଗୁଣ୍ଡ କରାଯାଏ । ଲେମ୍ବୁ ଆମ କୁକୁରମାନଙ୍କୁ ଶକ୍ତି ଦିଏ; ଏହା ନହେଲେ ସେମାନେ ବଞ୍ଚି ପାରନ୍ତେ ନାହିଁ । କିନ୍ତୁ ବେଳେବେଳେ ମକା ନଥିଲେ କୁକୁର ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଆମକୁ ଖାଇବାକୁ ପଡ଼େ । ମକା ଶଣ୍ଢାରେ ଆମେ ପିଠା ମଧ୍ୟ ତିଆରି କରୁ । ଯାହା ହେଉନା

Digitized by srujanika@gmail.com

କାହିଁକି, ମୋର କାମ ଥିଲା କୁକୁରମାନଙ୍କ ପାଇଁ ଖାଦ୍ୟ ତିଆରି କରିବା । ମୁଁ ସକାଳେ ଉଠି ଚକିକୁ ଧୁଏ ଏବଂ ଆବଶ୍ୟକ ଜିନିଷ ସଂଗ୍ରହ କରି କୁକୁରମାନଙ୍କ ପାଇଁ ଖାଦ୍ୟ ପେଷିବା ଆରମ୍ଭ କରେ । ମୁଁ ସାତବର୍ଷ ବୟସରୁ ଏହି କାମ କରିବା ଆରମ୍ଭ କରିଥିଲି । ଚୂଲି ଜଳିବା ଓ କଡ଼େଇ ଧୂଆ ହେବା ପରେ ସମସ୍ତେ ଚକି ପେଷିବା ଆରମ୍ଭ କରନ୍ତି । ଜଣେ ମକା ପେଷିବା ପରେ ଆଉ ଜଣେ ତାକୁ ଚିକ୍କଣ କରିବା ପାଇଁ ଦ୍ୱିତୀୟ ଥର ଚକିରେ ପେଷିଥାଏ । ତୃତୀୟ ଜଣକ ମକା ପିଠା ତିଆରି ପାଇଁ ଛୋଟ ଛୋଟ ଗୁଳା ତିଆରି କରେ । ଏହା ପରେ ଆମେ ସମସ୍ତେ ମକା ପିଠା ତିଆରି ଆରମ୍ଭ କରିଦେଉ । ସବୁ ପିଠା ରହି ପାରିବା ପରି ଆମର ଗୋଟିଏ ବଡ଼ ଚଟକା ମାଟି ପଲମ ଅଛି । ତା'ପରେ ପୁରୁଷ ଲୋକମାନେ, ଅର୍ଥାତ୍ ମୋ ବାପା ଓ ଭାଇମାନେ ଆସନ୍ତି ଏବଂ ପଲମରୁ ପିଠା ନେଇ ଖାଇବା ଆରମ୍ଭ କରନ୍ତି । ସକାଳେ ବେଳେବେଳେ ଆମେ କଫି ପିଉ; ବେଳେବେଳେ କେବଳ ପାଣି ପିଇ ରହିଯାଉ । କଫିର ମୂଲ୍ୟ ବେଶୀ ହୋଇଥିବରୁ ଆମେ କଫି ବଦଳରେ 'ପାଇନଲ' ମଧ୍ୟ ବ୍ୟବହାର କରିଥାଉ । ବେଳେବେଳେ 'ପାନେଲା' (non refined brown sugar) ପାଇଁ ମଧ୍ୟ ମୋ ବାପା ମା'ଙ୍କ ନିକଟରେ ଯଥେଷ୍ଟ ପଇସା ନଥାଏ, ଆମେ ଚିନି ବଦଳରେ ଆଖୁରୁ ସିଧା ମିଳୁଥିବା ପାନେଲା ବ୍ୟବହାର କରୁ । ଘରେ ପାନେଲା ନଥିଲେ ପାଇନଲ ବା କଫି କିଛି ହେଲେ ପିଇବା ସମ୍ଭବ ହୁଏ ନାହିଁ । ତେଣୁ କେବଳ ପାଣି ପିଇ ଚଳିଯିବାକୁ ପଡ଼େ । ସକାଳେ କାମକୁ ଯିବା ପୂର୍ବରୁ ଆମେ ସାଧାରଣତଃ ପେଟପୂରା ମକା ପିଠା ଖାଇ ଥାଉ । ଆମ କୁକୁରମାନେ ମଣିଷମାନଙ୍କ ମେଳରେ ରହିବାରେ ଅଭ୍ୟସ୍ତ । ସେମାନେ ପ୍ରକୃତିକୁ ଭଲ ପାଆନ୍ତି ଏବଂ ପୁରୁଷମାନଙ୍କ ସହିତ କାମକୁ ଯିବା ପାଇଁ ପସନ୍ଦ କରନ୍ତି । କୁକୁରମାନେ ସେମାନଙ୍କ ସହିତ ଯାଉଥିବାରୁ ଶ୍ରମିକ ମାନେ କାମକୁ ବାହାରିବା ପୂର୍ବରୁ ଆମକୁ କୁକୁର ମାନଙ୍କୁ ମଧ୍ୟ ଖାଇବାକୁ ଦେବାକୁ ପଡ଼େ । ଯଦି ପୁରୁଷମାନେ ଦୂରକୁ କାମ କରିବା ପାଇଁ ଯାଆନ୍ତି, ସେମାନେ ସାଙ୍ଗରେ ନେବା ପାଇଁ ମକାପିଠା ଆମକୁ ତିଆରି କରିବାକୁ ପଡ଼େ । କିନ୍ତୁ ନିକଟରେ କାମ କରୁଥିଲେ, ଜଣେ ସ୍ତ୍ରୀ ଲୋକ ଘରେ ରହି ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରେ ।

ପୁରୁଷ ଲୋକମାନେ ସାଧାରଣତଃ ସକାଳ ପାଞ୍ଚଟା ବା ସାଢେ ପାଞ୍ଚଟାରେ ଘରୁ ବାହାରି ଯାଆନ୍ତି । ସେମାନେ ମକା ଗଛର ଯତ୍ନ ନିଅନ୍ତି ବା ଜମିକୁ ଚାଷ କରନ୍ତି । କେବେକେବେ ସ୍ତ୍ରୀ ଲୋକମାନେ ମଧ୍ୟ ସେମାନଙ୍କ ସହିତ ଯାଆନ୍ତି । ସେମାନେ ବିନ୍ ବୁଣନ୍ତି ଏବଂ ବିନ୍ ଗଜାହେବା ପରେ ଯେପରି ଲଟା ମାଡ଼ି ପାରିବ ଏବଂ ମକାଗଛ ନଷ୍ଟ ନହେବ, ସେଥିପାଇଁ ଛୋଟ ଛୋଟ ଡ଼ାଳ ମାଟିରେ ପୋତନ୍ତି । ତେଣୁ ବେଳେବେଳେ ଦିନ ତମାମ ଆମେ ପୁରୁଷ ଲୋକଙ୍କ ସହିତ ଏକାଠି ମିଶି କାମ କରୁ । ଛୋଟ ପିଲାଟିଏ ଥିବାରୁ ମୋ ଭାଉଜ ଘରେ ରହୁଥିଲେ ଏବଂ ପଶୁମାନଙ୍କ କଥା ବୁଝିବା ସଙ୍ଗେ ସଙ୍ଗେ ଖାଦ୍ୟ ପ୍ରସ୍ତୁତ

Digitized by srujanika@gmail.com

କରି ଦ୍ୱିପ୍ରହର ବେଳକୁ ଆମ ପାଖକୁ ଆଣୁଥିଲେ । ସେ ମକା ଓ କ୍ଷୀରରେ ତିଆରି ପାନୀୟ ଓ ମକାପିଠା ସହ ଆମେ ଖାଇବା ପାଇଁ ଆହୁରି କିଛି ଜିନିଷ ମଧ୍ୟ ଆଣୁଥିଲେ । ଆଟୋଲ୍ ହେଉଛି ମକାର ପିଠଉ । ଆମେ ଏହାକୁ ସରବତ୍ କରି ପିଉ । ଏହାକୁ ପାଣିରେ ବତୁରାଇ ଦିଆଯାଏ । ତାପରେ ତୁମେ କେତେ ବହଳିଆ କରି ପିଇବାକୁ ଚାହୁଁଛ ସେତିକି ପର୍ଯ୍ୟନ୍ତ ଫୁଟାଇପାରିବ । ମୋ ଭାଉଜ ଫିନ୍‌କା ଓ ଅଲ୍‌ଟିପ୍ଲାନୋରେ ବଢ଼ି ଥିବାରୁ ଘରେ ବସି ବସି ବିରକ୍ତ ହୋଇଯାଆନ୍ତି । ଖାଦ୍ୟ ପ୍ରସ୍ତୁତ କରିବାକୁ ମାତ୍ର ଗୋଟିଏ ମିନିଟ୍ ଲାଗେ ଏବଂ ବାକୀ ସମୟ କିଛି କାମ ନଥାଏ । ତେଣୁ ବେଳେ ବେଳେ ଆମେ ପାଳି କରି ଘରେ ରହୁ । ମୋ ଭାଉଜ ଘରେ ଥିଲେ ବୁଣିବାରେ ଅନେକ ସମୟ କଟାନ୍ତି । ସେ ସପ, ଲୁଗା, ବ୍ଲାଉଜ ଏବଂ ଏହିପରି ଆହୁରି ଅନେକ ଜିନିଷ ବୁଣିପାରନ୍ତି । କିନ୍ତୁ ସେ ଅନେକ ସମୟରେ ବିରକ୍ତ ହୋଇ ପଡ଼ନ୍ତି ଏବଂ ଜମିରେ କାମ କରିବାକୁ ଇଚ୍ଛା କରନ୍ତି ଯଦିଓ କାମ କଲାବେଳେ ତାଙ୍କୁ ପିଠିରେ ଛୋଟ ପିଲାଟିକୁ ଧରି କାମ କରିବାକୁ ପଡ଼େ । ମୋ ଭଉଣୀ, ମା' ଓ ମୁଁ ପାଳିକରି ପିଲାଟିକୁ ଧରୁ ।

କୌଣସି ନିକଟ ପଡ଼ୋଶୀ ନଥିବାରୁ ଗାଁରେ ଜୋର୍ ପାଟିରେ କଥା କହିବା ଆମର ଅଭ୍ୟାସରେ ପରିଣତ ହୋଇଯାଇଥାଏ । ସକାଳେ ଶ୍ରମିକମାନେ ଘରୁ ବାହାରିବାବେଳେ ପଡ଼ୋଶୀମାନଙ୍କୁ ବଡ଼ ପାଟି କରି ଡ଼ାକନ୍ତି । ପଡ଼ୋଶୀମାନଙ୍କର ମକାକ୍ଷେତ ପାଖାପାଖି ଥିବାରୁ ସେମାନେ ସମସ୍ତେ ମିଶି କାମକୁ ବାହାରନ୍ତି । ଗୋଟିଏ ପରିବାରର ଲୋକ ଭଳି ଆମେ ସମସ୍ତେ ଏକାଠି ହେଉ । ଆମର ମକାକ୍ଷେତ ଗୁଡ଼ିକ ପାହାଡ଼ ଆଡ଼କୁ ଟିକେ ଦୂରରେ ଥାଏ । ତେଣୁ ଆମେ ଆମର ସମସ୍ତ ପଡ଼ୋଶୀଙ୍କୁ ଡ଼ାକୁ; କୋଡ଼ିଏ ବା ତିରିଶ ଲୋକ ସାଙ୍ଗହୋଇ ଆମ କୁକୁରମାନଙ୍କ ସହିତ କାମକୁ ବାହାରୁ । ମଧ୍ୟାହ୍ନରେ ବା ଯେତେବେଳେ ଆମକୁ ଭୋକ ଲାଗେ ସେତେବେଳେ ଆମେ ଖାଉ । ସାଧାରଣତଃ ସଂଧ୍ୟା ଛ'ଟାବେଳେ ଆମେ ଘରକୁ ଫେରୁ । ପୁରୁଷ ଲୋକମାନେ ଭୋକିଲା ହୋଇ ଘରକୁ ଫେରନ୍ତି ଏବଂ ଯେଉଁ ସ୍ତ୍ରୀ ଲୋକ ଘରେ ଥାଏ ତାକୁ ପୁଣି ଥରେ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼େ । ସେତିକିବେଳେ ଘରର ବାକିତକ କାମ ମଧ୍ୟ ଆମକୁ କରିବାକୁ ପଡ଼େ । ପୁରୁଷମାନେ କୁକୁରମାନଙ୍କୁ ବାନ୍ଧନ୍ତି ଏବଂ ସ୍ତ୍ରୀ ଲୋକମାନେ କଡ଼େଇ ଓ ଅନ୍ୟ ପାତ୍ର ଗୁଡ଼ିକୁ ଧୋଇବା ପାଇଁ ପାଣି ଆଣନ୍ତି, କାଠ ହାଣନ୍ତି ଏବଂ ରାତିପାଇଁ ଆଲୁଅ ପ୍ରସ୍ତୁତ କରନ୍ତି । ସକାଳେ ସମୟ ବଞ୍ଚେଇବା ପାଇଁ ପରଦିନ ପାଇଁ ମଧ୍ୟ ଆମେ ସବୁ ଜିନିଷ ପ୍ରସ୍ତୁତ କରି ରଖୁ । ରାତି ହୁଏ, ଆମେ ତଥାପି କାମ କରୁଥାଉ । ତାପରେ ଆମେ ଆମ ଭାଷାରେ କିଛି ଗୀତ ଗାଉ । ମୁଁ ଜାଣେ ନାହିଁ ମୋ ଭାଇମାନେ କେଉଁଠାରୁ ଗୋଟିଏ ଏକୋର୍ଡ଼ିଆନ ଆଣିଥିଲେ । କିନ୍ତୁ ବାପା ମା' ଆମକୁ ଶୋଇ ପଡ଼ିବାକୁ କହିବା ପର୍ଯ୍ୟନ୍ତ ଆମର ଗୀତ ଗାଇବା ଶେଷ ହେଉ ନଥିଲା । ସକାଳେ ଶୀଘ୍ର ଉଠିବାକୁ ପଡୁଥିବାରୁ ସାଧାରଣତଃ ଆମେ ଦଶଟା ବା ସାଢେ ଦଶଟାରେ

Digitized by srujanika@gmail.com

ଶୋଇପଡୁ । ଘରଟି ଏତେ ଛୋଟ ଥିଲା ଯେ ଜଣେ ଉଠିଲେ ଅନ୍ୟମାନଙ୍କୁ ମଧ୍ୟ ଉଠିବାକୁ ପଡୁଥିଲା ।

ଆମ ଘରର ଆକାର ପ୍ରାୟ ଆଠ 'ଭାର' ଥିଲା । ଏହା କାଠ ନୁହେଁ, ଜମିରୁ ମିଳୁଥିବା ସିଧା ବେତରେ ତିଆରି । ଏଗୁଡ଼ିକୁ ମୁର୍ଗା ତନ୍ତୁରେ ବାନ୍ଧି ଆମେ ଘର ତିଆରି କରୁ । ଯେ କୌଣସି ଗଛର କାଠରେ ଘର ତିଆରି ହୋଇ ପାରିବ, କିନ୍ତୁ ପୂର୍ଣ୍ଣିମା ଦିନ ଏହା କଟା ହୋଇଥିବା ଦରକାର । ଏହା ଆମ ସଂସ୍କୃତିର ଏକ ଅଙ୍ଗ । ଚନ୍ଦ୍ରର ବୟସ କମ ହୋଇଥିବାବେଳେ ଯେଉଁ କାଠ କଟାଯାଏ, ସେହି କାଠ ବେଶୀ ଦିନ ସ୍ଥାୟୀ ହେବ ବୋଲି ଆମର ବିଶ୍ୱାସ । ପାହାଡ଼ର ପାଦ ଦେଶରେ ମିଳୁଥିବା ଏକ ପ୍ରକାର ତାଳ ଗଛରେ ତା'ର ଛାତ ତିଆରି ହୁଏ । ଆମେ ତାହାକୁ 'ପାମାକ୍' କହୁ । ସବୁଠାରୁ ମନୋଜ୍ଞ ଘରଗୁଡ଼ିକ ବେତ ପତ୍ରରେ ତିଆରି ହୋଇଥାନ୍ତି । ଏହି ପତ୍ର ସଂଗ୍ରହ କରିବା ପାଇଁ ଅନେକ ଦୂରକୁ ଯିବାକୁ ପଡ଼େ । ଏଥିପାଇଁ ବେଶୀ ଲୋକଙ୍କର ସାହାଯ୍ୟ ମଧ୍ୟ ଦରକାର । ଆମେ ଗରିବ ହୋଇଥିବାରୁ ଆମ ପାଖରେ ନା ଥିଲା ବେତ ପତ୍ର କିଣିବା ପାଇଁ ଅର୍ଥ ନା ଲୋକବଳ । ଫିନ୍‌କାରେ ସେଗୁଡ଼ିକ ଖୁବ୍ ଚଡା ଦରରେ ମିଳୁଥିଲା । ଜମି ମାଲିକମାନେ ସେଗୁଡ଼ିକୁ ଗୁଚ୍ଛ ୭୫ ସେଣ୍ଟାଭୋ ମୂଲ୍ୟରେ ବିକ୍ରୀ କରୁଥିଲେ । ଗୋଟିଏ ଘର ପାଇଁ ୫୦ ଗୁଚ୍ଛ ପତ୍ର ଦରକାର ହୁଏ । ବେତ ପତ୍ର କିଣିବା ପାଇଁ ଆମ ପାଖରେ ସମ୍ବଳ ନଥିଲା । ତେଣୁ ଆମେ ପାହାଡ଼କୁ ଯାଇ 'ପାମାକ୍' ସଂଗ୍ରହ କରି ଆଣୁଥିଲୁ । ପରିପକ୍ୱ ପତ୍ର ଗୁଡ଼ିକ ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ରହେ; ତାପରେ ସେଗୁଡ଼ିକୁ ବଦଳାଇବାକୁ ପଡ଼େ । ତେଣୁ ଆମେ ସମସ୍ତେ ପରିପକ୍ୱ ପତ୍ର କାଟିବାକୁ ଯାଉ । ଆମେ ପୁରୁଷ, ସ୍ତ୍ରୀ ଓ ପିଲାମାନେ ମିଶି ଗୋଟିଏ ଘର ପନ୍ଦର ଦିନରେ ତିଆରି କରି ପାରୁଥିଲୁ । ଆମ ପରିବାର ଥିଲା ଖୁବ୍ ବଡ଼ ଥିବାରୁ ଆମେ ବେତ ବାଡ଼ି ବ୍ୟବହାର କରି ପାରୁଥିଲୁ । ଅନେକ ଲୋକ ମକା ଅମଳ ପରେ ତାହାର ଡେମ୍ଫ ଗୁଡ଼ିକୁ କାଟି ତାହାକୁ ଘରର କାନ୍ଥ ପାଇଁ ବ୍ୟବହାର କରୁଥିଲେ । ବେତ ବାଡ଼ିରେ କାନ୍ଥ ତିଆରି ହେଲେ ତାହା ଅଧିକ କାଳ ସ୍ଥାୟୀ ହେଉଥିଲା । ଝଡ଼ ହେଲେ ଛାତ ଉଡ଼ିଯିବାର ଆଶଙ୍କା ଥିବାରୁ ଘର ଗୁଡ଼ିକର ଛାତ ଅଳ୍ପ ଉଚ୍ଚତା ବିଶିଷ୍ଟ ହୋଇଥାଏ । ବେତ ବାଡ଼ି ଗୁଡ଼ିକୁ ଭୂମିରେ ପୋତି ମୁର୍ଗା ତନ୍ତୁରେ ତାହାକୁ ବାନ୍ଧି ଦିଆଯାଏ । ଆମ ଘର ମାନଙ୍କରେ କଣ୍ଟା ବ୍ୟବହାର ହୁଏ ନାହିଁ ; ତେଣୁ ଖୋଜିଲେ ଘରେ ଗୋଟିଏ ମଧ୍ୟ କଣ୍ଟା ମିଳିବ ନାହିଁ । ଏପରିକି ଛାତ ଢିରା, କୋଣ, ବା ଆଲମ୍ବନ ସବୁ କିଛି ଗଛରୁ ହିଁ ମିଳିଥାଏ ।

ଆମ ସମସ୍ତଙ୍କର ବିଛଣା ଏକାଠି ପଡ଼େ । ଘରର ଦୁଇଟି ମହଲା ଥାଏ; ଉପର ମହଲାରେ ମକା ଶସ୍ୟ ମହଜୁଦ କରି ରଖାଯାଏ । ଆମେ ଏହାକୁ 'ଟପାଙ୍କୋ' କହୁ । ତଳ ମହଲାରେ ଆମେ ସମସ୍ତେ ରହୁ । ଯେତେବେଳେ ମକା ନଥାଏ, ଆମ ଭିତରୁ ଅନେକ ଉପରକୁ ଯାଇ ଟପାଙ୍କୋରେ ଶୋଉ । ସେଠାରେ ମକା ଶସ୍ୟ ରଖା ଯାଇଥିଲେ, ଆମକୁ

Digitized by srujanika@gmail.com

ତଳ ମହଲାରେ ଶୋଇବାକୁ ପଡ଼େ। ସାଧାରଣତଃ ଆମ ବିଛଣାରେ ଗଦିଭଳି ଜିନିଷ କିଛି ନଥାଏ। ଆମ ନିଜ ଲୁଗାଗୁଡ଼ିକୁ ହିଁ ବିଛଣା କରି ଥଣ୍ଡାରେ ଶୋଇବାରେ ଆମେ ଅଭ୍ୟସ୍ତ। ଛାତରୁ ମଧ୍ୟ ବେଶୀ ସୁରକ୍ଷା ମିଳେ ନାହିଁ। ଘର ଭିତରକୁ ପବନ ପଶି ଆସେ - ସତେ ଯେପରି ଆମେ ପାହାଡ଼ ଉପରେ ଅଛୁ। ଆମର ନିଜର ବ୍ୟକ୍ତିଗତ ବା ଗୋପନୀୟ ଦାମ୍ପତ୍ୟ ଜୀବନ ବୋଲି କିଛି ନଥାଏ। ସମଗ୍ର ପରିବାରର ଆଖିଆଗରେ ସବୁକଥା ହୁଏ। ଦମ୍ପତି ମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ନଥାଏ। ଏପରିକି ପିଲାମାନେ ସବୁ କଥା ଜାଣନ୍ତି; କିନ୍ତୁ ବେଳେବେଳେ ସେମାନେ କିଛି ଜାଣନ୍ତି ନାହିଁ। ଏକାଠି ଜୀବନ ଉପଭୋଗ କରିବା ପାଇଁ ବିବାହିତ ଦମ୍ପତି ମାନଙ୍କର ସମୟ ନଥାଏ। ଆମେ ଏତେ ଥକି ଯାଇଥାଉଯେ ଥରେ ଶୋଇଲେ କାଠ ଗଡ଼ା ପରି ଶୋଉ। ଘରକୁ କ୍ଳାନ୍ତ ହୋଇ ଫେରିଲେ ଭୋକ ମରିଯାଇଥାଏ ଏବଂ ସେତେବେଳେ କେବଳ ଶୋଇବା ଛଡ଼ା ଆଉ କିଛି କରିବାକୁ ଇଚ୍ଛା ହୁଏ ନାହିଁ। ତେଣୁ ଆମେ ଶୋଇପଡୁ। ସେତିକିବେଳେ ବୋଧହୁଏ ଅନ୍ୟମାନେ ଯୌନ ସମ୍ପର୍କ ପାଇଁ ସୁଯୋଗ ପାଆନ୍ତି। ଅନେକ ସମୟରେ କେବଳ ପିଲାମାନେ ଫିନ୍‌କାକୁ ଯାଆନ୍ତି ଏବଂ ବାପା ମା'ମାନେ ଘରେ ରହି ଗୃହପାଳିତ ପଶୁମାନଙ୍କର ଦେଖାଶୁଣା କରନ୍ତି। ସେତିକିବେଳେ ସେମାନେ ନିଜ ପାଇଁ କିଛି ଅଧିକ ସମୟ ପାଆନ୍ତି। କିନ୍ତୁ ଅଧିକାଂଶ ସମୟରେ ମୋ ବାପା ଗୋଟିଏ ଫିନ୍‌କାକୁ ଯାଆନ୍ତି ଏବଂ ମା' ପିଲାମାନଙ୍କୁ ନେଇ ଅନ୍ୟ ଗୋଟିଏ ଫିନ୍‌କାକୁ ଯାଆନ୍ତି। ତେଣୁ ସେମାନେ ତିନିମାସ ପରସ୍ପର ଠାରୁ ଦୂରରେ ରହନ୍ତି। କେବେ କେମିତି ଆମେ ସମସ୍ତେ ମିଶି ଗୋଟିଏ ଫିନ୍‌କାକୁ ଯାଉ। କିନ୍ତୁ ସେଠାରେ ଅଚିହ୍ନାଲୋକ ଓ ପଶୁମାନଙ୍କ ମେଳରେ ଶୋଇବା ପାଇଁ ବେଶୀ ଅସୁବିଧା ହୁଏ। ସେଠାରେ ପ୍ରକୃତରେ ଭାରି ଅସୁବିଧା ହୁଏ। ଏତେ କମ୍ ସ୍ଥାନରେ ଜଣକ ଉପରେ ଜଣେ ରହିବା ପରି ଲାଗେ। ଏ ପରିସ୍ଥିତିରେ ପିଲାଙ୍କଠାରୁ ସବୁ କଥା ଲୁଚାଇବା ସମ୍ଭବ ନୁହେଁ। ଆମ ପରିବାରର ଆମେ ସବୁ ଭାଇ, ଭଉଣୀ ଏକାଠି ଗୋଟିଏ ଧାଡ଼ିରେ ଶୋଉଥିଲୁ। କିଛି ଦିନ ହେବ ବାହା ହୋଇଥିବା ମୋ ବଡ଼ଭାଇ ତା'ର ସ୍ତ୍ରୀ ସହିତ ଶୋଉଥିଲା। ଆମେ ଯେଉଁମାନେ ଅବିବାହିତ ଥିଲୁ ମୋର ଆଉ ଦୁଇଜଣ ବଡ଼ ଭାଇ, ଭଉଣୀ, ମୁଁ ଏବଂ ଯେଉଁ ମୋର ତିନିଜଣ ସାନଭାଇ ସେତେବେଳେ ବଞ୍ଚିଥିଲେ ଆମେ ସମସ୍ତେ ଏକାଠି ଗୋଟିଏ ଧାଡ଼ିରେ ଶୋଉଥିଲୁ। ସ୍ତ୍ରୀଲୋକମାନଙ୍କର ଘାଗରାକୁ ଏକାଠି କରି ଆମେ କମ୍ବଳ ଭାବରେ ବ୍ୟବହାର କରୁଥିଲୁ। ମୋ ବାପା, ମା' ଆମ ପାଖରେ ଗୋଟିଏ କୋଣରେ ଶୋଉଥିଲେ। ଆମ ସମସ୍ତଙ୍କର ନିଜ ନିଜର ସପ ଥିଲା। ଆମେ ଯେଉଁ ପୋଷାକ ପିନ୍ଧି କାମ କରୁଥିଲୁ ସେହି ପୋଷାକ ପିନ୍ଧି ଶୋଉଥିଲୁ। ଏହି କାରଣରୁ ସମାଜ ଆମକୁ ଗ୍ରହଣ କରେ ନାହିଁ। ମୁଁ ଖୁବ୍ ବ୍ୟକ୍ତିଗତ ଭାବେ ନିଜ ଭିତରେ ଏହି ନାମଞ୍ଜୁରିକୁ ଅନୁଭବ କରୁଥିଲି। ଆମେ ଭାରତୀୟମାନେ ଅପରିଷ୍କାର ବୋଲି ସେମାନେ କହନ୍ତି। କିନ୍ତୁ ଆମର ପରିସ୍ଥିତିହିଁ ଆମକୁ ଏପରି ହେବା ପାଇଁ ବାଧ

Digitized by srujanika@gmail.com

କରିଥାଏ । ସମୟ ମିଳିଲେ ଆମେ ସବୁ ସପ୍ତାହର ରବିବାର ଦିନ ନଦୀକୁ ଯାଉ ଏବଂ ଲୁଗା ସଫା କରୁ । ସପ୍ତାହ ଭିତରେ ଲୁଗା ସଫା କରିବା ପାଇଁ ସମୟ ନଥାଏ । ଆମ ପାଖରେ ଲୁଗା ସଫା କରିବା ପାଇଁ ସାବୁନ୍ ମଧ୍ୟ ନଥାଏ । ଅନ୍ୟ ଉପାୟ ନଥିବାରୁ ଲୁଗା ପିନ୍ଧି ଶୋଉ, ତାପର ଦିନ ଉଠି ସାମାନ୍ୟ ସଜା ସଜି ହୋଇ ସେମିତି କାମକୁ ବାହାରିଯାଉ ।

ଅନ୍ୟ ସମସ୍ତଙ୍କ ପରି ମୋର ଦଶମ ଜନ୍ମ ଦିନ ମଧ୍ୟ ପାଳନ କରାଗଲା । କିନ୍ତୁ ଠିକ୍ ଦଶ ବର୍ଷ ହେବାବେଳକୁ ମୁଁ ଫିନ୍‌କାରେ ଥିବାରୁ ଅଲ୍‌ଟିପ୍ଲାନୋକୁ ଫେରିବା ପରେ ଏହା ପାଳନ କରାଗଲା । ମୋ ବାପା, ମା' ତାଙ୍କ ପାଖକୁ ମୋତେ ଡ଼ାକି ଜଣେ ବୟସ୍କ ଲୋକର ଜୀବନ ବିଷୟରେ ବୁଝାଇଦେଲେ । ମୁଁ ତ ସେ ଜୀବନକୁ ମା'ଙ୍କ ସହିତ ରହୁଥିବାବେଳେ ଜାଣିଥିଲି ଓ ନିଜେ ମଧ୍ୟ ଅଙ୍ଗେ ନିଭାଇଥିଲି । ତେଣୁ ବାପା ମା' ଯାହା କୁହନ୍ତି ତାହାକୁ ଗ୍ରହଣ କରିନେବାର ଏହା ଥିଲା ଏକ ଅଭିନୟ ମାତ୍ର ।

ମୋ ବଡ଼ ଭାଇମାନେ ଓ ଭଉଣୀ ଏହି ଉତ୍ସବରେ ଉପସ୍ଥିତ ଥିଲେ ମଧ୍ୟ ସାନ ଭାଇମାନେ ଏଥିରେ ଯୋଗ ଦେଇପାରିନଥିଲେ । ଆମ ପରିବାରରେ ମୁଁ ଥିଲି ଷଷ୍ଠ ସନ୍ତାନ ଏବଂ ମୋ ପରେ ଆଉ ତିନିଜଣ ଭାଇ ଥିଲେ । ବାପା ମା' ଯେଉଁ ଉତ୍ସବରେ ମୋର ନୂଆ ଜୀବନ ବିଷୟରେ କହିବାର ଥିଲା କଥା, ସେଥିରେ ମୋ ସାନଭାଇମାନଙ୍କର ଉପସ୍ଥିତିର ଆବଶ୍ୟକତା ନଥିଲା । ମୋର ଅନେକ ଉଚ୍ଚାକାଂକ୍ଷା ନିଶ୍ଚୟ ରହିବ, କିନ୍ତୁ ସେଗୁଡ଼ିକୁ ପୂରଣ କରିବା ପାଇଁ ସୁଯୋଗ ମିଳିବ ନାହିଁ ବୋଲି ସେମାନେ ମୋତେ କହିଲେ । ମୋ ଜୀବନରେ କୌଣସି ପରିବର୍ତ୍ତନ ହେବ ନାହିଁ, ସେଇ କାମ, ଦାରିଦ୍ର୍ୟ ଓ ଯନ୍ତ୍ରଣା ଲାଗି ରହିବ - ସେମାନେ କହିଲେ । ତଥାପି କାମ କରି ମୁଁ ଆମ ସମସ୍ତଙ୍କ ପାଇଁ ରୋଜଗାର କରି ପାରୁଥିବାରୁ ମୋ ବାପା ମା' ମୋତେ ଧନ୍ୟବାଦ ଜଣାଇଲେ । ତାପରେ ସ୍ତ୍ରୀ ଲୋକମାନଙ୍କର ଶରୀରରେ ପରିବର୍ତ୍ତନ ଓ ସନ୍ତାନ ଜନ୍ମ କରିବାର କ୍ଷମତା ଇତ୍ୟାଦି ବିଷୟରେ ସେମାନେ ମୋତେ କିଛି କହିଲେ । ମା'ଙ୍କ ସହିତ ଅଧିକ ସମୟ କଟାଇଲେ ମୁଁ ତାଙ୍କଠାରୁ ସବୁ କଥା ଜାଣିପାରିବି ବୋଲି ମୋତେ କୁହାଗଲା । ମୁଁ କାଳେ ଏକୁଟିଆ ବୋଧ କରିବି, କିମ୍ବା କୌଣସି ବିଷୟରେ ମୋର ସନ୍ଦେହ ହେବ, ସେଥିପାଇଁ ମୋ ମା' ଅଧିକାଂଶ ସମୟ ମୋ ପାଖେ ପାଖେ ରହିବେ । ମୋ ବଡ଼ ଭଉଣୀ, ଯାହାକୁ ଚବିଶି ବର୍ଷ ହୋଇଥିଲା, ତା ନିଜ କୈଶୋର ସମୟର କଥା କହିଲା । ଜୀବନ ଯେପରି ଆସିବ ତାହାକୁ ସେପରି ଗ୍ରହଣ କରିବା ପାଇଁ ମୋ ବାପା ଉପଦେଶ ଦେଲେ । ମନରେ ତିକ୍ତତା ରଖିବା କିମ୍ବା ଅନ୍ୟ ରାସ୍ତା ଖୋଜିବା ଅନୁଚିତ । ବାପା ମା'ଙ୍କର ନିୟମର ପରିସର ବାହାରକୁ ଯିବା ପାଇଁ ଚାହିଁବା ମଧ୍ୟ ଆମ ପକ୍ଷରେ ମୋଟେ ଉଚିତ ନୁହେଁ । ତା'ହେଲେ ଯାଇ ଝିଅ ଭାବରେ ଗୋଷ୍ଠୀରେ ମର୍ଯ୍ୟାଦା ପାଇବା ପାଇଁ ଏସବୁ ତୁମକୁ ସାହାଯ୍ୟ କରିବ । ଆମ ନିଜ ଓ ଆମର ପ୍ରତ୍ୟେକ ପଡ଼ୋଶୀଙ୍କ ପିଲାମାନଙ୍କ ଉଦାହରଣର ଗୁରୁତ୍ୱ ମୋ ବାପା ବୁଝାଇଦେଲେ । କେବଳ

Digitized by srujanika@gmail.com

ଯୋଡ଼ିଏ ଆଖି ନୁହେଁ, ବରଂ ସମଗ୍ର ଗୋଷ୍ଠୀର ଆଖି ଆମ ଉପରେ ରହିଛି ବୋଲି ଆମେ ଜାଣୁ । ଏହାର ଅର୍ଥ ନୁହେଁ ଯେ ଆମକୁ ସବୁ କିଛି ତ୍ୟାଗ କରିବାକୁ ପଡୁଥିଲା । ଆମର ଯଥେଷ୍ଟ ସ୍ୱାଧୀନତା ଥିଲା । କିନ୍ତୁ ସେହି ସ୍ୱାଧୀନତାର ସୀମା ଭିତରେ ଆମେ ନିଜକୁ ସମ୍ମାନ ଦେବାକୁ ଶିଖୁଥିଲୁ ।

ମୋ ମା', ବାପା, ସବୁ ଭାଇ ଓ ଭଉଣୀ ସେମାନଙ୍କର ଅନୁଭୂତିରୁ ମୋତେ ଅନେକ କଥା କହିଲେ । ସେମାନେ ହଠାତ୍ ମୋତେ ବୟସ୍କ ଲୋକ ପରି ବ୍ୟବହାର କରିବାକୁ ଆରମ୍ଭ କରିଥିଲେ । ମୋ ବାପା କହିଲେ: 'ଏବେ ତୋର ଦାୟିତ୍ୱ ଅନେକ । ଜଣେ ବୟସ୍କ ଲୋକ ଭାବରେ ଗୋଷ୍ଠୀ ପ୍ରତି ତୋର ଅନେକ ଦାୟିତ୍ୱ ରହିଛି । ବର୍ତ୍ତମାନ ଠାରୁ ସମସ୍ତଙ୍କ ହିତ ପାଇଁ ତୋତେ କାମ କରିବାକୁ ପଡ଼ିବ ।' ମୋ ଜନ୍ମ ବେଳେ ଏବଂ ଗୋଷ୍ଠୀ ଦ୍ୱାରା ସ୍ୱୀକୃତ ହେବାବେଳେ ମୋ ବାପା ମା' ଦେଇଥିବା ପତିଶ୍ରୁତିକୁ ମୋତେ ପୁନରାବୃତ୍ତି କରିବାକୁ ପଡ଼ିଲା । ମୁଁ ଗୋଷ୍ଠୀର ଜଣେ ସଦସ୍ୟ ଏବଂ ବଡ଼ ହେଲେ ତାର ସେବା କରିବାକୁ ପଡ଼ିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ । ଏବେ ସେହି ପ୍ରତିଶ୍ରୁତି ପାଳନ କରିବାର ସମୟ ଆସିଥିଲା । ସେତେବେଳକୁ ଆମ ସଂସ୍କୃତି ସହିତ କ୍ୟାଥଲିକ ଧର୍ମ ଓ ପରମ୍ପରାର ସମିଶ୍ରଣ ହୋଇ ସାରିଥିଲା । ତେଣୁ ମୋର କର୍ତ୍ତବ୍ୟ ଥିଲା ଗୋଷ୍ଠୀର ସେବା କରିବା ପାଇଁ ପ୍ରତିଶ୍ରୁତି ଦେବା ଏବଂ ଗୋଷ୍ଠୀ ପାଇଁ କାମ କରିବାର ବିଭିନ୍ନ ରାସ୍ତା ଖୋଜିବା । ପିଲାକୁ ଦଶବର୍ଷ ହେଲେ ତାର ପରିବାର ଓ ଗୋଷ୍ଠୀ ଗୋଟିଏ ବୈଠକରେ ମିଳିତ ହୁଅନ୍ତି । ଏହି ସମାବେଶର ଏକ ଧାର୍ମିକ ମହତ୍ୱ ଅଛି । ଏଥିରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବାର ଗାମ୍ଭୀର୍ଯ୍ୟ ଥାଏ । ଆଲୋଚନାର ମଧ୍ୟ ଗୁରୁତ୍ୱ ଥାଏ, ଯେହେତୁ ଏହା ଜଣେ ଦାୟିତ୍ୱ ସଂପନ୍ନ ଲୋକର ଜୀବନର ପ୍ରାରମ୍ଭକୁ ସୂଚାଏ । ମୁଁ ଆଉ ଛୋଟ ପିଲା ନଥିଲି; ନାରୀତ୍ୱର ସବୁ ଦାୟିତ୍ୱ ପାଇଁ ମୁଁ ପ୍ରସ୍ତୁତ ହୋଇ ଯାଇଥିଲି । ତେଣୁ ମୋ ବାପା, ମା', ଭାଇ ଭଉଣୀଙ୍କ ସମ୍ମୁଖରେ ମୁଁ ଗୋଷ୍ଠୀ ପାଇଁ ଅନେକ କାମ କରିବି ବୋଲି କଥା ଦେଲି । ସେହି ସମୟରୁ ଆମ ପଡ଼ୋଶୀଙ୍କ ଘରେ ପ୍ରାର୍ଥନା କରିବା ପରି ବାପାଙ୍କର କିଛି ଦାୟିତ୍ୱ ମୁଁ ସମ୍ଭାଳି ନେବାକୁ ଆରମ୍ଭ କଲି । ବୈଠକରେ କହିବାର ଦାୟିତ୍ୱ ସବୁବେଳେ ମୋ ବାପାଙ୍କ ଉପରେ ପଡ଼ିଥାଏ । ଗୋଷ୍ଠୀର ଅନେକ ବିଷୟ ସେ ସଂଯୋଜନା କରନ୍ତି । କ୍ରମେ ମୋର ଦାୟିତ୍ୱବୋଧ ବଢ଼ିଲା । ମୋ ମା' ଆମକୁ ଅନେକ ଗୋପନୀୟ ବିଷୟରେ ଜ୍ଞାନ ଦେଉଥାଆନ୍ତି ଏବଂ ତାକୁ ଅନୁସରଣ କରି ସବୁ କାମ କରିବା ପାଇଁ ପରାମର୍ଶ ଦେଉଥାଆନ୍ତି । ମୋର ମନେପଡୁଛି, ସେତିକିବେଳେ ମୁଁ ଧର୍ମ ପ୍ରଚାର କାମରେ ମଧ୍ୟ ମନ ଦେଲି ଏବଂ ଗୋଷ୍ଠୀ ଓ ଫିନ୍‌କା, ଉଭୟ ସ୍ଥାନରେ ପିଲାମାନଙ୍କ ସହିତ କାମ କରିବା ଆରମ୍ଭ କଲି । □

Digitized by srujanika@gmail.com

୯

ଶସ୍ୟ ବୁଣିବା ଓ ଅମଳ ସମୟର ଉତ୍ସବାନୁଷ୍ଠାନ, ପୃଥିବୀ ସହିତ ସମ୍ପର୍କ

'ଖାଦ୍ୟପାଇଁ ବୁଣାହୋଇଥିଲେ ମକା ମଣିଷ ପାଇଁ ଏକ ପବିତ୍ର ଖାଦ୍ୟ । ଲାଭପାଇଁ ବୁଣା ହୋଇଥିଲେ ଏହା ମକାରେ ତିଆରି ମଣିଷ ପାଇଁ ଦୁର୍ଭିକ୍ଷର କାରଣ ହୁଏ ।'

ମିଗୁଏଲ ଆଞ୍ଜେଲ୍ ଆଷ୍ଟୁରିଆସ୍ : *ମେନ୍ ଅଫ୍ ମେଜ*

'ମଞ୍ଜି ହେଉଛି ସ୍ୱଚ୍ଛ ଓ ପବିତ୍ର, ଆମ ଲୋକଙ୍କ ପାଇଁ ମଞ୍ଜିର ମହତ୍ତ୍ୱ ଖୁବ୍ ବେଶୀ ।'

ରିଗୋବେର୍ଟା ମେଞ୍ଚୁ

ଆମର ଦ୍ୱାଦଶ ଜନ୍ମଦିନ ପାଇଁ ଅନ୍ୟ ଏକ ପ୍ରଥା ରହିଛି । ସେଦିନ ଆମକୁ ଗୋଟିଏ ଛୋଟ ଘୁଷୁରୀ, ମେଣ୍ଢା କିମ୍ବା ଗୋଟିଏ ଦୁଇଟି କୁକୁଡ଼ା ଦିଆଯାଏ । ଏଇ ଛୋଟ ପ୍ରାଣୀଗୁଡ଼ିକ ବଂଶ ବୃଦ୍ଧି କରିବେ । ପ୍ରକୃତରେ ଆମେ ସେମାନଙ୍କୁ କେତେ ଭଲ ପାଇବୁ , ତାହାରି ଉପରେ ସେମାନଙ୍କ ବଂଶବୃଦ୍ଧି ନିର୍ଭର କରେ । ମୋର ମନେଅଛି, ମୋତେ ଯେତେବେଳେ ବାରବର୍ଷ ହେଲା, ମୋ ବାପା ମୋତେ ଛୋଟ ଘୁଷୁରୀଟିଏ ଦେଇଥିଲେ । ଏହା ସହିତ ଦୁଇଟି କୁକୁଡ଼ା ଓ ଗୋଟିଏ ମେଣ୍ଢା ମଧ ମୁଁ ପାଇଥିଲି । ମେଣ୍ଢା ମୋର ଭାରି ପ୍ରିୟ । ମୋର ଅନୁମତି ବିନା ଏଇ ପଶୁଗୁଡ଼ିକୁ କେହି ଛୁଇଁ ପାରିବେ ନାହିଁ କିମ୍ବା ବିକ୍ରୀ କରିପାରିବେ ନାହିଁ । ଏହାର ମର୍ମ ହେଲା ପିଲାଟି ନିଜ ଆବଶ୍ୟକତା ନିଜେ ପୂରଣ କରିବ । ମୋ ଦାୟିତ୍ୱରେ ଥିବା ପ୍ରାଣୀ ଗୁଡ଼ିକ ବଂଶ ବୃଦ୍ଧି କରନ୍ତୁ ଏହା ମୁଁ ଚାହୁଁ ଥିଲି; ଏହା ସହିତ ମୋ ବାପା, ମା', ଭାଇ ଓ ଭଉଣୀଙ୍କ ପାଳିତ ପଶୁମାନଙ୍କୁ ମଧ ମୁଁ ଭାରି ଭଲପାଉଥିଲି । ଏହାଠାରୁ ବଳି ଆନନ୍ଦଦାୟକ ବିଷୟ ଆଉ କ'ଣ ବା ହୋଇ ପାରିଥାନ୍ତା ? ଭୋଜି ହେଲେ ଆମେ କୁକୁଡ଼ା ମାଂସ ଖାଉ । ବେଳେବେଳେ ବର୍ଷ ବର୍ଷ ଧରି ଆମେ ଗୋରୁ ମାଂସ ଖାଇ ନଥାଉ । ଆମ ପାଇଁ କୁକୁଡ଼ା ମାଂସ ଖାଇବା ଏକ ବଡ଼ ଘଟଣା ।

କିଛିଦିନ ଭିତରେ ମୋ ଘୁଷୁରୀ ବଡ଼ ହୋଇ ପାଞ୍ଚୋଟି ଘୁଷୁରୀ ଛୁଆ ଜନ୍ମ କଲା । ବାପା, ମା'ଙ୍କ କାମରେ ଯେପରି ଅବହେଳା ନହେବ, ସେଥିପାଇଁ ମାତେ ନିଜେ

Digitized by srujanika@gmail.com

ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବାକୁ ପଡୁଥିଲା । ଜମିରେ କାମ କରିବା ପରେ ମୁଁ ସନ୍ଧ୍ୟା ସାତଟା ସୁଦ୍ଧା ଘରକୁ ଫେରୁଥିଲି । ଘରେ ପହଞ୍ଚି ତା' ପରଦିନ ସକାଳ ପାଇଁ ଘରର ସବୁ କାମ କରିବାକୁ ପଡୁଥିଲା । ରାତି ନ'ଟା ବେଳକୁ ଲୁଗାବୁଣିବା ଆରମ୍ଭ ହୁଏ । ବେଳେବେଳେ ମୁଁ ରାତି ଦଶଟା ପର୍ଯ୍ୟନ୍ତ ଲୁଗାବୁଣେ । ଖାଇବା ପାଇଁ ଅପେକ୍ଷା କଲା ବେଳେ ସୂତାକୁ ଗଛ ଡ଼ାଳରେ ଝୁଲାଇ ମୁଁ ବୁଣି ଚାଲିଥାଏ । ପନ୍ଦର ଦିନ ଭିତରେ ବିକ୍ରୀ କରିବା ପାଇଁ ତିନି ଚାରି ଖଣ୍ଡ ଲୁଗା ହୋଇଯାଏ । ସେହି ଲୁଗା ବଦଳରେ ଘୁଷୁରୀମାନଙ୍କ ଖାଇବା ପାଇଁ ମକା ଓ ଅନ୍ୟ ଛୋଟ ଛୋଟ ସାମଗ୍ରୀ ମୁଁ କିଣି ଆଣେ । ଏପରି ଭାବରେ ଘୁଷୁରୀମାନଙ୍କ କଥା ବୁଝୁଥିବା ବେଳେ ମୁଁ ମକା ବୁଣିବା ପାଇଁ କୋଦାଳ ସାହାଯ୍ୟରେ କିଛି ଭୂମି ପ୍ରସ୍ତୁତ କଲି । ଘୁଷୁରୀ ଛୁଆ ଗୁଡ଼ିକ ସାତ ମାସର ହେବା ପରେ ମୁଁ ସେଗୁଡ଼ିକୁ ବିକ୍ରୀ କରି ମା' ଘୁଷୁରୀ ପାଇଁ କିଛି ମକା ବୁଣିଲି, ଯେପରି ସେ ପୁଣି ଛୁଆ ଜନ୍ମ କରିପାରିବ । ଏହା ବ୍ୟତୀତ ମୁଁ ନିଜପାଇଁ ଘାଗରା ଟିଏ, ବ୍ଲାଉଜ ଓ ଅନ୍ୟକିଛି ପୋଷାକ ତିଆରି କିରିବା ପାଇଁ ଯଥେଷ୍ଟ ସୂତା କିଣି ପାରିଲି । ଏହିପରି ଭାବରେ ଆମେ ନିଜ ଆବଶ୍ୟକତାକୁ ପୂରଣ କରୁ । ଶେଷରେ ବିକ୍ରୀ କରିବା ପାଇଁ ମୋ ନିକଟରେ ତିନୋଟି ବଢିଲା ଘୁଷୁରୀ ରହିଲେ । ଆରମ୍ଭରେ ସବୁ ଅସମ୍ଭବ ଜଣାପଡ଼େ । ସେମାନଙ୍କୁ କ'ଣ ଖାଇବାକୁ ଦେବି ମୁଁ ପ୍ରଥମେ ଜାଣି ନଥିଲି । ଘୁଷୁରୀ ଛୁଆ ଗୁଡ଼ିକ ପାଇଁ ଜମିରୁ କିଛି ଗଛ ପତ୍ର ଆଣୁଥିଲି । କୁକୁରମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ବେଳେ ସେଥିରୁ କିଛି ବଳାଇ ଘୁଷୁରୀ ଛୁଆମାନଙ୍କୁ ଦେଉଥିଲି । ଘୁଷୁରୀର ପ୍ରଥମ ଛୁଆ ଜନ୍ମ ହେବା ବେଳକୁ ଆମ ଗୋତ୍ରରେ ପଶୁମାନେ ଭଲ ବଢିବେ କି ନାହିଁ ଆମ ବାପା, ମା' କହିଦେଇ ପାରିବେ । ମୁଁ ପଶୁମାନଙ୍କୁ ଭଲ ପାଉଥିଲି ଏବଂ ସେ ମୋ ଭାଗ୍ୟକୁ ସେମାନେ ମୋ ହେପାଜତରେ ଭଲ ବଢୁଥିଲେ । ପଶୁଗୁଡ଼ିକ ମଧ ମୋତେ ଭଲ ପାଉଥିଲେ । ଉଦାହରଣ ସ୍ୱରୂପ ମୋ ପାଖରେ ଗାଈ ମାନଙ୍କର କିଛି ଅସୁବିଧା ହେଉନଥିଲା । ଏଥିପାଇଁ ମୋ ବାପା, ମା' ମୋତେ ପ୍ରଶଂସା କରୁଥିଲେ ।

ରବିବାର ଦିନ ଆମେ ସ୍ତ୍ରୀ ଲୋକମାନେ ଲୁଗା ସଫା କରିବା ପାଇଁ ନଦୀକୁ ଯାଉ । ମା' ଓ ବାପା ସଉଦା କିଣିବା ପାଇଁ ବଜାରକୁ ଯାଆନ୍ତି । ଅବଶ୍ୟ ଆମ ଖାଦ୍ୟ ପଦାର୍ଥ ମଧ୍ୟରୁ ବେଶୀ କିଛି ବଜାରରୁ ଆସୁ ନଥିଲା । ସେଥିପାଇଁ ସବୁ ରବିବାର ସେମାନଙ୍କୁ ବଜାର ଯିବାକୁ ପଡୁ ନଥିଲା । ସାଧାରଣତଃ ଆମେ ମକା ଓ ଶାଗ ଖାଉ । ବିନ୍ ଅମଳ ହେଲେ ତାକୁ ବିକ୍ରିବା ପାଇଁ ଆମକୁ ବଜାରକୁ ଯାଉ । ଆମେ ଅଳ୍ପ ବିନ୍ ଚାଷ କରୁ । କିନ୍ତୁ ସେଗୁଡ଼ିକୁ ନଖାଇ ବଜାରରେ ବିକ୍ରୀ କରୁ । ବଜାରକୁ ବେଶୀ ବିନ୍ ଆସିଲେ ବ୍ୟବସାୟୀ ମାନେ ତାହାକୁ କମ୍ ମୂଲ୍ୟ ଦେଇ କିଣନ୍ତି । ସାମାନ୍ୟ ଅଧିକ ମୂଲ୍ୟ ମାଗିଲେ ଆମ ଜିନିଷ ବିକ୍ରୀ ନହୋଇ ରହିଯାଏ । ସହରକୁ ଯିବା ପାଇଁ ପାଦରେ ଚାଲିଯିବାକୁ ଆମକୁ ପୂରା ଗୋଟିଏ ଦିନ ଲାଗେ । ମାତ୍ର ଦୁଇତିନି ଜଣ ଲୋକଙ୍କର ଘୋଡ଼ା ଥାଏ । ସେମାନଙ୍କ ଠାରୁ ସବୁବେଳେ

Digitized by srujanika@gmail.com

ଧାର ସୂତ୍ରରେ ଘୋଡ଼ା ମିଳେ ନାହିଁ । ତେଣୁ ବିନ୍‌କୁ ପିଠିରେ ବୋହି ଆମକୁ ବଜାରକୁ ଯିବାକୁ ପଡ଼େ । ମୁଁ ଚାଳିଶି ପଚାଶ ପାଉଣ୍ଡ ଓଜନର ବିନ୍ ବା ମକା ପିଠିରେ ଆମ ଘରୁ ବୋହି ବଜାରକୁ ନେଇ ଯାଇ ପାରୁଥିଲି । କିଛି କିଣିବାର ଆବଶ୍ୟକତା ଥିଲେ ଆମକୁ ମକା ବିକ୍ରୀ କରିବାକୁ ପଡୁଥିଲା ।

ଗାଁର ଅଧିକାଂଶ ଲୋକଙ୍କୁ ହୁଏତ କେବେ ବି ସହରକୁ ଯିବାକୁ ପଡ଼େ ନାହିଁ । ଯେତେବେଳେ, ସବୁ ଜିନିଷ ବୋହି ନେବାକୁ ହେଉଥିଲା ସେତେବେଳେ ହିଁ ଆମେ ଭାଇ ଭଉଣୀ ମିଶି ଦୁଇ ତିନି ଜଣ ସହରକୁ ଯାଉଥିଲୁ । ଅନ୍ୟ ସମୟରେ କେବଳ ମୋ ବାପା, ମା' କିମ୍ବା ଜଣେ ପଡ଼ୋଶୀ ଗଲେ କାମ ଚଳିଯାଏ । ଶନିବାର ରାତିରେ ଘରକୁ ଘର ଯାଇ ପରଦିନ କେହି ସହରକୁ ଯାଉଛନ୍ତି କି ପଚାରିବାର ପ୍ରଥା ଆମ ମଧ୍ୟରେ ରହିଛି । ଯଦି କେହି 'ହଁ' କହେ, 'ଆମ ପାଇଁ ଅମୁକ ଅମୁକ ଜିନିଷ ଆଣି ଦେବକି ', ଆମେ ପଚାରୁ । ସହରକୁ ଯାଉଥିବା ଲୋକ ସମସ୍ତଙ୍କ ଗୋଷ୍ଠୀର ବରାଦ ମୁତାବକ ଜିନିଷ କିଣି ଆଣେ । ମୋ ମା' ଯେତେବେଳେ ସହରକୁ ଯାଆନ୍ତି, ସେ ସବୁ ପଡ଼ୋଶୀ ଶୁଣିବା ପରି ବଡ଼ ପାଟିରେ ଏହାକୁ ଘୋଷଣା କରନ୍ତି । ସେମାନେ କହନ୍ତି, 'ଆମ ପାଇଁ ସାବୁନ ଆଣିବ, ଆମ ପାଇଁ ଲୁଣ ଆଣିବ ଇତ୍ୟାଦି ।' କେଉଁ ଜିନିଷ କେତେ ପରିମାଣର ଆସିବ ମଧ୍ୟ ସେମାନେ ବରାଦ କରନ୍ତି । ମା' ଚାହିଁଲେ ତାଙ୍କ ଘୋଡ଼ାଟିକୁ ନେଇ ପାରିବେ ବୋଲି ଆଉ ଜଣେ ପଡ଼ୋଶୀ ପ୍ରସ୍ତାବ ଦିଅନ୍ତି । ଏହିପରି ଭାବରେ ଆମେ ପରସ୍ପରକୁ ସାହାଯ୍ୟ କରୁ ଏବଂ ଜିନିଷ ସବୁ ବିକ୍ରୀ କରୁ । ଅଧିକାଂଶ ଲୋକ ଟୋପି ପାଇଁ ନଡ଼ାର ପଟି ତିଆରି କରନ୍ତି । ସେମାନେ ସପ ଓ ଲୁଗା ମଧ୍ୟ ବୁଣନ୍ତି । ତେଣୁ ସପ୍ତାହ ଶେଷରେ ସେମାନେ ଜିନିଷଗୁଡ଼ିକୁ ଏକାଠି କରି ଜଣେ ଲୋକ ହାତରେ ବିକ୍ରୀ ପାଇଁ ପଠାନ୍ତି । ଆମ ସମସ୍ତଙ୍କୁ ବଜାରକୁ ଯିବା ପାଇଁ ପଡ଼େ ନାହିଁ ।

ମକା ଅମଳ କରିବା ପାଇଁ ଆମେ ଗାଁକୁ ଆସୁ । ମକା ଅମଳ କରିବାର ଠିକ୍ ପୂର୍ବରୁ ଭୋଜି ହୁଏ । ତେଣୁ ଗାଁରେ ଆମେ ଯେଉଁ ସମୟ କଟାଉ ତାହା ହୁଏ ଆନନ୍ଦ ଉଲ୍ଲାସର ସମୟ । କିଛି ମାସ ପୂର୍ବରୁ, ଆମେ ଯେତେବେଳେ ଭୂମି ଚାଷ କରିବା ପାଇଁ ଧରଣୀର ଅନୁମତି ମାଗୁ, ସେତେବେଳଠାରୁ ହିଁ ଉତ୍ସବାନୁଷ୍ଠାନ ଆରମ୍ଭ ହୋଇ ଯାଇଥାଏ । ସେହି ଉତ୍ସବରେ ଆମେ ଧୂପ ଜାଳୁ; ନିର୍ବାଚିତ ମୁଖିଆମାନେ ପ୍ରାର୍ଥନା କରନ୍ତି; ତାପରେ ଗୋଷ୍ଠୀର ସମସ୍ତେ ପ୍ରାର୍ଥନା କରନ୍ତି । ପରିବାର ପାଇଁ ଏବଂ ଗୋଷ୍ଠୀ ପାଇଁ ଘରେ ଘରେ ମହମବତୀ ଜଳେ । ତାପରେ ବୁଣା ହେବା ପାଇଁ ଥିବା ବିହନକୁ ଆମେ ବାହାରକୁ ଆଣୁ । ମକା ହୋଇଥଲେ ଶଣ୍ଢା ବାହାରିବା ଆରମ୍ଭ ହେବା ବେଳକୁ, ପରବର୍ତ୍ତୀ ବର୍ଷ ପାଇଁ ବିହନ ପ୍ରସ୍ତୁତ କରି ରଖିବାକୁ ହୁଏ । ଆମେ ଭଲ ମଞ୍ଜିକୁ ଅଲଗା ଚିହ୍ନ ଦେଇ ରଖୁ । ମଞ୍ଜି ବାହାର କରି ଶଣ୍ଢାଟିକୁ ସେମିତି ଛାଡ଼ି ଦିଆଯାଏ । ବଡ଼ ମଞ୍ଜିଗୁଡ଼ିକୁ ପତ୍ରରେ ଗୁଡ଼ାଇ ପେଣ୍ଡୁଭଳି କରି ରଖାଯାଏ । ଛୋଟ ମଞ୍ଜି ଗୁଡ଼ିକ ରାନ୍ଧି ତା' ପରଦିନ ହିଁ ପିଠା କରିଦିଆଯାଏ । ଶଣ୍ଢାର କିଛି

Digitized by srujanika@gmail.com

ବି ଅଂଶ ଆମେ ନଷ୍ଟ କରୁନାହିଁ । ପତ୍ରରେ ଗୁଡ଼ାହୋଇ ପେଣ୍ଡୁ ପରି ଦିଶୁଥିବା ବଡ଼ ମଞ୍ଜି ଗୁଡ଼ିକୁ ଶୁଖିବାପାଇଁ ଗଛ ଡ଼ାଳରେ ହିଁ ରଖିଦିଆଯାଏ । ସେଗୁଡ଼ିକୁ ଏପରି ଯାଗାରେ ରଖିବାକୁ ପଡ଼େ ଯେଉଁଠାରେ ତା' ଉପର ଦେଇ କୌଣସି ସ୍ତ୍ରୀଲୋକ ଯିବ ନାହିଁ ବା ଯାହା ଉପରେ କୁକୁଡ଼ା ଚିଆଁ ବା ଅନ୍ୟ କୌଣସି ପଶୁ ଚାଲିଯାଇ ପାରିବ ନାହିଁ । ଏହା ଯେମିତି କୁକୁର ଆଖିରେ ନପଡ଼େ ସେଥିପାଇଁ ସ୍ୱତନ୍ତ୍ର ଯତ୍ନ ନିଆଯାଏ । ଆମ ଘର ସାମ୍ନାରେ ଗୋଟିଏ ବଡ଼ ଗଛ ଅଛି, ଯାହାର ଡ଼ାଳରେ ଆମେ ଏହିପରି ଜିନିଷ ସବୁ ରଖୁ । ଗଛଟିକୁ ଗୋଟିଏ ପିଲା ସବୁବେଳେ ଜଗି ରହେ ।

ଜମିରେ ମଞ୍ଜି ବୁଣାହେବା ପୂର୍ବରୁ ଆମେ ଗୋଟିଏ ଉତ୍ସବ ପାଳନ କରୁ । ମଞ୍ଜି ଭିତରୁ ସବୁଠାରୁ ବଡ଼ ମଞ୍ଜି ଗୁଡ଼ିକୁ ବାଛି ଆମେ ସେଗୁଡ଼ିକୁ ବୃତ୍ତାକାରରେ ରଖୁ । ପୃଥିବୀ, ଜଳ, ପ୍ରାଣୀଜଗତ ଏବଂ ବିଶ୍ୱବ୍ରହ୍ମାଣ୍ଡ (ଅର୍ଥାତ୍ ମଣିଷ) ର ପ୍ରତିନିଧିତ୍ୱ କରିବା ପାଇଁ ମହମବତ୍ତୀ ଜଳାଯାଏ । ଆମ ସଂସ୍କୃତିରେ ବିଶ୍ୱବ୍ରହ୍ମାଣ୍ଡ କହିଲେ ମଣିଷକୁ ହିଁ ବୁଝାଏ । ପବିତ୍ର ମାଟିରେ ପୋତାହେବ ଏବଂ ବହୁଗୁଣିତ ହୋଇ ଆସନ୍ତା ବର୍ଷ ଫଳ ଧାରଣ କରିବ, ଏଥିପାଇଁ ମଞ୍ଜିକୁ ସମ୍ମାନ ଦିଆଯାଏ । ମଞ୍ଜି ହେଉଛି ସ୍ୱଚ୍ଛ ଏବଂ ପବିତ୍ର ତେଣୁ ଏହା ଆମେ କରିଥାଉ । ଆମପାଇଁ ମଞ୍ଜି ଶବ୍ଦ ହିଁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସବୁଘରେ ମହମବତୀ ଜଳାଯାଏ । ବିନ୍ ପାଇଁ ମଧ୍ୟ ଆମେ ଏହାହିଁ କରିଥାଉ । ଏକମାତ୍ର ଈଶ୍ୱରଙ୍କୁ ଏ ସମସ୍ତ ଜିନିଷ ନୈବେଦ୍ୟ ପରି ଅର୍ପଣ କରାଯାଏ । ଆଗାମୀ ବର୍ଷ ପାଇଁ ଏହା ଆମର ଖାଦ୍ୟ ହେବ । ଭୋଜି ସମୟରେ ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ, ପଶୁଗଣ, ଏବଂ ଜଳ ଯେଉଁମାନେ ସମସ୍ତେ ମଞ୍ଜି ସହିତ ମିଶି ଆମକୁ ଖାଦ୍ୟ ଦିଅନ୍ତି, ସେ ସମସ୍ତଙ୍କୁ ପୂଜା କରାଯାଏ । ପରିବାରର ପ୍ରତ୍ୟେକ ସଦସ୍ୟ ଖାଦ୍ୟକୁ ନଷ୍ଟ ନକରିବା ପାଇଁ ଶପଥ କରେ ।

ପରବର୍ତ୍ତୀ ଦିନ ସମସ୍ତେ ଡ଼କାଡ଼କି ହୋଇ କ୍ଷେତକୁ ଯାଆନ୍ତି ଏବଂ ବିହନ ବୁଣିବା ଆରମ୍ଭ କରନ୍ତି । ଆମେ ଯେତେବେଳେ ମକା ବିହନ ବୁଣିବା ଆରମ୍ଭ କରୁ, ସମଗ୍ର ଗୋଷ୍ଠୀ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଏ । କ୍ଷେତରେ ପହଞ୍ଚିବା ପରେ ପୁରୁଷ ଲୋକମାନେ ମକା ଓ ବିନ୍ ମଞ୍ଜି ବୁଣନ୍ତି । ତାଙ୍କ ପରେ ପରେ ସ୍ତ୍ରୀ ଲୋକମାନେ ଯାଇ ଦୁଇ ସିଆର ମଝିରେ 'ଆୟୋଟ୍' ଲଗାନ୍ତି । ଏହିପରି ଭାବରେ ପ୍ରତ୍ୟେକ ଇଞ୍ଚ ଜମିର ଉପଯୋଗ କରାଯାଏ । ପିଲାମାନେ ଲାଉ, କଖାରୁ ବା ଆଳୁ ମଞ୍ଜି ବୁଣନ୍ତି, କିନ୍ତୁ ଆଳୁ ବିହନ ଲଗେଇବାକୁ ସବୁଠାରୁ ବେଶୀ ଭଲ ପାଆନ୍ତି । ଏସବୁ ଜିନିଷ ଆମେ ଏକ ସମୟରେ ହିଁ ଲଗାଉ । ତା'ପରେ ଆମକୁ ମକାର ରକ୍ଷଣାବେକ୍ଷଣ କରିବାକୁ ପଡ଼େ । ପାହାଡ଼ରେ କେତେ ପ୍ରକାରର ଜନ୍ତୁ ଅଛନ୍ତି । ବିହନ ବୁଣିବା ସମୟରେ ସେମାନେ ମାଟି ଖୋଳି ମଞ୍ଜି ଗୁଡ଼ିକୁ ଖାଇ ଯାଆନ୍ତି । ତେଣୁ ଆମେ ପାଳି କରି କ୍ଷେତକୁ ଜଗୁ । ଦିନରେ ଏବଂ ରାତିରେ ଦୁଇଥର କ୍ଷେତ ଚାରିପଟେ ବୁଲିଆସୁ । ରାତିବେଳେ କେତେ ଜାତିର ମୂଷା, ଗୁଣ୍ଡୁଚି ମୂଷା ଜମିକୁ ଆସନ୍ତି । ଦିନବେଳେ

Digitized by srujanika@gmail.com

ପକ୍ଷୀମାନଙ୍କର ପାଳି । ପାଳିକରି ଜଗିବାକୁ ଆମକୁ ଭଲ ଲାଗେ । ବେଳେବେଳେ ଆମେ ଗଛ ଉପରେ ଶୋଇପଡୁ । ଜନ୍ତୁ ଗୁଡ଼ିକ ଯେଉଁ ରାସ୍ତାରେ ଯିବାର ସମ୍ଭାବନା ଥାଏ ସେ ସବୁ ରାସ୍ତାରେ ଯନ୍ତା ବସାଇବାକୁ ଆମକୁ ଭଲଲାଗେ । ଆମେ ଯନ୍ତା ବସାଉ ସତ, କିନ୍ତୁ ବିଚରା ଜନ୍ତୁଟି ଯେତେବେଳେ ଚିତ୍କାର କରି ଉଠେ, ଆମେ ପାଖକୁ ଯାଇ ତାକୁ ଦେଖୁ । ଜନ୍ତୁ ମାରିବାକୁ ଆମ ବାପା ମା' ମନା କରିଥିବାରୁ ଆମେ ପୁଣି ଜମିକୁ ନଆସିବା ପାଇଁ କଡ଼ା ତାଗିଦ କରିଦେଇ ସେମାନଙ୍କୁ ଛାଡ଼ିଦେଉ । ଯଦି କେତେବେଳେ କୁକୁର ସେମାନଙ୍କୁ ମାରିଦିଏ, ଆମେ ସେଗୁଡ଼ିକର ମାଂସ ଖାଉ, କିନ୍ତୁ ସାଧାରଣତଃ ଆମେ ଜନ୍ତୁ ମାରୁ ନାହିଁ। ଅକସ୍ମାତ୍ କେବେ ଜନ୍ତୁଟିଏ ମାରିବା ଅଲଗା କଥା । ପତ୍ର କଅଁଳିବା ଆରମ୍ଭ ହେଲେ ସେମାନେ ଆଉ ଭୂଇଁରୁ ମଞ୍ଜି ଖୋଳନ୍ତି ନାହିଁ।

ମକା ବଢିବା ଆରମ୍ଭ ହେଲେ ଆମେ ସମସ୍ତେ ସମୁଦ୍ର କୂଳର ଫିନ୍‌କାକୁ କାମ କରିବାକୁ ଯାଉ । ଆମେ ପୁଣି ଫେରିବାବେଳକୁ ମକା ବଡ଼ ହୋଇଯାଇଥାଏ ଏବଂ ସେଥି ପ୍ରତି ଧ୍ୟାନଦେବା ଦରକାର ହୁଏ । ଜମିରୁ ଅନାବନାଗଛ ବାହାର କରିଦେବାକୁ ପଡ଼େ । ଏହି କାମ ସରିବା ପରେ ଆମେ ଫିନକାକୁ ଫେରିଯାଉ । ମକାଗଛ ଆହୁରି ବଢିଗଲେ ପୁଣିଥରେ ଏହାର ଯତ୍ନ ନେବା ଦରକାର ପଡ଼େ । ଏହାହିଁ ମକା ଉତ୍ପାଦନ କରିବାର ଦୁଇଟି କଠିନ ଅଂଗ । ଏହାପରେ ଆଉ ବେଶୀକିଛି ଯତ୍ନ ଦରକାର ହୁଏ ନାହିଁ । ମକାଗଛଟି ଯେମିତି ପବନରେ ଗଡ଼ି ନପଡ଼ିବ, ସେଥିପାଇଁ ତା ମୂଳରେ ଆମକୁ କିଛି କିଛି ମାଟି ଦେବାକୁ ପଡ଼େ। ଏହା ଯେତେବେଳେ ବଢୁଥାଏ ସ୍ତ୍ରୀ ଲୋକମାନେ ଫିନ୍‌କାକୁ ନଯାଇ ଗାଁରେ ରହନ୍ତି ଓ ବିନ୍‌ଗଛର ଯତ୍ନ ନିଅନ୍ତି । ମକା ଗଛ ପାଇଁ ଅସୁବିଧା ନକରିବେ ବୋଲି ସେମାନେ ବିନ୍ ଗଛ ମାଡ଼ିବା ପାଇଁ ଛୋଟ ଛୋଟ କାଠିମାନ ପୋତନ୍ତି । ସେମାନେ ଲାଉ, କଖାରୁ ଜାତୀୟ ସବୁ ଗଛର ମଧ୍ୟ ଯତ୍ନ ନିଅନ୍ତି । ଆମ ପାଇଁ କୃଷି କର୍ମର କେନ୍ଦ୍ର ହେଉଛି ମକା । ଏହା ଆମର ସଂସ୍କୃତି । କ୍ଷେତ କହିଲେ ମକା କ୍ଷେତକୁ ହିଁ ବୁଝାଏ । ମଞ୍ଜି କହିଲେ ମକା ମଞ୍ଜିକୁ ହିଁ ଆମେ ବୁଝୁ । ଶଣ୍ଢାର ଅର୍ଥ ହେଉଛି ମକା ଶଣ୍ଢା । ଯେଉଁ ପତ୍ର ମକା ଶଣ୍ଢାକୁ ଘୋଡ଼ାଇ ରଖିଥାଏ ତାହା ଶୁଖିଯିବା ପରେ 'ତୁଜା' କୁହାଯାଏ । ଶଣ୍ଢା ଭିତରେ ଥିବା ସସକୁ 'ଜାଇଲୋଟ' କହନ୍ତି । ମକା ବଢିବା ଆରମ୍ଭ କଲେ ଆମେ ଏହାକୁ 'ଜାଇଲୋଟିଅର୍' କହୁ । ମକା ଉଭୟ ଖାଦ୍ୟ ଓ ପାନୀୟ ଭାବରେ ବ୍ୟବହାର ହୁଏ । ମକା ଶୁଣ୍ଢାକୁ ଆମେ ବୋତଲର ଠିପି ଭାବରେ ଏବଂ କୁକୁର ଓ ଘୁଷୁରୀର ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରୁ ।

ଶଣ୍ଢା ବାହାରିବା ବେଳକୁ ବନ୍ୟ ଜନ୍ତୁମାନେ ମକା କ୍ଷେତକୁ ଆସିବା ଆରମ୍ଭ କରି ଦିଅନ୍ତି । ଚଢେଇମାନେ ମଧ୍ୟ ସେଗୁଡ଼ିକୁ ଖାଇବା ପାଇଁ ଆସନ୍ତି । ତେଣୁ ଆମକୁ ପୁଣି ଜଗିବାକୁ ପଡ଼େ । ସାଧାରଣତଃ ପିଲାମାନେ ହିଁ କ୍ଷେତକୁ ଜଗନ୍ତି । ଦିନ ସାରା ଚଢେଇମାନଙ୍କୁ ଘଉଡ଼ାଇବା ପାଇଁ ସେମାନେ ପାଟି କରୁଥାନ୍ତି ଏବଂ ଟେକା ଫୋପାଡୁଥାଆନ୍ତି । ଗାଁର ସବୁ

Digitized by srujanika@gmail.com

ଲୋକ ବେଳେ ବେଳେ ପିଲାମାନଙ୍କ ସହିତ ମିଶି କ୍ଷେତକୁ ଜଗନ୍ତି । ଶଣ୍ଢା ବଡ଼ ହେବା ବେଳକୁ ଅନ୍ୟ ଉତ୍ସବ ସବୁ ଖଣ୍ଡା ହୋଇ ରହିଥାଏ । ଗୋଟିଏ ଉତ୍ସବରେ ମକା ଗଛର ପତ୍ରକୁ ବ୍ୟବହାର କରି ଏକ ପ୍ରକାର ପିଠା ତିଆରି କରାଯାଏ । ପ୍ରଥମ ପତ୍ର କାଟିବା ପୂର୍ବରୁ ଏକ ସ୍ୱତନ୍ତ୍ର ଉତ୍ସବ ହୁଏ । ଆମ ଗାଁର ସମସ୍ତେ ଏକା ପରି ମକା ବୁଣନ୍ତି ସତ, କିନ୍ତୁ ସମସ୍ତଙ୍କର ମକା ଏକା ପରି ବଢେ ନାହିଁ । କାହାର ଛୋଟ ମକା ହୁଏତ ଆଉ କାହାର ବଡ଼ ମକା ହୁଏ । କିନ୍ତୁ ଯାହା ମକାର ବଡ଼ ପତ୍ର ହୁଏ ସେ ଅନ୍ୟ ମାନଙ୍କ ମଧ୍ୟରେ ତାହାକୁ ବାଣ୍ଟେ । ମକା ପତ୍ର ପିଠାର ସ୍ୱାଦ ଆମକୁ ଏତେ ଭଲ ଲାଗେ ଯେ ଆମେ ତାହାକୁ ଏକ ବିଶେଷ ଅର୍ଥ ଦେବାକୁ ଚାହୁଁ । ତେଣୁ ପ୍ରଥମ ପତ୍ର ହେଲେ ଆମେ ଏକ ଉତ୍ସବ ପାଳନ କରୁ । ତା'ପରେ ଭୋଜି ହୁଏ । ପ୍ରଥମ ପତ୍ରକୁ ବ୍ୟବହାର କରି ତିଆରି ହୋଇଥିବା ପିଠାକୁ ଖାଇବା ପରେ ଆମେ ପତ୍ର ଗୁଡ଼ିକ ଫିଙ୍ଗି ନଦେଇ ତାକୁ ଜମା କରି ରଖୁ । ସେଗୁଡ଼ିକୁ ମୋଡ଼ି ଧରଣୀର ପ୍ରଥମ ଅମଳର ସ୍ମାରକୀ ଭାବେ ଘରର ଗୋଟିଏ କୋଣରେ ଝୁଲାଇଦେଉ । ତାପରେ ମକା ଶଣ୍ଢା ପାକଳ ହୁଏ । କଅଁଳ ଶଣ୍ଢାକୁ ଆମେ ବେଳେ ବେଳେ ଖାଉ । କିନ୍ତୁ ବଡ଼ ହେଲେ ବେଶୀ ମକା ହେବ ବୋଲି ଆମେ ସେଗୁଡ଼ିକୁ ବଢିବା ପାଇଁ ଛାଡ଼ି ଦେଉ । ପାର୍ବତ୍ୟ ଅଞ୍ଚଳରେ ପବନ ହେଲେ ମକା ଶଣ୍ଢା ଗୁଡ଼ିକ ଭାଙ୍ଗି ଯିବାର ସମ୍ଭାବନା ଥାଏ । ଯେଉଁ ଶଣ୍ଢା ଗୁଡ଼ିକ ତଳେ ପଡ଼ିଯାଏ ଆମେ ସେଗୁଡ଼ିକୁ ଉଠାଇ ଖାଇଥାଉ ।

ଯେଉଁଦିନ ଆମେ ମକା ତୋଳୁ ବା ଆମର ଛୋଟ କ୍ଷେତରୁ ଆଉ କିଛି ଫସଲ ଅମଳ କରୁ, ସେହି ଦିନଟି ଉତ୍ସବ ମୁଖର ହୋଇଉଠେ । ସ୍ତ୍ରୀ ଲୋକ ମାନେ ବିନ୍ ଓ ପୁରୁଷ ଲୋକମାନେ ମକା ତୋଳନ୍ତି; ଆମେ ସମସ୍ତେ ଏକାଠି ମିଶି ସମସ୍ତଙ୍କ ଫସଲକୁ ଅମଳ କରୁ । କିନ୍ତୁ ତୋଳିବା ପୂର୍ବରୁ, ଗୋଟିଏ ଉତ୍ସବାନୁଷ୍ଠାନରେ ସମଗ୍ର ଗୋଷ୍ଠୀ ଆମକୁ ଖାଦ୍ୟ ଯୋଗାଉଥିବା ଧରଣୀ ଓ ଇଶ୍ୱରଙ୍କୁ କୃତଜ୍ଞତା ଜଣାଏ । କିଛି ବିନ୍ ପାଇଁ ଖାଦ୍ୟର ବ୍ୟବସ୍ଥା ହୋଇ ଯାଇଥିବାରୁ କାହାରିକୁ ଫିନ୍‌କା ଯିବା ଦରକାର ହୁଏ ନାହିଁ । ତେଣୁ ସମସ୍ତେ ଭାରି ଖୁସି ଥାଆନ୍ତି । ବିହନ ବୁଣିବା ବେଳେ ଧରଣୀର ଅନୁମତି ମାଗିବା ଉତ୍ସବ ଏବଂ ଫସଲ ଅମଳ ସମୟର ଉତ୍ସବ ପ୍ରାୟ ଏକା ପରି । ଆମକୁ ଫସଲ ଦେଇଥିବାରୁ ଆମେ ଧରଣୀକୁ ଧନ୍ୟବାଦ ଜଣାଉ । ଏତେ ଦିନ ପରିଶ୍ରମ କରି ଫଳାଇଥିବା ମକା ପାଇଁ ଆମ ଲୋକମାନେ ତାଙ୍କ ଆନନ୍ଦକୁ ପ୍ରକାଶ କରନ୍ତି; ସେମାନଙ୍କର କୃତଜ୍ଞତା ଜଣାନ୍ତି । ଫସଲ ଅମଳ କଲା ବେଳେ ଏବଂ ଭୋଜି ପାଇଁ ଏକାଠି ହେବାବେଳେ ସମଗ୍ର ଗୋଷ୍ଠୀ ବିଜୟ ଲାଭ କରିଥିବା ପରି ମନେ ହୁଏ । ମକା ଅମଳ ଆରମ୍ଭରେ ଗୋଟିଏ ଏବଂ ଅମଳ ଶେଷରେ ଆଉ ଗୋଟିଏ ଉତ୍ସବ ଆମେ ପାଳନ କରୁ ।

ପ୍ରତ୍ୟେକ ଗାଁରେ ଗୋଟିଏ ଗୋଷ୍ଠୀ ଗୃହ ଥାଏ, ଯାହାକୁ ସଭା ସମିତି, ପ୍ରାର୍ଥନା, ଭୋଜି ଇତ୍ୟାଦି ବିଭିନ୍ନ କାମରେ ବ୍ୟବହାର କରାଯାଏ । ଏହି ଘରେ ଅନେକ ଲୋକ ବସି

Digitized by srujanika@gmail.com

ପାରନ୍ତି । ଏଥିରେ ଗୋଟିଏ ରୋଷଣାଳା ଓ ମକା ରଖିବା ପାଇଁ ଭାଡ଼ି ଥାଏ । ପ୍ରାର୍ଥନା କରିବା ପାଇଁ ଗୋଷ୍ଠୀର ସମସ୍ତେ ଏଇଠି ସମବେତ ହୁଅନ୍ତି । ପ୍ରତ୍ୟେକ ଶୁକ୍ରବାର, କିମ୍ବା ସେଦିନ କିଛି ଅସୁବିଧା ହେଲେ ସୋମବାର ଦିନ ଆମେ ସମସ୍ତେ ସେଠାରେ ଏକାଠି ହେଉ । ସ୍ୱତନ୍ତ୍ର ଉତ୍ସବ ବା ଭୋଜି ନଥିଲେ ମଧ ଗାଁର ସମସ୍ତେ ଏକାଠି ହୁଅନ୍ତି । ପ୍ରାର୍ଥନା କରିବା ପାଇଁ ବା କେବଳ ଗପସପ କରିବା ପାଇଁ ମଧ ଆମେ ଏକାଠି ହେଉ । ଆମେ ଆମର ଅନୁଭୂତିକୁ ପରସ୍ପରକୁ କହୁ । ଏକାଠି ବସି କଥା ବାର୍ତ୍ତା ହେବା ପାଇଁ କୌଣସି କାର୍ଯ୍ୟସୂଚୀର ଆବଶ୍ୟକତା ନଥାଏ । କିଛି ସମୟ ପିଲାମାନଙ୍କ ସହିତ ଖେଳିବାରେ ଯାଏ । ସପ୍ତାହକୁ ଥରେ, ଶୁକ୍ରବାର ବା ସୋମବାର ଦିନ ଏହା ହୁଏ ।

ଆରମ୍ଭରେ ସମସ୍ତେ ଦଳବଦ୍ଧ ଭାବରେ କାମ କରନ୍ତି ଏବଂ ପାହାଡ଼ର ବୁଦା ସବୁ ସଫା କରନ୍ତି । ଗୋଟିଏ ପରିବାରକୁ ଏହା କରିବା ପାଇଁ କେତେ ବର୍ଷ ଲାଗନ୍ତା କିଏ କହି ପାରିବ ? ଆମେ ସମସ୍ତେ ମିଶି କାମ କରୁ । ପୁରୁଷ ଲୋକମାନେ ପାହାଡ଼ ଧାରରେ ଗଛ କାଟିବା ବେଳେ ସ୍ତ୍ରୀ ଲୋକମାନେ ଛୋଟ ଛୋଟ ବୁଦା ଗୁଡ଼ିକୁ ଉପାଡ଼ନ୍ତି । ବିହନ ବୁଣିବା ସମୟ ଆସିଲେ ଗୋଷ୍ଠୀର ସମସ୍ତେ ବସି କିଏ କେତେ ଜମି ଚାଷ କରିବ ସ୍ଥିର କରନ୍ତି । ବ୍ୟକ୍ତିଗତ ଭାବରେ ବା ସମଷ୍ଟିଗତ ଭାବରେ ଜମି ଚାଷ ହେବ ତାହା ମଧ ସ୍ଥିର ହୁଏ । ସମସ୍ତେ ଆଲୋଚନାରେ ଅଂଶ ଗ୍ରହଣ କରନ୍ତି । ଉଦାହରଣ ସ୍ୱରୂପ, ଆମ ଗାଁରେ ଆମେ କହିଲୁ, ନିଜେ ନିଜେ ଜମି ଚାଷ କରିବୁ ବା ସମସ୍ତେ ମିଶି ଚାଷ କରିବୁ ତାହା ଆମର ସମଷ୍ଟିଗତ ନିଷ୍ପତ୍ତି ହେବ । କିନ୍ତୁ ଆମେ ସମଗ୍ର ଗୋଷ୍ଠୀର ବ୍ୟବହାର କରି ପାରିବା ପରି ଖଣ୍ଡେ କୋଠ ଜମି ରଖିବୁ ବୋଲି ସ୍ଥିର କଲୁ । ଏହା ଦ୍ୱାରା କେହି ଅସୁସ୍ଥ ବା ଆହତ ହେଲେ ମଧ ଉପାସ ରହିବ ନାହିଁ । ପ୍ରତ୍ୟେକ ପରିବାରର ନିଜସ୍ୱ ଜମି ଏବଂ ଗୋଷ୍ଠୀ ବା ପରିବାରର ଆପଦ କାଳ ପାଇଁ ଖଣ୍ଡେ ବଡ଼ କୋଠ ଜମି; ଏହିପରି ଭାବରେ ଆମେ କାର୍ଯ୍ୟକ୍ରମ ପ୍ରସ୍ତୁତ କଲୁ । ଏହା ମୁଖ୍ୟତଃ ବିଧବା ମାନଙ୍କ ପାଇଁ ସହାୟକ ହେଉଥିଲା । ସପ୍ତାହର ପ୍ରତ୍ୟେକ ଦିନ କେହି ନା କେହି କୋଠ ଜମିରେ କାମ କରେ । □

Digitized by srujanika@gmail.com

୧୦

ପ୍ରାକୃତିକ ପୃଥିବୀ : ମଣିଷର ମା' ଧରିତ୍ରୀ

'ଆକାଶର ହୃଦୟରେ ଥିବା ଏକମାତ୍ର ଈଶ୍ୱର, ସୂର୍ଯ୍ୟଙ୍କୁ ଆମେ ପ୍ରଣାମ କରିବା ।'

ରିଗୋବେର୍ଟା ମେଞ୍ଚୁ

'ନିଜର ସ୍ୱଭାବଗତ ଅନ୍ଧକାରରେ ଦୁଲିଲ୍ ଗୋଟିଏ ପଥରରେ ତାଙ୍କର ଜୋତାର ଚମଡ଼ାକୁ ଆଘାତ ଦେଲେ । ସେହି ମୁହୂର୍ତ୍ତରେ ସେହିଠାରୁ ଏକ ସ୍ଫୁଲିଙ୍ଗ, ପରେ ଏକ ଝଲକ, ତା'ପରେ ଏକ ଶିଖା ନିର୍ଗତ ହେଲା । ଏହାପରେ ନୂତନ ଅଗ୍ନି ତାହାର ସମସ୍ତ ମହିମାରେ ପ୍ରଜ୍ଜ୍ୱଳିତ ହେଲା ।'

ପୋପୋଲ୍ ଭୁ

ପିଲାବେଳୁ ଆମେ ଯେଉଁ ଶିକ୍ଷା ପାଉ ତାହା ଗୋରା ବା ଲାଡ଼ିନୋ ପିଲାମାନେ ପାଉଥିବା ଶିକ୍ଷା ଠାରୁ ଖୁବ୍ ଭିନ୍ନ । ଆମ ଭାରତୀୟମାନଙ୍କର ପ୍ରକୃତି ସହ ସମ୍ପର୍କ ବେଶୀ । ସେଥିପାଇଁ ଆମକୁ ବହୁ ଈଶ୍ୱରବାଦୀ କୁହାଯାଇଥାଏ । କିନ୍ତୁ ଆମେ ପ୍ରକୃତରେ ବହୁଈଶ୍ୱରବାଦୀ ନୋହୁଁ । ତଥାପି ଯଦି ଆମକୁ ଏହି ଆଖ୍ୟା ଦିଆଯାଏ, ଆମେ ଏହାକୁ ଗ୍ରହଣ କରି ନେବୁ ଯେହେତୁ ଏହା ଆମର ସଂସ୍କୃତି ଓ ପରମ୍ପରା । ଆମେ ପୂଜା କରୁ ବୋଲି କହିବା ଠିକ୍ ହେବ ନାହିଁ; କିନ୍ତୁ ପ୍ରାକୃତିକ ପୃଥିବୀର ଅନେକ ବସ୍ତୁକୁ ଆମେ ସମ୍ମାନ କରୁ । ଯେମିତି ଜଳ ଆମ ପାଇଁ ଅତ୍ୟନ୍ତ ପବିତ୍ର । ଜଳକୁ ନଷ୍ଟ ନକରିବା ପାଇଁ ଛୋଟ ବେଳୁ ଆମ ବାପା ମା' ଆମକୁ ତାଗିଦ୍ କରିଥାନ୍ତି । ଜଳ ହେଉଛି ସ୍ୱଚ୍ଛ ଓ ପରିଷ୍କାର । ଏହା ମଣିଷକୁ ଜୀବନ ଦିଏ । ଜଳ ବିନା ଆମେ ବଞ୍ଚି ପାରିବୁ ନାହିଁ, ଏହା ବିନା ଆମ ପୂର୍ବ ପୁରୁଷମାନେ ମଧ୍ୟ ବଞ୍ଚି ପାରି ନଥାନ୍ତେ । 'ଜଳ ପବିତ୍ର' - ଏହି ଧାରଣା ଆମ ପିଲାମାନଙ୍କ ମନରେ ପ୍ରଥମରୁ ରହିଥାଏ । ଜଳ ଯେମିତି, ଠିକ୍ ସେମିତି ପୃଥିବୀ । ଆମ ବାପା, ମା' ଆମକୁ କହନ୍ତି: ' ପିଲାମାନେ, ପୃଥିବୀ ମନୁଷ୍ୟକୁ ଖାଦ୍ୟ ଯୋଗାଏ; ତେଣୁ ଏହା ମା' ପରି ।' ଆମ ପରି ଯେଉଁମାନଙ୍କର ଜୀବନ ଶସ୍ୟ ଉତ୍ପାଦନ ଉପରେ ନିର୍ଭରଶୀଳ ସେମାନଙ୍କ ପାଇଁ ଏହା ନିରାଟ ସତ କଥା । ଆମ ଲୋକମାନେ ମକା, ବିନ୍ ଓ ଶାଗ ଖାଆନ୍ତି । ଆମେ ମେସିନ୍ ସାହାଯ୍ୟରେ ତିଆରି ହେଉଥିବା ଖାଦ୍ୟ ଖାଇ ପାରିବୁ ନାହିଁ । ତେଣୁ ଆମେ ପୃଥିବୀକୁ ମଣିଷର ମା' ରୂପରେ

Digitized by srujanika@gmail.com

ଦେଖୁ ଏବଂ ପୃଥିବୀକୁ ସମ୍ମାନ କରିବା ପାଇଁ ଆମ ବାପା, ମା' ଆମକୁ ଶିକ୍ଷା ଦେଇଥାନ୍ତି । ନିହାତି ଆବଶ୍ୟକ ହେଲେ ଯାଇ ଆମେ ଧରିତ୍ରୀକୁ ଆଘାତ ଦେଉ । ଏହି କାରଣରୁ ହିଁ ମକା ବୁଣିବା ପୂର୍ବରୁ ଆମକୁ ଧରିତ୍ରୀର ଅନୁମତି ମାଗିବାକୁ ପଡ଼େ ।

ଝୁଣା ଧୂପ ଆମ ଲୋକଙ୍କ ପାଇଁ ଏକ ପବିତ୍ର ବସ୍ତୁ । ଧରିତ୍ରୀ ଆମକୁ ତା' ଦେହରେ ଚାଷ କରିବାକୁ ଅନୁମତି ଦେବ, ସେଥିଲାଗି ଆମର ମନୋଭାବକୁ ପ୍ରକାଶ କରିବା ପାଇଁ ଆମେ ଧୂପ ବ୍ୟବହାର କରୁ । ଝୁଣା ଏକ ପ୍ରକାର ଗଛର ଅଠା । ଏହାର ବାସ୍ନା ଧୂପ ପରି । ଏହାକୁ ପୋଡ଼ିଲେ ଏକ କଡ଼ା ବାସ୍ନା ହୁଏ । ଏହାର ଧୂଆଁରୁ ଏକ ମନୋମୁଗ୍ଧକର ସୁଗନ୍ଧ ବାହାରେ । ଆମ ଉତ୍ସବମାନଙ୍କରେ ମହମବତୀ, ଜଳ ଓ ଲେମ୍ବୁର ବେଶୀ ବ୍ୟବହାର ହୋଇଥାଏ । ପୃଥିବୀ, ଜଳ ଓ ମଣିଷର ଖାଦ୍ୟ ମକାର ପ୍ରତୀକ ଭାବରେ ଆମେ ମହମବତୀକୁ ବ୍ୟବହାର କରୁ । ମନୁଷ୍ୟ ମକାରେ ତିଆରି ବୋଲି ଆମେ ବିଶ୍ୱାସ କରିଥାଉ । ଆମ ପୂର୍ବପୁରୁଷମାନଙ୍କ ଠାରୁ ହିଁ ଏହି ବିଶ୍ୱାସ ଗଢ଼ି ଆସିଛି । କିଛି ମଣିଷ ଧଳା ମକାରେ ଏବଂ ଆଉ କିଛି ମଣିଷ ହଳଦିଆ ମକାରେ ତିଆରି; ଆମକୁ ଏହା ସବୁବେଳେ ମନେରଖିବାକୁ ପଡ଼େ । ମନୁଷ୍ୟ ପାଇଁ ଆମେ ଗୋଟିଏ ମହମବତୀ ଜାଳୁ । ମନୁଷ୍ୟ ହେଉଛି ପ୍ରାକୃତିକ ପୃଥିବୀ ବା ବିଶ୍ୱ ବ୍ରହ୍ମାଣ୍ଡର ପୁତ୍ର । ତାପରେ ପରିବାରର ସମସ୍ତେ ପ୍ରାର୍ଥନାରେ ଯୋଗ ଦିଅନ୍ତି । ଶସ୍ୟ ବୁଣିବା ସମୟରେ ପୃଥିବୀଠାରୁ ଯେଉଁ ଅନୁମତି ଲୋଡ଼ାଯାଏ, ତାହା ଏହି ପ୍ରାର୍ଥନା ମାଧ୍ୟମରେ ହିଁ କରାଯାଇଥାଏ । ଭଲ ଫସଲ ପାଇଁ, ଏବଂ ଭଲ ଫସଲ ଅମଳ ହେଲେ ମନ ପ୍ରାଣ ଦେଇ ଧନ୍ୟବାଦ ଜଣାଇବା ପାଇଁ ଆମେ ପ୍ରାର୍ଥନା କରୁ ।

ପ୍ରାର୍ଥନା ଓ ଉତ୍ସବ, ଏସବୁ ସମଗ୍ର ଗୋଷ୍ଠୀ ପାଇଁ । ଅନେକ ସମୟ ଧରି ଆମେ ଯେଉଁ ପ୍ରାର୍ଥନା ଆମର ପୂର୍ବପୁରୁଷମାନଙ୍କ ଠାରୁ ଶିଖିଥାଉ, ତାହାକୁ ସେମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁ । ପଶୁ ଜଗତର ପ୍ରତିନିଧିଙ୍କୁ ମଧ୍ୟ ଆମେ ସ୍ମରଣ କରୁ । ଆମେ କୁକୁରମାନଙ୍କର ନାମ ଉଚ୍ଚାରଣ କରୁ । ପୃଥିବୀର ନାମ ଉଚ୍ଚାରଣ କରିବା ପରେ ପୃଥିବୀର ଈଶ୍ୱର ଏବଂ ଜଳର ଈଶ୍ୱରକୁ ଆମେ ସ୍ମରଣ କରୁ । ଏହା ପରେ ଆମେ ଆକାଶର ହୃଦୟ ସୂର୍ଯ୍ୟଙ୍କର ନାମ ଉଚ୍ଚାରଣ କରୁ । ବୃକ୍ଷ, ପଶୁ, ଜଳ ଓ ମନୁଷ୍ୟ ପରି ସୂର୍ଯ୍ୟଙ୍କର ସବୁ ସନ୍ତାନମାନଙ୍କ ଉପରେ କିରଣ ଢାଳିବା ପାଇଁ ଆମେ ସୂର୍ଯ୍ୟଙ୍କୁ ଅନୁରୋଧ କରିବା ଆବଶ୍ୟକ ବୋଲି ଆମ ପିତାମହମାନେ କହନ୍ତି । ଆମ ଶତ୍ରୁ ପ୍ରତି ମଧ୍ୟ ବିମୁଖ ନହେବା ପାଇଁ ଆମେ ତାଙ୍କୁ କହୁ । ଶତ୍ରୁ କହିଲେ ଆମେ ଚୋରି କରୁଥିବା କିମ୍ବା ବେଶ୍ୟା ବୃତ୍ତି କରୁଥିବା ଲୋକଟିକୁ ହିଁ ବୁଝୁ । ତୁମକୁ ଏ ସବୁ କଥା ଏକ ଭିନ୍ନ ପୃଥିବୀର ଗଳ୍ପ ବୋଲି ମନେ ହେଉଥିବ । କିନ୍ତୁ ଆମେ ଏହିପରି ଭାବରେ ଆମର ପ୍ରାର୍ଥନା କରୁ । ଏହାର ବାସ୍ତବ ପୃଥିବୀ ସହିତ ସମ୍ପର୍କ ସେତେ ନଥାଇ ପାରେ ; କିନ୍ତୁ ଆମ ବାସ୍ତବତାର କିଛି ଅଂଶ ଏହା ଭିତରେ ରହିଛି । ଏସବୁକୁ ନେଇ ପ୍ରାର୍ଥନା । ଆମେ ପୃଥିବୀକୁ ଏକ ନିର୍ଦ୍ଦିଷ୍ଟ ଅନୁଗ୍ରହ ମାଗୁ । ଆମେ କହୁ, ମା' ଧରିତ୍ରୀ,

Digitized by srujanika@gmail.com

ତୁମେ ଆମକୁ ଖାଦ୍ୟ ଦିଅ । ଆମେ ତୁମର ହିଁ ସନ୍ତାନ ଏବଂ ତୁମ ଉପରେ ଆମେ ସର୍ବଦା ନିର୍ଭରଶୀଳ । ତୁମେ ଆମକୁ ଦେଉଥିବା ଶସ୍ୟର ବୃଦ୍ଧି ହେଉ ; ଆମର ସନ୍ତାନ ଓ ପଶୁମାନେ ସୁସ୍ଥ ସବଳ ହୋଇ ବଢନ୍ତୁ । ବେଳେବେଳେ ଆମେ କହୁ; ଆମେ ଦଶଦିନ କାଳ ଶପଥ କରୁ - ଏଇଥିପାଇଁ ଯେ, ମା' ପବିତ୍ର ଧରିତ୍ରୀ, ତୁମେ ଆମକୁ ଅନୁମତି ଦେବ ଆମକୁ ଖାଦ୍ୟ ମିଳିବା ଲାଗି, ଆମ ପିଲାମାନଙ୍କ ଯାହା ଆବଶ୍ୟକ ତାହା ଦେବା ଲାଗି । ଆମେ ତୁମକୁ ଆଘାତ ଦେବୁ ନାହିଁ, ତୁମେ ପ୍ରାକୃତିକ ପୃଥିବୀର ଏକ ଅଙ୍ଗ, ଆମ ପିତାମାତା ଏବଂ ପିତାମହ ପିତାମହୀମାନଙ୍କର ପରିବାରର ଏକ ଅଙ୍ଗ; ଆମେ ତୁମର ଅନୁମତି ହିଁ ମାଗୁଛୁ । ଏହାର ଅର୍ଥ ହେଲା, ସୂର୍ଯ୍ୟ ଆମର ପିତାମହ ଏବଂ ଆମ ପରିବାରର ଜଣେ ସଦସ୍ୟ ବୋଲି ଆମେ ବିଶ୍ୱାସ କରୁ । ଆମେ ତୁମକୁ ସମ୍ମାନ କରୁ ଓ ଭଲ ପାଉ । ଆମେ ତୁମକୁ ଯେମିତି ଭଲ ପାଉ, ତୁମେ ଆମକୁ ଠିକ୍ ସେମିତି ଭଲ ପାଅ ଏହାହିଁ ଆମର କାମନା - ଏହି ପ୍ରାର୍ଥନା ପୃଥିବୀ ପାଇଁ ଉଦ୍ଦିଷ୍ଟ । ସୂର୍ଯ୍ୟକୁ ଆମେ କହୁ : 'ଆକାଶର ହୃଦୟ, ତୁମେ ଆମର ପିତା, ଆମ ପିଲାମାନେ ଖାଇବାକୁ ପାଇବେ, ଯଦି ଆମର ପଶୁ, ମକା ଓ ଗଛମାନେ ଠିକ୍ ଭାବରେ ବଢନ୍ତି । ସେଥିପାଇଁ ତୁମେ ତାଙ୍କୁ ଉତ୍ତାପ ଓ ଆଲୋକ ଦିଅ ।'

ଆମେ ସୂର୍ଯ୍ୟର ରଙ୍ଗକୁ କଳ୍ପନା କରୁ । ଆମ ପାଇଁ ଏହାର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି ଯେହେତୁ ଆମ ପିଲାମାନେ ସେହିପରି ହୁଅନ୍ତୁ ବୋଲି ଆମେ ଚାହୁଁ - କରୁଣାରେ ଚମକୁଥିବା ଉଜ୍ଜ୍ୱଳ ଆଲୋକ ପରି । ଏହା ଏକ ଉଷ୍ମ ହୃଦୟକୁ ବୁଝାଏ ; ଏହା ଜୀବନ ପ୍ରଦାୟିନୀ ଶକ୍ତିକୁ ମଧ୍ୟ ବୁଝାଇଥାଏ । ଏହାକୁ କେହି କେବେ ହଜାଇ ପାରେ ନାହିଁ; ଏହା ସବୁ ଠାରେ ମିଳେ । ତେଣୁ ଆମେ ସୂର୍ଯ୍ୟଙ୍କର ରଙ୍ଗକୁ ଆବାହନ କରିବା ଅର୍ଥ ଆମ ଜୀବନକୁ ସର୍ଜନା କରୁଥିବା ସବୁ ମୌଳିକ ଉପାଦାନର ଆବାହନ କରିବା । ଏକମାତ୍ର ଈଶ୍ୱରଙ୍କ ସହ ସଂଯୋଗ ସ୍ଥାପନ କରୁଥିବା ସୂର୍ଯ୍ୟଙ୍କୁ ଚାର ସନ୍ତାନ ମାନେ ଏହି ଅଳି କରନ୍ତି ଯେମିତି ସେମାନେ ସେମାନଙ୍କର ଚତୁଃପାର୍ଶ୍ୱରେ ଥିବା ଅନ୍ୟ ଜୀବ ମାନଙ୍କର ଅଧିକାରରେ ହସ୍ତକ୍ଷେପ କରିବେ ନାହିଁ । ଏହିପରି ଭାବରେ ଆମେ ଆମର ପ୍ରାର୍ଥନାର ନବୀକରଣ କରୁ । ଏହି ପ୍ରାର୍ଥନା କହେ, ଏକମାତ୍ର ଈଶ୍ୱରଙ୍କର ସନ୍ତାନ ମଣିଷ ବୃକ୍ଷ , ପକ୍ଷୀ, ପଶୁମାନଙ୍କର ଜୀବନକୁ ସମ୍ମାନ ଦେବ । ଆମେ ପଶୁପକ୍ଷୀମାନଙ୍କର ନାମ ଉଚ୍ଚାରଣ କରୁ- ଗାଈ, ଘୋଡ଼ା, କୁକୁର, ବିରାଡ଼ି ଇତ୍ୟାଦି । ଆମେ କାହାକୁ ବାଦ ଦେଉନା । ଆମକୁ ସକଳ ଜୀବନକୁ ସମ୍ମାନ ଦେବାକୁ ଦେବାକୁ ହୁଏ । ଆମେ ଜଳର ସ୍ୱଚ୍ଛତା ଓ ପବିତ୍ରତାକୁ ମଧ୍ୟ ସମ୍ମାନ ଦେଉ । ଆମକୁ ଏକ ଈଶ୍ୱର, ଆକାଶର ହୃଦୟ ସୂର୍ଯ୍ୟଙ୍କ ସମ୍ମାନ ଦେଉ । ସୂର୍ଯ୍ୟ ତା'ର ସନ୍ତାନମାନଙ୍କ ଉପରେ କିରଣ ଢାଳୁଥିବା ବେଳେ ଆମେ ପାପ କରିବୁ କିପରି ? ଏହା ଏକ ସଂକଳ୍ପ । ତା'ପରେ ସେଇ ଏକ ଜୀବ ମଣିଷକୁ ସମ୍ମାନ ଦେବା ପାଇଁ ମଧ ଆମେ ଶପଥ କରୁ ଏହାର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ଆମେ କହୁ, ଆମେ କାହାର କ୍ଷତି କରିବୁ ନାହିଁ ।

Digitized by srujanika@gmail.com

ବୃକ୍ଷ ହେଉ ବା ପଶୁ ହେଉ, ତୁମ ସୃଷ୍ଟିରେ କୌଣସି ଜୀବକୁ ଆମେ ହତ୍ୟା କରି ପାରିବୁ ନାହିଁ । ତାପରେ ଆମେ ମେଣ୍ଢା ବା କୁକୁଡ଼ାର ନୈବେଦ୍ୟ ବାଛୁ । ମେଣ୍ଢା ହେଉଛି ସବୁଠାରୁ ନିରୀହ ଓ ଶାନ୍ତି ପ୍ରିୟ ପଶୁ; ଠିକ୍ ପକ୍ଷୀଟିଏ ପରି । ଉତ୍ସବ ପରେ ଭୋଜି ପାଇଁ ଗୋଷ୍ଠୀ କେତେକ କ୍ଷୁଦ୍ର ପଶୁଙ୍କୁ ବାଛେ । □

Digitized by srujanika@gmail.com

୧୧

ବିବାହ ଉତ୍ସବ

> 'ପିଲାମାନେ, ତୁମେ ଯେଉଁଠାରେ ଥାଅ ପଛେ, ଇକ୍‌ସପିଆକକ୍ ତୁମକୁ ଶିଖାଇଥିବା କଳା କେବେ ପରିତ୍ୟାଗ କରିବ ନାହିଁ, କାରଣ ସେହି କଳା ତୁମର ପୂର୍ବପୁରୁଷମାନଙ୍କଠାରୁ ଗଢ଼ିଆସିଛି । ତାହା ଭୁଲିଗଲେ ତୁମେ ତୁମର ପୂର୍ବପୁରୁଷମାନଙ୍କ ପ୍ରତି ବିଶ୍ୱାସଘାତକତା କରିବ ।'
>
> ପୋପୋଲ୍ ଭୁ
>
> 'ନିରବତା ଓ ରାତିର ରାସ୍ତାରେ ଶୁଣାଯାଇଥିବା ସ୍ୱରଦ୍ୱାରା ତୁମ ପୂର୍ବପୁରୁଷମାନଙ୍କ କୁହୁକ ଗୋପନ କଥାଗୁଡ଼ିକ ପ୍ରକାଶିତ ହୋଇଥିଲା ।'
>
> ପୋପୋଲ୍ ଭୁ

ଆମେ ବଡ଼ ହେବା ପରେ ସନ୍ତାନ ଜନ୍ମ ବିଷୟରେ ଆମ ବାପା, ମା' ଆମକୁ କହିବା କଥା ମୋର ମନେଅଛି । ସେହି ସମୟରେ ହିଁ ବାପା, ମା' ପିଲାମାନଙ୍କୁ ଅଧିକ ସମୟ ଦିଅନ୍ତି । ମୁଁ ଝିଅ ହୋଇଥିବାରୁ ମୋ ବାପା ମା' ମୋତେ କହିଲେ : 'ଏବେ ତୋର କିଶୋର ବୟସ; କିନ୍ତୁ ତୋତେ ଦିନେ ମା' ହେବାକୁ ପଡ଼ିବ ।' ମୁଁ ଜଣେ ନାରୀ ଭାବରେ ଜୀବନ ଆରମ୍ଭ କରୁଛି, କିନ୍ତୁ ମୁଁ ଚାହୁଁଥିବା ଅନେକ ଜିନିଷ ମୋତେ ମିଳିବ ନାହିଁ ବୋଲି ସେମାନେ କହିଲେ । ମୋର ଯାହା ଉଚ୍ଚାକାଂକ୍ଷା ଥାଉନା କାହିଁକି, ସେଗୁଡ଼ିକୁ ପୂରଣ କରିବା ମୋ ପକ୍ଷରେ ସମ୍ଭବ ହେବ ନାହିଁ - ଏକଥା ସେମାନେ ମୋତେ ବୁଝାଇବାକୁ ଚେଷ୍ଟା କରୁଥିଲେ । ଜୀବନଟା ଏମିତି । ଆମ ସମାଜରେ ଜଣେ ତରୁଣର ଜୀବନ କ'ଣ ତାହା ବୁଝାଇବା ପରେ ମୁଁ ବିବାହ କରିବା ପାଇଁ ବେଶୀ ଡ଼େରିକରିବା ଉଚିତ ହେବ ନାହିଁ ବୋଲି ସେମାନେ କହିଲେ । ମୋତେ ନିଜପାଇଁ ଚିନ୍ତା କରିବାକୁ ପଡ଼ିବ; ବାପା, ମା'ଙ୍କ ଉପରେ ନିର୍ଭର ନକରି ସ୍ୱାଧୀନ ହେବାପାଇଁ ଚେଷ୍ଟା କରିବାକୁ ପଡ଼ିବ ଏବଂ ଜୀବନରେ କାମରେ ଲାଗିବା ଭଳି ଅନେକ କଥା ଶିଖିବାକୁ ପଡ଼ିବ,ଏହିସବୁ କଥା ସେମାନେ ମୋତେ କହିଲେ । ଆମ ପୂର୍ବପୁରୁଷମାନେ ତିଆରି କରିଥିବା ନିୟମ ସବୁ ମାନୁଥିବାଯାଏ ମୁଁ ମୋ ଜୀବନକୁ ନେଇ ଯାହା ଚାହିଁବି ତାହା କରି ପାରିବି, ଏହି ସ୍ୱାଧୀନତା ସେମାନେ ମୋତେ ଦେଇଥିଲେ । ସେତିକିବେଳେ ଜଣେ ନାରୀଭାବରେ ଏବଂ ଆମ ବଂଶର ଜଣେ ସଭ୍ୟ ଭାବରେ ମୋ ନିଜର ସମ୍ମାନକୁ କ୍ଷୁର୍ଣ୍ଣ ହେବାପରି କିଛି ନକରିବା ପାଇଁ ସେମାନେ ମୋତେ ଶିକ୍ଷା ଦେଇଥିଲେ । ଏହି ସଂକ୍ରାନ୍ତରେ ସେମାନେ ସବୁବେଳେ ଲାଡ଼ିନୋମାନଙ୍କର ଉଦାହରଣ ଦେଇଥାନ୍ତି । ଲାଡ଼ିନୋମାନଙ୍କ

Digitized by srujanika@gmail.com

ମଧ୍ୟରୁ ଅଧିକାଂଶ ତାଙ୍କ ମୁହଁକୁ ଚିତ୍ରିତ କରିଥାନ୍ତି । ସେମାନେ ରାସ୍ତାଘାଟରେ ପରସ୍ପରକୁ ଚୁମ୍ବନ ଦିଅନ୍ତି । ଆମ ବାପା ମା'ଙ୍କ ପାଇଁ ଏହାଥିଲା ସବୁଠାରୁ କଳଙ୍କମୟ ବିଷୟ । ଯାହା ଆମ ପୂର୍ବପୁରୁଷମାନଙ୍କୁ ଅସମ୍ମାନ କରିବା ପରି ହେବ, ତାହା ମୋ ପାଇଁ ସମ୍ପୂର୍ଣ୍ଣ ମନା ଥିଲା । ନିର୍ବନ୍ଧ ହେବାପରେ ତୁମର ଭାବୀ ପତି ତୁମ ଘରକୁ ଆସିପାରିବ, ଯଦି ସେ ଆମ ପୂର୍ବପୁରୁଷମାନେ ତିଆରି କରିଥିବା ନିୟମ ଓ ପ୍ରଥାଗୁଡ଼ିକ ମାନିବ । ଏହିସବୁ କଥା ହିଁ ଆମ ପିତାମାତା ଆମକୁ କହନ୍ତି । ଝିଅଟିଏ ହୋଇଥିଲେ ତାକୁ ମା'ଙ୍କର କଥା ଶୁଣିବାକୁ ପଡ଼ିବ । ତା'ର ଜୀବନରେ ଦରକାର ହେବାପରି କଥାସବୁ ମା'ହିଁ ଶିକ୍ଷା ଦେବେ । ସେମାନେ ମୋତେ ଏସବୁ କଥା ବୁଝାଇଲେ, ଯେପରି ମୁଁ ଜୀବନର ସବୁଦ୍ୱାରକୁ ଖୋଲିଦେଇପାରିବି ଏବଂ ଅନେକ କଥା ଶିଖିପାରିବି । ଏତିକିବେଳେ ମୁଁ ମୋ ମା'ଙ୍କ ସହିତ ଅଧିକ ସମୟ କଟାଇବା ଆରମ୍ଭ କଲି ଏବଂ ଜଣେ ନାରୀ ଭାବରେ ବିକଶିତ ହେବାକୁ ଆରମ୍ଭ କଲି । ମୋ ମା' ମୋତେ ବୁଝାଇଲେ, ଋତୁସ୍ରାବ ହେବା ଆରମ୍ଭ ହେଲେ ମୁଁ ନାରୀତ୍ୱ ପ୍ରାପ୍ତ ହେବି ଏବଂ ସନ୍ତାନ ଧାରଣ କ୍ଷମତା ହାସଲ କରିବି । ଆମ ପରମ୍ପରା ଅନୁସାରେ ଜଣେ ଯୁବତୀ କିପରି ବ୍ୟବହାର କରିବ, ସେ କଥା ସେ ମୋତେ କହିଲେ । ଗୋଟିଏ ଉଦାହରଣରୁ ଏହା ଜଣା ପଡ଼ିବ । ମନେକର ଜଣେ ଯୁବକ ଆମ ସହିତ ରାସ୍ତାରେ କଥା ହେବାକୁ ଚାହିଁବ, ତାକୁ ଅପମାନିତ କରିବାର କିମ୍ବା ତାକୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରିବାର ଅଧିକାର ଆମର ରହିଛି । ଆମ ପୂର୍ବପୁରୁଷମାନେ କହନ୍ତି, ଜଣେ ସ୍ତ୍ରୀ ଲୋକ ପକ୍ଷରେ ରାସ୍ତା ଘାଟରେ ପ୍ରେମ ନିବେଦନ କରିବା କିମ୍ବା ବାପା ମା'ଙ୍କ ଅଜାଣତରେ କିଛି କରିବା ଏକ ବିରାଟ ପାପ ।

ବାପା ମା'ଙ୍କ ମଧ୍ୟରେ ଥିବା ସମ୍ପର୍କ ଅଧିକାଂଶ ପିଲା ଜାଣନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏ ବିଷୟରେ ତାଙ୍କର ସ୍ପଷ୍ଟ ଧାରଣା ଥାଏ । ଆମେ ବଡ଼ ହେଲେ ଏହା ବିଷୟରେ ଜାଣିବୁ ବୋଲି ସେମାନେ କହନ୍ତି; କିନ୍ତୁ ଏହାଠାରୁ ଆଉ ବେଶୀ କିଛି କଥା ସେମାନେ କହନ୍ତି ନାହିଁ । ଆମ ନିଜ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ବିଷୟରେ ମଧ୍ୟ ଆମର କିଛି ଜ୍ଞାନ ନଥାଏ, ସନ୍ତାନ ଜନ୍ମ ସମ୍ପର୍କରେ ଜାଣିବା ତ ଦୂରର କଥା । ଅବଶ୍ୟ ଏହା ଠିକ୍ ବୋଲି ବର୍ତ୍ତମାନ ମୁଁ ଭାବୁନାହିଁ । ଜୀବନର ଏତେ ବିଷୟରେ ସଂପୂର୍ଣ୍ଣ ଅଜ୍ଞତା ଏକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ ।

କୌଣସି ଦମ୍ପତି ନିଃସନ୍ତାନ ହେବା ଖୁବ୍ କ୍ୱଚିତ୍ ଦେଖାଯାଏ । ପ୍ରକୃତରେ ଧାଇ ବ୍ୟବହାର କରୁଥିବା ଔଷଧ ଉପରେ ଅନେକ କିଛି ନିର୍ଭର କରେ । ସେମାନେ ଚେର ମୂଳ ଦ୍ୱାରା ଅନେକ ଲୋକଙ୍କୁ ଆରୋଗ୍ୟ କରିଥାନ୍ତି । ମୋର ଜଣେ ଜ୍ଞାତି ଭଉଣୀ ବିବାହ କରିଥିଲେ ମଧ୍ୟ ନିଃସନ୍ତାନ ଥିଲା । କିନ୍ତୁ ଏହି କାରଣରୁ ସେ ଗୋଷ୍ଠୀଠାରୁ ଅଧିକ ସ୍ନେହ ପାଉଥିଲା । ସେ ଦିନେ ସନ୍ତାନର ଜନନୀ ହେବ, ଏହି ଆଶାରେ ଗୋଷ୍ଠୀ ତା'ର ଅଧିକ ଯତ୍ନ କରୁଥିଲା । ଏଭଳି ପରିସ୍ଥିତିରେ ପୁରୁଷ ଖରାପ ଅଭ୍ୟାସର ଶିକାର ହୋଇପାରେ ଏବଂ

Digitized by srujanika@gmail.com

ମଦ ପିଇବା ମଧ ଆରମ୍ଭ କରିପାରେ । ପିଲା ନଥିଲେ କେବଳ ନିଜ ବ୍ୟତୀତ ଆଉ କାହା ବିଷୟରେ ଚିନ୍ତା କରିବାକୁ ପଡ଼େ ନାହିଁ । ସ୍ତ୍ରୀ ଲୋକଟି ମଧ କଳିହୁଡ଼ୀ ହେବାର ସମ୍ଭାବନା ଥାଏ, ଏହା ହେଲେ ଦମ୍ପତିଟି କ୍ରମେ ଗୋଷ୍ଠୀର ସହାନୁଭୂତି ହରାଏ । ସେମାନେ ଅଧିକାଂଶ କଳି ନିଜେ ହିଁ ସୃଷ୍ଟି କରନ୍ତି । କେତେକ ସ୍ତ୍ରୀ ଲୋକ ଅଛନ୍ତି ଯେଉଁମାନେ ନିଃସନ୍ତାନ ନାରୀକୁ ଦେଖିବା ପାଇଁ ମଧ ଇଚ୍ଛା କରନ୍ତି ନାହିଁ । କିଛି ପୁରୁଷ ଲୋକ ନିଃସନ୍ତାନ ପୁରୁଷକୁ ଘୃଣାକରନ୍ତି । ସମଲିଙ୍ଗୀ ଯୌନ ସମ୍ପର୍କକୁ ପ୍ରତ୍ୟାଖାନ କରିବା ଆଉ ଗୋଟିଏ କଥା । ଆମ ଲୋକମାନେ ସମଲିଙ୍ଗୀ ଯୌନ ସମ୍ପର୍କକୁ ସାଧାରଣ ଯୌନ ସମ୍ପର୍କଠାରୁ ପୃଥକ୍ ଭାବେ ଦେଖନ୍ତି ନାହିଁ । ଲାଡ଼ିନୋମାନଙ୍କ ପରି ଆମ ଗୋଷ୍ଠୀରେ ଏହାକୁ ପ୍ରତ୍ୟାଖାନ କରାଯାଏ ନାହିଁ । ଆମ ଜୀବନଧାରାର ଭଲ ଦିଗ ହେଲା ସବୁ ପ୍ରକାର ଘଟଣାକୁ ପ୍ରକୃତିର ଅଂଗ ଭାବରେ ଗ୍ରହଣ କରିବା ।

ଗୋଟିଏ ପଶୁ ଭଲ ଭାବରେ ନବଢ଼ିବା ଯେପରି ପ୍ରକୃତିର ଏକ ଅଙ୍ଗ, ଭଲ ଫସଲ ଅମଳ ନହେବା ମଧ ସେହିପରି ସ୍ୱାଭାବିକ । ଆମେ କହୁ, ଯେତିକି ଗ୍ରହଣ କରି ପାରିବ ତା'ଠୁ ବେଶୀ ମାଗ ନାହିଁ । ଲାଡ଼ିନୋମାନେ ତାଙ୍କ ସହିତ ଲୋଭ ମଧ ଆଣିଲେ । ଏହି ସଂସ୍କୃତି ବିଦେଶୀମାନଙ୍କ ସହିତ ହିଁ ଆସିଛି । ଗାଁ ଛାଡ଼ି ବାହାରକୁ ଯାଇଥିବା ସ୍ତ୍ରୀ ଲୋକମାନେ ପୁଣି ଯେତେବେଳେ ଗାଁକୁ ଫେରନ୍ତି, ବାହାର ପୃଥିବୀର ସବୁ କଦର୍ଯ୍ୟ କଥା ତାଙ୍କ ସାଥୀରେ ଆଣନ୍ତି । ସେହିମାନେ ହିଁ ସନ୍ତାନ ଜନ୍ମ ନହେବା ପାଇଁ ଜମିରେ ମିଳୁଥିବା ଔଷଧ ଗଛକୁ ବ୍ୟବହାର କରନ୍ତି । ଆମ ଜମିରେ ଏପରି ଔଷଧ ଗଛ ମିଳେ ଯାହାକୁ ଖାଇ ଜଣେ ସନ୍ତାନ ଜନ୍ମର ବ୍ୟବଧାନ ନିଜେ ଧାର୍ଯ୍ୟ କରିପାରିବ । ଆଉ ଏମିତି ଚେର ମୂଳ ମଧ ଅଛି ଯାହାକୁ ଖାଇଲେ ସନ୍ତାନ ଜନ୍ମକୁ ରୋକି ହେବ । ଆମେ ଜାଣୁଥିବା ବାହାର ପୃଥିବୀ ଖୁବ୍ ହାନିକାରକ । ଏହା ଖରାପ ଉଦାହରଣ ସୃଷ୍ଟି କରେ; ଆମକୁ ବଟିକା ଓ ଆଧୁନିକ ଯନ୍ତ୍ରପାତି ସହିତ ପରିଚିତ କରାଏ । ଗୁଆଟେମାଲାର ସାମାଜିକ ସୁରକ୍ଷା ଅନୁଷ୍ଠାନ ଜନସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଯେତେବେଳେ ମହିଳାମାନଙ୍କର ଅସ୍ତ୍ରୋପଚାର ଆରମ୍ଭ କଲା ସେତେବେଳେ ଦେଶରେ ଖୁବ୍ ହୋ ହଲ୍ଲା ହୋଇଥିଲା । ସନ୍ତାନ ଜନ୍ମ ନହେବା ପାଇଁ ଔଷଧ ବ୍ୟବହାର କରିବା ନିଜ ସନ୍ତାନକୁ ହତ୍ୟା କରିବା ସହିତ ସମାନ । ଏହା ଦ୍ୱାରା ପ୍ରତ୍ୟେକ ପାର୍ଥିବ ବସ୍ତୁକୁ ଭଲ ପାଇବା ପାଇଁ ଆମ ପୂର୍ବପୁରୁଷମାନେ ଯେଉଁ ନିୟମ କରିଛନ୍ତି, ତାହାକୁ ଆମେ ଉଲ୍ଲଘନ କରୁ । ଆମ ପିଲାମାନେ ହୁଏତ ଜନ୍ମ ହେବା ପୂର୍ବରୁ ମରିଯାଆନ୍ତି କିମ୍ବା ଜନ୍ମ ହେବାର ପ୍ରାୟ ଦୁଇବର୍ଷ ପରେ ମୃତ୍ୟୁ ବରଣ କରନ୍ତି । ଆମ ଦୋଷରୁ ନୁହେଁ, ଅନ୍ୟ ମାନଙ୍କ ଭୁଲ ହେତୁ ଏହା ହୁଏ । ଆମ ଜମିରେ ଯେଉଁମାନେ ଖରାପ ମଞ୍ଜି ବୁଣନ୍ତି ସେହିମାନେ ହିଁ ପ୍ରକୃତରେ ଦୋଷୀ । ସଂସାରରେ ଜନ୍ମହୋଇ ପିଲାଟି ଭୋକରେ ମରିବ, ଏଥିପାଇଁ ଭାରତୀୟକୁ ଦୋଷ ଦେଇହେବ ନାହିଁ ।

Digitized by srujanika@gmail.com

ମୋ ଭଳି ଜଣେ ତେଇଶି ବର୍ଷ ବୟସର ସ୍ତ୍ରୀ ଲୋକର ଗତିବିଧିରୁ ଯେ ଯଦି ଲୁଚା ଛପାରେ କିଛି କରୁଛି ବୋଲି ଜଣାପଡ଼େ, ତାକୁ ଗୋଷ୍ଠୀ ଖୁବ୍ ସନ୍ଦେହ ଚକ୍ଷୁରେ ଦେଖେ । ସେ ଗୋଷ୍ଠୀର ବିଶ୍ୱାସ ହରାଏ ଏବଂ ଯେଉଁ ପଡ଼ୋଶୀମାନେ ସବୁବେଳେ ତାର ହାନିଲାଭ ବୁଝିବା କଥା ସେମାନଙ୍କ ସହିତ ତାର ସମ୍ପର୍କ ରହେ ନାହିଁ । ଯଦି ସେ ତଥାପି କୁମାରୀ ଅଛି ବୋଲି ବାପା ମା' ନିଶ୍ଚିତ ହୁଅନ୍ତି, ତେବେ ବେଶୀ ସମସ୍ୟା ହୁଏ ନାହିଁ ।

ଆମକୁ ଚାରୋଟି ବିବାହ ପ୍ରଥାକୁ ସମ୍ମାନ ଦେବା ପାଇଁ ପଡ଼େ । ପ୍ରଥମଟି ହେଉଛି ଖୋଲା ଦ୍ୱାର । ଏହା ସବୁଠାରୁ ସରଳ ଏବଂ ଏଥିରେ କୌଣସି ପ୍ରତିଶ୍ରୁତି ନଥାଏ । ଦ୍ୱିତୀୟ ହେଉଛି ଝିଅଟି ପୁଅକୁ ଗ୍ରହଣ କରିବା ପରେ ବାପା ମା'ଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି । ତୃତୀୟ ପ୍ରଥା ହେଲା ଏକ ଉତ୍ସବାନୁଷ୍ଠାନ ଯେତେବେଳେ ପୁଅ ଓ ଝିଅ ପରସ୍ପର ପ୍ରତି ପ୍ରତିଜ୍ଞାବଦ୍ଧ ହୁଅନ୍ତି । ଚତୁର୍ଥଟି ହେଉଛି ବିବାହ ଓ ବିଦାୟ । ନିମ୍ନ ବର୍ଣ୍ଣିତ ଭାବରେ ବିବାହର ବିଧିସବୁ ପାଳନ କରାଯାଏ ।

ପ୍ରଥମେ ପୁଅଟି ତା'ର ବାପା ମା'ଙ୍କୁ କହେ ଯେ ସେ ଗୋଟିଏ ନିର୍ଦ୍ଦିଷ୍ଟ ଝିଅକୁ ଭଲ ପାଉଛି । ଏହା ପରେ ବିବାହର ଦାୟିତ୍ୱ ସମ୍ପର୍କରେ ସେମାନେ ତାକୁ ବୁଝାନ୍ତି । ସେମାନେ କହନ୍ତି: ' ତୋର ସନ୍ତାନ ସନ୍ତତି ହେବେ । ସେମାନଙ୍କ ପାଇଁ ତୋତେ ଖାଦ୍ୟ ସଂସ୍ଥାନ କରିବାକୁ ପଡ଼ିବ; କିନ୍ତୁ ଦିନେ ହେଲେ ମଧ୍ୟ ତୁ ଏଥିପାଇଁ ଅନୁତାପ କରିପାରିବୁ ନାହିଁ ।' ପିତୃତ୍ୱର ଦାୟିତ୍ୱ ବିଷୟରେ ମଧ୍ୟ ସେମାନେ ତାକୁ ବିଶଦ ଭାବରେ କହନ୍ତି ।

ଏହା ସବୁ ଶୁଣିବା ପରେ ଯେତେବେଳେ ପୁଅଟି ମନ ସ୍ଥିର କରିନିଏ ଓ ତାର ବାପା, ମା' ମଧ୍ୟ ସମ୍ମତି ଦିଅନ୍ତି, ସେମାନେ ଗାଁର ପ୍ରତିନିଧି ନିକଟକୁ ଯାଇ ପୁଅଟି ବିବାହ ପାଇଁ ଝିଅକୁ ପ୍ରସ୍ତାବ ଦେଉଛି, ଏକଥା ଜଣାନ୍ତି । ଏହାପରେ ଆରମ୍ଭ ହୁଏ, ପ୍ରଥମ ପ୍ରଥା ବା ଖୋଲା ଦ୍ୱାର । ଗାଁ ପ୍ରତିନିଧି ଗୋଟିଏ ଦ୍ୱାର ଖୋଲି ଦିଅନ୍ତି । ତାପରେ ଯୁବକର ପିତାମାତା ଓ ପରେ ସେ ନିଜେ ଗୋଟିଏ ଦ୍ୱାର ଖୋଲନ୍ତି । ଅଧିକାଂଶ ଭାରତୀୟ ସକାଳ ପାଞ୍ଚଟା ପୂର୍ବରୁ ଘର ଛାଡୁଥିବାରୁ ଏବଂ ସଂଧ୍ୟା ବେଳେ ଫେରିବା ପରେ ଅନ୍ୟ କାମରେ ବ୍ୟସ୍ତ ରହିଯାଉଥିବାରୁ ବିବାହ ପ୍ରସ୍ତାବ ସାଧାରଣତଃ ସକାଳ ଚାରିଟା ବେଳେ ଦିଆଯାଏ । ସକାଳେ କୁକୁଡ଼ ଭୁକିବାକୁ ଆରମ୍ଭ କରିବା ବେଳକୁ ବିବାହ ପ୍ରସ୍ତାବ ଦେବା କାମ ସରିଯାଇଥାଏ ।

ଆମ ସମାଜରେ କମ୍ ବୟସରେ ପୁଅ ଝିଅଙ୍କର ବିବାହ ହୋଇଯାଏ । ଝିଅମାନେ ପ୍ରାୟ ଚଉଦ ବର୍ଷରେ ବିବାହ କରି ପନ୍ଦରବର୍ଷ ବେଳକୁ ସନ୍ତାନର ଜନନୀ ହୋଇ ସାରିଥାନ୍ତି । ବାପା ମା' ମାନେ ପ୍ରଥମେ ଏହି ବିବାହ ପ୍ରତି ଅମଙ୍ଗ ହୁଅନ୍ତି । ସେମାନେ କହନ୍ତି: ' ଆମ ଝିଅର ବୟସ ଏତେ କମ୍, ସେତ ଛୋଟ ପିଲାଟିଏ; ସେ ଆମକଥାରୁ କେବେ ବାହାରିଯାଇନି । ତା'ଉପରେ ଆମର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ' ତା'ପରେ ଗାଁରେ

Digitized by srujanika@gmail.com

ପ୍ରତିନିଧିମାନେ ତାଙ୍କ ପାଖକୁ ବାରମ୍ବାର ଯାଇ ସେମାନଙ୍କୁ ବୁଝାନ୍ତି । ଝିଅର ବାପା ମୋଟେ ରାଜି ହୁଅନ୍ତିନି କିମ୍ବା କବାଟ ଖୋଲି ସେମାନଙ୍କୁ ଘର ଭିତରକୁ ଡ଼ାକନ୍ତି ନାହିଁ । ପ୍ରତିନିଧିମାନେ ଫେରିଯାଆନ୍ତି । ପୁଅ ଓ ତା'ର ମା'ଙ୍କର ପ୍ରକୃତରେ ଯଦି ଆଗ୍ରହ ଥାଏ ସେମାନଙ୍କୁ ଝିଅ ଘରକୁ ଅନ୍ତତଃ ତିନି ଥର ଯିବାକୁ ପଡ଼େ ।

ପ୍ରଥମ ଥର ଆସିବା ପରେ ହିଁ ବାପା ଝିଅ ସହିତ କଥାବାର୍ତ୍ତା ଆରମ୍ଭ କରନ୍ତି । ଜଣେ ଯୁବକ ତାକୁ ବିବାହ କରିବା ପାଇଁ ଆଗ୍ରହୀ, ଏହା କହିବା ପରେ ବିବାହରେ ଯେଉଁସବୁ ବିଧି ପାଳନ କରିବାକୁ ପଡ଼େ ସେ ସମ୍ପର୍କରେ ବାପା ତାକୁ ବୁଝାନ୍ତି । ଗାଁର ପ୍ରତିନିଧି ଓ ପୁଅର ବାପା ମା' ଦ୍ୱିତୀୟ ଥର ଝିଅ ଘରକୁ ଆସିବାବେଳେ ସାଙ୍ଗରେ କିଛି ପାନୀୟ କିମ୍ବା ସିଗାରେଟ୍ ଆଣିଥାନ୍ତି । ଝିଅର ବାପା ମା ଯଦି ଗୋଟିଏ ସିଗାରେଟ୍ ଗ୍ରହଣ କରନ୍ତି, ସେଥିରୁ ବୁଝାଯାଏ ଯେ ସେମାନଙ୍କର କିଛିଟା ସମ୍ମତି ଅଛି । ତାପରେ ପୁଅ ପାଇଁ ଦ୍ୱାର ଖୋଲି ଦିଆଯାଏ । ମୋ ଭଉଣୀକୁ ଦେଖିବା ପାଇଁ ଗାଁରେ ପ୍ରତିନିଧିମାନେ ଯେତେବେଳେ ପ୍ରଥମ ଥର ପାଇଁ ଆସିଲେ, ସେମାନଙ୍କୁ ମନା କରି ଦିଆଗଲା । ଦ୍ୱିତୀୟ ଥର ମଧ ସେମାନଙ୍କୁ ସ୍ୱାଗତ କରିବା ପାଇଁ ମୋ ବାପା ମନା କରିଦେଲେ । ସେ କହିଲେ, 'ମୋ ଝିଅ ଏତେ ଛୋଟ ଯେ ସେ ମା' ହେବା ପାଇଁ ପ୍ରସ୍ତୁତ ହୋଇନାହିଁ । ଆମ ଲୋକମାନେ ଯେତେବେଳେ ବିବାହ କଥା ଚିନ୍ତା କରନ୍ତି, ପିତୃତ୍ୱ ଓ ମାତୃତ୍ୱର ଦାୟିତ୍ୱ ବିଷୟରେ ହିଁ ଭାବନ୍ତି । ଗୋଷ୍ଠୀର ସମ୍ମାନଭାଜନ ହେବା କଥା ମଧ ସେମାନେ ଭାବିଥାନ୍ତି, ଯେହେତୁ ସେମାନଙ୍କୁ ଆମର ପରମ୍ପରାର ସୁରକ୍ଷା କରିବାକୁ ପଡ଼ିବ । ଭାଇ, ଭଉଣୀ ଓ ପଡ଼ୋଶୀଙ୍କ ପିଲାମାନଙ୍କ ପାଇଁ ଏକ ଉଦାହରଣ ହୋଇ ରହିବାକୁ ପଡ଼ିବ । ଆମ ପାଇଁ ଏହା ଏକ ଭାରି ବଡ଼ ପ୍ରତିଶ୍ରୁତି ।

ଏହାପରେ ଝିଅଟି ତା'ର ବାପା ମା'ଙ୍କ ସହିତ କଥା ହେବାକୁ ଆରମ୍ଭ କରେ ଏବଂ ପୁଅଟିକୁ ଜାଣିବାକୁ ଚାହେଁ । ସେମାନେ ତୃତୀୟ ଥର ଆସିବା ପରେ ଯାଇ ବାପା ମୋ ଭଉଣୀ ପାଇଁ ଦ୍ୱାର ଖୋଲିଥିଲେ । ସେ ଆମ ଗାଁର ନିର୍ବାଚିତ ମୁଖିଆ ହୋଇଥିବାରୁ ଗୋଷ୍ଠୀର ଅନ୍ୟଜଣେ ପ୍ରତିନିଧି ସହ ସେମାନଙ୍କୁ ଆସିବାକୁ ପଡ଼ିଥିଲା ଏବଂ ଶେଷରେ ମୋ ବାପା ମା' ସେମାନଙ୍କୁ ସ୍ୱାଗତ କରିଥିଲେ । ମୋ ବାପା ଏକ ଗ୍ଲାସ ପାନୀୟ ଓ କିଛି ସିଗାରେଟ୍ ଗ୍ରହଣ କଲେ । ସେହି ସମୟଠାରୁ ଦ୍ୱାର ଖୋଲା ରହିଲା ।

ଝିଅର ବାପା ମା' ସେମାନଙ୍କ ଝିଅର ଭଲଗୁଣଗୁଡ଼ିକୁ ବଖାଣି ବସନ୍ତି । ତାଙ୍କ ଝିଅ ଭାରି ସଚ୍ଚୋଟ ଓ କର୍ମଠ ବୋଲି ପୁଅଟିକୁ କହନ୍ତି । ପୁଅର ବାପା ମା' ଏହାହିଁ ଜାଣିବାକୁ ଚାହାନ୍ତି । ଝିଅଟିର ଶରୀର ମଜବୁତ୍ ହୋଇଥିବ; ସେ କଠିନ ପରିଶ୍ରମ କରି ପାରୁଥିବ ଏବଂ ଜୀବନର ଆହ୍ୱାନ ଗୁଡ଼ିକର ମୁକାବିଲା କରିପାରୁଥିବ । ତାଙ୍କ ଝିଅ ତିନିବର୍ଷ ବୟସରୁ ବୟସ୍କ ଲୋକଙ୍କ ପରି କାମ କରି ଆସିଛି, ଭୋର ସକାଳୁ ସେ ଉଠେ ଏବଂ କଠିନ ପରିଶ୍ରମ

Digitized by srujanika@gmail.com

କରିପାରେ ବୋଲି ମୋ ବାପା ମା' କହିଲେ । ସେ ନିଜ କାମ ଶୀଘ୍ର ସାରିବା ପାଇଁ ସବୁବେଳେ ପସନ୍ଦ କରୁଥିଲା । ଜମି ଚାଷ କରିବା ବେଳେ ଅପରାହ୍ନ ତିନିଟା ସୁଦ୍ଧା କାମ ସାରିଦେଉଥିଲା । ସେ ପରିଶ୍ରମୀ ହୋଇଥିବାରୁ ଏବଂ ଆମ ପୂର୍ବପୁରୁଷମାନଙ୍କର ପରମ୍ପରା ଗୁଡ଼ିକୁ କିପରି ପାଳନ କରିବାକୁ ହେବ ଜାଣିଥିବାରୁ ତା ସମ୍ପର୍କରେ କିମ୍ବା ତା'ର ବ୍ୟବହାର ସମ୍ପର୍କରେ କୌଣସି ଅଭିଯୋଗ ଯେପରି ଶୁଣିବାକୁ ନପଡ଼େ, ସେମାନେ ପରିଷ୍କାର କରି ଦେଇଥିଲେ ।

ଯୁବକର ବାପା ମା' ମଧ୍ଯ ତାଙ୍କ ପୁଅର ଭଲ ମନ୍ଦ ଉଭୟ ଗୁଣ ବଖାଣି ବସନ୍ତି । ସେମାନେ କହନ୍ତି, ଆମ ପୁଅ ଅମୁକ ଅମୁକରେ ସେତେ ଭଲ ନୁହେଁ, କିନ୍ତୁ ଅନ୍ୟ ପକ୍ଷରେ ସେ ଅମୁକ କଥା କିପରି କରିବାକୁ ହୁଏ, ଭଲ ଭାବରେ ଜାଣେ । ଏହିପରି ଭାବରେ ସଂଳାପ ଚାଲେ । ଏଥର ଝିଅର ବାପାଙ୍କୁ କାମକୁ ଯିବାକୁ ପଡ଼ିବ ବୋଲି ପ୍ରତିନିଧିମାନେ ବିଦାୟ ନିଅନ୍ତି । କିନ୍ତୁ ସେ ଯଦି ଦ୍ୱାର ଖୋଲିବାକୁ ସ୍ଥିର କରନ୍ତି, ତାହାହେଲେ ତାଙ୍କୁ ଆତିଥ୍ୟ କରିବାକୁ ପଡ଼େ । ଅନ୍ୟ ଗୋଟିଏ ଦିନ ଝିଅକୁ ଭେଟିବା ପାଇଁ ପୁଅକୁ ଅନୁମତି ଦିଆଯାଏ । କିନ୍ତୁ ପୁଅଟି ଜାଣିଥାଏ ଯେ ସେ ଯେତେବେଳେ ଇଚ୍ଛା ସେତେବେଳେ ଝିଅ ଘରକୁ ଯାଇ ତାକୁ ଭେଟି ପାରିବ ନାହିଁ , କାରଣ ତା ବାପା, ମା'ଏବଂ ଅନ୍ୟ ସମସ୍ତେ କାମ କରିବା ପାଇଁ ବାହାରକୁ ଯାଇଥିବେ । ତେଣୁ ତାକୁ ରବିବାର ଦିନ ହିଁ ଝିଅକୁ ଭେଟିବାକୁ ପଡ଼େ । ରବିବାର ଦିନ ମା' ଘରେ ଥାଆନ୍ତି ଏବଂ ଲୁଗାପଟା ସଫା କରୁଥାଆନ୍ତି, କିମ୍ବା ମା' ବଜାରକୁ ଯାଇଥିଲେ ବାପା ଘରେ ଥାନ୍ତି । ପୁଅ ଯେତେବେଳେ ଝିଅ ସହିତ କଥା ହେବା ପାଇଁ ଆସିବ, ଘରେ ବାପା ବା ମା' କେହି ଜଣେ ଥିବା ଆବଶ୍ୟକ । ସେ ଖାଲି ହାତରେ ନଆସି, ଝିଅର ବାପା ମା'ଙ୍କ ପାଇଁ କିଛି ପାଉଁରୁଟି, ସିଗାରେଟ୍ ଅଥବା କିଛି ପାନୀୟ ଉପହାର ନେଇ ଆସିଥାଏ । ଝିଅଟିକୁ ପୂର୍ବରୁ ଜାଣିବାର ସୁଯୋଗ ମୋଟେ ନଥିବାରୁ ଏହାହିଁ ହୁଏ ତା ସହିତ ପୁଅର ପ୍ରଥମ ସାକ୍ଷାତ ଓ ବାର୍ତ୍ତାଳାପ । ଏହିପରି ଭାବରେ ଗୋଷ୍ଠୀ ଝିଅଟିକୁ ମର୍ଯ୍ୟାଦା ଦିଏ; ବିବାହକୁ ପରିଷ୍କାର ହାତରେ ଆରମ୍ଭ କରୁଥିବାରୁ ଗୋଷ୍ଠୀ ତାକୁ ଶ୍ରଦ୍ଧା କରେ । ଗୋଷ୍ଠୀର ଲୋକମାନେ କହନ୍ତି, ଏ ଝିଅଟି ରାସ୍ତାରେ ଟହଲ ମାରୁଥିବା ଝିଅମାନଙ୍କ ପରି ନୁହେଁ । ରାସ୍ତାରେ କୌଣସି ପୁଅ ସହିତ କେହି କେବେ ତାକୁ ଦେଖିନାହିଁ । ଗୋଟିଏ ଝିଅକୁ ଯଦି ରାସ୍ତାରେ କୌଣସି ପୁଅ ସହିତ ମିଶିବାର ଦେଖା ଯାଏ, ସେ ଝିଅଟି ଆମ ସମାଜରେ ମର୍ଯ୍ୟାଦା ହରାଏ ଏବଂ ଆମ ପୂର୍ବପୁରୁଷମାନଙ୍କର ପରମ୍ପରାକୁ ଭଙ୍ଗ କରେ ।

ଅବଶ୍ୟ ପୁଅଟି ଯଦି ପସନ୍ଦ ନହୁଏ, ଝିଅ ତାହା ମନଖୋଲି କହିପାରିବ । ସେ ଯଦି ପୁଅକୁ ପସନ୍ଦ ନକଲା, ବାପା ମା' ଦ୍ୱାର ଖୋଲିଲେ ମଧ୍ଯ ସେ କାମ କରିଚାଲେ । ତା'ର ଅନେକ କାମ କରିବାକୁ ଥାଏ ଏବଂ ପୁଅଟି ପାଇଁ ତା'ର ମୋଟେ ସମୟ ନଥାଏ । ପସନ୍ଦ ନହେବାର ଏହା ହେଉଛି ସୂଚନା । ସେ କାଳେ କଥା ହେବ, ସେଥିପାଇଁ ସମସ୍ତେ ପନ୍ଦର ଦିନ

Digitized by srujanika@gmail.com

ପର୍ଯ୍ୟନ୍ତ ଅପେକ୍ଷା କରନ୍ତି । ଏହା ମଧ୍ୟରେ କଥା ନହେଲେ ସେମାନେ ଜଣାଇଦିଅନ୍ତି । ପରିବାରର ସମ୍ମତି ସତ୍ତ୍ୱେ, ଝିଅର ଅନିଚ୍ଛା ଥିଲେ ବିବାହ ହୋଇ ପାରିବ ନାହିଁ । ଅନେକ ସମୟରେ ଏହାହିଁ ହୋଇଥାଏ । କିନ୍ତୁ ଝିଅଟି ଯଦି ପୁଅକୁ ଗ୍ରହଣ କରିବାକୁ ରାଜି ହୁଏ, ପୁଅଟି ଘରକୁ ଆସିପାରିବ । କିନ୍ତୁ ସେମାନେ ଏକାନ୍ତରେ ସାକ୍ଷାତ କରି ପାରିବେ ନାହିଁ । ଘରେ ଆଉ କେହି ନା କେହି ଥିବେ । ଝିଅଟିର ବିଶୁଦ୍ଧତା ରକ୍ଷା କରିବା ପାଇଁ ଏହା କରାଯାଇଥାଏ । ଅନେକ ଜୀବନ ସୃଷ୍ଟି କରିବାରେ ସେ ସହାୟକ ହେବ, ତେଣୁ ସ୍ତ୍ରୀ ଲୋକକୁ ସମ୍ମାନ ଦେବାକୁ ପଡ଼ିବ । ଏହି କାରଣରୁ ବାପା ମା' ସବୁବେଳେ ପାଖେ ପାଖେ ଥାଆନ୍ତି । ପୁଅଟି ସହିତ ପ୍ରଥମ ଥର କଥା ହେବାର ପ୍ରାୟ ସାତ ମାସ ପରେ ଯାଇ ମୋ ଭଉଣୀ ନିଷ୍ପତ୍ତି ନେଲା । ପୁଅଟି ସବୁବେଳେ ଦେଖା କରିବାକୁ ଆସେ; କିନ୍ତୁ କାହାରି ପକ୍ଷରୁ କିଛି ପ୍ରତିଶ୍ରୁତି କିମ୍ବା ବାଧ୍ୟବାଧକତା ନଥାଏ । କେବଳ ଦ୍ୱାର ହିଁ ଖୋଲା ଥାଏ । ଶେଷରେ ମୋ ଭଉଣୀ ବିବାହ ପାଇଁ ତା'ର ସମ୍ମତି ଦେଲା । ଯେଉଁଦିନ ଝିଅ ସମ୍ମତି ଦିଏ, ତା'ର ବାପା ମା'ଙ୍କ ସମ୍ମୁଖରେ ପୁଅଟି ଆଣ୍ଠୁ ମାଡ଼ି ବସେ ଏବଂ ଅମୁକ ଦିନ ତା' ବାପା ମା'ଙ୍କ ସହିତ ସେଠାକୁ ଆସିବ ବୋଲି କହେ ।

ଆମ ସମାଜରେ କେତେକ ପରମ୍ପରାକୁ ସମ୍ମାନ ଦିଆଯାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଦ୍ୱାର ଖୋଲିବାକୁ କହିବା ପାଇଁ ଲୋକମାନେ ଆସନ୍ତି, ସେମାନେ ଠିଆ ନହୋଇ ଦ୍ୱାର ସମ୍ମୁଖରେ ଆଣ୍ଠୁ ମାଡ଼ି ବସନ୍ତି । ପ୍ରଥମ ଥର ସେମାନେ ଆସିବା ବେଳେ ମୋ ବାପା ଦ୍ୱାର ଖୋଲି ନଥିଲେ । ଦ୍ୱିତୀୟ ଥର ମଧ୍ୟ ଦ୍ୱାର ଖୋଲିଲେ ନାହିଁ । ତୃତୀୟ ଥର ଦ୍ୱାର ଖୋଲିବା ପରେ ସେମାନେ ମୋ ବାପାଙ୍କୁ କିଛି ପାନୀୟ ଦେଲେ । ଯୁବକଟି ଆଣ୍ଠୁ ମାଡ଼ି ବସିଥାଏ । ଅଧିକ ସମ୍ମାନ ଜଣାଇବାର ଏହା ଏକ ପଦ୍ଧତି । ମୋ ବାପା ମା' କହନ୍ତି ଆଣ୍ଠୁ ମାଡ଼ି ବସି ଜାଣିଥିବା ଲୋକହିଁ ଜଣେ ବିନୟୀ ମଣିଷ । ତେଣୁ କିପରି ଆଣ୍ଠୁ ମାଡ଼ି ବସୁଛି, ସେଥିରୁ ହିଁ ପୁଅଟି ଆମର ପୂର୍ବପୁରୁଷଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିବ କି ନାହିଁ, ଝିଅର ବାପା ମା' ଜାଣିପାରନ୍ତି ।

ଉତ୍ସବରେ କିଏ ଅଂଶଗ୍ରହଣ କରିବେ, ଏହା ଶୀଘ୍ର ସ୍ଥିର କରି ଦିଆଯାଏ । ଦମ୍ପତିର ସବୁଠାରୁ ବଡ଼ ମାମୁଁ ଏବଂ ତାଙ୍କ ସ୍ତ୍ରୀ, ଭାଇଭଉଣୀ, ବିଶେଷ ଭାବରେ ବଡ଼ ଭାଇ ଓ ଭଉଣୀମାନେ, ଗାଁର ପ୍ରତିନିଧିଗଣ, ପୁଅ ଓ ଝିଅ ଉଭୟଙ୍କର ଜେଜେବାପା ଓ ଜେଜେମା', ଏମାନେ ସମସ୍ତେ ରହିବା ଦରକାର । ଏଥର ବିବାହ ଉତ୍ସବର ଦ୍ୱିତୀୟ ସୋପାନ ଆରମ୍ଭ ହୁଏ । ଘରେ ପରିବାରର ସମସ୍ତଙ୍କ ସହିତ ଗୋଟିଏ ଭୋଜି ହୁଏ । ଜେଜେମା', ଜେଜେବାପା, ମାମୁଁ, ମାଇଁ, କକା, ଖୁଡ଼ୀ, ବଡ଼ ଭାଇ ଓ ଭଉଣୀ ସମସ୍ତେ ଏଥିରେ ଭାଗ ନିଅନ୍ତି । ଏହା ସନ୍ତାନ ଜନ୍ମ ହେବା ବେଳର ଭୋଜି ପରି । ସେଥିରେ ଗୋଟିଏ ମେଣ୍ଢାକୁ ହଣା ଯାଇଥାଏ । ଏଥର ବାପା ମା' ଗୋଠରେ ସବୁଠାରୁ ବଡ଼ ମେଣ୍ଢାଟିକୁ ମାରି ଘରକୁ

Digitized by srujanika@gmail.com

ଆଣନ୍ତି । କକା ଓ ମାମୁଁ ମାନେ ପିଠା ପାଇଁ ମକା ଅଟା ଆଣିଥାନ୍ତି । ପରିବାରର ସମସ୍ତେ କିଛି ନା କିଛି ଦିଅନ୍ତି । ଜେଜେବାପା ଓ ଜେଜେ ମା' ତାଙ୍କ ନାତୁଣୀ ପାଇଁ ଗୋଟିଏ ଉପହାର ଆଣିଥାନ୍ତି । ଆମର ପୂର୍ବପୁରୁଷମାନଙ୍କ ଠାରୁ ହାତକୁ ହାତ ହୋଇ ଆସିଥିବା ରୂପା ଗହଣା ଜେଜେମା'ଙ୍କ ନିକଟରେ ସାଇତା ହୋଇଥାଏ । ବିବାହ କରିବାକୁ ଯାଉଥିବା ଝିଅକୁ ଉତ୍ସାହିତ କରିବା ପାଇଁ ସେ ହାରଟିଏ ବା ଆଉ କିଛି ଜିନିଷ ଟିଏ ଦିଅନ୍ତି । ଏହା ବିନିମୟରେ ଝିଅଟି ଠିକ୍ ତା'ର ଜେଜେମା' ଭଳି ହେବ ଏବଂ ତାଙ୍କରି ଭଳି ଆମ ପୂର୍ବପୁରୁଷମାନଙ୍କର ପରମ୍ପରାକୁ ରକ୍ଷା କରିବ ବୋଲି ପ୍ରତିଶ୍ରୁତି ଦିଏ ।

ତା'ପରେ ଭୋଜି ପାଇଁ ଖାଦ୍ୟ ପ୍ରସ୍ତୁତି ଆରମ୍ଭ ହୁଏ । ପୁଅର ବାପା ମା' ତାଙ୍କ ତରଫରୁ ମଧ ପ୍ରସ୍ତୁତ ହୁଅନ୍ତି । ନିର୍ବନ୍ଧ ଉପହାର ଭାବରେ ସେମାନେ ଝିଅ ପାଇଁ କିଛି ଜିନିଷ ଆଣନ୍ତି; ଯାହା ପୁଅର ଜନ୍ମ ବେଳେ ତାକୁ ମିଳିଥାଏ । ଗୋଟିଏ ଜୀବନ୍ତ ମେଣ୍ଢା ଏବଂ ଆଉ କିଛି ରନ୍ଧା ମାଂସ ମଧ ସେମାନେ ଆଣିଥାନ୍ତି । ମକା ଅଟାରେ ପତ୍ର ଦେଇ ପ୍ରାୟ ପଞ୍ଚସ୍ତରୀଟି ବଡ଼ ବଡ଼ ପିଠା ତିଆରି ହୁଏ । ଏହି ପିଠାଗୁଡ଼ିକ ଅନେକ ସମୟ ରହେ । ଝିଅର ବାପା ମା'ଙ୍କ ପାଖରେ ଏଗୁଡ଼ିକ ସପ୍ତାହେ ପର୍ଯ୍ୟନ୍ତ ଥାଏ, ଖରାପ ହୁଏ ନାହିଁ । ପିଠାର ବାହାର ଖରାପ ହେଲେ ମଧ ଭିତରଟି ଭଲ ଥାଏ । ଏହି ପିଠାଗୁଡ଼ିକ ଖାଦ୍ୟକୁ ଭୋଜିର ଅନୁଭବ ଦିଅନ୍ତି ।

ପ୍ରତ୍ୟେକ ପିଠାର ଓଜନ ପ୍ରାୟ ଆଠ ପାଉଣ୍ଡ ହୋଇଥିବାରୁ ପୁଅର ବାପା, ମା' ଆଣିଥିବା ପଞ୍ଚସ୍ତରୀଟି ବଡ଼ ବଡ଼ ପିଠାର ଓଜନ ଦୁଇରୁ ତିନି କ୍ୱିଣ୍ଟାଲ ପର୍ଯ୍ୟନ୍ତ ହୋଇଥାଏ । ଆମ ଭାରତୀୟମାନଙ୍କ ପାଇଁ ପ୍ରତ୍ୟେକ ପିଠା ଗୋଟିଏ ପବିତ୍ର ଦିବସର ପ୍ରତିନିଧିତ୍ୱ କରେ । ଆମେ ଯେଉଁଦିନ ଗୁଡ଼ିକ ହିସାବକୁ ନେଉ ସେଗୁଡ଼ିକ ହେଲା, ଆମେ ଯେଉଁଦିନ ଶସ୍ୟ ବୁଣିବା ପାଇଁ ପୃଥିବୀର ଅନୁମତି ମାଗୁ, ସନ୍ତାନଟି ତା'ର ମା' ସହିତ କଟାଇଥିବା ଆଠୋଟି ପବିତ୍ର ଦିନ, ଆମ ଭୋଜିର ପବିତ୍ର ଦିନ ସବୁ, ଜନ୍ମରୁ ବିବାହ ପର୍ଯ୍ୟନ୍ତ ଗୋଟିଏ ପିଲାର ଜୀବନରେ ସବୁ ପବିତ୍ର ଦିନ, ସେ ଯେଉଁ ଦିନ ଜନ୍ମ ହେଲା, ଯେଉଁଦିନ ସେ ଗୋଷ୍ଠୀର ଜଣେ ବୋଲି ପରିଚିତ ହେଲା, ଯେଉଁ ଦିନ ତାକୁ ଧର୍ମ ଦୀକ୍ଷା ଦିଆଗଲା, ତା'ର ଦଶମ ଜନ୍ମଦିନ ଇତ୍ୟାଦି । ପ୍ରତ୍ୟେକ ପିଲା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଦିନକୁ ପବିତ୍ର ଦିନ ବୋଲି ମନେକରାଯାଏ ।

ସେଦିନ ତାକୁ କାମ କରିବାକୁ ପଡ଼ିଲେ ମଧ ଦିନଟିର ପବିତ୍ରତା କ୍ଷୁର୍ଣ୍ଣ ହୁଏ ନାହିଁ । ଏହା ବ୍ୟତୀତ ଆମେ ଅନ୍ୟ ଯେଉଁ ଦିନ ଗୁଡ଼ିକୁ ପବିତ୍ର ବୋଲି ବିବେଚନା କରୁ ସେଥିମଧ୍ୟରୁ ଗୋଟିଏ ହେଲା, ଯେଉଁ ଦିନ ଜମି ଆବାଦି କରିବୁ ବୋଲି ଆମେ ଗଛ କାଟିବା ପାଇଁ ସେମାନଙ୍କର ଅନୁମତି ମାଗୁ । ଆମ ପରିସ୍ଥିତି ସବୁବେଳେ ନିଷ୍ଠାପର ଭାବରେ କର୍ମକର୍ମାଣି କରିବାକୁ ସୁଯୋଗ ଦିଏ ନାହିଁ ସତ; କିନ୍ତୁ ଆମ ପାଇଁ ପ୍ରତ୍ୟେକ ବସ୍ତୁର ଗୋଟିଏ ପବିତ୍ର ଦିନ ରହିଛି । କ୍ୟାଥଲିକ୍ ଆକ୍ସନ୍ ତରଫରୁ ପାଳନ କରାଯାଉଥିବା 'ସର୍ବ ସନ୍ଥ ଦିବସ' ମାନ

Digitized by srujanika@gmail.com

ମଧ୍ୟ ରହିଛି । ଆମ ପାଇଁ ସନ୍ଥମାନେ କେବଳ ଚିତ୍ର ପ୍ରତିମା ନୁହନ୍ତି । କେତେକ ସ୍ୱତନ୍ତ୍ର ଦିବସରେ ଆମେ ଆମ ପୂର୍ବପୁରୁଷମାନଙ୍କ ବିଷୟରେ ଆଲୋଚନା କରୁ । ଅକ୍ଟୋବର ମାସର କେତୋଟି ଦିନ ଆମ ପାଇଁ ପବିତ୍ର, ଯେହେତୁ ଏହି ଦିନ ଗୁଡ଼ିକରେ ଆମ ପୂର୍ବପୁରୁଷମାନେ ପୂଜା କରୁଥିଲେ ଏବଂ ନୀରବତା ପାଳନ କରୁଥିଲେ । ଆମେ ଏହି ପରମ୍ପରାକୁ ସାଇତି ରଖିବୁ । ବର୍ଷର ସବୁ ପବିତ୍ର ଦିନ ଗୁଡ଼ିକୁ ମିଶାଇଲେ ପ୍ରାୟ ବାସ୍ତରୀ ରୁ ପଞ୍ଚସ୍ତରୀ ଦିନ ହେବ । ପ୍ରତ୍ୟେକ ପିଠା ଗୋଟିଏ ଦିନର ପ୍ରତିନିଧିତ୍ୱ କରେ ।

ଏହିପରି ଭାବରେ ବାହାହେବାକୁ ଯାଉଥିବା ଯୁବକର ପରିବାର ପଞ୍ଚସ୍ତରୀଟି ପିଠା, ଗୋଟିଏ ଜୀଅନ୍ତା ମେଣ୍ଢା ଓ ଆଉ ଗୋଟିଏ ମେଣ୍ଢାର ରନ୍ଧା ମାଂସ ଆଣିଥାଏ । ଗୋଟିଏ ବଡ଼ ମାଟି ପାତ୍ରରେ ମେଣ୍ଢା ସୁପ୍ ମଧ୍ୟ ଆସିଥାଏ । ଏସବୁ ମିଶି ବେଶ୍ କିଛି ଓଜନ ହୋଇଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରନ୍ଧା ମାଂସକୁ ରଖାଯାଏ । ଜଣେ ଲୋକ ଏହାକୁ ଜଗେ । ପିଠାଗୁଡ଼ିକର ଦାୟିତ୍ୱ ନେବା ପାଇଁ ଅନ୍ତତଃ ଚାରିଜଣ ପିଲା ଦରକାର ହୁଅନ୍ତି । ଏହି କାମ କରିବା ପାଇଁ ପିଲାମାନଙ୍କର ଧାଡ଼ି ଲାଗେ । ଯେଉଁ ପିଲାମାନେ ଏହି ଦାୟିତ୍ୱରେ ରହିବା ପାଇଁ ବଛା ଯାଆନ୍ତି, ସେମାନେ ଗୋଷ୍ଠୀର ଆଦର ପାଉଥିବା ଆବଶ୍ୟକ । ଉତ୍ସବ ଓ ଭୋଜି ପରେ ସେମାନେ ପାନୀୟ ଓ ସିଗାରେଟ୍ ବାଣ୍ଟନ୍ତି । ଅସାମାଜିକ କିମ୍ବା ଦୁଷ୍ଟ ପ୍ରକୃତିର ନହୋଇଥିଲେ ପୁଅର ନିଜ ଭାଇ ବା ସମ୍ପର୍କୀୟ ଭାଇମାନେ ହିଁ ଏହି କାମ କରନ୍ତି ।

ଅତିଥିମାନେ ଧାଡ଼ି ବାନ୍ଧି ଆସନ୍ତି । ପ୍ରଥମେ ପୁଅଗାଁର ପ୍ରତିନିଧି ଓ ତାଙ୍କ ସ୍ତ୍ରୀ ଆସନ୍ତି ଏବଂ ଝିଅର ବାପା, ମା'ଙ୍କୁ ଅଭିବାଦନ ଜଣାନ୍ତି । ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଗୋଟିଏ କୋଣରେ ବାପା ଆଣ୍ଠୁମାଡ଼ି ବସନ୍ତି । ଝିଅ ଯେଉଁ ଘରେ ଜନ୍ମ ହୋଇଥିଲା, ଏହା ଯଦି ସେହି ଘର ହୋଇଥାଏ, ଏହି ସ୍ଥାନରେ ହିଁ ଝିଅଟି ପ୍ରାକୃତିକ ପୃଥିବୀକୁ ସ୍ୱାଗତ କଲାବେଳେ ମହମବତୀ ଜଳା ହୋଇଥିଲା । ସାଇତି ରଖାଯାଇଥିବା ସେ ସମୟର ବଳକା ମହମବତୀ ଏବେ ପୁଣି ଜଳାଯାଏ । ଆହୁରି କେତେକ ବିଧି ପାଳନ ହୋଇ ନଥିବାରୁ ବିବାହ କର୍ମ ପ୍ରକୃତରେ ତଥାପି ଆରମ୍ଭ ହୋଇନଥାଏ । ମହମବତୀ ଜଳାଯାଇଥିବା ସ୍ଥାନରେ ଝିଅର ବାପା ମା' ଚୁପ୍ ଚାପ୍ ଆଣ୍ଠୁ ମାଡ଼ି ବସନ୍ତି । ଦ୍ୱାର ଖୋଲାଯିବା ପରେ ଅନ୍ୟ ଲୋକମାନେ ଭିତରକୁ ଆସନ୍ତି ଏବଂ ଆଣ୍ଠୁମାଡ଼ି ବସନ୍ତି । ଝିଅର ମା'ଙ୍କର ଭୂମିକା ଏଠାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେ ଝିଅକୁ ଜନ୍ମ ଦେଇଛନ୍ତି ଏବଂ ଝିଅ ତାଙ୍କରି ଆଦର୍ଶରେ ହିଁ ଗଢା - ଏଥିପାଇଁ ତାଙ୍କର ସ୍ଥାନ ସ୍ୱତନ୍ତ୍ର । ସେ ଆଣ୍ଠୁ ମାଡ଼ି ବସିଥିବା ପ୍ରତ୍ୟେକ ଅତିଥିଙ୍କ ନିକଟକୁ ଯାଇ ତାଙ୍କୁ ଉଠିବାକୁ ଅନୁରୋଧ କରନ୍ତି । ସେ ପ୍ରଥମେ ପୁଅର ମା'ଙ୍କ ନିକଟକୁ ଯାଇ ତାଙ୍କୁ ଉଠିବାକୁ କହନ୍ତି ଏବଂ ପରେ ଜଣ ଜଣ କରି ପ୍ରତ୍ୟେକଙ୍କ ପାଖକୁ ଯାଆନ୍ତି । ବାପା ସେମାନଙ୍କ ବସିବାର ବ୍ୟବସ୍ଥା କରନ୍ତି । କିଏ କେଉଁଠାରେ ବସିବ ତାହା କେଉଁ କ୍ରମରେ ପାନୀୟ ପରଶାଯିବ ତାହା ଉପରେ ନିର୍ଭର କରେ । ବୟସ୍କ ଲୋକମାନଙ୍କୁ ପ୍ରଥମ

Digitized by srujanika@gmail.com

ପରଶାଯିବା ପରେ ଅନ୍ୟମାନଙ୍କ ପାଳି ପଡ଼େ । ଆମେ ଏହି ପାନୀୟକୁ ଯଥେଷ୍ଟ ପରିମାଣରେ ପିଉ । କିଛି ପାନୀୟକୁ ଗୁଆଟେମାଲା ସରକାର ନିଷିଦ୍ଧ କରିଛନ୍ତି । ଆମେ ଭାରତୀୟମାନେ ଏହାକୁ ତିଆରି କରୁ ଏବଂ ସବୁ ଉତ୍ସବରେ ବ୍ୟବହାର କରୁ । ଏହି ପାନୀୟ ଶସ୍ତା ଏବଂ କଡ଼ା । ଦୋକାନରେ ଏହାର ଦାମ କମିଯିବ ବୋଲି ସରକାର ଏହା ଘରେ ତିଆରି ହେଉ ବୋଲି ଚାହାନ୍ତି ନାହିଁ । ଏକ ପ୍ରକାର ଗଛର ଗଣ୍ଡିରେ ଓ ମାଟିପାତ୍ରରେ ଆମ୍ଳିଳା ମକା ଓ ଘୋଡ଼ା ଖାଉଥିବା ତଷ୍ଟୁ, କିମ୍ବା ଗହମ ତଷ୍ଟୁରୁ ଏହା ତିଆରି ହୁଏ । ଚାଉଳ ବା ଆଖୁରୁ ମଧ୍ୟ ଏହା ତିଆରି ହୋଇପାରିବ । ଏହି କଡ଼ା ପାନୀୟକୁ ଯଥେଷ୍ଟ ଝିଅର ବାପା ମା' ସମସ୍ତଙ୍କୁ ପରଶନ୍ତି ।

ଝିଅର ମା' ପ୍ରଥମେ ପୁଅର ମା'ଙ୍କୁ, ତା'ପରେ ଜେଜେମା' ଏବଂ ପରେ ଅନ୍ୟମାନଙ୍କୁ ଛିଡ଼ା ହେବା ପାଇଁ ଅନୁରୋଧ କରନ୍ତି । ଝିଅର ବାପା ଅତିଥିମାନଙ୍କୁ ବସାଇବାରେ ବ୍ୟସ୍ତ ଥାଆନ୍ତି । ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଆସନ ଥାଏ । ଉତ୍ସବ ଆରମ୍ଭ ହୁଏ । ଝିଅ ବାହାରକୁ ଯାଏ ଏବଂ ପୁଅଟି ଆଣ୍ଠୁମାଡ଼ି ବସି ରହେ । କିଛି ସମୟ ପରେ ଝିଅ ଫେରି ଆସେ ଏବଂ ପୁଅଠାରୁ କିଛି ଦୂରରେ ଆଣ୍ଠୁ ମାଡ଼ି ବସେ । ସେମାନେ ପନ୍ଦର ଗୋଡ଼ିଏ ମିନିଟ ପାଇଁ ଏପରି ବସି ରହନ୍ତି । ଜେଜେ ବାପା ଓ ଜେଜେ ମା'ଙ୍କ ଦ୍ୱାରା ତାଙ୍କ ଜୀବନର ଯନ୍ତ୍ରଣା, ଦୁଃଖ ଓ ଆନନ୍ଦ ବର୍ଣ୍ଣନା ସହିତ ଉତ୍ସବ ଆରମ୍ଭ ହୁଏ । ସେମାନେ ତାଙ୍କ ଜୀବନର ଏକ ହିସାବ ଫର୍ଦ୍ଦ ଦିଅନ୍ତି - ଅମୁକ ସମୟରେ ସେମାନେ ଅସୁସ୍ଥ ହୋଇ ପଡ଼ିଥିଲେ, କିନ୍ତୁ କେବେ ଆଶା ହରାଇ ବସିନଥିଲେ, ସେମାନଙ୍କର ପୂର୍ବପୁରୁଷମାନେ ମଧ୍ୟ କେତେ କଷ୍ଟ ଭୋଗିଥିଲେ; ସେହି ଭଳି ଯନ୍ତ୍ରଣା ଭୋଗ କରିଥିଲେ; ଏମିତି ଆହୁରି କେତେ କଥା ।

ତାପରେ ନବ ଦମ୍ପତି ପ୍ରାର୍ଥନା କରନ୍ତି: ' ମା ଧରିତ୍ରୀ, ତୁ ଆମକୁ ଖାଇବା ପାଇଁ ଦେବୁ । ଆମେ ଧଳା ଓ ହଳଦିଆ ମକାରେ ଗଢା ।' ଏହା ପରେ ସେମାନେ ଆମର ଏକ ମାତ୍ର ଈଶ୍ୱର ଯେ କି ଆକାଶର ହୃଦୟ ଏବଂ ସମଗ୍ର ପାକୃତିକ ପୃଥିବୀକୁ ଧରି ରଖିଛନ୍ତି, ତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରନ୍ତି । ଆକାଶର ହୃଦୟକୁ ସେମାନେ କହନ୍ତି :' ହେ ଆମର ପିତା, ମାତା, ଆକାଶର ହୃଦୟ, ତୁମେ ଆମକୁ ଆଲୋକ ଦିଅ । ତୁମେ ଆମକୁ ଉତ୍ତାପ ଦିଅ । ଆମକୁ ଆଶା ଦିଅ ଏବଂ ଆମ ପୂର୍ବପୁରୁଷମାନଙ୍କ ବିନାଶ କାମନା କରୁଥିବା ଶତ୍ରୁମାନଙ୍କୁ ଦଣ୍ଡ ଦିଅ । ଆମେ ଗରିବ ଓ ନିରୀହ ମଣିଷମାନେ ତୁମକୁ କେବେ ପରିତ୍ୟାଗ କରି ପାରିବୁ ନାହିଁ । '

ସେମାନେ ଭାରତୀୟ ଜାତିକୁ ସମ୍ମାନ କରିବା ପାଇଁ ନୂଆ କରି ଶପଥ ନିଅନ୍ତି ଏବଂ ସେମାନେ ଆମର ଗୁରୁତ୍ୱକୁ ଦୋହରାନ୍ତି । ପୃଥିବୀ ଓ ଆମର ବିନୟୀ ପୂର୍ବପୁରୁଷମାନଙ୍କର ପରମ୍ପରାକୁ ପୁନର୍ଜୀବିତ କରିବା ଆମ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ବୋଲି

Digitized by srujanika@gmail.com

ସେମାନେ କହନ୍ତି । କଲମ୍ବସ୍‌ଙ୍କ ସମୟକୁ ମନେ ପକାଇ ସେମାନେ କହନ୍ତି, 'ପାପୀ ଓ ହତ୍ୟାକାରୀ ଗୋରାଲୋକମାନେ ଆମ ପୂର୍ବପୁରୁଷମାନଙ୍କର ଇଜ୍ଜତ ଲୁଣ୍ଠନ କରିଥିଲେ । ଆମ ପୂର୍ବପୁରୁଷମାନଙ୍କର କିଛି ଦୋଷ ନଥିଲା ବରଂ ମଜୁରୀ ନମିଳିବାରୁ ହିଁ ସେମାନଙ୍କର ମୃତ୍ୟୁ ହୋଇଥିଲା । ବିଦେଶୀ ମାନଙ୍କ ଠାରୁ ମିଳିଥିବା ମନ୍ଦ ଶିକ୍ଷାକୁ ଆମେ ସମୂଳେ ଧ୍ୱଂସ କରିବାକୁ ଚାହୁଁ । ସେମାନେ ଆସି ନଥିଲେ ଆମ ଭିତରେ ସାମ୍ୟ ଓ ଏକତା ଥାଆନ୍ତା ଏବଂ ଆମ ପିଲାମାନେ ଦୁଃଖ ଭୋଗ କରି ନଥାନ୍ତେ । ଆମ ଜମିରେ ହିଡ଼ ପଡ଼ି ନଥାନ୍ତା ।' ଇତିହାସକୁ ସ୍ମରଣ କରି ଚେତନା ଜାଗ୍ରତ କରାଇବା ଏହାର ଉଦ୍ଦେଶ୍ୟ । ତା'ପରେ ସେମାନେ ଶପଥ ନିଅନ୍ତି ଏବଂ କହନ୍ତି : 'ଆମେ ବାପା ଓ ମା' ହେବୁ । ଶେଷ ପର୍ଯ୍ୟନ୍ତ ଆମ ପୂର୍ବପୁରୁଷମାନଙ୍କ ଅଧିକାରର ସୁରକ୍ଷା କରିବା ପାଇଁ ଆମେ ଚେଷ୍ଟା କରିବୁ । ଆମ ପୂର୍ବପୁରୁଷମାନେ ଆମ ସନ୍ତାନ ମାନଙ୍କ ମାଧ୍ୟମରେ ଜୀବିତ ରହିବେ ଏବଂ କୌଣସି ଧନୀ ଲୋକ ବା ଜମି ମାଲିକ ଆମ ପିଲାମାନଙ୍କୁ ଧ୍ୱଂସ କରି ପାରିବ ନାହିଁ ।' ଶପଥ କରିବା ପରେ ତରୁଣ ଦମ୍ପତି ଛିଡ଼ା ହୁଅନ୍ତି । ଝିଅର ଜେଜେମା' ଓ ପୁଅର ଜେଜେବାପା ତାଙ୍କୁ ଛିଡ଼ା ହେବାରେ ସାହାଯ୍ୟ କରନ୍ତି ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନକୁ ବାଟ କଢାଇ ନିଅନ୍ତି । ପାନୀୟ ପରଷୁ ଥିବା ପିଲାମାନେ ପ୍ରଥମେ ଜେଜେ ବାପା, ଜେଜେ ମା' , ଗାଁର ବୟସ୍କ ଲୋକ, ପ୍ରତିନିଧି, ଏବଂ ବାପା ମା'ଙ୍କୁ ପାନୀୟ ଦିଅନ୍ତି । ତୃତୀୟ ଥର ପିଇବା ବେଳେ, ନବ ଦମ୍ପତି ପୁଣି ଆଣ୍ଠୁ ମାଡ଼ି ଉପସ୍ଥିତ ଥିବା ସମସ୍ତଙ୍କ ହାତରେ ଚୁମ୍ବନ ଦିଅନ୍ତି । କୌଣସି ସମୟରେ ପରମ୍ପରାକୁ ଅସମ୍ମାନ କରିଥିଲେ ସେମାନେ ଏଥିପାଇଁ କ୍ଷମା ମାଗନ୍ତି ଏବଂ ବାପା ମା' ଦେଇଥିବା ଶିକ୍ଷାକୁ ଯଥେଷ୍ଟ ଧ୍ୟାନ ଦେଇନଥିବା କଥା ସ୍ୱୀକାର କରନ୍ତି । ସେମାନେ କହନ୍ତି : ' ଆମେ ଅମୁକ ଅମୁକ ବ୍ୟକ୍ତିଙ୍କୁ କ୍ଷମା ମାଗି ନଥିଲୁ, କିମ୍ବା ଆମେ ପ୍ରାକୃତିକ ରାଜ୍ୟର ନିୟମକୁ ଉଲ୍ଲଙ୍ଘନ କରିଥିଲୁ ।' ଏହାପରେ ସେମାନେ ବାପା ମା'ଙ୍କ ଠାରୁ କ୍ଷମା ପ୍ରାର୍ଥନା କରନ୍ତି ଏବଂ ଯେତେ ଦୁଃଖ, କଷ୍ଟ ଓ କ୍ଷୁଧା ସହିବାକୁ ପଡୁନା କାହିଁକି ପରମ୍ପରାକୁ ମନେ ରଖିବା, ଜାତି ପ୍ରତି ଅନୁରକ୍ତ ରହିବା ଏବଂ ସନ୍ତାନମାନଙ୍କୁ ଭାରତୀୟଙ୍କ ପରି ବଢାଇବା ପାଇଁ ସେମାନଙ୍କର ସାହାଯ୍ୟ କାମନା କରନ୍ତି । ବାପା ମା' ଉତ୍ତର ଦିଅନ୍ତି: ' ପୁରୁଷ ପରେ ପୁରୁଷ ଆସିବେ ଓ ଯିବେ, କିନ୍ତୁ ଆମେ ସବୁବେଳେ ଭାରତୀୟ ହୋଇ ରହିବୁ । ପୁରୁଷାନୁକ୍ରମିକ ଭାବରେ ଆମ ଗୋପନ କଥା ସବୁକୁ ନିରାପଦ ରଖିବା ଏବଂ ଲାଡ଼ିନୋମାନେ ଯେପରି ଆମ ପୂର୍ବପୁରୁଷମାନଙ୍କ ଚଳଣି ସମ୍ପର୍କରେ କିଛି ଜାଣି ନପାରିବେ ତାହା ଦେଖିବା ବାପା ମା' ଭାବରେ ଆମର କର୍ତ୍ତବ୍ୟ ।'

ଜେଜେବାପା, ଜେଜେମା'ମାନେ କହନ୍ତି ତାଙ୍କ ଜୀବନରେ ସେମାନେ କେତେ କଥା ଦେଖିଛନ୍ତି ଯେଉଁ କଥାକୁ ପିଲାମାନେ ପରବର୍ତ୍ତୀ ବଂଶଧର ମାନଙ୍କ ପର୍ଯ୍ୟନ୍ତ ନେଇ ଯିବାକୁ ପଡ଼ିବ । ଅତୀତର ଅନୁଭୂତିରୁ ସେମାନେ ଠିକଣା ରାସ୍ତା ପାଇଛନ୍ତି । ସେମାନେ

Digitized by srujanika@gmail.com

ଦେଖିଛନ୍ତି, ଆମ ପୂର୍ବପୁରୁଷମାନେ ପାପୀ ନଥିଲେ ବା ହତ୍ୟା ଦୋଷରେ ଦୋଷୀ ନଥିଲେ । ସେମାନେ କହନ୍ତି: ' ଆଜି ମଣିଷ ଜୀବନର ମର୍ଯ୍ୟାଦା ନାହିଁ । ଏବେ ଲୋକମାନଙ୍କୁ ହତ୍ୟା କରାଯାଉଛି । ଆମ ପିଲାମାନେ, ଆମର ଛୋଟ ଭାଇ ଓ ଭଉଣୀମାନେ ଅକାଳରେ ମରୁଛନ୍ତି । ପୂର୍ବେ ପିଲାମାନେ ଅସମୟରେ ମରୁ ନଥିଲେ । ପୂର୍ବେ ବୁଢା ଲୋକମାନେ ଶହେ ପଚିଶି ବର୍ଷ ପର୍ଯ୍ୟନ୍ତ ବଞ୍ଚୁଥିଲେ ବୋଲି ଆମ ପୂର୍ବପୁରୁଷମାନେ ଆମକୁ କହନ୍ତି । ଏବେ ଆମର ଚାଳିଶି ବା ତିରିଶି ବର୍ଷରେ ମୃତ୍ୟୁ ହେଉଛି । ଏହାର କାରଣ ତୁମେ ଯୁବକ ଯୁବତୀ ମାନେ ଖୋଜି ବାହାର କରିବା ଆବଶ୍ୟକ ।' ଅଭିଜ୍ଞତାର ଉଦାହରଣ ଦେଇ କହିବା ପାଇଁ ବୟସ୍କ ଲୋକଙ୍କୁ ସୁଯୋଗ ଦିଆଯାଏ । ସେମାନେ ଆମ ଜୀବନର ପରୀକ୍ଷା ଓ ପର୍ଯ୍ୟାଲୋଚନା କରନ୍ତି । ସେମାନେ କହନ୍ତି: 'ପ୍ରତ୍ୟେକ ଜୀବନ୍ତ ପଦାର୍ଥକୁ ବ୍ୟବହାରରେ ଲଗାଇବା ପୂର୍ବରୁ ଆମ ପୂର୍ବପୁରୁଷମାନେ ସବୁବେଳେ ତାଙ୍କର ଅନୁମତି ଚାହୁଁଥିଲେ ।' ଆଜିକାଲି ଏହି ପରମ୍ପରା ଭଙ୍ଗ କରାଯାଉଥିବାରୁ ଆମ ପୂର୍ବପୁରୁଷମାନେ ଦୁଃଖିତ ଏବଂ ବିଚଳିତ । ଏବେ ଆମ ମଧ୍ୟରୁ ଅନେକ ଅନ୍ୟକୁ ହତ୍ୟା କରିବା ପାଇଁ ଦ୍ୱିଧା ଅନୁଭବ କରୁ ନାହାନ୍ତି । ଏଥିପାଇଁ ଗୋରା ଲୋକେହିଁ ଦାୟୀ । ସେମାନେ ଯେପରି ଅନ୍ୟକୁ ହତ୍ୟା କରିବା ପାଇଁ ଶିକ୍ଷା ଦେଇ ନପାରିବେ ସେଥିରୁ ସେମାନଙ୍କୁ ନିବର୍ତ୍ତାଇବା ଆବଶ୍ୟକ । ନିଜେ ଅଙ୍ଗେ ନିଭେଇଥିବା ସବୁ ଦୁଃଖ ଯନ୍ତ୍ରଣାକୁ ବର୍ଣ୍ଣନା କରି ହାଲୁକା ଅନୁଭବ କରୁଥିବା ବଡ଼ମାନଙ୍କ କଥା ଶୁଣିବା ପାଇଁ ଭାରି ଭଲ ଲାଗେ । ଝିଅର ବାପା ମା', ମାନ୍ୟଗଣ୍ୟ ଅଭ୍ୟାଗତମାନଙ୍କୁ ସ୍ୱାଗତ କରିବା ବେଳେ କେବଳ ବୟସ୍କ ଲୋକମାନେ ଉପସ୍ଥିତ ଥାଆନ୍ତି । ପିଲାମାନେ ବାହାରେ ଅପେକ୍ଷା କରନ୍ତି । କିନ୍ତୁ ବଡ଼ମାନେ କହିବାକୁ ଆରମ୍ଭ କଲା ବେଳକୁ ସମସ୍ତେ ଶୁଣିବା ପାଇଁ ଆସନ୍ତି । ଆମ ଛୋଟ ଘରଟି ସେତେବେଳେ ଗହ ଗହ କମ୍ପୁଥାଏ । ଏହିପରି ଦିନର ଅଧେ ଚାଲିଯାଏ ।

ଅତିଥିମାନେ ସେଦିନ ପ୍ରଚୁର ସିଗାରେଟ୍ ପିଅନ୍ତି । ଉତ୍ସବରେ ପାନୀୟର ବ୍ୟବହାର ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରତ୍ୟେକ ଥର ପିଇବା ବେଳେ ଗୋଟିଏ ପ୍ରାର୍ଥନା କରାଯାଏ । ପ୍ରଥମେ ସେମାନେ କହନ୍ତି : ' ଏହା ଆମ ପୂର୍ବପୁରୁଷ ମାନଙ୍କର ପବିତ୍ର ମଦ୍ୟ । ନିଜେ ମଦ୍ୟ ଉତ୍ପାଦନ କରିବା ଏବଂ ନିଜ ପାନୀୟ ତିଆରି କରିବା ସେମାନଙ୍କ ପାଇଁ ନିଷିଦ୍ଧ ନଥିଲା । ଆଜି କିନ୍ତୁ ସବୁ କିଛି ବଦଳି ଯାଇଛି । ଏବେ ଆମେ ପାନୀୟ ତିଆରି କରିବା ମନା ।' ଏହି ପାନୀୟ ପବିତ୍ର ଏବଂ ଏହା ଆମକୁ ଅନେକ କିଛି ଚିନ୍ତା କରିବା ପାଇଁ ସୁଯୋଗ ଦିଏ । ଦ୍ୱିତୀୟ ଥର ପିଇବା ବେଳର ପ୍ରାର୍ଥନା ଭିନ୍ନେ । ଏଥିରେ କୁହାଯାଏ, 'ଆମେ ଏହି ପାନୀୟକୁ ରକ୍ଷା କରିବା ପାଇଁ ପ୍ରତିଜ୍ଞା କରୁଛୁ । ଗୋପନୀୟ ଭାବରେ ତିଆରି କରିବାକୁ ପଡ଼ିଲେ ମଧ୍ୟ ଆମେ ଏହାକୁ ପ୍ରସ୍ତୁତ କରିବାରୁ ବିରତ ହେବୁ ନାହିଁ । କାଲ କାଲ ଧରି ଆମ ପିଲାମାନେ ମଧ୍ୟ ଏହା ତିଆରି କରିବେ ।' ତୃତୀୟ ପାନୀୟ ସହିତ ନବ ଦମ୍ପତି ଶପଥ

Digitized by srujanika@gmail.com

କରନ୍ତି । ଚତୁର୍ଥ ଥର, ଜେଜେବାପା ଓ ଜେଜେମା'ମାନଙ୍କୁ କହିବା ପାଇଁ ସୁଯୋଗ ଦିଆଯାଏ । ତା'ପରେ ପ୍ରତିନିଧିଙ୍କ ପାଳି, ଏବଂ ସେମାନେ ମଧ୍ୟ ଦମ୍ପତିଙ୍କୁ ଅନେକ ଉପଦେଶ ଦିଅନ୍ତି:' ଆମ ପୂର୍ବପୁରୁଷମାନଙ୍କ ସମ୍ମାନରେ, ଆମ ମଞ୍ଜି ଯେପରି ମୃତ ବା ବିଲୁପ୍ତ ନହୁଏ ସେଥିପାଇଁ ତୁମକୁ ସନ୍ତାନ ଜନ୍ମ କରିବାକୁ ପଡ଼ିବ । ପୁଅର ବାପା ମା'ଙ୍କ ନାମ ଅନୁସାରେ ପ୍ରଥମ ସନ୍ତାନର ନାମ କରଣ କରାଯିବ ଏବଂ ଦ୍ୱିତୀୟ ସନ୍ତାନର ନାମ ଝିଅର ବାପା, ମା'ଙ୍କ ନାମ ଅନୁସାରେ ହେବ ।' ସେମାନଙ୍କ ପରେ ଅନ୍ୟମାନେ ସେମାନଙ୍କର ବକ୍ତବ୍ୟ ଦିଅନ୍ତି, - ବାପା ମା', ମାମୁଁ, କକା ଏବଂ ପାନୀୟ ପରଷୁଥିବା ପରିବାରର ସଦସ୍ୟମାନେ । ଆମ ପରି ଛୋଟ ପିଲାମାନଙ୍କୁ ମଧ୍ୟ କହିବା ପାଇଁ ସୁଯୋଗ ଦିଆଯାଏ । କିନ୍ତୁ ବଡ଼ମାନଙ୍କୁ ଭକ୍ତି କରୁଥିବାରୁ, ଏବଂ କାଳେ କହିବାବେଳେ ଅସାବଧାନତା ବଶତଃ ଅସମ୍ମାନଜନକ କଥା କିଛି କହିଦେବୁ, ସେଥିପାଇଁ ସାଧାରଣତଃ ଆମେ ନୀରବ ରହିବାକୁ ପସନ୍ଦ କରୁ ।

ଝିଅ ଓ କ୍ୱାଇଁ ଛିଡ଼ା ହୁଅନ୍ତି । ବଡ଼ମାନେ କହି ସାରିବା ପର୍ଯ୍ୟନ୍ତ ଆଣ୍ଠୁ ମାଡ଼ି ରହିବା ତାଙ୍କ ପାଇଁ ଏକ ପ୍ରକାର ପ୍ରାୟଶ୍ଚିତ୍ତ କହିଲେ ଚଳିବ । ଏଥର ସେମାନେ ଉଠନ୍ତି ଓ ତାଙ୍କ ପାଇଁ ଥିବା ଆସନରେ ବସନ୍ତି । ଉତ୍ସବଟିରେ ଗପସପର ଆସର ଜମେ । ଦିନ ତମାମ ଗପ ସପ ଓ କଥାବାର୍ତ୍ତା ଚାଲେ । ସେମାନେ କହନ୍ତି; ଆମ ପୂର୍ବପୁରୁଷମାନେ ଏମିତି ଥିଲେ; ସେମାନେ ଯଥେଷ୍ଟ ମକା ମଞ୍ଜି ବୁଣୁଥିଲେ, ପ୍ରତ୍ୟେକ ସମ୍ପ୍ରଦାୟ ଓ ଗୋଷ୍ଠୀ ପାଇଁ ଯଥେଷ୍ଟ ଶସ୍ୟ ମିଳୁଥିଲା । ସେମାନେ ସମସ୍ତେ ଏକାଠି ବସବାସ କରୁଥିଲେ । ଆମର ଜଣେ ରାଜା ଥିଲେ, ସେ ସବୁ ଜିନିଷ ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟୁଥିଲେ । ଏବେ ଆମେ ଆଉ କୋକୋ ଉତ୍ପାଦନ କରୁ ନାହୁଁ । ଗୋରା ଓ ଧନୀ ଲୋକମାନେ ହିଁ ଏହା କରୁଛନ୍ତି ।

ଆମ ପାଇଁ ଧୂଆଁପତ୍ର ଚାଷ କରିବା ମନା । ପୂର୍ବେ ସମସ୍ତଙ୍କ ପାଇଁ ଯଥେଷ୍ଟ ଧୂଆଁପତ୍ର ମିଳୁଥିଲା । ସେତେବେଳେ ଗୋଷ୍ଠୀ ଓ ଭାଷା ଆମକୁ ଭାଗ ଭାଗ କରି ନଥିଲା । ଆମେ ପରସ୍ପରକୁ ବୁଝୁଥିଲୁ । ଆଜି ଆମର ଯାହା ଅବସ୍ଥା ହୋଇଛି ସେଥିପାଇଁ ଗୋରା ଲୋକମାନେ ହିଁ ଦାୟୀ । ଆମେ ସେମାନଙ୍କୁ ବିଶ୍ୱାସ କରିବା ଉଚିତ ନୁହେଁ । ସେମାନେ ଆମର ଗୋପନ କଥା ସବୁ ଜାଣିବା ଉଚିତ ନୁହେଁ । ପୂର୍ବେ କୃତ୍ରିମ ଔଷଧ ବା ବଟିକା କ'ଣ ଆମେ ଜାଣି ନଥିଲୁ । ଚେର ମୂଳୀ ହିଁ ଥିଲା ଆମ ପାଇଁ ଔଷଧ । ଆମ ରାଜା କେତେ ଗଛ ଲଗାଉଥିଲେ । ସେଗୁଡ଼ିକୁ ମଧ୍ୟ ଆମ ପିଲାମାନେ ଜାଣିବା ଆବଶ୍ୟକ । ପୂର୍ବେ ଜନ୍ତୁମାନେ ମଣିଷକୁ କାମୁଡ଼ିବା କଥା ଜଣା ନଥିଲା; ଏବେ ତାହା ମଧ୍ୟ ହେଲାଣି ।' ଉତ୍ସବର ଶେଷ ଭାଗଟି ଦୁଃଖାନ୍ତକ ହୁଏ । ଆମ ଜେଜେବାପା ଜେଜେମା' ମାନେ ଏ ସବୁ କଥା ଅତ୍ୟନ୍ତ ଅନୁଭବର ସହିତ ମନେ ପକାନ୍ତି ଏବଂ ଏଣିକି ପରିସ୍ଥିତି କ'ଣ ହେବ ତାହା ବର୍ଣ୍ଣନା କରନ୍ତି । ସେମାନଙ୍କ କଥାରୁ ତାଙ୍କ ବ୍ୟସ୍ତତା ସ୍ପଷ୍ଟ ହୋଇଉଠେ । ଏବେ ଆମ ପିଲାମାନଙ୍କର ପରମାୟୁ କମିଗଲାଣି । ପରେ କ'ଣ ଯେ ହେବ କିଏ କହିବ । ଏବେ ଅନେକ ଲୋକ ଯାନ

Digitized by srujanika@gmail.com

ବାହାନରେ ଯିବା ଆସିବା କରୁଛନ୍ତି । ଆମର ପୁରାତନ ଗୁଆଟେମାଲା ଏପରି ନଥିଲା । ଆମେ ପାଦରେ ଚାଲି ଯିବା ଆସିବା କରୁଥିଲୁ । କିନ୍ତୁ ଜୀବନରେ ପ୍ରାଣ ପ୍ରାଚୁର୍ଯ୍ୟ ଥିଲା । ସେମାନେ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ମାନାସ୍ପଦ ପୂର୍ବପୁରୁଷ ମାନଙ୍କୁ ହତ୍ୟା କଲେ । ଏହି ସବୁ କାରଣରୁ ବୃକ୍ଷ, ପୃଥିବୀ, ଜଳ, ସୂର୍ଯ୍ୟ, ଆମର ଭ୍ରାତୃତୁଲ୍ୟ ସବୁ ମଣିଷ ଏବଂ ପ୍ରାକୃତିକ ପୃଥିବୀର ସମସ୍ତଙ୍କୁ ଆମେ ସମ୍ମାନ ଦେଇ ଶିଖିବା ଆବଶ୍ୟକ । ଆମେ ଆମର ବଡ଼ ମାନଙ୍କୁ ସମ୍ମାନ ଦେବା ଆବଶ୍ୟକ । ଏହି ଆଲୋଚନା ସମସ୍ତଙ୍କ ପାଇଁ । ଆମେ ସମସ୍ତେ ସେଥିରେ ଯୋଗ ଦେଇ ଆମର ମତାମତ ଦେଉ । ଏଥର ମଦ୍ୟପାନ ବିରତି ହୁଏ । କିନ୍ତୁ ପବିତ୍ର ଉତ୍ସବରେ କେହି ମାତାଲ ହୁଅନ୍ତି ନାହିଁ । ଆମର ଅନ୍ତରଙ୍ଗ ବନ୍ଧୁ ଓ ପଡ଼ୋଶୀମାନେ ଆଲୋଚନା କରି ସାରିବା ପରେ ଆମେ ଖାଇବା ଆରମ୍ଭ କରୁ । ଭାଇ, ଭଉଣୀ, ଦୂର ସମ୍ପର୍କୀୟ ମାମୁଁ ଓ ମାଉସୀମାନେ ଖାଦ୍ୟ ପଦାର୍ଥ ସବୁ ଆଣନ୍ତି । ବର ପରିବାର ଆଣିଥିବା ଖାଦ୍ୟ ନଖାଇ ଆମେ କନ୍ୟା ପରଷିବା ଖାଦ୍ୟ ଖାଉ । ଜଣେ ଆରଜଣଙ୍କୁ ଖାଦ୍ୟ ବଢାଇ ଦିଏ । ଆମେ ପରମ ଆନନ୍ଦରେ ଖାଦ୍ୟକୁ ଉପଭୋଗ କରୁ । ଖାଇବା ପରେ ବାପା, ମା' ପଡ଼ୋଶୀମାନଙ୍କ ସହିତ ପୁଣି ଏକାନ୍ତ ଅନୁଭବର ସହିତ ଗପସପ ହୁଅନ୍ତି । ଅପରାହ୍ଣ ଚାରିଟା ବେଳେ ସମସ୍ତେ ଯେ ଯାହାର ଘରକୁ ଫେରିଯାଆନ୍ତି ।

ମୋ ଭଉଣୀ କ୍ଷେତ୍ରରେ ବିବାହ କର୍ମର ଦ୍ୱିତୀୟ ଅଧ୍ୟାୟ ପରେ ଆମକୁ ଫିନ୍‌କାକୁ ଯିବାପାଇଁ ପଡ଼ିଥିଲା ଏବଂ ସେଠାରେ ଚାରି ମାସ କଟାଇବାକୁ ପଡ଼ିଥିଲା । ତେଣୁ ପାଞ୍ଚମାସ ପରେ ଆମେ ବିବାହର ପରବର୍ତ୍ତୀ ବିଧି ସବୁ ପାଳିଲୁ । ଦ୍ୱିତୀୟ ବିଧି ବେଳକୁ ଯେଉଁମାନେ ଥିଲେ ସେହିମାନେ ପୁଣି ଉତ୍ସବରେ ସମବେତ ହୋଇଥିଲେ । ସମସ୍ତଙ୍କ ପାଇଁ ପ୍ରଚୁର ଖାଦ୍ୟ ଓ ପାନୀୟର ଆୟୋଜନ ହୋଇଥିଲା । ସେମାନେ ସାଙ୍ଗରେ ବେଶୀ ପିଠା ଆଣିନଥିଲେ, କିନ୍ତୁ ଯଥେଷ୍ଟ ପାନୀୟ ଆଣିଥିଲେ । ତାହା ଥିଲା ଜମିରେ ବିହନ ବୁଣିବାର ସମୟ । ତେଣୁ ସମସ୍ତେ ଗାଁକୁ ଆସିଥାନ୍ତି । ଚାରିମାସ ପରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଥିବା ଝିଅ ଓ ପୁଅ ପରସ୍ପରକୁ ଦେଖିଲେ । ମୋ ଭଉଣୀ ଥିଲା ପରିପକ୍ୱ ଓ ବୁଦ୍ଧିମତୀ । ଆମ ସମାଜରେ ପିଲାଟି ଖୁବ୍ ଶୀଘ୍ର ବୟସ୍କ ହୋଇଯାଏ । ଆମପାଇଁ କୈଶୋର ପ୍ରାୟ ନଥାଏ କହିଲେ ଚଳେ । ଅଳ୍ପ ବୟସରୁ ଆମକୁ ଅନେକ ଦାୟିତ୍ୱ ନେବାକୁ ପଡ଼େ । ମୋ ଭଉଣୀ ଜାଣିଥିଲା, ଯଦି ସେ ତା'ର ଭାବୀ ସ୍ୱାମୀକୁ ଦେଖି ନପାରିଲା, ପରିସ୍ଥିତି ହିଁ ଥିଲା ଏଥିପାଇଁ ଦାୟୀ । ତେଣୁ ତା'ର ଦୁଃଖ ନଥିଲା । ଗାଁକୁ ଫେରିବା ପରେ ଜ୍ୱାଇଁ ଆମ ଘରକୁ ବୁଲି ଆସିଲା । ଏଥିରେ କିଛି ଅସ୍ୱାଭାବିକତା ନଥିଲା । ବିବାହର ପରବର୍ତ୍ତୀ ବିଧିଗୁଡ଼ିକ ପାଇଁ ତା'ର ବାପା ମା' ପ୍ରସ୍ତୁତ ଥିବା କଥା ସେ ଖବରଦେଲା । ସମସ୍ତଙ୍କ ସମ୍ମତିରେ ଗୋଟିଏ ଦିନ ମଧ୍ୟ ସ୍ଥିର ହେଲା । ଜୋର ବର୍ଷା ହେଉଥିବାରୁ ଆମକୁ ମକା ଅମଳ କରି ଶୀଘ୍ର ଘରକୁ ଆଣିବାର ଥାଏ । ପରିବାରର ଜଣେ ସଦସ୍ୟ ଭାବରେ ପୁଅକୁ କିଛି ମାସ ପାଇଁ ଝିଅର

Digitized by srujanika@gmail.com

ବାପା ମା'ଙ୍କ ସହିତ କାମ କରିବାକୁ ପଡ଼େ। ବିବାହର ଦ୍ୱିତୀୟ କର୍ମ ପରେ ସେ ଝିଅ ଘରେ ରହି କିଛି ଦିନ କାମ କଲା ଏବଂ ତିନି ମାସ ପରେ ଫିନ୍‌କାକୁ ଯିବା ପରି ତା ନିଜ ପରିବାରକୁ ଫେରିଗଲା।

ତୃତୀୟ ଉତ୍ସବ ହୁଏ ଯେତେବେଳେ ପୁଅ ଓ ଝିଅ ପରସ୍ପରକୁ ପ୍ରତିଶ୍ରୁତି ଦିଅନ୍ତି। ଏହା କ୍ୟାଥଲିକ୍ ଆକ୍‌ସନ୍‌ର ବିବାହ ଉତ୍ସବରେ ଦମ୍ପତି ଟି ଗୀର୍ଜାରେ ଶପଥ ନେବା ପରି। ଇଶ୍ୱରଙ୍କ ସମ୍ମୁଖରେ ନୁହେଁ, ଆମ ଗୋଷ୍ଠୀର ବଡ଼ମାନଙ୍କ ସମ୍ମୁଖରେ ଶପଥ ଗ୍ରହଣ ହୁଏ। ଝିଅଟି କହେ : ' ମୁଁ ଜଣେ ମା' ହେବି, ଦୁଃଖ ସହିବି; ମୋ ପିଲାଦିନେ ମଧ ଦୁଃଖ ଭୋଗ କରିବେ। ଗୋରା ଲୋକମାନେ ସୃଷ୍ଟି କରିଥିବା ପରିସ୍ଥିତି ପାଇଁ ମୋ ପିଲା ମାନଙ୍କ ମଧରୁ ଅନେକ ଅକାଳରେ ମରିବେ। ମୋ ପିଲାମାନଙ୍କ ମୃତ୍ୟୁକୁ ଗ୍ରହଣ କରିବା ମୋ ପକ୍ଷରେ ଖୁବ୍ କଷ୍ଟଦାୟକ ହେବ; କିନ୍ତୁ ମୁଁ ଏହାକୁ ସହ୍ୟ କରିବି, ଯେପରି ଆମ ପୂର୍ବପୁରୁଷ ମାନେ ମଧ ନିରାଶ ନହୋଇ ଏହାକୁ ସହିଥିଲେ।' ଏହା ହେଲା ଝିଅର ସଂକଳ୍ପ। ପୁଅ ଶପଥ କରେ: 'ମୁଁ ଦାୟିତ୍ୱବାନ୍ ହେବି। ବଡ଼ ହେବା ପୂର୍ବରୁ ହୁଏତ ଆମ ପିଲାମାନେ ମରିବାର ଆମେ ଦେଖିବୁ, କିନ୍ତୁ ଭାରତୀୟମାନଙ୍କ ନିଜସ୍ୱ ସଂସ୍କୃତିକୁ ପରିତ୍ୟାଗ କରିବୁ ନାହିଁ।' ତାପରେ ସେମାନେ ଉଭୟ ଶପଥ କରନ୍ତି : 'ଆମେ ଆମ ପୂର୍ବପୁରୁଷମାନେ ମଧ ବଂଶ ରକ୍ଷା ପାଇଁ ଆମେ ଦୁଇ ବା ତିନୋଟି ମଞ୍ଜି ଛାଡ଼ି ଦେଇ ଯିବୁ। ଯଦିଓ କେତୋଟି ପିଲା କମ୍ ବୟସରେ ପ୍ରାଣ ତ୍ୟାଗ କରିବେ, ଅନ୍ୟମାନେ ବଞ୍ଚି ରହିବେ। ବର୍ତ୍ତମାନ ଠାରୁ ଆମେ ମା' ଓ ବାପା ହେବୁ।' ଏହା ହେଉଛି ବଡ଼ମାନଙ୍କ ସମ୍ମୁଖରେ ସେମାନେ କରୁଥିବା ମିଳିତ ଶପଥ। ସେମାନେ ଓ ତାଙ୍କର ସନ୍ତାନମାନଙ୍କର ଜୀବନ ଯେଉଁ ମିଶ୍ରିତ ଭାଗ୍ୟକୁ ନେଇ ଗଢା ହେବ ଏହା ତାହାର ହିଁ ସୂଚନା ଦିଏ। ଏହା ପୂର୍ବରୁ ଅନୁଷ୍ଠିତ ହୋଇଥିବା ଉତ୍ସବରେ ଆମ ପୂର୍ବପୁରୁଷମାନଙ୍କର ପରମ୍ପରା ଗୁଡ଼ିକୁ ମୂଳରୁହିଁ ଉଲ୍ଲେଖ ରହିଥିଲା। ସେମାନେ ଯେଉଁସବୁ ଜିନିଷ ବ୍ୟବହାର କରିଥିଲେ, ସେମାନେ ଯେଉଁ ପଦାର୍ଥ ସବୁ ସଂରକ୍ଷଣ କରି ରଖିଥିଲେ, ଏହି ସମସ୍ତ ବିଷୟ। ଏହି ମିଶ୍ରଣର ପ୍ରତୀକ ଭାବରେ ସେମାନେ ଲେମ୍ବୁପାଣି ଓ ପାଉଁରୁଟି ଆଣନ୍ତି। କେତେକ ପାନୀୟ ଓ ମହମବତୀ ମଧ ଆଣିଥିଲେ। ପ୍ରଥମେ ସେମାନେ କୃତ୍ରିମ ମହମରେ ତିଆରି ମହମବତୀ ଗୁଡ଼ିକୁ ଦେଖାନ୍ତି। ସେଗୁଡ଼ିକ ଜନ୍ମ ଓ ନିର୍ବନ୍ଧ ଉତ୍ସବରେ ବ୍ୟବହୃତ ହେଉଥିବା ମହୁଫେଣାର ମହମରେ ତିଆରି ମହମବତୀ ନୁହଁନ୍ତି। ଆମ ମହମବତୀଗୁଡ଼ିକ ପ୍ରାକୃତିକ ମହମରେ ତିଆରି। ଆମେ ଯାହାସବୁ ବ୍ୟବହାର କରୁ ସେ ସବୁ ପ୍ରାକୃତିକ; ସେ ସବୁ ଆମ ନିଜର। ଆମର ରୋଷେଇ ପାତ୍ରସବୁ ଜେଜେମା', ମା' କିମ୍ବା ମାଉସୀମାନଙ୍କ ଦ୍ୱାରା ନିଜ ହାତରେ ମାଟିରେ ତିଆରି ହୋଇଥାଏ। ଆମେ ନିଜେ ନିଜର ପାନୀୟ ତିଆରି କରୁ ଓ ଝକମକି ପଥର ସାହାଯ୍ୟରେ ନିଜ ସିଗାରେଟ୍‌ରେ ନିଆଁ ଲଗାଉ। ମକାପିଠା ମଣିଷପାଇଁ ପବିତ୍ର ଏବଂ ଏହା କେବଳ ମକାର ପ୍ରତୀକ ନୁହେଁ ମଣିଷର ଖାଦ୍ୟ ଓ

Digitized by srujanika@gmail.com

ଜୀବନର ମଧ୍ୟ ପ୍ରତୀକ । ତୁଳନା କରିବା ପାଇଁ ଯେଉଁ ଆଧୁନିକ ଜିନିଷଗୁଡ଼ିକୁ ସେମାନେ ଦେଖାନ୍ତି ସେଗୁଡ଼ିକ ହେଲା କୋକାକୋଲା ଜାତୀୟ ପାନୀୟ, ବଜାରରେ ମିଳୁଥିବା ମଦ୍ୟ, ଅଣ୍ଡା, ଚକୋଲେଟ, ପାଉଁରୁଟି ଓ କଫି ।

ତାଙ୍କ କହିବା ଅନୁସାରେ ପୂର୍ବରୁ କଫି ନଥିଲା । ସମସ୍ତେ ଏକାଠି ହୋଇ ଏହିସବୁ ଜିନିଷ ଉପରେ ସେମାନଙ୍କର ମତାମତ ଦିଅନ୍ତି । ଉଦାହରଣ ସ୍ୱରୂପ ଆମ ଜେଜେ ବାପା, ଜେଜେମା' କୋକାକୋଲା ସମ୍ପର୍କରେ କହନ୍ତି: ' ତୁମ ପିଲାମାନଙ୍କୁ କଦାପି ଏହି ଭୟଙ୍କର ପାନୀୟ ପିଇବାକୁ ଦେବ ନାହିଁ, ଯେହେତୁ ଏହା ତମ ସଂସ୍କୃତିକୁ ନଷ୍ଟ କରିଦେବ । ' ସେମାନେ କହନ୍ତି : 'ଏହି ଜିନିଷଗୁଡ଼ିକ ମେସିନରେ ତିଆରି; ଆମ ପୂର୍ବପୁରୁଷମାନେ କେବେ ଏହି ମେସିନ୍ ବ୍ୟବହାର କରିନଥିଲେ । ଫିନ୍କା କହିଲେ ଆମ ଲୋକଙ୍କ ପାଇଁ ଅକାଳ ମୃତ୍ୟୁକୁ ହିଁ ବୁଝାଏ । ସେମାନେ ଗୋରା ଲୋକମାନଙ୍କୁ ଖାଦ୍ୟ ଯୋଗାନ୍ତି ଏବଂ ସେହିଠାରୁ ହିଁ ଗୋରା ଲୋକମାନେ ଧନୀ ହୁଅନ୍ତି ।' ଆମ ପିଲାମାନଙ୍କୁ ଆମେ ଏହି ଭୟଙ୍କର ଖାଦ୍ୟ ଓ ପାନୀୟ ଖାଇବାକୁ ଦେଇ ନଥାଉ । ଉତ୍ସବରେ ଏହି ବିଷୟହିଁ କୁହାଯାଏ । ଅତୀତରେ ଆମ ପୂର୍ବପୁରୁଷମାନେ ଗହମ ଉତ୍ପାଦନ କରୁଥିଲେ । ପରେ ସ୍ପେନ୍ ଦେଶର ଲୋକମାନେ ଆସିଲେ ଏବଂ ଗହମ ସହିତ ଅଣ୍ଡାକୁ ମିଶାଇଲେ । ଏହା ଥିଲା ଏକ ମିଶ୍ରଣ, ଆମ ପୂର୍ବପରୁଷମାନେ ଖାଉଥିବା ପଦାର୍ଥ ଠାରୁ ଭିନ୍ନ । ଗୋରା ଲୋକର ଖାଦ୍ୟ ଓ ଗୋରାଲୋକ ନିଜେ ଗୋଟିଏ ପାଉଁରୁଟି ଭଳି, ଏହା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ । ଆମର ସର୍ବାପେକ୍ଷା ମହାନ ପୂର୍ବପୁରୁଷମାନଙ୍କ ରକ୍ତ ଗୋରା ଲୋକର ରକ୍ତ ସହିତ ମିଶିଥିଲା । ସେମାନଙ୍କ ଖାଦ୍ୟ ପରି ଏହା ମଧ୍ୟ ଏକ ଅପମିଶ୍ରଣ । ଏହା ହେଉଛି ପାଉଁରୁଟି ସମ୍ପର୍କରେ ଆମ ଜେଜେବାପା ଓ ଜେଜେମା'ଙ୍କର ଶିକ୍ଷା । ତାପରେ ସେମାନେ କହନ୍ତି: 'ଆମର ଫସଲ, ପ୍ରାକୃତିକ ଆଖୁର ରସରୁ ସେମାନେ ମନ୍ତ୍ର ସାହାଯ୍ୟରେ ଚିନି ତିଆରି କଲେ । ଆଖୁରେ ଚିନି ମିଶିବାରୁ ଏହା ଅପମିଶ୍ରିତ ହେଲା । ଆମେ ଆମର ପ୍ରଥାକୁ ଗୋରା ଲୋକମାନଙ୍କ ପ୍ରଥା ସହିତ ମିଶାଇବା ଉଚିତ ନୁହେଁ ।' ପାଉଁରୁଟି ମକାପିଠା ନୁହେଁ, ତେଣୁ ଆମେ ଖାଇବା ମଧ୍ୟ ମନା । ସେମାନେ କହନ୍ତି: ' ଆମ ପିଲାମାନଙ୍କୁ ପାଉଁରୁଟି ଖାଇବାରେ ଅଭ୍ୟସ୍ତ ହେବାକୁ ଦିଅ ନାହିଁ । ଆମ ପୂର୍ବପୁରୁଷମାନେ ପାଉଁରୁଟି ଖାଉ ନଥିଲେ । ' ଜେଜେବାପା ଓ ଜେଜେମା' ପ୍ରଥମେ ଏସବୁ କଥା କହନ୍ତି । ତାପରେ ବାପା, ମା'ଙ୍କ ପାଳି ପଡ଼େ । ସେମାନେ କହନ୍ତି: 'ଆମେ ସେମାନଙ୍କୁ କେବେ ପାଉଁରୁଟି ଖାଇବା ଶିଖାଇ ନାହୁଁ, ଆମ ନିକଟରେ ଏହା କେବେ ମଧ୍ୟ ନଥିଲା । ଏହା ଗୋରା ଲୋକମାନଙ୍କ ଜିନିଷ, ଆମର ନୁହେଁ ।' ସେମାନଙ୍କ ସନ୍ତାନମାନଙ୍କୁ କିପରି ପାଳିବେ, ସେହି ସଂକ୍ରାନ୍ତରେ ହିଁ ନବ ଦମ୍ପତିଙ୍କୁ ଏ ସବୁ ଉପଦେଶ ଦିଆଯାଏ । ମାମୁଁମାନେ କ୍ୟାଥଲିକ ପ୍ରଥା ସମ୍ପର୍କରେ ଆଉ କିଛି କହନ୍ତି । ଜଣେ ସନ୍ଥଙ୍କ ପରି ଦିଶୁଥିବା ଚିତ୍ରକୁ ଦେଖାଇ ସେମାନେ କହନ୍ତି : ' ଏ ହେଉଛନ୍ତି ସନ୍ଥ

Digitized by srujanika@gmail.com

ଅଗଷ୍ଟାଇନ୍ ବା ସନ୍ଥ ଆନ୍ଥୋନି । ଅମୁକ ସନ୍ଥ ଅଲୌକିକ କଥାମାନ କରନ୍ତି, ଅମୁକ ଭଲ କାମ ସବୁ କରନ୍ତି । ଲୋକଙ୍କ ମଧ୍ୟରେ ସେମାନଙ୍କ ବିଷୟରେ କ'ଣ ଧାରଣା ଅଛି, ତାହାରି ଉପରେ କିଏ କ'ଣ କରନ୍ତି ନିର୍ଭର କରେ ।' ସେମାନେ କହନ୍ତି: 'ଏମାନେ ହେଉଛନ୍ତି ସନ୍ଥମାନଙ୍କ ମଧ୍ୟରୁ କେତେ ଜଣ ମାତ୍ର । ଏହିପରି ଆହୁରି କେତେ ସନ୍ଥ ଅଛନ୍ତି । ଆକାଶ ଏବଂ ଧରିତ୍ରୀର ଇଶ୍ୱର ମଧ୍ୟ ଅଛନ୍ତି । ସେମାନେ ସମସ୍ତେ ଏକ ଓ ଅନନ୍ୟ ଇଶ୍ୱରଙ୍କ ନିକଟକୁ ବାଟ କଢାଇ ନିଅନ୍ତି । ସେହି ଇଶ୍ୱରଙ୍କ ସହିତ ଯୋଗାଯୋଗ କରିବା ପାଇଁ ସନ୍ଥମାନେ ହେଉଛନ୍ତି ଏକ ଏକ ରାସ୍ତା । ତା'ପରେ ବର ଓ କନ୍ୟା ପରସ୍ପରକୁ କଥା ଦିଅନ୍ତି । ଏଥର କେବଳ ବିବାହ ହିଁ ବାକୀ ରହେ ।

ସମ୍ମାନିତ ଅତିଥିମାନେ ଦମ୍ପତିକୁ ଅଭିନନ୍ଦନ ଜଣାନ୍ତି ଏବଂ ଆଦର୍ଶ ପିତା ମାତା ହେବା ପାଇଁ ସେମାନଙ୍କୁ ଉପଦେଶ ଦିଅନ୍ତି । ସେମାନେ ଉତ୍ତମ ସନ୍ତାନ ମାନଙ୍କର ଜନକ ଜନନୀ ହେବେ, ସାହସ ଓ ଧୈର୍ଯ୍ୟର ସହିତ ଜୀବନର ବୋଝ ବୋହିବେ; ମଣିଷ ଭଳି ବଞ୍ଚିବେ ଓ ପ୍ରାକୃତିକ ପୃଥିବୀ ଅସମ୍ମାନ କରିବେ ନାହିଁ - ଏହା ଅତିଥିମାନେ ଆଶା କରନ୍ତି ।

ଏଥର ନବ ଦମ୍ପତିକୁ କହିବା ପାଇଁ ସୁଯୋଗ ମିଳେ । ସେମାନେ କହି ସାରିବା ପରେ, ଦେଶରେ ଘଟୁଥିବା ଘଟଣାମାନଙ୍କ ସମ୍ପର୍କରେ ଆଲୋଚନା ହୁଏ । ମୋଟର ଗାଡ଼ି, ଲାଡ଼ିନୋମାନଙ୍କର ସ୍ନାନାଗାର ଓ ଧନୀ ଲୋକମାନଙ୍କ ବିଷୟରେ କଥା ପଡ଼େ । ଏଗୁଡ଼ିକ ଠାରୁ ଦୂରରେ ରହିବା ପାଇଁ ସେମାନେ ପରାମର୍ଶ ଦିଅନ୍ତି । ଧନୀ ଲୋକମାନଙ୍କର ସ୍ନାନାଗାର ନୂଆ ପୋଷାକ ପରି ଚକ୍‌ଚକ୍ କରୁଥିବାବେଳେ ଆମ ଗରିବ ଲୋକଙ୍କ ପାଇଁ ଗୋଟିଏ ଗାଚ ଛଡ଼ା ଆଉ କିଛି ନଥାଏ । ଆମେ ହାତରେ ରୋଷେଇ କରିବା ପାଇଁ ମାଟିର ପାତ୍ରମାନ ତିଆରି କରୁ । ଏହି ବିଦ୍ୟାକୁ ପାଶୋରି ଦେବା ପାଇଁ ଆମେ ଚାହୁଁନା । ଟଙ୍କା ଥିଲେ ମଧ୍ୟ ସେମାନେ ବ୍ୟବହାର କରୁଥିବା ଜିନିଷ ଆମେ କିଣୁ, ଏହା ସେମାନେ ଚାହାନ୍ତି ନାହିଁ । ମକା ପେଷିବା ପାଇଁ ଆମ ଗାଁ ଯାକରେ ଗୋଟିଏ ହେଲେ ଯନ୍ତ୍ର ଚାଳିତ ଚକ ନାହିଁ । ଏହାର ଅର୍ଥ ନୁହେଁ , ଆମେ ଗୋଟିଏ ଚକି ବସାଇ ପାରି ନଥାନ୍ତୁ । ଅନେକ ଜମି ମାଲିକ ଗାଁ ଯାକର ମକା ପେଷିବା ପାଇଁ ଖୁସିରେ ଗୋଟିଏ କଳ ବସାଇପାରିଥାନ୍ତେ । କିନ୍ତୁ ଆମ ଲୋକମାନେ ଏହା ଚାହାନ୍ତି ନାହିଁ । ଲାଡ଼ିନୋମାନେ ଧୀରେ ଧୀରେ ସେମାନଙ୍କ ଯନ୍ତ୍ରପାତି ଆଣନ୍ତି ଏବଂ ଖୁବ୍ ଶୀଘ୍ର ସବୁ ଜିନିଷର ମାଲିକ ହୋଇଯାଆନ୍ତି ।

ତୃତୀୟ ଓ ଚତୁର୍ଥ ଉତ୍ସବ ମଝିରେ କେବଳ ପରିବାର ପାଇଁ ଗୋଟିଏ ଛୋଟ ଭୋଜି ହୁଏ । ଏହି ଅବସରରେ ଝିଅ ପ୍ରତି ତାଙ୍କର ଦାୟିତ୍ୱ ଶେଷ ହେଲା ବୋଲି ବାପା ତାକୁ କହନ୍ତି । ଯଦିଓ ସେ ଗୋଷ୍ଠୀରେ ରହିବ ଏବଂ ପ୍ରକୃତି ସହିତ ତା'ର ସମ୍ପର୍କ ଅତୁଟ ରହିବ, ଏଣିକି ତା ଜୀବନ ହେବ ଅଲଗା । ତାକୁ ଆଶ୍ଚର୍ଯ୍ୟ କରିଦେବା ପାଇଁ ମା' ଗୋଟିଏ ଉପହାର କିଣି ଆଣିଥାନ୍ତି । ବେଳେବେଳେ ନିଜ ହାତବୁଣା ଜିନିଷ ମଧ୍ୟ ଦିଅନ୍ତି । ଏଥର ସବୁ ଉପହାର

Digitized by srujanika@gmail.com

ସାମଗ୍ରୀତକ ଝିଅକୁ ଦେଖାଇ ଦିଆଯାଏ । ଉପହାର ଗୁଡ଼ିକ ଚତୁର୍ଥ ଉତ୍ସବ ସରିବା ପରେ ତା'ର ଭାବୀ ଶ୍ୱଶୁର ଓ ଶାଶୁଙ୍କ ଉପସ୍ଥିତିରେ ହିଁ ଦିଆଯିବ । ଆଜିକାଲି ଯେ କୌଣସି ଦିନ ଏହି ଭୋଜି କରାଯାଉଛି । କିନ୍ତୁ ମୋ ଜେଜେବାପା କହନ୍ତି ଆଗେ ଝିଅ ଘର ଛାଡ଼ିଯବାର ଚାଳିଶି ଦିନ ପୂର୍ବରୁ ଏକ ସ୍ୱତନ୍ତ୍ର ଦିବସରେ ଏହା ଅନୁଷ୍ଠିତ ହେଉଥିଲା । ସମୟ ଅଭାବରୁ ମୋ ଭଉଣୀ ପାଇଁ ଏହି ଭୋଜି ହୋଇ ପାରିନଥିଲା । ପରିବାରର ଭୋଜିରେ ଝିଅର ଛୋଟ ଭାଇ ଓ ଭଉଣୀ ସମସ୍ତଙ୍କୁ କହିବା ପାଇଁ ସୁଯୋଗ ମିଳେ । ଛୋଟମାନେ ଏହି ପରି କହନ୍ତି: ତୁମେ ଆମ କଥା କେତେ ବୁଝିଛ, ଆମକୁ କାଖ କରି ବୁଲାଇଛ, ଆମ ପାଇଁ ଯାହା କରିଛ ସେଥିପାଇଁ ତୁମକୁ ଧନ୍ୟବାଦ । ମା' ଆମ ପାଇଁ ଯାହା କରନ୍ତି, ସେଥିରେ ଭଉଣୀ ମଧ ଯୋଗ ଦେଇଥାଏ । ତେଣୁ ଭଉଣୀକୁ ଆମେ ମା' ପରି ଦେଖୁ । ଭଉଣୀର ସ୍ୱାର୍ଥତ୍ୟାଗ ପାଇଁ ସେମାନେ ତାକୁ ଧନ୍ୟବାଦ ଜଣାନ୍ତି, ତା' ପାଇଁ ସୁନ୍ଦର ଅଭିବ୍ୟକ୍ତିଟିଏ ରହନ୍ତି । ସେ ସାନ ହୋଇଥିବା ବେଳେ ତା' କଥା ବୁଝିଥିବାରୁ ବଡ଼ମାନେ ତାକୁ ପବିତ୍ର ଓ ସର୍ବଗୁଣ ସମ୍ପନ୍ନ ହୋଇ ରହିବାକୁ ପରାମର୍ଶ ଦିଅନ୍ତି । ସେମାନେ ବିଦାୟ ଭୋଜି ପାଇଁ ଫୁଲ ସଂଗ୍ରହ କରିବେ ବୋଲି ମଧ ପ୍ରତିଶ୍ରୁତି ଦିଅନ୍ତି । ତାଙ୍କ ଭିତରୁ ଜଣେ କହେ: ' ତୁମର ସବୁ, ଭାଇ ଭଉଣୀଙ୍କ ତରଫରୁ ଫୁଲ ସଜାଇବାର ପ୍ରତିଶ୍ରୁତି ମୁଁ ଦେଉଛି । ' କନ୍ୟା ସମସ୍ତଙ୍କୁ ତା'ର କୃତଜ୍ଞତା ଜଣାଏ । ବାପା ମା'ଙ୍କ ସମ୍ମୁଖରେ ଆଣ୍ଠୁ ମାଡ଼ି ବସି ସେ ସେମାନଙ୍କୁ ଧନ୍ୟବାଦ ଜଣାଏ । ଯେଉଁ ଗୋଷ୍ଠୀକୁ ସେ ଏତେ ଦିନ ଧରି ଜାଣିଥିଲା ତାକୁ ଛାଡ଼ି ଅନ୍ୟତ୍ର ଯିବା ଯନ୍ତ୍ରଣା ଦାୟକ ହେବ ବୋଲି ସେମାନେ ଜାଣିଥାନ୍ତି । ପରିବାରରେ ଚଳିବା ପାଇଁ ଅନେକ ଉତ୍ତମ ପରାମର୍ଶ ସେମାନେ ଦିଅନ୍ତି ଏବଂ ସେମାନଙ୍କୁ ଭୁଲି ନଯିବା ପାଇଁ କହନ୍ତି । ଭୋଜି ଶେଷ ହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ । ଗପ ସରିଲେ ଯାଇ ଉତ୍ସବର ସମାପ୍ତି ହୁଏ । ବାପା ମା' ଝିଅକୁ କହନ୍ତି, ସେ ଯେଉଁ ଉପହାର ଗୁଡ଼ିକ ସାଙ୍ଗରେ ନେବ ସେଗୁଡ଼ିକ ହେଲା, କୁକୁଡ଼ା, ଗୋଟିଏ କୁକୁର, ଗୋଟିଏ ମେଣ୍ଢା ଓ ରୋଷେଇ କରିବା ପାତ୍ର ସବୁ । ଭାରତୀୟମାନେ ବ୍ୟବହାର କରୁଥିବା ମାଟି ପାତ୍ର ଝିଅକୁ ଦେବା ପାଇଁ ମା' ତିଆରି କରି ରଖିଥାନ୍ତି । ଆମେ ଏପରି ଜିନିଷ କେବେ ହେଲେ ବଜାରରୁ କିଣୁ ନାହିଁ । ମା' ମାନେ ସେଗୁଡ଼ିକୁ ତିଆରି କରନ୍ତି । ମା' ଝିଅ ପାଇଁ କିଛି ଛୋଟ ସପ ମଧ ତିଆରି କରିଥାନ୍ତି । ଚେୟାରରେ ବସିବା ଗର୍ହିତ ବୋଲି ଭାରତୀୟମାନେ ମନେ କରନ୍ତି । ବିଶେଷତଃ ସ୍ତ୍ରୀ ଲୋକମାନେ ଚେୟାରରେ ବସିବା ମନା । ସ୍ତ୍ରୀ ଲୋକଟି ହେଉଛି ଗୃହର ମାତା ଏବଂ ଭୂମି ହେଉଛି ସମଗ୍ର ପୃଥିବୀର ମାତା, ଆମ ସମସ୍ତଙ୍କର ମାତା । ଧରିତ୍ରୀ ସହିତ ମା'ର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ତେଣୁ ସାଧାରଣତଃ ଆମେ ଭୂମିରେ କିମ୍ୱା ଆମ ସ୍ତ୍ରୀ ଲୋକମାନେ ବୁଣିଥିବା ସପ ଉପରେ ବସୁ । ଝିଅ ତା' ସହିତ ଅଧ ଡ଼ଜନ ଛୋଟ ସପ ଓ ମା'ଙ୍କ ଠାରୁ କିଛି କ୍ଷୁଦ୍ର ଉପହାର ନେଇଥାଏ । ବାକୀ ସବୁ ଜିନିଷ ବିଦାୟ ଭୋଜୀ ବେଳେ ତାକୁ ଦିଆଯାଏ । ଭାଇ ଭଉଣୀମାନେ

Digitized by srujanika@gmail.com

ସେମାନଙ୍କ ଭଉଣୀ ପାଇଁ ଅନୁଭବ କରୁଥିବା ସବୁ ସୁଖ ଓ ଦୁଃଖର ପ୍ରତୀକ ରୂପେ ଆମେ ସର୍ବଦା କିଛି ଧୂପ ଜାଳିଥାଉ । ଆମର ସବୁ ଉତ୍ସବରେ ଆମେ ଏହି ପବିତ୍ର ଧୂପ ଜାଳୁ । ମନେ ହୁଏ, ଯେପରି ଆମେ ଆମର ଏକମାତ୍ର ଇଶ୍ୱରଙ୍କ ପାଇଁ କିଛି ତ୍ୟାଗ କରୁଛୁ । ଝିଅଟି ତା'ର ପରିବାର, କାମ ଓ ଅନ୍ୟ ସବୁ ଜିନିଷ ଛାଡ଼ି ଯାଉଥିବାରୁ ନିଶ୍ଚୟ ଦୁଃଖରେ ଅଭିଭୂତ ହୋଇ ପଡୁଥିବ, ତେଣୁ ପରିବାର ତା'ପାଇଁ ଧୂପ ଜଳାଏ । ତାକୁ ବର୍ତ୍ତମାନ ଅନ୍ୟ ପରିବାରର କାମ କରିବାକୁ ପଡ଼ିବ; କିନ୍ତୁ ସେହି ଏକ ପ୍ରକାରର ହିଁ କାମ । ସବୁ ଗୋଷ୍ଠୀର ପରମ୍ପରା ପ୍ରାୟ ସମାନ । କିନ୍ତୁ ଭିନ୍ନ ଭାଷା ଓ ପରମ୍ପରାର ଆଉ ଗୋଟିଏ ଗୋଷ୍ଠୀର ସଦସ୍ୟ ହୋଇଯିବ, ଏହା ଥିଲା ମୋ ଭଉଣୀ ପାଇଁ ଏକ ସମସ୍ୟା ।

ବିବାହର ଚତୁର୍ଥ ଏବଂ ଶେଷ କର୍ମଟି ହେଉଛି ବିଦାୟ ଉତ୍ସବ । ଏତିକିବେଳେ ଝିଅଟିକୁ ତା'ର ଉପହାର ଗୁଡ଼ିକୁ ଦିଆଯାଏ ଏବଂ ସେ ଗୋଷ୍ଠୀକୁ ବିଦାୟ ଜଣାଏ । ଏହା ହେଉଛି ସବୁଠାରୁ ଦୁଃଖଦ ମୁହୂର୍ତ୍ତ । ଏଥିରେ ଉଭୟ ବର ଓ କନ୍ୟାର ପିତା ମାତା ଉପସ୍ଥିତ ରହିବା ଆବଶ୍ୟକ । ଏବେ ଦୁଇ ପ୍ରକାର ବିବାହ ଅନୁଷ୍ଠିତ ହେଉଥିବାରୁ ଦୁଇଟି ସ୍ଥାନରେ ବିବାହ ହେଉଛି । ପ୍ରଥମେ ଆମ ପ୍ରଥା ଅନୁସାରେ ପାରମ୍ପରିକ ଉତ୍ସବ ଅନୁଷ୍ଠିତ ହୁଏ; ପରେ ରେଜେଷ୍ଟ୍ରି ଉତ୍ସବ ବା କ୍ୟାଥଲିକ ଗୀର୍ଜା ଉତ୍ସବ ଅନୁଷ୍ଠିତ ହୁଏ । କେତେକ ପ୍ରଥମେ ରେଜେଷ୍ଟ୍ରି କରିବା ପରେ ବିଦାୟ ଉତ୍ସବ ପାଇଁ କନ୍ୟାର ଘରକୁ ଯାଆନ୍ତି । ସେଠାରୁ କନ୍ୟା ବିଦାୟ ନେଇ ବର ଘରକୁ ଯାଏ ।

ପ୍ରକୃତ ବିଦାୟ ଉତ୍ସବ ନିମ୍ନମତେ ଅନୁଷ୍ଠିତ ହୁଏ । ଫୁଲ ତୋଳି ତାକୁ ସଜାଇବାର ପ୍ରତିଶ୍ରୁତି ଦେଇଥିବା ଭାଇ ଓ ଭଉଣୀମାନେ ପ୍ରଥମେ ଘରକୁ ସଜାନ୍ତି । ଭାରତୀୟମାନେ ଫୁଲକୁ ପ୍ରକୃତିର ଏକ ଅଙ୍ଗ ଭାବରେ ବିଚାର କରୁଥିବାରୁ ସେମାନଙ୍କ ଘରେ ଫୁଲ ଦେଖିବାକୁ ମିଳେ ନାହିଁ । ଅବଶ୍ୟ ଏକ ପ୍ରକାର ଧଳା ଫୁଲ ଅଛି ଯାହା ଥଣ୍ଡା ଦେଶ ମାନଙ୍କରେ ବେଶୀ ମିଳେ । ପଡ଼ୋଶୀମାନଙ୍କ ଜମିରେ କିମ୍ବା ଘରଠାରୁ କିଛି ଦୂରରେ ଆମେ ଏହି ଫୁଲ ଗଛ ଲଗାଉ । ଭୋଜି ବା କୌଣସି ବିଶେଷ ଉତ୍ସବରେ ଏହି ଫୁଲ ତୋଳାଯାଏ । ମୋ ବାପାଙ୍କ କହିବା ଅନୁସାରେ ଆମେ ବୃକ୍ଷଲତା ଗହଣରେ ରହୁଥିବାରୁ ଅନ୍ୟ କୌଣସି ସମୟରେ ଘରେ ଫୁଲର ଆବଶ୍ୟକତା ନଥାଏ । ବିଦାୟ ଉତ୍ସବର କିଛି ଖର୍ଚ୍ଚ ବାପା ମା'ଙ୍କୁ ବହନ କରିବାକୁ ପଡ଼େ । କିନ୍ତୁ ଗୋଷ୍ଠୀ ହିଁ ଅଧିକାଂଶ ଜିନିଷ ଯୋଗାଏ । ଝିଅଟି କେତେବେଳେ ବିଦା ହୋଇଯିବ ସବୁ ପଡ଼ୋଶୀ ଜାଣିଥାନ୍ତି ଓ ସେମାନେ ସମସ୍ତେ କିଛି କିଛି ଉପହାର ନେଇ ସେତେବେଳକୁ ଆସନ୍ତି । ଉପହାର କହିଲେ କାଠ, ଅଟା ବା ମାଂସ ଇତ୍ୟାଦିକୁ ବୁଝାଏ । ବାପା ମା'ଙ୍କୁ କେବଳ ପାନୀୟ ଯୋଗାଇବାକୁ ପଡ଼େ । ଆମେ ଦୁଇପ୍ରକାର ମଦ ତିଆରି କରୁ । ଗୋଟିଏ ହେଉଛି ରମ୍ ପରି କଡ଼ା ମଦ, ଏବଂ ଅନ୍ୟଟି ହେଉଛି ଏକ ପ୍ରକାର ମୃଦୁ ଓ କିଞ୍ଚିତ୍ ମିଠା ମଦ । କନ୍ୟାର ପିତାମାତା ପାନୀୟ ପ୍ରସ୍ତୁତ କରନ୍ତି ଏବଂ ପଡ଼ୋଶୀମାନେ

Digitized by srujanika@gmail.com

ଅନ୍ୟ ସବୁ ଜିନିଷ ଆଣନ୍ତି । ସେମାନେ ଝିଅ ଘରକୁ ନିଜ ଘର ବୋଲି ହିଁ ମନେ କରନ୍ତି । ତେଣୁ ପହଞ୍ଚିବା ମାତ୍ରେ ରୋଷେଇ ସାମଗ୍ରୀ ସବୁ ବାହାର କରି ସେମାନେ ରୋଷେଇରେ ଲାଗି ଯାଆନ୍ତି । ଘରଟିକୁ ମଧ୍ୟ ସେମାନେ ସଜାଡ଼ି ଦିଅନ୍ତି । ଏହାର ପୁନରାବୃତ୍ତି ହୁଏ କନ୍ୟା ଯେତେବେଳେ ବର ଘରେ ପହଞ୍ଚେ । ଗୋଷ୍ଠୀର ସମସ୍ତେ ସେଠାରେ ତାକୁ ସ୍ୱାଗତ ଜଣାନ୍ତି । ସେ ପାଇଥିବା ସବୁ ଜିନିଷକୁ ନେଇ ଝିଅ ସେଠାରେ ପହଞ୍ଚେ । ସ୍ୱାମୀର ଉପସ୍ଥିତିରେ ଯେଉଁ ଯେଉଁ ସବୁ ଜିନିଷ ତାକୁ ଦିଆଯିବ କେବଳ ସେଗୁଡ଼ିକୁ ସେ ଦେଖୁନଥାଏ । ପଡ଼ୋଶୀମାନେ ପାତ୍ର ପରି ଛୋଟ ଉପହାର ଆଣିଥାନ୍ତି । ସମସ୍ତଙ୍କ ତରଫରୁ ଜଣେ ହିଁ ଏହି ଉପହାର ଗୁଡ଼ିକୁ ଝିଅକୁ ଦିଏ । ଯଦି ଅତିଥିମାନେ ସକାଳ ଦଶଟାରେ ପହଞ୍ଚିବା କଥା, ଘର ସଜାଡ଼ିବା ପାଇଁ ଓ ରୋଷେଇ କରିବା ପାଇଁ ପଡ଼ୋଶୀମାନେ ପାଞ୍ଚଟାରୁ ପହଞ୍ଚିଯାଆନ୍ତି । ଦଶଟା ବେଳକୁ ପ୍ରସ୍ତୁତି ସରିଯାଇଥାଏ । ଅନ୍ୟ ଏକ ବିଶେଷ ଉପାୟରେ ମଧ୍ୟ ପଡ଼ୋଶୀମାନେ ସେମାନଙ୍କର ସ୍ନେହକୁ ପ୍ରକାଶ କରନ୍ତି । ଝିଅକୁ ଦେବାକୁ ଥିବା ସବୁ କାଠକୁ ବିଦାୟ ଉତ୍ସବ ଦିନ ହିଁ କଟାଯାଏ । ପୁରୁଷ ଲୋକମାନେ ସକାଳ ପାଞ୍ଚଟାରୁ ଉଠି ଭୋଜି ପାଇଁ କାଠ କାଟିବା ଆରମ୍ଭ କରନ୍ତି ।

ଏହା ଗୋଟିଏ ବଡ଼ ଧରଣର ଭୋଜି । ପ୍ରଥମେ ସେମାନେ ଝିଅର ବାପା ମା'ଙ୍କୁ ସ୍ୱାଗତ କରନ୍ତି ଏବଂ ସବୁ ପଡ଼ୋଶୀ ଏକାଠି ଖାଇବା ପାଇଁ ବସନ୍ତି । ଏହା ପରେ ମାମୁଁ ଓ ମାଇଁ, ବଡ଼ ଭାଇ ଓ ଭଉଣୀ, ଜେଜେବାପା, ଜେଜେମା' ଓ ଗାଁ ପ୍ରତିନିଧିଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ବରର ବାପା ମା' ପହଞ୍ଚନ୍ତି । ପୁଅର ଧର୍ମ ବାପା ଓ ମା'ଙ୍କୁ ଝିଅ ପ୍ରଥମ ଥର ପାଇଁ ଭେଟେ । ଝିଅର ବାପା ମା' ତା'ର ଧର୍ମ ବାପା ଓ ମା'ଙ୍କ ସହିତ ପୁଅର ପରିଚୟ କରାଇ ଦିଅନ୍ତି । ପିଲାଟିଏ ଜନ୍ମ ହେବା ସଙ୍ଗେ ସଙ୍ଗେ ତା'ର ଧର୍ମ ବାପା ଓ ମା' ବଛା ଯାଆନ୍ତି ଏବଂ ବିବାହ ବେଳେ ସେମାନେ ନିଶ୍ଚୟ ଉପସ୍ଥିତ ରହନ୍ତି । ପ୍ରଥମ ସମ୍ଭାଷଣ ପରେ ମା' ଝିଅ ପାଇଁ ଥିବା ସବୁ ଉପହାରଗୁଡ଼ିକୁ ବାହାରକୁ ଆଣନ୍ତି ଏବଂ କହନ୍ତି : 'ଆମେ ଆମର ସାମର୍ଥ୍ୟ ଅନୁଯାୟୀ ଏହି ଉପହାର ଦେଲୁ । ଆମେ ଆଶାକରୁ ଏଗୁଡ଼ିକ ତୋ କାମରେ ଲାଗିବ ।' ଶ୍ୱଶୁର ଝିଅର ଜିନିଷ ଗୁଡ଼ିକୁ ଗ୍ରହଣ କରନ୍ତି । ଜେଜେମା ସେ ସମୟରେ ଘଟୁଥିବା ସବୁ ଘଟଣା ସମ୍ପର୍କରେ କହିବା ଆରମ୍ଭ କରନ୍ତି । ନାତି ନାତୁଣୀମାନେ ତିଆରି କରିଥିବା ଗୋଟିଏ ବଡ଼ ଫୁଲ ତୋଡ଼ା ସେ ଝିଅକୁ ଦିଅନ୍ତି । ଏହି ଫୁଲ ପବିତ୍ର ଏବଂ ନିର୍ମଳ ଏବଂ ଝିଅଟି ଆମ ଗୋଷ୍ଠୀର ସବୁ ସ୍ତ୍ରୀ ଲୋକମାନଙ୍କ ପରି ଜୀବନ ନିର୍ବାହ କରିବ ବୋଲି ସେ ଆଶା ପୋଷଣ କରନ୍ତି । ତାକୁ ମା' ହେବାକୁ ପଡ଼ିବ । ଆମ ସ୍ତ୍ରୀ ଲୋକମାନଙ୍କର ଭାଗ୍ୟ ସମ୍ପର୍କରେ ମଧ୍ୟ ସେ ସୂଚନା ଦିଅନ୍ତି । ସହରରେ ଚାକରାଣୀ ଭାବରେ ଏବଂ ଫିନ୍‌କାରେ ଶ୍ରମିକ ଭାବରେ କାମ କରିବା, ବେଶ୍ୟା ବୃତ୍ତି ଇତ୍ୟାଦି ବିଷୟରେ ସ୍ପଷ୍ଟ କହନ୍ତି । କେଉଁ ସବୁ ମନ୍ଦ କଥା ଠାରୁ ଦୂରରେ ରହିବ ଉଦାହରଣ ଦେଇ ସେ ବୁଝାନ୍ତି । ଆମ ପୂର୍ବପୁରୁଷମାନଙ୍କ

Digitized by srujanika@gmail.com

ଦ୍ୱାରା ଅନୁମୋଦିତ ଏକ ପତିବ୍ରତା ଅକ୍ଷରେ ଅକ୍ଷରେ ପାଳନ କରିବାକୁ ସେ ପରାମର୍ଶ ଦିଅନ୍ତି । ଏ ସମ୍ପର୍କରେ ସେ କହନ୍ତି: ' ପିଲାମାନେ, ଆଜି କାଲି ବିବାହ ପାଇଁ ତୁମକୁ କାଗଜ ଖଣ୍ଡକରେ ଦସ୍ତଖତ କରିବାକୁ ପଡୁଛି । ଆମ ଲୋକଙ୍କ ପାଇଁ ମଧ୍ୟ ଜଣେ ମେୟର, ଫାଇଲ ଓ କାଗଜ ଅଛି ବୋଲି ସେମାନେ କହୁଛନ୍ତି । ଆମ ସମୟରେ ଏପରି କିଛି ନଥିଲା । ଆମ ପରମ୍ପରା ଅନୁସାରେ ହେଉଥିଲା । ଆମକୁ କିଛି କାଗଜ ଟୁକୁଡ଼ାରେ ଦସ୍ତଖତ କରିବାକୁ ପଡୁ ନଥିଲା । ଆମ ପୂର୍ବପୁରୁଷମାନଙ୍କ ଆଇନ ଅନୁସାରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିବାହ ବିଚ୍ଛେଦ ନଥିଲା; କିନ୍ତୁ ଜଣେ ସ୍ତ୍ରୀ ଯଦି ଦୁଃଖ ଭୋଗ କଲା, ସେ ସ୍ୱାମୀକୁ ପରିତ୍ୟାଗ କରି ପାରୁଥିଲା । ବର୍ତ୍ତମାନ ଖଣ୍ଡେ କାଗଜରେ ଦସ୍ତଖତ କରିଥିବାରୁ ସେ ସ୍ୱାମୀକୁ ଛାଡ଼ି ଯାଇ ପାରିବ ନାହିଁ । ଏହି ବିଷୟରେ ଗୀର୍ଜାର ଆଇନ ଓ ଲାଡ଼ିନୋମାନଙ୍କ ଆଇନ୍ ମଧ୍ୟରେ କିଛି ତାରତମ୍ୟ ନାହିଁ । କିନ୍ତୁ ଗୋଷ୍ଠୀର ସମସ୍ତଙ୍କ ପ୍ରତି ତା'ର କର୍ତ୍ତବ୍ୟ ଅଛି ବୋଲି ପ୍ରତ୍ୟେକ ଭାରତୀୟ ମନେ କରେ । ଜଣେ ସ୍ତ୍ରୀ ଲୋକ ଦୁଃଖ ଭୋଗ କଲେ ମଧ୍ୟ ସ୍ୱାମୀକୁ ପରିତ୍ୟାଗ କରିବା ଆଇନରେ ନିଷିଦ୍ଧ ହୋଇ ଥିବାରୁ ଗୋଷ୍ଠୀ କିଛି କରି ପାରିବ ନାହିଁ - ଏହାକୁ ଗ୍ରହଣ କରିବା ତା ପକ୍ଷରେ କଷ୍ଟକର । ' ବୃହତ୍ତର ପୃଥିବୀ ଓ ଆମ ଦେଶ ଗୁଆଟେମାଲାରେ ଯାହା ସବୁ ହେଉଛି ବୋଲି ସେ ଭାବୁଛନ୍ତି ସେହି ସମ୍ପର୍କରେ ଜେଜେମା' ତାଙ୍କ ନାତୁଣୀକୁ ଆବେଗପୂର୍ଣ୍ଣ ଭାଷାରେ ମୋଟାମୋଟି ଧାରଣାଟିଏ ଦିଅନ୍ତି । ଏବେ ଯେଉଁ ଘଟଣାମାନ ଘଟି ଯାଉଛି ତାହା ଦେଖି ତାଙ୍କ ହୃଦୟ ଯନ୍ତ୍ରଣାରେ ଭରି ଯାଏ । ତାଙ୍କ ନାତୁଣୀମାନଙ୍କ ମଧ୍ୟରୁ କେହି ବେଶ୍ୟାବୃତ୍ତି କରିବ ଏହା ତାଙ୍କ କଳ୍ପନାର ବାହାରେ । ଜେଜେ ବାପା ବର ସହିତ କଥା ହୁଅନ୍ତି । ବରକୁ ନିଜ ଘରେ ଓ ପରିବାରରେ କେତେକ ପ୍ରଥା ମାନିବାକୁ ପଡ଼େ । ଯେତେବେଳେ ଜେଜେମା' ଏହି ଫୁଲଗୁଡ଼ିକୁ ନବ ଦମ୍ପତିକୁ ଦିଅନ୍ତି, ତାହାକୁ ହିଁ ପ୍ରକୃତ ବିଦାୟ ଉତ୍ସବ କୁହାଯାଏ ।

ଅନ୍ୟମାନେ ଯେତେବେଳେ ଭୋଜି ଖାଆନ୍ତି, ସ୍ତ୍ରୀ ଲୋକମାନେ ଝିଅ ସହିତ କଥା ହେଉଥାନ୍ତି । ଗୋଷ୍ଠୀର ସ୍ମୃତିଗୁଡ଼ିକ ଭୁଲି ନଯିବା ପାଇଁ ସେମାନେ ତାକୁ ତାଗିଦ କରନ୍ତି । ଆମ ପୂର୍ବପୁରୁଷମାନଙ୍କର ଇଚ୍ଛା ଅନୁଯାୟୀ ଜଣେ ନାରୀ ଭାବରେ ସମସ୍ତଙ୍କର ସମ୍ମାନଭାଜନ ହେବା ପାଇଁ ସେ ସତତ ଚେଷ୍ଟା କରିବ; ସାହସର ସହିତ କଠିନ ଜୀବନର ସମ୍ମୁଖୀନ ହେବ, କିନ୍ତୁ ମା' ଭାବରେ କୋମଳ ହେବ ଏବଂ ପ୍ରକୃତିକୁ ସମ୍ମାନ ଦେବା ପାଇଁ ସନ୍ତାନମାନଙ୍କୁ ଶିକ୍ଷା ଦେବ - ଏ ସବୁ ବିଷୟ ସେମାନେ ତାକୁ ଆଉଥରେ ମନେପକାଇ ଦିଅନ୍ତି । ଗଣ୍ଡ ଦେଶରେ ଚୁମ୍ବନ ଦେବାର ପ୍ରଥା ଆମ ମଧ୍ୟରେ ନାହିଁ । ସମ୍ମାନ ପ୍ରଦର୍ଶନ କରିବାର ଗୋଟିଏ ଉପାୟ ହେଉଛି ଆଣ୍ଠୁ ମାଡ଼ି ବସି ବାପା ମା'ଙ୍କ ହାତରେ ଚୁମ୍ବନ ଦେବା । ଝିଅ ଆଣ୍ଠୁ ମାଡ଼ି ସମସ୍ତଙ୍କୁ ସମ୍ମାନ ଜଣାଏ ଏବଂ ବାପା ମା', ଜେଜେବାପା, ଜେଜେମା', ମାଈଁ, ମାମୁଁ ଓ ବଡ଼ ଭାଇଙ୍କ ହାତରେ ଚୁମ୍ବନ ଦିଏ । ଏହା ପରେ ସେ ଆଣ୍ଠୁ ମାଡ଼ି ବସି ପୁଅ

Digitized by srujanika@gmail.com

ପରିବାରର ସମସ୍ତଙ୍କ ହାତରେ ଚୁମ୍ବନ ଦିଏ । ସେମାନେ ତା'ର ହାତ ଧରି ତାକୁ ଉଠିବାକୁ କହନ୍ତି । ବର ମଧ୍ୟ ଠିକ୍ ସେମିତି କନ୍ୟା ଓ ନିଜ ପରିବାରର ସମସ୍ତଙ୍କୁ ସମ୍ମାନ ଜଣାଏ । ଏହି ପରି ଭାବରେ ସେମାନେ ପ୍ରତିଶ୍ରୁତି ବଦ୍ଧ ହୁଅନ୍ତି । ଏହାହିଁ ବିବାହ ।

ତାପରେ ଝିଅର ବାପା ମା' କହନ୍ତି: 'ପନ୍ଦର ଦିନ ପରେ ଆମ ଝିଅ ପୁଣି ଏଠାକୁ ଫେରିବ ।' ଝିଅ ବିଦା ହୋଇ ଯିବା ପରେ ପନ୍ଦର ଦିନ ପୂର୍ବରୁ ପୁଣି ସେହି ଘରକୁ ଫେରିବା ମନା । ମୋ ଭଉଣୀ ବିଦା ହୋଇଯିବାବେଳେ ମୋ ବାପା ମା' ଯେଉଁ କୈଫିୟତ ଦେଇଥିଲେ ତାହା ହେଲା ଜଣେ ସାବାଳକ ଭାବରେ ତାକୁ ସଂସାରର ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ସେ ପଛକୁ ଚାହିଁବା ଠିକ୍ ହେବ ନାହିଁ । ତାକୁ ଆଗକୁ ହିଁ ଯିବାକୁ ପଡ଼ିବ । ଯେଉଁ ଘର, ଯେଉଁ ନୀଡ଼ରେ ସେ ଜନ୍ମ ହୋଇଥିଲା, ତାହା ଆଉ ତା' ଘର ହୋଇ ରହିବ ନାହିଁ । ତାର ଶୈଶବ ଆଉ ଫେରି ଆସିବ ନାହିଁ ।

ଇତି ମଧ୍ୟରେ ଝିଅ ନିଜ କୁଡ଼ିଆ ଘରେ ରହିବ କିମ୍ବା ପୁଅର ବାପା ମା'ଙ୍କ ସହିତ ରହିବ, ସ୍ଥିର ହୋଇସାରିଥାଏ । ଆମ ଗୋଷ୍ଠୀରେ ଆମେ ସମସ୍ତେ ଭାଇ ଭଉଣୀ ଭାବରେ ଏକାଠି ରହିବାରେ ଅଭ୍ୟସ୍ତ । ତେଣୁ ଏକୁଟିଆ ରହିବା ଝିଅ ପାଇଁ ଏକ ସୁଖକର କଥା ନୁହେଁ । ଆଜିକାଲି ଆମ ପୂର୍ବପୁରୁଷମାନେ ମାନୁଥିବା ଅନେକ ପ୍ରଥା ପାଇଁ ଆମର ସମୟ ନାହିଁ; କିନ୍ତୁ ସମୟ ମିଳିଲେ ଝିଅର ବାପା ମା' କିମ୍ବା ଜେଜେବାପା ଓ ଜେଜେମା' ତା ସହିତ ଯାଆନ୍ତି । ଯେତେବେଳେ ମୋ ଭଉଣୀର ବିବାହ ହେଲା ସେତେବେଳେ ପ୍ରକୃତରେ ଆମ ନିକଟରେ ସମୟ ନଥିଲା । କିନ୍ତୁ ମୋ ବାପା ଆମ ଗାଁର ନିର୍ବାଚିତ ମୁଖିଆ ହୋଇଥିବାରୁ, ସେ ଭଉଣୀ ସହିତ ତା'ର ଧର୍ମବାପା, ଧର୍ମ ମା' ଏବଂ ମୋ ବଡ଼ ଭାଇକୁ ପଠାଇ ପାରିଥିଲେ । ବର ଘରେ ତାକୁ ସ୍ୱାଗତ କରିବା ପାଇଁ ସମଗ୍ର ଗୋଷ୍ଠୀ ଅପେକ୍ଷା କରିଥିଲା । ସ୍ୱାଗତ ପର୍ବ ପାଇଁ ଫୁଲ ଗୁଚ୍ଛଟିଏ ମଧ୍ୟ ମହଜୁଦ ଥିଲା । ସେଠାରେ ପ୍ରଥମେ ତାକୁ ଗୋଟିଏ ଅଟା ପେଷିବା ଚକି ଏବଂ ରୋଷେଇ ପାଇଁ ପାତ୍ରଟିଏ ଦିଆଗଲା । ବିଭିନ୍ନ ଆକାରର ସପ ମଧ୍ୟ ଦିଆଗଲା । ସବୁ ଘରେ ପ୍ରତ୍ୟେକ ଦମ୍ପତି ପାଇଁ ସ୍ୱତନ୍ତ୍ର କୋଠରୀ ନଥାଏ । ଘର ଗୁଡ଼ିକ ତାଳପତ୍ର କିମ୍ବା ବେତରେ ତିଆରି ହୋଇଥିବାରୁ ଚାରି କୋଣରୁ କିଛି କିଛି କାଟିବା ସହଜ ହୁଏ । ଘରର ଚାରିକୋଣରେ ମହମବତୀ ଜଳାଇ ଦିଆଯାଏ । ନୂଆ ବୋହୂକୁ ସ୍ୱାଗତ କରିବା ପାଇଁ ଧୂପ ମଧ୍ୟ ଜଳାଯାଏ । ଏହିପରି ଭାବରେ ଆଉ ଜଣେ ଲୋକ ରହିବା ପାଇଁ ଘରର ଅନୁମତି ନିଆଯାଏ ।

ଏମିତି ସମୟ ମଧ୍ୟ ଆସିପାରେ ଯେତେବେଳେ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ମନୋମାଳିନ୍ୟ ହୁଏ ଏବଂ ସେମାନେ ସୁଖରେ ରହିପାରନ୍ତି ନାହିଁ । ଏହି ପରିସ୍ଥିତିରେ ଏକାଠି ଜୀବନ ଯାପନ କରିବାକୁ ପଡ଼ିବ ବୋଲି କହି ଆମେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟାକରୁ । ନିର୍ବାଚିତ ମୁଖିଆମାନେ, ଧର୍ମବାପା ଓ ଧର୍ମମା' ମାନେ ମଧ୍ୟ ଦମ୍ପତିକୁ ବୁଝାଇବାକୁ ଚେଷ୍ଟା

Digitized by srujanika@gmail.com

କରନ୍ତି । ସମସ୍ୟାର ସମାଧାନ ନହୋଇ ପାରିଲେ ଝିଅର ବାପା ମା' ତାକୁ ସୁରକ୍ଷା ଦିଅନ୍ତି । ସେମାନଙ୍କର ପରମ୍ପରା ଭାଙ୍ଗି ନଥିଲେ ସେ ବାପା ମା'ଙ୍କ ନିକଟକୁ ଫେରିଯାଇପାରିବ । କେହି କେହି ବିବାହର ବିଭିନ୍ନ କର୍ମକର୍ମାଣିରେ ଧୈର୍ଯ୍ୟ ହରାଇ ପୁଅ ସହିତ ପଳାଇଯିବାର ଦୃଷ୍ଟାନ୍ତ ରହିଛି, କିନ୍ତୁ ବିବାହ ସଫଳ ନହେଲେ ପିତା ମାତା ଏପରି ଝିଅକୁ ଫେରାଇନେବା ପାଇଁ ଅମଙ୍ଗ ହୁଅନ୍ତି । ପୁଅ ମଧ୍ୟ ପୂର୍ବପୁରୁଷମାନଙ୍କର ନିୟମ ମାନି ନଥିବାରୁ ତା'ର ବାପା ମା' ତାକୁ ପ୍ରତ୍ୟାଖ୍ୟାନ କରନ୍ତି । ଅତୀତରେ ଦମ୍ପତିକୁ ସବୁଦିନ ଲାଗି ବାନ୍ଧି ରଖିବାର କିଛି ନିୟମ ନଥିଲା । ଏବେ ଗୀର୍ଜା ଓ ରାଷ୍ଟ୍ର ଏପରି ନିୟମମାନ ତିଆରି କରିଛନ୍ତି । ପୂର୍ବେ ନିୟମ ଥିଲା ସତ, କିନ୍ତୁ ଲୋକମାନଙ୍କୁ ସବୁଦିନ ଲାଗି ବାନ୍ଧି ରଖିବା ପାଇଁ କିଛି ବ୍ୟବସ୍ଥା ନଥିଲା । ଝିଅ ବାପା ଘର ଛାଡ଼ି ଆସିବା ପରେ ଗୋଷ୍ଠୀ ତାକୁ ତାହାର ସାଧ ମୁତାବକ ସାହାଯ୍ୟ କରେ । ସେ ଯିବାବେଳକୁ ଗାଁର ସମସ୍ତେ ଉପସ୍ଥିତ ରହି ସେମାନଙ୍କର ଆବେଗ ଓ ଅନୁଭବକୁ ପ୍ରକାଶ କରନ୍ତି । ସେମାନେ କହନ୍ତି: 'ଯାହା ହେଉନା କାହିଁକି, ଆମେ ସବୁବେଳେ ଏଠାରେ ଅଛୁ । ତୁ ତୋର ଜୀବନ ଯାପନ କରିବୁ, କିନ୍ତୁ କିଛି ଅସୁବିଧା ହେଲେ ଆମେ ତୋତେ ସାହାଯ୍ୟ କରିବୁ ।' ନିୟମ ମାନି ଚଳୁଥିବାଯାଏ ଗୋଷ୍ଠୀର ଏ ପ୍ରକାର ସମର୍ଥନ ସବୁ ଭାରତୀୟ ସ୍ତ୍ରୀ ଲୋକ ପାଇଥାଆନ୍ତି । ନିୟମ ଭଙ୍ଗ କଲେ ଗୋଷ୍ଠୀ ନିର୍ଦ୍ଦୟ ହୁଏ ନାହିଁ ସତ, କିନ୍ତୁ ତାକୁ ଭିନ୍ନ ଦୃଷ୍ଟିରେ ଦେଖେ । ସବୁ ଝିଅ ଉପରେ ହିଁ ନିର୍ଭର କରେ । ଆମ ଭିତରେ ଏପରି ପୁରୁଷ ଅଛନ୍ତି ଯେଉଁମାନେ ମାତାଲ ହୋଇ ଘରକୁ ଫେରନ୍ତି ଏବଂ ନିଜ ସ୍ତ୍ରୀକୁ ପିଟନ୍ତି । କିନ୍ତୁ ଯେଉଁ ସ୍ତ୍ରୀ ନିଜ ପୁରୁଷକୁ ଭଲ ପାଏ ଏବଂ ତାକୁ ନିଜ ସନ୍ତାନମାନଙ୍କର ବାପା ଭାବରେ ବିଚାର କରେ, ସେ ଅଭିଯୋଗ କରେ ନାହିଁ । କିନ୍ତୁ ଗୋଷ୍ଠୀର ଅନ୍ୟମାନେ ଏହା ନଜାଣିଲେ ହେଲା ।

ମୋ ଭଉଣୀର ବିବାହ କିନ୍ତୁ ସଫଳ ହେଲା ନାହିଁ । ସ୍ୱାମୀ ଓ ତା'ର ବାପା ମା'ଙ୍କ ଭିନ୍ନ ଭାଷା ଓ ଚଳଣି ପାଇଁ ସେ ତା'ର ନୂଆ ଗୋଷ୍ଠୀ ସହିତ ଖାପ ଖୁଆଇ ଚଳି ପାରିଲା ନାହିଁ । ଆମେ ଗୋଷ୍ଠୀର ଜଣେ ହୋଇ ଚଳୁ । ସେମାନଙ୍କୁ ବୁଝି ନପାରି ସେ ବା ସେଠାରେ କିପରି ସୁଖୀ ହୋଇ ପାରିଥାନ୍ତା ! ତେଣୁ ମୋ ବାପା ମା' ତା' ସ୍ୱାମୀର ବାପା ମା' ଓ ଗାଁ ମୁଖିଆଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କଲେ । ମୋ ବାପା କହିଲେ: ' ଆମ ଗୋଷ୍ଠୀ ତୁମ ପରିବାରକୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ । ମୁଁ ଭାବୁଛି ମୋ ଝିଅ ଫେରି ଆସି ଆମ ପାଖରେ ରହିଲେ ଆମେ ତୁମକୁ ଭଲ ଭାବରେ ସାହାଯ୍ୟ କରି ପାରିବୁ ।' ମୋ ଭଉଣୀ ଆମ ଗାଁକୁ ଫେରି ଆସିବାକୁ ସେମାନେ ସମ୍ମତି ଦେଲେ । ଅବଶ୍ୟ ସେ ଆମ ଘରକୁ ଫେରିଲା ନାହିଁ । ଗାଁର ସମସ୍ତଙ୍କ ସାହାଯ୍ୟରେ ସେ ନିଜ ପାଇଁ ଗୋଟିଏ ଘରଟିଏ ତିଆରି କଲା । ଆମ ଘରେ ସେତେବେଳେ ଖୁବ୍ ଭିଡ଼ଥାଏ; ମୋ ଭଉଣୀର ପୁଅ ତା' ପାଖରେ ଥାଏ ଏବଂ ମୋ ବାପା ଚାହୁଁଥିଲେ ସେମାନେ ନିଜ ଜୀବନ ନିର୍ବାହ କରନ୍ତୁ । ସେମାନେ ଯେପରି ପରିଶ୍ରମ

Digitized by srujanika@gmail.com

କରି ଚଳି ପାରିବେ ସେଥିପାଇଁ କୋଠ ଜମିର ଗୋଟିଏ ଅଂଶ, କିଛି ବିନ୍ ଓ ମକା ଗୋଷ୍ଠୀ ସେମାନଙ୍କୁ ଦେଲା । ଗୋଷ୍ଠୀର ନିୟମ ମାନି ଚଳୁଥିବା ପର୍ଯ୍ୟନ୍ତ ଏକୁଟିଆ କାମ କରୁ ବା ସଂଘବଦ୍ଧ ଭାବରେ କାମ କରୁ, ବିବାହିତ ହେଉ ବା ଅବିବାହିତ ହେଉ , ଜଣେ ସ୍ତ୍ରୀ ଲୋକର କିଛି ଅସୁବିଧା ହୁଏ ନାହିଁ । କିଛି ଅସୁବିଧା ହେଲେ ସେ ଗୋଷ୍ଠୀ ଉପରେ ନିର୍ଭର କରି ପାରିବ । ଆମର ଦଶମ ଜନ୍ମ ଦିବସରେ ଆମ ବାପା ମା' ଏହି କଥା ହିଁ ଆମକୁ କହିଥାଆନ୍ତି । □

Digitized by srujanika@gmail.com

୧୨

ଗୋଷ୍ଠୀରେ ଜୀବନ

'କ୍ରୀଡ଼ା ମୁକ୍ତି, ମୃତ୍ୟୁ, ଓ ଭାଗ୍ୟର ପ୍ରତୀକ । ଏହା ବିଚାରପତିମାନଙ୍କର ଦଣ୍ଡାଦେଶକୁ ନିୟନ୍ତ୍ରଣ କରେ । ଖେଳିବାକୁ ଯେଉଁମାନେ ସାହସ କରନ୍ତେ, ସେମାନେ ସମସ୍ତେ ମୃତ : ତୁମେ ଏହା ବୁଝିପାରୁଛ ତ ?'

ପୋପୋଲ୍ ଭୁ

'ମୁଁ କେବଳ ଈଶ୍ୱରଙ୍କ ରାଜ୍ୟ କଥା ଭାବେ ନାହିଁ; ଏହି ପୃଥିବୀପୃଷ୍ଠରେ ଚାଲୁଥିବା ମୁଁ ଜଣେ ପ୍ରଚାରକ ।'

ରିଗୋବେର୍ଟା ମେଞ୍ଚୁ

ମୋତେ ବାର ବର୍ଷ ହେବା ପରଠାରୁ ଘଟଣାସବୁ ମୋର ପରିଷ୍କାର ମନେଅଛି । ସେତିକିବେଳେଠାରୁ ମୁଁ ଦାୟିତ୍ୱ ନେବା ଶିଖିଲି । କେହି କାଳେ ଅସୁସ୍ଥ ହୋଇ ପଡ଼ିବ ବା କାହାର ମୃତ୍ୟୁ ହେବ, ଏଥିପାଇଁ କିଛି ଅଧିକ ଉପାର୍ଜନ କରିବା ଲାଗି ସମଷ୍ଟିଗତ ଭାବେ କାମ କଲାବେଳେ କେବଳ ସାବାଳକମାନେ ହିଁ କାମ କରନ୍ତି । ପ୍ରଥମରୁ ଆମର ଗୋଷ୍ଠୀ ସହ ଏହି ସମ୍ପର୍କ ଥିଲେ ମଧ୍ୟ ଗୋଷ୍ଠୀ ପ୍ରତି ଦାୟିତ୍ୱ ଆରମ୍ଭ ହେଲେ ଏହି ସମ୍ପର୍କ ଆହୁରି ଦୃଢ ହୁଏ । ପରିବାରର ପ୍ରତ୍ୟେକ ସଭ୍ୟଙ୍କୁ କିଛି କର୍ତ୍ତବ୍ୟ ପାଳନ କରିବାକୁ ପଡ଼େ ଯେପରି ପଡ଼ୋଶୀମାନେ ବୁଲି ଆସିଲେ ସେମାନଙ୍କ ସହିତ କଥା ହେବା, କାଳେ ମନୋମାଳିନ୍ୟ ହେବ ସେଥିପାଇଁ ପଡ଼ୋଶୀମାନଙ୍କ ସହିତ କଳି ନକରିବା ଇତ୍ୟାଦି । ବୟସ୍କ ଲୋକମାନଙ୍କ ପରି ପିଲାମାନଙ୍କର ଆପଣା ଭିତରେ କଳି ନଥାଏ ।

ବାର ବର୍ଷ ବୟସରୁ ମକା ଅମଳ ପରି ଗୋଷ୍ଠୀଗତ କାମରେ ମୁଁ ଯୋଗ ଦେଲି । ଅନ୍ୟମାନଙ୍କ ସହିତ କାମ କରିବା ବେଳେ ଗୋଷ୍ଠୀରେ ସେମାନଙ୍କ ସହ ବନ୍ଧୁତା ହେଲା; କେତେକଙ୍କ ସହ ବନ୍ଧୁତା ପ୍ରଗାଢ ମଧ୍ୟ ହେଲା । କ୍ରମେ ମୁଁ ମୋ ମା'ଙ୍କର ଭୂମିକା ଗ୍ରହଣ କରିବାରେ ଲାଗିଲି । ମୋ ମା' ଗୋଷ୍ଠୀର କେତେକ କାର୍ଯ୍ୟରେ ସମନ୍ୱୟ ରକ୍ଷା କରୁଥିଲେ । 'ମକା ପୂର୍ବରୁ କ'ଣ ବୁଣାଯିବ; କେବଳ ବିନ୍ ବୁଣାଯିବ, କିମ୍ବା ତା' ସହିତ ଆଉ କିଛି ବୁଣାଯିବ; ବିହନ କିପରି ବୁଣାଯିବ; ଏ ସବୁ ବିଷୟ ମା' ବୁଝୁଥିଲେ । ବିନ୍, ଆଳୁ, ମକା

Digitized by srujanika@gmail.com

କ୍ଷେତରେ ହୋଇ ପାରୁଥିବା ପରିବା ଇତ୍ୟାଦି ଲଗାଇବା କାମ ଆମର । ମକା କ୍ଷେତରେ ଯେଉଁ ଲଟା ଜାତୀୟ ପରିବା ସବୁ ଲଗାଯାଏ ସେଗୁଡ଼ିକ ଯେପରି ମକା ଗଛର କ୍ଷତି ନକରନ୍ତି ତାହା ମଧ୍ୟ ଦେଖିବା ଆମର କାମଥିଲା । ପ୍ରତ୍ୟେକ କାମକୁ ନିର୍ଦ୍ଦିଷ୍ଟ କରିଦେବା ପରେ ଆମେ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ତାହାକୁ ସମ୍ପୂର୍ଣ୍ଣ କରୁ । ପ୍ରତ୍ୟେକ କମ୍ରେଡ଼ ଓ ପଡ଼ୋଶୀ ଭାଗରେ ଯେଉଁ କାମ ପଡ଼େ, ତାହା ଯତ୍ନନେବା ହେଉ, ତୋଳିବା ବା ଅମଳ କରିବା ହେଉ, ତାକୁ କରିବାକୁ ପଡ଼େ । ବୁଣିବା ଦିନ ଠାରୁ ଅମଳ ପର୍ଯ୍ୟନ୍ତ ତାକୁ ଏ ଦାୟିତ୍ୱ ନେବା ପାଇଁ ପଡ଼େ । ଏହା କରିବା ପାଇଁ ଆମେ ଶପଥ ନେଇଥାଉ । ସ୍ୱାଭାବିକ ଭାବରେ ଏହା ଏକ ସମଷ୍ଟିଗତ ଅଙ୍ଗୀକାରବଦ୍ଧତା ।

ଏହି ସମୟରେ ହିଁ ମୁଁ ଦାୟିତ୍ୱ ନେବା ଆରମ୍ଭ କଲି । ଆମ ଅଞ୍ଚଳକୁ କ୍ୟାଥଲିକ୍ ଧର୍ମ ଆସି ସାରିଥିଲା । କିଏ ଧର୍ମ ପ୍ରଚାରକ ହେବ ତାହା କ୍ୟାଥଲିକ ଧର୍ମ ବା ଏହାର ପୁରୋହିତମାନେ ସ୍ଥିର କରନ୍ତି । ବାର ବର୍ଷ ବୟସରୁ ମୁଁ ଧର୍ମ ପ୍ରଚାରକର ଭୂମିକା ଗ୍ରହଣ କଲି । ଆମ ଅଞ୍ଚଳକୁ ପ୍ରତି ତିନି ମାସରେ ଥରେ ପୁରୋହିତ ଆସୁଥିଲେ । ଆମେ କ୍ୟାଥଲିକ୍ ଧର୍ମର ନୀତିକୁ ଯେପରି ଶିକ୍ଷା ଦେଇପାରିବୁ ସେଥିପାଇଁ ସେ ଆମ ପାଇଁ ମାର୍ଗ ଦର୍ଶକ ବହି ମାନ ଆଣୁଥିଲେ । ମୋ ବାପା ଜଣେ ନିଷ୍ଠାପର ଖ୍ରୀଷ୍ଟିଆନ ହୋଇଥିବାରୁ ଆମେ ସ୍ୱେଚ୍ଛାରେ ଏହି କାମ କରୁଥିଲୁ । କ୍ୟାଥଲିକ୍ ଧର୍ମ ଗ୍ରହଣ କରିବା ଦ୍ୱାରା ଆମେ କୌଣସି ସର୍ତ୍ତରେ ଆବଦ୍ଧ ହୋଇ ଯାଉନଥିଲୁ କିମ୍ବା ଆମ ସଂସ୍କୃତିକୁ ପରିତ୍ୟାଗ କରୁନଥିଲୁ । ବରଂ ଆମପାଇଁ ଆତ୍ମ ଅଭିବ୍ୟକ୍ତିର ଏହା ଥିଲା ଅନ୍ୟ ଏକ ମାଧ୍ୟମ । ଯଦିଓ ସମସ୍ତେ ଏହି ମାଧ୍ୟମରେ ବିଶ୍ୱାସ କରନ୍ତି, ଏହା ଅଭିବ୍ୟକ୍ତିର ଅନ୍ୟ ଏକ ମାଧ୍ୟମ ମାତ୍ର । ଯେପରି ବୃକ୍ଷ ମାଧ୍ୟମରେ ମଧ୍ୟ ନିଜକୁ ଅଭିବ୍ୟକ୍ତି କରାଯାଇପାରେ । ବୃକ୍ଷର ଜୀବନ ଅଛି ବୋଲି ଆମେ ବିଶ୍ୱାସ କରୁ । ଏହା ପ୍ରକୃତିର ଏକ ଅଙ୍ଗ । ବୃକ୍ଷର ଏକ ପ୍ରତିବିମ୍ବ ଅଛି । ଏହାର ପ୍ରତିନିଧି ବା 'ନହୁଆଲ୍' ମାଧ୍ୟମରେ ଈଶ୍ୱରଙ୍କୁ ଆମର ମନକଥା ଜଣାଇହୁଏ । ଆମେ ଭାରତୀୟମାନେ ଏହି ଭାବରେ ହିଁ କଳ୍ପନା କରୁ । କ୍ୟାଥଲିକ କାର୍ଯ୍ୟାନୁଷ୍ଠାନ ଅନ୍ୟ ଏକ ମୌଳିକ ଉପାଦାନ ଯାହା ଭାରତୀୟ ସଂସ୍କୃତିର ମୌଳିକ ଉପାଦାନ ସହିତ ମିଶିଯାଇପାରିବ । ଜଣେ ମାତ୍ର ଈଶ୍ୱର ଅଛନ୍ତି ଏବଂ ସେ ଆମ ସମସ୍ତଙ୍କର ପିତା, ଏହି ବିଶ୍ୱାସକୁ ତାହା ଆହୁରି ଦୃଢ଼ କରେ । ତଥାପି ଏହା ଉପରେ ଘଟୁଥିବା କୌଣସି ଘଟଣା ହୋଇଥିବ ବୋଲି ଆମେ ବିଶ୍ୱାସ କରୁ । ଧରା ପୃଷ୍ଠରେ ନିଜର ମଧ୍ୟସ୍ଥିମାନଙ୍କ ଜରିଆରେ ହିଁ ଭାବୁ ଏସବୁ ଉପରେ ହେଉଥିବା ଘଟଣା ପାଇଁ । ପୃଥିବୀରେ ଆମ ନିଜର ମଧ୍ୟସ୍ଥିମାନଙ୍କ ଜରିଆରେ ହିଁ ଆମେ ପୂଜା କରି ଚାଲିବା ଦରକାର, ଯେମିତି ଆମେ ସବୁବେଳେ ପ୍ରକୃତିରେ ମିଳୁଥିବା ମୌଳିକ ଉପାଦାନମାନଙ୍କ ଜରିଆରେ କରି ଆସିଛୁ । ଏହା ହିଁ ଆମକୁ ଧର୍ମ ପ୍ରଚାରକ ହେବା ପାଇଁ ଏବଂ ଅନ୍ୟମାନଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ନେବା ପାଇଁ ପ୍ରେରଣା ଦେଇଛି । ଗୋଷ୍ଠୀରେ ତରୁଣମାନଙ୍କୁ ଆମେ

Digitized by srujanika@gmail.com

ପ୍ରଥମେ ନିଜ ଉଦାହରଣ ଦ୍ୱାରାହିଁ ଶିକ୍ଷା ଦେଉ । ଲେଖା ନହୋଇଥିଲେ ମଧ୍ୟ କ୍ୟାଥଲିକ୍ କାର୍ଯ୍ୟାନୁଷ୍ଠାନର ଅନେକ ପ୍ରତିବିମ୍ବ ଆମ ସଂସ୍କୃତିର ଚିତ୍ର ପରି । ଆମେ ଅନେକାଂଶରେ ଏହା ସହିତ ପରିଚିତ । ଉଦାହରଣ ସ୍ୱରୂପ, ଆମେ ବିଶ୍ୱାସ କରୁ ଯେ ଆମର ପୂର୍ବପୁରୁଷମାନେ ଅଛନ୍ତି ଓ ସେମାନଙ୍କର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ସେମାନେ ଭଲ ମଣିଷ ଥିଲେ ଏବଂ ଲୋକାଚାରକୁ ମାନୁଥିଲେ । ବାଇବେଲ୍‌ରେ ମଧ୍ୟ ପୂର୍ବପୁରୁଷମାନଙ୍କ ସମ୍ପର୍କରେ ଉଲ୍ଲେଖ ଅଛି । ଆମ ସଂସ୍କୃତି ଓ ପରମ୍ପରାର ଗଣ୍ଡି ମଧ୍ୟରେ ବାଇବେଲ୍‌ର ଏହି ପୂର୍ବପୁରୁଷମାନଙ୍କୁ ଆମେ ଆମ ନିଜର ପୂର୍ବପୁରୁଷ ଭାବରେ ଗ୍ରହଣ କରୁ । ଏହା ଅନେକ ସମୟରେ ନେତା ଓ ରାଜାମାନଙ୍କ ବିଷୟ କହିଥାଏ; ଯେମିତି ଯୀଶୁଖ୍ରୀଷ୍ଟ ରାଜାମାନଙ୍କଠାରୁ ମାଡ଼ ଖାଇବା ବିଷୟ ଏଥିରେ ଉଲ୍ଲେଖ ଅଛି । ଆମେ ତାଙ୍କୁ ଆମ ରାଜାଙ୍କ ସହ ତୁଳନା କରୁ । ଆମ ରାଜା ଟେକୁନ ଉମାନ ସ୍ପାନିଆର୍ଡ଼ମାନଙ୍କ ଦ୍ୱାରା ପରାସ୍ତ ଓ ଅତ୍ୟାଚାରିତ ହୋଇଥିଲେ । ଏହାକୁ ଆମ ନିଜ ବାସ୍ତବତା ଭାବରେ ଆମେ ଗ୍ରହଣ କରୁ । ଏହିପରି ଭାବରେ ଆମେ କ୍ୟାଥ୍‌ଲିକ୍ ଧର୍ମ ଓ ତହିଁରେ ଆମର କର୍ତ୍ତବ୍ୟ ସହିତ ନିଜକୁ ଖାପ ଖୁଆଇ ନେଲୁ ଏବଂ ତାହାକୁ ଆମ ସଂସ୍କୃତିର ଏକ ଅଂଶରେ ପରିଣତ କରିଦେଲୁ । ମୁଁ ଆଗରୁ କହିଛି, ଏହା ଆମ ପାଇଁ ଆତ୍ମ ଅଭିବ୍ୟକ୍ତିର ଅନ୍ୟ ଏକ ରାସ୍ତା । ଆମ ପୂର୍ବପୁରୁଷମାନଙ୍କ ମଧ୍ୟସ୍ଥିମାନଙ୍କୁ ବଞ୍ଚାଇ ରଖିବାର ଏକମାତ୍ର ଅପରିବର୍ତ୍ତନୀୟ ରାସ୍ତା ନୁହେଁ । ଆମକୁ ଉଭୟ ଧର୍ମ ତତ୍ତ୍ୱ ଶିଖିବା ଏବଂ ପ୍ରାର୍ଥନା କରିବାକୁ ପଡୁଥିବାରୁ ଦୁଇଗୁଣ ପରିଶ୍ରମ କରିବା ପାଇଁ ପଡ଼େ । ଆମ ସଂସ୍କୃତିରେ ମଧ୍ୟ ଉତ୍ସବମାନଙ୍କରେ ପ୍ରାର୍ଥନା କରିବାକୁ ପଡୁଥିବାରୁ ଆମକୁ ବେଶୀ ଅଲଗା ଲାଗେ ନାହିଁ; କେବଳ କିଛି ଅଧିକ ପ୍ରାର୍ଥନା ମନେ ରଖିବାକୁ ପଡ଼େ । ଆମ ଭାଷାରେ ହିଁ ସବୁ କଥା ହୁଏ । ଅବଶ୍ୟ ବେଳେବେଳେ ନବୁଝି ମଧ୍ୟ ପ୍ରାର୍ଥନା ଆବୃତ୍ତି କରିବାକୁ ହୁଏ । ମୋର ମନେଅଛି, ପ୍ରଥମେ ପ୍ରାର୍ଥନା ଗୁଡ଼ିକ ସ୍ପାନିଶ ଭାଷାରେ ମଧ୍ୟ ନଥିଲା; ସେଗୁଡ଼ିକ ଲାଟିନ ବା ସେହିପରି କିଛି ଭାଷାରେ ଥିଲା । ତେଣୁ ଯଦିଓ ଏହାକୁ ଆମେ ଆମର ସମସ୍ତ ବିଶ୍ୱାସ ସହ କହୁ ଓ ପ୍ରକାଶ କରୁ, ଏହାର ଅର୍ଥ ସବୁବେଳେ ବୁଝିନଥାଉ । ପାଦ୍ରୀମାନେ ଆମ ଭାଷା ଜାଣି ନଥିବାରୁ ଏବଂ ସ୍ପାନିଶ୍ ଭାଷାରେ ପ୍ରାର୍ଥନା କରୁଥିବାରୁ ଆମକୁ ସେଗୁଡ଼ିକୁ ଘୋଷି ମନେରଖିବାକୁ ପଡୁଥିଲା । ଆମ ପାଇଁ ଏହା ଏତେ ମହତ୍ତ୍ୱପୂର୍ଣ୍ଣ ହେଲେ ମଧ୍ୟ ଦୁର୍ବୋଧ ଥିଲା ।

ମୋ ବାପା ଗୀର୍ଜାରେ ସଂଗୀତ ଗାୟକ ଦଳରେ ଥିଲେ । ପରେ ତାଙ୍କର ବିବାହ ହେଲା ଏବଂ ସନ୍ତାନ ସନ୍ତତି ମଧ୍ୟ ହେଲେ । କ୍ୟାଥଲିକ୍ ଧର୍ମାନୁଷ୍ଠାନ କହିଲେ ଯାହା ବୁଝାଯାଏ, ତାହାକୁ ସେ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରିନେଇଥିଲେ । ଈଶ୍ୱର ଅଛନ୍ତି ଏବଂ ସନ୍ଥମାନଙ୍କୁ ପୂଜା କରିବା ତାଙ୍କ ନିକଟରେ ପହଞ୍ଚିବାର ଅନ୍ୟତମ ଉପାୟ ବୋଲି ସେ ଆମକୁ ଶିକ୍ଷା ଦେଉଥିଲେ । ଏହାର ଅର୍ଥ ସନ୍ଥ ବା ସେମାନଙ୍କର ଚିତ୍ରପଟକୁ ପୂଜା କରିବା ନଥିଲା; ଏହା ଥିଲା ଭାବବ୍ୟକ୍ତ କରିବାର ଏକ ପନ୍ଥା । ପୃଥିବୀ ମାତାର ରୂପ କଳ୍ପ ଖୁବ୍ ମହତ୍ତ୍ୱପୂର୍ଣ୍ଣ ।

Digitized by srujanika@gmail.com

ଆମର ଏକ ମାତ୍ର ଈଶ୍ୱର ଅର୍ଥାତ୍ ଆମ ପିତା ତାକୁ ସୃଷ୍ଟି କରିଛନ୍ତି । ସନ୍ଥମାନଙ୍କୁ ଏବଂ ଆମ ପୂର୍ବପୁରୁଷମାନଙ୍କୁ ସେ ହିଁ ସୃଷ୍ଟି କରଛନ୍ତି । ଆମର ନକ୍ସା ଓ ଆମର ପୋଷାକ ମାଧ୍ୟମରେ ଆମେ ନିଜକୁ ପ୍ରକାଶ କରୁ; ଯେମିତି ଆମ ସ୍ତ୍ରୀ ଲୋକମାନେ ପିନ୍ଧୁଥିବା ବ୍ଲାଉଜ ଆମ ପୂର୍ବପୁରୁଷମାନଙ୍କ ଚିତ୍ର ରୂପ ପରି । ସେଗୁଡ଼ିକ କ୍ୟାଥଲିକ ଧର୍ମାନୁଷ୍ଠାନ ସନ୍ଥମାନଙ୍କ ପରି । ଏହି ପରି ହିଁ ତୁମେ କ୍ୟାଥଲିକ୍ ଧର୍ମ ଓ ଆମ ନିଜ ସଂସ୍କୃତିର ସମନ୍ୱୟ ଦେଖିବ । ଆମେ କ୍ୟାଥଲିକ ଧର୍ମରେ ବିଶ୍ୱାସ କରୁଥିବାରୁ ନିଜକୁ ନିଷ୍ଠାପର କ୍ୟାଥଲିକ୍ ବୋଲି ମନେକରୁ; କିନ୍ତୁ ଏହା ସହିତ ଆମେ ନିଚ୍ଛକ ଭାରତୀୟ ବୋଲି ମଧ୍ୟ ଅନୁଭବ କରୁ, ଆମ ପୂର୍ବପୁରୁଷମାନଙ୍କ ପାଇଁ ଗର୍ବ ଅନୁଭବ କରୁ ।

ପ୍ରଥମେ ଏଇ 'କ୍ୟାଥଲିକ୍' ଜିନିଷଟି କ'ଣ ମୁଁ ବୁଝି ନଥିଲି, ତଥାପି ନିଜକୁ ଏଥିପାଇଁ ଉନ୍ମୁକ୍ତ ରଖିବାକୁ ପ୍ରସ୍ତୁତ ଥିଲି । ତେଣୁ ଏହାର ନୀତିକୁ ମୁଁ ଗୋଷ୍ଠୀରେ ଶିଖାଇବାକୁ ଆରମ୍ଭ କଲି । ମୋ କାମ ଥିଲା ମୁଖ୍ୟତଃ ଛୋଟପିଲାମାନଙ୍କ ସହିତ । ସମୂହ ପ୍ରାର୍ଥନା କରିବା ପାଇଁ ଏବଂ ପ୍ରଚାରକମାନେ ପଢିବା ପାଇଁ ପାଦ୍ରୀମାନେ କିଛି ଗ୍ରନ୍ଥ ଛାଡ଼ି ଯାଇଥିଲେ । ଆମେ ପଢା ଲେଖା ଜାଣି ନଥିବାରୁ ସେଗୁଡ଼ିକୁ ମୁଖସ୍ଥ କରୁଥିଲୁ । ଏହି ପରି ଭାବରେ ହିଁ ଆମେ କିଛି କିଛି କଥା ଶିଖିବାକୁ ଆରମ୍ଭ କଲୁ । ମୋ ଭାଇମାନେ ସେହି ସମୟରେ ମୋର ଜ୍ଞାତି ଭାଇମାନଙ୍କଠାରୁ ଲେଖାପଢା ଶିଖିଲେ । ମୋର କେତେକ ଜ୍ଞାତିଭାଇ ଛଅ ବର୍ଷ ଧରି ପ୍ରାଥମିକ ସ୍କୁଲରେ ପଢ଼ିଥିଲେ କିନ୍ତୁ ଆଉ ଆଗକୁ ଯିବାର ସମ୍ଭାବନା ନଥିବାରୁ ସେତିକିରେ ପଢା ବନ୍ଦ କରିଥିଲେ । ମୋ ଭାଇମାନଙ୍କର ଅନେକ ସାଙ୍ଗ ଥିଲେ ଏବଂ ସେମାନଙ୍କ ମେଳରେ ସେମାନେ ପଢିବା ଶିଖିଲେ । କିନ୍ତୁ ମୁଁ ଓ ମୋର ସାଙ୍ଗମାନେ ନିରକ୍ଷର ରହିଗଲୁ । ସାଙ୍ଗମାନଙ୍କ ସହିତ ଥିବା ବେଳେ ଆମେ ଜୀବନକୁ ଉପଭୋଗ କରିବା କଥା ନଭାବି ଆମକୁ କେଉଁ କାମ କରିବାକୁ ପଡ଼ିବ ସେହି ବିଷୟରେ ହିଁ କଥା ହେଉ । ଛୋଟ ପଶୁମାନେ ଥିଲେ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଗ କଥା ପଡ଼େ । ଏହି ପଶୁ ମାନଙ୍କ ହେପାଜତ କରିବା ବେଳେ ଆମେ ସେହିମାନଙ୍କୁ ନେଇ ସ୍ୱପ୍ନ ଦେଖୁ । କେତେବେଳେ କେମିତି ଜୀବନ ବିଷୟରେ କଥା ପଡ଼େ । ଅନ୍ୟ ସ୍ଥାନକୁ ଭ୍ରମଣରେ ଯିବା, ନାଚିବା କିମ୍ବା ନାଚ ଶିଖିବା ବିଷୟରେ କଥା ହେବାର ଅବକାଶ ନଥାଏ । ପୁଅମାନଙ୍କ କଥା ଅଲଗା । ସେମାନେ ଯାହା ଶିଖିଥା'ନ୍ତି ପରସ୍ପରକୁ କହନ୍ତି ଏବଂ ଖେଳିବାରେ ସମୟ କଟାନ୍ତି । ଗୋଟିଏ ଭାରତୀୟ ଖେଳ କଥା କହୁଛି । ଏହା ପାହାଡ଼ରେ ଦେଖାଯାଉଥିବା ଏକ ପ୍ରକାର କୀଟ କଳା ରଙ୍ଗର ମହମ ତିଆରି କରିଥାଏ । କୀଟମାନେ ଯେତେବେଳେ ସେମାନଙ୍କ ବସା ଛାଡ଼ି ଅନ୍ୟ ଏକ ବସା ତିଆରି କରନ୍ତି, ମହମ ଗଛରେ ରହି ଯାଏ । ଟିକିଏ ସମୟ ପାଇଲେ ପୁଅମାନେ ପାହାଡ଼କୁ ଯାଇ ମହମ ସଂଗ୍ରହ କରିବା ପାଇଁ ଭଲ ପାଆନ୍ତି । ମହମକୁ ଆଣିବା ପରେ ସେଥିରେ ଛୋଟ ପେଣ୍ଡୁମାନ ତିଆରି କରି ସେମାନେ ଖେଳନ୍ତି । ଏହାକୁ ଜୁଆ ଖେଳ

Digitized by srujanika@gmail.com

ସହିତ ତୁଳନା କରାଯାଇପାରେ । ଯେ ନିଜ ମହମ ପେଣ୍ଡୁରେ ଅନ୍ୟମାନଙ୍କ ମହମକୁ ଖଣ୍ଡ ଖଣ୍ଡ କରିଦେଇପାରିବ ସେ ଜିତେ । ତାକୁ ଗୋଟିଏ ସେଣ୍ଟାଭୋ ବା ଅନ୍ୟ କିଛି ଦିଆଯାଇ ପାରେ । ମହମର ଏହି ଖେଳରେ ପ୍ରତିଯୋଗିତା ହୁଏ । ଆଉ ଗୋଟିଏ ଖେଳ କଥା କହୁଛି । ଗୋଟାଏ ସେଣ୍ଟାଭୋକୁ ଆଉ କୌଣସି ଧାତୁ ନିର୍ମିତ ପଦାର୍ଥ ଉପରେ ରଖି ତା ଉପରକୁ ଆଉ ଗୋଟିଏ ମୁଦ୍ରା ଫିଙ୍ଗା ଯାଏ । ସେଣ୍ଟାଭୋରେ ମୁଦ୍ରାଟି ବାଜି ଯଦି ଓଲଟି ଯାଏ, ସେହି ପିଲାଟି ଜିତେ । ଯଦି ଏହା ନହୁଏ, ସେ ହାରିଯାଏ । ଏହି ଖେଳକୁ ଶିଖିବା ପାଇଁ ଅନେକ ଅଭ୍ୟାସ ଦରକାର । ପାହାଡ଼ରେ ଅବସର ସମୟ ପାଇଲେ ପୁଅ ପିଲାମାନେ ବହୁତ ଗପନ୍ତି; ବେଳେବେଳେ ଗାଁରେ ଦଳ ହୋଇ ଖେଳନ୍ତି ।

ଆମ ମା'ମାନେ ଝିଅକୁ ଏକୁଟିଆ ଖେଳିବା ପାଇଁ ଛାଡ଼ି ପାରନ୍ତି ନାହିଁ, ତେଣୁ ଝିଅମାନେ ସାଧାରଣତଃ ଖେଳିବାର ସୁଯୋଗ ମଧ୍ୟ ପାଆନ୍ତି ନାହିଁ । ସେମାନଙ୍କୁ ମା' କରୁଥିବା ସବୁ ଘର କାମ ଶିଖିବାକୁ ପଡ଼େ । ମା'ମାନେ ନିକମା ହୋଇ କେବେ ଘରେ ବସନ୍ତି ନାହିଁ; ସେମାନେ କିଛି ନା କିଛି କାମ ସବୁବେଳେ କରୁଥାଆନ୍ତି । ନିର୍ଦ୍ଦିଷ୍ଟ କାମ ନଥିଲେ ସେମାନେ ବୁଣିବାରେ ଲାଗନ୍ତି । ବୁଣିବା କାମନଥିଲେ ଅନ୍ୟ କିଛି କାମ ଥାଏ । ସେହି ବୁଣାବୁଣିକୁ ନେଇ ଆମର ଖେଳ । କିନ୍ତୁ ଆମେ ସମସ୍ତେ ମିଶି ଏହା କରିବାର ସୁଯୋଗ ଥାଏ । କ୍ଷେତ ମଝିରେ ସବୁବେଳେ ଛାୟାଚ୍ଛନ୍ନ ସୁନ୍ଦର ସ୍ଥାନଟିଏ ଥାଏ, ଯେଉଁଠି ଆମେ ସାତ ଆଠ ଜଣ ଝିଅ ଏକାଠି ହେଉ । ସେହିଠାରେ ଗପ ଚାଲେ, ବୁଣାବୁଣି ମଧ୍ୟ ହୁଏ । ଏହିପରି ଭାବରେ ଆମେ ସାଙ୍ଗ ମାନଙ୍କ ସହିତ ନିଜକୁ ଉପଭୋଗ କରୁ । ପାଣି ଆଣିବାକୁ ଯିବାବେଳେ ମଧ୍ୟ ଆମେ ଗାଁର ସବୁ ଝିଅ ଡ଼କା ଡ଼କି ହୋଇ ଗୋଟିଏ ଧାଡ଼ିରେ ଯାଉ । ରାସ୍ତାସାରା ଗପ ସପ ଚାଲିଥାଏ । ମାଟି ସୁରେଇରେ ପାଣି ଭର୍ତ୍ତି କରି ତାକୁ ମୁଣ୍ଡରେ ରଖି ଆମେ ଫେରୁ । ପାଣି ପଡ଼ିଯିବ ନାହିଁ ବୋଲି ଆମେ ଧୀରେ ଧୀରେ ଚାଲୁ ଏବଂ ବେଳେ ବେଳେ ମାଠିଆକୁ ତଳେ ରଖି କିଛି ସମୟ ବିଶ୍ରାମ ମଧ୍ୟ ନେଉ । ନିକଟରେ ପାଣି ନଥିଲେ ଆମକୁ ଏଥିପାଇଁ ବହୁ ଦୂରକୁ ଯିବାକୁ ପଡ଼େ ।

ପଡ଼ୋଶୀ ଓ ସାଙ୍ଗମାନଙ୍କ ସହିତ ଗପସପ ହେବା, ନିଜକୁ ଉପଭୋଗ କରିବାର ଆମ ପାଇଁ ଅନ୍ୟତମ ରାସ୍ତା । କଥା ହେଉ ହେଉ ବନ୍ଧୁତା ମଧ୍ୟ ହୁଏ । କୌଣସି କାମ କଲା ବେଳେ ସ୍ତ୍ରୀ ଲୋକମାନେ ସବୁବେଳେ ପଡ଼ୋଶୀମାନଙ୍କୁ, ବିଶେଷତଃ ଝିଅମାନଙ୍କୁ ଡ଼ାକନ୍ତି । ବୟସ୍କ ସ୍ତ୍ରୀ ଲୋକମାନଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଥିଲେ ମଧ୍ୟ ଆମେ ନିଜ ବୟସର ସାଙ୍ଗମାନଙ୍କ ସହିତ ମିଶିବାକୁ ବେଶୀ ପସନ୍ଦ କରୁ । ଆମକୁ ବାର ବର୍ଷ ହୋଇଥିଲେ, ବାଇଶି ବର୍ଷର ଝିଅମାନଙ୍କ ସହିତ ମିଶିବାକୁ ଆମକୁ ମନା କରାଯାଏ, ଯେହେତୁ ସେମାନେ ବୟସରେ ବହୁତ ବଡ଼ ,ଏବଂ ଆମ କଥା ବୁଝିବେ ନାହିଁ । ତେଣୁ ଆମ ଯେଉଁମାନଙ୍କର ବୟସ ଓ ଆକାର ପ୍ରାୟ ସମାନ, ସେହିମାନେ ହିଁ ଏକା ସାଙ୍ଗରେ ବୁଲୁ । ପୋଡ଼ା ପିଠା ପାଇଁ

Digitized by srujanika@gmail.com

ପାହାଡ଼ରେ ପତ୍ର ଖୋଜିବାକୁ ଯିବା, ଆମ ପାଇଁ ଏକାଠି ହେବାର ଆଉ ଏକ ଅବସର । ମୋ ମା' ଦେଖୁନଥିବା ବେଳେ ମୋତେ ଗଛ ଚଢ଼ିବାକୁ ସୁଯୋଗ ମିଳୁଥିଲା । ଝିଅମାନେ ଗଛ ଚଢ଼ିବା ଏକ କଳଙ୍କମୟ କଥା ବୋଲି ମା'ମାନେ ଭାବନ୍ତି । ଆମକୁ ଗଛ ଚଢ଼ିବା ଦେଖିଲେ ସେମାନେ ଆମକୁ ଭାରି ଗାଳି ଦିଅନ୍ତି । ଗଛ ଚଢ଼ିବା ବେଳେ ଆମେ ଖୁସିରେ ଗୀତ ଗାଉଥାଉ ଏବଂ ପରସ୍ପରକୁ ବଡ଼ ପାଟିରେ ଡ଼ାକୁଥାଉ । ଆମ ପାଇଁ ଏହି ଖୁସି ମଜା ଟିକକହିଁ ଯଥେଷ୍ଟ । ଭୋଜି ସମୟରେ, ଏପରିକି ଗାଁରେ ଭୋଜି ହେଲେ, ଝିଅମାନଙ୍କୁ ମା'ଙ୍କ ପାଖେ ପାଖେ ରହିବାକୁ ପଡ଼େ । ଆମ ନିଜ ଗାଁରେ ମଧ୍ୟ ଆମକୁ ମା'ଙ୍କ ସହିତ ରହିବାକୁ ପଡ଼େ । ତା'ହେଲେ ଯାଇ ବଡ଼ ହେଉଥିବା ଝିଅମାନଙ୍କୁ ଲୋକେ ଭଲ କହନ୍ତି । ଆମ ବାପା ମା' କହନ୍ତି, ଯେଉଁ ଝିଅ ଏକୁଟିଆ ଏଣେତେଣେ ଯାଏ, ସେ ଖରାପ କଥା ସବୁ ଶିଖେ ଏବଂ ରାସ୍ତାରେ ଟହଲ ମାରିବା ତା'ର ଅଭ୍ୟାସ ହୋଇଯାଏ । ତେଣୁ ତାକୁ ବାପା ମା'ଙ୍କ ସହିତ ରହିବାକୁ ପଡ଼ିବ । ଭୋଜି ସମୟରେ ଯଦିଓ ଆମେ ଅନ୍ୟମାନଙ୍କୁ ଭଦ୍ରତା ରୀତିରେ ସମ୍ଭାଷଣ କରିପାରିବା, ଆମକୁ ସବୁବେଳେ ମା'ଙ୍କ ପାଖେ ପାଖେ ରହିବାକୁ ପଡ଼େ ।

ମୋଟାମୋଟି ପୁଅମାନଙ୍କୁ ଅନେକ ବେଶୀ ସ୍ୱାଧୀନତା ଦିଆଯାଏ । ପୁରୁଷ ସହିତ ଜଡ଼ିତ ହେଲେ ଝିଅର ଯାହା ହୁଏ, ପୁଅମାନଙ୍କର ତାହା ହେଉନଥିବାରୁ ସେମାନଙ୍କର ବେଶୀ ସ୍ୱାଧୀନତା ଥାଏ । ତଥାପି ବାପା ମା'ଙ୍କର ନିୟମକୁ ସେମାନେ ମାନନ୍ତି । ବାପା ଯେଉଁ ସମୟରେ ଘରକୁ ଆସିବା ପାଇଁ କହିଥାଆନ୍ତି ସେମାନେ ସେହି ସମୟ ସୁଦ୍ଧା ଘରକୁ ଫେରି ଆସନ୍ତି । ସାଙ୍ଗମାନଙ୍କ ସହିତ ଖେଳିବା ପାଇଁ ସେମାନେ ଯେଉଁଆଡ଼େ ଇଚ୍ଛା ଯାଇ ପାରିବେ; କିନ୍ତୁ ଚଉଦ ପନ୍ଦର ବର୍ଷ ବୟସ ହୋଇଗଲେ ବେଶୀ କାମ ପଡ଼େ ଏବଂ ବୁଲିବା ପାଇଁ ସମୟ ମିଳେ ନାହିଁ । ଆମପାଇଁ କୁଆଡ଼େ ବୁଲିବାକୁ ଯିବା ଅର୍ଥ ଜାଳ କାଠ ଆଣିବାକୁ ବା ଆଉ କିଛି କାମ କରିବାକୁ ଯିବା । ପୁଅମାନେ ମଧ୍ୟ ଦଳ ହୋଇ କାଠ ସଂଗ୍ରହ କରିବା ପାଇଁ ଯାଆନ୍ତି । ଆମ ବାପା ମା' ପୁଅ ପିଲାଙ୍କ ସହିତ ମିଶିବା ପାଇଁ ଆମକୁ ଅନୁମତି ଦିଅନ୍ତି ନାହିଁ, ସେମାନେ ସମ୍ପର୍କୀୟ ହୁଅନ୍ତୁ ବା ନହୁଅନ୍ତୁ । ପୁଅମାନଙ୍କ ଠାରେ ମାର୍ଜିତ ବ୍ୟବହାର ଅନେକ ସମୟରେ ଦେଖାଯାଏ ନାହିଁ । ସେମାନେ ମଧ୍ୟ ଝିଅ ମାନଙ୍କ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତି । ଏହି ଦୃଷ୍ଟିରୁ ଦେଖିଲେ ଆମ ଭିତରେ ଏକ ବଡ଼ ବିଭାଜନ ଅଛି । ଆମେ ବେଳେବେଳେ ପୁଅମାନଙ୍କ ବିଷୟରେ କଥା ହେଉ । ପୁଅମାନେ ମଧ୍ୟ ଝିଅମାନଙ୍କ ବିଷୟରେ ଚର୍ଚ୍ଚା କରନ୍ତି ।

ମୁଁ ମୋ ବାପାଙ୍କର ବେଶୀ ପ୍ରିୟ ହୋଇଥିବାରୁ ଘରେ ତାଙ୍କ ସହିତ ବହୁତ କଥା ହେଉଥିଲି । ମୋ ଭାଇ ଓ ଭଉଣୀମାନେ ମଧ୍ୟ ସେଠାରେ ଥିଲେ । କିନ୍ତୁ ମୋ ବାପା ମୋତେ ବେଶୀ ଭଲ ପାଉଥିଲେ । ଗୋଷ୍ଠୀର ସମସ୍ତେ ତାଙ୍କୁ ଯେପରି ଶ୍ରଦ୍ଧା କରୁଥିଲେ, ମୋତେ ମଧ୍ୟ ସେହିଭଳି ଶ୍ରଦ୍ଧା କରନ୍ତୁ, ସେଥିପାଇଁ ଗୋଷ୍ଠୀରେ କହିବା ପାଇଁ ସେ ମୋତେ ସୁଯୋଗ

Digitized by srujanika@gmail.com

ଦେଉଥିଲେ । ଧର୍ମ ପ୍ରଚାରକ ଭାବରେ ନୁହେଁ, ଗୋଷ୍ଠୀରେ ବିଭିନ୍ନ କାର୍ଯ୍ୟରେ ମୁଁ ଯେଉଁ ଭୂମିକା ନେଉଥିଲି - ସେଥିପାଇଁ ମୋର ବେଶୀ ଗୁରୁତ୍ୱ ଥିଲା । ପିଲାମାନେ ଗୋଷ୍ଠୀ ଜୀବନରେ କେତେ ଅଂଶ ଗ୍ରହଣ କରୁଛନ୍ତି ସେଥିପ୍ରତି ବାପା ମା' ସବୁବେଳେ ଦୃଷ୍ଟି ରଖିଥାନ୍ତି । ବୟସ୍କ ଲୋକମାନଙ୍କ ଗୋପନ କଥା ଜାଣିବା ଅବଶ୍ୟ ପିଲାମାନଙ୍କ ପାଇଁ ଆଦୌ ଆବଶ୍ୟକ ନଥିଲା । ବୟସ୍କ ଲୋକମାନଙ୍କ ଆଲୋଚନାରେ ଭାଗ ନେବା କିମ୍ବା ସେମାନଙ୍କ କଥା ଶୁଣିବା ପିଲାମାନଙ୍କ ପକ୍ଷରେ ଶୋଭନୀୟ ନୁହେଁ । ଏହିପରି ଭାବରେ ଗୋଷ୍ଠୀର ବିଭିନ୍ନ ସ୍ତରକୁ ଆମେ ସମ୍ମାନ ଦେଉ । ମନେକର ଜଣେ ପଡ଼ୋଶୀ ବାପା କିମ୍ବା ମା'ଙ୍କ ସହିତ କଥା ହେବା ପାଇଁ ଆସିଛନ୍ତି । ସେତେବେଳେ ସେମାନେ ମୋତେ ଜାଳକାଠ ଆଣିବାକୁ ପଠାଇ ଦେବେ । ଏହାର ଅର୍ଥ ହେଉଛି ମୁଁ ସେମାନଙ୍କ କଥାକୁ ଶୁଣେ, ଏହା ସେମାନେ ଚାହାନ୍ତି ନାହିଁ । କିନ୍ତୁ ଆମେ ଗୋଷ୍ଠୀର ସମସ୍ତ କାର୍ଯ୍ୟରେ ଆନ୍ତରିକତାର ସହ ଅଂଶ ଗ୍ରହଣ କରୁ ବୋଲି ବାପା ଚାହୁଁଥିଲେ ।

ଆମ ଗାଁର ପ୍ରାୟ ସମସ୍ତେ ନିଷ୍ଠାପର କ୍ୟାଥଲିକ୍ । ମୁଁ ଜଣେ ଧର୍ମ ପ୍ରଚାରକ ବା ମିଶନାରୀ ଭାବରେ ଗୋଷ୍ଠୀରେ କାମ ଆରମ୍ଭ କରିଥିଲି । ପ୍ରାର୍ଥନାଗୁଡ଼ିକୁ ମୁଁ ମୁଖସ୍ଥ କରି ଦେଇଥିଲି ଏବଂ କୌଣସି ପିଲାର ଜନ୍ମଦିନ ବା ସେହିପରି କୌଣସି ଉତ୍ସବ ଅନୁଷ୍ଠିତ ହେଲେ ପ୍ରାର୍ଥନା କରିବା ପାଇଁ ପଡ଼ୋଶୀମାନେ ମୋତେ ଡ଼ାକି ନେଉଥିଲେ । ମୋ ଭାଇ, ଭଉଣୀ ଏବଂ ଆମ ପଡ଼ୋଶୀମାନଙ୍କର ପିଲାମାନେ ସମସ୍ତେ ମଧ୍ୟ ଏହା କରୁଥିଲେ । ସେତିକିବେଳେ ଆମେ ସଂଗଠିତ ହେବାକୁ ଲାଗିଲୁ । ଆମର ଯେତେବେଳେ ବୈଠକ ହେଉଥିଲା, ସମସ୍ତେ କିଛି କିଛି ଚାନ୍ଦା ଦେଉଥିଲେ । ବେଶୀ ଟଙ୍କା ହେଲେ ଆମେ ଗୋଷ୍ଠୀ ପାଇଁ କିଛି ଜିନିଷ କିଣୁଥିଲୁ । ଲୋକମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇଦେବା ପାଇଁ ଆମେ ଗୋଟିଏ ଛୋଟ ଦୋକାନ କଲୁ । ଏହା ଥିଲା ଗାଁର ନିଜ ଉଦ୍ୟୋଗ । ପାଦ୍ରୀ ଏଥିରେ ସାହାଯ୍ୟ କରୁଥିଲେ । ଐକ୍ୟବଦ୍ଧ ଏବଂ ସଙ୍ଗଠିତ ହେବାକୁ ପଡ଼ିବ ବୋଲି ପାଦ୍ରୀମାନେ ସବୁବେଳେ ଆମକୁ କହନ୍ତି । ଏବେ ଆମର ସଂଗଠନ ଦୃଢ଼ ହୋଇଛି ଏବଂ ଆମେ ଐକ୍ୟବଦ୍ଧ ହୋଇ ପାରିଛୁ । ମୁଁ ଆଗେ ଯେଉଁ ସମୟରେ ଦିନର କାମ ଆରମ୍ଭ କରୁଥିଲି ଏବେ ତାହା ଠାରୁ ଏକ ଘଣ୍ଟା ପୂର୍ବରୁ କାମ ଆରମ୍ଭ କରିବାରେ ଲାଗିଲି । ପୂର୍ବେ ପାଞ୍ଚଟା ବେଳେ କାମ ସରୁଥିଲା । ଏବେ ଘଣ୍ଟାଏ ପୂର୍ବରୁ ଘରକୁ ଫେରି ପଡ଼ୋଶୀମାନଙ୍କ ସହିତ ପ୍ରାର୍ଥନା କରିବା ଆରମ୍ଭ କଲି । ଆମ ଗାଁର ପରିବେଶ ଏତେ ଭଲ ଯେ ପ୍ରାର୍ଥନା କରିବା ପାଇଁ ସବୁ ପଡ଼ୋଶୀଙ୍କୁ ଡ଼ାକିବାରେ କିଛି ଅସୁବିଧା ହୁଏ ନାହିଁ । ଶୁକ୍ରବାର ଦିନ ଗାଁ ବୈଠକରେ ସାଂସ୍କୃତିକ ବିଷୟମାନ ଆଲୋଚନା ହୁଏ । କ୍ୟାଥଲିକ୍ ବୈଠକ ସୋମବାର ଦିନ ଅନୁଷ୍ଠିତ ହୁଏ । ଯେଉଁମାନଙ୍କର ପ୍ରାର୍ଥନା ବିଷୟରେ କିଛି ଜାଣିବାର ଥାଏ ସେମାନେ ସୋମବାର ବୈଠକରେ ତାହା ପଚାରି ପାରିବେ । ଯେଉଁମାନେ କ୍ୟାଥଲିକ୍ ଧର୍ମର ଉତ୍ସବ

Digitized by srujanika@gmail.com

ଛଡ଼ା ଅନ୍ୟ ପ୍ରକାର ଉତ୍ସବ ଚାହାନ୍ତି, ସେମାନେ ଶୁକ୍ରବାର ଦିନ ତାହା ମାଗି ପାରିବେ । ଏହା ଦ୍ଵାରା ବିଭିନ୍ନ ଜିନିଷ ମିଶାମିଶି ହୋଇଯାଏ ନାହିଁ । ଆମ ପୂର୍ବପୁରୁଷମାନେ ଟୁନ୍, ତାମ୍ବୋର, ସିଜୋଲାଜ ଓ ଚିରିମିଆ ପରି ବାଦ୍ୟ ଯନ୍ତ୍ର ମାନ ବଜାଉଥିଲେ । ଏହି ବାଦ୍ୟଯନ୍ତ୍ର ବଜାଇ ଶିଖିବା ପାଇଁ ମୋର ମଧ୍ୟ ଆଗ୍ରହ ହେଲା । କ୍ରମେ ମୋ ଭାଇ, ଭଉଣୀମାନଙ୍କ ସହିତ ମୁଁ ଏହି ବାଦ୍ୟଯନ୍ତ୍ର ଗୁଡ଼ିକୁ ବଜାଇ ଶିଖିବା ଆରମ୍ଭ କଲି । ଆମ ବାପା ମା' ଯେଉଁ କେତେଗୁଡ଼ିଏ ଗୀତ ଆମକୁ ଶିଖାଇଥିଲେ ଆମେ ସେଗୁଡ଼ିକୁ ବାରମ୍ବାର ଗାଉଥିଲୁ । ନୂଆ ଗୀତ ମନେରଖି ଶିଖିବା କଷ୍ଟକର ଥିଲା ।

ସୋମବାର ଦିନଟି କ୍ୟାଥଲିକମାନଙ୍କ ପାଇଁ ଏକ ବିଶେଷ ଦିନ । ଚାରିଟା ବେଳକୁ ଆମକୁ ବୈଠକରେ ପହଞ୍ଚିବାକୁ ହୁଏ । ବାଇବେଲରେ ଦର୍ଶିତ ମାର୍ଗରେ ହିଁ ଆମେ ପରିଚାଳିତ ହେଉ । କାହାରି ଦେହ ଖରାପ ହେଲେ ଭାରତୀୟ ପଦ୍ଧତିରେ ଆମେ ତା'ର ଚିକିତ୍ସା କରୁ; ଏହା ବ୍ୟତୀତ ପଡ଼ୋଶୀମାନଙ୍କ ସହିତ ମିଶି ରୋଗୀ ପାଇଁ ପ୍ରାର୍ଥନା ମଧ୍ୟ କରୁ । ଦେଢ ଘଣ୍ଟାରୁ ଦୁଇ ଘଣ୍ଟା ପ୍ରାର୍ଥନା କରିବା ପରେ ରୋଗୀ ଆରୋଗ୍ୟ ଲାଭ କରିବ ବୋଲି ସମସ୍ତଙ୍କର ବିଶ୍ଵାସ ଥାଏ । ରୋଗୀର ପରିବାର ଯେପରି ହତାଶ ହୋଇ ନପଡ଼ିବ, ସେଥିପାଇଁ ତା'ର ମନୋବଳ ବଢାଇବା ପାଇଁ ସମସ୍ତେ ଚେଷ୍ଟା କରନ୍ତି । ଆମେ ଖ୍ରୀଷ୍ଟିଆନ କାର୍ଯ୍ୟାନୁଷ୍ଠାନର ସ୍ତୋତ୍ରଗୁଡ଼ିକ ଗାଉ । ଖ୍ରୀଷ୍ଟିଆନ ଧର୍ମର ତତ୍ତ୍ଵକୁ ମଧ୍ୟ ଆମେ ଅଭ୍ୟାସ କରୁ । ଏଥିରେ କିଏ କେତେ ଆଗେଇଛନ୍ତି ଆମେ ସେମାନଙ୍କର ବାପା ମା'ଙ୍କୁ ଜଣାଉ । ବେଳେବେଳେ ପାଦ୍ରୀମାନେ ଆମକୁ ପ୍ରଶ୍ନାବଳୀ ପଠାନ୍ତି ଯାହାର ଉତ୍ତର ଆମକୁ ଗୋଷ୍ଠୀଗତ ଭାବରେ ଦେବାକୁ ପଡ଼େ । ଏଥିପାଇଁ ଆମେ ଏକାଠି ହୋଇ ଆଲୋଚନା କରୁ । ଧର୍ମ ବ୍ୟତୀତ ଆହୁରି ଅନେକ କଥା ମଧ୍ୟ ଆଲୋଚନା ପାଇଁ ଥାଏ । ମନେକର ପୁଅ ଅଲଗା ହୋଇ ତା'ର ପରିବାର ଆରମ୍ଭ କରୁଛି । ତେଣୁ କାହାର ଗୋଟିଏ ଘର ଦରକାର ହେଲା । ତାକୁ କିଏ କିପରି ସାହାଯ୍ୟ କରି ପାରିବ, ଆଲୋଚନା ହୁଏ । ସୋମବାର ଓ ଶୁକ୍ରବାର ଦିନ ସବୁବେଳେ କିଛି ନା କିଛି ସାମୂହିକ କାର୍ଯ୍ୟ କରିବାକୁ ଥାଏ । ଗୋଷ୍ଠୀର ଗୁରୁତ୍ଵପୂର୍ଣ୍ଣ ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କର ଆଉ ଗୋଟିଏ ବୈଠକ ହୁଏ । ଏଥିରେ ଜମି ବିଷୟ ଆଲୋଚନା ହୁଏ । ରାଜଧାନୀକୁ ମୋ ବାପାଙ୍କ ସହିତ କିଏ ଯିବ, କିପରି ଯିବ, ପ୍ରତି ଗୁରୁବାର ଦିନ ସମସ୍ତେ ବସି ନିଷ୍ପତ୍ତି କରନ୍ତି । ଏସବୁର ଅର୍ଥ ହେଲା ଗୋଷ୍ଠୀର କାମ ପାଇଁ ଆମ ସମସ୍ତଙ୍କୁ ସମୟ ଦେବାକୁ ପଡ଼େ । ପର୍ବପର୍ବାଣି ପାଇଁ ମଧ୍ୟ ସ୍ଵତନ୍ତ୍ର ସମୟ ଦିଆଯାଏ । ଏହା ବ୍ୟତୀତ କ୍ୟାଥଲିକ୍ ଧର୍ମ ପାଇଁ ମଧ୍ୟ ଆମକୁ ସମୟ ବଞ୍ଚାଇବାକୁ ପଡ଼େ । ଆମ ପରିସ୍ଥିତିର ଜଟିଳତା ଏଥିରୁ ବୁଝିହେବ । କିନ୍ତୁ ସମୟ ଦେବା ପାଇଁ କେହି ଅରାଜି ହୁଅନ୍ତି ନାହିଁ । ଗାଁଯାକ ସମସ୍ତେ ଏକ ମେଳ ହୋଇ ସବୁ କଥା କରନ୍ତି । ଲାଡ଼ିନୋମାନଙ୍କ ପରି ଆମେ ନାସ୍ତିକ ନୋହୁଁ । ◘

Digitized by srujanika@gmail.com

୧୩

ବିଷ ପ୍ରଭାବରେ ଫିନ୍‌କାରେ ରିଗୋବେର୍ଟାଙ୍କ ବାନ୍ଧବୀଙ୍କର ମୃତ୍ୟୁ

'ମୁଁ ସବୁବେଳେ ମା'ଙ୍କୁ କାନ୍ଦିବାର ଦେଖିଛି... ମୁଁ ଜୀବନକୁ ଡ଼ରୁଥିଲି ଏବଂ ବଡ଼ହେଲେ ଏହା କି ରୂପନେବ, ତାହା ନିଜକୁ ପଚାରୁଥିଲି ।'

ରିଗୋବେର୍ଟା ମେଞ୍ଚୁ

ଛୋଟବେଳୁ ମୋ ପ୍ରତି ଗୋଷ୍ଠୀର ଅସୀମ ସ୍ନେହ ଥିଲା । ଆମ ପରିବାର ଥିଲା ଗୋଟିଏ ପୁରୁଣା ପରିବାର । ସେଥିପାଇଁ ସମସ୍ତେ ମୋତେ ତାଙ୍କର ସୁଖ ଦୁଃଖ କଥା କହୁଥିଲେ । ଆମ ପ୍ରଥା ଅନୁଯାୟୀ ପର୍ବପର୍ବାଣୀ ପାଳନ କରିବାର ସାମାନ୍ୟତମ ସୁଯୋଗ ମଧ୍ୟ ଆମେ ହାତଛଡ଼ା କରୁନଥିଲୁ । ଏହାଦ୍ୱାରା ଆମେ ଆମର କର୍ତ୍ତବ୍ୟ ପାଳନ କରୁଛୁ ବୋଲି ମନେକରୁଥିଲୁ ।

ମୋତେ ଚଉଦ ବର୍ଷ ହେବା ବେଳକୁ ଫିନ୍‌କାକୁ ଯାଇଥିବା କଥା ମୋର ମନେଅଛି । ପୂର୍ବେ ସମସ୍ତେ ଭିନ୍ନ ଭିନ୍ନ ଫିନ୍‌କାକୁ ଯାଉଥିଲେ ଏବଂ ଅଲଟିପ୍ଲାନୋକୁ ଫେରିବା ପର୍ଯ୍ୟନ୍ତ କେହି କାହାରିକୁ ଦେଖି ପାରୁନଥିଲେ । କିନ୍ତୁ ଏଥର ଆମେ ଆମର ପଡ଼ୋଶୀ ଓ ସେମାନଙ୍କର ପିଲାମାନେ ସମସ୍ତେ ଏକାଠି ମିଶି ଆନନ୍ଦରେ ଫିନ୍‌କାକୁ ଗଲୁ । ସେଠାରେ ପହଞ୍ଚିବା ପରେ ମୋର ଜଣେ ସାଙ୍ଗ ଓ ମୋତେ କପା ତୋଳିବା ପାଇଁ ପଠାଗଲା । ସେ ମଧ୍ୟ ଜଣେ ଧର୍ମପ୍ରଚାରିକା ଥିଲା । ଆମେ ଦୁଇଜଣ ଅନ୍ତରଙ୍ଗ ବନ୍ଧୁ ହୋଇଥିବାରୁ ସବୁବେଳେ ଏକାଠି ସମୟ କଟାଉଥିଲୁ । ଦିନେ ସେମାନେ କପାରେ ପୋକମରା ଔଷଧ ସ୍ପ୍ରେ କଲା ବେଳେ ସେହି ବିଷର ପ୍ରଭାବକୁ ସହି ନପାରି ସେ ମୃତ୍ୟୁ ବରଣ କଲା । ଆମେ ସମସ୍ତେ ମିଶି ତାକୁ ଫିନ୍‌କାରେ କବର ଦେଲୁ ଏବଂ ଦୁଇଦିନ କାମ ନକରିବା ପାଇଁ ସ୍ଥିର କଲୁ । ଏହା ପ୍ରକୃତରେ ଧର୍ମଘଟ ନଥିଲା, ବରଂ ଆମ ଶୋକର ପ୍ରତୀକ ଥିଲା । ସେ ଥିଲା ମୋର ପ୍ରିୟ ବାନ୍ଧବୀ ଓ ତା' ନାମ ଥିଲା ମେରିଆ । ଆମେ ପ୍ରାୟ ଦଶ ଜଣ ଗୋଟିଏ ଦଳ ହୋଇ ଫିନ୍‌କାକୁ ଆସିଥିଲୁ ।

ଧର୍ମପ୍ରଚାରକମାନଙ୍କ ମଧ୍ୟରେ ବାଳକ, ସ୍ତ୍ରୀ, ପୁରୁଷ ସମସ୍ତେ ଥିଲେ । ପ୍ରଥମେ ଦଳେ ସ୍ତ୍ରୀ ଲୋକ ଖ୍ରୀଷ୍ଟିଆନ ନୀତି ଅନୁସାରେ ନିଜକୁ ସଂଗଠିତ କରିବା ଆରମ୍ଭ କଲେ । ମୋ

Digitized by srujanika@gmail.com

ମା' ଏହି ଦଳର ସଭାନେତ୍ରୀ ଥିଲେ । ମୋ ସାନଭାଇକୁ କେନ୍ଦ୍ରକରି ଯୁବକ ଯୁବତୀମାନଙ୍କର ଗୋଟିଏ ଦଳ ଥିଲା । ମୁଁ ପିଲାମାନଙ୍କୁ ଭଲ ପାଉଥିଲି ଓ ମୋର ପ୍ରଚୁର ଧୈର୍ଯ୍ୟ ମଧ୍ୟ ଥିଲା । ତେଣୁ ମୋ ସହିତ ଦଳେ ପିଲା ଥିଲେ । ପୁରୁଷ ଲୋକମାନଙ୍କର ମଧ୍ୟ ଗୋଟିଏ ଦଳ ଥିଲା । ଗୋଷ୍ଠୀରେ ଆମେ ଅନେକ ଜିନିଷକୁ ନେଇ ସଂଗଠନ କରୁଥିଲୁ ; କିନ୍ତୁ କୌଣସି ବିଧିବଦ୍ଧ ସଂଗଠନ ନଥିଲା । ସ୍ତ୍ରୀ ଲୋକମାନେ ମୁଖ୍ୟତଃ ଶାସ୍ତ୍ର ଶୁଣିବାକୁ ଯାଉଥିଲେ । କିଛି ଗୀତ ଗାଇବା ଓ ଗପିବା ପରେ ସେମାନେ ଘରକୁ ଯାଉଥିଲେ । ପିଲା ମାନଙ୍କ କ୍ଷେତ୍ରରେ ଠିକ୍ ତାହାହିଁ ହେଉଥିଲା । ବେଳେବେଳେ ପଢି ଜାଣିଥିବା ମୋ ଭାଇମାନଙ୍କ ସହିତ ଆମେ ଧର୍ମଗ୍ରନ୍ଥ ଗୁଡ଼ିକୁ ପଢିବା ବେଳେ ଜଣେ ଖ୍ରୀଷ୍ଟିଆନର ଭୂମିକା ସମ୍ପର୍କରେ ଆମେ ଅନୁଶୀଳନ କରୁଥିଲୁ । ଏହା କେବଳ ଆମକୁ ପରସ୍ପରର ନିକଟତର କରୁ ନଥିଲା, ଆମେ ପରସ୍ପରର ସମସ୍ୟା ସମ୍ପର୍କରେ ଅଧିକ ସଚେତନ ମଧ୍ୟ ହେଉଥିଲୁ ।

ମୋର ସାଙ୍ଗ ଗୋଷ୍ଠୀ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଥିଲା । ତାକୁ ସମସ୍ତେ ଭଲ ପାଉଥିଲେ । ତା'ର ମୃତ୍ୟୁ ପରେ ମୁଁ ମ୍ରିୟମାଣ ହୋଇପଡ଼ିଲି ଏବଂ ବଡ଼ ହେଲେ ଜୀବନ କି ପ୍ରକାର ମୋଡ଼ ନେବ ତାହା ଭାବି ବିବ୍ରତ ହେବାକୁ ଲାଗିଲି । ଶୈଶବ ଓ ବିତି ଯାଇଥିବା ଦିନ ଗୁଡ଼ିକ ବିଷୟରେ ମୁଁ ଚିନ୍ତା କରୁଥିଲି । ଅନେକ ସମୟରେ ମୋ ମା' ଘରେ ଥିବା ବେଳେ ବା କାମ କରୁଥିବା ବେଳେ କାନ୍ଦୁଥିବାର ମୁଁ ଦେଖିଥିଲି, ଯଦିଓ ତାଙ୍କର ଦୁଃଖ ସେ କାହାରିକୁ ଜଣାଇବା ପାଇଁ ଚାହୁଁନଥିଲେ । ଜୀବନକୁ ନେଇ ଆଶା ଓ ଆଶଙ୍କାରେ ମୁଁ ବିଚଳିତ ହୋଇ ପଡ଼ିଲି । ମୋ ସାଙ୍ଗ ମୋତେ ଛାଡ଼ି ଚାଲିଯାଇଥିଲା ସତ, କିନ୍ତୁ ତା'ର ମୃତ୍ୟୁ ମୋତେ ଭାବିବା ପାଇଁ ଖୋରାକ ଯୋଗାଇଲା ।

ବିବାହ କଲେ ସନ୍ତାନ ଜନ୍ମ କରିବାକୁ ପଡ଼ିବ ଏବଂ ମା' ହୋଇ କ୍ଷୁଧା ଓ ରୋଗରେ ସନ୍ତାନର ମୃତ୍ୟୁ ଦେଖିବା ଅତ୍ୟନ୍ତ ହୃଦୟ ବିଦାରକ ହେବ, ସେଥିପାଇଁ ସେ ବିବାହ କରିବ ନାହିଁ ବୋଲି କହୁଥିଲା । ଏହି ବିଷୟ ଯେତେ ଚିନ୍ତା କଲି ମୋର ମାନସିକ ଦ୍ୱନ୍ଦ୍ୱ ସେତିକି ବଢିଲା । ଏପରି ଭାବରେ ଜୀବନର ବୋଝ ବୋହି ଚାଲି ପାରିବି ବୋଲି ମୋର ମୋଟେ ବିଶ୍ୱାସ ହେଉନଥିଲା । ଭୟ ଓ ଆଶଙ୍କାରେ ମୁଁ ମଧ୍ୟ ଅବିବାହିତ ରହିବି ବୋଲି ସ୍ଥିର କରିନେଲି । ଅନେକ ସମୟରେ ମୁଁ ଭାବୁଥିଲି ଉପାସରେ ରହିବାକୁ ପଡୁ ପଛକେ ଅଲ୍‌ଟିପ୍ଲାନୋରେ ରହି କାମ କରିବି । ମୋ ବାନ୍ଧବୀ ଏବଂ ଦୁଇଜଣ ଭାଇ ସେଠାରେ ମରିଥିବାରୁ ମୁଁ ଫିନ୍‌କାକୁ ଘୃଣା କରୁଥିଲି । ବେଶୀ ମଦ ପିଇ ଜଣେ ଭାଇର ମୃତ୍ୟୁ ହୋଇଥିବା କଥା ମା' କହୁଥିଲେ । କ୍ଷୁଧାରେ ଅନ୍ୟ ଜଣଙ୍କର ମୃତ୍ୟୁ ହେବା ମୁଁ ନିଜେ ଆଖିରେ ଦେଖିଛି । ମୋ ମା'ଙ୍କ ଜୀବନକୁ ମୁଁ ମନେପକାଇଲି । ଗଳଦ୍‌ଘର୍ମ ହୋଇ କାମ କରୁଥିବାର ମୁଁ ତାଙ୍କୁ ଦେଖିଥିଲି । କିନ୍ତୁ ସେ କେବେ ଅଭିଯୋଗ କରୁନଥିଲେ । ଅନେକ ସମୟରେ କପର୍ଦ୍ଦକଟିଏ ମଧ୍ୟ ତାଙ୍କ ପାଖରେ ନଥାଏ । ଥରେ ମାସେ ଧରି ଗୋଟିଏ

Digitized by srujanika@gmail.com

ସେଣ୍ଟାଭୋ ମଧ୍ୟ ଆମ ପାଖରେ ନଥିବା କଥା ସେ କହୁଥିଲେ । କ୍ରୋଧରେ ମୁଁ ଫାଟି ପଡୁଥାଏ । ଜୀବନରେ ଆଉ କ'ଣ କରି ପାରିବୁ ବୋଲି ମୁଁ ନିଜକୁ ପଚାରିଲି । ସମସ୍ତେ ଯେପରି ଜୀବନ ଯନ୍ତ୍ରଣାକୁ ସହୁଥିଲେ, ତାହା ବ୍ୟତୀତ କିଛି ପନ୍ଥା ମୁଁ ଦେଖି ପାରିଲି ନାହିଁ । ମୋର ଉତ୍କଣ୍ଠା ବଢି ଚାଲିଲା ।

ଆମେ କିଛି ଭୁଲ୍ କରି ନଥିବାରୁ ସେଥର ସେମାନେ ଆମକୁ କାମରୁ ବାହାର କଲେ ନାହିଁ । ପ୍ରକୃତରେ ଏଥର ଆମ ଓଭରସିଅର ଅନ୍ୟ ଓଭରସିଅର ମାନଙ୍କଠାରୁ କମ୍ ଦୁର୍ଦ୍ଦାନ୍ତ ଥିଲା । ଆମେ ଯେଉଁ ଦୁଇଦିନ କାମ ବନ୍ଦ କରିଥିଲୁ, ସେଥିପାଇଁ ସେ ଆମକୁ ଛଟେଇ କରିବାକୁ ଚେଷ୍ଟା କରି ନଥିଲା କିମ୍ବା ମାସ ଶେଷରେ ଆମ ମଜୁରୀରୁ କିଛି କାଟି ନଥିଲା । ମୁଁ ଦୁଃଖରେ ପାଗଳ ପ୍ରାୟ ହୋଇ ଭାବୁଥିଲି - ଏ ସବୁକୁ ଯଦି ଜାଳିପୋଡ଼ି ଛାରଖାର କରି ଦିଆଯାଆନ୍ତା, ଲୋକେ ଆଉ ଏଠାକୁ ଆସି କାମ କରିବାର ପ୍ରଶ୍ନ ଉଠନ୍ତା ନାହିଁ । ଯେଉଁ ମାନେ ବିଷ ସ୍ପ୍ରେ କରିବା ଦ୍ୱାରା ମୋ ବାନ୍ଧବୀର ମୃତ୍ୟୁ ହୋଇଥିଲା ସେମାନଙ୍କୁ ମୁଁ ତା'ର ମୃତ୍ୟୁ ପାଇଁ ଦାୟୀ କରୁଥିଲି, ଏବଂ ଖୁବ୍ ଘୃଣା ମଧ୍ୟ କରୁଥିଲି । ସେଥର ଘରକୁ ଫେରିବା ବେଳେ ଦୁଃଖରେ ମୁଁ ମ୍ରିୟମାଣ ହୋଇ ପଡ଼ିଥିଲି । ମୋ ମା ମୋ ଠାରୁ ଏ ଖବର ଶୁଣି କାନ୍ଦିବାକୁ ଲାଗିଲେ । ମୁଁ କହିଲି: 'ମା', ମୁଁ ଆଉ ବଞ୍ଚିବାକୁ ଚାହେଁ ନାହିଁ । ମୁଁ ଛୋଟ ଥିବା ବେଳେ ହିଁ ମରି ଯାଇଥିଲେ ଭଲ ହୋଇଥାନ୍ତା ।' ମୋ ପିଲାଳିଆମି ପାଇଁ ସେ ମୋତେ ଗାଳି ଦେଲେ । କିନ୍ତୁ ଏହା ପିଲାଳିଆମି ନଥିଲା ବୋଲି ମୁଁ ଭଲ ଭାବରେ ଜାଣିଥିଲି । ଏହା ପରେ କେତେଜଣ ପାଦ୍ରୀଙ୍କ ସହିତ ମୋର ପରିଚୟ ହେଲା । ସ୍ପାନିଶ୍ ଜାଣି ନଥିବାରୁ ମୁଁ ସେମାନଙ୍କ ସହିତ କଥା ହୋଇପାରିଲିନି । କିନ୍ତୁ ସେମାନେ ଭଲ ଲୋକ ବୋଲି ମୁଁ ଜାଣିଥିଲି । ମୁଁ ଅନେକ କଥା ଜାଣିଥିଲି, କିନ୍ତୁ ସେଗୁଡ଼ିକୁ ପ୍ରକାଶ କରି ପାରୁନଥିଲି । ସ୍ପାନିଶ୍ ଭାଷା ଶିଖିବା ପାଇଁ ମୋ ଇଚ୍ଛା ସମ୍ପର୍କରେ ଦିନେ ବାପାଙ୍କୁ କହିଲି । କିନ୍ତୁ ମୋତେ କିଏ ବା ସ୍ପାନିଶ୍ ଶିଖାଇଥାନ୍ତା ! ବାପାଙ୍କ ପାଖରେ ଏଥିପାଇଁ ସମ୍ବଳ ମଧ୍ୟ ନଥିଲା । ପାଦ୍ରୀମାନଙ୍କୁ ଅନୁରୋଧ କଲେ ସେମାନେ ମୋ ପାଇଁ ହୁଏତ ବୃତ୍ତି ବ୍ୟବସ୍ଥା କରି ପାରିବେ ବୋଲି ମୁଁ କହିବାରୁ ବାପା ଏଥିରେ ରାଜି ହେଲେ ନାହିଁ । ମୁଁ ନିଜ ଗୋଷ୍ଠୀ ଛାଡ଼ି ଦୂରକୁ ଚାଲି ଯିବାପାଇଁ ଚେଷ୍ଟା କରୁଛି ବୋଲି ସେ ଭାବିଲେ । ସେ କହିଲେ: ' ତୁ ଆମର ପରମ୍ପରାକୁ ଭୁଲିଯିବୁ । ଗୋଷ୍ଠୀ ଛାଡ଼ି ଯିବା ଅର୍ଥ ସବୁ ଦିନ ପାଇଁ ଚାଲିଯିବା । ଏଥିପାଇଁ ମୁଁ ତୋତେ ସମର୍ଥନ କରି ପାରିବି ନାହିଁ ।' ମୋ ବାପା ସ୍କୁଲ ଓ ସେହିପରି ଅନ୍ୟ ଜିନିଷକୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ମୋର ଅନେକ ଜ୍ଞାତି ଭାଇ ଓ ଭଉଣୀ ପଢା ଲେଖା ଜାଣି ଥିଲେ ମଧ୍ୟ ଗୋଷ୍ଠୀର କାମରେ ଆସୁନଥିଲେ । ବାପା ସେମାନଙ୍କର ଉଦାହରଣ ଦେଉଥିଲେ । ପଢା ଲେଖା ଶିଖି ସେମାନେ ନିଜକୁ ଅଲଗା ଭାବୁଥିଲେ ଏବଂ ଗୋଷ୍ଠୀ ଠାରୁ ଦୂରେଇ ଯାଉଥିଲେ । ବାପାଙ୍କ ଠାରୁ ଏହା ଶୁଣିବା ପରେ ମଧ୍ୟ ପଢିବା ପାଇଁ ମୋର ଜିଦ୍ କମିଲା ନାହିଁ ।

Digitized by srujanika@gmail.com

ତା' ପରେ ଆମେ ଶେଷ ଥର ପାଇଁ ଫିନ୍‌କାକୁ ଗଲୁ । ଏହା ଥିଲା ଅନ୍ୟ ଏକ ଫିନ୍‌କା । ଜମି ମାଲିକମାନଙ୍କ ମଧ୍ୟରୁ ଜଣେ ମୁଁ ତା'ର ଚାକରାଣୀ ଭାବରେ କାମ କରିବି ବୋଲି ବାପାଙ୍କୁ ପ୍ରସ୍ତାବ ଦେଲା । ମୋ ବାପା ମନା କରିଦେଲେ । ସେ ଜାଣିଥିଲେ ଚାକରାଣୀ ଭାବରେ ମୋତେ ଭଲ ବ୍ୟବହାର ମିଳିବ ନାହିଁ । ତାଙ୍କ ଠାରୁ ଦୂରରେ ରହି ଏକୁଟିଆ ଦୁଃଖ ଭୋଗ କରିବା ଅପେକ୍ଷା ସମସ୍ତେ ଏକାଠି ମିଶି ଦୁଃଖ ଭୋଗ କରିବା ଶ୍ରେୟସ୍କର ବୋଲି ସେ ଭାବୁଥିଲେ । ବାପାଙ୍କର ପ୍ରତିବାଦ ସତ୍ତ୍ୱେ ମୋ ବଡ଼ ଭଉଣୀ ଚାକରାଣୀ ହୋଇ ରାଜଧାନୀକୁ ଯିବା ପାଇଁ ସ୍ଥିର କରିଥିଲା । ସେ ନିଜ ଧ୍ୱଂସ ଆଡ଼କୁ ଯାଉଛି ବୋଲି ମୋ ବାପାଙ୍କର ଦୃଢ ଧାରଣା ଥିଲା । କିଏ ଜାଣେ ତାକୁ କୁଆଡ଼େ ଯିବାକୁ ପଡ଼ିବ ! ଆମେ ଚାକରାଣୀ ଭାବେ ରାଜଧାନୀରେ କାମ କରୁ, ଏହା ବାପା ମୋଟେ ଚାହୁଁନଥିଲେ । ସେ ଓ ମା' ଉଭୟ ଆମକୁ ପିଲା ବେଳୁ ଯାହା ସବୁ ଶିଖାଇ ଥିଲେ ଆମେ ତାକୁ ଭୁଲିଯିବୁ, ଏହି ଆଶଙ୍କା ତାଙ୍କର ଥିଲା ।

ମୋ ଭଉଣୀ ବାହାରିଗଲା, କିନ୍ତୁ ମୁଁ ମୋ ବାପା ମା'ଙ୍କ ସହିତ ରହିଲି । ମାସେ ପରେ ବାପା ତାକୁ ଦେଖିବାକୁ ଗଲେ ଏବଂ ସହରରୁ ଫେରି ମୋତେ କହିଲେ : ' ତୋ ଭଉଣୀ ଭଲ ଅଛି ସତ, କିନ୍ତୁ ସେ ଯାହା କରୁଛି ତାହା ଆମ କାମ ଠାରୁ ଅଲଗା । ତା ଛଡ଼ା ଧନୀ ଲୋକମାନେ ଆମକୁ ତ ମଣିଷରେ ଗଣନ୍ତି ନାହିଁ ।' ମୁଁ କହିଲି, ସେମାନେ ତାକୁ ଭଲ ବ୍ୟବହାର କରନ୍ତୁ ବା ନକରନ୍ତୁ ସେ ଅନ୍ତତଃ ସ୍ପାନିଶ୍ ପଢିବା ଓ ଲେଖିବା ଶିଖିପାରିବ । ଏଇ ଆକାଂକ୍ଷା ହିଁ ମୋର ମୁଣ୍ଡରେ ବସା ବାନ୍ଧିଥିଲା । କିନ୍ତୁ ଜୀବନ ଦୁର୍ବିସହ ହେବାରୁ କିଛି ଦିନ ପରେ ମୋ ଭଉଣୀ ଘରକୁ ଫେରି ଆସିଲା । ସେ କହୁଥିଲା ପୃଥିବୀର କୌଣସି ଜିନିଷ ପାଇଁ ବି ସେ ଆଉ ଧନୀ ଲୋକଙ୍କର ଦ୍ୱାରସ୍ଥ ହେବ ନାହିଁ । ଧନୀ ଲୋକମାନେ ଖରାପ ବୋଲି ତା'ର ଦୃଢ ଧାରଣା ହୋଇଯାଇଥିଲା । କିନ୍ତୁ ଆମ କାମ ଠାରୁ ତାହା କିପରି ବେଶୀ କଠିନ ହୋଇପାରେ, ତାହା ମୁଁ ବୁଝିପାରୁନଥିଲି । ଆମେ ଯେତେ କଠିନ କାମ କରୁଥିଲୁ, ତାହା ଠାରୁ ବେଶୀ କଠିନ କାମ କରିବା ସମ୍ଭବ ନୁହେଁ ବୋଲି ମୁଁ ଭାବୁଥିଲି । ଏହି କାରଣରୁ ରାଜଧାନୀରେ ଚାକରାଣୀ କାମ କରିବାକୁ ମୁଁ ବାହାରିପଡ଼ିଲି । ସେତେବେଳେ ମୋର ବୟସ ହୋଇଥାଏ ତେର ବର୍ଷରୁ ମଧ୍ୟ କମ୍ । □

Digitized by srujanika@gmail.com

୧୪

ରାଜଧାନୀରେ ଜଣେ ଚାକରାଣୀ

> 'ମୁଁ କେବେ ଅବାଧ ହୋଇପାରୁନଥିଲି । ଏବଂ ସେହି ମାଲିକମାନେ ମୋର ଏହି ଦୁର୍ବଳତାର ସୁଯୋଗ ନେଉଥିଲେ । ସେମାନେ ମୋ ନିରାହପଣିଆର ଫାଇଦା ଉଠାଉଥିଲେ ।'
>
> ରିଗୋବେର୍ଟା ମେଞ୍ଚୁ

ଆମେ ଯେତେବେଳେ ଫିନ୍‌କାରୁ ବାହାରିଲୁ, ଜମି ମାଲିକର ରକ୍ଷୀମାନେ ଆମକୁ ଅନୁସରଣ କଲେ । ସେମାନଙ୍କ ନିକଟରେ ଅସ୍ତ୍ର ଶସ୍ତ୍ର ଥିଲା । ମୁଁ ଖୁବ୍ ଡ଼ରିଗଲି; କିନ୍ତୁ ନିଜକୁ କହିଲି, ମୁଁ ସାହସ ହରାଇବି ନାହିଁ, ସେମାନେ ମୋର କିଛି କରିପାରିବେ ନାହିଁ । ମୋ ବାପା କହିଲେ: 'ତୋର କିଛି ହେବ କି ନାହିଁ ମୁଁ ଜାଣେ ନାହିଁ; କିନ୍ତୁ ମୁଁ ଭଲ ଭାବରେ ଜାଣେ ଯେ ତୁ ଜଣେ ବିଜ୍ଞ ଓ ବୁଦ୍ଧିମତୀ ଝିଅ ।'

ଆମେ ରାଜଧାନୀରେ ପହଞ୍ଚିଲୁ । ଫିନ୍‌କାରେ କାମ କରି ମୋ ପୋଷାକ ଛିଣ୍ଡା , ମଇଳା ଓ ପୁରୁଣା ହୋଇଯାଇଥିଲା । ଗୋଟିଏ ସୂତାର ଚାଦର ମୋର ଏକମାତ୍ର ସମ୍ପତ୍ତି ଥିଲା । ମୋର ଜୋତା ନଥିଲା ଏବଂ ଜୋତା ପିନ୍ଧିଲେ କିପରି ଲାଗେ ମଧ୍ୟ ମୋତେ ଜଣା ନଥିଲା । ମାଲିକର ସ୍ତ୍ରୀ ଘରେ ଥାଏ । ରୋଷେଇ କରିବା ପାଇଁ ଆଉ ଜଣେ ଚାକରାଣୀ ଝିଅ ଥିବାରୁ ସବୁ ସଫା କରିବା କାମ ମୋ ଭାଗରେ ପଡ଼ିଲା । ସେ ଝିଅଟି ଲାଡ଼ିନୋମାନଙ୍କ ପୋଷାକ ପିନ୍ଧୁଥିଲା ଏବଂ ସ୍ପାନିଶ୍ କହି ପାରୁଥିଲା । ମୁଁ ସ୍ପାନିଶ ତ କହି ପାରୁନଥିଲି; କିନ୍ତୁ ଫିନ୍‌କାର ଓଭରସିଅରମାନେ ଆମକୁ ଆଦେଶ ଦେବାବେଳେ, କାମ ବରାଦ କଲାବେଳେ ଓ ଧମକ ଦେବାବେଳେ ଯେଉଁ ଭାଷା ପ୍ରୟୋଗ କରୁଥିଲେ, ସେଥିରୁ ସାମାନ୍ୟ ସ୍ପାନିଶ୍ ଶିଖିଥିଲି ।

ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ହୋଇଥିଲେ ମଧ୍ୟ ଶ୍ରମିକମାନଙ୍କ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଭାରତୀୟ ଭାଷା ବ୍ୟବହାର କରୁନଥିଲେ । ମାଲିକାଣୀ ସେହି ଝିଅଟିକୁ ଡ଼ାକି ମୋତେ ମୋ ରହିବା ସ୍ଥାନକୁ ନେଇ ଯିବା ପାଇଁ କହିବାରୁ ସେ ମୋତେ ଉଦାସ ଚାହାଣୀ ଟିଏ ଦେଇ ତାକୁ ଅନୁସରଣ କରିବାକୁ କହିଲା । ସେ ମୋତେ ଯେଉଁ କୋଠରୀକୁ ନେଇଗଲା ତାହାର ଗୋଟିଏ କୋଣରେ ବାକ୍ସର ଥାକଟିଏ ଏବଂ ମଇଳା

Digitized by srujanika@gmail.com

ରଖିବା ପାଇଁ ବ୍ୟବହାର ହେଉଥିବା ପ୍ଲାଷ୍ଟିକର ବ୍ୟାଗ ଗୁଡ଼ିଏ ଥିଲା । ଛୋଟ ବିଛଣାଟିଏ ମଧ୍ୟ ସେଠାରେ ଥିଲା । ବିଛଣାଟିକୁ ବାହାର କରି ଗୋଟିଏ ସପ ଏବଂ ତା' ଉପରେ କମ୍ବଳ ପକାଗଲା । ମୁଁ ଘୋଡ଼ିବା ପାଇଁ କିଛି ନଥିଲା ।

ମୋର ମନେଅଛି, ପ୍ରଥମ ରାତିଟି ମୁଁ କ'ଣ କରିବି ଜାଣିପାରିଲି ନାହିଁ । ସେତେବେଳେ ମୋ ଭଉଣୀ ଏପରି ଅବସ୍ଥାରେ କିପରି ଅନୁଭବ କରିଥିବ ମୁଁ ଅନୁମାନ କରି ପାରିଲି । ପରେ ମାଲିକାଣୀ ମୋତେ ଡ଼ାକି କିଛି ବିନ୍ ଓ କିଛି ଟାଣ ମକା ପିଠା ଖାଇବାକୁ ଦେଲେ । ସେ ଘରେ ଗୋଟିଏ ସୁନ୍ଦର ଧଳା ଓ ମୋଟା କୁକୁର ଥିଲା । କୁକୁରଟି ପାଇଁ ଯେତେବେଳେ ମାଂସ, ଭାତ ଇତ୍ୟାଦି ଆସିଲା, ତାହା ଦେଖି ମୋତେ ଖୁବ୍ ଦୁଃଖ ଲାଗିଲା । କୁକୁରଠାରୁ ମଧ୍ୟ ମୁଁ ଥିଲି ହୀନ । ଅବଶ୍ୟ ଘରେ ମୁଁ ମକାପିଠା ହିଁ ଖାଉଥିଲି । ତେଣୁ କୁକୁର ଖାଦ୍ୟ ପାଇଁ ଅଯଥା ଦୁଃଖ ନକରି ମୁଁ ଭାଗ୍ୟକୁ ଆଦରି ରହିଲି । ଦ୍ୱିତୀୟ ଚାକରାଣୀ ଝିଅଟି ଆସି ମୋତେ ମନେ ପକାଇଦେଲା, ପରଦିନ ସକାଳେ ମୋତେ କାମ କରିବା ପାଇଁ ଶୀଘ୍ର ଉଠିବାକୁ ପଡ଼ିବ । ରାତି ତିନିଟାରୁ ମୋତେ ଆଉ ନିଦ ହେଲା ନାହିଁ । ଭଲ ବିଛଣା ନଥିଲା ବୋଲି ମୋର କ୍ଷୋଭ ନଥିଲା ।

ଘରେ ମୁଁ ଚଟାଣ ଉପରେ ସପ ପାରି ଶୋଉଥିଲି ଏବଂ ବେଳେବେଳେ ଦେହ ଘୋଡ଼େଇ ହେବା ପାଇଁ ଆମ ପାଖରେ କିଛି ନଥିଲା । କିନ୍ତୁ ଏଠାରେ ଏକାଠି ରହୁଥିଲେ ମଧ୍ୟ ଅନ୍ୟ ଝିଅଟି ଆରାମଦାୟକ ବିଛଣାରେ ଶୋଉଥିଲା । ଏହାର କାରଣ ଥିଲା ସେ ଲାଡ଼ିନୋ ପୋଷାକ ପିନ୍ଧୁଥିଲା ଓ ସ୍ପାନିଶ୍ କହୁଥିଲା । ପରେ ଅବଶ୍ୟ ଆମେ ପରସ୍ପରକୁ ଭଲ ଭାବରେ ଜାଣିଲୁ । ମାଲିକମାନେ ଖାଇବା ପରେ ଯାହା ବଳୁଥିଲା ତାହାକୁ ସେ ଖାଉଥିଲା । ଦିନେ ଦିନେ ସେତିକି ମଧ୍ୟ ନମିଳିଲେ ବାସି ବିନ୍, ମକାପିଠା କିମ୍ବା ଫ୍ରିଜ୍‌ରୁ କିଛି ବଳକା ଜିନିଷ ଖାଇ ତାକୁ ରହିବାକୁ ପଡୁଥିଲା । ଆମେ ପରସ୍ପରକୁ ଜାଣିବା ପରେ ସେ ମୋତେ ମଧ୍ୟ କିଛି କିଛି ଖାଇବା ଜିନିଷ ଦେଉଥିଲା ।

ସକାଳ ତିନିଟାରେ ମୁଁ କହିଲି: 'ହେ ଭଗବାନ, ମୋ ବାପା ମା' ବର୍ତ୍ତମାନ କାମ କରୁଥିବେ । ଆଉ ମୁଁ ଏଇଠି ଅଛି ।' ମୁଁ ନିଜକୁ ନିଜେ ବୁଝାଇଲି - କିଛି ପଢାଶୁଣା କରି ନିଶ୍ଚୟ ଘରକୁ ଫେରିଯିବି । ତା'ପରେ ପାଞ୍ଚଟା ବାଜିଲା, ଛ'ଟା ବାଜିଲା; କିନ୍ତୁ ମୋ କଳ୍ପନାର ଖିଅ ସରିଲା ନାହିଁ । ସାତଟା ବେଳେ ଅନ୍ୟ ଝିଅଟି ବିଛଣାରୁ ଉଠି ମୋତେ ଡ଼ାକିଲା ବାସନ ଧୋଇବା ପାଇଁ । ପୋଷାକ ନବଦଳାଇ ମୁଁ କାମରେ ଲାଗିଲି । ମାଲିକାଣୀ ଆସି କହିଲେ: 'ଏହି ଅପରିଚ୍ଛନ୍ନ ଝିଅଟିକୁ ବାସନ ସଫା କରିବାକୁ କିଏ ଦେଲା ?' ଘର ଝାଡୁ କରିବା ପାଇଁ ମୋତେ କହିଲେ । ମୁଁ ଅଗଣା ସଫା କରିବା ପାଇଁ ବାହାରକୁ ଗଲି । ଏହାପରେ ପାଣିଦେବା ଓ ଲୁଗା ସଫା କରିବା ଇତ୍ୟାଦି କାମ ମୋତେ ବରାଦ କରାଗଲା । ଭଲ ଭାବରେ କାମ ନକଲେ ଚାକିରୀରୁ ବାହାର କରି ଦିଆଯିବ ବୋଲି ଧମକ ମଧ୍ୟ ମୋତେ ଦିଆଗଲା ।

Digitized by srujanika@gmail.com

ପୂର୍ବରୁ ବାପାଙ୍କ ସହିତ ଆସିଥିଲେ ମଧ୍ୟ ସହର ସମ୍ପର୍କରେ ମୁଁ କିଛି ଜାଣିନଥିଲି । ସେତେବେଳେ ଆମେ କେବଳ ଗୋଟିଏ ସ୍ଥାନକୁ କିମ୍ବା କୌଣସି ଅଫିସକୁ ଯାଉଥିଲୁ । ସଂଖ୍ୟା ବା ରାସ୍ତାର ନାମ ପଢି ନପାରିବା ହେତୁ ସହରରେ କୁଆଡ଼େ ଯିବା ମୋ ପକ୍ଷରେ ସମ୍ଭବ ନଥିଲା ।

ତେଣୁ ମାଲିକାଣୀ ଯାହା କହୁଥିଲେ ମୁଁ ତାହା କରୁଥିଲି । ପ୍ରାୟ ଏଗାରଟା ବେଳକୁ ସମସ୍ତେ ଖାଇ ସାରିବା ପରେ ମୋ କଥା ସେମାନଙ୍କର ମନେପଡୁଥିଲା । ତାଙ୍କ ଖାଇବା ପରେ ଯାହା ବଳୁଥିଲା ମୋତେ ସେତିକି ହିଁ ମିଳୁଥିଲା । ସେଥିରେ ପେଟ ବି ଭଲ ଭାବରେ ପୂରୁନଥିଲା । ଘରେ ଯେ ଆମକୁ ଯଥେଷ୍ଟ ଖାଇବା ପାଇଁ ମିଳୁଥିଲା ତାହା ନୁହେଁ; କିନ୍ତୁ ଲୁଣ ସହିତ ହେଲେ ମଧ୍ୟ ଆମେ ଅନ୍ତତଃ ମକାପିଠା ନିୟମିତ ଖାଉଥିଲୁ । ମୁଁ ଚିନ୍ତିତ ହୋଇ ପଡ଼ିଲି । ସାଢେ ଏଗାରଟା ବେଳେ ଗୋଟିଏ କୋଠରୀକୁ ଡ଼ାକିନେଇ ମାଲିକାଣୀ ମୋତେ କହିଲେ: ' ତୁ ଏପରି ପୋଷାକ ପିନ୍ଧୁଛୁ ଯାହା ମୋ ପାଇଁ ଲଜ୍ଜାକର ହେଉଛି । ନୂଆ ସ୍କର୍ଟ, ବ୍ଲାଉଜ ଓ ଜୋତା ହଳେ କିଣିବା ପାଇଁ ମୁଁ ତୋତେ ଦୁଇ ମାସର ଦରମା ଅଗ୍ରୀମ ଦେଉଛି । ମୋ ବନ୍ଧୁ ମାନେ ଆସୁଛନ୍ତି । ତୋତେ ଏପରି ପୋଷାକରେ ଦେଖି କ'ଣ ଭାବିବେ ? ବଡ଼ ଲୋକଙ୍କ ସାମନାକୁ ବାହାରିବା ପାଇଁ ତୋତେ ତୋର ଆଚାର ବ୍ୟବହାର ବଦଳାଇବାକୁ ପଡ଼ିବ ।' ମାଲିକାଣୀଙ୍କୁ ଜବାବ ଦେବା ପାଇଁ ଯଥେଷ୍ଟ ସ୍ପାନିଶ୍ ମୋତେ ଜଣାନଥିଲା । ମୁଁ କେବଳ ଭାବୁଥିଲି ଏହି ସ୍ତ୍ରୀ ଲୋକଟିକୁ ପାହାଡ଼ ଉପରକୁ ପଠାଇ ଦେଇପାରନ୍ତିକି; ମୋ ମା' ଯେତେ କାମ କରନ୍ତି ତାକୁ ଦେଖି ନିଜେ କେତେ କ୍ଷୁଦ୍ର - ସେ ବୁଝି ପାରନ୍ତା ।

ମାଲିକାଣୀ ବଜାରକୁ ଯାଇ ଗୋଟିଏ ସବୁଠାରୁ ସାଧା ସ୍କର୍ଟ ଓ ବ୍ଲାଉଜ ନେଇ ଆସିଲେ । ବ୍ଲାଉଜର ମୂଲ୍ୟ ତିନି କ୍ୱେଜାଲ ଓ ସ୍କର୍ଟର ମୂଲ୍ୟ ପନ୍ଦର କ୍ୱେଜାଲରୁ ବେଶୀ ହୋଇନଥିବ । ମୋର ପୁରୁଣା ବେଲ୍ଟ୍ ରେ କାମ ଚଳାଇବାକୁ ପଡ଼ିଲା । ଦୁଇ ମାସର ଦରମାରେ ଜୋତା ହଳେ କିଣିବା ସମ୍ଭବ ନଥିଲା ବୋଲି ମୋତେ କୁହାଗଲା । ସ୍କର୍ଟ ପାଇଁ ଯେଉଁ କେତେ ଗଜ କନା ଆସିଥିଲା ସେଥିରୁ ଦୁଇଟି ସ୍କର୍ଟ ତିଆରି କରାଯାଇପାରିଲା । ମୁଁ ସିଲାଇ, ଏମ୍ବ୍ରଇଡ଼ରୀ ଇତ୍ୟାଦି କାମ ଜାଣିଥିଲି । ଅନ୍ୟ ଝିଅଟି ଏହା ଜାଣି ବ୍ଲାଉଜ କରିବା ପାଇଁ ମୋତେ କିଛି କନା ଦେଲା । ସ୍କର୍ଟ ପିନ୍ଧି ସାରି ତାଙ୍କ କୋଠରୀକୁ ଯାଇ ବିଛଣା ପାରି ଦେବାପାଇଁ ମାଲିକାଣୀ ଆଦେଶ ଦେଇଯାଇଥିଲେ । ମୋତେ ଆଉଥରେ ଗାଧୋଇବାକୁ ମଧ୍ୟ ପଡ଼ିଲା । ଶେଯ ପାରିବାରେ ମୋର ଦୋଷ ବାଛିବାରେ ସେ କ୍ଷମା ଦେଲା କଲେ ନାହିଁ; ମୋତେ ଉପଯୁକ୍ତ ତାଲିମ ନଦେଇଥିବାରୁ ଅନ୍ୟ ଝିଅଟିକୁ ମଧ୍ୟ ଗାଳି ଶୁଣିବାକୁ ପଡ଼ିଲା । ମୁଁ ତା'ଠାରୁ ଘର ଓ ବିଛଣା ଝାଡ଼ିବା ଓ ପାଇଖାନା ସଫା କରିବା କାମ ଶିଖିଲି ।

ଏହି ସମୟରେ ମୋର ଜେଜେମା' କହି ଥିବା ଉକ୍ତିର ସତ୍ୟତା ମୁଁ ଉପଲବ୍ଧି କଲି । ଧନୀ ଲୋକଙ୍କର ଥାଳି ମଧ୍ୟ ଚିକ୍ ଚିକ୍ କରେ ବୋଲି ସେ କହୁଥିଲେ । ପ୍ରକୃତରେ ସେମାନଙ୍କ

Digitized by srujanika@gmail.com

ପାଇଖାନା ମଧ୍ୟ ଚିକ୍ ଚିକ୍ କରେ । ଆମ ନିଜ ଘରେ ପାଇଖାନା ଗୋଟିଏ ସ୍ୱପ୍ନ । ମୋ ବାପା ମା', ଜେଜେବାପା ଓ ଜେଜେ ମା'ଙ୍କର ଉପଦେଶ ମନେପକାଇ ମୁଁ ବିମର୍ଷ ହୋଇପଡ଼ିଲି । ଏହା ଭିତରେ ଝାଡ଼ିବା, ଧୋଇବା ଓ ଇସ୍ତ୍ରୀ କରିବା ମୁଁ ଶିଖି ଯାଇଥାଏ । ଏହା ମଧ୍ୟରୁ ଇସ୍ତ୍ରୀ କରିବା ସବୁଠାରୁ କଷ୍ଟସାଧ କାର୍ଯ୍ୟ ଥିଲା । ପୂର୍ବରୁ ମଁ କେବେ ଇସ୍ତ୍ରୀ ବ୍ୟବହାର କରି ନଥିଲି । ଜମି ମାଲିକର ତିନୋଟି ପିଲା ଥିଲେ ଓ ସେମାନେ ଦିନ ଭିତରେ ଅନେକ ଥର ପୋଷାକ ବଦଳାଉଥିଲେ । ସେମାନେ ଏଣେ ତେଣେ ପକାଉଥିବା ଲୁଗାକୁ ସଫା ଓ ଇସ୍ତ୍ରୀ କରି ଠିକଣା ସ୍ଥାନରେ ରଖିବାକୁ ପଡୁଥିଲା । ଏଣେ ମାଲିକାଣୀଙ୍କ ନଜର ସବୁବେଳେ ମୋ ଉପରେ ଥାଏ । ସେ ମୋତେ କୁକୁର ଠାରୁ ମଧ୍ୟ ହୀନ ବୋଲି ଭାବୁଥିଲେ । କୁକୁରକୁ ତ ବରଂ ସେ କେତେ ଗେହ୍ଲା କରୁଥିଲେ । ସେମାନଙ୍କ ବଗିଚାରେ କିଛି ଗଛ ଲଗାଇ ମୁଁ ସେଥିରୁ ଆନନ୍ଦ ପାଇବାକୁ ଚେଷ୍ଟା କଲି । କ୍ରମେ ସବୁ କାମ ମୁଁ ସହଜରେ କରିପାରିଲି । କିନ୍ତୁ ମାଲିକାଣୀ ମୋ ପାଇଁ ଲୁଗା କିଣିବାରେ ଖର୍ଚ୍ଚ କରିଥବାରୁ ମୋତେ ଦୁଇମାସ ବିନା ଦରମାରେ କାମ କରିବାକୁ ପଡ଼ିଲା ।

ଆମେ ଏଇ ଧନୀ ବୁଢ଼ୀ ସ୍ତ୍ରୀ ଲୋକ ପାଇଁ ଯେତେ କାମ କରୁଥିଲୁ, ଆମ ବାପା ମା'ଙ୍କ ପାଇଁ ମଧ୍ୟ ସେତେ କଠିନ ପରିଶ୍ରମ କରୁ ନଥିଲୁ । ତଥାପି ଶନିବାର ଦିନ ମାଲିକାଣୀ ଆମ ମୁହଁ ଦେଖିବାକୁ ମନା କରୁଥିଲା । ଏହାହିଁ ଥିଲା ରାଜଧାନୀରେ ଭାରତୀୟ ଝିଅମାନଙ୍କର ଅବସ୍ଥା । ଶନିବାର ସଂଧ୍ୟାରେ ଆମକୁ ବାହାରକୁ ଯିବା ପାଇଁ ଅନୁମତି ମିଳୁଥିଲା ସତ, କିନ୍ତୁ ଶୋଇବା ପାଇଁ ଆମକୁ ସ୍ଥାନ ଖୋଜିବାକୁ ପଡୁଥିଲା । ଚାକରାଣୀମାନଙ୍କୁ ବେଶ୍ୟାବୃତ୍ତି ପାଇଁ ପ୍ରବର୍ତ୍ତାଇବାର ଏହା ଥିଲା ଏକ ରାସ୍ତା । ଆମେ ଶନିବାର ବାହାରକୁ ଯାଇ ରବିବାର ଦିନ ଫେରି ଆସୁଥିଲୁ । ସୌଭାଗ୍ୟକୁ ମୋ ସାଥୀ ଝିଅଟିର କିଛି ବନ୍ଧୁ ସହରରେ ରହୁଥିଲେ । ଆମେ ଦୁଇଜଣ ସେମାନଙ୍କ ଘରେ ରହି ଯାଉଥିଲୁ । ମୁଁ ଯଦି ଏକୁଟିଆ ହୋଇଥାନ୍ତି ମୋର ଅବସ୍ଥା କ'ଣ ହୋଇଥାନ୍ତା ମୁଁ କଳ୍ପନା କରି ପାରୁନାହିଁ । ମୋତେ ବୋଧହୁଏ ରାସ୍ତାରେ ରହିବାକୁ ପଡ଼ିଥାନ୍ତା । ମୋତେ ଘରୁ ବାହାର ନକରି ଦେବାକୁ ମାଲିକାଣୀଙ୍କୁ ମୁଁ କେବେ କହି ପାରିନଥାନ୍ତି । ସହରରେ ମୁଁ ରାସ୍ତା ମଧ୍ୟ ଖୋଜି ପାଇନଥାନ୍ତି । ଝିଅଟି ମୋତେ ତା' ସାଙ୍ଗ ଘରକୁ ନେଇଗଲା । ପ୍ରତି ଶନିବାର ଦିନ ଆମେ ସେଠାକୁ ଶୋଇବା ପାଇଁ ଯାଉ ଏବଂ ରବିବାର ଦିନ ରାତି ଫେରିଆସୁ ।

ଜମି ମାଲିକର ପୁଅମାନେ ଆମ ପ୍ରତି ଭାରି ଖରାପ ବ୍ୟବହାର କରୁଥିଲେ । ସେମାନଙ୍କ ମଧ୍ୟରୁ ଜଣକୁ ପ୍ରାୟ ବାଇଶି ବର୍ଷ ହୋଇଥିବ । ଆଉ ଜଣକୁ ପ୍ରାୟ ପନ୍ଦର ଓ ସବୁ ଠାରୁ ସାନ ପୁଅକୁ ପ୍ରାୟ ବାର ବର୍ଷ ହେବ । ସେମାନେ ଏତେ ନିକମା ଯେ କୁଟା ଖଣ୍ଡକୁ ଦୁଇଖଣ୍ଡ କରୁନଥିଲେ । ଖାଇବା ଥାଳିକୁ ଆମ ଉପରକୁ କେବଳ ଫୋପାଡ଼ି ଦେଉନଥିଲେ , ସେମାନେ ଆମକୁ ଯାବତୀୟ ଗାଳି ମଧ୍ୟ ଦେଉଥିଲେ । ମାଲିକାଣୀ ଦିନ ତମାମ କ'ଣ

Digitized by srujanika@gmail.com

କରୁଥିଲା ଭଗବାନଙ୍କୁ ଜଣା, କିନ୍ତୁ ଘରେ ପହଞ୍ଚୁ ପହଞ୍ଚୁ ଆମ ଉପରେ ଗାଳି ବର୍ଷଣ ହେଉଥିଲା । କେଉଁଠି ଟିକିଏ ଧୂଳି ରହିଯାଇଛି କିମ୍ବା କେଉଁ ବହି ଝଡ଼ା ହୋଇନାହିଁ, ସବୁ ଅଭିଯୋଗ ଅଜାଡ଼ି ହୋଇପଡ଼େ ଆମ ଉପରେ । ସବୁ ଜିନିଷ ତଦାରଖ କରିବା ପରେ ସେ ଶୋଇପଡୁଥିଲା । ରାତିରେ ନିଦରୁ ଉଠି ବିଛଣା ନିକଟକୁ ଖାଦ୍ୟ ଆଣିବା ପାଇଁ ସେ ଆଦେଶ ଦେଉଥିଲା, ହାତ ଧୋଇବା ପାଇଁ ଗରମ ପାଣି ଓ ଖାଦ୍ୟ ନେଇ ଅନ୍ୟ ଝିଅଟି ମାଲିକାଣୀଙ୍କ ନିକଟକୁ ଯାଉଥିଲା । ସକାଳେ ବାପା ପୁଅ ସମସ୍ତେ ବିଛଣାରେ ଶୋଇ ଚପଲ ଠାରୁ ଆରମ୍ଭ କରି ସବୁ ଜିନିଷ ଫର୍ମାଶ୍ କରୁଥିଲେ । ଜଳଖିଆରେ କୌଣସି ପ୍ରିୟ ଖାଦ୍ୟ ସାମଗ୍ରୀର ଅଭାବ ଥିଲେ ସେମାନେ ଆମ ଉପରେ ରାଗି ଖପ୍ପା ହୋଇଯାଉଥିଲେ । ଆମେ କିଛି କାମ ନକରି କୁଆଡ଼େ ମଜୁରୀ ନେଉଥିଲୁ । ଦ୍ୱିତୀୟ ଚାକରାଣୀ ଜଣକ ସବୁ କଥା ପାଇଁ ମୋ ଉପରେ ନିର୍ଭର କରୁଥିଲା । ମୁଁ ତା' ସହିତ ଶତୃତା ନକରି ସବୁ ମତେ ସାହାଯ୍ୟ କରିବା ପାଇଁ ଚାହୁଁଥିଲି, ଏକଥା ସେ ଉପଲବ୍ଧି କରିଥିଲା ।

ବେଳେବେଳେ ଜମି ମାଲିକ ପରିବାରର ଦୁର୍ବ୍ୟବହାର ବେଶୀ ଅସହ୍ୟ ହୋଇ ପଡୁଥିଲା । ଦିନେ ଆମେ ଦୁଇଜଣ ମାଲିକାଣୀ ଯେତେ ଗାଳି ଦେଲେ ବି ଦବିଯିବୁ ନାହିଁ ବୋଲି ଠିକ୍ କଲୁ । କେବଳ ତାଙ୍କୁ ରଗାଇବା ପାଇଁ ଆମେ କେତେକ କାମ କରିବା ବନ୍ଦ କରିଦେଲୁ । ସେ ଖୁବ୍ ପାଟି କଲେ । କିନ୍ତୁ ସେ ଯେତେ ଚିତ୍କାର କଲେ ଆମର ଜିଦ୍ ସେତିକି ବଢିଲା । ସେଠାରୁ ଚାଲିଯାଇ ଅନ୍ୟତ୍ର କାମ ଖୋଜିବା ପାଇଁ ଅନ୍ୟ ଚାକରାଣୀଟି ମୋତେ ପ୍ରସ୍ତାବ ଦେଲା । ମୁଁ କିନ୍ତୁ ସହଜରେ ଏ ପ୍ରକାର ନିଷ୍ପତ୍ତି ନେବା ଅବସ୍ଥାରେ ନଥିଲି । ସହରକୁ ମୁଁ ଭଲ ଭାବରେ ଜାଣି ନଥିଲି ଏବଂ ଅନ୍ୟ କେଉଁ ସ୍ଥାନ ଯେ ଏହାଠାରୁ ଭଲ ହୋଇଥିବ ଏଥିରେ କୌଣସି ନିଶ୍ଚିତତା ନଥିଲା । ପରେ ମୁଁ ଜାଣିଲି ଯେ ମୋ ସାଙ୍ଗ ଝିଅଟି ତା' ପୁଅମାନଙ୍କ ସହିତ ଦୈହିକ ସମ୍ପର୍କ ରଖିବାକୁ ମନା କରିଦେଇଥିବାରୁ ମାଲିକାଣୀର କ୍ରୋଧର ଶିକାର ହୋଇଥିଲା । ଅପେକ୍ଷାକୃତ ଅଳ୍ପ ବୟସରୁ ପୁଅମାନେ ନାରୀ ସହିତ ଦୈହିକ ସମ୍ପର୍କ ରଖି ଶିଖିବା ଆବଶ୍ୟକ ବୋଲି ସେ ଭାବୁଥିଲା; ଏବଂ ସେଥିପାଇଁ ଚାକରାଣୀକୁ କିଛି ଅଧିକ ଟଙ୍କା ଦେବା ପାଇଁ ମଧ୍ୟ ସେ ପ୍ରସ୍ତୁତ ଥିଲା । ସେ ଝିଅଟି ଏହି ସର୍ତ୍ତରେ ରାଜି ନହେବାରୁ ମାଲିକାଣୀ ତା ପ୍ରତି ରୁକ୍ଷ ବ୍ୟବହାର କରୁଥିଲା । ମୁଁ ପରିଷ୍କାର ପରିଚ୍ଛନ୍ନ ରହିଲେ ଦିନେ ତା' ପୁଅମାନଙ୍କ ପାଇଁ ଯୋଗ୍ୟ ହୋଇପାରିବି - ଏହି ଆଶା ତା'ର ଥିଲା । ଏହି କାରଣରୁ ସେ ମୋ ପ୍ରତି ଖରାପ ବ୍ୟବହାର କରୁଥିଲା, କିନ୍ତୁ ଘରୁ ବାହାର କରି ଦେଉନଥିଲା ।

ସେହି ଧନୀ ଲୋକର ଘରେ ପ୍ରାୟ ଦୁଇମାସ ରହିବା ପରେ ମୋ ବାପା ମୋତେ ଦେଖିବା ପାଇଁ ଆସିଲେ । ମୋ ମାଲିକ ଓ ମାଲିକାଣୀ ଠାରୁ କାଳେ ରୁକ୍ଷ ବ୍ୟବହାର ପାଇବେ ସେଥିପାଇଁ ସେ ତାଙ୍କ ଘରକୁ ଆସନ୍ତୁ ବୋଲି ମୁଁ ମୋଟେ ଚାହୁଁନଥିଲି । ମୋରି ପରି ମୋ ବାପା ଥିଲେ ଗରିବ ଓ ନିରୀହ ମଣିଷଟିଏ । ମୋତେ ଦେଖିବାକୁ ଆସିବା ପାଇଁ ତାଙ୍କ

Digitized by srujanika@gmail.com

ନିକଟରେ ଯେ ବହୁତ ସମୟ ନଥିଲା ତାହା ନୁହେଁ । ତାଙ୍କ ପକେଟରେ କପର୍ଦ୍ଦକଟିଏ ମଧ ନଥିଲା । ଜମି ଜମା ବିଷୟ ବୁଝିବା ପାଇଁ ସେ ସହରକୁ ଆସିଥିଲେ । କିନ୍ତୁ ଏ ଅଫିସରୁ ସେ ଅଫିସକୁ ଦୌଡ଼ି ଦୌଡ଼ି ତାଙ୍କର ସବୁ ପଇସା ଖର୍ଚ୍ଚ ହୋଇଯାଇଥିଲା । ମୋ ବାପା ଦ୍ୱାର ବାହାରେ ଥିବା ଘଣ୍ଟି ବଜାଇବାରୁ ଅନ୍ୟ ଚାକରାଣୀଟି ଯାଇ କବାଟ ଖୋଲିଲା । ବାପା ତାଙ୍କ ପରିଚୟ ଦେବା ପରେ ସେ ମାଲିକାଣୀଙ୍କୁ ଜଣାଇଲା । ଦିନ ତମାମ ବୁଲି ବୁଲି ମୋ ବାପା ଅପରିଷ୍କାର ଦେଖା ଯାଉଥାନ୍ତି । ତାଙ୍କୁ ଦେଖିସାରି ମାଲିକାଣୀ ଘର ଭିତରକୁ ଆସିଲେ ଓ ବାପାଙ୍କୁ ଘର ଭିତରକୁ ନଆଣିବା ପାଇଁ ମୋତେ ତାଗିଦ୍ କଲେ । ବାହାର ଅଗଣାରେ ହିଁ ମୋତେ ମୋ ବାପାଙ୍କ ସହିତ କଥା ହେବାକୁ ପଡ଼ିଲା । ମୁଁ ଅବଶ୍ୟ ସବୁ କଥା ତାଙ୍କୁ କହିଲି । ଏପରି ବ୍ୟବହାର ତାଙ୍କ ପାଇଁ କିଛି ନୂଆ ନଥିଲା । ତେଣୁ ସେ ସବୁ କଥା ତତ୍‌କ୍ଷଣାତ୍ ବୁଝିଗଲେ । ବାପାଙ୍କର କିଛି ଟଙ୍କା ଦରକାର ଥିଲା । ଖାଇବା ପାଇଁ ଓ ଘରକୁ ଫେରିବା ପାଇଁ ତାଙ୍କ ନିକଟରେ କିଛି ଅର୍ଥ ନଥିଲା । ମୋ ପୋଷାକ କିଣା ବାବଦରେ ଅଗ୍ରମୀ ଟଙ୍କା ପରିଶୋଧ କରିବା ପାଇଁ ଦୁଇମାସ ବିନା ଦରମାରେ କାମ କରିବାକୁ ପଡୁଥିବାରୁ ମୋ ପାଖରେ ମଧ କିଛି ପଇସା ନଥାଏ । ବାପା କାନ୍ଦିବାକୁ ଆରମ୍ଭ କଲେ । ମୋ ପରିସ୍ଥିତିକୁ ବିଶ୍ୱାସ କରିବା ମଧ ତାଙ୍କ ପାଇଁ କଷ୍ଟକର ଥିଲା । ମୁଁ ସ୍ପାନିଶ୍ ଜାଣି ନଥିବାରୁ ମାଲିକାଣୀଙ୍କୁ ଟଙ୍କା ମାଗିପାରୁ ନଥିଲି । ଏକଥା ଯାଇ ମୋ ସାଥୀ ଝିଅକୁ କହିଲି । ସେ ମାଲିକାଣୀଙ୍କୁ ଦମ୍ଭ ଓ ସାହସର ସହିତ ମୋତେ କିଛି ଟଙ୍କା ଦେବା ପାଇଁ ଅନୁରୋଧ କଲା । ଏଥିରେ ମାଲିକାଣୀ କ୍ଷୁବ୍‌ଧ ହୋଇ ଆମେ ବିନା କାମରେ କିପରି ତା'ର ସବୁ ଟଙ୍କା ଲୁଟି ନେବାକୁ ବସିଛୁ ତାହା ବଖାଣିଲା ଏବଂ ନିଜ ବ୍ୟାଗରୁ ଦଶ କ୍ୱେଜାଲ ବାହାର କରି ମୋ ଉପରକୁ ଫୋପାଡ଼ି ଦେଲା । ସେହି ଟଙ୍କାକୁ ସାଉଁଟି ମୁଁ ମୋ ବାପାଙ୍କୁ ଦେଲି । ଏଥିପାଇଁ ଆଉ ଗୋଟିଏ ମାସ ବିନା ଦରମାରେ କାମ କରିବାକୁ ପଡ଼ିବ ବୋଲି ମୁଁ ଜାଣିଥିଲି । ମୋ ବାପା ସେଇ ଦଶ କ୍ୱେଜାଲକୁ ନେଇ ଘରକୁ ଫେରିଲେ । କିନ୍ତୁ ଅନ୍ୟ ଝିଅଟି ଏହା ମୋଟେ ସହ୍ୟ କରିପାରିଲା ନାହିଁ । ମାଲିକାଣୀଙ୍କ ବ୍ୟବହାର ତାକୁ ଆହତ କରିଥିଲା । ସେ ତ ଘର ଛାଡ଼ି ପଳାଇବ ବୋଲି ମନେ ମନେ ସ୍ଥିର କରି ସାରିଥିଲା; ତେଣୁ ମାଲିକାଣୀ ବିରୋଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲା ।

ଏହିପରି ଭାବରେ ମୁଁ ବିନା ମଜୁରୀରେ ପ୍ରାୟ ଚାରିମାସ କାମ କଲି । ତା'ପରେ ମାଲିକାଣୀ ମୋତେ କୋଡ଼ିଏ କ୍ୱେଜାଲ ଦେଲା ଏବଂ ଟଙ୍କା ପାଇ ମୁଁ ଖୁବ୍ ଖୁସି ହେଲି । ଏହି ଟଙ୍କାକୁ ବାପାଙ୍କ ପାଇଁ ରଖିବାକୁ ମୁଁ ଚାହୁଁଥିଲି । କିନ୍ତୁ ମାଲିକାଣୀଙ୍କ ଯୋଜନା ଥିଲା ଅଲଗା । ମୁଁ ଖାଲି ପାଦରେ ଚଳ ପ୍ରଚଳ ହେଉଥିବାରୁ ସେ ଲଜ୍ଜା ବୋଧ କରୁଥିଲା । ତେଣୁ ମୋତେ ମିଳିଥିବା ଟଙ୍କାରେ ଜୋତା କିଣିବାକୁ ପଡ଼ିବ ବୋଲି ସେ ବରାଦ କଲା । ମୋର ଜୋତା ନଥିଲା ସତ, କିନ୍ତୁ ମୁଁ ନିଜକୁ କହିଲି, ମୁଁ

Digitized by srujanika@gmail.com

କେବେ ଜୋତା କିଣିବି ନାହିଁ, ଯଦି ମାଲିକାଣୀର ଏତେ ଇଚ୍ଛା, ସେ ମୋ ପାଇଁ ଜୋତା କିଣି ଦେଉ ।

ଧନୀ ଜମି ମାଲିକ ଘରେ ଆମେ ମୋ ସାଥୀ ଝିଅଟି ସହିତ ଆମେ ଏକାଠି ବଡ଼ ଦିନ କଟାଇଲୁ । ସେମାନେ ଥିଲେ ବଡ଼ ଲୋକ । ତେଣୁ ସବୁବେଳେ ସେମାନଙ୍କୁ ସମ୍ମାନର ସହିତ ସମ୍ବୋଧନ କରିବାକୁ ପଡୁଥିଲା । ସ୍ପାନିଶ୍ ଶିଖିବାକୁ ଆରମ୍ଭ କଲାବେଳେ ଥରେ ମୁଁ ଭୁଲରେ ମାଲିକାଣୀଙ୍କୁ 'ତୁ' ବୋଲି ସମ୍ବୋଧନ କରିଦେଲି । ତାପରେ ତା'ର ରାଗ ଦେଖେ କିଏ ? ' ତୁ ତୋ ମା'କୁ 'ତୁ' ବୋଲି ଡ଼ାକି ପାରୁ, କିନ୍ତୁ ମୋତେ ସମ୍ମାନ ଦେବାକୁ ପଡ଼ିବ ,' ସେ କହିଲା । କେତେଥର ଏପରି ଘଟଣା ଘଟିଛି । ମୁଁ ସବୁବେଳେ ଚେଷ୍ଟା କରିଛି ଏହାକୁ ହସରେ ଉଡ଼ାଇଦେବି । କିନ୍ତୁ ରକ୍ତ ମାଂସର ମଣିଷକୁ ନବାଧିବବା କେମିତି ! ମୁଁ ମୋ ସାଙ୍ଗ ସହିତ ବାହାରକୁ ବୁଲି ଯାଉଥିଲେ ମଧ୍ୟ ରୋଜଗାର ପଇସାରୁ କିଛି ବଞ୍ଚାଇ ରଖିବାକୁ ଚେଷ୍ଟା କଲି । ଏବେ ମୁଁ ଭଲ ଭାବରେ ସ୍ପାନିଶ୍ ବୁଝି ପାରୁଥିଲି, କିନ୍ତୁ ବେଶୀ କଥା କହି ପାରୁ ନଥିଲି । କାମରେ ଲାଗୁଥିବା କେତୋଟି ମୁଖ୍ୟ ଶବ୍ଦ ମୁଁ ଶିଖିଥିଲି । ସେ ଘରେ ପାଞ୍ଚ ମାସ ରହିବା ଭିତରେ ମାଲିକାଣୀ ମୋ ସହିତ କଥା ହୋଇ ନଥିଲା କହିଲେ ଚଳେ । ମୋ ପାଇଁ ମଧ୍ୟ ତା ସହିତ କଥା ହେବାର ଆବଶ୍ୟକତା ନଥିଲା ।

କେତେବେଳେ କେମିତି ସୁବିଧା ମିଳିଲେ ମୁଁ ଅନ୍ୟ ଝିଅଟି ସହିତ କଥା ହେଉଥିଲି । କିନ୍ତୁ ଆମେ ପ୍ରାୟ ସବୁ ସମୟ ନିଜ ନିଜ କାମରେ ବ୍ୟସ୍ତ ରହୁଥିଲୁ । କିନ୍ତୁ ଦିନେ ତା' ସହିତ କଥା ହେବା ପାଇଁ ମଧ୍ୟ ମୋତେ ବାରଣ କରାଗଲା ।

ଆଠ ମାସ ପରେ ବଡ଼ ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ତା'ର ସାଙ୍ଗମାନଙ୍କୁ ପିଠା ଖୁଆଇବ- ଏଥିପାଇଁ ଆମକୁ ଦୁଇଶହ ପିଠା ତିଆରି କରିବାକୁ ପଡ଼ିବ ବୋଲି ମାଲିକାଣୀ କହିଥାଏ । ସେ ପିଠା ତିଆରି କରିପାରିବ ନାହିଁ ଏବଂ ସାଙ୍ଗ ମାନଙ୍କୁ ପିଠା ଖୁଆଇବାକୁ ଇଚ୍ଛା ଥିଲେ ସେ ନିଜେ ତିଆରି କରୁ - ଅନ୍ୟ ଝିଅଟି ମାଲିକାଣୀକୁ ରୋକ୍ ଠୋକ୍ କହିଦେଲା । ସେତେବେଳକୁ ମୋତେ ଦୁଇମାସର ଦରମା ମିଳି ନଥାଏ ,ଏବଂ ମୋର ଭୟ ଥାଏ କାଳେ ମୋ ଦରମା ନଦେଇ ମାଲିକାଣୀ ମୋତେ କାମରୁ ବାହାର କରିଦେବ । ଏକଥା କହିବାରୁ ମୋ ସାଥୀ ଚାକରାଣୀ ମୋତେ ବ୍ୟସ୍ତ ନହେବା ପାଇଁ ପ୍ରବର୍ତ୍ତାଇଲା । ଦରମା ନଦେଲେ ମାଲିକାଣୀର ଅଳଙ୍କାରରୁ ଗୋଟିଏ ନେଇ ପଳାଇବା ତା'ର ପ୍ରସ୍ତାବ ଥିଲା । ଡ଼ିସେମ୍ବର ପଚିଶି ତାରିଖ ଯେତେ ନିକଟ ହେଲା ମୋର ଉତ୍କଣ୍ଠା ସେତିକି ବଢିଲା । ତେଇଶି ତାରିଖ ଦିନ ମାଲିକ ଆମ ପାଇଁ ବଡ଼ଦିନ ଉପହାର ସ୍ୱରୂପ ଶସ୍ତା କାନ ଫୁଲ ଆଣିଦେଇଥିଲା । ଅତିଥି ମାନଙ୍କ ପାଇଁ ପିଠା ତିଆରି କରିବା ପାଇଁ ସେ ଆମକୁ କହିଲା । ମାଲିକ ଆମ ପ୍ରତି ଏତେ ବେଶୀ ରୁକ୍ଷ ବ୍ୟବହାର କରୁ ନଥିଲା । କିନ୍ତୁ ତା' ସ୍ତ୍ରୀ ଆମକୁ କିପରି ବ୍ୟବହାର କରୁଥିଲା ତାହା ଥିଲା ତା'ର ଗୋଚରର ବାହାରେ । ପ୍ରଥମେ

Digitized by srujanika@gmail.com

ସେମାନେ ଆମକୁ କୁକୁଡ଼ା ମାରିବା ପାଇଁ ପଠାଇଲେ । ଆମକୁ ଚାରୋଟି କୁକୁଡ଼ା ମାରିବା ପାଇଁ କୁହାଯାଇଥିଲା । ଆମେ ମନେମନେ ଠିକ୍ କଲୁ କୁକୁଡ଼ାଗୁଡ଼ିକୁ ମାରି କେବଳ ସେମାନଙ୍କ ପର ବାହାର କରି ଛାଡ଼ିଦେବୁ । ତାପରେ ଯାହା ହେବ ମାଲିକାଣୀ ବୁଝିବ । ଆମେ ଦୁଇ ଦିନ ଛୁଟି ମାଗିବୁ । ଯଦି ଛୁଟି ମନା କରି ଦିଆଯିବ ଆମେ ଅନ୍ୟ କେଉଁଠି ବଡ଼ଦିନ କଟାଇବୁ । କିନ୍ତୁ ମୋ ବାପା ମା' ମୋତେ ଏପରି ତାଲିମ ଦେଇଥିଲେ ଯେ ଆଦେଶ ଅମାନ୍ୟ କରିବା ସ୍ୱଭାବତଃ ମୋ ପକ୍ଷରେ ସହଜ ନଥିଲା । ମାଲିକମାନେ ମୋର ଏହି ଦୁର୍ବଳତାର ସୁଯୋଗ ନେଉଥିଲେ । ସେମାନେ ମୋ ସରଳତାର ଫାଇଦା ଉଠାଉଥିଲେ । ଯାହା କାମ ହେଉନା କାହିଁକି, ନିଜର କର୍ତ୍ତବ୍ୟ ଭାବି ମୁଁ ତାକୁ କରିଯାଉଥିଲି । ମୋ ସାଙ୍ଗ ଯେଉଁ ଯୋଜନା କରିଥିଲା, ମାଲିକାଣୀ ତାହାକୁ ବୁଝିପାରିଲା ଏବଂ ତାକୁ ଘରୁ ବାହାର କରିଦେଲା । ଏହି କଥା ଘଟିଲା ଠିକ୍ ବଡ଼ଦିନ ପୂର୍ବରୁ । ମାଲିକାଣୀ ଜାଣିଥିଲା ମୁଁ କୁଆଡ଼େ ଯାଇପାରିବି ନାହିଁ । ସହରରେ ଆଉ କାହାରିକୁ ମୁଁ ଜାଣି ନଥିଲି । ସହର ଥିଲା ମୋ ପାଇଁ ସମ୍ପୂର୍ଣ୍ଣ ଅଜଣା । ମୋ ସାଙ୍ଗ ଘରୁ ବାହାରିଯିବାବେଳେ ମୋତେ କହିଲା, ଦିନେ ମୁଁ ନିଶ୍ଚୟ ଏହାର ପ୍ରତିଶୋଧ ନେବି । ଯେଉଁଦିନ ମୁଁ ଏଠାକୁ ଫେରିବି ସେଦିନ ମାଲିକାଣୀ ମୋତେ ଚିହ୍ନିବ । ସେ ଚାଲିଯିବା ପରେ ସବୁ କଥା ମୋ ଉପରେ ପଡ଼ିଲା । ମାଲିକାଣୀକୁ ଅବଶ୍ୟ ନିଜେ କିଛି କାମ କରିବାକୁ ପଡ଼ିଲା । ମୋତେ ଶୋଇବାକୁ ମଧ୍ୟ ସମୟ ମିଳିଲା ନାହିଁ । ତଥାପି ମଇଳା ଲୁଗା ଜମା ହୋଇଗଲା, ଘରେ ମଇଳା ଜମିବାରେ ଲାଗିଲା ।

ଡ଼ିସେମ୍ବର ପଚିଶି ଆସିଲା । ସେମାନେ ମାତାଲ୍ ହେବା ପର୍ଯ୍ୟନ୍ତ ମଦ ପିଇଲେ । ଅର୍ଦ୍ଧ ରାତ୍ରିରେ ଦୋକାନରୁ ମଦ ଆଣିବା ପାଇଁ ସେମାନେ ମୋତେ ପଠାଇଲେ । ମୁଁ ବାହାରକୁ ଗଲି, କିନ୍ତୁ ଦୋକାନ ବନ୍ଦ ହୋଇ ଯାଇଥିବାରୁ କିଛି ପାଇଲି ନାହିଁ । ଖାଲି ହାତରେ ଫେରିଲେ ସେମାନେ ମୋତେ ଘରୁ ବାହାର କରିଦେବେ ବୋଲି ମୁଁ ରାସ୍ତାରେ ଏପଟ ସେପଟ ହେବାକୁ ଲାଗିଲି । ସେତେବେଳେ ଆମ ଘର କଥା ମୋର ଭାରି ମନେପଡ଼ିଲା । ସେଠାରେ ଅଭାବ ଥିଲା; ଦାରିଦ୍ର୍ୟ ବି ଥିଲା; କିନ୍ତୁ ଧନୀ ଲୋକର ଘର ପରି ଅତ୍ୟାଚାର ସହିବାକୁ ପଡୁ ନଥିଲା । ମଦ ନ କିଣି ଫେରିଥିବାରୁ ସେମାନେ ମୋତେ ସନ୍ଦେହ କଲେ; ଅନ୍ୟ ଝିଅଟିର ମନ୍ଦ ପ୍ରଭାବ ମୋ ଉପରେ ପଡ଼ିଛି ବୋଲି କହିଲେ । ଭାରତୀୟମାନେ ନିଜ ଅଳସୁଆମୀ ପାଇଁ ଗରିବ ହୋଇରହିଛନ୍ତି ବୋଲି ଟିପ୍ପଣୀ ମଧ୍ୟ କଲେ । ପାଖ କୋଠରୀରେ ବସି ମୁଁ ମଦ୍ୟପ ମାନଙ୍କର କଥା ଶୁଣୁଥାଏ । ଏତିକିବେଳେ ମାଲିକାଣୀ ମୋତେ ତା' ହାତ ତିଆରି ଗୋଟିଏ ମକା ପିଠା ଖାଇବାକୁ ଦେଲା । ମୁଁ ଏତେ ରାଗି ଯାଇଥିଲି ଯେ ପିଠା ଆଡ଼କୁ ଚାହିଁବାକୁ ମଧ୍ୟ ଇଚ୍ଛା ହେଲାନାହିଁ ।

ଦଳେ ଲୋକ ଆସି ଦାମିକା ଚିନାମାଟିର ବାସନ ବାହାର କରି ସେଥିରେ ଖାଇଲେ । ସେଗୁଡ଼ିକ ଧୋଇବାରେ ଦୁଇଦିନ ଯିବ ବୋଲି ମୁଁ ଭାବୁଥାଏ । ସେମାନେ

Digitized by srujanika@gmail.com

ପରସ୍ପରକୁ ଦାମିକା ଉପହାର ସବୁ ଦେଲେ । ସେମାନଙ୍କ ଆନନ୍ଦରେ ମୁଁ ଅଂଶୀଦାର ହୋଇ ପାରିନଥିଲି । ମୋ ସାଙ୍ଗ ନଥିବାରୁ ମୋତେ ମୋଟେ ଭଲ ଲାଗୁ ନଥାଏ । ସେ ଥିଲେ ହୁଏତ ଆମେ ସମାଧାନର କିଛି ପନ୍ଥା ବାହାର କରିପାରିଥାଆନ୍ତୁ । କିଛି ସମୟ ପରେ ଡ଼େରିରେ ପହଞ୍ଚିଥିବା ଜଣେ ଅତିଥି ପାଇଁ ମୋ ପିଠାଟିକୁ ମଧ ମାଲିକାଣୀ ନେଇଗଲେ । ମୁଁ ଯେ ପିଠାଟିକୁ ଖାଇବାକୁ ଚାହୁଁଥିଲି ତାହା ନୁହେଁ; କିନ୍ତୁ ତାକୁ ମୋତେ ଯେପରି ଭାବରେ ଦିଆଯାଇଥିଲା ଏବଂ ପୁଣି ଫେରାଇ ନିଆଗଲା, ତାହା ପ୍ରମାଣ କରୁଥିଲା ମୁଁ ଯେମିତି ଥିଲି କେବଳ ଉଚ୍ଛିଷ୍ଟ ଖାଇବା ପାଇଁ ହିଁ ଯୋଗ୍ୟ ।

ମାଲିକାଣୀ ଯିବା ପରେ ମୁଁ ଶୋଇବାକୁ ଗଲି । କୋଠରୀ ଭିତରେ ରହି ମୁଁ ଭାବିଲି, ସେମାନେ ତ ସବୁ ଅଡୁଆ ସୃଷ୍ଟି କରୁଛନ୍ତି, କେମିତି ସମ୍ଭାଳିବେ ସମ୍ଭାଳନ୍ତୁ । ମୁଁ ପ୍ଲେଟ ଉଠାଇବି ନାହିଁ ବା ଆଉ କିଛି କରିବି ନାହିଁ । ତେଣେ ମାଲିକାଣୀ ବଡ଼ ପାଟିରେ ମୋତେ ଡ଼ାକି ପ୍ଲେଟ ଉଠାଇବା ପାଇଁ କହିଲା । ମୁଁ ଜବାବ ନଦେଇ ଶୋଇବାକୁ ଚାଲିଗଲି । କିନ୍ତୁ ମୋତେ ନିଦ ହେଲା ନାହିଁ । ଆମର ସରଳ ଜୀବନ ସହିତ ସେମାନଙ୍କର ଲମ୍ପଟ ଜୀବନକୁ ମୁଁ ତୁଳନା କରୁଥିଲି । ସେମାନେ ଅନ୍ୟମାନଙ୍କ ଉପରେ ଏତେ ନିର୍ଭରଶୀଳ ଥିଲେ ଯେ ବାସ୍ତବିକ ଭାରି ଦୟନୀୟ ମନେହେଉଥିଲେ । ସେମାନଙ୍କ ତୁଳନାରେ ଆମେ ଗରିବ ଲୋକମାନେ ଜୀବନକୁ ବେଶୀ ଉପଭୋଗ କରୁଥିଲୁ । ଏହିପରି ଭାବରେ ଦିନଟି ବିତିଗଲା । ଛବିଶ ତାରିଖ ଦିନ ତମାମ ସେମାନେ ଶୋଇ ରହିଲେ । ମୁଁ ଜାଣିଥିଲି, ମୁଁ କାମ ନକଲେ ଅଇଁଠା ଥାଳି ଉଠିବ ନାହିଁ କି ଘର ସଫା ହେବ ନାହିଁ । ମାଲିକାଣୀ ମୋତେ ମଧ ଘରୁ ବାହାର କରିଦେବ । ତେଣୁ ଭୋର ସକାଳୁ ଉଠି ମୁଁ ସବୁ ମଇଳା ଅଇଁଠା ବାସନ ଉଠାଇଲି । ସବୁ ଏକାଠି ଜମା କରୁ କରୁ ଦ୍ୱିପ୍ରହର ହୋଇଗଲା । ଏତେ କାମ ବାକୀ ଥିଲା ଯେ କାହାକୁ ଆଗ କରିବି ଏବଂ କାହାକୁ ପଛରେ କରିବି - ଏହି ନିଷ୍ପତ୍ତି ନେବା ମଧ କଠିନ ଥିଲା । କିଛି କରିବାକୁ ହିଁ ମୋର ଇଚ୍ଛା ହେଉ ନଥାଏ । ମାଲିକାଣୀ ନିଦରୁ ଉଠି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଲାଣି କି ନାହିଁ ମୋତେ ପଚାରିଲା । ଖାଇବା ପାଇଁ କ'ଣ କରାଯିବ ମୁଁ ଜାଣେ ନାହିଁ କହିବାରୁ, ସେ ମୋତେ ଅନ୍ୟ ଚାକରାଣୀ କଣ୍ଡେଲାରିଆ ସହିତ ତୁଳନା କରି ବସିଲା । ମୋ' ଠାରେ କୁଆଡ଼େ ତା' ଭଳି ଉଦ୍ୟମର ଅଭାବ ଥିଲା ଏବଂ ମୁଁ କେବଳ ଖାଇବା ଛଡ଼ା ଆଉ କିଛି କଥା ଜାଣି ନଥିଲି । କିନ୍ତୁ ବଜାରକୁ ଯାଇ କିଛି ମାଂସ କିଣି ଆଣିବା ପାଇଁ ସେ ମୋତେ ନିର୍ଦ୍ଦେଶ ଦେଲା । ବଜାର କେଉଁଠି ତାହା ମୁଁ ଜାଣି ନଥିଲି । ମୁଁ ମୋର ଅଜ୍ଞତା ବିଷୟ ସିଧା କହିଦେଲି । ଏହାପରେ ମାଲିକାଣୀ ଠାରୁ ମିଳିଲା ଅତି କଦର୍ଯ୍ୟ ଓ ଅଶ୍ରାବ୍ୟ ଗାଳି । ମୁଁ ନଶୁଣିଲା ପରି କାମ କରି ଚାଲିଲି । ଦିନ ଯାକ ଗାଳି ଦେବା ପରେ ସେ ଜଣେ ପଡ଼ୋଶୀକୁ ଡ଼ାକି ମୋ ବିରୁଦ୍ଧରେ ଅଭିଯୋଗ କଲା । ମୁଁ କୁଆଡ଼େ ଚୋରୀ କରି ସେମାନଙ୍କୁ ସର୍ବସ୍ୱାନ୍ତ କରିଦେଇଥିଲି । ପରିଶ୍ରମ କରି ମୁଁ ମୋ ପେଟ ପୋଷୁଥିଲି, ଏ

Digitized by srujanika@gmail.com

ବିଷୟରେ ମୋର କିନ୍ତୁ କିଛି ସନ୍ଦେହ ନଥିଲା । ଶେଷରେ ମାଲିକାଣୀ ପଡ଼ୋଶୀକୁ ବଜାରକୁ ପଠାଇଲା । ସେଦିନ ସେମାନେ ନିଜ ପାଇଁ ନିଜେ ରାନ୍ଧିଲେ । ସେତେବେଳକୁ ମୁଁ ଦୁଇତିନି ଦିନ ଧରି ଉପାସରେ ରହିଲିଣି । ଏତେ ପରିଶ୍ରମ କରି ଯେଉଁ ପିଠା କରିଥିଲୁ ସେଥିରୁ ଗୋଟିଏ ମଧ ମୋ ଭାଗରେ ପଡ଼ିନଥିଲା । ମୋ ଜୀବନର ଏହି ପର୍ଯ୍ୟାୟକୁ ମୁଁ କେବେ ଭୁଲିବି ନାହିଁ ।

ଡ଼ିସେମ୍ବର ସରିଲା । ମୁଁ କାମ କରି ଚାଲିଥାଏ । ଏହା ମଧ୍ୟରେ ପନ୍ଦର ଦିନର ମଇଳା ପୋଷାକ ଓ ବାସନ କୁସନ ଜମା ହୋଇଯାଇଥିଲା । ଘରେ ମଧ ମଇଳା ଜମିଥାଏ । ମୋତେ ସବୁ କଥା କରିବାକୁ ପଡ଼ିଲା । ମାଲିକାଣୀ ଏପରି ବ୍ୟବହାର କରୁଥିଲା ଯେପରି ସେ କିଛି ଜାଣେ ନାହିଁ। ମୋ ବିରୋଧରେ ଅଭିଯୋଗ କରି କିଛି ଲାଭ ନାହିଁ ବୋଲି ମଧ ସେ ଜାଣିଥିଲା । ସେତିକିବେଳେ ଘରକୁ ଫେରି ଯାଇ ବାପା ମା'ଙ୍କୁ ଦେଖିବାପାଇଁ ମୋର ପ୍ରବଳ ଇଚ୍ଛା ହେଲା । ମାଲିକାଣୀ ମୋତେ ଦୁଇମାସର ମଜୁରୀ ଚାଳିଶି କ୍ୱେଜାଲ୍ ଦେଲା । ଏହା ଛଡ଼ା ମୋ ନିକଟରେ କିଛି ସଞ୍ଚୟ ମଧ ଥିଲା । ଏ ସବୁକୁ ମିଶାଇଲେ ବେଶୀ କିଛି ହେଉନଥିଲା; କିନ୍ତୁ ବାପା ମା'ଙ୍କୁ ତାହା ଯତ୍‌କିଞ୍ଚିତ ସାହାଯ୍ୟ ହେବ ବୋଲି ମୁଁ ଭାବିଲି । ମୋର ଘରକୁ ଯିବା କଥା ଶୁଣି ମାଲିକାଣୀ ତା'ର ଅଭିନୟ ଆରମ୍ଭ କଲା । ଆମେ ତୋତେ ଏତେ ଭଲ ପାଉ । ତୁ ଘରକୁ ଯାଆ ନାହିଁ । ମୁଁ ତୋର ମଜୁରୀ ବଢାଇଦେବି । ତୁ ଅଧିକ ଗୋଟିଏ କ୍ୱେଜାଲ୍ ପାଇବୁ ଇତ୍ୟାଦି । ସେତେବେଳକୁ ମୁଁ ଘରକୁ ଯିବା ପାଇଁ ମନସ୍ଥ କରିସାରିଥିଲି । ମୁଁ ଏହା ଜଣାଇବା ବେଳକୁ ମୋର ଜଣେ ଭାଇ ସେଠାରେ ପହଞ୍ଚି ଗୋଟିଏ ଦାରୁଣ ଦୁଃସମ୍ବାଦ ଦେଲା । ଏହା ଥିଲା ମୋ ବାପା ଜେଲ୍‌କୁ ଯିବାର ସମ୍ବାଦ । □

Digitized by srujanika@gmail.com

୧୫

ଜମି ମାଲିକମାନଙ୍କ ସହିତ ଦ୍ୱନ୍ଦ୍ୱ: ସଂଯୁକ୍ତ କୃଷକ କମିଟି ଗଠନ

> 'କ୍ଷୁଧା ଓ ଦୁର୍ଭିକ୍ଷର ଦିନ ଆସୁଛି, ସେଥିପାଇଁ ଶସ୍ୟ, ବିହନ ଓ ଅଙ୍କୁର ସାଇତିରଖ । ପାହାଡ଼ ପର୍ବତ ପଛରେ ଲୁଚିଥିବା ଶତ୍ରୁ ମାନେ ଖୁବ୍ ଶୀଘ୍ର ଏହି ସମୃଦ୍ଧ ଓ ବିସ୍ତୃତ ଜମି ଉପରେ ଲୋଲୁପ ଦୃଷ୍ଟି ନିକ୍ଷେପ କରିବେ । ତେଣୁ ତୁମର ଅସ୍ତ୍ରଶସ୍ତ୍ର ଶାଣଦେଇ ରଖ ।'
>
> ପୋପୋଲ ଭୁ

ମୋ ବାପା ପ୍ରଥମ ଥର ପାଇଁ ଜେଲକୁ ଗଲେ । ଓକିଲ ମୋ ଭାଇଙ୍କୁ କହିଥିଲେ ବାପା ଅଠର ବର୍ଷ ଜେଲ୍‌ରେ ରହିବେ । ଶିକ୍ଷିତ ଲୋକଙ୍କର ସାହାଯ୍ୟ ପାଇବାକୁ ହେଲେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ମଧ୍ୟ ସେ କହିଥିଲେ । ଗୁଆଟେମାଲାର ଗରିବ ଲୋକ, ବିଶେଷ ଭାବରେ ଭାରତୀୟମାନେ, ସ୍ପାନିଶ୍ ଜାଣିନଥିବାରୁ ଏପରି ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି । ଭାରତୀୟର ଦୁର୍ଭାଗ୍ୟ ଯେ ସେ ଯାହା ଚାହେଁ ତାକୁ ପ୍ରମାଣ କରିପାରେ ନାହିଁ । ବାପାଙ୍କୁ ଜେଲ୍‌କୁ ପଠାଇବା ପାଇଁ ଜମି ମାଲିକମାନେ ଏଲ୍ କ୍ୱିସେର ବିଚାରପତିଙ୍କୁ ମୋଟା ଅଙ୍କର ଅର୍ଥ ଦେଇଥିଲେ । ସେଠାରେ କେତେ ସ୍ତରର ଅଧିକାରୀ ଅଛନ୍ତି । ପ୍ରଥମେ ମିଲିଟାରୀ କମିଶନର ଗାଁରେ ବା ସହରରେ ରହି ନିଜ ଆଇନ ସାବ୍ୟସ୍ତ କରିବାକୁ ଚେଷ୍ଟା କରନ୍ତି । ତା'ପରେ ଯେଉଁ ଅଧିକାରୀ ଥାଆନ୍ତି ତାଙ୍କୁ ଆମେ ମେୟର କହୁ । ସେ ନ୍ୟାୟ ପ୍ରଶାସନର ପ୍ରତିନିଧିତ୍ୱ କରନ୍ତି । ତାଙ୍କ ଉପରେ ସମଗ୍ର ଅଞ୍ଚଳ ବା ରାଜ୍ୟକୁ ଶାସନ କରୁଥିବା ରାଜ୍ୟପାଳମାନେ ଥାଆନ୍ତି । ସବା ଉପରେ ଥାଆନ୍ତି ଡ଼େପୁଟୀ ମାନେ । ସେମାନେ କିଏ ହୁଏତ କେବଳ ଭଗବାନ ଜାଣନ୍ତି । ମିଲିଟାରୀ କମିଶନରଙ୍କୁ ଦେଖା କରିବା ପାଇଁ ପ୍ରଥମେ କିଛି ନଜରାନା ଦେବାକୁ ପଡ଼େ, ଯାହାକୁ ଗୁଆଟେମାଲାରେ ଆମେ ଲାଞ୍ଚ ବୋଲି କହୁ । ରାଜ୍ୟପାଳଙ୍କୁ ସାକ୍ଷାତ କରିବାକୁ ହେଲେ ଗାଁରୁ ସାକ୍ଷୀମାନଙ୍କ ବ୍ୟତୀତ ଟଙ୍କା ଓ କଥାବାର୍ତ୍ତା କରିବା ପାଇଁ ଓକିଲ ବା ଅନ୍ୟ ମଧ୍ୟସ୍ଥିମାନେ ଆବଶ୍ୟକ ହୁଅନ୍ତି । ରାଜ୍ୟପାଳ ଜଣେ ଲାଡ଼ିନୋ ହୋଇଥିବାରୁ ସାଧାରଣ ଲୋକମାନଙ୍କର ଭାଷା ବୁଝି ପାରନ୍ତି ନାହିଁ । ଶିକ୍ଷିତ ଲୋକ କିମ୍ବା ଓକିଲ କିଛି କହିଲେ ହିଁ ସେ ବିଶ୍ୱାସ କରନ୍ତି । ଜଣେ ଭାରତୀୟ ଯାହା କହିଲେ ବି ତା'ର କିଛି ମୂଲ୍ୟ ନାହିଁ । ମେୟର ଜଣକ ଆମ ଲୋକଙ୍କ ଭିତରୁ ଆସିଥିବା ଜଣେ

Digitized by srujanika@gmail.com

ଲାଡ଼ିନୋ । ମିଲିଟାରୀ କମିଶନରମାନେ ମଧ୍ୟ ଲାଡ଼ିନୋ ଥିଲେ । କିନ୍ତୁ ସ୍ଥଳ ବିଶେଷରେ ସୈନ୍ୟବାହିନୀରେ ଯୋଗ ଦେଇ ବାରାକ୍‌ରେ ରହିଥିବା ଭାରତୀୟମାନେ ମଧ୍ୟ ହିଂସ୍ର, ଅମଣିଷ ହୋଇ ଗାଁକୁ ଫେରିବା ପରେ ମିଲିଟାରୀ କମିଶନର ରୂପେ ନିଯୁକ୍ତି ପାଉଥିଲେ ।

ବାଇଶି ବର୍ଷ ଧରି ମୋ ବାପା ଆମର ଓ ଆମ ପଡ଼ୋଶୀମାନଙ୍କର ଜମି ଦଖଲ କରିବାକୁ ଚାହୁଁଥିବା ଜମି ମାଲିକମାନଙ୍କ ବିରୋଧରେ ବୀରତ୍ୱର ସହିତ ସଂଗ୍ରାମ କରିଥିଲେ । ଅନେକ ବର୍ଷର କଠିନ ପରିଶ୍ରମ ପରେ ଯେତେବେଳେ ଆମର କିଞ୍ଚିତ ଜମିରୁ ଫସଲ ଅମଳ ହେଲା, ଏବଂ ଆମ ଲୋକମାନେ ଏକ ବଡ଼ ଅଞ୍ଚଳକୁ ଆବାଦ କଲେ , ବ୍ରାଉସ ଭାବରେ ପରିଚିତ ବଡ଼ ଜମି ମାଲିକ ମାନେ ପହଞ୍ଚିଲେ । ପୂର୍ବରୁ ସେଠାରେ ଫିନ୍‌କାର ମାଲିକ ଥିବା ମାର୍ଟିନେଜ ଓ ଗାର୍ସିଆ ପରିବାର ଠାରୁ ମଧ୍ୟ ସେମାନେ ଅଧିକ କୁଖ୍ୟାତ ଅପରାଧୀ ଥିଲେ । ବ୍ରାଉସ ପରିବାରର ପାଞ୍ଚଭାଇ ଭାରତୀୟମାନଙ୍କୁ ସେମାନଙ୍କ ଜମିରୁ ବେଦଖଲ କରି ହାସଲ କରିଥିବା ଫିନ୍‌କାରେ ରହୁଥିଲେ । ଆମ ଗାଁରେ ଯେଉଁ ସବୁ ଘଟଣା ଘଟିଥିଲା, ତାହା ଥିଲା ଏହିପରି । ଆମେ ଗୋଟିଏ ଛୋଟ ଗାଁରେ ରହୁଥିଲୁ ଏବଂ ମକା, ବିନ୍, ଆଳୁ ଓ ଅନ୍ୟାନ୍ୟ ପରିବା ସବୁ ଉତ୍ପାଦନ କରୁଥିଲୁ । ଏତିକି ବେଳେ ଗାର୍ସିଆ ପରିବାରର ଲୋକେ ସେଠାରେ ପହଞ୍ଚି ଆମ ଗାଁର ଜମିକୁ ମାପିବା ଆରମ୍ଭ କଲେ । ସେମାନେ ଇନ୍‌ସପେକ୍ଟର, ଇଞ୍ଜିନିୟର ଏବଂ ଏମିତି ଆହୁରି କେତେ ଲୋକଙ୍କୁ ସାଙ୍ଗରେ ଆଣିଥିଲେ । ଗୁଆଟେମାଲାରେ ସରକାରୀ ଲୋକ ମଧ୍ୟ ତାଙ୍କ ସହିତ ଥିଲେ । ଗୁଆଟେମାଲାରେ ସରକାର ସମ୍ପୃକ୍ତ ଥିବା କୌଣସି ବିଷୟରେ ଆମେ ନିଜକୁ ରକ୍ଷା କରିବା ସମ୍ଭବ ନଥିଲା । ସେମାନଙ୍କ ଜମି ମାପିବା ଦେଖି ମୋ ବାପା ଗାଁର ସମସ୍ତଙ୍କ ଠାରୁ ଦସ୍ତଖତ ସଂଗ୍ରହ କଲେ । ସଭା ମଧ୍ୟ ହେଲା । ତା'ପରେ ସେ ରାଜଧାନୀରେ ଥିବା ଗୁଆଟେମାଲା ଜାତୀୟ କୃଷି ରୂପାନ୍ତର ଅନୁଷ୍ଠାନକୁ ଗଲେ । କିନ୍ତୁ ସରକାର ଓ ଜମି ମାଲିକମାନଙ୍କ ମଧ୍ୟରେ କୃଷକମାନଙ୍କ ଜମି ସେମାନଙ୍କ ଠାରୁ ଜବରଦସ୍ତି ନେଇଯିବା ପାଇଁ ଗୋଟିଏ ବୁଝାମଣା ହୋଇଯାଇଥିଲା । ମୋ ବାପା ଯେତେବେଳେ ପ୍ରତିବାଦ କରିବା ପାଇଁ ଗଲେ, ଜାତୀୟ ଅନୁଷ୍ଠାନର ଲୋକେ ଜମି ମାପିବା ଅନୁମତି ବାବଦରେ ଜମି ମାଲିକ ମାନଙ୍କ ଠାରୁ ପଇସା ମାଗିଲେ । ଅନ୍ୟ ପକ୍ଷରେ ସେମାନେ କୃଷକ ମାନଙ୍କୁ ଜମି ଛାଡ଼ିବା ପାଇଁ ପଡ଼ିବ ନାହିଁ ବୋଲି ଏକ ପ୍ରମାଣପତ୍ର ଭାବରେ କାଗଜ ଖଣ୍ଡେ ଦେଲେ । ଏହା ଥିଲା ଏକ ଦୋମୁହାଁ ନୀତି । ସେମାନେ ମୋ ବାପାଙ୍କୁ ଭିତରକୁ ଡ଼ାକିନେଇ ଗୋଟିଏ କାଗଜରେ ଦସ୍ତଖତ କରିବାକୁ କହିଲେ । ବାପା ଲେଖା ପଢା ଜାଣିନଥିବାରୁ ସେ କାଗଜରେ କ'ଣ ଲେଖାଥିଲା ଜାଣି ନଥିଲେ । ମୋ ବାପାଙ୍କୁ ବୋକା ବୋଲି କହିବା ପାଇଁ ମୋର ଇଚ୍ଛା ହେଉଛି । କିନ୍ତୁ ବାସ୍ତବରେ ଯେଉଁ ଚୋରମାନେ ଆମ ଜମି ଦଖଲ କରିବାକୁ ବସିଥିଲେ ସେମାନେ ହିଁ ଥିଲେ ମୂର୍ଖ । ପ୍ରକୃତରେ କୃଷକମାନେ ସ୍ୱେଚ୍ଛାରେ ଜମି ଛାଡ଼ିଦେବେ ବୋଲି ସେହି କାଗଜରେ ଲେଖାଥିଲା । ଗୋଷ୍ଠୀର ପ୍ରତିନିଧି ଭାବରେ ବାପା ସେଥିରେ

Digitized by srujanika@gmail.com

ଦସ୍ତଖତ କରିଥିବାରୁ ତାହା ଜମି ମାଲିକମାନଙ୍କୁ କ୍ଷମତା ପ୍ରଦାନ କଲା । ମୋ ବାପା ପୁଣି ଥରେ ଓକିଲମାନଙ୍କ ସାହାଯ୍ୟରେ ପ୍ରତିବାଦ କରିବାକୁ ଗଲେ । ଅନେକ ଓକିଲ ଆମକୁ ସାହାଯ୍ୟ କରିବାକୁ ଚାହୁଁଥିଲେ । ଆମେ ଠିକ୍ କଥା କରୁଛୁ ବୋଲି ସେମାନେ କହିଲେ । କୃଷକମାନେ ମଧ୍ୟ ତାଙ୍କୁ ବିଶ୍ୱାସ କଲେ । କିନ୍ତୁ ପରେ ଓକିଲମାନେ ସେମାନଙ୍କୁ ଶୋଷଣ କରୁଥିବା କଥା ସେମାନେ ବୁଝି ପାରିଲେ । ଗୋଟିଏ ସାଧା ଦସ୍ତଖତ ପାଇଁ ମଧ୍ୟ ଓକିଲଙ୍କୁ ବହୁତ ପାଉଣା ଦେବାକୁ ପଡୁଥିଲା । ମୋ ବାପା ଆମ ଗୋଷ୍ଠୀର ସମସ୍ୟାର ସମାଧାନ ପାଇଁ ପ୍ରତି ସମ୍ପୂର୍ଣ୍ଣ ଭାବେ ନିଜକୁ ନିୟୋଜିତ କରିଥିଲେ । ଜାତୀୟ କୃଷି ଅନୁଷ୍ଠାନ ମୋ ବାପାଙ୍କୁ କହିଲା, ‘ ତୁମକୁ ଇଂଜିନିୟରମାନଙ୍କ ଦ୍ୱାରା ଜମି ମପାଇବାକୁ ପଡ଼ିବ । ତେବେ ଯାଇ ତୁମେ ଚାଷ କରୁଥିବା ଜମିର ମାଲିକାନା ତୁମକୁ ମିଳିବ । ବ୍ୟସ୍ତ ହୁଅ ନାହିଁ । ଜମିରୁ ବୁଦା ସଫା କରି ଚାଷ କର । ଜମି ତ ତୁମର ।’ ଉତ୍ସାହ ପାଇ ମୋ ବାପା ଘରକୁ ଫେରିଲେ ଏବଂ ସଭା କରି ଏକଥା ସମସ୍ତଙ୍କୁ କହିଲେ ।

ଆମେ ଖୁସିରେ କାମ କରି ଚାଲିଲୁ । ଏତିକିବେଳେ ଜମି ମାଲିକମାନେ ସେମାନଙ୍କ ଇଂଜିନିୟରମାନଙ୍କ ସହିତ ସେଠାରେ ପହଞ୍ଚିଲେ । ମୋର ଅନୁମାନ ଯଦି ଭୁଲ ନ ହୋଇଥାଏ, ଆମ ଛୋଟ ଜମି ଖଣ୍ଡିକ ପ୍ରାୟ କୋଡ଼ିଏ ଥର ମପା ହୋଇଥିବ । ମୁଁ ଯାହାକୁ କେବେ କ୍ଷମା କରି ପାରିବ ନାହିଁ ଏବଂ ଯାହା ମୋର ସେମାନଙ୍କ ପ୍ରତି ଘୃଣାର ମୁଖ୍ୟ କାରଣ, ତାହା ହେଲା, ସେମାନେ ଆମକୁ ସାହାଯ୍ୟ କରିବାକୁ ଆସିଛନ୍ତି ବୋଲି କହୁଥିଲେ । ମୋ ବାପା, ମା’ ଓ ଅନ୍ୟମାନଙ୍କର ଦୁଃଖର ସୀମା ନଥିଲା । ଇଂଜିନିୟରମାନେ ଲାଡ଼ିନୋ ହୋଇଥିବାରୁ ଆମ ଖାଦ୍ୟ, ମକା ପିଠା ଓ ଲୁଣ ଖାଇପାରୁନଥିଲେ । କିନ୍ତୁ ଆମେ ସେମାନଙ୍କୁ ଭଲ ଭାବରେ ଖାଇବାକୁ ନଦେଲେ ସେମାନେ ଜମି ମାଲିକମାନଙ୍କ ପକ୍ଷ ନେବାର ସମ୍ଭାବନା ଥିଲା । ତେଣୁ ଭୟରେ ଆମେ ସେମାନଙ୍କୁ ଖୁବ୍ ଖାତିର କରୁଥିଲୁ । ସବୁଠାରୁ ଭଲ ପଶୁର ମାଂସ ଓ କୁକୁଡ଼ା ସେମାନଙ୍କୁ ଦିଆଯାଉଥିଲା । ଆମ ଗୋଷ୍ଠୀର କେହି କେବେ ତେଲ ବୋତଲଟିଏ କିଣି ନଥିବାବେଳେ, ଇଂଜିନିୟରମାନଙ୍କ ପାଇଁ ଭାତ, ଅଣ୍ଡା, କୁକୁଡ଼ା, ମାଂସ ଓ ତେଲ ଇତ୍ୟାଦି କିଣିବାକୁ ପଡୁଥିଲା । ସେମାନେ ଗୁଡ଼ ଖାଉନଥିବାରୁ ତାଙ୍କ ପାଇଁ ଆମକୁ କଫି ଓ ଚିନି କିଣିବାକୁ ପଡୁଥିଲା । ଏ ପଦାର୍ଥସବୁ ଆମ ଗୋଷ୍ଠୀ ପାଇଁ ଦୁଷ୍ପ୍ରାପ୍ୟ ଥିଲା । ଏ ସବୁ ଜିନିଷ କିଣିବା ପାଇଁ ଆମ ସମସ୍ତଙ୍କୁ ସହରକୁ ମଧ୍ୟ ଯିବାକୁ ପଡୁଥିଲା । ଏଥିପାଇଁ ସମସ୍ତେ ଦଶ ସେଣ୍ଟାଭୋ କରି ଚାନ୍ଦା ଦେଉଥିଲେ । ଦଶ ସେଣ୍ଟାଭୋ ରୋଜଗାର କରିବା ପାଇଁ ଆମକୁ ଝାଳବୁହା ପରିଶ୍ରମ କରିବାକୁ ପଡୁଥାଏ । ବେଳେବେଳେ ଇନ୍‌ସପେକ୍ଟରମାନେ ସପ୍ତାହଯାକ ରହିଗଲେ ଆମ ଉପରେ ବୋଝ ପ୍ରକୃତରେ ବଢିଯାଇଥିଲା । ସେମାନେ ଗାଁ ଛାଡ଼ି ଯିବାପରେ ସମସ୍ତେ ଆଶ୍ୱସ୍ତିର ନିଃଶ୍ୱାସ ନେଉଥିଲେ । ଜମି ମାପିବା ପାଇଁ ଦୂରକୁ ଗଲେ ତାଙ୍କ ସାଙ୍ଗରେ କେହି ଜଣେ ଯିବା ଦରକାର ପଡୁଥିଲା ।

Digitized by srujanika@gmail.com

ଆମ ଲୋକଙ୍କ ପାଖରେ ଏତେ ସମୟ ନଥାଏ । ଗୋଷ୍ଠୀକୁ ଭଲ ପାଉଥିବାରୁ ପରିବାର ଉପାସରେ ରହୁ ପଛେ ମୋ ବାପା ଓଙ୍କ ସମୟ ଦେବା ପାଇଁ କୁଣ୍ଠିତ ହେଉ ନଥିଲେ । ମୋ ମା' ମଧ୍ୟ ଏଇ ଲୋକମାନଙ୍କ ଦେଖା ଶୁଣା କରିବା ପାଇଁ ଆମକୁ କାମ କରିବା ପାଇଁ ପଠାଇଦେଇ ନିଜେ ଘରେ ରହିଯାଉଥିଲେ । ବଡ଼ ଆକାରର ମକାପିଠା ଖାଇ ପାରୁନଥିବାରୁ ମା' ସେମାନଙ୍କ ପାଇଁ ଛୋଟ ଆକାରର ପିଠା ତିଆରି କରୁଥିଲେ । ବାପା ମା' ଆଉ କିଛି ଗୋଷ୍ଠୀର ମୁଖିଆ ହୋଇଥିବାରୁ ଇନ୍‌ସପେକ୍ଟରମାନଙ୍କର ଚର୍ଚ୍ଚା କରିବା ତାଙ୍କ ଦାୟିତ୍ୱ ବୋଲି ମନେକରୁଥିଲେ । ସେମାନେ ଗାଁରେ ଥିବା ବେଳେ ବାପା, ମା ଆଉ କିଛି କାମ କରିପାରୁନଥିଲେ । ଆମ ପଡ଼ୋଶୀମାନେ ଅବଶ୍ୟ ତାଙ୍କର ସାଧ ମୁତାବକ ସାହାଯ୍ୟ କରୁଥିଲେ । କିନ୍ତୁ ସେମାନେ ବି ଥିଲେ ଗରିବ ଏବଂ ତାଙ୍କ ପାଖରେ ବେଶୀ କିଛି ସମୟ ନଥିଲା । ଆମେ ସ୍ପାନିଶ୍ କହି ପାରୁନଥିଲୁ । ଅବଶ୍ୟ ଇନ୍‌ସପେକ୍ଟରମାନଙ୍କ ସହିତ କଥା ହେବା ପରି ଅଳ୍ପ କିଛି ସ୍ପାନିଶ୍ ମୋ ବାପାଙ୍କୁ ଜଣାଥିଲା । ଜାତୀୟ କୃଷି ଅନୁଷ୍ଠାନ ବେଳେବେଳେ ତାଙ୍କୁ ଡ଼କାଇ କେବଳ କାଗଜ ଖଣ୍ଡିଏ ଦସ୍ତଖତ କରିବା ପାଇଁ ବିଭିନ୍ନ ସ୍ଥାନକୁ ପଠାଉଥିଲା । ଏହି ସବୁ ଯାତ୍ରା ପାଇଁ କେତେ ଖର୍ଚ୍ଚ ହେଉଥିବ ତୁମେ ଅନୁମାନ କରିପାରିବ । ଏହା ଉପରେ ଆମକୁ କାଗଜ ଏପଟ ସେପଟ କରୁଥିବା ଓକିଲମାନଙ୍କୁ ମଧ୍ୟ ଟଙ୍କା ଦେବାକୁ ପଡୁଥିଲା । ସରକାର କହେ ସବୁ ଜମି ଦେଶର, ଆମକୁ ଚାଷ କରିବା ପାଇଁ ଖଣ୍ଡେ ଲେଖାଏ ଜମି ଦିଆଯାଇଛି ମାତ୍ର । କିନ୍ତୁ ଆମେ ଜମିକୁ ଆବାଦ କରି ଚାଷ କଲା ବେଳକୁ ଜମି ମାଲିକମାନେ ପହଞ୍ଚି ଯାଆନ୍ତି । ସେମାନେ ଏକା ଆସନ୍ତି ନାହିଁ । ବିଭିନ୍ନ କର୍ତ୍ତୃପକ୍ଷଙ୍କ ସହିତ ତାଙ୍କର ସମ୍ପର୍କ ଥାଏ । ଏମାନେ ହିଁ ଜମି ମାଲିକମାନଙ୍କୁ ସେମାନଙ୍କ ପ୍ରବଞ୍ଚନାର ଜାଲ ବିଛାଇବାରେ ସାହାଯ୍ୟ କରିଥାଆନ୍ତି । ଏହାରି ଯୋଗୁଁ ଆମେ ପ୍ରଥମେ ମାର୍ଟିନେଜ ପରିବାର ଓ ତା' ପରେ ଗାର୍ସିଆମାନଙ୍କ ମୁକାବିଲା କଲୁ । ଶେଷରେ ଥିଲେ ବ୍ରଲ୍‌ସ ପରିବାର । ଏସବୁର ପରିଷ୍କାର ଅର୍ଥ ଥିଲା, ଆମକୁ କୁଲି ଭାବରେ କାମ କରିବାକୁ ପଡ଼ିବ - ଅଥବା ଜମି ଛାଡ଼ି ଚାଲିଯିବାକୁ ହେବ । ମୋ ବାପା ପରାମର୍ଶ ପାଇଁ କେତେ କୁଆଡ଼େ ବୁଲିଲେ । ସରକାରୀ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବା ଯାହା ଜମି ମାଲିକମାନଙ୍କ ନିକଟକୁ ଯିବା ତାହା - ଏକଥା ସେତେବେଳେ ଆମେ ବୁଝି ପାରି ନଥିଲୁ । ସାହାଯ୍ୟ ପାଇଁ ବାପା ଶ୍ରମିକ ସଂଗଠନ ମାନଙ୍କର ମଧ୍ୟ ଦ୍ୱାରସ୍ଥ ହେଲେ । ଆମ ଜମି ଛଡ଼ାଇ ନିଆଯାଇଥିଲା । ତେଣୁ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ପ୍ରାର୍ଥନା କରିବା ଛଡ଼ା ତାଙ୍କର ଅନ୍ୟ ଉପାୟ ନଥିଲା ।

ମୋର ଯାହା ମନେପଡୁଛି, ୧୯୬୭ ମସିହାରେ ପ୍ରଥମ ଥର ପାଇଁ ସେମାନେ ଆମକୁ ଆମ ଘରୁ ଓ ଗାଁରୁ ତଡ଼ି ଦେଇଥିଲେ । ସେମାନେ ଆମକୁ ଆମ ଘରୁ ଓ ଗାଁରୁ ବାହାର କରିଦେଲେ । ଗାର୍ସିଆର ଲୋକମାନଙ୍କ ଠାରେ ଦୟା ମାୟା ବୋଲି କିଛି ନଥିଲା ।

Digitized by srujanika@gmail.com

ସେମାନେ ଭାରତୀୟ ହୋଇଥିଲେ ମଧ୍ୟ ଫିନ୍‌କାର ସୈନ୍ୟ ଭାବରେ କାମ କରୁଥାନ୍ତି । ସେମାନେ ବିନା ଅନୁମତିରେ ଘର ଭିତରକୁ ଯାଇ ସବୁ ଲୋକଙ୍କୁ ବାହାରିଯିବା ପାଇଁ କହୁଥିଲେ । ତାପରେ ଘରୁ ସବୁ ଜିନିଷପତ୍ର ବାହାରକୁ ଫିଙ୍ଗି ଦେଉଥିଲେ । ଆଇଠାରୁ ପାଇଥିବା ରୂପା ଗହଣା ଓ ଆହୁରି କେତେ ଜିନିଷ ମୋ ମା' କେତେ ଯତ୍ନରେ ସାଇତି ରଖିଥିଲେ । ପରେ ଏସବୁ ଜିନିଷ ଆମେ ଆଉ ପାଇଲୁ ନାହିଁ । ସେମାନେ ସବୁ ଚୋରୀ କରି ନେଇଥିଲେ । ଆମର କପ୍, ପ୍ଲେଟ ଓ ମାଟି ହାଣ୍ଡି ଗୁଡ଼ିକ ମଧ୍ୟ ସେମାନେ ଭାଙ୍ଗି ଦେଲେ । ଆମେ ଆମ ଜମି ଛାଡ଼ିବାକୁ ଚାହୁଁ ନଥିଲୁ ବୋଲି ଜମି ମାଲିକଙ୍କର ଏହାଥିଲା ଆମ ପ୍ରତି ପ୍ରତିହିଂସାପରାୟଣତା । ଆଟୁ ରେ ଥିବା ମକା ଶଣ୍ଢା ଗୁଡ଼ିକୁ ମଧ୍ୟ ସେମାନେ ବାଦ ଦେଲେ ନାହିଁ । ପରେ ସବୁ କୃଷକ ମାନଙ୍କୁ ମିଶି ସେଗୁଡ଼ିକୁ ଗୋଟାଇବାକୁ ପଡ଼ିଲା । ସେତେବେଳେ ପ୍ରବଳ ବର୍ଷା ହେଉଥାଏ, ଏବଂ ବର୍ଷାରୁ ରକ୍ଷା ପାଇବା ପାଇଁ କିଛି ନାଇଲନ କପଡ଼ା ବ୍ୟତୀତ ଆମ ନିକଟରେ ଆଉକିଛି ନଥିଲା । ପତ୍ରରେ ଯାହା ତାହା କୁଡ଼ିଆଟିଏ ତିଆରି କରିବା ପାଇଁ ଆମକୁ ପ୍ରାୟ ଦୁଇଦିନ ଲାଗିଗଲା । ପ୍ରଥମ ରାତିଟି ଆମକୁ ବାହାରେ ବିତାଇବାକୁ ପଡ଼ିଲା । ବର୍ଷା ହେଉନଥିଲେ ମଧ୍ୟ ଚାରିଆଡ଼େ ପାଣିର ସୁଅ ଚାଲିଥାଏ । ମାଟି ଥାଏ ଓଦା ଜୁବୁବୁବୁ ।

କେତୋଟି ମାତ୍ର ଦିନର ଅନୁଭୂତି ମୋର ସେହି ଲୋକମାନଙ୍କ ପ୍ରତି ଘୃଣାକୁ ଅଧିକ ତୀବ୍ର କରିଦେଲା । ଲାଡ଼ିନୋ ମାନଙ୍କୁ ଆମେ କାହିଁକି ଚୋର, ଅପରାଧୀ ଓ ମିଥ୍ୟାବାଦୀ କହୁଥିଲୁ ସେଦିନ ମୁଁ ଜାଣିଲି । ସେମାନଙ୍କ ହିଂସ ନିଷ୍ଠୁରତାରୁ ଆମର ଗୃହପାଳିତ ପଶୁମାନେ ମଧ୍ୟ ରକ୍ଷା ପାଇଲେ ନାହିଁ । ସେମାନେ ଆମର କୁକୁରଗୁଡ଼ିକୁ ମାରି ଦେଲେ । ଆମେ ମଣିଷ ଓ ପଶୁମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁ ନଥିବାରୁ ସେମାନଙ୍କ ଏହି କାଣ୍ଡ ଆମକୁ ଖୁବ୍ କଷ୍ଟ ଦେଲା । ଚାଳିଶି ଦିନରୁ ବେଶୀ ଜମିରେ କଟାଇବା ପରେ ଗୋଷ୍ଠୀର ଏକ ବୈଠକ ବସିଲା । ସମସ୍ତେ ଜାଣିଥିଲେ, ଘଟି ଯାଇଥିବା ଘଟଣାର ପୁନରାବୃତ୍ତି ହେଲେ ସେମାନେ ଭୋକରେ ମରିବା ସୁନିଶ୍ଚିତ । ମକାପିଠା ତିଆରି କରିବା ପାଇଁ ଆମ ନିକଟରେ ରନ୍ଧନ ପାତ୍ର ନଥିଲା କିମ୍ବା ପେଷିବା ପାଇଁ ଚକି ମଧ୍ୟ ନଥିଲା । ବାହାରେ ଇତଃସ୍ତତଃ ପଡ଼ିଥିବା ସବୁ ଜିନିଷକୁ ସଂଗ୍ରହ କରି ଏକାଠି କରିବାକୁ ଆମେ ସ୍ଥିର କଲୁ । ମୋ ବାପାଙ୍କୁ ଗୋଷ୍ଠୀର ସମସ୍ତେ ଖାତିର କରୁଥିଲେ । ମନରେ ସାହସ ବାନ୍ଧି ଘରକୁ ଫେରିଯିବା ପାଇଁ ସେ ପ୍ରସ୍ତାବ ଦେଲେ ଏବଂ ସମସ୍ତେ ପ୍ରସ୍ତାବ ସହିତ ଏକମତ ହେଲେ । ଆମ ପଡ଼ୋଶୀ ଗାଁର ଲୋକମାନେ ଆମକୁ ସବୁ ପ୍ରକାର ସାହାଯ୍ୟ କରୁଥାନ୍ତି । ଆମେ ଯେପରି ରୋଷେଇ କରି ଖାଇ ପାରିବୁ ସେଥିପାଇଁ ହାଣ୍ଡି , ଥାଳି ଇତ୍ୟାଦି ସବୁ ଆବଶ୍ୟକୀୟ ଉପକରଣ ସେମାନେ ଯୋଗାଇଦେଲେ ।

ଏଥର ଜମି ମାଲିକମାନେ ସମୂହ କଥାବାର୍ତ୍ତା ପାଇଁ ଆସିଲେ । ଜମି ତାଙ୍କର ହୋଇଥିବାରୁ ସେମାନଙ୍କର ଗୋତି ଭାବରେ କାମ କରିବା ଆମ ଭାଗ୍ୟ ବୋଲି ଗ୍ରହଣ କରି ନେବାକୁ ସେମାନେ ଆମକୁ ପ୍ରବର୍ତ୍ତାଇଲେ । ଅବଶ୍ୟ ଆମେ ଚାହିଁଲେ ଆମ ଘରେ ରହି

Digitized by srujanika@gmail.com

ପାରୁ; କିନ୍ତୁ ଜମି ଉପରେ ଆମର ଅଧିକାର ରହିବ ନାହିଁ । ଏହି ସର୍ତ୍ତରେ ରାଜି ନହେଲେ ସେମାନେ ପୁଣି ଥରେ ଆମକୁ ଗାଁରୁ ତଡ଼ିଦେବେ ବୋଲି ଧମକ ମଧ ଦେଲେ । କିନ୍ତୁ ମୋ ବାପା କହିଲେ: 'ଆମେ ହିଁ ଏଠାକୁ ଆସି ଏହି ଜମି ଚାଷ କରିବାରେ ପ୍ରଥମ ପରିବାର ଥିଲୁ । ଏ ଜମି ଆମର ନୁହେଁ, ଏହା କହି କେହି ଆମକୁ ଠକି ପାରିବେ ନାହିଁ । ସେମାନଙ୍କର ଯଦି ଅଧିକ ଜମି ଦରକାର, ସେମାନେ ପାହାଡ଼କୁ ଯାଇ ଚାଷ କରନ୍ତୁ ।' ଜମି ତ ବହୁତ ଅଛି, କିନ୍ତୁ ସେଥିରେ କିଛି ଉତ୍ପାଦନ ହୁଏ ନାହିଁ । କିଏ ଜାଣେ ହୁଏତ ଆମ ଗୋଷ୍ଠୀ ଯଦି ଏକୁଟିଆ ହୋଇଥାନ୍ତା ଆମ ଜମି କୌଣସି ବଡ଼ ଫିନ୍‌କା ରେ ମିଶି ଯାଇଥାନ୍ତା ଏବଂ ଆମେ ଗୋତି ହୋଇ ଯାଇଥାଆନ୍ତୁ । କିନ୍ତୁ ମୋ ବାପା ଜୀବନ ଗଲେ ମଧ ଜମି ଛାଡ଼ିବେ ନାହିଁ - ଏହି ସଂକଳ୍ପରେ ଅଟଳ ଥିଲେ । ସେ ସମୟରେ ଅନ୍ୟମାନଙ୍କ ସହିତ ଐକ୍ୟବଦ୍ଧ ହୋଇ ଆମ ଜମି ସମ୍ପର୍କରେ ପ୍ରତିବାଦ କରିବାର ରାଜନୈତିକ ସ୍ୱଚ୍ଛତା ଆମର ନଥିଲା । ଆମେ ଯାହା କରୁଥିଲୁ ଏକକ ଗୋଷ୍ଠୀ ଭାବରେ ହିଁ କରୁଥିଲୁ । ତେଣୁ ଆମେ ଘରକୁ ଫେରିଗଲୁ ଏବଂ ଜମି ମାଲିକମାନଙ୍କର ସର୍ତ୍ତକୁ ମାନିଲୁ ନାହିଁ । ସେମାନେ ମଧ ମାସେ ଦୁଇମାସ ପାଇଁ ଆମଠାରୁ ଦୂରେଇ ରହିଲେ ।

ତାପରେ ଆଉ ଥରେ ଆକ୍ରମଣ ହେଲା । ଦ୍ୱିତୀୟ ଥର ପାଇଁ ଆମ ପଡ଼ୋଶୀମାନେ ଦେଇଥିବା ଜିନିଷ ସମେତ ଆମର ସବୁ ପଦାର୍ଥ ନଷ୍ଟ କରି ଦିଆଗଲା । ଜମି ମାଲିକମାନଙ୍କର କ୍ରମାଗତ ଆକ୍ରମଣକୁ ସହ୍ୟ କରିବା ପାଇଁ ଶକ୍ତି ଆମର ନଥିଲା । ତେଣୁ ଆମେ ଆମ ଜମି ଛାଡ଼ି ଫିନ୍‌କାକୁ ଯିବା ପାଇଁ ସ୍ଥିର କଲୁ । କିନ୍ତୁ ଫିନ୍‌କାରେ ସବୁ ଦିନ ପାଇଁ ରହିବା ସମ୍ଭବ ନଥିଲା । ଆମେ କ'ଣ କରିବୁ, ଫିନ୍‌କାକୁ ଗଲେ ଆମର ଅବସ୍ଥା କ'ଣ ହେବ - ଏ ସବୁ ପ୍ରଶ୍ନର ଉତ୍ତର ଖୋଜି ନପାଇ ଆମେ ସେଠାକୁ ନଯିବା ପାଇଁ ନିଷ୍ପତ୍ତି ନେଲୁ ।

ଆମେ ଆମ ଜମିକୁ ଖୁବ୍ ଭଲପାଉ । ସେହି ଲୋକମାନେ ଆମ ଜମିକୁ ଆମ ଠାରୁ ଛଡ଼ାଇ ନେବା ପାଇଁ ଚେଷ୍ଟା କରୁଥିଲେ ବୋଲି ଆମ ଦୁଃଖର ସୀମା ନଥିଲା । ମୋ ଜେଜେବାପା କାନ୍ଦି କାନ୍ଦି କହିବାର ମୁଁ ଶୁଣିଛି : ' ଅତୀତରେ କେହି ଜଣେ ଲୋକ ଜମିର ମାଲିକ ନଥିଲା । ଜମି ଥିଲା ସମସ୍ତଙ୍କର; ସେଥିରେ ସୀମା ସରହଦ ନଥିଲା ।' ଆମ ଯୋଗୁଁ ଆମ ପଶୁମାନେ ଭୋକିଲା ରହିବାର ଦେଖି ଆମକୁ ବେଶୀ ଦୁଃଖ ଲାଗୁଥିଲା । ସେମାନେ ଶସ୍ୟ ନିକଟକୁ ଗଲେ ଗାର୍ସିଆର ଲୋକ ସେମାନଙ୍କୁ ମାରି ଦେଉଥିଲେ । ମୋର ମନେ ଅଛି ଅନରିଓ ଗାର୍ସିଆ ଓ ଏଞ୍ଜେଲ ମାର୍ଟିନେଜ ସବୁଠାରୁ ବଦମାସ ଜମି ମାଲିକ ଥିଲେ । ମୋ ଜେଜେବାପା କହୁଥିଲେ ସେମାନେ ଯଦି ଆମ ପଶୁମାନଙ୍କୁ ମାରନ୍ତି ଆମେ ସେମାନଙ୍କୁ ହତ୍ୟା କରିବା ଉଚିତ । ଜମି ମାଲିକମାନଙ୍କ ଦ୍ୱିତୀୟ ଆକ୍ରମଣ ପରେ ଆମେ ପ୍ରାୟ ପନ୍ଦରଦିନ ଜାଲ ବାହାରେ ରହିଲୁ । ବୟସ୍କମାନେ ଘରକୁ ପୋଡ଼ି ଦେଇ ଅନ୍ୟତ୍ର ଚାଲିଯିବା ପାଇଁ ଆମକୁ ପରାମର୍ଶ ଦେଲେ । ଫିନ୍‌କାକୁ ଯିବା ଓ ଜମି ମାଲିକର ଗୋତି

Digitized by srujanika@gmail.com

ହୋଇ ରହିବା ମଧ୍ୟରେ କେଉଁଟି ଶ୍ରେୟସ୍କର ଆମେ ଠିକ୍ କରି ପାରୁନଥିଲୁ । ଗୋଷ୍ଠୀ ମଧ୍ୟରେ ଏହାକୁ ନେଇ ଅନେକ ସମୟ ଧରି ଆଲୋଚନା ହେଲା । ଏଥିରେ ବ୍ୟସ୍ତ ରହି ଆମେ ଆମର ପର୍ବ ପର୍ବାଣିମାନ ପାଳନ କରି ପାରିଲୁ ନାହିଁ । କିନ୍ତୁ ମୋ ବାପା ଜୀବନ ଦେବାକୁ ପଡୁ ପଛେ ଜମି ଛାଡ଼ିବେ ନାହିଁ, ଏହି ଜିଦ୍‌ରେ ଅଟଳ ରହିଥାନ୍ତି । ବାପାଙ୍କୁ ଜମି ମାଲିକଙ୍କ ରକ୍ଷୀମାନେ ଗୁଳିକରି ମାରିଦେବେ ଓ ଆମେ ଅନାଥ ହୋଇଯିବୁ ଏହି ଭୟଙ୍କର ଚିନ୍ତା ଆମକୁ ବ୍ୟତିବ୍ୟସ୍ତ କରୁଥିଲା । ବେଳେବେଳେ ମୋ ମା' ଆଶଙ୍କାରେ ଉତ୍ପୀଡ଼ିତ ହୋଇ ନିଜ ଜୀବନକୁ ବିପନ୍ନ ନକରିବା ପାଇଁ ବାପାଙ୍କୁ ନେହୁରା ହେଉଥିଲେ ।

ବାପା ଖୁବ୍ କମ୍ ସମୟ ଘରେ ରହୁଥିଲେ । ସବୁବେଳେ ତାଙ୍କୁ ବାହାରକୁ ଯିବାକୁ ପଡୁଥିଲା । ଆଗ ପରି ସେ ଆମ ପାଇଁ ଏତେ ସମୟ ଦେଇ ପାରୁନଥିଲେ । ହଠାତ୍ ଗାଁରେ ପହଞ୍ଚି ସେ ଗୋଷ୍ଠୀର ବୈଠକ ଡ଼ାକୁଥିଲେ ଏବଂ ସମସ୍ତଙ୍କ ସହିତ ଆଲୋଚନା କରିବା ଉତ୍ତାରୁ ପର ଦିନ ପୁଣି ବାହାରକୁ ଚାଲି ଯାଉଥିଲେ । ତାଙ୍କ ସହିତ ଆମର ବେଶୀ ସମ୍ପର୍କ ରହୁନଥିଲା । ମୋ ବାପା ଆମ ଜମିକୁ ରକ୍ଷା କରିବା ପାଇଁ ଏତେ ପରିଶ୍ରମ କରୁଥିବା ଦେଖି ଜମିମାଲିକ ମାନେ ତାଙ୍କୁ ଧମକ ଦେବାକୁ ଆରମ୍ଭ କଲେ । ଆମର କେତେଗୁଡ଼ିଏ ଭଲ ଡ଼ାହାଳ କୁକୁର ଥିଲେ । ଅଜଣା ଲୋକ ଘରକୁ ଆସିଲେ ସେମାନଙ୍କୁ କାମୁଡ଼ି ଗୋଡ଼ାଇବା ପାଇଁ ଆମେ କୁକୁର ଗୁଡ଼ିକୁ ତାଲିମ ଦେବା ଆରମ୍ଭ କଲୁ ।

ଏପରି ପରିସ୍ଥିତିରେ ଆମେ ଫିନ୍‌କାକୁ ଯିବା ମଧ୍ୟ ସମ୍ଭବ ନଥିଲା । ଆମେ ଫିନ୍‌କାକୁ ଯାଇଥିଲେ ସେଠାରୁ ଫେରିବା ବେଳକୁ ଆମ ଘର ଗୁଡ଼ିକ ମଧ୍ୟ ନଥାନ୍ତା । ଗୋଷ୍ଠୀର ସମସ୍ତେ ନିଷ୍ପତ୍ତି କଲେ, ଜମିରେ ଯାହା ମିଳିବ ତାକୁ ଖାଇ ରହିବେ ପଛେ, ଫିନ୍‌କାକୁ ଯିବେ ନାହିଁ । ନିହାତି ଦରକାର ହେଲେ ପରିବାରର କେହି ଯଦି ଫିନ୍‌କାକୁ ଯାଆନ୍ତି ଅନ୍ୟମାନେ ଘର ଜଗିବେ । ଏହା ଫଳରେ ଆମ ଭିତରେ ଏକତା ବଢ଼ିଲା । ଜିମି ମାଲିକ ମାନଙ୍କୁ ଏଣିକି ଆମ ସମସ୍ତଙ୍କ ସହିତ ଏକାଠି ମୁକାବିଲା କରିବାକୁ ପଡ଼ିଥାନ୍ତା । ଦଳବଦ୍ଧ ପ୍ରତିରୋଧରେ ପିଲାମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଗଲା । ଜମି ମାଲିକମାନଙ୍କ ଆସିବା କଥା ଜାଣିଲେ ସେମାନେ ପ୍ରଥମେ ଆମକୁ ଖବର ଦେବେ ବୋଲି ସ୍ଥିର ହେଲା । ମୁଁ ମୋ ଭାଇ ଭଉଣୀ ମାନଙ୍କ ସହିତ ବେଳେବେଳେ ଫିନ୍‌କାକୁ ଯାଉଥିଲି । କିନ୍ତୁ ମା' ସବୁବେଳେ ଘର ଜଗୁଥିଲେ । ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜମି ମାଲିକମାନେ କାଳେ ଗାଁକୁ ଆସିବେ ସେଥିପାଇଁ ମୋ ବାପା ଫିନ୍‌କାକୁ ଯିବା ପ୍ରାୟ ବନ୍ଦ କରି ଦେଇଥିଲେ । ଏହିପରି ଉତ୍ତେଜନାରେ ବେଶ୍ କିଛି ସମୟ କଟିଗଲା । ତାପରେ ସେମାନେ ଆହୁରି ଗୋଟିଏ ଫନ୍ଦି ବାହାରକଲେ । ମକା ଓ ବିନ୍ ବିକିବା ପାଇଁ ଆମକୁ ଦୂର ସହରକୁ ଯିବାକୁ ପଡୁଥିଲା । ଜମି ମାଲିକମାନେ ଆମକୁ ବଜାରଠାରୁ ଦୂରରେ ରଖିବା ପାଇଁ ଗୋଟିଏ ଅସ୍ଥାୟୀ ବଜାର ବସାଇଲେ ।

Digitized by srujanika@gmail.com

ଏତିକିବେଳେ ଜାତୀୟ କୃଷି ଅନୁଷ୍ଠାନ ସମସ୍ୟାର ସମାଧାନ ହୋଇ ଯାଇଛି ବୋଲି ଆମକୁ ଖବର ଦେଲା । ଆମକୁ କୁହାଗଲା: 'ଦଲିଲରେ ଦସ୍ତଖତ କରିଦେଲେ ଜମି ତୁମର ହୋଇଯିବ । ତୁମ ଜମିରେ ଆଉ କେହି ଗୋଳମାଳ କରିବେ ନାହିଁ । ତୁମେ ଜମି ସଫା କରି ସେଥିରେ ଶସ୍ୟ ବୁଣି ପାରିବ । ବୁଦା ସଫାକରି ତୁମେ ପାହାଡ଼ର ବେଶୀ ଅଞ୍ଚଳକୁ ଆବାଦ ମଧ୍ୟ କରି ପାରିବ । ଏହା ହେଉଛି ସରକାରଙ୍କ ପ୍ରସ୍ତାବ ।' ଆମେ ସେଥିରେ ଦସ୍ତଖତ କଲୁ । ମୋର ମନେଅଛି ପିଲାମାନେ ମଧ୍ୟ ଏହି ଦଲିଲରେ ଦସ୍ତଖତ କଲେ । ଆମେ କଲମରେ ବା ପେନ୍‌ସିଲ୍‌ରେ ଦସ୍ତଖତ କରିବା ଜାଣି ନଥିଲୁ, ତେଣୁ ଟିପ ଚିହ୍ନ ହିଁ ଦେଲୁ । ଆମେ ବୁଝୁ ବା ନବୁଝୁ ଦଲିଲଟିକୁ ପଢ଼ି ଶୁଣାଇ ଦେବାପାଇଁ ବାପା ଦାବି କଲେ । ଆମେ ଅବଶ୍ୟ କିଛି କିଛି ବୁଝୁଥିଲୁ । କିନ୍ତୁ ସେମାନେ ଦଲିଲକୁ ପଢ଼ିବା ପାଇଁ ଜମା ଚାହୁଁ ନଥିଲେ । ଜାତୀୟ ଅନୁଷ୍ଠାନର ଇନ୍‌ସ୍‌ପେକ୍ଟରମାନେ ଦଲିଲକୁ ବିଶ୍ୱାସ କରିବା ପାଇଁ ଆମକୁ ପରାମର୍ଶ ଦେଲେ । ତାପରେ ଆମେ ସେଥିରେ ଟିପ ଦେଲୁ ।

ଏହା ପରେ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ସେମାନେ ଆମକୁ ହଇରାଣ କଲେ ନାହିଁ । ଆମ ଲୋକମାନେ କାମରେ ବ୍ୟସ୍ତ ରହିଲେ । ବେଶୀ ଜମି ଚାଷ କରିବୁ ବୋଲି ଆମେ ଫିନ୍‌କାକୁ ଯିବା ମଧ୍ୟ ବନ୍ଦ କରିଦେଲୁ । ଆମେ ପାହାଡ଼ ଜଙ୍ଗଲ ସଫା କରି ଅଧିକ ଜମି ଆବାଦ କରିବା ପାଇଁ ଚେଷ୍ଟା କଲୁ । ଆମର ସ୍ୱପ୍ନ ଥିଲା ଯେ ପାଞ୍ଚରୁ ଆଠ ବର୍ଷ ମଧ୍ୟରେ ଆମ ଜମିରୁ ଫସଲ ଉତ୍ପାଦନ ହେବ । ଏହିପରି ଭାବରେ ଅଢ଼େଇ ବର୍ଷ ବିତିଯିବା ପରେ ଆମ ଜମି ଉପରେ ମାଲିକମାନଙ୍କ ରକ୍ଷୀ ଓ ଇଞ୍ଜିନିୟରମାନଙ୍କର କୋଳାହଳ ପୁଣି ଶୁଣାଗଲା । ମାର୍ଟିନେଜ ଓ ଗାର୍ସିଆ ସହିତ ବ୍ରଲ୍‌ସର ଲୋକ ମଧ୍ୟ ଆମ ଜମିର ଗୋଟିଏ ଅଂଶକୁ ମାପୁଥିଲେ । ଏଥର ସମସ୍ୟା ଅଧିକ ଜଟିଳ ଥିଲା । ଆମେ ଦସ୍ତଖତ କରିଥିବା ଦଲିଲ ଗୁଡ଼ିକୁ ସେମାନେ ଆଣିଥିଲେ ଯେଉଁଥିରେ ଆମେ ମାତ୍ର ଦୁଇବର୍ଷ ପାଇଁ ଜମି ଦଖଲ କରିବୁ ଓ ତା'ର ଫଳ ଭୋଗ କରିବୁ ବୋଲି ସ୍ୱୀକୃତି ଦେଇଥିଲୁ । ବାସ୍ତବରେ କିନ୍ତୁ ଏହା ଥିଲା ସମ୍ପୂର୍ଣ୍ଣ ମିଥ୍ୟା । ଆମେ କ'ଣ ଦସ୍ତଖତ କରିଛୁ ନିଜେ ମଧ୍ୟ ଜାଣି ନଥିଲୁ । ଏହି ଅନ୍ୟାୟ ପ୍ରବଞ୍ଚନାକୁ ମାନିବା ପାଇଁ ମୋ ବାପା ମୋଟେ ପ୍ରସ୍ତୁତ ନଥିଲେ । ଏହାପରେ ୟୁନିୟନମାନଙ୍କ ସହ ବାପା ଅଧିକରୁ ଅଧିକ ଜଡ଼ିତ ହୋଇପଡ଼ିଲେ । ସେ ଗୁଆଟେମାଲାର ସ୍ୱାଧୀନ ୟୁନିୟନର ପରିଷଦକୁ ସାହାଯ୍ୟ ମାଗିବା କଥା ମୋର ମନେଅଛି । ଆମେ କୃଷକ ଓ କୃଷି ଶ୍ରମିକ ହୋଇଥିବାରୁ ଶ୍ରମିକମାନଙ୍କର ଏହି ୟୁନିୟନ ଗୁଡ଼ିକ ଆମକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ସେ ମନେକରୁଥିଲେ । ଶ୍ରମିକ ସଂଗଠନଗୁଡ଼ିକ ଆମକୁ ଅନେକ ସାହାଯ୍ୟ ମଧ୍ୟ କଲେ । ଆମକୁ ଆମ ଜମିରୁ ବେଦଖଲ କରାଯିବା ଘଟଣାକୁ ସେମାନେ ନିନ୍ଦା କଲେ । କିନ୍ତୁ ଶ୍ରମିକ ସଂଗଠନ, ଓକିଲ ଓ ଜାତୀୟ କୃଷି ଅନୁଷ୍ଠାନକୁ

Digitized by srujanika@gmail.com

ସାହାଯ୍ୟ ପାଇଁ ଦୌଡ଼ି ଦୌଡ଼ି ମୋ ବାପା ନୟାନ୍ତ ହୋଇପଡ଼ିଲେ । ସେ ଆମକୁ କହିଲେ: 'ପିଲାମାନେ, ମୁଁ ଯେଉଁ ସବୁ ସ୍ଥାନକୁ ଯାଉଛି ସେ ସ୍ଥାନଗୁଡ଼ିକୁ ତୁମେ ଜାଣି ରଖିବା ଦରକାର, ନଚେତ୍ ସେମାନେ ମୋତେ ହତ୍ୟା କଲେ ଗୋଷ୍ଠୀ ତା'ର ସବୁ ଜମି ହରାଇ ବସିବ । ' ଏହା ପରେ ମୋ ବଡ଼ ଭାଇମାନଙ୍କ ମଧ୍ୟରୁ ଜଣେ ବାପାଙ୍କ ସହିତ ବିଭିନ୍ନ ସ୍ଥାନକୁ ଗଲେ ଏବଂ ସ୍ପାନିଶ୍ ଶିଖିବା ଆରମ୍ଭ କଲେ । ଗୋଷ୍ଠୀ ଚାନ୍ଦା କରି ବାପାଙ୍କ ଯିବା ଆସିବା ଖର୍ଚ୍ଚ ଦେଉଥିଲା । ତଥାପି ବେଳେବେଳେ ତାଙ୍କ ପାଖରେ ମୋଟେ ଟଙ୍କା ନଥାଏ ଏବଂ ମା' ତାଙ୍କ ଗୃହପାଳିତ ପଶୁମାନଙ୍କୁ ବିକ୍ରୀକରି ତାଙ୍କ ଯାତ୍ରା ଖର୍ଚ୍ଚ ଦିଅନ୍ତି । କିନ୍ତୁ ଆମେ ଆମ ଜମି ନଛାଡ଼ିବା ବଦ୍ଧ ପରିକର ଥିଲୁ । ମା' କ୍ରମେ ଆମ ବିଷୟରେ ବେଶୀ ଚିନ୍ତା କରିବାରେ ଲାଗିଲେ । ସେମାନଙ୍କର ବୟସ ବଢୁଥିଲା ଏବଂ ତାଙ୍କ ଅନ୍ତେ ପିଲାମାନେ ଯନ୍ତ୍ରଣା ଭୋଗ କରିବେ - ଏହାହିଁ ଥିଲା ତାଙ୍କର ଚିନ୍ତା ।

ମୋ ବାପା ଯେତେବେଳେ ସାହାଯ୍ୟ ପାଇଁ ୟୁନିୟନମାନଙ୍କର ଦ୍ୱାରସ୍ଥ ହେଲେ ଏବଂ ସେମାନଙ୍କ ସମର୍ଥନ ହାସଲ କଲେ, ମାଲିକମାନେ ଜମି ମାମଲା ବୁଝୁଥିବା ବିଚାରପତିଙ୍କୁ ପ୍ରଚୁର ଟଙ୍କା ଦେଇ ବାପାଙ୍କୁ ଗିରଫ କରାଇ ଦେଲେ । ରାଷ୍ଟ୍ରର ସାର୍ବଭୌମତ୍ୱ ସହିତ ସାଲିସ୍ କରିଥିବା ଦୋଷରେ ମୋ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଏହିପରି ଭାବରେ ଗୁଆଟେମାଲା ଅଧିବାସୀମାନଙ୍କର ସାର୍ବଭୌମତ୍ୱ ଓ କଲ୍ୟାଣ ବୃଦ୍ଧି ପାଇଁ କାମ କରୁଥିବା ଲୋକଟିକୁ ଜେଲ୍‌କୁ ପଠାଇ ଦିଆଗଲା । ମୋର ମନେଅଛି, ବର୍ଷେ କାଳ ଚାକରାଣୀ ଭାବରେ କାମ କରି ମୋ ପରିବାର, ବିଶେଷ ଭାବରେ ମୋ ମା'ଙ୍କୁ ଖୁସି କରିବା ପାଇଁ ମୁଁ କିଛି ଟଙ୍କା ସଞ୍ଚୟ କରିଥିଲି । ମୁଁ ଏଇଥିପାଇଁ ସଞ୍ଚୟ କରିଥିଲି ଯେ ମୋ ମା'ଙ୍କୁ କେତୋଟି ମାସ ଫିନ୍‌କାକୁ ଯିବାକୁ ପଡ଼ିବ ନାହିଁ । କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିବା ପାଇଁ, ଓକିଲ, ମୋହରିର , ସାକ୍ଷୀ ଓ ଦସ୍ତାବିଜ ପାଇଁ ଅନେକ ଅର୍ଥର ଆବଶ୍ୟକତା ଥିଲା । ଆମେ ସ୍ପାନିଶ ଜାଣି ନଥିବାରୁ ମା'ଙ୍କର ବକ୍ତବ୍ୟକୁ ଅନୁବାଦ କରିବା ପାଇଁ ଆମକୁ ଜଣେ ମଧ୍ୟସ୍ଥି ଖୋଜିବାକୁ ପଡ଼ିଲା । ଓକିଲ ଜଣକ ଲାଡ଼ିନୋ ହୋଇଥିବାରୁ ଆମ ଭାଷା ବୁଝି ପାରୁନଥିଲେ । ଆମ କଥାର ଯେପରି ଭୁଲ୍ ଭାଷାନ୍ତର ହୁଏ ସେଥିପାଇଁ ଆରମ୍ଭରୁ ଜମି ମାଲିକ ଭାଷାନ୍ତର କରୁଥିବା ଲୋକକୁ ଲାଞ୍ଚ ଦେଇଥିଲେ । ଓକିଲର କିଛି କରିବାର ନଥିଲା, ଯେହେତୁ ଭାଷାନ୍ତର କାରୀର ବୟାନ ଅନୁସାରେ ଜମି ମାଲିକର ଜମି ଉପରେ ମାଲିକାନାକୁ ଆମେ ନିଜେ ସ୍ୱୀକାର କରିଥିଲୁ । ଜମି ଚାଷ କରିବା ପାଇଁ ଆମକୁ ଟଙ୍କା ଦେଇଥିଲେ ବୋଲି ସମ୍ପୂର୍ଣ୍ଣ ମିଛ କଥା ସେମାନେ କହିଲେ । ବାପା ସ୍ଥାନୀୟ ଜେଲ୍‌ରେ ରହିଥିଲେ ଏକ ପ୍ରକାର ହୋଇଥାନ୍ତା । କିନ୍ତୁ ଆମର ଭୟ ଥିଲା ସେମାନେ ତାଙ୍କୁ ଏଲ୍ କ୍ୱିସେର ବଡ଼ ଜେଲକୁ ନେଇଯିବେ । ତାହା ହେଲେ ତାଙ୍କୁ ଦଣ୍ଡାଦେଶ ସମ୍ପୂର୍ଣ୍ଣ ଭାବେ ଭୋଗ

Digitized by srujanika@gmail.com

କରିବାକୁ ପଡ଼ିବ । ଅପରାଧୀ ମାନଙ୍କ ଜେଲ୍‌କୁ ଗଲେ ପୂରା ଅଠର ବର୍ଷ ବା ତା'ଠାରୁ ବେଶୀ ସମୟ ତାଙ୍କୁ ଜେଲ୍‌ରେ ହିଁ ରହିବାକୁ ପଡ଼ିବ ।

ବାପାଙ୍କୁ ଜେଲରୁ ମୁକୁଳାଇବା ଆମ ପାଇଁ ସହଜ ନଥିଲା । ମା'ଙ୍କୁ ସାନ୍ତାକ୍ରୁଜ୍ ଡ଼େଲ୍ କ୍ୱିସେରେ ଚାକରାଣୀ ଭାବରେ କାମ କରିବାକୁ ପଡ଼ିଲା । ବାକୀ ଆମେ ସମସ୍ତେ ଫିନ୍‌କାରେ କାମ କଲୁ । ଆମର ସବୁ ରୋଜଗାର ଓକିଲ ଓ ମଧ୍ୟସ୍ଥିଙ୍କ ଉପରେ ଖର୍ଚ୍ଚ ହୋଇଗଲା । ବାପା ଜେଲ୍‌ରେ ଥିବା ସମୟତକ ମୋତେ ଥରେ ହେଲେ ବି ଘରକୁ ଯିବା ପାଇଁ ସୁଯୋଗ ମିଳିଲା ନାହିଁ । ମୋ ଭାଇ ମାସରେ ଥରେ ଅଲ୍‌ଟିପ୍ଲାନୋକୁ ଯାଇ ମା'ଙ୍କୁ ଟଙ୍କା ଦେଇ ଆସୁଥାଏ ।

ବାପାଙ୍କୁ ଜେଲ୍‌ରୁ ମୁକୁଳାଇବା ପାଇଁ ଆମେ ଅବଶ୍ୟ ଗୋଷ୍ଠୀର ଅକୁଣ୍ଠ ସାହାଯ୍ୟ ପାଉଥିଲୁ । ଜମି ମାଲିକମାନଙ୍କ ଦୃଷ୍ଟିରେ ମୋ ବାପା ଥିଲେ ରାଜା ବା ଗାଁର ମୁଖିଆ ଏବଂ ମୁଖିଆକୁ ପରାସ୍ତ କରି ପାରିଲେ ଗୋଷ୍ଠୀକୁ ପରାସ୍ତ କରିପାରିବେ ବୋଲି ସେମାନେ ଭାବୁଥିଲେ । କିନ୍ତୁ ଏହି ଧାରଣାଯେ ଭୁଲ୍ ଥିଲା- ଏକଥା ସେମାନେ ଖୁବ୍ ଶୀଘ୍ର ଉପଲବ୍ଧି କରିପାରିଲେ । ବାପା ଗୋଷ୍ଠୀର ଇଚ୍ଛା ଅନୁସାରେ ହିଁ କାମ କରୁଥିଲେ; ସେ ଆଇନ୍ ତିଆରି କରୁ ନଥିଲେ । କଥା କହି ନପାରିବା ଆମ ପାଇଁ ସେତେବେଳେ ସବୁଠାରୁ ବଡ଼ ଅସୁବିଧା ଥିଲା । ସେତିକିବେଳେ ମୁଁ ସ୍ପାନିଶ୍ କହି ଶିଖିବା ପାଇଁ ଦୃଢ଼ ନିଷ୍ପତ୍ତି ନେଲି । ଉଣେଇଶି ହଜାର କ୍ୱେଜାଲ ଦେଲେ ଗାଁ ବାଲା ଜମି କିଣିପାରିବେ ବୋଲି ସେମାନେ କହିଲେ । କିନ୍ତୁ ଏହା ଆମ ପ୍ରତି ପରିହାସ ଛଡ଼ା ଆଉକିଛି ନଥିଲା । କୃଷକମାନେ ସ୍ୱପ୍ନରେ ମଧ୍ୟ ଏତେ ଟଙ୍କା କଥା ଚିନ୍ତା କରି ପାରିବେ ନାହିଁ, ଏହା ସେମାନଙ୍କୁ ଭଲ ଭାବରେ ଜଣାଥିଲା । ଆମ ପାଖରେ ଦଶ ସେଣ୍ଟାଭୋ ମଧ୍ୟ ନଥାଏ । ଉଣେଇଶି ହଜାର କ୍ୱେଜାଲ୍ ମାଗିବାର ପ୍ରକୃତ ଅର୍ଥ ଥିଲା ଶୀଘ୍ର ଜମି ଛାଡ଼ି ଚାଲିଯାଅ । ଏହି ପରିସ୍ଥିତିରେ ବାପା ଜେଲରୁ ବାହାରକୁ ଆସିଲେ । ତାଙ୍କୁ ଦେଖିଲେ ମନେହେଉଥାଏ, ଯେପରି ସାହସ ଓ ଆନନ୍ଦର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ ।

ଚାକରାଣୀ କାମ ଛାଡ଼ିବା ପୂର୍ବରୁ ମୁଁ ବାପାଙ୍କୁ ଦେଖିବା ପାଇଁ ଥରେ ସାନ୍ତାକ୍ରୁଜ୍ ଜେଲ୍‌କୁ ଯାଇଥିଲି । ଡ଼େଲ୍ କ୍ୱିସେର ଜେଲ୍ ସହିତ ଏହା ଥିଲା ମୋର ପ୍ରଥମ ପରିଚୟ । ଜେଲ୍‌ରେ ଅନ୍ୟ କଏଦୀ ମାନଙ୍କ ସହିତ ବାପା ରହୁଥିଲେ । ଏହି କଏଦୀ ମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ପାଗଳ । ପରସ୍ପର ସହିତ ଲଢ଼ାଇରେ ସେମାନଙ୍କର ବେଶୀ ସମୟ ଯାଉଥିଲା । ସେମାନଙ୍କ ମୁହଁରେ ରକ୍ତଛିଟା ଲାଗିଥିବା ଯେ କେହି ଦେଖିପାରିବ । ମୁଁ ଭାବିଲି, ଏପରି ସ୍ଥାନରେ ବାପା ଯଦି ଅଠର ବର୍ଷ କଟାନ୍ତି, ସେ ନିଶ୍ଚୟ ପାଗଳ ହୋଇଯିବେ । ମା'ଙ୍କୁ ଚାକରାଣୀ ଭାବରେ କାମ କରିବାକୁ ପଡୁ ପଛେ, ଏବଂ ତାଙ୍କର ସବୁ ରୋଜଗାର ଓକିଲ ପାଇଁ ଖର୍ଚ୍ଚ ହେଉ ପଛେ, ବାପାଙ୍କୁ ଜେଲ୍‌ରୁ ମୁକୁଳାଇବା ପାଇଁ ମୁଁ ଶପଥ

Digitized by srujanika@gmail.com

ନେଲି । ଆମେ ସବୁ ଭାଇ ଭଉଣୀ ମିଶି କଠିନ ପରିଶ୍ରମ କରିବାକୁ ଲାଗିଲୁ, କେବଳ ଏତିକି ଶୁଣିବା ପାଇଁ ମେ ବାପା ରାଷ୍ଟ୍ରୀୟ ଜେଲ୍‌କୁ ଯିବେ ନାହିଁ । ଯଦି ସ୍ଥାନୀୟ ଜେଲ୍ ଏପରି ଏପରି ନର୍କ କୁଣ୍ଡ ହୋଇପାରେ କେନ୍ଦ୍ରୀୟ ଜେଲ୍ କେତେ କଦର୍ଯ୍ୟ ହୋଇଥିବ - ମୁଁ ଭାବିଲି । ବାପା ତ ନିରୀହ ମଣିଷଟିଏ ଥିଲେ । ଜେଲ୍‌ରେ ତାଙ୍କର ଜଣେ ଲୋକ ସହିତ ବନ୍ଧୁତା ହେଲା । କି ଦୋଷରୁ କେଜାଣି, ସେହି ଲୋକଟି ତିରିଶ ବର୍ଷ ଧରି ଜେଲରେ ଥିଲା । ସେ ଜେଲରେ ଖାଦ୍ୟ ପ୍ରସ୍ତୁତି ସମେତ ନିଜେ ସବୁ କାମ ଜିନିଷ କରୁଥିଲା । କଏଦୀମାନଙ୍କ କାମର ମଧ୍ୟ ସେ ତଦାରଖ କରୁଥିଲା । କଏଦୀମାନେ ବ୍ୟାଗ ଓ ବାସ୍କେଟ ପରି ଅନେକ ଜିନିଷ ତିଆରି କରୁଥିଲେ ଏବଂ ଏହି ଲୋକଟି ସେଥିପାଇଁ ସେମାନଙ୍କୁ ମଜୁରୀ ଦେଉଥିଲା । ମୋ ବାପା ତା' ସହିତ ବନ୍ଧୁତା କରିବା ପରେ ଭଲ ଖାଇବାକୁ ପାଇଲେ । ସେ ପଶମର ବ୍ୟାଗ୍ ତିଆରି କରି କିଛି ପଇସା ମଧ୍ୟ ରୋଜଗାର କଲେ ଏବଂ ସେହି ଟଙ୍କା ତାଙ୍କୁ ମୁକୁଳାଇବା ପାଇଁ କାମରେ ଲାଗିଲା । ସେମାନେ ବାପାଙ୍କୁ ପ୍ରତି ପାଞ୍ଚଦିନରେ ଥରେ ଜଜ୍‌ଙ୍କ ସମ୍ମୁଖରେ ହାଜର କରାଉ ଥିଲେ ଏବଂ ତାଙ୍କ ବୟାନ ବଦଳୁଛିକି ନାହିଁ ଦେଖୁଥିଲେ । ମୋ ବାପା ନିର୍ଦ୍ଦୋଷ ବୋଲି ବିଚାରପତି ଜାଣିଥିଲେ ମଧ୍ୟ ଜମି ମାଲିକ ମାନଙ୍କୁ ଖୁସି କରିବା ପାଇଁ କିଛି ବାହାନା ଖୋଜୁଥିଲେ । ଜମି ମାଲିକ ମାନେ ବାପାଙ୍କୁ ବେଶୀ ଦିନ ଜେଲରେ ରଖିବା ଉଦ୍ଦେଶ୍ୟରେ ଅଜସ୍ର ଅର୍ଥ ବ୍ୟୟ କରିବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ଫିନ୍‌କାରେ ରାତି ଦିନ କାମ କରିବାକୁ ପଡ଼ିବାରୁ ବାପା ମା'ଙ୍କୁ ଦେଖିବାର ସୁଯୋଗ ଆମର ନଥିଲା ।

ଯାହାହେଉନା କାହିଁକି, ବର୍ଷେ ଦୁଇମାସ ପରେ ବାପା ଜେଲରୁ ବାହାରକୁ ଆସିଲେ । ଏଥିରେ ତାଙ୍କ ଶତ୍ରୁ ମାନେ ଖୁସି ହେବାର କିଛି କାରଣ ନଥିଲା । ଜମି ମାଲିକ ମାନଙ୍କ ସହିତ ଲଢିବାରେ ବାପାଙ୍କର ଉତ୍ସାହ ସାମାନ୍ୟ ମଧ୍ୟ କମି ନଥିଲା । ସେ କହିଲେ: 'ଆମ ପୂର୍ବପୁରୁଷ ମାନେ ଭୀରୁ ନଥିଲେ । ଜେଲ ଗରିବ ଲୋକଙ୍କ ପାଇଁ ଏକ ଦଣ୍ଡ ହୋଇ ପାରେ, କିନ୍ତୁ ଏହା କାହାକୁ ଖାଇଯିବ ନାହିଁ । ମୁଁ ନିଶ୍ଚୟ ଘରକୁ ଫେରିବି ଏବଂ ସଂଗ୍ରାମ କରି ଚାଲିବି ।' ସେ ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଶ୍ରାମ ନେଇ ପାରୁନଥିଲେ । ୟୁନିୟନମାନଙ୍କ ସମର୍ଥନ ପାଇବା ପାଇଁ ସେମାନଙ୍କ ସହିତ ସମ୍ପର୍କ ରଖିବା ଜରୁରୀ ଥିଲା । ପ୍ରତିଥର ବାପା ଆମ ଠାରୁ ବିଦାୟ ନେଇ ଯିବା ବେଳେ ଆମେ ଦୁଖରେ ଭାଙ୍ଗି ପଡୁଥିଲୁ । ସେ କହୁଥିଲେ: 'ପିଲାମାନେ, ତୁମେ ସବୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଦରକାର । ମୁଁ ଯଦି ନଫେରେ ତୁମମାନଙ୍କୁ ମୋ କାମକୁ ଆଗେଇ ନେବା ପାଇଁ ପଡ଼ିବ । ଜମି ମାଲିକମାନେ ଯାହା ଚାହୁଁଛନ୍ତି ଆମେ କେବେ ହେଲେ ତାହା ଘଟିବାକୁ ଦେବା ନାହିଁ ।' ଜେଲ୍‌ରୁ ବାହାରିବା ପରେ ତିନିମାସ ପର୍ଯ୍ୟନ୍ତ ବାପା ବିଭିନ୍ନ ସ୍ଥାନକୁ ଗସ୍ତ କରିବାରେ କଟାଇଲେ । ଏହାର ଠିକ୍ ପରେ ତାଙ୍କୁ ଅପହରଣ କରି ନିଆଗଲା । ତାଙ୍କୁ ସେମାନେ ଜୀବନରୁ ମାରିଦେବେ ବୋଲି ଆମର ଆଶଙ୍କା ଥିଲା । ଜମି ମାଲିକମାନଙ୍କର ଗୁଣ୍ଡାମାନେ ଆମ ଘର ନିକଟରୁ ହିଁ ବାପାଙ୍କୁ

Digitized by srujanika@gmail.com

ଅପହରଣ କରିନେଇଥିଲେ । ତାଙ୍କୁ ହତ୍ୟା ଧମକ ଦିଆଯିବା ପରେ ଆମେ ପ୍ରାୟ ତାଙ୍କୁ ଏକୁଟିଆ କୁଆଡ଼େ ଯିବାପାଇଁ ଦେଉ ନଥିଲୁ । ମୋର ଭାଇ ମାନଙ୍କ ମଧ୍ୟରୁ ଜଣେ ବା ଗୋଷ୍ଠୀର କେହି ଜଣେ ତାଙ୍କ ସାଙ୍ଗରେ ସବୁ ବେଳେ ରହୁଥିଲା । ଅପହରଣ ପରେ ମୋ ଭାଇ ଖସି ଆସି ସାଙ୍ଗେ ସାଙ୍ଗେ ଗାଁ ଯାକ ଲୋକଙ୍କୁ ଏକାଠି କଲା । ପ୍ରଥମ ଥର ପାଇଁ ଆମେ ହତିଆର ବ୍ୟବହାର କରି ବାହାରକୁ ଯାଇଥିବା ସବୁ ରାସ୍ତାକୁ କାଟି ଦେଲୁ । କୋଡ଼ି, କୋଦାଳ, ଟାଙ୍ଗିଆ, ଯାହା ହାତରେ ଯାହା ପଡ଼ିଲା ସେ ତାହାକୁ ଧରି ବାହାରିଲା । ସମସ୍ତଙ୍କ ମୁଣ୍ଡକୁ ଏତେ ରାଗ ଚଢି ଯାଇଥାଏ ଯେ ସେତେବେଳେ ସାମ୍ନାରେ ଗୁଣ୍ଡାମାନେ ପଡ଼ିଥିଲେ ନିଶ୍ଚୟ ହାଣ ଖାଇଥାନ୍ତେ । ମଧ୍ୟାହ୍ନ ବେଳକୁ ଆମେ ବାପାଙ୍କୁ ପାଇଲୁ । ସେମାନେ ତାଙ୍କ ଉପରେ ଅତ୍ୟାଚାର କରିବା ପରେ ଛାଡ଼ି ଚାଲି ଯାଇଥିଲେ । ଆକ୍ରମଣକାରୀଙ୍କ ଚିହ୍ନ ବର୍ଣ୍ଣ କେଉଁଠି ନଥିଲା । କିନ୍ତୁ ସେମାନେ କିଏ ସେ ସମ୍ପର୍କରେ ଆମର ତିଳେ ହେଲେ ସନ୍ଦେହ ନଥିଲା । ସେମାନେ ବାପାଙ୍କ ମୁଣ୍ଡର ଗୋଟିଏ ପାଖରୁ ବାଳ ସବୁ ଉପାଡ଼ି ଦେଇଥିଲେ । ତାଙ୍କ ଦେହର ଚମଡ଼ା ସବୁ ଫାଟି ଯାଇଥିଲା । ଦେହର ଏତେ ଗୁଡ଼ାଏ ହାଡ଼ ଭାଙ୍ଗି ଯାଇଥିଲା ଯେ ସେ ଠିଆ ହେବା ଦୂରର କଥା, ଆଙ୍ଗୁଠିଟିଏ ମଧ୍ୟ ହଲାଇ ପାରୁନଥିଲେ । ବାପାଙ୍କର ଏହି ଅବସ୍ଥା ଆମ ପାଇଁ ଅସହ୍ୟ ଥିଲା, ସେ ଯେପରି ଆଉ ବେଶୀ ସମୟ ବଞ୍ଚିବେ ନାହିଁ ସେମିତି ଦେଖାଯାଉଥିଲେ । ଆମେ ତାଙ୍କୁ ସହରକୁ ନେଇଗଲୁ । ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ବେଳକୁ ତାଙ୍କ ଦେହ ଶୀତଳ ହୋଇଯାଇଥାଏ ସେଥିରେ ଜୀବନ ନଥାଏ କହିଲେ ଚଳେ; ତଥାପି ତାଙ୍କୁ ତତ୍‌କ୍ଷଣାତ୍ ଚିକିତ୍ସା ମିଳିଲା ନାହିଁ । ଜମି ମାଲିକମାନେ ଡ଼ାକ୍ତରଙ୍କୁ ମଧ୍ୟ ଲାଞ୍ଚ ଦେଇସାରିଥିଲେ । ସବୁ ଡ଼ାକ୍ତର ଥିଲେ ଲାଡ଼ିନୋ । ତେଣୁ ମା'ଙ୍କୁ ସାନ୍ତାକ୍ରୁଜ୍ ଡ଼େଲ୍ କ୍ୱିସେରୁ ଗୋଟିଏ ଆମ୍ବୁଲାନ୍‌ସ ଡ଼ାକିବାକୁ ପଡ଼ିଲା । ଆମ୍ବୁଲାନ୍‌ସରେ ବାପାଙ୍କୁ ଏଲ୍ କ୍ୱିସେର ସାନ ଜୁଆନ. ଡ଼ି. ଡ଼ିଅସ୍ ଡ଼ାକ୍ତରଖାନାକୁ ନିଆଗଲା । ସେଠାରେ ପହଞ୍ଚିବା ବେଳକୁ ବାପା ଅର୍ଦ୍ଧମୃତ ହୋଇ ସାରିଥାନ୍ତି । ରକ୍ତାମ୍ଭ ଦେବା ପରେ ତାଙ୍କୁ ସେଠାରେ ପ୍ରାୟ ନ' ମାସ ରହିବାକୁ ପଡ଼ିବ ବୋଲି ଡ଼ାକ୍ତରମାନେ କହିଲେ । ତାଙ୍କ ଦେହର ଅନେକ ଗୁଡ଼ିଏ ହାଡ଼ ଭାଙ୍ଗି ଯାଇଥିଲା । ବୟସ ଅଧିକ ହୋଇଥିବାରୁ ହାଡ଼ ଗୁଡ଼ିକ ଯୋଡ଼ିବାକୁ ଅଧିକ ସମୟ ଲାଗିବ, ଏହା ଫଳରେ ମା'ଙ୍କର ସମସ୍ୟା ବଢିଗଲା । ବାପାଙ୍କର ସେବା କରିବା ପାଇଁ ତାଙ୍କୁ ଏଲ୍ କ୍ୱିସେକୁ ଯିବାକୁ ପଡ଼ିଲା । ଔଷଧ ଓ ସ୍ୱତନ୍ତ୍ର ଶୁଶ୍ରୂଷା ପାଇଁ ଅର୍ଥର ଆବଶ୍ୟକତା ଥିଲା । ସେହିଠାରେ କିଛି ପାଇଟି କରି ଏହି ଅର୍ଥ ସେ ରୋଜଗାର କଲେ ।

ଆପାତତଃ ଫିନ୍‌କାକୁ ନଯିବା ପାଇଁ ମୋ ଭାଇ ଓ ଭଉଣୀମାନେ ସ୍ଥିର କରିଥିଲେ । ସେମାନେ କହିଲେ: 'ଭୋକରେ ରହିବାକୁ ପଡୁ ପଛେ, ଜମି ଚାଷ କରିବା ପାଇଁ ଆମେ ବର୍ତ୍ତମାନ ଠାରୁ ଏହିଠାରେ ହିଁ ରହିବୁ । ବଞ୍ଚିବା ପାଇଁ ଆମେ ଯଥେଷ୍ଟ ଶସ୍ୟ ଉତ୍ପାଦନ କରିବାକୁ ଚେଷ୍ଟା କରିବୁ ।' ମା' ପ୍ରାୟ ପ୍ରତ୍ୟେକ ପନ୍ଦର ଦିନରେ ଥରେ ଆସୁଥାନ୍ତି

Digitized by srujanika@gmail.com

ଏବଂ ଗୋଟିଏ ମାତ୍ର ଦିନ ରହି ପୁଣି ଫେରି ଯାଉଥାନ୍ତି । ଆମେ ଆମ ଛୋଟ ଭଉଣୀର ଦାୟିତ୍ୱ ନେବାକୁ ଠିକ୍ କଲୁ ଯେପରିକି ତାକୁ ମା'ଙ୍କ ସହିତ ଯିବାକୁ ପଡ଼ିବ ନାହିଁ । ଜଣେ ପଡ଼ୋଶୀଙ୍କ ର ଛେଳି ଟିଏ ଥିଲା ଯାହାଠାରୁ କିଛି କ୍ଷୀର ମିଳୁଥିଲା । ଗାଈ କ୍ଷୀର ତ ଦୁଷ୍ପ୍ରାପ ଥିଲା, ତେଣୁ ଆମ ଭଉଣୀକୁ ଆମେ ଛେଳି କ୍ଷୀର ଦେଉଥିଲୁ । ତାର ବୟସ ସେତେବେଳେ ଦେଢ ବର୍ଷ । ପରେ ଆମେ ଆଉ ଏକ ଧମକ ପାଇଲୁ । ବାପାଙ୍କୁ ଡ଼ାକ୍ତରଖାନାରୁ ଅପହରଣ କରି ନିଆଯିବ ବୋଲି ଗୋଟିଏ ବାର୍ତ୍ତା ଆସି ପହଞ୍ଚିଲା । ଗୋଷ୍ଠୀର ସମସ୍ତେ ଭାବିଲେ ବାପାଙ୍କୁ ଡ଼ାକ୍ତରଖାନାରୁ ଆଣି ଘରେ ଶୁଶ୍ରୂଷା କରିବା ନିରାପଦ ହେବ । ମା'ଙ୍କୁ ଏ ଖବର ଦେବା ପାଇଁ ମୋର ଜଣେ ଭାଇକୁ ଏଲ୍ କ୍ୱିସେ ପଠାଗଲା । ଧର୍ମଯାଜକ ଓ ପ୍ରଚାରିକାମାନେ ଆମକୁ କିଛି ଟଙ୍କା ଦେଲେ । ସେହି ଟଙ୍କାରେ ଜମି ମାଲିକ ମାନେ ଖୋଜି ନପାଇବା ପରି ଏକ ଗୋପନୀୟ ସ୍ଥାନରେ ଆମେ ବାପାଙ୍କୁ ପାଞ୍ଚମାସ ପର୍ଯ୍ୟନ୍ତ ଲୁଚାଇ ରଖିଲୁ । ତା'ପରେ ସେ ଘରକୁ ଫେରିଲେ ସତ, କିନ୍ତୁ ଯନ୍ତ୍ରଣାର ସମ୍ପୂର୍ଣ୍ଣ ଉପଶମ ନହେବାରୁ ସେ ପୂର୍ବ ପରି କାର୍ଯ୍ୟକ୍ଷମ ହୋଇ ପାରିଲେ ନାହିଁ । ସେ କିଛି ଓଜନ ବୋହି ପାରୁନଥିଲେ କିମ୍ବା ଭଲ ଭାବରେ ଚାଲି ମଧ ପାରୁନଥିଲେ । ସହରକୁ ସେ ବଡ଼ କଷ୍ଟରେ ହିଁ ଯାଇ ପାରୁଥିଲେ । ହାଡ଼ରେ ଏବଂ ଅନ୍ୟ ସବୁ ମାଡ଼ ଖାଇଥିବା ସ୍ଥାନରେ ଯନ୍ତ୍ରଣା ହେଉଥିବାରୁ ସେ ରାତିରେ ମଧ ଭଲ ଭାବରେ ଶୋଇ ପାରୁ ନଥିଲେ ।

ଶତ୍ରୁମାନଙ୍କ ପାଇଁ ଅଧିକ ଘୃଣା ନେଇ ସେ ଘରକୁ ଫେରିଲେ । ପୂର୍ବରୁ ଯଦି ସେମାନେ ଗୋଷ୍ଠୀର ଶତ୍ରୁ ଥିଲେ, ଏବେ ସେମାନେ ମୋ ବାପାଙ୍କର ବଡ଼ ଶତ୍ରୁ ହୋଇ ଯାଇଥିଲେ । କେବଳ ଜମି ମାଲିକ ନୁହେଁ, ସବୁ ଲାଡ଼ିନୋଙ୍କୁ ଆମେ ଖୁବ୍ ଘୃଣା କରୁଥିଲୁ ଏବଂ ପାପୀ ଭାବରେ ଦେଖୁଥିଲୁ । ଡ଼ାକ୍ତରଖାନାରେ ରହିବା ସମୟରେ ବାପା ଅନେକ ଲୋକଙ୍କ ସହ କଥା ହୋଇ ଅନ୍ୟ ଅଞ୍ଚଳର ଭାରତୀୟମାନଙ୍କ ସମସ୍ୟା ଆମ ସମସ୍ୟାର ଅନୁରୂପ ହୋଇଥିବା କଥା ଉପଲବ୍ଧି କରିଥିଲେ । ଆମ ଚାରିପାଖେ ଘଟୁଥିବା ଘଟଣାକୁ ଅନ୍ୟ ଏକ ରୂପରେ ଦେଖିବା ପାଇଁ ସେମାନେ ଆମକୁ ଏକ ଭିନ୍ନ ଦୃଷ୍ଟି ଭଙ୍ଗୀ ଦେଲେ । ତେଣେ ବାପା ୟୁନିୟନମାନଙ୍କ ସାହାଯ୍ୟରେ ତାଙ୍କ କାର୍ଯ୍ୟରେ ଆଗେଇ ଚାଲିଲେ । ତାଙ୍କ ଅନୁପସ୍ଥିତିରେ ମଧ ୟୁନିୟନଗୁଡ଼ିକ ତାଙ୍କ ଦାୟିତ୍ୱ ସମ୍ଭାଳି ନେଉଥିଲେ । ବାପା ଯାହା କରୁଥିଲେ ଏହି ୟୁନିୟନମାନଙ୍କ ସହାୟତାରେ ସମ୍ଭବ ହେଉଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆମକୁ ଶାନ୍ତିରେ ରହିବାକୁ ନ ଦେବା ପାଇଁ ସେମାନେ ବଦ୍ଧ ପରିକର ଥିଲେ । ସେମାନେ ଜାଣିଥିଲେ ଯେଉଁ ପର୍ଯ୍ୟନ୍ତ ଗୋଷ୍ଠୀର ସମସ୍ତେ ଐକ୍ୟବଦ୍ଧ ହୋଇ ରହିଥିବେ ଇଂଜିନିୟରମାନେ ଗାଁକୁ ଯାଇ ପାରିବେ ନାହିଁ; ଆମେ ଆମର ହତିଆର ଓ ପଥର ସାହାଯ୍ୟରେ ସେମାନଙ୍କୁ ପ୍ରତିରୋଧ କରିବୁ । ତେଣୁ ସେମାନେ ବାପାଙ୍କୁ ରାସ୍ତାରୁ ଧରି

Digitized by srujanika@gmail.com

ନେଇ ହତ୍ୟା କରିବେ ବୋଲି ଧମକ ଦେବାରେ ଲାଗିଲେ । କିନ୍ତୁ ସେମାନେ କାପୁରୁଷ ହୋଇଥିବାରୁ କେବଳ ବଡ଼ ବଡ଼ କଥା କହୁଛନ୍ତି, କାମରେ କିଛି କରି ପାରିବେ ନାହିଁ , ବାପା ଏ ସମ୍ପର୍କରେ ନିଃସନ୍ଦେହ ଥିଲେ । ବାପାଙ୍କର ଆତ୍ମ ବିଶ୍ୱାସ ଓ ଦମ୍ଭ ସତ୍ତ୍ୱେ ଆମେ ଘଟଣା ଗୁଡ଼ିକୁ ହାଲୁକା ଭାବରେ ନେଇ ପାରୁନଥିଲୁ । ସେତିକିବେଳେ ଜଣେ ବ୍ୟକ୍ତି ଉପରେ ବେଶୀ ନିର୍ଭର ନକରି ଗୋଷ୍ଠୀର ସାମୂହିକ ଶକ୍ତି ଉପରେ ନିର୍ଭର କରିବା ପାଇଁ ବାପା ପରାମର୍ଶ ଦେଲେ । 'ବର୍ତ୍ତମାନ ମୁଁ ତୁମର ବାପା ସତ, କିନ୍ତୁ ପରେ ଗୋଷ୍ଠୀ ହିଁ ମୋ ସ୍ଥାନ ଅଧିକାର କରିବ, ' ସେ କହୁଥିଲେ । ନୀରବ ରହିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ସେ ବିଭିନ୍ନ ସ୍ଥାନକୁ ଯିବା ଅବ୍ୟାହତ ରଖିଲେ । ୧୯୭୭ରେ ସେମାନେ ପୁଣି ଥରେ ତାଙ୍କୁ ଗିରଫ କରି ଜେଲକୁ ପଠାଇଦେଲେ ।

ସେତିକିବେଳେ ଧର୍ମଯାଜକ ଓ ନନ୍‌ମାନଙ୍କ ଠାରୁ ମୁଁ କିଛି ସ୍ପାନିଶ୍ ଭାଷା ଶିଖିବାକୁ ଚେଷ୍ଟା କରୁଥିଲି । ରାଜଧାନୀକୁ ଯାଇ କନ୍‌ଭେଣ୍ଟରେ ନନ୍‌ମାନଙ୍କ ସହିତ କିଛି ଦିନ କଟାଇବା ପାଇଁ ଧର୍ମଯାଜକମାନେ ମୋତେ ସାହାଯ୍ୟ କଲେ । ବାପା ଡ଼ାକ୍ତରଖାନାରୁ ଆସିବା ପରେ ସେ ସମ୍ପୃକ୍ତ ଥିବା ସଙ୍ଗଠନମାନଙ୍କୁ ଜାଣିବା ପାଇଁ ମୁଁ ତାଙ୍କ ସହିତ ବିଭିନ୍ନ ସ୍ଥାନକୁ ଯାଉଥିଲି । ବାପା ଆଉ ବେଶୀ ଦିନ ବଞ୍ଚିବେ ନାହିଁ ଏହା ଆମକୁ ସ୍ପଷ୍ଟ ଦିଶୁଥିଲା । ସେ ଶତ୍ରୁ ହାତରେ ଯେ କୌଣସି ମୁହୂର୍ତ୍ତରେ ନିହତ ହେବାର ସମ୍ଭାବନା ଥିବାରୁ ସେ କେଉଁ ସବୁ ସ୍ଥାନକୁ ଯାଉଛନ୍ତି ଜାଣିବା ଆମ ପକ୍ଷରେ ନିହାତି ଆବଶ୍ୟକ ଥିଲା । ତେଣୁ ଛାଇପରି ମୁଁ ବାପାଙ୍କ ସହିତ ଲାଗି ରହିଥାଏ । ଗୋଷ୍ଠୀର ସମସ୍ତ ସଦସ୍ୟ, ଧର୍ମଯାଜକ ଏବଂ ବାପାଙ୍କର କେତେ ଜଣ ବନ୍ଧୁଙ୍କ ବ୍ୟତୀତ କିଛି ୟୁରୋପୀୟ ମଧ୍ୟ ଆମକୁ ସାହାଯ୍ୟ କରୁଥିଲେ । ସେମାନେ ଅନେକ ଟଙ୍କା ଆମ ନିକଟକୁ ପଠାଉଥିଲେ । ସେମାନେ କୃଷକମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ ଶିକ୍ଷା ଦେବା ପାଇଁ ଚେଷ୍ଟା କରୁଥିଲେ । ସେମାନେ ଶିକ୍ଷା ଦେଉଥିବା ପ୍ରଣାଳୀ ଓ ରାସାୟନିକ ସାର ବ୍ୟବହାର ଭାରତୀୟ କୃଷକମାନେ ଶିଖିବା ପାଇଁ ପ୍ରସ୍ତୁତ ନଥିବାରୁ ସେମାନେ ଫେରିଗଲେ । କିନ୍ତୁ ବାପାଙ୍କ ସହିତ ତାଙ୍କର ବନ୍ଧୁତା ଦୀର୍ଘ ସ୍ଥାୟୀ ହୋଇ ରହିଗଲା । ସେମାନେ ଆମ ଗାଁର ସମସ୍ୟାକୁ ବୁଝିଥିଲେ ଏବଂ ନିଜ ଦେଶକୁ ଫେରିଗଲେ ସତ, ମଧ୍ୟ ଗୁଆଟେମାଲାକୁ ଭଲପାଉଥିଲେ । ଗୋଷ୍ଠୀ ଉପରୁ ବୋଝ କମାଇବା ପାଇଁ ଆମେ ବାପାଙ୍କ ଭ୍ରମଣ ପାଇଁ ମିଳୁଥିବା ଟଙ୍କାକୁ ସଞ୍ଚୟ କରି ରଖୁଥିଲୁ । ସେତେବେଳେ ଜାତୀୟ କୃଷି ଅନୁଷ୍ଠାନ କାଗଜ ଓ ଅନ୍ୟ ଖର୍ଚ୍ଚ ପାଇଁ ଆମ ଠାରୁ ମାସକୁ ୪୫ କ୍ୱେଜାଲ୍ ନେଉଥିଲା । କିନ୍ତୁ ସେମାନେ ଏଥିପାଇଁ କିଛି ରସିଦ ଦେଉନଥିଲେ । ଏସବୁ ଟଙ୍କା କୁଆଡ଼େ ଗଲା କିଏ ଜାଣେ !

ଦ୍ୱିତୀୟ ଥର ଗିରଫ ହେବା ପରେ ସେମାନେ ବାପାଙ୍କୁ ରାଜନୈତିକ ବନ୍ଦୀ ଭାବରେ ବିବେଚନା କଲେ । ଏଥର ତାଙ୍କ ବିରୋଧରେ ରଜୁ ହୋଇଥିବା ମାମଲା ବେଶୀ

Digitized by srujanika@gmail.com

ଗୁରୁତର ଥିଲା । ରାଜନୈତିକ ବନ୍ଦୀ ଭାବରେ ଏଥର ତାଙ୍କୁ ଆଜୀବନ କାରାଦଣ୍ଡ ମିଳିଲା । ଶାସକମାନଙ୍କ ଦୃଷ୍ଟିରେ ସେ ଥିଲେ ଜଣେ କମ୍ୟୁନିଷ୍ଟ ଓ ଆତଙ୍କବାଦୀ । ପୂର୍ବଥର ଆସିଥିବା ମିଲିଟାରୀ କମିଶନରମାନେ ଏଥର ମଧ୍ୟ ଆମ ଘରକୁ ଆସି ବାପାଙ୍କୁ ଗିରଫ କଲେ ଏବଂ ତାଙ୍କୁ ଶୃଙ୍ଖଳବଦ୍ଧ କରି ମାଡ଼ ଦେଲେ । ଏହା ଭିତରେ ଗୋଷ୍ଠୀର ଏ ସବୁ ବିଷୟରେ ସଚେତନତା ବଢ଼ିଯାଇଥାଏ ଏବଂ ସେମାନେ ଜମି ମାଲିକମାନଙ୍କ ଠାରୁ ଆତ୍ମରକ୍ଷାର ଉପାୟ ସେମାନେ ଉଦ୍ଭାବନ କରିଥାନ୍ତି । ମୋ ଭାଇମାନେ ସାମାନ୍ୟ ସ୍ପାନିଶ୍ କହି ପାରୁଥିଲେ । ସବୁ ଧକ୍କା, ଦାୟିତ୍ୱ ଓ ଯନ୍ତ୍ରଣାରୁ ମୋ ମା' ମଧ୍ୟ କିଛି ଶିକ୍ଷା ପାଇଥିଲେ । ଏଥର ବାପାଙ୍କ ପଛରେ କିଛି ଲୋକ ସଂଗଠିତ ହୋଇ ରହିଥାନ୍ତି । ସେ ବେଶ୍ ଜଣାଶୁଣା ହୋଇଥିବାରୁ ଏବଂ ଅନେକ ଲୋକ ତାଙ୍କୁ ଭଲପାଉଥିବାରୁ ତାଙ୍କର ଗିରିଫଦାରିର ଖୁବ୍ ପ୍ରତିବାଦ ହେଲା । ବିଶେଷ ଭାବରେ ୟୁନିୟନମାନେ ତାଙ୍କର ମୁକ୍ତି ଦାବୀ କଲେ । ସାକ୍ଷୀ ଓ ଓକିଲଙ୍କ ସାହାଯ୍ୟ ନେବାକୁ ପଡ଼ିଲା ସତ, କିନ୍ତୁ ବାପା ଶୀଘ୍ର ଜେଲରୁ ମୁକୁଳି ଆସିଲେ । ଏହା ସହିତ ପୁଣିଥରେ ଧମକ ସେମାନଙ୍କର ଆରମ୍ଭ ହୋଇଗଲା । ବାପା ଯଦି ତାଙ୍କ କାମ ବନ୍ଦ ନକରନ୍ତି ତାଙ୍କୁ ହତ୍ୟା କରାଯିବ ଏବଂ ଏଥର ଯଦି ତାଙ୍କୁ ହତ୍ୟା କରିବା ସମ୍ଭବ ନହୁଏ ତାଙ୍କ ପିଲାମାନଙ୍କ ମଧ୍ୟରୁ ଜଣକୁ ନିଶ୍ଚୟ ମାରି ଦିଆଯିବ ବୋଲି ସେମାନେ ଧମକ ଦେଲେ । ଏହା ଥିଲା ପ୍ରକୃତରେ କର୍ତ୍ତୃପକ୍ଷଙ୍କର ତାଙ୍କ ପ୍ରତି ମୃତ୍ୟୁ ଦଣ୍ଡ । ହତ୍ୟା କରିବା କଥା କର୍ତ୍ତୃପକ୍ଷ କହି ନଥିଲେ ମଧ୍ୟ ଜମି ମାଲିକମାନଙ୍କ ଦ୍ୱାରା ତାହା କାର୍ଯ୍ୟକାରୀ ହେବ ଏହି ସୂଚନା ସ୍ପଷ୍ଟ ମିଳୁଥିଲା ।

ପନ୍ଦର ଦିନ ଜେଲ୍‌ରେ ରହିବା ପରେ ସେ ଘରକୁ ଆସିଲେ । ଏଥର ସେ ଗର୍ବିତ ଓ ଖୁସି ଦେଖାଯାଉଥିଲେ ଯେହେତୁ ଜେଲ୍‌ରେ ତାଙ୍କର ଜଣେ ପ୍ରକୃତ ରାଜନୈତିକ ବନ୍ଦୀ ସହିତ ପରିଚୟ ହୋଇଥିଲା । ଏହି ରାଜନୈତିକ ବନ୍ଦୀ ଜଣକ କୃଷକମାନଙ୍କ ପକ୍ଷରେ ଥିଲେ ଏବଂ ଜମି ଆବାଦ କରିବା ପାଇଁ ସେମାନେ ସଂଗଠିତ ହୋଇ ଏକ କୃଷକ ସଂଘ ଗଠନ କରିବା ଆବଶ୍ୟକ ବୋଲି ବାପାଙ୍କୁ ପରାମର୍ଶ ଦେଉଥିଲେ । ତାଙ୍କ ମତରେ ଏହା କେବଳ ଆମର ସମସ୍ୟା ନଥିଲା । କେବଳ ଜମି ମାଲିକ ମାନେ ନୁହନ୍ତି, ସମଗ୍ର ବ୍ୟବସ୍ଥା ହିଁ ଥିଲା ଆମର ଶତ୍ରୁ । ଏହି ଭଦ୍ରଲୋକଙ୍କର ବୁଝାମଣା ମୋ ବାପାଙ୍କ ବୁଝାମଣା ଠାରୁ ଆହୁରି ପରିଷ୍କାର ଥିଲା । ଘରକୁ ଫେରି ବାପା ଗର୍ବର ସହିତ କହିଲେ, ଆମେ ଧନୀ ଲୋକମାନଙ୍କ ସହିତ ନିଶ୍ଚୟ ସଂଗ୍ରାମ କରିବା, ଯେହେତୁ ସେମାନେ ଆମ ଜମି ଓ ଆମ ଶସ୍ୟ ବଳରେ ହିଁ ଧନୀ ହୋଇଛନ୍ତି । ସେହି ଦିନ ଠାରୁ ସେ ଅନ୍ୟ କୃଷକମାନଙ୍କ ସହିତ ମିଶି ସଂଘ ଗଢ଼ିବାରେ ମନ ଦେଲେ । ପୂର୍ବରୁ ଅନେକ ଲୋକ କୃଷକ ସଂଘ ସମ୍ପର୍କରେ କେବଳ ଆଲୋଚନା କରୁଥିଲେ, କିନ୍ତୁ ବାସ୍ତବରେ କିଛି କରି ପାରିନଥିଲେ । ବାପା ସେମାନଙ୍କୁ ପ୍ରକୃତ ସମସ୍ୟାକୁ ବୁଝିବାରେ ସାହାଯ୍ୟ କଲେ । ୧୯୭୭ରୁ ହିଁ ମୋ ବାପା ଆତ୍ମଗୋପନ କରି ରହିଥିଲେ କହିଲେ ଚଳେ ।

Digitized by srujanika@gmail.com

ଆମକୁ ଜଡ଼ିତ ନକରାଇବା ପାଇଁ ସେ ଘର ଓ ପରିବାର ଛାଡ଼ି ଅନ୍ୟ ଅଞ୍ଚଳର କୃଷକ ମାନଙ୍କ ସହିତ କାମ କଲେ । ସେ ବେଳେବେଳେ ଘରକୁ ଆସୁଥିଲେ; କିନ୍ତୁ ସହର ବାଟରେ ଆସିଲେ ଜମି ମାଲିକ ମାନେ ତାଙ୍କ ଠାବ ପାଇଯିବାର ଆଶଙ୍କା ଥିବାରୁ ତାଙ୍କୁ ପର୍ବତ ରାସ୍ତାରେ ଆସିବାକୁ ପଡୁଥିଲା ।

ଘରେ ଆମ ସହିତ ରହି ପାରୁନଥିବାରୁ ସେ ଖୁବ୍ ଦୁଃଖ କରୁଥିଲେ । ବେଳେବେଳେ ରାତିରେ ଆସି ସେହି ରାତିରେ ହିଁ ସେ ଚାଲି ଯାଉଥିଲେ । ଘରେ ବେଶୀ ଦିନ ରହିଲେ ସେ ସମୟରେ ସେ ଜମା ବାହାରକୁ ଯାଉନଥିଲେ । ଗୋଷ୍ଠୀର ସଭ୍ୟମାନେ ତାଙ୍କୁ ପିତୃତୁଲ୍ୟ ମନେକରୁଥିବାରୁ ସମସ୍ତେ ଆମ ଦୁଃଖରେ ଅଂଶୀଦାର ହେଉଥିଲେ । ଅନ୍ତଃହୀନ ଦୁଃଖ ଓ ଯନ୍ତ୍ରଣାରେ ଆମ ଜୀବନ ଏକ ଚଳଚିତ୍ର ପରି ମନେହେଉଥିଲା । ଆମ ବନ୍ଧୁମାନଙ୍କ ସହିତ ଆମେ ଏ ବିଷୟରେ ଚିନ୍ତା କରିବାକୁ ଲାଗିଲୁ । ଆମ ନିକଟରେ ରହୁଥିବା ଜମି ମାଲିକମାନେ ବା ଯେଉଁମାନେ କମ୍ ମଜୁରୀରେ ଆମ ଠାରୁ କାମ ଆଦାୟ କରୁଥିଲେ - କେବଳ ସେହିମାନେ ହିଁ ଆମର ଶତ୍ରୁ ନଥିଲେ । ସେମାନେ ଏବେ ଯେ ଆମକୁ ଶେଷ କରି ଦେବା ପାଇଁ ଆଗଭର ହୋଇ ବାହାରିଥିଲେ ତା ନୁହେଁ । ଶୈଶବରୁ ହିଁ ପୁଷ୍ଟିହୀନତା, ଅନାହାର, ଓ ଦାରିଦ୍ର୍ୟ ମାଧ୍ୟମରେ ସେମାନେ ଆମକୁ ତିଳ ତିଳ କରି ହତ୍ୟା କରୁଥିଲେ । ସମସ୍ୟାର ମଞ୍ଜି ଖୋଜି ବସିବା ବେଳେ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିଲୁଯେ ସବୁର ମୂଳରେ ଥିଲା ଜମିର ମାଲିକାନା ପ୍ରଶ୍ନ । ଭଲ ଜମି ଆମ ଦଖଲରେ ନଥିଲା । ସେ ସବୁ ଥିଲା ବଡ଼ ଜମି ମାଲିକମାନଙ୍କ ହାତରେ । ଆମେ ନୂଆ ଜମି ଚାଷ କରୁଥିବା ଦେଖିଲେ ସେମାନେ ଆମକୁ ସେଥିରୁ ତଡ଼ିବା ପାଇଁ ବା ଅନ୍ୟ ଉପାୟରେ ତାହାକୁ ହଡ଼ପ କରିବା ପାଇଁ ଚେଷ୍ଟା ଆରମ୍ଭ କରି ଦେଉଥିଲେ । ❐

Digitized by srujanika@gmail.com

୧୬

ପରବର୍ତ୍ତୀ ରାସ୍ତା ସନ୍ଧାନରେ : ଆତ୍ମସମୀକ୍ଷାର ସମୟ

'ଏ ଦୃଶ୍ୟ ଅସ୍ପଷ୍ଟ, କାରଣ ସେ ଏହାକୁ ତାର ଚେତନାରୁ ମୁକ୍ତ କରି ପରୀକ୍ଷା କରିବା ପାଇଁ ସାହସ କରୁନଥିଲା; ସେ କୌଣସି କାରଣ ନଖୋଜି, ଏହାକୁ ଅଧା ଦେଖି ସନ୍ତୁଷ୍ଟ ରହୁଥିଲା ।'

ମିଗୁଏଲ ଆଞ୍ଜେଲ୍ ଆଷ୍ଟୁରିଆସ୍: *ମେନ୍ ଅଫ୍ ମେଜ୍*

ମୁଁ ଏଇଠି କହିରଖେ ଯେ ମୋର ବିଶେଷତ୍ୱ କିଛି ନଥିଲା । ମୋର ସବୁ ଭାଇ, ଭଉଣୀଙ୍କ ପରି ମୁଁ ଗୋଟିଏ ପରିବାରର ଅଂଶ ବିଶେଷ ମାତ୍ର ଥିଲି । ଗୋଷ୍ଠୀର ଗୁରୁତ୍ୱ ବେଶୀ ଥିଲା । କେହି ରୋଗରେ ପଡ଼ିଲେ ଆମେ ଯେତେବେଳେ ଔଷଧ କିଣିପାରୁ ନଥିଲୁ, ଆମେ ଏକାଠି ବସି ଗୋଷ୍ଠୀର ସମସ୍ୟା ସବୁ ଆଲୋଚନା କରୁଥିଲୁ । ଧନୀ ଲୋକମାନଙ୍କୁ ଆମେ ସମାଲୋଚନା କରୁଥିଲୁ, ଯେହେତୁ ସେହିମାନଙ୍କ ପାଇଁ ହିଁ ଏତେ ଦିନ ଧରି ଆମେ ଦାରିଦ୍ର୍ୟ ଓ ଦୁଃଖରେ ସଢୁଥିଲୁ । ସେତିକିବେଳେ ମୁଁ ରାଜନୀତି ବିଷୟରେ ଶିଖିବା ଆରମ୍ଭ କଲି । ଯେଉଁମାନେ ମୋ ସନ୍ଦେହ ଦୂର କରିପାରିବେ ସେହିପରି ଲୋକଙ୍କ ସହିତ ମୁଁ କଥା ହେବା ପାଇଁ ଚେଷ୍ଟା କଲି । ପୃଥିବୀର ଅନ୍ୟ ପାର୍ଶ୍ୱଟି କିପରି ଦେଖାଯାଏ ମୁଁ ଜାଣିବାକୁ ଚାହିଁଲି । ସେ ପର୍ଯ୍ୟନ୍ତ ମୁଁ କେବଳ ଫିନ୍‌କା ଓ ଅଲ୍‌ଟିପ୍ଲାନୋକୁ ଜାଣିଥିଲି । ଗୁଆଟେମାଲାର ଅନ୍ୟ ଭାରତୀୟ ଗୋଷ୍ଠୀମାନଙ୍କ ବିଷୟରେ ମୋର କିଛି ଧାରଣା ନଥିଲା । ଅନ୍ୟ ଗୋଷ୍ଠୀମାନେ ତାଙ୍କ ଜମିକୁ ରକ୍ଷା କରିବାକୁ ଯାଇ କି ସମସ୍ୟାର ସମ୍ମୁଖୀନ ହେଉଥିଲେ ମୋତେ ଜଣାନଥିଲା । ମୁଁ ଏତିକି ଜାଣିଥିଲି ଯେ ଦେଶର ଅନ୍ୟ ଅଞ୍ଚଳରେ ମଧ ଅନେକ ଭାରତୀୟ ଅଛନ୍ତି । ପିଲାବେଳୁ ଫିନ୍‌କାରେ ମୁଁ ସେମାନଙ୍କୁ ଦେଖି ଆସୁଥିଲି । ଆମେ ସମସ୍ତେ ଏକାଠି କାମ କରୁଥିଲେ ମଧ ସେମାନେ କେଉଁ ସହରରୁ ଆସିଛନ୍ତି, କିପରି ଚଳନ୍ତି, କ'ଣ ଖାଆନ୍ତି, ଏସବୁ ବିଷୟ ଆମେ ଜାଣି ନଥିଲୁ । ସେମାନେ ଆମରି ପରି ହୋଇଥିବେ ବୋଲି ଆମେ କେବଳ କଳ୍ପନା ହିଁ କରୁଥିଲୁ । ମୁଁ ଯେତେବେଳେ ମୋ ପିଲାବେଳ କଥା ଚିନ୍ତା କଲି, ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ ମୋର ଶୈଶବ ବୋଲି କିଛି ନଥିଲା । ମୁଁ ସ୍କୁଲକୁ ଯାଇ ନଥିଲି । ଠିକ୍ ଭାବରେ ବଢ଼ିବା ପାଇଁ ମୋତେ ଯଥେଷ୍ଟ ଖାଦ୍ୟ ମିଳୁ ନଥିଲା । ବାସ୍ତବରେ

Digitized by srujanika@gmail.com

କହିବାକୁ ଗଲେ ମୋର କିଛି ହେଲେ ନଥିଲା । ଏପରି କାହିଁକି ହେଲା ବୋଲି ମୁଁ ନିଜକୁ ପ୍ରଶ୍ନ କଲି । ମୋ ଜୀବନକୁ ମୁଁ ଧନୀ ଲୋକଙ୍କର ପିଲାଙ୍କ ଜୀବନ ସହିତ ତୁଳନା କଲି । ସେମାନଙ୍କ କଥା ଥିଲା ଭିନେ । ସେମାନଙ୍କ କୁକୁର ମଧ୍ୟ ବେଶୀ ଖାଇବାକୁ ପାଉଥିଲେ । ଏପରିକି ସେମାନେ ତାଙ୍କ କୁକୁରକୁ ପ୍ରଭୁକୁ ଚିହ୍ନିବା ଓ ଚାକରାଣୀମାନଙ୍କୁ ନଚିହ୍ନିବା ପାଇଁ ଶିକ୍ଷା ଦେଉଥିଲେ । ମୋ ମନ ଭିତରେ ଏ ସବୁ ଚିନ୍ତାର ଖିଅ ଅଡୁଆ ତଡୁଆ ହୋଇଯାଉଥିଲେ । ମୁଁ ସେଗୁଡ଼ିକୁ ଅଲଗା କରି ପାରୁନଥିଲି । ସେହି ସମୟରେ ମୁଁ ଉସ୍‌ପାଣ୍ଟାନ୍‌ର ଅନ୍ୟ ଗାଁର ଝିଅମାନଙ୍କ ସହିତ ବନ୍ଧୁତା କରିବା ଆରମ୍ଭ କଲି । ସେମାନେ ଦିନର ବିଭିନ୍ନ ସମୟରେ କ'ଣ ଖାଆନ୍ତି ମୁଁ ପଚାରି ବୁଝିନେଲି । ଆମ ପରି ସେମାନେ ମଧ୍ୟ ସକାଳେ, ମଧ୍ୟାହ୍ନରେ ଓ ସଂଧ୍ୟାବେଳେ ମକାପିଠା ହିଁ ଖାଉଥିଲେ । ତା'ସହିତ ଲୁଣ ବା ଲଙ୍କା ଟିକିଏ ହେଲେ ହେଲା, ନହେଲେ ନାହିଁ । ଏହା ମୋତେ ଚିନ୍ତା ପାଇଁ ଖୋରାକ ଯୋଗାଇଲା । ମୁଁ ତୁମକୁ ଏଠାରେ କହି ରଖିବା ଠିକ୍ ହେବ ଯେ କୌଣସି ସ୍କୁଲରେ ମୁଁ ରାଜନୀତି ଶିଖିନଥିଲି । ନିଜ ଅନୁଭୂତି ମାଧ୍ୟମରେ ଗୋଟିଏ ମଣିଷ ଗୋଷ୍ଠୀର ସାଧାରଣ ଅନୁଭୂତି ଗୁଡ଼ିକୁ ମୁଁ ଦେଖୁଥିଲି । ମୁଁ ଉପଲବ୍ଧି କଲି ଯେ ଏହା କେବଳ ବଞ୍ଚିବାର ଆକାଂକ୍ଷା ନେଇ ବ୍ୟସ୍ତ ହେଉଥିବା ଗୋଟିଏ ଛୋଟ ଝିଅର ସମସ୍ୟା ନଥିଲା । ଏହାଥିଲା ଆମ ସମସ୍ତଙ୍କର ସମସ୍ୟା । ଆମେ ସମସ୍ତେ ଆଗକୁ ଥିବା କଠୋର ଜୀବନ ସମ୍ପର୍କରେ ଚିନ୍ତା କରୁଥିଲୁ ।

କୃଷକ ସଂଘର ଲୋକପ୍ରିୟତା ଗୁଆଟେମାଲାର କୃଷକମାନଙ୍କ ମଧ୍ୟରେ ଅଗ୍ନି ପରି ବ୍ୟାପିଗଲା । ଶୋଷଣ ହିଁ ଯେ ଆମର ସବୁ ସମସ୍ୟାର ମୂଳ କାରଣ, ଏହା ଆମେ ବୁଝିବାକୁ ଆରମ୍ଭ କଲୁ । ଧନୀ ଲୋକମାନେ ଗରିବ ଲୋକଙ୍କୁ ଶୋଷଣ କରୁଥିଲେ; ଆମ ଝାଳବୁହା ପରିଶ୍ରମ ଫଳରେ ସେମାନେ ଅଧିକରୁ ଅଧିକ ସମ୍ପତ୍ତି ଠୁଳ କରୁଥିଲେ ।

ଦପ୍ତରମାନଙ୍କରେ ଅପେକ୍ଷା କରିବା, କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ମୁଣ୍ଡ ନୁଆଇଁ ଛିଡ଼ା ହେବା - ଆମେ ଭାରତୀୟମାନେ ଭୋଗୁଥିବା ବାଛ ବିଚାରର ଏକ ଅଂଶ ମାତ୍ର ଥିଲା । ସେହିପରି ଆମ ପରମ୍ପରା ଏବଂ ଆମ ଭିତରେ ଥିବା ଏକତାକୁ ଧ୍ୱଂସ କରି ଆମକୁ ଭାଗ ଭାଗ କରିବା ଉଦ୍ୟମ ସାଂସ୍କୃତିକ ଉତ୍ପୀଡ଼ନକୁ ହିଁ ପ୍ରତିଫଳିତ କରୁଥିଲା । ରକ୍ତମୁଖା ସେନାଧ୍ୟକ୍ଷ ମାନେ କ୍ଷମତାକୁ ଆସିବା ପରେ ପରିସ୍ଥିତି ଅଧିକ ଖରାପ ହେଲା । ସେତେବେଳେ କିଏ ରାଷ୍ଟ୍ରପତି ଥିଲେ ମୁଁ ଜାଣିନଥିଲି । ୧୯୭୪ ମସିହାରେ ଜେନେରାଲ ଜେଲ୍ ଲଗେରୁଡ୍ କ୍ଷମତାକୁ ଆସିବାରୁ ମୁଁ ସେମାନଙ୍କୁ ଜାଣିବା ଆରମ୍ଭ କଲି । ଆମ ଅଞ୍ଚଳକୁ ଆସି ସେ କହିଲେ : ' ଆମେ ଜମି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଜମି ତୁମର, ତୁମେ ତାହାକୁ ଚାଷ କରିବ । ମୁଁ ତୁମମାନଙ୍କ ମଧ୍ୟରେ ତାକୁ ବାଣ୍ଟି ଦେବି ।' ଆମେ ତାଙ୍କୁ ବିଶ୍ୱାସ କଲୁ । ଜେନେରାଲ ଲଗେରୁଡ୍‌ଙ୍କ ସଭାରେ ମୁଁ ମଧ୍ୟ ଉପସ୍ଥିତ ଥିଲି । କିନ୍ତୁ ସେ ବାସ୍ତବରେ ଆମକୁ ଦେଲେ କ'ଣ ? ବାପା ସେମାନଙ୍କ ଭିତିରି ପେଞ୍ଚ ଜାଣିଦେବାରୁ ତାଙ୍କ

Digitized by srujanika@gmail.com

ଉପରେ ଅତ୍ୟାଚାର କରାଗଲା; ତାଙ୍କୁ ଜେଲରେ ବନ୍ଦୀ କରି ରଖାଗଲା । ବାପା ସେମାନଙ୍କୁ ଘୃଣା କରୁଥିଲେ । ସେ କହୁଥିଲେ : 'ସେମାନେ କେବଳ ଆମ ଲୋକଙ୍କର ରକ୍ତ ଶୋଷଣ କରି ଜାଣନ୍ତି; ସେମାନେ କ୍ଷୁଧା ସମ୍ପର୍କରେ କ'ଣ ଜାଣନ୍ତି ?' ମୋର ବଡ଼ ଭାଇମାନେ ଆମ ସାଙ୍ଗରେ ନଥିଲେ । ସେତେବେଳକୁ କ୍ଷୁଧା ଓ ପୁଷ୍ଟିହୀନତାରେ ସେମାନେ ମୃତ୍ୟୁବରଣ କରିଥାନ୍ତି । ଏଥିପାଇଁ ମୋର ଖୁବ୍ କ୍ରୋଧ ହେଉଥିଲା । ମୁଁ ଜାଣିଥିଲି ଯଥେଷ୍ଟ ଖାଇବାକୁ ପାଇଥିଲେ ମୋ ଭାଇମାନେ ମରି ନଥାନ୍ତେ ଏବଂ ଆମ ସହିତ ଥାଆନ୍ତେ । ସେମାନେ ନିଜ ଇଚ୍ଛାରେ ମୃତ୍ୟୁ ବରଣ କରି ନଥିଲେ ।

ପରେ ମୋତେ ଅନ୍ୟ ଭାରତୀୟମାନଙ୍କ ସହିତ ସାକ୍ଷାତର ସୁଯୋଗ ମିଳିଥିଲା । 'ଅଚି' ଭାରତୀୟମାନେ ଆମର ସବୁଠାରୁ ନିକଟରେ ରହନ୍ତି । ମୁଁ କେତେଜଣ 'ମାମ୍' ଭାରତୀୟମାନଙ୍କୁ ମଧ୍ୟ ଜାଣିଥିଲି । ସେମାନେ ସମସ୍ତେ ମୋତେ କହିଲେ :'ଧନୀ ଲୋକମାନେ ଖରାପ, କିନ୍ତୁ ସବୁ ଲାଡ଼ିନୋ ଖରାପ ନୁହନ୍ତି ।' ଧନୀ ଲାଡ଼ିନୋମାନେ ଗରିବ ଲାଡ଼ିନୋମାନଙ୍କୁ ଶୋଷଣ କରୁଥିଲେ । ଶୋଷଣର ସଂଜ୍ଞାକୁ ମୁଁ କ୍ରମେ ବୁଝି ପାରିଲି । ମୁଁ ନିୟମିତ ଫିନ୍‌କାକୁ ଯାଉଥିଲି । ଏବେ ସେଠାରେ ମୁଁ ଶୋଷଣର ସ୍ୱରୂପକୁ ଚିହ୍ନିବାକୁ ଚେଷ୍ଟା କଲି । ଫିନ୍‌କାରେ ଗରିବ ଲାଡ଼ିନୋମାନଙ୍କୁ ଆମ ପରି କାମ କରିବାକୁ ପଡୁଥିଲା । ସେମାନଙ୍କ ପିଲାମାନଙ୍କର ପେଟ ମୋ ସାନ ଭାଇର ପେଟ ପରି ଫୁଲି ଥିଲା । ସେତେବେଳକୁ ସାମାନ୍ୟ ସ୍ପାନିଶ୍ ଶିଖି ସାରିଥିବାରୁ ମୁଁ ସେହି ଭାଷାରେ ଜଣେ ଗରିବ ଲାଡ଼ିନୋ ସହିତ କଥା ହେବାକୁ ଚେଷ୍ଟା କଲି । କିନ୍ତୁ ତା'ଠାରୁ ଭଲ ବ୍ୟବହାର ମିଳିଲା ନାହିଁ । ଯେଉଁ ବ୍ୟବସ୍ଥା ଆମ ଭାରତୀୟ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିଲା, ଯେତେବେଳେ ମୁଁ ଏହା ଉପଲବ୍ଧି କରିନଥିଲି । ସେହି ବ୍ୟବସ୍ଥା ଭାରତୀୟ ଓ ଲାଡ଼ିନୋମାନଙ୍କ ଭିତରେ ମଧ୍ୟ ପାଚେରୀ ସୃଷ୍ଟି କରୁଥିଲା। କେଉଁ କାରଣରୁ ଲାଡ଼ିନୋ ମାନେ ଆମକୁ ଗ୍ରହଣ କରୁ ନଥିଲେ ମୁଁ ବୁଝି ପାରୁନଥିଲି । ମୋର ସନ୍ଦେହ ବଢ଼ିଲା । ତଥାପି ସବୁ ଲାଡ଼ିନୋ ଖରାପ ବୋଲି ମୁଁ ଭାବୁଥାଏ । କିଛି ଦିନ ପରେ ନନ୍‌ମାନଙ୍କ ସହିତ ଉସ୍‌ପାଣ୍ଟାନ୍‌ର ଗୋଟିଏ ଗାଁକୁ ଆମେ ଯାଉଥିଲୁ । ସେହି ଗାଁରେ ବେଶୀ ଲାଡ଼ିନୋ ରହୁଥିଲେ । ଜଣେ ନନ୍ ଗୋଟିଏ ପିଲାକୁ ସେ ଗରିବ କି ପଚାରିବାରୁ ପିଲାଟି କହିଲା । 'ହଁ ଆମେ ଗରିବ, କିନ୍ତୁ ଆମେ ଭାରତୀୟ ନୋହୁଁ ।' ନନ୍ ଏହାକୁ ବେଶୀ ଗୁରୁତ୍ୱ ଦେଲେ ନାହିଁ; କିନ୍ତୁ ମୋ ମନ ଭିତରେ କଥାଟି ରହିଲା । ଅନ୍ୟମାନଙ୍କୁ ମଧ୍ୟ ପଚାରି ନନ୍ ସେଇ ଏକ ଉତ୍ତର ପାଇଲେ । ଲାଡ଼ିନୋ ଠାରୁ ମଧ୍ୟ ଭାରତୀୟ ଯେ ନିକୃଷ୍ଟ ଏହା ମୋତେ ଭାରି କଷ୍ଟ ଦେଲା । ଏହି ଚିନ୍ତା ମୋ ମନରୁ ଜମା ଗଲା ନାହିଁ । ସେମାନେ ଆମ ଭିତରେ ଏତେ ବଡ଼ ପାଚେରୀଟିଏ ପକାଇ ଦେଇଥିଲେ - ତାହା ମୋ ପକ୍ଷରେ ବୁଝିବା ସମ୍ଭବ ନଥିଲା ।

Digitized by srujanika@gmail.com

କାମରୁ ଆମକୁ ମୋଟେ ଅବ୍ୟାହତି ମିଳୁନଥାଏ । ଆମ ଶତ୍ରୁ ପ୍ରକୃତରେ କିଏ, ତଥାପି ମୋର ସ୍ପଷ୍ଟ ଧାରଣା ନଥିଲା । ଆମେ ଗାଁର ନିରାପତ୍ତା ରକ୍ଷା ପାଇଁ ଅଭ୍ୟାସ ଆରମ୍ଭ କରିଦେଲୁ । ଆତ୍ମରକ୍ଷା ପାଇଁ ଆମ ପୂର୍ବପୁରୁଷ ମାନେ ଯେଉଁ ଉପାୟ ବାହାର କରିଥିଲେ ଆମେ ସେହି ଉପାୟ ସବୁ ହିଁ ବ୍ୟବହାର କଲୁ । ପୁରୁଷରୁ ପୁରୁଷ ହୋଇ ଏହି ଉପାୟ ଆମ ପର୍ଯ୍ୟନ୍ତ ଚଳି ଆସିଥିଲା । ଜମି ମାଲିକ ମାନଙ୍କର ସୈନ୍ୟ ଆସିଲେ ସେମାନଙ୍କୁ ଜୀବନରୁ ମାରିଦେବୁ ବୋଲି ଆମେ ସ୍ଥିର କଲୁ । ହିଂସାର ରାସ୍ତାକୁ ହିଁ ଆମେ ବାଛି ନେଇଥିଲୁ । ଭାଗ୍ୟ ନୁହେଁ, ଆମ ଇଚ୍ଛା ବିରୁଦ୍ଧରେ ଲଦି ଦିଆଯାଇଥିବା ଅନ୍ୟ କିଛି ଆମର ଅବସ୍ଥା ପାଇଁ ଦାୟୀ ବୋଲି ପିଲାମାନେ ମଧ୍ୟ ବୁଝିବା ଦରକାର ଥିଲା । ମୋର ମନେଅଛି, ସେମାନଙ୍କୁ ବୁଝାଇବାର ଦାୟିତ୍ୱ ନ୍ୟସ୍ତ ଥିଲା ମୋ ଉପରେ । ଏହା ବିରୁଦ୍ଧରେ, ସେମାନଙ୍କୁ ସଂଗ୍ରାମ କରିବାକୁ ପଡ଼ିବ ବୋଲି ମୁଁ ସେମାନଙ୍କୁ ଶିଖାଉଥିଲି । ରାଜନୀତି ବିଷୟରେ ମୋର ସ୍ପଷ୍ଟ ଧାରଣା ନଥିଲେ ମଧ୍ୟ ପିଲାମାନଙ୍କୁ ମୁଁ ରାଜନୀତି କଥା ହିଁ କହୁଥିଲି । ଦୁଃଖ ଓ ଯନ୍ତ୍ରଣାରେ ମୋର ଅନୁଭୂତି ଥିବାରୁ ରାଜନୈତିକ ଶିକ୍ଷା ପାଇଁ ମୋତେ ବହି ପଢିବାକୁ ପଡ଼ିନଥିଲା । ଉତ୍ତାପ ଓ ପଥରରୁ ପାଦକୁ ରକ୍ଷା କରିବା ଜୋତା ଦରକାର ହୋଇଥାଏ । କିନ୍ତୁ ମୋତେ ପନ୍ଦର ବର୍ଷ ହେବା ପର୍ଯ୍ୟନ୍ତ ଜୋତା କ'ଣ ମୁଁ ଜାଣି ନଥିଲି ।

ମୁଁ ଯେଉଁ ସମୟ ବିଷୟରେ କହୁଛି, ସେତେବେଳେ ଭବିଷ୍ୟତ କଥା ଭାବି ଭାବି ମୋତେ ନିଦ ହେଉନଥିଲା । ମୁଁ କଳ୍ପନା କରୁଥିଲି, ଯଦି ସବୁ ଭାରତୀୟ ଜାଗ୍ରତ ହୋଇ ଜମି ମାଲିକ ଠାରୁ ଜମି ଓ ଶସ୍ୟ ଛଡ଼ାଇ ନିଅନ୍ତେ ତାହେଲେ କ'ଣ ହୁଅନ୍ତା । ସେମାନେ କ'ଣ ଆମକୁ ମାରି ଦିଅନ୍ତେ ? ମୋର ସ୍ୱପ୍ନ ଦେଖିବା ସରୁ ନଥିଲା । କିନ୍ତୁ ପ୍ରକୃତରେ ସେଗୁଡ଼ିକ ତୁଚ୍ଛା ସ୍ୱପ୍ନ ନଥିଲା । ସ୍ୱପ୍ନ ଗୁଡ଼ିକ - ସତ୍ୟରେ ପରିଣିତ ହେଲା ଯେତେବେଳେ ଆମେ ସଂଗଠିତ ହେବାକୁ ଆରମ୍ଭ କଲୁ । ପିଲାମାନଙ୍କୁ ବୟସ୍କ ଲୋକ ମାନଙ୍କ ପରି ଦାୟିତ୍ୱ ନେବାକୁ ପଡ଼ିଲା । ଆମ ସ୍ତ୍ରୀ ଲୋକମାନଙ୍କୁ ଗୋଷ୍ଠୀର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବରେ ବାପା ମା', ଭାଇ ଓ ପଡ଼ୋଶୀମାନଙ୍କ ସହିତ କାମ କରିବାକୁ ପଡୁଥିଲା । ଏହି ସମୟରେ ଆମେ ସମସ୍ତଙ୍କ ମଧ୍ୟରେ ସଂହତି ଥିଲା ସବୁଠାରୁ ଜରୁରୀ । ଆମେ ଗାଁରେ ସ୍କୁଲ ନଥିଲା । ଆମେ ପ୍ରଥମେ ଗୋଟିଏ ସ୍କୁଲ ପାଇଁ ଦାବୀ କରି ଦସ୍ତଖତ ସଂଗ୍ରହ କଲୁ । ମୁଁ ସ୍ପାନିଶ୍ ଶିଖୁଥିବାରୁ ଏହି ଅଭିଯାନରେ ଏକ ବିଶେଷ ଭୂମିକା ନେଇଥିଲି । ଏହା ଛଡ଼ା ଧର୍ମ ଯାଜକମାନେ ଓ ବାପାଙ୍କର କେତେ ଜଣ ସାଙ୍ଗ ମଧ୍ୟ ମୋତେ ଜାଣିଥିଲେ । ମୁଁ ସମସ୍ତ ସମ୍ଭାବ୍ୟ ସ୍ଥାନରୁ ସାହାଯ୍ୟ ମାଗିଲି ଓ ପାଇଲି ମଧ୍ୟ । ସହରରେ ରହୁଥିବା ଜଣେ ଲାଡ଼ିନୋ ବନ୍ଧୁ ଆମକୁ କିଛି ଆର୍ଥିକ ସାହାଯ୍ୟ ମଧ୍ୟ କରିଥିଲା । ଆମେ କିନ୍ତୁ ନିଜ ପାଇଁ ଖର୍ଚ୍ଚ ନକରି ଏହି ଅର୍ଥକୁ ଗୋଷ୍ଠୀ କାମରେ ବ୍ୟବହାର କରିଥିଲୁ । ଆମ ସଂଗଠନ ଦୃଢ଼ ହେବାକୁ ଲାଗିଲା । ଶିଶୁ, ଯୁବକ, ମହିଳା ଓ ଧର୍ମ ପ୍ରଚାରକ - ସମସ୍ତଙ୍କର ସ୍ୱତନ୍ତ୍ର ସଂଗଠନ ହୋଇସାରିଥାଏ । ଆମେ ଏ

Digitized by srujanika@gmail.com

ସଂଗଠନଗୁଡ଼ିକୁ ଦୃଢ କରିବାରେ ମନଦେଲୁ । ଏଥିପାଇଁ ଆମେ ସମସ୍ତେ ସ୍ପାନିଶ୍ ଶିଖିବା ଜରୁରୀ ଥିଲା । ମୁଁ ସ୍ପାନିଶ୍ ପଢିବା ଲେଖିବା ଜାଣି ନଥିଲେ ମଧ ଯାହା କିଛି କହି ପାରୁଥିଲି ତାହାରି ସାହାଯ୍ୟରେ ଛୋଟ ପିଲାମାନଙ୍କୁ ସେହି ଭାଷା ଶିଖାଇଲି ।

ହୁସୁଏ ଟେନାଙ୍ଗୋର କୃଷକମାନେ ଗୋଟିଏ ଗୁପ୍ତ ସଂଗଠନ ଗଢିଥିଲେ । ୧୯୭୭ ଶେଷ ବେଳକୁ ମୁଁ ଏହି ସଂଗଠନରେ ଯୋଗ ଦେଲି । ଆମେ ଫିନ୍‌କାକୁ ଯାଇ ସେଠାରେ ଶ୍ରମିକମାନଙ୍କ ସହିତ କାମ କରୁଥିଲୁ । କୃଷକ ସଂଘର ସାଥୀ ମାନେ ମଧ ସେମାନଙ୍କ ସହିତ କାମ କରୁଥାନ୍ତି । ଜଣେ ଖ୍ରୀଷ୍ଟିଆନ, ମହିଳା ଓ ଭାରତୀୟ କୃଷକ ଭାବରେ ମୋର ଏହି ସଂଗଠନରେ ଯୋଗଦାନ ପ୍ରଥମରୁ ଅସମ୍ପୂର୍ଣ୍ଣ ଥିଲା ସତ, କିନ୍ତୁ କ୍ରମେ ମୁଁ ସଂଗଠନ କାମରେ ଅଧିକରୁ ଅଧିକ ଜଡ଼ିତ ହୋଇ ପଡ଼ିଲି ।

ମୋ ବାପା ତାଙ୍କ କାମରେ ବ୍ୟସ୍ତ ରହୁଥାନ୍ତି । ସେ ଆମକୁ କହୁଥିଲେ : 'ଆମ ଦେଶରେ ଧନୀ ଓ ଗରିବ ଉଭୟ ଶ୍ରେଣୀର ଲୋକ ଅଛନ୍ତି । ଆମ ପୂର୍ବ ପୁରୁଷମାନଙ୍କ ସମ୍ପତ୍ତି ତାଙ୍କଠାରୁ ଛଡ଼ାଇ ନେଇ କିଛି ଲୋକ ଧନୀ ହୋଇଛନ୍ତି । ଏବେ ଆମ ଝାଳବୁହା ପରିଶ୍ରମରେ ସେମାନେ ମୋଟା ହେବାକୁ ଲାଗିଛନ୍ତି । ନିତିଦିନିଆ ଅନୁଭୂତିରୁ ଆମେ ଏହା ଜାଣିଛୁ । ଲାଡ଼ିନୋ ମାନଙ୍କର ସରକାର ଯେଉଁଠି ଅଛି, ସେହିଠାରୁ ଏହି ଧନୀ ଲୋକ ମାନେ ଆସୁଛନ୍ତି ଏବଂ ଆମ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ।' ଆମେ ଆମ ପରିସ୍ଥିତିକୁ ଯେତେ ପରିଷ୍କାର ଭାବରେ ବୁଝିଲୁ, ସଂଗଠନର ଆବଶ୍ୟକତା ସମ୍ପର୍କରେ ଆମର ବିଶ୍ୱାସ ସେତିକି ବଢିଲା ।

ପାଦ୍ରୀମାନଙ୍କ ବିଷୟରେ ମୁଁ ଗୋଟିଏ କଥା କହି ରଖେ । ସେମାନେ ଆମ ପାଇଁ ଯାହା କରିଛନ୍ତି ତାହାକୁ ତୁଚ୍ଛ ଜ୍ଞାନ କରିବା କିମ୍ବା ସେମାନଙ୍କୁ ଅସମ୍ମାନ କରିବାକୁ ମୁଁ ଚାହେଁ ନାହିଁ; କିନ୍ତୁ ପ୍ରଚଳିତ ବ୍ୟବସ୍ଥାକୁ ଗ୍ରହଣ କରିନେବା ପାଇଁ ସେମାନେ ଆମକୁ ଶିଖାଇଥିଲେ । ସୁପ୍ତ ଓ ନିଷ୍କ୍ରିୟ ହୋଇ ରହିବା ପାଇଁ ସେମାନେ ଆମକୁ ଶିକ୍ଷା ଦେଇଥିଲେ । ହିଂସାର ଶିକାର ହେଉଥିଲେ ମଧ ହିଂସା ଆଚରଣ କରିବା ପାପ ଏହା ତାଙ୍କ ଧର୍ମର ମୂଳ ତତ୍ତ୍ୱ ଥିଲା । ଉପରେ ଥାଇ ଇଶ୍ୱର ସବୁ ଦେଖୁଛନ୍ତି ଏବଂ ଗରିବ ଲୋକମାନେ ତାଙ୍କର ଅତି ପ୍ରିୟ - ସେମାନେ ଆମକୁ ଏହା ବିଶ୍ୱାସ କରିବା ପାଇଁ ଶିଖାଇଥିଲେ । ମୁଁ ପ୍ରକୃତରେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲି । ପିଲାବେଳୁ ଧର୍ମ ପ୍ରଚାରକଙ୍କମାନଙ୍କ ସମ୍ପର୍କରେ ଆସି ମୁଁ ଅନେକ କଥା ଶିଖିଥିଲି ଏବଂ ଏହା ବେଳେବେଳେ ପ୍ରକୃତ ସତ୍ୟ ଉପଲବ୍ଧି କରିବାରେ ପ୍ରତିବନ୍ଧକ ହେଉଥିଲା । ଧନୀ ଲୋକମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିବା କଥା ଉଠିଲେ ନନ୍‌ମାନେ ନୀରବ ରହୁଥିଲେ । ସେମାନେ ଜାଣିଶୁଣି ଏହା କରୁଥିଲେ କି ନାହିଁ ମୁଁ କହି ପାରିବି ନାହିଁ । କିନ୍ତୁ ମୋ ପ୍ରଶ୍ନ ଅନୁତ୍ତରିତ ରହୁଥିଲା । ଗୋଷ୍ଠୀର ଦୃଷ୍ଟିରେ ମୁଁ ଜଣେ ବୟଃପ୍ରାପ୍ତ ନାରୀ ହୋଇ ସାରିଥିଲି ଏବଂ ମୋ ପକ୍ଷରେ ଏତେ ସନ୍ଦେହ ଓ ମାନସିକ ଦ୍ୱନ୍ଦ୍ୱ ମୋଟେ ଶୋଭା ପାଉନଥିଲା । ଆମ

Digitized by srujanika@gmail.com

ଗାଁର ଅନ୍ୟମାନେ କିନ୍ତୁ ଏତେ ସନ୍ଦିହାନ ନଥିଲେ । ସେମାନେ ଗୋଷ୍ଠୀ ବାହାରକୁ କେବେ ଯାଇ ନଥିବାରୁ ତାଙ୍କ ଧାରଣାମାନ ସ୍ୱଚ୍ଛ ଓ ପରିଷ୍କାର ଥିଲା । ଟ୍ରକରେ ବସି ରାଜଧାନୀକୁ ଗଲେ ହିଁ ଜଣେ ଭାରତୀୟର ଜୀବନ ଓ ଦୃଷ୍ଟିକୋଣ ବଦଳିଯାଏ । ଏହି କାରଣରୁ ମୋ ଭାଇ ଓ ଭଉଣୀମାନେ ମୋ ଠାରୁ ବେଶୀ ସ୍ପଷ୍ଟ ଭାବରେ ସବୁ କଥା ବୁଝିପାରୁଥିଲେ । ◘

Digitized by srujanika@gmail.com

୧୭

ଗାଁରେ ଆତ୍ମରକ୍ଷା

'...ଅଗ୍ନି ମଞ୍ଚାରେ ଲୁକ୍କାୟିତ ଥିବା ଭବିତବ୍ୟକୁ ସେମାନେ ପୂର୍ଣ୍ଣ କରିବାକୁ ଆରମ୍ଭ କଲେ ।'

ପୋପୋଲ ଭୁ

ଯେଉଁ ବିଭିନ୍ନ ଅନୁଭୂତି ଦେଇ ମୁଁ ଗତି କଲି ତାହା ଦ୍ୱାରା ମୋ ଭିତରେ ଏକ ପ୍ରକାର ଯନ୍ତ୍ରଣାଦାୟକ ପରିବର୍ତ୍ତନ ହୋଇଚାଲିଥିଲା । ମୁଁ ଚାକରାଣୀ ଭାବରେ କିଛି ସମୟ କାମ କରିଥିଲି । ଘରକୁ ନଯାଇ ଦୀର୍ଘ ଦିନ ଧରି ଫିନ୍‌କାରେ ମଧ୍ୟ କାମ କରିଥିଲି । ଘରେ ମୋ ଭାଇ ଭଉଣୀମାନଙ୍କର ମୋ ପରି ଅନୁଭୂତି ହୋଇନଥିଲା । ତେଣୁ ସେମାନେ କ'ଣ ବାସ୍ତବ ଓ କ'ଣ ଅବାସ୍ତବ ବୁଝିପାରୁଥିଲେ । ମୋ ମନ ଭିତରେ କେତେ ସବୁ ପ୍ରଶ୍ନ ଉଠୁଥିଲା । ଭାରତୀୟମାନଙ୍କୁ ଅନ୍ୟମାନେ ଗ୍ରହଣ କରୁ ନାହାନ୍ତି କାହିଁକି ? ଆମ ପୂର୍ବପୁରୁଷମାନେ କ'ଣ ପ୍ରକୃତରେ ଗାଁରେ ରହୁଥିଲେ ? ଜମି ଗୁଡ଼ିକ କ'ଣ ସତରେ ସେମାନଙ୍କର ଥିଲା ? ଅନ୍ୟମାନେ ଆମ ନିଷ୍କ୍ରିୟତାର ସୁଯୋଗ ନେଉଥିବା ବେଳେ କ୍ୟାଥଲିକ ଧର୍ମ ଆମକୁ ସୁପ୍ତ କରି ରଖିଥିଲା । ମୁଁ ଯେତେବେଳେ ଏ ସବୁ କଥା ବୁଝିଲି,ସଂଗଠନ ପାଇଁ ଅଧିକ ସମୟ ଦେବାରେ ଲାଗିଲି । ସଂଗଠନ କିପରି କରିବାକୁ ହୁଏ ଏଥିପାଇଁ ମୋର ତାଲିମର ଆବଶ୍ୟକତା ନଥିଲା । ଯେଉଁ ମହିଳାମାନେ ସଂଗ୍ରାମରେ ଯୋଗ ଦେବାକୁ ଚାହୁଁଥିଲେ ସେମାନଙ୍କୁ ନେଇ ଆମେ ଦଳ ଗଢିଲୁ । ଶତ୍ରୁ ଆସିଲେ କ'ଣ କରିବାକୁ ପଡ଼ିବ - ପିଲାମାନଙ୍କୁ ଶିକ୍ଷା ଦେବା ସଂଗ୍ରାମର ଏକ ଅଂଶ ଥିଲା । ମୋ ପାଇଁ ଜମି ମାଲିକ ଥିଲା ବଡ଼ ଅନିଷ୍ଟକାରୀ ଶତ୍ରୁ । ତାକୁ ସାହାଯ୍ୟ କରୁଥିବା ସୈନ୍ୟ ମଧ୍ୟ ଆମର ଶତ୍ରୁ ଥିଲା । ଜମି ମାଲିକ, ସୈନ୍ୟ ଓ ଧନୀ ଲୋକ ଆମକୁ ଶୋଷଣ କରିବା ପାଇଁ ପହଞ୍ଚିବା ପର୍ଯ୍ୟନ୍ତ ଆମ ସଂସ୍କୃତିରେ ଶତ୍ରୁ ବୋଲି କିଛି ଧାରଣା ନଥିଲା ଗୋଷ୍ଠୀରେ ଆମେ ସମସ୍ତେ ସମାନ । ପରସ୍ପରକୁ ସାହାଯ୍ୟ କରିବା ଛଡ଼ା ଆମ ନିକଟରେ ଅଳ୍ପ ଯାହା କିଛି ଥାଏ ତାହାକୁ ସମାନ ଭାବରେ ଆମେ ଉପଭୋଗ କରୁ । ଆମ ଗୋଷ୍ଠୀରେ ସାନବଡ଼ ବିଚାର ନଥିଲେ ମଧ୍ୟ ଗୁଆଟେମାଲାରେ କିନ୍ତୁ ଏଇ ଭେଦ ଭାବ ରହିଥିଲା । ଲାଡ଼ିନୋମାନେ ନିଜକୁ ଉଚ୍ଚ ଜାତିର

Digitized by srujanika@gmail.com

ଲୋକ ବୋଲି ଭାବୁଥିଲେ ଏବଂ ଆମକୁ ନୀଚ ଦୃଷ୍ଟିରେ ଦେଖୁଥିଲେ । ସମୟ ଥିଲା ଯେତେବେଳେ ଲାଡ଼ିନୋମାନେ ଆମକୁ ମଣିଷରେ ନଗଣି ପଶୁ ଭାବରେ ଦେଖୁଥିଲେ ।

ଶତ୍ରୁକୁ ପରାସ୍ତ କରିବାକୁ ପଡ଼ିବ ବୋଲି ମୁଁ ମନେମନେ ଦୃଢ ନିଷ୍ପତ୍ତି ନେଲି । ଆମ ସଂଗଠନର କିଛି ନାମ ନଥିଲା । କିନ୍ତୁ ଆମ ପୂର୍ବପୁରୁଷମାନେ ଯେଉଁ କୌଶଳ ସବୁ ବ୍ୟବହାର କରୁଥିଲେ ଆମେ ପ୍ରତ୍ୟେକ ସଭ୍ୟ ସେଗୁଡ଼ିକୁ ମନେପକାଇବାକୁ ଚେଷ୍ଟା କଲୁ । ଆମ ପୂର୍ବପୁରୁଷମାନେ ଭଲ ଯୋଦ୍ଧା ଥିଲେ । ସେମାନେ କୁଆଡ଼େ ସ୍ପାନିଶ୍ ଆକ୍ରମଣକାରୀଙ୍କ ପାଇଁ ରାସ୍ତାରେ ଏବଂ ଘରେ ଫାଶ ବସାଉଥିଲେ । ଲୁଚି ରହି ଶତ୍ରୁ କୁ ଆକ୍ରମଣ କରିବାରେ ସେମାନେ ବିଶେଷ ପାରଦର୍ଶିତା ହାସଲ କରିଥିଲେ । ଆମେ ଆତ୍ମରକ୍ଷାର ବିଭିନ୍ନ ଉପାୟ ସମ୍ପର୍କରେ ଚିନ୍ତା କରୁଛୁ, ଏହା ଜାଣି ମୋ ଜେଜେବାପା ତାଙ୍କ ଆଡୁ ଏ ସବୁ କଥା ଆମକୁ କହିଥିଲେ । ଧମକର ଜବାବ ଧମକରେ ଦେବା ପାଇଁ ଆମେ ଠିକ୍ କଲୁ । ମୋ ଜେଜେବାପା ଆମକୁ ଡ଼ାକି କହିଲେ: 'ପିଲାମାନେ ତୁମକୁ ନିଜ ଆତ୍ମରକ୍ଷାର ଉପାୟ ନିଜେ ଚିନ୍ତା କରିବାକୁ ପଡ଼ିବ । ଆମ ପୂର୍ବପୁରୁଷମାନେ ଲଢେଇ କରୁଥିଲେ । ସେମାନେ ଜମା ନିଷ୍କ୍ରିୟ ନଥିଲେ । ଜମି ମାଲିକମାନେ ଯେଉଁ ଅସ୍ତ୍ର ବ୍ୟବହାର କରନ୍ତି ଆମକୁ ସେହି ଅସ୍ତ୍ର ସାହାଯ୍ୟରେ ତାଙ୍କର ମୁକାବିଲା କରିବାକୁ ପଡ଼ିବ ।' ଜଣେ ବୟସ୍କ ଲୋକ ଯେତେବେଳେ ଏହା କହୁଥିଲେ ସେ ସତ କଥା ହିଁ କହୁଥିଲେ ।

ବାପା ଗୋଷ୍ଠୀର ମୁଖିଆ ହୋଇଥିବାରୁ ଗାଁର କେନ୍ଦ୍ର ସ୍ଥାନରେ ରହିବା ଆବଶ୍ୟକ ବୋଲି ସମସ୍ତେ ଅନୁଭବ କରୁଥିଲେ । ତେଣୁ ପ୍ରଥମ ପଦକ୍ଷେପ ଭାବରେ ଗୋଷ୍ଠୀର ଲୋକମାନେ ଗାଁ ମଝିରେ ତାଙ୍କ ପାଇଁ ରହିବା ବ୍ୟବସ୍ଥା କଲେ । ଆମ ଛୋଟ ଜମି ଖଣ୍ଡ ଗୁଡ଼ିକୁ ଯେତେବେଳେ କିଆରୀ କରି ଦିଆଗଲା, କିଛି ଲୋକଙ୍କୁ ଗାଁର ଗୋଟିଏ ପାଖରେ ରହିବାକୁ ପଡ଼ିଲା । ଅନ୍ୟମାନେ ଅନ୍ୟ ପାଖରେ ରହୁଥିଲେ । ତେଣୁ ଆମେ ଆମର ପଡ଼ୋଶୀମାନଙ୍କ ଠାରୁ କିଛି ଦୂରରେ ରହୁଥିଲୁ । ଜମି ମାଲିକ ମାନେ ଆସିଲେ ଯେପରି ପରସ୍ପରକୁ ଡ଼ାକିପାରିବୁ ସେଥିପାଇଁ ଆମେ ଏକାଠି ରହିବା ଲାଗି ସ୍ଥିର କଲୁ ! ଏହି ପ୍ରସ୍ତାବ ସମଗ୍ର ଗୋଷ୍ଠୀ ସହିତ ଆଲୋଚନା ହେବା ପରେ ସମସ୍ତେ କିଛି କିଛି ଜମି ଦେବେ ଏବଂ ଦୁଇମାସ ମଧ୍ୟରେ ଘର ତିଆରି କରାଯିବ ବୋଲି ସ୍ଥିର ହେଲା ।

ଆମେ ଏହି ଯୋଜନା କରୁଥିବାବେଳେ ଆମ ପଡ଼ୋଶୀ ଗାଁ ସାନ୍ ପାବ୍ଲୋର ଲୋକମାନେ ଦମନଲୀଳାର ଏକ ସ୍ୱାଦ ପାଇଲେ । ଜମି ମାଲିକ ଗୋଷ୍ଠୀର ମୁଖିଆ, ନିର୍ବାଚିତ ପ୍ରତିନିଧି, ମୁଖ୍ୟ ଧର୍ମ ପ୍ରଚାରକ ଏବଂ ସେମାନଙ୍କ ପରିବାରର ଲୋକମାନଙ୍କୁ ଅପହରଣ କରିନେଲା । ଏହି ଗାଁର ଲୋକେ ଜଣେ ଜମି ମାଲିକ ସହିତ ଲଢୁଥିଲେ; କିନ୍ତୁ ସଂଗଠିତ ହୋଇ ନଥିଲେ । ଏହି ଘଟଣା ଆମ ପାଇଁ ଏକ ଉଦାହରଣ ପରି କାମ କଲା ଏବଂ ସମସ୍ତେ ଜୋର ସୋରରେ ଘର ତିଆରି କରିବାରେ ଲାଗିଲେ । କିଛି ଲୋକ ଭୂମି ପ୍ରସ୍ତୁତ

Digitized by srujanika@gmail.com

କଲେ, କିଛି କାନ୍ଥ ପାଇଁ ଖୁଣ୍ଟ ତିଆରି କଲେ ଏବଂ ଆଉ କିଛି ଲୋକ ପତ୍ର ସଂଗ୍ରହ କରିବାରେ ଲାଗିଲେ । ଏହିପରି ଭାବରେ ସମସ୍ତଙ୍କ ମଧ୍ୟରେ କାମ ବାଣ୍ଟି ଦେବାରୁ ଶୀଘ୍ର ଘର ଗୁଡ଼ିକ ଶୀଘ୍ର ତିଆରି ହୋଇଗଲା ।

ଦିନେ ଦଳେ ସୈନ୍ୟ ଆମ ଗାଁରେ ପହଞ୍ଚିଲେ । ଆମେ ପୂର୍ବରୁ କେବେ ଏତେ ସଂଖ୍ୟକ ସୈନ୍ୟ ଦେଖିନଥିଲୁ । ସେମାନେ ନବେ ଜଣ ଥିଲେ । ଆମେ ସେମାନଙ୍କର ପ୍ରତିରୋଧ କଲୁ ନାହିଁ କିମ୍ବା ସେମାନଙ୍କୁ ଉତ୍ତେଜିତ କଲାପରି କିଛି କଲୁ ନାହିଁ । ଆମେ ସ୍ଥିର କରିଥିଲୁ, ଆମ ଭିତରୁ ଏକୁଟିଆ କାହାରିକୁ ଧରିନେବା ପାଇଁ ସେମାନଙ୍କୁ ସୁଯୋଗ ଦିଆଯିବ ନାହିଁ; ରହିଲେ ସମସ୍ତେ ରହିବୁ, ମଲେ ସମସ୍ତେ ମରିବୁ । ଆମେ ଯେଉଁ କୋଠ ଘରେ ଉତ୍ସବ ସବୁ ପାଳନ କରୁଥିଲୁ ଏବଂ ସଭା କରୁଥିଲୁ ସେହି ଘରେ ସୈନ୍ୟମାନେ ପ୍ରାୟ ଦୁଇ ସପ୍ତାହ ରହିଲେ । ରାତିରେ ଆମ ମକା କ୍ଷେତକୁ ଯାଇ ସେମାନେ ଆଳୁ ଗୁଡ଼ିକୁ ଖୋଳି ନେଉଥିଲେ । କଅଁଳ ମକା ଓ ବିନ୍‌ଗୁଡ଼ିକୁ ମଧ୍ୟ ସେମାନେ ଖାଇଦେଉଥିଲେ । ଧରିତ୍ରୀ ଓ କୃଷକର ଶ୍ରମର ଫଳକୁ ଅମଳ କରିବା ପୂର୍ବରୁ ଉପଚାର ମାନ ଆମ ସଂସ୍କୃତିର ଅଙ୍ଗ ବିଶେଷ। ଆମ ସଂସ୍କୃତି ପ୍ରତି ଅପମାନ ହେଉଥିବା ଜାଣି ମଧ୍ୟ ଆମେ ଆମର କ୍ରୋଧ ସମ୍ବରଣ କରି ରହିଲୁ, ଯେହେତୁ ସେମାନଙ୍କ ସଂଖ୍ୟା ବେଶୀ ଥିଲା ଏବଂ ସେମାନଙ୍କ ନିକଟରେ ହାତ ହତିଆର ରହିଥିଲା ।

ଥରେ ରାତି ପ୍ରାୟ ଦଶଟାବେଳେ ଆମେ ଶୋଇବାକୁ ଯିବା ପାଇଁ ପ୍ରସ୍ତୁତ ହେଉଛୁ, ଆମ ଘର ପଛପଟେ କଳା ରଙ୍ଗର କିଛି ଜିନିଷ ବୁଲୁଥିବା ମା' ଦେଖିଲେ । ଘର ବାଡ଼ିରେ ଆମେ କିଛି ଆଳୁ ଲଗାଇଥିଲୁ । ପଡ଼ୋଶୀଙ୍କ ପଶୁ ହୋଇଥିବ ଭାବି ପ୍ରଥମେ ମା' ତା ଉପରକୁ ଟେକା ଫୋପାଡ଼ିଲେ । କିନ୍ତୁ ପ୍ରକୃତରେ ଜଣେ ସୈନ୍ୟ ଆଳୁ ଚୋରି କରୁଥିଲା । ପ୍ରଥମ ଥର ପାଇଁ ମା' ସୈନ୍ୟମାନଙ୍କୁ ଭୀଷଣ ରାଗିଗଲେ । ଶତ୍ରୁ ପକ୍ଷର ଆକ୍ରମଣ ପ୍ରତିହତ କରିବା ପାଇଁ ଆମେ ସମସ୍ତେ ଅଧିକ କୁକୁର ରଖିଥିଲୁ । ମା' ଯେତେବେଳେ କୁକୁର ମାନଙ୍କୁ ନେଇ ବାହାରକୁ ଗଲେ ସୈନିକଟି ନିଜର ପରିଚୟ ଦେଲା । ମା' ତାକୁ କହିଲେ: 'ତୁମେ ଯଦି ଖାଇବାକୁ ଚାହଁ, ସେଥିପାଇଁ ପରିଶ୍ରମ କରୁ ନାହଁ କାହିଁକି ? ତୁମେ ଯେଉଁ ଧନୀ ଲୋକମାନଙ୍କ ପାଇଁ କାମ କରୁଛ, ସେମାନେ ତୁମକୁ ଖାଇବା ପାଇଁ ମଧ୍ୟ ଦେଉ ନାହାନ୍ତି । ଆମେ ଏତେ ପରିଶ୍ରମ କରି ଯେଉଁ ଫସଲ କରିଛୁ ତାହା ପାଇଁ ତୁମେ କାହିଁକି ଲୋଭ କରୁଛ ? ତୁମେ ଏଠାରୁ ଚାଲିଯାଅ, ନଚେତ୍ ଏଇ ବାଡ଼ିରେ ମୁଁ ତୁମକୁ ପିଟିବି ।' ଏହାପରେ ସୈନିକଟି ଦୌଡ଼ି ପଳାଇଲା । ତା'ପର ଦିନ ସୈନ୍ୟମାନେ ଆମ ଗାଁ ଛାଡ଼ି ଚାଲିଗଲେ ।

ସୈନ୍ୟମାନେ ଯିବା ପରେ ଆମେ ସମସ୍ତେ ବସି ସ୍ଥିର କଲୁ ଏଣିକି କିଛି ଦିନ ପାଇଁ ପରମ୍ପରା ଓ ଉତ୍ସବ ଉପଚାରକୁ ବେଶୀ ଗୁରୁତ୍ୱ ନଦେଇ ଆମେ ଆମର ନିରାପତ୍ତାକୁ ବେଶୀ

Digitized by srujanika@gmail.com

ଗୁରୁତ୍ୱ ଦେବୁ । ଆମେ ଆମର ଗୋପନ କଥା କାହାକୁ ନକହିବା ପାଇଁ ମନସ୍ଥ କଲୁ । ପିଲାମାନଙ୍କୁ ମଧ୍ୟ ସତର୍କ ରହିବା ପାଇଁ ପରାମର୍ଶ ଦିଆଗଲା । ବାପା ମା' କ'ଣ କରୁଛନ୍ତି ଅନ୍ୟ ଗାଁର ପିଲାମାନଙ୍କୁ ନ କହିବା ପାଇଁ ସେମାନଙ୍କୁ ତାଗିଦ କରାଗଲା । ସବୁ ଦିନ ବ୍ୟବହାର ହେଉଥିବା ଜିନିଷକୁ ନେଇ ଆମେ ସଂକେତମାନ ତିଆରି କଲୁ । ମୋର ମନେ ଅଛି ଆତ୍ମରକ୍ଷାର ବିଭିନ୍ନ ଉପାୟ ନିର୍ଦ୍ଧାରଣ କରିବା ପୂର୍ବରୁ ଆମେ ଗୋଟିଏ ଉତ୍ସବାନୁଷ୍ଠାନ କରି ଈଶ୍ୱରଙ୍କୁ ତାଙ୍କ ସୃଷ୍ଟିର ପଦାର୍ଥ ବ୍ୟବହାର କରିବା ପାଇଁ ଅନୁମତି ମାଗିଥିଲୁ । ଗୋଷ୍ଠୀର କେତେ ଲୋକ ଶତ୍ରୁ ଆକ୍ରମଣର ଶିକାର ହେବେ ବା ନିହତ ହେବେ ତାହା ଆମର ସାମୂହିକ ଆତ୍ମରକ୍ଷାର ଉପାୟ ଉପରେ ନିର୍ଭର କରୁଥିଲା । ଉତ୍ସବ ପରଦିନ ସମସ୍ତେ ଆତ୍ମରକ୍ଷା ପାଇଁ କିଛି ନା କିଛି ଜିନିଷ ନେଇ ଆସିଥିଲେ । କିଏ ପଥର ଆଣିଥିଲା ତ କିଏ ଟାଙ୍ଗିଆ , କିଏ ଲାଠି; ଏମିତି ଯିଏ ଯାହା ପାରିଲା ଆଣିଥିଲା । ସ୍ତ୍ରୀ ଲୋକମାନେ ଲୁଣ, ଗରମ ପାଣି ଇତ୍ୟାଦି ଆଣିଥିଲେ, ଆମେ ସମସ୍ତେ ଏକାଠି ବସି ସମୂହ ଆତ୍ମରକ୍ଷାର ଉପାୟ ଚିନ୍ତା କଲୁ । ସମସ୍ତେ ବୁଦ୍ଧି ଖଟାଇ ନିଜ ନିଜର ପ୍ରସ୍ତାବ ମାନ ଦେଲେ । କାହାକୁ କ'ଣ ଦାୟିତ୍ୱ ଦିଆଯିବ ତାହା ମଧ୍ୟ ସ୍ଥିର ହେଲା । ପିଲାମାନଙ୍କ ଠାରୁ ବୁଢା ଯାଏ ପ୍ରତ୍ୟେକଙ୍କର କିଛି ଦାୟିତ୍ୱ ଥିଲା ।

ଏ ସବୁ କାମରେ ମୁଁ ଖୁବ୍ ଉଲ୍ଲସିତ ଅନୁଭବ କରୁଥିଲି । ଜମିକୁ ଖଣ୍ଡ ଖଣ୍ଡ କରି ବାଣ୍ଟି ଦେଇ ସରକାର ଆମ ଭିତରେ ବିଭେଦ ସୃଷ୍ଟି କରିଥିଲା । ଆମ ସମସ୍ତେ ଏକାଠି ଗୋଟିଏ ସ୍ଥାନରେ ରହିବା ପାଇଁ ଯଥେଷ୍ଟ ଜମି ନଥିଲା । ପ୍ରତ୍ୟେକଙ୍କ ଭାଗରେ ଅତି ବେଶୀ ହେଲେ ଏକ ମଞ୍ଜାନା(ପ୍ରାୟ ଦେଢ ଏକର) ଜମି ପଡ଼ିଥିଲା । ସମସ୍ତେ ତାଙ୍କ ଜମିର କିଛି ଅଂଶ ଗୋଷ୍ଠୀକୁ ଦେବା ପରେ ବି ଘର ଗୁଡ଼ିକ ପରସ୍ପର ଠାରୁ ଅନେକ ଦୂରରେ ରହିଥିଲା । ଯେତେବେଳେ ଆମ ଉପରେ ଅତ୍ୟାଚାର ଆରମ୍ଭ ହେଲା, ଆମେ ସମସ୍ତେ ଗୋଟିଏ ସ୍ଥାନରେ ଘର କରିବା କଥା ଚିନ୍ତା କଲୁ । ସେତେବେଳକୁ ଚାଜୁଲ୍, ବେବାଜ, କୋଟ୍ଜାଲ୍ ପ୍ରଭୃତି ଗୋଷ୍ଠୀରେ ଅତ୍ୟାଚାର ଓ ଗଣହତ୍ୟା ଆରମ୍ଭ ହୋଇଯାଇଥାଏ ।

ଘର ତିଆରି ଦୁଇ ତିନି ମାସ ମଧ୍ୟରେ ସରିବା କଥା ମୁଁ ଆଗରୁ କହିଛି । ଆତ୍ମ ରକ୍ଷାରେ ମଣିଷ ମାନଙ୍କ ବ୍ୟତୀତ କୁକୁରମାନଙ୍କର ମଧ୍ୟ ବିଶେଷ ଭୂମିକା ଥିଲା । ଗାଁରେ କିଏ କେଉଁଠି ଫାଶ ବସାଉଛି ତାହା ବାହାର ଲୋକେ ଜାଣୁ ନଥିଲେ, କିନ୍ତୁ ଦୁର୍ଘଟଣା ଏଡ଼ାଇବା ପାଇଁ ଆମେ ତାହା ଜାଣିବା ଜରୁରୀ ଥିଲା । ପ୍ରଥମେ ମକା ଫସଲ ନଷ୍ଟ କରୁଥିବା ମୂଷା ଓ ବନ୍ୟ ଜନ୍ତୁ ମାନଙ୍କୁ ଧରିବା ପାଇଁ ଏହି ଫାଶ ଗୁଡ଼ିକ ବ୍ୟବହୃତ ହେଉଥିଲା । ଏବେ ସେହି ଫାଶ ଶତ୍ରୁକୁ ଧରିବା ପାଇଁ ବ୍ୟବହାର ହେଲା । ବଡ଼ ଗାତ ଉପରେ ସୂକ୍ଷ୍ମ ଜାଲକୁ ଏପରି ରଖାଯାଉଥିଲା ଯେପରି ପଶୁ ବା ସୈନ୍ୟ ମାନେ ତାହାକୁ ଦେଖି ପାରିବେ ନାହିଁ । ଆମ ଗାଁକୁ ରାସ୍ତା ନଥିବାରୁ ଟ୍ରକ, କାର ବା ସାଇକେଲରେ ସୈନ୍ୟ ମାନେ ଆସିବା ସମ୍ଭବ ନଥିଲା । ପାଦଚଲା ରାସ୍ତା ଥିଲା ଆମ ଗାଁକୁ ଏକ ମାତ୍ର ରାସ୍ତା । ସୈନ୍ୟମାନେ କେତେ ଡ଼ରୁଆ ଆମେ

Digitized by srujanika@gmail.com

ଜାଣିଥିଲୁ । ପାର୍ବତ୍ୟ ଅଞ୍ଚଳରେ ଗରିଲା ଅଛନ୍ତି ବୋଲି ତାଙ୍କର ଧାରଣା ଥିଲା । ଗରିଲାକୁ ତ ସେମାନେ କେବେ ଦେଖିନଥିଲେ, ତେଣୁ ଏହା ହୁଏତ ଏକ ରାକ୍ଷସ ବା ଭୟଙ୍କର ପକ୍ଷୀ ବା ପଶୁଟିଏ ହୋଇ ପାରିଥାଏ ବୋଲି ସେମାନେ କଳ୍ପନା କରୁଥିଲେ । ଗରିଲା ଭୟ ଯୋଗୁ ସେମାନେ ପାହାଡ଼ ଭିତରକୁ ଯିବା ପାଇଁ ଡ଼ରୁଥିଲେ । ପାଦ ଚଲା ରାସ୍ତାରେ ହିଁ ସେମାନେ ଆମ ଗାଁକୁ ଆସିବାର ସମ୍ଭାବନା ଥିଲା ,ଏବଂ ସେହି ରାସ୍ତାରେ ଆମେ ଫାଶ ବସାଉଥିଲୁ । କାଳେ ଗୋଟିଏ ଫାଶ ଫେଲ୍ ମାରିଯିବ, ସେଥିପାଇଁ ଆମେ ଏକାଧିକ ଫାଶ ବସାଇଥିଲୁ । ବିପଦ ବେଳେ ବାହାରିଯିବା ପାଇଁ ପ୍ରତ୍ୟେକ ଘରେ ଜରୁରୀକାଳୀନ ଦ୍ୱାରର ପ୍ରତ୍ୟେକ ଘରେ ଜରୁରୀ କାଳୀନ ଦ୍ୱାରର ବ୍ୟବସ୍ଥା ରହିଥିଲା ।

ଫାଶ ବସାଇବାରେ ସାହାଯ୍ୟ କରିବା ବ୍ୟତୀତ ମୁଁ ଗାଁରେ ଲୋକମାନଙ୍କୁ ତାଲିମ ଦେବା ଏବଂ ସଂଗଠିତ କରିବା ଦାୟିତ୍ୱ ମଧ୍ୟ ନେଇଥିଲି । ଗୋଷ୍ଠୀ ଆମକୁ ଯେଉଁ କାମ ଦିଏ ଆମକୁ ତାହା ବିନା ଦ୍ୱିଧାରେ କରିବାକୁ ପଡ଼େ । ସମସ୍ତେ ସବୁ କାମରେ ଅଭିଜ୍ଞତା ହାସଲ କରିବା ଦରକାର ଥିବାରୁ ଆମେ ପାଳିକରି ସବୁ କାମ କରୁଥିଲୁ । ନିରାପତ୍ତା ଓ ଆତ୍ମରକ୍ଷାର ସବୁ ପଦକ୍ଷେପ ଆମେ ବାରମ୍ବାର ଅଭ୍ୟାସ କରୁଥିଲୁ । ସୈନ୍ୟବାହିନୀ ଗାଁକୁ ଆସିଲେ ଜରୁରୀ କାଳୀନ ଦ୍ୱାର ଦେଇ କିଏ ପ୍ରଥମେ ଓ କିଏ ତା'ପରେ ବାହାରିବ - ଏହାର ମଧ୍ୟ ପୂର୍ବାଭ୍ୟାସ ହେଉଥିଲା । ସୈନ୍ୟବାହିନୀର କିପରି ମୁକାବିଲା କରାଯିବ ସେ ସମ୍ପର୍କରେ ଆମର ବେଶୀ ଧାରଣା ନଥିଲା । ଦରକାରବେଳେ ପ୍ରଥମେ ପିଲାମାନଙ୍କ ସହିତ ସ୍ତ୍ରୀ ଲୋକମାନେ ବାହାରି ପଳାଇବେ ଏବଂ ଶେଷ ପର୍ଯ୍ୟନ୍ତ ପୁରୁଷମାନେ ରହିବେ ବୋଲି ଆମେ ଯୋଜନା କଲୁ । କିନ୍ତୁ ପ୍ରକୃତରେ ସୈନ୍ୟମାନେ ସ୍ତ୍ରୀ ଲୋକ ଓ ପିଲାମାନଙ୍କୁ ସାମାନ୍ୟ ଅଧିକ ସମ୍ମାନ କରୁଥିଲେ - ଏବଂ ସେହି କାରଣରୁ ସେମାନେ ଅପେକ୍ଷାକୃତ ଅଧିକ ନିରାପଦ ଥିଲେ । ସାଧାରଣତଃ ପୁରୁଷ ଲୋକ ଏବଂ ବିଶେଷ ଭାବରେ ଗାଁର ମୁଖିଆ ମାନଙ୍କୁ ସେମାନେ ଅପହରଣ କରିନେଉଥିଲେ । ତେଣୁ ଆମେ ସ୍ଥିର କଲୁ ବିପଦ ବେଳେ ପୁରୁଷ ଲୋକମାନେ ପ୍ରଥମେ ଘର ଛାଡ଼ି ଚାଲିଯିବେ ଏବଂ ସ୍ତ୍ରୀ ଲୋକମାନେ ଘରେ ରହି ସୈନ୍ୟମାନଙ୍କର ସମ୍ମୁଖୀନ ହେବେ । ଏହାର ଅର୍ଥ ନୁହେଁ ଆମେ ଆମର କୌଶଳ ପରିବର୍ତ୍ତନ କରୁ ନଥିଲୁ । କିଛି ନୂଆ କଥା ମନକୁ ଆସିଲେ ଆମେ ସାଙ୍ଗେ ସାଙ୍ଗେ ତାକୁ ପରୀକ୍ଷା କରୁଥିଲୁ । ଆମେ ଉପଲବ୍ଧି କଲୁ ସୈନ୍ୟବାହିନୀ ଗାଁରେ ପହଞ୍ଚିଲେ ସମସ୍ତେ ଧାଡ଼ି ହୋଇ ଗୋଟିଏ ରାସ୍ତାରେ ଖସି ପଳାଇବା ଠିକ୍ କାମ ହେବ ନାହିଁ । ତେଣୁ ଆମେ ବଡ଼ ଗାତ ଓ ଭୂଇଁ ତଳ ରାସ୍ତା ତିଆରି କଲୁ । ଗାଁର ମୁଖିଆ ସଂକେତ ଦେବା ମାତ୍ରେ ଆମେ ସବୁ ଏକାଠି ରୁଣ୍ଡ ହେବୁ ବୋଲି ସ୍ଥିର ହେଲା । ଏହା ଦ୍ୱାରା ଆମେ ଆମର ସାଂସ୍କୃତିକ ପରମ୍ପରାକୁ କିଛିଟା ଭଙ୍ଗ କରୁଥିଲୁ ସତ, କିନ୍ତୁ ଆତ୍ମରକ୍ଷା ପାଇଁ ଏହା କରିବା ଛଡ଼ା ଆମର ଅନ୍ୟ ଉପାୟ ନଥିଲା । ମୁଖିଆ ଗୋଷ୍ଠୀ ଦ୍ୱାରା ନିର୍ବାଚିତ ହୁଅନ୍ତି ସତ, କିନ୍ତୁ ତାଙ୍କର ସବୁ କାର୍ଯ୍ୟ ଗୋଷ୍ଠୀର

Digitized by srujanika@gmail.com

ସମସ୍ତେ ଅନୁମୋଦନ କରିବା ଆବଶ୍ୟକ । ଏହାର ସାର ମର୍ମ ହେଲା ଗୋଷ୍ଠୀର ସମସ୍ତେ ଅନୁମୋଦନ କରୁନଥିବା ପରି କାର୍ଯ୍ୟ ହୋଇପାରିବନାହିଁ । କେଉଁ ସଂକେତ ଦେଲେ ସମସ୍ତେ ଗାଁ ଛାଡ଼ି ଚାଲିଯିବେ ତାହା ସମସ୍ତେ ବସି ସ୍ଥିର କରାଗଲା । ଏହା ଥିଲା ଏକ ଗୁରୁତର ବିଷୟ ଏବଂ ଶତ୍ରୁ ଖୁବ୍ ନିକଟରେ ପହଞ୍ଚିଲେ ଯାଇ ଏହାକୁ କାର୍ଯ୍ୟକାରୀ କରାଯିବା କଥା । କେଉଁ ଦିଗରୁ ଶତ୍ରୁ ଆସୁଛି ସେହି ଅନୁସାରେ ସଂକେତ ମଧ୍ୟ ବଦଳୁଥିଲା । ଦିନ ଓ ରାତି ପାଇଁ ପୃଥକ୍ ସଂକେତର ବ୍ୟବସ୍ଥା କରାଯାଉଥିଲା । ଆମେ ସମସ୍ତେ ମିଶି ଗାଁର ଚାରି କୋଣରେ ଚାରୋଟି ଘର ତିଆରି କଲୁ । ଦିନ ଓ ରାତି ଚବିଶ ଘଣ୍ଟା ପାଳି କରି ଏହି ଚାରୋଟି ସ୍ଥାନରୁ ଆମେ ଶତ୍ରୁର ଗତିବିଧି ଉପରେ ଲକ୍ଷ୍ୟ ରଖିଲୁ ।

ମୁଁ ଗାଁରେ ଥିବାବେଳେ ଥରେ ଆମକୁ ଆମର ଆତ୍ମରକ୍ଷା ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପଡ଼ିଥିଲା । ଯେଉଁ ସୈନ୍ୟମାନେ ଆମ ଗାଁରେ ପନ୍ଦର ଦିନ ରହିଥିଲେ ଯିବାବେଳେ ଆମ ସଂଗଠନ ସମ୍ପର୍କରେ କିଛି ଧାରଣା ନେଇ ଯାଇଥିଲେ । ଆମ ସଂଗଠନ ସମ୍ପୂର୍ଣ୍ଣ ଗୋପନୀୟ ଥିଲେ ମଧ୍ୟ ଆମର କିଛି କାର୍ଯ୍ୟକଳାପ ତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ଦିନେ ରାତିରେ ସେମାନେ ପୁଣି ଆସି ପହଞ୍ଚିଲେ । କିନ୍ତୁ ସେତେବେଳେକୁ ଆମର ସମ୍ବାଦ ପ୍ରେରଣ ବ୍ୟବସ୍ଥା ଭଲ ଭାବରେ କାମ କରୁଥାଏ । କେତେବେଳେ ହୁଏତ ଗାଁ ବାହାରେ ରହିବାକୁ ପଡ଼ିବ ସେଥିପାଇଁ ଆମେ ଏକ ଶିବିର ତିଆରି କରିଥିଲୁ । ଶିବିରରେ ରହିବା ବେଳେ ଗଛ, ଲତା, ଓ ପାହାଡ଼ ପରି ପ୍ରାକୃତିକ ପୃଥିବୀର ବନ୍ଧୁମାନେ ସବୁ ଆମ ପାଇଁ ଖୁବ୍ ସହାୟକ ହେଉଥିଲେ । ଶିବିରରେ ଏକାଥରେ ପନ୍ଦର କୋଡ଼ିଏ ଦିନ ରହିବା ପାଇଁ ଆମେ ପ୍ରସ୍ତୁତ ଥିଲୁ । ଶତ୍ରୁ ଆସୁ ବା ନ ଆସୁ ଆମେ ଶିବିରରେ ରାତି କଟାଇବା ଅଭ୍ୟାସ କରିଥିଲୁ । ପ୍ରହରୀ ଠାରୁ ସଙ୍କେତ ପାଇବା ମାତ୍ରେ ଶତ୍ରୁ ପାଇଁ ରାସ୍ତାରେ ଓ ଘରେ ଫାଶ ବସାଇ ଆମେ ଶିବିରକୁ ଚାଲି ଯାଉ । ଘରେ କୁକୁର ବ୍ୟତୀତ ଆଉ କେହି ରହନ୍ତି ନାହିଁ । ରାତିରେ କୁକୁର ଭୁକିଲେ ସୈନ୍ୟମାନେ ଆସିଛନ୍ତି ବୋଲି ଆମେ ଜାଣି ପାରୁଥିଲୁ । ସୈନ୍ୟମାନେ ଥିବା ପର୍ଯ୍ୟନ୍ତ କୁକୁର ଗୁଡ଼ିକ ଭୁକିବା ବନ୍ଦ କରୁ ନଥିଲେ । କୁକୁର ଭୁକିବାରୁ ଆମେ ସୈନ୍ୟମାନଙ୍କର ଗତିବିଧି ଜାଣି ପାରୁଥିଲୁ ।

ପ୍ରଥମ ରାତି ସେମାନେ ଆମ ଗାଁକୁ ଆସି କାହାକୁ ନ ପାଇ କୁକୁରମାନଙ୍କୁ ପିଟିଲେ ଏବଂ କେତୋଟି କୁକୁରଙ୍କୁ ଜୀବନରୁ ମଧ୍ୟ ମାରିଦେଲେ । ଆମ ପାଇଁ ଏବେ ଅଧିକ ସତର୍କତା ଓ ନୂଆ ଉପାୟ ଆବଶ୍ୟକ ଥିଲା । ଏଣିକି ଆମ ଗୋଷ୍ଠୀରେ ପୁରୁଷ ଓ ସ୍ତ୍ରୀ ଲୋକ ପୃଥକ କାମ କରୁ ନଥିଲେ । ଯେତେବେଳେ ଯାହା ଦରକାର ପଡ଼େ ସମସ୍ତେ ମିଶି ସେ କାମଟିକୁ କରୁଥିଲେ । ପାଳି କରି ପୁରୁଷମାନଙ୍କ ସହିତ ସ୍ତ୍ରୀ ଲୋକମାନେ ମଧ୍ୟ ରାତିରେ ଜଗୁ ଥିଲେ । ଆତ୍ମରକ୍ଷାର କୌଣସି କୌଶଳ କାମ ନକଲେ ବିକଳ୍ପ ବ୍ୟବସ୍ଥା ମଧ୍ୟ ରହିଥିଲା । ଲୁଚି ପଳାଇବାର ରାସ୍ତା ଯଦି ବ୍ୟବହାର କରି ନହେଲା କିମ୍ବା ଅନ୍ୟ କିଛି ଅସୁବିଧା ହେଲା,

Digitized by srujanika@gmail.com

ଟାଙ୍ଗିଆ, ପଥର, ଗରମ ପାଣି, ଲଙ୍କା ଓ ଲୁଣ ପରି ଲୋକେ ବ୍ୟବହାର କରୁଥିବା ସ୍ଥାନୀୟ ପଦାର୍ଥ ଗୁଡ଼ିକ ସବୁବେଳେ ପାଖରେ ଥାଏ । ପଥର କିପରି ଫିଙ୍ଗିବାକୁ ହୁଏ, ଶତ୍ରୁ ମୁହଁକୁ କିପରି ଲୁଣ ପକାଯାଏ, ଏସବୁ କଥା ନିର୍ଭୁଲ ଭାବରେ କରିବାକୁ ଆମେ ଶିଖିଥିଲୁ । ଆମେ ଜାଣିଥିଲୁ ପୋଲିସର ବନ୍ଧୁକ ବିରୋଧରେ ଏ ସବୁ ହତିଆର କାମ କରିବ; କିନ୍ତୁ ମେସିନ୍ ଗନ୍ ପାଇଁ ଆମ ନିକଟରେ କିଛି ଉତ୍ତର ନଥିଲା । ଅନେକ ସମୟରେ ଆମେ ଲେମ୍ବୁ ମଧ ବ୍ୟବହାର କରୁଥିଲୁ । ଏକ ନିର୍ଦ୍ଦିଷ୍ଟ ଉପାୟରେ ଅନ୍ୟର ଆଖି ଭିତରକୁ ଲେମ୍ବୁ ରସ ସିଧା ପକାଇହେବ । ସେହିପରି ଶତ୍ରୁର ମୁହଁକୁ ଲକ୍ଷ୍ୟ କରି ପଥର ଫିଙ୍ଗିବାକୁ ହୁଏ । ବାରମ୍ବାର ଅଭ୍ୟାସ କରି ଆମେ ଏଥିରେ ପାରଦର୍ଶିତା ହାସଲ କରିଥିଲୁ । ଘର ଭିତରକୁ ରହି ଯାଇଥିଲେ ଶତ୍ରୁ ଉପରେ ଗରମ ପାଣି ଫିଙ୍ଗିବା ଆତ୍ମରକ୍ଷାର ଏକ ଭଲ ଉପାୟ ଥିଲା । କିନ୍ତୁ ଏ ସବୁ ପଛରେ ମୂଳ କଥା ଥିଲା ସମସ୍ତେ ଐକ୍ୟବଦ୍ଧ ହୋଇ ଏକାଠି ଲଢିବା । ବାଇବେଲ ହିଁ ଥିଲା ଆମର ମୁଖ୍ୟ ଅସ୍ତ୍ର । ଏଥିରେ ଚମତ୍କାର କାହାଣୀ ସବୁ ରହିଛି । ବାଇବେଲ ସାହାଯ୍ୟରେ ଆମେ ଗାଁରେ ସମସ୍ତଙ୍କୁ ଶିକ୍ଷା ଦେଉଥିଲୁ । □

Digitized by srujanika@gmail.com

୧୮

ଆତ୍ମରକ୍ଷାରେ ବାଇବେଲ : ଜୁଡ଼ିଥ୍, ମୋଜେସ୍ ଓ ଡ୍ୟାଭିଡ୍‌ଙ୍କ ଉଦାହରଣ

'...ପ୍ରାଚ୍ୟଦେଶରୁ ଆସିଥିବା ଅପରିଚିତ ବ୍ୟକ୍ତିମାନେ ଯେଉଁ ଖ୍ରୀଷ୍ଟିଆନ୍ ଧର୍ମକୁ ଆଣିଥିଲେ, ତାହା ପ୍ରାଚ୍ୟରେ ପ୍ରଚଳିତ କ୍ଷମତାର ଅବସାନ ଘଟାଇଥିଲା, ସ୍ୱର୍ଗର ଆଖିରୁ ଲୁହ ଝରାଇଥିଲା ଏବଂ କାଟୁନ୍‌ର ମକାରୁଟିକୁ ଦୁଃଖରେ ଭରିଦେଇଥିଲା । '

ଚିଲମ ବାଲମ୍

'ତରୁଣ ଯୋଦ୍ଧାମାନଙ୍କ ଦ୍ୱାରା ସେମାନଙ୍କ ମୁଖ୍ୟ ପରାଜିତ ହୋଇନଥିଲେ, କିମ୍ବା ଦୈତ୍ୟପୁତ୍ରମାନଙ୍କ ଦ୍ୱାରା ଆହତ ହୋଇନଥିଲେ । ମାରାରୀଙ୍କ କନ୍ୟା ଜୁଡ଼ିଥ୍ ତାଙ୍କ ମୁଖମଣ୍ଡଳର ସୌନ୍ଦର୍ଯ୍ୟରେ ତାଙ୍କୁ ନିରସ୍ତ୍ର କରିଥିଲେ ।'

ଦି ବାଇବେଲ ('ଜୁଡ଼ିଥ୍')

ଆମେ ବାଇବେଲ୍‌କୁ ମୂଳ ପାଠ ଭାବରେ ପଢିବା ଆରମ୍ଭ କଲୁ । ଏଥିରେ ବର୍ଣ୍ଣିତ ଅନେକ ସମ୍ପର୍କକୁ ପୂର୍ବପୁରୁଷମାନଙ୍କ ସଙ୍ଗେ ଆମର ସମ୍ପର୍କ ସହିତ ତୁଳନା କରାଯାଇପାରେ । ସତରେ ଯେପରି ବାଇବେଲରେ ଆମରି ଘଟଣାକୁ ହିଁ ବର୍ଣ୍ଣନା କରାଯାଇଥିଲା । ଆମେ ଏହାକୁ ଯେତେ ପଢୁଥିଲୁ ସେହି ସତ୍ୟକୁ ହିଁ ବେଶୀ ଉପଲବ୍ଧି କରୁଥିଲୁ । କ୍ୟାଥଲିକ୍ ଓ ଖ୍ରୀଷ୍ଟିଆନ ଭାବରେ ନିଜ ସମ୍ପର୍କରେ ଆମର ଯାହା ଭାବମୂର୍ତ୍ତି ଥିଲା ତାହା ବଦଳାଇବାରେ ବାଇବେଲ୍ ସାହାଯ୍ୟ କଲା । ଆଗେ ଆମେ ଭାବୁଥିଲୁ ଈଶ୍ୱର ଉପରେ ରହି ସବୁବେଳେ ଆମ ପରି ଗରିବ ଲୋକ ମାନଙ୍କ ପ୍ରତି କୃପାଦୃଷ୍ଟି ରଖିବେ । ବାସ୍ତବ ଜୀବନରେ ଆମର ଅନୁଭୂତି ସମ୍ପର୍କରେ ଆମେ ଚିନ୍ତା କରୁନଥିଲୁ । ବାଇବେଲ ପଢିବା ଦ୍ୱାରା କ୍ରମେ ଆମେ ନିଜର ପରିସ୍ଥିତି ସମ୍ପର୍କରେ ସଚେତନ ହେବାରେ ଲାଗିଲୁ । 'ଏକ୍ସୋଡ଼ସ୍' ବା 'ସମବେତ ପ୍ରସ୍ଥାନ'ର ଉଦାହରଣ ଦିଆଯାଇପାରେ । ମୋଜେସ୍ କିପରି ତାଙ୍କ ଅନୁଗାମୀମାନଙ୍କୁ ଅତ୍ୟାଚାରରୁ ମୁକ୍ତି ଦେବା ପାଇଁ ଚେଷ୍ଟା କରିଥିଲେ ତାହା ହିଁ ଏହି ଗ୍ରନ୍ଥରେ ଲେଖା ଯାଇଛି । ସେକାଳର ମୋଜେସ୍‌ଙ୍କ ସହିତ ଆମେ ନିଜକୁ ତୁଳନା କରୁ । ଜଣେ ମଣିଷର ଜୀବନ ବା ମୋଜେସ୍‌ଙ୍କ ଜୀବନ ବିଷୟରେ 'ଏକ୍ସୋଡ଼ସ' ଲେଖାଯାଇଛି ।

Digitized by srujanika@gmail.com

ଯେଉଁ ବହି ଆମ ପ୍ରତ୍ୟେକଙ୍କର ପ୍ରତିନିଧିତ୍ୱ କରୁଥିବ ସେପରି ବହି ଆମେ ଖୋଜୁଥିଲୁ। ଆମ ଭାରତୀୟ ସଂସ୍କୃତି ସହିତ ସେଗୁଡ଼ିକର କି ସମ୍ପର୍କ ରହିଛି ଆମେ ଜାଣିବା ପାଇଁ ଚେଷ୍ଟା କଲୁ। ପୁରୁଷମାନଙ୍କ ପାଇଁ ମୋଜେସ୍ ଉଦାହରଣ ହୋଇ ରହିଥିଲେ ଏବଂ ଜୁଡ଼ିଥ୍ ଥିଲେ ମହିଳାମାନଙ୍କ ପାଇଁ ଆଦର୍ଶ। ବାଇବେଲ୍‌ରେ ବର୍ଣ୍ଣିତ ମହିୟସୀ ମହିଳା ଜୁଡ଼ିଥ୍ ତାଙ୍କ ଲୋକମାନଙ୍କ ପାଇଁ କଠୋର ସଂଗ୍ରାମ କରିଥିଲେ ଏବଂ ନିଜ ହାତରେ ରାଜାଙ୍କ ମୁଣ୍ଡ ନ ପାଇବା ପର୍ଯ୍ୟନ୍ତ ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରିଥିଲେ। ଏଥିରୁ ଆମକୁ ଏକ ନୂଆ ଦୃଷ୍ଟି ମିଳିଲା; ଆମେ ଖ୍ରୀଷ୍ଟିଆନମାନେ ନିଜର ପ୍ରତିରକ୍ଷା କିପରି କରିବା ଉଚିତ ସେ ସମ୍ପର୍କରେ ପରିଷ୍କାର ଧାରଣା ଟିଏ ହେଲା। ଏକ ନ୍ୟାୟ ସଙ୍ଗତ ଯୁଦ୍ଧ ଛଡ଼ା ଗୋଟିଏ ଜାତି କେବେ ବିଜୟ ହାସଲ କରି ପାରିବ ନାହିଁ, ଏହା କ୍ରମେ ଆମକୁ ସ୍ପଷ୍ଟ ଭାବରେ ଦେଖାଗଲା। ଆମେ ଭାରତୀୟ ମାନେ ଧନ ସମ୍ପତ୍ତିର ସ୍ୱପ୍ନ ଦେଖିବା ଶିଖିନାହୁଁ ; ବଞ୍ଚିବା ପାଇଁ ନିହାତି ଯାହା ଦରକାର ତାହାହିଁ ଆମେ ଚାହୁଁ। ବାଇବେଲ୍‌ରେ ମେଣ୍ଢା ଜଗୁଆଳ ପିଲା ଡ଼େଭିଡ୍ ର କାହାଣୀ ମଧ୍ୟ ରହିଛି, ଯେ କି ସେ ସମୟର ରାଜା ଗୋଲିଆଥ୍‌କୁ ପରାସ୍ତ କରି ପାରିଥିଲା। ଏହି କାହାଣୀ ପିଲାମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା। ଏହିପରି ଭାବରେ ଯେଉଁଥିରୁ ଆତ୍ମରକ୍ଷାର ଉପାୟ ଶିଖିପାରିବୁ ସେହିପରି କାହାଣୀ ଓ ସ୍ତୋତ୍ର ଆମେ ଖୋଜୁଥିଲୁ। ଯେଉଁ ବହି ଗୋଷ୍ଠୀକୁ ତା'ର ଅବସ୍ଥା ବୁଝିବାରେ ସାହାଯ୍ୟ କରିବ, ସେହି ପରି ବହିରୁ ଆମେ ଉଦାହରଣମାନ ନେଉଥିଲୁ। ବଡ଼ ରାଜା ଓ ଅନ୍ୟର ଭାଗ୍ୟକୁ ନିଜ ହାତରେ ରଖିଥିବା କ୍ଷମତାଶାଳୀ ଲୋକ ଯେ କେବଳ ବର୍ତ୍ତମାନ ହିଁ ବିଦ୍ୟମାନ ତାହା ନୁହେଁ; ଆମ ପୂର୍ବପୁରୁଷମାନେ ମଧ୍ୟ ସେମାନଙ୍କ ଦୌରାତ୍ମ୍ୟ ସହିଥିଲେ, ଅତ୍ୟାଚାରିତ ଓ ନିହତ ହୋଇଥିଲେ। ସେମାନେ ଥିଲେ ଭାରତୀୟ ଏହାହିଁ ଥିଲା ତାଙ୍କର ଦୋଷ। ଆମ ପୂର୍ବପୁରୁଷ ମାନଙ୍କ ଜୀବନ ଠିକ୍ ଆମରି ପରି ଥିଲା। ଆମେ ଯେତେ ଗଭୀର ଭାବରେ ଅଧ୍ୟୟନ କଲୁ ସେତେ ପରିଷ୍କାର ଭାବରେ ସିଦ୍ଧାନ୍ତରେ ପହଞ୍ଚିଲୁ ଯେ ଚତୁଃପାର୍ଶ୍ୱରେ ରହୁଥିବା ଭାଇମାନଙ୍କ ସମ୍ପର୍କରେ ଚିନ୍ତା କରିବା ଏବଂ ପ୍ରତ୍ୟେକ ଭାରତୀୟ ପାଇଁ ଖାଇବା ଓ ବଞ୍ଚିବାର ଅଧିକାର ସାବ୍ୟସ୍ତ କରିବା ହେଉଛି ପ୍ରକୃତ ଖ୍ରୀଷ୍ଟିଆନର ଲକ୍ଷଣ।

ଏହି ପୃଥିବୀରେ ଆମର ଯାହା ଆବଶ୍ୟକ ତାହା ହାସଲ କରିବା ଆମର ଜନ୍ମଗତ ଅଧିକାର - ଏହା ନିଜେ ଈଶ୍ୱର ମଧ୍ୟ କହିଛନ୍ତି। ମୁଁ ଧର୍ମ ପ୍ରଚାରକ ଦଳରେ ଯୋଗ ଦେବା ପରେ ବାଇବେଲର ସ୍ତୋତ୍ର ଓ ଧର୍ମବାଣୀକୁ ଉପରଠାଉରିଆ ଭାବରେ ପଢ଼ିଥିଲି। 'ସବୁ କିଛି ପାପମୟ' - କ୍ୟାଥଲିକ୍ ଧର୍ମରୀତି ଏଇ କଥା ଆମ ମୁଣ୍ଡରେ ପୂରାଉଥିଲା। କିନ୍ତୁ ପରେ ଆମେ ନିଜକୁ ପଚାରିଲୁ: ' ଯଦି ସବୁ କିଛି ପାପମୟ, ଯେଉଁ ନିରୀହ କୃଷକ ମାନେ କାହାରି କିଛି କ୍ଷତି କରି ନାହାନ୍ତି ସେମାନେ ଜମି ମାଲିକର ହିଂସାର ଶିକାର ହୁଅନ୍ତି କାହିଁକି ?' ଆଗେ ମୁଁ ଭାବୁଥିଲି ଆମେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସେ ଆମ କଥା ବୁଝିବେ। ପରେ ଆମେ

Digitized by srujanika@gmail.com

ଉପଲବ୍ଧି କଲୁ ଯେ ଆମର ଭାଗ୍ୟ ଭଗବାନ ଆମକୁ ଦେଇ ନାହାନ୍ତି; ଆମେ ଦୁଃଖରେ ରହୁ ସେ କେବେ ଏହା ଚାହାନ୍ତି ନାହିଁ। ଏଇ ପୃଥିବୀର ଲୋକ ହିଁ ଯେତେ ସବୁ ଯାତନା, ଦାରିଦ୍ର୍ୟ, ଦୁର୍ଗତି ଓ ଭେଦଭାବ ଆମ ଉପରେ ଲଦି ଦେଇଛନ୍ତି । ଏହା ସହିତ ଲଢିବା ପାଇଁ ଆମକୁ ଆମ ହାତ ପାଆନ୍ତାରେ ଥିବା ସବୁ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ପଡ଼ିବ ।

ମୁଁ ଜଣେ ଖ୍ରୀଷ୍ଟିଆନ ଏବଂ ଖ୍ରୀଷ୍ଟିଆନ ଭାବରେ ହିଁ ଏହି ସଂଗ୍ରାମରେ ଯୋଗ ଦେଇଛି । ଯୀଶୁଖ୍ରୀଷ୍ଟଙ୍କ ଜୀବନ ପ୍ରତ୍ୟେକ ଖ୍ରୀଷ୍ଟିଆନ ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ । ତାଙ୍କ ଜୀବନ ତମାମ ଯୀଶୁ ଖ୍ରୀଷ୍ଟ ନମ୍ର ଓ ନିରୀହ ଥିଲେ । ସେ ଗୋଟିଏ ଛୋଟ କୁଡ଼ିଆରେ ଜନ୍ମ ହୋଇଥିଲେ ବୋଲି ଇତିହାସ କହେ । ତାଙ୍କ ଉପରେ ଅତ୍ୟାଚାର ହେବାରୁ ମନୁଷ୍ୟମାନଙ୍କୁ ନେଇ ସେ ଗୋଟିଏ ଦଳ ଗଢିଥିଲେ। ସେମାନେ ଥିଲେ ଯୀଶୁଙ୍କର ଶିଷ୍ୟ ଏବଂ ଖ୍ରୀଷ୍ଟ ଧର୍ମର ପ୍ରଚାରକ। ସେତେବେଳେ ଆତ୍ମରକ୍ଷାର ଯଦି ଅନ୍ୟ କିଛି ଉପାୟ ଥା'ନ୍ତା ଯୀଶୁଖ୍ରୀଷ୍ଟ ନିଶ୍ଚୟ ତାହାକୁ ତାଙ୍କ ଉତ୍ପୀଡ଼କ ଓ ଶତ୍ରୁ ମାନଙ୍କ ବିରୁଦ୍ଧରେ ବ୍ୟବହାର କରିଥାଆନ୍ତେ । ଯୀଶୁ ନିଜ ପ୍ରାଣ ବଳି ଦେଲେ ସତ, କିନ୍ତୁ ପ୍ରକୃତରେ ତାଙ୍କର ମୃତ୍ୟୁ ହେଲା ନାହିଁ। ପୁରୁଷ ପରେ ପୁରୁଷ ଲୋକ ତାଙ୍କୁ ଅନୁସରଣ କରି ଆସୁଛନ୍ତି । ଏଥିରୁ ଜଣା ପଡ଼େ ସେ ମୃତ୍ୟୁକୁ ଜୟ କରିଛନ୍ତି । ଆମର ପ୍ରଥମ ଧର୍ମ ପ୍ରଚାରକମାନେ ଯେତେବେଳେ ଜୀବନ ବଳି ଦେଲେ ସେତେବେଳେ ଆମର ମନେ ହେଲା ସତରେ ଯେପରି ସେମାନେ ମରି ନାହାନ୍ତି । ଗୋଟିଏ ଉତ୍ପୀଡ଼କ ସରକାର ଓ ଅତ୍ୟାଚାରୀ ଶତ୍ରୁ ବିରୁଦ୍ଧରେ ସଂଗ୍ରାମ କଲା ବେଳେ ଆମ ଲୋକେ ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିଛନ୍ତି। ଉପଦେଶ, ତତ୍ତ୍ୱ ଇତ୍ୟାଦି ଆମର ଦରକାର ନାହିଁ । ଜୀବନ ହିଁ ଆମର ଗୁରୁ । ମୋ କଥା କହିବାକୁ ଗଲେ, ମୋର ଯେଉଁ ଭୟଙ୍କର ଅନୁଭୂତି ହୋଇଛି ତାହା ମୋ ପାଇଁ ଯଥେଷ୍ଟ। ଶୋଷଣ ଓ ଭେଦଭାବ କ'ଣ ତାହା ମୁଁ ମୋ ହୃଦୟର ଗଭୀରତମ ପ୍ରଦେଶରେ ଅନୁଭବ କରିଛି । ତାହାହିଁ ମୋ ଜୀବନର କାହାଣୀ । ମୋ ଜୀବନରେ କେତେ ଥର ଭୋକିଲା ରହିଛି କେବଳ ତାହାକୁ କହି ବସିଲେ କେତେ ଦିନ ଲାଗିଯିବ । ତୁମେ ଯେତେବେଳେ ଏହାକୁ ବୁଝିବ ଓ ନିଜର ବାସ୍ତବ ପରିସ୍ଥିତି ସମ୍ପର୍କରେ ସଚେତନ ହେବ, ସେତେବେଳେ ଉତ୍ପୀଡ଼କ ମାନଙ୍କ ପାଇଁ ତୁମ ମନ ଘୃଣାରେ ପୂରି ଉଠିବ। ଧନୀ ଲୋକମାନେ କହନ୍ତି ଆମେ କୁଆଡ଼େ କୋଢ଼ି ଓ ଅଳସୁଆ । କିନ୍ତୁ ଅନୁଭୂତିରୁ ମୁଁ ଜାଣେ, ସକାଳ ତିନିଟାରେ ଆମେ କାମ କରିବା ପାଇଁ ପ୍ରସ୍ତୁତ ହୋଇଯାଉ। ମୁଁ ପୁଣିଥରେ କହିବାକୁ ଚାହେଁ, ଭାଗ୍ୟ ଆମ ଦାରିଦ୍ର୍ୟ ପାଇଁ କଦାପି ଦାୟୀ ନୁହେଁ। ଏହି ଅନୁଭବରୁ ହିଁ ଆମକୁ ସଂଗ୍ରାମ କରିବା ପାଇଁ ପ୍ରେରଣା ମିଳିଲା । କେବଳ ମୁଁ ନୁହେଁ, ଅନେକ ଏଥିରେ ଅନୁପ୍ରାଣିତ ହେଲେ। ମା' ଓ ବାପା ମାନେ ମଧ୍ୟ ବାଦ ଗଲେ ନାହିଁ। ଦାରିଦ୍ର୍ୟ ପୁଷ୍ଟିହୀନତା ଓ ଅତ୍ୟଧିକ ମଦ୍ୟପାନ ପିଇଥିବା ହେତୁ ମରିଥିବା ପିଲାମାନଙ୍କ କଥା ସେମାନଙ୍କର ମନେ ପଡ଼େ । ଖାଇବାକୁ ଦେଇ ପାରିବେ ନାହିଁ ବୋଲି କେତେ ସନ୍ତାନଙ୍କୁ ସେମାନଙ୍କୁ ଅନ୍ୟ

Digitized by srujanika@gmail.com

ହାତରେ ଟେକି ଦେବାକୁ ପଡ଼ିଥିଲା । ସେ ଇତିହାସ କହି ବସିଲେ କେତେ ଲମ୍ବା ହେବ । ଅତୀତର ଖ୍ରୀଷ୍ଟିଆନ୍‌ମାନଙ୍କ ଜୀବନକୁ ଦେଖି ଆଜି ଆମର ଭୂମିକା କ'ଣ ହେବ ଆମେ ନିର୍ଣ୍ଣୟ କରି ପାରିବୁ । ମୋର ଧାରଣା ଶାସନ ବ୍ୟବସ୍ଥା ଧର୍ମକୁ ଇଚ୍ଛା ଅନୁସାରେ ବ୍ୟବହାର କରେ । ସବୁ ସ୍ଥାନରେ ସରକାର ଏହାହିଁ କରିଥାନ୍ତି । ପୂଜକଙ୍କୁ କେବେ ଫିନ୍‌କାରେ କାମ କରିବାକୁ ପଡ଼େ ନାହିଁ । କପା ତୋଳିବାର ଅର୍ଥ ସେ କୁଆଡ଼େ ବୁଝିବେ ? ଅନେକ ପୁରୋହିତ କପା କ'ଣ ତାହା ମଧ୍ୟ ଜାଣନ୍ତି ନାହିଁ ।

ଗରିବ ଲୋକଙ୍କ ପାଇଁ ଆମେ ଗୀର୍ଜାଟିଏ ସୃଷ୍ଟି କରିବା ଆବଶ୍ୟକ । ଆମ ପରିସ୍ଥିତି ଆମକୁ ଏହି ଶିକ୍ଷା ହିଁ ଦିଏ । ଯେଉଁ ଗୀର୍ଜା ବାହାରୁ ଲଦି ଦିଆଯାଇଛି ଓ କ୍ଷୁଧା କ'ଣ ଜାଣି ନାହିଁ ସେପରି ଗୀର୍ଜାକୁ ନେଇ ଆମେ କ'ଣ ବା କରିବୁ ! ଗରିବ ଲୋକ ନିଷ୍କ୍ରିୟ ହୋଇ ରହନ୍ତୁ - ପ୍ରଚଳିତ ବ୍ୟବସ୍ଥା ଏହା ହିଁ ଚାହେଁ । କ୍ୟାଥଲିକ୍ ପରି ରକ୍ଷଣଶୀଳ ଧର୍ମ ବିଶ୍ୱାସ କରେ, ଈଶ୍ୱର ଗରିବ ଲୋକଙ୍କୁ ଭଲ ପାଆନ୍ତି ଏବଂ ସେମାନଙ୍କ ପାଇଁ ସେ ସ୍ୱର୍ଗରେ ଏକ ସୁନ୍ଦର ନନ୍ଦନକାନନ ସଜାଇ ରଖିଛନ୍ତି । ତେଣୁ ଗରିବ ଲୋକେ ସେମାନଙ୍କ ଭାଗ୍ୟକୁ ଆନନ୍ଦର ସହିତ ଆଦରି ନେବା ଉଚିତ । କିନ୍ତୁ ଏବେ ଆମେ ବୁଝୁଛୁ, ଆମ ଲୋକଙ୍କ ପ୍ରତି ହେଉଥିବା ସମସ୍ତ ଅତ୍ୟାଚାରକୁ ପ୍ରତ୍ୟାଖାନ କରିବା ହିଁ ପ୍ରକୃତ ଖ୍ରୀଷ୍ଟିଆନର ଧର୍ମ । ଅହିଂସା ଓ ନିରୀହ ଲୋକଙ୍କ ପ୍ରତି ହେଉଥିବା ପାତର ଅନ୍ତରକୁ ଗ୍ରହଣ କରିବା ପାଇଁ ମନା କରିବା ସଚ୍ଚା ଖ୍ରୀଷ୍ଟିଆନର କର୍ତ୍ତବ୍ୟ । ଅବଶ୍ୟ ଭାରତୀୟମାନଙ୍କ ମଧ୍ୟରେ ଏହି ଜାଗରଣ ଦିନକରେ ଆସି ନଥିଲା । ଯେଉଁ ଧର୍ମ ଲୋକଙ୍କ ମଧ୍ୟରୁ ସ୍ୱତଃ ସ୍ଫୂର୍ତ୍ତ ଭାବରେ ସୃଷ୍ଟି ହୋଇ ନଥାଏ, ସେହି ଧର୍ମ ପ୍ରଚଳିତ ବ୍ୟବସ୍ଥାର ସଂରକ୍ଷଣ ପାଇଁ ଏକ ଆୟୁଧ ହୋଇଯାଏ । ଆମ ଗୋଷ୍ଠୀକୁ ଏ କଥା ବୁଝିବା ପାଇଁ ସେତେ କଷ୍ଟ ହେଲା ନାହିଁ ।

ବାଇବେଲ୍ ଆମର ମୁଖ୍ୟ ଅସ୍ତ୍ର, ଏ କଥା ମୁଁ ଆଗରୁ କହିଛି । ଏହା ଆମକୁ ରାସ୍ତା ଦେଖାଇଛି । ବାଇବେଲକୁ ଆମେ କାହିଁକି ଏତେ ଗୁରୁତ୍ୱ ଦେଉ, ଯେଉଁମାନେ ନାମକୁ ମାତ୍ର ଖ୍ରୀଷ୍ଟିଆନ ବୋଲି ପରିଚୟ ଦିଅନ୍ତି ସେମାନେ କେବେ ବୁଝି ପାରିବେ ନାହିଁ । ଆମେ ଯାହା ଅଙ୍ଗେ ନିଭେଇଛୁ ସେମାନେ ତ ତାହା କରିନାହାନ୍ତି । ଆମ ଗୋଷ୍ଠୀର କାହାରି, ସେମାନେ ନିରକ୍ଷର ହୁଅନ୍ତୁ ବା ସାକ୍ଷର ହୁଅନ୍ତୁ, ବାଇବେଲ୍‌କୁ ବୁଝିବାରେ ଅସୁବିଧା ହୋଇ ନାହିଁ । ସ୍ୱର୍ଗର ନନ୍ଦନକାନନ ଓ ବାସ୍ତବ ପୃଥିବୀରେ ଆମର ଅଭିଜ୍ଞତା ମଧ୍ୟରେ ପାର୍ଥକ୍ୟକୁ ସେମାନେ ଭଲ ଭାବରେ ବୁଝିଛନ୍ତି । ପୃଥିବୀରେ ଈଶ୍ୱରଙ୍କର ସାମ୍ରାଜ୍ୟ ସୃଷ୍ଟି କରିବା ଖ୍ରୀଷ୍ଟିଆନ ଭାବରେ ଆମର କର୍ତ୍ତବ୍ୟ । ଏହି ସାମ୍ରାଜ୍ୟ ସ୍ଥାପନ ହୋଇ ପାରିବ, ଯେତେବେଳେ ଆମ ସମସ୍ତଙ୍କୁ ପେଟପୂରା ଖାଇବାକୁ ମିଳିବ; ଯେତେବେଳେ ଆମ ପିଲା, ଭାଇ ଓ ବାପା ମା' କ୍ଷୁଧା ଓ ପୁଷ୍ଟିହୀନତା ହେତୁ ମୃତ୍ୟୁ ମୁଖରେ ପଡ଼ିବେ ନାହିଁ । ଖ୍ରୀଷ୍ଟିଆନ ଧର୍ମଯାଜକମାନେ ଆସିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ଲୋକମାନଙ୍କ ସଂଗ୍ରାମରେ ଯୋଗ

Digitized by srujanika@gmail.com

ଦେଇଛନ୍ତି । ଆଉ କେତେଜଣ ଅବଶ୍ୟ ନିଜକୁ ଖ୍ରୀଷ୍ଟିଆନ ବୋଲି କହୁଥିଲେ ମଧ୍ୟ ସ୍ୱାର୍ଥସର୍ବସ୍ୱ ହୋଇ ଲୋକମାନଙ୍କ ଠାରୁ ଦୂରେଇ ରହିଛନ୍ତି । ଏହା ଆମ ପାଇଁ ବରଂ ଭଲ । ଆମର ରାଜ ପ୍ରାସାଦରେ ରହୁଥିବା ରାଜା ଦରକାର ନାହିଁ; ଆମ ସହିତ ରହି ପାରୁଥିବା ଜଣେ ସାଥୀ ଦରକାର । ଭଗବାନ କେଉଁଠି ଅଛନ୍ତି, ସେ ଅଛନ୍ତି କି ନାହିଁ - ଏସବୁ କଥା କହି ପାରୁଥିବା ନେତାର ଆମର ପ୍ରୟୋଜନ ନାହିଁ । ଭଗବାନ କହିଲେ ଆମେ ଯାହାଙ୍କୁ ବୁଝୁ ସେ ସମସ୍ତଙ୍କର ପିତା ଏବଂ ତାଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି ଜଣେ ବି ବିଷାଦରେ ଜୀବନ କଟାଉ ବା ଅକାଳରେ ମୃତ୍ୟୁ ବରଣ କରୁ ଏହା ସେ ଚାହାନ୍ତି ନାହିଁ । ଆମ ବାସ୍ତବତା ଦୃଷ୍ଟିକୋଣରୁ ଆମେ ଯେତେବେଳେ ବାଇବେଲ ପଢିବା ଆରମ୍ଭ କଲୁ, ଆମକୁ ରାସ୍ତା ଦେଖାଇବା ପରି ଏକ ବସ୍ତୁ ତାହା ମଧ୍ୟରେ ଥିବା କଥା ଆମେ ଅନୁଭବ କଲୁ । ମଣିଷ ଯେତେବେଳେ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହୋଇଯାଏ, ପ୍ରକୃତିର ଯେ କୌଣସି ଉପାଦାନ ତା ମଧ୍ୟରେ ସେହି ପରିବର୍ତ୍ତନ ଆଣିପାରିବ । ଆମ ଲୋକଙ୍କ ପାଇଁ ବାଇବେଲ ଏକ ଆବଶ୍ୟକ ଅସ୍ତ୍ର ବୋଲି ଆମେ ବିଶ୍ୱାସ କରୁ । ଏହି ସଂଗ୍ରାମକୁ ଅଟକାଇବା ସମ୍ଭବ ନୁହେଁ, ଏକଥା ଆଜି ମୁଁ ଦମ୍ଭର ସହିତ କହି ପାରିବି । ସରକାର ବା ସାମ୍ରାଜ୍ୟବାଦ ଏହାକୁ ବନ୍ଦ କରି ପାରିବେ ନାହିଁ, ଯେହେତୁ ଏହା କ୍ଷୁଧା ଓ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ । ଯେତେବେଳେ ଆମେ ସମସ୍ତେ କ୍ଷୁଧାରେ ମୃତ୍ୟୁ ବରଣ କରୁଛୁ, 'ଭୋକିଲା ରୁହ ନାହିଁ,' ଏହା ସରକାର ବା ସମ୍ରାଜ୍ୟବାଦ କେବେ କହିପାରିବେ ନାହିଁ ।

ଆତ୍ମରକ୍ଷାର ଉପାୟ ଶିଖିବା ପାଇଁ ଆମେ ବାଇବେଲ୍ ପଢିଲୁ ଏବଂ ନିଜେ ନିଜର ଅସ୍ତ୍ର ତିଆରି କଲୁ । ଆମ ଅସ୍ତ୍ର ଶସ୍ତ୍ର ଗୁଡ଼ିକ ଖୁବ୍ ସରଳ ଥିଲା ସତ, କିନ୍ତୁ ବ୍ୟବହାର କରିବା ପରେ ଜାଣିଲୁ, ସେଗୁଡ଼ିକ ପ୍ରକୃତରେ ଏତେ ସରଳ ଅସ୍ତ୍ର ନଥିଲା । ଥରେ ରାତିରେ ସୈନ୍ୟମାନେ ଆମ ଗାଁରେ ପହଞ୍ଚିଲେ । ସେତେବେଳେ ଲୋକମାନେ ଘରଛାଡ଼ି ଶିବିରରେ ରହୁଥାନ୍ତି । ଆମେ ପଡ଼ୋଶୀ ମାନଙ୍କ ପାଇଁ କେତୋଟି ଘର ତିଆରିରେ ଲାଗିଥାଉ । ଆମେ ଦୁଇଜଣ ପ୍ରହରୀ ନିଯୁକ୍ତ କରିଥିଲୁ; ଜଣେ ଗୋଷ୍ଠୀକୁ ସମ୍ବାଦ ଦେବ ଏବଂ ଅନ୍ୟ ଜଣେ ସୈନ୍ୟମାନଙ୍କୁ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରିବ । ପ୍ରହରୀ ଦୁଇଜଣ ନିଜ ଜୀବନ ଦାନ କରିବା ପାଇଁ ମଧ୍ୟ ପ୍ରସ୍ତୁତ ଥାଆନ୍ତି । ଏପରି ସମୟରେ ଖସି ଯାଇ ନପାରିଲେ ମୃତ୍ୟୁ ଥିଲା ଅବଶ୍ୟମ୍ଭାବୀ । ଆମ ପ୍ରହରୀମାନେ ପ୍ରଥମେ ସୈନ୍ୟମାନେ ଆସୁଥିବା ଦେଖିଲେ । ସୈନ୍ୟମାନଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ବେସାମରିକ ପୋଷାକ ପିନ୍ଧିଥିଲେ ମଧ୍ୟ ଆମ ପିଲାମାନଙ୍କର ସେମାନଙ୍କୁ ଚିହ୍ନିବାରେ କିଛି ଅସୁବିଧା ହେଲା ନାହିଁ । ଚାଲିବା ଓ ପୋଷାକ ପିନ୍ଧିବା ଠାଣିରୁ ହିଁ ସେମାନେ ଛଦ୍ମ ବେଶରେ ଥିବା ସୈନ୍ୟବାହିନୀର ଲୋକ ବୋଲି ଜଣା ପଡ଼ିଯାଉଥିଲେ । ସେମାନେ ଆମ ଗୋଷ୍ଠୀର କେତେଜଣ ସାଥୀଙ୍କ ନାମ ପଚାରିଲେ । ଅପହରଣ କରି ନେବା ସେମାନଙ୍କ ଉଦ୍ଦେଶ୍ୟ ଥିଲା । ପ୍ରହରୀମାନଙ୍କ ମଧ୍ୟରୁ ଜଣେ କୌଶଳ

Digitized by srujanika@gmail.com

କ୍ରମେ ଚାଲି ଆସି ଶତ୍ରୁ ସମ୍ପର୍କରେ ଗାଁରେ ଖବର ଦେଲା । ଦେଖିବାରେ କାଳେ ଭୁଲ ହୋଇ ଥାଇପାରେ; ସୈନ୍ୟମାନଙ୍କୁ ପ୍ରକୃତରେ ଦେଖିଛି କି ନାହିଁ, ତାକୁ ଆମେ ଆଉଥରେ ପଚାରିଲୁ । ଦୁଇଜଣ ସୈନ୍ୟଙ୍କୁ ଦେଖିଥିବା କଥା ସେ ପୁଣି ଥରେ ଦୋହରାଇଲା । ସବୁଜ ରଙ୍ଗର ପୋଷାକ ପିନ୍ଧି ବାକୀ ସୈନ୍ୟମାନେ କିଛି ଦୂରରେ ଆସୁଥିବା ମଧ୍ୟ ସେ ଦେଖିଥିଲା । ଏହି ଖବର ପାଇବା ମାତ୍ରେ ଗୋଷ୍ଠୀର ସମସ୍ତେ ଏକାଠି ହେଲେ । ଦ୍ୱିତୀୟ ପ୍ରହରୀ ସେ ପର୍ଯ୍ୟନ୍ତ ପହଞ୍ଚି ନଥିବାରୁ ଆମେ ଖୁବ୍ ବ୍ୟସ୍ତ ହେଉଥାଉ । ସୈନ୍ୟ ମାନେ ତାକୁ ଅପହରଣ କରିନେବାର ସମ୍ଭାବନା ଥିଲା । ଯାହାହେଉ କିଛି ସମୟ ପରେ ସେ ଆସି ପହଞ୍ଚିଲା ଏବଂ ସୈନ୍ୟମାନଙ୍କର ସଂଖ୍ୟା, ସେମାନଙ୍କ ଚେହେରା, ତାଙ୍କ ପାଖରେ ଥିବା ଅସ୍ତ୍ରଶସ୍ତ୍ର ଇତ୍ୟାଦି ବିଷୟରେ ଟିକିନିଖି ବିବରଣୀ ଦେଲା । ଆମର ପରବର୍ତ୍ତୀ ପଦକ୍ଷେପ ପାଇଁ ଏହି ତଥ୍ୟର ଜରୁରୀ ଆବଶ୍ୟକତା ଥିଲା । ଦିନ ବେଳ ହୋଇଥିବାରୁ ଆମେ ଫାଶ ଗୁଡ଼ିକ ବସାଇ ନଥିଲୁ । ସୈନ୍ୟମାନେ ଗାଁକୁ ଆସି ଆମ କୁକୁରମାନଙ୍କୁ ବାଡ଼େଇବା ଓ ଅନ୍ୟ ପଶୁମାନଙ୍କୁ ମାରିବା ଆରମ୍ଭ କଲେ । ଘରେ ପଶି ସେମାନେ ଲୁଟତରାଜ ମଧ୍ୟ କଲେ । ଆମକୁ ନପାଇ ସେମାନଙ୍କର ମୁଣ୍ଡ ଖରାପ ହୋଇ ଯାଉଥାଏ । ସେତେବେଳେ ପ୍ରଶ୍ନ ଉଠିଲା ଆମ ଭିତରୁ କିଏ ଜୀବନକୁ ପାଣି ଛଡ଼ାଇ ପାରିବ । ଆମର କେତେଜଣ ପଡ଼ୋଶୀ, ମୋ ଭାଇମାନେ ଓ ମୁଁ ହାତ ଟେକିଲୁ । ଆମେ ସୈନ୍ୟବାହିନୀର ଲୋକଙ୍କୁ ଚକିତ କରିଦେବୁ ବୋଲି ଠିକ୍ କଲୁ । ଆମେ ନିଶ୍ଚେଷ୍ଟ ଭାବରେ ସେମାନଙ୍କୁ ଅପେକ୍ଷା କରୁନଥିଲୁ, ବରଂ ସଂଗଠିତ ହୋଇ ସେମାନଙ୍କ ମୁକାବିଲା ଲାଗି ପ୍ରସ୍ତୁତ ଥିଲୁ ବୋଲି ପ୍ରମାଣ କରିବା ଆମର ଉଦ୍ଦେଶ୍ୟ ଥିଲା । ଶତ୍ରୁର ଅସ୍ତ୍ରଶସ୍ତ୍ର ଦଖଲ କରି ନେବା ଲାଗି ଯୋଜନା କରିବା ପାଇଁ ଆମ ହାତରେ ମାତ୍ର ଅଧ ଘଣ୍ଟାଏ ସମୟ ଥାଏ । ଆମ ଭିତରୁ ଶତ୍ରୁକୁ ଆଶ୍ଚର୍ଯ୍ୟ କରିଦେବା ପାଇଁ କାହାପରେ କିଏ ଯିବ ସ୍ଥିର କରାଗଲା । ଗାଁକୁ ଆସିଥିବା ନବେ ଜଣ ସୈନିକଙ୍କୁ ବନ୍ଦୀ କରିନେବା ତ ସମ୍ଭବ ନଥିଲା, ତେଣୁ ପଛ ଆଡୁ ଆକ୍ରମଣ କରାଯିବ ବୋଲି ନିଷ୍ପତ୍ତି ହେଲା । ଆମ ଗାଁ ର ଅବସ୍ଥିତି ସହରଠାରୁ ବହୁ ଦୂରରେ, ପାହାଡ଼ ଉପରେ । ଅନ୍ୟ ଗାଁକୁ ଯିବା ପାଇଁ ପାହାଡ଼ ଡେ଼ଇଁ ଯିବାକୁ ପଡ଼େ । ଗାଁକୁ ଘୋଡ଼ା ଚାଲି ପାରିବା ପରି ଅଣଓସାରିଆ ରାସ୍ତାଟିଏ ଅଛି । ବଡ଼ ବଡ଼ ନଦୀ ଥିବାରୁ ରାସ୍ତାଟି ଅଙ୍କାବଙ୍କା ହୋଇ ଯାଇଛି । ଆମେ ଠିକ୍ କଲୁ ରାସ୍ତାର ଗୋଟିଏ ବାଙ୍କରେ ଲୁଚି ରହିବୁ ଏବଂ ସୈନ୍ୟମାନେ ଚାଲି ଯିବା ପରେ ପଛ ଆଡୁ ଆକ୍ରମଣ କରିବୁ । ଏହା ଦ୍ୱାରା ଆମେ ନିଶ୍ଚିତ ଭାବରେ ନିଜ ଜୀବନକୁ ବିପନ୍ନ କରୁଥିଲୁ । କିନ୍ତୁ ସୈନ୍ୟ ବାହିନୀ ଯେପରି ଆମ ଗାଁକୁ ବାରମ୍ବାର ନ ଆସିବ ସେଥିପାଇଁ ସେମାନଙ୍କୁ ଶିକ୍ଷା ଦେବା ନିହାତି ଆବଶ୍ୟକ ଥିଲା । ଆମେ ଶେଷରେ ତାହାହିଁ କଲୁ ।

ଆମେ ଯେଉଁ ସାଥୀକୁ ବାଛିଲୁ ସେ ଥିଲା ଗାଁର ସବୁଠାରୁ ସୁନ୍ଦର ଝିଅ । ସେ ଜୀବନକୁ ବିପନ୍ନ କରିବା ପାଇଁ ପ୍ରସ୍ତୁତ ଥିଲା । ତାର ନାରୀତ୍ୱ ଲୁଣ୍ଠିତ ହେବାର ସମ୍ଭାବନା ମଧ୍ୟ

Digitized by srujanika@gmail.com

ଥିଲା । କିନ୍ତୁ ସେ ଜାଣିଥିଲା ଯେ ସଂଗ୍ରାମରେ ତା'ର ଭୂମିକା ତାକୁ ଗ୍ରହଣ କରିବାକୁ ପଡ଼ିବ; ଗୋଷ୍ଠୀ ପାଇଁ ତାର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । ଆମ ପାଖରେ ଆଗ୍ନେୟାସ୍ତ୍ର ନଥାଏ । ଥାଏ କେବଳ ପାରମ୍ପରିକ ଅସ୍ତ୍ର ସବୁ । ଲେମୋନେଡ଼ ବୋତଲରେ ପେଟ୍ରୋଲ ଓ ଲୁହା କଣ୍ଟା ରଖି ଆମେ ଏକ ପ୍ରକାର ପେଟ୍ରୋଲ ବୋମା (ମୋଲୋଟଭ୍ କକ୍‌ଟେଲ୍) ତିଆରି କରିଥାଉ । ଯଦି ଆମ ଭିତରୁ କେହି ଶତ୍ରୁ ହାତରେ ପଡ଼ିଯାଆନ୍ତି କିମ୍ବା ଆମେ ଯଦି ଆଉ କିଛି କରି ନ ପାରୁ, ପେଟ୍ରୋଲ ବୋମା ଫୁଟାଇ ସେମାନଙ୍କୁ ଢାଳି ଦେବା ପାଇଁ ସ୍ଥିର କରିଥାଉ ।

ମକା କ୍ଷେତକୁ ଚଢେଇମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ଆମେ ବାଟୁଳି ଖଡ଼ା ବ୍ୟବହାର କରୁଥିଲୁ । ଏହା ସାହାଯ୍ୟରେ ଲକ୍ଷ୍ୟ ଭେଦ କରି ହେଉଥିଲା । ଏହା ଛଡ଼ା ଆମ ପାଖରେ କୁରାଢୀ, ଟାଙ୍ଗିଆ, ପଥର, ଲାଠି, ଲଙ୍କା ଓ ଲୁଣ ପରି ଅସ୍ତ୍ର ମଧ୍ୟ ଥିଲା । କିନ୍ତୁ ସୈନ୍ୟମାନେ ବ୍ୟବହାର କରୁଥିବା କୌଣସି ଅସ୍ତ୍ର ଆମ ନିକଟରେ ନଥିଲା । ଗୋଷ୍ଠୀ ତରଫରୁ ସ୍ଥିର ହେଲା, ତରୁଣୀ ଝିଅଟି ଯିବ ଏବଂ ଶେଷରେ ଥିବା ସୈନ୍ୟ ସହ ପ୍ରେମାଳାପ କରିବ । ତାପରେ କିଏ ତା ଉପରକୁ ଡ଼େଇଁପଡ଼ି ତାକୁ ହଡ଼ବଡ଼େଇ ଦେବ, କିଏ ଡ଼ରାଇବ ଓ କିଏ ନିରସ୍ତ୍ର କରାଇବ - ସବୁ ଟିକିନିଖି ଯୋଜନା ହୋଇଗଲା । ସୈନ୍ୟ ଟିକୁ କାବୁ କରିବାରେ ଆମ ସମସ୍ତଙ୍କର କିଛି କିଛି ସ୍ୱତନ୍ତ୍ର ଅବଶ୍ୟ ରହିବ ।

ପ୍ରଥମେ ଯେଉଁମାନେ ଆସିଲେ ସେମାନଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ନଥିଲା - ସେମାନେ ଥିଲେ ଚଦ୍ମ ବେଶ ଧାରଣ କରିଥିବା ଗୁଇନ୍ଦା ପୁଲିସ ବାହିନୀର ସଦସ୍ୟ । ତାଙ୍କ ପଛରେ ଥିଲା ସମଗ୍ର ସୈନ୍ୟବାହିନୀ । ଶେଷ ସୈନ୍ୟ ଆସିବା ବେଳକୁ ଯୋଜନା ପ୍ରକାରେ ସାଥୀ ଝିଅଟି ତା ଆଡ଼କୁ ଆଗେଇ ଗଲା । ସେ ସୈନ୍ୟ ବାହିନୀର ଅନ୍ୟ ମାନଙ୍କ ପ୍ରତି ମୋଟେ ଦୃଷ୍ଟି ଦେଲା ନାହିଁ । ସେମାନେ ଯେ ଆମ ସାଥୀର ମର୍ଯ୍ୟାଦା ଲୁଟିଲେ ନାହିଁ, ତାହା ଥିଲା ଆଶ୍ଚର୍ଯ୍ୟର କଥା । ସୈନ୍ୟମାନେ ଆମ ଅଞ୍ଚଳକୁ ଆସିଲେ ଝିଅମାନଙ୍କୁ ଧରି ନେଇ ତାଙ୍କ ଇଜ୍ଜତ ଲୁଟିବା ସାଧାରଣ କଥା ଥିଲା । ଆମ ସାଙ୍ଗଟି ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ଥିଲା । ଶେଷରେ ଚାଲୁଥିବା ସୈନ୍ୟ ନିକଟକୁ ଯାଇ ସେମାନେ କୁଆଡ଼େ ଯାଇଥିଲେ ବୋଲି ସେ ପଚାରିଲା । ସୈନିକଟି ତାକୁ କହିଲା: 'ଆମେ ସେହି ଗାଁକୁ ଯାଇଥିଲୁ । କିନ୍ତୁ ସେଠାରେ କେହି ଲୋକ ନଥିଲେ । ସେମାନେ କୁଆଡ଼େ ଗଲେ କହି ପାରିବ ?' 'ମୁଁ ଜାଣେ ନାହିଁ,' ଆମ ସାଥୀଟି କହିଲା । 'ଆମେ ଜାଣିଛୁ ସେହି ଗାଁରେ ଲୋକ ରହନ୍ତି । କିନ୍ତୁ ଦୁଇଥର ଗଲେ ମଧ୍ୟ ଆମେ କାହାକୁ ପାଇଲୁ ନାହିଁ, ସୈନିକଟି କହିଲା । ଏତିକି ବେଳେ ଆମ ଭିତରୁ ଜଣେ ସୈନ୍ୟ ସାମନାରୁ ଓ ଆଉ ଜଣେ ତା' ପଛରୁ ଆସି ତାକୁ ଘେରି ଗଲେ । ମୁଁ ମଧ୍ୟ ରାସ୍ତା ଉପରକୁ ଚାଲି ଆସିଥିଲି । ଆମେ ସମସ୍ତେ ମିଶି ସୈନ୍ୟକୁ କାବୁ କରିନେଲୁ । ହାତ ଟେକିବା ପାଇଁ ଓ ହଲ୍‌ଚଲ୍ ନହେବା ପାଇଁ ଆମ ଭିତରୁ ଜଣେ ତାକୁ ନିର୍ଦ୍ଦେଶ ଦେଲା । ସେ ବୋଧ ହୁଏ ଭାବିଲା ତା' ମୁଣ୍ଡ ପାଖରେ କେହି ବନ୍ଧୁକ

Digitized by srujanika@gmail.com

ରଖିଛି । ତେଣୁ ସେ ଜମା ହଲ୍‌ଚଲ୍ ହେଲା ନାହିଁ । ଆଉ ଜଣେ ସାଥୀ ତାକୁ ତା'ର ଅସ୍ତ୍ର ତଳେ ପକାଇବା ପାଇଁ ନିର୍ଦ୍ଦେଶ ଦେଲା । ଅସ୍ତ୍ର ଛାଡ଼ିବା ପରେ ଆମେ ତାର ବେଲ୍‌ଟ ବାହାର କଲୁ ଏବଂ ବ୍ୟାଗକୁ ଖୋଜି ଦେଖିଲୁ । ଆମେ ତାର ଗୁଳି, ବନ୍ଧୁକ ଇତ୍ୟାଦି ନେଇଗଲୁ । ସେ ଘଟଣା ମୁଁ କେବେ ଭୁଲି ପାରିବି ନାହିଁ । ମୋତେ ଭାରି ମଜା ଲାଗୁଥାଏ । ଗୋଟିଏ ବଡ଼ ରାଇଫଲ୍, ଗୋଟିଏ ଛୋଟ ରାଇଫଲ ଓ ଗୋଟିଏ ପିସ୍ତଲ ଆମ ହାତରେ ପଡ଼ିଥିଲା । କିନ୍ତୁ କାହାରି ବ୍ୟବହାର ଆମକୁ ଜଣା ନଥାଏ । ମୋର ମନେ ଅଛି ସୈନ୍ୟର ପିସ୍ତଲଟିକୁ ଧରି ତା ଆଗରେ ମୁଁ ଛିଡ଼ା ହୋଇଥିଲି ଯେପରି ତାକୁ ବ୍ୟବହାର କରିବାରେ ମୁଁ ଥିଲି ଓସ୍ତାଦ । କିନ୍ତୁ ପ୍ରକୃତରେ ମୋତେ କିଛି ଜଣା ନଥିଲା । ଚାହିଁଥିଲେ ସେ ମୋ ହାତରୁ ପିସ୍ତଲଟିକୁ ଛଡ଼ାଇ ନେଇ ପାରିଥାନ୍ତା । ଯାହାହେଉ, ଆମେ ତାକୁ ବନ୍ଧୁକ ମୁନରେ ଗୋଟିଏ ପାହାଡ଼ିଆ ରାସ୍ତାରେ ଯିବାକୁ ବାଧ କଲୁ, ଯେପରି ଅନ୍ୟମାନେ ଜାଣିବା ପରେ ବି ତାକୁ ଖୋଜି ପାଇବେ ନାହିଁ । ଆମର ଯେଉଁ ସାଥୀ ମାନେ ଏହି ଆକ୍ରମଣରେ ଅଂଶ ଗ୍ରହଣ କରିଥିଲେ ସେମାନଙ୍କର ବୟସ ଥିଲା ପଇଁଚାଳିଶି, ପଚାଶ ଓ ଚଉଦ ।

ସବୁ ପ୍ରକାର ସତର୍କତା ସହିତ ନିରସ୍ତ୍ର ସୈନିକଟିକୁ ଆମେ ଆମ ଘରକୁ ଆଣିଲୁ । କେଉଁଠାକୁ ଯାଉଛି ଯେମିତି ଜାଣି ନପାରିବ ସେଥିପାଇଁ ଆମେ ତା' ଆଖିରେ ପଟି ବାନ୍ଧି ଦେଇଥିଲୁ । ତାକୁ ଆମେ ଏମିତି ଅଙ୍କା ବଙ୍କା ରାସ୍ତାରେ ନେଇଥିଲୁ ଯେପରି ସେ କେଉଁ ଦିଗରେ ଯାଉଛି ଜାଣି ପାରିବ ନାହିଁ । ଏତେ ଗମ୍ଭୀର ପରିସ୍ଥିତିରେ ମଧ ମୋତେ ଭାରି ହସ ଲାଗୁଥାଏ । ଗୋଷ୍ଠୀର ସମସ୍ତେ ଭାରି ଖୁସି ହେଉଥାନ୍ତି । ଶିବିର ନିକଟରେ ପହଞ୍ଚିବା ବେଳକୁ ସମସ୍ତେ ଆମକୁ ଅପେକ୍ଷା କରୁଥିଲେ । ବନ୍ଦୀ ସୈନିକ ସହିତ ଆମେ ବୀର ଦର୍ପରେ ପହଞ୍ଚିଲୁ । ସୈନିକଟି ଆମ ଘରେ ଅନେକ ଦିନ ପର୍ଯ୍ୟନ୍ତ ରହିଲା । ସେ ତା'ର ପୋଷାକ ବାହାର କରି ଆମେ ତାକୁ ପୁରୁଣା ପାଇଜାମା ହଳେ ଓ ଗୋଟିଏ ସାର୍ଟ ପିନ୍ଧିବାକୁ ଦେଲୁ । ତା' ସାଥୀ ସୈନ୍ୟମାନେ ଆସିଥିଲେ କେବେ ତାକୁ ଚିହ୍ନି ପାରି ନଥାନ୍ତେ । ଏହା ପରେ ସବୁ ଠାରୁ ସୁନ୍ଦର ଘଟଣାଟି ଘଟିଲା । ଗାଁର ସବୁ ମା' ମାନେ ମିଶି ସୈନିକକୁ ତା'ର ସାଥୀ ମାନଙ୍କ ପାଇଁ ଗୋଟିଏ ବାର୍ତ୍ତା ନେଇଯିବା ପାଇଁ ଅନୁରୋଧ କଲେ । ବାର୍ତ୍ତାଟି ଥିଲା ଆମ ପୂର୍ବପୁରୁଷମାନଙ୍କୁ ମନେପକାଇବା ପାଇଁ ସୈନ୍ୟମାନଙ୍କୁ ଅନୁରୋଧ । ସୈନିକଟି ଅନ୍ୟ ଏକ ଭାରତୀୟ ସମ୍ପ୍ରଦାୟର ସଭ୍ୟ ଥିଲା । ସେ ସୈନ୍ୟଟିଏ ହୋଇ ନିଜ ଜାତି ଓ ନିଜ ଲୋକଙ୍କ ଶତ୍ରୁତା କିପରି କରି ପାରିଲା - ମା'ମାନେ ପ୍ରଶ୍ନ କଲେ, ଆମ ପୂର୍ବପୁରୁଷମାନେ ଏପରି ମନ୍ଦ ଉଦାହରଣ କେବେ ରଖି ଯାଇନଥିଲେ । ଗୋଟିଏ ଆଲୋକ ଶିଖା ହୋଇ ଅଜ୍ଞାନ ଅନ୍ଧକାରକୁ ନିଜ ଶିବିରରୁ ଦୂର କରି ଦେବା ପାଇଁ ସେମାନେ ତାକୁ ଅନୁନୟ କଲେ । ପୁଅଟିକୁ ଜନ୍ମ ଦେଇ ତାକୁ ବଢାଇବା ଥିଲା କେଡ଼େ ଆୟାସ ସାଧ । ତାକୁ ତା' ପରି ଜଣେ ଅପରାଧୀ ହେବା ଦେଖି ତାଙ୍କ ଦେହ ସହୁ ନଥିଲା । ଗାଁର ସବୁ ମା' ସୈନିକଟିକୁ ଦେଖିବାକୁ

Digitized by srujanika@gmail.com

ଆସିଲେ । ତାପରେ ପୁରୁଷମାନେ ମଧ୍ୟ ଆସି ତାକୁ ସୈନ୍ୟବାହିନୀକୁ ଫେରି ଯାଇ ତା ଅନୁଭୂତି ବର୍ଣ୍ଣନା କରିବାକୁ କହିଲେ । ତା'ର ସାଥୀ ସୈନିକମାନଙ୍କୁ ଆମ ଜାତିର ଶ୍ରେଷ୍ଠ ପୁଅମାନଙ୍କ ସ୍ତ୍ରୀ ମାନଙ୍କୁ ଧର୍ଷଣ ପରି ପାପ ଠାରୁ ଦୂରରେ ରହିବାକୁ ପ୍ରବର୍ତ୍ତାଇବା ପାଇଁ କହିଲେ । ଆମ ଲୋକମାନେ ସଂଗଠିତ ଏବଂ ଶତ୍ରୁର ମୁକାବିଲା କରିବା ପାଇଁ ଶେଷ ରକ୍ତ ବିନ୍ଦୁ ଦେବା ପାଇଁ ପ୍ରସ୍ତୁତ ବୋଲି ଆମେ ତାକୁ କହିଲୁ । ତାକୁ ଆମେ ବୁଝାଇଲୁ କିପରି ଧନୀ ଲୋକମାନେ ହିଁ ପ୍ରକୃତରେ ଦୋଷୀ । ସେମାନେ ଭଲ ଘରେ ରହି କାଗଜରେ ଦସ୍ତଖତ କରୁଥିବାବେଳେ ସୈନ୍ୟମାନେ ଗାଁ ଗାଁ ବୁଲି, ପାହାଡ଼ ପର୍ବତ ଡ଼େଇଁ, ନିଜ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି ।

ସୈନ୍ୟଟି ଯାହା ସବୁ ଦେଖିଲା ଓ ଶୁଣିଲା ସେଥିରେ ପ୍ରଭାବିତ ହେବା ପରି ମନେହେଲା । ଆମେ ଯେତେବେଳେ ତାକୁ ପ୍ରଥମେ କାବୁ କଲୁ, ମୁହୂର୍ତ୍ତକ ପାଇଁ ତାକୁ ମାରିବା କଥା ମଧ୍ୟ ଚିନ୍ତା କରିଥିଲୁ । କିନ୍ତୁ ବନ୍ଧୁକ ବ୍ୟବହାର କରିବା ଆମକୁ ଜଣା ନଥିଲା । ପ୍ରକୃତରେ ତାକୁ ମାରିବା ଆମର ଅଭିପ୍ରାୟ ନଥିଲା । ଆମେ ଭଲ ଭାବରେ ଜାଣିଥିଲୁ ଗୋଟିଏ ଜୀବନ ଅନେକ ଜୀବନ ପରି ମୂଲ୍ୟବାନ । କିନ୍ତୁ ସୈନ୍ୟଟି ନିଜ ଶିବିରକୁ ଫେରି ଯାହାସବୁ କହିବ - ତାହାର ଫଳ ଆମ ଗୋଷ୍ଠୀର ସମସ୍ତଙ୍କ ମୃତ୍ୟୁର କାରଣ ମଧ୍ୟ ହୋଇ ପାରେ - ସେ ସମ୍ପର୍କରେ ଆମେ ସଚେତନ ଥିଲୁ । ଗାଁ ଠାରୁ ଦୂରରେ ତାକୁ ହତ୍ୟା କରିବା କଥା ମଧ୍ୟ ଉଠିଲା । କିଏ କେତେ ପ୍ରକାର ପ୍ରସ୍ତାବ ଦେଲେ । ଶେଷରେ ଆମ ଜୀବନ ସଙ୍କଟାପନ୍ନ ହେଉ ପଛେ, ଆମେ ଯାହା ସବୁ କହିଥିଲୁ ତାକୁ ନିଜ ସାଥୀମାନଙ୍କୁ କହିବା ଲାଗି ସୁଯୋଗ ଦେବା ପାଇଁ ଆମେ ସୈନିକକୁ ମୁକ୍ତ କରିଦେବା ପାଇଁ ସ୍ଥିର କଲୁ । ପ୍ରାୟ ତିନିଘଣ୍ଟା ପରେ ତା' ନୂଆ ବେଶରେ ସେ ନିଜ ଶିବିରକୁ ଫେରିଗଲା । ତା' ସାଥୀମାନେ ସେ ମରିଯାଇଛି ବୋଲି ଧରି ନେଇଥିଲେ ଏବଂ ତାକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ କାପୁରୁଷ ପରି ସହରକୁ ଦୌଡ଼ି ଚାଲିଯାଇଥିଲେ । ଏତେ ସମୟ ପରେ ତାକୁ ଜୀବିତ ଅବସ୍ଥାରେ ଫେରିବା ଦେଖି ସୈନ୍ୟମାନେ ତାକୁ ସନ୍ଦେହ କଲେ ଏବଂ ଗୁଳି କରି ମାରିଦେଲେ । ସୈନ୍ୟବାହିନୀର ନିୟମ ଅନୁସାରେ ନିଜ ବନ୍ଧୁକ ଛାଡ଼ି ଦେଇଥିବା ସୈନିକ ପାଇଁ ମୃତ୍ୟୁଦଣ୍ଡର ହିଁ ବ୍ୟବସ୍ଥା ଥିଲା ।

ଆମର ପ୍ରଥମ ସଫଳତାରେ ଆମେ ଖୁବ୍ ଖୁସିଥିଲୁ । ଆମ ହାତରେ ଥିଲା ଦୁଇଟି ବନ୍ଧୁକ, ଗୋଟିଏ ଗ୍ରେନେଡ଼ ଓ ଗୋଟିଏ ଗୁଳି ଭର୍ତ୍ତି ବେଲ୍ଟ୍ । କିନ୍ତୁ ଏଗୁଡ଼ିକର ବ୍ୟବହାର ଆମେ କେହି ଜାଣି ନଥିଲୁ । ଗରିଲା ବୋଲି କାଳେ କେହି କହିବ, ସେଥିପାଇଁ ଅସ୍ତ୍ର ଶସ୍ତ୍ର ବ୍ୟବହାର ଶିଖାଇବା ପାଇଁ ଆମେ କାହାକୁ କହି ପାରୁନଥିଲୁ । ସ୍ଥାନୀୟ ଅସ୍ତ୍ର ସବୁ ବ୍ୟବହାର ହେଉ ନଥିବା ବେଳେ ଆମେ ସେଗୁଡ଼ିକୁ ତେଲ ଦେଇ ପ୍ଲାଷ୍ଟିକ ବ୍ୟାଗ ଭିତରେ ଛଡ଼ାଇ ରଖୁଥିଲୁ । ବନ୍ଧୁକ ଓ ପିସ୍ତଲ ଇତ୍ୟାଦିକୁ ମଧ୍ୟ ଆମେ ସେହିପରି ସାଇତି ରଖିଲୁ ।

Digitized by srujanika@gmail.com

ସେହି ସମୟରୁ ସୈନ୍ୟବାହିନୀ ଆମ ଗାଁକୁ ଆସିବା ପାଇଁ ଡ଼ରୁ ଥିଲେ । ସେମାନେ ଆମକୁ ଯେତିକି ଡ଼ରୁଥିଲେ ପାହାଡ଼ ଗୁଡ଼ିକୁ ସେତେ ଭୟ କରୁଥିଲେ । ଆମ ପାଇଁ ଏହା ଥିଲା ସୁବର୍ଣ୍ଣ ସୁଯୋଗ । ଆମେ ସମସ୍ତେ ଏକଜୁଟ ହୋଇ ରହିଥିଲୁ ଏବଂ ଶତ୍ରୁ ହାବୁଡ଼ରେ ପଡ଼ିଯିବାର ଆଶଙ୍କା ଥିବାରୁ କେହି ଫିନ୍‌କା, ବଜାର ବା ଆଉ କେଉଁଠାକୁ ଯାଉ ନଥିଲୁ । ଅବଶ୍ୟ ବେଳେବେଳେ ଲୁଣ କିଣିବା ପାଇଁ ପାହାଡ଼ ଡ଼େଇଁ ସହରକୁ ଯିବାକୁ ପଡୁଥିଲା । ସେହି ସହର ମାନଙ୍କରେ ଏକ ପ୍ରକାର କଳା ପଥର ଲୁଣ ଭାବରେ ବ୍ୟବହାର ହେଉଥିଲା । ଏହି ପଥର କେବଳ ଗୁଆଟେମାଲାରେ ମିଳେ ବା ଅନ୍ୟ ସ୍ଥାନରେ ମଧ୍ୟ ମିଳେ ମୁଁ ଜାଣେ ନାହିଁ । କିନ୍ତୁ ଏହାର ସ୍ୱାଦ ଭାରି ଭଲ । ବଡ଼ ବଡ଼ ପଥର ଗୁଡ଼ିକୁ ଭାଙ୍ଗି ଆମେ ଲୁଣ ତିଆରି କରୁଥିଲୁ । ତେଣୁ ଲୁଣ କିଣିବା ପାଇଁ ଆମକୁ ବଜାରକୁ ଯିବାକୁ ପଡୁ ନଥିଲା । ଏଲ କ୍ୱିସେର ଗୋଟିଏ ସହର ସାକାପୁଲାସ୍‌ରେ ଏହି ପଥର ମିଳୁଥିଲା । ଏହି ସହରଟି ପାହାଡ଼ ଧାରରେ ଥିଲେ ମଧ୍ୟ ଆମ୍ବ, ତରଭୁଜ ଓ କଦଳୀ ପରି ସମୁଦ୍ର କୂଳିଆ ଫଳ ସବୁ ଏଠାରେ ମିଳୁଥିଲା । ଲୁଣ ପଥର କିଣିବା ଲୋକ ବେଶୀ ନଥିବାରୁ ଏହା ଶସ୍ତାରେ ମିଳୁଥିଲା । ଗୁଆଟେମାଲାରେ ଏହି ଲୁଣକୁ 'ଭାରତୀୟ ଲୁଣ' କହନ୍ତି । ଆମର କଫି ପିଇବା ଅଭ୍ୟାସ ନଥିବାରୁ ଚିନିର ଚାହିଦା ମଧ୍ୟ ନଥିଲା । ମକାରୁ ତିଆରି ଏକ ପ୍ରକାର ପାନୀୟ ଆମର ପ୍ରିୟ । ନିଜ ଜମିରେ ସମସ୍ତେ ମିଶି ଆମେ ମକା ଉତ୍ପାଦନ କରୁ । ଜମି ମାଲିକ ମାନେ ଆମର ଏକତା ବିଷୟ ଜାଣିଥିଲେ ଏବଂ ଅପହରଣ ହେବା ଆଶଙ୍କାରେ ଆମ ଗାଁକୁ ଆସୁ ନଥିଲେ ।

ଜମି ମାଲିକ ଓ ସୈନ୍ୟବାହିନୀର ଭୟ ନଥିବାରୁ ଆମେ ଆମ କ୍ଷୁଦ୍ର ଜମିର ମାଲିକ ହୋଇ ଖୁସିରେ ରହିଲୁ । ସହର ଉପରେ କମ୍ ନିର୍ଭରଶୀଳ ହେବା ପାଇଁ ଆମେ ନୂଆ ନୂଆ ଜିନିଷ ଚାଷ କରିବାକୁ ଆରମ୍ଭ କଲୁ । ଆତ୍ମରକ୍ଷା ପାଇଁ ଏହି ଶୃଙ୍ଖଳା ଅତ୍ୟନ୍ତ ଆବଶ୍ୟକ ଥିଲା । ନିହାତି ଦରକାର ନପଡ଼ିଲେ ଆମେ ବିପଦ ଠାରୁ ଦୂରରେ ରହିବାକୁ ସ୍ଥିର କଲୁ ।

ଗାଁର ସମସ୍ତେ ସଂଗଠିତ ହୋଇ ଯାଇଥିଲେ ଏବଂ ସଂଗ୍ରାମ ଚାଲୁ ରଖିବା ପାଇଁ ସବୁ ନିଷ୍ପତ୍ତି ନିଜେ ନେଇ ପାରୁଥିଲେ । ସେଠାରେ ମୋର ଆଉ ବେଶୀ କିଛି କରିବା ପାଇଁ ନଥିଲା । ସେଠାରେ ନେତୃତ୍ୱର ଆଉ କିଛି ଆବଶ୍ୟକତା ନଥିଲା । ତେଣୁ ମୁଁ ଅନ୍ୟ ଗାଁକୁ ଯାଇ ସେଠାକାର ଲୋକମାନଙ୍କୁ ଆମେ ସଫଳତାର ସହିତ ବ୍ୟବହାର କରିଥିବା ଆତ୍ମରକ୍ଷାର ଉପାୟ ସବୁ ଶିଖାଇବା ପାଇଁ ମନସ୍ଥ କଲି । □

Digitized by srujanika@gmail.com

୧୯

ଗାଁ ଉପରେ ସୈନ୍ୟବାହିନୀର ଆକ୍ରମଣ

'ତୁମର କର୍ତ୍ତବ୍ୟ ସଂପର୍କରେ ଅପରିଚିତମାନେ ମନେପକେଇଦେବା ପର୍ଯ୍ୟନ୍ତ ଅପେକ୍ଷା କରନାହିଁ; ଏହା କରିବା ପାଇଁ ତୁମର ବିବେକ ଓ ଆତ୍ମା ରହିଛନ୍ତି । ସବୁ ଭଲକାମ ତୁମ ନିଜ ଉଦ୍ୟମରେ ହେବା ଉଚିତ ।'

ପୋପୋଲ୍ ଭୁ

ସେତେବେଳେ ମୋର ବେଶୀ କିଛି କାମ ନଥାଏ । ମୋ ବାପା କହିଲେ: 'ତୁ ବର୍ତ୍ତମାନ ସ୍ୱାଧୀନ । ତୁ ଯାହା ଚାହୁଁ କରିପାରୁ । କିନ୍ତୁ ଆମ ଲୋକଙ୍କ ପାଇଁ ତୋତେ କାମ କରିବାକୁ ପଡ଼ିବ ।' ଏହା ଥିଲା ମୋ ବାପାଙ୍କର ଉପଦେଶ । ନିଷ୍ପତ୍ତି ନେବାର ପୂର୍ଣ୍ଣ ସ୍ୱାଧୀନତା ମୋର ଥିଲା । ଅନ୍ୟ ଗାଁକୁ ଯାଇ କାମ କରିବାରେ କିଛି ବାଧା ନଥିଲା । ସେମାନେ ଆମ ଗାଁରୁ କାହାକୁ ଅପହରଣ କରି ନଥିଲେ କିମ୍ବା ଧର୍ଷଣ କରି ନଥିଲେ । କିନ୍ତୁ ଅନ୍ୟ ଗାଁ ମାନଙ୍କରେ ସେମାନେ ଲୋକଙ୍କ ଉପରେ ଅତ୍ୟାଚାର କରିଥିଲେ । ସୈନ୍ୟମାନଙ୍କ ଲାଳସାର ଶିକାର ହୋଇ ଶହ ଶହ ମହିଳା, ବିଧବା ଓ ଝିଅ ଗର୍ଭବତୀ ହେବା ମୁଁ ସହ୍ୟ କରିପାରିଲି ନାହିଁ । ଅନ୍ୟମାନଙ୍କ ବିଷୟରେ ଚିନ୍ତା ନକରି ନିଜ ଗାଁରେ ନିରାପଦରେ ରହିବା ମୋ ପାଇଁ ଲଜ୍ଜାଜନକ ଥିଲା । ତେଣୁ ମୁଁ ଗାଁ ଛାଡ଼ିବା ପାଇଁ ସ୍ଥିର କଲି । ମୋ ବାପା ମୋ ମନ କଥା ବୁଝିପାରି କହିଲେ : ' ତୁ ଯେଉଁଠାକୁ ଯାଉଛୁ ସେଠାରେ ହୁଏତ ତୋ ଜୀବନ ଉପରେ ତୋର ନିୟନ୍ତ୍ରଣ ରହିବ ନାହିଁ । ତୋତେ ସେମାନେ ଯେ କୌଣସି ସମୟରେ, କାଲି ବା ପଅର ଦିନ ହତ୍ୟା କରିପାରନ୍ତି ।' କିନ୍ତୁ ନିରାପତ୍ତା ଓ ଆତ୍ମରକ୍ଷା ବିଷୟରେ ଅନ୍ୟମାନଙ୍କୁ ଶିକ୍ଷା ଦେବା ଆମ ଲୋକଙ୍କ ପ୍ରତି ଜଣେ ଖ୍ରୀଷ୍ଟିଆନ ଭାବରେ ମୋର ପ୍ରତିବଦ୍ଧତାର ହିଁ ନମୁନା ଥିଲା । ସମସ୍ତଙ୍କର ସୁଖୀ ହେବାର ଅଧିକାର ଅଛି ବୋଲି ମୋର ଗଭୀର ବିଶ୍ୱାସ । କିନ୍ତୁ ଅଳ୍ପ କେତେଜଣ ଲୋକ ସୁଖକୁ ନିଜର ଏକଚାଟିଆ ସମ୍ପତ୍ତି କରି ରଖିଛନ୍ତି । ଏହି ଚେତନା ଅନ୍ୟମାନଙ୍କୁ ଶିକ୍ଷା ଦେବା ପାଇଁ ମୋତେ ପ୍ରେରଣା ଯୋଗାଇ ଥିଲା । ଯେଉଁ ଗାଁ ପ୍ରତି ସବୁଠାରୁ ବେଶୀ ବିପଦ ଥିଲା ଏବଂ ଯେଉଁ ଗାଁ ର ଆବଶ୍ୟକତା ଥିଲା ସବୁଠାରୁ ଅଧିକ, ମୁଁ ସେହି ଗାଁକୁ ଗଲି । ଫିନ୍‌କାରେ ସେହି ଗାଁ ମାନଙ୍କରୁ ସାଥୀମାନଙ୍କ ସହିତ ମୋର ପୂର୍ବରୁ ପରିଚୟ ହୋଇସାରିଥାଏ । ନଦୀରୁ ଗେଣ୍ଡା ଗୋଟାଇବା ବେଳେ ମଧ୍ୟ ମୋର ସେମାନଙ୍କ

Digitized by srujanika@gmail.com

ସହିତ ଦେଖା ହେଉଥିଲା । ବଜାରରେ ବିକି କିଛି ରୋଜଗାର କରିବା ପାଇଁ ସେମାନେ ମଧ୍ୟ ନଦୀରୁ ଏହି ଶାମୁକା ଜାତୀୟ ଜୀବଗୁଡ଼ିକୁ ଗୋଟାଉଥିଲେ । ପ୍ରତ୍ୟେକ ଶନିବାର ମୋ ମା' ଗେଣ୍ଡା ସଂଗ୍ରହ କରିବା କାଇଁ ନଦୀକୁ ଯାଉଥିଲେ ଓ ତା ପର ଦିନ ବଜାରରେ ବିକ୍ରୀ କରୁଥିଲେ । ଶନିବାର ଦିନ ପୁରୁଷ ଲୋକମାନେ ଘରେ ଅନ୍ୟ କାମ ଧନ୍ଦାରେ ବ୍ୟସ୍ତ ରହୁଥିବାରୁ ସ୍ତ୍ରୀ ଲୋକମାନେ ଗେଣ୍ଡା ସଂଗ୍ରହ କରିବା ପାଇଁ ନଦୀକୁ ଯାଉଥିଲେ । ନଦୀ ଥିଲା ଆମ ସ୍ତ୍ରୀ ଲୋକମାନଙ୍କର ଅତି ପ୍ରିୟ । ସେଠାରେ ପଥର ସନ୍ଧିରେ ଦିନ ତମାମ ଗେଣ୍ଡା ଖୋଜୁଥିଲେ ମଧ୍ୟ କ୍ଳାନ୍ତ ଲାଗୁ ନଥିଲା । ବରଂ ସେଥିରୁ ଆମେ ପ୍ରଚୁର ଆନନ୍ଦ ପାଉଥିଲୁ । ସେହିଠାରେ ହିଁ ମୋର କେତେ ଝିଅଙ୍କ ସହିତ ବଂଧୁତା ହୋଇଥିଲା । ପରେ ଫିନ୍‌କାରେ ସାଙ୍ଗ ହୋଇ କପା ତୋଳିବା ବେଳେ ଆମେ ପରସ୍ପରର ଆହୁରି ନିକଟତର ହୋଇଗଲୁ । ସେମାନଙ୍କର ବୟସ ସେତେବେଳେ ଖୁବ୍ କମ୍ ଥିଲା । କପା ତୋଳିବାରେ ତିନୋଟି ହାତ ଅଛି ବୋଲି ଗୁଆଟେମାଲାରେ ଗୋଟିଏ କଥା ଅଛି । କପା ବରଫ ବା ସ୍ୱଞ୍ଜ ପରି । କପାର ପ୍ରଥମ 'ହାତ' ବୟସ୍କମାନେ ତୋଳନ୍ତି । ସେମାନେ ଦ୍ୱିତୀୟ ହାତଟିକୁ ମଧ୍ୟ ତୋଳନ୍ତି । କିନ୍ତୁ ପିଲାମାନେ ବୁଦା ତଳକୁ ସହଜରେ ଯାଇପାରୁଥିବାରୁ ସେମାନେ ହିଁ ତୃତୀୟ ହାତ ଟିକୁ ତୋଳନ୍ତି । କପା ଗଛର ହାରାହାରି ଉଚ୍ଚତା ପ୍ରାୟ ତିନିଫୁଟ । ସବୁଠାରୁ ବେଶୀ ହେଲେ ଗଛର ଉଚ୍ଚତା ମାତ୍ର ପାଞ୍ଚ କିମ୍ବା ଛଅ ଫୁଟ ହୋଇପାରେ । ଛୋଟ ପିଲାମାନେ ବୁଦା ତଳକୁ ଯାଇ ତୋଳା ନହୋଇ ରହି ଯାଇଥିବା ଅବଶିଷ୍ଟ କପାକୁ ତୋଳନ୍ତି । ତଥାପି ଯଦି କିଛି ଅଂଶ ରହିଯାଏ, ମଜୁରୀ କଟିଯିବାର ସମ୍ଭାବନା ଥାଏ । ମୁଁ ଅପେକ୍ଷାକୃତ ଡ଼େଙ୍ଗା ଥିବାରୁ ଆମ ସାଙ୍ଗ ମାନଙ୍କ ମଧ୍ୟରେ ଆମେ ସ୍ଥିର କରିଥିଲୁ - ମୁଁ ଦ୍ୱିତୀୟ ଦଫା କପା ତୋଳିବି ଏବଂ ଅନ୍ୟମାନେ ତୃତୀୟ ଦଫାରେ ଅବଶିଷ୍ଟାଂଶକୁ ତୋଳିବେ । ଏହି ପରି ଭାବରେ ଆମ ଭିତରେ କାମ ବଣ୍ଟା ହୋଇଗଲା ଏବଂ ବନ୍ଧୁତା ମଧ୍ୟ ବଢ଼ିଲା ।

ବେଳେବେଳେ ପଡ଼ୋଶୀମାନଙ୍କଠାରୁ ଖବର ମିଳୁଥିଲା । ଅମୁକ ଝିଅ ଉପରେ ସୈନ୍ୟମାନେ ଅତ୍ୟାଚାର କରିଛନ୍ତି । ସେତେବେଳେ ସୁନ୍ଦର ଓ ନିରୀହ ସାଙ୍ଗମାନଙ୍କ କଥା ଭାବି ମୋ ମନରେ ଭାରୀ ରାଗ ହେଉଥିଲା । ଆମ ସାଥୀମାନଙ୍କ ଉପରେ ଏପରି ଅମାନୁଷିକ ଅତ୍ୟାଚାର ହେଉଥିବାବେଳେ ଘରେ ନୀରବରେ ବସି ରହିବା ମୋ ପକ୍ଷରେ ସମ୍ଭବ ନଥିଲା । ଅବଶ୍ୟ ଆମ ଗାଁ ମଧ୍ୟ ନିରାପଦ ନଥିଲା । ଆଧୁନିକ ଅସ୍ତ୍ର ଶସ୍ତ୍ରରେ ବଳୀୟାନ୍ ସୈନ୍ୟବାହିନୀ ଯେ କୌଣସି ସମୟରେ ଆମ ଗାଁ ଉପରେ ଆକ୍ରମଣ କରିବାର ସମ୍ଭାବନା ଥିଲା । ତଥାପି ଅନ୍ୟ ଗାଁକୁ ଯାଇ ସେଠାରେ ସାଙ୍ଗମାନଙ୍କ ସହିତ ରହିବା ମୁଁ ଜରୁରୀ ମନେକଲି । ମୋର ଚାରିଜଣ ସାଙ୍ଗ ସୈନ୍ୟବାହିନୀର ପାଶବିକ ଅତ୍ୟାଚାରର ଶିକାର ହୋଇ ନିରାଶରେ ସମୟ କଟାଉଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ହତଭାଗିନୀ ଅନ୍ତଃସତ୍ତ୍ୱା ମଧ୍ୟ ହୋଇଥିଲେ । ଅବାଞ୍ଛିତ ଶିଶୁଟିକୁ ଧାରଣ କରିଥିବା ଜଣେ ସାଙ୍ଗ ଗର୍ଭସ୍ଥ

Digitized by srujanika@gmail.com

ସନ୍ତାନଟିକୁ କେତେ ଘୃଣା କରେ ମୋତେ ଥରେ କହିଥିଲା । ସେ ସବୁବେଳେ ବିଷର୍ଣ୍ଣ ରହୁଥିଲା ଏବଂ କାନ୍ଦୁଥିଲା । ଗର୍ଭରେ ଥିବା ନିଷ୍ପାପ ଶିଶୁଟିକୁ ଭଲ ପାଉବା ପାଇଁ ମୁଁ ତାକୁ ବୁଝାଉଥିଲି । ଘୃଣ୍ୟ ସୈନିକର ସନ୍ତାନଟିକୁ କିପରି ଭଲ ପାଇବ ଜାଣି ନପାରି ମୋ ସାଙ୍ଗଟି ଶେଷରେ ଗର୍ଭପାତ କରାଇଦେଲା । ସେ ଥିଲା ଏକ ଭିନ୍ନ ସମ୍ପ୍ରଦାୟର । ଏଥିରେ କିଛି ଅସ୍ୱାଭାବିକତା ନଥିଲା ଏବଂ ପୂର୍ବପୁରୁଷମାନେ ପାଶବିକ ଅତ୍ୟାଚାରର ଶିକାର ହେଲେ ଏହି ପନ୍ଥାକୁ ଅନୁସରଣ କରୁଥିବା ବିଷୟ କହି ଗୋଷ୍ଠୀର ଅନ୍ୟମାନେ ତାକୁ ପ୍ରବୋଧନା ଦେଉଥିଲେ । ଯାହା ହେଉନା କାହିଁକି ମୋ ସାଙ୍ଗ ଦୁଇଜଣଙ୍କର ଦୁଃଖର ସୀମା। ନଥିଲା ଏବଂ ସେମାନଙ୍କ କଥା ଭାବି ମୋତେ ଭାରି ଅସହାୟ ଲାଗୁଥିଲା ।

ମୁଁ ସେହି ଗାଁର ଲୋକମାନଙ୍କ ସହିତ ତାଙ୍କ ଭାଷାରେ କଥା ହୋଇପାରୁଥିଲି । 'କ୍ୱିସେ' ଗୁଆଟେମାଲାର ସବୁଠାରୁ ବେଶୀ ବ୍ୟବହୃତ ସାଧାରଣ ଭାଷା । ପ୍ରକୃତରେ ଗୁଆଟେମାଲାର ସମସ୍ତ ଭାଷା କ୍ୱିସେ, କାକ୍‌ଚିକେଲ୍ ଓ ମାମ୍ - ଏହି ତିନୋଟି ମୁଖ୍ୟ ଭାଷାରୁ ଉଦ୍ଭବ ହୋଇଛନ୍ତି । ବେଳେବେଳେ ଗୋଟିଏ ଗୋଷ୍ଠୀ କ୍ୱସେ ଭାଷା ଭାଷୀ ସମ୍ପ୍ରଦାୟର ହୋଇ ଥିଲେ ମଧ ଏହି ଭାଷାକୁ ବୁଝନ୍ତି ନାହିଁ । ଭିନ୍ନ ଭାଷା, ସଂସ୍କୃତି ଓ ପରମ୍ପରା ଗୋଷ୍ଠୀ ମାନଙ୍କ ମଧରେ ଭାବର ଆଦାନ ପ୍ରଦାନରେ ପ୍ରତିବନ୍ଧକ ହୋଇ ଦେଖାଦିଏ । ମୋର ଚାରିଜଣ ସାଥୀମାନଙ୍କ କ୍ଷେତ୍ରରେ ତାହାହିଁ ହୋଇଥିଲା । ଆମେ ପରସ୍ପରକୁ ବୁଝୁଥିଲୁ ସତ, କିନ୍ତୁ ଭାଷାରେ ଅନେକ ତ୍ରୁଟି ରହୁଥିଲା । ଗୁଆଟେମାଲା ଏତେ ଛୋଟ ଦେଶଟିଏ, କିନ୍ତୁ ଆମ ଭାରତୀୟ ମାନଙ୍କ ମଧରେ ଭାଷା ଓ ସମ୍ପ୍ରଦାୟର ବିଶାଳ ପାଚେରୀ ମାନ ଛିଡ଼ା ହୋଇଛନ୍ତି । ଆମର ଦୁର୍ଭାଗ୍ୟ ଯେ ଆମ ପରସ୍ପର ମଧରେ ଭାବର ଆଦାନ ପ୍ରଦାନ ନାହିଁ କହିଲେ ଚଳେ । ସରକାର ଏହି ପାଚେରୀଗୁଡ଼ିକର ସୁବିଧା ନେଇ ଆମ ଉପରେ ସବାର ହୋଇ ବସିଛନ୍ତି । ଯେଉଁ ଦୁଇଜଣ ଝିଅ ପାଶବିକ ଅତ୍ୟାଚାର ସତ୍ତ୍ୱେ ଅନ୍ତଃସତ୍ତ୍ୱା ହୋଇ ନଥିଲେ ସେମାନଙ୍କୁ ପ୍ରାୟ ଚଉଦ ବର୍ଷ ବୟସ ହୋଇଥିବ । ସେମାନେ ଭାରି ଅସୁସ୍ଥ ହୋଇପଡ଼ିଥାନ୍ତି । ଜଣେ ଭଲ ଭାବରେ ଚାଲି ପାରୁନଥାଏ ଏବଂ ଅନ୍ୟ ଜଣକର ପାକସ୍ଥଳୀରେ ଭୀଷଣ ଯନ୍ତ୍ରଣା ହେଉଥାଏ । ମୋର ଏ ସବୁ ସମ୍ପର୍କରେ କୌଣସି ଧାରଣା ନଥିଲା । ଅନ୍ତଃସତ୍ତ୍ୱା ହୋଇଥିବା ଦୁଇଜଣ ଝିଅ ସୈନିକମାନଙ୍କ ସନ୍ତାନର ମା' ହେବା ପାଇଁ ମନା କରି ଗର୍ଭକୁ ନଷ୍ଟ କରିଥାନ୍ତି । ଏ ପରିସ୍ଥିତିରେ କ'ଣ କରାଯିବ ସ୍ଥିର କରି ନପାରି ମୁଁ ଅତ୍ୟନ୍ତ ଅସହାୟ ଅନୁଭବ କରୁଥାଏ । ଅବଶ୍ୟ ମୋ ଉପସ୍ଥିତି ସେମାନଙ୍କ ଅସହାୟ ବୋଧକୁ ଊଣା କରିବାରେ ନିଶ୍ଚୟ ସାହାଯ୍ୟ କରିଥିବ । ମୁଁ ପାଖେ ପାଖେ ରହି ସେମାନଙ୍କୁ ଭରସା ଦେବାକୁ ଚେଷ୍ଟା କରୁଥିଲି । ସେଇ ଗାଁରେ ଆମେ ଫାଶ ବସାଇବାକୁ ଆରମ୍ଭ କଲୁ । ଏହି ଫାଶଗୁଡ଼ିକ ଆମେ ପୂର୍ବରୁ ବସାଇଥିବା ଫାଶ ଠାରୁ ସ୍ୱତନ୍ତ୍ର ଥିଲା । ଗୋଷ୍ଠୀର ଲୋକ ମାନେ କେତେକ ପଦାର୍ଥକୁ ସେଗୁଡ଼ିକ ପ୍ରତି ଥିବା ସମ୍ମାନ ଯୋଗୁ ବ୍ୟବହାର କରୁ ନଥିଲେ । ଆମ ଭାରତୀୟମାନଙ୍କର

Digitized by srujanika@gmail.com

କିଛି ଗୋପନୀୟତା ପଦାରେ ପଡ଼ିଯିବ ଜାଣି ସୁଦ୍ଧା ଆମେ ସେହି ବସ୍ତୁ ଗୁଡ଼ିକୁ ବ୍ୟବହାର କରିବୁ ବୋଲି ସ୍ଥିର କଲୁ । ପାଖ ଗାଁ କୋଜାଲ୍‌ର ଆଉ ଗୋଟିଏ ଗୋଷ୍ଠୀ ଉପରେ କେତେ ଦିନ ଧରି ନିର୍ଯ୍ୟାତନା ଲାଗି ରହିଥାଏ । ୧୯୬୦ ରେ ଏହି ଗୋଷ୍ଠୀ ଉପରେ ପ୍ରବଳ ଦମନ ଲୀଳା ହୋଇଥିଲା । ସେହିଦିନ ଠାରୁ ଅନେକ ଗୁଡ଼ିଏ ହତ୍ୟାକାଣ୍ଡ, ନାରୀ ନିର୍ଯ୍ୟାତନା ଓ ପୁରୁଷ ଲୋକଙ୍କ ଉପରେ ଅତ୍ୟାଚାର ହୋଇ ଯାଇଥାଏ । ମୁଁ ସେ ଗାଁରେ ଥିବା ବେଳେ ଜଣେ ବୃଦ୍ଧା ଆସି ପହଞ୍ଚିଲେ । ମୋ ବାପା କହୁଥିଲେ ଦୁର୍ଭାଗ୍ୟକୁ ଆଜି କାଲି ଗୁଆଟେମାଲାର ଲୋକେ ବେଶୀ ଦିନ ବଞ୍ଚୁ ନାହାନ୍ତି । ଖୁବ୍ ବେଶୀ ହେଲେ ଷାଠିଏ ବର୍ଷ ଆୟୁ ପର୍ଯ୍ୟନ୍ତ ଆମେ ବଞ୍ଚୁଛୁ । ଯେଉଁ ପରିବେଶ ଓ ଅବସ୍ଥାରେ ଆମେ ରହୁଛୁ, ଲୋକେ ଶୀଘ୍ର ମୃତ୍ୟୁବରଣ କରିବା ସ୍ୱାଭାବିକ । କିନ୍ତୁ ମୁଁ ଯେଉଁ ବୃଦ୍ଧାଙ୍କ ବିଷୟରେ କହୁଛି, ସେ ଥିଲେ ଅସାଧାରଣ । ସମଗ୍ର ଗାଁରେ ସେ ଯେପରି ଥିଲେ ଏକ ବ୍ୟତିକ୍ରମ । ତାଙ୍କୁ ପ୍ରାୟ ନବେ ବର୍ଷ ହୋଇଥିବ । ସୈନ୍ୟମାନେ ତାଙ୍କ ସବା ସାନ ପୁଅକୁ ହତ୍ୟା କରିଥିଲେ । ପ୍ରଥମେ ସେମାନେ ତାଙ୍କ ସ୍ୱାମୀଙ୍କୁ ମାରି ଦେଇଥିଲେ । ପ୍ରକୃତରେ ସହରକୁ ଯାଇ ସେ ଆଉ ଫେରି ନଥିଲେ । ଗୋଟିଏ ପୁଅ ତାଙ୍କୁ ଖୋଜିବାକୁ ଗଲା ଯେ ସେ ମଧ୍ୟ ଆଉ ଫେରିଲା ନାହିଁ । ତାପରେ ଆଉ ଗୋଟିଏ ପୁଅର ମଧ୍ୟ ସେଇ ଅବସ୍ଥା ହେଲା । ଅନ୍ୟ ସବୁ ପୁଅମାନଙ୍କୁ ଘରୁ ଅପହରଣ କରି ନିଆଯାଇଥିଲା । ତେଣୁ ବର୍ତ୍ତମାନ ବୃଦ୍ଧା ଜଣକ ଥିଲେ ସମ୍ପୂର୍ଣ୍ଣ ଏକୁଟିଆ । ବାସ୍ତବରେ ସେ ଆଶ୍ରୟଟିଏହିଁ ଖୋଜୁଥିଲେ । ମୋ ସାଥୀମାନେ ବୃଦ୍ଧାଙ୍କୁ ନିଜ ଗୋଷ୍ଠୀରେ ଆଶ୍ରୟ ଦେବା ପାଇଁ ସାଙ୍ଗେ ସାଙ୍ଗେ ରାଜି ହୋଇଗଲେ ।

ଗାଁରେ ନିଜସ୍ୱ ଫାଶଗୁଡ଼ିକୁ ବ୍ୟବହାର କରି ଆମେ ସବୁ ସାଥୀମାନେ ମିଶି ଏକ ପ୍ରକାର ଆତ୍ମରକ୍ଷା ବ୍ୟବସ୍ଥା କରିଥିଲୁ । ଯଦି ସୈନ୍ୟବାହିନୀ ରାତିରେ ଆକ୍ରମଣ କରେ, ବୃଦ୍ଧା ଆମ ସହିତ ରହିବାରେ ଲାଭ ଥିଲା । ପୂର୍ବରୁ ଆମେ ସମସ୍ତେ ପାହାଡ଼ ଉପରକୁ ଯାଇ ରହିବୁ ବୋଲି ସ୍ଥିର କଲୁ । ଜଣେ ଝିଅ ଓ ପୁଅ ମିଶି ରାତିରେ ଗାଁକୁ ଜଗିବା କଥା ଥିଲା । ଆମ ଗାଁରେ ପ୍ରଚଳିତ ଥିବା ଆତ୍ମରକ୍ଷା ବ୍ୟବସ୍ଥାଠାରୁ ଏହା ଅଲଗା ଥିଲା । ରାତିରେ ଜଗିବା ଅର୍ଥ ଗଛର ଗଣ୍ଡି ପରି ଟିକିଏ ବି ହଲ୍‌ଚଲ୍ ନହେବା । ଝିଅଟି ଗାଁର ଗୋଟିଏ ପାଖରେ ରହିବ ଓ ପୁଅ ଠାରୁ ଅଲଗା ଦେଖାଯିବ - ଏହା ଥିଲା ଗାଁର ବିଚାର । ସେମାନଙ୍କ ଫାଶ ଗୁଡ଼ିକ ଓ ଅସ୍ତ୍ରଶସ୍ତ୍ର ଗୁଡ଼ିକ ମଧ୍ୟ ଭିନ୍ନ ଥିଲା । ଗାଁର ସାଥୀମାନେ ଯେଉଁ ପରି ଭାବରେ କାମ କରି ଜାଣିଥିଲେ ଏବଂ ଯେଉଁପରି ଭାବରେ ବିଭିନ୍ନ ପଦାର୍ଥକୁ ବ୍ୟବହାର କରୁଥିଲେ ତାହାକୁ ନେଇ ଆତ୍ମରକ୍ଷାର ଉପାୟ ତିଆରି ହୋଇଥିଲା । ତଥାପି ସେମାନେ ମୋତେ ଗ୍ରହଣ କରି ନେବାରେ କିଛି ଅସୁବିଧା ହୋଇ ନଥିଲା । ଆମେ ସମସ୍ତେ ମିଶି କାମରେ ଲାଗିଲୁ ।

ସୈନ୍ୟବାହିନୀ ରାତିରେ ଗାଁକୁ ଆକ୍ରମଣ କଲେ । କୁକୁରମାନେ ଭୁକିବାରୁ ସେମାନେ ଫାଙ୍କା ଗୁଳି ଚଳାଇଲେ । ଗାଁର ସମସ୍ତେ ନିଜ ଜିନିଷପତ୍ର ଧରି ଶିବିରକୁ ଚାଲି

Digitized by srujanika@gmail.com

ଯାଇଥାଆନ୍ତି । ଚୋରୀ ହେବା ପରି କିଛି ଜିନିଷ ଗାଁରେ ନଥାଏ । ସୈନ୍ୟମାନେ ଘର ଗୁଡ଼ିକରେ ନିଆଁ ଲଗାଇଦେଲେ ମଧ ବେଶୀ କିଛି କ୍ଷତି ହେବାର ନଥିଲା । ଆମେ ଏହି ପରି ଭାବରେ ଦୁଇ,ତିନି, ଚାରି ରାତି କଟାଇଲୁ । ଆମ ସହିତ ଆଶ୍ରୟ ନେଇଥିବା ବୃଦ୍ଧା ଅଣ୍ଡାକୁ ସହି ପାରୁ ନଥିବାରୁ ଧୈର୍ଯ୍ୟ ହରାଇ ବସିଲେ । ଅବିରାମ ବର୍ଷା ହେଉଥାଏ । ରାତିରେ ବର୍ଷା ଛାଳିବା ବେଳେ ଆମେ ଓଦା ଜୁଡ଼ୁବୁଡ଼ୁ ହୋଇ ବସିଥାଉ । ଏ କଷ୍ଟ ସହି ନପାରି ବୃଦ୍ଧା ଦିନେ ଘୋଷଣା କଲେ: ‘ ସେମାନେ ମୋତେ ମାରିବେ ଯଦି ମାରନ୍ତୁ, କିନ୍ତୁ ମୁଁ ଆଉ ତୁମ ସହିତ ପାହାଡ଼ରେ ରହି ପାରିବି ନାହିଁ । ’ ତାଙ୍କୁ ସେଠାରେ ଛାଡ଼ି ଅନ୍ୟତ୍ର ଯିବା ପ୍ରସ୍ତାବଟି ଆମର ପସନ୍ଦ ହେଲା ନାହିଁ । ସେ ତାଙ୍କ ଜୀବନର ମୂଲ୍ୟବାନ ଅନୁଭୂତିରୁ ଆମକୁ ଅନେକ କଥା ଶିଖାଇଥିଲେ । ଗୋଷ୍ଠୀର ସମସ୍ତଙ୍କର ବାରଣ ସତ୍ତ୍ୱେ ସେ ଗାଁରେ ରହିବେ ବୋଲି ସ୍ଥିର କଲେ । ସେ କହିଲେ : ‘ସେମାନେ ଯଦି ମୋତେ ମାରିବେ ମାରନ୍ତୁ । ମୋର ବା ଆଉ କିଏ ଅଛି ! ମୋ ପୁଅ ଓ ନାତିମାନଙ୍କୁ ସେମାନେ ହତ୍ୟା କରିଛନ୍ତି ବା ଅପହରଣ କରି ନେଇଛନ୍ତି । ମୁଁ ଯଦି ତୁମମାନଙ୍କୁ କିଛି ସାହାଯ୍ୟ କରିଥାଏ, ତାହା କର୍ତ୍ତବ୍ୟ ଭାବି ହିଁ କରିଛି ।’ ମନରେ ଅଶେଷ ଦୁଃଖ ଓ ଯନ୍ତ୍ରଣା ରଖି ଆମେ ଶେଷରେ ତାଙ୍କୁ ତାଙ୍କ ଘରେ ଏକା ଛାଡ଼ି ଆସିଲୁ ।

ରାତି ହେବାରୁ ଆମେ ଜଣକ ପରେ ଜଣେ ପାହାଡ଼ ଉପରକୁ ଯିବା ପାଇଁ ବାହାରିଲୁ । ସବୁ ଘର ସାମ୍ନାରେ ଫାଶ ବସା ଯାଇଥାଏ । ଫାଶ କହିଲେ ଗୋଟିଏ ଗଭୀର ଗାତ ଓ ଗୋଟିଏ ଖୁଣ୍ଟକୁ ବୁଝାଉଥିଲା । ଗାତ ଉପରେ ବାଡ଼ିଟିକୁ ରଖି ତା ଉପରେ ଗୋଟିଏ ପଟା ରଖାଯାଉଥିଲା, ଯେପରି କେହି ପଟା ଉପରେ ପାଦ ରଖିଲେ ଗାତ ଭିତରକୁ ନିଶ୍ଚୟ ଖସି ପଡ଼ିବ । ଦିନବେଳେ ବାଡ଼ି ଓ ପଟାକୁ ବାହାର କରି ଦିଆ ଯାଉଥିଲା । ଗାଁରେ ସମସ୍ତେ ସମସ୍ତଙ୍କ ବିଷୟରେ ଜାଣିଥିବାରୁ କେହି ଭୁଲରେ ଗାତରେ ପଡ଼ିଯିବାର ସମ୍ଭାବନା ନଥିଲା । ଗାଁରେ ଆଶ୍ରୟ ନେଇଥିବା ବୁଢ଼ୀ ମଧ ତାଙ୍କର ଫାଶ ବସାଇବା ସଙ୍ଗେ ସଙ୍ଗେ ନିଜର କୁରାଢ଼ି, ଟାଙ୍ଗିଆ, କଟୁରୀ ଓ ପଥର ଇତ୍ୟାଦି ପ୍ରସ୍ତୁତ କରି ରଖିଥିଲେ । ନିଜ ପ୍ରତିରକ୍ଷାର ସମସ୍ତ ପ୍ରସ୍ତୁତି ପରେ ସେ ଶୋଇବାକୁ ଗଲେ । ଗାଁର ମୁଖ୍ୟ ପ୍ରବେଶ ଦ୍ୱାରରେ ସବୁବେଳେ ସ୍ୱେଚ୍ଛାସେବକମାନେ ପହରା ଦେଉଥାନ୍ତି । ଦୂରରେ ଜଗିଥିବା ପ୍ରହରୀ ସଂକେତ ଦେବା ପରେ ଆମେ ଗାଁ ଛାଡ଼ି ପାହାଡ଼କୁ ଗଲୁ । ସଂକେତ ଦେବା ପାଇଁ ସେମାନେ ଟର୍ଚ୍ଚ ବ୍ୟବହାର କରୁଥିଲେ । ଟର୍ଚ୍ଚକୁ ଯେତେଥର ହଲାଇବେ, ସେତିକି ଜଣ ସୈନ୍ୟ ଆସୁଥିବା କଥା ଆମେ ଜାଣୁଥିଲୁ । ସୈନ୍ୟମାନେ ଯିବା ପରେ ମଧ ସମସ୍ତେ ଗଲେ କିମ୍ବା କେହି ରହି ଯାଇଛନ୍ତି ସେ ସମ୍ପର୍କରେ ମଧ ସଂକେତ ଦ୍ୱାରା ଜଣାଇବା ସାଥୀଙ୍କର ଦାୟିତ୍ୱ ଥିଲା । ଗାଁରେ ଜଣେ ବୃଦ୍ଧାଙ୍କୁ ଛାଡ଼ି ଯାଉଥିବାରୁ କାହାରି ମନରେ ସୁଖ ନଥାଏ । ମୋତେ ମଧ ଜମା ଭଲ ଲାଗୁନଥାଏ । ମୁଁ ଜାଣିଥିଲି ସୈନ୍ୟମାନେ ହୁଏତ ତାଙ୍କୁ ମାରିଦେବେ କିମ୍ବା ତାଙ୍କ ଉପରେ ପାଶବିକ ଅତ୍ୟାଚାର କରିବେ । ଜୀବନକୁ ସମ୍ମାନ କରିବା ଘାତକମାନଙ୍କୁ ଜଣା ନଥିଲା । ବୟସ

Digitized by srujanika@gmail.com

ନିର୍ବିଶେଷରେ ପାଶବିକ ଅତ୍ୟାଚାର କରିବା ସେମାନଙ୍କର ଅଭ୍ୟାସ ଥିଲା। ପାହାନ୍ତା ପ୍ରାୟ ଦୁଇଟା ବେଳେ କୁକୁରମାନେ ଭୁକିବାକୁ ଆରମ୍ଭ କଲେ। ବନ୍ଧୁକ ଫୁଟିବାର ଆୱାଜ ମଧ୍ୟ ଶୁଣାଗଲା। କିନ୍ତୁ ବୃଦ୍ଧାଙ୍କ ଠାରୁ କୌଣସି ଚିତ୍କାର ଆମେ ଶୁଣିଲୁ ନାହିଁ। ଗାଁ ଠାରୁ ବହୁ ଦୂରରେ ଥିଲେ ମଧ୍ୟ ସବୁ ଶବ୍ଦ ଆମକୁ ଶୁଣାଯାଉଥିଲା। ଆମେ ଭାବିଲୁ ସେମାନେ ନିଶ୍ଚୟ ବୃଦ୍ଧାଙ୍କୁ ମାରି ଦେଇଛନ୍ତି। ପ୍ରାୟ ସାଢେ ତିନିଟା ବେଳେ ସୈନ୍ୟ ବାହିନୀ ଗାଁ ଛାଡ଼ି ଚାଲି ଯାଇଥିବା କଥା ପ୍ରହରୀ ସଂକେତ ଦ୍ୱାରା ଜଣାଇଲା। କେତେଜଣ ଯାଇଛନ୍ତି ଏବଂ କେତେଜଣ ତଥାପି ଗାଁରେ ଅଛନ୍ତି, ସଂକେତରୁ ଜଣା ପଡୁଥିଲା। ସକାଳ ପର୍ଯ୍ୟନ୍ତ ଆମେ ଅପେକ୍ଷା କରି ରହିଲୁ। ପ୍ରାୟ ସାଢେ ପାଞ୍ଚଟା ବେଳେ, ସିନ୍ଦୂରା ଫାଟି ଆସିବାବେଳକୁ ଆମେ ବୃଦ୍ଧାଙ୍କୁ ଆମ ଆଡ଼କୁ ଆସିବାର ଦେଖିଲୁ। ସେ ଜୀବିତ ଅଛନ୍ତି ଜାଣି ଆମେ ବିସ୍ମିତ ହେଲୁ। ସେ ଅଟକିଯାଇ ଆମ ପାଇଁ କିଛି ନୂଆ ଖବର ଆଣିଛନ୍ତି ବୋଲି କହିଲେ। ସେ ଏକା ସାଙ୍ଗରେ କାନ୍ଦୁ ଥାନ୍ତି ଓ ହସୁଥାନ୍ତି। ତାଙ୍କ ଆଖିରେ ଥିଲା ଆନନ୍ଦର ଅଶ୍ରୁ; ମୁଖ ମଣ୍ଡଳରେ ଉତ୍କଣ୍ଠାର ଚିହ୍ନ। ଆମର ହଠାତ୍ ସନ୍ଦେହ ହେଲା, ସେ ହୁଏତ ସରକାର ପକ୍ଷକୁ ଢଳି ଯାଇଥିବେ।

ଅନେକ ଗାଁରେ ସରକାରଙ୍କ ପକ୍ଷକୁ ଢଳିଯାଉଥିବା ଏପରି କିଛି ଲୋକ ଥାଆନ୍ତି। ସେମାନେ ନିଜକୁ ବିକ୍ରୀ କରି ଦେଇଥାଆନ୍ତି। କିନ୍ତୁ ଏଥିପାଇଁ ସର୍ବଦା ସେମାନଙ୍କୁ ଦୋଷ ଦେଇହେବ ନାହିଁ। ନିଜକୁ ବିକ୍ରୀ କରିବା ପାଇଁ ସେମାନଙ୍କୁ ବାଧ୍ୟ କରାଯାଇଥାଏ। ଲୋକମାନଙ୍କ ଠାରୁ ସମ୍ବାଦ ସଂଗ୍ରହ କରିବା ପାଇଁ ସରକାର ସେମାନଙ୍କୁ ବ୍ୟବହାର କରେ। ଏହି କାରଣରୁ ବେଳେବେଳେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥାଏ। ବୃଦ୍ଧାଙ୍କୁ ଆମେ ସନ୍ଦେହ କରୁଥିଲୁ ସତ, କିନ୍ତୁ ତାଙ୍କ ପରି ଜଣେ ସଚ୍ଚୋଟ ମଣିଷ ନିଜକୁ ବିକ୍ରୀ କରି ଦେଇ ପାରନ୍ତି - ଏହା ଆମର ଜମା ବିଶ୍ୱାସ ହେଉ ନଥିଲା। ଆମ ପରିସ୍ଥିତି ଦୃଷ୍ଟିରୁ ଆମେ ଏହାକୁ ହାଲୁକା ଭାବରେ ମଧ୍ୟ ନେଇପାରୁନଥିଲୁ। ଆମେ ହିଂସା ପସନ୍ଦ କରୁ ନଥିଲୁ; କିନ୍ତୁ ଆମ ଜୀବନ ରକ୍ଷା ପାଇଁ ଏହା ଯଦି ଏକମାତ୍ର ଉପାୟ ଥିଲା, ତାକୁ ଆମେ ବିଚାରବନ୍ତ ସହ ପ୍ରୟୋଗ କରୁଥିଲୁ। ଯଦି ପ୍ରକୃତରେ ବୃଦ୍ଧା ସରକାରଙ୍କ ଠାରେ ନିଜକୁ ବିକ୍ରୀ କର ଦେଇଥିବେ, ଦୁଃଖର ସହିତ ହେଲେ ମଧ୍ୟ ଆମକୁ ତାଙ୍କର ଜୀବନ ନେବାକୁ ପଡ଼ିବ। ସେ କିନ୍ତୁ କହୁଥିଲେ, ଆମ ପାଇଁ ସେ ଯେଉଁ ବିସ୍ମୟଜନକ ସମ୍ବାଦ ଆଣିଛନ୍ତି ତାହା ହେଉଛି ସେ ଜଣେ ସୈନିକକୁ ହତ୍ୟା କରିଛନ୍ତି। ସେ ଏହି କଥାକୁ ବାରମ୍ବାର ଦୋହରାଉ ଥାଆନ୍ତି। କିନ୍ତୁ କେହି ତାଙ୍କୁ ବିଶ୍ୱାସ କଲେ ନାହିଁ। ବିଶ୍ୱାସ ନକରିବାର କାରଣ ହେଲା, ତାଙ୍କ ବୟସ ଥିଲା ଖୁବ୍ ବେଶୀ। ଦ୍ୱିତୀୟରେ ସେ ପ୍ରାୟ ଦେଖି ପାରୁନଥିଲେ କହିଲେ ଚଳେ। ତୃତୀୟରେ ତାଙ୍କ ନିକଟରେ କିଛି ଅସ୍ତ୍ରଶସ୍ତ୍ର ନଥିଲା। ସେ କିନ୍ତୁ କହି ଚାଲିଥାନ୍ତି: 'ମୁଁ ଆଜି ଭାରି ଖୁସି। ମୁଁ ପୁଣି ବଞ୍ଚିବାକୁ ଚାହେଁ। ମୁଁ ଜଣେ ସୈନିକକୁ ହତ୍ୟା କରିଛି।' ତଥାପି କେହି ତାଙ୍କୁ ବିଶ୍ୱାସ

Digitized by srujanika@gmail.com

ନକରିବାରୁ ସେ ଧରିଥିବା ସୈନିକର ବନ୍ଧୁକ ଓ ପିସ୍ତଲ ଆମକୁ ଦେଖାଇଲେ । ମୋ ପାଇଁ ସେହି ଦୃଶ୍ୟ ଥିଲା ଏକ ସ୍ୱପ୍ନ ପରି, ବିଶ୍ୱାସ କରି ହେଉନଥିବାର ଏକ ବ୍ୟଙ୍ଗ ଚିତ୍ର ପରି । ସେ ଆମକୁ କହିଲେ: ' ଘଟଣାଟି ଏହିପରି ଘଟିଲା । ସେମାନେ ସମସ୍ତେ ବସାଯାଇଥିବା ଫାଶକୁ ଡେ଼ଇଁ କୌଣସିମତେ ମୋ ଘରେ ପହଞ୍ଚିଲେ । ମୁଁ ଘରର ପଛ ଦ୍ୱାର ଦେଇ ବାହାରକୁ ଖସି ପଳାଇଲି । ମୋ ହାତରେ କେବଳ କୁରାଢ଼ିଟିଏ ଥାଏ । ସେଥିରେ ଦ୍ୱାର ନିକଟରେ ଛିଡ଼ା ହୋଇ ଘର ଭିତରକୁ ଚାହୁଁଥିବା ଜଣେ ସୈନିକର ମୁଣ୍ଡରେ ଜୋର ପାହାରେ ଦେଲି ଯାହାର ଆଘାତରେ ସେ ତଳେ ପଡ଼ିଗଲା । ଗରିଲା ଆକ୍ରମଣ ହୋଇଥିବ ଭାବି ସେମାନେ ତରବର ହୋଇ ଦୌଡ଼ି ପଳାଇଯାଉଥିବା ବେଳେ ଜଣେ ଫାଶରେ ପଡ଼ିଗଲା, ଅନ୍ୟ ଜଣେ ଭୂଇଁରେ ଗଡୁଥାଏ । ଅନ୍ୟ ସୈନିକମାନେ ଆହତ ହୋଇଥିବା ତାଙ୍କର ସାଥୀ ସୈନିକକୁ ଗୁଳିକରି ହତ୍ୟା କଲେ ।'

ସୈନିକର ବୟସ ବେଶୀ ହୋଇଯାଇଥିଲା । କିନ୍ତୁ ଆମେ ଦେଖିଲୁଯେ ତା'ର କ୍ଷତଟି ବେଶୀ ଗୁରୁତର ନଥିଲା । ତଥାପି ଅନ୍ୟ ସୈନ୍ୟମାନେ ତାକୁ ହତ୍ୟା କରି ସେଠାରୁ ଚାଲିଯାଇଥିଲେ । ଏବେ ଯାଇ ଆମକୁ ମିଳିଥିବା ସଂକେତର ଅର୍ଥ ଆମେ ବୁଝିପାରିଲୁ । ସେହି କାରଣରୁ ହିଁ ବୃଦ୍ଧା ଆମ ଶିବିରରେ ପହଞ୍ଚିବା ବେଳକୁ ଆମେ ତାଙ୍କ ପ୍ରତି ଏତେ ସନ୍ଦେହୀ ହୋଇ ପଡ଼ିଥିଲୁ । ସୈନ୍ୟବାହିନୀର ସମସ୍ତେ ଗାଁ ଛାଡ଼ି ଯାଇନାହାନ୍ତି ବୋଲି ଆମେ ଜାଣିଥିଲୁ । ବୃଦ୍ଧାଙ୍କ ଠାରୁ ସମସ୍ତ ବିଷୟ ଶୁଣି ମୋ ମନ ଆନନ୍ଦରେ ପୂରିଗଲା । ମୁଁ କହିଲି: 'ଆମ ଗୋପନୀୟତାର ଏହା ଏକ ମହାନ୍ ବିଜୟ । ଏହାକୁ କେହି ଭେଦ କରି ପାରି ନାହାନ୍ତି । ଆମ ଶପଥରେ ଅଟଳ ରହିବା ପାଇଁ ଏଥର ଆମକୁ ଅଧିକ ବିଶ୍ୱାସ ମିଳିଗଲା । ପକ୍ଷୀ ବା ସେହିପରି ଇତର ପ୍ରାଣୀର ଜୀବନ ଠାରୁ ମଧ୍ୟ ଆମ ଜୀବନ ହୀନ ଏବଂ ସେମାନେ ଯେତେବେଳେ ଚାହିଁବେ ଆମକୁ ପ୍ରାଣରୁ ମାରି ଦେଇ ପାରିବେ - ଏହା ଆମ ପାଇଁ ଆଉ ଗ୍ରହଣୀୟ ନୁହେଁ ।' ବୃଦ୍ଧା ଯାହା କରିଥିଲେ ସେଥିପାଇଁ ତାଙ୍କୁ ଏକ ବଡ଼ ପୁରସ୍କାର ମିଳିବା ଆବଶ୍ୟକ ଥିଲା । କିନ୍ତୁ କେବଳ ଧନ୍ୟବାଦ ବ୍ୟତୀତ ତାଙ୍କୁ ଆଉ କ'ଣ ଦେଇ ହେବ ଆମେ ଜାଣି ନଥିଲୁ । ସେ ଆମକୁ କହିଲେ ମୁଁ ବଞ୍ଚି ରହି ସଂଗ୍ରାମରେ ସାମିଲ ହେବାକୁ ଚାହେଁ । ଆନନ୍ଦରେ ତାଙ୍କ ପାଦ ତଳେ ଲାଗୁ ନଥାଏ । ସେ କହି ଚାଲିଥାନ୍ତି: ଆମର ପ୍ରତିରକ୍ଷା ପାଇଁ ଆମକୁ ଆଉ ଏକ ଅସ୍ତ୍ର ମିଳିଯାଇଛି । ଏହାକୁ ବ୍ୟବହାର କରି ଶିଖିଲେ ଆମେ ନିଶ୍ଚେ ସେମାନଙ୍କର ସମକକ୍ଷ ହୋଇ ପାରିବୁ । ଏହାରି ଦ୍ୱାରା ହିଁ ସେମାନେ ମୋ ପିଲାମାନଙ୍କୁ ହତ୍ୟା କରିଥିଲେ । ଏହା ତାଙ୍କ ପାଇଁ ଖୁବ୍ ସ୍ୱତନ୍ତ୍ର କଥାଟିଏ ଥିଲା ନିଶ୍ଚୟ । କିନ୍ତୁ ଆମ ପାଇଁ ମଧ୍ୟ ଏହା କିଛି କମ୍ କଥା ନଥିଲା ।

ମୃତ ସୈନିକଟିକୁ ନେଇ କ'ଣ କରିବୁ ଆମେ ଭାବିବାରେ ଲାଗିଲୁ । ବନ୍ଧୁକ ଇତ୍ୟାଦି ସହିତ ସେ ଫାଶରେ ପଡ଼ିଯାଇଥିଲା । ତା ନିକଟରେ ଗ୍ରେନେଡ଼ ମଧ୍ୟ ଥିଲା । ଆମେ

Digitized by srujanika@gmail.com

ଠିକ୍ କଲୁ ଗାଁ ବାହାରେ ଏପରି ଏକ ସ୍ଥାନରେ ତାର ମୃତ ଶରୀରକୁ ରଖିବୁ ଯେଉଁଠାରେ ସୈନ୍ୟମାନେ ତାକୁ ଦେଖିପାରିବେ, କିନ୍ତୁ ଆମ ଉପରକୁ କୌଣସି ବିପଦ ଆସିବ ନାହିଁ। ଅନ୍ୟ ସୈନିକଟି ଫାଶରେ ପଡ଼ି ଥାଏ, କିନ୍ତୁ ମରିନଥାଏ। ତାକୁ ନେଇ କ'ଣ କରିବୁ ଆମେ ଦ୍ୱନ୍ଦରେ ପଡ଼ିଗଲୁ। ଫାଶରୁ ବାହାରିଲେ ସେ ହୁଏତ ଆମ ଉପରକୁ ଗୁଳି କରିଥାନ୍ତା। ଶେଷରେ ଅସ୍ତ୍ର ଛାଡ଼ି ଦେବା ପାଇଁ ଆମେ ତାକୁ ଆଦେଶ ଦେଲୁ। ଗାତ ଭିତରକୁ ଦଉଡ଼ିଟିଏ ପକାଇ କିଛି ଦୂରରୁ ଆମେ ତାକୁ କହିଲୁ, ଯଦି ସେ ଅସ୍ତ୍ର ଶସ୍ତ୍ର ଆମକୁ ଦେଇ ଦେବ, ଆମେ ତା'ର କିଛି କରିବୁ ନାହିଁ। ଯଦି ଏହି ସର୍ତ୍ତରେ ସେ ରାଜି ନହୁଏ, ତାର ମୃତ୍ୟୁ ଅନିବାର୍ଯ୍ୟ। ଗାତରେ ପଡ଼ି ସୈନ୍ୟଟିର ଅବସ୍ଥା ସେତେବେଳକୁ ମରଣାନ୍ତକ ହୋଇଥିବ ନିଶ୍ଚୟ। ତେଣୁ ଆମ ପ୍ରସ୍ତାବରେ ହଁ ଭରିବା ଛଡ଼ା ତା'ର ଅନ୍ୟ ଉପାୟ ନଥିଲା। ସେ ତା'ର ବନ୍ଧୁକ ଗୁଡ଼ିକୁ ଦଉଡ଼ିର ଗୋଟିଏ ପାଖରେ ବାନ୍ଧି ଦେଲା ଏବଂ ଆମେ ସେଗୁଡ଼ିକୁ ଉପରକୁ ଟାଣି ଆଣିଲୁ। କିନ୍ତୁ ତା' ପାଖରେ ଯେ ଆଉ ବନ୍ଧୁକ ନଥିବ, ସେ କଥା କିଏ କହିବ ? ଏହି ଚିନ୍ତା ଆମକୁ ବିବ୍ରତ କଲା। ଗୋଷ୍ଠୀର କେତେ ଜଣ କହିଲେ: ' ତା' ନିକଟରେ ଗୋଟିଏ ବନ୍ଧୁକ ଥିଲେ ସେ ହୁଏତ ଜଣକୁ ଗୁଳି କରି ମାରି ଦେଇପାରେ, କିନ୍ତୁ ସମସ୍ତଙ୍କୁ ମାରିପାରିବ ନାହିଁ।' ଏହା ପରେ ଆମେ ଗୋଟିଏ ଦଉଡ଼ି ସାହାଯ୍ୟରେ ଦ୍ୱିତୀୟ ସୈନିକକୁ ଉପରକୁ ଉଠାଇ ଆଣିଲୁ। ପ୍ରକୃତରେ ତା' ହାତରେ ଆଉ ବନ୍ଧୁକ ନଥିଲା। ଗାଁରେ ଆମେ ପ୍ରଥମ ସୈନିକକୁ ଯାହା କରିଥିଲୁ, ଏହା କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ କଲୁ। ସେ ଯାହା କରିଥିଲା, ଜଣେ ସୈନିକ ପକ୍ଷରେ ଆଦୌ କରଣୀୟ ନୁହେଁ, ଏକଥା ତାକୁ ସମସ୍ତେ ମନେ ପକାଇ ଦେଲେ। ଗର୍ଭରେ ସନ୍ତାନ ଧାରଣ କରିଥିବା ସାଥୀମାନେ ତାକୁ କହିଲେ, ସେମାନେ ସୈନ୍ୟମାନଙ୍କର ସନ୍ତାନକୁ ଧାରଣ କରିଛନ୍ତି ସତ, କିନ୍ତୁ ସୈନିକର ରକ୍ତ ଥିବା ଶିଶୁକୁ ସେମାନେ ଜନ୍ମ ଦେଇ ପାରିବେ ନାହିଁ। ଭାରତୀୟମାନଙ୍କ ପାଇଁ ତାହା ଶିଶୁ ସନ୍ତାନ ନୁହେଁ, ରାକ୍ଷସ ହିଁ ଥିଲା। ସୈନ୍ୟଟି କାନ୍ଦିବାକୁ ଆରମ୍ଭ କଲା। ସେ କହିଲା, ' ମୋର କିଛି ଦୋଷ ନାହିଁ ; ସେମାନେ ଯାହା ଆଦେଶ ଦେଲେ ତାହାହିଁ ମୁଁ ପାଳନ କରିଛି। ଏଠାକୁ ଆସିବା ପାଇଁ ସେମାନେ ଆମକୁ ବାଧ କରିଥିଲେ। ତାଙ୍କ ଆଦେଶ ଅମାନ୍ୟ କରିଥିଲେ ସେମାନେ ଆମକୁ ହତ୍ୟା କରିଥାନ୍ତେ।' ସେ କହି ଚାଲିଥାଏ, 'ଆମ ଉପରେ ଜଣେ କ୍ୟାପ୍‌ଟେନ୍ ଅଛି। ତା'ରି ନିର୍ଦ୍ଦେଶରେ ହିଁ ଆମେ ସବୁ କାମ କରୁ। ସୈନ୍ୟବାହିନୀରେ ଯୋଗଦେଲେ ମୁଁ ଲୋକମାନଙ୍କର ଶତ୍ରୁ ହୋଇଗଲି, ଏହା ମୁଁ ଜାଣେ। କିନ୍ତୁ ଅସ୍ତ୍ର ସମ୍ବରଣ କରିବା ଅର୍ଥ, ସୈନ୍ୟବାହିନୀର ଶତ୍ରୁତା କରିବା। ଗୋଟିଏ ପକ୍ଷ ହାତରୁ କୌଣସି ମତେ ରକ୍ଷା ପାଇଗଲେ ଅନ୍ୟ ପକ୍ଷର ହାତରେ ମରିବା ମୋ ପାଇଁ ନିଶ୍ଚିତ। ମୁଁ ବା କରେ କ'ଣ ?' ଆମେ ତାକୁ ପରାମର୍ଶ ଦେଲୁ ଅନ୍ତତଃ ସେହି ମୁହୂର୍ତ୍ତଠାରୁ ଆଉ କୌଣସି ପାପ କର୍ମରେ ଅଂଶୀଦାର ନହୋଇ ସେ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରୁ , କିମ୍ବା ନିଜକୁ ଲୁଚାଇ ରଖୁ।

Digitized by srujanika@gmail.com

ବାରାକ୍‌ରେ ସୈନ୍ୟମାନଙ୍କ ଉପରେ କିପରି ଅତ୍ୟାଚାର କରାଯାଏ ସେ ବିଷୟରେ ଅନେକ କଥା ଆମ୍ଭେ ତା'ଠାରୁ ଶୁଣିଲୁ । ସେ କହିଲା: 'ବାରାକ୍‌ରେ ପହଞ୍ଚିବାର ପ୍ରଥମ ଦିନ ହିଁ, ମୋ ବାପା ମା' ଗଢ ମୂର୍ଖ ବୋଲି ସେମାନେ କହିଲେ, ଯେହେତୁ ସେମାନେ ସ୍ପାନିଶ୍ ଭାଷାରେ କଥା କହିପାରୁନଥିଲେ । ସେମାନେ ମୋତେ ସ୍ପାନିଶ୍ ପଢାଇବାକୁ ଆରମ୍ଭ କଲେ । ଯେଉଁ ଜୋତା ମୋତେ ପିନ୍ଧିବାକୁ ଦିଆଯାଇଥିଲା ତାହା ପିନ୍ଧିଲେ ପାଦକୁ ଖୁବ୍ କଷ୍ଟ ହେଉଥିଲା । କିନ୍ତୁ ଜୋତା ନ ପିନ୍ଧିଲେ ମାଡ଼ ବସୁଥିଲା । କ୍ୟୁବା ଓ ଋଷିଆର କମ୍ୟୁନିଷ୍ଟମାନଙ୍କୁ ହତ୍ୟା କରିବାକୁ ହେବ ବୋଲି ସେମାନେ ମୋତେ କହିଲେ । ତା'ପରେ ମୋତେ ସେମାନେ ବନ୍ଧୁକ ଟିଏ ଦେଲେ ।' ଆମେ ତାକୁ ପଚାରିଲୁ : ' କିନ୍ତୁ ତୁ ବନ୍ଧୁକରେ କାହାକୁ ହତ୍ୟା କରିବାକୁ ଯାଉଛୁ ? ଆମେ ତୋର କିଛି କ୍ଷତି କରି ନାହୁଁ । ଅନ୍ୟ ପକ୍ଷରେ ବାପା ମା'ଙ୍କୁ ହତ୍ୟା କରିବା ପାଇଁ କ'ଣ ସେମାନେ କହିଛନ୍ତି ?' ସୈନ୍ୟଟି ପ୍ରକୃତରେ ନିଜ ବୁଦ୍ଧି ଓ ବିବେକକୁ ବ୍ୟବହାର କରିବା ଅବସ୍ଥାରେ ନଥିଲା । ସେ କାନ୍ଦିବାକୁ ଆରମ୍ଭ କରିବାରୁ ତା'ପାଇଁ ଆମକୁ ଦୁଃଖ ଲାଗିଲା । ଯାହାହେଲେ ବି ଆମେ ସମସ୍ତେ ମଣିଷତ !

ସେତେବେଳକୁ ପରିସ୍ଥିତିକୁ ମୁଁ ଭଲ ଭାବରେ ବୁଝିସାରିଥାଏ । ସରକାର ଆମରି ଲୋକମାନଙ୍କୁ ସୈନ୍ୟବାହିନୀରେ ମିଶିବା ପାଇଁ ବାଧ କରେ । ତେଣୁ ସୈନ୍ୟମାନଙ୍କୁ ଦୋଷ ଦେଇ ଲାଭ କ'ଣ ? ବନ୍ଦୀ ସୈନିକଟି ଆମକୁ ମନଖୋଲି ସବୁ କଥା କହି ସାରିଥାଏ । ସୈନ୍ୟବାହିନୀରେ ସୈନ୍ୟ ମାନଙ୍କ ପ୍ରତି କି ପ୍ରକାର ଆଚରଣ କରାଯାଏ, ଆମେ ତା'ଠାରୁ ପ୍ରାଞ୍ଜଳ ଭାବରେ ଶୁଣିଥାଉ । ସେ କହିଲା: ' ଆମକୁ ସବୁବେଳେ କ୍ୟାପଟେନ୍‌ର ଆଦେଶ ପାଳନ କରିବାକୁ ପଡ଼େ । ସେ ଆମ ପଛରେ ସବୁବେଳେ ରହିଥାଏ ଏବଂ ଆଦେଶ ଅମାନ୍ୟ କଲେ ଗୁଳିକରି ମାରିଦିଏ ।' ଆମେ ପଚାରିଲୁ, ' କ୍ୟାପ୍‌ଟେନ୍ ତ ମାତ୍ର ଜଣେ ଲୋକ । ତୁମେ ସମସ୍ତେ ମିଶି ପ୍ରତିବାଦ କରି ପାରିଥାନ୍ତ ।' 'ସମସ୍ତେ ଏହି ପରି ଚିନ୍ତା କଲେ ହୁଅନ୍ତା; କିନ୍ତୁ ଆମେ ଯାହା କରୁଛୁ ଠିକ୍ କରୁଛୁ ବୋଲି ଆମ ଭିତରୁ ଅନେକ ବିଶ୍ୱାସ କରନ୍ତି,' ସୈନିକଟି କହିଲା । ସେ କାହାର ପ୍ରତିରକ୍ଷା ପାଇଁ କାର୍ଯ୍ୟ କରୁଛି; କମ୍ୟୁନିଷ୍ଟ କିଏ - ଏ ସବୁ ପ୍ରଶ୍ନର ଉତ୍ତର କିନ୍ତୁ ତା' ପାଖରେ ନଥିଲା । କମ୍ୟୁନିଷ୍ଟମାନେ ପାହାଡ଼ ପର୍ବତରେ ରହନ୍ତି; ସେମାନେ ମଣିଷ ପରି ଦେଖା ଯାଆନ୍ତି ନାହିଁ - ଏହିପରି କେତେ କଥା ସେମାନଙ୍କୁ କୁହା ଯାଇଥିଲା । ଆମେ ତାକୁ ଚେତାଇଦେଲୁ ଯେ ସେ ଧନିକମାନଙ୍କ ସୁରକ୍ଷା ପାଇଁ ହିଁ କାମ କରୁଥିଲା । ଆପଣାର ଲୋକମାନଙ୍କ ପ୍ରତିରକ୍ଷା ପାଇଁ କାମ ନକରି ଶାସନ ବ୍ୟବସ୍ଥାକୁ ଦୃଢ କରିବା ପାଇଁ ହିଁ ସେ କାମ କରୁଥିଲା । ସେ କ୍ରମେ ସବୁ କଥା ବୁଝିପାରିଲା ଏବଂ ଆଉ ସୈନ୍ୟବାହିନୀକୁ ଫେରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଲା । ଯଦି ନିଜ ଲୋକମାନଙ୍କର ପ୍ରକୃତ ସନ୍ତାନ ହୋଇଥିବ ଏବଂ ଯଦି ଆମ ପୂର୍ବପୁରୁଷମାନଙ୍କର ପରାମର୍ଶକୁ ସେ କିଛି ମୂଲ୍ୟ ଦେଉଥିବ, ତେବେ ସେ ଆଉ ଅପରାଧୀଟିଏ ନହୋଇ ସଚ୍ଚୋଟ ଭାବରେ ଜୀବିକା ଅର୍ଜନ

Digitized by srujanika@gmail.com

କରିବାର ରାସ୍ତା ଖୋଜିବ; ଏହି ପରାମର୍ଶ ଦେଇ ଆମେ ତାକୁ ବିଦାୟ ଦେଲୁ । ଏବେ ସେ କେଉଁଠି ଅଛି ଆମକୁ ଜଣାନାହିଁ । ସେ ହୁଏତ କିଛି ଦିନ ଲୁଚି ରହିଥିବ । ସୈନ୍ୟବାହିନୀ ହାତରେ ପଡ଼ି ଜୀବନ ମଧ୍ୟ ହରାଇ ଥାଇପାରେ । କିନ୍ତୁ ସେ ଆଉ ସେନା ଶିବିରକୁ ଫେରିଗଲା ନାହିଁ - ଏଥିରେ କିଛି ସନ୍ଦେହ ନାହିଁ ।

ମୋ ଲୋକମାନଙ୍କ ସଂଗ୍ରାମରେ କିଛି ସଂଗଠନ କାମ କରିବାର ଏହା ଥିଲା ମୋର ଦ୍ୱିତୀୟ ଅନୁଭୂତି । ମୋର ସ୍ୱପ୍ନ ଥିଲା ସଂଗ୍ରାମ କରି ଚାଲିବି ଏବଂ ମୋ ଲୋକ ମାନଙ୍କୁ ଅଧିକ ନିବିଡ଼ ଭାବରେ ଜାଣିବି । ଆମ ପୂର୍ବ ପୁରୁଷ ମାନଙ୍କ ଠାରୁ ପାଇଥିବା ସବୁ ଆଚାର ବିଚାର ଲୋପ ପାଇ ନଯାଉ - ଏହା ମଧ୍ୟ ମୋ ପାଇଁ ଚିନ୍ତାର କାରଣ ଥିଲା । ଅତ୍ୟାଚାର ଓ ଅପହରଣ ଆମ ଲୋକଙ୍କର ଅଶେଷ କ୍ଷତି କରିଥିଲା । ତଥାପି ପରିବର୍ତ୍ତନରେ ଆମେ ବିଶ୍ୱାସ ହରାଇବା ଠିକ୍ ହେବ ନାହିଁ । ଏହି ସମୟରେ ମୁଁ ଗୋଟିଏ କୃଷକ ସଂଗଠନରେ କାମ କରିବାକୁ ଆରମ୍ଭ କଲି ଏବଂ ଜୀବନର ଆଉ ଏକ ପାହାଚରେ ପାଦ ଦେଲି । ସେ କଥା ଗୁଡ଼ିକ କିନ୍ତୁ ନିଆରା; ସେ ଗୁଡ଼ିକ ଭିନ୍ନ ରାସ୍ତାର କଥା । □

Digitized by srujanika@gmail.com

୨୦

ଡ଼ୋନା ପେଟ୍ରୋନା ଚୋନାର ମୃତ୍ୟୁ

'ସୈନ୍ୟମାନେ ଅମାନୁଷିକ ଏବଂ ସେମାନଙ୍କର ଅସ୍ତ୍ର ଭୟଙ୍କର ଭାବରେ ନିଷ୍ଠୁର ।'

ଚିଲମ ବାଲମ୍

ଗାର୍ସିଆ ଓ ମାର୍ଟିନେଜ ପରି ମୋ ଅଞ୍ଚଳର ଜମି ମାଲିକମାନଙ୍କ ସମ୍ପର୍କରେ କହିବାବେଳେ କିଛି କଥା କହିବାକୁ ମୁଁ ଭୁଲିଯାଇଥିଲି । ସେଗୁଡ଼ିକୁ ଏବେ କହିବା ଆବଶ୍ୟକ ବୋଲି ମୁଁ ଭାବୁଛି । ୧୯୭୫ ରେ ମୁଁ ଯେଉଁଠାରେ ରହୁଥିଲି, ତା'ରି ନିକଟରେ ଗାର୍ସିଆମାନେ ଗୋଟିଏ ହାଟ ବସାଇଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଭାରତୀୟମାନେ ତାଙ୍କର ସମସ୍ତ ମକା ଓ ବିନ୍‌କୁ ସେଠାରେ ଶସ୍ତା ଦରରେ ବିକିବେ, ଏବଂ ଜମି ମାଲିକମାନେ ତାକୁ କିଣି ଚଢ଼ା ଦରରେ ବିକ୍ରି କରିବା ପାଇଁ ବିଭିନ୍ନ ସ୍ଥାନକୁ ପଠାଇବେ । ଆମ ଘର ପାଖରେ ସେମାନଙ୍କର ଯେଉଁ ଫିନ୍‌କା ଥିଲା, ମୁଁ ପିଲାବେଳେ ଅନେକ ସମୟ ସେଠାରେ କାମ କରୁଥିଲି । ସେଠାରେ ବେଶୀ କଫି ଚାଷ ହେଉଥିଲା । କଫି ଗଛକୁ ଛାଇ ଦେବା ପାଇଁ କଦଳୀ ଗଛ ଲାଗିଥିଲା । ଆମେ କେବଳ କଫି ତୋଳୁଥିଲୁ । କଦଳୀ ଗଛରେ କଦଳୀ ଫଳି ପୁଣି ଶୁଖି ଯାଉଥିଲା; କିନ୍ତୁ ଭୋକରେ ଆଉଟୁ ପାଉଟୁ ହେଲେ ମଧ୍ୟ କଦଳୀ ଗଛରେ ହାତ ଦେଇପାରୁନଥିଲୁ ।

ପେଟ୍ରୋନା ଚୋନା ନାମରେ ମୋର ଜଣେ ସାଙ୍ଗ ଥିଲା । ତା'ର ଦୁଇଟି ପିଲା ଥିଲେ । ଛୋଟ ପୁଅଟିକୁ ପ୍ରାୟ ଦୁଇବର୍ଷ ହୋଇଥିଲା । ଝିଅକୁ ତିନି ବର୍ଷ ବୟସ । ପେଟ୍ରୋନା ଓ ତା'ର ସ୍ୱାମୀ ଗାର୍ସିଆର ଫିନ୍‌କାରେ କାମ କରୁଥିଲେ । ଦିନେ ମୋ ସାଙ୍ଗ ଜମି ମାଲିକର ପୁଅ କାର୍ଲୋସ୍ ଗାର୍ସିଆର ପାପ ଦୃଷ୍ଟିରେ ପଡ଼ିଲା । ମୁଁ ତାକୁ କେତେ ଘୃଣା କରେ ଭାଷାରେ କହି ପାରିବି ନାହିଁ । ପେଟ୍ରୋନାକୁ ସେ ତା'ପାଖରେ ରଖିବ ବୋଲି କହିଲା । ସେ ଆଉ ଜଣେ ଲୋକର ସ୍ତ୍ରୀ ହୋଇଥିବାରୁ ଏହା ସମ୍ଭବ ହୋଇପାରିବ ନାହିଁ ବୋଲି ମୋ ସାଙ୍ଗ ରୋକ୍‌ଠୋକ୍ ଜବାବ ଦେଲା । କାର୍ଲୋସ ତାକୁ କେତେ କଥା କହି ଭୁଲାଇବାକୁ ଚେଷ୍ଟା କଲା । ତାକୁ ସେ କେତେ ଭଲ ପାଏ, ମନ ପ୍ରାଣ ଦେଇ ଭଲପାଏ, ଏମିତି କେତେ କ'ଣ । ଉଦ୍ଦେଶ୍ୟ ହାସଲ ନହେବାରୁ ସେ ପେଟ୍ରୋନାକୁ ଧମକ ଦେବା ଆରମ୍ଭ କଲା । ସେ ସବୁ ଦିନ ଜମି ଦେଖିବାକୁ ଆସୁଥିଲା ଏବଂ ଅନ୍ୟ କିଛି କାମ ନଥିବାରୁ ମୋ ସାଙ୍ଗ ପଛରେ

Digitized by srujanika@gmail.com

ଗୋଡ଼ାଇବାରେ ହିଁ ଲାଗିଥିଲା । ଥରେ ଶୁକ୍ରବାର ଦିନ ସାନ ପୁଅର ଦେହ ଭଲ ନଥିବାରୁ ସେ କାମକୁ ଯାଇପାରିନଥିଲା । ସେମାନେ ଫିନ୍‌କା ଭିତରେ ଘର ଭଡ଼ା ନେଇ ରହୁଥିଲେ । ସେମାନେ ଯାହା କିଛି ରୋଜଗାର କରୁଥିଲେ, ଜମି ଓ ତାହା ଉପରେ ଥିବା ଛୋଟ ଘର ଟିର ଭଡ଼ାରେ ହିଁ ଖର୍ଚ୍ଚ ହୋଇ ଯାଉଥିଲା । ସବୁବେଳେ କାମ କଲେ ବି ସେମାନେ ଭୋକିଲା ରହୁଥିଲେ । ପେଟ୍ରୋନାକୁ ଜମିରେ ନ ଦେଖି ଜମି ମାଲିକର ପୁଅ ତା' କୁଡ଼ିଆକୁ ଆସିଲା ଏବଂ ପୁଣି ତା'ର ରକ୍ଷିତା ହୋଇ ରହିବା ପାଇଁ ପ୍ରସ୍ତାବ ଦେଲା । ଆମେ ସେତେବେଳେ ବହୁତ ଦୂରରେ କାମ କରୁଥାଉ । ସେମାନଙ୍କ ଭିତରେ ବେଶ୍ କିଛି ସମୟ ଯୁକ୍ତି ତର୍କ ଚାଲିଲା ଏବଂ ଶେଷରେ କାର୍ଲୋସ ନିରାଶ ହୋଇ ଫେରିଲା । କଥା କିନ୍ତୁ ସେଇଠି ସରିଲା ନାହିଁ । କାର୍ଲୋସ ଗାର୍ସିଆ ତା' ବାପାର ଦେହରକ୍ଷୀକୁ ପଠାଇଲା ମୋ ସାଙ୍ଗକୁ ହତ୍ୟା କରିବା ପାଇଁ । ତାକୁ ନିର୍ଦ୍ଦେଶ ଥିଲା ବନ୍ଧୁକ ବ୍ୟବହାର ନକରିବା ପାଇଁ । ଦେହରକ୍ଷୀଟି ଅତର୍କିତ ଭାବେ ତା ଘରେ ପହଞ୍ଚି ପେଟ୍ରୋନାକୁ ଛୁରୀରେ ଖଣ୍ଡ ଖଣ୍ଡ କରି କାଟି ଅତି ବର୍ବର ଭାବେ ହତ୍ୟା କଲା ।

ମୁଁ ପୂର୍ବରୁ କେବେ ମୃତ ଶରୀର ଦେଖି ନଥିଲି । ପେଟ୍ରୋନାର ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଦିଆଯାଇଥିଲା । ତା' ପିଠିରେ ଥିବା ପିଲାକୁ ଗୋଟିଏ ପାଖରେ ରଖି ଘାତକ ତାକୁ ପଚିଶି ଖଣ୍ଡରେ କାଟି ଦେଇଥିଲା । ମୁଁ ସେହି ଦୃଶ୍ୟକୁ କେବେ ଭୁଲି ପାରିବି ନାହିଁ । ସେହିଦିନ ସକାଳେ ହିଁ ମୋ ସାଙ୍ଗ ସହିତ ମୁଁ କଥା ହୋଇଥିଲି ଏବଂ ସେମାନେ ଫିନ୍‌କା ଛାଡ଼ି ଚାଲି ଯାଉଥିବା କଥା ଶୁଣିଥିଲି । ଘାତକ ଆକ୍ରମଣ କଲାବେଳେ ସ୍ତ୍ରୀ ଲୋକଟି ଚିତ୍କାର କରିଥିଲା, ମାତ୍ର ଶ୍ରମିକମାନଙ୍କ ମଧ୍ୟରୁ କେହି ତାକୁ ସାହାଯ୍ୟ କରିବା ପାଇଁ ଆସି ନଥିଲେ । ପ୍ରଥମେ ଜମି ମାଲିକର ପୁଅ ତା'ପରେ ତା'ର ଦେହରକ୍ଷୀ ପେଟ୍ରୋନାର କୁଡ଼ିଆକୁ ଆସିବା ସେମାନେ ଦେଖିଥିଲେ । ଜୀବନ ଓ ଚାକିରୀ ପାଇଁ କାହାର ବା ମୋହ ନାହିଁ ! ଶୁକ୍ରବାର ଅପରାହ୍ନରେ ମୁଁ ମୋ ସାଙ୍ଗର ମୃତ ଶରୀରକୁ ଦେଖିବାକୁ ଗଲି । ଖଣ୍ଡ ଖଣ୍ଡ ହୋଇ ଭୂଇଁରେ ଲୋଟୁ ଥିବା ଶରୀର ପେଟ୍ରୋନାର ଏହା ମୁଁ ମୋଟେ ବିଶ୍ୱାସ କରି ପାରିଲି ନାହିଁ । କେତେ ଲୋକ ତାକୁ ଦେଖିବାକୁ ଆସିଲେ; କିନ୍ତୁ କେହି ତାକୁ ଉଠାଇବାକୁ ସାହାସ କରୁ ନଥାନ୍ତି । ଶେଷରେ ମୋ ବାପା ସେଠାରେ ପହଞ୍ଚିଲେ । ସେ କୋହ ସମ୍ଭାଳି ପାରିଲେ ନାହିଁ । ଆମେ ପ୍ରଥମେ ଶିଶୁଟିକୁ ଉଠାଇନେଇ ତାର କଟି ଯାଇଥିବା ଆଙ୍ଗୁଳିକୁ ବ୍ୟାଣ୍ଡେଜ କଲୁ । ଶୁକ୍ରବାର ଯାଇ ଶନିବାର ହେଲା । ଶନିବାର ପରେ ରବିବାର ଆସିଲା । ତଥାପି ପେଟ୍ରୋନାର ମୃତ ଶରୀର ସେହିପରି ପଡ଼ିଥାଏ ଏବଂ ସେଥିରୁ ଦୁର୍ଗନ୍ଧ ମଧ୍ୟ ବାହାରିବା ଆରମ୍ଭ ହୋଇଥାଏ । ଶେଷରେ ଆମକୁ ତାକୁ ଉଠାଇବାକୁ ପଡ଼ିବ ବୋଲି ବାପା ନିଷ୍ପତ୍ତି କଲେ । କିନ୍ତୁ ଗୁଆଟେମାଲାର ଆଇନ୍ ଅନୁସାରେ ସରକାରୀ କର୍ତ୍ତୃପକ୍ଷ ପହଞ୍ଚିବା ପର୍ଯ୍ୟନ୍ତ କୌଣସି ମୃତ ଶରୀରକୁ ଉଠାଯାଇପାରିବ ନାହିଁ । ଆମେ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ସେମାନେ ସୋମବାର ପର୍ଯ୍ୟନ୍ତ ଆସିବାର ସମ୍ଭାବନା ନଥିଲା । ଅପରାଧ ହେଉ ବରଂ ପେଟ୍ରୋନାର

Digitized by srujanika@gmail.com

ଶରୀରକୁ ଉଠାଇ ସଂସ୍କାର କରିବୁ ବୋଲି ଆମେ ଠିକ୍ କଲୁ । ଶରୀରର ଖଣ୍ଡ ବିଖଣ୍ଡିତ ଅଂଶ ଗୁଡ଼ିକୁ ବୋଝରେ ଉଠାଇ ଗୋଟିଏ ବାକ୍ସରେ ରଖିଲୁ ଏବଂ ଆମେ ସେଇ ରବିବାର ଦିନ ହିଁ ତାକୁ କବର ଦେଲୁ । କର୍ତ୍ତୃପକ୍ଷଙ୍କ ରୋଷର ଶିକାର ନହେବା ପାଇଁ ଅନେକ ଏଥିରେ ଜମା ସମ୍ପୃକ୍ତ ହେବାକୁ ଚାହୁଁ ନଥିଲେ । ଜମି ମାଲିକମାନେ ନକରି ପାରିବା ପରି କିଛି ନଥିଲା ।

ସୋମବାର ଦିନ ମେୟର ସେଠାରେ ପହଞ୍ଚିଲେ । ଜମି ମାଲିକ ମେୟର ସହିତ କଥା ହେବା ବେଳେ ଦୁଇଜଣ ହସୁଥିବାର ମୁଁ ଦେଖିଲି । ସେମାନଙ୍କ ଭାଷା ମୁଁ ବୁଝି ପାରୁ ନଥାଏ । କିନ୍ତୁ ପ୍ରଥମ ଥର ପାଇଁ ମୁଁ ନିଜକୁ କ୍ଳୀବ ମନେ କରୁଥିଲି । ମେୟରଙ୍କ ଆସିବା ଓ ଯିବାରୁ ଜଣା ପଡୁଥିଲା ଯେମିତି କିଛି ହୋଇ ନାହିଁ । ସାମାନ୍ୟତମ ପ୍ରତିକ୍ରିୟା ମଧ୍ୟ ତାଙ୍କ ଠାରେ ନଥିଲା । ଆମ ଲୋକଙ୍କୁ ଦେଖାଇବା ପାଇଁ ଦେହରକ୍ଷୀକୁ ମାତ୍ର ପନ୍ଦର ଦିନ ପାଇଁ ଜେଲରେ ରଖି ପୁଣି ଛାଡ଼ି ଦିଆଗଲା । କିନ୍ତୁ ପ୍ରାୟ ଛଅ ବର୍ଷ କାଳ ମୁଁ ଦୋନା ପେଟ୍ରୋନାକୁ ସ୍ୱପ୍ନରେ ଦେଖୁଥାଏ । ତା'ରି କଥା ଭାବି ରାତି ରାତି ଧରି ମୋତେ ନିଦ ହେଲା ନାହିଁ । □

Digitized by srujanika@gmail.com

୨୧

ଗୋଷ୍ଠୀକୁ ବିଦାୟ୍ :
ରିଗୋବେର୍ଟାଙ୍କର ସ୍ପାନିଶ୍ ଭାଷା ଶିଖିବାକୁ ନିଷ୍ପତ୍ତି

'ଆମ ଲୋକମାନେ କେବେବି ବିକ୍ଷିପ୍ତ ହୋଇ ରହିବେ ନାହିଁ । ଏକ ଅସମୟରେ ଆସୁଥିବା ଦୁର୍ଭାଗ୍ୟର ଦିନଗୁଡ଼ିକ ଉପରେ ଆମ ଭବିତବ୍ୟ ବିଜୟ ଲାଭ କରିବ । ଆମେ ଅଧିକାର କରିଥିବା ଭୂମିରେ ଆମେ ସବୁବେଳେ ସୁରକ୍ଷିତ ହୋଇ ରହିଥିବା ।'

ପୋପୋଲ ଭୁ

--

୧୯୭୭ରେ ମୋ ବାପା ଜେଲ୍‌ରୁ ବାହାରକୁ ଆସିଲେ । ଜେଲ୍‌ରେ ଥିବାବେଳେ ମଝିରେ ମଝିରେ ସେ ଆମକୁ ଦେଖିବା ପାଇଁ ଆସୁଥିଲେ, କିନ୍ତୁ ସେ ଆଉ ଚାଲି ପାରୁନଥିଲେ କିମ୍ବା ବସ୍‌ରେ ମଧ୍ୟ ଯିବା ଆସିବା କରିପାରୁନଥିଲେ । କାଳେ ସୈନ୍ୟମାନେ ଅଥବା ଜମିମାଲିକମାନେ ତାଙ୍କୁ ହତ୍ୟା କରିବେ, ସେଥିପାଇଁ ତାଙ୍କୁ ଉଚ୍ଚ ପର୍ବତମାନଙ୍କୁ ଅତିକ୍ରମ କରି ଆମ ଘରକୁ ଆସିବାକୁ ପଡୁଥିଲା । ସେଇ ବର୍ଷ ସେ ସଂଯୁକ୍ତ(ମିଳିତ) କୃଷକ ସଂଘରେ ଯୋଗଦେଲେ । ସେ ପର୍ଯ୍ୟନ୍ତ ମିଳିତ କୃଷକ ସଂଘ ଗୋଟିଏ ଗରିଲା ସଂଗଠନ ଭାବେ କାମ କରୁଥାଏ । ଯଥେଷ୍ଟ ଶକ୍ତି ସଂଗ୍ରହ କରିବା ପରେ ଏହା ୧୯୭୮ ମସିହା ମଇ ମାସରେ ନିଜର ସ୍ଥିତି ପ୍ରକାଶ୍ୟରେ ଘୋଷଣା କଲା । ସେତେବେଳେ ମୋ ବାପାଙ୍କର ଅନେକ ଘନିଷ୍ଠ ସହଯୋଗୀ ଥାଆନ୍ତି । ସେମାନଙ୍କ ମଧ୍ୟରୁ ଇମେଟିରିଓ ମେଡ୍ରାନୋଙ୍କ ପରି କେତେଜଣ ଆଉ ସଂସାରରେ ନାହାନ୍ତି ; ଆଉ କେତେଜଣ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି । ମିଳିତ କୃଷକ ସଂଘର ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ସେମାନେ ଆଲୋଚନା କରୁଥାନ୍ତି । ସରକାରୀ ସ୍ୱୀକୃତି ମିଳିନଥିବାରୁ ଏହା ଏକ ଗୋପନୀୟ ଓ ସ୍ୱତଃସ୍ଫୂର୍ତ୍ତ ସଂଗଠନ ହୋଇ ରହିଥାଏ । ଆମେ ପ୍ରଥମେ ସହାୟକ ଓ ପରେ ସଦସ୍ୟ ଭାବେ ଏଥିରେ ଯୋଗଦେଲୁ ।

୧୯୭୮ରେ ବାପା ଘରକୁ ଆସିଲେ । ମୁଁ ମଧ୍ୟ ସେତିକିବେଳେ ଘରକୁ ଗଲି । ସେତିକିବେଳେ ଆମେ ପରସ୍ପରକୁ ବିଦାୟ ଜଣାଇଲୁ । ଆମ ପରିବାରର ସମସ୍ତେ ଏକାଠି ମିଶିବାର ଏହାଥିଲା ସର୍ବଶେଷ ମୁହୂର୍ତ୍ତ । ମୋ ବାପାଙ୍କ ନାଁରେ ହୁଲିଆ ଜାରି ହୋଇଥାଏ; ସେ ଘରକୁ ପୁଣି କେବେ ଫେରିବେ - ଏହି ସମ୍ଭାବନା ଥାଏ ଅତ୍ୟନ୍ତ କ୍ଷୀଣ । ମୋର ଜଣେ ସାନ

Digitized by srujanika@gmail.com

ଭାଇ ବିପଦରେ ପଡ଼ିଥାଏ - ଯାହାର ନିଆଁରେ ପୋଡ଼ି ହୋଇ ମୃତ୍ୟୁ ହେଲା । ପିଲାବେଳୁ ସେ ଖ୍ରୀଷ୍ଟିୟାନ ଧର୍ମର ମୂଳକଥା ସବୁ ଶିଖିଥିଲା ଏବଂ ଆମ ଗୋଷ୍ଠୀର ସେକ୍ରେଟେରୀ କାମ ମଧ୍ୟ ତୁଲାଉଥିଲା । ସେକ୍ରେଟେରୀର ଅର୍ଥ ନୁହେଁ ଯେ ସେ ଜଣେ ପଣ୍ଡିତ ପରି ପଢାଲେଖା କରିପାରୁଥିଲା । ସେ ଯାହା କିଛି ଶିଖିଥିଲା, ତାକୁ କାର୍ଯ୍ୟରେ ଲଗାଇ ପାରିବା ଅର୍ଥରେହିଁ ସେ ଥିଲା ସେକ୍ରେଟେରୀ । ଆମେ ଅନେକ ଦିନ ପରେ ଗାଁକୁ ଫେରିଥିବାରୁ ଆମ ପଡ଼ୋଶୀ ମାନେ ଭାରି ଖୁସି ହେଲେ ଏବଂ ଗୋଟିଏ ବଡ଼ ଭୋଜିର ଆୟୋଜନ କଲେ । ଭୋଜି ବା ଉତ୍ସବ ପାଇଁ ତାହା ଉପଯୁକ୍ତ ସମୟ ନଥିଲା । କିନ୍ତୁ ଭବିଷ୍ୟତରେ ଦେଖା ନହୋଇ ପାରେ - ଏହି ଆଶଂକା ଥିବାରୁ ଆମକୁ ବିଦାୟ ଜଣାଇବା ପାଇଁ ସ୍ୱତନ୍ତ୍ର ଭୋଜିର ବ୍ୟବସ୍ଥା ହେଲା । ଆମ ଗାଁର ଅନେକ ସେତେବେଳକୁ ପର୍ବତ ଅଞ୍ଚଳରେ ଯୁଦ୍ଧରେ ଯୋଗଦେବା ପାଇଁ ବାହାରି ଯାଇଥାନ୍ତି । କେତେକ ଯୁଦ୍ଧରୁ ସଦ୍ୟ ଫେରିଥାନ୍ତି । ଗୋଷ୍ଠୀ ଭୋଜିରେ ଯୋଗ ଦେବା ସମସ୍ତଙ୍କ ପାଇଁ ଏକ ଗୌରବର ବିଷୟ ଥିଲା ।

ଯେଉଁ ଘରେ ଆମର ବୈଠକ ବସୁଥାଏ, ସେହିଠାରେ ହିଁ ଭୋଜିର ଆୟୋଜନ କରାଯାଇଥିଲା । ସମସ୍ତେ ଆମକୁ ଅତିଥି ପରି ଚର୍ଚ୍ଚା କରୁଥାନ୍ତି । ଗୁଏଟେମାଲା ଭାରତୀୟମାନଙ୍କର ପରମ୍ପରା ଅନୁସାରେ ଭୋଜିମାନଙ୍କରେ ସାଧାରଣତଃ ମକାରୁ ତିଆରି ପାନୀୟ ଓ ପିଠା ପରିବେଷଣ କରାଯାଇଥାଏ । ତାଛଡ଼ା ଏପରି ବିଶେଷ ଅବସରରେ ଆମେ ମାଂସ ମଧ୍ୟ ଖାଉ । ଭୋଜି ପାଇଁ ଗାଁର ସମସ୍ତେ ମିଶି ଗୋଟିଏ ଘୁଷୁରୀର ବ୍ୟବସ୍ଥା କରିଥିଲେ । ସମସ୍ତଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେବାବେଳକୁ ସଞ୍ଜ ଗଡ଼ିଯାଇଥାଏ । ପ୍ରାୟ ଆଠଟା ବେଳେକୁ ସଙ୍ଗୀତର ଆସର ଆରମ୍ଭ ହେଲା । ଗାଁରେ ଆମେ ବାରୁଦ ବୋମା ତିଆରି କରୁ । ବେଳେବେଳେ ଏଇ ବୋମାଗୁଡ଼ିକୁ ଶତ୍ରୁ ଉପରେ ନିକ୍ଷେପ କରୁଥିଲୁ । ବୋମାଟିକୁ ମୋର୍ଟାର ଭିତରେ ରଖି ଫ୍ୟୁଜରେ ଅଗ୍ନି ସଂଯୋଗ କଲେ ତାହା ପ୍ରଚଣ୍ଡ ଶବ୍ଦ କରି ଫୁଟେ । ସେଦିନ ରାତିରେ ଏମତି ଅନେକ ବୋମା ଆମେ ଫୁଟାଇଲୁ । ରାତି ଗଭୀର ହେବା ବେଳକୁ ପ୍ରାୟ ସମସ୍ତେ ନାଚୁଥାନ୍ତି । ଆମ ଗୋଷ୍ଠୀର ଏହା ଅନ୍ୟତମ ପରମ୍ପରା । ବେଶୀ ରାତି ନହେଲେ ଭୋଜି ଜମେ ନାହିଁ । ଆମ ପୂର୍ବପୁରୁଷମାନେ କହୁଥିଲେ, ମଧ୍ୟ ରାତ୍ରିରେ ପୁରୁଣା ବିଦାୟ ନିଏ ଓ ନୂଆ ଦିନ ଆରମ୍ଭ ହୁଏ । ବିଳମ୍ବିତ ରାତ୍ରିର ଏଇ ହର୍ଷୋଲ୍ଲାସଭରା ଉତ୍ସବ ଆମ ଗୋଷ୍ଠୀ ସମ୍ପର୍କରେ ଆମର ଅନୁଭବ ଓ ଚିନ୍ତା କୁ ହିଁ ପ୍ରକାଶ କରୁଥାଏ । ପ୍ରାୟ ସାଢେ ଏଗାରଟା ବେଳେ ଆମକୁ କିଛି କହିବା ପାଇଁ ସୁଯୋଗ ମିଳିଲା ।

ମୋ ବାପା ତାଙ୍କ ବକ୍ତବ୍ୟରେ ଗୋଷ୍ଠୀ ଛାଡ଼ି ଅନ୍ୟତ୍ର ଯାଉଥିବାରୁ ତାଙ୍କର ଆନନ୍ଦ ପ୍ରକାଶ କଲେ । ଗୋଷ୍ଠୀର ପିଲାମାନେ ବଡ଼ହୋଇ ନିଜେ ଦାୟିତ୍ୱ ନେଇ ପାରିଲେଣି - ଏହା ଥିଲା ତାଙ୍କ ଆନନ୍ଦର କାରଣ । ଏବେ ସେ ନୂଆ ସ୍ଥାନ ମାନଙ୍କରେ ଅନ୍ୟ ପିଲାମାନଙ୍କୁ ପଠାଇ ପାରିବେ ‘ ମୁଁ ହୁଏତ ଆଉ ଫେରିବି ନାହିଁ, ତମେ ସବୁ ନିଜେ ନିଜର ଦାୟିତ୍ୱ ନିଅ ।’

Digitized by srujanika@gmail.com

ଏହାହିଁ ଥିଲା ତାଙ୍କର ବିଦାୟକାଳୀନ ବାର୍ତ୍ତା । ମୋ ମା' କହିଲେ -'ମୁଁ ଏବେ ଏଥିରେ ଅଛି । କିନ୍ତୁ ଅନ୍ୟ ଅଞ୍ଚଳରେ ମୋର ଉପସ୍ଥିତି ଆବଶ୍ୟକ ବୋଲି ମୋର ମନେ ହେଉଛି ।' ତାଠାରେ ଆମେ ପ୍ରତ୍ୟେକ ଗୋଷ୍ଠୀ ଠାରୁ ବିଦାୟ ନେଲୁ । ସେମାନେ ଅଶ୍ରୁ ସମ୍ବରଣ କରି ପାରୁନଥାନ୍ତି । ବେଳେବେଳେ ସେମାନେ ଖୁସି ମଧ୍ୟ ହେଉଥାନ୍ତି , କିନ୍ତୁ ଆନନ୍ଦକୁ ପ୍ରକାଶ କରି ପାରୁନଥାନ୍ତି । ମୋ ବାପାଙ୍କ କହିବା ଅନୁସାରେ କେବଳ ଟୋପି ପିନ୍ଧିବା ପାଇଁ ଈଶ୍ୱର ମଣିଷକୁ ମୁଣ୍ଡ ଦେଇ ନାହାନ୍ତି । ବରଂ ଗୋଷ୍ଠୀର ପ୍ରତ୍ୟେକ ସ୍ତରରେ କିପରି ପରିବର୍ତ୍ତନ ଅଣାଯାଇପାରିବ ଚିନ୍ତା କରିବା ପାଇଁ ମଣିଷକୁ ଏହା ମିଳିଛି । ଆମ ଅନୁଭବକୁ ପ୍ରକାଶ କରିବା ପାଇଁ, ଏବଂ ଆମ ଉତ୍ସବମାନଙ୍କୁ ଆଗ ଭଳି ପାଳନ କରିବା ପାଇଁ ଆମେ ପରିବର୍ତ୍ତନ ଚାହୁଁଥିଲୁ । ମୋ ବାପା, ମା' ଓ ମୁଁ ପ୍ରତ୍ୟେକ ଭିନ୍ନ ଭିନ୍ନ ଅଞ୍ଚଳକୁ ଯାଇଥିଲୁ , ଆମର ପରସ୍ପର ସହିତ ଦେଖା ହେବାର ଆଶା ଥିଲା କ୍ଷୀଣ । ବାପା ମା'ଙ୍କ ଠାରୁ ଦୂରେଇ ଯିବା ଆମପାଇଁ ଅଶେଷ ଯନ୍ତ୍ରଣାଦାୟକ ଥିଲା । କିନ୍ତୁ ତାହାହିଁ ଥିଲା ଆମର ବାସ୍ତବତା, ଏବଂ ତାକୁ ଗ୍ରହଣ କରିବା ବ୍ୟତୀତ ଅନ୍ୟ ପନ୍ଥା ନଥିଲା । ବିଦାୟ ନେବାବେଳେ ମୋ ବାପା କହିବାର ମନେଅଛି : ' ମୋ ପିଲାମାନେ, ବର୍ତ୍ତମାନଠାରୁ ଲୋକମାନଙ୍କୁ ତୁମର ବାପା ବୋଲି ମନେକରିବ । ଆମର କ୍ଷୁଦ୍ର ଜୀବନ ଶତ୍ରୁ ହାତରେ ହୁଏତ ସମାପ୍ତ ହୋଇଯିବ; କିନ୍ତୁ ଶେଷ ପର୍ଯ୍ୟନ୍ତ ଆମେ ଲୋକମାନଙ୍କୁ ସୁରକ୍ଷା ଦେବାପାଇଁ ଚେଷ୍ଟା କରିବା । କିନ୍ତୁ ଅନ୍ୟ ଉପାୟ ଯଦି କିଛି ନଥାଏ, ତୁମର ପିତୃତୁଲ୍ୟ ଲୋକମାନଙ୍କ ଉପରେ ବିଶ୍ୱାସ ରଖ । ସେହିମାନେ ହିଁ ମୋ ପରି ତୁମ କଥା ବୁଝିବେ ।' ଅନେକ ସମୟରେ ମୋ ବାପା କହୁଥିଲେ: 'ଜାତୀୟ କୃଷି ରୂପାନ୍ତର ଅନୁଷ୍ଠାନ ପାଇଁ ମୋତେ ବେଶୀ ସମୟ ଓ ଶକ୍ତି ଦେବାକୁ ପଡିଲା, ତେଣୁ ତୁମ ପାଇଁ ମୁଁ ବେଶୀ କିଛି କରିପାରିଲି ନାହିଁ । ଜମି ମାଲିକମାନେ ଆମକୁ ଧମକ ଦେଇଥିବା କଥା ତୁମେ ଜାଣ । ତେଣୁ ତୁମେ ମୋତେ ଦୋଷ ଦେବ ନାହିଁ ।'

ଏହାପରେ ଆମ ଅବିବାହିତା ଝିଅମାନଙ୍କ ଉଦ୍ଦେଶ୍ୟରେ ବାପା କହିଲେ : 'ଇଚ୍ଛାନୁଯାୟୀ କାମ କରିବା ପାଇଁ ତୁମର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି; ତୁମକୁ କାହାର ନିର୍ଦ୍ଦେଶକୁ ଅପେକ୍ଷା ନକରି ନିଜେ ସ୍ୱାଧୀନ ଭାବରେ ସଂଗ୍ରାମକୁ ଆଗେଇ ନେବାକୁ ପଡ଼ିବ ।' ସେ ଆମକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି ଏବଂ ସେଇ ସ୍ୱାଧୀନତାକୁ ଲୋକମାନଙ୍କର ହିତରେ ବିନିଯୋଗ କରାଯାଉ- ସେ ଚାହାନ୍ତି । ସେ ଆମକୁ ଯେଉଁ ଶିକ୍ଷା ଦେଇଛନ୍ତି, ତା'କୁ ଲୋକମାନଙ୍କ ମଧ୍ୟରେ ବିତରଣ କରାଗଲେ ସେ ଖୁସିହେବେ । ତାଙ୍କ ଭାଷାରେ : 'ସେମାନେ ମୋତେ ହତ୍ୟା କରି ପାରିବେ, କିନ୍ତୁ ମୋ ପିଲାମାନଙ୍କୁ ଭାଙ୍ଗି ଦେଇ ପାରିବେ ନାହିଁ । ସେମାନେ ଯଦି ତମମାନଙ୍କ ମଧ୍ୟରୁ କାହାକୁ ହତ୍ୟା କରନ୍ତି; ମୁଁ ମୋର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଗ୍ରାମ ଚାଲୁ ରଖିବି ।' ବାପାଙ୍କର ଏହି ଆବେଗଭରା ଉକ୍ତି ବିଦାୟ ମୁହୂର୍ତ୍ତଟିକୁ ଦୁଃଖାନ୍ତକ କରିଦେଇଥିଲା ।

Digitized by srujanika@gmail.com

ଏହା ଆମ ପାଇଁ ଏକ ନୂଆ ପ୍ରତିଶ୍ରୁତିର ଅୟମାରମ୍ଭ ଥିଲା । ଉତ୍ସବ ସରିବା ବେଳକୁ ଆମ ପଡ଼ୋଶୀ, ମଉସା, ମାଉସୀ,ଛୋଟି ଭାଇ, ସମସ୍ତଙ୍କ ଆଖିରେ ଲୁହ ଆସିଯାଇଥିଲା । ଗୋଷ୍ଠୀର ଆହୁରି ଅନେକ ଶତ୍ରୁ ପକ୍ଷରୁ ଧମକକୁ ଏଡ଼ାଇବା ପାଇଁ ଦୁର୍ଗମ ପାର୍ବତ୍ୟ ଅଞ୍ଚଳକୁ ଯାଉଥିଲେ । ସେମାନଙ୍କ ପାଇଁ ମଧ ଏହା ବିଦାୟର ସମୟ ଥିଲା । ପରଦିନ ବାପା ଏଲ୍ କ୍ୱିସେ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ମୁଁ ଆଉ ଗୋଟିଏ ସପ୍ତାହ ଘରେ ରହିଗଲି । ମୋର ମନେ ପଡୁଛି ମୋ ଭାଇ, ଭଉଣୀମାନଙ୍କ ସହିତ ଏହା ଥିଲା ଶେଷ ସାକ୍ଷାତ ।

ଆଠ ଦିନ ପରେ ମୁଁ ମିଳିତ କୃଷକ ସଂଘର ଗୋଟିଏ କାମ ନେଇ ଅନ୍ୟ ଏକ ଅଞ୍ଚଳ ଅଭିମୁଖେ ବାହାରିଲି । ଲୋକମାନଙ୍କୁ ସଂଗଠିତ କରିବା ଥିଲା ମୋ କାମ । ମୋତେ ସ୍ପାନିଶ୍ ଭାଷା ପଢା ଲେଖା ଶିଖିବାକୁ ପଡ଼ିଲା । ବିଦାୟ ଉତ୍ସବରେ ହିଁ ଅନେକ କିଛି କରିବି ବୋଲି ମୁଁ ସ୍ଥିର କରିନେଇଥିଲି ଏବଂ ବାସ୍ତବରେ ଆରମ୍ଭ ମଧ କରିଦେଇଥିଲି । □

Digitized by srujanika@gmail.com

୨୨

କୃଷକ ସଂଗଠନ ଆଗକୁ ଆସିଲା

'ସେମାନେ ସବୁବେଳେ କହନ୍ତି, ଗରିବ ଭାରତୀୟମାନେ କଥା କହିପାରିବେ ନାହିଁ । ତେଣୁ ସେମାନଙ୍କ ପାଇଁ କହିବାକୁ ଅନେକ ବାହାରନ୍ତି । ସେହି କାରଣରୁ ସ୍ପାନିଶ୍ ଭାଷା ଶିଖିବାପାଇଁ ନିଷ୍ପତ୍ତି ନେଲି ।'

ରିଗୋବେର୍ଟା ମେଞ୍ଚୁ

ଜେନେରାଲ କେଜେଲ୍ କ୍ଷମତାକୁ ଆସିବା ପରେ କୃଷି କ୍ଷେତ୍ରରେ ସଂସ୍କାର ଆରମ୍ଭ କଲେ । କିନ୍ତୁ ପ୍ରଥମେ ତାଙ୍କୁ ନିର୍ବାଚନ ପ୍ରଚାର ଅଭିଯାନ କରିବାକୁ ପଡ଼ିଥିଲା । ଦକ୍ଷିଣ ଉପକୂଳର ଜମି ମାଲିକମାନେ କୃଷକମାନଙ୍କୁ କେଜେଲ୍‌ଙ୍କ ସପକ୍ଷରେ ଭୋଟ ଦେବା ପାଇଁ ବାଧ କରିଥିଲେ । ଯଦି କେହି ଭୋଟ ନଦିଏ, ତାକୁ କାମରୁ ବାହାର କରି ଦିଆଯିବ ବୋଲି ଧମକ୍ ମଧ ଦିଆଯାଇଥିଲା । ଅତୀତରେ ସବୁବେଳେ ଏହାହିଁ ହେଉଥିଲା; କିନ୍ତୁ ମୋର ବୁଝିବାର କ୍ଷମତା ନଥିଲା । କେଜେଲ୍ ରାଜ୍ୟ ଓ ସହରମାନଙ୍କରେ ନିର୍ବାଚନ ପ୍ରଚାର ଶେଷ କରି ଉସ୍‌ପାଣ୍ଟାନ୍‌କୁ ଆସିବା କଥା ମୋର ମନେଅଛି । ସେଦିନ ରବିବାର ଥିଲା ଏବଂ ଆମେ ସହରରେ ଥିଲୁ । ସମସ୍ତଙ୍କୁ ରୁଟି ଓ ସୁଷମ ବଣ୍ଟନ ବିଷୟରେ କେଜେଲ ଅନେକ କଥା କହିଲେ । ମକାପିଠା ବିଷୟରେ କହିଥିଲେ ବରଂ ବେଶୀ ଭଲ ହୋଇଥାନ୍ତା । ଭାରତୀୟ ମାନଙ୍କର ଖାଦ୍ୟାଭ୍ୟାସ ସମ୍ପର୍କରେ ସେମାନଙ୍କୁ ବା କ'ଣ ଜଣା ! ଆମେ ମକା ଓ ପରିବା ଖାଉ । ମକାପିଠା ହିଁ ଆମର ନିତି ଦିନିଆ ଖାଦ୍ୟ । କିନ୍ତୁ ସେମାନେ ଆମ ଅଞ୍ଚଳକୁ ଆସିଲେ କେତେ ପ୍ରତାରଣାପୂର୍ଣ୍ଣ କଥା କହି ଆମକୁ ଭୁଲାଇବାକୁ ଚେଷ୍ଟା କରନ୍ତି । ରୁଟି ବ୍ୟତୀତ, ଆହୁରି କେତେ ପ୍ରତିଶ୍ରୁତି ଦିଅନ୍ତି । ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ରାସ୍ତା ଏମିତି ଆହୁରି କେତେ କ'ଣ । ଏ ସବୁ ବାହାରେ ଜମି । ସେମାନେ ଆମକୁ କହିଲେ, ଜମି ସବୁ ତୁମର । ଏହାର ଅର୍ଥ ଥିଲା, ସେହି ମୁହୂର୍ତ୍ତଠାରୁ ଆମେ ଜମିର ମାଲିକ ହୋଇଗଲୁ । ଏହା ଥିଲା ୧୯୭୪ ର ଘଟଣା । ପ୍ରତିଶ୍ରୁତିରେ ପ୍ରଭାବିତ ହୋଇ ଅନେକ ଲୋକ ଭୋଟ ମଧ ଦେଲେ । ମୁଁ ନାବାଳିକା ହୋଇଥିବାରୁ ଅବଶ୍ୟ ଭୋଟ ଦେଇପାରି ନଥିଲି । କିନ୍ତୁ ମୋ ବାପା, ମା', ଭାଇ, ଭଉଣୀ, ସମସ୍ତେ ଭୋଟ ଦେଇଥିଲେ । ଆମ ସମସ୍ୟାର ସମାଧାନ ହୋଇଯିବ, ଏହି ବିଶ୍ୱାସ ତାଙ୍କ ମନରେ ସୃଷ୍ଟି ହୋଇଥିଲା ।

Digitized by srujanika@gmail.com

ପୂର୍ବରୁ ଫିନ୍‌କାର ମାଲିକ ଓ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଚାଲିଥିଲା । ସେମାନେ କିପରି ଆମ ଜମି ସବୁ ଅକ୍ତିଆର କରିନେଲେ ସେ କଥା ମୁଁ ପୂର୍ବରୁ କହିଛି । କ୍ଷମତାକୁ ଆସିବା ପରେ କେଜେଲ୍ ଜମି ଗୁଡ଼ିକୁ ଛୋଟ କିଆରୀରେ ବିଭକ୍ତ କରିଦେଲେ । ଆମେ ଜମି ମାଲିକ ହୋଇଗଲୁ ବୋଲି ଆମକୁ ଧାରଣା ଦିଆଗଲା । ପ୍ରକୃତରେ କେଜେଲ୍ ପୂର୍ବ ଶାସକମାନଙ୍କ ଠାରୁ ବେଶୀ ଧୂର୍ତ୍ତ ଥିଲେ । ପ୍ରତ୍ୟେକ ଲୋକକୁ ଗୋଟିଏ କିଆରୀ ମିଳିଲା । କିନ୍ତୁ ପ୍ରତ୍ୟେକ କିଆରୀର ଆୟତନ ଥିଲା ଏକ 'ମଞ୍ଜାନା' ବା ପ୍ରାୟ ଦେଢ ଏକର ।

ଏଣିକି ସେ ଅନ୍ୟ କେତେ ବାଟରେ ଅର୍ଥ ସଂଗ୍ରହ କରିବାରେ ଲାଗିଗଲେ । ସେତିକିବେଳେ 'ଗୁଆଟେମାଲା ଜଙ୍ଗଲ କମିଶନ' ସ୍ଥାପିତ ହେଲା ଏବଂ ଦେଶର ବୃକ୍ଷ ଓ ଜଙ୍ଗଲ ସମ୍ପଦ ରକ୍ଷଣାବେକ୍ଷଣର ଦାୟିତ୍ୱ ଏହି କମିଶନ ହସ୍ତରେ ନ୍ୟସ୍ତ କରାଗଲା । ଏହା ଆମ ପାଇଁ କିପରି ଚିନ୍ତାର କାରଣ ହୋଇଗଲା, ମୋର ଭଲ ଭାବରେ ମନ ଅଛି । ଆମ କିଆରୀ ବାହାରେ କୌଣସି ଗଛ କାଟିବାର କ୍ଷମତା ଆମର ରହିଲା ନାହିଁ । ଏଣିକି ଗଛ କାଟିବା ଲାଗି ଅନୁମତି ପାଇଁ ଆମକୁ ଜଙ୍ଗଲ କମିଶନର ଜଣେ ଜଜ୍‌କୁ ଦରଖାସ୍ତ ଦେବାକୁ ପଡ଼ିଲା । ପ୍ରତ୍ୟେକ ଗଛର ମୂଲ୍ୟ ଥିଲା ପାଞ୍ଚ କ୍ୱେଜାଲ । କାଠ ବିନା ଆମ ଚୂଲୀ ଜଳିବା ସମ୍ଭବ ନଥିଲା । ଷ୍ଟୋଭ ବା ଗ୍ୟାସ ଥିଲା ଆମ ପାଇଁ ସ୍ୱପ୍ନ । କୃଷକଟିଏ ଜାଳେଣି ପାଇଁ ଯଦି ଗଛ କାଟିଲା, ଜଙ୍ଗଲ କମିଶନର ଲୋକ ପହଞ୍ଚି ତାକୁ ଗିରିଫ କରି ନେଇଯାଉଥିଲେ । ଜମିକୁ କ୍ଷୁଦ୍ର ଖଣ୍ଡରେ ଭାଙ୍ଗି ଦେବାରୁ ଅଲଟିପ୍ଲାନୋରେ ଆମର ଅସୁବିଧାତ ହେଲା; କେଜ୍ୱେଲ୍ କ୍ଷମତାକୁ ଆସିବା ପରେ ଫିନ୍‌କାରେ ମଧ୍ୟ କମ୍ ସମସ୍ୟା ସୃଷ୍ଟି ହେଲା ନାହିଁ । ଅଲଟିପ୍ଲାନୋର ଏଲ୍ କ୍ୱିସେ ଅଞ୍ଚଳରେ, ଯେଉଁଠାରେ କୃଷକ ସଂଗଠନ ଜନ୍ମ ହୋଇଥିଲା, ଅଧିକାଂଶ କୃଷକ ସଂଗଠିତ ହୋଇ ଆମ ଭିତରେ ବିଭେଦ ସୃଷ୍ଟି କରିଥିବା ଜଙ୍ଗଲ କମିଶନ ଓ ଭୂସଂସ୍କାର ବିରୋଧରେ ପ୍ରତିବାଦ କରିବାକୁ ଆରମ୍ଭ କଲେ । ସରକାର ବା ବିଦେଶୀ ଯେ କେହି ଆମ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଚାହିଁ ନା କାହିଁକି, ଗୋଷ୍ଠୀର ଏକତା ବଳରେ ହିଁ ଆମେ ତିଷ୍ଠି ରହିଛୁ । ଯେକୌଣସି ସମସ୍ୟାର ସମାଧାନର ପନ୍ଥା ଗୋଷ୍ଠୀ ମଧ୍ୟରେ ମିଳିଯାଏ । ଭୂମି ସଂସ୍କାର ଦ୍ୱାରା ଆମକୁ ନିଜସ୍ୱ ଜମି ମିଳିଥିଲେ ମଧ୍ୟ ଆମ ଗାଁରେ ମକାଚାଷ ପାଇଁ ଖଣ୍ଡେ ଜମି ଅଲଗା କରି ରଖିଥାଉ । ପଶୁମାନଙ୍କ ପାଇଁ ଅନ୍ୟ ଖଣ୍ଡେ ଜମି ଥାଏ । ସେ ସମୟରେ ଶ୍ରମିକମାନଙ୍କୁ ଖୁବ୍ ନିଷ୍ଠୁର ବ୍ୟବହାର କରାଯାଉଥାଏ । ଭୂସଂସ୍କାର ବିରୋଧରେ ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ଲୋକେ ଅନ୍ୟ ବିଷୟରେ ମଧ୍ୟ ପ୍ରତିବାଦ କରିବା ଆରମ୍ଭ କଲେ । ଆମେ ତ ସରଳ ମଣିଷ । ଆଉ ସେମାନଙ୍କ ହାତରେ ଥାଏ ଆଇନ୍ । ତଥାପି ଗୋଷ୍ଠୀର ସମସ୍ତଙ୍କ ଦସ୍ତଖତ ଥିବା ଗୋଟିଏ ଦରଖାସ୍ତ ଆମେ ଜଙ୍ଗଲ କମିଶନ ନିକଟକୁ ପଠାଇଲୁ । ଗଛ ନକାଟିଲେ ଆମେ ଖାଇବାକୁ ପାଇବୁ ନାହିଁ, ତେଣୁ ଗଛ କାଟିବା ପାଇଁ ଆମକୁ ଅନୁମତି ଦିଆଯାଉ - ଦରଖାସ୍ତରେ ଏହା ଥିଲା ଆମର ପ୍ରାର୍ଥନା । ଜଙ୍ଗଲ କମିଶନ ଆମ ଦରଖାସ୍ତକୁ

Digitized by srujanika@gmail.com

ନାମଞ୍ଜୁର କରିଦେଲା । ଆମକୁ ବେଶୀ ରାଗ ଲାଗିଲା ଯେତେବେଳେ ଆମ ଗାଁରେ ଥିବା ଦୁଇଟି ଗଛରୁ ଗୋଟିଏ କାଟିବା ପାଇଁ ଆମର ଦରଖାସ୍ତକୁ ମଞ୍ଜୁର କରିବା ପାଇଁ ସେମାନେ ଅର୍ଥ ଚାହିଁଲେ । ବଡ଼ କାଠ ବ୍ୟବସାୟୀମାନଙ୍କ କଥା ଥିଲା କିନ୍ତୁ ଅଲଗା । ସେମାନେ ବିକ୍ରୀ କରିବା ପାଇଁ ଓ ରପ୍ତାନୀ କରିବା ପାଇଁ ଯେତେ ଇଚ୍ଛା ସେତେ ଗଛ କାଟି ପାରୁଥିଲେ । ଏହା ଆମ ଲୋକଙ୍କୁ ସେମାନଙ୍କର ପରିସ୍ଥିତି ସମ୍ପର୍କରେ ଅଧିକ ସଚେତନ କରିବାରେ ସାହାଯ୍ୟ କଲା । ସାଧାରଣତନ୍ତ୍ରର ରାଷ୍ଟ୍ରପତିଙ୍କ ନିକଟକୁ ଗୋଟିଏ ପ୍ରତିବାଦ ପତ୍ର ପଠାଇବା ପାଇଁ ଆମେ ଦସ୍ତଖତ ସଂଗ୍ରହ କଲୁ । କାଠ ସଂଗ୍ରହ କରିବାର ଅଧିକାରରୁ ଆମକୁ ବଞ୍ଚିତ ନକରିବା ପାଇଁ ଆମେ ତାଙ୍କୁ ଅନୁରୋଧ କରିଥିଲୁ । କିନ୍ତୁ ତାଙ୍କ ଠାରୁ କିଛି ଉତ୍ତର ମିଳିଲା ନିହଁ । ଆମର କ୍ଷୁଦ୍ର ଜମି ଖଣ୍ଡ ଗୁଡ଼ିକ ବିଷୟରେ ମଧ ଆମେ ପ୍ରତିବାଦ କଲୁ । ଆମେ ନିଜ ଜମିରେ ଫସଲ କରିବାକୁ ଚାହୁଁଥିଲୁ, କିନ୍ତୁ ସେଗୁଡ଼ିକ କ୍ଷୁଦ୍ର ଖଣ୍ଡରେ ବିଭାଜିତ ହେବା ଆମେ ଚାହୁଁନଥିଲୁ । ଏହାର ମଧ ଉତ୍ତର ଆମେ ପାଇଲୁ ନାହିଁ । ଏଣିକି ଅଲ୍‌ଟିପ୍ଲାନୋ ଛାଡ଼ି ସମୁଦ୍ରକୂଳକୁ ଯିବା ବ୍ୟତୀତ ଆମର ଅନ୍ୟ ଉପାୟ ନଥିଲା । ଆମକୁ କାଠ ତ ମିଳିଲା ନାହିଁ, ବୁଣିବା ପାଇଁ ବିହନ ମଧ ଆମ ପାଖରେ ନଥିଲା ।

ତେଣେ ଫିନ୍‌କାରେ ବେକାର ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ଫିନ୍‌କାର ମାଲିକମାନେ ଚାକିରୀ ଦେବା ପାଇଁ ମନ ଇଚ୍ଛା ସର୍ତ୍ତ ରଖିଲେ ଏବଂ ଛଟେଇ ମଧ ବଢ଼ିଗଲା । ବେଳେବେଳେ ଏକା ଥରକେ ଦୁଇ ଦିନିଶହ କୃଷକଙ୍କୁ ଛଟେଇ କରିବାରେ ମଧ ସେମାନଙ୍କର କିଛି ଅସୁବିଧା ନଥିଲା । କୃଷକମାନଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ି ଚାଲିଲା । ସେମାନଙ୍କ ଅମାନୁଷିକ ବ୍ୟବହାରର ଏକ ବିଶେଷ ନମୁନା ଥିଲା ଖାଇବାକୁ ଦେବାରେ କଟକଣା । ଇଚ୍ଛା ହେଲେ ସେମାନେ ଖାଇବାକୁ ଦେଉଥିଲେ; ଇଚ୍ଛା ନହେଲେ ଖାଇବାକୁ ଦେବା ବନ୍ଦ କରିଦେଉଥିଲେ । ପାହାଡ଼ ଓ ସମୁଦ୍ର କୂଳ ଉଭୟ ଅଞ୍ଚଳରେ କୃଷକମାନଙ୍କୁ ସଂଗଠିତ କରିବା ପାଇଁ ଏହି ପରିବେଶ ଅନୁକୂଳ ହେଲା । କୃଷକ ସଂଗଠନ, ନାମ ବା ସ୍ଥାୟୀ ଠିକଣା ଥିବା ଏକ ଔପଚାରିକ ଅନୁଷ୍ଠାନ ନଥିଲା । ଗୋଷ୍ଠୀ ସ୍ତରରେ କୃଷକମାନଙ୍କର ଯେଉଁ ଦଳଗୁଡ଼ିକ ଗଢ଼ି ଉଠିଥିଲା, ତାହାହିଁ ଥିଲା କୃଷକ ସଂଗଠନ । କିନ୍ତୁ ସମୟ ଆସିଲା, ଯେତେବେଳେ କୃଷକ ସଂଗଠନ ଆଇନଗତ ମାନ୍ୟତା ପାଇଁ ଦାବି କଲା । କୃଷକମାନଙ୍କର ଅଧିକାର ପାଇଁ ଲଢୁଥିବା ଏହି ସଂଗଠନକୁ ମାନ୍ୟତା ଦେବା ପାଇଁ ରାଷ୍ଟ୍ରପତିଙ୍କ ଠାରେ ଦାବି ପେଶ୍ କରାଗଲା । କିନ୍ତୁ ସରକାରଙ୍କଠାରୁ ଉତ୍ତର ମିଳିଲା ନାହିଁ । କୃଷକ ସଂଗଠନ କୃଷକ ମାନଙ୍କ ଅଧିକାର ପାଇଁ ଲଢୁଥିବା ଏକ ସଂସ୍ଥା; ଏହା ସରକାର ସ୍ୱୀକାର କରୁ ନଥିଲେ । ଅବଶ୍ୟ ସଂଗଠନ ଉପରେ ଏହାର କିଛି ପ୍ରଭାବ ପଡ଼ିଲା ନାହିଁ; ଏହା ପୂର୍ବ ପରି କାମ କରି ଚାଲିଲା । ଏଥର ଆରମ୍ଭ ହୋଇଗଲା ନେତୃ ସ୍ଥାନୀୟ ଲୋକମାନଙ୍କ ଉପରେ ଅତ୍ୟାଚାର । ବିଶେଷ

Digitized by srujanika@gmail.com

ଭାବରେ ଏଲ୍ କ୍ୱିଷେରେ ଏହି ଅତ୍ୟାଚାରର ମାତ୍ରା ବେଶୀ ଥିଲା । ସେମାନେ ସଂଗଠକମାନଙ୍କୁ ଗିରଫ କରିବା ଆରମ୍ଭ କଲେ ।

୧୯୭୮ ରେ କେଜେଲ୍ ରାଷ୍ଟ୍ରପତି ପଦ ଛାଡ଼ିବା ପରେ ଲୁକାସ ଗାର୍ସିଆ ଏହି ଆସନରେ ବସିଲେ । ପରିସ୍ଥିତି କିନ୍ତୁ ଯେମିତିକୁ ସେମିତି ରହିଲା । ବିଭିନ୍ନ ଅଞ୍ଚଳର ଗାଁକୁ ଆସି ସେ ଆମକୁ ସବୁ କିଛି ଦେଇଦେବେ ବୋଲି କହିଲେ । ରାସ୍ତା, ସ୍କୁଲ, ଶିକ୍ଷକ, ଡ଼ାକ୍ତର ଇତ୍ୟାଦି, ଠିକ୍ ଯେପରି କେଜେଲ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏଥର ଲୋକମାନେ ତାଙ୍କୁ ଜମା ବିଶ୍ୱାସ କଲେ ନାହିଁ । ଆମେ ଜାଣିଥିଲୁ ସବୁ ପତିଶ୍ରୁତି କେବଳ ମିଥ୍ୟା ପ୍ରବଞ୍ଚନା ହିଁ ଥିଲା । ଏଥର କେହି ଭୋଟ୍ ଦେବାକୁ ମଧ ଚାହୁଁ ନଥିଲେ । କିନ୍ତୁ ଭୋଟ୍ ନଦେଲେ ଉପଯୁକ୍ତ ଦଣ୍ଡ ମିଳିବ ବୋଲି ଧମକ ଦିଆଯିବାରୁ ଲୋକେ ବାଧ ହେଲେ ଭୋଟ୍ ଦେବାକୁ । ଅବଶ୍ୟ ପ୍ରତିବାଦରେ ଅଧିକାଂଶ ଲୋକ ହୁଏତ ଶୂନ୍ୟ ଭୋଟ୍ କାଗଜକୁ ବାକ୍ସରେ ପକାଇଲେ ବା ସବୁ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ନିଜ ଭୋଟ୍‌ଟିକୁ ନାକଚ କରାଇଦେଲେ । ଯାହା ହେଉ ଶେଷରେ ଲୁକାସ୍ କ୍ଷମତାକୁ ଆସିଲେ ।

ଏହା ପୂର୍ବରୁ କେଜେଲ୍‌ଙ୍କ ଶାସନ କାଳରେ, କୋବାନ୍‌ର ପାଞ୍ଜୋସ୍‌ଠାରେ ଶହେ ଛ ଜଣ କୃଷକଙ୍କୁ ହତ୍ୟା କରାଯାଇଥିଲା । ୧୯୭୮ ମେ ୨୯ ତାରିଖ । ପାଞ୍ଜୋସ ସହରରେ ତୈଳ ଆବିଷ୍କାର ହେବା ପରେ କୃଷକମାନଙ୍କୁ ସେମାନଙ୍କ ଜମି ଛାଡ଼ି ଚାଲିଯିବା ପାଇଁ କୁହା ଯାଉଥାଏ । ବିଚରା କୃଷକମାନେ ନିଜ ଭିଟାମାଟି ଛାଡ଼ି କୁଆଡ଼େ ଯିବେ ଜାଣି ନପାରି ନେତା ମାନଙ୍କ ପଛରେ ସଂଗଠିତ ହୋଇ ଛିଡ଼ା ହେଲେ । ସେମାନେ ଥିଲେ କେକ୍‌ଚି ଭାରତୀୟ । ସୈନ୍ୟବାହିନୀ ସେମାନଙ୍କୁ ଚଢେଇ ଶିକାର କଲା ପରି ହତ୍ୟା କଲେ । ପୁରୁଷ, ସ୍ତ୍ରୀ ଓ ପିଲା ସମସ୍ତେ ବଳି ପଡ଼ିଲେ । ପାଞ୍ଜୋସ ର ମୁଖ୍ୟ ଚୌଛକୀ ରକ୍ତ ରଞ୍ଜିତ ହୋଇଗଲା । ଏହା ଥିଲା ଆମ ଉପରେ ପ୍ରତ୍ୟକ୍ଷ ଆକ୍ରମଣ । ସତେ ଯେପରି ସେମାନେ ଆମକୁହିଁ ହତ୍ୟା କରିଥିଲେ ଓ ଆମ ପିଲାମାନଙ୍କ ଉପରେ ଅତ୍ୟାଚାର କରିଥିଲେ । ଏ ସବୁ କଥା ଖବର କାଗଜରେ ବାହାରିଲା; କିନ୍ତୁ ଏଥି ପ୍ରତି କେହି ବେଶୀ ଦୃଷ୍ଟି ଦେଲେ ନାହିଁ । ନୂଆ ଭାବରେ ଗଢା ହୋଇ ଥିବା ସରକାର ବିଷୟରେ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ଥିଲା ବେଶୀ । ତେଣୁ କାହାଣୀଟି ସେଇଠି ସମାପ୍ତ ହୋଇଗଲା । ଏତେ କୃଷକ ଶହୀଦ ହୋଇଗଲେ, କିନ୍ତୁ କାହା ମନରେ ଟିକିଏ ବି ରେଖାପାତ ହେଲା ନାହିଁ । କୃଷକ ସଂଗଠନ ଏହି ଗଣ ହତ୍ୟାକୁ ନିନ୍ଦା କଲା । ଆମ ଲକ୍ଷ୍ୟ ଥିଲା ଜମି ମାଲିକମାନଙ୍କ ଠାରୁ ଉଚିତ ମଜୁରୀ, ଗୋଷ୍ଠୀ ପ୍ରତି ସମ୍ମାନ, ଆମକୁ ମଣିଷ ପରି ବ୍ୟବହାର, ଆମ ସଂସ୍କୃତି, ପରମ୍ପରା ଓ ଧର୍ମକୁ ଉପଯୁକ୍ତ ମର୍ଯ୍ୟାଦା । ଏଲ୍ କ୍ୱିଷେ ର ଅନେକ ଗାଁରେ ଲୋକମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ହେବାରୁ ଏବଂ ସେମାନଙ୍କୁ ଧ୍ୱଂସ ମୂଳକ କ୍ରିୟା କଳାପରେ ଅଭିଯୁକ୍ତ କରାଯିବାରୁ ସେମାନେ ତାଙ୍କର ପାରମ୍ପରିକ ପର୍ବ ପର୍ବାଣି କରି ପାରୁ ନଥିଲେ । କୃଷକ

Digitized by srujanika@gmail.com

ସଂଗଠନ ଖୋଲାଖୋଲି ଭାବରେ ଏହି ସବୁ ଅଧିକାର ପାଇଁ ଦାବି କରିବାରୁ ସରକାରଙ୍କ କୋପ ଦୃଷ୍ଟି ଏହା ଉପରେ ପଡ଼ିଲା । କୃଷକ ସଂଗଠନର ସ୍ଥିତି ପ୍ରକାଶ୍ୟରେ ଘୋଷଣା କରିବା ପାଇଁ ଆମେ ଗୋଟିଏ ବିଶାଳ ସମାବେଶର ଆୟୋଜନ କଲୁ । ସବୁ ଭାରତୀୟ ପୁରୁଷ, ସ୍ତ୍ରୀ ଓ ପିଲାମାନେ ଏଥିରେ ଯୋଗ ଦେଇଥିଲେ । ଅବଶ୍ୟ କେବଳ ଭାରତୀୟମାନେ ନୁହନ୍ତି, ଗୁଆଟେମାଲାରେ ଆମର ଗରିବ ଲାଡ଼ିନୋ ସାଥୀମାନେ ମଧ୍ୟ ଅତ୍ୟାଚାରିତ ଓ ଶୋଷିତ ହେଉଛନ୍ତି ବୋଲି କୃଷକ ସଂଗଠନ ଭଲ ଭାବରେ ଜାଣିଥିଲା । ଏହି ସଂଗଠନ ଥିଲା ସବୁ କୃଷକଙ୍କର, ସେମାନେ ଭାରତୀୟ ହୁଅନ୍ତୁ ବା ଲାଡ଼ିନୋ ହୁଅନ୍ତୁ । ସଂଗଠନର ଗଣ୍ଡି ଭିତରେ ଆମେ ମଧ୍ୟ ଲାଡ଼ିନୋ ଓ ଭାରତୀୟମାନଙ୍କ ମଧ୍ୟରେ ଯୋଗସୂତ୍ର ରଖିବାକୁ ଆରମ୍ଭ କଲୁ । ଏଣିକି କୃଷକ ସଂଗଠନ କ୍ରମେ ବେଶୀ ବେଶୀ ସାମନାକୁ ଆସିଲା; ଧର୍ମଘଟ ଡ଼ାକରା ଦେଲା, ବିକ୍ଷୋଭ ପ୍ରଦର୍ଶନ କଲା ଏବଂ ଉଚିତ ମଜୁରୀ ପାଇଁ ଦାବି କଲା । ଏହା ଫଳରେ ୩.୨୦ କ୍ୱେଜାଲ୍‌ର ଯେଉଁ ମଜୁରୀ ଆମକୁ ମିଳିଲା ତାହା ପ୍ରକୃତରେ ଥିଲା ନିତାନ୍ତ ଆବଶ୍ୟକ ସର୍ବନିମ୍ନ ମଜୁରୀ । ଯେଉଁ ପରିବାରରେ ଦଶ ଜଣ ପିଲା ଥିଲେ ତାହା ପାଇଁ ଏ ମଜୁରୀ ମୋଟେ ଯଥେଷ୍ଟ ନଥିଲା । ଫିନ୍‌କା ମାଲିକମାନେ ୩.୨୦ କ୍ୱେଜାଲ ସର୍ବନିମ୍ନ ମଜୁରୀ ଦେବା ପାଇଁ ଏକ ବୁଝାମଣାରେ ସ୍ୱାକ୍ଷର କରି ଦେଲେ । ଆମ ପାଇଁ ଏହା ହୁଏତ ଏକ ପ୍ରକାର ବିଜୟ ଥିଲା । କିନ୍ତୁ ବାସ୍ତବରେ ସେତିକି ମଜୁରୀ ମଧ୍ୟ ଶ୍ରମିକମାନଙ୍କୁ ମିଳିଲା ନାହିଁ । ଜମି ମାଲିକମାନେ ଶ୍ରମିକମାନଙ୍କ କାମ ଉପରେ ବେଶୀ ତୀକ୍ଷଣ ନଜର ରଖିଲେ ଏବଂ ସାମାନ୍ୟ ଭୁଲ୍ ପାଇଁ ଜୋରିମାନା ପରିମାଣକୁ ବଢାଇ ଦେଲେ । କାଳେ ଗଛର ମୂଲ୍ୟ ଦେବାକୁ ପଡ଼ିବ, ପତ୍ର ଉପରେ ସାମାନ୍ୟ ମାଛିଟି ମଧ୍ୟ ଯେପରି ବସି ନପାରେ ଆମେ ସଜାଗ ରହିଲୁ । କୃଷକ ମାନଙ୍କ ପାଇଁ ଏହା ଖୁବ୍ କଠିନ ପରୀକ୍ଷା ଥିଲା । ଆମେ ଦାବି କରି ଚାଲିଲୁ ସତ, କିନ୍ତୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆମକୁ ଜଣା ନଥିଲା । ୧୯୭୮ରେ ଯେତେବେଳେ ଲୁକାସ ଗାର୍ସିଆ କ୍ଷମତାକୁ ଆସିଲା ସେ ଏତେ ରକ୍ତ ମୁଖା ହୋଇଥିଲା ଯେ ସେ ଏଲ୍ କ୍ୱିସେରେ ଅମାନୁଷିକ ଦମନ ଲୀଳା ଚଲାଇଲା । ଗାଁ ଗାଁରେ ସୈନ୍ୟ ବାହିନୀର ଲୋକେ ଅପହରଣ, ଅତ୍ୟାଚାର, ଧର୍ଷଣ ଓ ଗଣହତ୍ୟାର ଅଭୂତପୂର୍ବ ତାଣ୍ଡବ ଲୀଳା ରଚିବାରେ ଲାଗିଲେ । ଚାଜୁଲ୍, କୋଜାଲ୍ ଓ ନେବାଜ୍‌ର ଲୋକେ ପୁଣି ଥରେ ଦମନ ଓ ହତ୍ୟାର ଶିକାର ହେଲେ । ମୋଟାମୋଟି ଏହି ଦମନଲୀଳା ଓ ହତ୍ୟାର ବେଶୀ ଅଂଶ ଭାରତୀୟମାନଙ୍କୁ ହିଁ ଭୋଗ କରିବାକୁ ପଡ଼ିଥିଲା । ଦେଶର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ନୂଆ ନୂଆ କବରଖାନା ସୃଷ୍ଟି ହେବାରେ ଲାଗିଲା । ଗୋଟିଏ ଗାଁର ଲୋକଙ୍କୁ ଅପହରଣ କରି ନେଇ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯିବ; ତାପରେ ହୁଏତ କୌଣସି ଏକ ପାହାଡ଼ ପାଶ୍ୱରେ ତିରିଶଟି ମୃତଶରୀର ଦେଖିବାକୁ ମିଳିବ । ଗାଁ ଲୋକମାନଙ୍କୁ କୁହାଯିବ ସେମାନଙ୍କ ସଂପର୍କୀୟମାନଙ୍କୁ ଦେଖି ଆସିବା ପାଇଁ; କିନ୍ତୁ ନିଜର ସେହି ଅବସ୍ଥା

Digitized by srujanika@gmail.com

ହେବ ଜାଣି କେହି ସାହାସ କରି ଯିବେ ନାହିଁ। ମୃତ ଶରୀରଗୁଡ଼ିକ ସେମିତି ଅନେକ ସମୟ ପଡ଼ି ରହିବା ପରେ ଗୋଟିଏ ବଡ଼ ଗାତ କରି ସେଗୁଡ଼ିକୁ ପୋତି ଦିଆଯାଉଥିଲା । ଏଗୁଡ଼ିକୁ କୁହାଯାଉଥିଲା ଗୋପନ କବରଖାନା। ପ୍ରାୟ ଏତିକି ବେଳକୁ କୃଷକମାନେ ଶିଳ୍ପ ଶ୍ରମିକ ଓ ୟୁନିୟନମାନଙ୍କ ସହିତ ମିଶିବାକୁ ସ୍ଥିର କଲେ। ୧୯୭୭ରେ ଇକ୍‌ସଟାହୁଆନ ଠାରେ ଖଣି ଶ୍ରମିକମାନେ ଧର୍ମଘଟ କରିଥିଲେ। ଏଥିରେ କୃଷକ ଓ କାରଖାନା ଶ୍ରମିକମାନେ ମଧ୍ୟ ଯୋଗଦେଲେ। ମୋର ମନେଅଛି କୃଷକ ସଂଗଠନ ଦକ୍ଷିଣ ଉପକୂଳରେ ଯେଉଁ ଧର୍ମଘଟ କରିଥିଲେ ସେଥିରେ ପ୍ରାୟ ସତୁରୀ ହଜାର କୃଷକ ଯୋଗ ଦେଇଥିଲେ।

୧୯୭୯ରେ ମୁଁ କୃଷକ ସଂଗଠନରେ ଯୋଗଦେବା ସଙ୍ଗେ ସଙ୍ଗେ ମୋତେ ବିଭିନ୍ନ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଲା । ସଂଗଠନର ଜଣେ ନେତ୍ରୀ ଭାବରେ ମଧ୍ୟ ମୋତେ ଗ୍ରହଣ କରି ନିଆଗଲା। ମୁଁ ବିଭିନ୍ନ ଅଞ୍ଚଳକୁ ଗସ୍ତରେ ଯାଇ ଆମ ସାଥୀମାନଙ୍କ ଘରେ ରହୁଥାଏ। ଏହି ଗସ୍ତ ମାନଙ୍କରେ ଯାହା ମୋତେ ସବୁଠାରୁ ବେଶୀ ଦୁଃଖ ଦେଉଥିଲା, ତାହା ହେଲା ଆମେ ପରସ୍ପରକୁ ବୁଝି ନପାରିବା। ସେମାନେ ସ୍ପାନିଶ୍ କହି ପାରୁନଥିଲେ ଏବଂ ମୁଁ ସେମାନଙ୍କର ଭାଷା କହି ପାରୁନଥିଲି। ଭାରି ଅସହାୟ ଲାଗୁଥାଏ ସେତେବେଳେ। ଆମେ ପରସ୍ପରକୁ ବୁଝି ନପାରିବା ପଛରେ ଯେ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ଥିଲା ତାହା ବୁଝିବାରେ ମୋର ଅସୁବିଧା ହେଲା ନାହିଁ। ଆମେ ଭାରତୀୟମାନେ ଯେପରି ଏକାଠି ହୋଇ ନପାରିବୁ ଏବଂ ଆମ ସମସ୍ୟାକୁ ଆଲୋଚନା କରି ନପାରିବୁ ସେଥିପାଇଁ ସେମାନେ ଆମ ଭିତରେ ପାଚେରୀ ତିଆରି କରିଥିଲେ। ମୁଁ କ୍ରମେ ସ୍ପାନିଶ୍ ସହିତ ମାମ୍, ବାକ୍‌ଚି କ୍ୱେଲ୍, ଓ ଜୁତୁହିଲ୍ - ଏଇ ତିନୋଟି ଭାଷା ଶିଖିବାକୁ ଆରମ୍ଭ କଲି। ଅବଶ୍ୟ ମୁଁ ଭଲ ଭାବରେ କହି ପାରୁନଥିଲି। ଅନେକ ତ୍ରୁଟି ମଧ୍ୟ ରହୁଥାଏ। ସ୍ପାନିଶ୍‌କୁ କେବଳ ଶୁଣି ମନେ ରଖିବାପୁ ହେଉଥାଏ, ଟେପ ରେକଡ଼ରର କ୍ୟାସେଟ ପରି। ଅନ୍ୟ ଭାଷାରେ ମଧ୍ୟ ଲେଖିବା ସମ୍ଭବ ନଥିଲା। ସେଗୁଡ଼ିକୁ କେବଳ ଶୁଣିଶୁଣି ମନେ ରଖିବାକୁ ହେଉଥିଲା। କିଛିଦିନ ପର୍ଯ୍ୟନ୍ତ ସବୁ ଭାଷା ମିଶାମିଶି ହୋଇ ଭାରି ଗୋଳମାଳିଆ ଲାଗିଲା ଏବଂ ମୋର ମନେହେଲା ଏକ ସମୟରେ ଗୋଟିଏ ଭାଷା ଶିଖିବାକୁ ଚେଷ୍ଟା କରିବା ବୋଧହୁଏ ଉଚିତ ହୋଇଥାଆନ୍ତା। ସ୍ପାନିଶ୍ ଭାଷା ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିଥିବାରୁ ଏହାର ବେଶୀ ମହତ୍ତ୍ୱଥିଲା। ଏହି ଭାଷାଟିକୁ ଶିଖିଲେ ଗୁଆଟେମାଲାର ବାଇଶଟି ଭାଷା ଶିଖିବା ଆବଶ୍ୟକ ହେବ ନାହିଁ ବୋଲି ମୋର ହୃଦବୋଧ ହେଲା।

ତେଣେ ବିଭିନ୍ନ ଅଞ୍ଚଳକୁ ମୋର ଗସ୍ତ ଚାଲିଥାଏ। ମୋତେ ଉପକୂଳ ଅଞ୍ଚଳକୁ ମଧ୍ୟ ଯିବାକୁ ପଡ଼ିଲା। ସେଠାକାର ଲୋକଙ୍କୁ ସଂଗଠିତ କରିବା ପରି କିଛି ରାଜନୈତିକ କାର୍ଯ୍ୟ ବ୍ୟତୀତ ମୁଁ ସେମାନଙ୍କ ଆଗରେ ମୋ ଜୀବନର ଅନୁଭୂତି ସବୁକୁ ମଧ୍ୟ ବର୍ଣ୍ଣନା କରୁଥାଏ। ଆମେ ଭୋଗୁଥିବା ଦାରିଦ୍ର୍ୟ ଓ ଯନ୍ତ୍ରଣାର କାରଣ ମୁଁ ସେମାନଙ୍କୁ ବୁଝାଉଥାଏ।

Digitized by srujanika@gmail.com

ଯେତେବେଳେ ମଣିଷ ନିଜ ଉପରେ କିଛି ଦାୟିତ୍ୱ ଥିବା ବିଷୟରେ ସଚେତନ ହୁଏ ଏବଂ ସେଥିପାଇଁ କିଛି କାମ କରିବାକୁ ପଡ଼ିବ ବୋଲି ଅନୁଭବ କରେ, ସେହି କାମକୁ ଭଲ ଭାବରେ କରିବାର ପ୍ରେରଣା ମଧ୍ୟ ମିଳିଯାଏ । କାଗଜ, ଯନ୍ତ୍ରପାତି, ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ ପାଠ୍ୟ ପୁସ୍ତକ - ଏହି ପରି କେତେ ଜିନିଷ ବିଭିନ୍ନ ସ୍ଥାନରେ ପହଞ୍ଚାଇବା ଥିଲା ମୋର କାମ । ସ୍ପାନିଶ୍ ଭାଷା ଶିକ୍ଷା ପୁସ୍ତକରେ ଅନେକ ଚିତ୍ର ଥିବା ବିଷୟ ମୋର ମନେ ଅଛି । ଏଥିରୁ ପରିଷ୍କାର ହେବ ଯେ କେବଳ ଲେଖା ଉପରେ ଗୁରୁତ୍ୱ ନଥିଲା । ପ୍ରକୃତରେ ପଢିବା ଶକ୍ତି ମୋର ବେଶୀ କିଛି ନଥିଲା । ମୁଁ ଗୋଟିଏ କନ୍‌ଭେଣ୍ଟକୁ ଯାଉଥିଲି, ଯେଉଁଠାରେ ନନ୍‌ମାନେ ମୋତେ ପଢିବା ଓ ଲେଖିବା ଶିଖାଉଥିଲେ । ମୁଁ ସେମାନଙ୍କ ଠାରୁ ସ୍ପାନିଶ୍ ମଧ୍ୟ ଶିଖୁଥିଲି । ଧର୍ମଯାଜକ ମାନଙ୍କ ସମ୍ପର୍କରେ ମୁଁ ଆଗରୁ କହିଛି । ସେମାନଙ୍କ ମଧ୍ୟରୁ ସମସ୍ତେ ଯେ ବାସ୍ତବ ପରିସ୍ଥିତି ଓ ଲୋକଙ୍କର ଦୁର୍ଦ୍ଦଶା ବୁଝୁ ନଥିଲେ ତାହା ନୁହେଁ, ସେମାନଙ୍କ ମଧ୍ୟରୁ ଅନେକଙ୍କର ମଣିଷ ପ୍ରତି ଶ୍ରଦ୍ଧା ଓ ସମ୍ବେଦନଶୀଳତା ଥିଲା । ସେମାନେ ଆମ ପ୍ରତ୍ୟେକଙ୍କୁ ଭଲ ପାଆନ୍ତି ଏବଂ ଠିକ୍ ରାସ୍ତା ଦେଖାନ୍ତି । ମୋତେ ସାହାଯ୍ୟ କରିଥିବା ଅନେକ ‘ନନ୍’ଙ୍କ ମଧୁର ସ୍ମୃତି ଏବେବି ମୋ ମନରେ ଅଛି । ଛୋଟ ପିଲାର ହାତ ଧରି ଚାଲିବାରେ ସାହାଯ୍ୟ କରିବା ପରି ସେମାନେ ମୋ ହାତ ଧରି ଭଲ ରାସ୍ତାରେ ଚାଲିବା ଶିଖାଇଛନ୍ତି । ମୋର ଅନେକ ବିଷୟ ଶିଖିବାର ଥିଲା ଏବଂ ଶିଖିବା ପାଇଁ ମୋର ଥିଲା ପ୍ରବଳ ଆଗ୍ରହ । ମୋ ଜୀବନହିଁ ମୋତେ ଅନେକ କଥା ଶିଖାଇଛି । କିନ୍ତୁ ଆହୁରି ଅନେକ କଥା ମଧ୍ୟ ମୋର ଶିଖିବାକୁ ବାକୀ ଅଛି । ଆବଶ୍ୟକ ହେବାରୁ ହିଁ ମୁଁ ସ୍ପାନିଶ୍ ଶିଖିଲି ।□

Digitized by srujanika@gmail.com

୨୩
ଅନ୍ୟ ଗୋଷ୍ଠୀମାନଙ୍କରେ ରାଜନୈତିକ କାର୍ଯ୍ୟକଳାପ, ଲାଡ଼ିନୋମାନଙ୍କ ସହିତ ଯୋଗାଯୋଗ

'କେବଳ ଯୋଗ୍ୟ ଲୋକଙ୍କୁ ହିଁ ଆମେ ଆମର ଗୋପନ କଥାସବୁ କହିଛୁ । କେବଳ ସେହିମାନେ ଲେଖିବାର କଳା ଜାଣିବେ, ଅନ୍ୟ କେହି ନୁହେଁ ।'

ପୋପୋଲ୍ ଭୁ

୧୯୭୯ ବର୍ଷ ତମାମ ଆମେ ଆମ ଲୋକମାନଙ୍କୁ ସଂଗଠିତ କରି ଚାଲିଲୁ । ଗୋଷ୍ଠୀରୁ ବିଦାୟ ନେବା ପର ଠାରୁ ମୋ ବାପା ମା' ଙ୍କର ଖବର କିଛି ନଥିଲା । ସେମାନେ ମଧ ମୋ ଖବର କିଛି ପାଇ ନଥିବେ । ମୁଁ ଫିନ୍‌କାମାନଙ୍କୁ ଯାଉଥିଲି । ଅନ୍ୟ ଅଞ୍ଚଳକୁ ମଧ ଯିବାକୁ ପଡୁଥିଲା । କିନ୍ତୁ ମୋ ଗାଁକୁ ଫେରି ଯାଇ ପାରୁନଥିଲି । ମୋ ବାପା ମା'ଙ୍କ ପରି ମୁଁ ମଧ ଜଣେ ପଳାତକ ଥିଲି । ଆମକୁ ଅନ୍ୟ ଭାରତୀୟ ଗୋଷ୍ଠୀର ସାଥୀମାନଙ୍କ ସହିତ ଅନେକ ସମୟ ରହିବାକୁ ପଡୁଥିଲା । ଆମ ସଂଗଠନର ସାଥୀମାନଙ୍କ ସହିତ ରହିବା ବେଳେ ଅପରିଚିତ ମଣିଷମାନଙ୍କ ସହିତ ରହିବା ପରି ମୋତେ ଜମା ଲାଗୁ ନଥିଲା । ସେମାନଙ୍କ ଠାରୁ ଏତେ ସ୍ନେହ ମିଳୁଥିଲା, ଯେମିତି ମୋ ଭାଇ, ଭଉଣୀ ବାପା ଓ ମା' ମୋ ପାଖରେ ଅଛନ୍ତି । ଏଥରେ ଉତ୍ସାହିତ ହୋଇ ଆମେ ଦକ୍ଷିଣ ଉପକୂଳର ଚିନି, କଫି ଓ ତୂଳା ବାଗାନରେ କାମ କରୁଥିବା ଅଧିକାଂଶ ଶ୍ରମିକଙ୍କୁ ଆମ ସଂଗଠନ ଭିତରକୁ ଆଣି ପାରିଥିଲୁ । ସେମାନେ ଅଲ୍‌ଟିପ୍ଲାନୋକୁ ଫେରି ଯିବାପରେ ମଧ ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିବେ ଏହି ପ୍ରତିଶ୍ରୁତି ଦେଇଥିଲେ । ଶ୍ରମିକମାନଙ୍କ ମଧରେ ଅଧିକାଂଶ ଥିଲେ ଭାରତୀୟ ଓ ଗରିବ ଲାଡ଼ିନୋ । ସେମାନେ ନିଜ ଜୀବନରେ ପରିସ୍ଥିତିକୁ ଭଲ ଭାବରେ ଅନୁଭବ କରିଥିଲେ । ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ନଥିଲା । ଏହା ସତ୍ତ୍ୱେ ଆମ କାମ ଅନେକ ପରିମାଣରେ ବଢି ଯାଇଥିଲା । ଜିନିଷପତ୍ର ଓ ଦଲିଲ ଇତ୍ୟାଦି ଧରି ଆମକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଦୌଡ଼ିବାକୁ ପଡୁଥିଲା । ଆମ ଉପରେ ସବୁବେଳେ ବିପଦ ରହିଥିଲା । ଏହା ବ୍ୟତୀତ ଶତ୍ରୁ ମଧ ଆମକୁ ଜାଣିଥିଲା । କିନ୍ତୁ ଅନ୍ୟମାନଙ୍କ ଜୀବନକୁ ସଙ୍କଟାପନ୍ନ କରିବା ପାଇଁ ଆମେ ଚାହୁଁ ନଥିଲୁ । ଏହି କାରଣରୁ ମୁଁ ବିଭିନ୍ନ ଅଞ୍ଚଳକୁ ଯାଉଥିଲି ଏବଂ ଆଶ୍ରୟ ସ୍ଥାନକୁ ବାରମ୍ବାର ବଦଳାଉଥିଲି ।

Digitized by srujanika@gmail.com

ଭାଷା କିପରି ଭାବରେ ଆଦାନ ପ୍ରଦାନରେ ପ୍ରତିବନ୍ଧକ ହୋଇପାରେ, ବିଭିନ୍ନ ସ୍ଥାନକୁ ମୋର ଗସ୍ତ ସମୟରେ ମୁଁ ଗଭୀର ଭାବରେ ଅନୁଭବ କଲି । ମୁଁ ସମସ୍ତଙ୍କୁ କେତେ କଥା କହିବାକୁ ଚାହୁଁଥିଲି । ସ୍ତ୍ରୀ ଲୋକମାନଙ୍କ ସହିତ ଦେଖା ହେଲେ ମୋର ମନେ ହେଉଥିଲା ଯେପରି ମୁଁ ମୋ ମା'କୁ ପାଖରେ ପାଇଛି । କିନ୍ତୁ ସେମାନେ ମୋ ଭାଷା ବୁଝି ପାରୁ ନଥିଲେ । ମୁଁ ମଧ୍ୟ ସେମାନଙ୍କ ଭାଷା ବୁଝି ପାରୁନଥିଲି । ସେହି ସମୟରୁ ମୁଁ ଆମ ସାଥୀମାନଙ୍କୁ ଭଲ ଭାବରେ ଜାଣିବା ପାଇଁ ଚେଷ୍ଟା କଲି, ଏବଂ ସେମାନେ ଯେପରି ନିଜ ଗୋଷ୍ଠୀର ନେତୃତ୍ୱ ନେଇ ପାରିବେ, ସେଥିପାଇଁ ସେମାନଙ୍କୁ କିଛି ଶିକ୍ଷା ମଧ୍ୟ ଦେଲି । ନାରୀ ଏବଂ ଯୁବ ଶକ୍ତି ଭାବରେ ଆମର ଭୂମିକା ସମ୍ପର୍କରେ ଆମେ ଆଲୋଚନା କରୁଥାଉ । ଆମେ ଉପଲବ୍ଧି କଲୁ ଯେ ଆମର ଶୈଶବ ବୋଲି ପ୍ରକୃତରେ କିଛି ନଥିଲା । ଶୈଶବ ଓ କୈଶୋରରେ ଯେତେବେଳେ ଆମେ ଚିନ୍ତା ରହିତ ସ୍ୱାଧୀନତା ଉପଭୋଗ କରିବା କଥା, ସେତେବେଳେ ସାନ ଭାଇ, ଭଉଣୀମାନଙ୍କ ମୁହଁରେ ଆହାର ଦେବାର ଦାୟିତ୍ୱ ଥିଲା ଆମ ମୁଣ୍ଡ ଉପରେ ।

ମୋର ହ୍ୟୁହ୍ୟୁଟେନାଙ୍ଗୋ ଗାଁ କଥା ବେଶୀ ମନେ ପଡୁଛି । ସେହି ଗାଁରେ ମୁଁ ଯେଉଁ ସାଥୀର ଘରେ ରହୁଥିଲି ସେ ଥିଲା ଦଶଟି ପିଲାର ମା' । ମୁଁ ମୋ ସହିତ କମ୍ବଳ ଆଣିବାକୁ ଭୁଲିଯାଇଥିଲି ଓ ରାତିରେ ଘୋଡ଼େଇ ହେବା ପାଇଁ କେବଳ ଚାଦରଟିଏ ମୋ ପାଖରେ ଥିଲା । ଅଲ୍‌ଟିପ୍ଲାନୋର ସେହି ଗାଁରେ ସେଦିନ ପ୍ରବଳ ଥଣ୍ଡା ପଡ଼ିଥାଏ । ମୁଁ ଭାବିଥିଲି ଦେହକୁ ଢାଙ୍କିବା ପାଇଁ ମୋତେ କିଛି ଚାଦର କିମ୍ବା ଶାଲ ସେମାନେ ଦେବେ । କିନ୍ତୁ ରାତିରେ ଯେତେବେଳେ ଦେଖିଲି ସେମାନଙ୍କ ନିଜ ପାଖରେ ମଧ୍ୟ ଯଥେଷ୍ଟ ଲୁଗା ନାହିଁ, ମୋ ଦୁଃଖର ସୀମା ରହିଲା ନାହିଁ । ଛୋଟିଆ ଘରଟି ଖୋଲା ଥିବାରୁ କୁକୁର ମାନେ ନିର୍ବିଘ୍ନରେ ଯିବା ଆସିବା କରୁଥାନ୍ତି । ଆମେ ସେଠାରେ କିପରି ରହିବୁ ମୁଁ ଜାଣି ପାରୁ ନଥାଏ । ପାହାଡ଼ରୁ କିଛି ପତ୍ର ଆଣି ନିଆ ଜାଳିଲେ ଭଲ ହୁଅନ୍ତା, ମୁଁ ଏକଥା ଭାବିଲା ବେଳକୁ ସେମାନେ କୁଢାଏ ପତ୍ର ଗୋଟେଇ ଆଣି ନିଆଁ ଟିଏ ତିଆରି କଲେ ଏବଂ ତା' ଚାରି ପାଖରେ ଶୋଇ ପଡ଼ିଲେ । ସେମାନଙ୍କୁ ଦେଖି ମୁଁ ମଧ୍ୟ ଶୋଇବାକୁ ଚେଷ୍ଟା କଲି । ରାତି ଅଧା ହେବା ବେଳକୁ ଥଣ୍ଡାରେ ଦେହ ହେମାଳ ହୋଇଯାଇଥାଏ । ମୋ ଘର ଅଲ୍‌ଟିପ୍ଲାନୋରେ ହୋଇଥିଲେ ମଧ୍ୟ ଏତେ ଥଣ୍ଡା ମୁଁ କେବେ ଅନୁଭବ କରିନଥିଲି । ବୟସ୍କ ଲୋକମାନେ ନିଦରୁ ଉଠି କିଛି ସମୟ ପରେ ପୁଣି ଶୋଇ ପଡ଼ିଲେ । ମଣିଷ କେତେ କଷ୍ଟ ସହି ପାରେ ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଥିଲି । ଯାହା ଆମେ ସହିପାରିବୁ ନାହିଁ ବୋଲି ଭାବୁ, ତାହା ହିଁ କିଛି ସମୟ ପରେ ଦେହସୁହା ହୋଇଯାଏ । ପିଲାମାନେ ହଲ୍‌ଚଲ୍ ନହୋଇ ସେମିତି ଚଟାଣରେ ଶୋଇଥାନ୍ତି । ତାଙ୍କ ବାପା ମା' ମାନେ ମୋତେ ଭଲ ପାଉଥିବାରୁ ଏବଂ ମୋତେ ଜଣେ ନେତା ବୋଲି ମନେ କରୁଥିବାରୁ ବସିବା ପାଇଁ ମୋତେ ସପଟିଏ ଦେଲେ । କିନ୍ତୁ ମୁଁ ସପକୁ ବ୍ୟବହାର କରିବା

Digitized by srujanika@gmail.com

ଉଚିତ ମନେକଲି ନାହିଁ । ମୁଁ ଥିଲି ସେହିମାନଙ୍କ ଭିତରୁ ଜଣେ ଏବଂ କୌଣସି ବିଶେଷ ସତ୍କାର ମୋତେ ଲଜ୍ଜିତ କରୁଥିଲା । ଆମେ ଯଦି ପ୍ରକୃତରେ ସମସ୍ତଙ୍କ ପାଇଁ ସମାନ ଅଧିକାର ଲାଗି ଲଢୁଛୁ, ନିଜେ କୌଣସି ସ୍ୱତନ୍ତ୍ର ସୁବିଧା ନେବାର ଅଧିକାର ମଧ ଆମର ନାହିଁ । ଆମ ପାଖରେ ଯାହା ଅଛି ତାକୁ ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିବା - ଏହାହିଁ ହେଉଛି ପ୍ରକୃତରେ ସମାନତା । ସପଟିକୁ ପିଲାମାନଙ୍କ ସହିତ ମିଶି ବ୍ୟବହାର କରିବା ପାଇଁ ମୋର ଆପତ୍ତି ନଥିଲା, କିନ୍ତୁ ତାକୁ ଏକ ଚାଟିଆ ଭାବରେ ବ୍ୟବହାର କରିବାର ଅଧିକାର ମୋର ନଥିଲା । ଆମ ଠାରୁ ଆହୁରି ଦୟନୀୟ ଅବସ୍ଥାରେ ଆହୁରି ଅନେକ ଲୋକ ଅଛନ୍ତି - ଏହା ମୁଁ ଉପଲବ୍ଧି କରିପାରିଲି । ଅନ୍ତତଃ ଆମ ଘରେ ତ ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ସପ ଥିଲା । ଏ ବିଷୟରେ ମୁଁ ଯେତେ ଭାବୁଥାଏ ମୋର କ୍ରୋଧ ମଧ ବଢୁଥାଏ । ଧନୀ ଲୋକଙ୍କ ଘରେ ଶୋଇବା ପାଇଁ ଶେଯର ଅଭାବ ନାହିଁ, ଏଣେ ଗରିବ ଘରେ ସପଟିଏ ମଧ ଦୁର୍ଲଭ । ମୁଁ ଗାଁ ପରେ ଗାଁ ବୁଲି ମୋ କାମ କରି ପାରୁଥିଲି, ଏହାହିଁ ମୋ ପାଇଁ ଆଶ୍ୱାସନାର ବିଷୟ ଥିଲା ।

ମୁଁ ଏଇଠି ଗୋଟିଏ କଥା କହି ରଖିବାକୁ ଚାହେଁ । ମୋର ଜଣେ ସାଙ୍ଗ ଥିଲା ଯେ କି ମୋତେ ସ୍ପାନିଶ୍ ଶିଖାଇଥିଲା । ସେ ଥିଲା କୃଷକ ସଂଗଠନରେ କାମ କରୁଥିବା ଜଣେ ଲାଡ଼ିନୋ । ଆମେ ଯେଉଁଠାରେ ରହୁଥିଲୁ ସେଇଠି ଖୋଲାଖୋଲି ମିଶିବା ସମ୍ଭବ ନଥିବାରୁ ଲୁଚି ଲୁଚି ଆମେ ପରସ୍ପରକୁ ଭେଟୁଥିଲୁ । ଏଇ ସାଥୀ ଜଣକ ମୋତେ ଲାଡ଼ିନୋମାନଙ୍କୁ ଭଲ ପାଇବା ଶିଖାଇଥିଲା । ତା'ଛଡ଼ା କେତେକ ଭୁଲ ଧାରଣା ମୋ ମନ ଭିତରୁ ଦୂର କରିବାରେ ସେ ସାହାଯ୍ୟ କରିଥିଲା । କଥାରେ ନୁହେଁ, ନିଜ ଆଚରଣ ଓ ବ୍ୟବହାରରେ ହିଁ ସେ ତା'ର ଆଦର୍ଶକୁ ପ୍ରମାଣ କରୁଥିଲା । ବେଳେବେଳେ ଆମେ କୃଷକମାନଙ୍କର ଆନ୍ଦୋଳନକୁ ସାଧାରଣ ଭାବେ ସମର୍ଥନ କରୁଥିଲୁ ଏବଂ ସମନ୍ୱିତ କାର୍ଯ୍ୟକ୍ରମ ଗ୍ରହଣ କରୁଥିଲୁ । ଧର୍ମଘଟ ହେଲେ ସବୁ ଶ୍ରମିକମାନଙ୍କୁ ସେଥିରେ ସାମିଲ୍ କରିବ, ଏବଂ ସମାବେଶ ହେଲେ ସମସ୍ତଙ୍କର ମତାମତ ଶୁଣିବା ଥିଲା ଆମର କାମ । ମୁଁ ଯେଉଁ ଅଞ୍ଚଳରେ କାମ କରୁଥିଲି, ସେହି ଅଞ୍ଚଳର ସମସ୍ତ ସାଥୀଙ୍କ ମତାମତକୁ ଆଞ୍ଚଳିକ ସମନ୍ୱୟ ସଂସ୍ଥାକୁ ପଠାଉଥିଲି । ସବୁ ଆଞ୍ଚଳିକ ସଂସ୍ଥାର ମତାମତ ଜାତୀୟ ସମନ୍ୱୟ ସଂସ୍ଥାକୁ ଯାଉଥିଲା । ଲାଡ଼ିନୋ ସାଥୀ ସହିତ ବେଶୀ ମିଶିବା ପରେ ମୁଁ ହୃଦ୍‌ବୋଧ କଲି, ଲାଡ଼ିନୋ ଓ ଆମ ଭାରତୀୟମାନଙ୍କ ଭିତରେ କିଛି ପାର୍ଥକ୍ୟ ନାହିଁ । ସେମାନେ ମଧ ଆମ ପରି ଦୟନୀୟ ଅବସ୍ଥାରେ ରହୁଥିଲେ ।

ସେତିକିବେଳେ ଆମ ଲାଡ଼ିନୋ ସାଥୀମାନଙ୍କ ପ୍ରତି ମୁଁ ବେଶୀ ଆକୃଷ୍ଟ ହୋଇପଡ଼ିଲି । ଆମ ସଂଗଠନରେ ଭାରତୀୟମାନେ ଥିଲେ । ଗରିବ ଲାଡ଼ିନୋ ମାନେ ମଧ ଥିଲେ । ଲାଡ଼ିନୋମାନଙ୍କ ସହିତ ଦୀର୍ଘ ଆଲୋଚନା ଗୁଡ଼ିକ ମୋର ଭଲ ଭାବରେ ମନେ ଅଛି । ସବୁ ବିପ୍ଲବାତ୍ମକ ଆନ୍ଦୋଳନରେ ଆତ୍ମ ନିରୀକ୍ଷାର ସମୟ ଆସେ । ଆମ

Digitized by srujanika@gmail.com

ସଂଗଠନରେ ମଧ୍ୟ ଆମେ ବେଳେବେଳେ ଆତ୍ମ ସମୀକ୍ଷା କରୁଥିଲୁ । ଥରେ ଜଣେ ଲାଡ଼ିନୋର ଗୋଟିଏ ଭୁଲ୍ ଦର୍ଶାଇ ଦେଇ ମୋତେ ପରେ ଭାରି ଅନୁତାପ କରିବାକୁ ପଡ଼ିଥିଲା । ଅପମାନ ପାଇଲେ କିପରି ଲାଗେ ମୁଁ ମର୍ମେ ମର୍ମେ ଅନୁଭବ କରିଛି । ମ୍ଲେଚ୍ଛ ଭାରତୀୟ ବୋଲି କେହି କହିଲେ କିପରି ଲାଗେ ମୁଁ ଜାଣିଛି । ତେଣୁ ମୋ ପାଇଁ ଜଣେ ଲାଡ଼ିନୋକୁ ସମାଲୋଚନା କରିବାର ଅର୍ଥ ଥିଲା ମୁହଁରେ ମୁଖା ପିନ୍ଧି ଲଜ୍ୟାହୀନ ଭାବରେ କିଛି କରିବା । ଅବଶ୍ୟ ମୋର ସମାଲୋଚନା ଗଠନାତ୍ମକ ଥିଲା । ଏହା କଲାବେଳେ ସମାଲୋଚନା ଗ୍ରହଣ କରିବା ପାଇଁ ମଧ୍ୟ ମୁଁ ପ୍ରସ୍ତୁତ ଥିଲି ।

ମୁଁ ତ କହିଛି ମୁଁ କେବଳ ଭାରତୀୟ ନୁହେଁ, ମୋ ଭାରତୀୟତା ପାଇଁ ମୁଁ ଗର୍ବ ମଧ୍ୟ କରେ । ଆମ ପୂର୍ବପୁରୁଷମାନଙ୍କ ପରମ୍ପରା ପ୍ରତି ମୋର ଗଭୀର ସମ୍ମାନ ଅଛି । ଏହା ସତ୍ତ୍ୱେ, ପରସ୍ପର ମଧ୍ୟରେ ଆଲୋଚନା ଦ୍ୱାରା ଆମର ଅନେକ ଭୁଲ୍ ଧାରଣାକୁ ଠିକ୍ କରି ହେବ, ଏହା ମୁଁ କ୍ରମେ ଉପଲବ୍ଧି କଲି । ଲାଡ଼ିନୋ ଓ ଆମ ଭିତରେ ଏହିପରି ଅନେକ ଭୁଲ ବୁଝାମଣା ରହିଥିଲା । ଆମେ ଯେତେବେଳେ ପରସ୍ପରକୁ ଭଲ ଭାବରେ ବୁଝିବାକୁ ଚେଷ୍ଟା କଲୁ, ଜମି ମାଲିକାନା ହିଁ ଆମର ସମସ୍ତ ସମସ୍ୟାର ମୂଳରେ ଥିବା କଥା ପରିଷ୍କାର ଭାବରେ ଜାଣି ପାରିଲୁ । ପ୍ରକୃତରେ ଆମ ଦେଶର ସମସ୍ତ ସମ୍ପଦ ମାତ୍ର ଅଳ୍ପ କେତେଜଣଙ୍କ ହାତରେ ଠୁଳ ହୋଇଥିଲା ।

ମୋ ସାଥୀ ଜଣକ ମଧ୍ୟବିତ୍ତ ପରିବାରରୁ ଆସିଥିଲେ ମଧ୍ୟ ଗରିବଙ୍କ ପକ୍ଷ ନେବାକୁ ସ୍ଥିର କରିଥିଲା । ସେ ପାଠ ପଢ଼ିଥିଲା ଏବଂ ତା'ର ବୃତ୍ତିଟିଏ ମଧ୍ୟ ଥିଲା । କିନ୍ତୁ ସେ ଜାଣିଥିଲା, ତା'ର ସବୁ କିଛି, ବିଶେଷ ଭାବରେ ଜ୍ଞାନକୁ , ଗରିବଙ୍କ ପାଇଁ ବ୍ୟବହାର କରିବାକୁ ପଡ଼ିବ । ସେ ଜଣେ ବୁଦ୍ଧିଜୀବୀ ହୋଇଥିବାରୁ ନିଜକୁ 'କୃଷକ' ଭାବରେ ପରିଚୟ ଦେବା ପାଇଁ କୁଣ୍ଠା ବୋଧ କରୁଥିଲା । ତେଣୁ ସେ କୃଷକ ସଂଗଠନର ସଭ୍ୟ ନହୋଇ ବାହାରୁ ତାହାକୁ ସାହାଯ୍ୟ କରିବା ଶ୍ରେୟସ୍କର ମନେକରୁଥିଲା । କୃଷକ ମାନଙ୍କର ଅନୁଭୂତି ତା'ର ନାହିଁ, କିମ୍ବା କୃଷକମାନେ ଯାହା କରିପାରିବେ ସେ କରି ପାରିବ ନାହିଁ ଏହା ମଧ୍ୟ ସେ ବୁଝିଥିଲା । ଉଦାହରଣ ସ୍ୱରୂପ କୃଷକ ମାନେ କ୍ଷୁଧାକୁ ଯେପରି ଭାବରେ ଅନୁଭବ କରିଥିଲେ ସେ ଅନୁଭୂତି ତା'ର ନଥିଲା । ଜଣେ ଭାରତୀୟ ଭାବରେ ମୋତେ ଉଭୟ ବୈଷମ୍ୟ ଓ ଶୋଷଣ ସହିବାକୁ ପଡୁଥିଲା । ଆମେ ଏତେ ଉତ୍ସାହରେ ସଂଗ୍ରାମ କରିବାର ଏହା ଥିଲା ଅନ୍ୟତମ କାରଣ । ପିଲାବେଳେ ଆମେ ବଜାରକୁ ଯିବା କଥା ମୋର ମନେ ଅଛି । ଆମେ ସ୍ପାନିଶ୍ କହୁ ନଥିବାରୁ ଜିନିଷ କିଣିବା ବେଳେ ସେମାନେ ଆମକୁ ଠକି ଦେଉଥିଲେ । ସେମାନଙ୍କୁ ବିଶ୍ୱାସ କରି ଆମେ ପାଇସା ନେଇ ଫେରୁଥିଲୁ । କିନ୍ତୁ ଘରେ ପହଞ୍ଚି ହିସାବ କରିବା ବେଳକୁ ପଇସା କମ୍ ହେଉଥିଲା । ଏଥିରୁ ଜଣା ପଡ଼ିବ , ସେମାନେ ଆମକୁ କେବଳ ଶୋଷଣ କରୁ ନଥିଲେ, ଆମ ଅଜ୍ଞତାର ସୁଯୋଗ ନେଇ ଆମକୁ ହୀନ ଦୃଷ୍ଟିରେ ମଧ୍ୟ ଦେଖୁଥିଲେ ।

Digitized by srujanika@gmail.com

ଲାଡ଼ିନୋମାନଙ୍କ ସହିତ ମିଶି ମୁଁ ଅନେକ କଥା ଶିଖିଲି । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଥିଲା ଯେ ଆମକୁ ନିଜ ସମସ୍ୟା ସମାଧାନ ନିଜେ କରିବାକୁ ପଡ଼ିବ । ଭାରତୀୟ ଓ ଲାଡ଼ିନୋମାନେ ପରସ୍ପରକୁ ବୁଝୁନଥିବାରୁ ବେଳେବେଳେ ଆଲୋଚନା ବେଶୀ ସରଗରମ ହେଉଥିଲା । ଗୁଆଟେମାଲାରେ ଭାରତୀୟ ଓ ଲାଡ଼ିନୋମାନଙ୍କ ମଧ୍ୟରେ ବିଭେଦ ଆମ ପରିସ୍ଥିତି ପାଇଁ ଅନେକ ମାତ୍ରାରେ ଦାୟୀ । ଲାଡ଼ିନୋମାନେ ସ୍ପାନଆର୍ଡ଼ ଓ ସ୍ପାନିଶ କରହୁଥିବା ଭାରତୀୟମାନଙ୍କ ସନ୍ତାନ ଏବଂ ସଂଖ୍ୟା ଲଘୁ ଶ୍ରେଣୀର । ଭାରତୀୟମାନଙ୍କର ସଂଖ୍ୟା ପ୍ରକୃତରେ କେତେ ଆମକୁ ଜଣା ନାହିଁ । ସେମାନଙ୍କ ସଂଖ୍ୟା ଶତକଡ଼ା ଅଶୀ ମଧ୍ୟ ହୋଇପାରେ । କେତେକ ଭାରତୀୟମାନଙ୍କର ପରମ୍ପରା ସହିତ ସମ୍ପର୍କ ନାହିଁ । ସେମାନଙ୍କୁ ଭାରତୀୟ ବୋଲି ବିବେଚନା ମଧ୍ୟ କରାଯାଏ ନାହିଁ । ଅନ୍ୟ ପକ୍ଷରେ ସଂଖ୍ୟା ଲଘୁ ଲାଡ଼ିନୋମାନେ ନିଜକୁ ଉଚ୍ଚ ବର୍ଗର ଲୋକ ଏବଂ ଭାରତୀୟମାନଙ୍କୁ ପଶୁ ବୋଲି ମନେକରନ୍ତି । ସେମାନେ ନିଜର ମିଶ୍ରିତ ରକ୍ତ ବିଷୟରେ ଉଲ୍ଲେଖ କରନ୍ତି ନାହିଁ । ବରଂ ନିଜକୁ ସ୍ୱତନ୍ତ୍ର ପ୍ରମାଣ କରିବାକୁ ଚାହାନ୍ତି । କିନ୍ତୁ ସବୁ ଲାଡ଼ିନୋ ସମାନ ନୁହନ୍ତି । ସେମାନଙ୍କ ମଧ୍ୟରେ ଧନୀ ଅଛନ୍ତି । ଗରିବମାନେ କୁଆଡ଼େ ଅଳସୁଆ , ସେମାନେ କାମ କରିବା ପାଇଁ ଅନିଚ୍ଛୁକ, କେବଳ ଶୋଇବାକୁ ଭଲ ପାଆନ୍ତି ଏବଂ ତାଙ୍କ ଜୀବନରେ ସରସତା ନାହିଁ । ସେମାନଙ୍କର ନିଜ ଅବସ୍ଥା ଯେତେ ଶୋଚନୀୟ ହୋଇଥାଉନା କାହିଁକି, ସେମାନେ ଭାରତୀୟମାନଙ୍କ ଠାରୁ ନିଜକୁ ଉତ୍କୃଷ୍ଟ ବୋଲି ମନେ କରନ୍ତି ଏବଂ ନିଜର ଚିନ୍ତା ଓ କାର୍ଯ୍ୟକୁ ସେହି ଅନୁସାରେ ପରିଚାଳିତ କରନ୍ତି । ସେମାନେ ଆପଣା ଖୋଳପା ଭିତରୁ ବାହାରି ନିଜ ଅବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ଉପାୟ ଖୋଜନ୍ତି । ବଜାରରେ ଜଣେ ଲାଡ଼ିନୋ ଭାରତୀୟଠାରୁ ଚୋରୀ କରିପାରେ; କିନ୍ତୁ ଆଉ ଜଣେ ଲାଡ଼ିନୋ ଠାରୁ କେବେ ଚୋରୀ କରିବ ନାହିଁ । ଜଣେ ଲାଡ଼ିନୋ ମହିଳାକୁ ଅପମାନିତ କରିବାକୁ ପଛାଇବ ନାହିଁ । କିନ୍ତୁ ଭାରତୀୟ ପକ୍ଷରେ ଏହା କଦାପି ସମ୍ଭବ ନୁହେଁ । ଲାଡ଼ିନୋ ଓକିଲ ପରାମର୍ଶ କରିବାକୁ କଲେ, ତା'ପାଇଁ ମଧ୍ୟସ୍ଥି ଆବଶ୍ୟକ ହୁଏ ନାହିଁ । ସେ ବସ୍‌ରେ ଯିବା ଆସିବା କରିବା ସାଧାରଣ କଥା । କିନ୍ତୁ ଜଣେ ଭାରତୀୟକୁ ବସ୍‌ରେ ବସିବା ଦେଖିଲେ ସମସ୍ତେ ନାକ ଟେକନ୍ତି । ସେମାନେ ଭାବନ୍ତି ଆମେ ମ୍ଲେଚ୍ଛ, ପଶୁ ଠାରୁ ମଧ୍ୟ ହୀନ । କେହି ଭାରତୀୟ ପାଖକୁ ଆସିବା ଦେଖିଲେ ଲାଡ଼ିନୋ ନିଜ ସ୍ଥାନ ଛାଡ଼ି ଚାଲିଯିବାକୁ ଶ୍ରେୟସ୍କର ମନେକରେ । ଗରିବ ଲାଡ଼ିନୋ ଓ ଭାରତୀୟମାନଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ । ବରଂ ଉଭୟଙ୍କର ଅବସ୍ଥା ଏକା ପରି । ଏହା ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଦୂରତା ଯେପରି ଖୁବ୍ ବେଶୀ ପିଲା ବେଳୁ ଏହି ବିଷୟ ଚିନ୍ତା କରି ମୁଁ ଦୁଃଖ ପାଇଛି । ବେତାର କେନ୍ଦ୍ରରୁ ସ୍ପାନିଶ ଭାଷାରେ କାର୍ଯ୍ୟକ୍ରମ ପ୍ରସାର କରାଯାଏ । ତେଣୁ ଏହି ମାଧ୍ୟମଟି ମଧ୍ୟ ଭାରତୀୟମାନଙ୍କ ପାଇଁ ଅପହଞ୍ଚ । ଆମ ପରିସ୍ଥିତି ଏବଂ ବିଚ୍ଛିନ୍ନତାବୋଧ ଲାଡ଼ିନୋମାନଙ୍କ ପ୍ରତି ମୋ ମନୋଭାବକୁ

Digitized by srujanika@gmail.com

କିଛି ପରିମାଣରେ କଠିନ କରିଦେଉଥିଲା । ପ୍ରକାଶ ନକଲେ ମଧ୍ୟ ହୃଦୟରେ କଣ୍ଟା ପରି ତାହା ସବୁବେଳେ ଲାଗି ରହିଥାଏ । କିନ୍ତୁ କ୍ରମେ ଆଲୋଚନା ମାଧ୍ୟମରେ ଆମେ ପରସ୍ପରକୁ ବୁଝିଲୁ । ଏପରି ସମୟ ମଧ୍ୟ ଆସିଲା, ଯେତେବେଳେ ଆମେ ଉଭୟ ମିଶି ବିଭିନ୍ନ ଦାୟିତ୍ୱ ସଂପାଦନ କଲୁ । ଜଣେ ଲାଡ଼ିନୋ ସାଥୀ ସହିତ ଏକାଠି ଚାଲିବା ଆମ କଳ୍ପନାର ବାହାରେ ଅର୍ଥାତ ସ୍ୱପ୍ନ ପରି ଥିଲା । କିନ୍ତୁ ପରିବର୍ତ୍ତନ ପାଇଁ ଭାରତୀୟ ଓ ଲାଡ଼ିନୋମାନେ ଏକାଠି ହେବା ଥିଲା ଏକାନ୍ତ ଜରୁରୀ । ଆତ୍ମରକ୍ଷାର କୌଶଳ, ଫାଶ ଓ ଗୁପ୍ତ ରାସ୍ତାମାନଙ୍କ ସମ୍ପର୍କରେ ଜ୍ଞାନ ପାଇଁ ସେମାନେ ମୋତେ ସମ୍ମାନ କରୁଥିଲେ । ଆମ ସଂଗ୍ରାମରେ ଜଣେ ମହିଳା, ଖ୍ରୀଷ୍ଟିଆନ ଓ ଭାରତୀୟ ଭାବରେ ମୋର ସ୍ୱତନ୍ତ୍ର ଦାୟିତ୍ୱ ଥିଲା ।

ମୋ ବାପାଙ୍କ ଭୂମିକା ଥିଲା ଠିକ୍ ମୋ ପରି । କେତେବେଳେ କେମିତି ଦେଖାଦେଲେ ସେ ତାଙ୍କ ଅନୁଭୂତି ବିଷୟରେ ମୋତେ କହୁଥିଲେ । ସମଗ୍ର ସହରର ଲାଡ଼ିନୋ ଓ ଭାରତୀୟମାନଙ୍କ ଦାୟିତ୍ୱ କିପରି ତାଙ୍କ ଉପରେ ନ୍ୟସ୍ତ ଥିଲା, ସ୍ପାନିଶ୍ ଭାଷା ନଜାଣିବା ଯୋଗୁଁ କିପରି ଅସୁବିଧା ହେଉଥିଲା - ଏସବୁ କଥା ସେ ମୋତେ କହୁଥିଲେ । ଆମ ଉପରେ ଲଦି ଦିଆଯାଇଥିବା ଧାରଣା, ସାଂସ୍କୃତିକ ପାର୍ଥକ୍ୟ ଓ ଗୋଷ୍ଠୀ ଗତ ପ୍ରତିବନ୍ଧକ ମାନଙ୍କୁ ଦୂର କରିବା ଯେ ଆମ ସଂଗ୍ରାମର ଯଥାର୍ଥ ମୂଳ ଭିତ୍ତି, ମୋର ଏହି ବିଶ୍ୱାସ ଆହୁରି ଦୃଢ଼ ହେବାରେ ଲାଗିଲା । ନିଜ ଧର୍ମ ଓ ବିଶ୍ୱାସ ମାନଙ୍କୁ ବିଭିନ୍ନ ଉପାୟରେ ପ୍ରକାଶ କରୁଥିଲେ ମଧ୍ୟ ଆମ ମଧ୍ୟରେ ସାଂସ୍କୃତିକ ଐକ୍ୟ ରହିଛି । ଭାଷା, ପୋଷାକ ଓ ଅନ୍ୟାନ୍ୟ ପ୍ରତିପକ୍ଷକ ସତ୍ତ୍ୱେ ସବୁ ଭାରତୀୟମାନଙ୍କର ଏକ ସାଧାରଣ ସଂସ୍କୃତି ରହିଛି । ଏହି ସଂସ୍କୃତିର ମୂଳରେ ଅଛି ମକା । ଏହା ଭିତରେ ମୁଁ ଜଣେ ଶିକ୍ଷିତା ମହିଳା ହୋଇ ସାରିଥିଲି । ବେଶୀ ବହି ପଢ଼ିଥିବା ବା ସ୍କୁଲକୁ ଯାଇଥିବା ଦୃଷ୍ଟିରୁ ନୁହେଁ; ନିଜ ଲୋକମାନଙ୍କର ଏବଂ ଅନ୍ୟ ଗୋଷ୍ଠୀର ସାଥୀମାନଙ୍କ ଇତିହାସ ଜାଣିଥିବା ଦୃଷ୍ଟିରୁ ମୋତେ ଶିକ୍ଷିତା କୁହାଯାଇପାରିବ । ବିଭିନ୍ନ ଗୋଷ୍ଠୀର ମଣିଷ ମାନଙ୍କ ଠାରୁ ମୁଁ କେତେ କଥା ଶିଖିଛି । ଭୁଲିଯାଇଥିବା କଥାକୁ ପୁଣିଥରେ ଆବିଷ୍କାର କରିଛି ।

ଏବେ ଆମେ ୧୯୭୯କୁ ଆସିବା । ଦକ୍ଷିଣ ଉପକୂଳ ଓ ଅଲ୍‌ଟିପ୍ଲୋନୋରେ ଆମେ ଜନ ସଂଗ୍ରାମକୁ ପରିଚାଳନା କରି ଚାଲିଥାଉ । ଆମ ସଂଗଠନ ଆଉ ଏକ କ୍ଷୁଦ୍ର ମଞ୍ଜି ହୋଇ ରହି ନଥିଲା । ଏହା ଭାରତୀୟ କୃଷକ ଓ ଗରିବ ଲାଡ଼ିନୋମାନଙ୍କ ସମେତ ସଂଖ୍ୟା ଗରିଷ୍ଠ ଗୁଆଟେମାଲା ଅଧିବାସୀଙ୍କ ହୃଦୟକୁ ଜୟ କରିସାରିଥିଲା । ଆମେ ସମଗ୍ର ଅଲ୍‌ଟିପ୍ଲୋନୋ, ଦକ୍ଷିଣ ଓ ପୂର୍ବ ଉପକୂଳର ଗଳିକନ୍ଦିକୁ ଯାଇ ପହଞ୍ଚିଥିଲୁ । ଏବେ ପୂର୍ବ ଉପକୂଳରେ ଆଉ ଭାରତୀୟ ମାନେ ନାହାନ୍ତି କହିଲେ ଚଳେ । କେତେଜଣ ବୁଢ଼ା ଲୋକ କିଛି କିଛି 'ଚୋଟି' କହି ପାରିବା ଛଡ଼ା ସେମାନେ ନିଜ ପାରମ୍ପରିକ ପୋଷାକ ଓ ଭାଷାକୁ ପ୍ରାୟ ଭୁଲିଗଲେଣି । ଏହା ଦେଖି ମୋର ଖୁବ୍ ରାଗ ହୁଏ । ସେମାନେ ଥିଲେ ପିନ୍‌କାର

Digitized by srujanika@gmail.com

ଶ୍ରମିକ ; ଓଭରସିଅର, ପ୍ରଶାସକ, ସୈନିକ ଅଥବା ପୋଲିସ । ଇଚ୍ଛା କରି ଯେ ସେମାନେ ସବୁ କଥା କରୁଥିଲେ ତାହା ନୁହେଁ । ସେମାନଙ୍କୁ ପ୍ରଚଳିତ ବ୍ୟବସ୍ଥା ହିଁ ଅମଣିଷ କରି ଦେଇଥିଲା । ଏହି କାରଣରୁ ମୋ ବାପା ପିଲାମାନେ ସ୍କୁଲକୁ ଯିବାର ପକ୍ଷପାତୀ ନଥିଲେ । ତାଙ୍କର ଧାରଣା ଯେ ସ୍କୁଲ ଶିକ୍ଷା ଆମ ପରମ୍ପରା ଠାରୁ ଆମକୁ ଦୂରକୁ ନେଇଯାଏ । ପୂର୍ବ ଉପକୂଳ ଲୋକମାନଙ୍କ ପାଇଁ ନିମ୍ନ ବିଦ୍ୟାଳୟର ସୁବିଧା ଥିଲା, କିନ୍ତୁ ଉଚ୍ଚ ତାଲିମର ବ୍ୟବସ୍ଥା ନଥିଲା । ଅଧିକାଂଶ ଲୋକ ପ୍ରାଥମିକ ସ୍କୁଲର ତୃତୀୟ ବା ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚି ପାରୁଥିଲେ । ଏତିକି ପାଠରେ ସତ୍ୱେ ତାଙ୍କ ଚିନ୍ତାଧାରା ବଦଳି ଯାଉଥିଲା । ଆମେ ଭାରତୀୟ ମାନେ କେବେ କୌଣସି ଶିକ୍ଷକଙ୍କୁ ଦେଖି ନଥିଲୁ । ଅବଶ୍ୟ ଅନ୍ୟ ଦୃଷ୍ଟିରୁ ଦେଖିଲେ ଏହା ଇଶ୍ୱରଙ୍କର ଆମ ପ୍ରତି ଆଶୀର୍ବାଦ ବୋଲି କୁହାଯାଇ ପାରିବ । ସ୍ପାନିଆଡ଼ ମାନଙ୍କର ଆଗମନକୁ ଏକ ବିଜୟ ବୋଲି କୁହାଯାଇଥାଏ । କିନ୍ତୁ ବାସ୍ତବରେ ତାହା ବିଜୟ ନଥିଲା ବୋଲି ଆମେ ଭଲ ଭାବରେ ଜାଣୁ । ଭାରତୀୟମାନେ କୁଆଡ଼େ ଯୁଦ୍ଧ କରି ଜାଣି ନଥିଲେ ଓ ଶତ୍ରୁକୁ ନମାରି ସେମାନେ କୁଆଡ଼େ ଘୋଡ଼ାଗୁଡ଼ିକୁ ମାରିବାରେ ନିଜ ଶକ୍ତି ପ୍ରୟୋଗ କରିଥିଲେ । ଏ କଥା ଶୁଣିଲେ ମୋର ପ୍ରବଳ କ୍ରୋଧ ହୁଏ । କିନ୍ତୁ କ୍ରୋଧକୁ ଦମନ କରି ତାକୁ ଲୋକ ମାନଙ୍କ ଶିକ୍ଷାରେ ବ୍ୟବହାର କରିବା ପାଇଁ ମୁଁ ନିଷ୍ପତ୍ତି କରିଥିଲି । ମୋର ଦୃଢ଼ ବିଶ୍ୱାସ ଯେ ଜଣେ ଯେତେ ପଢ଼ା ଲେଖା କରୁ ନା କାହିଁକି, କୃତିମ ଶିକ୍ଷାକୁ ଗ୍ରହଣ କରିବା ଉଚିତ୍ ନୁହେଁ । ବଡ଼ବାବୁ ମାନଙ୍କ ଚିନ୍ତାଧାରାକୁ ସେମାନେ କଦାପି ଅନୁକରଣ କରିବା ଉଚିତ୍ ନୁହେଁ । ମୁଁ ଚାହୁଁଥିଲି ସେମାନେ ନିଜ ପାଇଁ ନିଜେ ଚିନ୍ତା କରନ୍ତୁ ଏବଂ ଅନ୍ୟମାନେ ତାଙ୍କ ପାଇଁ ଚିନ୍ତା କରିବାକୁ ଅବକାଶ ନ ଦିଅନ୍ତୁ ।

ଆମ ଲୋକଙ୍କ ପାଇଁ ପ୍ରକୃତରେ କ'ଣ ଆବଶ୍ୟକ ଆମେ ତାହା ଜାଣୁ । ନିଜ ଅଭିଜ୍ଞତାରୁ ଆମେ ତାହା ଶିଖିଛୁ । ସେଥିପାଇଁ ତ ଆମେ ଆମର ଅସ୍ତିତ୍ୱ ବଜାୟ ରଖି ପାରିଛୁ । ସରକାର ଆମ ଉପରେ ଯାହା ଲଦି ଦେବାକୁ ଚାହିଁଛନ୍ତି ଆମେ ତାକୁ ପ୍ରତ୍ୟାଖ୍ୟାନ କରିଛୁ । କେବଳ ମୁଁ ଏକା ନୁହେଁ, ଏହା ସମସ୍ତଙ୍କ ବିଚାର, ସମଗ୍ର ଗୋଷ୍ଠୀର ବିଚାର । ଆମେ ବଞ୍ଚିଥିବା ଯାଏ କ'ଣ ସବୁ ତଥ୍ୟ ଗୋପନୀୟ ରଖିବୁ, ତାହା ଗୋଷ୍ଠୀ ଆମକୁ ଶିଖାଇଛି । ପରବର୍ତ୍ତୀ ବଂଶଧରମାନେ ମଧ୍ୟ ସେହି ନିୟମକୁ ମାନି ଚଳିବେ । ଆମେ ଯେତେବେଳେ ନିଜକୁ ସଂଗଠିତ କରିବାକୁ ଆରମ୍ଭ କଲୁ, ସେ ପର୍ଯ୍ୟନ୍ତ ଗୋପ୍ୟ ଥିବା ବିଷୟଗୁଡ଼ିକୁ କାମରେ ଲଗାଇଲୁ । ଆମେ ବ୍ୟବହାର କରୁଥିବା ଫାଶ ଗୁଡ଼ିକୁ ଏକ ଉଦାହରଣ ଭାବରେ ନିଆଯାଇପାରେ । ଆମ ଗାଁକୁ ପୁରୋହିତ ଆସିଲେ, ଆମେ ମୁହଁ ବନ୍ଦ କରି ରହୁଥିଲୁ । ଆମେ ସ୍ତ୍ରୀ ଲୋକ ମାନେ ମୁହଁକୁ ଘୋଡ଼ାଇ ଦେଉଥିଲୁ ଏବଂ ପୁରୁଷମାନେ ମୁଣ୍ଡ ତଳକୁ କରି ରଖୁଥିଲେ । ଏପରି ସମୟରେ ଆମେ କିଛି ନଜାଣିବା ପରି ଛଳନା କରୁ । କିନ୍ତୁ ଏକାଠି ହେଲେ, ଆମ ଭିତରେ ଅନେକ ଆଲୋଚନା ହୁଏ । ଆମେ ଚିନ୍ତା କରୁ ଓ ନିଜ ମତାମତ

Digitized by srujanika@gmail.com

ମଧ ଦେଉ । ଆମକୁ କେବେ କହିବା ପାଇଁ କିମ୍ବା ନିଜ ମତାମତ ପ୍ରକାଶ କରିବା ପାଇଁ ସୁଯୋଗ ଦିଆଯାଇ ନଥିବାରୁ, ଆମେ ମନଖୋଲି କହିବା ପାଇଁ ଉଦ୍ୟମ କରି ନାହୁଁ । ଆମ ପରିସ୍ଥିତିକୁ ଚାହିଁ ଆମେ ରାସ୍ତା ବାଛି ନେଇଛୁ । ଯେ କୌଣସି ପଶୁର ଜୀବନ ମଧ ଆମ ପାଇଁ ମୂଲ୍ୟବାନ । ମଣିଷ ତ ଆହୁରି ବଡ଼ । ମଣିଷ ଜୀବନ ରକ୍ଷା ପାଇଁ ଆବଶ୍ୟକ ହେଲେ ଆମେ ଆମର ଗୋପନ କଥାସବୁକୁ ମଧ ପ୍ରକାଶ କରିବାକୁ ପ୍ରସ୍ତୁତ ।

ଏଥିପାଇଁ ଭାରତୀୟମାନଙ୍କୁ ବୋକା ବୋଲି କୁହାଯାଇଥାଏ । ସେମାନେ କୁଆଡ଼େ କିଛି ଜାଣନ୍ତି ନାହିଁ ଏବଂ ଚିନ୍ତା କରିବାର ଶକ୍ତି ମଧ ସେମାନଙ୍କର ନାହିଁ । କିନ୍ତୁ ପ୍ରତିରୋଧ କରିବା ଲାଗି ହିଁ ଆମେ ଆମର ପରିଚୟକୁ ଗୋପନ ରଖିଛୁ । ସରକାର ଆମଠାରୁ ଯାହା ଛଡ଼ାଇ ନେବାକୁ ଚାହିଁଛି ଆମେ ତାକୁ ରକ୍ଷା କରିବାକୁ ଚାହିଁଛୁ । ଧର୍ମ, ବିଦ୍ୟାଳୟ, ବହି, ରେଡ଼ିଓ ଏବଂ ଅନ୍ୟାନ୍ୟ ଆଧୁନିକ ବସ୍ତୁ ମାଧମରେ ସେମାନେ ଆମ ଉପରେ ଅନ୍ୟ ସଂସ୍କୃତି ଲଦି ଦେବାକୁ ଚେଷ୍ଟା କରିଛନ୍ତି । ଏହି କାରଣରୁ ଆମେ କ୍ୟାଥଲିକ୍ ଓ ଖ୍ରୀଷ୍ଟିଆନ ଧର୍ମାନୁଷ୍ଠାନକୁ ଈଶ୍ୱର ପ୍ରାପ୍ତିର ଏକ ମାତ୍ର ରାସ୍ତା ବୋଲି ନଭାବି ନିଜ ପାରମ୍ପରିକ ପର୍ବ ପର୍ବାଣୀକୁ ପାଳନ କରୁ । ଆମର ସ୍ୱାତନ୍ତ୍ର୍ୟକୁ ଲୁଟି ନେବା ପାଇଁ ଏ ସବୁ ଅସ୍ତ୍ର ସମ୍ପର୍କରେ ଆମେ ସବୁବେଳେ ସଚେତନ ଥାଉ । ◻

Digitized by srujanika@gmail.com

୨୪

ରିଗୋବେର୍ଟାଙ୍କ ସାନ ଭାଇ ଉପରେ ଅତ୍ୟାଚାର: ପରିବାର ଓ ଗୋଷ୍ଠୀ ସମକ୍ଷରେ ତାକୁ ନିଆଁରେ ପୋଡ଼ି ହତ୍ୟା

'ମୋ ମା' କହୁଥିଲେ, ଯେଉଁ ସ୍ତ୍ରୀ ଲୋକ ତା' ପୁଅ ଅତ୍ୟାଚାରିତ ହେବା ଓ ଜୀବନ୍ତ ଦଗ୍ଧ ହେବା ଦେଖିଛି, ସେ କେବେ କ୍ଷମା ଦେଇପାରିବ ନାହିଁ କିମ୍ବା ଘୃଣାକୁ ମନରୁ ପୋଛିଦେଇପାରିବ ନାହିଁ।'

ରିଗୋବେର୍ଟା ମେଞ୍ଚୁ

'... ସେମାନେ ଭାବିଲେ, ପରବର୍ତ୍ତୀ ଶୀତଦିନେ ପ୍ରତିଦାନ ମିଳିବ । ବିଶାଳ କଣ୍ଟାଗଛର ଫଳକୁ ସେମାନେ ନିଆଁରେ ପକାଇଲେ, ଯେହେତୁ ଯୋଦ୍ଧାମାନଙ୍କର ବା ଯୁଦ୍ଧର ନିଆଁରେ ଏପରିକି କଣ୍ଟାମାନେ ମଧ୍ୟ କାନ୍ଦନ୍ତି।'

ମିଗୁଏଲ୍ ଆଞ୍ଜେଲ୍ ଆଷ୍ଟୁରିଆସ୍: *ମେନ୍ ଅଫ୍ ମେଜ୍*

ମୋର ମନେଅଛି ୧୯୭୯ରେ ମୋ ସାନ ଭାଇର ମୃତ୍ୟୁ ହୋଇଥିଲା । ଅକଥନୀୟ ଅତ୍ୟାଚାର ସହିଥିବା ସେ ଥିଲା ଆମ ପରିବାରର ପ୍ରଥମ ସଦସ୍ୟ । ତାକୁ ଷୋହଳ ବର୍ଷ ହୋଇଥାଏ । ପରିବାରରୁ ବିଦାୟ ନେଇ ଆମେ ଯେ ଯାହାର ରାସ୍ତାରେ ଗଲୁ, କିନ୍ତୁ ଗୋଷ୍ଠୀର ସମ୍ପାଦକ ହୋଇଥିବାରୁ ତାକୁ ସେଠାରେ ରହିବାକୁ ପଡ଼ିଲା । ମୋର ଦୁଇଜଣ ସାନ ଭଉଣୀ ଥିଲେ ମଧ୍ୟ ସେ ଭାଇମାନଙ୍କ ମଧ୍ୟରେ ସବୁଠାରୁ ସାନ ଥିଲା । ଜଣେ ସାନ ଭଉଣୀ ମୋ ମା'ଙ୍କ ସହିତ ଯାଇଥିଲା । ଅନ୍ୟ ଜଣେ ଗୋଷ୍ଠୀରେ ରହି ଆତ୍ମରକ୍ଷାର ବିଭିନ୍ନ ଉପାୟ ଶିଖିଲା ଓ ଅନ୍ୟମାନଙ୍କୁ ଶିଖାଇଲା । ସରକାର ଆମ ପରିବାରକୁ ବିଦେଶୀ ଓ କମ୍ୟୁନିଷ୍ଟ ବୋଲି ମନେ କରୁଥିଲା, ଏବଂ ଆମେ ସବୁ ତା' ଦୃଷ୍ଟିରେ ଜଣେ ଜଣେ ରାକ୍ଷସ ଥିଲୁ । ଆମର କୁପ୍ରଭାବ କୁଆଡ଼େ ଅନ୍ୟ ମାନଙ୍କ ଉପରେ ପଡୁଥିଲା । ସରକାର ମୋ ଭାଇମାନଙ୍କୁ ଖୋଜୁଥିବାରୁ ସେମାନେ ଆତ୍ମଗୋପନ କରିଥାନ୍ତି । ସେମାନଙ୍କ ପାଇଁ ଗୋଷ୍ଠୀର ଅନ୍ୟମାନେ ବିପଦରେ ପଡ଼ନ୍ତୁ, ଏହା ସେମାନେ ଚାହୁଁ ନଥିଲେ ।

୧୯୭୯ ସେପ୍ଟେମ୍ବର ୯ ତାରିଖ ମୋ ଭାଇକୁ ଅପହରଣ କରି ନିଆଗଲା । ସେ ଦିନ ଥାଏ ରବିବାର ଓ ମୋ ଭାଇ ପେଟ୍ରୋସିନିଓ ମେଞ୍ଚୁ ତୁମ୍ (ତୁମ୍ ଥିଲା ମୋ ଗାଁର ନାଁ) ସଂଗଠନ କାମରେ ଅନ୍ୟ ଏକ ଗାଁକୁ ଯାଇଥିବା ବେଳେ ସୈନ୍ୟବାହିନୀ ହାତରେ ଧରା

Digitized by srujanika@gmail.com

ପଡ଼ିଗଲା । ସେହି ଦିନଠାରୁ ଆମ ସମସ୍ତଙ୍କର ଚିନ୍ତା ଆରମ୍ଭ ହେଲା । ମୋ ମା' କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇ ତା' ସମ୍ପର୍କରେ ଅନୁସନ୍ଧାନ କଲେ । ତାଙ୍କର ନିଜ ଜୀବନ ପାଇଁ ମୋଟେ ଚିନ୍ତା ନଥିଲା । ମୋ ଭାଇର ଅପହରଣ ସମୟରେ ମୁଁ ହ୍ୟୁ ହ୍ୟୁ ଟେନାଙ୍ଗୋରେ ଥିଲି, କିନ୍ତୁ ମୋ ମା' ଘରେ ଥିଲେ ଏବଂ ଅନ୍ୟ ଭାଇମାନେ ପାଖ ଆଖରେ ଥିଲେ । ତାଙ୍କ ପୁଅ ବିଷୟରେ ଗାଁରେ କେହି କିଛି କହି ପାରିଲେ ନାହିଁ । ଏକଥା ସତଯେ ଗୋଷ୍ଠୀର କେହି ଜଣେ ବିଶ୍ୱାସଘାତକତା କରି ନଥିଲେ ମୋ ଭାଇକୁ ଅପହରଣ କରାଯାଇ ପାରିନଥାନ୍ତା । ଆମ ଭିତରେ ଏପରି ଲୋକ ଥିବା କଥା ମୁଁ ପୂର୍ବରୁ କହିଛି । ପରିସ୍ଥିତିରେ ପଡ଼ି ସେମାନେ ନିଜ ଭାଇକୁ ବିକ୍ରୀ କରିଦେବାପାଇଁ ମଧ୍ୟ କୁଣ୍ଠା ବୋଧ କରିବେ ନାହିଁ । ବିଶ୍ୱାସ ଘାତକତା କରିଥିବା ଲୋକଟି ଆମରି ସାଥୀ ଥିଲା ଏବଂ ଆମ ସହିତ ସବୁବେଳେ ସହଯୋଗ କରି ଆସୁଥିଲା । କିନ୍ତୁ ମାତ୍ର ପନ୍ଦର କ୍ୱେଜାଲ (ପ୍ରାୟ ପନ୍ଦର ଡ଼ଲାର) ଲାଞ୍ଚ ପାଇ ସେ ମୋ ଭାଇକୁ ସୈନ୍ୟ ବାହିନୀ ହାତରେ ଧରା ପକାଇ ଦେବାକୁ ପଛେଇ ନଥିଲା । ମୋ ଭାଇ ଆଉ ଜଣେ ଝିଅ ସହିତ ଅନ୍ୟ ଗାଁକୁ ଯାଉଥିବା ବେଳେ ସୈନ୍ୟ ମାନେ ତାକୁ ଦେଖି ଧରି ନେଇଗଲେ । ଝିଅଟି ଓ ତା'ର ମା'ସହିତ ଅନେକ ଦୂର ପର୍ଯ୍ୟନ୍ତ ତା ପଛରେ ଗଲେ, କିନ୍ତୁ କିଛି ଫଳ ହେଲା ନାହିଁ । ପ୍ରଥମରୁ ସେମାନେ ମୋ ଭାଇର ଦୁଇଟି ହାତକୁ ପଛରେ ବାନ୍ଧି ଦେଇ ଟାଣି ଟାଣି ନେଉଥାନ୍ତି ଏବଂ ବାରମ୍ବାର ତାକୁ ଗୋଇଠା ମାରୁଥାନ୍ତି । ଉଚ୍ଚ ନୀଚ ପଥୁରିଆ ରାସ୍ତା ଉପରେ ଟାଣି ନେବା ଦ୍ୱାରା ତା' ମୁହଁରୁ ରକ୍ତ ବାହାରିବାରେ ଲାଗିଲା । ଏହିପରି ଦୁଇ କିଲୋମିଟର ଯିବା ପରେ ଯଦି ସେମାନେ ଅତି ଶୀଘ୍ର ସେ ସ୍ଥାନ ଛାଡ଼ି ଚାଲି ନଯାନ୍ତି ମୋ ଭାଇର ଅବସ୍ଥା ସେମାନଙ୍କୁ ଭୋଗିବାକୁ ପଡ଼ିବ ବୋଲି ଝିଅ ଓ ତା' ମା'ଙ୍କୁ ଧମକ ଦିଆଗଲା । ଜଣେ ଅନ୍ତର୍ଘାତୀ କମ୍ୟୁନିଷ୍ଟ ହୋଇଥିବାରୁ ମୋ ଭାଇ ପାଇଁ ମୃତ୍ୟୁ ହିଁ ଉପଯୁକ୍ତ ଦଣ୍ଡ - ଏହା ସୈନ୍ୟମାନେ କହୁଥାନ୍ତି ।

ତା'ପରେ ଯାହାସବୁ ହେଲା ତାହାକୁ ସହଜରେ ବିଶ୍ୱାସ କରିହେବ ନାହିଁ । ମୋ ଭାଇ ଉପରେ କିପରି ଅତ୍ୟାଚାର କରାଯାଇଥିଲା ଓ ତା'ର ମୃତ୍ୟୁ କିପରି ହେଲା, ସେ ସମ୍ପର୍କରେ ବେଶୀ କଥା ଆମେ ପରେ ଜାଣିଲୁ । ମୋ ଭାଇର ଦେହରୁ ବିଭିନ୍ନ ସ୍ଥାନରୁ ରକ୍ତ ସ୍ରାବ ହେଉଥାଏ । ତାକୁ ଭୀଷଣ ମାଡ଼ ଦଆଯାଇଥାଏ ଏବଂ ଘୋଷାରି ନେବା ବେଳେ ପଥର ଓ ଗଛ ଗଣ୍ଡିରେ ବାଜି ତା ମୁହଁ ବିକୃତ ହୋଇ ଯାଇଥାଏ । ପିନ୍ଧିଥିବା ପୋଷାକ ଚିରି ଯାଇଥାଏ । ଶିବିରରେ ପହଞ୍ଚିବା ବେଳକୁ ସେ ଆଉ ଠିଆ ହୋଇ ପାରୁ ନଥିଲା କିମ୍ବା ଦେଖି ପାରୁ ନଥିଲା । ସେମାନେ ତା' ଆଖିରେ ମଧ୍ୟ ପଥର ଖୋଞ୍ଚି ଦେଇଥାନ୍ତି । ତା'ଠାରୁ ଗରିଲା ସଂଗ୍ରାମୀମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ଧର୍ମ ଯାଜକ ଓ ଗରିଲା ମାନଙ୍କ ସମ୍ପର୍କ ବିଷୟରେ ବେଶୀ କଥା ଜାଣିବା ପାଇଁ ସେମାନେ ଆଗ୍ରହୀ ଥିଲେ । ଏଥିପାଇଁ ସେମାନେ ଦିନ ଓ ରାତି ତମାମ ତା ଉପରେ ଅକଥନୀୟ

Digitized by srujanika@gmail.com

ଅତ୍ୟାଚାର କରି ଚାଲିଲେ । ତା'ର ଗୋପନ ଅଙ୍ଗକୁ ପଛଆଡୁ ଦଉଡ଼ିରେ ବାନ୍ଧି ତାକୁ ଦୌଡ଼ିବାକୁ କହାଗଲା । ଶେଷରେ ମୋ ଛୋଟ ଭାଇଟି ଆଉ କଷ୍ଟ ସହି ନପାରି ତାକୁ ଛାଡ଼ି ଦେବା ପାଇଁ ଖୁବ୍ ଅନୁନୟ ହୋଇ କହିଲା । ଉତ୍ପୀଡ଼କମାନେ ତାକୁ ପାଣି ଓ କାଦୁଅ ଥିବା ଗୋଟିଏ ଖାଇରେ ପକାଇଦେଇ ଚାଲିଗଲେ । ସେହି ଖାଇରେ ପଡ଼ି ସଢୁଥିବା ଆଉ କେତୋଟି ମୃତ ଶରୀର ସହିତ ମୋ ସାନ ଭାଇକୁ ରାତି କଟାଇବାକୁ ପଡ଼ିଲା । ଅନ୍ୟ ଗାଁ ମାନଙ୍କରୁ ଅପହୃତ ହୋଇ ଆସିଥିବା କେତେଜଣ ଧର୍ମପ୍ରଚାରକଙ୍କୁ ମୋ ଭାଇ ଚିହ୍ନିଲା । ଏହି ପରି ଭାବରେ ଷୋହଳ ଦିନ ବିତିଗଲା । ମୋ ଭାଇ ଉପରେ ପ୍ରାଣାନ୍ତକ ଅତ୍ୟାଚାର ଚାଲିଥାଏ । ସେମାନେ ପ୍ରଥମେ ତା'ର ଆଙ୍ଗୁଳିର ନଖ ଗୁଡ଼ିକୁ ଓ ପରେ ଆଙ୍ଗୁଳି ଗୁଡ଼ିକୁ କାଟି ଦେଲେ । ଦେହର ଚମଡ଼ାକୁ ଖଣ୍ଡ ଖଣ୍ଡ କରି କାଟି ସେମାନେ କିଛି ଅଂଶରେ ନିଆଁ ଚେଙ୍କା ମଧ ଦେଉଥାନ୍ତି । ଏହା ଭିତରେ କିଛି ଘା ପାଚି ସଂକ୍ରମିତ ହୋଇଗଲା । ଇଣ୍ଡା କରି ମୁଣ୍ଡର ଚମଡ଼ାକୁ ମଧ ଉତାରି ଦିଆଗଲା । ବେଶୀ ସମୟ ବଞ୍ଚି ରହି ପ୍ରାଣାନ୍ତକ କଷ୍ଟ ପାଉ,ଏଥିପାଇଁ ସେମାନେ ତା'ର ଶିରା ଓ ଧମନୀରେ ଆଘାତ କରି ନଥାନ୍ତି । ବଞ୍ଚାଇ ରଖିବା ପାଇଁ ତାକୁ କିଛି କିଛି ଖାଇବା ପାଇଁ ମଧ ଦିଆଯାଉଥାଏ । ତା' ସହିତ ଆଉ କୋଡ଼ିଏ ଜଣ ପୁରୁଷ ଲୋକଙ୍କ ଉପରେ ଏକାପରି ଅତ୍ୟାଚାର ଚାଲିଥାଏ । ଯେଉଁ ଜଣେ ସ୍ତ୍ରୀ ଲୋକ ଥିଲା ତାକୁ ଅମାନୁଷିକ ଭାବରେ ଧର୍ଷଣ କରାଗଲା ।

ମୋ ମା'ଙ୍କ ଠାରୁ ଖବର ପାଇଁ ମୁଁ ଘରେ ପହଞ୍ଚିଲି । ତିନିଦିନ ହେଲା ମୋ ଭାଇର ଖବର ନଥାଏ । ଆମ ଶତ୍ରୁମାନେ ଜଘନ୍ୟ ଅପରାଧୀ ବୋଲି ଆମେ ଜାଣିଥିଲୁ । ଆମେ ଯଦି ମୋ ଭାଇ ବିଷୟରେ ସେମାନଙ୍କୁ ପଚାରିଥାନ୍ତୁ, ସେମାନେ ଆମକୁ ମଧ ଅପହରଣ କରି ନେଇ ଥାନ୍ତେ । ଏହି ପରିସ୍ଥିତିରେ ମା' କୁ ସାନ୍ତ୍ୱନା ଦେବା ଛଡ଼ା ମୋର ଆଉ କିଛି କରିବାର ନଥିଲା । ତଥାପି ମା' ନିଜ ମନକୁ ବୁଝାଇବା ପାଇଁ ସେମାନଙ୍କ ନିକଟକୁ କେତେଥର ଗଲା । ଆଉ ଥରେ ଗଲେ ପୁଅର ଅବସ୍ଥା ତାକୁ ମଧ ଭୋଗ କରିବାକୁ ପଡ଼ିବ ବୋଲି ସେମାନେ ତାକୁ ଧମକ ଦେଲେ ।

ସେପ୍ଟେମ୍ବର ୨୩ ତାରିଖ ଦିନ ସୈନ୍ୟବାହିନୀ ଗାଁ ମାନଙ୍କରେ ବିଜ୍ଞାପନ ଜାରି କରିଥିବା କଥା ଆମେ ଶୁଣିଲୁ । ଆମ ଗାଁର ଲୋକେ ସେମାନଙ୍କ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଥିବା ଜାଣି ସେମାନେ ସେଠାକୁ ଆସିଲେ ନାହିଁ । ସେମାନେ କେତେ ଗରିଲାଙ୍କୁ ଧରି ନେଇଛନ୍ତି ଏବଂ କେଉଁଠାରେ ସେମାନଙ୍କୁ ଦଣ୍ଡ ଦିଆଯିବ, ଏହା ବିଜ୍ଞାପନରେ ଲେଖାଥିବା କଥା ଆମେ ଅନ୍ୟ ଗାଁର ସାଥୀମାନଙ୍କ ଠାରୁ ଜାଣିବାକୁ ପାଇଲୁ । ଆମ ପାଖରେ ପହଞ୍ଚିଥିବା ଗୋଟିଏ ବିଜ୍ଞପ୍ତିରେ ଏହା ମଧ ଲେଖାଥିଲା ଯେ ଯଦି କେହି ଗରିଲା ମାନଙ୍କୁ ପ୍ରକାଶ୍ୟରେ ଦିଆଯାଉଥିବା ଦଣ୍ଡକୁ ଦେଖିବାକୁ ନଯାଏ,

Digitized by srujanika@gmail.com

ତାକୁ ଗରିଲା ମାନଙ୍କର ସହଯୋଗୀ ବୋଲି ବିଚାର କରାଯିବ। ମୋ ବାପା ମା' ଏଇ ଘଟଣା ଦେଖିବାକୁ ବାହାରିଲେ। ଆମେ ସବୁ ଭାଇ ଭଉଣୀ ମଧ୍ୟ ତାଙ୍କ ସହିତ ଯିବା ପାଇଁ ସାଙ୍ଗେ ସାଙ୍ଗେ ପ୍ରସ୍ତୁତ ହୋଇଗଲୁ।

ଚାଜୁଲ୍ ଗାଁରେ ପହଞ୍ଚିବା ପାଇଁ ଆମକୁ ଏକ ଲମ୍ବା ପର୍ବତମାଳା ଅତିକ୍ରମ କରିବାକୁ ପଡ଼ିଲା। ୨୩ ତାରିଖ ଦିନ ଏଗାରଟାରେ ଗାଁରୁ ବାହାରି ତା' ପରଦିନ ସକାଳ ପ୍ରାୟ ଆଠଟା ବେଳକୁ ଆମେ ଦଣ୍ଡ ଦିଆଯାଉଥିବା ସ୍ଥାନରେ ପହଞ୍ଚିଲୁ। ରାତିରେ ମଧ୍ୟ କିଛି ରାସ୍ତା ଅତିକ୍ରମ କରିବା ପାଇଁ ଆମେ ପାଇନ୍ ମଶାଲ ଜାଳି ଚାଲିଥିଲୁ। ଆମେ ପହଞ୍ଚିବା ବେଳକୁ ପ୍ରାୟ ପାଞ୍ଚ ଶହ ସୈନ୍ୟ ଛୋଟିଆ ଗାଁଟିକୁ ଘେରି ରହିଥାନ୍ତି। ଦଣ୍ଡଦେବା ସମୟରେ ଉପସ୍ଥିତ ରହିବା ପାଇଁ ଗାଁ ଲୋକଙ୍କୁ ବାଧ୍ୟ କରାଯାଇଥିଲା। ସୈନ୍ୟମାନେ ଆମକୁ ଅଟକାଇଲେ। ଆମେ ଜଣେ ଉତ୍ପୀଡ଼ିତ ଲୋକର ସମ୍ପର୍କୀୟ , ଏହା କିନ୍ତୁ ସେମାନଙ୍କୁ ଜଣା ନଥିଲା। ସେମାନେ ପଚାରିବାରୁ ଚାଜୁଲ୍‌ର ଜଣେ ସନ୍ଥଙ୍କୁ ସାକ୍ଷାତ କରିବାକୁ ଯାଉଛୁ ବୋଲି ବାପା ଜବାବ ଦେଲେ। ଗାଁରେ ପହଞ୍ଚିବା ପୂର୍ବରୁ ପ୍ରାୟ ଗୋଡ଼ିଏ ଜଣ ସୈନିକ ବିଭିନ୍ନ ସ୍ଥାନରେ ଆମକୁ ଅଟକାଇ ଏକା ପ୍ରକାର ଧମକ ଦେଉଥିଲେ। ଚାଜୁଲ ଗାଁର ସମସ୍ତେ ଯେପରି ଦଣ୍ଡ ଦିଆଯିବାବେଳେ ଉପସ୍ଥିତ ରହନ୍ତି ଏହା ସୁନିଶ୍ଚିତ କରିବା ତାଙ୍କ ଉଦ୍ଦେଶ୍ୟ ଥିଲା।

ଭୋର ସକାଳ ଠାରୁ ପୁରୁଷ, ମହିଳା ଓ ଶିଶୁମାନେ ଅପେକ୍ଷା କରୁଥାନ୍ତି। କିଛି ସମୟ ପରେ ସୈନ୍ୟମାନେ ଦେଖିବାକୁ ଆସିଥିବା ଲୋକମାନଙ୍କୁ ଚାରିପଟୁ ଘେରିଗଲେ। ସବୁ ପ୍ରକାର ଅସ୍ତ୍ର ଶସ୍ତ୍ର, ସାଞ୍ଜୁଆ ଗାଡ଼ି, ଜିପ୍ ଓ ଯନ୍ତ୍ରପାତି ସେଠାରେ ମହଜୁଦ୍ ଥାଏ। ଯୋଦ୍ଧାମାନଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଆକାଶରେ କେତୋଟି ହେଲିକପ୍‌ଟର ଚକ୍‌କର ମାରୁଥାନ୍ତି। ଏତିକିବେଳେ ଜଣେ ଅଫିସର କହିବାକୁ ଆରମ୍ଭ କଲା, କିଛି ସମୟ ମଧ୍ୟରେ ଗୋଟିଏ ଗରିଲା ଦଳ ପହଞ୍ଚିବ। ସେମାନେ କମ୍ୟୁନିଷ୍ଟ ଓ କ୍ୟୁବା ଦେଶୀୟ ଅନ୍ତର୍ଘାତୀ ହୋଇଥିବାରୁ ଅପେକ୍ଷାକୃତ କମ୍ ଶାସ୍ତି ପାଇବେ। ତୁମେ ସବୁ ଯଦି ସେମାନଙ୍କ ସହିତ ମିଶିବ, ସେହିପରି ଦଣ୍ଡ ତୁମକୁ ମଧ୍ୟ ମିଳିବ। ମୋ ମା' ସେତେବେଳକୁ ନିଶ୍ଚିତ ହୋଇଯାଇଥାନ୍ତି ଯେ ତାଙ୍କ ପୁଅ ସେମାନଙ୍କ ମଧ୍ୟରେ ଅଛି। ମୋ ମନ ଭିତରେ କିନ୍ତୁ ସନ୍ଦେହ ଥାଏ। ମୁଁ ଜାଣିଥିଲି ମୋ ଭାଇ ଅମାନୁଷିକ ଦଣ୍ଡ ଭୋଗ କରିବା ପରି କିଛି ଗର୍ହିତ କାମ କରି ନଥିଲା।

କିଛି ସମୟ ପରେ ସୈନ୍ୟବାହିନୀର ତିନୋଟି ଲରି ଗାଁରେ ପହଞ୍ଚିଲା। ମଝି ଗାଡ଼ିରେ ଅତ୍ୟାଚାରିତ ଲୋକମାନେ ଥିଲେ। ସେମାନେ ମିଲିଟାରୀ ପୋଷାକ ପିନ୍ଧିଥାନ୍ତି। ଜଣ ଜଣ କରି ସେମାନଙ୍କୁ ତଳକୁ ଓହ୍ଲାଇ ଦିଆଗଲା। ତାଙ୍କ ମୁହଁ ଗୁଡ଼ିକ ଏତେ ବିକୃତ ହୋଇଥାଏ ଯେ ସେମାନଙ୍କୁ ଚିହ୍ନିବା ସମ୍ଭବ ନଥିଲା। ସମସ୍ତଙ୍କ ମୁହଁରେ ଭିନ୍ନ ପ୍ରକାରର କ୍ଷତ ଚିହ୍ନ ସବୁ ଥାଏ। କିନ୍ତୁ ମୋ ମା' ଲରିର ଖୁବ୍ ନିକଟକୁ ଯାଇ ତାଙ୍କ ପୁଅକୁ ଚିହ୍ନିଲା।

Digitized by srujanika@gmail.com

ସେମାନଙ୍କ ମଧ୍ୟରୁ ଅଧିକାଂଶ ମୃତ ପ୍ରାୟ ଅବସ୍ଥାରେ ଥାନ୍ତି । ମୋ ଭାଇ ଉପରେ ଏତେ ଅତ୍ୟାଚାର କରାଯାଇଥାଏ ଯେ ସେ ଭଲ ଭାବରେ ଛିଡ଼ା ହୋଇ ପାରୁନଥାଏ । ତଥାପି ସମସ୍ତଙ୍କୁ ଗୋଟିଏ ଧାଡ଼ିରେ ଛିଡ଼ା କରାଇ ଦିଆଗଲା । ସବୁ ଅତ୍ୟାଚାରିତ ଲୋକମାନଙ୍କର ନଖ ଗୁଡ଼ିକୁ ଉପାଡ଼ି ଦିଆଯାଇଥାଏ; ପାଦ ତଳିପାରୁ ମଧ୍ୟ ଖଣ୍ଡ ଖଣ୍ଡ କରି କାଟି ଦିଆଯାଇଥାଏ । କାହାରି ପାଦରେ ଜୋତା ନଥାଏ । ଛିଡ଼ା ହେବାକୁ ଚେଷ୍ଟା କଲେ ସେମାନେ ତଳେ ପଡ଼ିଯାଉଥାନ୍ତି । ଅଫିସରଙ୍କ ହୁକୁମ ତାମିଲ କରିବାକୁ ଦଳେ ସୈନ୍ୟ ପ୍ରସ୍ତୁତ ଥାନ୍ତି । ଅଫିସରଟି ତା'ର ଭାଷଣ ଦେଇଚାଲିଥାଏ - ଆମକୁ ଆମ ଜମିରେ ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ରୋଟି, ଲଙ୍କାରେ ସନ୍ତୁଷ୍ଟ ନହୋଇ କମ୍ୟୁନିଷ୍ଟ ମତବାଦ ଦ୍ୱାରା ବିପଥଗାମୀ ହେବା ଅନୁଚିତ ଇତ୍ୟାଦି । ସେ 'କମ୍ୟୁନିଷ୍ଟ' ଶବ୍ଦଟିକୁ ପ୍ରାୟ ଶହେ ଥର ଦୋହରାଇଥିବ ନିଶ୍ଚୟ । କିପରି କମ୍ୟୁନିଷ୍ଟ ମାନେ ସୋଭିଏତ ୟୁନିୟନରୁ କ୍ୟୁବା ଓ ନିକାରାଗୁଆ ହୋଇ ଗୁଆଟେମାଲାରେ ପହଞ୍ଚିଛନ୍ତି । ତା' ଭାଷଣର ଭାଷାଣରେ ବିରତି ସମୟ ସହିତ ତାଳ ମିଶାଇ ଅତ୍ୟାଚାରିତ ଲୋକଗୁଡ଼ିକ ଉପରେ ଗୋଇଠା ଓ ବିଧା ପଡୁଥାଏ ।

ଦର୍ଶକମାନଙ୍କ ଆଖିରୁ ଲୁହ ବହୁଥାଏ, କିନ୍ତୁ କେହି ସେହି ସ୍ଥାନ ଛାଡ଼ି ଯାଇପାରୁ ନଥାନ୍ତି । ମୋ ମା' ଓ ମୁଁ କାନ୍ଦୁଥାଉ । ମୁଁ ଯେତେଥର ଏହି କାହାଣୀ କହେ, ଲୁହ ସମ୍ଭରଣ କରି ପାରେ ନାହିଁ । ମୋ ଭାଇ ଆମକୁ ବୋଧହୁଏ ଚିହ୍ନି ପାରୁ ନଥିଲା । କିନ୍ତୁ ମୋ ମା' କୁଆଡ଼େ ତା' ମୁହଁରେ ହସର ଝଲକଟିଏ ଦେଖି ପାରିଥିଲେ। । ମୁଁ କିନ୍ତୁ କିଛି ଜାଣି ପାରିଲିନି । ଉତ୍ପୀଡ଼କମାନଙ୍କୁ ରାକ୍ଷସ ହିଁ କୁହାଯିବ । ପାଖରୁ ସେମାନଙ୍କ ପୃଥୁଳକାୟ ବପୁକୁ ଦେଖିଲେ ତାଙ୍କ ପୋଷାକ ଝାଳରେ ଭିଜି ଯାଇଥିବା କଥା ଜାଣି ହେଉଥିଲା । ପ୍ରାୟ ଦେଢ ଘଣ୍ଟାରୁ ଦୁଇଘଣ୍ଟା କାଳ ଭାଷଣ ଦେବା ପରେ କ୍ୟାପ୍‌ଟେନ୍ ଅଭିଯୁକ୍ତ ଲୋକମାନଙ୍କ ଦେହରୁ ପୋଷାକ ବାହାର କରି ଦେବା ପାଇଁ ସୈନ୍ୟମାନଙ୍କୁ ଆଦେଶ ଦେଲା । କମ୍ୟୁନିଷ୍ଟ ମାନଙ୍କ ସହିତ ମିଶିଲେ କି ପରିମାଣ ହୋଇପାରେ ସମସ୍ତେ ଦେଖି ପାରିବେ, ଏହାହିଁ ଥିଲା ତା'ର ଉଦ୍ଦେଶ୍ୟ । ରକ୍ତାକ୍ତ ବନ୍ଦୀମାନଙ୍କ ଦେହରୁ ପୋଷାକ ବାହାର କରିବା ପାଇଁ ସୈନ୍ୟ ମାନଙ୍କୁ କଇଁଚି ବ୍ୟବହାର କରିବାକୁ ପଡ଼ିଲା । କ୍ୟାପଟେନ ଅତି ନିର୍ଦ୍ଦୟ ଭାବରେ ପ୍ରତ୍ୟେକ ଅଭିଯୁକ୍ତ ବ୍ୟକ୍ତିର ଶରୀରରେ ଥିବା ଅତ୍ୟାଚାରର ବିଭିନ୍ନ ଚିହ୍ନକୁ ବୁଝାଇ ଚାଲିଥାଏ - କେଉଁ ଚିହ୍ନ ଛୁଞ୍ଚିରେ ପୋଡ଼ିଦେବା ଦ୍ୱାରା ହୋଇଛି, କେଉଁ ଚିହ୍ନ ବିଜୁଳୀ ତାର ଲାଗି ପୋଡ଼ିଯିବାର ଚିହ୍ନ ଇତ୍ୟାଦି । ତିନିଜଣ ଲୋକଙ୍କ ଦେହରେ କୌଣସି କ୍ଷତ ଚିହ୍ନ ନଥିଲେ ମଧ୍ୟ ସେମାନଙ୍କ ଦେହ ବେଲୁନ୍ ପରି ଫୁଲି ଯାଇଥିଲା । ସେମାନଙ୍କୁ କେତେ କଷ୍ଟ ହେଉଥିବ ତାହାହିଁ ସମସ୍ତେ ଜାଣିବା ଆବଶ୍ୟକ ଥିଲା ଯେମିତି ।

Digitized by srujanika@gmail.com

ମୋ ଭାଇର ଦେହକୁ ବିଭିନ୍ନ ସ୍ଥାନରେ କାଟି ଦିଆଯାଇଥାଏ । ତାକୁ ଲଣ୍ଡା କରି ମୁଣ୍ଡରୁ ଚମଡ଼ା ଉତାରି ଦିଆଯାଇଥାଏ । ତା' ଆଙ୍ଗୁଳିର ନଖ ଗୁଡ଼ିକ ଓ ପାଦର ତଳିପା ନଥିଲା । କ୍ଷତ ସ୍ଥାନ ଗୁଡ଼ିକ ପାଚି ସେଥିରୁ ପୂଜ ବାହାରୁଥାଏ । ଆମ ଗାଁ ପାଖର ମହିଳା ସାଥୀଟିକୁ ମୁଁ ଚିହ୍ନି ପାରିଲି । ତା'ର ଗୁପ୍ତାଙ୍ଗ ସହିତ ଶରୀରର ବିଭିନ୍ନ ଅଂଶରେ କ୍ଷତ ଚିହ୍ନ ଗୁଡ଼ିକ ଦେଖାଯାଉଥାଏ । ତା'ର କାନ ଦୁଇଟିକୁ ସେମାନେ କାଟି ଦେଇଥାନ୍ତି । ସମସ୍ତ ଅଭିଯୁକ୍ତ ବ୍ୟକ୍ତିଙ୍କର ଜିଭର ଗୋଟିଏ ଅଂଶକୁ କାଟି ଦିଆଯାଇଥାଏ । ମୁଁ ସେମାନଙ୍କ ଆଡ଼କୁ ଆଉ ଚାହିଁ ପାରିଲି ନାହିଁ । ଦର୍ଶକମାନେ ସମସ୍ତେ କାନ୍ଦୁଥାନ୍ତି । ଛୋଟ ପିଲାମାନେ ଭୟରେ ନିଜ ମା'ମାନଙ୍କ ଦେହରେ ଲାଗି ରହି ଥାନ୍ତି । କ୍ୟାପଟେନ ତା' ଭାଷଣରେ ସରକାର କିପରି ଗଣତାନ୍ତ୍ରିକ ବିଚାର ଧାରାରେ ବିଶ୍ୱାସ କରନ୍ତି ଏବଂ ନାଗରିକମାନଙ୍କୁ ସମସ୍ତ ଅଧିକାର ଦେଇଛନ୍ତି - ତାହା ବର୍ଣ୍ଣନା କରି ଚାଲିଥାଏ । ସୈନ୍ୟମାନଙ୍କ ନିକଟରେ ଥିବା ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ର ଓ କ୍ଷମତା ସମ୍ପର୍କରେ ସେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରୁଥାଏ । ଅନ୍ତର୍ଘାତୀ ବିଦେଶୀ ବିଚାର ଓ ଚିନ୍ତାଧାରାକୁ ଗ୍ରହଣ କଲେ ଆମର ଅବସ୍ଥା କ'ଣ ହେବ ତାହା ଚିନ୍ତା କରିବା ପାଇଁ ସେ ଆମକୁ ତାଗିଦ୍ କରୁଥାଏ । ମୋ ମା' ଆଉ ସମ୍ଭାଳି ପାରିଲେ ନାହିଁ । ସେ ନିଜ ଜୀବନକୁ ବିପନ୍ନ କରି ମୋ ଭାଇକୁ କୁଣ୍ଢାଇ ଧରିବା ପାଇଁ ଯିବାବେଳକୁ ମୋର ଅନ୍ୟ ଭାଇମାନେ ଓ ବାପା ତାଙ୍କୁ ଅଟକାଇ ରଖିଲେ । ମୋ ବାପାଙ୍କର ଧୈର୍ଯ୍ୟ କିନ୍ତୁ ଥିଲା ଅପରିସୀମ । କ୍ରୋଧରେ ଫାଟି ପଡୁଥିଲେ ମଧ୍ୟ ତାଙ୍କ ଆଖିରେ ଟୋପାଏବି ଲୁହ ନଥିଲା । କିନ୍ତୁ ଅନ୍ୟ ମାନଙ୍କ ପରି ଆମେ ସମସ୍ତେ କାନ୍ଦିବାକୁ ଆରମ୍ଭ କଲୁ । ମୋ ସାନ ଭାଇ ଥିଲା ନିରୀହ ଛୋଟପିଲାଟିଏ । ସେ କଣ ବା କରିଥିଲା ଯେ ଏତେ ଅତ୍ୟାଚାର ସହିବ ?

ଭାଷଣ ଦେଇସାରିବା ପରେ ଦଣ୍ଡ ପାଇସାରିଥିବା ଲୋକମାନଙ୍କୁ ସେଠାରୁ ନେଇ ଯିବା ପାଇଁ କ୍ୟାପଟେନ୍ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲା । ଅଭିଯୁକ୍ତମାନେ ଆଉ ଚାଲିବା ଅବସ୍ଥାରେ ନଥିବାରୁ ସେମାନଙ୍କୁ ବସ୍ତୁତଃ ସେଠାରୁ ଘୋଷାଡ଼ି ନେବାକୁ ପଡ଼ିଲା ଓ ସମସ୍ତଙ୍କ ଦୃଷ୍ଟି ପଡୁଥିବା ସ୍ଥାନରେ ସେମାନଙ୍କୁ ଧାଡ଼ି କରି ଛିଡ଼ା କରି ଦିଆଗଲା । ତା'ପରେ ଅଫିସରଟି 'କାଇବିଲ୍' ନାମକ ସବୁଠାରୁ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ଡ଼ାକି ଅଭିଯୁକ୍ତମାନଙ୍କ ଉପରେ ପେଟ୍ରୋଲ ଢାଳିବାକୁ ଆଦେଶ ଦେଲା । କାଇବିଲ୍ ମାନେ ଥିଲେ ବିଶେଷ ତାଲିମ ପାଇଥିବା ସ୍ୱତନ୍ତ୍ର ଅସ୍ତ୍ରରେ ସଜ୍ଜିତ ଏକ ଅଭିଜାତ ବାହିନୀ । କ୍ୟାପ୍‌ଟେନ୍ କହିଲା: ' ଏହା ଏମାନଙ୍କର ଶେଷ ଦଣ୍ଡ ନୁହେଁ । ଆହୁରି ଗୋଟିଏ ଦଣ୍ଡ ବାକୀ ଅଛି । ଯେଉଁ ଅନ୍ତର୍ଘାତୀମାନେ ଆମ ହାତରେ ଧରା ପଡ଼ିଛନ୍ତି ସେ ସମସ୍ତଙ୍କୁ ଏହି ଦଶା ଭୋଗିବାକୁ ପଡ଼ିଛି । ଅର୍ଥାତ୍ ସେମାନଙ୍କୁ ଶୋଚନୀୟ ଭାବରେ ମୃତ୍ୟୁ ବରଣ କରିବାକୁ ପଡ଼ିଛି । ଯଦି ଏଥିରୁ ତୁମମାନଙ୍କୁ ଯଥେଷ୍ଟ ଶିକ୍ଷା ମିଳି ନାହିଁ, ତେବେ ତୁମେ ମଧ୍ୟ ଏହି ଦଣ୍ଡପାଇବା ପାଇଁ ପ୍ରସ୍ତୁତ ହୋଇ ରୁହ । ଭାରତୀୟମାନେ ସହଜରେ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ବିପଥଗାମୀ ହୋଇଯାଆନ୍ତି, ଏହାହିଁ

Digitized by srujanika@gmail.com

ତାଙ୍କର ସମସ୍ୟା ।' ସେ ଲୋକମାନଙ୍କୁ ବୁଝାଇବାକୁତ ଚେଷ୍ଟା କରୁ ନଥାଏ ବରଂ ସେମାନଙ୍କୁ ଅପମାନିତ କରୁଥାଏ । ଅଭିଯୁକ୍ତମାନଙ୍କ ଉପରେ ପେଟ୍ରୋଲ ଢାଳିବା ପରେ ପ୍ରତ୍ୟେକଙ୍କ ଦେହରେ ଅଗ୍ନି ସଂଯୋଗ କରାଗଲା । କେତେଜଣ ଭୀଷଣ ଯନ୍ତ୍ରଣାରେ ଚିତ୍କାର କରି ଉଠିଲେ;ପ୍ରାଣାନ୍ତକ ଯନ୍ତ୍ରଣା ସତ୍ତ୍ୱେ କେତେଜଣଙ୍କ ପାଟିରୁ କିଛି ଶବ୍ଦ ବାହାରିଲା ନାହିଁ । ଅନ୍ୟମାନେ ସେମାନଙ୍କୁ ଛାଡ଼ିଦେବା ପାଇଁ ନେହୁରା ହେଉଥାନ୍ତି । ସେମାନଙ୍କ ଶ୍ୱାସ ନଳୀକୁ କାଟି ଦିଆଯାଇଥିଲା । ଦର୍ଶକମାନଙ୍କ ମଧ୍ୟରୁ ଅନେକଙ୍କ ହାତରେ କିଛି ଅସ୍ତ୍ରଶସ୍ତ୍ର ଥିଲା । କେତେଜଣଙ୍କ ହାତରେ କିଛି ନଥିଲା । କିନ୍ତୁ ଅଭିଯୁକ୍ତମାନଙ୍କ ଦେହରେ ସୈନ୍ୟମାନେ ନିଆଁ ଲଗାଇବା ଦେଖି ସେମାନେ ଆଉ ଥୟ ହୋଇ ରହି ନପାରି ପ୍ରତିଶୋଧ ନେବାକୁ ଚାହୁଁଥିଲେ । ଏପରିକି ପିଲାମାନଙ୍କ କ୍ରୋଧର ମଧ୍ୟ ସୀମା ନଥିଲା । କିନ୍ତୁ ସେମାନେ ନିଜ କ୍ରୋଧକୁ କିପରି ପ୍ରକାଶ କରିବେ ଜାଣି ନଥିଲେ ।

ନିଜ କାପୁରୁଷତାକୁ ସୈନ୍ୟବାହିନୀର ଲୋକେ ଉପଲବ୍ଧି କରିପାରୁଥିଲେ । ହଠାତ୍ ଅଫିସରଟି ସୈନ୍ୟମାନଙ୍କୁ ପଛକୁ ହଟିଯିବା ପାଇଁ କ୍ୟାପଟେନ ଆଦେଶ ଦେଲା । ସୈନ୍ୟମାନେ ବିଜୟ ଆନନ୍ଦରେ ଚିତ୍କାର କରୁଥାନ୍ତି, କିନ୍ତୁ ଲୋକେ ତାଙ୍କ ଅସ୍ତ୍ରଶସ୍ତ୍ର ଧରି ସେମାନଙ୍କ ଆଡ଼କୁ ମାଡ଼ି ଆସିଲେ ପଛକୁ ଘୁଞ୍ଚି ଯାଉଥାନ୍ତି । ସୈନ୍ୟବାହିନୀ ନିକଟରେ ଆଧୁନିକ ହତିଆର ସବୁ ଥିଲା । ଏପରିକି ଆକାଶ ମାର୍ଗରୁ ଉଡ଼ାଜାହାଜ ମଧ୍ୟ ପରିସ୍ଥିତି ଉପରେ ଲକ୍ଷ୍ୟ ରଖିଥିଲା । ପ୍ରକୃତରେ ଯଦି ମୁକାବିଲା ହୋଇଥାନ୍ତା, ବହୁ ସଂଖ୍ୟାରେ ଲୋକ ମୃତାହତ ହୋଇଥାନ୍ତେ । କିନ୍ତୁ ସେତେବେଳେ କେହି ନିଜ ଜୀବନ କଥା ଭାବୁ ନଥିଲେ । ମୁଁ ମରି ଯାଇପାରେ ଏହା ମୋ ମନକୁ ମୋଟେ ଆସୁନଥିଲା ; ବରଂ କିଛି କରିବି, ଅନ୍ତତଃ ଜଣେ ସୈନ୍ୟକୁ ମାରିବି - ଏପରି ଜିଦ୍ ମନକୁ ଆସୁଥାଏ । ନିଆଁ ଲିଭାଇବା ପାଇଁ ପାଣି ଆଣିବା ଲାଗି ଅନେକ ଲୋକ ଦୌଡ଼ିଲେ, କିନ୍ତୁ ଠିକ୍ ସମୟରେ ପାଣି ପହଞ୍ଚି ପାରିଲା ନାହିଁ । ନିଆଁ ଲିଭିବା ପରେ ବି ପୋଡ଼ା ଦେହଗୁଡ଼ାକ ଛଟପଟ ହେଉଥାନ୍ତି । ଦୃଶ୍ୟଟି ଏତେ ଭୟଙ୍କର ଥିଲା ଯେ ମୁଁ ମୋଟେ ବିଶ୍ୱାସ କରି ପାରୁ ନଥିଲି । ଏହା କେବଳ ମୋ ଭାଇର ଜୀବନ କଥା ନଥିଲା, ଏହା ଥିଲା ଆହୁରି ଅନେକ ଲୋକଙ୍କର ସମ୍ପର୍କୀୟମାନଙ୍କ ଜୀବନ କଥା । ସେମାନେ ଆମରି ଭାଇ ଓ ସାଥୀ ଭାରତୀୟହିଁ ଥିଲେ । ଏମିତିବି କ୍ଷୁଧା ଓ ପୁଷ୍ଟିହୀନତାରେ ସେମାନେ ମୃତ୍ୟୁ ବରଣ କରୁଥିଲେ । ଆମକୁ ଖାଇବାକୁ ଦେବା ପାଇଁ ଆମ ବାପା ମା' ଙ୍କ ନିକଟରେ ସାଧନ ନଥିଲା । ତେଣୁ ସେମାନେ ନିଜେ ଭୋକିଲା ରହି ଆମ ପାଇଁ ଖାଦ୍ୟ ସଞ୍ଚୁ ଥିଲେ । ଏଣେ ଏଠାରେ ଆମକୁ ଜୀଅନ୍ତା ପୋଡ଼ି ଦିଆଯାଉଥିଲା । ସରକାର ଯାହା କରୁଥିଲା ତାହା ଯେ ନିଃସନ୍ଦେହ ଭାବରେ ଏକ ଜଘନ୍ୟ ପାପ - ଏହା ଥିଲା ମୋର ଚରମ ଉପଲବ୍ଧି ।

Digitized by srujanika@gmail.com

ସମସ୍ତେ କାମରେ ଲାଗି ପଡ଼ିଲେ ଏବଂ ଦୁଇଘଣ୍ଟା ମଧ୍ୟରେ ସବୁ ମୃତ ଶରୀର ପାଇଁ କଫିନ୍ ପ୍ରସ୍ତୁତ ହୋଇଗଲା । କିଏ ସେମାନଙ୍କ ଉପରେ ଘୋଡ଼ାଇଦେବା ପାଇଁ କମ୍ବଳ ଆଣିବାକୁ ଗଲା ତ କିଏ ମୃତ ଦେହ ନିକଟରେ କିଛି ଫୁଲ ରଖିଦେଲା । ଗୁଆଟେମାଲାର ଲୋକମାନେ ମୁଖ୍ୟତଃ ଖ୍ରୀଷ୍ଟିଆନ୍ । ସେମାନେ ନିଜ ବିଶ୍ୱାସକୁ କୌଣସି ନା କୌଣସି ବାଟରେ ପ୍ରକାଶ କରନ୍ତି । ସେମାନଙ୍କ ମଧ୍ୟରୁ କେହି ପୁରୋହିତଙ୍କୁ ଡ଼ାକିବା ପାଇଁ ଦୂର ଗାଁକୁ ଗଲେ (କିଏ ଜାଣେ, ପୁରୋହିତଙ୍କୁ ମଧ୍ୟ ହୁଏତ ହତ୍ୟା କରାଯାଇଥିଲା) । ନିଆଁ ଲିଭିଯିବାର କିଛି ସମୟ ପର୍ଯ୍ୟନ୍ତ ସମସ୍ତେ ସ୍ତବ୍ଧ ହୋଇ ରହିଥାଆନ୍ତି । ପୋଡ଼ିଯାଇଥିବା ଅତ୍ୟାଚାରିତ ଶରୀର ଗୁଡ଼ିକୁ ଦେଖିଲେ ଡ଼ର ଲାଗୁଥାଏ; ପୁଣି ଲଢେଇ ଚାଲୁ ରଖିବାକୁ ମନରେ ସାହସ ଓ ଶକ୍ତି ମଧ୍ୟ ଆସୁଥାଏ । ମୋ ମା' ଦୁଃଖରେ ଅବଶ ହୋଇ ପଡ଼ିଥିଲେ ମଧ୍ୟ ତାଙ୍କ ପୁଅର ମୃତ ଶରୀର ନିକଟକୁ ଯାଇ ତାକୁ କୁଣ୍ଢାଇ ଧରିଲେ ଓ ମୁହଁରେ ବାରମ୍ବାର ଚୁମା ଦେଲେ । ଶେଷରେ ମୋତେ ତାଙ୍କୁ ସେଠାରୁ ବୁଝାଇ ଆଣିବାକୁ ହେଲା । ସବୁ ମୃତ ଲୋକଙ୍କୁ ଖ୍ରୀଷ୍ଟିଆନ୍ ନିୟମାନୁସାରେ ସେହି ସ୍ଥାନରେ କବର ଦେବା ପାଇଁ ସ୍ଥିର ହୋଇଥାଏ । ଆମେ ଆଉ ବେଶୀ ସମୟ ନରହି ସେଠାରୁ ଫେରିଲୁ । ଏତିକି ବେଳେ ଜୋରରେ ବର୍ଷା ଆରମ୍ଭ ହୋଇଗଲା । ଶବ ଗୁଡ଼ିକୁ ଦେଖୁଥିବା ଲୋକେ ବର୍ଷାରେ ତିନ୍ତି ଗଲେ ମଧ୍ୟ ସେ ସ୍ଥାନ ଛାଡ଼ିଯାଉନଥାନ୍ତି ।

ଘରେ ପହଞ୍ଚି ବାପା କାମକୁ ଫେରିଯିବେ ବୋଲି ଘୋଷଣା କଲେ । ଆମକୁ ଲାଗୁଥାଏ ଯେପରି ଆମେ ନିଶା ଖାଇଛୁ ବା ମୂକ ହୋଇଯାଇଛୁ । କାହାରି ମୁହଁରୁ କଥା ବାହାରୁ ନଥାଏ । ଏହି ସମୟରେ ବାପା କହିବାକୁ ଆରମ୍ଭ କଲେ: 'ଯଦି ଏତେ ଲୋକ ସେମାନଙ୍କ ଜୀବନ ଓ ଶେଷ ରକ୍ତ ବିନ୍ଦୁ ଦେବା ପାଇଁ ସାହସ କରି ପାରିଲେ, ଆମେ କ'ଣ ସେମାନଙ୍କ ପରି ହେବା ପାଇଁ ସାହସ ସଞ୍ଚୟ କରି ପାରିବୁ ନାହିଁ ?' ମୋ ମା' କହିଲେ: 'ମୋ ପରି ଅନ୍ୟ ମା' ମାନେ ଦୁଃଖ ନପାଆନ୍ତୁ ।' ଆମେ ସମସ୍ତଙ୍କ ମନରେ ଏହିପରି ସଂକଳ୍ପ ଆସୁଥାଏ । ଅବଶ୍ୟ ଅସ୍ତ୍ର ଧାରଣ କରି ଲଢେଇ କରିବା କିମ୍ବା ଗାଁରୁ ଗାଁକୁ ଯାଇ ଲୋକମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା, କେଉଁ ପନ୍ଥାଟି ବେଶୀ ଫଳପ୍ରଦ ହେବ ମୁଁ ଠିକ୍ କରି ପାରୁ ନଥାଏ । ମୋ ବାପା ତାଙ୍କ ପରିଣତ ବୟସ ସତ୍ତ୍ୱେ ଗରିଲାମାନଙ୍କ ସହିତ ମିଶି ତାଙ୍କ ହତ୍ୟାର ପ୍ରତିଶୋଧ ନେବେ ବୋଲି ସ୍ଥିର କରି ସାରିଥାନ୍ତି । ଗୋଷ୍ଠୀର ଲୋକଙ୍କୁ ସଂଗଠିତ କରିବା ଜରୁରୀ ବୋଲି ମୁଁ ବିଚାର କଲି । ମୋ ଭାଇର ମୃତ୍ୟୁପରି ବିଭୀଷିକାମୟ ଚିତ୍ର ଆଉ କାହାକୁ ଦେଖିବାକୁ ନପଡୁ, ଆଉ କେହି ଆମ ପରି ଯନ୍ତ୍ରଣା ନଭୋଗନ୍ତୁ; ଏଥିପାଇଁ ଲୋକଙ୍କୁ ସଂଗଠିତ କରିବା ଅତ୍ୟନ୍ତ ଜରୁରୀ ଥିଲା ।

ଘଟଣା ଘଟିବାର ପରଦିନ ମୋ ବାପା ଘରୁ ବାହାରିଗଲେ । ତାଙ୍କର ବିଶ୍ୱାସ ଥିଲା - ସେ ଫେରନ୍ତୁ ବା ନଫେରନ୍ତୁ, ଘରଟି ସେମିତି ରହିଥିବ । ସେ ଗୋଷ୍ଠୀର ସବୁ କାମରେ

Digitized by srujanika@gmail.com

ଯୋଗ ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେଇ ଦୁଃଖଦ ଘଟଣାକୁ ମନେ ପକାଇ ଏବଂ ବାରମ୍ବାର ଲୋତକପାତ କରି ମୋ ମା' ଏକୁଟିଆ ଘରେ ରହିଲେ। ବେଳେବେଳେ ଆଖିକୁ ଲୁହ ନଆସିଲେ ସେ ଖୁସି ହେବାକୁ ଚେଷ୍ଟା କରୁଥାନ୍ତି। କିନ୍ତୁ ପୁଅ କଥା ସେ ମୋଟେ ପାଶୋରି ପାରୁନଥାନ୍ତି। ସେଇ ପୁଅଟିକୁ ବଡ଼ କରିବା ପାଇଁ କେତେ କଷ୍ଟ ସେ ସହି ନଥିଲେ ! ଥରେ ମରୁ ମରୁ ସେ ବଞ୍ଚି ଯାଇଥିଲା। ତାକୁ ଆରୋଗ୍ୟ କରିବା ପାଇଁ ମା'ଙ୍କୁ ବହୁ ଅର୍ଥ ଋଣ କରିବାକୁ ପଡ଼ିଥିଲା। ସେତେବେଳେ ପାହାଡ଼ରେ ଲୁଚିଥିବା ସାଥୀମାନଙ୍କ ସହିତ ମା'ଙ୍କର ଯୋଗ ସୂତ୍ର ରହିଥାଏ। ମୋ ଭାଇ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଲଢେଇ କରିଥିବାରୁ ତା'ର ପୋଷାକ ଆମ ସାଥୀମାନଙ୍କ ମଧ୍ୟରୁ ଜଣେ ପିନ୍ଧିବା ଉଚିତ ବୋଲି ସେ ଭାବିଲେ। ବେଳେବେଳେ ମୋ ମା' ତାଙ୍କର ମାନସିକ ଭାରସାମ୍ୟ ହରାଇ ବସୁଥିଲେ। ପଡ଼ୋଶୀମାନେ ତାଙ୍କୁ ଦେଖିବା ପାଇଁ ଜମା ହୋଇଗଲେ ନିଜ ଦୁର୍ବଳତା ପ୍ରକାଶ ନ କରିବା ପାଇଁ ମା' କାନ୍ଦିବା ବନ୍ଦ କରି ଦେଉଥିଲେ। ଅସୁସ୍ଥ ଓ କ୍ଳାନ୍ତ ହୋଇ ପଡ଼ିଥିଲେ ମଧ୍ୟ ମୋ ମା' ଙ୍କ ମନୋବଳ ଭାଙ୍ଗି ନଥିଲା।

ଆଉ ଗୋଟିଏ ସପ୍ତାହ ଘରେ ରହିବା ପରେ ମୁଁ ଅଧିକ ମନୋବଳ ଓ କାମ କରିବା ପାଇଁ ଅଧିକ ଉତ୍ସାହ ନେଇ ବାହାରିଲି। ମୁଁ ଜାଣିଥିଲି, ମା'ଙ୍କୁ ମଧ୍ୟ ଘର ଛାଡ଼ିବାକୁ ପଡ଼ିବ। ଆମେ କେଉଁଠାକୁ କ'ଣ କରିବାକୁ ଯାଉଛୁ ସେ ବିଷୟରେ ଆମ ଭିତରେ କିଛି ଯୋଗାଯୋଗ ନଥିଲା। ମୋ ଭାଇ ମାନଙ୍କ ଠାରୁ ବିଦାୟ ନେଇ ପାରିଲି, ସେତିକି ହିଁ ଥିଲା ମୋ ପାଇଁ ଯଥେଷ୍ଟ। ତା'ପରେ ଆମେ ନିଜେ ନିଜ ପାଇଁ ନିଷ୍ପତ୍ତି ନେଇ ଯେ ଯାହାର ରାସ୍ତାରେ ଆଗେଇଗଲୁ। □

Digitized by srujanika@gmail.com

୨୫

ସ୍ପାନିଶ୍ ଦୂତାବାସ ଦଖଲ ସମୟରେ ରିଗୋବେର୍ଟାଙ୍କ ପିତାଙ୍କର ମୃତ୍ୟୁ; କୃଷକମାନଙ୍କର ରାଜଧାନୀ ଅଭିମୁଖେ ଶୋଭାଯାତ୍ରା

'ମୋ' ବାପା କହିଲେ, ''କେତେକଙ୍କୁ ସେମାନଙ୍କର ରକ୍ତ ଦେବାକୁ ପଡ଼ିବ ଏବଂ କେତେକଙ୍କୁ ସେମାନଙ୍କର ଶକ୍ତି; ତେଣୁ ଆମେ ପାରୁଥିବା ପର୍ଯ୍ୟନ୍ତ ଆମର ଶକ୍ତି ଖଟାଇବୁ ।'' '

ରିଗୋବେର୍ଟା ମେଞ୍ଚୁ

୧୯୭୯ ନଭେମ୍ବର ମାସରେ ମୋ ବାପାଙ୍କ ସହିତ ମୋର ଅକସ୍ମାତ ଦେଖା ହୋଇଗଲା । ଗୋଟିଏ ବୈଠକରେ ଯୋଗଦେବା ପାଇଁ ମୁଁ ଏଲ୍ କ୍ୱିସେକୁ ଯାଇଥିଲି । ବିଭିନ୍ନ ଅଞ୍ଚଳରୁ ସମିତିର ନେତାମାନେ ବୈଠକକୁ ଆସିଥିଲେ । ମୁଁ ମଧ୍ୟ ସେଠାକୁ ନିମନ୍ତ୍ରିତ ହୋଇ ଯାଇଥାଏ । ବାପାଙ୍କୁ ଦେଖି ମୁଁ ଖୁବ୍ ଖୁସି ହୋଇଗଲି । ସବୁ ସାଥୀମାନଙ୍କ ସାମ୍ନାରେ ସେ କହିଲେ: 'ମୋର ଏଇ ଅଯନ୍ ପାଳିତା ଝିଅଟି ପାଖରେ ସବୁ ଭଲ ଗୁଣଯାକ ଅଛି ।' ଏହା କହି ସେ ଦରକାର ପଡ଼ିଲେ, ମୋ ଦାୟିତ୍ୱ ନେବା ପାଇଁ ସେମାନଙ୍କୁ ଅନୁରୋଧ କଲେ । ବୈଠକ ବହୁ ସମୟ ଧରି ଚାଲିଲା ଓ ଆମ କାର୍ଯ୍ୟର ସମୀକ୍ଷା କରାଗଲା । ବୈଠକ ପରେ ବାପାଙ୍କ ସହିତ କଥା ହେବା ପାଇଁ ମୋତେ ଦୁଇଦିନ ସମୟ ମିଳିଲା । ଏହି ସୁଯୋଗରେ ଆମେ ଆମର ଅନୁଭୂତି ପରସ୍ପରକୁ କହିଲୁ । ଆମ ଲୋକମାନେ ସଂଗଠିତ ହେବାକୁ ଶିଖିବା ଏବଂ ନେତୃତ୍ୱ ନେବା ପାଇଁ ନୂଆ ସାଥୀ ମାନେ ଆଗଭର ହୋଇ ବାହାରିବା ଦେଖି ସେ ଖୁବ୍ ଆନନ୍ଦ ଲାଭ କରୁଥିଲେ । ସଶସ୍ତ୍ର ସଂଗ୍ରାମ କରିବା ପାଇଁ ଏଥିରୁ ତାଙ୍କୁ ଯେମିତି କେତେ ପ୍ରେରଣା ମିଳିଯାଉଥିଲା । ଜଣେ ସଚ୍ଚା ଖ୍ରୀଷ୍ଟିଆନ ଭାବରେ ସବୁ ପ୍ରକାର ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ତାଙ୍କ କର୍ତ୍ତବ୍ୟ ଥିଲା ବୋଲି ସେ ମନେ କରୁଥିଲେ । ଅଳ୍ପ କେତେଜଣଙ୍କୁ କ୍ଷମତାରେ ରହିବାର ସୁଯୋଗ ଦେବା ପାଇଁ ଆମ ଲୋକେ ତାଙ୍କ ରକ୍ତ ଓ ଜୀବନ ଦେବେ - ଏହା ତାଙ୍କ ପାଇଁ ମୋଟେ ଗ୍ରହଣୀୟ ନଥିଲା । ସେ ପାଠ ପଢ଼ି ନଥିଲେ ସତ, କିନ୍ତୁ ମୌଳିକ ବିଷୟ ଗୁଡ଼ିକ ସମ୍ପର୍କରେ ତାଙ୍କର ପରିଷ୍କାର ଧାରଣା ରହିଥିଲା । ବିଦାୟ ନେବା ପୂର୍ବରୁ ମୋତେ ଉତ୍ସାହ ନେବା ପାଇଁ ସେ କେତୋଟି କଥା କହିଲେ । ମା'ଙ୍କ କଥା ବୁଝିବା ପାଇଁ ସେ ମୋତେ ପରାମର୍ଶ ମଧ୍ୟ ଦେଇଗଲେ । ଆମ ଲୋକଙ୍କୁ ଶକ୍ତି ଦେବା ପାଇଁ ନିଜ ଜୀବନକୁ

Digitized by srujanika@gmail.com

ଅଯଥା ବିପନ୍ନ ନକରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଆମ ଜମି ଓ କ୍ଷେତମାନଙ୍କରେ ଅଗଣିତ ଲୋକ କବର ପାଇ ସାରିଥିବା କଥା ସେ ଜାଣିଥିଲେ । ଆଉ ଅଧିକ ଲୋକ ଶହୀଦ ହୁଅନ୍ତୁ, ଏହା ସେ ଜମା ଚାହୁଁନଥିଲେ ।

ତା'ପରେ ମୁଁ ବାପାଙ୍କଠାରୁ ବିଦାୟ ନେଲି । ଜାନୁଆରୀ ମାସରେ ରାଜଧାନୀକୁ ଆସିବା ପାଇଁ ସେ ମୋତେ ପ୍ରସ୍ତାବ ଦେଲେ । ସେତିକିବେଳେ ଛାତ୍ର, ଶ୍ରମିକ, କୃଷକ ଓ ଖ୍ରୀଷ୍ଟିଆନମାନଙ୍କର ଏଲ୍ କ୍ୱିସେ ଦମନ ବିରୋଧରେ ଏକ ବିକ୍ଷୋଭ ପ୍ରଦର୍ଶନ ହେବାର ଥିଲା । ଆମମାନଙ୍କ ମଧ୍ୟରୁ ଅଧିକାଂଶ ଆତ୍ମୋତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ନହେଲେ ପରିସ୍ଥିତିରେ ଉନ୍ନତି ହେବ ନାହିଁ ଏହା ଆମେ ଜାଣିଥିଲୁ । ଏଲ୍ କ୍ୱିସେରେ ସୈନ୍ୟମାନେ ଲୋକଙ୍କୁ ଅପହରଣ କରିନେବା ନିତିଦିନିଆ ଘଟଣା ହୋଇଯାଇଥିଲା । ଦଶ ପନ୍ଦର ଜଣ ପର୍ଯ୍ୟନ୍ତ ଲୋକ ହଠାତ୍ ନିଖୋଜ ହୋଇ ଯିବାର ଖବର ଆମ ନିକଟରେ ପହଞ୍ଚୁ ଥିଲା । ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ମୋର ଉପସ୍ଥିତି ଜରୁରୀ, ଏହା ଥିଲା ମୋ ବାପାଙ୍କ ଧାରଣା । ମୁଁ ବିକ୍ଷୋଭରେ ଯୋଗ ଦେବା ପାଇଁ ମନସ୍ଥ କରି ନେଲି ।

ମୋ କାର୍ଯ୍ୟକ୍ଷେତ୍ରରେ ପହଞ୍ଚି ମୁଁ ଯାହା ଦେଖିଲି, ସେଥିରେ ଲୋକଙ୍କୁ ସଂଗଠିତ କରିବା ସବୁଠାରୁ ଜରୁରୀ କାମ ବୋଲି ମୋର ହୃଦ୍‌ବୋଧ ହେଲା । ସେମାନଙ୍କ ଉପରେ ଅବିରତ ଦମନ ଲୀଳା ଚାଲିଥାଏ । ଆମେ ଡ଼େରି ନକରି ଆତ୍ମରକ୍ଷାର ଗୋଟିଏ ପାଠ୍ୟକ୍ରମ ଆରମ୍ଭ କରିଦେଲୁ । ଏହି ପାଠ୍ୟକ୍ରମର ଗୁରୁତ୍ୱ ଏତେ ବେଶୀ ଥିଲା ଯେ ମୋ ପକ୍ଷରେ ରାଜଧାନୀରେ ହେବାକୁ ଥିବା ବିକ୍ଷୋଭରେ ଯୋଗ ଦେବା ମଧ୍ୟ ଅନିଶ୍ଚିତ ହୋଇ ପଡ଼ିଲା । ବିକ୍ଷୋଭରେ ଯୋଗ ଦେବାକୁ ନଗଲେ ବାପାଙ୍କ ସହିତ ଆଉ ସାକ୍ଷାତର ସମ୍ଭାବନା ନଥିଲା । ମୁଁ ମୋ ବାପାଙ୍କୁ କେତେ ଭଲ ପାଉଥିଲି । କିନ୍ତୁ ଆମ ପରିସ୍ଥିତି ତାଙ୍କୁ ଦେଖିବାର ସୁଯୋଗରୁ ମୋତେ ବଞ୍ଚିତ କରୁଥିଲା । ମୋ ସାଥୀ ମାନଙ୍କୁ ଓ ତାଲିମ କାର୍ଯ୍ୟକ୍ରମକୁ ଛାଡ଼ି ମୁଁ ରାଜଧାନୀକୁ ଯାଇ ପାରିଲି ନାହିଁ ।

ସୈନ୍ୟବାହିନୀ ଏଲ୍ କ୍ୱିସେ ଛାଡ଼ି ଚାଲିଯାଆନ୍ତୁ ଏହା ଥିଲା ରାଜଧାନୀରେ ବିକ୍ଷୋଭକାରୀଙ୍କର ଦାବି । ଦମନର ସାକ୍ଷୀ ସ୍ୱରୂପ ସେମାନେ ସାଥୀରେ ଅନେକ ବାପା ମା' ଛେଉଣ୍ଡ ପିଲାମାନଙ୍କୁ ଆଣିଥିଲେ । ଲୋକମାନଙ୍କୁ ଆମ ଅବସ୍ଥା ବିଷୟରେ କହିବା ପାଇଁ ସେମାନେ ଏକାଧିକ ବେତାର କେନ୍ଦ୍ରକୁ ଦଖଲ କରିନେଇଥିଲେ । ସେମାନେ ଭାବିଲେ ଗୋଟିଏ ଦୂତବାସକୁ ଦଖଲ କରିନେଲେ ସମସ୍ତ ବିଷୟଟି ଆନ୍ତର୍ଜାତିକ ସ୍ତରକୁ ମଧ ଆସି ପାରିବ । ଆମେ ସମସ୍ତେ ଏତେ ଗରିବ ଥିଲୁ ଯେ ଅନ୍ୟ ଦେଶକୁ ଭ୍ରମଣରେ ଯିବା ଥିଲା ଆମର କଳ୍ପନାର ବାହାରେ । ସୈନ୍ୟବାହିନୀ ସହିତ ଲଢେଇ କରିବା ପାଇଁ ଆମ ସଂଗଠନ ନିକଟରେ ସମ୍ବଳ ନଥିଲା । କିନ୍ତୁ ଆତ୍ମରକ୍ଷା ପାଇଁ ଲୋକେ ଅସ୍ତ୍ର ଶସ୍ତ୍ରର ଆବଶ୍ୟକତା ଅନୁଭବ କରୁଥିଲେ ।

Digitized by srujanika@gmail.com

ଗୁଆଟେମୋଲାରେ ଥିବା ସୁଇଜରଲାଣ୍ଡର ଦୂତାବାସକୁ ସେମାନେ ପ୍ରଥମେ ଦଖଲ କରିନେଲେ । ଅନ୍ୟମାନେ ବେତାର କେନ୍ଦ୍ରଗୁଡ଼ିକୁ ନିଜ ଦଖଲକୁ ନେଇଗଲେ । କୃଷକ ମାନେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିଲେ । ଅବଶ୍ୟ ଏଲ୍ କ୍ୱିସେରେ ଦମନର ମାତ୍ରା ବେଶୀ ଥିବାରୁ ଦକ୍ଷିଣ ଓ ପୂର୍ବ ଉପକୂଳ ଅପେକ୍ଷା ଏଲ୍ କ୍ୱିସେରୁ ବେଶୀ ସଂଖ୍ୟାରେ କୃଷକ ଆସିଥିଲେ । କୃଷକମାନେ ହିଁ ସଂଗ୍ରାମର ନେତୃତ୍ୱ ନେଇଥିଲେ । ସ୍ପେନର ଦୂତାବାସକୁ ଦଖଲ କରିବା ସେଦିନର ଶେଷ କାମ ଥିଲା । ମୋ ମା' ଓ ଭାଇମାନେ ଦୂତବାସ ଦଖଲରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ ମଧ୍ୟ ସଂଗଠନ ସେମାନଙ୍କୁ ଏଥିରୁ ନିବୃତ୍ତ କରାଇଥିଲା ।

ପରେ କିନ୍ତୁ ଯାହାହେଲା ଆମେ ତାହାକୁ କେବେ କଳ୍ପନା କରିପାରିନଥାନ୍ତୁ । ଆମେ ଭାବିଥିଲୁ କିଛି ଉତ୍ତେଜନା ନିଶ୍ଚୟ ରହିବ; କିନ୍ତୁ ଦୂତାବାସ ଦଖଲକାରୀମାନଙ୍କୁ ରାଜନୈତିକ ଶରଣାର୍ଥୀ ଭାବରେ ଦେଶ ଛାଡ଼ି ଚାଲିଯିବାକୁ ଅନୁମତି ମିଳିଯିବ । ଆମର ବିଶ୍ୱାସ ଥିଲା ଏହା ଦ୍ୱାରା ଆମ ସଂଗ୍ରାମର ସମ୍ବାଦ ଅନ୍ୟଦେଶରେ ପ୍ରଚାର ହୋଇପାରିବ । ଦେଶ ବାହାରେ ଏବଂ ଭିତରେ ଲୋକମାନଙ୍କୁ ଗୁଆଟେମୋଲାରେ ଘଟୁଥିବା ଘଟଣାମାନଙ୍କ ବିଷୟରେ ଜଣାଇବା ଆମର ଉଦ୍ଦେଶ୍ୟ ଥିଲା ।

ଶେଷରେ ସେ ସମସ୍ତଙ୍କ ଦେହରେ ନିଆଁ ଲଗାଇ ଦିଆଗଲା । ଶରୀର ଗୁଡ଼ିକ ପୋଡ଼ିଯାଇ ପାଉଁଶ ବ୍ୟତୀତ ଆଉକିଛି ରହିଲା ନାହିଁ । ଏହା ଥିଲା ଆମ ପାଇଁ ଏକ ପ୍ରଚଣ୍ଡ ଆଘାତ । ମୋ ବାପାଙ୍କ ପାଇଁ ମୁଁ ବେଶୀ ଶୋକ କରୁନଥିଲି । ସେ ଯେପରି ଜୀବନକୁ ଆଦରି ନେଇଥିଲେ ମୃତ୍ୟୁ ତାଙ୍କ ପାଇଁ ଅନିବାର୍ଯ୍ୟ ଥିଲା । ମୋ ବାପା ମଧ୍ୟ ତାଙ୍କ ଜୀବନ ଦେବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଥିଲେ । ତେଣୁ ତାଙ୍କ ମୃତ୍ୟୁକୁ ମୁଁ ସହଜରେ ଗ୍ରହଣ କରିନେଲି । ବରଂ ମୁଁ ଖୁସି ଥିଲି ଯେ ବାପାଙ୍କୁ ବେଶୀ ଯନ୍ତ୍ରଣା ଭୋଗକରିବାକୁ ପଡ଼ିଲାନାହିଁ ଯଦି ଶତ୍ରୁ ହାତରେ ଜୀବନ୍ତ ଧରା ପଡ଼ିଥାନ୍ତେ ତାଙ୍କୁ ବହୁ ଅଧିକ କଷ୍ଟଭୋଗିବାକୁ ପଡ଼ିଥାନ୍ତା । ଆମର ଏତେଜଣ ସାଥୀଙ୍କର ମୃତ୍ୟୁ ମୋ ପାଇଁ ବେଶୀ ଯନ୍ତ୍ରଣାଦାୟକ ଥିଲା । ଆମର ଏଇ ସାଥୀମାନେ କେବେହେଲେ କ୍ଷମତା ପାଇଁ ଲାଳାୟିତ ନଥିଲେ । କେବଳ ବଞ୍ଚିବା ପାଇଁ ଯାହା ଦରକାର ତାହାହିଁ ସେମାନେ ଚାହୁଁଥିଲେ । ଏହାହିଁ ଲଢେଇ କରିବା ପାଇଁ ମୋ ନିଷ୍ପତ୍ତିକୁ ବେଶୀ ଦୃଢ଼ କରିଦେଲା ।

ଅବଶ୍ୟ ଏହା ମଧ୍ୟରେ କେତୋଟି ମୁହୂର୍ତ୍ତ ଖୁବ୍ ଉତ୍କଣ୍ଠାପୂର୍ଣ୍ଣ ଥିଲା । ଯେତେବେଳେ ମୃତ ଶରୀରଗୁଡ଼ିକୁ ଚିହ୍ନିବା ସମ୍ଭବ ନୁହେଁ ବୋଲି ଖବର ମିଳିଲା, ମୁଁ ଭାବିଲି ମୋ ମା' ଓ ଭାଇମାନେ ହୁଏତ ମୃତ୍ୟୁବରଣ କରିଥିବେ । ସେମାନେ ସମସ୍ତେ ଏକାଠି ମରିବାର ସମ୍ଭାବନାକୁ ମୁଁ ସହ୍ୟ କରିବା ଅବସ୍ଥାରେ ନଥିଲି । ମୁଁ ଜାଣେ ଆମ ସମସ୍ତଙ୍କୁ ଜୀବନ ଦେବାକୁ ପଡ଼ିବ । କିନ୍ତୁ ସମସ୍ତେ ଏକାସାଙ୍ଗରେ ମରିବା କଥା ମୁଁ ମୋଟେ ଭାବି ପାରୁନଥିଲି । ଆମ ପରିବାରର ସମସ୍ତେ ମରିଯିବେ ଏବଂ ମୁଁ ଏକୁଟିଆ ଜୀବିତ ରହିବି ଏହି ଚିନ୍ତା ମୋ ପାଇଁ

Digitized by srujanika@gmail.com

ଅସହ୍ୟ ଥିଲା । ପ୍ରକୃତରେ ମୁଁ ହିଁ ପ୍ରଥମେ ମରିବାକୁ ଚାହୁଁଥିଲି । ଏହିପରି ଘଟଣା ମଣିଷ ମଧ ଜୀବନରେ ଘଟେ । କିନ୍ତୁ ଆମେ ତାକୁ ସାମନା କରୁ ଏବଂ ସହିଯାଉ । ମୋ ବାପାଙ୍କର ସମାଧି ଦେଖିବା ପାଇଁ ସହରକୁ ଯିବାକୁ ମୋ ମନ ଉଚ୍ଛନ୍ନ ହେଲା । କେବଳ ମୋ ବାପା ନୁହଁନ୍ତି, ଜୀବନ ଦେଇଥିବା ଆମର ଅନ୍ୟ ସମସ୍ତ ସାଥୀମାନଙ୍କୁ ମୋର ଶ୍ରଦ୍ଧା ଓ ସମ୍ମାନ ଜଣାଇବାକୁ ମୁଁ ଚାହୁଁଥିଲି । କିନ୍ତୁ ମୁଁ ସହରକୁ ଯାଇପାରିଲି ନାହିଁ ।

ପୋଡ଼ି ଦିଆଯାଇଥିବା ମୃତ ଦେହଗୁଡ଼ିକୁ କବର ଦିଆଗଲା । ଏହାଥିଲା ସମଗ୍ର ଗୁଆଟେମାଲା ପାଇଁ ଏକ ଅସାଧାରଣ ଘଟଣା । ଆମ ଦେଶର ଇତିହାସକୁ ଖୋଜିଲେ ଲୋକେ କେବେ ଏତେ ଯୁଦ୍ଧଖୋର ହୋଇନଥିବା କଥା ଜଣା ପଡ଼େ ନାହିଁ । ଆମ ସାଥୀମାନଙ୍କୁ କବର ଦେବାଲାଗି ହଜାର ହଜାର ଲୋକ ଏକଜୁଟ ହୋଇଥିଲେ । ଧନୀ, ଗରିବ ଓ ବୃତ୍ତିଧାରୀ ପେଷାଦାରମାନଙ୍କ ମଧ୍ୟରେ କିଛି ତାରତମ୍ୟ ନଥିଲା । ସମସ୍ତେ ସେମାନଙ୍କର ଜୀବନକୁ ବିପନ୍ନ କରି ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇଥିଲେ । ସ୍ପେନ ସହିତ ଆମର ପୁରୁଣା ସମ୍ପର୍କ ହେତୁ ହିଁ ଲୋକେ ସ୍ପାନିଶ ଦୂତାବାସକୁ ଦଖଲ କରିଥିଲେ । ଏହାଫଳରେ ଗୋଟିଏ ଭଲ କଥା ହେଲା । ସ୍ପେନ ଗୁଆଟେମାଲା ସହିତ ତାର ସମ୍ପର୍କ ଛିନ୍ନ କଲା । ଅବଶ୍ୟ ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ଆମ ଅବସ୍ଥା ପାଇଁ ସ୍ପେନ୍ ଅନେକାଂଶରେ ଦାୟୀ । ବିଶେଷଭାବରେ ଭାରତୀୟମାନଙ୍କର ଅବସ୍ଥା ପାଇଁ ସେମାନଙ୍କ ଭୂମିକା ଯେ ବେଶୀ ଥିଲା ଏଥିରେ କୌଣସି ସନ୍ଦେହ ନାହିଁ ।

ସରକାର ପ୍ରଚାର କଲେ ଯେ କୃଷକମାନେ ନିଜ ପାଖରେ ଅନେକ ଅସ୍ତ୍ରଶସ୍ତ୍ର ରଖିଥିଲେ ଏବଂ ନିଜ ଦୋଷରୁ ହିଁ ସେମାନେ ପୋଡ଼ିହୋଇ ମଲେ । ଦୁର୍ଭାଗ୍ୟକୁ ସତ କଥାଟିକୁ କହିବା ପାଇଁ ଆମର କେହି ସାଥୀ ବଞ୍ଚି ନଥିଲେ । ସମନ୍ୱୟ ରକ୍ଷା କରୁଥାନ୍ତୁ ବା ଜଗିବା କାମ କରୁଥାନ୍ତୁ , ସମସ୍ତେ ମୃତ୍ୟୁ ବରଣ କରିଥିଲେ । ଦୂତବାସ ଘଟଣା ପରେ ଅନ୍ୟ ସ୍ଥାନମାନଙ୍କରେ ମଧ କେତେ ଜଣଙ୍କୁ ଗୁଳି କରି ମାରି ଦିଆଯାଇଥିଲା । ଯେଉଁ ସାମ୍ବାଦିକମାନେ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ, ସେମାନେ ପୋଲିସ ବୋମା ଫିଙ୍ଗିବା ନିଜ ଆଖିରେ ଦେଖିଥିଲେ । ଆମେ କେବଳ ଏତିକି ଜାଣିଥିଲୁ ଯେ ମଲା ଦେହ ଗୁଡ଼ାକ କଠିନ ଓ ବକ୍ରାକୃତ ହୋଇଯାଇଥିଲା । ଯେଉଁମାନେ ବିସ୍ଫୋରକ ପଦାର୍ଥ ବିଷୟରେ ଜାଣନ୍ତି ସେମାନଙ୍କ ମତରେ ପୋଲିସ ହୁଏତ ସଲ୍‌ଫର୍ ବୋମା ବ୍ୟବହାର କରିଥିଲେ । ସଲ୍‌ଫର୍ ବୋମାର ଧୂଆଁ ଶୁଙ୍ଘିବା ମାତ୍ରେ ମଣିଷର ଦେହ ଟାଣ ହୋଇଯାଏ । ମୋ ବାପାଙ୍କ ଦେହ କେବଳ କଠିନ ହୋଇନଥିଲା, ତାଙ୍କ ମୁଣ୍ଡରେ ପାଞ୍ଚୋଟି ଏବଂ ଛାତିରେ ଗୋଟିଏ ଗୁଳି ମଧ ବାଜିଥିଲା । ସମ୍ଭବତଃ ଦୂତାବାସ ଉପରକୁ ନିକ୍ଷେପ କରାଯାଇଥିବା ଗ୍ରେନେଡ୍ ଦ୍ୱାରା ମଣିଷ ଦେହଗୁଡ଼ିକ କଣା ହୋଇଯାଇଥିଲା ।

Digitized by srujanika@gmail.com

ଘଟଣା ସମ୍ପର୍କରେ କିଏ କେତେ କଥା କହିଲେ । ଆକସ୍ମିକ ଭାବରେ ଆମ ସାଥୀମାନଙ୍କ ମଧ୍ୟରୁ ଜଣେ ଗ୍ରେଗୋରିଓ ୟୁଜା ସୋନା କୌଣସି ମତେ ବଞ୍ଚି ଯାଇଥିଲେ । ଆମେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୋଟିଏ ଘରୋଇ ଚିକିତ୍ସାଳୟକୁ ନେଇଗଲୁ । ଘଟଣା ସମ୍ପର୍କରେ ସେ ହିଁ ପ୍ରକୃତ ତଥ୍ୟ ଦେଇ ପାରିଥାନ୍ତେ । କିନ୍ତୁ କିଛି ଦିନପରେ ପୋଷାକ ପିନ୍ଧା କେତେକ ସଶସ୍ତ୍ର ଲୋକ ତାଙ୍କୁ ଡ଼ାକ୍ତରଖାନାରୁ ଅପହରଣ କରିନେଲେ । ତା'ପର ଦିନ ସାନ୍ କାର୍ଲୋସ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ତାଙ୍କ ବୁଲେଟ ଚିହ୍ନ ଥିବା ମୃତ ଦେହ ମିଳିଲା । ତାଙ୍କ ଉପରେ ହୋଇଥିବା ଅତ୍ୟାଚାରର ଚିହ୍ନ ମଧ୍ୟ ଦେହରେ ଥିଲା । ସରକାର ଆମର ଏହି ସାଥୀ ଜଣଙ୍କୁ ବଞ୍ଚିବାର ସୁଯୋଗ ଦେଇ ନଥିଲେ । କୃଷକମାନଙ୍କ ନିକଟରେ କିଛି ଆଗ୍ନେୟାସ୍ତ୍ର ନଥିଲା, ଏହା ଆମେ ଭଲଭାବରେ ଜାଣିଥିଲୁ । କଟୁରୀ ଓ ପଥର ପରି ସ୍ଥାନୀୟ ହାତ ହତିଆର କିଛି ହୁଏତ ତାଙ୍କ ନିକଟରେ ଥିଲା । ସେମାନେ ଦଖଲ କରିଥିବା ସ୍ଥାନମାନଙ୍କରେ ସେହି ଅସ୍ତ୍ରଗୁଡ଼ିକୁ ହୁଏତ ବ୍ୟବହାର କରିଥିବେ । ସ୍ପାନିଶ୍ ଦୂତବାସରେ କ'ଣ ହେଲା; ସେ ସମ୍ପର୍କରେ ମୁଁ ନିଜ ମନ ଗଢା କାହାଣୀ କହିବା ଠିକ୍ ହେବ ନାହିଁ । ଆମର ଅନ୍ୟ ସାଥୀମାନଙ୍କ ନିକଟରେ ମଧ୍ୟ ବେଶୀ କିଛି ତଥ୍ୟ ନଥିଲା । ଯାହାହେଉନା କାହିଁକି ଏହି ଘଟଣା ମୋ ନିଜ ଜୀବନରେ ଏବଂ ଆନ୍ଦୋଳନର ଇତିହାସରେ ଏକ ନୂଆ ଅଧ୍ୟାୟ ଆରମ୍ଭକୁ ସୂଚାଇ ଦେଉଥିଲା । ☐

Digitized by srujanika@gmail.com

୨୬

ରିଗୋବେର୍ଟା ତାଙ୍କ ବାପାଙ୍କ ସମ୍ପର୍କରେ କହନ୍ତି

> 'ଆମ ଚାଲିଯିବା ପରେ ଆମକୁ ମନେରଖିବ, ଭୁଲିବ ନାହିଁ । ଆମର ମୁହଁ ଓ କଥାକୁ ମନେପକେଇବ । ଯେଉଁମାନେ ଆମକୁ ମନେରଖିବାକୁ ଚାହିଁବେ, ସେମାନଙ୍କ ହୃଦୟରେ ଆମର ପ୍ରତିଛବି ଶିଶିରବିନ୍ଦୁ ପରି ସ୍ୱଚ୍ଛ ହୋଇ ରହିବ ।'
>
> ପୋପୋଲ ଭୁ

ଉଭୟ ମୋ ବାପା ଓ ମା'ଗୋଷ୍ଠୀର ନେତା ଭାବରେ ନିର୍ବାଚିତ ହୋଇଥିଲେ । ଗୋଷ୍ଠୀର ଲୋକେ ଭଲ କହିବେ, ସେଥିପାଇଁ ସେମାନେ ନେତା ହେବାକୁ ଚାହିଁ ନଥିଲେ । ସେମାନେ ତାଙ୍କ ପୂର୍ବପୁରୁଷମାନଙ୍କ ଋଣ ସୁଝିବା ପାଇଁ ଏହି ଦାୟିତ୍ୱ ନେଇଥିଲେ । ଯଦି ଆମେ କେତେବେଳେ ପଡ଼ୋଶୀ ମାନେ ପସନ୍ଦ ନକରିବା ପରି କାମ କରୁଥିଲୁ, ବାପା ସଙ୍ଗେ ସଙ୍ଗେ ଆମକୁ ଚେତାଇ ଦେଉଥିଲେ । ଅବଶ୍ୟ ସେ ଆମକୁ ଗାଳି ଦେଉନଥିଲେ । ସେ ଜାଣିଥିଲେ ଦୋଷ ଆମର ନଥିଲା, ଦୋଷ ଥିଲା ସମୟର । ଆମ ପୂର୍ବପୁରୁଷମାନଙ୍କର ଜୀବନ୍ତ ସ୍ମୃତିକୁ ପାଥେୟ କରି ସମୟର କୁପ୍ରଭାବରୁ ନିଜକୁ ଦୂରେଇ ରଖିବା ପାଇଁ ସେ ପରାମର୍ଶ ଦେଉଥିଲେ । ଏଥିପାଇଁ ସେ ଆମ ଜେଜେବାପାଙ୍କ ଜୀବନରୁ ଉଦାହରଣ ମାନ ଦେଉଥାନ୍ତି । ଯେତେବେଳେ ବାପାଙ୍କୁ ସରକାରର କୋପ ଦୃଷ୍ଟି ଏଡ଼ାଇବା ପାଇଁ ଗାଁ ଛାଡ଼ିବାକୁ ପଡ଼ିଲା, ସବୁ ଦାୟିତ୍ୱ ମୋ ବଡ଼ ଭାଇକୁ ସମ୍ଭାଳିବାକୁ ପଡ଼ିଲା । ସେ କିନ୍ତୁ ନିଜେ କେବେ ବାହାଦୁରୀ ନନେଇ ବାପାଙ୍କ ନାମରେ ସବୁ କାମ କରିଚାଲିଲା । ଆମର ଗୋପନ କଥା ସବୁ ପଦାରେ ନପକାଇବା ପାଇଁ ବାପା ଆଗରୁ ତାଗିଦ୍ କରି ଥାଆନ୍ତି । ବିଶେଷ ଭାବରେ କୌଣସି ଧନୀଲୋକ ଜମି ମାଲିକ ବା ଧର୍ମ ଯାଜକ ଆମ ଗୋପନ କଥା ନ ଜାଣିବା ଉପରେ ସେ ବେଶୀ ଗୁରୁତ୍ୱ ଦେଉଥିଲେ । ପୂର୍ବ ପୁରୁଷମାନଙ୍କ ଗୋପନୀୟତାକୁ ରକ୍ଷା ନକରିବା ଅର୍ଥ ଥିଲା ସେମାନଙ୍କ ମୃତ୍ୟୁ ପାଇଁ ଦାୟୀ ହେବା । ଏହାଦ୍ୱାରା ଅବଶ୍ୟ ଆମର ସ୍ୱାଧୀନତା କିଛି ପରିମାଣରେ ସୀମିତ ହୋଇଛି । ଅନ୍ୟମାନେ କ'ଣ ଭାବିବେ ତାହାକୁ ବିଚାରକୁ ନେଇ ଆମେ ସବୁକିଛି କରି ଥାଉ । ବାପାଙ୍କୁ ସମସ୍ତେ ଭଲ ପାଉଥିଲେ ଓ ତାଙ୍କ କଥାକୁ ଗୁରୁତ୍ୱ ଦେଉଥିଲେ । ତେଣୁ ତାଙ୍କ ସନ୍ତାନ ଭାବରେ ତାଙ୍କୁ ଅନୁସରଣ କରିବା ଆମର ପରମ କର୍ତ୍ତବ୍ୟ ।

Digitized by srujanika@gmail.com

ଆମପାଇଁ ମୋ ଅଜାଙ୍କ ଉଦାହରଣ ମଧ୍ୟ ରହିଥିଲା । ତାଙ୍କ ବୟସ ୧୦୬ ବର୍ଷ ହେବ । ମୁଁ ଭାବୁଛି ସେ ଏବେ ମଧ୍ୟ ଜୀବିତ ଅଛନ୍ତି । ସେ ମୋ ମା'ଙ୍କର ବାପା । ତାଙ୍କ ଜୀବନର କେତେ ପୁରୁଣା କଥା ସେ ଆମକୁ କହିଛନ୍ତି । ସେତେବେଳେ କ୍ରୀତଦାସ ପ୍ରଥା ଚାଲିଥାଏ । ତାଙ୍କ ଭାଇ ଭଉଣୀମାନଙ୍କ ମଧ୍ୟରେ ସେ ସବୁ ଠାରୁ ବଡ଼ ଥିଲେ । ସେ ସମୟରେ ପରିବାରର ବଡ଼ ପୁଅକୁ ଗୋରା ଲୋକଙ୍କ ପାଇଁ କ୍ରୀତଦାସ ଭାବରେ କାମ କରିବାକୁ ପଡୁଥିଲା । ଜମି ମାଲିକ କାମ କରିବାକୁ ଡ଼ାକିଲେ ମନା କରିବା ଅସମ୍ଭବ ଥିଲା । ଟିକିଏ ସମୟ ମିଳିଲେ ଅଜାଙ୍କ ସହିତ କଥା ହେବା ପାଇଁ ଓ ତାଙ୍କ ଅନୁଭୂତିରୁ ଶିଖିବା ପାଇଁ ବାପା ଆମକୁ ପରାମର୍ଶ ହେଉଥିଲେ । ଆମ ପୂର୍ବପୁରୁଷମାନେ କ'ଣ ସବୁ କହିଥିଲେ ଅଜାଙ୍କୁ ଜଣାଥିଲା । ତାଙ୍କ ସହିତ କଥା ହେବା ବେଳେ ରାଜନୈତିକ ଆଲୋଚନା ହେବା ପରି ଲାଗୁଥିଲା । ତାଙ୍କ ନିଜ ଜୀବନ, ତାଙ୍କ ଜେଜେ ବାପାଙ୍କ ଜୀବନ ଏବଂ ତାଙ୍କ ପୂର୍ବରୁ ସଂସାରକୁ ଆସି ଚାଲି ଯାଇଥିବା ପୂର୍ବପୁରୁଷମାନଙ୍କ ଜୀବନ ସମ୍ପର୍କରେ ଅନେକ କଥା ଆମେ ତାଙ୍କ ଠାରୁ ଶୁଣିଛୁ । ଆମ ପୂର୍ବପୁରୁଷମାନେ କାହିଁକି ବେଶୀ ଦିନ ବଞ୍ଚୁଥିଲେ ସେ ତା'ର କାରଣ ଆମକୁ ବୁଝାଉଥିଲେ । ଶହେ ପନ୍ଦର ଓ ଶହେ ସତର ବର୍ଷ ବୟସର ସ୍ତ୍ରୀ ଲୋକଙ୍କୁ ଦେଖି ଥିବା କଥା ସେ କହନ୍ତି । ଆମ ଅବସ୍ଥା ପାଇଁ ଆମକୁ ନୁହେଁ , ବରଂ ଆଧୁନିକ ଯନ୍ତ୍ରପାତିକୁ ସେ ଦାୟୀ କରୁଥିଲେ । ମୋ ଅଜା କେବେ ସ୍କୁଲକୁ ପଢ଼ିବା ପାଇଁ ଯାଇ ନଥିଲେ । କିନ୍ତୁ ଖାଦ୍ୟରେ ରାସାୟନିକ ପଦାର୍ଥ ଦେହକୁ ଯିବାଦ୍ୱାରା ଯେ ଆମେ ଅଳ୍ପାୟୁ ହେଉଛୁ ତାହା ତାଙ୍କୁ ଜଣାଥିଲା ।

ସ୍ପାନିଶ୍‌ମାନେ ଆମ ଦୁର୍ଦ୍ଦଶା ମୂଳରେ ଥିବାରୁ ସେମାନଙ୍କୁ ମୋ ଅଜା ସବୁବେଳେ ଦୋଷ ଦେଉଥିଲେ । ଆମ ଜମିରୁ କେତେ ପ୍ରକାର ଜିନିଷ ସେମାନେ ନେଇ ଯାଇଥିଲେ । ଆମ ପୂର୍ବପୁରୁଷମାନଙ୍କର ସବୁଠାରୁ ସୁନ୍ଦର ପୁଅ ମାନଙ୍କୁ ଅପମାନିତ କରିବା ଓ ଆମ ଗୋଷ୍ଠୀ ବାଛିଥିବା ରାଣୀମାନଙ୍କର ଇଜ୍ଜତ ଲୁଣ୍ଠନ କରିବାକୁ ସେମାନେ କୁଣ୍ଠାବୋଧ କରୁନଥିଲେ । ଅପମିଶ୍ରଣରୁ ହିଁ ଲାଡ଼ିନୋ ମାନଙ୍କର ସୃଷ୍ଟି । 'କାକ୍ସଲାନ' କହିଲେ ମିଶ୍ରଣକୁ ବୁଝାଏ; ଭାରତୀୟ ଓ ସ୍ପାନିଶ୍ ରକ୍ତର ମିଶ୍ରଣ । ମୋ ଅଜା କହୁଥିଲେ ଏହି 'କାକ୍ସଲାନ୍' ମାନେ ହେଉଛନ୍ତି ଚୋର; ସେମାନଙ୍କ ଠାରୁ ସବୁବେଳେ ଦୂରରେ ରହିବା ଉଚିତ । ଅଜାଙ୍କ ନିଜ ଜୀବନ କାହାଣୀ ଆମକୁ ଆମ ପରମ୍ପରାରେ ବିଶ୍ୱାସ କରନ୍ତି । କିନ୍ତୁ ସେଥିରୁ ଅନେକ ବିଷୟ ମଧ୍ୟ କୁଆଡ଼େ ହଜିଗଲାଣି । ପୂର୍ବେ ଯେଉଁ ପଦ୍ଧତିରେ କାମ ହେଉଥିଲା, ଏବେ ସେଥିମଧ୍ୟରୁ ଅନେକ କିଛି ବଦଳି ଗଲାଣି । ମୋ ମା' ଙ୍କର ଛୋଟ ଛୋଟ ଅନେକ ଗୋପନୀୟ କଥା ସେ ଆମକୁ ଶିଖାଉଥିଲେ । ମନେକର ଦଳେ କୁକୁର ଭୁକୁଛନ୍ତି ବା କାହାକୁ କାମୁଡୁଛନ୍ତି - କ'ଣ କରିବ - ଏମିତି କେତେ କେତେ କଥା । ମୋ ମା'ଙ୍କୁ କୁକୁରକୁ ବଶ

Digitized by srujanika@gmail.com

କରିବା ବିଦ୍ୟା ଜଣାଥିଲା । ତେଣୁ ତାଙ୍କୁ କେବେ କୌଣସି କୁକୁର କାମୁଡ଼ି ନଥିଲା । ମୋର ମନେ ହୁଏ ଏହା ପ୍ରକୃତିର ଅଂଶବିଶେଷ । ତେଣୁ ଏହାର ପ୍ରଭାବ ଏତେ ବେଶୀ ।

ମୋ ମା'ଙ୍କ ପରି ବାପା ମଧ ଜଣେ ଭାରି ସରଳ ମଣିଷ ଥିଲେ । ମୋ ମା'ଙ୍କ ପରି ମୋ ମୁହଁଟି ମଧ ଗୋଲାକାର । ବାପାଙ୍କ ଧୈର୍ଯ୍ୟ ଥିଲା ଅସୀମ । ସେ ଭାରି ଦୟାଳୁ ଥିଲେ ଏବଂ କେବେ ରାଗୁ ନଥିଲେ । ଆମେ କିଛି ଭୁଲ କଲେ ସେ ଖୁବ୍ ଧୈର୍ଯ୍ୟର ସହିତ ଆମକୁ ଚେତାଇ ଦେଉଥିଲେ । କିନ୍ତୁ ଆମର ଦୁର୍ଭାଗ୍ୟ ଯେ ଦୁଇ ପଇସା ରୋଜଗାର କରିବା ପାଇଁ ଅଥବା ସରକାରୀ କାମରେ ତାଙ୍କୁ ବାରମ୍ବାର ଫିନ୍‌କା ଓ ରାଜଧାନୀକୁ ଯିବାକୁ ପଡୁ ଥିଲା । ସେ ଘରେ ବେଶୀ ସମୟ ରହି ପାରୁନଥିଲେ । ମାସେ ଦୁଇମାସରେ ଥରେ ସେ ଘରକୁ ଆସୁଥିଲେଏବଂ ଆମ ସହିତ କିଛି ସମୟ କଥାବାର୍ତ୍ତା କରି ପୁଣି ଚାଲିଯାଉଥିଲେ । ସେହି ସ୍ୱଳ୍ପ ସମୟ ମଧରେ ଆମେ ତାଙ୍କ ଠାରୁ କେତେ କଥା ଶିଖୁଥିଲୁ । ଗାଁର ସମସ୍ତଙ୍କର ମଧ ତାଙ୍କ ଠାରୁ ଅନେକ କଥା ଶିଖିବାର ଥିଲା । ମୋ ବାପାଙ୍କ ପାଇଁ ମୋର ଭାରି ଗର୍ବ ହୁଏ । ସେ ଥିଲେ ବାପା ଛେଉଣ୍ଡ । ତାଙ୍କୁ ଭଲ କଥା ଶିଖାଇବା ପାଇଁ କିମ୍ବା ପାଠ ପଢାଇବା ପାଇଁ ତାଙ୍କ ବାପା ନଥିଲେ । ଶୈଶବରୁ ସେ ନିଜ ମା'ଙ୍କୁ ମଧ ହରାଇଥିଲେ । ଲୋକମାନଙ୍କ ଠାରୁ ଘୃଣା ଓ ପ୍ରତ୍ୟାଖାନ ପରି ଖରାପ କଥା ହିଁ ତାଙ୍କୁ ଶିଖିବାକୁ ମିଳିଥିଲା । ଏହା ସତ୍ତ୍ୱେ ସେ ନିଜ ଜୀବନକୁ ନିଜେ ଗଢିଥିଲେ । ସେ ଥିଲେ ଜଣେ ପରିପୂର୍ଣ୍ଣ ମଣିଷ । ତାଙ୍କ ଜୀବନରେ ଦୁଃଖର ସୀମା ନଥିଲା କିମ୍ବା ସମସ୍ୟାର ଅନ୍ତ ନଥିଲା । ଏହା ସତ୍ତ୍ୱେ ସେ ଧୀର ଚିତ୍ତରେ କାମ କରି ଯାଉଥିଲେ । ଅନେକ ସମୟରେ କାମର ଗୁରୁତ୍ୱ ବୁଝୁଥିଲେ ମଧ ତାହାକୁ କରିବା ପାଇଁ ମୋର ଇଚ୍ଛା ଶକ୍ତିର ଅଭାବ ହୁଏ । କିନ୍ତୁ ବାପା ଶାନ୍ତ ଓ ସ୍ଥିର ଭାବରେ ସବୁ କାମ କରିଯାଉଥାନ୍ତି । ତାଙ୍କ ଜୀବନରେ ଯାହା ସବୁ ଘଟଣା ଘଟିଯାଇଛି, ତାଙ୍କ ସ୍ନାୟୁ ଯଦି ଦୁର୍ବଳ ହୋଇଥାନ୍ତା, ସେ କଦାପି କୌଣସି କାମ କରି ପାରି ନଥାନ୍ତେ ।

ମୁଁ ବାପାଙ୍କ ସହିତ ରହିବା ପାଇଁ କମ୍ ସମୟ ପାଇଥିଲେ ମଧ ମୋ ଭାଇ ଓ ଭଉଣୀମାନଙ୍କ ଅପେକ୍ଷା ବେଶୀ ସମୟ ତାଙ୍କ ସହିତ କଟାଇଥିଲି । ଖୁବ୍ ଛୋଟ ବୟସରୁ ମୁଁ ତାଙ୍କ ସହିତ ରାଜଧାନୀକୁ ଯାଉଥିଲି । ବେଳେବେଳେ ଫିନ୍‌କାରେ କାମକୁ ଅଧାରେ ଛାଡ଼ି ମୁଁ ତାଙ୍କ ସହିତ ରାଜଧାନୀକୁ ଯାଇଛି । ସେ ଗପ ଛଳରେ ମୋତେ ସବୁ କଥା ବୁଝାନ୍ତି । ଯେତେବେଳେ ଖାଇବାକୁ ଆମ ପାଖରେ କିଛି ନଥାଏ, ମୁଁ ବାପାଙ୍କ ସହିତ ଉପାସରେ ମଧ ରହିଛି । ସେତିକିବେଳେ ଆମ ପରିସ୍ଥିତି କାହିଁକି ଏପରି ହୋଇଛି, ବାପା ମୋତେ ବୁଝାନ୍ତି । ମୁଁ ଯେତେବେଳେ ରୋଜଗାର କରିବା ଆରମ୍ଭ କରିନଥିଲି ବାପା ରୋଜଗାର ଓ ତ୍ୟାଗର ମହତ୍ତ୍ୱ ବିଷୟରେ ମୋତେ କହୁଥିଲେ । କିନ୍ତୁ ମୁଁ ସ୍କୁଲ ଯାଇ ପାରିଲି ନାହିଁ ବୋଲି ତାଙ୍କର ଦୁଃଖ ରହିଗଲା । ନୂଆ କଥା ଶିଖିବା ପାଇଁ ମୋ ଭିତରେ ଥିବା ଶକ୍ତିକୁ ସେ ଚିହ୍ନିଥିଲେ । ଅବଶ୍ୟ ସ୍କୁଲକୁ ଗଲେ ମୁଁ ନିଜ

Digitized by srujanika@gmail.com

ମୂଳକୁ ଭୁଲି ଯାଇ କାଳେ ଲାଡ଼ିନୋ ହୋଇଯିବି, ଏହି ଭୟ ମଧ ତାଙ୍କର ଥିଲା । ଚଉଦ କିମ୍ବା ପନ୍ଦର ବର୍ଷ ବୟସ ହୋଇଥିବା ବେଳେ ମୋତେ ସ୍କୁଲକୁ ପଠାଇବାର ସୁଯୋଗ ଥିଲା । କିନ୍ତୁ ମୁଁ କାଳେ ଭୁଲ ରାସ୍ତାରେ ଚାଲିଯିବି ସେଥିପାଇଁ ସେ ସେଥିରୁ ବିରତ ହୋଇଥିଲେ ।

ମୋର ମନେଅଛି, ଆମେ ଥରେ ଏଲ୍ କ୍ୱିସେର ଉତ୍ତରରେ ଥିବା ଇକ୍ସ୍‌କାନ୍‌ର ଗୋଟିଏ ଅଞ୍ଚଳରେ କାମ କରିବାକୁ ଯାଇଥିଲୁ । ଏହି ଅଞ୍ଚଳକୁ 'ଜୋନା ରେଇନା' କହନ୍ତି । ଏବଂ ଏହା ଗୁଆଟେମାଲାର ଏକ ଜଣାଶୁଣା ଅଞ୍ଚଳ । ସୁଉଚ୍ଚ ପର୍ବତ ମାଳାରେ ଏହି ଅଞ୍ଚଳଟି ପରିପୂର୍ଣ୍ଣ । ବସ୍, ଟ୍ରକ ଏପରିକି ସାଇକେଲ ମଧ ଏଠାରେ ବ୍ୟବହାର କରିବା ଦୁରୁହ । ପାଦରେ ଚାଲି ଚାଲି ସେଠାରେ ବିଭିନ୍ନ ସ୍ଥାନକୁ ଯିବାକୁ ପଡ଼େ । କାମ ମିଳିବ ବୋଲି ଖବର ପାଇ ଆମେ ସେଠାକୁ ଯାଇଥିଲୁ । ଆମ ଘରେ ସେତେବେଳେ ଦାନା ମୁଠେ ବି ନଥାଏ । ସେଠାରେ ଜଣେ ଧର୍ମ ଯାଜକ ଚାଷ କରିବା ପାଇଁ କୃଷକମାନଙ୍କୁ ଅର୍ଥ ସାହାଯ୍ୟ ଦେବା କଥା ଆମେ ଶୁଣିଥିଲୁ । ସେହି ଗ୍ରୀଷ୍ମ ପ୍ରଧାନ ଅଞ୍ଚଳର ଜମିରେ ଲଗାଇବା ପାଇଁ ବିଭିନ୍ନ ଜାତିର ଫଳ, ମକା, ପନିପରିବା ଓ ବିନ୍‌ର ଅଭାବ ନଥିଲା । କାମ ବିନିମୟରେ ମକା ମିଳିବ, ଏହି ଆଶା ନେଇ ବାପା ଫିନ୍‌କାକୁ ନଯାଇ ଜୋନା ରେଇନାକୁ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ ।

ସପ୍ତାହେ ବା ମାସେ ଚଳିବା ପାଇଁ ସବୁ ଆବଶ୍ୟକ ଜିନିଷ ଆମେ ସାଥିରେ ନେଇଥିଲୁ । ମୋ ବାପା, ବଡ଼ ଭାଇମାନେ ଓ ମୁଁ, ସମସ୍ତେ କିଛି କିଛି ଜିନିଷ ଧରିଥାଉ । ଖାଦ୍ୟ ତିଆରିରେ ଯେପରି ବେଶୀ ସମୟ ନଷ୍ଟ ନହେବ, ସେଥିପାଇଁ ଆମେ ସିଝା ମକାପିଠା ସାଙ୍ଗରେ ନେଇଥିଲୁ । ଜୋନା ରେଇନାରେ ପହଞ୍ଚିବା ପାଇଁ ଆମକୁ ତିନି ଦିନ ଲାଗିଲା । ରାସ୍ତାରେ ମୁଁ ଆବିଷ୍କାର କଲି ଯେ ମୋରି ପରି କେତେ ଭାରତୀୟ ପୃଥିବୀର ଅନ୍ୟ କୌଣସି ମଣିଷକୁ କେବେ ଦେଖି ନାହାନ୍ତି । ପ୍ରଥମ ରାତି ଆମେ 'ଅମାଇ' ନାମକ ଏକ ସହରରେ କଟାଇଲୁ । ଆମକୁ ଦେଖି ସେଠାକାର ଲୋକେ ଲୁଚିଲେ ଓ ଆମକୁ ତାଙ୍କ ଘରେ ପ୍ରବେଶ କରିବାକୁ ଦେଲେ ନାହିଁ । ଆମକୁ ଭାରି ଶୋଷ ହେଉଥାଏ ଏବଂ ଥକା ମଧ ଲାଗୁଥାଏ । କିନ୍ତୁ କେହି ଆମକୁ ଆଶ୍ରୟ ଦେବାକୁ ପ୍ରସ୍ତୁତ ନଥିଲେ । ଶେଷରେ ଆମେ ଗୋଟିଏ ପରିତ୍ୟକ୍ତ ଘରର ଅଗଣାରେ ରାତି କଟାଇଲୁ । ପରବର୍ତ୍ତୀ ସହରରେ ମୋ ବାପାଙ୍କର ଜଣେ ସାଙ୍ଗ ରହୁଥିଲେ; କିନ୍ତୁ ସେ ସରକାରରେ କାମ କରୁଥିବା ଜଣେ ଅବାଞ୍ଛିତ ଲୋକ ଥିଲେ । ରାତିକ ପାଇଁ ଆମକୁ ତାଙ୍କର ଆତିଥ୍ୟ ନେବାକୁ ପଡ଼ିଲା ।

ରାସ୍ତାଯାକ ବାପା ଆମ ଭୂଇଁରେ ଥିବା ସବୁ ଚମତ୍କାର ଓ ବିସ୍ମୟକର ଜିନିଷ ବିଷୟରେ ଓ କୃଷକମାନଙ୍କର ପ୍ରକୃତି ସହିତ ମିତ୍ରତା ସମ୍ପର୍କରେ ଆମକୁ କହୁଥାନ୍ତି । ଆମେ ନୀରବରେ ପାହାଡ଼ର ନିସ୍ତବ୍ଧତାକୁ ଶୁଣୁଥାଉ । ସେହି ମଧୁର ନିସ୍ତବ୍ଧତାରେ ପଶୁ ପକ୍ଷୀ ମାନେ ସତରେ ଗୀତ ଗାଉଥାନ୍ତି । ଏହି ଅଞ୍ଚଳଟି ପ୍ରକୃତରେ ଥିଲା ସୁନ୍ଦର ଓ ମନୋମୁଗ୍ଧକର ।

Digitized by srujanika@gmail.com

ତିନିଦିନ ଚାଲିବା ପରେ ଆମେ ଗାଁରେ ପହଞ୍ଚିଲୁ । ଗାଁର ସମସ୍ତଙ୍କ ବାଡ଼ିରେ କଦଳୀ ଗଛ ଥିଲା । ଏହା ଛଡ଼ା ମକା, ବିନ୍, ବୋଇତି କଖାରୁ, କଇରା ଇତ୍ୟାଦି ପରିବା ମଧ୍ୟ ସମସ୍ତଙ୍କ ବାଡ଼ିରେ ପ୍ରଚୁର ପରିମାଣରେ ହୋଇଥିଲା । ଲୋକ ମାନଙ୍କର ଆବଶ୍ୟକତା ଠାରୁ ସବୁ ଜିନିଷ ବେଶୀ ଫଳୁଥିଲା । କିନ୍ତୁ ପାହାଡ଼ ଭିତର ଗାଁରୁ ସହରକୁ ଯିବା ପାଇଁ ଚାରିଦିନ ଲାଗୁଥିବାରୁ ଉତ୍ପାଦିତ ଜିନିଷକୁ ବିକ୍ରୀ କରିବା ସମ୍ଭବ ନଥିଲା । ଘୋଡ଼ା ମଧ୍ୟ ଏହି ଅଞ୍ଚଳକୁ ଆସି ପାରୁ ନଥିଲେ । କେବଳ କିଛି ଜମି ମାଲିକଙ୍କର କେତୋଟି ଘୋଡ଼ା ଥିଲେ ।

ସେଠାକାର ଲୋକେ ଆମକୁ ସ୍ୱାଗତ କଲେ ସତ, କିନ୍ତୁ ମନରେ ତାଙ୍କର ଭୟ ଥାଏ । କିଛି ଲୋକ ସେ ଅଞ୍ଚଳରେ ପ୍ରାକୃତିକ ସମ୍ପଦର ଫାଇଦା ଉଠାଇବାର ଖରାପ ଅନୁଭୂତି ସେମାନଙ୍କର ପୂର୍ବରୁ ଥିଲା । ସେମାନେ ଉପାସ ରହୁ ନଥିଲେ, କିନ୍ତୁ ଅନ୍ୟ କିଛି ଜିନିଷ ତାଙ୍କ ପାଖରେ ନଥିଲା । ପ୍ରତି ତିନି ଚାରି ବର୍ଷରେ ଥରେ ସେମାନେ ଲୁଗାପଟା କିଣୁଥିଲେ । ଅଧିକାଂଶ ପିଲାଙ୍କ ଦେହରେ ପ୍ରାୟ କିଛି ପୋଷାକ ନଥିଲା ଓ ସେମାନଙ୍କର ପେଟ ବାହାରିଥିଲା । ନିକଟରେ ରହୁଥିବା ଜଣେ ଜମି ମାଲିକକୁ ସେମାନେ ତାଙ୍କର ଉତ୍ପାଦିତ ମକା ସବୁ ସ୍ୱଳ୍ପ ମୂଲ୍ୟରେ ବିକ୍ରୀ କରି ଦେଉଥିଲେ । ଗାଁରେ ଗୋଟିଏ ଔଷଧ ଦୋକାନ ଓ ଗୋଟିଏ ହୋଟେଲ୍ ଥିଲା । ସେମାନେ ଯାହା କିଛି ରୋଜଗାର କରୁଥିଲେ ସଙ୍ଗେ ସଙ୍ଗେ ଖର୍ଚ୍ଚ କରି ଦେଉଥିଲେ । ସିଝା ଓ ପୋଡ଼ା କଦଳୀ ତାଙ୍କର ଦୈନନ୍ଦିନ ଖାଦ୍ୟ ଥିଲା । ଲେମ୍ବୁ କିଣିବାକୁ ମିଳୁ ନଥିବାରୁ ବା ମିଳିଲେ ମଧ୍ୟ ଚଢ଼ା ଦାମ ହେତୁ ସେମାନେ ମକା ପିଠା କରି ପାରୁ ନଥିଲେ । ବ୍ୟବସାୟୀ ମାନେ ସେଠାକୁ କେବେ ସାବୁନ ଆଣୁ ନଥିଲେ । ଜଙ୍ଗଲରେ ବିଚ୍ଛିନ୍ନ ହୋଇ ରହିଥିବାରୁ ଲୁଣ ମଧ୍ୟ ସେମାନଙ୍କୁ ମିଳୁ ନଥିଲା ।

ଆମେ ସେଠାରେ ମାସେ କାଳ ଖୁସିରେ କାମ କଲୁ । ସେଠାକାର ସୁନ୍ଦର ନଦୀ ଗୁଡ଼ିକ ଥିଲେ ମୋର ସବୁଠାରୁ ପ୍ରିୟ । ସ୍ଫଟିକ ପରି ପାଣିରେ ନଦୀ ତଳେ ଥିବା ପଥର ମଧ୍ୟ ଦେଖା ଯାଉଥାଏ । ପଥରର ରଙ୍ଗକୁ ନେଇ ନଦୀର ରଙ୍ଗ ଧଳା ବା ଧୂସର ଦେଖାଯାଏ । କିନ୍ତୁ ସେ ଅଞ୍ଚଳରେ ଅନେକ ସାପ ଥିଲେ ଏବଂ ସାପ କାମୁଡ଼ରେ ଅନେକ ଲୋକ ଆହତ ହେଉଥିଲେ । ମଧ୍ୟାହ୍ନରେ ସାପମାନେ ଖରା ପୁଇଁଥାନ୍ତି ଓ ପରେ ନଦୀ ଭିତରକୁ ଚାଲି ଯାଆନ୍ତି । ଆମେ ବାହାରିଲେ ସାପ ଗୁଡ଼ିକର ଗତିବିଧି ଉପରେ ଦୃଷ୍ଟି ରଖିବାକୁ ପଡ଼େ । ସେ ଅଞ୍ଚଳରେ ଚାରୋଟି ନଦୀ ଥିଲା । ନଦୀଗୁଡ଼ିକୁ ସ୍ଥାନୀୟ ଲୋକେ 'ଚାରି ସ୍ରୋତସ୍ୱିନୀ' ନାମ ଦେଇଥିଲେ । ଚାରୋଟି ନଦୀ ମିଶି ଯେଉଁଠି ଗୋଟିଏ ବଡ଼ ନଦୀରେ ପରିଣତ ହୋଇଥାନ୍ତି ସେଠାରେ ଏତେ ଶବ୍ଦ ହୁଏ ଯେ ମନେ ହୁଏ ଯେପରି ଗୋଟିଏ ବଡ଼ ଉଡ଼ାଜାହାଜ ଆକାଶକୁ ଉଠୁଛି । କଦଳୀ ଓ ଅନ୍ୟ ପରିବା ଏତେ ମିଳୁଥିଲେ ମଧ୍ୟ ସେଠାରେ ମକାର ଖୁବ୍ ଅଭାବ ଥିଲା । ସୁଷମ ଖାଦ୍ୟ ନପାଇବାରୁ ପିଲାମାନଙ୍କ ପେଟରେ କୃମି ହେଉଥିଲେ ଏଇଥିରୁ ଆମ ମକା ଓ ଲେମ୍ବୁର

Digitized by srujanika@gmail.com

ମୂଲ୍ୟ ସହଜରେ ବୁଝିହେବ । ସେଥିପାଇଁ ଆମ ପୂର୍ବପୁରୁଷମାନେ ଏଗୁଡ଼ିକୁ ପବିତ୍ର ମନେକରୁଥିଲେ । ମକା ଓ ଲେମ୍ବୁ ମଣିଷକୁ ଶକ୍ତି ଦିଅନ୍ତି । ଆମେ, ଭାରତୀୟମାନେ ମକା ଓ ଲେମ୍ବୁ ଖାଇ ହିଁ ବଞ୍ଚିଛୁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆମେ ସେଠାରେ ପ୍ରାୟେ ମାସେ ରହିବା ପରେ ଘରକୁ ଫେରିଲୁ । ବାପା ଖୁବ୍ ଦୁର୍ବଳ ହୋଇପଡ଼ିଥାନ୍ତି । ଦୁଇଦିନ ଚାଲିବା ପରେ ସେ ଚେତାଶୂନ୍ୟ ହୋଇ ପଡ଼ିଗଲେ । ମୋତେ ସେତେବେଳକୁ ତେର ବର୍ଷ ବୟସ ହୋଇଥାଏ । ମୁଁ ପଚାଶ ପାଉଣ୍ଡ ମକାର ବୋଝ ବୋହିଥାଏ । ବାପା ଓ ଭାଇମାନେ ପ୍ରତ୍ୟେକ ଶହେ ପାଉଣ୍ଡ ବୋଝ ବୋହିଥାନ୍ତି । ବାପା ଅଚେତ ହେବା ଦେଖି ହଠାତ୍ ଆମେ କ'ଣ କରିବୁ ଜାଣି ପାରିଲୁ ନାହିଁ । ଆମେ ସେତେବେଳେ ପାହାଡ଼ ଉପରେ ଥାଉ । ମୁଁ ଜୀବନରେ ପଥମ ଥର ପାଇଁ ପାହାଡ଼ରେ ରାସ୍ତା ଭୁଲିଯାଇ କାଳେ ସିଂହ ବା ଅନ୍ୟ କୌଣସି ହିଂସ୍ର ଜନ୍ତୁ ମୋତେ ଖାଇ ଦେବେ ବୋଲି ଭୟଭୀତ ହୋଇ ପଡ଼ିଥିଲି; କିନ୍ତୁ ଖୁବ୍ ବେଶୀ ଆତଙ୍କିତ ହୋଇନଥିଲି । ମୁଁ ଭାବିଥିଲି ଯଦି ଜନ୍ତୁମାନେ ଆସନ୍ତି ମୁଁ ସେମାନଙ୍କ ସହିତ କଥା ହେବି ଓ ସେମାନେ ମଧ ମୋତେ ବୁଝିବେ । କିନ୍ତୁ ଏଥର ଏକ ଅପ୍ରକାଶିତ ଭୟ ମୋତେ ଗ୍ରାସ କଲା ଏବଂ ମୁଁ ଭଗବାନଙ୍କୁ ଡ଼ାକିବାରେ ଲାଗିଲି । କିଛି ସମୟ ପରେ ଆମେ କୌଣସି ମତେ ବାପାଙ୍କୁ ଉଠାଇଲୁ । ତାଙ୍କ ବୋଝର ବେଶୀ ଭାଗ ନିଜ ଭିତରେ ବାଣ୍ଟି ନେଇ ପୁଣି ଚାଲିବାକୁ ଆରମ୍ଭ କଲୁ ।

ବାପାଙ୍କର ଯଦି ମୃତ୍ୟୁ ହୁଏ, ମୁଁ ତାଙ୍କ ଅନୁପସ୍ଥିତି କେତେ ଅନୁଭବ କରିବି, ଉପରୋକ୍ତ ଘଟଣାରୁ ମୁଁ ଅନୁଭବ କରି ପାରିଲି । ବାପା କହୁଥିଲେ ଆମେ ଯଦି କଷ୍ଟ ନପାଆନ୍ତୁ ଜୀବନର ମୂଲ୍ୟ ବୁଝି ପାରନ୍ତୁ ନାହିଁ । 'ଆମେ ଜୀବନରେ ଦୁଃଖ ସହିବା; କିନ୍ତୁ ତାକୁ ଉପଭୋଗ ମଧ କରିବା', ସେ କହୁଥିଲେ । ବାପା ମୋ ଭାଇମାନଙ୍କୁ ମଧ ଭଲ ପାଉଥିଲେ ସତ, କିନ୍ତୁ ମୋ ସହିତ ତାଙ୍କର ସମ୍ପର୍କ ଥିଲା ସ୍ୱତନ୍ତ୍ର । ମୋ ପେଟ କାମୁଡ଼ିଲେ ମା' ଙ୍କୁ ନକହି ମୁଁ ତାଙ୍କୁ କହୁଥିଲି । ଏପରି କୌଣସି ବିଷୟ ନଥିଲା ଯାହା ସେ ମୋ ସହିତ ଆଲୋଚନା କରୁ ନଥିଲେ । କାମକୁ ଯିବାବେଳେ ସେ ମୋ ସହିତ ଏପରି କଥା ହେଉଥିଲେ ଯେମିତି ସେ ଜଣେ ପଡ଼ୋଶୀ ସହିତ କଥା ହେଉଛନ୍ତି । ମୋ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ ଥିଲା ଏବଂ ଅନେକ କଥା ସେ ମୋତେ ବୁଝାଉ ଥିଲେ । ସେ କେବେ ଥକି ଯାଉ ନଥିଲେ ବା ବିଶ୍ରାମ ନେବା ପାଇଁ ଅଟକୁ ନଥିଲେ । ଏହାହିଁ ମୋତେ ବେଶୀ ଆଶ୍ଚର୍ଯ୍ୟ କରୁଥିଲା । ବେଳେବେଳେ ସେ ଘରକୁ ଆସିଲେ କୁକୁଡ଼ାମାନେ ରହିବା ପାଇଁ କିଛି ଗଛର ବ୍ୟବସ୍ଥା କରିବାକୁ ପଡୁଥିଲା । ସେ ଗଛରେ ଚଢି ମୋତେ ମଧ ଗଛ ଉପରକୁ ଯିବା ପାଇଁ ସାହାଯ୍ୟ କରୁଥିଲେ । ପାହାଡ଼ ଚଢିବା ବେଳେ ସେ କିପରି ରାସ୍ତା ତିଆରି କରୁଥିଲେ ମୁଁ ତାହା ଆଗ୍ରହର ସହିତ ଦେଖୁଥିଲି । ମୋ ବଡ଼ ଭଉଣୀର ଯେତେବେଳେ ଦାୟିତ୍ୱ ନେଇ ପାରିବା

Digitized by srujanika@gmail.com

ଭଳି ବୟସ ହେଲା ଯେ ଅଲ୍‌ଟିପ୍ଲାନୋରେ ଆମ ଘର କଥା ବୁଝିଲା । ଏହା ଫଳରେ ବାପାଙ୍କ ସହିତ ସବୁଆଡ଼େ ଯିବା ମୋ ପକ୍ଷରେ ସମ୍ଭବ ହୋଇପାରିଲା ।

ମୋ ବାପା ମୋ ସମସ୍ୟା ସମାଧାନରେ ସବୁବେଳେ ସାହାଯ୍ୟ କରୁଥିବାରୁ ତାଙ୍କର ମୃତ୍ୟୁ ମୋ ପାଇଁ ଏକ ବିଶେଷ ଶୂନ୍ୟ ସ୍ଥାନ ସୃଷ୍ଟି କଲା । ଅନେକ ଦିନ ଧରି ଆମର ସାକ୍ଷାତ ହେଉନଥିଲେ ମଧ ମୁଁ କେତେ ଭାବରେ ତାଙ୍କ ଉପରେ ନିର୍ଭର କରୁଥିଲି । ସେ କେବଳ ମୋର ସନ୍ଦେହ ଦୂର କରୁ ନଥିଲେ, ସେ ଆବଶ୍ୟକ ବେଳେ ମୋତେ ମୋ' ଭାଇ ଭଉଣୀ ଓ ମା'ଙ୍କ ଠାରୁ ସୁରକ୍ଷା ମଧ ଦେଉଥିଲେ । ଅବଶ୍ୟ ଭୁଲ କଲେ ତାଗିଦ୍ କରିବାରେ ସେ ହେଳା କରୁ ନଥିଲେ । ମୁଁ ଛୋଟ ଝିଅଟିଏ ଥିବା ବେଳେ ଭୀରୁ ଓ ଲାଜକୁଳା ଥିଲି । ମୋ ଭାଇମାନେ ମୋତେ ପିଟିଲେ ଅଭିଯୋଗ କରିବା ପାଇଁ ମଧ ମୁଁ କୁଣ୍ଠିତ ହେଉଥିଲି । ମୋର ବୟସ ବଢ଼ିବା ସଙ୍ଗେ ସଙ୍ଗେ ମୁଁ ଅନେକ ବିଷୟରେ ନିଜକୁ ଅସହାୟ ମନେ କରୁଥିଲି । ମୋ ମନରେ ଅନେକ ସନ୍ଦେହ ମଧ ରହିଥାଏ । ବାପା ସବୁବେଳେ ମୋତେ ସାହସ ଦେଉଥାନ୍ତି ଏବଂ ମୋର ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରୁଥାନ୍ତି । କାମ କରୁ କରୁ ଶିଖିବା ଉପରେ ସେ ଗୁରୁତ୍ୱ ଦେଉଥିଲେ । କୌଣସି ବିଷୟରେ ଆଲୋଚନା ହେଉଥିବା ସମୟରେ ଠିକ୍ କେଉଁଠି ନିଜ ବକ୍ତବ୍ୟ ଉପସ୍ଥାପନ କରିହେବ, ବାପା ମୋତେ କହି ଦେଉଥିଲେ । ପ୍ରକୃତରେ ସେ ହିଁ ମୋତେ କଥା କହିବା ଶିଖାଇଲେ । ଆମ ଗାଁର ପୁଅମାନଙ୍କ ସହିତ ମୋର କେବେ କଳି ହେଉ ନଥିଲା । ସେମାନଙ୍କ ଓ ମୋ ମନୋଭାବରେ ପାର୍ଥକ୍ୟ ତ ନଥିଲା, କଳି ହୁଅନ୍ତା କାହିଁକି ! ମୋ ଭାଇମାନଙ୍କ ସହିତ ସବୁ କାମରେ ମୁଁ ଅଂଶ ଗ୍ରହଣ କରି ପାରୁଥିଲି । ଏ ବିଷୟରେ ଗୋଟିଏ ଉଦାହରଣ ଦିଆଯାଇପାରେ । ମୋ ବଡ଼ ଭଉଣୀ ଅନ୍ଧାରକୁ ଭାରି ଡ଼ରୁଥିଲା । କିନ୍ତୁ ବେଳେବେଳେ ଆମକୁ କାମ ପାଇଁ ରାତିରେ ବା ପାହାନ୍ତା ତିନିଟା ବେଳେ ପାହାଡ଼ ରାସ୍ତାରେ ଅନ୍ୟ ଗାଁକୁ ଯିବାକୁ ପଡୁଥିଲା । ଆମ ହାତରେ କେବଳ ଛୋଟ ନିଆଁହୁଳା ଟିଏ ଥାଏ । ମୋ ଭଉଣୀର ଭୟ କାଳେ ଚାରିଆଡୁ ସିଂହ ମାନେ ମାଡ଼ି ଆସିବେ । କିନ୍ତୁ ମୁଁ ମୋଟେ ଭୟଭୀତ ହେଉ ନଥିଲି । ଯଦି ପ୍ରକୃତରେ କିଛି ଥାଏ ମୁଁ ଅଟକିଯାଏ; ନଥିଲେ ପୁଣି ଚାଲିବା ଆରମ୍ଭ କରେ । □

Digitized by srujanika@gmail.com

୨୨

ରିଗୋବେର୍ଟାଙ୍କ ମା'ଙ୍କୁ ଅପହରଣ ଓ ହତ୍ୟା

'ଆମ ପୂର୍ବପୁରୁଷମାନଙ୍କ ସହାୟତାରେ ଆମେ ବର୍ତ୍ତମାନ ସମୟର ସମ୍ମୁଖୀନ ହୋଇପାରିବୁ ।'

ରିଗୋବେର୍ଟା ମେଞ୍ଚୁ

'ସେ ଗର୍ବକଲା, ମୋ ସୀମାମାନଙ୍କୁ ପୋଡ଼ିଦେବ, ଖଣ୍ଡାରେ ମୋର ଯୁବକମାନଙ୍କୁ ହତ୍ୟା କରିବ, ଦୁଗ୍ଧପୋଷ୍ୟ ଶିଶୁମାନଙ୍କୁ ଭୂମିରେ କଚାଡ଼ିଦେବ, ମୋର ଶିଶୁମାନେ ତାର ଶିକାର ହେବେ ଏବଂ ମୋର ଅନୂଢା ଯୁବତୀମାନେ ତା ଦ୍ୱାରା ଲୁଣ୍ଠିତ ହେବେ । କିନ୍ତୁ ସର୍ବଶକ୍ତିମାନ ଈଶ୍ୱର ଜଣେ ନାରୀର ହାତରେ ସେମାନଙ୍କୁ ନିରାଶ କଲେ ।'

ଦି ବାଇବେଲ (ଜୁଡ଼ିଥ୍ ୧୬, ୫ - ୬)

୧୯୮୦ ଏପ୍ରିଲ ୧୯ ତାରିଖ ଦିନ ଗୋଷ୍ଠୀ ପାଇଁ ଗୋପନରେ କିଛି ଜିନିଷ କିଣିବାକୁ ଯିବାବେଳେ ସେମାନେ ମୋ ମା' ଙ୍କୁ ଅପହରଣ କରିନେଲେ ।

ବାପାଙ୍କ ହତ୍ୟା ପରେ ମା'ଗାଁକୁ ଫେରିବା କଥା ମୁଁ ଜାଣିଥିଲି । ସ୍ପାନିଶ୍ ଦୂତାବାସରେ ଆମର ଆଠଜଣ ସାଥୀ ଏହା ମଧ୍ୟରେ ନିହତ ହୋଇସାରିଥାନ୍ତି । ଅନ୍ୟ ଅଞ୍ଚଳର ଗୋଷ୍ଠୀମାନଙ୍କ ସହିତ ମିଶି ଲୋକଙ୍କୁ ସଂଗଠିତ କରିବା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଗାଁରେ ତାଙ୍କର ଉପସ୍ଥିତ ଜରୁରୀ ଥିଲା । ଆମ ଗାଁରେ ଥିବା ଧର୍ମ ଯାଜକମାନେ ମା'ଙ୍କୁ ଦେଶ ବାହାରକୁ ଚାଲିଯିବାରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଥିଲେ । କିନ୍ତୁ ଶରଣାର୍ଥୀ ହେବା ମା'ଙ୍କର କଳ୍ପନାରେ ହିଁ ନଥିଲା । ସେ ଭଲଭାବରେ ଜାଣିଥିଲେ ଲୋକମାନେ ତାଙ୍କୁ ଚାହାନ୍ତି ଏବଂ ତାଙ୍କୁ ସେମାନଙ୍କ ନିକଟରେ ରହିବାକୁ ପଡ଼ିବ । ଗାଁ ଛାଡ଼ି କୁଆଡ଼େ ଯିବା ସମ୍ଭବ ନଥିବାରୁ ଗୋଷ୍ଠୀରେ ସେତେବେଳକୁ ଖାଦ୍ୟାଭାବ ଜନିତ ମୃତ୍ୟୁ ଆରମ୍ଭ ହୋଇଯାଇଥାଏ ।

ବେଳେବେଳେ ଲୋକମାନଙ୍କର ବର୍ଣ୍ଣନାରୁ ମା' ଅନ୍ୟ ରାଜ୍ୟ ମାନଙ୍କୁ ଯାଇଥିବା କଥା ମୁଁ ଜାଣୁଥିଲି । ଅଲ୍‌ଟିପ୍ଲାନୋରେ ସେ ନାହାନ୍ତି ବୋଲି ମୁଁ ଖୁସି ହେଉଥିଲି । କିନ୍ତୁ ତାଙ୍କରି ନିର୍ଦ୍ଦିଷ୍ଟ ଠିକଣା ଜାଣିପାରୁନଥିବାରୁ ଅଶ୍ୱସ୍ତି ମଧ୍ୟ ଲାଗୁଥାଏ । ମୋ ବାପା ମା' ମୃତ୍ୟୁ ସହିତ

Digitized by srujanika@gmail.com

ଖେଳୁଥିବା କଥା ମୋତେ ଅଜଣା ନଥିଲା । ଯେଉଁ ଲକ୍ଷ୍ୟ ହାସଲ ପାଇଁ ସେମାନେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ସେଥିରେ ମୃତ୍ୟୁ ହିଁ ସ୍ୱାଭାବିକ ଥିଲା । ତଥାପି ସେମାନଙ୍କ ସହିତ କେତେବେଳେ ଦେଖା ହୋଇଯିବ; ଦିନକ ପାଇଁ ପୁଣି ହୁଏତ ଆମେ ଏକାଠି ହୋଇ ପାରିବୁ, ଏହି ଆଶାର ଝଲକ ମୋ ମନ ଭିତରେ ସବୁବେଳେ ଥାଏ । ମୋ ମା' ସବୁବେଳେ କହୁଥିଲେ ସ୍ତ୍ରୀ ଲୋକମାନଙ୍କୁ ମଧ ସଂଗ୍ରାମରେ ଅଂଶ ଗ୍ରହଣ କରିବାକୁ ପଡ଼ିବ । ପୁରୁଷ ମାନଙ୍କ ସହିତ ଦୁଃଖ କଷ୍ଟ ସହିବାକୁ ପଡ଼ିବ । ଅବଶ୍ୟ ସେମାନଙ୍କର ନିଜସ୍ୱ ଉପାୟ ରହିବ । ଯେଉଁ ପରିବର୍ତ୍ତନରେ ସ୍ତ୍ରୀ ଲୋକମାନେ ଅଂଶ ଗ୍ରହଣ କରି ନାହାନ୍ତି ତାହା ପ୍ରକୃତ ପରିବର୍ତ୍ତନ ନୁହେଁ ଏବଂ ସ୍ତ୍ରୀ ଲୋକମାନଙ୍କ ଯୋଗଦାନ ବିନା ବିଜୟ ଅସମ୍ଭବ, ଏହାହିଁ ଥିଲା ମୋ ମା' ଙ୍କର ସ୍ପଷ୍ଟ ମତ । ସେ ଯେତିକି ତତ୍ତ୍ୱ ଜାଣିଥିଲେ କାର୍ଯ୍ୟରେ ମଧ ସେତିକି ପ୍ରମାଣ କରି ଦେଖାଇ ପାରୁଥିଲେ । ସେ କ୍ୱିସେ ଓ କେକ୍‌ସି ଭାଷା କହି ପାରୁଥିଲେ । ସ୍ପାନିଶ୍ ତାଙ୍କୁ ମୋଟେ ଜଣା ନଥିଲା କହିଲେ ଚଳେ । ତଥାପି ତାଙ୍କ ନିକଟରେ ଥିବା ସମସ୍ତ ସାହସ ଓ ଜ୍ଞାନ ସହିତ ଲୋକମାନଙ୍କୁ ସଂଗଠିତ କରିବା ପାଇଁ ସେ ବାହାରିଥିଲେ । ସେ ଯେତେବେଳେ ସୋଲୋଲା ଚିମାଲ୍‌ଟେନାଙ୍ଗୋ ବା ଏଲ୍ କ୍ୱିସେରେ ଥିବା କଥା ମୁଁ ଶୁଣୁଥିଲି, ମୋତେ ଭାରି କଷ୍ଟ ହେଉଥିଲା ।

ମୋ ମା' ସଂଗଠନ କାମରେ ବିଭିନ୍ନ ରାଜ୍ୟକୁ ଯାଉଥିଲେ । ବିଶେଷ ଭାବରେ ସ୍ତ୍ରୀ ଲୋକମାନଙ୍କ ପାଇଁ ତାଙ୍କର ଏକ ବାର୍ତ୍ତା ଥିଲା । ଏହି ବାର୍ତ୍ତାଟି ହେଉଛି ପୁତ୍ରହନ୍ତା ଅତ୍ୟାଚାରୀ ଶତ୍ରୁ ପ୍ରତି ପ୍ରତିଶୋଧର ବାର୍ତ୍ତା । ତାଙ୍କୁ ଲୋକେ ସମ୍ମାନ କରୁଥିଲେ ଏବଂ ଅନେକ ସ୍ଥାନରେ ତାଙ୍କର ଖୁବ୍ ବେଶୀ ପ୍ରଭାବ ଥିଲା । ସହର ତଳି ଅଞ୍ଚଳମାନଙ୍କୁ ଯାଇ ସେ ଲୋକମାନଙ୍କୁ ସଂଗଠିତ କରୁଥିଲେ । ଏଥିପାଇଁ ସଭା ସମିତି କରିବାକୁ ପଡୁନଥିଲା; ସ୍ତ୍ରୀ ଲୋକମାନେ ନିଜ ଘର କାମ କରୁଥିବା ବେଳେ ହିଁ ମା' ସେମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ସେମାନଙ୍କ ସମ୍ମୁଖରେ ତାଙ୍କ ନିଜ ଅଭିଜ୍ଞତା ବର୍ଣ୍ଣନା କରୁଥିଲେ ।

ହଠାତ୍ ଦିନେ ମୋ ସାନ ଭାଇ ଉଭାନ ହୋଇଯିବା କଥା ମୋର ମନେଅଛି । ମୁଁ ପୋଲିସ ଓ ସୈନ୍ୟବାହିନୀ ନିକଟରେ ଅନୁସନ୍ଧାନ କରି ନିରାଶ ହୋଇ ଫେରିବା ପରେ ଗୋଷ୍ଠୀର ସମସ୍ତେ ସଂଗଠିତ ହୋଇ ପ୍ରତିବାଦ କରିବାକୁ ବାହାରିଲେ । ପ୍ରଥମ ଥର ପାଇଁ ଗୋଷ୍ଠୀର ସମସ୍ତେ ଗୋଟିଏ ଲକ୍ଷ୍ୟ ନେଇ କାମ କରୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ମହିଳା । ପୁରୁଷ ଲୋକମାନେ ଗଲେ ଅପହୃତ ଓ ଅତ୍ୟାଚାରିତ ହେବାର ସମ୍ଭାବନା ଥିଲା । ଯଦି ଶତ୍ରୁ ଲଜ୍ଜାହୀନ ଓ କାପୁରୁଷ ହୋଇଥିବ ତେବେ ଯାଇ ମହିଳା ଓ ଶିଶୁ ମାନଙ୍କୁ ହତ୍ୟା କରିବ, ଏହା ଭାବି ସ୍ତ୍ରୀ ଲୋକ ଓ ପିଲାମାନଙ୍କ ଦ୍ୱାରା ପ୍ରତିବାଦ କରାଯିବ ବୋଲି ମା' ସ୍ଥିର କଲେ । ଅବଶ୍ୟ ଶତ୍ରୁ ମହିଳା ଓ ଶିଶୁମାନଙ୍କୁ ମଧ ହତ୍ୟା କରିବାକୁ ପଛାଇବ ନାହିଁ ଏହା ଆମକୁ ଜଣାଥିଲା । ସହରରେ ଏକ ବଡ଼ ଧରଣର ଗଣହତ୍ୟା ହେବାର ସମ୍ଭାବନାକୁ

Digitized by srujanika@gmail.com

ଅସ୍ୱୀକାର କରି ହେଉନଥିଲା । ବିକ୍ଷୋଭକାରୀମାନେ ସହରରେ ପହଞ୍ଚି ପ୍ରଶାସନିକ ଦପ୍ତର ସବୁ ଦଖଲ କରି ନେଲେ ଏବଂ ମେୟରଙ୍କୁ ବନ୍ଦୀ କରିନେଲେ । ପ୍ରଥମ ଥର ପାଇଁ ସ୍ତ୍ରୀ ଲୋକମାନେ ଏହି ଧରଣର ବିକ୍ଷୋଭ ଓ ପ୍ରତିବାଦ କରୁଥିଲେ । ଯଦି ମେୟର ନ୍ୟାୟ ଦେବାରେ ବିଫଳ ହୁଅନ୍ତି ତାଙ୍କୁ ହତ୍ୟା କରାଯିବ ବୋଲି ସେମାନେ ନିଷ୍ପତ୍ତି କରିଥିଲେ । ସେମାନେ ଏତେ ଦୂରକୁ ନିଜ ପିଲାମାନଙ୍କ ସହିତ ଆସି ଅପହରଣ ବିରୋଧରେ ବିକ୍ଷୋଭ କରିଥିବାରୁ ସମସ୍ତେ ତାଙ୍କୁ ପ୍ରଶଂସା କରୁଥାନ୍ତି ।

କିଛି ଦିନ ପରେ ସେମାନେ ଗୁଆଟେମାଲାର କଂଗ୍ରେସକୁ ଦଖଲ କରିନେଲେ । ମୋ ମା', ବାପା ଓ କୃଷକମାନେ ସମସ୍ତେ ସେଠାରେ ଥାଆନ୍ତି । ସେଦିନ ଥିଲା ଗୁଆଟେମାଲାର ଜାତୀୟ ଦିବସ । ତେଣୁ ସବୁ ଡେ଼ପୁଟିମାନେ ଉପସ୍ଥିତ ଥାଆନ୍ତି । ଉସ୍‌ପାଣ୍ଟାନ୍‌ର ବିକ୍ଷୋଭକାରୀ ମାନଙ୍କ ସହିତ ଏଲ୍ କ୍ୱିସେର ଚାରିଆଡୁ ଆସିଥିବା ଭାରତୀୟ ମାନେ ଯୋଗଦେଇ, ୟୁନିୟନ, ଛାତ୍ର ଓ କୃଷକ ସଂଗଠନର ସହାୟତାରେ କଂଗ୍ରେସ ପ୍ରାସାଦକୁ ଦଖଲକରିନେଲେ । ଡେ଼ପୁଟିମାନେ ଘଟଣା ବିଷୟରେ ଉପଲବ୍ଧି କଲା ବେଳକୁ ବିକ୍ଷୋଭକାରୀ ମାନେ ଆସ୍ଥାନ ଜମାଇ ରହିଯାଇଥିଲେ । ସେମାନଙ୍କୁ ବାହାର କରିବା ସମ୍ଭବ ନଥିଲା ।

ସେତିକିବେଳେ ଆମ ସମସ୍ତଙ୍କୁ ହତ୍ୟା କରାଯିବାର ସମ୍ଭାବନା ଥିଲା । କିନ୍ତୁ ଏତିକିବେଳେ ଗୋଟିଏ କୌତୂହଳପ୍ରଦ ଘଟଣା ଘଟିଲା । କଂଗ୍ରେସ ଭିତରକୁ ପ୍ରବେଶ କରି ସୈନ୍ୟମାନେ ସଙ୍ଗେ ସଙ୍ଗେ ସେମାନଙ୍କ ରାଇଫଲ୍ ଉଠାଇଲେ । ମୋର ଜଣେ ଭାଇ ବିକ୍ଷୋଭକାରୀଙ୍କ ପୁରୋଭାଗରେ ଥିଲା । ସେ କହିବାକୁ ଆରମ୍ଭ କରିବା ମାତ୍ରେ ସେମାନେ ରାଇଫଲ୍ ଉଠାଇ ଲକ୍ଷ୍ୟ କଲେ ! ତା'ପରେ ମୋ ସାନ ଭଉଣୀ ଗୋଟିଏ ଛୋଟ ଫୁଲ ନେଇ ଆସିଲା । ଏହା ଆମ ପାଇଁ ଭାରି ତାତ୍ପର୍ଯ୍ୟପୂର୍ଣ୍ଣ । ମୁଁ ବୋଧହୁଏ ପୂର୍ବରୁ କହିଛି, ପ୍ରକୃତରେ ବିକ୍ଷୋଭ ଥିଲେ ବା କୌଣସି ଗୁରୁତ୍ୱପୂର୍ଣ୍ଣ ଅବସରରେ ହିଁ ଆମେ ଫୁଲ ତୋଳିଥାଉ । ମଣିଷ ଜୀବନ ମୂଲ୍ୟବାନ - ଏକଥା କହିବା ପାଇଁ ଆନ୍ଦୋଳନକାରୀ ସମସ୍ତେ ହାତରେ ଫୁଲ ତୋଡ଼ା ଧରି ଥାଆନ୍ତି । ହାତରେ ଫୁଲଟିଏ ଧରି ମୋ ସାନ ଭଉଣୀ ରାଇଫଲ ଆଗରେ ଛିଡ଼ା ହେଲା । ଏହା ଫଳରେ ସେମାନେ ମୋ ଭାଇ ଉପରକୁ ଗୁଳି ଚଳାଇ ପାରିଲେ ନାହିଁ । ବିଭିନ୍ନ ଗାଁରେ ଗିରଫ ହୋଇଥିବା ଶହ ଶହ ବାଇବେଲ ପଢାଳି ଓ ଅପହରଣ କରି ନିଆଯାଇଥିବା ମୋ ଦେଶବାଭାଇର ମୁକ୍ତି ଦାବି କରିବା ପାଇଁ ଆମେ କଂଗ୍ରେସ ଭବନକୁ ଦଖଲ କରିଥିଲୁ । ଆମ ଗାଁମାନଙ୍କରୁ ସୈନ୍ୟ ଅପସାରଣ ଏବଂ ହତ୍ୟା ଓ ଧର୍ଷଣର ସମାପ୍ତ ଆମର ଦାବି ଥିଲା । ଦମନ ବନ୍ଦ କରିବା ଲାଗି ରାଷ୍ଟ୍ରପତିଙ୍କୁ ଆବେଦନ କରିବା ପାଇଁ ଆମେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ କରୁଥିଲୁ ।

Digitized by srujanika@gmail.com

ପ୍ରତିବାଦର ଉତ୍ତରରେ ସେମାନେ ମୋ ଭାଇକୁ ପୋଡ଼ିଦେଲେ । ଗାଁ ମାନଙ୍କରେ ହତ୍ୟା ଓ ଦମନ ମଧ୍ଯ ବଢ଼ି ଚାଲିଲା । ଭାରତୀୟମାନଙ୍କର କଂଗ୍ରେସରେ ପ୍ରବେଶ କରିବାର ଅଧିକାର ନାହିଁ - ଏହା ସେମାନେ କହିବାକୁ ଚାହୁଁଥିଲେ । କେବଳ ସରକାରୀ ଲୋକଙ୍କର କୁଆଡ଼େ ଏପରି ଏକ ସମ୍ଭ୍ରାନ୍ତ ପ୍ରାସାଦକୁ ବ୍ୟବହାର କରିବାର ଅଧିକାର ଥିଲା । କିନ୍ତୁ କୃଷକ ମାନେ ଥିଲେ ନଛୋଡ଼ବନ୍ଧା । ସେମାନେ ନିଜ ପରିସ୍ଥିତି ବିରୋଧରେ ପ୍ରତିବାଦ କରିବାକୁ ଯାଇ ଜୀବନ ଉତ୍ସର୍ଗ କରିବାକୁ ମଧ୍ଯ ପ୍ରସ୍ତୁତ ଥିଲେ । ଏହାପରେ ଆମେ କ୍ରମାଗତ ଭାବରେ ସଂଗଠନକୁ ସୁଦୃଢ଼ କରିବାରେ ଲାଗିଲୁ । ଆମ ସଂଗ୍ରାମ ଥିଲା ଏକ ନ୍ୟାୟ ସମ୍ମତ ଉଚ୍ଚତର ଲକ୍ଷ୍ୟ ପାଇଁ ଏବଂ ଏହାହିଁ ଆମକୁ ଅନବରତ ଅନୁପ୍ରାଣିତ କରୁଥିଲା ।

ମୋ ମା' ଙ୍କୁ ଅପହରଣ କରିନିଆଗଲା । ପ୍ରଥମରୁ ସୈନ୍ୟବାହିନୀର ଉଚ୍ଚ ଅଧିକାରୀମାନଙ୍କ ଦ୍ୱାରା ତାଙ୍କ ଉପରେ ଯେଉଁ ଅକଥନୀୟ ନିର୍ଯ୍ୟାତନା ଦିଆଗଲା ତାହାର ସବିଶେଷ ତଥ୍ୟ ମୋ ପାଖରେ ଅଛି । ସଂଗ୍ରାମରତ ଆମର କେତେଜଣ ସାଥୀଙ୍କ ଖବର କାଳେ ପଦାରେ ପଡ଼ିଯିବ, ସେଥିପାଇଁ ସବୁ କଥା ମୁଁ ଏବେ ମଧ୍ଯ କହିବି ନାହିଁ ।

ମୋ ମା' ଙ୍କର ଇଜ୍ଜତ ଲୁଣ୍ଠନ କରିବା ପରେ ଅପହରଣକାରୀମାନେ ତାଙ୍କୁ 'ଚାଜୁସ୍' ନାମକ ଶିବିରକୁ ନେଇଗଲେ । ଅପହୃତ ଲୋକମାନଙ୍କୁ ଦଣ୍ଡ ଓ ନିର୍ଯ୍ୟାତନା ଦେବା ପାଇଁ ସେଠାରେ ଅନେକ ଗୁଡ଼ିଏ ଖାତ ଅଛି । ମୋ ସାନଭାଇକୁ ମଧ୍ଯ ସେଠାରେ ନିର୍ଯ୍ୟାତନା ଦିଆଯାଇଥିଲା । ସୈନ୍ୟବାହିନୀର ଉଚ୍ଚ ଅଧିକାରୀମାନେ ମୋ ମା'ଙ୍କୁ ଧର୍ଷଣ କରି ତାଙ୍କୁ ଆହୁରି କେତେ ଅକଥନୀୟ ନିର୍ଯ୍ୟାତନା ଦେଲେ । ତାଙ୍କ ମୁଣ୍ଡକୁ ଲଣ୍ଡା କରି ତାଙ୍କୁ ସୈନ୍ୟବାହିନୀର ପୋଷାକ ପିନ୍ଧାଇ ଦିଆଗଲା । ଅନ୍ୟ ଆନ୍ଦୋଳନକାରୀମାନଙ୍କ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ତାଙ୍କୁ ନାନା ପ୍ରକାର ଲୋଭ ଓ ଧମକ ମଧ୍ଯ ଦିଆଗଲା । ଏହାଦ୍ୱାରା ସେ ତ ମୁକ୍ତି ପାଇବେ ନାହିଁ, ବରଂ ଅନ୍ୟମାନେ ମଧ୍ଯ ନିର୍ଯ୍ୟାତନାର ଶିକାର ହେବେ, ଏହା ଜାଣି ମା' ନୀରବ ରହିଥାନ୍ତି । ଶେଷ ପର୍ଯ୍ୟନ୍ତ ସେ କିଛି ଜାଣି ନଥିବାର ଛଳନା କଲେ । ଆମମାନଙ୍କୁ ସୁରକ୍ଷା ଦେବା ତାଙ୍କର ଉଦ୍ଦେଶ୍ୟ ଥିଲା । ଅତ୍ୟାଚାରର ତୃତୀୟ ଦିନ ସେମାନେ ତାଙ୍କର କାନ ଦୁଇଟିକୁ କାଟିଦେଲେ । ତାଙ୍କର ଶରୀରକୁ ମଧ୍ଯ ଖଣ୍ଡ ଖଣ୍ଡ କରି କାଟି ଦିଆଗଲା । ସେତେବେଳକୁ ପ୍ରଥମେ ଯେଉଁ ସବୁ କ୍ଷତ ହୋଇଥିଲା ସେଗୁଡ଼ିକ ସଂକ୍ରମିତ ହୋଇଯାଇଥାଏ । ଅନେକ ଦିନ ଧରି ତାଙ୍କୁ କିଛି ଖାଇବାକୁ ଦିଆଗଲା ନାହିଁ । କ୍ଷୁଧା ଓ ମରଣାନ୍ତକ ଯନ୍ତ୍ରଣାରେ ମୋ ମା' ମୃତ୍ୟୁକୁ ଅପେକ୍ଷା କରୁଥାନ୍ତି । ସେ ଚେତାଶୂନ୍ୟ ହେବାରୁ ଡ଼ାକ୍ତରମାନେ ଇଞ୍ଜେକ୍ସନ୍ ଦେଇ ତାଙ୍କ ଚେତା ଫେରାଇ ଆଣିଲେ । କିଛିଦିନ ତାଙ୍କୁ ଔଷଧ ଦିଆଗଲା ଓ ଭଲ ଭାବରେ ଚିକିତ୍ସା କରାଗଲା । ସେ ଖାଇବାକୁ ମାଗିବାରୁ ଖାଦ୍ୟ ମଧ୍ଯ ଦିଆଗଲା । କିନ୍ତୁ ସାଷ୍ଟାମ ହେବା ପରେ ପୁଣି ତାଙ୍କୁ ଧର୍ଷଣ କରାଗଲା । ଏ ସବୁ କଷ୍ଟ ସହିବା ପରେ ମଧ୍ଯ ତାଙ୍କର ମୃତ୍ୟୁ ହେଲା ନାହିଁ ।

Digitized by srujanika@gmail.com

ମା'ଙ୍କର ମୃତ୍ୟୁ ସମୟ ପାଖେଇ ଆସିବାବେଳକୁ ସେମାନେ ନାନା ଉପାୟରେ ଆମ ନିକଟକୁ ଖବର ପଠାଇଲେ । ସେମାନେ ମା'ଙ୍କୁ ଅଟକ ରଖିଥାନ୍ତି । ଏହାର ପ୍ରମାଣ ସ୍ୱରୂପ ମା' ଙ୍କର ଲୁଗାକୁ ଉସ୍‌ପାଣ୍ଟାନ୍ ସହରର ସଭାଗୃହରେ ପ୍ରଦର୍ଶନ କରାଗଲା । ମା' ଙ୍କର ଅବସ୍ଥା ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଆମେ ଯେଉଁ ଲୋକକୁ ପଠାଇଥିଲୁ ସେମାନଙ୍କ ଜରିଆରେ ଖବର ଆସିଲା ମା' ଜୀବିତ ଅଛନ୍ତି, ତାଙ୍କ ଉପରେ ନିର୍ଯ୍ୟାତନା ଚାଲୁ ରହିଛି ଏବଂ ସେ ପିଲାମାନଙ୍କ ମଧ୍ୟରୁ ଜଣକୁ ଦେଖିବା ପାଇଁ ଚାହାନ୍ତି । ଆମେ ଆମ ସାନ ଭାଇକୁ ହରାଇଥିଲୁ; କିନ୍ତୁ ମୋ ସାନ ଭଉଣୀକୁ ମା'ଙ୍କ ସହିତ ରଖାଯାଇଛି କି ସେ ଅନ୍ୟ କିଛି କରୁଛି ଆମେ ଜାଣି ପାରୁ ନଥିଲୁ । ମା'ଙ୍କ ଉପରେ ଚାଲିଥିବା ଅତ୍ୟାଚାରକୁ ଗ୍ରହଣ କରିନେବା ମୋ ପାଇଁ ଅତ୍ୟନ୍ତ କଷ୍ଟଦାୟକ ଥିଲା । କିନ୍ତୁ ମୁଁ କିମ୍ବା ଭାଇମାନେ ନିଜକୁ ସେମାନଙ୍କ ସମ୍ମୁଖରେ ପେଶ୍ କରିବାକୁ ମନା କରିଦେଲୁ । ମା' ଙ୍କୁ ବଞ୍ଚାଇବା ସମ୍ଭବ ନଥିଲା - ଏହି ବାସ୍ତବତା ସହ ଆମେ ସାଲିସ କରି ନେଇଥିଲୁ । ଆମ ଶୋକ ଯେତେ ବେଶୀ ହେଉନା କାହିଁକି ଆମେ ଆମ ଜୀବନକୁ ବିପନ୍ନ କରିବା ବିଜ୍ଞତା ହୋଇନଥାନ୍ତା । ମା 'ଙ୍କର ଲୁଗା ନେବାକୁ ତାଙ୍କ ପିଲାମାନଙ୍କ ମଧ୍ୟରୁ କେହି ନଆସିବାରୁ ସୈନ୍ୟମାନେ ତାଙ୍କୁ ସହରର ଏକ ପାହାଡ଼ିଆ ସ୍ଥାନରେ ଛାଡ଼ି ଦେଇଗଲେ । ମୁଁ ଆଶା କରୁଥିଲି ଯେଉଁ ପ୍ରକୃତିକୁ ମା' ଏତେ ଭଲ ପାଉଥିଲେ ତାହାରି କୋଳରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିବେ । ଗୋଟିଏ ଗଛ ତଳେ ଖରା, ବର୍ଷା ଓ ଅନ୍ଧାରରେ ମୃତ୍ୟୁ ସହିତ ସେ ସଂଗ୍ରାମ କରୁଥାନ୍ତି । ତାଙ୍କ ମୁହଁ ଓ ଦେହ ଏତେ କ୍ଷତ ବିକ୍ଷତ ହୋଇଥାଏ ଯେ ସେ ହଲ୍‌ଚଲ୍ ମଧ ହୋଇ ପାରୁନଥାନ୍ତି । ପାର୍ବତ୍ୟ ଅଞ୍ଚଳରେ ଏକ ପ୍ରକାର ମାଛି ଥାଆନ୍ତି ଯେଉଁଗୁଡ଼ିକ ସିଧା ଘା' ଭିତରକୁ ପଶି ଯାଆନ୍ତି ! ଦୁଇ ତିନି ଦିନ ମଧ୍ୟରେ ଚିକିତ୍ସା କରା ନଗଲେ ମାଛି ବସିଥିବା ସ୍ଥାନରେ ପୋକ ଜନ୍ମ ହୁଅନ୍ତି । ମା'ଙ୍କ ଶରୀରର କ୍ଷତଗୁଡ଼ିକ ଖୋଲା ଥିବାରୁ ସେସବୁଥିରେ ପୋକ ହୋଇଯାଇଥିଲେ । ଏହିପରି ଭାବରେ ମୋ ମା' ଭୀଷଣ ଯନ୍ତ୍ରଣାରେ ଶେଷ ନିଶ୍ୱାସ ତ୍ୟାଗ କଲେ । ମୃତ୍ୟୁପରେ ମଧ ସୈନ୍ୟମାନେ ତାଙ୍କ ମୁହଁରେ ପରିସ୍ରା କରୁଥାନ୍ତି । ତାଙ୍କ ମୃତ ଶରୀରକୁ ଯେପରି କେହି ଉଠାଇ ନେବେ ନାହିଁ ସେଥିପାଇଁ ସେମାନେ ଜଣେ ରକ୍ଷୀକୁ ସେଠାରେ ମୁତୟନ କରିଥିଲେ । ମା' ଙ୍କର ଦେହ ପଚି ଗନ୍ଧ ହେବା ପରେ ମଧ ସେମାନେ ସେଇଠି ତାଙ୍କୁ ଜଗି ରହିଥାନ୍ତି । ଯଦି ପଶୁମାନେ ମୋତେ କ୍ଷମା କରିବେ, ମୁଁ ତ କହିବି ସେମାନେ ମଧ ବର୍ବର ସୈନ୍ୟମାନଙ୍କ ପରି ବ୍ୟବହାର କରନ୍ତି ନାହିଁ । ଶେଷରେ ମୋ ମା'ଙ୍କ ମୃତ ଦେହକୁ କୁକୁର ଓ ଶାଗୁଣାମାନେ ଖାଇବାକୁ ଆରମ୍ଭ କଲେ । ଚାରି ମାସ ଧରି ମାଂସଭକ୍ଷୀ ଜନ୍ତୁ ଓ ପକ୍ଷୀମାନେ ମୋ ମା'ଙ୍କର ମୃତ ଦେହକୁ ଟିକି ଟିକି କରି ଖାଇଲେ ।

Digitized by srujanika@gmail.com

ମା' ଙ୍କର ଯନ୍ତ୍ରଣାଦାୟକ ମୃତ୍ୟୁ କଥା ଚିନ୍ତା କରିବା ମଧ୍ୟ ଆମ ପାଇଁ ଭୟଙ୍କର ଥିଲା । କାହାର ମୃତ୍ୟୁରେ ମଣିଷ କେବେ ଖୁସି ହୋଇପାରିବ ନାହିଁ । କିନ୍ତୁ ମା' ଙ୍କର ମୃତ୍ୟୁ ସହିତ ତାଙ୍କ ଯନ୍ତ୍ରଣାଗ୍ରସ୍ତ ଜୀବନର ସମାପ୍ତି ହୋଇଛି ଜାଣି ଆମେ ଆଶ୍ୱସ୍ତ ହେଲୁ । ସେ ଏତେ ନିର୍ଯ୍ୟାତନା ସହିଥିଲେ ଯେ ସେ ଅଧିକ ସମୟ ବଞ୍ଚି ରହନ୍ତୁ, ଏହା ଆମେ ମୋଟେ ଚାହୁଁ ନଥିଲୁ । ◻

Digitized by srujanika@gmail.com

୨୮

ମୃତ୍ୟୁ

'ଅସ୍ତଗାମୀ ସୂର୍ଯ୍ୟ ପାର୍ଶ୍ୱରେ ସେମାନେ ଧୀର ଗତିରେ ତଳକୁ ଓହ୍ଲେଇବାକୁ ଆରମ୍ଭ କଲେ; ତା'ପରେ ଖଣ୍ଡେ ମେଘ ଆଢୁଆଳରେ ଲୁଚିଗଲେ ।'

ପୋପୋଲ୍ ଭୁ

ଆମେ ଭାରତୀୟମାନେ ମୃତ୍ୟୁ ପାଇଁ ନିଜକୁ ବହୁ ପୂର୍ବରୁ ପ୍ରସ୍ତୁତ କରୁ । ଆମ ପାଇଁ ଏହା ଏକ ଆକସ୍ମିକ ଘଟଣା ନୁହେଁ, ବରଂ ଏକ ପ୍ରସ୍ତୁତି ବୋଲି କହିବା ଠିକ୍ ହେବ । ଲୋକଟିଏ ମରିବାର ଯଥେଷ୍ଟ ପୂର୍ବରୁ ତା' ପାଇଁ କଫିନ୍ ତିଆରି ହୁଏ, ଯେମିତି ମରିବାକୁ ଯାଉଥିବା ଲୋକଟି ବା ବୁଢା ଲୋକଟି ତା ନିଜ କଫିନ୍‌କୁ ଦେଖିପାରିବ । ମୃତ୍ୟୁ ସମୟ ନିକଟ ହୋଇଯାଇଛି ଜାଣିଲେ ସେ ସବୁଠାରୁ ଭଲ ପାଉଥିବା ମଣିଷକୁ ପାଖକୁ ଡ଼ାକେ । ସେ ଝିଅ ହୋଇପାରେ, ଜେଜେ ମା' କ୍ଷେତ୍ରରେ ନାତୁଣୀ ହୋଇପାରେ, ଜେଜେବାପା ହୋଇଥିଲେ ଜଣେପୁଅ ବା ନାତି ହୋଇ ପାରେ, କିମ୍ବା ଅନ୍ୟ ଯେ କୌଣସି ଲୋକ ହୋଇପାରେ । ମରିବାକୁ ଯାଉଥିବା ଲୋକଟି ତାର ସବୁଠାରୁ ପ୍ରିୟ ମଣିଷକୁ ତାଙ୍କ ପୂର୍ବପୁରୁଷମାନଙ୍କର ଗୋପନ ତଥ୍ୟ, ନିଜ ଅଭିଜ୍ଞତା ଓ ଭାବନା ଗୁଡ଼ିକ ବିଷୟରେ କହେ । ଭାରତୀୟ ଓ ଲାଡ଼ିନୋ ମାନଙ୍କ ସହିତ କିପରି ବ୍ୟବହାର କରିବ ଏବଂ ନିଜକୁ କିପରି ପରିଚାଳିତ କରିବ ଏହି ପରାମର୍ଶ ସବୁ ସେ ଦିଏ । ଭାରତୀୟ ସଂସ୍କୃତି ଏହି ଭାବରେ ସଂରକ୍ଷିତ ହୋଇ ରହିଛି । ଯେଉଁ ଲୋକ ଉପଦେଶ ପାଏ ତାହାକୁ ଗୋପନୀୟ ରଖି ନିଜ ମୃତ୍ୟୁ ପୂର୍ବରୁ ଅନ୍ୟ କାହାକୁ ଦେବା ତା'ର କର୍ତ୍ତବ୍ୟ । ଏହା ପରେ ପରିବାରର ସମସ୍ତେ ଏକାଠି ହୁଅନ୍ତି ଓ ମୃତ୍ୟୁ ପାଇଁ ଅପେକ୍ଷାରତ ମଣିଷଟି ସେମାନଙ୍କୁ ଆଉ ଥରେ ସବୁ ବିଷୟ ପୁନରାବୃତ୍ତି କରେ । ଉପଦେଶ ସମସ୍ତେ ଶୁଣନ୍ତି; କିନ୍ତୁ ଗୋପନ କଥା ଗୁଡ଼ିକୁ କେବଳ ଜଣକୁ ମାତ୍ର କୁହାଯାଏ । ଏ ସବୁ କରି ପାରିଲେ ମୃତ୍ୟୁ ପୂର୍ବରୁ ନିଜ କର୍ତ୍ତବ୍ୟ କରି ପାରିଛି ଓ ତା'ର ଜୀବନ ପୂର୍ଣ୍ଣତା ପାଇଛି ବୋଲି ଲୋକଟିର ହୃଦବୋଧ ହୁଏ ।

ମୃତ ଲୋକର ଘରେ ମୃତ୍ୟୁ ପରବର୍ତ୍ତୀ କ୍ରିୟା ସମ୍ପନ୍ନ କରାଯାଏ । ଗାଁର ସମସ୍ତେ ସେଠାକୁ ଆସି ମୃତ ବ୍ୟକ୍ତିଟିକୁ ସମ୍ମାନ ଜଣାନ୍ତି । ଯାହା ଖର୍ଚ୍ଚ ହୁଏ ତାହାକୁ ଗୋଷ୍ଠୀ ବହନ କରେ; ପରିବାରକୁ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ରାତିଯାକ ସେମାନେ ମୃତ ଶରୀର

Digitized by srujanika@gmail.com

ନିକଟରେ ବସି ରହନ୍ତି । ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ଚାଲେ । ଏହି ଅବସରରେ ଆମିଷ ଭୋଜନ ମିଳେ ଓ ପାନୀୟ ମଧ ପରଷା ଯାଏ । ମକା ବୁଣିବା ବେଳେ ପାଳନ କରାଯାଉଥିବା ଉତ୍ସବ ସହିତ ଏହି ଉତ୍ସବର ସାମଞ୍ଜସ୍ୟ ରହିଛି । କଫିନ୍‌ର ଚାରି ପଟେ ଫୁଲ ସଜାଇ ରଖାଯାଏ । ତାପରେ ସମସ୍ତେ ମୃତ ବ୍ୟକ୍ତି ସମ୍ପର୍କରେ କିଛିକିଛି କହନ୍ତି । ପ୍ରଥମେ ପରିବାରର ସଦସ୍ୟମାନେ କହନ୍ତି । ପରିବାର ନଥିଲେ ପରିବାରର ଜଣେ ବୋଲି ମନେ କରାଯାଉଥିବା ଗାଁର ପ୍ରତିନିଧି କହନ୍ତି । ମୃତ ବ୍ୟକ୍ତିଟି ତା' ଜୀବନରେ କ'ଣ ସବୁ କରିଥିଲା ଆମେ ସେସବୁ ମନେ ପକାଉ । ତା'ର ପ୍ରଶଂସା କେବଳ ଗାନ କରାଯାଏ ତାହା ନୁହେଁ, ସମାଲୋଚନା ମଧ ହୁଏ । ଏହିପରି ଭାବରେ ରାତି ପାହିଯାଏ ।

ମୃତ ଦେହକୁ ଘରେ ବେଶୀ ସମୟ ରଖାଯାଏ ନାହିଁ; ଚବିଶ ଘଣ୍ଟା ମଧରେ ତାହାକୁ କବର ଦିଆଯାଏ । ଉତ୍ସବ ପାଇଁ କେବଳ ଗୋଟିଏ ରାତି ଆବଶ୍ୟକ ହୁଏ । କବର ଦେବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ବଞ୍ଚିଥିବା ବେଳେ ଯେଉଁ ସବୁ ପଦାର୍ଥ ତା'ର ପ୍ରିୟ ଥିଲେ, ମରିବା ପରେ ସେ ଗୁଡ଼ିକୁ ତା'ର କଫିନ୍‌ରେ ରଖାଯାଏ । ସେଗୁଡ଼ିକୁ ଅନ୍ୟମାନେ ବ୍ୟବହାର କରିବା ମନା । ସେ ବ୍ୟବହାର କରିଥିବା ଟାଙ୍ଗିଆ, କପ୍ ଏବଂ ଅନ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସବୁ କଫିନ୍‌ରେ ରଖି ଦିଆଯାଏ । ସେ ବ୍ୟବହାର କରିଥିବା ପୋଷାକକୁ, ସେ ଖୁବ୍ ଭଲ ପାଉଥିବା ପ୍ରିୟଜନ କେହି ହୁଏତ ପିନ୍ଧି ପାରିବ, ନଚେତ୍ ସେଗୁଡ଼ିକୁ ଅଲଗା ରଖି ଦିଆଯାଏ । ମୃତ୍ୟୁ ପୂର୍ବରୁ ଲୋକଟି କ'ଣ କହିବ ଶୁଣିବା ପାଇଁ ସମସ୍ତେ ଉଦ୍‌ଗ୍ରୀବ ହୋଇ ଅପେକ୍ଷା କରିଥାନ୍ତି । ପ୍ରତ୍ୟେକ ଲୋକ ମୃତ୍ୟୁ ପୂର୍ବରୁ ନିଜ ଜୀବନର ହିସାବ ନିକାଶ କରିଥାଏ ବୋଲି ଆମେ ବିଶ୍ୱାସ କରୁ । ତା'ମନ ସେ ରହିଥିବା ସବୁ ସ୍ଥାନକୁ ପରିକ୍ରମା କରି ଆସେ । ସେ ଯଦି କେବେ ଫିନ୍‌କାରେ ରହିଥାଏ, ମାନସିକ ସ୍ତରରେ ସେ ସେଠାକୁ ପୁଣି ଥରେ ଫେରିଯାଏ ।

ଯଦି ଦୁର୍ଘଟଣା ବା ଅନ୍ୟ କୌଣସି କାରଣରୁ ଅସ୍ୱାଭାବିକ ମୃତ୍ୟୁ ହୋଇ ଥାଏ, ତାହା ଆମ ମନରେ ଗଭୀର ଛାପ ପକାଏ । ମୋ ସାନଭାଇକୁ ଯେପରି ହତ୍ୟା କରାଯାଇଥିଲା, ସେହିପରି ମୃତ୍ୟୁ କଥା ମୁଁ କହୁଛି । ପଶୁ ହତ୍ୟା କରିବାକୁ ମଧ ଆମକୁ ଭଲ ଲାଗେ ନାହିଁ । ଭାରତୀୟ ଗୋଷ୍ଠୀ ଜୀବନରେ ହିଂସାର ସ୍ଥାନ ନାହିଁ । ଶିଶୁ ମୃତ୍ୟୁ କଥା ବିଚାର କରାଯାଉ । ଯଦି ପୁଷ୍ଟିହୀନତା ଯୋଗୁ ଗୋଟିଏ ଶିଶୁର ମୃତ୍ୟୁ ହୁଏ, ସେଥିପାଇଁ ତା'ର ପିତାଙ୍କୁ ଦୋଷ ଦେଇହେବ ନାହିଁ । ଲାଡ଼ିନୋମାନେ ଆମ ଉପରେ ଲଦି ଦେଇଥିବା ଅବସ୍ଥା ହିଁ ସେଥିପାଇଁ ଦାୟୀ । ଶାସନ ବ୍ୟବସ୍ଥା ଆମକୁ ଅମଣିଷ କରେ । ଅତୀତରେ ସବୁ କଥା ପାଇଁ ଲାଡ଼ିନୋମାନେ ଦାୟୀ ଥିଲେ । ଏବେ ସେମାନେ ଔଷଧ ଓ ଅନ୍ୟାନ୍ୟ ଜିନିଷ ଦ୍ୱାରା ଆମ ଧ୍ୱଂସ ସାଧନ କରିବା ପାଇଁ ଚେଷ୍ଟା କରୁଛନ୍ତି । ଆମ ଜୀବନ ଧାରାକୁ ସେମାନେ ବଦଳାଇ ଦେବା ପାଇଁ ଚାହାନ୍ତି । ଏହି ସବୁ କଥା ହିଁ ଆମ ଜେଜେବାପା ଓ ଅଜାମାନେ

Digitized by srujanika@gmail.com

ଆମକୁ ବାରମ୍ବାର କହୁଥିଲେ । ଆମ ପାଇଁ ହତ୍ୟା ଏକ ବିଳକ୍ଷଣ । ସେହି କାରଣରୁ ଅତ୍ୟାଚାର ଓ ଦମନ ଆମେ ସହି ପାରୁନାହିଁ । ସଂଗ୍ରାମ ପ୍ରତି ଆମର ସମର୍ପଣ ଭାବ ଆମେ ସହୁଥିବା ଯନ୍ତ୍ରଣା ବିରୋଧରେ ଏକ ପ୍ରତିକ୍ରିୟା ମାତ୍ର ।

ପାହାଡ଼ରେ ରହୁଥିବା ଆମ ସାଥୀମାନଙ୍କ ଉପରେ ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି । ସେମାନେ ଆମ ଦୁଃଖ ଦେଖିଛନ୍ତି । ଆମେ ଯାହା ସହିଛୁ ସେମାନେ ମଧ ତାହା ସହିଛନ୍ତି । ଆମେ ରହୁଥିବା ଅବସ୍ଥା ସହିତ ସେମାନେ ଖାପ ଖୁଆଇ ନେଇଛନ୍ତି । ଆମେ ଖାଉଥିବା ଖାଦ୍ୟ ଯେଉଁ ଲୋକ ଖାଇ ପାରିବ ଆମେ ତାହାକୁ ହିଁ ଭଲ ପାଇ ପାରିବୁ । ଭାରତୀୟ ଥରେ ନିଜର ହୃଦୟ ଖୋଲିଦେଲେ ପାହାଡ଼ରେ ରହୁଥିବା ମଣିଷ ମାନେ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧି ହୋଇଯିବେ । ଭାରତୀୟମାନଙ୍କର ପିଲାମାନଙ୍କୁ ସୈନ୍ୟମାନେ ଅପହରଣ କରି ନେଲେ ଆମେ ଠକି ଯାଇଥିବା ପରି ଲାଗେ ନାହିଁ । ଆମେ ସେମାନଙ୍କୁ ହୁଏତ ପୁଣି ଥରେ ଦେଖିବୁ । କିନ୍ତୁ ସେତେବେଳକୁ ସେମାନେ ଭିନ୍ନ ମଣିଷ ହୋଇ ଯାଇଥିବେ । ଏହା ଭାବି ଆମେ ସନ୍ତପ୍ତ ହୋଇପଡୁ । ସୈନ୍ୟମାନଙ୍କ ପାଇଁ ବିଷୟଟି ଆହୁରି ଗୁରୁତର । ସେମାନେ କେବଳ ତାଙ୍କର ସଂସ୍କୃତିକୁ ହରାଇ ବସିବେ ତାହା ନୁହେଁ, ଭାରତୀୟ ସୈନିକ ଅନ୍ୟ ଭାରତୀୟ ମାନଙ୍କୁ ହତ୍ୟା କରିବା ପାଇଁ ମଧ ଅନୁଶୋଚନା କରିବ ନାହିଁ । ଯେତେବେଳେ ଭାରତୀୟମାନେ ଲଢେଇ କରିବା ପାଇଁ ପାହାଡ଼କୁ ଯାଆନ୍ତି ଯେ କୌଣସି ଅଘଟଣ ଘଟିପାରେ, ଏକଥା ସେମାନେ ଜାଣିଥାନ୍ତି । ଯେକୌଣସି ମୁହୂର୍ତ୍ତରେ ସମ୍ମୁଖ ଲଢେଇରେ ସେମାନଙ୍କର ମୃତ୍ୟୁ ହୋଇ ପାରେ । ମରିବାକୁ ଯାଉଥିବା ଲୋକଟି ପାଇଁ ସେହି କ୍ରିୟା-କର୍ମ ପାହାଡ଼ ପର୍ବତରେ କରିବା କଷ୍ଟସାଧ ହୋଇଥିବାରୁ ପରାମର୍ଶ ଉତ୍ସବ ଗାଁରେ ହିଁ ଅନୁଷ୍ଠିତ ହୁଏ । ମୃତ୍ୟୁକୁ ଅପେକ୍ଷା କରୁଥିବା ଲୋକ ପାଇଁ ପରିବାରରେ ଯେଉଁ କ୍ରିୟାନୁଷ୍ଠାନ ହୁଏ, ଜଣେ ଭାରତୀୟ ପାର୍ବତ୍ୟ ଅଞ୍ଚଳରେ ଲଢେଇ କରିବାକୁ ଯିବାବେଳେ ସେହି ଉତ୍ସବ ପାଳନ କରାଯାଏ । ଏହାଦ୍ୱାରା ଗରିଲା ବାହିନୀରେ ଯୋଗ ଦେବା ପୂର୍ବରୁ ସେ ତା'ର ଗୋପନ କଥା ଗୁଡ଼ିକୁ ଆଉ କାହାକୁ କହିଯାଏ । ରାତିରେ ସେମାନେ ଏକାଠି ହୁଅନ୍ତି । ଘର ଛାଡ଼ି ଯାଉଥିବା ଦିନର ପୂର୍ବ ରାତିରେ ପରିବାରର ସମସ୍ତେ ଏକତ୍ରିତ ହୋଇ ଏକ ଉତ୍ସବାନୁଷ୍ଠାନରେ ତାଙ୍କ ପରାମର୍ଶଗୁଡ଼ିକୁ ଦେଇ ଯାଆନ୍ତି । ଏହା ପରେ ସେମାନେ ଘରୁ ବାହାରି ଯାଆନ୍ତି । କାଳେ କ'ଣ ଅଘଟଣ ଘଟିବ, ସେଥିପାଇଁ ସେମାନେ ତାଙ୍କ କର୍ତ୍ତବ୍ୟ ପାଳନ କରିବାରେ ହେଳା କରନ୍ତି ନାହିଁ । □

Digitized by srujanika@gmail.com

୨୯

ଉତ୍ସବ ଓ ଭାରତୀୟ ରାଣୀମାନେ

> 'ଆମ ଭାରତୀୟମାନଙ୍କୁ ସବୁଠାରୁ ଯାହା ବେଶୀ ଆଘାତ ଦିଏ, ତାହା ହେଲା ଆମ ପୋଷାକର ସୌନ୍ଦର୍ଯ୍ୟକୁ ତାରିଫ୍ କରାଯାଏ, କିନ୍ତୁ ପୋଷାକ ପିନ୍ଧିଥିବା ଲୋକଟିର ଯେପରି ଅସ୍ତିତ୍ୱ ନଥାଏ ।'
>
> ରିଗୋବେର୍ଟା ମେଞ୍ଚୁ

ସହରରେ ଯେଉଁ ସବୁ ଉତ୍ସବ ହୁଏ ସେଗୁଡ଼ିକରେ ଅନେକ ବାହାର ଜିନିଷ ମିଶିଯାଇଛି । ଆମ ପୂର୍ବପୁରୁଷମାନେ ଯେଉଁ ପ୍ରକୃତ ଉତ୍ସବ ପାଳନ କରୁଥିଲେ ସେଗୁଡ଼ିକ ଆଉ ନାହିଁ କହିଲେ ଚଳେ । ଏବେ କୌଣସି ସନ୍ଥ ବା ବିଖ୍ୟାତ ଲୋକଙ୍କ ଦିବସ ଭାବରେ ସେଗୁଡ଼ିକ ପାଳିତ ହେଉଛି । ସ୍କୁଲ ମାନଙ୍କରେ 'ଟେକନ୍ ଉମାନ୍' ଦିବସ ପାଳନ କରାଯାଏ । 'ଟେକନ୍ ଉମାନ୍' କ୍ୱିଚେର ଜଣେ ବୀର ଥିଲେ ଏବଂ ସ୍ପାନିଶ୍‌ମାନଙ୍କ ସହିତ ଯୁଦ୍ଧ କରି ପ୍ରାଣ ପାତ କରିଥିଲେ । ଏହି ଘଟଣାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ସ୍କୁଲ ମାନଙ୍କରେ ଗୋଟିଏ ଉତ୍ସବ ପାଳନ କରାଯାଏ । ଆମ ବାପା ମା' ଙ୍କ କହିବା ଅନୁସାରେ ତାଙ୍କର ମୃତ୍ୟୁ ହୋଇ ନାହିଁ ; ତେଣୁ ଆମେ ଏହି ଉତ୍ସବ ପାଳନ କରୁ ନାହୁଁ । ସ୍କୁଲରେ ପଢୁଥିବା ଲାଡ଼ିନୋମାନେ କେବଳ ଏହି ଉତ୍ସବ ପାଳନ କରନ୍ତି । 'ସେ ଜଣେ ବୀର ଥିଲେ' କହିବା ଅର୍ଥ ଆମେ ତାଙ୍କୁ ଅତୀତକୁ ଠେଲି ଦେଉଛୁ । ଅନ୍ୟ କେଉଁ ଏକ ସମୟର ସଂଗ୍ରାମକୁ ପ୍ରତିନିଧିତ୍ୱ କରୁଥିବା ହେତୁ ସତେ ଯେପରି ତାଙ୍କ ଜନ୍ମଦିନ ପାଳନ କରାଯାଏ । କିନ୍ତୁ ଆମ ପାଇଁ ଲଢେଇ ହେଉଛି ବର୍ତ୍ତମାନର କଥା । ପ୍ରକୃତରେ ପୂର୍ବ ଅପେକ୍ଷା ଏବେ ଆମେ ବେଶୀ ଯନ୍ତ୍ରଣା ସହୁଛୁ । କୌଣସି ଘଟଣା ଅତୀତରେ ହୋଇଥିଲା ବୋଲି ଏବେ ତାକୁ ସ୍ମରଣ କରି ଉତ୍ସବ ପାଳନ କରିବା ଆମ ପାଇଁ ଅର୍ଥହୀନ । ଲାଡ଼ିନୋମାନେ ଏହାକୁ ଇତିହାସ ବକ୍ଷକୁ ନିକ୍ଷେପ କରିଥିଲେ ମଧ୍ୟ ଏହା ଆମ ପାଇଁ ବର୍ତ୍ତମାନର ବାସ୍ତବତା, ଏହା ଆମେ ଭଲ ଭାବେ ଜାଣୁ ।

ଟେକ୍‌ନ ଉମାନ୍ କହିଲେ ସମସ୍ତଙ୍କର ଜେଜେବାପାଙ୍କୁ ବୁଝାଏ । 'ମଣିଷ'ର ଅର୍ଥ ବାପା ବା ଜେଜେବାପାଙ୍କ ପରି କେହି ଜଣେ ସମ୍ମାନାସ୍ପଦ ବ୍ୟକ୍ତି । ରାଜା ବା ରାଷ୍ଟ୍ରପତି ପରି ସେ ଥିଲେ ସବୁ ଭାରତୀୟଙ୍କର ନେତା । ସ୍ପାନିଆର୍ଡ଼ମାନେ ପହଞ୍ଚିବା ପରେ କେତେ ସବୁ ଯୁଦ୍ଧ

Digitized by srujanika@gmail.com

ହୋଇଥିଲା ଓ ତାଙ୍କ ପରି କେତେ ରାଜା ମୃତ୍ୟୁବରଣ କରିଥିଲେ । ପ୍ରକୃତରେ ସ୍ପାନିଆର୍ଡ଼ମାନଙ୍କ ସହିତ ଲଢେଇରେ ମୃତ୍ୟୁ ବରଣ କରିଥିବା ସେ ଥିଲେ ସର୍ବଶେଷ ରାଜା । ଟେକନ୍ ଉମାନ୍‌ଙ୍କ ସମ୍ପର୍କରେ ଆମେ ଯେଉଁ କାହାଣୀ କହୁ, ତାହା ଲାଡ଼ିନୋମାନେ କହୁଥିବା କାହାଣୀଠାରୁ ଅଲଗା । ଲାଡ଼ିନୋମାନେ ଯେଉଁ ପରି ଭାବରେ ସ୍ୱାଧୀନତା ଦିବସ ପାଳନ କରନ୍ତି, ଗୁଆଟେମାଲାର ସ୍ୱାଧୀନତା ଦିବସକୁ ଆମେ ସେପରି ପାଳନ କରୁ ନାହିଁ । ଆମ ପାଇଁ ସ୍ୱାଧୀନତାର କିଛି ଅର୍ଥ ନାହିଁ । ବରଂ ଏହା ଆମ ପାଇଁ ଅଧିକ ଦୁଃଖ ଓ ଆମ ସଂସ୍କୃତିକୁ ହରାଇ ନଦେବା ପାଇଁ ଅଧିକ ଉଦ୍ୟମକୁ ସୂଚେଇ ଦିଏ । ଏହା ବ୍ୟତୀତ ଆମ ପାଇଁ ସ୍ୱାଧୀନତାର ଅନ୍ୟ କିଛି ଅର୍ଥ ନାହିଁ । ଏହା କେବଳ ସ୍କୁଲ ମାନଙ୍କରେ ପାଳନ କରାଯାଏ । ଯେଉଁମାନଙ୍କ ନିକଟରେ ଟଙ୍କା ଅଛି ସେମାନେ ହିଁ ସ୍କୁଲକୁ ଯାଇ ପାରନ୍ତି । ଭାରତୀୟ ମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାଥମିକ ବା ମାଧ୍ୟମିକ ବିଦ୍ୟାଳୟକୁ ଯାଇପାରନ୍ତି ନାହିଁ । କେବଳ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ସ୍ୱାଧୀନତା ଦିବସ ପାଳନ କରନ୍ତି; ତଳ ଶ୍ରେଣୀର ଲୋକଙ୍କ ପାଇଁ ଏହା ଅର୍ଥହୀନ । ଶିକ୍ଷକମାନେ ଗାଁକୁ ଆସିବା ବେଳେ ତାଙ୍କ ସହିତ ପୁଞ୍ଜିବାଦ ଓ ସ୍ୱାର୍ଥପରତାକୁ ସାଥିରେ ନେଇ ଆସିଥାନ୍ତି । ସେମାନେ ଏହି ଧାରଣା ଗୁଡ଼ିକୁ ଆମ ଉପରେ ଲଦି ଦେବାକୁ ଚେଷ୍ଟା କରନ୍ତି । ଆମ ଗାଁକୁ କିଛି ଦିନ ପାଇଁ ଦୁଇଜଣ ଶିକ୍ଷକ ଆସିଥିବା କଥା ମୋର ମନେ ଅଛି । ସେମାନେ ପଢାଇବା ଆରମ୍ଭ କରିବା ପରେ ପିଲାମାନେ ସେମାନଙ୍କ ବାପା ମା'ଙ୍କୁ ଯାହା ବିବରଣୀ ଦେଲେ ସେଥିରୁ ବାପା ମା' ମାନେ ବୁଝି ପାରିଲେ ଯେ ସେହି ପ୍ରକାର ପାଠ ଦ୍ୱାରା ପିଲାମାନେ ଲାଡ଼ିନୋ ସଂସ୍କୃତି ହିଁ ଶିଖିବେ । ଶିକ୍ଷକମାନଙ୍କୁ ଗାଁରୁ ବିଦାୟ ନେବାକୁ ପଡ଼ିଲା । ସେମାନେ ଚାହୁଁଥିଲେ ପିଲାମାନେ ସେପ୍ଟେମ୍ବର ୧୫ କୁ ପାଳନ କରନ୍ତୁ । ସ୍କୁଲ ପୋଷାକ ଓ ଜୋତା କିଣିବା ପାଇଁ ଶିକ୍ଷକମାନେ ପିଲାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପିଲାମାନଙ୍କ ପାଇଁ ଏସବୁ ଜିନିଷ ଆମେ କେବେ ହେଲେ କିଣି ଦେଇ ନଥାଉ । ଶିକ୍ଷକମାନେ ଚାହିଁଥିଲେ ପିଲାମାନେ ନିଜ ପୋଷାକ ବାହାର କରି ସମସ୍ତେ ଗୋଟିଏ ରଙ୍ଗର ପୋଷାକ ପିନ୍ଧନ୍ତୁ, ଅର୍ଥାତ୍ ଛଦ୍ମବେଶରେ ରହନ୍ତୁ । ବାପା ମା' ମାନେ ସେମାନଙ୍କ ପିଲାମାନେ ଲାଡ଼ିନୋରେ ପରିଣତ ହୁଅନ୍ତୁ, ଏହା ଚାହୁଁ ନଥିଲେ । ତେଣୁ ସେମାନେ ଶିକ୍ଷକମାନଙ୍କୁ ଗାଁରୁ ତଡ଼ି ବାହାର କରିଦେଲେ । ଭାରତୀୟମାନଙ୍କ ପାଇଁ ଲାଡ଼ିନୋମାନଙ୍କୁ ଅନୁକରଣ କରିବା ଅପେକ୍ଷା ମୋଟେ ନପଢିବା ଭଲ ।

ମୁଁ ପୂର୍ବରୁ କହିଛି, କୌଣସି ସନ୍ଥ ବା କୌଣସି ପ୍ରତିମୂର୍ତ୍ତି ପାଇଁ ସହରରେ ଉତ୍ସବ ମାନ ପାଳନ କରାଯାଏ । କ୍ୟାଥଲିକ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଏହି ଉତ୍ସବ ସବୁ ବେଶୀ ସଂଖ୍ୟାରେ ହେଲା । ଠିକ୍ ସେହି ସମୟରେ ବାଇବେଲ୍‌କୁ ଆମେ ଆମ ପୂର୍ବପୁରୁଷମାନଙ୍କ କାହାଣୀ ଭାବରେ ଗ୍ରହଣ କରିବା ଆରମ୍ଭ କଲୁ । ଆମ ଲୋକମାନେ ବାଇବେଲ୍ ଓ କ୍ୟାଥଲିକ୍ ଧର୍ମ ମାଧ୍ୟମରେ ନିଜର ପରିଚୟ ଦେଲେ । ଏହି କାରଣରୁ ଆଜି

Digitized by srujanika@gmail.com

ଆମ ସହରମାନଙ୍କରେ ଆମ ଶୁଭାନୁଧାୟୀ , ସନ୍ଥ ଏବଂ ପ୍ରତିମାମାନଙ୍କ ଉଦ୍ଦେଶ୍ୟରେ ଉତ୍ସବ ମାନ ପାଳିତ ହେଉଛି । ଲୋକମାନେ ଏ ସମସ୍ତକୁ ଗ୍ରହଣ କରି ନିଜର କରି ନେଇଛନ୍ତି । ଭାରତୀୟମାନେ ସବୁ ଉତ୍ସବକୁ କାର୍ଯ୍ୟରୁ ଅବସର ଭାବରେ ମନେ କରନ୍ତି । କିନ୍ତୁ ପ୍ରକୃତରେ ଏହି ବିଶ୍ରାମ ସେମାନଙ୍କର କ୍ଷତି କରେ । ଦୁଇତିନି ଦିନ ବିଶ୍ରାମ କରିବା ବଦଳରେ ତାକୁ ଉତ୍ସବ ଦିନ ତମାମ ସହରରେ କଟାଇବାକୁ ପଡ଼େ । କେବଳ ଦେହ ଖରାପ ଥିଲେ, ବେଶୀ କାମ ଥିଲେ କିମ୍ୱା କିଛି ଖାଇବାକୁ ନଥିଲେ ହିଁ ସେ ଉତ୍ସବରେ ଯୋଗ ଦିଏ ନାହିଁ ।

ଲାଉ ତୁମ୍ୱା ପରି ଏକ ବାଦ୍ୟ ଯନ୍ତ୍ର 'ମରିମ୍ବା' ବଜାଇ ସେମାନେ ଗୀତ ଗାଆନ୍ତି । ବହୁ ବର୍ଷ ତଳେ ମୁଁ ମରିମ୍ବା ଶୁଣିଥିଲି । ସେତେବେଳେ ଅନ୍ୟ କିଛି ବାଦ୍ୟ ଯନ୍ତ୍ର ନଥିଲା । ଭାରତୀୟ ତା'ର ନୃତ୍ୟରେ ସ୍ପାନିୟାର୍ଡ଼ମାନଙ୍କୁ କିପରି ପରାସ୍ତ କଲା, ତାହା ପ୍ରତିଫଳିତ କରିଥାଏ । ଆମେ ଏହାକୁ 'ବିଜୟର ନୃତ୍ୟ' ବୋଲି କହୁ । ଭାରତୀୟମାନେ ଧଳା କିମ୍ୱା ଲାଲ୍ ରଙ୍ଗର ମୁଖା ପିନ୍ଧି ସ୍ପାନିଆର୍ଡ଼ ଭାବରେ ଅଭିନୟ କରନ୍ତି । ସ୍ପାନିୟାଡ଼ମାନଙ୍କର ଘୋଡ଼ା ଥାଏ । ଭାରତୀୟମାନେ ଟାଙ୍ଗିଆ ଓ ପଥର ଦ୍ୱାରା ସେମାନଙ୍କ ସହିତ ଲଢେଇ କରନ୍ତି । ଏହି ଯୁଦ୍ଧକୁ ନୃତ୍ୟ ଆକାରରେ ପ୍ରଦର୍ଶନ କରାଯାଏ ।

ମୋତେ ସବୁ ନୃତ୍ୟ ଭଲ ଲାଗୁଥିଲା; କିନ୍ତୁ 'ବିଜୟ ନୃତ୍ୟ' ସବୁଠାରୁ ବେଶୀ ଭଲ ଲାଗୁଥିଲା । ଭାରତୀୟମାନେ ବିଜୟ କହିଲେ କ'ଣ ବୁଝନ୍ତି ଏହି ନୃତ୍ୟ ତାହାକୁ ନିଚ୍ଛକ ଭାବରେ ପ୍ରକାଶ କରୁଥିଲା । 'ଷଣ୍ଢ ନୃତ୍ୟ', ' ହରିଣ ନୃତ୍ୟ' ପରି ଅନ୍ୟ ନୃତ୍ୟମାନ ମଧ ରହିଛି । ଏହି ନୃତ୍ୟ ଗୁଡ଼ିକ ସହରରେ ମଧ ଅଭିନୀତ ହୁଏ । ଏଥିପାଇଁ ନର୍ତ୍ତକମାନେ ଷଣ୍ଢ ବା ହରିଣ ମୁଖା ପିନ୍ଧିଥାନ୍ତି । ସାଧାରଣତଃ ପଇଁତିରିଶ ବର୍ଷରୁ ବେଶୀ ବୟସର ଲୋକମାନେ ନୃତ୍ୟରେ ଅଂଶ ଗ୍ରହଣ କରନ୍ତି ।

ମୋ ସହରର ନାଁ ସାନ୍ ମିଗୁଏଲ୍ ଉସ୍‌ପାଣ୍ଟାନ୍ । ମିଗୁଏଲ୍ ଉସ୍‌ପାଣ୍ଟାନ୍‌କୁ ଆମେ ବର୍ଷରେ ଦୁଇଥର ପାଳନ କରୁ । ସାନ୍ ମିଗୁଏଲ୍ ଦିନ ଗୋଟିଏ ଉତ୍ସବ ସହରକୁ ଉତ୍ସର୍ଗ କରାଯାଏ । ଲୋକମାନେ କୁମାରୀ କନ୍ୟା ଭର୍ଜିନ୍‌କୁ ଭଲ ପାଉଥିବାରୁ ଭର୍ଜିନ୍‌ଙ୍କ ଉତ୍ସବ ମଧ ସାନ୍ ମିଗୁଏଲ ଉସ୍‌ପାଣ୍ଟାନ୍‌କୁ ଉତ୍ସର୍ଗ କରାଯାଇଛି । ମଇ ମାସ ପଞ୍ଚମ ବା ଷଷ୍ଠ ଦିନ ଠାରୁ ଆରମ୍ଭ ହୋଇ ନବମ ଦିନ ପର୍ଯ୍ୟନ୍ତ ଏହା ଚାଲେ । ସେତେବେଳେ ଲୋକମାନଙ୍କ ପାଦ ତଳେ ଲାଗେ ନାହିଁ । ଦୂର ଦୂରାନ୍ତର ଗାଁ ମାନଙ୍କରୁ ଲୋକମାନେ ଏହି ଉତ୍ସବ ଦେଖିବା ପାଇଁ ସହରକୁ ଆସନ୍ତି । ଏଠାରେ ବିଭିନ୍ନ ଗୋଷ୍ଠୀର ଲୋକ ପରସ୍ପରକୁ ଭେଟନ୍ତି । ଏତେ ଲୋକଙ୍କର ସମାଗମ ହେଉଥିବାରୁ ସେଠାରେ ଗୋଟିଏ ହାଟ ବସିଯାଏ । କାହାର କିଛି ବିକ୍ରୀ କରିବାକୁ ଥିଲେ ସେମାନେ ଏଠାକୁ ଆଣନ୍ତି । ହାଟରେ ସାନ ବଡ଼ ଅନେକ ବ୍ୟବସାୟୀଙ୍କର ଭିଡ଼ ଜମେ । ବଜାରରେ ଲଟେରୀ ମଧ ଚାଲିଥାଏ । ସେଠାରେ ଲୋକେ ତାଙ୍କର ସବୁ କିଛି ହରାଇ ଦେବାର ଉଦାହରଣ ରହିଛି । କେଉଁଠି ଧର୍ମ ସଭା ବି ହେଉଥାଏ ।

Digitized by srujanika@gmail.com

ଧର୍ମ ସଭାରେ ଯୋଗ ଦେବା ପରେ ଲୋକେ ଖାଇବା ପାଇଁ ରେଷ୍ଟୋରାଁକୁ ଯାଆନ୍ତି । ମହିଳା ମାନେ ମଦ ପିଇବା ପରି ଅଜବ କଥା ସହରରେ ହିଁ ସମ୍ଭବ ହୋଇ ପାରେ । ପୁରୁଷମାନଙ୍କ ପରି ସ୍ତ୍ରୀ ଲୋକମାନେ ମଧ କିଛି ସମୟ ଲାଗି ସେମାନଙ୍କର ସମସ୍ୟାକୁ ଭୁଲି ଯିବା ଉଦ୍ଦେଶ୍ୟରେ ମଦ୍ୟ ପାନ କରନ୍ତି । ପ୍ରକୃତରେ ମା' ମାନେ ଜୀବନରେ କେବେ ବିଶ୍ରାମ ପାଇ ନଥାନ୍ତି । ତେଣୁ ଉତ୍ସବ ବାହାନାରେ ସେମାନେ ଟିକିଏ ନିଶ୍ୱାସ ମାରନ୍ତି । ମୁଁ ତ ପୂର୍ବରୁ କହିଛି ଉତ୍ସବ ହେଉଛି ଲୋକମାନଙ୍କ ପାଇଁ ବିଶ୍ରାମର ସମୟ । ମୋ ମା' ମଧ ବେଳେ ବେଳେ ମଦ୍ୟ ପାନ କରୁଥିଲେ । ମନ ଇଚ୍ଛା ପିଇବା ପରେ ବାପାଙ୍କ ପକ୍ଷରେ ଆଉ ଯେତେବେଳେ ପିଇବା ସମ୍ଭବ ହେଉନଥିଲା ସେ ସିଧା ବିଛଣାକୁ ଯାଇ ଶୋଇ ଯାଉଥିଲେ । ବେଳେବେଳେ ସେମାନେ ସାଙ୍ଗ ହୋଇ ପିଉଥିଲେ । ଆଉ ବେଳେ ବେଳେ ମା' ଏକୁଟିଆ ପିଉଥିଲେ । ଆମ ସମାଜରେ ସ୍ତ୍ରୀ ଲୋକମାନେ ମଦ୍ୟ ପାନ କରିବା କିଛି ଅସ୍ୱାଭାବିକ ନୁହେଁ । ବାସ୍ତବରେ ଅଧିକାଂଶ ସ୍ତ୍ରୀ ଲୋକ ମଦ ପିଅନ୍ତି । ବିଶେଷ ଭାବରେ ଉତ୍ସବ ମାନଙ୍କରେ ସେମାନେ ପିଇବା ଦେଖାଯାଏ । ସମସ୍ତେ ମଦ ପିଇବାରେ ଏତେ ଖର୍ଚ୍ଚ କରନ୍ତି ଯେ ଉତ୍ସବ ଶେଷରେ କାହା ପାଖରେ କିଛି ପଇସା ନଥାଏ । ଅନେକ ଗରିବ ଲାଡ଼ିନୋ ମଦ ପିଇ ସର୍ବସ୍ୱାନ୍ତ ହୋଇ ଯିବାର ଉଦାହରଣ ରହିଛି । କିନ୍ତୁ ଅନେକ ଲାଡ଼ିନୋ ଅଛନ୍ତି ଯେଉଁମାନେ ଉତ୍ସବର ସୁଯୋଗ ନେଇ ଭଲ ବ୍ୟବସାୟ କରନ୍ତି ଓ ମୋଟା ଅଙ୍କର ଅର୍ଥ ଉପାର୍ଜନ କରନ୍ତି । ସେମାନଙ୍କ ପାଇଁ ଉତ୍ସବ ଟଙ୍କା କମାଇବାର ପ୍ରକୃଷ୍ଟ ସମୟ ।

ମୁଁ ଯେତେବେଳେ ପ୍ରଥମେ କ୍ୟାଥଲିକ୍ ଧର୍ମରେ ଦୀକ୍ଷିତ ହେଲି ସେ ସମୟର କଥା ମୋର ମନେଅଛି । ମୋ ବାପା ମା' ମୋ ପାଇଁ ଘାଗରା, ବ୍ଲାଉଜ ଓ ଗୋଟିଏ ଛୋଟ ଆପ୍ରନ ଆଣିଥିଲେ । ସେମାନଙ୍କୁ ଫୁଲ ଓ ମହମବତୀ ପରି ଅନ୍ୟ କେତୋଟି ଜିନିଷ ମଧ କିଣିବାକୁ ପଡ଼ିଥିଲା । ତେଣୁ ଉତ୍ସବ ପୂର୍ବରୁ ହିଁ ସେମାନେ ଋଣଗ୍ରସ୍ତ ହୋଇ ପଡ଼ିଥିଲେ । ମୁଁ ବଞ୍ଚି ରହିଥିଲି, ଏହା ମୋ ବାପାଙ୍କ ଆନନ୍ଦର କାରଣ ଥିଲା । ଶିଶୁ ଟିଏ ପାଞ୍ଚବର୍ଷ ପର୍ଯ୍ୟନ୍ତ ଜୀବିତ ରହିବା ଆମ ସମାଜରେ ଏକ ଅଲୌକିକ କଥା । ତା'ପରେ ଯାଇ ସେ ବଞ୍ଚି ରହିବ ବୋଲି ଏକ ପ୍ରକାର ବିଶ୍ୱାସ ସୃଷ୍ଟି ହୁଏ । ମୋ ବାପା ଆନନ୍ଦର ଆତିଶଯ୍ୟରେ ବୋଧହୁଏ ବେଶୀ ମଦ ପିଇଥିବେ ଓ ସବୁ ଟଙ୍କା ଖର୍ଚ୍ଚ କରିଦେଇଥିବେ । ଏହାର ଫଳ ହେଲା ଋଣ ସୁଝିବା ପାଇଁ ଆମକୁ ଦୀର୍ଘ ସମୟ ପାଇଁ ଫିନ୍‌କାରେ କାମ କରିବାକୁ ପଡ଼ିବ । ମୋର ମନେ ଅଛି ଉତ୍ସବରେ ମୁଁ ବେଶୀ କିଛି କରି ନଥିଲି ବା ଦେଖି ନଥିଲି । ଆମେ କେବଳ ଚାଲୁ ଥାଉ ବା ମଦ ଦୋକାନରେ ବସିଥାଉ । ମୁଁ ଏହାକୁ ମୋଟେ ଉପଭୋଗ କରିପାରିଲି ନାହିଁ ।

ବର୍ଷରେ ଥରେ ଗୋଟିଏ ମେଳା ହୁଏ ଯେଉଁଥିରେ ସହରର ରାଣୀକୁ ବଛାଯାଏ । ଜଣେ ଭାରତୀୟ ରାଣୀ ଓ ଏବଂ ଆଉ ଜଣେ ଲାଡ଼ିନୋ ରାଣୀ ହୁଏ । ପ୍ରଥମେ ଭାରତୀୟ ରାଣୀ ନିର୍ବାଚନ ପାଇଁ ପ୍ୟାରେଡ଼ ହୁଏ । ତାପର କେତେଦିନ ଲାଡ଼ିନୋ ରାଣୀ ପାଇଁ

Digitized by srujanika@gmail.com

ପ୍ୟାରେଡ୍ ହୁଏ । ଏହି ପରମ୍ପରା କେବେ ଆରମ୍ଭ ହୋଇଥିଲା ମୁଁ ଜାଣେ ନାହିଁ । ସବୁଠାରୁ ନମ୍ର ଭାରତୀୟ ଝିଅକୁ ସମଗ୍ର ସହରର ଭାରତୀୟମାନଙ୍କ ରାଣୀ ଭାବରେ ବଛାଯାଏ । ଗୁଆଟେମାଲାର ଅଧିକାଂଶ ସହରରେ, ଏପରିକି ଛୋଟ ସହର ମାନଙ୍କରେ ମଧ ଏହି ପରମ୍ପରା ରହିଛି । ଏହା ପଛରେ ପ୍ରକୃତରେ କ'ଣ ଅଛି ଆମେ ଜାଣିବା ଦରକାର । ମୁଁ ପାହାଡ଼ରେ ରହୁଥିବାରୁ ଏହା ମୋ ପାଇଁ ନୂଆ କଥା ଥିଲା । ପିଲାବେଳେ ମୁଁ ଉତ୍ସବ ଦେଖିବା ପାଇଁ କେବେ ସହରକୁ ଯାଇ ନଥିଲି । ଲୋକେ ଏ ବିଷୟରେ କଥାବାର୍ତ୍ତା ହୁଅନ୍ତି; କିନ୍ତୁ ମୋତେ କିଛି ଜଣା ନଥିଲା । ୧୯୭୭ରେ ମୁଁ ସହରକୁ ଯାଇଥିଲି । ସେତେବେଳେ ରାଣୀ ନିର୍ବାଚନ ଚାଲିଥାଏ । ଅନେକ ଲାଡ଼ିନୋ ଭାରତୀୟ ରାଣୀ ପାଇଁ ଭୋଟ ଦେଉଥିବା ମୁଁ ଦେଖିଲି । ତିନିଜଣ ଭାରତୀୟ ପ୍ରାର୍ଥୀ ଥିଲେ । ଜଣେ ଝିଅର ଲାଡ଼ିନୋ ବନ୍ଧୁ ବିଜୟ ପାଇଁ ଅନେକ ଟଙ୍କା ଖର୍ଚ୍ଚ କରିଥିବା କଥା ମୋର ମନେଅଛି । ଭୋଟ କିଣା ହୋଇଥିବାରୁ ଏହାକୁ ପ୍ରକୃତ ପ୍ରତିଯୋଗିତା କୁହାଯାଇପାରିବ ନାହିଁ । ରାଣୀ ପାଇଁ ବିଭିନ୍ନ ପଦାର୍ଥ କିଣିବା ଉଦ୍ଦେଶ୍ୟରେ ସେମାନେ ଅର୍ଥ ସଂଗ୍ରହ କରନ୍ତି । ରାଣୀ ଯେପରି ସର୍ବସାଧାରଣଙ୍କ ସାମ୍ନାକୁ ଆସିପାରିବ ସେଥିପାଇଁ ପୌର କର୍ତ୍ତୃପକ୍ଷ ମଧ ଅନେକ ଟଙ୍କା ଖର୍ଚ୍ଚ କରନ୍ତି । ମୋର ମନେ ହୁଏ ଏହି ପ୍ରଥା ନିକଟରେ ଆରମ୍ଭ ହୋଇଛି; ଏହା ବେଶୀ ଦିନ ତଳର ବିଷୟ ନୁହେଁ ।

ଯେଉଁ ଝିଅ ପାଇଁ ସବୁଠାରୁ ବେଶୀ ଭୋଟ କିଣାଯାଏ, ସେ ରାଣୀ ହୁଏ । ପ୍ରତ୍ୟେକ ଝିଅ ପାଇଁ ଆଗ୍ରହୀ ବିଭିନ୍ନ ଦଳର ଲୋକ ଭୋଟ ବିକନ୍ତି । ମୁଖ୍ୟତଃ ସହରର ତରୁଣମାନେ ପ୍ରାର୍ଥୀମାନଙ୍କୁ ବାଛିଥାନ୍ତି । ସାଙ୍ଗମାନେ, ସହରର କୌଣସି ସଂଗଠନ, ସମିତି କିମ୍ୱା ମ୍ୟୁନିସିପାଲିଟି ମଧ ପ୍ରାର୍ଥୀଙ୍କୁ ବାଛି ପାରନ୍ତି । ସାଧାରଣ ଲୋକ କିମ୍ୱା ଭାରତୀୟମାନଙ୍କର ଏଥିରେ କିଛି ଭୂମିକା ନଥାଏ । ଗୁଆଟେମାଲାର ସହରମାନଙ୍କରେ ସଂଖ୍ୟାଧିକ ଲାଡ଼ିନୋ ବାସ କରୁଥିବାରୁ ଅଧିକାଂଶ ଭାରତୀୟ ସହର ବାହାରେ ରହନ୍ତି । ମୋ ସହର, ଉସ୍‌ପାଣ୍ଟାନ୍‌ରେ ମଧ ଏହାହିଁ ହୋଇଛି । ସହରରେ ଅଳ୍ପ କେତେ ଜଣ ମାତ୍ର ଭାରତୀୟ ରହନ୍ତି । ଭୋଟ୍ ଆରମ୍ଭ ହେବା, କେହି ଜଣେ ଜିତିବା ଓ ସମସ୍ତେ ତାକୁ ଅଭିନନ୍ଦନ ଜଣାଇବା, ଏ ସବୁ କଥା ମୁଁ ଦେଖିଥିଲି । ମେୟରଙ୍କ ଅଫିସ ଏହି ଘଟଣାଗୁଡ଼ିକୁ ଅଫିସ ଉତ୍ସାହିତ କରୁଥିବା ଏବଂ ଏଥିପାଇଁ ଟଙ୍କା ଖର୍ଚ୍ଚ କରୁଥିବା କଥା ମୋର ଜଣେ ଭାରତୀୟ ସାଥୀ ମୋତେ କହିଥିଲା । ପ୍ରକୃତରେ ସେମାନେ ସହରର ସବୁଠାରୁ ସୁନ୍ଦର ଝିଅଟିକୁ ବାଛନ୍ତି ଓ ତାକୁ ଏକ ବ୍ୟବସାୟରେ ପରିଣତ କରିଦିଅନ୍ତି । ଏହା ଜାଣି ମୁଁ ବିଷର୍ଣ୍ଣ ହୋଇ ପଡ଼ିଲି । ରାଣୀମାନେ ବଛା ହେବାପରେ ଉତ୍ସବ ଦିନ କାର୍ କିମ୍ୱା ଘୋଡ଼ାଗାଡ଼ିରେ ବାହାରକୁ ବାହାରନ୍ତି । ସେମାନେ ଏକାଠି ବାହାରନ୍ତି ନାହିଁ । ଭାରତୀୟ ରାଣୀ ମଇ ମାସ ୪ ବା ୫ ତାରିଖ ଦିନ ବାହାରେ । ୮ ତାରିଖ ଦିନ ସେମାନେ ଲାଡ଼ିନୋ ରାଣୀକୁ ବାହାରକୁ ଆଣନ୍ତି । ଯାହାହେଉ ଏ ସବୁ କଥା ମୋତେ ଚିନ୍ତାର ଅନେକ ଖୋରାକ ଯୋଗାଇଥିଲା ।

Digitized by srujanika@gmail.com

ପରେ ବିଭିନ୍ନ ଅଞ୍ଚଳରୁ ଭାରତୀୟ ରାଣୀମାନଙ୍କୁ ନେଇ ଅଗଷ୍ଟ ମାସରେ ଏକ ବଡ଼ ଧରଣର ଲୋକ କଥା ଉତ୍ସବ ଅନୁଷ୍ଠିତ ହୁଏ । କ୍ଷମତାରେ ଥିବା ରାଷ୍ଟ୍ରପତି ଏହି ଉତ୍ସବର ଆୟୋଜନ କରନ୍ତି ଏବଂ ସିନେଟର୍, ବିଦେଶୀ ଅତିଥି ଓ ରାଷ୍ଟ୍ରଦୂତମାନେ ନିମନ୍ତ୍ରିତ ହୋଇ ଏଥିରେ ଯୋଗ ଦିଅନ୍ତି । ସେମାନେ ସମସ୍ତେ ରାଷ୍ଟ୍ରପତିଙ୍କ ଭୋଜିରେ ମଧ୍ୟ ଯୋଗଦିଅନ୍ତି । ଆଇନ୍ ଅନୁସାରେ ପ୍ରତ୍ୟେକ ରାଣୀ ଏହି ଉତ୍ସବରେ ଯୋଗ ଦେବାକୁ ବାଧ୍ୟ । ସେମାନେ ନିଜ ଅଞ୍ଚଳର ପୋଷାକ ପିନ୍ଧିଥାନ୍ତି । କିନ୍ତୁ କୋବାନ୍‌କୁ ଆସିବା ପାଇଁ ସେମାନଙ୍କୁ ନିଜେ ବ୍ୟବସ୍ଥା କରିବାକୁ ପଡ଼େ । କେବଳ ରାଷ୍ଟ୍ରପତି ଯେ କେବଳ ରାଷ୍ଟ୍ରପତି କୋବାନ୍‌ରେ ରହନ୍ତି, ତାହା ନୁହେଁ, ପ୍ରମୁଖ ଡ଼େପୁଟି ମାନେ, ବିଶିଷ୍ଟ ଅତିଥି ବୃନ୍ଦ ଏବଂ ବହୁ ସଂଖ୍ୟାରେ ପର୍ଯ୍ୟଟକ ମଧ୍ୟ ଏହି ସହରରେ ଥାଆନ୍ତି । ଗୁଆଟେମାଲାର ସବୁ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗି ଥାଏ ଓ ସେମାନେ ମନ ଇଚ୍ଛା ଫଟୋ ଉଠାଇଥାନ୍ତି । କିନ୍ତୁ ଭାରତୀୟ ପାଇଁ ଫଟୋ ଉଠା ନିଷିଦ୍ଧ । ଏହାଦ୍ୱାରା ତା'ର କୁଆଡ଼େ ମର୍ଯ୍ୟାଦା ହାନି ହୁଏ ।

ଭାରତୀୟ ଝିଅମାନେ ସହର ପରିକ୍ରମା କଲାବେଳେ ସମସ୍ତଙ୍କୁ ହାତ ହଲାନ୍ତି ଓ ଚୁମ୍ବନ ଦେବାର ଅଭିନୟ କରନ୍ତି । ଉଦ୍ୟୋକ୍ତାମାନେ ସେମାନଙ୍କର ଫଟୋ ଉଠାଉଥାନ୍ତି । ସେମାନେ ଏହି ଝିଅମାନଙ୍କୁ ଧନୀ ଲୋକଙ୍କର ଉପଭୋଗର ବସ୍ତୁ କରିଦିଅନ୍ତି । ସାଧାରଣ ଲୋକ ସେମାନେ ପିନ୍ଧିଥିବା ପୋଷାକକୁ ହିଁ ଦେଖିବା ପାଇଁ ବେଶୀ ଆସନ୍ତି । ସେମାନଙ୍କ ପାଇଁ ଉପହାର ଜମା ହୋଇଯାଏ । ଗୁଆଟେମାଲାର ଗରିବ ଲୋକମାନଙ୍କ ମଧ୍ୟରେ ଏପରି ତାରକା ଦେଖିବାକୁ ମିଳନ୍ତି ନାହିଁ । ମୋର ମନେଅଛି ଉତ୍ସବର କିଛି ମାସ ପୂର୍ବରୁ ସେମାନେ ରାଣୀମାନଙ୍କୁ ନେଇ କେତେ ହୁଦର କରନ୍ତି; ଭାରତୀୟ ଝିଅମାନେ କିଛି ଜାଣନ୍ତି ନାହିଁ ବୋଲି ସେମାନଙ୍କୁ ଆଦବ କାଇଦା ସବୁ ଶିଖାଇ ବସନ୍ତି । ରାଣୀ ହୋଇଥିବା ମୋର ଜଣେ ସାଙ୍ଗ ଅନ୍ୟମାନଙ୍କ ଆଗରେ ନିଜକୁ କିପରି ପ୍ରଦର୍ଶନ କରିବ - ଏ ବିଷୟରେ ତାଲିମ ପାଇଥିବା କଥା ମୋତେ କହିଥିଲା । ଏହି ସାଥୀଟି ଭଲ ଭାବରେ ସ୍ପାନିଶ୍ କହି ପାରୁନଥିଲା । ତେଣୁ ରାଷ୍ଟ୍ରପତି, ଅନ୍ୟ ବିଶିଷ୍ଟ ଅତିଥି ଓ ସୈନ୍ୟବାହିନୀର ଅଧିକାରୀମାନଙ୍କୁ ଅଭିବାଦନ ଯେଉଁ ଛୋଟ ଓ ନିରସ ଭାଷଣଟି ତାକୁ ଦେବାକୁ ପଡ଼ିବ ତାହା ତାକୁ ଅଭ୍ୟାସ କରିବାକୁ ପଡ଼ିଥିଲା । କିନ୍ତୁ ସବୁ ଆଦବ କାଇଦା ଶିଖିବା ପରେବି ତାକୁ ଅନ୍ୟ ଅତିଥିମାନେ ରହୁଥିବା ହୋଟେଲରେ ରହିବାକୁ ଦିଆଗଲା ନାହିଁ; ବରଂ ଗୋଟିଏ ଶସ୍ତା ହୋଟେଲରେ ତାକୁ ରହିବାକୁ ପଡ଼ିଲା । ଏହିପରି ହୋଟେଲକୁ ମଦ୍ୟପଙ୍କ ସମେତ ସବୁ ପ୍ରକାର ଲୋକ ଆସନ୍ତି । ଉତ୍ସବ ପରେ ଝିଅମାନଙ୍କର ଆଉ କିଛି କାମ ନଥାଏ; ତେଣୁ କେହି ତାକୁ ପଚାରନ୍ତି ନାହିଁ । ଏ ପ୍ରକାର ବ୍ୟବହାର ଭାରତୀୟମାନଙ୍କୁ ସବୁଠାରୁ ବେଶୀ ବାଧେ ।

Digitized by srujanika@gmail.com

ସେମାନେ ଆମ ପୋଷାକକୁ ତାରିଫ କରନ୍ତି; କିନ୍ତୁ ପୋଷାକ ପିନ୍ଧିଥିବା ମଣିଷଟିକୁ ହେୟ ଜ୍ଞାନ କରନ୍ତି । ରାଣୀମାନଙ୍କୁ ଦେଖିବା ପାଇଁ ଲୋକଙ୍କୁ ବହୁତ ମୂଲ୍ୟ ଦେଇ ଟିକଟ କିଣିବାକୁ ପଡ଼େ । ଉଦ୍ୟୋକ୍ତାମାନେ ଏଥିରୁ ବହୁ ଅର୍ଥ ଉପାର୍ଜନ କରନ୍ତି । ଯାହାର ଟଙ୍କା ଅଛି ସେ ହିଁ କେବଳ ଏହି ଉତ୍ସବକୁ ଯାଇପାରିବ । ◻

Digitized by srujanika@gmail.com

୩୦

ମା'ଙ୍କ ଠାରୁ ପାଇଥିବା ଶିକ୍ଷା:
ଭାରତୀୟ ମହିଳା ଓ ଲାଡ଼ିନୋ ମହିଳା

'ମୋ ମା' କହିଲେ:'' ତୁ ନିଜକୁ ଜଣେ ନାରୀ ବୋଲି ଭାବିବାରେ ମୋର ଆପତ୍ତି ନାହିଁ, କିନ୍ତୁ ସଂଗ୍ରାମରେ ତୋର ଯୋଗଦାନ ତୋ' ଭାଇମାନଙ୍କ ଠାରୁ କୌଣସି ଗୁଣରେ କମ୍ ହେବା ଉଚିତ୍ ନୁହେଁ।'' '

ରିଗୋବେର୍ଟା ମେଞ୍ଚୁ

ଭାରତୀୟ ସ୍ତ୍ରୀ ଲୋକମାନେ ଦେଖାଇ ହୁଅନ୍ତି ନାହିଁ। ନୂଆ ପ୍ରକାର କେଶ ବିନ୍ୟାସ କରିବା ଓ ସଜାଇ ହେବା ପାଇଁ ସେମାନଙ୍କର ସମୟ ନଥାଏ। କିନ୍ତୁ ଲାଡ଼ିନୋ ସ୍ତ୍ରୀ ଲୋକମାନଙ୍କ କଥା ଅଲଗା। କିଛି ଖାଇବାକୁ ନଥାଉ ପଛେ, ସେମାନେ ମୁଣ୍ଡରେ କଣ୍ଟା ଲଗାଇବା, ଅଣ୍ଟାକୁ ପତଳା ରଖିବା ଓ ଜୋତା ପିନ୍ଧିବାକୁ ଭୁଲନ୍ତି ନାହିଁ। ଆମ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ମୁହଁରେ ରଙ୍ଗ ଲଗାଇଲେ ଭଗବାନ ଆମକୁ ଦେଇଥିବା ମୁହଁର ଅସମ୍ମାନ ହେବ ବୋଲି ମା' ମୋତେ କହିଥିଲେ। କିନ୍ତୁ ଏପରି ସମୟ ଆସିଲା ଯେତେବେଳେ ମୁଁ ମା' ଙ୍କ ଠାରୁ ଦୂରେଇ ଯିବାକୁ ଆରମ୍ଭ କଲି। ମା' ଏଥିପାଇଁ ଖୁବ୍ ଚିନ୍ତିତ ହୋଇ ପଡ଼ିଲେ। ମୁଁ ମା'ଙ୍କୁ ଭଲ ପାଉ ନଥିଲି ତାହା ନୁହେଁ, କିନ୍ତୁ ବାପାଙ୍କୁ ସାମାନ୍ୟ ବେଶୀ ଭଲ ପାଉଥିଲି। ସେ ଯେଉଁ ପ୍ରକାର କାମ କରୁଥିଲେ ଓ ତାଙ୍କ ପ୍ରତି ଯେଉଁ ସବୁ ବିପଦ ଥିଲା,ସେଥିପାଇଁ ତାଙ୍କ ପ୍ରତି ମୋର ଟିକିଏ ଅଧିକ ଦରଦ ଥିଲା। ବାପାଙ୍କ ଠାରୁ ମା' ବେଶୀ କଷ୍ଟପାଇ ମରିବେ ଏହା ମୁଁ ଭାବୁ ନଥିଲି। ବରଂ ମୁଁ ଭାବୁଥିଲି ବାପାଙ୍କ ଭାଗ୍ୟରେ ଅଧିକ ନିର୍ଯ୍ୟାତନା ରହିଛି।

କିନ୍ତୁ ମୋତେ ଦଶବର୍ଷ ବୟସ ହୋଇଥିବାବେଳେ ମୁଁ ମୋର ମା' ଙ୍କର ନିକଟରେ ଥିଲି। ସେହି ବୟସରେ ସେ ଜୀବନ ବିଷୟରେ ସବୁ ତଥ୍ୟ ମୋତେ କହିଥିଲେ। ତାଙ୍କ ନିଜର ଯଥେଷ୍ଟ ଅଭିଜ୍ଞତା ଯେ ନଥିଲା ତାହା ନୁହେଁ, କିନ୍ତୁ ଅନ୍ୟ ମାନଙ୍କ ଅଭିଜ୍ଞତାରୁ ଉଦାହରଣ ଦେଇ ବୁଝାଇବାକୁ ସେ ବେଶୀ ପସନ୍ଦ କରୁଥିଲେ। ତାଙ୍କ ଜେଜେମା' ଙ୍କ ଅନୁଭୂତିରୁ ବିଭିନ୍ନ କଥା କହିବାକୁ ସେ ଭଲ ପାଉଥିଲେ। ଭାରତୀୟ ନାରୀ ତା' ଶରୀର ସମ୍ପୂର୍ଣ୍ଣ ଆବୃତ କରି ପୋଷାକ ପିନ୍ଧିଲେ ଯାଇ ଅନ୍ୟ ମାନଙ୍କ ଠାରୁ ସମ୍ମାନ ପାଏ,ଏକଥା ମୁଁ

Digitized by srujanika@gmail.com

ତାଙ୍କ ଠାରୁ ଶିଖିଥିଲି । ସେ ଯଦି ଶାଲ୍ ଘୋଡ଼େଇ ହେବାକୁ ଭୁଲିଯାଏ ଗୋଷ୍ଠୀ ମଧ୍ୟ ତା ଉପରୁ ସମ୍ମାନ ହରାଇ ବସେ । ତେଣୁ ଆପ୍ରନ୍ ପିନ୍ଧିବାକୁ କେବେ ଭୁଲି ନଯିବା ପାଇଁ ମା' ସବୁବେଳେ ମୋତେ ତାଗିଦ କରୁଥିଲେ ।

ଦଶ ବର୍ଷ ବୟସ ଏପରି ଏକ ସମୟ ଯେତେବେଳେ ଆମେ ନାରୀତ୍ୱର ପ୍ରଥମ ପାହାଚରେ ପହଞ୍ଚୁ । ଏତିକିବେଳେ ବାପା ମା' ମାନେ ଆପ୍ରନ୍ , ଘାଗରା, ଜାମା ପରି ଆବଶ୍ୟକ ହେଉଥିବା ସବୁ ଜିନିଷ ଝିଅମାନଙ୍କ ପାଇଁ କିଣି ଦିଅନ୍ତି । ଗୋଟିଏ ପୋଷାକ ପିନ୍ଧିଲେ ଆଉ ଗୋଟିଏ ପୋଷାକ ସଫା କରିହେବ ବୋଲି ସବୁଥିରୁ ଦୁଇଟି ଲେଖାଏ କିଣାଯାଏ । କୌଣସି କାମରେ ବାହାରକୁ ଗଲେ ଆମେ ଆମ ଶରୀରକୁ ଭଲ ଭାବରେ ଆବୃତ କରି ପୋଷାକ ପିନ୍ଧୁ । ବାଳ ନକାଟିବା ପାଇଁ ମୋ ମା' ମୋତେ ଉପଦେଶ ଦେଇଥିଲେ । ବାଳ କାଟିବା ଦେଖିଲେ ଜଣେ ସମାଜର ଆହୁରି ଅନେକ ପ୍ରଥାକୁ ଭାଙ୍ଗି ଦେଉଥିବ ବୋଲି ଲୋକେ ସନ୍ଦେହ କରନ୍ତି । ଏହା ଫଳରେ ତା'ପ୍ରତି ଗୋଷ୍ଠୀର ଲୋକଙ୍କର ସମ୍ମାନ ମଧ୍ୟ କମିଯିବାର ସମ୍ଭାବନା ରହିଛି । କେତେବେଳେ ଓଢଣୀ ନପକେଇ ବାହାରକୁ ବାହାରିଲେ ମା' ଆମକୁ ଗାଳି ଦେଉଥିଲେ । ଯେଉଁପରି ପୋଷାକ ପିନ୍ଧିବା କଥା, ସେଥିରୁ ସାମାନ୍ୟ ବ୍ୟତିକ୍ରମ ହେଲେ ସେ ତାଗିଦ କରି ଦେଉଥିଲେ । ଆମ ସଂସ୍କୃତିରେ ମକାର ବୈଶିଷ୍ଟ୍ୟ ବିଷୟରେ ଆମେ ତାଙ୍କ ଠାରୁ ଶୁଣିଥିଲୁ । ମକାକୁ କାଟିଲେ ସେଥିରୁ ଜୀବନ ସୃଷ୍ଟି ହୁଏ ବୋଲି ଗର୍ଭବତୀ ମହିଳା ନିଜ ଓଢଣୀରେ କଟା ହୋଇଥିବା ମକାକୁ ଧରିବା ଉଚିତ ନୁହେଁ - ଏକଥା ମା' ଆମକୁ ବୁଝାଇଥିଲେ । ମକାର ଗର୍ଭାଶୟ ଆମକୁ ପରିପୃଷ୍ଟ କରେ । ଏହାକୁ ଗୋଟିଏ ଶିଶୁ ସହିତ ତୁଳନା କରାଯାଇ ପାରିବ ନାହିଁ । ପିଲାଟି ବଡ଼ ହେଲେ ମକା ହିଁ ତାହାର ଆହାର ଦେବ । ମକା ଖଣ୍ଡଟି ଯେତିକି ସମ୍ମାନ ପାଏ, ଶିଶୁ ମଧ୍ୟ ସେତିକି ସମ୍ମାନ ପାଇବା କଥା । କିନ୍ତୁ ମଣିଷ ଓ ମକା ପ୍ରତ୍ୟେକର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଆମ ଓଢଣୀର ମଧ୍ୟ ବୈଶିଷ୍ଟ୍ୟ ରହିଛି । ସ୍ତ୍ରୀ ଲୋକ ମାନେ ହାଟରେ, ରାସ୍ତାରେ ଓ କାମ କଲା ବେଳେ, ସବୁଠାରେ ଓ ସବୁ ସମୟରେ ଏହାକୁ ବ୍ୟବହାର କରନ୍ତି । ଓଢଣୀଟି ନାରୀ ପାଇଁ ଏକ ପବିତ୍ର ପଦାର୍ଥ ଓ ସବୁ ସମୟରେ ସେ ଏହାକୁ ପାଖରେ ରଖିଥାଏ ।

ପରେ ମା' ପକ୍ଷୀ ଓ ଔଷଧ ପରି ଆହୁରି ଅନେକ ଛୋଟ ଜିନିଷ ସମ୍ପର୍କରେ ଆମକୁ ବୁଝାଇଲେ । କେଉଁ ଗୁଳ୍ମ ଓ ଔଷଧ ଖାଇବ,ଓ କେଉଁଟି ଖାଇବ ନାହିଁ ; ମା' ସବୁ କହନ୍ତି । ଏହା ପଛରେ ଥିବା କାରଣ ମଧ୍ୟ ତାଙ୍କୁ ଜଣା ଥିଲା । ଗର୍ଭାବସ୍ଥାରେ ଜଣେ ସ୍ତ୍ରୀ ଲୋକକୁ ଔଷଧ ସମ୍ପର୍କରେ ବିଶେଷ ସତର୍କ ରହିବାକୁ ପଡ଼େ । ସେ କୌଣସି ଔଷଧ ବା ଯେକୌଣସି ବୃକ୍ଷର ପ୍ରସ୍ତୁତି ସେ ଖାଇ ପାରିବ ନାହିଁ । ଗୋଟିଏ ଝିଅର ବୟସ ସହିତ ଶରୀରରେ ଯେଉଁ ସବୁ ପରିବର୍ତ୍ତନ ହୁଏ ସେ ବିଷୟରେ ମା' ମୋତେ ସୂଚନା ଦେଇଥିଲେ । ପାହାଡ଼ ତଳେ ଚେର ମୂଳ ସଂଗ୍ରହ କରିବା ସମୟରେ ମୁଁ ମା'ଙ୍କୁ ଯାବତୀୟ ପ୍ରଶ୍ନ

Digitized by srujanika@gmail.com

ପଚାରୁଥିଲି । ସେ କିନ୍ତୁ ନିଜ ବିଷୟରେ କିଛି ନକହି ତାଙ୍କ ବାପା ମା ଙ୍କ ବିଷୟରେ କେତେ କଥା କହନ୍ତି । ଏହା ସତ୍ତ୍ୱେ ମୋ ପେଟ କାମୁଡ଼ିଲେ ମୁଁ ମା'ଙ୍କୁ ନକହି ବାପାଙ୍କୁ କହୁଥିଲି । ଆହୁରି କେତେ ଛୋଟ ଛୋଟ କଥା ମୁଁ ମା' ଙ୍କୁ ପଚାରି ପାରିଥାନ୍ତି । କିନ୍ତୁ ତାହା ନକରି ମୁଁ ବାପାଙ୍କୁ ପଚାରୁଥିଲି । ମୋ ମା' କହନ୍ତି ସେ ଛୋଟ ଥିବା ବେଳେ ତାଙ୍କ ଯତ୍ନ ନେବା ପାଇଁ କେହି ନଥିଲେ । ତେଣୁ ତାଙ୍କୁ ନିଜେ ନିଜେ ସବୁ କଥା ଶିଖିବାକୁ ପଡ଼ିଥିଲା । ପ୍ରଥମେ ଯେତେବେଳେ ତାଙ୍କର ଋତୁସ୍ରାବ ହେଲା ସେ କିଛି ବୁଝି ପାରି ନଥିଲେ । ମା' ବେଳେ ବେଳେ ଖୁବ୍ ରାଗି ଯାଉଥିଲେ । ସବୁ କାମ ନିଖୁଣ ଭାବରେ କରିବା ପାଇଁ ସେ ଆମକୁ ଶିକ୍ଷା ଦେଇଥିଲେ । କିଛି ଭୁଲ କଲେ ସେ ଆମକୁ ଦଣ୍ଡ ମଧ୍ୟ ଦେଉଥିଲେ । ନିଜର ଭୁଲକୁ ଉପଲବ୍ଧି କରି ଠିକ୍ ସମୟରେ ତାହାକୁ ସଜାଡ଼ି ନେବା ଉଚିତ ଏହା ସେ ବାରମ୍ବାର କହୁଥିଲେ । ମୁଁ ତିନି ବର୍ଷ ବୟସରୁ ମକାପିଠା ତିଆରି ଆରମ୍ଭ କରିଥିବା ମୋର ମନେ ଅଛି । କଡ଼େଇ ଧୋଇ ମକା ମଣ୍ଡ ମଧ୍ୟ ମୁଁ ତିଆରି କରିପାରୁଥିଲି । ଟିକିଏ ବଡ଼ ହେବା ପରେ କପ୍ ପ୍ଲେଟ କିମ୍ବା ମକାକୁ ଡ଼େଇଁ ନଚାଲିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆମକୁ ଏମିତି କେତେ ଟିକି ନିଖି କଥା ଶିଖିବାକୁ ପଡୁଥିଲା ।

ଜମିକୁ ଶସ୍ୟ ବୁଣିବା ପାଇଁ ଯିବା ବିଷୟ ମଧ୍ୟ ମୋର ମନେ ଅଛି । କେଉଁ ଦିନ ବୁଣିଲେ ଭଲ ଫସଲ ହେବ ମା' ଜାଣିଥିଲେ । ସେ ସବୁବେଳେ ପ୍ରକୃତିକୁ ସ୍ୱପ୍ନରେ ଦେଖୁଥିଲେ । ବାସ୍ତବରେ ତାଙ୍କ ନିଜ କଳ୍ପନା ହିଁ କାମ କରୁଥିଲା ବୋଲି ମୋର ମନେ ହୁଏ । କିନ୍ତୁ ବିଶ୍ୱାସ ଥିଲେ ଜଣେ କଳ୍ପନା କରୁଥିବା କଥାହିଁ ସତ ହୁଏ । ଔଷଧ କ୍ଷେତ୍ରରେ ଏହା କେତେଥର ପ୍ରମାଣ ହୋଇଥିବା କଥା ମୁଁ ଦେଖିଛି । ବିଶ୍ୱାସ କରି ମୁଁ ଯେତେବେଳେ କିଛି ଔଷଧ ଖାଇଛି, ସେଥିରୁ ଉପକାର ପାଇଛି । ଯଦିଓ ପ୍ରକୃତରେ ଔଷଧର ହୁଏତ କିଛି ପ୍ରଭାବ ନଥାଇପାରେ । ମୋ ମା' ମଧ୍ୟ ସେମିତି ଥିଲେ ବୋଲି ମୋର ମନେ ହୁଏ । ସେ ଯେତେବେଳେ ସାନ ଥିଲେ, ଗଛରେ ଚଢି ସେଥିରେ ରହୁଥିବା ପ୍ରାଣି ମାନଙ୍କର ହେପାଜତ୍ କରୁଥିଲେ। । ସେ ପଶୁ ମାନଙ୍କ ସହିତ କଥା ହୋଇ ପାରୁଥିଲେ । କୌଣସି ପଶୁ ଦେହରେ ଆଘାତ ଦେଲେ କାହିଁକି ଏପରି କରିବାକୁ ପଡ଼ିଲା ବୋଲି ସେ ତାଙ୍କୁ ବୁଝେଇ ଦେଉଥିଲେ । ପିଲାବେଳେ ପାହାଡ଼ରେ ବୁଲିବା ବେଳେ ସେ ଥରେ ଗୋଟିଏ ଘୁଷୁରୀ ଛୁଆ ପାଇଥିଲେ । ସେତେବେଳେ ସେଠାରେ ଆମ ବ୍ୟତୀତ ଆଉ କେହି ରହୁ ନଥାନ୍ତି । ତେଣୁ ଘୁଷୁରୀ ଛୁଆଟିର ମାଲିକ କେହି ନଥିଲେ । କିଛି କିଲୋମିଟୋର ଦୂରରେ ଅନ୍ୟ ପରିବାର ଗୁଡ଼ିକ ରହୁଥାନ୍ତି । ମୋ ମା' ଘୁଷୁରୀ ଟିକୁ ଯତ୍ନର ସହିତ ଉଠାଇ ଆଣିଥିଲେ । ମୋ ଅଜା ଜଣେ ସଚ୍ଚୋଟ ମଣିଷ ଥିଲେ । କେହି ପିଲା ସାମାନ୍ୟ ଫଳ ଟିଏ ମଧ୍ୟ ଚୋରୀ କରିବା ଦେଖିଲେ ମାଡ଼ ଦେବାକୁ କୁଣ୍ଠା ସେ ବୋଧ କରୁ ନଥିଲେ । ଭାରତୀୟ ମାନେ କେବେ ପଡ଼ୋଶୀ ଘରୁ ଚୋରୀ କରନ୍ତି ନାହିଁ । ପଡ଼ୋଶୀର ପରିଶ୍ରମର ଫଳକୁ ଅସମ୍ମାନ କରିବା ମଧ୍ୟ ମନା । ମୋ ମା' ଘୁଷୁରୀ

Digitized by srujanika@gmail.com

ଛୁଆଟିକୁ ଘରକୁ ଆଣି ଥିଲେ ସତ, କିନ୍ତୁ ଅଜାଙ୍କୁ କିପରି ବୁଝାଇବେ ଜାଣି ନଥିଲେ । ଅଜା ଘୁଷୁରୀ ସହିତ ତାଙ୍କୁ ମଧ ଘରୁ ବାହାର କରି ଦେବାର ସମ୍ଭାବନା ଥିଲା । ତେଣୁ ମା' ଘୁଷୁରୀ ଛୁଆକୁ ବାହାରେ ଲୁଚାଇ ରଖିଲେ । ମୋ ଅଜା ଦୁଇଟି ଗାଈ ରଖି ଥିଲେ । ଗାଈ କ୍ଷୀରରୁ ଛେନା ତିଆରି କରି ଧନୀ ଲୋକଙ୍କୁ ବିକ୍ରୀ କରାଯାଉଥିଲା । ଅଜା ଦେଖି ନପାରିବା ପରି ସ୍ଥାନରେ ସନ୍ତର୍ପଣରେ ମା ଗାଈକ୍ଷୀରକୁ କିଛି ନେଇ ଘୁଷୁରୀ ଛୁଆକୁ ଦେଉଥାନ୍ତି । ପ୍ରାୟ ପନ୍ଦର ଦିନ ପରେ ଅଜା ଘୁଷୁରୀ ଛୁଆଟିକୁ ଆବିଷ୍କାର କଲେ । ଘୁଷୁରୀଟି କେବଳ ବଞ୍ଚି ରହିଥିଲା ତାହା ନୁହେଁ, ତା'ର ମା' ନଥିଲେ ମଧ ସେ ଆକାରରେ ବଢ଼ି ବଢ଼ି ଚାଲିଥିଲା । ଘୁଷୁରୀକୁ ଘରୁ ବାହାର କରି ଦେବା ପାଇଁ ଅଜା କଡ଼ା ନିର୍ଦ୍ଦେଶ ଦେଲେ । ମା' ଓ ଅଜାଙ୍କ ମଧରେ ଖୁବ୍ ପାଟିତୁଣ୍ଡ ହେଲା । ଶେଷରେ ସ୍ଥିର ହେଲା, ଘୁଷୁରୀଟି ରହିବ ; କିନ୍ତୁ ମା'ଙ୍କୁ ତା ପାଇଁ ଖାଦ୍ୟ ଯୋଗାଇବାକୁ ପଡ଼ିବ । ମୋ ମା'ଙ୍କୁ କିଛି ସ୍ୱାର୍ଥ ତ୍ୟାଗ କରିବାକୁ ପଡ଼ିଲା ନିଶ୍ଚୟ, କିନ୍ତୁ ଘୁଷୁରୀଟି ପ୍ରାୟ ଛଅ ମାସରେ ବେଶ୍ ବଡ଼ ହୋଇଗଲା । ବେଳେବେଳେ ମା' ଭାରି ବ୍ୟସ୍ତ ହୋଇ ଘୁଷୁରୀଟି ସହିତ କଥା ହୁଅନ୍ତି; ଅଜା କିପରି ତାକୁ ମୋଟେ ଭଲ ପାଆନ୍ତି ନାହିଁ, କିନ୍ତୁ ସେ ତାକୁ କେତେ ଭଲ ପାଆନ୍ତି । ଦିନେ ରାତିରେ ଜଙ୍ଗଲରୁ ଗଧିଆ ମାନେ ଆସି ଘୁଷୁରୀଟିକୁ ନେଇଗଲେ । ଚିତ୍କାର ଶୁଣି ମା' ଦୌଡ଼ିଗଲା ବେଳକୁ ଘୁଷୁରୀଟି ନାହିଁ । ତାକୁ ଖୋଜିବା ପାଇଁ ମା' ଜିଦ୍‌ରେ ପାହାଡ଼ ଆଡ଼କୁ ଅନେକ ବାଟ ଗଲେ; କିନ୍ତୁ ଶେଷରେ ନିରାଶ ହୋଇ ଫେରିଲେ । ଘୁଷୁରୀ ଯେମିତି ଅଜଣା ସ୍ଥାନରୁ ଆସିଥିଲା ସେମିତି ଅଜଣା ସ୍ଥାନକୁ ଚାଲିଗଲା କହି ସେ ନିଜକୁ ପ୍ରବୋଧନା ଦେଲେ । କିନ୍ତୁ ଅନେକ ଦିନ ଧରି ସେ ତାଙ୍କର ପ୍ରିୟ ଘୁଷୁରୀ ଛୁଆଟିକୁ ସ୍ୱପ୍ନରେ ଦେଖୁଥିଲେ । ଘୁଷୁରୀ ଛୁଆଟି ଗଧିଆ ମୁହଁରେ କିପରି କଲବଲ ହେଉଥିବ ଏକଥା ସ୍ୱପ୍ନରେ ମଧ ତାଙ୍କୁ ବିବ୍ରତ କରୁଥାଏ ।

ସେତିକିବେଳେ ମା' ଙ୍କର ଜଣେ ଯାଦୁକର ଠାରୁ କିଛି ବିଦ୍ୟା ଶିଖିବାକୁ ଇଚ୍ଛା ହେଲା । ଯାଦୁକରମାନେ ଭାରତୀୟମାନଙ୍କର ଭବିଷ୍ୟତ କହି ପାରନ୍ତି । ସେମାନେ ଡ଼ାକ୍ତର ଓ ପୁରୋହିତର କାମ ମଧ କରିଥାନ୍ତି । ଯାଦୁକର ପଶୁ, ବୃକ୍ଷ, ଜଳ, ସୂର୍ଯ୍ୟକୁ ନେଇ ତା'ର କଳ୍ପନାରୁ କେତେ କଥା ମା'ଙ୍କୁ ଶିଖାଇଲା । ମା' ଯାଦୁକର ଠାରୁ ଅନେକ କଥା ଶିଖିଲେ ସତ, କିନ୍ତୁ ଜୀବନରେ ଆଉ କିଛି କରିବା ପାଇଁ ପ୍ରେରିତ ହୋଇ ସେ ସଂସାରକୁ ଆସିଥିଲେ । ପ୍ରାକୃତିକ ପୃଥିବୀ ମୋ ମାଙ୍କର ଅତି ପ୍ରିୟ ଥିଲା । ଗୁଆଟେମାଲାର ଆକାଶର ରଙ୍ଗ ପ୍ରାୟ ସବୁବେଳେ ନୀଳ ଥାଏ । ତେଣୁ ପର୍ବତ ପାର୍ଶ୍ୱରେ ଯେତେବେଳେ ମେଘ ଜମାଟ ବାନ୍ଧେ, ସେତେବେଳେ ବର୍ଷା ହେବ ବୋଲି ଜଣାପଡ଼ିଯାଏ । କେତେ ବର୍ଷା ହେବ ତାହା ମଧ ଅନୁମାନ କରି ହୁଏ । ମେଘଗୁଡ଼ିକ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରନ୍ତି, ଖୁବ୍ ଶୀଘ୍ର ବର୍ଷା ହେବ ବୋଲି ମା ପିଲାମାନଙ୍କୁ ଡ଼ାକି କହନ୍ତି । ଆଉ ଠିକ୍ ତାଙ୍କ କହିବା ଅନୁସାରେ ମଧ ବର୍ଷା ହୁଏ । ଆମେ ଅସୁସ୍ଥ ହୋଇ ପଡ଼ିଲେ ମା' ଖୁବ୍ କଷ୍ଟ ପାଉଥିଲେ । କିନ୍ତୁ ଆମର

Digitized by srujanika@gmail.com

ଦୁଃଖୀ ଜୀବନ ସତ୍ତ୍ୱେ ମା' ଜୀବନକୁ ଭଲ ପାଉଥିଲେ । ବେଳେ ବେଳେ ମୋ ପାଦ ଫାଟି ଯିବାରୁ ମୁଁ ଚାଲି ପାରୁ ନଥିବା କଥା ମୋର ମନେ ଅଛି । ବର୍ଷା ଦିନେ କାଦୁଅରେ ଚାଲିଲେ ଆଙ୍ଗୁଳି ସନ୍ଧିରେ ଘା' ହୋଇଯାଏ । ମା'ଙ୍କୁ ନାନା ପ୍ରକାର ଦେଶୀ ଟୁଟ୍‌କା ଔଷଧ ବିଷୟରେ ଅନେକ କଥା ଜଣାଥିଲା । ଯେତେବେଳେ ଆମ ଦେହ ଖରାପ ହେଉଥିଲା, ସେ ଜଙ୍ଗଲରୁ ଔଷଧ ଗଛର ପତ୍ର ଆଣି ଆମର ଚିକିତ୍ସା କରୁଥିଲେ ଏବଂ ଆମେ ଆଶୁ ଫଳ ମଧ ପାଉଥିଲୁ ।

ଛୋଟ ଛୋଟ ଉପହାର ଦେବାରେ ସଉକ ମା' ଙ୍କର ଅନ୍ୟତମ ବୈଶିଷ୍ଟ୍ୟ ଥିଲା । ଆମ ଅବସ୍ଥା ସ୍ୱଚ୍ଛଳ ନଥିଲେ ମଧ ଘରକୁ କେହି ଅତିଥି ଆସିଲେ ତାଙ୍କର ସତ୍କାର କରାଯିବା ଦରକାର ବୋଲି ମା' କହୁଥିଲେ । ଖାଇବା ସମୟ ହୋଇଥିଲେ ମକାପିଠା ଏବଂ ଅନ୍ୟ ସମୟରେ ମକା ଓ କୋକୋର ପାନୀୟ କିମ୍ୱା ଯାହା କିଛି ଘରେ ଥାଉ, ଅତିଥିଙ୍କୁ ପରସା ଯାଏ । ମା' କହୁଥିଲେ: ' ଦେଇଥିଲେ ପାଇ । ସଙ୍କଟ ସମୟରେ କେହି ନା କେହି ସାହାଯ୍ୟ କରିବାକୁ ନିଶ୍ଚୟ ଆଗେଇ ଆସିବେ । ସବୁବେଳେ ଅନ୍ତତଃ କିଛି ଲୋକ ତୁମକୁ ଶ୍ରଦ୍ଧା ଓ ସମ୍ମାନ କରିବେ ।'

ଆମ ଘରେ ସବୁବେଳେ ଚୁଲୀରେ କିଛି ଗରମ ପାଣି ବସିଥାଏ, ଯେମିତି ହଠାତ୍ କେହି ପହଞ୍ଚିଗଲେ ତାଙ୍କୁ ଅନ୍ତତଃ କିଛି ମକା ଗୁଣ୍ଡ ଓ କ୍ଷୀରରେ ତିଆରି ପାନୀୟ ଦେଇ ହେବ ।

ଘରେ ବ୍ୟବହାର ହେଉଥିବା ଜିନିଷ ଗୁଡ଼ିକର କିପରି ରକ୍ଷଣାବେକ୍ଷଣ କରାଯିବ ମା' ଆମକୁ ଶିଖାଇଥିଲେ । ଆମ ଘରେ ଅନେକ ମାଟି ପାତ୍ର ଥିଲା ଯାହା ବହୁ ବର୍ଷର ବ୍ୟବହାର ପରେ ମଧ ଭାଙ୍ଗି ନଥିଲା କିମ୍ୱା ନଷ୍ଟ ହୋଇ ନଥିଲା । ମା' ତାଙ୍କ ଜିନିଷର ଯତ୍ନ ନେବା ଭଲ ଭାବରେ ଜାଣିଥିଲେ । ସେ ଆମକୁ କହିଥିଲେ: ' ତୁମର ଧନ ନଥିଲେ ସବୁବେଳେ ନୂଆ ଜିନିଷ କିଣି ପାରିବ ନାହିଁ । ସବୁବେଳେ ସ୍ୱାମୀଙ୍କ ଠାରୁ ନୂଆ ଜିନିଷ ଆଶା କରିବା ମଧ ଠିକ୍ ହେବ ନାହିଁ । ତେଣୁ ତୁମକୁ ନିଜର ଛୋଟ ଛୋଟ ଜିନିଷ ଗୁଡ଼ିକର ଯତ୍ନ ନେବାକୁ ପଡ଼ିବ ।' ସେ ଯେଉଁ ସ୍ତ୍ରୀ ଲୋକମାନେ ନିଜ ଜିନିଷର ଯତ୍ନ ନନେଇ ବାରମ୍ୱାର ନୂଆ ଜିନିଷ କିଣନ୍ତି ସେମାନଙ୍କ ଉଦାହରଣ ଆମକୁ ଦେଉଥିଲେ । ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କର ଲୁଗାକୁ ନ ମିଶାଇବା ଆମର ଅନ୍ୟ ଏକ ପ୍ରଥା । ଲୁଗା ସଫା କଲା ବେଳେ ଭାଇମାନଙ୍କ ଲୁଗାକୁ ଗୋଟିଏ ପାଖରେ ରଖିବା ପାଇଁ ମା' ଆମକୁ କହିଥାନ୍ତି । ପ୍ରଥମେ ପୁରୁଷ ମାନଙ୍କ ଲୁଗା ସଫା କରିବା ପରେ ଆମେ ନିଜ ଲୁଗା ସଫା କରିଥାଉ । ଆମ ସଂସ୍କୃତିରେ ପୁରୁଷମାନଙ୍କୁ ଅଲଗା ବୋଲି ବିଚାର କରାଯାଏ । ଅବଶ୍ୟ ସ୍ତ୍ରୀ ଲୋକ ମାନଙ୍କର ମଧ ସମ୍ମାନ ରହିଛି । ଆମେ ଯାହା କରୁ ଭଲ ଭାବରେ କରିବାକୁ ଚେଷ୍ଟା କରୁ । ପ୍ରଥମ କଥା ହେଲା ସେମାନେ ଆମରି ମଣିଷ । ଦ୍ୱିତୀୟରେ ସେମାନଙ୍କୁ ଉତ୍ସାହ ଦେବାର ଏହା ଏକ ରାସ୍ତା । ଆମ ପୂର୍ବପୁରୁଷ ମାନେ ମଧ ପୁରୁଷ ମାନଙ୍କ ପାଇଁ ଠିକ୍ ଏହାହିଁ

Digitized by srujanika@gmail.com

କରୁଥିଲେ । ପୁରୁଷ ଓ ସ୍ତ୍ରୀ ଲୋକଙ୍କ ଲୁଗାକୁ ନ ମିଶାଇବା ପରମ୍ପରାକୁ ସେମାନେ ସମ୍ମାନ କରୁଥିଲେ । ମା' କହୁଥିଲେ ସ୍ତ୍ରୀ ଲୋକମାନଙ୍କର ଏପରି କିଛି ଅନୁଭୂତି ଥାଏ ଯାହା ଜଣେ ପୁରୁଷର ନଥାଏ । ତେଣୁ ଆମେ ଆମର ସବୁ ଲୁଗା ଅଲଗା ରଖୁ । ଅନ୍ୟ ସବୁ କଥା ମଧ୍ୟ ସେମିତି । ଆମେ ପୁରୁଷ ଓ ସ୍ତ୍ରୀ ଲୋକଙ୍କର ଜିନିଷକୁ ମିଶାଉ ନାହିଁ । ଅବଶ୍ୟ ରୋଷେଇ ଘରର ସାମଗ୍ରୀ ଏବଂ ଘରର ଆହୁରି ଅନେକ ଜିନିଷ ଉଭୟ ବ୍ୟବହାର କରନ୍ତି ।

ମୋ ମା' ଆଉ ଗୋଟିଏ କଥା କରିବାର ମୁଁ ଦେଖିଛି । ବାପା ଅନେକ ସମୟରେ ଥକା ହୋଇ ଘରକୁ ଫେରିଲେ ମା' ଖାଦ୍ୟର ବେଶୀ ଭାଗ ତାଙ୍କୁ ଦିଅନ୍ତି ଓ ନିଜ ପାଇଁ କମ୍ ଖାଦ୍ୟ ରଖନ୍ତି । ମୁଁ ପଚାରିଲେ ମା' କହନ୍ତି ବାପା ତାଙ୍କ କାମରେ ବହୁତ ବେଶୀ ଶକ୍ତି ଖର୍ଚ୍ଚ କରୁଥିବାରୁ ତାଙ୍କ ପାଇଁ ଖାଦ୍ୟର ଆବଶ୍ୟକତା ମଧ୍ୟ ବେଶୀ । ଖାଦ୍ୟର ଅଭାବ ହେଲେ ସେ ଦୁର୍ବଳ ଓ ଅସୁସ୍ଥ ହେବାର ସମ୍ଭାବନା ଅଛି । ବାପାଙ୍କୁ ଉତ୍ସାହିତ କରିବା ପାଇଁ ମା' ତାଙ୍କୁ ଖାଇବାକୁ ଦେଉଥିଲେ । ସବୁ ବିଷୟରେ ମା' ଙ୍କର ମନୋଭାବ ଥିଲା ଏହିପରି । କମ୍ ଖର୍ଚ୍ଚରେ କିପରି ଚଳିହେବ, ସ୍ତ୍ରୀ ଲୋକ ଉପରେ ନିର୍ଭର କରେ ବୋଲି ମା' କହନ୍ତି । ଗାଁରେ ସପ୍ତାହକ ପାଇଁ ଏକାଥରେ ଆମେ ସବୁ ଜିନିଷ କିଣୁ । ଘର ଖର୍ଚ୍ଚ କିପରି ନିୟନ୍ତ୍ରଣ କରାଯିବ ତାହା ଗୃହକର୍ତ୍ତ୍ରୀ ଉପରେ ନିର୍ଭର କରେ । ତା'ରି ନିକଟରେ ହିଁ ଟଙ୍କା ରହେ । ସେ ଯଦି ନିଜେ ବଜାରକୁ ଯାଏ, ଆବଶ୍ୟକତା ମୁତାବକ ଜିନିଷ କିଣିଥାଏ । ପୁରୁଷ ଲୋକ ବଜାରକୁ ଗଲେ ସେ କ'ଣ କିଣିବ ଠିକ୍ ଭାବରେ ବରାଦ କରିବାକୁ ପଡ଼େ । ମୋ ମା' ଖୁବ୍ କମ ବଜାରକୁ ଯାଉଥିଲେ । କିନ୍ତୁ ହାଣ୍ଡିଟିଏ ହେଉ ବା ଛାଞ୍ଚୁଣୀଟିଏ ହେଉ, କ'ଣ କିଣିବା ଦରକାର ସେ ବାପାଙ୍କୁ ଚିଠା କରି ଦେଉଥିଲେ । ମୋ ମା' ଅନେକ ଦିନ ଧାଈ କାମ କରିଥିବାରୁ ଏବଂ ଅଧିକାଂଶ ଔଷଧ ଗଛକୁ ଜାଣିଥିବାରୁ ଅସମୟରେ ମଧ୍ୟ ରୋଗୀ ଦେଖିବା ପାଇଁ ଡ଼ାକରା ପାଉଥିଲେ । ସେ ଘରେ ଖୁବ୍ କମ୍ ସମୟ ରହୁଥିଲେ । ତେଣୁ ଘର ସମ୍ଭାଳିବା ପାଇଁ ଓ ଜିନିଷର ଯତ୍ନ ନେବା ପାଇଁ ସେ ଆମକୁ ପିଲାବେଳୁ ଶିକ୍ଷା ଦେଇଥିଲେ । ମୋର ଭଉଣୀମାନଙ୍କ ମଧ୍ୟରୁ ଜଣେ ଥିଲା ଠିକ୍ ମୋ ମା'ଙ୍କ ପରି । ସେ ମା'ଙ୍କ ଠାରୁ ଟିକି ନିଖି ସବୁ କଥା ଶିଖିଥିଲା ଓ ଘରେ ଠିକ୍ ମା'ଙ୍କ ପରି ବ୍ୟବହାର କରୁଥିଲା । ବିବାହପରେ କିନ୍ତୁ ବର୍ତ୍ତମାନ ସେ କେଉଁଠି ଅଛି ମୁଁ ଜାଣେ ନାହିଁ ।

ଆମକୁ ନିଜେ ଖାଦ୍ୟ ଖୋଜିବାକୁ ପଡୁଥିଲା । ସବୁଦିନ ଏକପ୍ରକାର ଖାଦ୍ୟ ଖାଇବାକୁ ଭଲ ଲାଗୁନଥିବାରୁ ଆମକୁ ନୂଆ ଜିନିଷ ଖୋଜିବାକୁ ପଡ଼େ । ଫସଲ ଅମଳ ସମୟରେ ଘରେ କେବଳ ଜଣେ ସ୍ତ୍ରୀ ଲୋକ ଥାଏ ; ଅନ୍ୟ ମାନେ ଜମିରେ କାମ କରୁଥାନ୍ତି । ଘରେ ରହିଥିବା ସ୍ତ୍ରୀ ଲୋକକୁ ମଧ୍ୟାହ୍ନ ଭୋଜନ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼େ । ମୋ ମା' ଅଳସୁଆ ହୋଇ ବସିବାକୁ ଭଲ ପାଉ ନଥିଲେ । ସେ ସପ ତିଆରି କରିପାରୁଥିଲେ ଓ ଲୁଗା ବୁଣି ପାରୁଥିଲେ । ଟୋପି ତିଆରି କରିବା ଓ ମାଟିର ପାତ୍ର ତିଆରି କରିବା ମଧ୍ୟ ତାଙ୍କୁ

Digitized by srujanika@gmail.com

ଜଣାଥିଲା । ରବିବାର ଦିନ ସଫା କରିବା କାମ ନଥିଲେ ମା' ଘର ପାଇଁ କିଛି ଜିନିଷ ତିଆରି କରିବାରେ ଲାଗି ଯାଉଥିଲେ । ଗାଁର ଲୋକମାନେ ମଧ ତାଙ୍କୁ ବିଭିନ୍ନ ଜିନିଷ ତିଆରି କରିବା ପାଇଁ ବରାଦ ଦେଉଥିଲେ । ସେ ସହଜରେ ସେମାନଙ୍କ ପାଇଁ ଗୋଟିଏ ଦୁଇଟି ମାଟି ପାତ୍ର ତିଆରି କରି ଦେଇ ପାରୁଥିଲେ । ଗାଁରେ ଆମର ରହଣିର ଶେଷ ବେଳକୁ ମା' ଗୋଟିଏ ଗାଈ ରଖିଥାନ୍ତି । ଗାଈଟିକୁ ସେ ଭାରି ଭଲ ପାଉଥିଲେ । ଆମେ ବଡ଼ ହେବାରୁ ଓ ମୋ ଭାଉଜମାନେ ଘରକୁ ଆସିବା ପରେ ମୋ ମା' ଙ୍କର କାମର ବୋଝ କିଛି କମିଲା । ସକାଳେ ଉଠି ସେ ସିଧା ପଶୁମାନଙ୍କୁ ଦେଖିବାକୁ ଯାଆନ୍ତି କିମ୍ବା ସେମାନଙ୍କୁ ଚରାଇବା ପାଇଁ ନେଇ ଯାଆନ୍ତି । ପୁରୁଷ ଲୋକମାନେ କାମକୁ ଯିବା ପରେ ସେ ଜମିରେ କାମ କରିବା ପାଇଁ ବାହାରି ଯାଉଥିଲେ । ଏତେ ସ୍ଥାନକୁ ଯାଇ କାମ କରି ପାରୁଥିବାରୁ ଲୋକେ ତାଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ଅବଶ୍ୟ ମା' ଘରେ ଏତେ ସମୟ ଅନୁପସ୍ଥିତ ରହିବା ଆମକୁ ଭଲ ଲାଗୁ ନଥିଲା । ବେଳେବେଳେ ରୋଗୀ ମାନଙ୍କ ଶୁଶ୍ରୂଷାରେ ବ୍ୟସ୍ତ ରହି ଦୁଇ ତିନି ଦିନ କାଳ ସେ ଘରକୁ ଫେରିପାରୁନଥିଲେ । ଆମକୁ ଭାରି ବ୍ୟସ୍ତ ଲାଗୁଥିଲା । ଭାଇ ମାନେ ବେଶୀ ବିରକ୍ତ ହୋଇ ଯାଉଥିଲେ । ମା' ଘରେ ବେଶୀ ସମୟ ରହନ୍ତୁ, ଏହା ଆମେ ଚାହୁଁଥିଲୁ । ପରେ ସେ ଅନ୍ୟ ଗାଁ ମାନଙ୍କୁ ଯିବା ଆରମ୍ଭ କଲେ ଏବଂ ଲଢେଇ କରିବା ପାଇଁ ପ୍ରସ୍ତୁତ ହେଲେ । ରୋଗୀମାନଙ୍କ ଚିକିତ୍ସା କରିବା ସଙ୍ଗେ ସଙ୍ଗେ ସେ ସଂଗଠନ ପାଇଁ କାମ କରୁଥାନ୍ତି । ବିଶେଷ ଭାବରେ ମହିଳାମାନଙ୍କୁ ସଂଗଠିତ କରିବାରେ ସେ ବେଶୀ ମନ ଦେଲେ ।

ଏଠାରେ ମୁଁ ଆଉ ଥରେ କହି ରଖିବାକୁ ଚାହେଁ ଯେ ମୋ ମା' ପଢି ଲେଖି ଜାଣି ନଥିଲେ କିମ୍ବା କିଛି ତତ୍ତ୍ୱ ବୁଝୁ ନଥିଲେ । କିନ୍ତୁ ପୁରୁଷମାନଙ୍କ ମରଦ ପଣିଆ ବିଷୟରେ ତାଙ୍କର ନିର୍ଦ୍ଦିଷ୍ଟ ମତ ଥିଲା । ଏଥି ପାଇଁ ପୁରୁଷ କିମ୍ବା ସ୍ତ୍ରୀ କେହି ଦାୟୀ ନଥିଲେ, କିନ୍ତୁ ସମାଜ ବ୍ୟବସ୍ଥା ହିଁ ଏଥିପାଇଁ ଦାୟୀ ବୋଲି ସେ କହୁଥିଲେ । ସେ କହୁଥିଲେ ପୁରୁଷ ମାନଙ୍କ ସହିତ ଲଢେଇ କରି ଏହି ମନୋଭାବକୁ ବଦଳାଇ ହେବ ନାହିଁ । ଅଧିକାଂଶ ସମୟରେ ଆମେ ଦୁଇଟି ଚରମ ମତ ପୋଷଣ କରୁ । ଯଦି ସ୍ତ୍ରୀ ଲୋକଟି ନିଜକୁ ସ୍ୱାଧୀନ ବୋଲି ଭାବେ ସେହି ଅର୍ଥରେ ସେ ସଂସ୍କାରବାଦୀ ହୋଇଯାଏ । ଏହାଦ୍ୱାରା ସମସ୍ୟାର ସମାଧାନ ତ ହୁଏ ନାହିଁ, ବରଂ ଏହା ଦ୍ୱାରା ସମସ୍ୟାଟି ବଡ଼ ହୋଇଯାଏ । ମୋ ମା' କହନ୍ତି, ଆମେ ବେଶୀ ଭଲ ଭାବରେ ସ୍ନେହକୁ ପ୍ରକାଶ କରି ପାରୁ; ତେଣୁ ଏହି ବିଷୟରେ ଆମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପୁରୁଷ ଓ ସ୍ତ୍ରୀ ମାନଙ୍କର ମନୋଭାବକୁ ବୁଝାଇବା ପାଇଁ ସେ ମୋ ବାପାଙ୍କ ଉଦାହରଣ ଦିଅନ୍ତି । ଯୁବକ ବୟସରେ ମା' ତାଙ୍କ ପାଇଁ ସବୁ କାମ କରି ଦିଅନ୍ତୁ - ଏହା ସେ ଚାହୁଁଥିଲେ । ତାଙ୍କ ମନରେ ଈର୍ଷା ମଧ ଥିଲା । କିନ୍ତୁ ସେମାନେ ଉଭୟ ଉପଲବ୍ଧି କଲେ ଯେ ସାବାଳକ ହେବାକୁ ହେଲେ ସେମାନଙ୍କୁ ପରସ୍ପର ମଧ୍ୟରେ ଏ ସବୁ ବିଷୟ ଆଲୋଚନା କରିବାକୁ

Digitized by srujanika@gmail.com

ପଡ଼ିବ । ବିବାହ ପରେ ସେମାନଙ୍କୁ ଏକ ନୂଆ ଜୀବନ ଆରମ୍ଭ କରିବାକୁ ପଡ଼ିବ ଏକଥା ବିବାହ ସମୟରେ ମା' କଳ୍ପନା କରି ନଥିଲେ । ବିବାହ ସମ୍ପର୍କରେ ମୋର ଅବଶ୍ୟ ନିଜର ଅଭିଜ୍ଞତା ନାହିଁ । କିନ୍ତୁ ମା' କହୁଥିଲେ ଯେତେ ଆଦର୍ଶ ବିବାହ ହେଉ ନା କାହିଁକି ଦାମ୍ପତ୍ୟ ଜୀବନରେ ସମସ୍ୟା ରହିବ ହିଁ ରହିବ । ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କୁ ସମସ୍ୟା ଗୁଡ଼ିକର ସମାଧାନ କରିବାକୁ ପଡ଼ିବ । ଏଥିପାଇଁ ପ୍ରକୃତ ବୟସ୍କ ଲୋକଙ୍କ ପରି ସେମାନେ ପରସ୍ପରକୁ ବୁଝିବା ଆବଶ୍ୟକ । ବାପାଙ୍କ ଇର୍ଷା ସମ୍ପର୍କରେ କହିବା ବେଳେ ମା' ପ୍ରକୃତରେ ଏହି କଥା ହିଁ କହିବାକୁ ଚାହୁଁଥିଲେ । ସେମାନେ ପରସ୍ପର ସହିତ ଆଲୋଚନା କରିବା ପରେ ଯାଇ ସମସ୍ୟା ଗୁଡ଼ିକରୁ ସମାଧାନର ସୂତ୍ର ବାହାର କରି ପାରୁଥିଲେ । ପୁରୁଷ ଓ ସ୍ତ୍ରୀ ଯେତେ ସଚେତନ ହୁଅନ୍ତୁନା କାହିଁକି, ଆଲୋଚନା ବିନା ସମସ୍ୟାକୁ ବୁଝିବା ଓ ତାହାର ସମାଧାନ କରିବା ସମ୍ଭବ ନୁହେଁ । ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ହୁଅନ୍ତୁ, ଅନ୍ୟ କେହି ତୃତୀୟ ବ୍ୟକ୍ତି ଏଥିରେ କିଛି ସାହାଯ୍ୟ କରି ପାରିବେ ନାହିଁ ।

ବାପା ଯେତେବେଳେ ବେଶୀ ରାଗିଯାଉଥିଲେ ସେତେବେଳେ ମା' ଚୁପ୍ ହୋଇ ରହିଯାଉଥିଲେ; ମୋଟେ ଜବାବ ଦେଉନଥିଲେ । ପରେ ସ୍ୱାଭାବିକ ଅବସ୍ଥା ଫେରି ଆସିଲେ ସେମାନେ ଘଟଣାଟିର ସମୀକ୍ଷା କରୁଥିଲେ । ଏହିପରି ଭାବରେ ଉଭୟ ସେମାନଙ୍କର ତ୍ରୁଟି ଗୁଡ଼ିକୁ ସୁଧାରି ନେଇ ପାରୁଥିଲେ । ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଯେ ହେଉନଥିଲା ତାହା ନୁହେଁ । ତଥାପି ସେମାନଙ୍କର ଉତ୍ତମ ଦାମ୍ପତ୍ୟ ଜୀବନ ଟିଏ ଥିଲା । ସେମାନେ ପରସ୍ପରକୁ ବୁଝିବାକୁ ଚେଷ୍ଟା କରୁଥିଲେ ଓ ଉଭୟେ ଉଭୟଙ୍କ ମନନେଇ ଚଳୁଥିଲେ । ଭାରତୀୟ ସ୍ତ୍ରୀ ପକ୍ଷରେ ଏକୁଟିଆ ବାହାରକୁ ଯିବା ସହଜ ହୋଇ ନଥିଲେ ମଧ୍ୟ ବାପାଙ୍କ ସହିତ ଭଲ ବୁଝାମଣା ଯୋଗୁ ବିଭିନ୍ନ ସ୍ଥାନକୁ ଯାଇ କାମ କରିବା ପାଇଁ ମୋ ମା'ଙ୍କର ଏତେ ବେଶୀ ସ୍ୱାଧୀନତା ଥିଲା । ମୁଁ ପୂର୍ବରୁ କହିଛି କିପରି ଆମେ ଛୋଟ ଥିବା ବେଳେ କେବଳ ମା' କିମ୍ବା ଭାଇମାନଙ୍କ ମଧ୍ୟରୁ କାହାରି ସହିତ ବାହାରକୁ ଯାଇ ପାରୁଥିଲୁ । ଏବେ ମଧ୍ୟ ସେହି ପ୍ରଥା ରହିଛି । ଜଣେ ବିବାହିତ ମହିଳା ଏକୁଟିଆ ବାହାରକୁ ଯାଏ ନାହିଁ । ଏପରିକି ପଡ଼ୋଶୀ ଘରକୁ ମଧ୍ୟ ଏକୁଟିଆ ଯିବା ମନା । ସ୍ୱାମୀର ଇର୍ଷାପରାୟଣତା ହେତୁ ବୋଧହୁଏ ଏପରି ହୋଇଥାଏ । ସମାଜ ଗ୍ରହଣ ନକରିବା ପାରି କୌଣସି କାମ ଆମେ କରିବାକୁ ଚାହୁଁନା । ଗୋଷ୍ଠୀ ଜୀବନର ଆବଶ୍ୟକତାକୁ ସବୁବେଳେ ଆମକୁ ବିଚାରକୁ ନେବା ପାଇଁ ପଡ଼େ । କି ପ୍ରକାର ଭାବମୂର୍ତ୍ତି ଆମେ ଅନ୍ୟ ମାନଙ୍କ ସମକ୍ଷରେ ରଖୁଛୁ, ଏହା ଆମ ପାଇଁ ବଡ଼ କଥା । ଏଥିରୁ ହିଁ ଆମ ଜୀବନ ଧାରାର ଉଦ୍ଭବ ହୋଇଛି । ମୋ ମା' ଆମ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କର ବାହାରକୁ ଯିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଥିଲା । ଆମ ଗାଁରେ ଏକ ଅପେକ୍ଷାକୃତ ଦୃଢ଼ ଗୋଷ୍ଠୀ ଜୀବନ ଥିଲା । ବେଳେବେଳେ ସ୍ତ୍ରୀ ଲୋକମାନେ ଜିନିଷପତ୍ର କିଣିବା ପାଇଁ ଦଳବଦ୍ଧ ହୋଇ ବଜାର ବା ସହରକୁ ଯାଉଥିଲେ । ପଡ଼ୋଶୀମାନଙ୍କ ସହିତ

Digitized by srujanika@gmail.com

ଗପ ସପ ହୋଇ ଏକାଠି ବଡ଼ ଦଳରେ ଆମେ ଗାଁରୁ ସହରକୁ ଯିବା କଥା ମୋର ମନେ ଅଛି । ବେଳେବେଳେ ପୁରୁଷ ଓ ଛୋଟ ପିଲାମାନେ ମଧ୍ଯ ଆମ ସହିତ ଯାଉଥିଲେ । ଆମେ ଛୋଟ ଦଳରେ ବିଭକ୍ତ ହୋଇ ସଉଦା କରୁଥିଲୁ ଓ ପୁଣି ଏକାଠି ଗାଁକୁ ଫେରୁଥିଲୁ ।

ପିଲା ଓ ବୋହୂମାନଙ୍କୁ ସମ୍ଭାଳିବା ପାଇଁ ମା'ଙ୍କ ନିକଟରେ ପ୍ରଚୁର ଧୈର୍ଯ୍ୟ ଥିଲା । ଆମେ ସମସ୍ତେ ଗୋଟିଏ ବଡ଼ ପରିବାରରେ ଏକାଠି ରହୁଥିବାରୁ ସବୁବେଳେ କିଛି ନା କିଛି ସମସ୍ୟା ଲାଗି ରହିଥାଏ । ମୋ ଜେଜେ ବାପା, ଜେଜେ ମା', ଆମ ଘରର ସବୁ ପିଲା, ମୋ ଭାଉଜ ଓ ତାଙ୍କର ତିନୋଟି ପିଲା, ସମସ୍ତେ ଆମ ସହିତ ରହୁଥାନ୍ତି । ସେଥିପାଇଁ ଘରେ ସବୁବେଳେ କାମ ଲାଗି ରହିଥାଏ । ଘରର ଯତ୍ନ ନେବା, ଖାଦ୍ୟ ତିଆରି କରିବା ଓ ବାସନ କୁସନ ସଫା ରଖିବା, ଏମିତି କେତେ ସବୁ କାମ ଆମକୁ କରିବାକୁ ପଡ଼େ । ଆମେ କାମ କରିବା ପାଇଁ ବାହାରକୁ ଗଲେ ମୋ ଭାଉଜଙ୍କୁ ଘର କାମ ସବୁ କରିବାକୁ ପଡୁଥିଲା । ବେଳେବେଳେ ସେ ମଧ୍ଯ ଆମ ସହିତ କାମ କରିବାକୁ ଯାଉଥିଲେ । ଯେତେବେଳେ ସମସ୍ତେ କାମ କରିବାକୁ ଯାଉ ଆମକୁ ସବୁଠାରୁ ବେଶୀ ଭଲ ଲାଗେ । ବିନ୍ କିମ୍ବା ମକା ତୋଳିବା ଠାରୁ ଆନନ୍ଦ ଦାୟକ ଆଉ କିଛି ନଥିଲା । ବେଳେବେଳେ ଆଗ ବିନ୍ ତୋଳା ଯାଏ । ଆଉ ବେଳେବେଳେ ମକାର ପାଳି ପ୍ରଥମେ ପଡ଼େ । ମୋ ଭାଇ ଭଉଣୀଙ୍କ ସହିତ ମୋର ସବୁବେଳେ ଭଲ ପଡୁଥିଲା । କିନ୍ତୁ ସମୟ କ୍ରମେ ସେମାନଙ୍କ ମଧ୍ଯରୁ କେତେ ଜଣଙ୍କର ବିବାହ ହେଲା । ଏହା ଫଳରେ ମା' ଙ୍କୁ ବଡ଼ ସମସ୍ୟାର ମଧ୍ଯ ସମ୍ମୁଖୀନ ହେବାକୁ ପଡ଼ିଲା । ପ୍ରଥମତଃ ତାଙ୍କର ବୋହୂମାନେ ଆମ ପରି କାମ କରିବାରେ ଅଭ୍ୟସ୍ତ ନଥିଲେ । ଦ୍ୱିତୀୟତଃ, ସେମାନେ ମଧ୍ଯ ବଡ଼ ପରିବାରରୁ ଆସିଥିବାରୁ ସେମାନଙ୍କ ସ୍ୱାମୀ ମାନଙ୍କ ସହିତ ଅଲଗା ରହିବାକୁ ଚାହୁଁ ନଥିଲେ । ଆମ ସମାଜରେ ବୋହୂକୁ ଶାଶୁ ଶ୍ୱଶୁରଙ୍କ ସହିତ ରହିବାକୁ ପଡ଼େ । ମୋ ଭଉଣୀ ଭାରି ବଦ୍‌ରାଗୀ ଥିଲା । କୌଣସି କାମକୁ ଅଧାପନ୍ତରିଆ ଭାବରେ କରାଗଲେ ସେ ଚିଡ଼ି ଯାଉଥିଲା । ସେ ଚାହୁଁଥିଲା ସବୁ କାମ ଶୀଘ୍ର ଓ ଭଲ ଭାବରେ ହେଉ । ତେଣୁ ସେ କେତେବେଳେ ହେଲେ ସ୍ଥିର ହୋଇ ବସି ପାରେ ନାହିଁ ଓ ସବୁବେଳେ କିଛି ନା କିଛି କାମରେ ଲାଗିଥାଏ । ମୋ ଭାଉଜ ମାନଙ୍କ ପକ୍ଷରେ ସେ ପ୍ରକାର କାର୍ଯ୍ୟସୂଚୀ ସହିତ ଖାପ ଖୁଆଇ ଚଳିବା କଷ୍ଟକର ଥିଲା । ସେମାନେ ଆମ ଘରେ ଚଳି ପାରିବେ ନାହିଁ ବୋଲି ଆମେ ସେମାନଙ୍କ ପାଇଁ ଅନ୍ୟଘର ଖୋଜିବୁ । ମା'ବି କରନ୍ତେ କ'ଣ ! ନିଜ ପିଲା ଓ ବୋହୂ, ଉଭୟଙ୍କ ପାଇଁ ତାଙ୍କୁ ସମାନ ସ୍ନେହ ଦେବାକୁ ପଡ଼ିବ । ଭାଇମାନଙ୍କ ଘରକୁ ଯାଇ ସେମାନଙ୍କୁ ଛୋଟ ପିଲାପରି ବ୍ୟବହାର କରିବା ଦେଖିଲେ ଆମର ବେଳେବେଳେ ଈର୍ଷା ହେଉଥିଲା । ଘରକୁ ଫେରିଲେ ଆମେ ଅଭିମାନ କରୁଥିଲୁ । ଭାଇମାନଙ୍କ ସହିତ ଆମର କଳହର ମୂଳରେ ଥିଲେ ଭାଉଜମାନେ । କିନ୍ତୁ ମା' ସମସ୍ତଙ୍କୁ ସମାନ ଭାବରେ ତାଙ୍କ ସ୍ନେହ ଦେଉଥାଆନ୍ତି । ସେ କହନ୍ତି, ତାଙ୍କୁ ସମସ୍ତଙ୍କୁ ସମାନ ଭାବରେ ଆଦର କରିବାକୁ ପଡ଼ିବ;

Digitized by srujanika@gmail.com

କିମ୍ବା ସମସ୍ତଙ୍କୁ ହତାଦାର କରିବାକୁ ପଡ଼ିବ । ମୋ ମା' ରାଜନୀତି ବିଷୟରେ ନିଜ ମତାମତ ଦେଇପାରୁନଥିଲେ ସତ; କିନ୍ତୁ ତାଙ୍କ କାମ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଆମେ ସମାଜ ପାଇଁ ଉପଯୋଗୀ ହେବା ଉପରେ ସେ ଜୋର ଦେଉଥିଲେ । ଖୁବ୍ ଛୋଟ ବୟସରୁ ଆମେ ରାଜନୀତି ବିଷୟରେ ଅନେକ ଛୋଟ ଛୋଟ କଥା ତାଙ୍କଠାରୁ ଶିଖିଥିଲୁ । ମୋ ପୂର୍ବରୁ ସେ ସଂଗ୍ରାମରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନେଇ ସାରିଥିଲେ । ସେତେବେଳେ ଆମର ପରିସ୍ଥିତି ଓ ସଂଗ୍ରାମ ସମ୍ପର୍କରେ ମୁଁ କିଛି ଜାଣି ନଥିଲି । କିନ୍ତୁ ସେତେବେଳକୁ ମା' ଙ୍କର ଏକ ରାଜନୈତିକ ଦୃଷ୍ଟିଭଙ୍ଗୀ ଗଠନ ହୋଇ ସାରିଥାଏ ଏବଂ କୌଣସି ନିର୍ଦ୍ଦିଷ୍ଟ ସଂଗଠନର ସଭ୍ୟ ନହେଲେ ମଧ୍ୟ ସେ ବିଭିନ୍ନ ସଂଗଠନରେ କାମ କରୁଥାନ୍ତି । କୃଷକ ସଂଗଠନରୁ ତାଙ୍କ ନିକଟକୁ ସମ୍ବାଦ ଆସିଥିଲା । କିନ୍ତୁ ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ କାମ କରୁଥିବା ଗରିଲା ମାନଙ୍କ ବିଷୟରେ ଜାଣିବା ପରେ ସେ ସେମାନଙ୍କୁ ନିଜ ସନ୍ତାନ ପରି ଭଲ ପାଇବାକୁ ଆରମ୍ଭ କଲେ । ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ଅଞ୍ଚଳକୁ ଗସ୍ତ ସମୟରେ ସେ ଗରିଲାମାନଙ୍କ ସମ୍ପର୍କରେ ଆସିଥିଲେ । ସେ ଯେତେବେଳେ ଯେଉଁ ସଂଗଠନ ପାଇଁ କାମ କରୁଥିଲେ ସେତେବେଳେ ତାହାରି ହିଁ ପ୍ରତିନିଧିତ୍ୱ କରୁଥିଲେ । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ସଂଗଠନରେ ବାନ୍ଧି ହୋଇ ରହିବାକୁ ସେ ପସନ୍ଦ କରୁ ନଥିଲେ । ଲୋକମାନଙ୍କ ପାଇଁ କିଛି କାମ କରିବା ଉପରେ ସେ ଜୋର୍ ଦେଉଥିଲେ । ବାସ୍ତବତାକୁ ଭଲ ଭାବରେ ନବୁଝି ଓ କିଛି କାମ ନକରି ସଂସାରରୁ ବିଦାୟ ନେବା ଦୁଃଖ ଦାୟକ ହେବ ବୋଲି ସେ ମନେ କରୁଥିଲେ । ପ୍ରଥମେ କୃଷକ ସଂଗଠନରେ ମୋତେ ଯେଉଁ କାମ ଦିଆଯାଉ ଥିଲା ମୁଁ କରୁଥିଲି । ମୁଁ ନିଜେ ଜଣେ ସଂଗଠକ ନଥିଲି । ମା' ମୋତେ ସଂଗଠନର ଗୁରୁତ୍ୱ ବୁଝାଇ କହିଲେ: 'ଆମକୁ ସଂଗଠନ ଉପରେ ଜୋର୍ ଦେବାକୁ ପଡ଼ିବ, ମୁଁ ତୋ ମା' ବୋଲି ଏହା କହୁ ନାହିଁ । ତୁ ଯାହା ଜାଣିଛୁ ତାକୁ କାର୍ଯ୍ୟରେ ପରିଣତ କରିବା ତୋର କର୍ତ୍ତବ୍ୟ । ଆହା, ବିଚରା ଝିଅଟି କିଛି ଜାଣେ ନାହିଁ - ଏହା କହିବାର ସମୟ ଚାଲି ଯାଇଛି ।' ପୁରୁଷ ଓ ମହିଳାମାନଙ୍କ ସଂଗ୍ରାମ ଅଲଗା ବୋଲି ସେ ଭାବୁ ନଥିଲେ । ମୁଁ ନିଜକୁ ନାରୀ ବୋଲି ନ ଭାବେ ଏହା ସେ ଚାହୁଁନଥିଲେ । କିନ୍ତୁ ଭାଇମାନଙ୍କ ସହିତ ସଂଗ୍ରାମରେ ସମାନ ଭାବରେ ଅଂଶ ଗ୍ରହଣ କରିବା ମଧ୍ୟ ତାଙ୍କ ନିର୍ଦ୍ଦେଶ ଥିଲା । କେବଳ ସଂଖ୍ୟା ବଢାଇବା ପାଇଁ ନୁହେଁ, ବରଂ ଗୁରୁତ୍ୱପୂର୍ଣ୍ଣ କାମ କରିବା, ନାରୀ ଭାବରେ ନିଜ ସ୍ଥିତିର ଅନୁଶୀଳନ କରି ନିଜ ଅଂଶ ଦାବି କରିବା - ଏହା ଥିଲା ମା' ଙ୍କର ମୋ ପାଇଁ ପରାମର୍ଶ । ଶିଶୁଟିଏ ମାଗିଲେ ହିଁ ଖାଇବାକୁ ପାଏ । ଯେଉଁ ପିଲା ପାଟି ନକରେ ତାକୁ ଖାଇବାକୁ ମିଳେ ନାହିଁ; ଏହି ଉଦାହରଣ ମା' ଦେଉଥିଲେ । ମା'ଙ୍କର ପ୍ରେରଣାରେ ମୁଁ ଆମ ସଂଗ୍ରାମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବାକୁ ଲାଗିଲି ।

Digitized by srujanika@gmail.com

ମୋ ମା' ଥିଲେ ଖୁବ୍ ସାହସୀ । ରବିବାର ସକାଳ ତିନିଟାରେ ନିଜ ଘୋଡ଼ାଟି ସହିତ ସେ ସହରକୁ ବାହାରି ପଡୁଥିଲେ । ମୋର ଦୁଃଖ ହୁଏ ମୁଁ ମା' ଙ୍କ ଠାରୁ ଆହୁରି ବେଶୀ କଥା ଶିଖି ପାରିଲି ନାହିଁ । ମୋ ମା' ଔଷଧ ଓ ପ୍ରକୃତି ବିଷୟରେ ଯେତେ କଥା ଜାଣିଥିଲେ, ସେତେ ଜ୍ଞାନ ମୋର ନାହିଁ । ସାଧାରଣ ଭାବରେ କେତୋଟି କଥା ଜାଣିଥିଲେ ମଧ ତାଙ୍କପରି ପ୍ରଗାଢ଼ ଜ୍ଞାନ ମୁଁ ହାସଲ କରିପାରି ନାହିଁ ।

ଅତୀତରେ ଆମ ପୂର୍ବପୁରୁଷମାନଙ୍କର ନାରୀ ସମ୍ପର୍କରେ ଯାହା ଧାରଣା ଥିଲା ମୋ ମା' ଙ୍କର ମଧ ସେହି ଧାରଣା ଥିଲା । ସେମାନଙ୍କର କଠୋର ଶୃଙ୍ଖଳା ବୋଧ ଥିଲା । ନାରୀ ତାର ନାରୀସୁଲଭ କାମ ଶିଖି ସଂସାରରେ ବଞ୍ଚୁ ଓ ସମସ୍ୟାର ସମ୍ମୁଖୀନ ହେଉ - ଏହା ସେମାନେ ବିଶ୍ୱାସ କରୁଥିଲେ । ମୋ ମା' ଙ୍କର ପରାମର୍ଶର ସତ୍ୟତା ମୁଁ ସବୁବେଳେ ଉପଲବ୍ଧି କରିଛି । ମୋ ବାପାଙ୍କ ହୃଦୟ ଭାରି କୋମଳ ଥିଲା ଏବଂ ସେ ସବୁବେଳେ ମୋତେ ସମର୍ଥନ କରୁଥିଲେ । କିନ୍ତୁ ମା' ହିଁ ପରିବାରର ସବୁ ବଡ଼ ସମସ୍ୟାର ମୁକାବିଲା କରୁଥିଲେ । ତା' ପୁଅର ମୃତ୍ୟୁକୁ ନିଜ ଆଖିରେ ଦେଖି ତାକୁ ରକ୍ଷା କରିବା ପାଇଁ ସବୁ କିଛି କରିବାର ସାମର୍ଥ୍ୟ ତାଙ୍କର ଥିଲା । କିନ୍ତୁ ମୋ ସାନ ଭାଇ ଗୁରୁତର ଭାବରେ ଅସୁସ୍ଥ ହୋଇ ପଡ଼ିଥିବାର ଦେଖି ମଧ ବାପାଙ୍କର କିଛି ପ୍ରତିକ୍ରିୟା ହେଉ ନଥିଲା । ସେ ମଦ୍ୟପାନ କରି ସବୁ କିଛି ଭୁଲି ଯିବାକୁ ଚାହୁଁଥିଲେ । ମୋ ସାନ ଭାଇର ଜୀବନ ରକ୍ଷା କରିବା ପରି କିଛି କାମ କରିବାକୁ ଥିଲେ ମୋ ମା' ମଦ ପିଇବା କଥା କଳ୍ପନା ମଧ କରି ପାରୁ ନଥିଲେ । ମୋ ବାପାଙ୍କର ଅନେକ ଭଲ ଗୁଣ ଥିଲା । ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ପାରୁଥିଲେ; କିନ୍ତୁ କେତେକ ବିଷୟର ସାମନା କରି ପାରୁ ନଥିଲେ । ମୋ ମା' ମଧ ଅନେକ ପରିସ୍ଥିତି ସମ୍ଭାଳି ପାରୁଥିଲେ; କିନ୍ତୁ କିଛି କଥା ତାଙ୍କ ଦ୍ୱାରା ହେଉନଥିଲା । ତେଣୁ ବାପା ଓ ମା' ଉଭୟଙ୍କୁ ମୁଁ ଏକାପରି ଭଲ ପାଏ । କିନ୍ତୁ ବାପାଙ୍କ ସହିତ ମୁଁ ବେଶୀ ସମୟ କଟାଇଛି । ମୋ ମା'ଙ୍କ ଠାରୁ କେତେ ଲୋକ କେତେ କଥା ଶିଖିଛନ୍ତି । କିନ୍ତୁ ମୁଁ ତାଙ୍କଠାରୁ ଯେତେ କଥା ଶିଖିବା କଥା, ତାହା ଶିଖିପାରିନାହିଁ । □

Digitized by srujanika@gmail.com

୩୧
ନାରୀ ଓ ରାଜନୈତିକ ପ୍ରତିବଦ୍ଧତା; ରିଗୋବେର୍ଟାଙ୍କର ବିବାହ ଓ ମାତୃତ୍ୱ ପରିହାର

'ଆମେ ପ୍ରତିରୋଧ କରୁଥିବାରୁ ନିଜର ପରିଚୟକୁ ଲୁଚେଇ ରଖୁଛୁ ।'
ରିଗୋବେର୍ଟା ମେଞ୍ଚୁ

ମୁଁ ଏପର୍ଯ୍ୟନ୍ତ ବିଷୟଟିର ଅବତାରଣା କରିନାହିଁ । ଗୁଆଟେମାଲାରେ ନାରୀର ସ୍ଥାନ - ଏହା ଏକ ଖୁବ୍ ଦୀର୍ଘ ବିଷୟ । କର୍ମଜୀବୀ ମହିଳା, କୃଷକ ମହିଳା, ଗରିବ ଲାଡ଼ିନୋ ମହିଳା, ବୁର୍ଜୁଆ ମହିଳା ଓ ମଧ୍ୟବିତ୍ତ ଶ୍ରେଣୀର ମହିଳା - ସେମାନଙ୍କର ଏହିପରି ଶ୍ରେଣୀ ବିଭାଗ କରାଯାଇପାରିବ । ଗୁଆଟେମାଲାର ମହିଳା, ବିଶେଷ ଭାବରେ ଭାରତୀୟ ମହିଳାର ଏକ ପ୍ରକାର ବିଶେଷତ୍ୱ ରହିଛି । ବିଶେଷତ୍ୱଟି ହେଉଛି ତା'ର ପୃଥିବୀ ସହିତ ସମ୍ପର୍କକୁ - ଧରିତ୍ରୀ ଓ ମା' ମଧ୍ୟରେ ସମ୍ପର୍କ ସହିତ ତୁଳନା କରାଯାଇ ପାରିବ । ଧରିତ୍ରୀ ଖାଦ୍ୟ ଦିଏ, ନାରୀ ଜୀବନ ଦିଏ । ଏହି ନିକଟ ସମ୍ପର୍କ ଯୋଗୁଁ ଜଣେ ସ୍ତ୍ରୀ ଲୋକକୁ ଧରିତ୍ରୀ ପାଇଁ ତା'ର ସମ୍ମାନକୁ ନିଜର ଏକ ଗୋପନୀୟ କଥା ଭାବରେ ଲୁଚାଇ ରଖିବାକୁ ପଡ଼େ । ମା' ଓ ପୃଥିବୀ ମଧ୍ୟରେ ସମ୍ପର୍କ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ସମ୍ପର୍କ ପରି । ପୃଥିବୀ ଓ ନାରୀ ମଧ୍ୟରେ ଅହରହ ସଂଳାପ ଚାଲିଥାଏ । ନାରୀକୁ ଯେଉଁ ଦାୟିତ୍ୱ ନେବାକୁ ପଡ଼େ, ତାହାରି ପାଇଁ ଏପରି ଭାବନାର ସୃଷ୍ଟି ହୋଇଛି । ପୁରୁଷକୁ ସେପରି ଦାୟିତ୍ୱ ନେବାକୁ ପଡ଼େ ନାହିଁ ।

ଏହିପରି ଭାବରେ ସଂଗଠନରେ ମୋର ନିର୍ଦ୍ଦିଷ୍ଟ ଦାୟିତ୍ୱକୁ ମୁଁ ବିଶ୍ଳେଷଣ କରିଛି । ଅନେକ ବିପ୍ଳବୀ ସାଥୀ ସେମାନଙ୍କର ମତାମତ, ମହିଳାମାନଙ୍କ ମତାମତ ଠାରୁ ଉଚ୍ଚକୋଟୀର ବୋଲି ମନେକରି ଥାଆନ୍ତି । ଆମେ ଏହି ସାଥୀମାନଙ୍କୁ ଛୋଟ କରି ଦେଖି ପାରିବା ନାହିଁ । କିନ୍ତୁ ମନଇଚ୍ଛା କାମ କରିବା ପାଇଁ ମଧ୍ୟ ଆମେ ସେମାନଙ୍କୁ ଛାଡ଼ି ଦେଇପାରିବୁ ନାହିଁ । ମୋର ଗୋଟିଏ ଦାୟିତ୍ୱ ଅଛି । ସେମାନଙ୍କୁ ମୋ ଜିମାରେ ଦିଆଯାଇଛି । ତେଣୁ ମୋର ଦୋଷ ଗୁଣ ସତ୍ତ୍ୱେ ସେମାନଙ୍କୁ ମୋତେ ଗ୍ରହଣ କରିବାକୁ ପଡ଼ିବ । ଅନେକ ସମୟରେ ଏଇ ସାଥୀମାନଙ୍କୁ କିଛି କାମ କରିବାକୁ ଦେବା ବେଳେ ମୁଁ

Digitized by srujanika@gmail.com

ସମସ୍ୟାର ସମ୍ମୁଖୀନ ହୋଇଛି । କିନ୍ତୁ ସେମାନଙ୍କ ସମ୍ମାନ ଭାଜନ ହେବାପରି ଦିଗ୍ ଦର୍ଶନ ଦେଇ ପାରିବି, ଏ ବିଶ୍ୱାସ ମୋର ଥିଲା । ଏହା ସତ୍ତ୍ୱେ ସାଥୀମାନଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟିବା ଏବଂ ସେମାନଙ୍କ ତ୍ରୁଟିକୁ ଦର୍ଶାଇ ଦେବା ଏକ କଷ୍ଟକର କାମ ବୋଲି ମୁଁ ମନେ କରେ । ଏହାର ଅର୍ଥ ନୁହେଁ ପୁରୁଷ ଲୋକମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା । ଏଥିରୁ କିଛି ସନ୍ତୋଷ ମଧ୍ୟ ମିଳେ ନାହିଁ । ଏହା ହେଉଛି ଏକ ନୀତିଗତ ପ୍ରଶ୍ନ । ଅନ୍ୟ ଯେକୌଣସି ସାଥୀ ପରି ମୋତେ ମଧ୍ୟ ଗୋଟିଏ ଦାୟିତ୍ୱ ଦିଆଯାଇଛି । କିନ୍ତୁ କେତେକ ସାଥୀ ଥିଲେ ଯେଉଁମାନେ ସ୍ତ୍ରୀ ଲୋକଟିଏ ଉପର ଠାଉରିଆ ଭାବରେ ନୁହେଁ, ମୌଳିକ ଦୃଷ୍ଟିରୁ ସଂଗ୍ରାମରେ ଯୋଗ ଦେଇପାରିବ - ଏହା ଗ୍ରହଣ କରି ପାରୁନଥିଲେ । ସ୍ତ୍ରୀ ଲୋକମାନଙ୍କୁ ସଂଗ୍ରାମରେ ଯୋଗଦେବାରେ ପ୍ରତିବନ୍ଧକ ସୃଷ୍ଟି କରିବାରୁ ମୋତେ କେତେଜଣ ସାଥୀଙ୍କୁ ଦଣ୍ଡ ମଧ୍ୟ ଦେବାକୁ ପଡ଼ିଥିଲା । ସ୍ତ୍ରୀ ଲୋକମାନେ କେତେକ ସୀମା ମଧ୍ୟରେ କାର୍ଯ୍ୟ କରନ୍ତୁ - ଏଥିରେ ସେମାନଙ୍କର ସମ୍ମତି ଥିଲା । ଏହି ସାଥୀମାନଙ୍କୁ ବୁଝାଇବା ପାଇଁ ସେମାନଙ୍କ ସହିତ ଗମ୍ଭୀରତାର ସହିତ ଆଲୋଚନା କରିବା ଦରକାର ବୋଲି ମୁଁ ଭାବୁଥିଲି ।

ମୋ ମା' ଙ୍କର ନାରୀର ସ୍ଥିତି ସମ୍ପର୍କରେ ବିଭିନ୍ନ ଧାରଣା ଓ ସିଦ୍ଧାନ୍ତ ଗୁଡ଼ିକ ସମ୍ପର୍କରେ ଜ୍ଞାନ ନଥିଲେ ମଧ୍ୟ ସେ କାର୍ଯ୍ୟତଃ ଏଗୁଡ଼ିକୁ ଜାଣିଥିଲେ । ମୁଁ ମା'ଙ୍କ ଠାରୁ ଅନେକ କିଛି ଶିଖିଛି । କିନ୍ତୁ ଅନ୍ୟ ମାନଙ୍କ ଠାରୁ, ବିଶେଷ ଭାବରେ ଅନ୍ୟ ଦେଶର ଲୋକ ମାନଙ୍କ ଠାରୁ ମଧ୍ୟ ଅନେକ କଥା ଶିଖିଛି । ଆମେ ମହିଳା ମାନଙ୍କ ସଂଗଠନ ସମ୍ପର୍କରେ ଆଲୋଚନା କରି ଏହି ସିଦ୍ଧାନ୍ତରେ ପହଞ୍ଚିଲୁ ଯେ ଅନେକ ମହିଳା ଅନ୍ୟ ମାନଙ୍କର ସମସ୍ୟାକୁ ନିଜ ଉପରକୁ ନେଇଯାଇ ନିଜ ସମସ୍ୟାକୁ ଗୌଣ ଭାବରେ ବିଚାର କରନ୍ତି । ଏଥିରେ ଆମର ହିତ ହୁଏ ନାହିଁ । ଆମେ ଆମ ସମସ୍ୟାକୁ ନିଜେ ସମାଧାନ କରିବାକୁ ପଡ଼ିବ । ଆଉ କେହି ଆସି ତାହାକୁ ସମାଧାନ କରିଦେବ, ଏହା ଆଶା କରିବା ବୃଥା ।

ଯେଉଁ ଭାରତୀୟ ମହିଳାମାନଙ୍କର ସ୍ୱଚ୍ଛ ରାଜନୈତିକ ଦୂରଦୃଷ୍ଟି ଅଛି ଏବଂ ଯେଉଁମାନେ ସଂଗଠନର ନେତୃତ୍ୱ ନିଅନ୍ତି ସେମାନେ ଏହି କଥାକୁ ଉପଲବ୍ଧି କରୁଛନ୍ତି । ଆମେ ପରିବର୍ତ୍ତନ, ବିପ୍ଳବ, କ୍ଷମତା ଅଧିକାର ଏ ସବୁକୁ ଦେଖୁଛୁ, କିନ୍ତୁ ସମାଜର ମୂଳ ଭୂତ ପରିବର୍ତ୍ତନ ଆଉ ଏକ କଥା । ଗୋଟିଏ ସମୟରେ ଆମେ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଂଗଠନ ଗଢ଼ିବା ବିଷୟ ଭାବୁଥିଲୁ । କିନ୍ତୁ ପରେ ଉପଲବ୍ଧି କଲୁ, ପ୍ରକୃତ ପକ୍ଷରେ ସ୍ତ୍ରୀ ଲୋକମାନେ କାମ କରନ୍ତି ଓ ତାହା ସହିତ ଶୋଷଣର ମଧ୍ୟ ଶିକାର ହୁଅନ୍ତି । ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସଂଗଠନର ଆବଶ୍ୟକତା ନାହିଁ । ସ୍ତ୍ରୀ ଲୋକମାନେ କଫି ଓ କପା କ୍ଷେତରେ କାମ କରନ୍ତି । ଏହା ବ୍ୟତୀତ ସେମାନଙ୍କ ମଧ୍ୟରୁ ଅନେକ ଅସ୍ତ୍ର ଧାରଣ କରିଛନ୍ତି । ଏପରିକି ବୟସ୍କ ସ୍ତ୍ରୀ ଲୋକମାନେ ମଧ୍ୟ ରାତି ଦିନ ଲଢ଼େଇ କରୁଛନ୍ତି । ଏପରି ସମୟରେ ସ୍ତ୍ରୀ

Digitized by srujanika@gmail.com

ଲୋକମାନେ ବିପ୍ଳବ କରିବେ, କାମରେ ଯୋଗ ଦେବେ ବା ମହିଳାମାନଙ୍କ ସମସ୍ୟା ଅନୁଧ୍ୟାନ କରିବେ - ଏଥିପାଇଁ ଆମେ ଏକ ସଂଗଠନ କରୁଛୁ, ଏହା କହିବା ଉଚିତ ହେବ ନାହିଁ । ଭବିଷ୍ୟତରେ ହୁଏତ ଗୁଆଟେମାଲାରେ ଗୋଟିଏ ନାରୀ ସଂଗଠନର ଆବଶ୍ୟକତା ଅନୁଭବ କରାଯାଇ ପାରେ । ଏବେ ଏପରି ସଂଗଠନ କରିବାର ଅର୍ଥ ହେବ ସ୍ତ୍ରୀ ଲୋକମାନଙ୍କ କାମକୁ ପୁରୁଷ ମାନଙ୍କ କାମଠାରୁ ପୃଥକ କରିବା ଏବଂ ପୁରୁଷମାନଙ୍କ ପୁରୁଷ ପଣିଆକୁ ସ୍ୱୀକୃତି ଦେବା । ଆମେ ଉପଲବ୍ଧି କରିଛୁ ମହିଳା ମାନଙ୍କ ସମସ୍ୟା ଆଲୋଚନା କରିବା ବେଳେ ପୁରୁଷମାନେ ମଧ୍ୟ ଉପସ୍ଥିତ ରହିବା ଦରକାର । ଏହା ଫଳରେ ସେମାନେ ନିଜ ମତାମତ ଦେଇ ପାରିବେ । ଏହା ତାଙ୍କ ପାଇଁ ଏକ ଶିକ୍ଷା ମଧ୍ୟ ହେବ । ସେମାନେ ନ ଶିଖିଲେ ଉନ୍ନତି କରି ପାରିବେ ନାହିଁ । ଆମ ସଂଗ୍ରାମରୁ ଆମେ ଶିଖିଛୁ । ଅନେକ ସାଥୀଙ୍କର ଧାରଣାରେ ସ୍ୱଚ୍ଛତା ରହିଛି । କିନ୍ତୁ ମହିଳାମାନଙ୍କ ସହିତ ତାଳ ଦେଇ ନଚାଲିଲେ ସେମାନେ ପଛରେ ପଡ଼ିଯିବେ। ପୁରୁଷ ମାନେ ଶିଖିବାକୁ ନଚାହିଁଲେ କେବଳ ସ୍ତ୍ରୀ ଲୋକମାନଙ୍କୁ ଶିକ୍ଷା ଦେଇ କିଛି ଲାଭ ନାହିଁ । ମହିଳା ସଂଗଠନଟିଏ ଗଢାଯାଇ ଆମ ବ୍ୟବସ୍ଥା ହାତରେ ଆଉ ଏକ ହତିଆର ହୋଇଯାଉ ଏହା ଆମେ ଚାହୁଁନା । ଲଢେଇରେ ଆମର ସମାନ ଅଂଶ ରହିବ । ପୁରୁଷ ସାଥୀଟିଏ ନାରୀ ସମ୍ପର୍କରେ ଯେପରି ସମତୁଲ ମତାମତ ଦେବ, ପୁରୁଷ ସମ୍ପର୍କରେ ସ୍ତ୍ରୀ ଲୋକର ମନୋବୃତ୍ତି ଠିକ୍ ସେହିପରି ହେବ । ସେମାନେ ଉଭୟ ସମସ୍ୟାକୁ ଏକାଠି ମିଶି ବୁଝିବାକୁ ଚେଷ୍ଟା କରିବେ ।

ମୁଁ ବିବାହ କରି ନାହିଁ । କିନ୍ତୁ ମିଶ୍ରିତ ଦଳରେ ପୁରୁଷ ଓ ନାରୀର ସମସ୍ୟା ଆଲୋଚନା ହେବା ସମୟରେ ମୁଁ ସେଥିରେ ଅଂଶ ଗ୍ରହଣ କରିଛି । ଏହା ଦ୍ୱାରା ପୁରୁଷପଣିଆ ଯେ ସମ୍ପୂର୍ଣ୍ଣ ଭାବରେ ବିଲୋପ ପାଇବ ତାହା ନୁହେଁ । ତଥାପି ଏହାହିଁ ଠିକ୍ ରାସ୍ତା ବୋଲି ଆମେ ଭାବୁ । ସବୁ ଦେଶରେ , ଏପରିକି ସମାଜବାଦୀ ରାଷ୍ଟ୍ରମାନଙ୍କରେ ମଧ୍ୟ ପୁରୁଷମାନଙ୍କର ଅହଂକାର ଦେଖିବାକୁ ମିଳେ । ଏହି ରୋଗ ସମଗ୍ର ବିଶ୍ୱକୁ ଗ୍ରାସ କରିଛି । ଏହା ଏକ ସାମାଜିକ ବ୍ୟାଧି । କିଛି ପରିମାଣରେ ଆମେ ହୁଏତ ଏହି ବ୍ୟାଧିର ନିରାକରଣ କରି ପାରିବୁ । କିନ୍ତୁ ସମସ୍ୟାଟିର ମୂଳୋତ୍ପାଟନ ସମ୍ଭବ ନୁହେଁ ।

ଗୁଆଟେମାଲାର ବୁଦ୍ଧିଜୀବୀ ଓ ନିରକ୍ଷରମାନଙ୍କ ସମ୍ପର୍କରେ ଆଉ ଏକ କଥା ଆମେ ଆବିଷ୍କାର କରିଛୁ । ବୁଦ୍ଧିଜୀବୀମାନେ ଯେପରି ସୂକ୍ଷ୍ମ ଭାବରେ ସଂଯୋଗ କରିପାରିବେ ଆମ ସମସ୍ତଙ୍କର ସେହିପରି ସାମର୍ଥ୍ୟ ନାହିଁ । ତଥାପି ଆମ ମାନଙ୍କ ମଧ୍ୟରୁ ଅନେକଙ୍କର ଅନ୍ୟ ବିଷୟରେ ସାମର୍ଥ୍ୟ ରହିଛି । ପୂର୍ବେ ସମସ୍ତେ ଭାବୁଥିଲେ ନେତୃତ୍ୱ ନେବା ପାଇଁ ପଢା ଲେଖା ଜାଣିଥିବା ଦରକାର । କିଛି ସମୟ ପାଇଁ ଆମ ନେତାମାନେ ମଧ୍ୟ ଏଥିରେ ବିଶ୍ୱାସ କରୁଥିଲେ । ଲଢେଇ କରିବା ଲୋକ ଓ ନେତୃତ୍ୱ ନେବା ଲୋକ ଅଲଗା ବୋଲି ସେମାନେ ମନେକରୁଥିଲେ । ପ୍ରତ୍ୟେକ ଆନ୍ଦୋଳନ ଏହିପରି ପ୍ରକ୍ରିୟା ମଧ୍ୟଦେଇ

Digitized by srujanika@gmail.com

ଯାଇଛି, ଜଣେ ସୁବିଧାବାଦୀ ଆସି ପହଞ୍ଚିଛୁ, ଅନ୍ୟମାନଙ୍କ ଠାରୁ ନିଜର ମୂଲ୍ୟ ଅଧିକ ମନେ କରିଛି ଏବଂ ସେମାନଙ୍କ ବିଶ୍ୱାସର ଅପବ୍ୟବହାର କରିଛି । ଗୋଟିଏ ସମୟରେ ରାଜଧାନୀରୁ ଅନେକ ନେତା ଫିନ୍‌କାରେ ଆମକୁ ଦେଖିବାକୁ ଆସୁଥିଲେ ଏବଂ ଆମେ ପଢି ଜାଣିନଥିବାରୁ ଆମକୁ ପରିହାସ କରୁଥିଲେ । କିନ୍ତୁ କୃଷକମାନେ ଭଲ ଭାବରେ ଜାଣିଥିଲେ ବହି ଦ୍ୱାରା ନୁହେଁ, ବରଂ ଲଢେଇ କରି ବିପ୍ଳବ ସଂଘଟିତ କରିହୁଏ ।

ଆମ ହାତରେ ସବୁ ଥିଲା । ଆମେ ନିଜକୁ ଯଥାଯଥ ଭାବରେ ପ୍ରସ୍ତୁତ କରିବାକୁ ନିଷତ୍ତି ନେଲୁ । ଆମକୁ ଏଥିପାଇଁ ଯଥେଷ୍ଟ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ ବୋଲି ଆମେ ଜାଣିଥିଲୁ । ଆମେ ଆମ ପରିସ୍ଥିତିକୁ ବୁଝିଛୁ; ତେଣୁ ନିଜ ସଂଗ୍ରାମର ଦିଗ ନିର୍ଣ୍ଣୟ କରିବାର ଦାୟିତ୍ୱ ନିଜେ ନେଇଛୁ । ବ୍ୟାବହାରିକ ଅଭିଜ୍ଞତା ଥିବା ଲୋକ ହିଁ ନେତୃତ୍ୱ ଦେଇ ପାରିବ । ଯେତେ ବେଶୀ ଭୋକରେ ରହିଥିବ, ଧାରଣା ଗୁଡ଼ିକ ସେତେ ନିର୍ମଳ ହେବ - ତାହା ନୁହେଁ ; କିନ୍ତୁ ତୁମେ ନିଜେ ଅଙ୍ଗେ ନିଭେଇ ଥିଲେ ଯାଇ ତୁମର ପ୍ରକୃତ ଚେତନା ଆସିବ । ମୋ ସଂଗଠନର ଅଧିକାଂଶ ନେତା ଭାରତୀୟ । କେତେଜଣ ଲାଡ଼ିନୋ ଓ କେତେଜଣ ମହିଳା ମଧ୍ୟ ସେମାନଙ୍କ ମଧ୍ୟରେ ଅଛନ୍ତି । କିନ୍ତୁ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ଭାରତୀୟ ଓ ଲାଡ଼ିନୋ ମଧ୍ୟରେ, ପୁରୁଷ ଓ ସ୍ତ୍ରୀ ମଧ୍ୟରେ, ବୁଦ୍ଧିଜୀବୀ ଓ ଅଣ ବୁଦ୍ଧିଜୀବୀ ମଧ୍ୟରେ ଏବଂ ବିଭିନ୍ନ ଭାଷା ଭାଷୀ ଅଞ୍ଚଳ ମଧ୍ୟରେ ଥିବା ବିଭେଦକୁ ଆମକୁ ଦୂରେଇ ଦେବାକୁ ପଡ଼ିବ ।

ବିବାହ କଲେ ଯେ ଗୋଟିଏ ସୁଖୀ ଓ ସୁନ୍ଦର ପରିବାର ଗଢି ହେବ ଏହି ଆଶା ଆମ ସ୍ତ୍ରୀ ଲୋକମାନଙ୍କର ନଥାଏ । ଏକ କଠିନ ଜୀବନ ତାଙ୍କୁ ନିର୍ବାହ କରିବାକୁ ପଡ଼ିବ ଏହା ସେମାନେ ଜାଣନ୍ତି । ଆମପାଇଁ ବିବାହ ରେ ଆନନ୍ଦ ଯେତିକି ରହିଛି ଦୁଃଖ ମଧ୍ୟ ସେତିକି ରହିଛି । ବିବାହ କଲେ ପିଲାମାନଙ୍କ ଲାଳନ ପାଳନ ଦାୟିତ୍ୱ ନେବାକୁ ପଡ଼େ । ଏହାଛଡ଼ା ସେମାନେ କିପରି ବଞ୍ଚି ରହିବେ ସେଥିପାଇଁ ଅହରହ ଚିନ୍ତା ମଧ୍ୟ କରିବାକୁ ହୁଏ । ଗୁଆଟେମାଲାରେ ପରିବାରର ସବୁ ପିଲା ବଞ୍ଚି ରହିବେ ଏହା ଆଶା କରାଯାଏ ନାହିଁ । ତଥାପି ସାମାଜିକ ପ୍ରଥା ଭାବରେ ବିବାହ ଟିକି ରହିଛି । ବଂଶ ବୁଡ଼ିଯାଉ, ଏହା ଆମ ପୂର୍ବପୁରୁଷମାନେ ଚାହୁଁନଥିଲେ । ସେମାନଙ୍କ ପରି ଆମକୁ ମଧ୍ୟରେ ଥିବା ଆମର ପରମ୍ପରା ଓ ସଂସ୍କୃତିକୁ ଅନୁସରଣ କରିବାକୁ ପଡ଼ିବ ।

ବିବାହ ନ କରିବା ସମ୍ପର୍କରେ ମୋର ଧାରଣା ଗୁଡ଼ିକୁ ମୋର କେତେଜଣ ସାଥୀଙ୍କ ସହିତ ମୁଁ ଆଲୋଚନା କଲି । ମୁଁ କିଛି ଅବାନ୍ତର କଥା କହୁ ନଥିଲି । ଆମ ପରିସ୍ଥିତି ଦୃଷ୍ଟିରୁ ପିଲା ମାନଙ୍କର ଯତ୍ନ ନେବ; କିଏ ତାଙ୍କର ପ୍ରତିପୋଷଣ କରିବ - ଏମିତି ଅନେକ କଥା ସ୍ତ୍ରୀ ଲୋକକୁ ବିବାହ ପୂର୍ବରୁ ଭଲ ଭାବରେ ଚିନ୍ତା କରିବାକୁ ପଡ଼େ । ମୁଁ ପୂର୍ବରୁ କହିଛି, ଆମେ ଦଶ ଏଗାର ଜଣ ପର୍ଯ୍ୟନ୍ତ ଭାଇ ଭଉଣୀଙ୍କ ସହିତ ବଡ଼ ପରିବାରରେ ରହିବାରେ ଅଭ୍ୟସ୍ତ । କିନ୍ତୁ କିଛି ସ୍ତ୍ରୀ ଲୋକ ସେମାନଙ୍କ ଭାଇ ଭଉଣୀ ବିବାହ କରି ଅନ୍ୟତ୍ର ଚାଲି ଗଲେ ଏକୁଟିଆ

Digitized by srujanika@gmail.com

ହୋଇ ଯାଆନ୍ତି । ଏହି ପରିସ୍ଥିତିରେ ବିବାହ ବ୍ୟତୀତ ତାଙ୍କର ଅନ୍ୟ ପନ୍ଥା ନଥାଏ ।

ବଂଶ ରକ୍ଷାକରିବା ଓ ବିବାହକୁ ପ୍ରତ୍ୟାଖ୍ୟାନ କରିବା - ଏପରି ପରସ୍ପର ବିରୋଧୀ ଚିନ୍ତା କେବଳ ମୋ ମନକୁ ହିଁ ଆସୁଛି ବୋଲି ମୁଁ ଭାବୁଥିଲି । କିନ୍ତୁ ଅନ୍ୟ ସ୍ତ୍ରୀ ଲୋକ ମାନଙ୍କ ସହିତ ଆଲୋଚନା କରିବା ପରେ ମୋ ଚିନ୍ତାଧାରା ସହିତ ସେମାନଙ୍କ ଚିନ୍ତାଧାରାର ଅନେକ ସାମଞ୍ଜସ୍ୟ ଥିବା ଦେଖିଲି । ନିର୍ବନ୍ଧ ବା ବିବାହ ବେଳେ ସନ୍ତାନ ମାନଙ୍କ ଦାୟିତ୍ୱ କଥା ଆଗ ମନକୁ ଆସେ । ମୁଁ ଅନେକ ଥର ଭଲ ପାଇ ବସିଛି; କିନ୍ତୁ ସେହି ଭୟ ହେତୁ ବିବାହ କଥା ଚିନ୍ତା କରି ପାରି ନାହିଁ । ଜଣେ ବିପ୍ଳବିନୀର ଜୀବନ ଆରମ୍ଭ କରିବା ପରେ ମୋ ପାଇଁ ସବୁ ପରିଷ୍କାର ହୋଇ ଗଲା । ମୁଁ ଜନତାଙ୍କ ପାଇଁ ଏବଂ ଭୋକିଲା ପିଲାଙ୍କ ପାଇଁ ସଂଗ୍ରାମ କରୁଛି ଏହା ବୁଝି ପାରିଲି । ଜଣେ ବିପ୍ଳବୀ ପାଇଁ ସନ୍ତାନଟିଏ ଛାଡ଼ି ନଯିବା ଏକ ଦୁଃଖ ଦାୟକ ବିଷୟ । କିନ୍ତୁ ସନ୍ତାନ ଜନ୍ମ ହେଲେ ବିପଦ ମଧ ରହିଥିଲା । ସନ୍ତାନର ଦାୟିତ୍ୱ ନଥିଲେ ମୃତ୍ୟୁ ଯେତେବେଳେ ବା ଯେଉଁଠାରେ ହେଉନା କାହିଁକି, ଚିନ୍ତା ନାହିଁ; କିନ୍ତୁ ସନ୍ତାନଟିଏ ଥିଲେ ତାକୁ ଯନ୍ତ୍ରଣା ଭୋଗିବାକୁ ପଡ଼ିବ । ଗୋଷ୍ଠୀର ଅନ୍ୟମାନେ ପିଲାଟିର ଦାୟିତ୍ୱ ସମ୍ଭାଳି ନେବେ ସତ, କିନ୍ତୁ ଅନ୍ୟକେହି ତାକୁ ମା'ର ସ୍ନେହ ଦେଇ ପରିବେ ନାହିଁ । ଆମର ଅନେକ ନିଷ୍ଠାପର ସାଥୀ ତାଙ୍କ ଜୀବଦ୍ଦଶାରେ ବିଜୟ ଦେଖିବେ ବୋଲି ଆଶା ରଖିଥିଲେ । ସେମାନେ ଜୀବନ ବଳି ଦେବାକୁ ସବୁବେଳେ ପ୍ରସ୍ତୁତ ରହିଥିବା କଥା ମୁଁ ଜାଣିଥିଲି । ମୁଁ ଏ ବିଷୟରେ ଯେତେ ଭାବୁଥାଏ, ମୋ ଚିନ୍ତା ସବୁ ସେତିକି ଅଡୁଆ ହୋଇଯାଉଥାଏ ।

ଥରେ ମୋ ବିବାହ ଠିକ୍ ହୋଇଯାଇଥିଲା । କିନ୍ତୁ ସେଥିରେ ସମ୍ପୂର୍ଣ୍ଣ ନିଶ୍ଚିତତା ନଥାଏ । ଆମ ପୂର୍ବପୁରୁଷମାନେ କହିଛନ୍ତି - ମଣିଷ କେବଳ ନିଜ ସୁଖ ପାଇଁ ବଞ୍ଚେ ନାହିଁ, ପରିବାରର ସମସ୍ତଙ୍କ ସୁଖ ତା'ର କାମ୍ୟ ହେବା ଉଚିତ । ସମାଜ, ଗୋଷ୍ଠୀ, ପରିବାର ଏ ସମସ୍ତଙ୍କର ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିଲା । ନିଜ ସ୍ୱାର୍ଥ ଠାରୁ ଏକ ବୃହତ୍ତର ସ୍ୱାର୍ଥ ପାଇଁ ମୋତେ କାମ କରିବାକୁ ପଡ଼ିବ, ଏହା ମୁଁ ଜାଣିଥିଲି । ଏହି ସବୁ ଚିନ୍ତାରେ ମୋ ହୃଦୟ ସବୁବେଳେ ଭାରୀ ରହୁଥାଏ ।

ବାପା ମା' ଙ୍କର ମୃତ୍ୟୁ ହେଲେ ଝିଅକୁ କିପରି ଲାଗେ ମୋ ବାପା ଓ ମା' ଙ୍କ ମୃତ୍ୟୁ ବେଳେ ମୁଁ ଅନୁଭବ କରିପାରିଲି । ତାଛଡ଼ା ସେମାନେ ଯେଉଁପରି ଭାବରେ ମଲେ ତାହା ଅତ୍ୟନ୍ତ ଅସ୍ୱାଭାବିକ ଓ ମର୍ମନ୍ତୁଦ ଥିଲା । ସେତିକିବେଳେ ମୁଁ ବିବାହ ନ କରିବା ପାଇଁ ନିଷ୍ପତ୍ତି ନେଲି । ଅବଶ୍ୟ ଏହା ଚରମ ନିଷ୍ପତ୍ତି ବୋଲି କହିହେବ ନାହିଁ । ମୁଁ ଜୀବନ ପ୍ରତି ସବୁବେଳେ ଉନ୍ମୁଖ । ବିଜୟ ହାସଲ କରିବା ପରେ ଅନେକ ସମୟ ମିଳିବ, ଏହା ମୋର ବିଶ୍ୱାସ । କିନ୍ତୁ ଏବେ, ଯେତେବେଳେ ଏତେ ଲୋକ ତାଙ୍କ ନିଜ ବ୍ୟକ୍ତିଗତ ସୁଖ କଥା ଚିନ୍ତା କରୁ ନାହାନ୍ତି ଏବଂ ମୁହୂର୍ତ୍ତେ ମଧ୍ୟ ବିଶ୍ରାମ ନେଉ ନାହାନ୍ତି ଜଣେ ଜୀବନ ସାଥୀ ବାଛିନେଇ ନିଜ ଜୀବନକୁ ତା'ରି ପାଇଁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବା ମୋ ପାଇଁ ସୁଖକର ହେବ ନାହିଁ । ମୋ

Digitized by srujanika@gmail.com

ଚିନ୍ତାର ଖିଅ ଛିଣ୍ଡିଲା ନାହିଁ । ଜଣେ ମଣିଷ ଓ ନାରୀ ଭାବରେ ମୁଁ ବିବାହକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖାନ କରୁଛି ବୋଲି କହିବା ଠିକ୍ ହେବ ନାହିଁ । କିନ୍ତୁ ଆମ ଲୋକଙ୍କ ପାଇଁ ମୋର ପ୍ରାଥମିକ କର୍ତ୍ତବ୍ୟ ରହିଛି ବୋଲି ମୋର ବିଶ୍ୱାସ । ମୋ ବ୍ୟକ୍ତିଗତ ସୁଖ ପ୍ରକୃତରେ ଗୌଣ । ବିନା ଦ୍ୱିଧାରେ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଆମର ଅନେକ ସାଥୀ ସଂଗ୍ରାମ ପାଇଁ ଜୀବନ ଉତ୍ସର୍ଗ କରିଥିବା କଥା ମୁଁ ଜାଣେ । ମୁଁ ଜାଣିଛି ଆମର ଅନେକ ସାଥୀ କେତେ ତିକ୍ତ ମୁହୂର୍ତ୍ତ ଦେଇ ଗତି କରିଛନ୍ତି । ସେମାନଙ୍କର ନିଜର ସମସ୍ୟା ଓ ଜଞ୍ଜାଳ ରହିଛି; କିନ୍ତୁ ତଥାପି ସେମାନେ ସଂଗ୍ରାମକୁ ଆଗେଇ ନେଇଛନ୍ତି । ଏତେ ବନ୍ଧୁ ପରିଜନଙ୍କୁ ମରିବାର ଦେଖି ବିବାହ ପ୍ରତି ବୀତସ୍ପୃହ ହେବା ସ୍ୱାଭାବିକ । ବିଧବା ହେବା କିମ୍ବା ମା' ହୋଇ ଉତ୍ପୀଡ଼ନ ସହିବା କଥା ଭାବିଲେ ମୋ ଦେହ ଶିହରି ଉଠେ; ମୋ ହୃଦୟ ଆତଙ୍କରେ ଭରିଯାଏ । ବାସ୍ତବରେ ମୋ ପାଇଁ କେତେ ପ୍ରତିବନ୍ଧକ ରହିଛି । କେବଳ ସନ୍ତାନ ନଚାହିଁବା ନୁହେଁ, ବିବାହ ବିଷୟ ଚିନ୍ତା କଲା ବେଳେ ଆହୁରି କେତେ କଥା ମନକୁ ଆସେ । ପୁରୁଷମାନେ ଯେ ଯନ୍ତ୍ରଣା ଓ ଦୁଃଖ ସହି ନାହାନ୍ତି ତାହା ନୁହେଁ । ସଂଗ୍ରାମରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରିବା ପାଇଁ ସେମାନେ ନିଜ ସନ୍ତାନମାନଙ୍କୁ ତ୍ୟାଗ କରିଛନ୍ତି ଏବଂ ନିଜ ପତ୍ନୀମାନଙ୍କ ଠାରୁ ବହୁ ଦୂରରେ ରହିଛନ୍ତି । ସେମାନେ ବିବାହ ଚାହୁଁ ନଥିଲେ, ତାହା ନୁହେଁ; କିନ୍ତୁ ନିଜ ଲୋକମାନଙ୍କ ପାଇଁ ସଂଗ୍ରାମ କରିବା ତାଙ୍କର ସବୁଠାରୁ ବଡ଼ କର୍ତ୍ତବ୍ୟ ବୋଲି ଭାବୁଥିଲେ ।

ଆମର ଏତେ ସମସ୍ୟା ଥିବା ବେଳେ ଅଧିକ ସମସ୍ୟାକୁ ଆମନ୍ତ୍ରଣ କରିବାର ଆବଶ୍ୟକତା ନାହିଁ ବୋଲି ମୁଁ ଭାବୁଥିଲି । ଆମ ସଂଗ୍ରାମରେ ବିବାହିତା ମହିଳା ଯେ ନାହାନ୍ତି ତାହା ନୁହେଁ । ସେମାନଙ୍କର ସଂଗ୍ରାମ ପ୍ରତି ଯଥେଷ୍ଟ ଅବଦାନ ରହିଛି । ପାଞ୍ଚ ଛଅଟି ସନ୍ତାନ ଥିବା ସାଥୀମାନେ ମଧ ଚମତ୍କାର କାମ କରିଛନ୍ତି । ମୋର ଯଦି ଜଣେ ସାଥୀ ଥା'ନ୍ତା ମୁଁ ତାକୁ ଖୁବ୍ ଭଲ ପାଆନ୍ତି । କିନ୍ତୁ ମୋ ଭୟ ହୁଏ ସେ ବେଶୀ ଦିନ ବଞ୍ଚିବ ନାହିଁ । ଭଲ ପାଇବା କ୍ଷଣସ୍ଥାୟୀ ହେଉ, ଏହା ମୁଁ କଦାପି ଚାହୁଁ ନଥିଲି । ମୁଁ ସବୁ ଜିନିଷ ପ୍ରତ୍ୟାଖ୍ୟାନ କରୁଛି ତାହା ନୁହେଁ । ଜୀବନ ପ୍ରତି ମୁଁ ସବୁବେଳେ ଉନ୍ମୁଖ ଏହା ଆଗରୁ କହିଛି । ପ୍ରତ୍ୟେକ ଜିନିଷର ନିର୍ଦ୍ଦିଷ୍ଟ ସମୟ ଅଛି । ଶାନ୍ତ ଭାବରେ କାମ କରିଗଲେ ସବୁ ଆପେ ଆପେ ଠିକ୍ ହୋଇଯିବ ।

ଥରେ ମୋର ବିବାହ ସ୍ଥିର ହୋଇଥିବା କଥା ମୁଁ ଆଗରୁ କହିଛି । ଆମେ ପିଲାଦିନରୁ ପରସ୍ପରକୁ ଜାଣିଥିଲୁ । ଏକ ସମୟରେ ସେ ନିଜ ସନ୍ତାନମାନଙ୍କ ପାଇଁ ଗୋଟିଏ ଭଲ ଘର ଓ ଶାନ୍ତିପୂର୍ଣ୍ଣ ଜୀବନଟିଏ ଚାହୁଁଥିଲା । ମୁଁ କିନ୍ତୁ ସେପରି ଭାବୁ ନଥିଲି । ଦୁର୍ଭାଗ୍ୟ ବଶତଃ ତାକୁ ଗାଁ ଛାଡ଼ି ସହରକୁ ଯିବାକୁ ପଡ଼ିଲା । ସେ କାରଖାନାର ଶ୍ରମିକ ହୋଇ କାମ କଲା ଓ କାମରେ ଉନ୍ନତି ମଧ କଲା । କିନ୍ତୁ କ୍ରମେ ତାର ଚିନ୍ତାଧାରାରେ ପରିବର୍ତ୍ତନ ହେଲା ଏବଂ ସେ ଆମ ଠାରୁ ଦୂରେଇଗଲା । ସଂଗ୍ରାମରେ ଯୋଗ ଦେବା ପରେ ମୋ ସାଥୀ ଓ

Digitized by srujanika@gmail.com

ଲଢେଇ ଏ ଦୁଇଟି ମଧ୍ୟରୁ ଗୋଟିଏ ମୋତେ ବାଛିବାକୁ ପଡ଼ିଲା। ମୁଁ ସେଇ ମଣିଷଟିକୁ ଖୁବ୍ ଭଲ ପାଉଥିଲି। ସେ ମଧ ମୋ ପାଇଁ ତ୍ୟାଗ ସ୍ୱୀକାର କରିଥିବା କଥା ମୁଁ ଜାଣିଥିଲି। ଆମ ସଂସ୍କୃତିରେ ସାଧାରଣତଃ ବିବାହ ଯେପରି ଭାବରେ ସ୍ଥିର ହୋଇଥାଏ, ଆମ କ୍ଷେତ୍ରରେ ଏହା ଅପେକ୍ଷାକୃତ ମୁକ୍ତ ବ୍ୟାପାର ଥିଲା। କିନ୍ତୁ ଶେଷରେ ଗଭୀର ଦୁଃଖ ସହିତ ଏବଂ ଏକ ଭାରୀ ହୃଦୟ ନେଇ ମୁଁ ମୋ ସାଥୀକୁ ବିଦାୟଦେଲି। ଆମ ଲୋକମାନେ ଅମଣିଷ ପରି ରହୁଥିବା ବେଳେ ମୋର ସୁନ୍ଦର ଘର ଦରକାର ନଥିଲା। ଲୋକମାନଙ୍କ ପାଇଁ ମୁଁ ଅନେକ କିଛି କରିବା ପାଇଁ ଚାହୁଁଥିଲି। ତେଣୁ ଆମେ ନିଜ ନିଜର ଅଲଗା ରାସ୍ତା ବାଛିନେଲୁ। ଆମର ଲକ୍ଷ୍ୟ ଓ ବିଶ୍ୱାସ ଅଲଗା ହୋଇଥିବାରୁ ଆମେ ପରସ୍ପରକୁ କେବେ ବୁଝିପାରିବୁ ନାହିଁ। ତେଣୁ ତା' ସହିତ ରହିବା ସମ୍ଭବ ନୁହେଁ ବୋଲି ମୁଁ ମୋ ସାଥୀକୁ ଜଣାଇ ଦେଇଥିଲି। ତା'ପରେ ମୋ ରାସ୍ତାରେ ମୁଁ ଏକାକୀ ଚାଲିଛି। ମୋର କିନ୍ତୁ ବିଶ୍ୱାସ ସମୟ ବଦଳିବ ଓ ଆମ ସମସ୍ତଙ୍କୁ ସୁଖରେ ରହିବା ପାଇଁ ସୁଯୋଗ ମିଳିବ। ଆମକୁ ସୁନ୍ଦର ଘର ହୁଏତ ମିଳିବ ନାହିଁ; କିନ୍ତୁ ଆମ ଭୂଇଁ ରକ୍ତ ଓ ସ୍ୱେଦରେ ଭିଜିବା ଆମକୁ ଦେଖିବାକୁ ପଡ଼ିବ ନାହିଁ। □

Digitized by srujanika@gmail.com

୩୨

କୃଷି ଶ୍ରମିକଙ୍କ ଧର୍ମଘଟ ଓ ରାଜଧାନୀରେ ମଇ ପହିଲା

'ଆମର ପ୍ରତିବଦ୍ଧତା ଯୋଗୁହିଁ ଆମେ ଉପଲବ୍‌ଧ୍ କଲୁ, ଆମକୁ ସଂଗ୍ରାମର ନୂଆ ନୂଆ ପନ୍ଥା ଖୋଜିବାକୁ ପଡ଼ିବ ।'

ରିଗୋବେର୍ଟା ମେଞ୍ଚୁ

ସ୍ପେନ ଦୂତାବାସ ଦଖଲ ପରେ, ଯେଉଁ ଦଳର ନେତାମାନେ ପ୍ରାଣତ୍ୟାଗ କରିଥିଲେ, ସେମାନେ ପୁଣିଥରେ ଏକତ୍ରିତ ହେବାକୁ ଆରମ୍ଭ କଲେ । କୃଷକ ସଂଗଠନର ଜଣେ ନେତା ଭାବରେ ମୁଁ କଥାବାର୍ତ୍ତାରେ ଅଂଶ ଗ୍ରହଣ କଲି । ଯଦିଓ ଅନ୍ୟ ଦଳମାନଙ୍କ ସହିତ ଆମର ଅନ୍ତରଙ୍ଗ ସମ୍ପର୍କ ରହିଥିଲା, ଆମ ସମସ୍ତଙ୍କୁ ଏକାଠି ରଖିବା ପାଇଁ କୌଣସି ସଂଗଠନ ନଥିଲା । ଅନେକ ବିଷୟରେ ଆମ ସାଥୀମାନେ କିଛି ପ୍ରତିକ୍ରିୟା ପ୍ରକାଶ କରୁ ନଥିଲେ । ଏହା ଆମ ସଂଗଠନକୁ ସୁଦୃଢ଼ କରିବାରେ ସାହାଯ୍ୟ କରୁଥିଲା । କିନ୍ତୁ ଆମ ଅଙ୍ଗୀକାରବଦ୍ଧତା ସଂଗ୍ରାମର ନୂଆ ନୂଆ ଉପାୟ ଖୋଜିବା ପାଇଁ ଆମକୁ ପ୍ରେରଣା ଯୋଗାଇଲା । ୧୯୮୦ ଫେବ୍ରୁଆରୀରେ ଯେଉଁ ଧର୍ମଘଟ ହୋଇଥିଲା ତାହାକୁ ଗୁଆଟେମାଲାର ଶେଷ କୃଷକ ଧର୍ମଘଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଶୀ ହଜାର କୃଷକ ଏହି ଧର୍ମଘଟରେ ଯୋଗଦେଇଥିଲେ । ଦେଶର ଦକ୍ଷିଣ ବୋକା କୋଷ୍ଟା ଓ ଉପକୂଳବର୍ତ୍ତୀ ଅଞ୍ଚଳର ଆଖୁ ଓ କପା ବଗିଚାର ଶ୍ରମିକମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ମାତ୍ର ଆଠ ହଜାର କୃଷକଙ୍କୁ ନେଇ ଯେଉଁ ଧର୍ମଘଟ ଆରମ୍ଭ ହୋଇଥିଲା କ୍ରମେ ସେଥିରେ ସତୁରୀ ଅଶୀ ହଜାର କୃଷକ ଯୋଗଦେଲେ ଏବଂ ଆମେ ପନ୍ଦର ଦିନ ଧରି ସବୁ କାମ ଅଚଳ କରିଦେଲୁ । ବିଭିନ୍ନ ଗୋଷ୍ଠୀ ଓ ଦଳ ପୂର୍ବରୁ ବ୍ୟବହାର କରି ଶିଖିଥିବା ଅସ୍ତ୍ରଶସ୍ତ୍ର ସବୁ ଏହି ଧର୍ମଘଟରେ ବ୍ୟବହାର କରିଥିଲେ । ବିଭିନ୍ନ ଉପାୟର ମଧ୍ୟ ପ୍ରୟୋଗ କରାଯାଇଥିଲା । ଶ୍ରମିକମାନେ ଏବେ ମଧ୍ୟ ହାତରେ ଆଖୁ କାଟୁଥିଲେ ମଧ୍ୟ ଆଖୁ ବଗିଚା ମାଲିକମାନେ ଆଖୁ କାଟିବା ଓ ଏକାଠି କରିବା ପାଇଁ ଏକ ଆଧୁନିକ ଯନ୍ତ୍ରର ପ୍ରବର୍ତ୍ତନ କରିଥିଲେ । ଏହି ଯନ୍ତ୍ରଟି ଗୋଟିଏ ଟନ୍‌ରୁ ବି ବେଶୀ ଆଖୁ ଉଠାଇପାରୁଥିଲା । ଶ୍ରମିକମାନଙ୍କୁ ଟନ ହାରରେ ମଜୁରୀ ଦିଆଯାଉଥିବାରୁ ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ସେମାନଙ୍କୁ ଠକି ଦେବା

Digitized by srujanika@gmail.com

ସହଜ ହେଲା । ଏହି ଅନ୍ୟାୟର ପ୍ରତିକାର ପାଇଁ ଆମ ସାଥୀମାନେ ଯନ୍ତ୍ରଗୁଡ଼ିକୁ ପୋଡ଼ି ନଷ୍ଟ କରିଦେବା ପାଇଁ ସ୍ଥିର କଲେ । ସୈନ୍ୟବାହିନୀ ପ୍ରତି ମଧ୍ୟ କୃଷକମାନେ କଠୋର ଦୃଷ୍ଟି ଭଙ୍ଗୀ ଗ୍ରହଣ କଲେ । ଫଳତଃ ସ୍ଥଳ ଓ ଆକାଶ ମାର୍ଗରେ ସୈନ୍ୟବାହିନୀ ଆମକୁ ଘେରାଉ କଲେ ମଧ୍ୟ ଏତେ ସଂଖ୍ୟାରେ କୃଷକଙ୍କୁ ହତ୍ୟା କରିବା ସେମାନଙ୍କ ପକ୍ଷରେ ସମ୍ଭବ ନଥିଲା । ପରସ୍ପରର ଜୀବନ ରକ୍ଷା କରିବା ପାଇଁ ଆମେ ସଂକଳ୍ପ କରିଥାଉ । ଧର୍ମଘଟକାରୀମାନଙ୍କ ବିରୋଧରେ ସୈନ୍ୟବାହିନୀ କାର୍ଯ୍ୟାନୁଷ୍ଠାନ କରିବାକୁ ଆରମ୍ଭ କଲାବେଳେ, ଉପକୂଳକୁ ସଂଯୋଗ କରୁଥିବା ରାସ୍ତା ମାନଙ୍କରେ ଅଲ୍‌ଟିପ୍ଲାନୋର ଲୋକମାନେ ପ୍ରତିବନ୍ଧକ ତିଆରି କରିବା ଆରମ୍ଭ କଲେ । ସୈନ୍ୟବାହିନୀକୁ ଆଗକୁ ମାଡ଼ିଯିବା ପାଇଁ ନଦେବା ଲାଗି ଏହା କରାଯାଇଥିଲା । ଉପକୂଳର କୃଷକମାନେ ମଧ୍ୟ ସୁରକ୍ଷା ପାଇଁ ବଡ଼ ବଡ଼ ପ୍ରତିବନ୍ଧକ ସ୍ଥାପନ କରିଥିଲେ । ଆମ ହାତରେ କୁରାଢି, ପଥର ଓ ଠେଙ୍ଗା ବ୍ୟତୀତ ଆଉ କିଛି ନଥିଲା । କିନ୍ତୁ ଆମେ ଗୋଟିଏ ସ୍ଥାନରେ ରୁଣ୍ଡି ହୋଇ ରହିଥାଉ । ଏହି ପରି ଭାବରେ ଆମେ ଅର୍ଥନୀତିକୁ ଅଚଳ କରିଦେବାରେ ସକ୍ଷମ ହେଲୁ । ଯେ କୌଣସି ଜମି ମାଲିକ ପକ୍ଷରେ ଏତେ ଶ୍ରମିକଙ୍କ ପନ୍ଦର ଦିନ ଧରି ଧର୍ମଘଟକୁ ସମ୍ଭାଳିବା ସହଜ କଥା ନୁହେଁ । ଆମର କେତେଜଣ ସାଥୀ ଗୁଳିରେ ପ୍ରାଣ ମଧ୍ୟ ହରାଇଲେ, କିନ୍ତୁ ଏହା ଲୋକମାନଙ୍କ ସଂକଳ୍ପକୁ ଅଧିକ ଦୃଢ କରିବାରେ ସାହାଯ୍ୟ କଲା । ସୈନ୍ୟବାହିନୀର ମୁକାବିଲା କରିବା ପାଇଁ ଆହୁରୀ ବେଶୀ ଲୋକ ଆଗେଇ ଆସିଲେ ।

୧୯୮୦ ଫେବ୍ରୁଆରୀରେ ଧର୍ମଘଟ ଘୋଷଣା କରାଯିବାବେଳେ ମୁଁ କୃଷକ ସଂଗଠନ ପାଇଁ ସମୟ ଦେଉଥାଏ ସତ, କିନ୍ତୁ ଫିନ୍‌କାରେ ଶ୍ରମିକ ଭାବରେ ମଧ୍ୟ କାମ କରୁଥାଏ । ମୁଁ ନିଜକୁ ଜଣେ ନେତା ବୋଲି ଭାବୁ ନଥିଲି । ଲୋକମାନେ ନିଜେ ସଂଗ୍ରାମକୁ ଆଗେଇ ନେଉଥିବାରୁ ଜଣେ ନେତାକୁ ସମନ୍ୱୟକାରୀ ଭାବରେ ହିଁ କାମ କରିବାକୁ ପଡ଼ିବ ବୋଲି ଆମେ ଉପଲବ୍ଧି କରିଛୁ । ଅନ୍ୟମାନେ ଯେପରି ମୁଁ ଓ ଅନ୍ୟ ନେତାମାନେ ନେଇଥିବା ଦାୟିତ୍ୱକୁ ସମ୍ଭାଳି ନେଇ ପାରିବେ, ସେଥିପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ମୋର କାମ ଥିଲା । ପ୍ରକୃତରେ ଆମ ସାଥୀମାନଙ୍କୁ ମୋ ପରି ସ୍ପାନିଶ୍ ଶିଖିବାକୁ ପଡ଼ିବ, ପଢା ଲେଖା ଶିଖିବାକୁ ପଡ଼ିବ ଏବଂ ମୋରି ପରି ତାଙ୍କ କାମ ପାଇଁ ସବୁ ଦାୟିତ୍ୱ ନେବାକୁ ପଡ଼ିବ । ପରିସ୍ଥିତି ବଦଳିବା ସହିତ ଆମ ଭୂମିକା, ଦାୟିତ୍ୱ ଓ କାମ ମଧ୍ୟ କ୍ରମାଗତ ଭାବରେ ବଦଳି ଯାଉଛି । ଗୁଆଟେମାଲାରେ ଆମ ସହିତ ଏପରି ବ୍ୟବହାର କରାଯାଇଛି ଯେପରି ଆମେ ସବୁବେଳେ ଅନ୍ୟର ଦୟାର ପାତ୍ର ହୋଇ ରହିଛୁ । ଆମକୁ କହିବା ପାଇଁ ସୁଯୋଗ ନଦେଇ ଆମ ପାଇଁ ଅନ୍ୟମାନେ କହିଛନ୍ତି । ଏପ୍ରକାର ମନୋଭାବ ଆମକୁ ଖୁବ୍ ଆଘାତ ଦିଏ । ଏବେ ଆମେ ବୁଝିଲୁଣି ଯେ ସଂଗ୍ରାମରେ ଆମ ପ୍ରତ୍ୟେକଙ୍କର ଦାୟିତ୍ୱ ରହିଛି । ଆମ ପାଇଁ କେବଳ କାଗଜ ଚାଷ କରୁଥିବା ନେତାଙ୍କର ଆବଶ୍ୟକତା ନାହିଁ । ଯେଉଁ ନେତା ସାଧାରଣ ଲୋକଙ୍କ

Digitized by srujanika@gmail.com

ପରି ସବୁ ବିପଦ ବରଣ କରି ନେବ, ଆମେ ସେହିପରି ନେତା ଚାହୁଁ । ଯେତେବେଳେ ସମାନ ସାମର୍ଥ୍ୟ ଥିବା ଅନେକ ସାଥୀ ଥାଆନ୍ତି ସେତେବେଳେ ସମସ୍ତଙ୍କୁ ସଂଗ୍ରାମର ନେତୃତ୍ୱ ନେବା ପାଇଁ ସମାନ ସୁଯୋଗ ମିଳିବା ଦରକାର ।

ପାଞ୍ଚ କ୍ୱେଜାଲ୍‌ର ସର୍ବନିମ୍ନ ମଜୁରୀ ଦାବି କରିବା ପାଇଁ ଆମେ ଧର୍ମଘଟର ଡ଼ାକରା ଦେଇଥିଲୁ । ପାଞ୍ଚ କ୍ୱେଜାଲ ବଦଳରେ ଆମକୁ ମାତ୍ର ତିନି କ୍ୱେଜାଲ କୋଡ଼ିଏ ମିଳିଲା । ଜମି ମାଲିକମାନେ ଆମକୁ ତିନି କ୍ୱେଜାଲ୍ କୋଡ଼ିଏ ସର୍ବନିମ୍ନ ମଜୁରୀ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏହି ରାଜିନାମାର ଖିଲାପ କରୁଥିଲେ । ଗୋଟିଏ ହାତରେ ମଜୁରୀ ବଢାଇ ଦେଇ ଅନ୍ୟ ହାତରେ ବିଭିନ୍ନ ବାଟରେ ତାହାକୁ ଆମ ଠାରୁ ଠକି ନେବାର ବ୍ୟବସ୍ଥା ସେମାନେ କରୁଥିଲେ । ଧର୍ମଘଟ ପୂର୍ବରୁ ଭଲ ଭାବରେ କାମ କଲେ ଆମେ ଦିନକୁ ପଞ୍ଚସ୍ତରୀ ସେଣ୍ଟାଭୋ ବା ଏକ କ୍ୱେଜାଲର ତିନି ପା' ପାଉଥିଲୁ । ମାତ୍ର ପଇଁଚାଳିଶି ବା ପଚାଶ ସେଣ୍ଟାଭୋ ମଜୁରୀ ଦିଆଯିବାର ନଜିର ମଧ୍ୟ ଥିଲା । ପଞ୍ଚସ୍ତରୀ ସେଣ୍ଟାଭୋରୁ ପାଞ୍ଚ କ୍ୱେଜାଲକୁ ମଜୁରୀ ବଢାଇବା ଜମି ମାଲିକମାନଙ୍କ ପାଇଁ ଥିଲା ଏକ ବଡ଼ ଆଘାତ । ସେମାନେ ତିନି କ୍ୱେଜାଲ କୋଡ଼ିଏ ସେଣ୍ଟାଭୋ ମଜୁରୀ ଦେବା ପାଇଁ ରାଜିନାମା କରିବା ପରେ ଯାଇ ଆମେ କାମରେ ଯୋଗ ଦେଲୁ । ଏହି ମଜୁରୀ ନ୍ୟାୟସଙ୍ଗତ ଥିଲା । ଏହା ସହିତ ଶ୍ରମିକ ମାନଙ୍କ ପ୍ରତି ଭଲ ବ୍ୟବହାର ମଧ୍ୟ ଆମେ ଦାବି କରିଥିଲୁ । ଟାଣ ମକାପିଠା କିମ୍ବା ସଢା ବିନ୍ ବଦଳରେ ମଣିଷ ଖାଇବା ଯୋଗ୍ୟ ଖାଦ୍ୟ ଥିଲା ଆମର ଦାବି ।

ଧର୍ମଘଟ ଆରମ୍ଭ ହେବା ବେଳକୁ ମୁଁ ଉପକୂଳ ଅଞ୍ଚଳରେ ଥିଲି । କିନ୍ତୁ ପରେ ଉପକୂଳର ଧର୍ମଘଟକାରୀମାନଙ୍କ ପାଇଁ ସମର୍ଥନ ଯୋଗାଡ଼ କରିବା ପାଇଁ ଅଲଟିପ୍ଲାନୋକୁ ଯିବାକୁ ପଡ଼ିଲା । ଅଲ୍‌ଟିପ୍ଲାନୋର ସହର ଓ ଗାଁ ମାନଙ୍କରେ ଜମି ମାଲିକମାନଙ୍କୁ ନିନ୍ଦା କରି ଆମେ ପୋଷ୍ଟର ଓ ବ୍ୟାନର ଲଗାଇଲୁ । କୃଷକ ସଂଗଠନରେ ଯୋଗ ଦେବା ପାଇଁ ଆମେ ପ୍ରଚାରପତ୍ର ଜରିଆରେ ଲୋକମାନଙ୍କୁ ଆହ୍ୱାନ କଲୁ । ସରକାର ଭାବିଥିଲେ ଆମେ କେତେ ଜଣ ମାତ୍ର ନିଜ ଜୀବନକୁ ପଣ କରି ଧର୍ମଘଟରେ ନେତୃତ୍ୱ ନେଉଛୁ । କିନ୍ତୁ ଏଥର ପରିସ୍ଥିତିକୁ ହୃଦୟଙ୍ଗମ କରି ସେମାନେ ବିବ୍ରତ ହେବାକୁ ଆରମ୍ଭ କଲେ । ଅବଶ୍ୟ ଅଶୀ ହଜାର ଯାକ କୃଷକ ସଂଗଠିତ ନଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱତଃସ୍ଫୂର୍ତ୍ତ ଭାବରେ ଧର୍ମଘଟରେ ଯୋଗ ଦେଇଥିଲେ । ଯୋଗ ଦେବା ଫଳରେ ହିଁ ସେମାନଙ୍କର ରାଜନୈତିକ ସଚେତନତା ବଢିଲା । ଧର୍ମଘଟ ପରେ ଦେଶ ତମାମ ଆମ କୃଷକ ସାଥୀମାନେ ସଂଗଠନ କରିବାକୁ ଚାହିଁବାରୁ ଆମ କାମ ହଠାତ୍ ବହୁ ଗୁଣରେ ବଢିଗଲା ।

ଧର୍ମଘଟ ପରେ ସରକାର ତରଫରୁ ପ୍ରକୃତରେ ଦମନଲୀଳା ଆରମ୍ଭ ହେଲା । ତାହାର ସମ୍ମୁଖୀନ ହେବାପାଇଁ ସଂଗଠନ ବ୍ୟତୀତ ଅନ୍ୟ ଉପାୟ ନଥିଲା । କେବଳ ଏଲ୍ କ୍ୱିସେରେ ନୁହେଁ, ସୋଲୋଲା, ଚିମଲ୍ ଟେନାଙ୍ଗୋ ଓ ହ୍ୟୁହ୍ୟୁଟେନାଙ୍ଗୋରେ ମଧ୍ୟ ଆମ

Digitized by srujanika@gmail.com

ସାଥୀମାନଙ୍କ ଉପରେ ଅତ୍ୟାଚାର ଚାଲିଥାଏ । ଭାରତୀୟମାନେ ରହୁଥିବା ପ୍ରାୟ ସବୁ ଅଞ୍ଚଳରେ ସେଇ ଏକା କଥା । ସେତେବେଳେ ରୋମିଓ ଏବଂ ଅନ୍ୟ ସାଥୀମାନଙ୍କ ସହିତ ମୁଁ କାମ କରୁଥିବା କଥା ମୋର ମନେ ଅଛି । ସରକାରର ଅତ୍ୟାଚାର ସହି ନପାରି ସେମାନଙ୍କର ମୃତ୍ୟୁ ହେଲା । ଗାଁ ଓ ସହରମାନଙ୍କରେ ଅବିରତ ଦମନଲୀଳା ଚାଲିଥାଏ । ଘରମାନଙ୍କ ଉପରେ ଗୁଳିବର୍ଷଣ ପରେ ବୋମା ମାଡ଼ ମଧ୍ୟ ଆରମ୍ଭ ହେଲା । ଏକା ଥରକେ ସବୁ ଲୋକଙ୍କୁ ନିପାତ କରିଦେବା ଥିଲା ସେମାନଙ୍କର ଉଦ୍ଦେଶ୍ୟ । ବୋମାବାଡ଼ ସମୟରେ ମୋ ମା'ଙ୍କୁ ଅନେକ ଲୋକଙ୍କ ଚିକିତ୍ସା କରିବାକୁ ପଡ଼ିଥିଲା । କାହାର ଆଖି ନଷ୍ଟ ହୋଇ ଯାଇ ଥାଏ ତ କାହା ହାତରେ ଆଙ୍ଗୁଳି ନଥାଏ । ପିଲାମାନଙ୍କର କାନ୍ଦ ମଧ୍ୟ ବନ୍ଦ ହେଉ ନଥାଏ । ଅମଳ ହେବାକୁ ଥିବା ଶସ୍ୟରେ ସୈନ୍ୟବାହିନୀ ନିଆଁ ଲଗାଇ ଦେବାରୁ ଫସଲ ସବୁ ନଷ୍ଟ ହୋଇଗଲା । ପିତୃମାତୃହୀନ ପିଲାମାନେ ପାହାଡ଼ରେ ଆଶ୍ରୟ ନେଇଥାନ୍ତି । ଅନ୍ୟମାନଙ୍କୁ ତାଙ୍କ ବାପା ମା' ଖୋଜି ପାଉନଥାନ୍ତି । ସେମାନେ କୁନି ଗରିଲାମାନଙ୍କ ପରି ଗୋଟିଏ ସ୍ଥାନରେ ରହୁଥାନ୍ତି ।

ଏହି ସମୟରେ ଲୋକଙ୍କର ଉତ୍ସାହକୁ ବଞ୍ଚାଇ ରଖିବାରେ ଧର୍ମଯାଜକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସୈନ୍ୟମାନେ ବ୍ୟବହାର କରୁଥିବା ନାପାମ୍ ବୋମା ନଫୁଟିଲେ ପିଲାମାନେ ସେଗୁଡ଼ିକୁ ନେଇ ଯାଉଥାଆନ୍ତି । ଚିମଲ୍‌ଟେନାଙ୍ଗୋରେ ଅପହୃତ ସମସ୍ତ ପୁରୁଷ, ସ୍ତ୍ରୀ ଓ ପିଲାଙ୍କୁ ସୈନ୍ୟମାନେ ବ୍ୟାରାକ୍ ଚାରିପଟେ ରଖିଥାନ୍ତି, ଯେପରି ଗରିଲା ଦଳ ଆକ୍ରମଣ କଲେ ସେମାନେ ହିଁ ପ୍ରଥମେ ନିହତ ହେବେ । ସୈନ୍ୟବାହିନୀ ଗରିଲାମାନଙ୍କ ଆକ୍ରମଣ ଆଶଙ୍କାରେ ଗାଁକୁ ପ୍ରବେଶ ନକରି ଉପକଣ୍ଠରେ ରହୁଥିଲେ ଓ ପର୍ବତର ବୁଲାଣି ରାସ୍ତାରେ ଯାଉଥିଲେ । ସେଥିପାଇଁ ସେମାନେ ବୋମା ବ୍ୟବହାର କରିବାକୁ ପସନ୍ଦ କରୁଥିଲେ । ଅଞ୍ଚଳ ମଧ୍ୟ ଦେଇ ଆଗେଇବା ବେଳେ ସେମାନେ କୌଣସି ସଂଗଠନ ସହିତ ସଂପୃକ୍ତ ନଥିବା ଅନେକ ଯୁବକଙ୍କୁ ମଧ୍ୟ ବନ୍ଦୀ କରିନେଇ ଥିଲେ । ସେମାନଙ୍କୁ ମିଲିଟାରୀ ତାଲିମ ଦେବା ତାଙ୍କର ଉଦ୍ଦେଶ୍ୟ ଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ଖସି ପଳାଇବାରେ ସକ୍ଷମ ହେଲେ ।

ଆମ ପରିସ୍ଥିତି ଅତ୍ୟନ୍ତ ଖରାପ । ମୁଖ୍ୟ ରାସ୍ତାମାନଙ୍କରେ ସୈନ୍ୟବାହିନୀର ଗାଡ଼ି ସବୁ ଯାତାୟତ କରନ୍ତି । ବୋମାମାଡ଼ ପରେ ଆମ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଅସ୍ଥାୟୀ ଶିବିର ମାନଙ୍କରେ ରହୁଛନ୍ତି । କିନ୍ତୁ ଏହା ଭିତରେ ସେମାନେ ଚାରୋଟି ସଶସ୍ତ୍ର ଲଢୁଆ ରାଜନୈତିକ ସଂଗଠନ କରିଛନ୍ତି । ଏହା ହେଉଛି ଜାତୀୟ ନେତୃତ୍ୱର କେନ୍ଦ୍ର । ସ୍ପାନିଶ୍ ଦୂତାବାସ ଦଖଲ ବେଳକୁ ଲୋକମାନଙ୍କ ସଂଗଠନ ଓ ଛାତ୍ରମାନଙ୍କ ମଧ୍ୟରେ କିଛି ବୁଝାମଣା ହୋଇ ସାରିଥିଲା । ଯେତେବେଳେ ଛାତ୍ର, କୃଷକ ଓ ଶ୍ରମିକ ନେତାମାନେ ଏକା ସାଙ୍ଗରେ ମୃତ୍ୟୁ ବରଣ କଲେ, ସେମାନଙ୍କ ଭିତରେ ଏକ ସମ୍ପର୍କ ସ୍ଥାପିତ ହୋଇଥିବା କଥା ପ୍ରମାଣିତ

Digitized by srujanika@gmail.com

ହୋଇଗଲା । ସରକାରଙ୍କ ନୀତିକୁ କିପରି ମିଳିତ ଭାବେ ପ୍ରତିରୋଧ କରିପାରିବୁ ଆମେ ଯୋଜନା କଲୁ । ସେମାନେ ସମଗ୍ର ଅଲ୍‌ଟିପ୍ଲାନୋ ଉପକୂଳ ଅଞ୍ଚଳରେ ଦମନ ଲୀଳା ଚଳାଇଥାନ୍ତି । ସେମାନଙ୍କ ଉପଦ୍ରବରୁ କୌଣସି ଇଲାକା ବାଦ ପଡ଼ିଲା ନାହିଁ ।

ଆମକୁ ଗୋଟିଏ ମିଳିତ ସାମ୍ମୁଖ୍ୟ ଗଠନ କରିବାକୁ ପଡ଼ିବ, ଏହି ସିଦ୍ଧାନ୍ତରେ ଆମେ ପହଞ୍ଚିଲୁ । ସ୍ପାନିଶ୍ ଦୂତାବାସରେ ମୃତ୍ୟୁ ବରଣ କରିଥିବା ଆମ ସାଥୀମାନଙ୍କ ସମ୍ମାନରେ ଆମେ ତାହାର ନାମ ଦେଲୁ ' ୩୧ ଜାନୁଆରୀ ଲୋକପ୍ରିୟ ସାମ୍ମୁଖ୍ୟ ।' କୃଷକ ସଂଗଠନ ବ୍ୟତୀତ ଅନ୍ୟ ଯେଉଁ ଲୋକ ସଂଗଠନ ଗୁଡ଼ିକ ଏହି ସାମ୍ମୁଖ୍ୟରେ ଥିଲେ ସେଗୁଡ଼ିକ ହେଲା, ବୈପ୍ଲବିକ ଶ୍ରମିକ ଦଳ, ସହର ତଳି ଅଞ୍ଚଳର ସମନ୍ୱୟ ରକ୍ଷାକାରୀ ସମିତି, ଭିନ୍‌ସେଣ୍ଟ ମେଞ୍ଚୁ ବିପ୍ଳବୀ ଖ୍ରୀଷ୍ଟିଆନ, ରବିନ୍ ଗାର୍ସିଆ ମାଧ୍ୟମିକ ବିପ୍ଳବୀ ଛାତ୍ର ସାମ୍ମୁଖ୍ୟ ଓ ରବିନ୍ ର୍ଗାସିଆ ବିଶ୍ୱବିଦ୍ୟାଳୟ ଛାତ୍ର ସାମ୍ମୁଖ୍ୟ । ରବିନ୍ ଗାର୍ସିଆ ଥିଲେ ଅନ୍ୟ ମାନଙ୍କର ନିରାପତ୍ତା ସମ୍ପର୍କରେ ଅତ୍ୟଧିକ ସଚେତନ ଜଣେ ସାଥୀ ଛାତ୍ର । ଏହି ଛାତ୍ରନେତାଙ୍କୁ ଅପହରଣ କରି ନିଆଯାଇ ତାଙ୍କୁ ଥରେ ଅତ୍ୟାଚାର କରା ଯିବା ପରେ ମାରି ଦିଆଯାଇଥିଲା । ଛାତ୍ରମାନଙ୍କ ପାଇଁ ସେ ଥିଲେ ଜଣେ ବୀର ପୁରୁଷ । ୧୯୮୧ ଆରମ୍ଭରେ ଆମେ ରାଜନୈତିକ ଦମନର ପ୍ରତିରୋଧ ପାଇଁ '୩୧ ଜାନୁଆରୀ ଲୋକପ୍ରିୟ ସାମୁଖ୍ୟ' ଗଠନ ଘୋଷଣା କଲୁ । ଏହି ସଂଗଠନ ଦେଶତମାମ ଅନେକ କାର୍ଯ୍ୟକ୍ରମ ହାତକୁ ନେଲା । ଏହାର ସ୍ଲୋଗାନ୍ ଥିଲା: ' ରାଜନୈତିକ ଚକ୍ରାନ୍ତକାରୀ ଦଳକୁ ଦେଶରୁ ନିକାଲି ଦିଅ ।' କୃଷକ ସଂଗଠନ ମାଧ୍ୟମରେ ପ୍ରାୟ ସବୁ କୃଷକ ଏହି ସାମ୍ମୁଖ୍ୟର ଅଂଶବିଶେଷ ହୋଇଥିଲେ । ସହର ତଳି ଅଞ୍ଚଳରେ ରହୁଥିବା ଲୋକମାନେ ମଧ୍ୟ ସେମାନଙ୍କର ସମନ୍ୱୟକାରୀ ସମିତି ଜରିଆରେ ସାମ୍ମୁଖ୍ୟର ଅଂଶୀଦାର ହୋଇଥିଲେ । ସହରତଳି ଅଞ୍ଚଳର ଅବସ୍ଥା ଥିଲା ଖୁବ୍ ଦୟନୀୟ । ସେଠାରେ ଲୋକ କାଗଜ ବୋର୍ଡ଼ରେ ତିଆରି ଘରେ ରହନ୍ତି । ପ୍ରକୃତରେ ସେଗୁଡ଼ିକୁ ବୋଲି କୁହାଯାଇ ପାରିବ ନାହିଁ । ଶ୍ରମିକମାନେ ସ୍ୱୀକୃତିପ୍ରାପ୍ତ ସଂଘରେ ମିଶିବା ଅର୍ଥ ମୃତ୍ୟୁକୁ ଆମନ୍ତ୍ରଣ କରିବା । ତେଣୁ ସେମାନେ ବ୍ୟକ୍ତିଗତ ଭାବେ ସାମ୍ମୁଖ୍ୟ ପାଇଁ କାମ କରନ୍ତି ।

ଲୋକମାନେ ନିଜ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଶିଖିବାବେଳେ ଯେଉଁ ଉପାୟ ଆରମ୍ଭ କରିଥିଲେ ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଆମର ଉଦ୍ଦେଶ୍ୟ । ଆମେ ମଲୋଟୋଭ୍ କକ୍‌ଟେଲ୍ ତିଆରି କରିବା ମଧ୍ୟ ଶିଖିଲୁ । ଗୁଆଟେମାଲାରେ ଆମେ 'ପ୍ରଚାର ବୋମା'କୁ ବେଶୀ ବ୍ୟବହାର କରୁ । ମଜ ପହିଲାରେ ଆମେ ଶିଖିଥିବା ସବୁ ଉପାୟ ବିନିଯୋଗ କଲୁ ଓ ପ୍ରତିବନ୍ଧକମାନ ତିଆରି କଲୁ । ସରକାରକୁ ଅର୍ଥନୈତିକ, ରାଜନୈତିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଦୁର୍ବଳ କରିଦେବା ଆମର ଲକ୍ଷ୍ୟ ଥିଲା । ଶ୍ରମିକମାନେ କାମ କରିବା ବାହାନାରେ ଯନ୍ତ୍ରପାତି ଗୁଡ଼ିକୁ ଭାଙ୍ଗି ଦେଉଥାନ୍ତି । ଏ ଗୁଡ଼ିକ ଛୋଟ କଥା ହୋଇପାରେ, କିନ୍ତୁ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଆମ ଅଧିକାର ସାବ୍ୟସ୍ତ କରିବା ପାଇଁ ଏହି ସଂଗ୍ରାମ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ

Digitized by srujanika@gmail.com

ଏହା ଜମି ମାଲିକମାନଙ୍କୁ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ କରିଦିଏ । ଜମି ମାଲିକର ମନୋଭାବକୁ ଦେଖି ଆମେ କୌଣସି ଜିନିଷକୁ ବାସନ୍ଦ କରିଥାଉ କିମ୍ବା କଫି ଓ ଚା' ବଗିଚାକୁ ଧ୍ୱଂସ କରି ଦେଇଥାଉ । ଆମେ ଜାଣିଥିଲୁ ଯେ କେବଳ ଧର୍ମଘଟ କରି ଜମି ମାଲିକଙ୍କ ପ୍ରତି ଆମର ଘୃଣାକୁ ପ୍ରକାଶ କରିବା ସମ୍ଭବ ନୁହେଁ । ଶାସନ ବ୍ୟବସ୍ଥାକୁ ସାମରିକ ଦୃଷ୍ଟିରୁ ଦୁର୍ବଳ କରିଦେବା ଆମର ଲକ୍ଷ୍ୟ ଥାଏ । ସୈନ୍ୟବାହିନୀ ମଧ୍ୟରେ ବିଭେଦ ସୃଷ୍ଟି କରିବା ପାଇଁ ମଧ ଆମେ ଚେଷ୍ଟା କରୁ । ଏହା ଦ୍ୱାରା ଆମ ଉପରେ ଆକ୍ରମଣ କରିବା ପାଇଁ ସେମାନଙ୍କୁ ବେଶୀ ଶକ୍ତି ବିନିଯୋଗ କରିବାକୁ ପଡ଼େ ।

ଗୁଆଟେମାଲାରେ ମଇ ପହିଲାକୁ ଶ୍ରମିକ ଦିବସ ପାଳନ କରାଯାଏ । କିନ୍ତୁ ଏ ବର୍ଷର ମଇ ପହିଲା ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । କିଛି ବର୍ଷ ହେଲା ଏଇ ଦିନ ଆମେ ଧର୍ମଘଟ ଓ ବିକ୍ଷୋଭ କରି ଆସୁଛୁ । ଦୂର ଦୂରାନ୍ତରୁ କୃଷକ ମାନେ ପାଦରେ ଚାଲି ସେଦିନ ରାଜଧାନୀକୁ ଆସନ୍ତି । ୧୯୮୦ରେ ଶାସନ କଳ ଶ୍ରମିକ, ଶିଳ୍ପ ଶ୍ରମିକ ଓ କୃଷକମାନଙ୍କୁ ହତ୍ୟା କରି ତାହାର ଦମନ ଶକ୍ତି ଦେଖାଇଲା । ରାଜଧାନୀରେ ବିକ୍ଷୋଭ ଚାଲିଥିବା ବେଳେ ସୈନ୍ୟମାନେ ଲୋକଙ୍କ ଉପରେ ଗୁଳି ବର୍ଷଣ କଲେ । ଅନେକ ଲୋକଙ୍କୁ ଅପହରଣ ମଧ କରି ନିଆଗଲା । ଏହି କାରଣରୁ ଆମେ ୧୯୮୧ର ମଇ ପହିଲାକୁ ଅଧିକ ହିଂସାତ୍ମକ କାର୍ଯ୍ୟ କଳାପ ମାଧ୍ୟମରେ ପାଳନ କଲୁ । ରାଜଧାନୀ ବ୍ୟତୀତ ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ କୃଷକ, ଶ୍ରମିକ ଓ ଖ୍ରୀଷ୍ଟିଆନମାନେ ବିଭିନ୍ନ ପ୍ରକାର କାର୍ଯ୍ୟାନୁଷ୍ଠାନ କଲେ । ମଇ ପହିଲାକୁ ପାଳନ କରାଯିବ ବୋଲି ପୋଲିସ୍, ସୈନ୍ୟବାହିନୀଙ୍କୁ ସପ୍ତାହେ ପୂର୍ବରୁ ସତର୍କ କରି ଦିଆଯାଇଥିଲା । କର୍ତ୍ତୃପକ୍ଷ ମଧ ସଜାଗ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିବେ ବୋଲି ଘୋଷଣା କରିଥାନ୍ତି । ଏପ୍ରିଲ ୨୮ ଦିନ ଆମେ ରାଜଧାନୀ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲୁ । ରାସ୍ତାରେ ପ୍ରତିବନ୍ଧକ ନିର୍ମାଣ କରିବା, 'ପ୍ରଚାର ବୋମା' ନିକ୍ଷେପ କରିବା ଓ ହଠାତ୍ ବୈଠକ କରିବା କାର୍ଯ୍ୟାନୁଷ୍ଠାନର ଅନ୍ତର୍ଭୁକ୍ତ ଥିଲା । ଅଳ୍ପ କେତୋଟି ମିନିଟ୍‌ରେ ପ୍ରତ୍ୟେକ କାମ ନସାରିଲେ, ଗଣହତ୍ୟାର ସମ୍ଭାବନା ଥାଏ । ତେଣୁ ପ୍ରତିବନ୍ଧକ ଉଠାଯିବ, ପ୍ରଚାର ଆରମ୍ଭ ହେବ ଓ ସଭା ହେବ; ଏ ସବୁ ଏକ ସମୟରେ ଯେପରି ହୋଇ ପାରିବ ସେଥିପାଇଁ ଆମେ ସଂଗଠିତ ହୋଇଥାଉ । 'ଆଭେନିଦା ଭଲିଭାର' ରାଜଧାନୀର ମୁଖ୍ୟ ରାସ୍ତାମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ସହରର କେନ୍ଦ୍ର ଦେଇ ଯାଇଛି ଏବଂ ଅନେକ ଛୋଟ ରାସ୍ତା ଏହି ରାସ୍ତାରେ ମିଶିଛନ୍ତି । ମୁଁ ଏହି ରାସ୍ତାରେ ରହିବା ପାଇଁ ସ୍ଥିର ହୋଇଥାଏ । ସହରର ବିଭିନ୍ନ ରାସ୍ତାରେ ପ୍ରତିବନ୍ଧକ ତିଆରି କରାଯାଇଥିଲା । ଏହି ସମରାଭ୍ୟାସରେ ଆମ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ ଭୂମିକା ମଧ ଥିଲା । କେହି ଜଣେ ପାଟି କରି ଦେଲେ ଆଉ ଜଣେ 'ପ୍ରଚାର ବୋମା' ଗୁଡ଼ିକ ନିକ୍ଷେପ କରୁଥିଲା ତ କେହି ସାଥୀ ପ୍ରଚାରପତ୍ର ବାଣ୍ଟିବା ଆରମ୍ଭ କରୁଥିଲା । ଅନ୍ୟମାନେ ପୋଲିସ ବା ସୈନ୍ୟମାନଙ୍କୁ ଖବର ଦେଉଥିଲେ । ସେମାନେ

Digitized by srujanika@gmail.com

ବିଭିନ୍ନ ଦିଗରେ ବାଣ୍ଟି ହୋଇ ଯାଆନ୍ତୁ, ଏହା ଆମେ ଚାହୁଁଥିଲୁ । ଶତ୍ରୁ ପହଞ୍ଚିବା ବେଳକୁ ଆମେ ସେଠାରୁ ଅନ୍ୟତ୍ର ଚାଲି ଯାଇଥାଉ । ମଇ ପହିଲା ପାଇଁ ଆମର ସମସ୍ତ ଆୟୋଜନ ସଂପୂର୍ଣ୍ଣ ହୋଇଥାଏ ।

ମଇ ପହିଲା ଦିନ ସରକାର ଓ କାରଖାନା ମାଲିକମାନଙ୍କୁ ଛୁଟି ଘୋଷଣା କରିବାକୁ ପଡ଼ିଲା । ମଇ ଦୁଇ ତାରିଖରେ ଆମେ କାରଖାନାମାନଙ୍କୁ ଫୋନ୍ କରି ସେଠାରେ ଉଚ୍ଚ ଶକ୍ତିର ବୋମା ଖଂଜାଯାଇଥିବା ବିଷୟ ଜଣାଇଲୁ ଓ ସେମାନେ ଶ୍ରମିକମାନଙ୍କ ପାଇଁ ଦାୟୀ ରହିବେ ବୋଲି ସତର୍କ କରିଦେଲୁ । ଶ୍ରମିକମାନଙ୍କୁ ବାହାରକୁ ଚାଲିଯିବା ପାଇଁ ଅନୁମତି ଦେବା ଛଡ଼ା ସେମାନଙ୍କର ଉପାୟ ନଥିଲା । ଆମେ ପ୍ରାୟ ପ୍ରତିଦିନ ଏହି ପ୍ରକାର ଧମକ ଦେବାରୁ ଅନେକ ଶ୍ରମିକଙ୍କୁ ସପ୍ତାହେ କାଳ ବିଶ୍ରାମ ମିଳିଗଲା । ଲୋକଶକ୍ତି ଯେ ଆମର ପ୍ରକୃତ ଶକ୍ତିର ଆଧାର ଥିଲା ଏହା ସରକାର ବୁଝିଲେ । ଏହାହିଁ ଥିଲା ଆମର ସବୁଠାରୁ ବଡ଼ ସଫଳତା । ଉଚ୍ଚ କ୍ଷମତା ସମ୍ପନ୍ନ ବିସ୍ଫୋରକ ପରି ଦିଶୁଥିବା ଏରିଏଲ୍ ଥିବା ଗୋଟିଏ ବାକ୍ସକୁ ଜଣେ ସାଥୀ ସାଧାରଣ ଲୋକ ଦେଖିପାରିବା ଭଳି ଗୋଟିଏ କୋଠା ନିକଟରେ ରଖି ଦେଇଥିଲା । ପୋଲିସ ସେହି ସ୍ଥାନରେ ପହଞ୍ଚି ହୋ ହଲ୍ଲା କଲେ ଏବଂ ସୈନ୍ୟବାହିନୀକୁ ମଧ୍ୟ ଖବର ଦେଲେ । ବୋମାକୁ ନିଷ୍କ୍ରିୟ କରିଦେବା ପାଇଁ ବିସ୍ଫୋରକ ବିଶେଷଜ୍ଞମାନଙ୍କୁ ଡ଼କାଗଲା । ଶେଷରେ ଯେତେବେଳେ ବୋମାରେ କିଛି ନାହିଁ ବୋଲି ଜଣା ପଡ଼ିଲା ସେମାନଙ୍କର କ୍ରୋଧର ସୀମା ରହିଲା ନାହିଁ । ସୈନ୍ୟମାନେ ଫାଙ୍କା ଗୁଳି ଚଳାଇବାକୁ ଲାଗିଲେ । '୩୧ ଜାନୁଆରୀ ଲୋକପ୍ରିୟ ସାମ୍ମୁଖ୍ୟ' ସବୁ ସ୍ମାରକୀ ଦିବସମାନଙ୍କରେ ଏହି ପରି ଭାବରେ କାର୍ଯ୍ୟାନୁଷ୍ଠାନ କରି ଆସିଛନ୍ତି । ଅନ୍ୟ ଅବସରରେ ମଧ୍ୟ ଏପରି କାର୍ଯ୍ୟାନୁଷ୍ଠାନ ଯେ ନହୋଇଛି ତାହା ନୁହେଁ । ଯେତେବେଳେ ହୋଣ୍ଡୁରାସ୍‌ର ଇଲାକାରେ ପୂର୍ବତନ ସୋମୋଜା ଅଫିସରମାନେ ନିକାରାଗୁଆ ଉପରେ ଆକ୍ରମଣ କଲେ, ହୋଣ୍ଡୁରାସ ବିମାନ ସେବାର ଦପ୍ତରକୁ ପୋଡ଼ି ଦେଇ ଆମେ ତାହାର ପ୍ରତିବାଦ କରିଥିଲୁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମେ ଆମର ସମସ୍ତ ସମୟକୁ ସେଥିରେ ବିନିଯୋଗ କରି ଦେଇଥିଲୁ ।

ଆମ ସଂଗ୍ରାମରେ ମହିଳାମାନେ ଏକ ଅଲୌକିକ ଭୂମିକା ନେଇଛନ୍ତି । ବିଜୟ ପରେ ହିଁ ବୋଧହୁଏ ଆମର ସମ୍ପୂର୍ଣ୍ଣ କାହାଣୀ କହିବା ପାଇଁ ଆମକୁ ସମୟ ମିଳିବ । ମା' ମାନେ ସେମାନଙ୍କ ଶିଶୁମାନଙ୍କ ସହିତ ପ୍ରତିବନ୍ଧକ ସ୍ଥାପନ କରିବେ, 'ପ୍ରଚାର ବୋମା' ରଖିବେ କିମ୍ବା କାଗଜପତ୍ର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେଇଯିବେ - ଏହା ଅଭୂତପୂର୍ବ ନୁହେଁ ତ ଆଉ କ'ଣ ! ଗୁଆଟେମାଲାର ନାରୀମାନଙ୍କର ଏକ ମହାନ୍ ଇତିହାସ ରହିଛି । ଶ୍ରମିକ ଶ୍ରେଣୀର ହୁଅନ୍ତୁ, କୃଷକ ବା ଶିକ୍ଷକ ହୁଅନ୍ତୁ, ସେମାନେ ସମସ୍ତେ ଅକଥନୀୟ

Digitized by srujanika@gmail.com

ଦୁଃଖ ଦୁର୍ଦ୍ଦଶାକୁ ଭୟଙ୍କର ଅନୁଭୂତି ଅଙ୍ଗେ ନିଭେଇଛନ୍ତି । ଆମେ ଯାହା କରୁଛୁ ତାହା କ୍ଷମତା ପାଇଁ ନୁହେଁ, ବରଂ ଏଇଥିପାଇଁ ଯେ ମଣିଷ ପାଇଁ ଆଶା ସଂଚାର ହେବ । ସବୁ ବିପଦ ସତ୍ତ୍ୱେ ଦୃଢ ଭାବରେ ସଂଗ୍ରାମ କରିଯିବା ପାଇଁ ଏହା ଆମକୁ ସାହସ ଦେଇଛି ।

ସରକାରଙ୍କ ଗୁପ୍ତଚରମାନେ ବିଭିନ୍ନ ସ୍ଥାନରେ ରହିଛନ୍ତି । ବସ୍‌ରେ, ରେସ୍ତୋରାଁରେ ବା ବଜାର ପରି ଯେ କୌଣସି ସ୍ଥାନରେ ସେମାନେ ମିଳିବେ । ଆମ ଦେଶରେ କିଛି ଲୋକ ସୌଖୀନ ବୁଲେଟ ପ୍ରୁଫ୍ କାରରେ ବୁଲୁଛନ୍ତି ତ ଆଉ କିଛି ଲୋକ ଘର ଘର ବୁଲି ଛାଞ୍ଚୁଣୀ ବିକୁଛନ୍ତି । ଯାହାହେଉନା କାହିଁକି ଏ ସବୁ ନିୟନ୍ତ୍ରଣ ଲୋକଙ୍କର ଇଚ୍ଛାଶକ୍ତିକୁ ଦବେଇ ଦେଇପାରିନାହିଁ ।

ସ୍ପାନିଶ୍ ଦୂତାବାସର ଘଟଣା ପରେ ବିପ୍ଳବୀ ଖ୍ରୀଷ୍ଟିଆନମାନେ ମୋ ବାପାଙ୍କ ନାମରେ ଏକ ସଂଗଠନ ଗଢିବା ପାଇଁ ସ୍ଥିର କଲେ । ଏହା 'ଭିସେଣ୍ଟ ମେଞ୍ଚୁ, ବିପ୍ଳବୀ ଖ୍ରୀଷ୍ଟିଆନ୍' ନାମରେ ପରିଚିତ । ମୋ ବାପା ତାଙ୍କର ଭୟଙ୍କର ଅନୁଭୂତି ସତ୍ତ୍ୱେ କେବେହେଲେ ବିଶ୍ୱାସ ହରାଇନଥିଲେ । ତେଣୁ ଖ୍ରୀଷ୍ଟିଆନମାନେ ତାଙ୍କୁ ଜଣେ ଜାତୀୟ ବୀର ଭାବରେ ଦେଖୁଥିଲେ । ସ୍ୱର୍ଗ ଓ ମର୍ତ୍ତ୍ୟ ମଧ୍ୟରେ ପାର୍ଥକ୍ୟକୁ ସେ ଭଲ ଭାବରେ ବୁଝିଥିଲେ ଏବଂ ଆତଙ୍କ ଓ ଶୋଷଣକୁ ନିନ୍ଦା କରୁଥିବା ନିଜ ଲୋକମାନଙ୍କ ସହିତ ରହି ଲଢେଇ କରିବାର ରାସ୍ତାକୁ ବାଛି ନେଇଥିଲେ । ଗୁଆଟେମାଲାରେ ବିଭିନ୍ନ ପ୍ରକାର ଗୀର୍ଜା ଅଛି । ଗରିବମାନଙ୍କ ଗୀର୍ଜା ଯେଉଁ ଯୁଦ୍ଧ କରୁଥିଲା ଆମେ ସେଥିରେ ସାମିଲ ହୋଇଥିଲୁ । ଏଲ୍ କ୍ୱିସେର ଅନେକ ଧର୍ମଯାଜକ ଏହାକୁ ସହି ନପାରି ଗୀର୍ଜା ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ଖ୍ରୀଷ୍ଟିଆନ୍ ଧର୍ମ ଯଦି ଜନତାର ସଂଗ୍ରାମରେ ସାମିଲ ହୋଇ ନପାରିବ ଏହା ଗୁଆଟେମାଲାରୁ ବିଦାୟ ଦେବାକୁ ବାଧ୍ୟ ହେବ । ଯଦି ଏଠାରେ ଚାଲିଥିବା ସମସ୍ତ ଅନ୍ୟାୟ ଓ ଦମନ ସତ୍ତ୍ୱେ ଶତ୍ରୁକୁ କ୍ଷମା କରିଦିଅ ବୋଲି ଖ୍ରୀଷ୍ଟିଆନମାନେ କହନ୍ତି ସେମାନେ ପରିସ୍ଥିତିକୁ ବୁଝିନାହାନ୍ତି କହିବାକୁ ପଡ଼ିବ । ଆମ ଭାଇମାନଙ୍କୁ ହତ୍ୟା କଲା ବେଳେ ସରକାର ଆମକୁ କ୍ଷମା ପ୍ରାର୍ଥନା କରେ ନାହିଁ । ଆମ ଦେଶର ଗୀର୍ଜା ପ୍ରକୃତରେ ଦୁଇ ଭାଗ ହୋଇ ଯାଇଛି । ଧନୀ ଲୋକଙ୍କର ଗୀର୍ଜା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ଚାହେଁ ନାହିଁ । ଅନ୍ୟ ପକ୍ଷରେ ଗରିବଙ୍କ ଗୀର୍ଜା ଆମ ସଂଗ୍ରାମରେ ଆମ ସହିତ ସବୁବେଳେ ରହି ଆସିଛି ।

ଗୀର୍ଜା ସବୁବେଳେ ପ୍ରେମ ଓ ସ୍ୱାଧୀନତା ବିଷୟରେ କହିଛି । କିନ୍ତୁ ଗୁଆଟେମାଲାରେ ସ୍ୱାଧୀନତା ନାହିଁ । ଅନ୍ତତଃ ଆମ ପାଇଁ ସ୍ୱାଧୀନତା ନିଶ୍ଚୟ ଏକ ଫମ୍ପା ଶବ୍ଦ । ସ୍ୱର୍ଗରେ ଈଶ୍ୱରଙ୍କ ସାମ୍ରାଜ୍ୟ ଦେଖିବା ପାଇଁ ଆମେ ଅପେକ୍ଷା କରି ପାରିବୁ ନାହିଁ । ମୋର କିନ୍ତୁ ଏହା କରିବା ପାଇଁ କୁଣ୍ଠା ନାହିଁ ଯେ, ସଂଖ୍ୟା ଗରିଷ୍ଠ ଧର୍ମଯାଜକ ହୁଏତ ସୁବିଧାବାଦୀ ହୋଇ ଥାଇ ପାରନ୍ତି, କିନ୍ତୁ ତାଙ୍କ ମଧ୍ୟରେ କେତେ ଜଣ ଅନ୍ତତଃ ଅଛନ୍ତି ଯେଉଁମାନେ ଗୋଟିଏ କୋଠା ବା ଛାଞ୍ଚକୁ ରକ୍ଷା କରିବା ସେମାନଙ୍କର କର୍ତ୍ତବ୍ୟ ନୁହେଁ ବୋଲି

Digitized by srujanika@gmail.com

ବୁଝିଛନ୍ତି । ଲୋକମାନଙ୍କ ପ୍ରତି ସେମାନଙ୍କର ଅଙ୍ଗୀକାରବଦ୍ଧତା ଲାଗି ସେମାନଙ୍କୁ ଅତ୍ୟାଚାର ସହିବାକୁ ପଡ଼ିଛି; ଏପରିକି ଗୀର୍ଜା ମଧ୍ୟ ଛାଡ଼ିବାକୁ ହୋଇଛି । କିନ୍ତୁ ଏହା ମଧ୍ୟରେ କେତେକ ଖ୍ରୀଷ୍ଟିଆନ ବଡ଼ ପଣ୍ଡାଙ୍କର ମୁଖା ମଧ୍ୟ ଖୋଲିଯାଉଛି । ଗତ ପାଞ୍ଚ ଛଅ ବର୍ଷ ହେଲା ସେମାନେ ଦେହ ରକ୍ଷୀଙ୍କ ବିନା ଚଳପ୍ରଚଳ ହୋଇ ପାରୁନାହାନ୍ତି । ଏଇ ଲୋକମାନଙ୍କର ମନୋଭାବ କଥା ଭାବିଲେ ଆମକୁ ବାସ୍ତବିକ ଆଶ୍ଚର୍ଯ୍ୟ ଲାଗେ ।

୧୯୮୧ର ନିର୍ବାଚନ ଆରମ୍ଭରେ ବଡ଼ ଧର୍ମଗୁରୁ କାସାରିଏଗୋଜ୍ ନିର୍ବାଚନ ପ୍ରଚାରକୁ ସମର୍ଥନ ଦେଇଥିଲେ । ସାନ ଧର୍ମଗୁରୁ ଓ ଅନ୍ୟ ଧର୍ମ ପ୍ରଚାରକ ମାନେ ମଧ୍ୟ ଏହା ସହିତ ସମ୍ପୃକ୍ତ ଥିଲେ । ୧୯୮୧ ଜୁଲାଇରେ ସରକାର ଠିକ୍ କଲେ ଏ ସମସ୍ତଙ୍କୁ ସେମାନଙ୍କ ଭୂମିକା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ । ରାଜଧାନୀରେ ସରକାରଙ୍କ ମନ୍ତ୍ରୀ ଓ ଡ଼େପୁଟିମାନଙ୍କ ସହିତ ଏକ ବୈଠକରେ ଯୋଗଦେବା ପାଇଁ ସେମାନଙ୍କୁ ରାଜଧାନୀକୁ ଡ଼କାଗଲା । କଂଗ୍ରେସ ସୌଧକୁ ପ୍ରବେଶ କରିବା ପୂର୍ବରୁ ସେମାନଙ୍କୁ ସଠିକ୍ ନାମ ଓ ଠିକଣା ସହିତ ଫଟୋ ମଧ୍ୟ ଦେବାକୁ ପଡ଼ିଥିଲା । । ଏହି ବୈଠକରେ ହତ୍ୟାକାରୀ ଲୁକାସ୍ ଏକ ସାକ୍ଷରତା ଅଭିଯାନ ଆରମ୍ଭ କରିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଲା । ଅଧିକାଂଶ ଧର୍ମଯାଜକ ଅବଶ୍ୟ ଦମନ ଭୟରେ କିଛି କହିଲେ ନାହିଁ । କିନ୍ତୁ ସେମାନଙ୍କ ମଧ୍ୟରେ ଥିବା ବିଦ୍ରୋହୀ ନନ୍ କେତେଜଣ ସେମାନଙ୍କ ମନ କଥାକୁ ପ୍ରକାଶ କରିଦେଲେ । ସେମାନେ ବହୁଦିନ ଧରି ସାକ୍ଷରତା ଅଭିଯାନ କରି ଆସୁଛନ୍ତି, ତେଣୁ ଲୋକମାନଙ୍କୁ ପଢା ଲେଖା ଶିଖାଇବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବା ଲାଗି ଏହି ବୈଠକର ଆବଶ୍ୟକତା ନଥିଲା ବୋଲି ଦୃଢ଼ ଭାବରେ କହିଲେ ।

ଏହାପରେ ଅନେକ ଧର୍ମଯାଜକଙ୍କୁ ଆତ୍ମଗୋପନ କରିବାକୁ ପଡ଼ିଲା । ଯେଉଁମାନେ ସରକାରର ନିମନ୍ତ୍ରଣ ପାଇ ଜବାବ ଦେଲେ ନାହିଁ, ବେତାର ଓ ଟେଲିଭିଜନ ମାଧ୍ୟମରେ ସେମାନଙ୍କ ଉପରେ ଆକ୍ରମଣ କରାଗଲା । ଗୁଆଟେମାଲାରେ ଧର୍ମକୁ ଅଧିକ ନିୟନ୍ତ୍ରଣ କରାଯିବ ଏବଂ ଗୀର୍ଜା ଓ କନ୍‌ଭେଣ୍ଟଗୁଡ଼ିକୁ ଖାନତଲାସ କରାଯିବ ବୋଲି ସରକାର ଘୋଷଣା କଲା । ଲୋକମାନଙ୍କ ପକ୍ଷ ନେଉଥିବା ନନ୍‌ମାନଙ୍କର ଘର ଉପରେ ଚଢ଼ାଉ କରାଗଲା । ଯେଶୁଇଟ୍ ଲୁଇ ପେଲେସାର୍‌ଙ୍କୁ ଅପହରଣ କରି ସେ ସରକାର ସପକ୍ଷରେ ବୟାନ ନଦେବା ପର୍ଯ୍ୟନ୍ତ ତାଙ୍କ ଉପରେ ଅତ୍ୟାଚାର କରାଗଲା । ଶହ ଶହ ପ୍ରଚାରକ ଓ ବାରଜଣ ଧର୍ମଯାଜକଙ୍କ ମୃତ୍ୟୁ ବେଳେ ଯେଉଁପରି ପ୍ରତିକ୍ରିୟା ହେବା କଥା ତାହା ନହେବାରୁ ଏହା ସବୁ ହେଲା ବୋଲି କହିବାକୁ ପଡ଼ିବ । ଜଣେ ଧର୍ମଯାଜକ ତାଙ୍କ ଗୀର୍ଜାରେ ଆଶ୍ରୟ ନେଇଥିବା ଚାଳିଶି ଜଣ କୃଷକଙ୍କୁ ସରକାର ହାତରେ ଅର୍ପଣ କରିବାର ଉଦାହରଣ ପୂର୍ବରୁ ରହିଥିଲା । ତାଙ୍କ ଝିଆରୀର ମା' ଜଣେ ୟୁନିଅନର ନେତା ଭାବରେ ଚାଳିଶ ଜଣ କୃଷକଙ୍କ ଜୀବନ ରକ୍ଷା କରିବା ପାଇଁ ଅଭିଯାନ କରିଥିବାରୁ ତାଙ୍କୁ ମଧ୍ୟ ସେ ସରକାର ହାତରେ ଅର୍ପଣ

Digitized by srujanika@gmail.com

କରିଥିଲେ । ଷୋହଳ ବର୍ଷର ଏହି ଝିଅଟି ଉପରେ ଜି-୨ ସେନାବାହିନୀର ସୈନ୍ୟମାନେ ଅକଥନୀୟ ଅତ୍ୟାଚାର କରିଥିଲେ । କୌଣସିମତେ ରକ୍ଷା ପାଇବା ପରେ ସେ ତା'ର ମାନସିକ ଭାରସାମ୍ୟ ହରାଇଥିଲା । ବାରମ୍ବାର ଧର୍ଷଣ ଫଳରେ ସେ କଥା କହି ପାରୁ ନଥିଲା ଓ ତା'ର ଶରୀର ଚଳତ୍‌ଶକ୍ତିହୀନ ହୋଇ ପଡ଼ିଥିଲା । ତିନିଘଣ୍ଟା ମଧ୍ୟରେ ଦେଶ ବାହାରକୁ ଚାଲିଯିବା ପାଇଁ ତାକୁ ଆଦେଶ ଦିଆଯିବାରୁ ସେ ବିଚାରୀ ଏବେ ଦେଶ ବାହାରେ ଅଛି ; କିନ୍ତୁ ବାକ୍ ଶକ୍ତି କିମ୍ବା ଚଳତ୍ ଶକ୍ତି ଫେରିପାଇନାହିଁ । □

Digitized by srujanika@gmail.com

୩୩
ସୈନ୍ୟବାହିନୀ ଦ୍ୱାରା ଅନୁଧାବିତ, ରାଜଧାନୀରେ ଆତ୍ମଗୋପନ

'ସଂଗ୍ରାମ ପାଇଁ ପ୍ରତିବଦ୍ଧତା କୌଣସି ସୀମା ସରହଦ ମାନେନାହିଁ । ଆମମାନଙ୍କ ମଧ୍ୟରୁ ଯେଉଁମାନେ ନିବିଡ଼ ଆନ୍ତରିକତାର ସହ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟରତ, ସେମାନେ ବିପଦ ବରଣ କରିବାପାଇଁ ସର୍ବଦା ପ୍ରସ୍ତୁତ ।'

ରିଗୋବେର୍ଟା ମେଞ୍ଚୁ

ଏହାପରେ ମୁଁ ଜଣେ ପଳାତକ ହୋଇଗଲି । ସେମାନେ ମୋତେ ଖୋଜୁଥାନ୍ତି ଓ ମୁଁ କିଛି କରି ପାରୁ ନଥାଏ । କୌଣସି ସାଥୀର ଘରେ ରହିବାର ଅର୍ଥ ଥିଲା ତା'ର ପରିବାରକୁ ବିପଦକୁ ଠେଲିଦେବା । ସୈନ୍ୟବାହିନୀ ମୋତେ ଓ ମୋ ଭାଇମାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜୁଥାନ୍ତି । ମୁଁ ସେତେବେଳେ ଯାହା ଘରେ ରହିଛି ସେମାନଙ୍କ ଠାରୁ ପ୍ରଚୁର ସ୍ନେହ ଓ ନୈତିକ ସମର୍ଥନ ପାଇଛି । ସେହି ତିକ୍ତ ସମୟର ସ୍ମୃତିଗୁଡ଼ିକ ମୋ ପାଇଁ ଖୁବ୍ ଯନ୍ତଣାଦାୟକ । ମୁଁ ଜଣେ ପରିପକ୍ୱ ଓ ଦୃଢ଼ମନା ନାରୀ ହୋଇଥିବାରୁ ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେବାର ଆତ୍ମବିଶ୍ୱାସ ମୋ ନିକଟରେ ଥିଲା । ତଥାପି ମୁଁ ନିଜକୁ କହୁଥାଏ: ' ରିଗୋବେର୍ଟା, ତୋତେ ଆହୁରି ଅଭିଜ୍ଞତା ହାସଲ କରିବାକୁ ପଡ଼ିବ ।' ମୁଁ ତ ଯାହାହେଲେ କହି ପାରୁଥିଲି । ଯେଉଁ ପିତୃମାତୃହରା ପିଲାମାନେ ସେମାନଙ୍କ ନିଜ କାହାଣୀ କହି ପାରୁ ନଥିଲେ, ମୁଁ ସେମାନଙ୍କ ବିଷୟରେ ବେଶୀ ଭାବୁଥିଲି । ଅନେକ କଥା ଭୁଲିବାକୁ ଚେଷ୍ଟାକରି ମଧ୍ୟ ଭୁଲି ହେଉ ନଥିଲା । ଜଣେ ସଚେତନ ନାରୀ ଭାବରେ ମୋତେ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଏହା ମୁଁ ଉପଲବ୍ଧି କରୁଥିଲି । ଗୁଆଟେମାଲାରେ ମୁଁ ଜଣେ ମାତ୍ର ବାପା ମା' ଛେଉଣ୍ଡ ନଥିଲି; ମୋ ପରି ଆହୁରି ଅନେକ ମଧ୍ୟ ଥିଲେ । ଏହା କେବଳ ମୋର ବ୍ୟକ୍ତିଗତ ଦୁଃଖ ନଥିଲା; ଏହା ଥିଲା ଗୋଟିଏ ମାନବ ସଂପ୍ରଦାୟର ଦୁଃଖ । ଆମେ ଯେଉଁମାନେ ପିତୃମାତୃହରା ହୋଇ ରହିଯାଇଛୁ, ଏହି ଯନ୍ତ୍ରଣାକୁ ସହ୍ୟ କରିବାକୁ ପଡ଼ିବ ।

ପରେ ମୋର ଜଣେ ସାନ ଭଉଣୀ ସହତ କିଛି ସମୟ କଟାଇବାର ସୁଯୋଗ ମୋତେ ମିଳିଥିଲା । ତା' ସହିତ କଥା ହୋଇ ମୁଁ ଜାଣିଲି, ତାର ମନୋବଳ ଥିଲା ମୋ ଠାରୁ

Digitized by srujanika@gmail.com

ବେଶୀ । ସେ ବେଶୀ ଭଲ ଭାବରେ ପରିସ୍ଥିତିର ସମ୍ମୁଖୀନ ହୋଇ ପାରୁଥିଲା । ଆମ ବାପା ମା' କେବେ କାହାରି କିଛି କ୍ଷତି କରି ନଥିଲେ ମଧ ସେମାନଙ୍କୁ ଯେଉଁ କଷ୍ଟ ଭୋଗିବାକୁ ପଡ଼ିଥିଲା ତାହାକୁ ମୁଁ ମୋଟେ ଗ୍ରହଣ କରି ପାରୁ ନଥିଲି । ମୋ ଭଉଣୀକୁ ମୁଁ ସେଇ କଥା କହିଲି । ମୋର ବେଳେବେଳେ ଇଚ୍ଛା ହେଉଥିଲା, ମୁଁ କିଛି ହେଲେ ପାପ କରି ଥାନ୍ତି, ତାହାହେଲେ ହୁଏତ ଏକ ଅଭାବବୋଧ ଭିତରେ ମୁଁ ନିଜକୁ ହଜାଇ ଦେଇ ପାରିଥାନ୍ତି । ମୋତେ ଚିନ୍ତା କରିବାକୁ ପଡ଼ନ୍ତା ନାହିଁ, କିମ୍ବା ଜୀବନ ବୋଝ ପରି ଲାଗନ୍ତା ନାହିଁ, ମୋ ସାନ ଭଉଣୀ ସହିତ ସାକ୍ଷାତ ମୋ ପାଇଁ ଏକ ସୁନ୍ଦର ଅନୁଭୂତି ଥିଲି । ଯାହା ଘଟି ଯାଇଛି ତାହା ଆମ ବିଜୟର ସଙ୍କେତ ବୋଲି ସେ ମନେକରୁଥିଲା । ଆମକୁ ଏହା ଅଧିକ ଲଢେଇ କରିବା ପାଇଁ ପ୍ରେରଣା ଯୋଗାଇବ । ଆମେ ବିପ୍ଳବିନୀ ନାରୀ ଭଳି ବ୍ୟବହାର କରିବା ଉଚିତ , ସେ କହୁଥିଲା । କେବଳ ଭଲ ମଧରୁ ବିପ୍ଳବୀ ଟିଏ ଜନ୍ମ ନିଏ ନାହିଁ । ତିକ୍ତ ଓ ଶୋଚନୀୟ ପରିସ୍ଥିତିରୁ ହିଁ ସେ ସୃଷ୍ଟି ହୁଏ । ଆମ ଦୁଃଖ ଓ ଯନ୍ତ୍ରଣାକୁ ନ ମାପି, ଆମର ଯାହା ଅନୁଭୂତି ହୋଇଛି ତାକୁ କଳନା କରିବାକୁ ଚେଷ୍ଟା ନକରି ଏବଂ ଯେଉଁ ଚରମ ଦୁଃଖ ଆମକୁ ଭୋଗିବାକୁ ପଡ଼ିବ ସେ ବିଷୟରେ ଚିନ୍ତା ନକରି ଆମକୁ ସଂଗ୍ରାମ କରିଯିବାକୁ ପଡ଼ିବ । ମୋ ସାନଭଉଣୀର ଉତ୍ସାହପ୍ରଦ କଥାଗୁଡ଼ିକ ମୋର ଅଙ୍ଗୀକାରବଦ୍ଧତାକୁ ସମ୍ପୂର୍ଣ୍ଣ ନୂଆ କରି ଗଢିବାରେ ଖୁବ୍ ସାହାଯ୍ୟ କଲା । ପ୍ରକୃତରେ ଏ ସବୁକୁ ଗ୍ରହଣ ନକରିବା ମୋ ପକ୍ଷରେ କେତେ କାପୁରୁଷତା ଥିଲା - ଏହାହିଁ ମୁଁ ଭାବୁଥିଲି ।

ମୋ ପକ୍ଷରେ ଗୋଟିଏ ଘରେ ବେଶୀ ସମୟ ରହିବା ସମ୍ଭବ ନଥିବାରୁ ସବୁବେଳେ ମୋତେ ସ୍ଥାନ ପରିବର୍ତ୍ତନ କରିବାକୁ ପଡୁଥିଲା । ବେଳେ ବେଳେ ମୁଁ ଅସୁସ୍ଥ ହୋଇ ପଡୁଥିଲି ଓ ପନ୍ଦର ଦିନ ପର୍ଯ୍ୟନ୍ତ ମୋତେ ବିଛଣାରେ ପଡ଼ି ରହିବାକୁ ହେଉଥିଲା । ଥରେ ମୋର ଅନ୍ତଃନାଳୀରେ କ୍ଷତ ହୋଇଥିବା ବେଳେ ଏପରି ପରିସ୍ଥିତି ହୋଇଥିବା ବିଷୟ ମୋର ମନେ ଅଛି । ମୋ ମା' ଙ୍କ ମୃତ୍ୟୁର ଠିକ୍ ପରେ ଏହା ହୋଇଥିଲା । ମୁଁ ଏତେ ଅସୁସ୍ଥ ହୋଇ ପଡ଼ିଥିଲି ଯେ, ବାହାରକୁ ଯିବା ପାଇଁ ମୋ ଦେହରେ ଜମା ବଳ ନଥିଲା । ମୁଁ ସ୍ୱପ୍ନରେ ମୋ ବାପା ଓ ମା'ଙ୍କୁ ଦେଖିଲି । ମୋ ବାପା ଯେମିତି ମୋତେ ମନେ ପକାଇ ଦେଲେ ଯେ ମୁଁ ଯାହା କରୁଛି ଠିକ୍ କରୁ ନାହିଁ । ତାଙ୍କ କଥା ମୋ ପାଇଁ ଔଷଧଠାରୁ ବେଶୀ କାମ କଲା ଓ ମୁଁ ସୁସ୍ଥ ହୋଇ ଉଠିଲି । ମୋର ସ୍ଫୂର୍ତ୍ତି ଫେରି ଆସିବା ପରେ ମୁଁ ରହୁଥିବା ଘର ଛାଡ଼ି ଗୋଟିଏ ଛୋଟ ସହରରେ ଯାଇ ପହଞ୍ଚିଲି । ଏହା ଥିଲା ହ୍ୟୁହ୍ୟୁଟେନାଙ୍ଗୋର ଏକ କ୍ଷୁଦ୍ର ସହର । କିନ୍ତୁ ସେଠାରେ ମୁଁ ପହଞ୍ଚିଥିବା କଥା ସୈନ୍ୟବାହିନୀ ଜାଣି ପାରିଲେ । ସେତେବେଳକୁ ଘର ଭିତରେ ବନ୍ଦୀ ପରି ରହି ମୋତେ ବିଟା ଲାଗୁଥାଏ । ଏମିତି ଏକ ସମୟ ଆସେ ଯେତେବେଳେ ଆଉ ଲୁଚି ରହିବା ପାଇଁ ମୋଟେ ଇଚ୍ଛା ହୁଏ ନାହିଁ । ସୈନ୍ୟବାହିନୀର ଜିପ୍‌ଟିଏ ମୋ ନିକଟରେ ପହଞ୍ଚିଲା ଓ ଜିପ୍‌ରୁ କେହି ଜଣେ ମୋ ନାଁ ଧରି ଡ଼ାକିଲା । ମୁଁ ଜାଣି

Digitized by srujanika@gmail.com

ପାରିଲି ମୋତେ ନିଶ୍ଚୟ ଅପହରଣ କରି ନିଆଯିବ କିମ୍ବା ହତ୍ୟା କରାଯିବ । ସେତେବେଳେ ମୋ ମନକୁ ଯେଉଁ ସବୁ ଚିନ୍ତା ଆସିଲା, ମୋର ମନେପଡୁଛି । ମୋ ଭିତରେ ବଞ୍ଚିବା ପାଇଁ ଏକ ପ୍ରବଳ ଆକାଂକ୍ଷା ଜାତ ହେଲା । ମୋର ମନେହେଲା ଆହୁରି ଅନେକ କାମ କରିବାକୁ ବାକୀ ଅଛି ଓ ଏହା ମରିବାର ସମୟ ନୁହେଁ । ସୈନ୍ୟମାନେ ପୁଣି ଫେରିଆସିଲେ ଏବଂ ମୋ ସହିତ କଥା ହେବେ ବୋଲି ଖବର ପଠାଇଲେ । ସେତେବେଳେ ରାସ୍ତା ଶୂନଶାନ୍ ହୋଇ ପଡ଼ିଥାଏ । ମୁଁ କ'ଣ କରିବି ଜାଣି ପାରିଲି ନାହିଁ । ମୋ ସହିତ ଆଉଜଣେ ଥାଏ । ଆମେ ଗୋଟିଏ ଦୋକାନ ଭିତରକୁ ଯାଇ ଆତ୍ମଗୋପନ କରିବୁ ଭାବିଲୁ । କିନ୍ତୁ ସେଠାକୁ ଯାଇଥିଲେ ସେମାନେ ଆମକୁ ହତ୍ୟା କରିଥାନ୍ତେ । ଦୂରରେ ଗୋଟିଏ ଗୀର୍ଜା ଥିଲା । ଆମେ ସେଠାକୁ ଦୌଡ଼ିଲୁ । ଗୀର୍ଜା ଭିତରକୁ ଯିବାବେଳେ ସୈନ୍ୟମାନେ ଆମକୁ ଦେଖିପାରିଲେ ଓ ଆମ ପଛେ ପଛେ ସେଠାରେ ପହଞ୍ଚିଲେ । ଧର୍ମଯାଜକଙ୍କ କୋଠରୀକୁ ଯାଇଥିଲେ କିଛି ଲାଭ ହୋଇନଥାନ୍ତା । ସେଠାରୁ ମଧ୍ୟ ମୋତେ ସେମାନେ ବାହାର କରି ଆଣି ପାରିଥାଆନ୍ତେ । ମୃତ୍ୟୁ ଆଉ ବେଶୀ ସମୟ ନାହିଁ ବୋଲି ମୁଁ ଜାଣିପାରିଲି । ଆମ ଇଣ୍ଡିଆନ ସରି ନଥିବାରୁ ମୁଁ ମରିବାକୁ ଜମା ଚାହୁଁ ନଥିଲି । ସେତେବେଳେ ମୋର ଲମ୍ବା କେଶ ଥିବା କଥା ମୋର ମନେ ଅଛି । ତାହାକୁ ବାନ୍ଧି ରଖିବା ମୋର ଅଭ୍ୟାସ ଥିଲା । ମୁଁ ମୋ କେଶକୁ ଖୋଲିଦେଲି । ତାହା ମୋ ପିଠିକୁ ଆବୃତ କରି ଝୁଲି ରହିଲା । ମୁଁ ଆଣ୍ଠୁମାଡ଼ି ବସିଲି । ଗୀର୍ଜାରେ କେବଳ ଦୁଇଜଣ ଲୋକ ବ୍ୟତୀତ ଆଉ କେହି ନଥାନ୍ତି । ମୋ ସାଥୀ ଓ ମୁଁ ସେମାନଙ୍କ ପଛରେ ବସି ରହି ପ୍ରତୀକ୍ଷିତ ମୁହୂର୍ତ୍ତଟିକୁ ଅପେକ୍ଷା କରିବାରେ ଲାଗିଲୁ । ସେମାନେ ଗୀର୍ଜା ଭିତର ଦେଇ ଗଲେ ମଧ୍ୟ ଆମକୁ ଦେଖି ପାରିଲେ ନାହିଁ । ସେତେବେଳକୁ ସେମାନେ ସମ୍ପୂର୍ଣ୍ଣ ହିତାହିତ ଜ୍ଞାନଶୂନ୍ୟ ହୋଇ ପଡ଼ିଥାନ୍ତି । ଗୀର୍ଜାକୁ ଲାଗି ବଜାର ଥିଲା ଏବଂ ଆମେ ଗୀର୍ଜା ଭିତର ହୋଇ ବଜାରକୁ ଚାଲିଯାଇଛୁ ବୋଲି ସେମାନେ ଭାବିଲେ । ପ୍ରାୟ ଦେଢ ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ସେମାନେ ଆମକୁ ଚିହ୍ନି ପାରିଲେ ନାହିଁ । ବଜାର ସାରା ଖୋଜିବା ପରେ ସେମାନେ ସହର ଛାଡ଼ି ଚାଲିଗଲେ ଓ ତାହାକୁ ଘେରାଉ କରି ରଖିଲେ । କିନ୍ତୁ ଆମେ ଅନ୍ୟ ଏକ ରାସ୍ତାରେ ଖସି ପଳାଇଲୁ ।

ସେତେବେଳେ ମୁଁ କିଛି ଚିନ୍ତା କରୁନଥିବାରୁ ମୋତେ ଭୟ ମଧ୍ୟ ଲାଗୁ ନଥିଲା । ବିପଦ ସମୟରେ, ତୁମ ଜୀବନର ଆଉ ଗୋଟିଏ ମିନିଟ୍ ବାକୀ ଅଛି ବୋଲି ତୁମେ ଯେତେବେଳେ ଜାଣିବ, ତୁମେ ଗତ କାଲି କ'ଣ କରିଥିଲ କିମ୍ବା ଆସନ୍ତା କାଲି କ'ଣ କରିବ ସେ କଥା କଦାପି ଭାବିବ ନାହିଁ । ସେତେବେଳେ ମୋ ମୁଣ୍ଡ ସମ୍ପୂର୍ଣ୍ଣ ଶୂନ୍ୟ ଥିଲା ବୋଲି ମୋର ମନେଅଛି । ମୁଁ କେବଳ ଏତିକି ଜାଣିଥିଲି ଯେ ମୁଁ ମରିବାକୁ ଜମା ଚାହୁଁନଥିଲି ଓ ବେଶୀ ଦିନ ବଞ୍ଚିବାକୁ ଚାହୁଁଥିଲି । ଏହା ମୋର କାପୁରୁଷତାକୁ ହିଁ ପ୍ରମାଣ କରୁଥିଲା, ଯେହେତୁ ପୂର୍ବେ ଅନେକ ଥର ମୁଁ ମରିବା ପାଇଁ ଚାହୁଁଥିଲି । କିନ୍ତୁ ଏହି ଘଟଣା ମୋର

Digitized by srujanika@gmail.com

ଅଙ୍ଗୀକାରବଦ୍ଧତାକୁ ବଢାଇ ଦେଲା । ମୁଁ ଜୀବନ ଦେବାକୁ ପ୍ରସ୍ତୁତ ଥିଲି, କିନ୍ତୁ ଏପରି ଭାବରେ ନୁହେଁ । କର୍ତ୍ତବ୍ୟ ପାଳନ କରୁ କରୁ ମରିଗଲେ ମୋର ସାମାନ୍ୟତମ ଅନୁଶୋଚନା ରହିନଥାନ୍ତା । ମୁଁ ହୁଏତ ଭୁଲ୍ କଥା କହୁଥିଲି । କିନ୍ତୁ ଏହା ନିଶ୍ଚିତ ଯେ ଆମ ଲୋକଙ୍କ ଲଢେଇରେ ଯୋଗଦେବା ହେତୁ ହିଁ ମୁଁ ଦୁଃଖ ଭୋଗ କରୁଥିଲି; ଠିକ୍ ଆମରି ଲୋକଙ୍କ ପରି ।

ଆମେ କୌଣସିମତେ ସହର ବାହାରକୁ ଚାଲିଗଲୁ । ସହର ଠାରୁ ଅନେକ ଦୂରକୁ ଚାଲିଯିବା ଆମ ଉଦ୍ଦେଶ୍ୟ ଥିଲା । କୌଣସି କୃଷକ କିମ୍ବା ସହାନୁଭୂତିଶୀଳ ନନ୍ ସହିତ ରହିବା ସମ୍ଭବ ନଥାଏ । ସେମାନେ ମୋତେ କେଉଁଠି ବା ଲୁଚାଇଥାନ୍ତେ ! ମୁଁ ଫିନ୍କାରେ କାମ କରିଥିବାରୁ ମୋତେ ଅନେକ ଲୋକ ଜାଣିଥିଲେ ତେଣୁ ଯେଉଁଠାରେ ଥିଲେ ମଧ୍ୟ ଚିହ୍ନା ପଡ଼ିଯିବାର ସମ୍ଭାବନା ଥିଲା । ମୋ ସାଥୀମାନେ ମୋତେ ଗୁଆଟେମାଲା ନଗରକୁ ନେଇଗଲେ । ସେଠାରେ ପହଞ୍ଚି କ'ଣ କରିବି ମୋର କୌଣସି ନିର୍ଦ୍ଦିଷ୍ଟ ଯୋଜନା ନଥିଲା । ମୁଁ କେଉଁଠି ରହିବି ତାହା ମଧ୍ୟ ଜାଣି ନଥିଲି । ଏବେ ଯେପରି ସଂଗଠନ ଅଛି, ସେତେବେଳେ ନଥିଲା । ଆଜିକାଲି ଆତ୍ମଗୋପନ କରିବାର କେତେ ଉପାୟ ବାହାରିଲାଣି; କିନ୍ତୁ ସେ ସମୟରେ ଏଗୁଡ଼ିକ କେହି ଜାଣି ନଥିଲେ । ମୁଁ ନିଜ ପରିଚୟ ନଜଣାଇ ଜଣେ ନନ୍ ଘରେ ଚାକରାଣୀ ଭାବରେ କାମ କଲି । ମୋ ଅନ୍ତରର ସବୁ ବିଭୀଷିକା ସତ୍ତ୍ୱେ ମୋତେ ବୁଝିପାରୁଥିବା କିମ୍ବା ମୋ ପ୍ରତି ସହାନୁଭୂତି ଥିବା କାହାରି ସହିତ କଥା ହେବାର ସୁଯୋଗ ପାଇଥିଲେ ମୋତେ ଭଲ ଲାଗିଥାନ୍ତା । କିନ୍ତୁ ଯେଉଁ ନନ୍ମାନଙ୍କ ଘରେ ମୁଁ କାମ କରୁଥିଲି, ସେମାନେ ମୋ ପରିସ୍ଥିତି ବିଷୟ କିଛି ଜାଣି ନଥିଲେ । ତେଣୁ ମୁଁ କାହାରି ସହିତ କଥା ହୋଇ ପାରୁନଥିଲି ।

ମୋତେ ସେମାନେ ଗନ୍ଦା ଗଦା ଲୁଗା ସଫା କରିବା କାମରେ ଲଗାଇଦେଲେ । ଲୁଗା ସଫା କଲାବେଳେ ମୋ ସମଗ୍ର ଅତୀତ ମୋ ମାନସପଟକୁ ଆସିଗଲା । ମୋ ଦୁଃଖ ଶୁଣିବା ପାଇଁ କିମ୍ବା ଆଶ୍ୱାସନା ଦେବା ପାଇଁ ସେଠାରେ କେହି ନଥିଲେ । ମୁଁ କହିଥିଲେ ବି ସେମାନେ ବୁଝି ପାରି ନଥାନ୍ତେ । ଅନ୍ୟ ପନ୍ଥା ନଥିବାରୁ ହିଁ ମୁଁ ସେଠାରେ ରହିଥିଲି । ଏହିପରି ପ୍ରାୟ ପନ୍ଦର ଦିନ ବିତିଗଲା । ମୁଁ କିଛି ନକହିଲେ ମଧ୍ୟ ନନ୍ମାନେ ମୋତେ ସନ୍ଦେହ କରିବାକୁ ଆରମ୍ଭ କଲେ । ମୋର ସବୁ ସମସ୍ୟା ଓ ଯନ୍ତ୍ରଣାକୁ ମୁଁ ନିଜ ହୃଦୟରେ ଚାପି ରଖିଥାଏ । ଏଇ ନିରୀହା ଚାକରାଣୀଟିକୁ ନନ୍ ମାନେ ପାଖରେ ପୂରାଇ ଦେଉନଥାନ୍ତି । ସେମାନଙ୍କର ନିଜର ଗୋଷ୍ଠୀଟିଏ ଥିଲା । ସେମାନଙ୍କୁ ପ୍ରଚୁର ଖାଦ୍ୟ ମଧ୍ୟ ମିଳୁଥିଲା । ସେମାନଙ୍କର ନିଜର ସ୍ୱତନ୍ତ୍ର ଶୋଇବା ଘର ଥିଲା । ସେମାନେ ନନ୍ ହୋଇଥିବାରୁ ସେମାନଙ୍କର ଲୁଗାପଟାକୁ ଖୁବ୍ ଯତ୍ନର ସହିତ ଧୋଇବାକୁ ପଡୁଥିଲା । ଏହି ପରିସ୍ଥିତିକୁ ମୁଁ ମୋଟେ ସହି ପାରିଲିନି । କୌଣସି ମହତ୍ତର ଲକ୍ଷ୍ୟ ପାଇଁ ନୁହେଁ, ବରଂ କେବଳ ନିଜ ଜୀବନ ରକ୍ଷା ପାଇଁ ଏହି ଯନ୍ତ୍ରଣା ଭୋଗିବାକୁ ପଡୁଛି - ଏହା ଭାବିଲେ ମୋ ପରିସ୍ଥିତି କେତେ ଶୋଚନୀୟ ତାହା ପ୍ରମାଣିତ

Digitized by srujanika@gmail.com

ହେଉଥିଲା । ମୁଁ ସେଠାରେ ଯେତେଦିନ ରହିଲି, ମୋ ସହିତ କେହି ନନ୍ କଥା ହେଲେ ନାହିଁ । ମୋ ଉପରେ କାହାରି ଦୃଷ୍ଟି ମଧ୍ୟ ନଥାଏ । କିନ୍ତୁ କାମର ବୋଝ କିଛି କମ୍ ନଥିଲା । ଲୁଗା ଧୋଇବା ସହିତ ମୋତେ ଘର ସଫା କରିବାକୁ ପଡୁଥିଲା । କାମ ବାହାରେ ଏଣୁତେଣୁ ଗୁଡ଼ାଏ କଥା ମଧ୍ୟ କରିବାକୁ ଥାଏ । ନାନା ପ୍ରକାର ଚିନ୍ତା ଯୋଗୁଁ ମୋତେ ଭାରି କ୍ଳାନ୍ତ ଓ ଅସୁସ୍ଥ ଲାଗୁଥିଲା । ଅନେକ ଦିନ ଧରି ଉପାସ ରହିବାରୁ ମୋ ପେଟରେ ଘା' ହୋଇ ଯାଇଥାଏ । ସେତିକିବେଳେ ନନ୍‌ମାନଙ୍କର ଜଣେ ଚାକରାଣୀ ସହିତ ମୋର ବନ୍ଧୁତା ହେଲା । ମୋ କଥା ଶୁଣିବା ପାଇଁ ମୋତେ ଅନ୍ତତଃ ଜଣେ ଲୋକ ମିଳିଗଲା ବୋଲି ମୁଁ ଭାବିଲି । ମୁଁ ମୋର ପରିସ୍ଥିତି ବା ସମସ୍ୟା ସମ୍ପର୍କରେ କିଛି ନକହି ଫିନ୍‌କାରେ ମୋର ଅନୁଭୂତି ବିଷୟ ତାକୁ କହିଲି । ଏହା ଫଳରେ ମୋତେ କିଛି ମାନସିକ ଶାନ୍ତି ମିଳିଲା । ମୁଣ୍ଡରୁ କିଛି ବୋଝ କମିଯିବା ପରି ମନେହେଲା ।

ସକାଳ ପାଞ୍ଚଟାରୁ ଉଠି ନିତ୍ୟକର୍ମ ସାରି ମୁଁ କାମ ପାଇଁ ପ୍ରସ୍ତୁତ ହୋଇଯାଉଥିଲି । ଅପରାହ୍ନ ଦେଢଟା ବା ଦୁଇଟା ବେଳେ ମଧ୍ୟାହ୍ନ ଭୋଜନ ନାମରେ ଯାହା ମିଳୁଥିଲା ତାହା ଥିଲା ଅନ୍ୟମାନେ ଖାଇବା ପରେ ଛାଡ଼ି ଯାଇଥିବା ଉଚ୍ଛିଷ୍ଟ । ଏପରି କଷ୍ଟକର ସମୟରେ ପାଟି ଖୋଲିବା ପାଇଁ ମଧ୍ୟ ମୋର ଯୁ ନଥିଲା । ଘରେ ରହି କେତେଜଣ ପିଲା ପାଠ ପଢୁଥାନ୍ତି । କିନ୍ତୁ ସେମାନଙ୍କ ସହିତ କଥା ହେବା ପାଇଁ ମୋତେ ମନା କରାଯାଇଥିଲା । ଏହା ପଛରେ କି କାରଣ ଥାଇପାରେ ମୁଁ ଜାଣି ପାରୁନଥିଲି । ଜଣେ ଯୁବକ ସେହି ଘରକୁ ବାରମ୍ବାର ଆସୁଥାଏ । ସେ ହିଁ ଥିଲା ସେ ଘରକୁ ଆସୁଥିବା ଏକମାତ୍ର ପୁରୁଷ ଲୋକ । ନନ୍‌ମାନେ ତାକୁ ଭାରି ଚର୍ଚ୍ଚା କରୁଥିଲେ । ସେ ଜଣେ ଧର୍ମ ଯାଜକ ହୋଇଥିବ ବୋଲି ମୁଁ ପ୍ରଥମେ ଭାବିଥିଲି; କିନ୍ତୁ ତା' କଥାବାର୍ତ୍ତାରୁ ସେ ଗୁଆଟେମାଲାର ଲୋକ ଏକଥା ମୋତେ ଜଣା ପଡୁନଥିଲା । ଦିନେ ମୁଁ ସାହସ ସଞ୍ଚୟ କରି ରୋଷେୟାକୁ ଏଇ ଯୁବକଟି ବିଷୟରେ ପଚାରିଲି । ରୋଷେୟା ସ୍ତ୍ରୀ ଲୋକଟି ନନ୍‌ମାନେ ରାଗିବେ ବୋଲି ପ୍ରଥମେ କିଛି କହିବାକୁ ଚାହିଁଲା ନାହିଁ । ଏହା ମୋର ସନ୍ଦେହକୁ ବେଶୀ ବଢାଇଦେଲା । ଲୋକଟିର ପରିଚୟ ଜାଣିବା ପାଇଁ ମୁଁ ବେଶୀ ଉତ୍କଣ୍ଠିତ ହୋଇପଡ଼ିଲି । ମୋ ଜୀବନ ତ ବିପଦ ସଂକୁଳ ଥିଲା, ତେଣୁ ମୁଁ କେଉଁ ଲୋକମାନଙ୍କ ସହିତ ରହୁଛି ତାହା ଜାଣିବା ମୋ ପାଇଁ ଅତ୍ୟନ୍ତ ଜରୁରୀ ଥିଲା । ପରେ ରୋଷେୟାଠାରୁ ଜାଣିଲି, ଲୋକଟି ଥିଲା ଗରିବ ଓ ସେ ନିକାରାଗୁଆରୁ ଆସିଥିଲା । ଏହା ଶୁଣି ମୋର ସନ୍ଦେହ ବହୁଗୁଣିତ ହୋଇଗଲା । ଏହା ମଧ୍ୟରେ ଜଣେ ନନ୍ ସହିତ ମୋର କିଛିଟା ସମ୍ପର୍କ ଗଢି ଉଠିଥିଲା । ତାଙ୍କୁ ପଚାରିବାରୁ ଜଣାପଡ଼ିଲା ଯେ ଗରିବ ଯୁବକଟି ସୋମୋଜା ପାଇଁ କାମ କରୁଥିଲା ଓ ତା'ର କେହି ନଥିଲେ । ନନ୍‌ମାନେ ଦୟାପରବଶ ହୋଇ ତାର ଯତ୍ନ ନେଉଥିଲେ । ସରକାର ତାକୁ ରହିବା ପାଇଁ ଘରଟିଏ ଦେବାକୁ ଚାହୁଁଥିଲେ । କିନ୍ତୁ ସେ ଏକୁଟିଆ ରହିବାକୁ ଇଚ୍ଛା କରୁ ନଥିଲା । ତେଣୁ ନନ୍‌ମାନେ ତାକୁ

Digitized by srujanika@gmail.com

ତାଙ୍କ ଘରେ ଆଶ୍ରୟ ଦେଇଥିଲେ । ପରେ ମୁଁ ଜାଣିବାକୁ ପାଇଲି ଯେ ଲୋକଟି ବିଚାର ବିଭାଗ ଓ ଗୋଇନ୍ଦା ପୋଲିସ ପାଇଁ କାମ କରୁଥିଲା । ସେ ଯେଉଁ ସଂସ୍ଥା ପାଇଁ କାମ କରୁଥିଲା ତାହା ଥିଲା ଗୁଆଟେମାଲାର ସବୁଠାରୁ ବେଶୀ ଅପରାଧୀ ବିପଜ୍ଜନକ ସଂସ୍ଥା । ସେହି ଦଳର ଲୋକମାନେ ଅପହରଣ କରିବା ଓ ନିର୍ଯ୍ୟାତନା ଦେବାରେ ସିଦ୍ଧହସ୍ତ ଥିଲେ । ଶତ୍ରୁ ସହିତ ଆଉ ଅଧିକ ଗୋଟିଏ ରାତି ମଧ ରହିବା ପାଇଁ ମୁଁ ଚାହୁଁ ନଥିଲି । ମୁଁ ଧରା ପଡ଼ିଯିବାର ଭୟ ସବୁବେଳେ ରହିଥିଲା । ଏହା ପରେ କ'ଣ କରିବି ଭାବି ରାତିରେ ମୁଁ ଶୋଇ ପାରିଲି ନାହିଁ ।

ଅବଶ୍ୟ ମୋତେ ଦେଶ ବାହାରକୁ କିମ୍ବା ଅନ୍ୟ ସ୍ଥାନକୁ ନେଇଯିବା ପାଇଁ ଅନ୍ୟମାନେ ଯୋଜନା କରୁଥିଲେ । ମୋତେ ଅନେକ ଲୋକ ଖୁବ୍ ଭଲ ପାଉଥିଲେ ସତ, କିନ୍ତୁ ଯୋଜନାକୁ କାର୍ଯ୍ୟକାରୀ କରିବା ଏତେ ସହଜ ନଥିଲା । ମୋତେ ମୁକ୍ତ କରିବାକୁ ଯାଇ ସେମାନେ କାଳେ ଭୁଲ କରି ବସିବେ ଓ ବିପଦରେ ପଡ଼ିଯିବେ, ଏଇ ଭୟ ମୋର ଥାଏ । ମୋ ଜୀବନ ମୋଟେ ନିରାପଦ ନଥିଲା । ସେମାନେ ମୋ ପରିଚୟ ପାଇଥିଲେ ନିଶ୍ଚୟ ମୋତେ ମାରିଦେଇଥାନ୍ତେ ।□

Digitized by srujanika@gmail.com

୩୪

ନିର୍ବାସନ

'ଆମେ ମୃତ୍ୟୁର ପ୍ରତିଶୋଧ ନେଇପାରୁ । ସକାଳ ତାରାରେ ଆଲୋକ ଥିବା ପର୍ଯ୍ୟନ୍ତ ଆମ ଜାତି ନିଶ୍ଚିହ୍ନ ହେବନାହିଁ ।'

ପୋପୋଲ୍ ଭୁ

ମୁଁ ସେହି ସ୍ଥାନ ଛାଡ଼ି ଚାଲିଯିବାର ସମୟ ଆସି ଯାଇଥିଲା । ମୋତେ ଖୁସି ଲାଗୁଥାଏ । କିନ୍ତୁ ସେତିକିବେଳେ ଏପରି ଏକ ଘଟଣା ଘଟିଲା ଯାହା କେବେ ସମ୍ଭବ ହେବ ବୋଲି ମୁଁ ବିଶ୍ୱାସ କରିପାରୁ ନଥିଲି । ଆମ ସାଥୀ ମାନେ ବିମାନରେ ମୋର ମେକ୍ସିକୋକୁ ଯିବାର ବ୍ୟବସ୍ଥା କରିଥିଲେ । ସେହି ଅପରାଧୀ ମାନେ ଦିନେ ମୋତେ ମୋ ଦେଶ ଛାଡ଼ି ଚାଲିଯିବା ପାଇଁ ବାଧ କରିବେ, ଏହା ମୁଁ କେବେ କଳ୍ପନା ମଧ କରି ନଥିଲି । ମୋ ମନୋବଳ ଯେପରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଥିଲା । ଏହା ସତ୍ତ୍ୱେ ଖୁବ୍ ଶୀଘ୍ର ମୋ ଦେଶକୁ ଫେରି ପୁଣି କାମ ଆରମ୍ଭ କରିବି, ଏହି ଆଶା ମୁଁ ହରାଇ ନଥାଏ । ଗୋଟିଏ ମୁହୂର୍ତ୍ତ ପାଇଁ ମଧ ମୋ କାମ ବନ୍ଦ କରିବା ପାଇଁ ମୁଁ ଚାହୁଁ ନଥିଲି । ମୋ ବାପା ମା' ଅସମ୍ପୂର୍ଣ୍ଣ ରଖିଯାଇଥିବା ସଂଗ୍ରାମରେ ନିଜକୁ ସଂପୂର୍ଣ୍ଣ ଭାବରେ ନିୟୋଜିତ କଲେ ହିଁ ମୁଁ ସେମାନଙ୍କର ମର୍ଯ୍ୟାଦା ରଖି ପାରିବି - ଏହା ମୁଁ ଜାଣିଥିଲି ।

ମୁଁ ମେକ୍ସିକୋର ବିଭିନ୍ନ ଅଞ୍ଚଳକୁ ଗଲି, କିନ୍ତୁ ସେଠାରେ କ'ଣ କରିବି ସ୍ଥିର କରି ପାରିଲି ନାହିଁ । ଗରିବ ଲୋକେ ବିଦେଶ ଭ୍ରମଣର ସ୍ୱପ୍ନ କେବେ ଦେଖି ନଥାନ୍ତି । ଯେକୌଣସି ସ୍ଥାନକୁ ଭ୍ରମଣରେ ଯିବା ଆମ ପାଇଁ ସ୍ୱପ୍ନ । ଯାହା ହେଉନା କାହିଁକି, ମୁଁ ବିଭିନ୍ନ ସ୍ଥାନକୁ ଯାଇ ଅନ୍ୟ ଲୋକଙ୍କୁ ଜାଣିବାର ସୁଯୋଗ ପାଇଲି । ମୁଁ ଯେଉଁଠାକୁ ଯାଇଛି ସେଠାରେ ଲୋକମାନଙ୍କ ଠାରୁ ନିଜ ପ୍ରିୟଜନଙ୍କ ପରି ସ୍ନେହ ପାଇଛି । ସେମାନେ ଗୁଆଟେମାଲାର ପରିସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁବାରୁ ମୋ ହୃଦୟରେ କୋହ ଆସିଲା । ଦକ୍ଷିଣ ଓ କେନ୍ଦ୍ର ଆମେରିକା ଏବଂ ୟୁରୋପର ଗୀର୍ଜାମାନଙ୍କର ଏକ ସମାବେଶରେ ଯୋଗଦେବା ପାଇଁ ମୋତେ ନିମନ୍ତ୍ରଣ ମିଳିଥିଲା । ଗୁଆଟେମାଲାର ମହିଳାମାନଙ୍କ ଜୀବନ ବିଷୟରେ କହିବା ପାଇଁ ମୋତେ କୁହା ଯାଇଥିଲା । ସେହି ସଭାରେ ମୁଁ ମୋ ମା' ଙ୍କ ବିଷୟରେ କହିଲି । ବର୍ଣ୍ଣନା କଲାବେଳେ ମୋ ଦୁଃଖକୁ ମୋତେ ଚାପି ରଖିବାକୁ ପଡୁଥାଏ ସତ, କିନ୍ତୁ ମୋ ମା'ଙ୍କ ପରି

Digitized by srujanika@gmail.com

ଗୁଆଟେମାଲାରେ ଅନେକ ସାହସୀ ମହିଳା ଅଛନ୍ତି ଓ କଷ୍ଟ ସହିଛନ୍ତି, ଏହା କହିବା ବେଳେ ମୋତେ ଗର୍ବ ମଧ ଲାଗୁଥାଏ ।

ପରେ ମୋତେ କୁହାଗଲା ଯେ ଗୁଆଟେମାଲାରୁ କିଛି ଲୋକ ମୋତେ ଦେଖା କରିବା ପାଇଁ ଆସୁଛନ୍ତି । ଏହା ଶୁଣି ମୋର ଆନନ୍ଦର ସୀମା ରହିଲା ନାହିଁ । ସେମାନେ କିଏ ଓ କେଉଁଠାରୁ ଆସୁଛନ୍ତି ମୁଁ ଜାଣି ନଥିଲି । କିନ୍ତୁ ଗୁଆଟେମାଲାର ସମସ୍ତ ପୁରୁଷ ଓ ସ୍ତ୍ରୀ ହେଉଛନ୍ତି ମୋର ସହୋଦର ଏବଂ ସେମାନଙ୍କୁ ମୁଁ ଶ୍ରଦ୍ଧା କରେ । ପରେ ମୋ ସାନଭଉଣୀ ମାନଙ୍କୁ ଦେଖି ଆନନ୍ଦରେ ମୋ ମନ ପୂରିଗଲା । ମୋର ଯେଉଁ ଭାଇମାନେ ଫିନ୍‌କାରେ ମୃତ୍ୟୁ ବରଣ କରିଥିଲେ ସେମାନଙ୍କ କବର କେଉଁଠି ଅଛି ଆମକୁ ଜଣାନାହିଁ । ନିର୍ଯ୍ୟାତନା ଦେଇ ମୋର ଯେଉଁ ଭାଇକୁ ମାରି ଦିଆଯାଇଥିଲା, କିମ୍ବା ମୋ ବାପା ଓ ମା' ଙ୍କ କବର ସମ୍ପର୍କରେ ମଧ ଆମକୁ ଜଣା ନାହିଁ । କିନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । ମୋ ବାପା ମା'ଙ୍କ ମୃତ୍ୟୁପରେ ମୋ ଭାଇ ଓ ଭଉଣୀ ମାନଙ୍କ ବିଷୟରେ ମୁଁ କିଛି ଶୁଣି ନଥିଲି । କିନ୍ତୁ ସେମାନେ କେଉଁଠାରେ ହେଲେ ବଞ୍ଚି ରହିଛନ୍ତି, ଏହି ବିଶ୍ୱାସ ମୋର ଥିଲା । ଆମେ ପରସ୍ପର ଠାରୁ ଅଲଗା ହୋଇଯିବା ବେଳେ ମୋ ସାନ ଭଉଣୀ ମା'ଙ୍କୁ ସାହାଯ୍ୟ କରୁଥାଏ । ଅନ୍ୟ ଭଉଣୀଟି ଆମ ଗରିଲା ସାଥୀ ମାନଙ୍କ ସହିତ ପାହାଡ଼କୁ ଯାଇଥାଏ । ପରସ୍ପରକୁ ସାହାଯ୍ୟ କରିବା ମଧ ସେମାନଙ୍କର ଉଦ୍ଦେଶ୍ୟ ଥିଲା । ମୋ ସାନ ଭଉଣୀ ପିଲାବେଳୁ ସଶସ୍ତ୍ର ଲଢେଇ ପକ୍ଷରେ ନିଷ୍ପତ୍ତି ନେଇଥିଲା ଏବଂ ଆଠ ବର୍ଷ ବୟସରୁ ଗରିଲା ଦଳରେ ଯୋଗ ଦେଇଥିଲା । ଲୋକ ମାନଙ୍କ ସୁରକ୍ଷା କଥା ଆସିଲେ ସେ ଜଣେ ବୟସ୍କ ଲୋକ ପରି ଚିନ୍ତା କରି ପାରୁଥିଲା । ମୁଁ ଗରିଲା ମାନଙ୍କୁ ଜାଣିବା ପୂର୍ବରୁ ସେମାନଙ୍କ ସହିତ ତା'ର ପରିଚୟ ହୋଇସାରିଥିଲା । ମୁଁ ସେତେବେଳେ ସଂଗଠନ କାମରେ ପାର୍ବତ୍ୟ ଅଞ୍ଚଳ ଛାଡ଼ି ଅଧିକ ଜନବସତି ଥିବା ଅଞ୍ଚଳ ମାନଙ୍କୁ ଯିବା ଆରମ୍ଭ କରିଥାଏ । ମୋ ସାନ ଭଉଣୀ ଯେଉଁ ଫିନ୍‌କାରେ କାମ କରୁଥିଲା ସେଠାକାର ଅଧିକାଂଶ ଶ୍ରମିକ ଗରିଲା ବାହିନୀରେ ଯୋଗ ଦେଇ ସାରିଥିଲେ । ସେହିଠାରେ ହିଁ ତା'ର ସେମାନଙ୍କ ସହିତ ଯୋଗସୂତ୍ର ସ୍ଥାପିତ ହୋଇଥିଲା । ଅବଶ୍ୟ ଏକଥା ବାହାରକୁ ମୋତେ ଜଣାପଡ଼ିନଥିଲା । ମୋ ବାପା ମା'ଙ୍କୁ ମଧ ତାଙ୍କ ଜୀବନ ବିପନ୍ନ ହୋଇ ପାରେ ବୋଲି ସେ ଏ ବିଷୟରେ କିଛି କହି ନଥିଲା । ମୋ ସାନ ଭଉଣୀ ଅନ୍ତର୍ହିତ ହୋଇଛି ଉପଲବ୍ଧି କରିବା ମାତ୍ରେ ଆମେ ତା' ସମ୍ପର୍କରେ ତଦନ୍ତ ଆରମ୍ଭ କରି ଦେଲୁ । ସେ ଗରିଲାବାହିନୀରେ ଯୋଗ ଦେଇ ଥାଇପାରେ, ଏହା ଲୋକଙ୍କ ଠାରୁ ଶୁଣି ମଧ ଆମେ ନିଶ୍ଚିତ ହୋଇ ପାରୁ ନଥିଲୁ । ଆମର ସନ୍ଦେହ ହେଉଥାଏ ସେ ହୁଏତ ହଜି ଯାଇଥିବ କିମ୍ବା ତାକୁ ଅପହରଣ କରି ନିଆଯାଇଥିବ । ମୋ ବାପା ମା'ଙ୍କ ମଧରୁ ଜଣକୁ ହତ୍ୟା କରି ନପାରିଲେ ଆମ ଭିତରୁ କାହାରିକୁ ହତ୍ୟା କରିବାର ଧମକ ସେମାନେ ଦେଇଥିଲେ । ୧୯୭୯ରେ ମୋ ଭଉଣୀ ପାହାଡ଼ରୁ ତଳକୁ ଆସିବା ପରେ ହିଁ ମୁଁ ସବୁ କଥା ଜାଣିଲି । ସେ

Digitized by srujanika@gmail.com

ଆମ କାମ ପାଇଁ ଶ୍ରଦ୍ଧାର ସହିତ କ୍ଷୁଧା, ଯନ୍ତ୍ରଣା ଓ ଦୀର୍ଘ ପଦଯାତ୍ରା କୁ ସହ୍ୟ କରୁଛି ବୋଲି ମୋତେ ଆଶ୍ୱାସନା ଦେଲା । ସେ ଏକ ଖ୍ରୀଷ୍ଟିଆନ ସମାବେଶରେ ଯୋଗ ଦେବା ବେଳେ ଆମର ସାକ୍ଷାତ ଥିଲା ସମ୍ପୂର୍ଣ୍ଣ ଆକସ୍ମିକ ।

ଇଉରୋପର ଯେଉଁ ଲୋକମାନେ ଆମକୁ ସାହାଯ୍ୟ କରିଥିଲେ ସେମାନଙ୍କ ସହିତ ମେକ୍ସିକୋରେ ମୋର ଦେଖା ହେଲା । ମୋ ବାପା ମା' ବଞ୍ଚିଥିବା ବେଳେ ମଧ ସେମାନଙ୍କ ସହିତ ଆମର ସାକ୍ଷାତ ହୋଇଥିଲା । ଜଣେ ମଣିଷ ପକ୍ଷରେ ଏତେ କଷ୍ଟ ସହିବା ସମ୍ଭବ ବୋଲି ସେମାନେ ବିଶ୍ୱାସ କରି ପାରୁ ନଥିଲେ । ଆମେ ଇଉରୋପକୁ ଗଲେ ବାସସ୍ଥାନ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଯୋଗାଇ ଦେବାର ପ୍ରତିଶ୍ରୁତି ସେମାନେ ଦେଲେ । ସେଠାରେ ମୋ ସାନ ଭଉଣୀମାନଙ୍କୁ ପଢିବାର ସୁଯୋଗ ମଧ ମିଳିଥାନ୍ତା । ଅବଶ୍ୟ ମୋ ସାନ ଭଉଣୀମାନଙ୍କ ପାଇଁ ମୁଁ ନିଷ୍ପତ୍ତି ନେବାର କୌଣସି ଅବକାଶ ନଥିଲା । ନିଜ ପାଇଁ କ'ଣ ଭଲ ହେବ ସେମାନେ ଜାଣିଥିଲେ । ସେମାନେ ଉପରୋକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଲେ । ତୁମେ ଯଦି ସାହାଯ୍ୟ କରିବାକୁ ଚାହଁ, କେବଳ ଆମ ପାଇଁ ନୁହେଁ, ବଞ୍ଚି ରହିଥିବା ସମସ୍ତ ପିତୃମାତୃହୀନ ପିଲାମାନଙ୍କ ପାଇଁ ସାହାଯ୍ୟ ପଠାଇ ପାର । ସେମାନେ କହିଲେ । ସବୁ ବିପଦ ସତ୍ତ୍ୱେ ଆମେ କାହିଁକି ତଥାପି ଗୁଆଟେମାଲାରେ ରହିବାକୁ ଚାହୁଁଛୁ ଏହା ସେମାନଙ୍କ ପକ୍ଷରେ ବୁଝିବା ସମ୍ଭବ ନଥିଲା । ଆମେ ଯେଉଁମାନେ ଏକ ଆଦର୍ଶକୁ ନେଇ ବଞ୍ଚିଛୁ, ବିପଦର ସମ୍ମୁଖୀନ ହେବାପାଇଁ ଆମର ତିଳେ ମାତ୍ର ଭୟ ନାହିଁ । ଆମକୁ ଧରିବା ପାଇଁ ସୈନ୍ୟବାହିନୀର ଉଦ୍ୟମ ସାମାନ୍ୟ କମିବା ପରେ ସାଥୀମାନଙ୍କ ସାହାଯ୍ୟରେ ଆମେ ଗୁଆଟେମାଲାକୁ ଫେରିଲୁ ।

ଗୁଆଟେମାଲାକୁ ଫେରିବା ପରେ ମୋ ଭଉଣୀମାନେ କାମ କରିବା ପାଇଁ ନିଜ ନିଜର ସଂଗଠନ ବାଛି ନେଲେ । ଆମେ ଯେପରି ସବୁଠାରୁ ବେଶୀ କାମ କରି ପାରିବୁ, ସେହିପରି ସଂଗଠନ ବାଛିବା ପାଇଁ ଆମ ସାଥୀମାନେ ଆମକୁ ପରାମର୍ଶ ଦେଇଥିଲେ । କୃଷକ ସଂଗଠନରେ ରହି ଶତ୍ରୁ ସହିତ ଲଢିବା ବେଳେ ଆମେ ଏକ ଜାତି ଭାବରେ ପରିବର୍ତ୍ତନ ପାଇଁ ମଧ ସଂଗ୍ରାମ କରିଥିଲୁ । ଏହି ସଂଗଠନରେ କାମ କଲାବେଳେ ଜନସାଧାରଣଙ୍କର ବୈପ୍ଳବିକ ଯୁଦ୍ଧର ଗୁରୁତ୍ୱ ମୁଁ ଉପଲବ୍ଧି କରିଥିଲି । ତେଣୁ କୃଷକ ସଂଗଠନ ପ୍ରତି ମୋର ବିଶେଷ ମମତା ରହିଥିଲା । ମୋର ସବା ସାନ ଭଉଣୀ ପାଇଁ ମୁଁ ଖୁବ୍ ଚିନ୍ତିତ ଥିଲି । ସୁଉଚ୍ଚ ପାହାଡ଼ କୋଳରେ ଥିବା ଆମ ଗାଁରେ ସେ ବଢିଥିଲା ଏବଂ ପର୍ବତ, ସବୁଜିମା ଓ ପ୍ରାକୃତିକ ପୃଥିବୀକୁ ଭଲ ପାଉଥିଲା । ସେ ମୋ ଠାରୁ ମଧ କଷ୍ଟକର କାମ କରିବାକୁ ଚାହିଁବ, ଏହା ମୁଁ ଜାଣିଥିଲି । ସେ ମା'ଙ୍କର ସ୍ମୃତିକୁ ସମ୍ମାନ ଦେଇ ସଶସ୍ତ୍ର ସଂଗ୍ରାମ କରିବା ପାଇଁ ଭାବିଚିନ୍ତି ନିଷ୍ପତ୍ତି ନେଇଥିଲା । ମୋର ଅନ୍ୟ ଭଉଣୀଟି ମଧ ସଶସ୍ତ୍ର ସଂଗ୍ରାମରେ ତା'ର ସାଥୀ ହେବ ବୋଲି ନିଷ୍ପତ୍ତି କରିସାରିଥିଲା ।

Digitized by srujanika@gmail.com

ମୋର ଦୁଇଜଣ ଭଉଣୀ ପାର୍ବତ୍ୟ ଅଞ୍ଚଳକୁ ବାହାରିଯିବା ପରେ ମୁଁ ଲୋକମାନଙ୍କୁ ସଂଗଠିତ କରିବା ପାଇଁ ରହିଗଲି। କୃଷକ ସଂଗଠନକୁ ଫେରିଯିବି କି ନଯିବି ଏ ସମ୍ପର୍କରେ ମୁଁ ବହୁତ ଚିନ୍ତା କଲି। ସେତେବେଳେ ସେହି ସଂଗଠନର ନେତୃତ୍ୱ ନେବା ପାଇଁ ଯଥେଷ୍ଟ ଲୋକ ଥାନ୍ତି ଏବଂ ମହିଳାମାନେ ମଧ୍ୟ ବିଭିନ୍ନ ଦାୟିତ୍ୱ ନେଇ ଥାଆନ୍ତି। ସେହି ସଂଗଠନରେ ଅନେକ ସଭ୍ୟ ଥିଲେ। ତେଣୁ କୃଷକ ସଂଗଠନରେ ଯୋଗ ନଦେଇ ମୁଁ 'ଭିସେଣ୍ଟ ମେଞ୍ଚୁ' ବିପ୍ଲବୀ ଖ୍ରୀଷ୍ଟିଆନମାନଙ୍କ ସହିତ କାମ କରିବା ପାଇଁ ସ୍ଥିର କଲି। ମୋ ବାପାଙ୍କ ନାମ ଥିଲା ବୋଲି ଯେ ମୁଁ ଏହି ସଂଗଠନରେ ଯୋଗ ଦେଲି ତାହା ନୁହେଁ, ଜଣେ ଖ୍ରୀଷ୍ଟିଆନ ଭାବରେ ଲୋକମାନଙ୍କ ସହିତ କାମ କରିବା ମୋର କର୍ତ୍ତବ୍ୟ ଥିଲା। ଯେଉଁ ଖ୍ରୀଷ୍ଟିଆନ ସାଥୀମାନଙ୍କୁ ତାଙ୍କ ବିଶ୍ୱାସ ଏହି ସଂଗଠନ ପ୍ରତି ଆକୃଷ୍ଟ କରି ଆଣିଥିଲା, ସେହି ମାନଙ୍କୁ ଶିକ୍ଷା ଦେବା ଥିଲା ମୋର ଦାୟିତ୍ୱ। ମୋର କାମ ଠିକ୍ ପ୍ରଚାରକର କାମ ପରି ଥିଲା। ତଫାତ୍ ଏତିକି ଥିଲା ଯେ ମୋ ପାଦ ଭୂମିକୁ ସ୍ପର୍ଶ କରୁଥିଲା। ମୃତ୍ୟୁପରେ ଈଶ୍ୱରଙ୍କ ସାମ୍ରାଜ୍ୟ ବିରାଜମାନ କରେ - ଏଥିରେ ମୋର ବିଶ୍ୱାସ ନଥିଲା। ମୋର ସମସ୍ତ ଅନୁଭୂତି ମାଧ୍ୟମରେ ଏବଂ ଯାହା ସବୁ ଏତେ କଷ୍ଟ ଓ ଯନ୍ତ୍ରଣା ମଧ୍ୟରେ ମୁଁ ଦେଖିଥିଲି, ତାହାରି ସାହାଯ୍ୟରେ ପୃଥିବୀ ପୃଷ୍ଠରେ ଜଣେ ଖ୍ରୀଷ୍ଟିଆନର ଭୂମିକା କ'ଣ ମୁଁ ଶିଖିଥିଲି। ବାଇବେଲ ପଢି ଆମେ ତା'ର ସାରକଥା ସବୁ ଶିଖିଥିଲୁ। ଗରିବ ଲୋକମାନଙ୍କ ଜୀବନରେ ଉଜ୍ଜ୍ୱଳତା ଆଣିଦେବା ପରିବର୍ତ୍ତେ ଆମ ଅବସ୍ଥାକୁ ସୁନା ପିଲା ପରି ଗ୍ରହଣ କରିନେବା ପାଇଁ ବାଇବେଲକୁ ବ୍ୟବହାର କରାଯାଇଛି - ଆମେ ଏହା ଉପଲବ୍ଧି କରିଥିଲୁ। ବିପ୍ଲବୀ ଖ୍ରୀଷ୍ଟିଆନ ମାନଙ୍କର ପ୍ରଥମ କାମ ଥିଲା ଲୋକମାନଙ୍କ ଉପରେ ହେଉଥିବା ସବୁ ଅନ୍ୟାୟ ଓ ଅତ୍ୟାଚାରର ପ୍ରତିବାଦ କରିବା। ଆମ ଆନ୍ଦୋଳନରେ କିଛି ଗୋପନୀୟତା ଥିଲା ସତ, କିନ୍ତୁ ଏଥିରେ ଚୋରା କିଛି ନଥିଲା। ଯାହା ଜନସାଧାରଣଙ୍କର ଏକ ସାମୂହିକ ଆନ୍ଦୋଳନ ତାହାକୁ ସଂପୂର୍ଣ୍ଣ ଲୁଚାଇ ହେବ ନାହିଁ। ଆମର ଯେଉଁ ସଶସ୍ତ୍ର ସାଥୀ ମାନେ ଲୋକଙ୍କ ଭିତରେ ନରହି ପାହାଡ଼ ଅଞ୍ଚଳରେ ରହନ୍ତି ସେମାନଙ୍କ କଥା କିନ୍ତୁ ଅଲଗା। ଆମେ ଗୋପନୀୟ ବୋଲି କହୁଥିବା କାମ ଲୋକ ମାନଙ୍କ ମଧ୍ୟରେ ହିଁ ଚାଲିଥାଏ।

ସରକାର ସହିତ ଗୋପନରେ ସାଲିସ୍ କରିଥିବା ଗୀର୍ଜାର ମହନ୍ତଶାହୀକୁ ମଧ୍ୟ ଆମେ ନିନ୍ଦା କରୁ। ଏହି ବିଷୟରେ ମୁଁ ଅନେକ ସମୟ ଚିନ୍ତା କରିଛି। ସେମାନେ ଖ୍ରୀଷ୍ଟିଆନ ହୋଇ ମଧ୍ୟ ଲୋକଙ୍କ ଦୁଃଖ ପ୍ରତି କିପରି ବିମୁଖ ହୋଇ ପାରନ୍ତି ତାହା ଦେଖି ଆଶ୍ଚର୍ଯ୍ୟ ହୋଇଛି। ଖ୍ରୀଷ୍ଟିଆନ କହିଲେ ପ୍ରକୃତରେ ଯାହା ବୁଝାଯାଏ, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ମୁଁ ଖ୍ରୀଷ୍ଟିଆନ ମାନଙ୍କୁ ଆହ୍ୱାନ କରିଛି। କେବଳ ଖ୍ରୀଷ୍ଟିଆନ ବୋଲି ଦାବି କଲେ ଜଣେ ଖ୍ରୀଷ୍ଟିଆନ ହୋଇ ଯାଏ ନାହିଁ। ସେମାନଙ୍କର ସୁନ୍ଦର ଘର ଥାଇ ପାରେ; ଚିନ୍ତା ମଧ୍ୟ ନଥାଇପାରେ। କିନ୍ତୁ ସେତିକି ଛାଡ଼ି ତାଙ୍କର ଆଉ କିଛି ନଥାଏ। ଏହି କାରଣରୁ ମୁଁ କହେ,

Digitized by srujanika@gmail.com

ଗୁଆଟେମୋଲାର ଗୀର୍ଜା ଦୁଇ ଭାଗରେ ବିଭକ୍ତ । ଗରିବଙ୍କ ଗୀର୍ଜା - ଯାହାର ବିଶ୍ୱାସ ଗରିବଙ୍କ ବିଶ୍ୱାସ ସହିତ ସମାନ , ଏବଂ ମହନ୍ତଶାହୀ ଆନୁଷ୍ଠାନିକ ଗୀର୍ଜା ଯାହା ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ପରିଚାଳିତ । ଆମ ଲୋକଙ୍କ ମଧ୍ୟରୁ ଅଧିକାଂଶ ଖ୍ରୀଷ୍ଟିଆନ, କିନ୍ତୁ ଆମ ନିଜର ମାର୍ଗଦର୍ଶକ ମାନେ ଯଦି ଆମ ପାଇଁ ଖରାପ ଉଦାହରଣ ରଖନ୍ତି ଓ ସରକାର ସହିତ ସାଲିସ୍ କରନ୍ତି, ଆମେ ସେମାନଙ୍କୁ ଅନୁସରଣ କରିବା ପାଇଁ ବାଧ ନୋହୁଁ । ଯେଉଁ ନନ୍‌ମାନଙ୍କ ସହିତ ମୁଁ ରହୁଥିଲି ସେମାନଙ୍କ ଜୀବନ ଯାପନ ଶୈଳୀ ଦେଖି ମୋର ଖୁବ୍ ଦୁଃଖ ହୋଇଥିଲା । ସେମାନେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିଲେ ଏବଂ ଅନ୍ୟମାନଙ୍କ ପାଇଁ କିଛି କରୁନଥିଲେ ।

ଶତ୍ରୁ ମୋତେ ଭଲ ଭାବରେ ଜାଣେ; ତେଣୁ ମୋତେ ଏବେ ନେତୃତ୍ୱ ନେବାକୁ ପଡୁଛି । ସହର ଓ ଗାଁ ମାନଙ୍କୁ କାଗଜ ପତ୍ର ନେବା, ଲୋକଙ୍କୁ ସଂଗଠିତ କରିବା ଓ ସେମାନଙ୍କ ସହିତ ଶାସ୍ତ୍ର ଦର୍ଶିତ ପନ୍ଥା ଅଭ୍ୟାସ କରିବା ହେଲା ମୋ କାମ । ମୋତେ ସେମାନେ ଯେ କୌଣସି ମୁହୂର୍ତ୍ତରେ ହତ୍ୟା କରି ପାରନ୍ତି । ଯଦି ଲକ୍ଷ୍ୟ ପଥରେ ଯିବାବେଳେ ସେମାନେ ମୋତେ ହତ୍ୟା କରନ୍ତି, ମୋ ବଳିଦାନ ବିନା କାରଣରେ ନୁହେଁ, ବରଂ ମୋ ସାଥୀ ମାନଙ୍କ ପାଇଁ ଏକ ଉଦାହରଣ ହୋଇ ରହିବ ବୋଲି ମୁଁ ଭାବିବି । ମୁଁ ଏପରି ଏକ ଅସତ୍ ଓ ରକ୍ତ ପିପାସୁ ପୃଥିବୀରେ ବାସ କରୁଛି ଯେ ପର ମୁହୂର୍ତ୍ତରେ ମୋ ଜୀବନ ହୁଏତ ଚାଲିଯାଇ ପାରେ । ତେଣୁ ସଂଗ୍ରାମ ଓ ନ୍ୟାୟ ଯୁଦ୍ଧ ହିଁ ମୋ ପାଇଁ ଏକ ମାତ୍ର ରାସ୍ତା । ମୁଁ ବାଇବେଲରୁ ଏହା ଶିଖିଛି । ମୁଁ ମୋର ଜଣେ ମାର୍କ୍ସବାଦୀ କମ୍ରେଡ଼କୁ ଏହା ବୁଝାଇବା ବେଳେ ଖ୍ରୀଷ୍ଟିଆନ ହୋଇ ଜଣେ କିପରି ବିପ୍ଳବ ପାଇଁ ଲଢାଇ କରି ପାରିବ ସେ ବୁଝି ପାରିଲା ନାହିଁ । ମୁଁ ତାକୁ କହିଲି, ବାଇବେଲ ବା ମାର୍କ୍ସବାଦ କେଉଁଥିରେ ବି ସମ୍ପୂର୍ଣ୍ଣ ସତ୍ୟକୁ ଖୋଜିଲେ ମିଳିବ ନାହିଁ । ଆମକୁ ଆମ ଶତ୍ରୁଠାରୁ ନିଜକୁ ରକ୍ଷା କରିବାକୁ ପଡ଼ିବ; ବିପ୍ଳବ ମଧ୍ୟରେ ଆମର ଧର୍ମ ବିଶ୍ୱାସକୁ ମଧ୍ୟ ସୁରକ୍ଷିତ ରଖିବାକୁ ପଡ଼ିବ । ଆମ ବିଜୟ ପରେ ଯେଉଁ ନୂଆ ସମାଜ ଗଢାଯିବ, ସେଥିରେ ଆମକୁ ଯେଉଁ କାମ କରିବାକୁ ପଡ଼ିବ ତାହାକୁ ମଧ୍ୟ ଭୁଲିଗଲେ ଚଳିବ ନାହିଁ । ମୋ ଠାରୁ ସରାକର ବା ଅସ୍ତ୍ରଶସ୍ତ୍ର କେହି ମୋ ଧର୍ମବିଶ୍ୱାସକୁ ଛଡ଼ାଇ ନେଇ ପାରିବେ ନାହିଁ । ଆମେ ସମସ୍ତେ ମିଶି ଜନତାର ଏକ ପ୍ରକୃତ ଗୀର୍ଜା ଗଢି ପାରିବା ମୋତେ ଏହି କଥା ମୋ ଲୋକଙ୍କୁ ଶିଖାଇ ବାକୁ ପଡ଼ିବ । ଗୀର୍ଜା କହିଲେ ଗୋଟିଏ କୋଠାକୁ ବୁଝାଇବ ନାହିଁ କିମ୍ବା ଏହା ମହନ୍ତଶାହୀ ଉପରେ ଗଢାଯିବ ନାହିଁ । ଏହା ମଣିଷ ଭିତରେ ପ୍ରକୃତ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିବ । ଲୋକଙ୍କର ସଂଗ୍ରାମକୁ ଏହା ମୋର ଦାନ ବୋଲି ମୁଁ ଭାବିବି । ସାଧାରଣ ଲୋକମାନଙ୍କ ଦ୍ୱାରାହିଁ ସମାଜ ପରିବର୍ତ୍ତନ ହୋଇ ପାରିବ । ଏହା କେବଳ ଅନ୍ୟ ଏକ ତତ୍ତ୍ୱ ର କଥା ନୁହେଁ । ଅସ୍ତ୍ର ଧାରଣ ନକରି ସହରରେ ଲୋକମାନଙ୍କ ସହିତ ରହିବା ପାଇଁ

Digitized by srujanika@gmail.com

ମୁଁ ସ୍ଥିର କରିଥିଲି । ଆମେ ବିଭିନ୍ନ ବାଟରେ ଆମର କର୍ତ୍ତବ୍ୟ କରୁଛୁ; କିନ୍ତୁ ସେହି ଗୋଟିଏ ଲକ୍ଷ୍ୟକୁ ହାସଲ କରିବା ଆମ ସମସ୍ତଙ୍କର ଉଦ୍ଦେଶ୍ୟ ।

ଯେଉଁ ଲକ୍ଷ୍ୟ ପାଇଁ ଆମେ ଲଢୁଛୁ, ଦାରିଦ୍ର୍ୟ ଓ ତିକ୍ତତାରୁ ହିଁ ତାର ଜନ୍ମ । ଲୋକମାନଙ୍କ ଦାରିଦ୍ର୍ୟ ଦ୍ୱାରା ତାହା ବିପ୍ଳବର ରୂପ ନେଇଛି । ଜଣେ ଭାରତୀୟ ଭାବରେ ମୁଁ ଯେଉଁ ଖାଦ୍ୟାଭାବ ଓ ପୁଷ୍ଟିହୀନତା ଅଙ୍ଗେ ନିଭେଇଛି, ତାହା ତାକୁ ବିପ୍ଳବର ରୂପ ଦେଇଛି । ସେହି ବିପ୍ଳବ ଶୋଷଣ ଓ ବୈଷମ୍ୟ ବିରୋଧରେ । ଯେଉଁ ନିର୍ଯ୍ୟାତନା ଆମର ପରମ୍ପରା ଓ ସଂସ୍କୃତି ପ୍ରତି ଅସମ୍ମାନ କରିଛି ଏବଂ ଆମକୁ ଆମର ପର୍ବପର୍ବାଣି ପାଳନ କରିବାରୁ ବଞ୍ଚିତ କରିଛି ତାହା ଆମର ବିପ୍ଳବୀ ମନୋଭାବକୁ ଦୃଢତର ମଧ୍ୟ କରିଛି । ମୋର ପ୍ରିୟତମ ମଣିଷମାନଙ୍କୁ ସେମାନେ ହତ୍ୟା କରିଛନ୍ତି । ସେମାନଙ୍କ ମଧ୍ୟରେ ମୋ ଗାଁର ପଡ଼ୋଶୀମାନେ ମଧ୍ୟ ଅଛନ୍ତି । ତେଣୁ ସଂଗ୍ରାମ ପ୍ରତି ମୋର ଅଙ୍ଗୀକାରବଦ୍ଧତା କୌଣସି ସୀମା ସରହଦ ଦ୍ୱାରା ଆବଦ୍ଧ ହୋଇ ନପାରେ । ଏହି କାରଣରୁ ମୁଁ ଅନେକ ସ୍ଥାନକୁ ଯାଇଛି ଏବଂ ମୋ ଲୋକମାନଙ୍କ ସମ୍ପର୍କରେ କହିବାର ସୁଯୋଗ ପାଇଛି । ସେମାନଙ୍କ ବିଷୟରେ ସବୁ କଥା କହିବା ପାଇଁ ଅନେକ ସମୟ ଦରକାର; କିନ୍ତୁ ମୁଁ ଯାହା କହିଛି ସେଥିରୁ କିଛି ଧାରଣା ମିଳିବ ବୋଲି ମୋର ବିଶ୍ୱାସ । ତଥାପି ମୁଁ ଭାରତୀୟ ଭାବରେ ମୋର ପରିଚୟକୁ ଗୋପନ ରଖିଛି । ଏପରି କିଛି ବିଷୟ ଅଛି ଯାହା ମୁଁ କାହାକୁ କହିବି ନାହିଁ; ଏପରିକି ନୃତତ୍ତ୍ୱବିତ୍ ବା ବୁଦ୍ଧିଜୀବୀମାନଙ୍କୁ ମଧ୍ୟ ନୁହେଁ । ସେମାନଙ୍କ ନିକଟରେ ଯେତେ ବହି ଥାଉନା କାହିଁକି ଆମର ସବୁ ଗୋପନ କଥାକୁ ସେମାନେ କେବେ ହେଲେ ଜାଣି ପାରିବେ ନାହିଁ । □

Digitized by srujanika@gmail.com

ରିଗୋବେର୍ଟା ମେଞ୍ଚୁଙ୍କ ନୋବେଲ୍ ବକ୍ତୃତା

ମହାନୁଭବ, ନରୱେର ରାଜା ଓ ରାଣୀ,
ନୋବେଲ୍ ଶାନ୍ତି କମିଟିର ମାନ୍ୟବର ସଭ୍ୟଗଣ,
ମାନନୀୟ ପ୍ରଧାନମନ୍ତ୍ରୀ,
ମାନନୀୟ ସରକାର ଓ କୂଟନୈତିକ ଦଳର ସଭ୍ୟଗଣ,
ଗୁଆଟେମାଲାର ପ୍ରିୟ ଭାଇ ଓ ଭଉଣୀମାନେ,
ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିଗଣ,

୧୯୯୨ ପାଇଁ ନୋବେଲ୍ ଶାନ୍ତି ପୁରସ୍କାରରେ ମୋତେ ସମ୍ମାନିତ କରାଯାଇଥିବାରୁ ମୁଁ ଗଭୀର ଆବେଗ ଓ ଗର୍ବ ଅନୁଭବ କରୁଛି । ମୋ ଦେଶ ଓ ତାହାର ବହୁ ପୁରାତନ ସଂସ୍କୃତି ପାଇଁ ମୋର ଗର୍ବ ହେଉଛି । ଆଉ ଯାହା ପାଇଁ ମୋର ଗର୍ବ ହେଉଛି,ସେଗୁଡ଼ିକ ହେଲା ମୋ ଗୋଷ୍ଠୀ ଓ ତାହାର ଲୋକଙ୍କ ମୂଲ୍ୟବୋଧ, ଦେଶ ତଥା ମାତୃରୂପିଣୀ ପ୍ରକୃତି ପାଇଁ ମୋର ସ୍ନେହ । ଯିଏ ଏଗୁଡ଼ିକୁ ବୁଝେ, ସେ ଜୀବନକୁ ସମ୍ମାନ କରେ ଏବଂ ଏହି ଲକ୍ଷ୍ୟ ପୂରଣ ପାଇଁ ଚାଲିଥିବା ସଂଗ୍ରାମକୁ ଉତ୍ସାହିତ କରେ ।

ଏହି ପୁରସ୍କାରକୁ ବ୍ୟକ୍ତିଗତ ଭାବରେ ମୋତେ ଦିଆଯାଇଥିବା ପୁରସ୍କାର ବୋଲି ମୁଁ ମନେକରେ ନାହିଁ । ଶାନ୍ତି, ମାନବାଧିକାର ଏବଂ ସ୍ଥାନୀୟ ଲୋକଙ୍କ ଅଧିକାର ପାଇଁ ଚାଲିଥିବା ସଂଗ୍ରାମରେ ଏହି ପୁରସ୍କାର ଏକ ବଡ଼ ବିଜୟ । ଗତ ପାଞ୍ଚଶହ ବର୍ଷ ଧରି ଗଣହତ୍ୟା, ଅତ୍ୟାଚାର ଓ ବୈଷମ୍ୟର ଶିକାର ହୋଇଥିବା ବହୁଧା ବିଭକ୍ତ ସ୍ଥାନୀୟ ଲୋକମାନଙ୍କର ଅଧିକାର ସାବ୍ୟସ୍ତ ପାଇଁ ଏହି ସଂଗ୍ରାମ ଚାଲିଛି । ଆପଣଙ୍କ ଅନୁମତି ମିଳିଲେ, ମୋ ପାଇଁ ଏହି ପୁରସ୍କାରର ଅର୍ଥ କ'ଣ ସେ ବିଷୟରେ ମୁଁ କିଛି କହିବି ।

ମୋ ମତରେ ଏହି ପୁରସ୍କାର ଯାହାର ପ୍ରତିନିଧିତ୍ୱ କରୁଛି ଏବଂ ବିଶ୍ୱବ୍ୟାପୀ ଏହାର ଯେଉଁ ବୈଶିଷ୍ଟ୍ୟ ରହିଛି, ସେହି ଅନୁଯାୟୀ କାମ କରିବା ପାଇଁ ନୋବେଲ୍ ଶାନ୍ତି ପୁରସ୍କାର ଆମକୁ ଆହ୍ୱାନ ଜଣାଉଛି । ଏହା କେବଳ ଗୋଟିଏ ଅମୂଲ୍ୟ ରତ୍ନ ନୁହେଁ; ଶାନ୍ତି ଓ ନ୍ୟାୟ ପାଇଁ ଲଢେଇ କରିବା ଲାଗି ଏହା ଏକ ଅସ୍ତ୍ର । ଆମେ ବାସ କରୁଥିବା ପୃଥିବୀରେ ଯାହା ଏକ ସାଧାରଣ କଥା, ଘୋର ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ବୈଷମ୍ୟର

Digitized by srujanika@gmail.com

ଯେଉଁମାନେ ଶିକାର ହେଉଛନ୍ତି, ସେମାନଙ୍କ ଅଧିକାର ପାଇଁ ଲଢେଇ କରିବା ଲାଗି ଏହା ଏକ ଅସ୍ତ୍ର । ମଣିଷର ମୂଲ୍ୟବୋଧକୁ ଭିତ୍ତି କରି ଏକ ନୂଆ ପୃଥିବୀ ଗଢାହେବ - ଏହି ଗ୍ରହରେ ବାସ କରୁଥିବା ଅଧିକାଂଶ ଲୋକ ଏହା ଆଶା କରନ୍ତି ।

ନୋବେଲ୍ ପୁରସ୍କାର ଏକ ମାନକର ପ୍ରତିନିଧିତ୍ୱ କରୁଛି ଯାହା, ଗୁଆଟେମାଲା, ଆମେରିକା ଓ ପୃଥିବୀର ଅନ୍ୟ ସ୍ଥାନରେ ରହୁଥିବା ଲୋକମାନଙ୍କ ଉପରେ ହେଉଥିବା ମାନବାଧିକାର ଲଙ୍ଘନର ପ୍ରତିବାଦ କରିବା ପାଇଁ ଆମକୁ ଉତ୍ସାହ ଦିଏ । ମୋ ଦେଶର ସବୁଠାରୁ ଜରୁରୀ ଆବଶ୍ୟକତା, ଶାନ୍ତି ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ଏକ ଅସ୍ତିବାଚକ ଭୂମିକା ନିର୍ବାହ କରିବା ପାଇଁ ଏହି ପୁରସ୍କାର ଆମକୁ ଉତ୍ସାହିତ କରିବ ।

ନୋବେଲ୍ ପୁରସ୍କାର ଶାନ୍ତି ଓ ଏକ ବାସ୍ତବ ଗଣତନ୍ତ୍ର ପ୍ରତିଷ୍ଠା ଉଦ୍ୟମର ପ୍ରତୀକ । ଏହା ସମାଜର ସେହି ଅଂଶଗୁଡ଼ିକୁ ଉଦ୍ଦୀପିତ କରିବ, ଯାହା ଫଳରେ ଏକ ଦୃଢ ଜାତୀୟ ଐକ୍ୟ ମାଧ୍ୟମରେ ସେମାନେ ଶାନ୍ତିର ସନ୍ଧାନ କରୁଥିବା କଥାବାର୍ତ୍ତା ପ୍ରକ୍ରିୟାକୁ ଆଗେଇ ନେବେ । ଭୟ ହେତୁ ବେଳେବେଳେ ପ୍ରକାଶ କରିହେଉନଥିଲେ ମଧ୍ୟ ଏହି କଥାବାର୍ତ୍ତା ଗୁଆଟେମାଲା ସମାଜର ସାଧାରଣ ମତାମତକୁ ପ୍ରତିଫଳନ କରେ । ଏହି ସାଧାରଣ ମତ ରାଜନୈତିକ ଓ ନ୍ୟାୟିକ ଭିତ୍ତି ପ୍ରତିଷ୍ଠା କରିବା ସପକ୍ଷରେ । ଯେଉଁଥିପାଇଁ ଆଭ୍ୟନ୍ତରୀଣ ସଶସ୍ତ୍ର ଲଢେଇ ଆରମ୍ଭ ହୋଇଥିଲା, ସେ ସମସ୍ୟାର ସମାଧାନ ପାଇଁ ଏହା ଅପରିବର୍ତ୍ତନୀୟ ପ୍ରେରଣା ଯୋଗାଇବ । ସମଗ୍ର ମହାଦେଶରେ ଦେଶୀୟ ଲୋକମାନଙ୍କ ସଂଗ୍ରାମରେ ଏହା ଆଶାର ସଂଚାର କରୁଛି, ଏଥିରେ କିଛି ସନ୍ଦେହ ନାହିଁ । ସ୍ଥିରତା, ସୁସଂଗଠିତ ଭବିଷ୍ୟତ, ସାମାଜିକ ଗଣତନ୍ତ୍ର ଓ ପାରସ୍ପରିକ ସମ୍ମାନ ଉପରେ ପ୍ରତିଷ୍ଠିତ ବିକାଶ ଏବଂ ଐକ୍ୟ ଖୋଜୁଥିବା ମଧ୍ୟ-ଆମେରିକୀୟ ଲୋକମାନଙ୍କ ପ୍ରତି ଏହା ଏକ ଶ୍ରଦ୍ଧା ନିବେଦନ ହେବ ।

ବିଭିନ୍ନ ସରକାରଙ୍କ ମୁଖ୍ୟ, ଆମେରିକା ମହାଦେଶର ପ୍ରାୟ ସବୁ ରାଷ୍ଟ୍ରପତି, ଏବଂ ବିଶ୍ୱବ୍ୟାପୀ ଦେଶୀୟ ଲୋକ ଓ ମାନବାଧିକାର ସଂଗଠନମାନଙ୍କଠାରୁ ମିଳିଥିବା ସମସ୍ତ ଅଭିନନ୍ଦନ ବାର୍ତ୍ତାରୁ ଏହି ନୋବେଲ୍ ପୁରସ୍କାରର ଗୁରୁତ୍ୱ ପ୍ରମାଣିତ ହେଉଛି । ପ୍ରକୃତରେ ସେମାନେ ଏହି ପୁରସ୍କାରକୁ ଜଣେ ବ୍ୟକ୍ତିର ପୁରସ୍କାର କିମ୍ବା ସ୍ୱୀକୃତି ଭାବରେ ବିବେଚନା କରୁନାହାନ୍ତି; ବରଂ ଅପୂରଣୀୟ ହୋଇରହିଥିବା ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ଦିଗରେ ଯେଉଁ କଠିନ ସଂଗ୍ରାମ କରିବାକୁ ବାକୀ ଅଛି, ତାହାରି ଆରମ୍ଭ ଭାବରେ ବିଚାର କରୁଛନ୍ତି ।

ଏହାର ସଂପୂର୍ଣ୍ଣ ବିପରୀତ, ଏବଂ ଅବିଶ୍ୱାସ୍ୟ କଥା ହେଉଛି ଯେ ନୋବେଲ୍ ଶାନ୍ତି ପୁରସ୍କାର ବିଷୟରେ ସବୁଠାରୁ ବେଶୀ ଆପତ୍ତି, ଉଦାସୀନତା ଓ ସଙ୍କୋଚ ମୁଁ ମୋ ନିଜ ଦେଶର କିଛି ଲୋକଙ୍କଠାରେ ଦେଖିଛି । ଏହାର କାରଣ ହୁଏତ ହୋଇପାରେ, ଲାଟିନ୍ ଆମେରିକାରେ, ବିଶେଷ ଭାବରେ ଗୁଆଟେମାଲାରେ ମହିଳା ଓ ସ୍ଥାନୀୟ ଲୋକମାନଙ୍କ

Digitized by srujanika@gmail.com

ପ୍ରତି ବିଦ୍ୱେଷ, ନ୍ୟାୟ ଓ ଶାନ୍ତି ପାଇଁ ଆକାଂକ୍ଷାର ଦମନ, ସମାଜ ଓ ରାଜନୀତିର କେତେକ କ୍ଷେତ୍ରରେ ବଦ୍ଧମୂଳ ହୋଇ ରହିଛି ।

ସାଂପ୍ରତିକ ପରିସ୍ଥିତି ଏବଂ ବିଶୃଙ୍ଖଳ ଓ ଜଟିଳ ପୃଥିବୀରେ ମୋତେ ଏହି ସମ୍ମାନ ଦେବା ପାଇଁ ନରୱେର ନୋବେଲ ଶାନ୍ତି ପୁରସ୍କାର କମିଟିଙ୍କ ନିଷ୍ପତ୍ତି ଏକ ପ୍ରକାର ସଚେତନତାକୁ ପ୍ରତିଫଳନ କରୁଛି ଯେ ଏହି ଉପାୟରେ ବର୍ଣ୍ଣବୈଷମ୍ୟ ଓ ସାଂସ୍କୃତିକ ବିଭେଦ ବିରୋଧରେ ଏବଂ ଶାନ୍ତି, ମୈତ୍ରୀ ଓ ନ୍ୟାୟ ସପକ୍ଷରେ ଚାଲିଥିବା ସଂଗ୍ରାମକୁ ସାହସ ଓ ଶକ୍ତି ଦେଇହେବ । ଆମ ଲୋକମାନଙ୍କ ମଧ୍ୟରେ ସୁସଙ୍ଗତ ସହାବସ୍ଥାନର ରାସ୍ତାକୁ ତାହା ସୁଗମ କରିବ ।

ଗୋଟିଏ ପକ୍ଷରେ ଗଭୀର ଦୁଃଖ ଓ ଅନ୍ୟ ପକ୍ଷରେ ସନ୍ତୋଷର ସହିତ ମୁଁ ଆପଣମାନଙ୍କୁ ଜଣାଇବାପାଇଁ ଚାହେଁଯେ ୧୯୯୨ର ନୋବେଲ୍ ଶାନ୍ତି ପୁରସ୍କାର, ଗୁଆଟେମାଲାରେ ଶାନ୍ତି ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ, ଅସ୍ଥାୟୀ ଭାବରେ ମେକ୍ସିକୋ ନଗରୀରେ ରହିବ । ମୋ ଦେଶର ରାଜନୈତିକ ଅବସ୍ଥା ଯାହା, ସେଥିରେ ଏକ ନ୍ୟାୟସମ୍ମତ ଆଶୁ ସମାଧାନ ମୁଁ ଆଶା କରୁନାହିଁ । ଆମର ମହାନ ପଡ଼ୋଶୀ ରାଷ୍ଟ୍ର ମେକ୍ସିକୋ ଶାନ୍ତି ପ୍ରତିଷ୍ଠା ପାଇଁ ଚାଲିଥିବା ଆଲୋଚନାରେ କେବଳ ସକ୍ରିୟ ଅଂଶ ଗ୍ରହଣ କରିନାହିଁ, ଗୁଆଟେମାଲା ଛାଡ଼ି ଚାଲିଆସିଥିବା ଏତେ ସଂଖ୍ୟକ ଶରଣାର୍ଥୀ ଓ ବିତାଡ଼ିତ ଲୋକଙ୍କୁ ପ୍ରାଚୀନ ଆଜ୍‌ଟେକ୍ ସଭ୍ୟତାର କୋଳରେ ଆଶ୍ରୟ ଦେଇଛି । କେବଳ ଜନ୍ମଭୂମି ଗୁଆଟେମାଲାରେ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠିତ ହେଲେ ଯାଇ ପୁରସ୍କାରଟି ସେଠାକୁ ଯାଇପାରିବ । ସେ ପର୍ଯ୍ୟନ୍ତ ତାହା ମେକ୍ସିକୋରେ ରହିବ ।

ସର୍ବୋପରି ଶାନ୍ତି ପୁରସ୍କାର ପାଇବାର ଗୁରୁତ୍ୱ ମୂଲ୍ୟାୟନ କଲାବେଳେ ଯେଉଁମାନଙ୍କ ମୁହଁର ଭାଷା ଶୁଣାଯାଏ ନାହିଁ , ଯେଉଁମାନେ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ତାହାର ଶିକାର ହୋଇଛନ୍ତି, ଯେଉଁମାନେ ବୈଷମ୍ୟ ଓ ଦାରିଦ୍ର୍ୟରେ ସଢ଼ୁଛନ୍ତି, ଯେଉଁମାନେ ମାନବାଧିକାର ଉଲ୍ଲଂଘନର ଶିକାର ହୋଇଛନ୍ତି; ପ୍ରକୃତରେ ସେ ସମସ୍ତ ଅପାଙ୍‌କ୍ତେୟମାନଙ୍କ ତରଫରୁ ମୁଁ କିଛି କହିବା ପାଇଁ ଚାହେଁ । ଶତାବ୍ଦୀ ଶତାବ୍ଦୀ ଧରି ନିର୍ଯ୍ୟାତନା ସହି ମଧ୍ୟ ସେମାନେ ତାଙ୍କ ବିବେକକୁ ହରାଇ ନାହାନ୍ତି । ତାଙ୍କର ଆଶା ଓ ସଂକଳ୍ପ ଅତୁଟ ରହିଛି ।

ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିଗଣ, ମୁଁ ଆଶାକରେ ମୋ ଦେଶ ଓ 'ମାୟା' ସଭ୍ୟତା ସଂପର୍କରେ କିଛି କହିବା ପାଇଁ ଆପଣମାନେ ମୋତେ ଅନୁମତି ଦେବେ । ଏକଦା 'ମାୟା' ସଭ୍ୟତା ବିକଶିତ ହୋଇଥିଲା ଏବଂ ଏହାର ଲୋକମାନେ ପ୍ରାୟ ତିନିଲକ୍ଷ ବର୍ଗ କିଲୋମିଟର ଭୌଗଳିକ ଅଞ୍ଚଳରେ ବ୍ୟାପିଯାଇଥିଲା । ସେମାନେ ଦକ୍ଷିଣ ମେକ୍ସିକୋ, ବେଲିସ୍, ଗୁଆଟେମାଲା, ହୋଣ୍ଡୁରାସ ଓ ଏଲ୍ ସାଲ୍‌ଭାଡ଼ୋର୍‌ର କିଛି କିଛି ଅଂଶ ଦଖଲ

Digitized by srujanika@gmail.com

କରିଥିଲେ । ରାଜନୈତିକ ସଂଗଠନ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସେମାନେ ଏକ ସମୃଦ୍ଧ ସଭ୍ୟତା ଗଢି ଥିଲେ । ଗଣିତ, ମହାକାଶ ବିଜ୍ଞାନ, କୃଷି, ସ୍ଥାପତ୍ୟ ଓ ବୈଷୟିକ କ୍ଷେତ୍ରରେ ସେମାନଙ୍କର କୃତିତ୍ୱ ଥିଲା ଅସାଧାରଣ । ଭାସ୍କର୍ଯ୍ୟ, ଚିତ୍ରକଳା, ବୟନ ଓ ଖୋଦେଇ ବିଦ୍ୟାରେ ସେମାନେ ଅସାମାନ୍ୟ କଳାକାର ଥିଲେ ।

ଭାରତରେ ଯେତେବେଳେ 'ଶୂନ୍ୟ' ଆବିଷ୍କାର ହୋଇ ଆରବକୁ ପ୍ରସାରିତ ହେଲା, 'ମାୟା'ମାନେ ମଧ ଗଣିତରେ ଏହାକୁ ଆବିଷ୍କାର କରିଥିଲେ । ଗାଣିତିକ ହିସାବ ଓ ବୈଜ୍ଞାନିକ ପର୍ଯ୍ୟବେକ୍ଷଣ ଉପରେ ପର୍ଯ୍ୟବେସିତ ମହାକାଶ ବିଜ୍ଞାନ ସଂପର୍କୀୟ ଭବିଷ୍ୟତବାଣୀ ସେତେବେଳେ ଯେତିକି ବିସ୍ମୟଜନକ ଥିଲା, ଆଜି ମଧ ସେହିପରି ରହିଛି । ଗ୍ରେଗୋରିଆନ କ୍ୟାଲେଣ୍ଡରଠାରୁ ମଧ ବେଶୀ ନିର୍ଭୁଲ୍ କ୍ୟାଲେଣ୍ଡର ସେମାନେ ପ୍ରସ୍ତୁତ କରିଥିଲେ । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସେମାନେ ଜଟିଳ ଅସ୍ତ୍ରୋପଚାରମାନ କରି ପାରୁଥିଲେ ।

ବିଜେତାମାନଙ୍କ ହାତରେ ଧ୍ୱଂସ ନହୋଇ ରହିଯାଇଥିବା ଗୋଟିଏ 'ମାୟା' ବହି *Codice de Dresden* ରେ 'ଗ୍ରହଣ' ସଂପର୍କରେ ଗବେଷଣାଲବ୍ଧ ଜ୍ଞାନ ସବୁ ଲିପିବଦ୍ଧ କରାଯାଇଛି । ଏଥିରେ ୩୩ ବର୍ଷ ବ୍ୟବଧାନରେ ସୂର୍ଯ୍ୟପରାଗ ହେଉଥିବା ୬୯ଟି ତାରିଖର ଏକ ସାରଣୀ ରହିଛି । ଜୀବନ ଓ ପ୍ରକୃତି ପ୍ରତି 'ମାୟା' ସଭ୍ୟତାର ଥିବା ଗଭୀର ସମ୍ମାନକୁ ଆଜି ଗୁରୁତ୍ୱଦେବାର ସମୟ ଆସିଛି ।

ପାଞ୍ଚ ଶହ ବର୍ଷ ଧରି ପାଞ୍ଚ କୋଟି ଲୋକ ଯଦି ରକ୍ତ ଓ ଅଗ୍ନି ଦ୍ୱାରା ପରାହତ ହୋଇନଥାନ୍ତେ ଏବଂ ନରସଂହାରର ଶିକାର ହୋଇନଥାନ୍ତେ, ସେମାନେ ଯେ ବିଜ୍ଞାନ କ୍ଷେତ୍ରରେ ଆହୁରି କେତେ ଉଚ୍ଚତର ସୋପାନକୁ ଯାଇପାରିଥାନ୍ତେ, ତାହା କିଏ କହିବ ?

ଏହି ନୋବେଲ୍ ଶାନ୍ତି ପୁରସ୍କାରକୁ ପୃଥିବୀପୃଷ୍ଠରୁ ନିଶ୍ଚିହ୍ନ ହୋଇଯାଇଥିବା ସେଇ ମଣିଷମାନଙ୍କ ପ୍ରତି ଏକ ସମ୍ମାନ ଭାବରେ ମୁଁ ବର୍ଣ୍ଣନା କରିବି; ଯେଉଁମାନେ ଅନ୍ୟ ମଣିଷମାନଙ୍କ ସହିତ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିହୋଇ ଏକ ମର୍ଯ୍ୟାଦାପୂର୍ଣ୍ଣ ଓ ନ୍ୟାୟସଙ୍ଗତ ଜୀବନ ବଞ୍ଚିବାକୁ ତାଙ୍କର ଲକ୍ଷ୍ୟଭାବରେ ଗ୍ରହଣ କରିଥିଲେ । ଆମର ସେହି ସମଧର୍ମୀମାନଙ୍କ ପାଇଁ ଏହା ଏକ ସମ୍ମାନ ବୋଲି ମୁଁ ମନେକରେ, ଯେଉଁମାନେ ଦାରିଦ୍ର୍ୟ ଓ ଅବହେଳାରେ ପରିବର୍ତ୍ତନର ସ୍ୱପ୍ନ ଦେଖିବା ପାଇଁ ଏବେ ଜୀବିତ ନାହାନ୍ତି । ସେହି ଭାଗ୍ୟହୀନମାନେ କେବଳ ଗୁଆଟେମାଲାର ନୁହନ୍ତି, ସେମାନେ ସମଗ୍ର ଆମେରିକା ମହାଦେଶର ।

ପାଞ୍ଚ ଶହ ବର୍ଷ ପରେ ହେଲେ ମଧ ଏହି କ୍ରମବର୍ଦ୍ଧମାନ ଉଦ୍‌ବେଗ, ଦୁଃଖ, ବୈଷମ୍ୟ, ନିର୍ଯ୍ୟାତନା ଓ ଶୋଷଣର ଶିକାର ହୋଇଥିବା ଲୋକଙ୍କ ପାଇଁ ଆଶ୍ୱାସନାର ବିଷୟ ଯେ, ଏହି ଲୋକମାନେ ଜୀବନ ପ୍ରତି ଥିବା ତାଙ୍କର ଅଖଣ୍ଡ ବିଶ୍ୱାସ ଯୋଗୁ ଦୁର୍ଦ୍ଦିନରେ ମଧ ଧୈର୍ଯ୍ୟ ହରାଇନାହାନ୍ତି ଏବଂ ଏକ ସୁବର୍ଣ୍ଣ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି । ଯେଉଁ ମୂଳଟିକୁ

Digitized by srujanika@gmail.com

ନଷ୍ଟ କରିଦେବା ପାଇଁ ଉଦ୍ୟମ ହୋଇଥିଲା, ତାହା ଶକ୍ତି ସଂଚୟ କରି ଭବିଷ୍ୟତ ପାଇଁ ଆଶା ଓ ସ୍ୱପ୍ନ ସହିତ ଏକ ଦ୍ରୁମର ଆକାର ଗ୍ରହଣ କରୁଛି ।

ଏହି ପୁରସ୍କାର ପାଞ୍ଚଶହ ବର୍ଷ ଧରି ନିର୍ଯ୍ୟାତିତ ହୋଇଥିବା ଛ' କୋଟିରୁ ଅଧିକ ଭାରତୀୟମାନଙ୍କର ଭବିଷ୍ୟତ ତଥା ମଣିଷର ମୌଳିକ ଅଧିକାର ସଂପର୍କରେ ବୁଝାମଣାରେ କ୍ରମବର୍ଦ୍ଧମାନ ଆନ୍ତର୍ଜାତିକ ଆଗ୍ରହର ସୂଚନା ଦେଉଛି । ଗୋଟିଏ ଜାତି ପ୍ରତି ହୋଇଥିବା ଅଭୂତପୂର୍ବ ନିର୍ଯ୍ୟାତନାରୁ ଆମେରିକା ଓ ଅନ୍ୟ ଦେଶର ଉଚ୍ଚବର୍ଗର ଲୋକେ ଫାଇଦା ଉଠାଇଛନ୍ତି ।

ଆମେରିକା ମହାଦେଶରେ ବା ପୃଥିବୀର ଅନ୍ୟ ଯେଉଁଠାରେ ଥାଆନ୍ତୁନା କାହିଁକି, ଭାରତୀୟମାନେ ସ୍ୱାଧୀନତାର ସ୍ୱାଦ ପାଆନ୍ତୁ, ଯେହେତୁ ସେମାନେ ବଞ୍ଚିଥିଲେହିଁ ଜୀବନର ପ୍ରକୃତ ସ୍ୱରୂପ ସହିତ ଆଶାର କିରଣ ମଧ୍ୟ ବଞ୍ଚିରହିବ ।

ସମଗ୍ର ମହାଦେଶରେ ବାସକରୁଥିବା ଭାରତୀୟ ସଙ୍ଗଠନମାନଙ୍କ ଆନନ୍ଦର ଅଭିବ୍ୟକ୍ତି ଓ ବିଶ୍ୱର ଅନ୍ୟ ସ୍ଥାନମାନଙ୍କରୁ ମିଳିଥିବା ଅଭିନନ୍ଦନ ନୋବେଲ ଶାନ୍ତି ପୁରସ୍କାରର ମହତ୍ତ୍ୱକୁ ପ୍ରତିପାଦନ କରୁଛି । ଏହା ଆମେରିକୀୟ ସ୍ଥାନୀୟ ବାସିନ୍ଦାମାନଙ୍କ ପ୍ରତି ଇଉରୋପର ଋଣର ସ୍ୱୀକୃତି । ଉପନିବେଶବାଦ ଓ ଶୋଷଣକୁ ଦୂର କରିବା ପାଇଁ ଏହା ମାନବ ଜାତିର ବିବେକ ପ୍ରତି ଏକ ସାନୁନୟ ନିବେଦନ । ଜୀବନ, ଶାନ୍ତି, ନ୍ୟାୟ, ସମାନତା ଓ ମଣିଷମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ପାଇଁ ଏହା ଏକ ଆକୁଳ ଚିତ୍କାର ।

ପରସ୍ପର ସହିତ ସେମାନେ ଯେଉଁପରି ସଂପର୍କରେ ବନ୍ଧା, ସେହି ଭାବରେ ହିଁ ଭାରତୀୟ ଲୋକଙ୍କ ସ୍ୱକୀୟ ଦୃଷ୍ଟିଭଙ୍ଗୀ ପ୍ରକାଶିତ ହୋଇଥାଏ । ପ୍ରଥମେ ମଣିଷ ମଣିଷ ମଧ୍ୟରେ ଯୋଗାଯୋଗ ମାଧ୍ୟମରେ ଏହା ପ୍ରକାଶିତ ହୁଏ । ଦ୍ୱିତୀୟତଃ ଧରିତ୍ରୀ ସହିତ ସଂପର୍କ ଠିକ୍ ମା' ସହିତ ସଂପର୍କ ପରି । ଆମକୁ ଯିଏ ଜୀବନ ଦେଇଛି ତାହା ମାମୁଲି ପଣ୍ୟ ନୁହେଁ । ତୃତୀୟତଃ ପ୍ରକୃତି ସହିତ ସଂପର୍କ । ଆମେ ପ୍ରକୃତିର ପ୍ରଭୁ ନୋହୁ, ତାହାର ଅବିଭାଜ୍ୟ ଅଂଶ ମାତ୍ର ।

ଆମପାଇଁ ମା' ଧରିତ୍ରୀ ଖାଦ୍ୟ ଓ ତଦ୍‌ଜନିତ ଆର୍ଥିକ ସମୃଦ୍ଧିର କେବଳ ଆଧାର ନୁହେଁ, ଆଜିର ଭାଗ୍ୟବାନମାନେ ମନାସୁଥିବା ଆହୁରି କେତେ ଜିନିଷ ସେ ଆମକୁ ଦିଏ । ଧରିତ୍ରୀ ଆମ ସଂସ୍କୃତିର ମୌଳିକ ଉତ୍ସ । ସେ ଆମ ସ୍ମୃତିକୁ ସାଇତି ରଖେ ଓ ଆମ ପୂର୍ବପୁରୁଷମାନଙ୍କୁ କୋଳେଇନିଏ । ଏହି କାରଣରୁ ସେ ଦେଇଥିବା ପଦାର୍ଥଗୁଡ଼ିକୁ କୋମଳତା ଓ ସମ୍ମାନର ସହିତ ତାକୁ ଫେରାଇଦେଇ ତା'ରି ନିକଟକୁ ଫେରିଯିବା ପାଇଁ ସେ ଦାବୀକରେ । ଆମେ ତା'ରି ଯତ୍ନ ନେବାକୁ ପଡ଼ିବ, ଯେପରି ସେ ଆମ ପୁଅ ନାତିମାନଙ୍କ ପ୍ରତି ବିମୁଖ ହେବନାହିଁ । ଯଦି ପୃଥିବୀ ପ୍ରକୃତିକୁ ସମ୍ମାନ ଦେବା ନଶିଖିବ, ନୂତନ ପୀଢିମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିବ ।

Digitized by srujanika@gmail.com

ଏହି ମୌଳିକ ବିଭାବଗୁଡ଼ିକରୁ ଆମେରିକା ମହାଦେଶରେ ବାସକରୁଥିବା ସବୁ ଭାରତୀୟ ଓ ଅଣଭାରତୀୟ (କୃଷ୍ଣକାୟ, ଶ୍ୱେତକାୟ, ଏସୀୟ ବଂଶୋଦ୍ଭବ, ମିଶ୍ରିତ ବଂଶୋଦ୍ଭବ ନିର୍ବିଶେଷରେ) ମାନଙ୍କ ବ୍ୟବହାର, ଅଧିକାର ଓ ଦାୟିତ୍ୱର ସୃଷ୍ଟି । ପରସ୍ପରକୁ ସମ୍ମାନ କରିବା, ପରସ୍ପରଠାରୁ ଶିଖିବା ଏବଂ ବୈଷୟିକ ଓ ବୈଜ୍ଞାନିକ ସାଫଲ୍ୟଗୁଡ଼ିକୁ ସମସ୍ତଙ୍କ ସୁବିଧା ହେବାପରି ବିତରଣ କରିବା ପାଇଁ ସମାଜର ଏକ ସାମଗ୍ରିକ ଦାୟିତ୍ୱ ରହିଛି । ବିଜ୍ଞାନ ଓ କାରିଗରୀବିଦ୍ୟା ବିକାଶର ଭିତ୍ତି ସ୍ଥାପନରେ ସହାୟକ ହୋଇଥିଲେ ମଧ୍ୟ ଭାରତୀୟମାନେ ଏହି କ୍ଷେତ୍ରଗୁଡ଼ିକରେ ସେମାନଙ୍କର ନ୍ୟାଯ୍ୟ କେବେ ପାଇନାହାନ୍ତି । ଯଦି ଧ୍ୱଂସ, ଶୋଷଣ, ବୈଷମ୍ୟକୁ ଛାଡ଼ି ଭାରତୀୟ ଓ ଇଉରୋପୀୟ ସଭ୍ୟତା ଶାନ୍ତିପୂର୍ଣ୍ଣ ଓ ସୁସଙ୍ଗତ ଭାବରେ ଭାବ ବିନିମୟ କରିଥାନ୍ତେ ମାନବଜାତି ପାଇଁ ସେମାନେ ମହତ୍ତର ବିଜୟ ହାସଲ କରିପାରିଥାନ୍ତେ ।

ଇଉରୋପୀୟମାନେ ଆମେରିକାକୁ ଆସିବା ପୂର୍ବରୁ ସେଠାରେ ଏକ ଦୃଢ଼ ଓ ସମୃଦ୍ଧ ସଭ୍ୟତା ରହିଥିଲା - ଏହା ଆମେ ଭୁଲିଗଲେ ଚଳିବ ନାହିଁ । ସେଠାରେ କ'ଣ ଲୁକ୍‌କାୟିତ ଅଛି ଜଣେ ଜାଣିନଥିଲା ବୋଲି ସେ 'ଆମେରିକା ଆବିଷ୍କାର' କରିଛି ବୋଲି କହିପାରିବ ନାହିଁ । ରୋମାନ୍ ସଭ୍ୟତା ଓ ମଧ୍ୟଯୁଗୀୟ ଇଉରୋପର ପତନର ବହୁ ପୂର୍ବରୁ ଆମେରିକା ଓ ତାହାର ସ୍ଥାନୀୟ ସଭ୍ୟତାଗୁଡ଼ିକ ନିଜକୁ ଆବିଷ୍କାର କରିସାରିଥିଲେ । ଏହି ସଂସ୍କୃତିର ମହତ୍ୱ ମାନବ ଜାତିର ଐତିହ୍ୟର ଅଙ୍ଗବିଶେଷ । ଏଥିରେ ବିଦ୍ୱାନମାନେ ଏବେ ମଧ୍ୟ ବିସ୍ମିତ ହୁଅନ୍ତି ।

ଯେଉଁ ଭାରତୀୟ ସଂପ୍ରଦାୟର ମୁଁ ଜଣେ ସଦସ୍ୟ, ସେହି ଭାରତୀୟ ଲୋକମାନେ ମାନବ ବିକାଶକୁ ସେମାନଙ୍କର ଅବଦାନ ଦେଇପାରିବେ ବୋଲି ମୁଁ ମନେକରେ । ଆମର ପ୍ରଚୁର ଅନ୍ତର୍ନିହିତ ଶକ୍ତି ରହିଛି । ଇୟୁରୋପୀୟ ସଭ୍ୟତା ଓ ବିଶ୍ୱର ଅନ୍ୟ ସଭ୍ୟତାମାନଙ୍କ ସହିତ ଆମ ପୁରାତନ ଐତିହ୍ୟର ସମିଶ୍ରଣ ହେଲେ ମାନବଜାତିର କଲ୍ୟାଣ ହେବ । ଏହି ଜ୍ଞାନ ଓ ପ୍ରାକୃତିକ ସମ୍ପଦ ବ୍ୟବହାରର ଅଧିକାର ସରକାର ଓ ସମାଜ ମଧ୍ୟରେ ସମାନତା ର ଭିତ୍ତିଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ । ଆମେ ଭାରତୀୟମାନେ ପରମ୍ପରା ଓ ଆଧୁନିକତା ମଧ୍ୟରେ ସମନ୍ୱୟ ଆଣିବା ପାଇଁ ଆଗ୍ରହୀ; କିନ୍ତୁ ଯେ କୌଣସି ମୂଲ୍ୟରେ ନୁହେଁ । ମହାଦେଶୀୟ ସ୍ତରରେ ଜନଜାତି-ପର୍ଯ୍ୟଟନ ପ୍ରକଳ୍ପର ସମ୍ଭାବ୍ୟ ତତ୍ତ୍ୱାବଧାରକ ଭାବରେ ଆମ ଭବିଷ୍ୟତର ଯୋଜନା କରାଯାଉ, ଏହା ଆମେ କଦାପି ସହ୍ୟ କରିବୁ ନାହିଁ ।

ଯେତେବେଳେ ବିଶ୍ୱବ୍ୟାପୀ କଲମ୍ବସଙ୍କ ଆମେରିକା ଆଗମନର ପଞ୍ଚମ ଶତବାର୍ଷିକୀ ପାଳନ କରାଯାଉଛି, ଭାରତୀୟମାନଙ୍କର ଆଶା ମଧ୍ୟ ପୁନର୍ଜୀବିତ ହେଉଛି । ଏତିକିବେଳେ ଆମକୁ ଆମର ସ୍ଥିତି ଓ ସାଂସ୍କୃତିକ ପରିଚୟକୁ ଜାହିର୍ କରିବାକୁ ପଡ଼ିବ ।

Digitized by srujanika@gmail.com

ଆମ ଭବିତବ୍ୟ ଓ ଜାତି ନିର୍ମାଣ ସଂପର୍କୀୟ ନିଷ୍ପତ୍ତିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ଆମକୁ ଉଦ୍ୟମ କରିବାକୁ ପଡ଼ିବ। ଆମ ସପକ୍ଷରେ ରହିଛି ପରମ୍ପରାକୁ ରକ୍ଷା କରିବା ପାଇଁ ଆମର ଆଗ୍ରେୟ ଶପଥ ଏବଂ ଅଗଣିତ ଦେଶ, ସରକାର, ସଙ୍ଗଠନ ଓ ବିଶ୍ୱବ୍ୟାପୀ ନାଗରିକମାନଙ୍କର ଆମ ସଂଗ୍ରାମ ପାଇଁ ପ୍ରତିବଦ୍ଧତା।

ତେଣୁ ମୁଁ ସେହି ଦିନର ସ୍ୱପ୍ନ ଦେଖୁଛି, ଯେତେବେଳେ ସ୍ଥାନୀୟ ଅଧିବାସୀ ଓ ଅନ୍ୟ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ତର ହେବ; ଯେତେବେଳେ ସେମାନେ ସେମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟର ସହାୟତାରେ ଏହି ପୃଥିବୀପୃଷ୍ଠରେ ବୈଷମ୍ୟକୁ କମାଇପାରିବେ।

ଆଜି ତାହାର ୪୭ ତମ ସାଧାରଣ ଅଧିବେଶନରେ ମିଳିତ ଜାତିସଂଘ, ଭାରତୀୟମାନଙ୍କ ସଂଗଠନ, ଭାରତୀୟ, କୃଷ୍ଣକାୟ ଓ ଅନ୍ୟ ଲୋକମାନଙ୍କ ପ୍ରତିରୋଧ ଆନ୍ଦୋଳନର ମୁଖ୍ୟମାନଙ୍କ ଉପସ୍ଥିତିରେ ୧୯୯୩ ମସିହାକୁ 'ଆନ୍ତର୍ଜାତୀୟ ଭାରତୀୟ ଲୋକଙ୍କ ବର୍ଷ' ଭାବରେ ଘୋଷଣା କରିବ। ଜାତୀୟ ପରିପ୍ରେକ୍ଷୀରେ ଭାରତୀୟମାନଙ୍କ ଭୂମିକା ନିର୍ଦ୍ଧାରଣ କରିବା ପାଇଁ ଏବଂ ସେମାନଙ୍କୁ ପାରସ୍ପରିକ ଆନ୍ତର୍ଜାତିକ ଚୁକ୍ତିରେ ସାମିଲ ଉଦ୍ଦେଶ୍ୟରେ ୧୯୯୩କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନର ବର୍ଷ କରିବା ପାଇଁ ସେମାନେ ସମସ୍ତେ କାର୍ଯ୍ୟକାରୀ ଅଧିବେଶନର ଆରମ୍ଭରେ ଔପଚାରିକ ଭାବରେ ଅଂଶ ଗ୍ରହଣ କରିବେ। 'ଆନ୍ତର୍ଜାତୀୟ ଭାରତୀୟ ଲୋକଙ୍କ ବର୍ଷ'ର ସଫଳତା ଏବଂ ସାର୍ବଜାନିନ ଘୋଷଣାନାମା ପାଇଁ ପ୍ରକଳ୍ପ ପ୍ରସ୍ତୁତିରେ ଅଗ୍ରଗତି, ମିଳିତ ଜାତିସଂଘର ଅନେକ ଦେଶର ସହାନୁଭୂତି, ଅଗଣିତ ଭାରତୀୟ ଭାଇ, ବେସରକାରୀ ସଂଗଠନ ଓ କାର୍ଯ୍ୟକାରୀ ଗୋଷ୍ଠୀର ବିଶେଷଜ୍ଞମାନଙ୍କ ପ୍ରଚେଷ୍ଟାର ଫଳ। ଆମେ ଆଶାକରୁ ଭାରତୀୟ ଲୋକମାନଙ୍କ ଅଧିକାର ଘୋଷଣା ସଂପର୍କରେ ପ୍ରସ୍ତୁତ ପ୍ରକଳ୍ପ ଆନ୍ତର୍ଜାତିକ ଅଧିକାର ଦିଗରେ ଅଗ୍ରଗତି ଏବଂ ଆମେ ଭାରତୀୟ-ଆମେରିକୀୟମାନେ ଅନୁଭବ କରୁଥିବା କଠିନ ସତ୍ୟ ମଧ୍ୟରେ ଥିବା ବିରୋଧାଭାସକୁ ଗଭୀର ଭାବରେ ଅନୁଧ୍ୟାନ କରିବ।

ଆମ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ପ୍ରତି ଗୋଟିଏ ବର୍ଷକୁ ଉତ୍ସର୍ଗ କରିବେ। ସେମାନେ ବିଭିନ୍ନ ପ୍ରସ୍ତାବ ଦେବାପାଇଁ ଏବଂ କାର୍ଯ୍ୟକାରୀ ଯୋଜନା ଉପରେ ଚାପ ଦେବା ପାଇଁ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ଦିଗରେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଯେଉଁ ବର୍ଣ୍ଣବୈଷମ୍ୟ, ନିର୍ଯ୍ୟାତନା, ଶୋଷଣ ସେମାନଙ୍କୁ ଦାରିଦ୍ର୍ୟ ଓ ବିସ୍ମୃତି ମଧ୍ୟକୁ ଠେଲି ଦେଇଛି, ତାହାକୁ ସମୂଳେ ଦୂର କରିବା ପାଇଁ ଏହି ସଂଗ୍ରାମକୁ ସବୁଠାରୁ ଯୁକ୍ତିଯୁକ୍ତ ଭାବରେ ଜାରି ରଖାଯିବ। ଯେଉଁମାନେ ପ୍ରତ୍ୟାଖ୍ୟାତ ହୋଇଛନ୍ତି, ସେମାନଙ୍କ ପାଇଁ ନୋବେଲ ଶାନ୍ତି ପୁରସ୍କାର ଏକ ସ୍ୱୀକୃତି, ଏକ ପ୍ରୋତ୍ସାହନ ଏବଂ ଭବିଷ୍ୟତ ପାଇଁ ଏକ ପ୍ରେରଣା।

Digitized by srujanika@gmail.com

ସମଗ୍ର ମାନବ ସମାଜ ମଧ୍ୟରେ ଶାନ୍ତି ଓ ଐକ୍ୟଭାବ ଆସିବ, ଏହା ମୋର ଆନ୍ତରିକ କାମନା । ପରବର୍ତ୍ତୀ ହଜାରେ ବର୍ଷ ପାଇଁ ଏହା ସମ୍ମାନ ଓ ସାମ୍ୟର ନୂତନ ସଂପର୍କମାନ ଉନ୍ମୋଚନ କରିବ; ଶାସନର ନିଷ୍ଠୁର ନହୋଇ ଭ୍ରାତୃଭାବ ଦ୍ୱାରା ପରିଚାଳିତ ହେବ ।

ଯୁଦ୍ଧ ଓ ହିଂସା ସତ୍ତ୍ୱେ ଐତିହାସିକ ମୂଲ୍ୟବୋଧର ସୁରକ୍ଷା ଓ ବିବିଧତା ମଧ୍ୟରେ ଏକତା ପ୍ରତିଷ୍ଠା ସମଗ୍ର ମାନବ ସମାଜ ପାଇଁ ଏକ ଆହ୍ୱାନ । ପୃଥିବୀରେ ଜୀବନର ସମସ୍ତ ବିଭାଗରେ ପରିବର୍ତ୍ତନ ଓ ରୂପାନ୍ତରର ମୌଳିକ ବିଶେଷତ୍ୱଗୁଡ଼ିକ ଉପରେ ଆମେ ଚିନ୍ତା କରିବାର ସମୟ ଆସିଛି । ଆଜି ମାନବ ସମାଜ ଯେଉଁ ଗଭୀର ନୈତିକ ସଙ୍କଟର ସମ୍ମୁଖୀନ ହୋଇଛି ତାହାର ନିର୍ଦ୍ଦିଷ୍ଟ ସମାଧାନ ଖୋଜିବା ଆମର କର୍ତ୍ତବ୍ୟ । ଭବିଷ୍ୟତର ଢାଞ୍ଚା ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ ।

ସବୁକ୍ଷେତ୍ରରେ ଭାରତୀୟମାନଙ୍କ ସକ୍ରିୟ ଯୋଗଦାନ ଫଳରେ ମଣିଷ ସମାଜର ଯେଉଁ ଲାଭ ହେବ ତାହାକୁ ହୁଏତ କେତେକ ରାଜନୈତିକ ଓ ଅର୍ଥନୈତିକ ଶକ୍ତି ତଥା ମୁଷ୍ଟିମେୟ ରାଷ୍ଟ୍ରନୀତିଜ୍ଞ ଓ ବୁଦ୍ଧିଜୀବୀ କଳ୍ପନା କରିପାରିନାହାନ୍ତି । କିନ୍ତୁ ବିଭିନ୍ନ ରାଜନୈତିକ ଓ ବୌଦ୍ଧିକ 'Amerindian 'ମାନେ ଯେଉଁ ଆନ୍ଦୋଳନ ଆରମ୍ଭ କରିଛନ୍ତି ତାହା ଶେଷରେ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବ ଯେ, ଆନ୍ତର୍ଜାତୀୟ ସ୍ତରରେ ଆଲୋଚିତ ହେଉଥିବା ଐତିହାତିକ ବିକଳ୍ପମାନଙ୍କର ଆମେ ଏକ ଅଙ୍ଗ ।

ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିଗଣ, ମୁଁ ବର୍ତ୍ତମାନ ମୋ ଦେଶ ବିଷୟରେ କେତୋଟି ସ୍ପଷ୍ଟ କଥା କହିବି ।

ଏହି ନୋବେଲ୍ ଶାନ୍ତି ପୁରସ୍କାର ଗୁଆଟେମାଲା ପ୍ରତି ଯେତିକି ଦୃଷ୍ଟି ଆକର୍ଷଣ କରାଇଛି, ସେଥିରୁ ଆନ୍ତର୍ଜାତୀୟ ସ୍ତରରେ ଯେ ମାନବାଧିକାର ଉଲ୍ଲଂଘନକୁ ଆଉ ଉପେକ୍ଷା କରାଯାଉନାହିଁ, ତାହା ସୂଚାଇ ଦେଉଛି । ମୋ ଦେଶରେ ସାମ୍ୟ ଓ ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ କରି ଯେଉଁମାନେ ମୃତ୍ୟୁବରଣ କରିଛନ୍ତି, ଏହି ପୁରସ୍କାର ପ୍ରକୃତରେ ସେହିମାନଙ୍କୁ ହିଁ ସମ୍ମାନିତ କରିବ ।

ସେମାନଙ୍କ ସଂଗ୍ରାମ ଫଳରେ ୧୯୪୪ ଅକ୍ଟୋବର ମାସରେ ଗୁଆଟେମାଲାର ଲୋକମାନେ କିଛିଦିନ ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ମାନବାଧିକାର ହାସଲ କରି ପାରିଥିଲେ, ଏହା ପୃଥିବୀର ସମସ୍ତେ ଜାଣନ୍ତି । ସେତେବେଳେ ପୂର୍ଣ୍ଣ ସାର୍ବଭୌମତ୍ୱ ସକାଶେ ସଂଗ୍ରାମ ପାଇଁ ଗୁଆଟେମାଲା ଆମେରିକା ମହାଦେଶରେ ଏକ ବ୍ୟତିକ୍ରମ ଥିଲା । କିନ୍ତୁ ୧୯୫୪ରେ ଶକ୍ତିଶାଳୀ ବିଦେଶୀ ସ୍ୱାର୍ଥ ଏବଂ ଉପନିବେଶବାଦୀମାନଙ୍କ ସଶସ୍ତ୍ର ଆକ୍ରମଣରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅବସାନ ଘଟିଲା । ଏହା ସହିତ ଦମନଲୀଳାର ପୁରୁଣା

Digitized by srujanika@gmail.com

ବ୍ୟବସ୍ଥା ପୁଣିଥରେ ପ୍ରତିଷ୍ଠିତ ହେଲା, ଯାହାକି ମୋ ଦେଶର ଇତିହାସ ହୋଇରହିଛି । ଶୀତଳଯୁଦ୍ଧରୁ ସୃଷ୍ଟି ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ପରାଧୀନତା ଆଭ୍ୟନ୍ତରୀଣ ସଶସ୍ତ୍ର ଦ୍ୱନ୍ଦ୍ୱର କାରଣ ହେଲା । ଯୁଦ୍ଧ ଆରମ୍ଭ ହେବାର ବହୁ ପୂର୍ବରୁ ଗୁଆଟେମାଲାରେ ଜନ ସଙ୍ଗଠନ, ଗଣତାନ୍ତ୍ରିକ ଦଳ ଓ ବୁଦ୍ଧିଜୀବୀମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା । ଆମେ ଏହାକୁ ଭୁଲିଯିବା ଉଚିତ ହେବ ନାହିଁ ।

ବିଦ୍ରୋହ ଦମନ କରିବାକୁ ଯାଇ ଏକଚ୍ଛତ୍ରବାଦୀମାନେ ସବୁଠାରୁ ବେଶୀ ନୃଶଂସ ହୋଇଛନ୍ତି । ସେମାନେ ଗାଁ ଗୁଡ଼ିକୁ ମାଟିରେ ମିଶାଇ ଦେଇଛନ୍ତି, ହଜାର ହଜାର କୃଷକ, ଶହ ଶହ ଶ୍ରମିକ, ଛାତ୍ର, ବୁଦ୍ଧିଜୀବୀ, ରାଜନେତା, ଧର୍ମଯାଜକ ଓ ନନ୍‌ମାନଙ୍କୁ ହତ୍ୟା କରିଛନ୍ତି, ଜାତୀୟ ନିରାପତ୍ତା ନାଁରେ ବିଧିବଦ୍ଧ ଭାବରେ ଅତ୍ୟାଚାର କରାଯାଇ ଏକ ନିୟୁତ କୃଷକଙ୍କୁ ବଳପୂର୍ବକ ସେମାନଙ୍କ ଜମିରୁ ଉଚ୍ଛେଦ କରିଛନ୍ତି; ଲକ୍ଷେ ଲୋକଙ୍କୁ ପଡ଼ୋଶୀ ଦେଶମାନଙ୍କରେ ଆଶ୍ରୟ ନେବାକୁ ପଡ଼ିଛି । ଗୁଆଟେମାଲାରେ ଆଜି ପ୍ରାୟ ଏକ ଲକ୍ଷ ପିତୃମାତୃହୀନ ଓ ଚାଳିଶି ହଜାରରୁ ବେଶୀ ବିଧବା ଅଛନ୍ତି । 'ନିଖୋଜ ରାଜନେତା' ବୋଲି ଜିନିଷ ସରକାରୀ ନୀତି ଭାବରେ ଗୁଆଟେମାଲାରେହିଁ ଉଦ୍ଭାବନ ହୋଇଛି ।

ଆପଣମାନେ ଜାଣନ୍ତି, ମୁଁ ନିଜେ ନରସଂହାରର ଶିକାର ହୋଇଥିବା ଗୋଟିଏ ପରିବାରର ବଞ୍ଚି ରହିଥିବା ଜଣେ ସଦସ୍ୟ । ଦେଶ ଅଭୂତପୂର୍ବ ସଙ୍କଟର ସମ୍ମୁଖୀନ ହେଲା । ବିଶ୍ୱରେ ଘଟୁଥିବା ପରିବର୍ତ୍ତନ, ସୈନ୍ୟବଳକୁ ରାଜନୈତିକ କ୍ଷେତ୍ରର ବିସ୍ତାର ପାଇଁ ଏକ ନୂଆ ସମ୍ବିଧାନ ପ୍ରଣୟନ ଦିଗରେ ସୁଯୋଗ ସୃଷ୍ଟି କରିବା ପାଇଁ ବାଧ୍ୟ ଓ ଉତ୍ସାହିତ କଲା । ଆଠବର୍ଷ ହେଲା ଏହି ନୂଆ ବ୍ୟବସ୍ଥା ଚାଲିଛି ଏବଂ କେତେକ କ୍ଷେତ୍ରରେ ବିଶେଷ ସୁଯୋଗମାନ ସୃଷ୍ଟି ହୋଇଛି ।

ଏହା ସତ୍ତ୍ୱେ, ଏକ ଅର୍ଥନୈତିକ ସଙ୍କଟ ମଧ୍ୟରେ, ମାନବିକ ଅଧିକାରର ଦମନ ଓ ଉଲ୍ଲଙ୍ଘନ ମଧ୍ୟ ଅବ୍ୟାହତ ରହିଛି । ଆଜି ଜନସଂଖ୍ୟାର ଶତକଡ଼ା ୮୪ ଭାଗ ଲୋକ ଦାରିଦ୍ର୍ୟରେ ରହିଛନ୍ତି । ଶତକଡ଼ା ୬୦ ଲୋକ ଉତ୍କଟ ଦାରିଦ୍ର୍ୟରେ ସଢ଼ୁଛନ୍ତି । ଭୟ ଓ ଆଶଙ୍କାରେ ଲୋକେ ସ୍ୱାଧୀନ ଭାବରେ ସେମାନଙ୍କ ଜରୁରୀ ଆବଶ୍ୟକତାକୁ ମଧ୍ୟ ପ୍ରକାଶ କରି ପାରୁନାହାନ୍ତି । ସଶସ୍ତ୍ର ଅର୍ନ୍ତଦ୍ୱନ୍ଦ୍ୱ ଏବେ ମଧ୍ୟ ରହିଛି ।

ଏବେ ଗୁଆଟେମାଲାରେ ୧୯୬୨ରୁ ଚାଲିଆସିଥିବା ସଶସ୍ତ୍ର ବିବାଦ ଓ ବିଶ୍ୱବ୍ୟାପୀ ସଙ୍କଟର ଏକ ରାଜନୈତିକ ସମାଧାନ ଖୋଜିବାକୁ କେନ୍ଦ୍ରକରି ମୋ ଦେଶର ରାଜନୈତିକ ଜୀବନ ଚାଲିଛି । ସରକାରୀ ଅନୁମୋଦନ ଲାଭ କରିଥିବା 'ଜାତୀୟ ସମାଧାନ ଆୟୋଗ' ଓ 'ଗୁଆଟେମାଲାର ଜାତୀୟ ବୈପ୍ଳବିକ ଏକତା' ମଧ୍ୟରେ ଓସ୍ଲୋ ସହରରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

Digitized by srujanika@gmail.com

ଏହି ଚୁକ୍ତି ଓ ଗୁଆଟେମୋଲା ଜାତୀୟ ବୈପ୍ଳବିକ ଏକତା ସହିତ ସମାଜର ବିଭିନ୍ନ ଗୋଷ୍ଠୀର ଆଲୋଚନା ଫଳରେ, ରାଷ୍ଟ୍ରପତି ସେରାନୋଙ୍କ ଶାସନରେ ସରକାର ଓ ଗରିଲା ମାନଙ୍କ ମଧ୍ୟରେ ସିଧାସଳଖ କଥାବାର୍ତ୍ତା ଆରମ୍ଭ ହେଲା । ଏହା ଦ୍ୱାରା ତିନୋଟି ରାଜିନାମା ସ୍ୱାକ୍ଷରିତ ହୋଇସାରିଲାଣି । ଗୁଆଟେମାଲା ସମସ୍ୟାର କେନ୍ଦ୍ରରେ ମାନବ ଅଧିକାର ପ୍ରଶ୍ନଟି ଥିବାରୁ ଏହାର ସମାଧାନ ବେଶୀ ସମୟ ନେଉଛି । ଏହା ନେଇ ମତପାର୍ଥକ୍ୟ ମଧ୍ୟ ଉପୁଜୁଛି; ତଥାପି ଅନେକ ପ୍ରଗତି ମଧ୍ୟ ହୋଇଛି ।

ଗୁଆଟେମାଲାରେ ବାସ୍ତବ ଗଣତନ୍ତ୍ରର ଭିତ୍ତି ସ୍ଥାପନ କରିବା ଏବଂ ଯୁଦ୍ଧର ସମାପ୍ତି କରିବା ଏହି ଆଲୋଚନାର ଲକ୍ଷ୍ୟ । ମୁଁ ଯେତେଦୂର ବୁଝିଛି, ସଂପୃକ୍ତ ପକ୍ଷଙ୍କର ସଦିଚ୍ଛା ଏବଂ ସମାଜର ବିଭିନ୍ନ ବର୍ଗଙ୍କ ସହଯୋଗ ଦ୍ୱାରା ଅସରନ୍ତି ମନେହେଉଥିବା ଚଉଛକିରୁ ଗୁଆଟେମାଲା ବାହାରକୁ ଆସିପାରିବ; କେବଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରକଟ କରିବା ଦିନଗୁଡ଼ିକ ପଛରେ ରହିଯିବ ।

ଆଲୋଚନା ଓ ରାଜନୈତିକ କଥାବାର୍ତ୍ତା ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପର୍ଯ୍ୟାପ୍ତ ଉପାୟ । ଜୀବନର ବିଶେଷ ଓ ଜରୁରୀ ଆବଶ୍ୟକତାଗୁଡ଼ିକର ପୂରଣ ଓ ଗୁଆଟେମାଲାର ଲୋକମାନଙ୍କ ପାଇଁ ଗଣତନ୍ତ୍ରକୁ କାର୍ଯ୍ୟକାରୀ କରିବା ଦିଗରେ ଏହା ସହାୟକ ହେବ । ଗୁଆଟେମାଲାରେ ମାନବ ଅଧିକାର ବିଷୟ ସବୁଠାରୁ ଜରୁରୀ ସମସ୍ୟା- ଏହା ଆଜି ଏଠାରେ ଉଲ୍ଲେଖ କରିବାର ବିଶେଷ ପ୍ରୟୋଜନ ରହିଛି । ମୁଁ ଯାହା କହୁଛି ତାହା ଅଯୌକ୍ତିକ ବା ଅନାବଶ୍ୟକ ନୁହେଁ ।

ଆମେରିକାର ସବୁ ଦେଶମାନଙ୍କ ମଧ୍ୟରେ ଗୁଆଟେମାଲାରେ ସବୁଠାରୁ ବେଶୀ ସଂଖ୍ୟାରେ ମାନବାଧିକାର ଲଙ୍ଘନ ହେଉଥିବା କଥା ମାନବାଧିକାର ଉପରେ ମିଳିତ ଜାତିସଂଘ ଆୟୋଗ, ଆନ୍ତଃଆମେରିକୀୟ ଆୟୋଗ ପ୍ରଭୃତି ଆନ୍ତର୍ଜାତିକ ସଂସ୍ଥାମାନେ ପ୍ରକାଶ କରିସାରିଛନ୍ତି । ନିରାପତ୍ତା ବାହିନୀମାନଙ୍କ ଦ୍ୱାରା ମାନବାଧିକାର ଲଙ୍ଘନରେ ମଧ୍ୟ ଗୁଆଟେମାଲା ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ଅତ୍ୟାଚାର ଓ ନିର୍ଯ୍ୟାତନା ବନ୍ଦ ହେବା ସର୍ବାଦୌ ଆବଶ୍ୟକ । ଭାରତୀୟ ଲୋକଙ୍କୁ ପ୍ରଭାବିତ କରୁଥିବା ବେସାମରିକ ଆତ୍ମରକ୍ଷା ବାହିନୀରେ ଯୁବକମାନଙ୍କର ବାଧ୍ୟତାମୂଳକ ଯୋଗଦାନ ମଧ୍ୟ ବନ୍ଦ ହେବା ଆବଶ୍ୟକ ।

ଯେତେଶୀଘ୍ର ସମ୍ଭବ, ଗୁଆଟେମାଲାରେ ଗଣତନ୍ତ୍ର ପ୍ରତିଷ୍ଠା ହେବା ଉଚିତ । ମାନବାଧିକାର ସମ୍ପର୍କରେ ହୋଇଥିବା ରାଜିନାମାଗୁଡ଼ିକ ମଧ୍ୟ ପୂର୍ଣ୍ଣଭାବରେ କାର୍ଯ୍ୟକାରୀ ହେବା ଆବଶ୍ୟକ, ଯାହା ଫଳରେ ବର୍ଣ୍ଣବୈଷମ୍ୟର ଅବସାନ ହେବ, ଏବଂ ଦେଶ ମଧ୍ୟରେ ସ୍ୱାଧୀନ ଭାବରେ ବିଚରଣର ସୁବିଧା ମିଳିବ । ସୈନ୍ୟବାହିନୀର କବଳରୁ ଦେଶ ମୁକ୍ତି ହେବ ଏବଂ ପ୍ରଗତିର ଭିତ୍ତି ସ୍ଥାପନ ହୋଇପାରିବ ।

Digitized by srujanika@gmail.com

ଲୋକସଂଖ୍ୟାର ଏକ ବଡ଼ ଅଂଶ ସବୁଠାରୁ ତିକ୍ତ ଯେଉଁ ନାଟକଟି ଦେଖିବା ପାଇଁ ବାଧ ହେଉଛନ୍ତି ତାହାହେଲା ଦେଶ ଛାଡ଼ି ପଳାଇଯିବାର ଅପମାନ । ତାଙ୍କ ପରିବେଶ, ପ୍ରକୃତି ଓ ପୂର୍ବପୁରୁଷମାନଙ୍କ ଭିଟାମାଟି (ଯାହାକି ତାଙ୍କ ସାମାଜିକ ସଂଗଠନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ଅଂଶବିଶେଷ ଥିଲା) ଛାଡ଼ି ଚାଲିଯିବା ପାଇଁ ସୈନ୍ୟବାହିନୀ ସେମାନଙ୍କୁ ବାଧ କରୁଛି ।

ଗୁଆଟେମାଲାର ବାସ୍ତୁହରା ଓ ଶରଣାର୍ଥୀମାନଙ୍କ କାହାଣୀ ପ୍ରକୃତରେ ହୃଦୟ ବିଦାରକ । ସେମାନଙ୍କ ମଧ୍ୟରୁ ଅନେକ ଅନ୍ୟଦେଶରେ ଶରଣାର୍ଥୀ ଭାବରେ ରହିଛନ୍ତି । କିନ୍ତୁ ଅଧିକାଂଶ ନିଜ ଦେଶରେ ହିଁ ଶରଣାର୍ଥୀର ଜୀବନ କଟାଉଛନ୍ତି । ସେମାନଙ୍କୁ ବାରମ୍ବାର ସ୍ଥାନ ତ୍ୟାଗ କରିବାକୁ ପଡୁଛି । ଅସ୍ୱାସ୍ଥ୍ୟକର ଓ ପ୍ରତିକୂଳ ପରିବେଶରେ ସେମାନଙ୍କୁ ରହିବାକୁ ହେଉଛି । ସେମାନଙ୍କ ମଧ୍ୟରୁ କେତେକ ଗୁଆଟେମାଲାର ନାଗରିକ ଭାବରେ ମଧ୍ୟ ସ୍ୱୀକୃତି ପାଇନାହାନ୍ତି । କିନ୍ତୁ ସେମାନେ ସମସ୍ତେ ଦାରିଦ୍ର୍ୟ ଓ କ୍ଷୁଧାରେ ସଢ଼ୁଛନ୍ତି । ଏହି ସମସ୍ୟାର ସମାଧାନ ନହେବା ଯାଏ ଏବଂ ଯେଉଁ ପର୍ଯ୍ୟନ୍ତ ଲୋକେ ତାଙ୍କ ଜମି ଓ ଗାଁ ଫେରି ନପାଇଛନ୍ତି, ସେ ପର୍ଯ୍ୟନ୍ତ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ ନାହିଁ ।

ନୂଆ ଗୁଆଟେମାଲା ସମାଜରେ ଜମି ମାଲିକାନାର ମୌଳିକ ପୁନର୍ବିନ୍ୟାସ ଆବଶ୍ୟକ ହେବ । ଏହାଦ୍ୱାରା ଜମିର ସ୍ୱତ୍ୱ ପ୍ରକୃତ ମାଲିକମାନଙ୍କ ନିକଟରେ ରହିବ ଏବଂ କୃଷିର ଉନ୍ନତି ହୋଇପାରିବ । ଏହି ପୁନର୍ବିନ୍ୟାସ ସମୟରେ ପ୍ରକୃତିକୁ ସମ୍ମାନ ଦେବାକୁ ପଡ଼ିବ, ଯେପରିକି ତା'ର ଜୀବନ ପ୍ରଦାୟିନୀ ଶକ୍ତିକୁ ତାକୁ ଫେରାଇ ଦିଆଯାଇପାରିବ ।

ଗଣତନ୍ତ୍ରର ଏକ ମୁଖ୍ୟ ଦିଗ ହେଲା ସାମାଜିକ ନ୍ୟାୟ । ଏହି କାରଣରୁ ଉଦ୍‌ବେଗଜନକ ଶିଶୁ ମୃତ୍ୟୁହାର, ପୁଷ୍ଟିହୀନତା, ଅଶିକ୍ଷା ଇତ୍ୟାଦି ସମସ୍ୟାର ସମାଧାନ ଅତ୍ୟନ୍ତ ଜରୁରୀ । ଏହି ସମସ୍ୟାଗୁଡ଼ିକର ଗୁଆଟେମାଲାର ସମାଜ ଉପରେ ଏବଂ ଭବିଷ୍ୟତ ଆଶା ଉପରେ ଏକ ବର୍ଦ୍ଧିଷ୍ଣୁ ଓ ଯନ୍ତ୍ରଣାଦାୟକ ପ୍ରଭାବ ରହିଛି । ଯଦିଓ ପୃଥିବୀର କୌଣସି ଦେଶରେ ନାରୀ ଜାତିର ଉତ୍‌ଥାନ ସଂପୂର୍ଣ୍ଣ ଭାବରେ ଏଯାଏ ସମ୍ଭବ ହୋଇନାହିଁ, ଗୁଆଟେମାଲା ପାଇଁ ଏହାର ଏକ ସ୍ୱତନ୍ତ୍ର ପ୍ରାସଙ୍ଗିକତା ରହିଛି । ଗୁଆଟେମାଲାର ନୂଆ ସମାଜ ବ୍ୟବସ୍ଥାରେ ନାରୀମାନଙ୍କର ସକ୍ରିୟ ସହଯୋଗ ରହିବ - ଇତିହାସ ଏହାର ସୂଚନା ଦିଏ । ଭାରତୀୟ ନାରୀମାନେ ଏହାର ଏକ ଜ୍ୱଳନ୍ତ ପ୍ରମାଣ । ପୃଥିବୀର ବିଭିନ୍ନ ଅଞ୍ଚଳରେ ସବୁଠାରୁ ନିର୍ଯ୍ୟାତିତ, ନିଷ୍ପେଷିତ, ଅଥଚ ଜୀବନ ଓ ସମୃଦ୍ଧି ପ୍ରଦାୟିନୀମାନଙ୍କ ପାଇଁ ଏହି ନୋବେଲ ଶାନ୍ତି ପୁରସ୍କାର ଏକ ସ୍ୱୀକୃତି ।

ଏହି ସମସ୍ୟାଗୁଡ଼ିକର ସମାଧାନ ବିନା ଗୋଟିଏ ଦେଶରେ ଗଣତନ୍ତ୍ର, ବିକାଶ ଓ ଆଧୁନିକୀକରଣ କଦାପି ସମ୍ଭବ ନୁହେଁ । ଗୁଆଟେମାଲାର ସ୍ଥାନୀୟ ଅଧିବାସୀମାନଙ୍କ ପରିଚୟ ଓ ଅଧିକାର ମଧ୍ୟ କିଛି କମ ଜରୁରୀ ନୁହେଁ । କେବଳ ଉପନିବେଶବାଦ ସମୟରେ

Digitized by srujanika@gmail.com

ନୁହେଁ, ସାଧାରଣତନ୍ତ୍ର ପ୍ରତିଷ୍ଠା ହେବା ପରେ ମଧ୍ୟ ସେମାନେ ଉପେକ୍ଷିତ ଓ ଘୃଣାର ପାତ୍ର ହୋଇ ରହିଛନ୍ତି । ଜାତୀୟ ପରିଚୟର ସବୁ ଦିଗକୁ ନିଜସ୍ୱ ମହିମାରେ ମହିମାନ୍ୱିତ କରୁଥିବା ସ୍ଥାନୀୟ ଅଧିବାସୀମାନଙ୍କ ବିଶେଷ ପରିଚୟ ବିନା ଏକ ସ୍ୱାଧୀନ, ମୁକ୍ତ ଓ ଗଣତାନ୍ତ୍ରିକ ଗୁଆଟେମାଲାର କଳ୍ପନା ସମ୍ଭବ ନୁହେଁ । ଏପରି ସମାଜର ରୂପ ଠିକ୍ କିପରି ହେବ, ଏବେଠାରୁ ବର୍ଣ୍ଣନା କରିହେବ ନାହିଁ । କିନ୍ତୁ ଏତିକି କହିଲେ ଯଥେଷ୍ଟ ହେବ ଯେ ଏହା ଇତିହାସ ଓ ଗୁଆଟେମାଲାର ପ୍ରକୃତ ଜାତୀୟତାର ଆହ୍ୱାନକୁ ପ୍ରମାଣସିଦ୍ଧ ଭାବରେ ଜବାବ ଦେବ । ବିଚାର୍ଯ୍ୟ ବିଷୟ ଗୁଡ଼ିକର ଗୁରୁତ୍ୱ ଦୃଷ୍ଟିରୁ ଗୁଆଟେମାଲା ବ୍ୟାପାରରେ ସକ୍ରିୟ ଆଗ୍ରହ ନେବାପାଇଁ ଆଜି ଏହି ମଞ୍ଚରୁ ମୁଁ ଆନ୍ତର୍ଜାତିକ ଗୋଷ୍ଠୀକୁ ଆହ୍ୱାନ କରୁଛି ।

ଜଣେ ନୋବେଲ ଶାନ୍ତି ପୁରସ୍କାର ବିଜେତା ଭାବରେ ଗୁଆଟେମାଲାରେ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାରେ ମୋର ଭୂମିକା ଅନେକ ସମ୍ଭାବନାମୟ ବିକଳ୍ପ ସୃଷ୍ଟି କରୁଛି । କିନ୍ତୁ ଶାନ୍ତି ଓ ଜାତୀୟ ଐକ୍ୟ ପ୍ରତିଷ୍ଠା ଓ ସ୍ଥାନୀୟ ଅଧିବାସୀମାନଙ୍କ ଅଧିକାର ସୁରକ୍ଷା ମୋର ବିଶେଷ ଦାୟିତ୍ୱ ହେବ ବୋଲି ମୁଁ ଭାବୁଛି । ଏହା ଫଳରେ ଏହି ପୁରସ୍କାର କେବଳ କାଗଜ ଖଣ୍ଡଟିଏ ହୋଇ ରହିବ ନାହିଁ ।

ସଶସ୍ତ୍ର ବିବାଦର ଅବସାନ ଘଟାଇ ଏକ ଶାନ୍ତିପୂର୍ଣ୍ଣ ସମାଧାନ ସନ୍ଧାନରେ ସକ୍ରିୟ ସହଯୋଗ କରିବା ପାଇଁ ଗୁଆଟେମାଲାର ସବୁ ଜାତି, ସମାଜ ଓ ସଂପ୍ରଦାୟର ଲୋକଙ୍କୁ ମୁଁ ଆହ୍ୱାନ କରୁଛି । ନୂଆ ଗୁଆଟେମାଲା ଗଠନରେ ଲାଡ଼ିନୋ (ଉଭୟ ଭାରତୀୟ ଓ ସ୍ପାନିଶ୍ ବଂଶୋଦ୍ଭବ) କୃଷ୍ଣକାୟ ଓ ଭାରତୀୟ - ସମସ୍ତଙ୍କର ବିଶେଷ ଭୂମିକା ରହିବ ।

ମତ ପାର୍ଥକ୍ୟରୁ ଉର୍ଦ୍ଧ୍ୱରେ ରହି ମାନବାଧିକାର ଉପରେ ଯେପରି ଏକ ଚୁକ୍ତି ସ୍ୱାକ୍ଷର ହୋଇପାରିବ, ସେ ଦିଗରେ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ପାଇଁ ମୁଁ ଆନ୍ତର୍ଜାତିକ ଗୋଷ୍ଠୀକୁ ନିମନ୍ତ୍ରଣ କରୁଛି । ଏହା ପରେ ଯଦି ଆଲୋଚନା ଚାଲୁ ରହେ ଏବଂ କେଉଁ ବିଷୟ ଗୁଡ଼ିକରେ ସାଲିସ ଦରକାର ହେବ ତାହାକୁ ଚିହ୍ନଟ କରାଯାଏ, ତାହେଲେ ନିଶ୍ଚୟ ଶାନ୍ତି ରାଜିନାମା ହୋଇପାରିବ । ଗୁଆଟେମାଲାରେ ସାଂପ୍ରତିକ ଅବସ୍ଥାରେ ଏହା ବଡ଼ ଧରଣର ପରିବର୍ତ୍ତନ ଆଣିବ, ଏଥିରେ ମୋର ତିଳେହେଲେ ସନ୍ଦେହ ନାହିଁ ।

ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିଗଣ, ମୁଁ ଆମେରିକା ମହାଦେଶ ଓ ବିଶେଷ ଭାବରେ ମୋ ଦେଶ ସଂପର୍କରେ ବେଶୀ କହିଛି । ଏହାର ଅର୍ଥ ନୁହେଁ ପୃଥିବୀର ଅନ୍ୟ ପ୍ରାନ୍ତର ଲୋକମାନେ ଶାନ୍ତି, ଓ ବଞ୍ଚିବାର ଅଧିକାର ସପକ୍ଷରେ ଅହରହ ଯେଉଁ ସଂଗ୍ରାମ କରୁଛନ୍ତି, ସେଥିପ୍ରତି ମୋର କୌଣସି ଉଦ୍‌ବେଗ ନାହିଁ । ଆଜି ଆମେ ଯେଉଁମାନେ ଏଠାରେ ଏକତ୍ରିତ ହୋଇଛୁ ଏବଂ ଯେଉଁମାନଙ୍କ ହୃଦୟରେ ଏହି ଉଦ୍‌ବେଗ ରହିଛି, ସେମାନଙ୍କୁ ମୁଁ ମୋର ନମ୍ର କୃତଜ୍ଞତା ଜଣାଉଛି ।

Digitized by srujanika@gmail.com

ଗତ କେତେବର୍ଷ ମଧ୍ୟରେ ବିଶ୍ୱରେ ଅନେକ ପରିବର୍ତ୍ତନ ହୋଇଛି । ଶୀତଳ ଯୁଦ୍ଧର ଅବସାନ ପରେ ପୂର୍ବ ଓ ପଶ୍ଚିମ ଦେଶମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱର ମଧ୍ୟ ସମାପ୍ତି ହୋଇଛି । ଏହି ପରିବର୍ତ୍ତନ ଠିକ୍ କେଉଁ ରୂପନେବ ଏବେଠାରୁ କହିହେବ ନାହିଁ, କିନ୍ତୁ ପୃଥିବୀର ଲୋକେ ଶୂନ୍ୟସ୍ଥାନଗୁଡ଼ିକୁ ଜାଣିଛନ୍ତି । ଆଗକୁ ଯିବା, ସଂଗ୍ରାମ କରିବା ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ୱୀକୃତି ପାଇବା ପାଇଁ ଏଗୁଡ଼ିକ ସେମାନଙ୍କୁ ସାହାଯ୍ୟ କରୁଛି ।

ଆଜି ଆମେ ସମସ୍ତେ ଦାରିଦ୍ର୍ୟ ଓ ବର୍ଣ୍ଣବୈଷମ୍ୟ ରହିତ ଏକ ଉନ୍ନତତର ପୃଥିବୀ ପାଇଁ ସଂଗ୍ରାମ କରିବାର ସମୟ ଆସିଛି । ମଧ୍ୟ-ପ୍ରାଚ୍ୟ ଓ ଦକ୍ଷିଣ-ପୂର୍ବ ଏସିଆରେ ଶାନ୍ତି ଫେରି ଆସୁ-ଏହା ଆମେ କାମନା କରିବା । ୧୯୯୧ ର ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ଶ୍ରୀମତୀ ଅଙ୍ଗ୍ ସୁ ଚୀଙ୍କ ମୁକ୍ତି, ବଲ୍‌କାନ୍‌ରେ ଏକ ନ୍ୟାୟସଙ୍ଗତ ଓ ଶାନ୍ତିପୂର୍ଣ୍ଣ ସମାଧାନ, ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ନୀତିର ସମାପ୍ତି, ନିକାରାଗୁଆରେ ସ୍ଥିରତା, ଏଲ୍ ସାଲ୍‌ଭାଡ଼ୋରରେ ଶାନ୍ତି ଚୁକ୍ତିର ପାଳନ,ହାଇତିରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ଓ ପାନାମାର ସଂପୂର୍ଣ୍ଣ ସାର୍ବଭୌମତ୍ୱ ପାଇଁ ମୁଁ ନିବେଦନ କରୁଛି । ଆନ୍ତର୍ଜାତୀୟ ପରିସ୍ଥିତିରେ ନ୍ୟାୟ ପାଇଁ ଏଗୁଡ଼ିକହିଁ ଉଚ୍ଚତମ ଲକ୍ଷ୍ୟ ।

ଶାନ୍ତି ପ୍ରତିଷ୍ଠା ହେଲେ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଭିତ୍ତିଗୁଡ଼ିକ ଦୃଢ଼ ହେବ ଏବଂ ପାରସ୍ପରିକ ସଂପର୍କ ବଢ଼ିବ । ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ପରିବେଶର ସୁରକ୍ଷା ପାଇଁ ଉଦ୍ୟମ କଲାବେଳେ ସମଗ୍ର ମାନବ ଜାତିର ଗଭୀରତମ ଆବଶ୍ୟକତାଗୁଡ଼ିକ ଆମ ମନରେ ରହିଛି । ଆମେ ଯେଉଁ ସଂଗ୍ରାମ କରୁଛୁ ତାହା ଭବିଷ୍ୟତକୁ ନୂଆ ରୂପ ଦେବ ଏବଂ ତାକୁ କଳୁଷମୁକ୍ତ କରିବ ।

ଆମ ଇତିହାସ ଏକ ଜୀବନ୍ତ ଇତିହାସ । ବହୁ ଶତାବ୍ଦୀର ବଳିଦାନ ପରେ ମଧ୍ୟ ଏହା କେବଳ ତିଷ୍ଠି ରହିନାହିଁ,ବରଂ ଅଧିକ ଶକ୍ତିଶାଳୀ ହୋଇଛି । ଏତେଦିନ ଧରି ନିର୍ଜୀବ ଥିବା ମଞ୍ଜି ଆଜି ଯେତେବେଳେ ଅଙ୍କୁରିତ ହେବାକୁ ଯାଉଛି, ସେଥିରେ କିଛି ଅନିଶ୍ଚିତତା ରହିବ ନିଶ୍ଚୟ, କିନ୍ତୁ ବିଶୃଙ୍ଖଳା ଓ ଅନିଶ୍ଚିତତା ସାଂପ୍ରତିକ ବିଶ୍ୱରେ ମଧ୍ୟ ରହିଛି । ଏହା ଏକ ଦୀର୍ଘ ଓ ଜଟିଳ ପ୍ରକ୍ରିୟା ହୋଇପାରେ, କିନ୍ତୁ କାଳ୍ପନିକ ନହୋଇ ଏହା ବାସ୍ତବତା ଉପରେ ପର୍ଯ୍ୟବେସିତ ହେବ ।

ଏକ ଯୋଗ୍ୟ ଭବିଷ୍ୟତର ସର୍ଜନା ପାଇଁ ଗୁଆଟେମାଲାର ମଣିଷମାନେ ସଂଗଠିତ ହେବେ ଏବଂ ନିଜ ଶକ୍ତି ସମ୍ପର୍କରେ ସଚେତନ ହେବେ । ଭବିଷ୍ୟତର ମଞ୍ଜି ବୁଣିବା ପାଇଁ, ଅତୀତର ଅନ୍ଧକୁ ପରିତ୍ୟାଗ କରି ନିଜ ପରମ୍ପରାକୁ ଆଗ୍ରହରେ ଆବିଷ୍କାର କରିବା ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରୁଛନ୍ତି; ପ୍ରସ୍ତୁତ କରୁଛନ୍ତି ଜାତୀୟ ପରିଚୟ ଥିବା ଗୋଟିଏ ଦେଶ ଗଢ଼ିବା ପାଇଁ, ଏକ ନୂଆ ଜୀବନ ଆରମ୍ଭ କରିବା ପାଇଁ ।

Digitized by srujanika@gmail.com

ସବୁ କିସମର ଲାଡ଼ିନୋ, ଗାରିଫୁନା ଓ ଭାରତୀୟମାନଙ୍କୁ ଗୁଆଟେମାଲାର ଜନଜାତି ମୋଜାଇକ୍‌ରେ ମିଶାଇ ଆମେ ବିଭିନ୍ନ ରଙ୍ଗର ଏପରି ବ୍ୟଞ୍ଜନା କରିବୁ ଯେପରି ସେଥିରେ ବିପରୀତାର୍ଥବୋଧ ରହିବ ନାହିଁ; କୁତ୍ସିତତା ବା ବିରୋଧାଭାସ ମଧ୍ୟ ନଥିବ । ଆମ ବୁଣାକାରମାନେ ଯେମିତି ଶୋଭାଦୀପ୍ତ ଖାସ୍ 'ଗୁଇପିଲ୍' ଜାମା ବୁଣନ୍ତି, ଠିକ୍ ସେହିପରି ଆମେ ଉଜ୍ଜ୍ୱଳତା ଓ ଉନ୍ନତମାନର ଯେଉଁ ପ୍ରତିଦାନ ଦେବୁ ତାହା ମାନବ ଜାତି ପାଇଁ ଏକ ଉପହାର ହେବ ।

ଆପଣମାନଙ୍କୁ ଅଶେଷ ଧନ୍ୟବାଦ ।

Digitized by srujanika@gmail.com

ପରିଭାଷା

ଅଲ୍‌ଟିପ୍ଲାନୋ	Altiplano	ଗୁଆଟେମାଲାର ଉତ୍ତରପଶ୍ଚିମରେ ଥିବା ପାର୍ବତ୍ୟ ଅଞ୍ଚଳ, ଯେଉଁଠାରେ ଅଧିକାଂଶ ସ୍ଥାନୀୟ ଭାରତୀୟ ବାସ କରନ୍ତି ।
ଆଣ୍ଟିଗୁଆ	Antigua	ସ୍ପାନିଶ୍ ଶାସନ କାଳରେ (୧୫୪୨-୧୭୭୩) ଗୁଆଟେମାଲାର ରାଜଧାନୀ, ବର୍ତ୍ତମାନ Sacatepequez ପ୍ରଦେଶର ରାଜଧାନୀ
ଆଟୋଲ୍	atol	ମକା ମଣ୍ଡ, ପାଣି, ଲୁଣ, ଚିନି ଓ ଦୁଧରେ ତିଆରି ପାନୀୟ
ଆୟୋଟ୍	ayote	ଲାଉ ବା କଖାରୁ ଜାତୀୟ ଏକ ଫଳ ଗଛ
ବୋକାକୋଷ୍ଟା	Boca Costa	ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଗଡ଼ି ଆସିଥିବା ସିଏରା ମାଦ୍ରେ ପଶ୍ଚିମ ଗଡ଼ାଣିର ନାମ
ବୋହୋନ୍	bojon(pl-es)	ତାଳ ଜାତୀୟ ଏକ ଗଛର ଖାଦ୍ୟୋପଯୋଗୀ ସଦ୍ୟ ଅଙ୍କୁରିତ କାଣ୍ଡ
କାବାଲେରିଆ	caballeria	୬୪ ମାଞ୍ଜନା ବା ୪୫ ହେକ୍ଟର ପରିମିତ ଜମି
କାଇଟିଓସ୍	caitios	ତଳେ ରବର ଓ ଉପରେ ଚମଡ଼ା ଥିବା ଛୋଟ ଜୋତା
କାଣ୍ଟିନା	cantina	ଡେଜରାତି ଦୋକାନ
କାର୍ଟୁଚୋ	cartucho	ଉତ୍ସବରେ ବ୍ୟବହାର ହେଉଥିବା ଲିଲି ଜାତୀୟ ଧଳା ଫୁଲ
କାକ୍ସ୍ଲାନ	caxlan	କୁଇଚେ ଭାଷାରେ 'ଲାଡ଼ିନୋ'ମାନଙ୍କ ନାମ
ସେଣ୍ଟାଭୋ	centavo	ଗୁଆଟେମାଲାର ମୁଦ୍ରା: ୧୦୦ ସେଣ୍ଟାଭୋ= ୧ କ୍ୱେଜାଲ୍
କୋବାନ୍	Coban	କେକ୍‌ଚି ଲୋକ ବାସ କରୁଥିବା ଅଲ୍‌ଟାଭେରାପାଜ୍ ରାଜ୍ୟର ରାଜଧାନୀ
କୋମାଲ୍	comal(pl-es)	ମକା ପିଠା ତିଆରି କରାଯାଉଥିବା ମାଟି କଡ଼େଇ
କମ୍ପାଡ୍ରେ	compadre	ନିବିଡ଼ ସମ୍ପର୍କୀୟ, ବନ୍ଧୁ କିମ୍ବା ଧର୍ମ ପିତାମାତା
କୋମ୍ପାନେରୋ	companero	ବନ୍ଧୁ ବା ରାଜନୈତିକ ସହକର୍ମୀ
କୋପାଲ	copal	ଧୂପ ପାଇଁ ବ୍ୟବହାର ହେଉଥିବା ଲାଖ ଜାତୀୟ ପଦାର୍ଥ
କୋର୍ଟେ	corte	ଗୁଆଟେମାଲାର ମହିଳାମାନେ ବ୍ୟବହାର କରୁଥିବା ପାରମ୍ପରିକ ପୋଷାକର ଅଂଶବିଶେଷ: ସ୍କର୍ଟ୍ ଭାବ[illegible] ବ୍ୟବହାର ହେଉଥିବା ବହୁରଙ୍ଗର ବସ୍ତ୍ର

Digitized by srujanika@gmail.com

କୋଜାଲ୍	Cotzal	ଇକ୍ସିଲ ଲୋକମାନେ ବାସ କରୁଥିବା ଏଲ୍ କୁଇସେ ରାଜ୍ୟର ନଗର ଓ ପ୍ରଶାସନିକ କେନ୍ଦ୍ର
ଚାଜୁଲ୍	Chajul	କୁଇସେ ଲୋକମାନେ ବାସ କରୁଥିବା ଏଲ୍ କୁଇସେ ରାଜ୍ୟର ନଗର ଓ ପ୍ରଶାସନିକ କେନ୍ଦ୍ର
ଚିଲାକାୟୋଟ୍	chilacayote	ଲାଉ ଜାତୀୟ ଫଳ
ଚିମନ୍	chiman	ଯାଦୁକର
ଚିମେଲ୍	Chimel	ଏଲ୍ କୁଇସେ ରାଜ୍ୟରେ ଅବସ୍ଥିତ କାନିଲା ପୌର ଅଞ୍ଚଳର ଏକ ଗାଁ: କୁଇସେ ଭାଷାରେ ଏହାର ଅର୍ଥ ଠେକୁଆମାନଙ୍କର ରାଜ୍ୟ
ଚିରିମିଆ	chirimia	ବଂଶୀଜାତୀୟ ବାଦ୍ୟଯନ୍ତ୍ର
ଦେସ୍‌ପିଦିଆ	despidida	ବିଦାୟ ; ବିଦାୟକାଳୀନ ଉତ୍ସବ
ଇଜୋଟ୍	ejote	ବିନ୍‌ର କଅଁଳିଆ ଅଙ୍କୁର
ଇଲୋଟ୍	elate	ସବୁଜ ରଂଗର କଅଁଳିଆ ମକାଶଣ୍ଢା
ଫିନ୍‌କା	finca	କଫି, ଆଖୁ ବା କପାର ବୃହତ୍ କୃଷିକ୍ଷେତ୍ର
ଗୁଆରୋ	guaro	ବ୍ରାଣ୍ଡି ଜାତୀୟ ମଦ୍ୟ
ଜି-୨	G-2	ସୈନ୍ୟବାହିନୀର ଗୁଇନ୍ଦା ବିଭାଗ
ହ୍ୟୁକୋ	hueco	ସମଲିଙ୍ଗି ଯୌନ ସମ୍ପର୍କ ରଖୁଥିବା ବ୍ୟକ୍ତି
ହ୍ୟୁହ୍ୟୁଟେନାଙ୍ଗୋ	Huehuetenango	ମାମ୍ ଲୋକ ବାସ କରୁଥିବା ରାଜ୍ୟ ତଥା ସେହି ରାଜ୍ୟର ରାଜଧାନୀର ନାମ
ହ୍ୟୁପିଲ୍	huipil	ଭାରତୀୟ ମହିଳାମାନେ ବ୍ୟବହାର କରୁଥିବା ସୂଚୀକର୍ମ ହୋଇଥିବା ଅଥବା ବୁଣା ହୋଇଥିବା ବ୍ଲାଉଜ୍
ଇନାଫୋରାର୍	INAFOR	ଗୁଆଟେମାଲା ଜଙ୍ଗଲ ଆୟୋଗ
ଇନ୍‌ଟା	INTA	ଗୁଆଟେମାଲା ଜାତୀୟ କୃଷି ସଂସ୍କାର ଅନୁଷ୍ଠାନ
ଜୁଟସ୍	jutes	ନଦୀରେ ରହୁଥିବା ଏକ ପ୍ରକାର ଗେଣ୍ଡା
କାଇବିଲ୍	Kaibil	ବିଦ୍ରୋହୀମାନଙ୍କର ମୁକାବିଲା କରିବା ପାଇଁ ସୈନ୍ୟବାହିନୀର ସ୍ୱତନ୍ତ୍ର ତାଲିମପ୍ରାପ୍ତ ଅଭିଜାତ ଦଳ: ଇକ୍ସିଲ୍ ଭାଷାରେ ଏହାର ଅର୍ଥ 'ବାଘ'

Digitized by srujanika@gmail.com

ଲାଡ଼ିନୋ	ladino	ମିଶ୍ରିତ ବଂଶୋଦ୍ଭବ; 'ମାୟା' ସଭ୍ୟତାରୁ ଉତ୍ପନ୍ନ ଭାରତୀୟ ମୂଲ୍ୟବୋଧକୁ ପ୍ରତ୍ୟାଖ୍ୟାନ କରୁଥିବା ଗୁଆଟେମାଲାର ଯେକୌଣସି ଅଧିବାସୀ
ମାଞ୍ଜାନା	manzana	୦.୭ ହେକ୍ଟର ପରିମିତ କୃଷିକ୍ଷେତ୍ର
ମାରିମ୍ବା	marimba	କାଠରେ ତିଆରି ଏକ ପ୍ରକାର ବାଦ୍ୟଯନ୍ତ୍ର
ମାଜୋରକା	mazorca	ମକାଶଣ୍ଢା
ମେକାପାଲ୍	mecapal	ବୋଝ ବୋହିବାପାଇଁ ବ୍ୟବହୃତ ହେଉଥିବା ଏକପ୍ରକାର ଚମଡ଼ା କମରପଟି
ମିଲ୍‌ପା	milpa	ମକାକ୍ଷେତ
ମିମ୍ବ୍ରେ	mimbre	ଆସବାବପତ୍ର ତିଆରିରେ ବ୍ୟବହୃତ ହେଉଥିବା ଏକ ପ୍ରକାର ବେତ
ମୋରାଲ୍	morral	ପଶମରେ ବୁଣା ଛୋଟ ବ୍ୟାଗ୍
ନହୁଆଲ୍	nahual	ଗୋତ୍ର -
ନେବାଜ୍	Nebaj	ଏଲ୍ କୁଇଚେ ରାଜ୍ୟର ଏକ ସହର ତଥା ପ୍ରଶାସନିକ କେନ୍ଦ୍ର
ନିକ୍‌ସାଟାମାଲ୍	nixtamal	ମକା ରନ୍ଧା ହେଉଥିବା କଡ଼େଇ
ଓକୋଟ୍	ocote	ଲାଲ୍ ପାଇନ୍‌ର ଶାଖା, ଯାହାକୁ ମଶାଲ ଭାବରେ ବ୍ୟବହାର କରାଯାଏ
ଓରିଏଣ୍ଟ୍	Oriente	ମୁଖ୍ୟତଃ ଲାଡ଼ିନୋମାନେ ବାସ କରୁଥିବା ଗୁଆଟେମାଲାର ପୂର୍ବାଞ୍ଚଳ
ପାମାକ୍	pamac	ଛାତ ତିଆରି ପାଇଁ ବ୍ୟବହୃତ ହେଉଥିବା ଏକ ପ୍ରକାର ତାଳଗଛର ଅଂଶବିଶେଷ
ପାନେଲା	panela	ବିଶୋଧିତ ନହୋଇଥିବା ଚିନି
ପେରାଜେ	perraje	ସୂତାରେ ତିଆରି ରଂଗୀନ ପୋଷାକ
ପାଇନୋଲ୍	pinol	ମକାରେ ତିଆରି କୋକୋ ଓ ଚିନି ମିଶ୍ରିତ ପାନୀୟ
ପିଟା	pita	ମୁର୍ଗା ତନ୍ତୁରେ ତିଆରି ଦଉଡ଼ି
ପମ୍	pom	ଧୂପ
କ୍ୱେଜାଲ	quetzal	ଗୁଆଟେମାଲାର ମୁଦ୍ରା (୧ କ୍ୱେଜାଲ = ୧୦୦ ସେଣ୍ଟାଭୋ)
ସାକାପୁଲାସ୍	Sacapulas	ଏଲ୍ କୁଇଚେ ରାଜ୍ୟର ଏକ ସହର ତଥା ପ୍ରଶାସନିକ କେନ୍ଦ୍ର

Digitized by srujanika@gmail.com

ସିଜୋଲାଜ୍	sijolaj	ମାଟିରେ ତିଆରି ସୁସୁରି ଜାତୀୟ ବାଦ୍ୟଯନ୍ତ୍ର
ଟାଲ୍‌ଟୁଜା	taltuza	ମୂଷା ଜାତୀୟ ପ୍ରାଣୀବିଶେଷ
ଟାମାଲ୍	tamal(pl-es)	ମକା ଅବା କଦଳୀପତ୍ରରେ ମକାମଣ୍ଡକୁ ରଖି ତିଆରି କରାଯାଉଥିବା ପିଠା: ବେଳେବେଳେ ସେଥିରେ ପରିବା କିମ୍ବା ମାଂସ ପୁର ମଧ୍ୟ ଦିଆଯାଇଥାଏ
ଟାପାଙ୍କୋ	tapanco	ଶସ୍ୟ ରଖିବାପାଇଁ ଆଟୁ
ଟାପିଜ୍‌କା	tapizca	ମକା, କପା ଓ ବିନ୍‌ର ଅମଳ
ଟେକୁନ୍ ଉମାନ୍	Tecun Uman	କୁଇଚେ ଭାଷାରେ ଏହାର ଅର୍ଥ ରାଜାଙ୍କର ନାତି; କାଓ୍ୱେକ୍. ରାଜବଂଶର ଚାରି ଅଧିଷ୍ଠାତାଙ୍କ ମଧ୍ୟରୁ ଅନ୍ୟତମ - ଏକଦା କୁଇଚେ ବଂଶର ସେନାଧ୍ୟକ୍ଷ ହୋଇଥିଲେ ଏବଂ ପେଡ୍ରୋ ଦି ଆଲଭାରାଡ଼ୋଙ୍କ ବାହିନୀ ସହିତ ଯୁଦ୍ଧ କଲାବେଳେ ଫେବ୍ରୁଆରୀ ୧୫୨୪ରେ ମୃତ୍ୟୁ ବରଣ କରିଥିଲେ । ପକ୍ଷୀ ତାଙ୍କର ଗୋତ୍ର ଥିଲା ଏବଂ କୁହାଯାଏ ଯେ ତାଙ୍କର ମୃତ୍ୟୁ ସଙ୍ଗେ ସଙ୍ଗେ ପକ୍ଷୀଟି ଉଡ଼ିଯାଇଥିଲା ।
ଟେମାସ୍କାଲ	temascal	ବାମ୍ପ ଗାଧୁଆ ପାଇଁ ବ୍ୟବହୃତ ହେଉଥିବା ଉତପ୍ତ ପ୍ରସ୍ତର
ଟର୍ଟିଲା	tortilla	ମଧ୍ୟ-ଆମେରିକାର ଲୋକମାନଙ୍କର ମୁଖ୍ୟ ଖାଦ୍ୟ ମକାପିଠା
ଟୁନ୍	tun	ଫମ୍ପା ଗଛ ଗଣ୍ଡିରେ ନିର୍ମିତ ବାଦ୍ୟଯନ୍ତ୍ର
ଉସ୍‌ପାଣ୍ଟାନ୍	Uspantan	ଏଲ୍ କୁଇଚେ ରାଜ୍ୟର ଏକ ସହର ତଥା ପ୍ରଶାସନିକ କେନ୍ଦ୍ର
ଭାରା	vara	ପ୍ରାୟ ୮୩.୫ ସେଣ୍ଟିମିଟର ଦୈର୍ଘ୍ୟ ବିଶିଷ୍ଟ ମାପ

Digitized by srujanika@gmail.com